# ପ୍ରାଚୀନ ଉତ୍କଳ

## ପ୍ରଥମ ଭାଗ

ଓଡ଼ିଶା ସାହିତ୍ୟ ଏକାଡେମୀ

# ପ୍ରାଚୀନ ଉତ୍କଳ

## ( ପ୍ରଥମ ଭାଗ )

ଜଗବନ୍ଧୁ ସିଂହ

ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ବର-୧୪

ପ୍ରାଚୀନ ଉତ୍କଳ ( ପ୍ରଥମ ଭାଗ )

ଲେଖକ : ଜଗବନ୍ଧୁ ସିଂହ

ପ୍ରକାଶକ : ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର-୧୪

ତୃତୀୟ ସଂସ୍କରଣ : ୧୯୮୨

ମୁଦ୍ରଣ : କୋଣାର୍କ ପ୍ରିଣ୍ଟର୍ସ
ଖତବିନ୍ ସାହି, କଟକ-୮

ମୂଲ୍ୟ : ଟ ୨୫-୦୦ ( ପଚିଶ ଟଙ୍କା )

**PRACHIN UTKAL ( Ist Part )**

*Writer :* **Jagabandhu Singh**

*Published by :* Orissa Sahitya Akademi
Bhubaneswar-14

Third Publication-1982

*Printed at* **Konark Printers,**
Khatbin Sahi, Cuttack-8

*Price :* **Rs. 25**/- ( Twenty five only )

# ଭୂମିକା

ସ୍ୱର୍ଗତ ଜଗବନ୍ଧୁ ସିଂହଙ୍କର ପ୍ରାଚୀନ ଉତ୍କଳ ଓଡ଼ିଆରେ ଏକ ଅନବଦ୍ୟ ଗ୍ରନ୍ଥ । ଏହାକୁ ଓଡ଼ିଆ ସଂସ୍କୃତିର ଏକ ପ୍ରାମାଣିକ ଇତିହାସ କହିଲେ ଅତ୍ୟୁକ୍ତି ହେବ ନାହିଁ । ଚଳିତ ଶତାବ୍ଦୀର ପ୍ରଥମ ପାଦରେ ଏହା ରଚିତ ଓ ପ୍ରକାଶିତ ହୋଇଥିଲା । ଓଡ଼ିଶାର ସ୍ୱକୀୟତା ବା ସ୍ୱାତନ୍ତ୍ର୍ୟ ଚେତନାର ଏହା ଥିଲା ପ୍ରଚଣ୍ଡ ମଧ୍ୟାହ୍ନ । ଖ୍ରୀ: ଅ: ୧୯୦୩ ସାଲରେ ଉତ୍କଳ ଗୌରବ ମଧୁସୂଦନଙ୍କର ନେତୃତ୍ୱରେ ଓଡ଼ିଶା ପାଇଁ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରି 'ଉତ୍କଳ ସମ୍ମିଳନୀ' ସ୍ଥାପିତ ହେବା ଦିନ ଠାରୁ ଓଡ଼ିଶାରେ ରେନାସାଁ ବା ନବ ଜାଗରଣର ସୂତ୍ରପାତ ହୋଇଥିଲା । ପ୍ରତ୍ୟେକ ଶିକ୍ଷିତ ଓଡ଼ିଆ ପ୍ରାଣରେ ଜାଗିଥିଲା ନିଜର ଐତିହ୍ୟ ଓ ସ୍ୱକୀୟତାକୁ (Identity) ଚିହ୍ନିବା ଓ ବୁଝିବାର ଆକାଂକ୍ଷା । ସେତେବେଳେ ଯେଉଁ କେତେଖଣ୍ଡି ପୁସ୍ତକ ଇଂରାଜୀରେ ସୁଲଭ ଥିଲା, ସେ ସବୁ ଓଡ଼ିଆ ସଂସ୍କୃତିର ବିଭିନ୍ନ ବିଭାବ ଉପରେ ଯଥେଷ୍ଟ ଆଲୋକପାତ କରି ଥିବାର ମନେହୁଏନାହିଁ । କାହାରି କାହାରି ଲେଖାରେ ମଧ୍ୟ ଥିଲା, ଓଡ଼ିଶାର ଗୌରବମୟ ଅତୀତ ଓ ତା'ର ଐତିହ୍ୟକୁ ନ୍ୟୂନ କରିବାର ପ୍ରଚେଷ୍ଟା । ଦୁର୍ଭାଗ୍ୟକୁ ପୁଣି, ଓଡ଼ିଆରେ ଏ ସଂପର୍କରେ କୌଣସି ପ୍ରାମାଣିକ ପୁସ୍ତକ ନ ଥିଲା । ଏହି ପୃଷ୍ଠଭୂମିରେ ଜଗବନ୍ଧୁ ସିଂହ ବହୁ ଆୟାସ ସ୍ୱୀକାର ପୂର୍ବକ, ଏହି ଗ୍ରନ୍ଥଟି ରଚନା କରି ସେହି ଅଭାବ ମୋଚନ କରିଥିଲେ ।

'ପ୍ରାଚୀନ ଉତ୍କଳ' ଗ୍ରନ୍ଥରୁ ଆଜି ମଧ୍ୟ ଆଗ୍ରହୀ ପାଠକମାନେ ଓଡ଼ିଶାର ସଂସ୍କୃତିର ଯେ ପୂର୍ଣ୍ଣାଙ୍ଗ ପରିଚୟ ପାଇ ପାରିବେ ଏଥିରେ ମୋର ସନ୍ଦେହ ନାହିଁ ।

ଆଜି ଅବଶ୍ୟ ଓଡ଼ିଶାର ସଂସ୍କୃତିର ଇତିହାସ ରଚନା କରିବା ଅନେକ ପରିମାଣରେ ସୁଗମ ହୋଇଛି । କାରଣ ଇତିମଧ୍ୟରେ ବହୁ ଗବେଷକଙ୍କର ଉଦ୍ୟମରେ ଓଡ଼ିଶାର ଲୁପ୍ତ ଇତିହାସର ବହୁ ଉପାଦାନ ସଂଗୃହୀତ ହୋଇ ପାରିଛି । କିନ୍ତୁ ଜଗବନ୍ଧୁ ସିଂହ ପ୍ରାଚୀନ ଉତ୍କଳ ଲେଖିଲା ବେଳେ, ସେଥିପାଇଁ ଉପାଦାନ ସୁଲଭ ନଥିଲା । ଏ ପରିସ୍ଥିତିରେ ଲେଖକ ବୃତ୍ତିରେ ଜଣେ ଆଇନଜୀବୀ ଥାଇଁ, ଏକାଧାରରେ ସଂଗ୍ରାହକ, ଗବେଷକ ଓ ଲେଖକ ହୋଇ ଯେପରି ଏ ବିରାଟ ଗ୍ରନ୍ଥଟି ପ୍ରଣୟନ କରିଅଛନ୍ତି, ତାହା କେବଳ ତାଙ୍କ ଅଧ୍ୟୟନ ଓ ଅଧ୍ୟବସାୟ ନୁହେଁ, ଜାତିପ୍ରାଣତାର ମଧ୍ୟ ସୂଚନା ଦିଏ ।

ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱ କାଳ ଧରି ଏହି ଗ୍ରନ୍ଥଟି ଆଜି ସୁଦ୍ଧା ଓଡ଼ିଆ ପାଠକ ସମାଜରେ ଯେ ତାହାର ଆଦର ହରାଇ ନାହିଁ, ଏହି ତୃତୀୟ ସଂସ୍କରଣ ତାହାର ସାକ୍ଷ୍ୟ ବହନ କରୁଅଛି ।

ପ୍ରାଚୀନ ଉତ୍କଳର କଳେବର ଦୃଷ୍ଟିରୁ ଏହାକୁ ଦୁଇଭାଗରେ ଆମ୍ଭେମାନେ ବିଭକ୍ତ କରିଅଛୁ । ଏହି ଖଣ୍ଡରେ ଓଡ଼ିଶାର ଇତିହାସ, ସାହିତ୍ୟ ଓ ଧର୍ମ ଚେତନା ସମ୍ପର୍କରେ ମୁଖ୍ୟତଃ ଆଲୋକପାତ କରାଯାଇଅଛି । ପାଠକ ସମାଜରେ ଏହା ଯେ ଅଭିନନ୍ଦିତ ହେବ ଏଥିରେ ମୋର ସନ୍ଦେହ ନାହିଁ ।

ତା ୨୮-୧୧-୮୨

**ସୁରେନ୍ଦ୍ର ମହାନ୍ତି**
ସଭାପତି
ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର

# ଜଗବନ୍ଧୁ ସିଂହ

ଓଡ଼ିଶାର ବରପୁତ୍ର ସ୍ୱର୍ଗୀୟ ଜଗବନ୍ଧୁ ସିଂହଙ୍କ 'ପ୍ରାଚୀନ ଉତ୍କଳ' ଶୀର୍ଷକ ପୁସ୍ତକଟି ଓଡ଼ିଶା ସମ୍ବନ୍ଧରେ ସମ୍ୟକ ଧାରଣା କରିବା ପାଇଁ ଖଣ୍ଡିଏ ଉପାଦେୟ ପୁସ୍ତକ । ଓଡ଼ିଶାକୁ ଓଡ଼ିଆମାନଙ୍କ ଆଗରେ ଚିହ୍ନାଇବା ପାଇଁ 'ପ୍ରାଚୀନ ଉତ୍କଳ' ପରି ଖଣ୍ଡିଏ ଉପାଦେୟ ପୁସ୍ତକ ଅଦ୍ୟାପି ଓଡ଼ିଶାରେ ଲେଖା ଯାଇନାହିଁ । ପ୍ରାଚୀନ ଉତ୍କଳର ସମସ୍ତ ବିଭବକୁ ଏକତ୍ରିତ କରି ସ୍ୱର୍ଗୀୟ ଜଗବନ୍ଧୁ ସିଂହ ' କୋଡ଼ିଏ ଅଧ୍ୟାୟ ବିଶିଷ୍ଟ ଯେଉଁ ବିରାଟ ପୁସ୍ତକ ଲେଖିଛନ୍ତି, ତାହା ଓଡ଼ିଆ ସାହିତ୍ୟ ଭଣ୍ଡାରରେ ଏକ ମହାର୍ଘ ଗ୍ରନ୍ଥ । ଓଡ଼ିଶା ସମ୍ବନ୍ଧରେ ଆଲୋଚକ ଜଗବନ୍ଧୁଙ୍କ ପୂର୍ବରୁ ହଣ୍ଟର ସାହେବଙ୍କ ଓଡ଼ିଶା, ଷ୍ଟର୍ଲିଂ ସାହେବଙ୍କ ଓଡ଼ିଶା, ପ୍ୟାରୀମୋହନ ଆଚାର୍ଯ୍ୟଙ୍କ 'ଓଡ଼ିଶାର ଇତିହାସ', ନଗେନ୍ଦ୍ରନାଥ ମିତ୍ରଙ୍କ 'ପୁରୀ ତୀର୍ଥ', 'Orissa and her remains', ରାଜେନ୍ଦ୍ରଲାଲ ମିତ୍ରଙ୍କ 'ଓଡ଼ିଶାର ପ୍ରତ୍ନତତ୍ତ୍ୱ' ପ୍ରଭୃତି ବହୁଗ୍ରନ୍ଥ ଲେଖା ଯାଇଥିଲା କିନ୍ତୁ ଆଲୋଚକ ଜଗବନ୍ଧୁ ସିଂହ ସେ ସବୁ ବହିଗୁଡ଼ିକ ପଢ଼ି ଆଦୌ ପରିତୃପ୍ତ ହୋଇନଥିଲେ । ଓଡ଼ିଶା ସମ୍ବନ୍ଧରେ କେତେକ ଲେଖକଙ୍କ ମନ୍ତବ୍ୟ ତାଙ୍କ ମନରେ ଦାରୁଣ ଆଘାତ ଦେଇଥିଲା । ତେଣୁ ସେ 'ପ୍ରାଚୀନ ଉତ୍କଳ' ପୁସ୍ତକଟି ଲେଖିବା ପାଇଁ ପ୍ରୟାସୀ ହୋଇଥିଲେ ।

'ପ୍ରାଚୀନ ଉତ୍କଳ' ଶୀର୍ଷକ ବହିଟି ପ୍ରକାଶ କରିବା ପୂର୍ବରୁ ଆଲୋଚକ ଜଗବନ୍ଧୁ ସିଂହ ୧୯୧୭ ମସିହା ଅପ୍ରେଲ ସଂଖ୍ୟା 'ମୁକୁର'ରେ ପ୍ରଥମ ପ୍ରବନ୍ଧ ପ୍ରକାଶ କରିଥିଲେ । ପ୍ରବନ୍ଧଟି ସେ ସମୟର ପାଠକଙ୍କୁ ଏତେ ମୁଗ୍ଧ କରିଥିଲା ଯେ, ଓଡ଼ିଶାର ଅନ୍ୟତମ ବରପୁତ୍ର

ଫକୀରମୋହନ ସେନାପତି ୧୧-୪-୧୯୧୭ ତାରିଖରେ ଲେଖକ ଜଗବନ୍ଧୁଙ୍କୁ ଅଭିନନ୍ଦନ ଜଣାଇଥିଲେ । ବ୍ୟାସକବି ଜଗବନ୍ଧୁ ସିଂହଙ୍କ 'ପ୍ରାଚୀନ ଉତ୍କଳ'ଟିକୁ ଏକ ନିଶ୍ୱାସରେ ପଢ଼ି- ଥିବାର ମତ ଦେବା ସଙ୍ଗେ ସଙ୍ଗେ ଲେଖକଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଲେଖିଥିଲେ, "ମୋର ପ୍ରକୃତ ବିଶ୍ୱାସ, ଜନନୀ ଜନ୍ମଭୂମିର ଗୌରବ ସାଧାରଣରେ ପରିଚିତ କରାଇବା ନିକାଶେ ଆପଣ ଗୋଟିଏ ଯୋଗ୍ୟ ସନ୍ତାନ । ଆପଣ ଅନ୍ୟ ଆଡ଼େ ମନ ନ ଦେଇ ଏହି ବିଷୟରେ ଲାଗିପଡ଼ନ୍ତୁ । × × × ଉତ୍କଳବାସୀଙ୍କୁ ମାତୃଭୂମିର ଗୌରବମୟ କାହାଣୀ ଶୁଣାଇବାକୁ ଚେଷ୍ଟା କରନ୍ତୁ, ମୋହର ପ୍ରାର୍ଥନା ।"

କେବଳ ବ୍ୟାସକବି ନୁହନ୍ତି, ଉତ୍କଳର ଅନ୍ୟତମ ବରପୁତ୍ର ନୀଳମଣି ବିଦ୍ୟାରତ୍ନ, କବିବର ରାଧାନାଥ ରାୟଙ୍କ ସୁଯୋଗ୍ୟ ପୁତ୍ର ଶଶିଭୂଷଣ ରାୟ ମଧ୍ୟ 'ପ୍ରାଚୀନ ଉତ୍କଳ' ଶୀର୍ଷକ ପ୍ରବନ୍ଧ ଲାଗି ଜଗବନ୍ଧୁ ସିଂହଙ୍କୁ ପ୍ରୋତ୍ସାହନ ବାଣୀ ଶୁଣାଇଥିଲେ । ତେଣୁ ଲେଖକ ସ୍ୱୀୟ ଅଧ୍ୟବସାୟ ବଳରେ ଯେଉଁ ପ୍ରବନ୍ଧମାନ ଲେଖିଥିଲେ, ସେଗୁଡ଼ିକୁ ବିଷୟାନୁକ୍ରମରେ ସୁସଜ୍ଜିତ କରି ୧୯୨୯ ମସିହାରେ ପୁସ୍ତକଟି ପ୍ରକାଶ କଲେ । 'ପ୍ରାଚୀନ ଉତ୍କଳ' ପୁସ୍ତକଟି ପୁରୀର ଶକ୍ତି ପ୍ରେସରୁ ପ୍ରକାଶ ପାଇଥିଲା ।

'ପ୍ରାଚୀନ ଉତ୍କଳ'ର ଉପାଦେୟତା ପ୍ରତ୍ୟେକ ପାଠକ ଅନୁଭବ କରିଥିଲେ ହେଁ ଦୀର୍ଘ ତିରିଶ—ପଞ୍ଚତିରିଶ ବର୍ଷ ମଧ୍ୟରେ ପୁସ୍ତକର ଦ୍ୱିତୀୟ ମୁଦ୍ରଣ ହୋଇ ପାରି ନ ଥିଲା । ୧୯୬୪ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ତତ୍କାଳୀନ ସଭାପତି ଶ୍ରୀଯୁକ୍ତ ସନ୍ତୋଷ କୁମାର ସାହୁଙ୍କ ପ୍ରଚେଷ୍ଟାରେ ଦ୍ୱିତୀୟ ମୁଦ୍ରଣ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ପ୍ରକାଶ ପାଇଲା । ଅତ୍ୟନ୍ତ ଆନନ୍ଦର ବିଷୟ ପୁସ୍ତକର ତୃତୀୟ ମୁଦ୍ରଣ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସୁଯୋଗ୍ୟ ସଭାପତି, ସୁସାହିତ୍ୟିକ ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି ଓ ଏକାଡ଼େମୀର ସୁଯୋଗ୍ୟ ସମ୍ପାଦକ ଶ୍ରୀଯୁକ୍ତ ରାଇଚରଣ ଦାସଙ୍କ ପ୍ରଚେଷ୍ଟାରେ ହୋଇପାରିଛି । ଦ୍ୱିତୀୟ ଓ ତୃତୀୟ ମୁଦ୍ରଣର ସମୟ ବ୍ୟବଧାନ ଦୃଷ୍ଟିରୁ ବିଚାର କଲେ ଜଣାଯାଏ, 'ପ୍ରାଚୀନ ଉତ୍କଳ' ପୁସ୍ତକଟି ଓଡ଼ିଆ ପାଠକ- ମାନଙ୍କ ମଧ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଲୋକେ ଦେଶମାତୃକାର ଅତୀତ ଗୌରବାବହ ଜନ୍ମଭୂମିର ପ୍ରାଚୀନ ଗୌରବ ଗାଥା ସମ୍ବନ୍ଧରେ ଜାଣିବା ପାଇଁ ଆଗ୍ରହୀ ହୋଇ ଉଠିଛନ୍ତି ।

ଆଲୋଚକ ସ୍ୱର୍ଗୀୟ ଜଗବନ୍ଧୁ ସିଂହ ଯେଉଁ ସମୟରେ ପ୍ରାଚୀନ ଉତ୍କଳ ପୁସ୍ତକ ଲେଖିବାର ପରିକଳ୍ପନା କରିଥିଲେ, ସେ ସମୟରେ ଓଡ଼ିଶା ସମ୍ବନ୍ଧରେ ଯେଉଁ କେତେଖଣ୍ଡି ଇଂରାଜୀ, ବଙ୍ଗଳା ଓ ଓଡ଼ିଆ ପୁସ୍ତକ ରଚିତ ହୋଇଥିଲା ତାହା ସେପରି ତଥ୍ୟମୂଳକ ନ ଥିଲା । ବିଶେଷତଃ କେତେଜଣ ଅଣଓଡ଼ିଆ ଲେଖକ ଓଡ଼ିଶାର ଇତିହାସ, ଓଡ଼ିଆ ସଂସ୍କୃତି ଓ ଓଡ଼ିଶାର ଜାତୀୟ ଜୀବନ ସମ୍ପର୍କରେ ବିଦ୍ରୂପାତ୍ମକ ତଥା ଭ୍ରାନ୍ତମୂଳକ ଲେଖା ପ୍ରକାଶ କରିଥିଲେ ।

ଆଲୋଚକ ଜଗବନ୍ଧୁ ସିଂହ ସେ ସବୁ ଲେଖାର ସମାଲୋଚନା ତାଙ୍କ 'ପ୍ରାଚୀନ ଉତ୍କଳ'ରେ କରିଛନ୍ତି ।

ଓଡ଼ିଶାରେ ଧାରାବାହିକ ଇତିହାସ ନାହିଁ ବୋଲି ଲେଖକ ସ୍ୱର୍ଗତ ସିଂହ ପୁସ୍ତକର ପ୍ରଥମ ଅଧ୍ୟାୟରେ ସ୍ୱୀକାର କରିଛନ୍ତି । ବିଶେଷତଃ ଖ୍ରୀ: ପୂ: ଦ୍ୱିତୀୟ ଶତାବ୍ଦୀର ମହାମହିମ ସମ୍ରାଟ ଖାରବେଲଙ୍କ ରାଜତ୍ୱ ପରେ ମାଠର ରାଜବଂଶ ପର୍ଯ୍ୟନ୍ତ ଦୀର୍ଘ ପ୍ରାୟ ପାଞ୍ଚ ଶହ ବର୍ଷର ଇତିହାସ ତମିସାଚ୍ଛନ୍ନ । ସେହି ସମୟ ମଧ୍ୟରେ ଗୁପ୍ତ, ଶଶାଙ୍କ ପ୍ରଭୃତି ଶାସକ ଓଡ଼ିଶାର ଶାସନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବାର ବିଭିନ୍ନ ସୂତ୍ରରୁ ଆଭାସ ମିଳୁଛି । ମାଠର ଓ ଶୈଳୋଦ୍‌ଭବ ରାଜବଂଶର ଧାରାବାହିକ ଇତିହାସ ମଧ୍ୟ ସନ୍ଦେହମୁକ୍ତ ନୁହେଁ । ସେ ସମୟର ଇତିହାସର ଛିନ୍ନସୂତ୍ରକୁ ସଂଯୋଗ କରିବାକୁ ହେଲେ ବିଭିନ୍ନ ରାଜବଂଶର ଦାନପତ୍ର, ପୌରାଣିକ ଆଖ୍ୟାୟିକା, କାବ୍ୟିକ ଉକ୍ତି ତଥା କିମ୍ବଦନ୍ତୀ ଉପରେ ପ୍ରତିଷ୍ଠିତ କେତେକ ଲେଖା ଉପରେ ଆସ୍ଥା ସ୍ଥାପନ କରିବାକୁ ହୁଏ । ଅବଶ୍ୟ ଏ ପର୍ଯ୍ୟନ୍ତ ଶୈଳୋଦ୍‌ଭବ, ଭୌମକର, ସୋମ, ଗଙ୍ଗ ଓ ଗଜପତି ରାଜାମାନଙ୍କର ଯେଉଁ ଦାନପତ୍ରଗୁଡ଼ିକ ମିଳିଛି, ସେଥିରୁ ଅନେକାଂଶରେ ଐତିହାସିକ ଧାରାର କେତେକ ସନ୍ଦେହାସ୍ପଦ ସ୍ଥଳ ପ୍ରାମାଣିକତାର ସହିତ ସିଦ୍ଧ ହୋଇ ପାରିଛି । ଐତିହାସିକ ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସ୍ୱର୍ଗତ କେଦାରନାଥ ମହାପାତ୍ର, ଡ଼. ସତ୍ୟନାରାୟଣ ରାଜଗୁରୁ, ଡ. ନବୀନକୁମାର ସାହୁ, ଡ. ଭବାନୀଚରଣ ରାୟ ଓ ଡ. ହରେକୃଷ୍ଣ ମହାପାତ୍ରଙ୍କ ଲିଖିତ ଇତିହାସମାନଙ୍କରେ ଯେଉଁ ପ୍ରାମାଣିକ ତଥ୍ୟମାନ ପରିବେଶିତ ହୋଇଛି, ତାହା ବିଭିନ୍ନ ଅଞ୍ଚଳରୁ ମିଳିଥିବା ତମ୍ବାପଟା, ଶିଳାଲେଖ, ତାଳପତ୍ର ପୋଥି, ମୁଦ୍ରା ପ୍ରଭୃତି ଉପରେ ଆଧାରିତ । ତଥାପି ଉପରୋକ୍ତ ଗବେଷକମାନଙ୍କର ପୁସ୍ତକ ଆଲୋଚନା କଲେ ଗୋଟିଏ ଗୋଟିଏ ସ୍ଥଳରେ ସୈଦ୍ଧାନ୍ତିକ ପାର୍ଥକ୍ୟ ସ୍ପଷ୍ଟ ପରିଲକ୍ଷିତ ହୁଏ ।

ଇତିହାସ କାବ୍ୟ ନୁହେଁ କିମ୍ବା କିମ୍ବଦନ୍ତୀ ନୁହେଁ । ଉପଲବ୍ଧ ଗବେଷଣାସମ୍ମତ ଉପାଦାନ ଉପରେ ନିର୍ଭର କରି ଇତିହାସ ଲେଖାଯାଏ । ତେବେ ଯେଉଁ ସ୍ଥଳରେ ଐତିହାସିକ ଉପାଦାନ ଏକାନ୍ତ ଅଭାବ ଥାଏ, ସେ ସ୍ଥଳରେ କିମ୍ବଦନ୍ତୀ ଉପରେ ଐତିହାସିକ ଭିତ୍ତିଭୂମି ପ୍ରତିଷ୍ଠା କରାଯାଏ । ସବୁ କିମ୍ବଦନ୍ତୀର ସତ୍ୟତା ନଥାଏ କିନ୍ତୁ କିମ୍ବା ସବୁ କିମ୍ବଦନ୍ତୀଗୁଡ଼ିକ ମିଥ୍ୟା ଉପରେ ପ୍ରତିଷ୍ଠିତ ନୁହେଁ । ଗୋଟିଏ ଶ୍ରେଷ୍ଠ ଘଟଣାକୁ ନେଇ କିମ୍ବଦନ୍ତୀର ଶାଖା ପ୍ରଶାଖା ମେଲି ଥାଏ ସତ; କିନ୍ତୁ ତା'ର ମୌଳିକତାରେ କେତେକାଂଶରେ ସତ୍ୟତା ରହିଛି, ତାହା ଖୋଜି ବାହାର କରିବା ସହଜସାଧ୍ୟ ନ ହେଲେ ମଧ୍ୟ ଅସମ୍ଭବ ନୁହେଁ । ଯେଉଁ ଗବେଷକ ଯେତିକି ଅଧ୍ୟବସାୟ କରି ସତ୍ୟର ଅନୁସନ୍ଧାନରେ ବ୍ରତୀ ହୋଇଛନ୍ତି, ତାଙ୍କ ରଚନା ଜନସମାଜରେ ସେହି ପରିମାଣରେ ଆଦୃତ ହୋଇଛି ।

ଆଲୋଚକ ଜଗବନ୍ଧୁ ସିଂହ ୧୯୫୭ ମସିହାରେ ଓଡ଼ିଶାର ଏକ ସାଂସ୍କୃତିକ ଇତିହାସ ଲେଖିବାକୁ ଅଗ୍ରସର ହେବା ସମୟରେ ତାଙ୍କ ଆଗରେ ବର୍ତ୍ତମାନର ପ୍ରାମାଣିକ ଉପାଦାନ ଅଦୌ ନ ଥିଲା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ୧୯୫୦ ମସିହାରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ସ୍ଥାପିତ ହେବା ପରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ମୂର୍ତ୍ତି, ତମ୍ରପଟ୍ଟ, ଶିଳାଲେଖ, ମୁଦ୍ରା ଓ ତାଳପତ୍ର ପୋଥି ସଂଗୃହୀତ ହୋଇ ଗବେଷକମାନଙ୍କୁ ଆବଶ୍ୟକୀୟ ଉପାଦାନ ଯୋଗାଇ ପାରିଲା; କିନ୍ତୁ ସ୍ୱର୍ଗୀୟ ଜଗବନ୍ଧୁ ସିଂହ ଯେଉଁ ସମୟରେ ଜାତୀୟ ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ଓଡ଼ିଶାର ସାଂସ୍କୃତିକ ଇତିହାସ ଲେଖିବା ପାଇଁ ମନ ବଳାଇଥିଲେ; ସେତେବେଳେ ଉପାଦାନ ମିଳିବା ତ ଦୂରର କଥା, ଓଡ଼ିଶା ଗୋଟିଏ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହୋଇ ନ ଥିଲା । ଆନ୍ଧ୍ର, ମଧ୍ୟପ୍ରଦେଶ, ବିହାର, ବଙ୍ଗ ରାଜ୍ୟରେ ଓଡ଼ିଶାର ସଂସ୍କୃତି ଓଡ଼ିଆର ଜାତୀୟତା, ଓଡ଼ିଆ ଭାଷା ନିର୍ଯାତିତ ତଥା ଅବହେଳିତ ଅବସ୍ଥାରେ ଥିଲା । ଓଡ଼ିଶାର ଗୌରବକୁ ପ୍ରଖ୍ୟାପନ କରିବା ଉଦ୍ଦେଶ୍ୟରେ କୌଣସି ସ୍ଥାନରେ ଯତ୍‌ସାମାନ୍ୟ ଉପାଦାନ ଲୋକଲୋଚନର ଗୋଚରକୁ ଆସିଲେ, ପଡ଼ୋଶୀ ରାଜ୍ୟର ତଥାକଥିତ ଗବେଷକବୃନ୍ଦ ବିକୃତ-ଭାବରେ ତା'ର ଅର୍ଥ ଅର୍ଥାନ୍ତର କରି ଓଡ଼ିଆ ସଂସ୍କୃତିର ବିରୋଧାଚରଣ କରୁଥିଲେ । ଉଦାହରଣ ସ୍ୱରୂପ — ଭୁବନେଶ୍ୱରସ୍ଥିତ ଅନନ୍ତ ବାସୁଦେବ ମନ୍ଦିରରେ ସଂଲଗ୍ନ ଚନ୍ଦ୍ରିକା-ଦେବୀଙ୍କ ଶିଳାଲିପିଟିକୁ ନିଆଯାଇପାରେ । ଶୈବ କ୍ଷେତ୍ର ଭୁବନେଶ୍ୱରରେ ଲକ୍ଷ୍ମଣେଶ୍ୱର ମନ୍ଦିର ଠାରୁ ଆରମ୍ଭ କରି ଚନ୍ଦେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଶତାଧିକ ଶିବମନ୍ଦିର ମଧ୍ୟରେ ଗଙ୍ଗବଂଶର ଖ୍ୟାତନାମା ରାଜା ଅନିୟଙ୍କଭୀମଦେବଙ୍କ କନ୍ୟା ଓ କୋଣାର୍କ ମନ୍ଦିରର ପ୍ରତିଷ୍ଠାତା ଲାଙ୍ଗୁଳା ନରସିଂହ ଦେବଙ୍କ ଭଗିନୀ ଚନ୍ଦ୍ରାଦେବୀ ବା ଚନ୍ଦ୍ରିକା ଦେବୀ ଏକମାତ୍ର ବିଷ୍ଣୁମନ୍ଦିର ପ୍ରତିଷ୍ଠା କରାଇ ବିଗ୍ରହଙ୍କ ନାମ ଅନନ୍ତବାସୁଦେବ ରଖିଥିଲେ । ଅନନ୍ତବାସୁଦେବ ମନ୍ଦିରର ଗଠନଶୈଳୀ, ବିଶେଷତଃ ଗର୍ଭଗୃହର ନିର୍ମାଣ ଶୈଳୀ ସ୍ୱତନ୍ତ୍ରଧରଣର ଥିଲା ବୋଲି ପ୍ରତ୍ନତତ୍ତ୍ୱବିଦ୍‌ମାନେ ମତ ଦିଅନ୍ତି । କିମ୍ବଦନ୍ତୀରୁ ଜଣାଯାଏ, ଚନ୍ଦ୍ରିକାଦେବୀଙ୍କ ସ୍ୱାମୀ ହୈହୟବଂଶଜ ପରମର୍ଦ୍ଦୀ ଦେବ ବୈଷ୍ଣବ ଥିବାରୁ ତାଙ୍କ ମୃତ୍ୟୁ ପରେ ସ୍ୱାମୀଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଚନ୍ଦ୍ରିକା ଦେବୀ ଶିବମନ୍ଦିର ପରିବେଷ୍ଟିତ ଭୁବନେଶ୍ୱରରେ ଏକମାତ୍ର ବିଷ୍ଣୁମନ୍ଦିର ନିର୍ମାଣ କରାଇଥିଲେ । ଚନ୍ଦ୍ରିକାଦେବୀଙ୍କ ସମ୍ବନ୍ଧରେ ସମସ୍ତ ବିବରଣୀ ଉତ୍କୀର୍ଣ୍ଣ କରାଯାଇ ଖଣ୍ଡିଏ ଶିଳାଫଳକ ମନ୍ଦିରଗାତ୍ରରେ ସଂଲଗ୍ନ କରାଯାଇଥିଲା । କିନ୍ତୁ କୌଣସି ଜଣେ ଚତୁର ଗବେଷକ କୌଶଳକ୍ରମେ ବହୁତଥ୍ୟସମ୍ବଳିତ ଚନ୍ଦ୍ରିକାଦେବୀଙ୍କ ଶିଳାଲେଖଟିକୁ ସେଠାରୁ ଉଠାଇ ଦେଇ ପୂର୍ବ ବଙ୍ଗ (ବାଙ୍ଗ୍‌ଲାଦେଶ)ର ଭବଦେବ ଭଟ୍ଟଙ୍କ ଶିଳାଲେଖଟିକୁ ସେଠାରେ ଲଗାଇଦେଲେ ଏବଂ ଅନନ୍ତବାସୁଦେବ ମନ୍ଦିରଟି ଭବଦେବ ଭଟ୍ଟଙ୍କ କୀର୍ତ୍ତି ବୋଲି ଗବେଷଣାମୂଳକ ପ୍ରବନ୍ଧ ମଧ୍ୟ ବିଭିନ୍ନ ଅନୁଷ୍ଠାନରେ ପାଠ କରାଗଲା । ତତ୍‌କାଳୀନ ଗବେଷକମାନେ ଏ ପ୍ରକାର ଜାଲିଆତି ଧରିପାରିଲେ ନାହିଁ । ତେଣୁ ବହୁ ଦିନ ପର୍ଯ୍ୟନ୍ତ ଅନନ୍ତବାସୁଦେବ ମନ୍ଦିର ଭବଦେବ ଭଟ୍ଟଙ୍କ କୀର୍ତ୍ତି ବୋଲି ଗବେଷକ ମହଲରେ ପ୍ରଗୃହୀତ

ହେଲା । ବହୁଦିନ ପରେ ଓଡ଼ିଶାର ସୁଯୋଗ୍ୟ ପ୍ରତ୍ନତତ୍ତ୍ୱବିତ୍ ସ୍ୱର୍ଗତ ପରମାନନ୍ଦ ଆଚାର୍ଯ୍ୟ ଏହି ତଥ୍ୟ ଉଦ୍‌ଘାଟନ କଲେ । ମୟୂରଭଞ୍ଜ ମହାରାଜାଙ୍କ ସହାୟତାରେ ଲଣ୍ଡନ ମିଉଜିୟମରୁ ଅନନ୍ତବାସୁଦେବ ମନ୍ଦିରରେ ସଂଲଗ୍ନ ପ୍ରକୃତ ଶିଳାଲିପିର ଗୋଟିଏ ପ୍ରତିଲିପି ଅଣାଇଲେ । ଏ ସମ୍ବନ୍ଧରେ ପୁଣି ଐତିହାସିକ ମହଲରେ ଖୋଳତାଡ଼ ଆରମ୍ଭ ହେଲା । ପରଶେଷରେ ଚନ୍ଦ୍ରିକା ଦେବୀଙ୍କ ଶିଳାଲେଖଟି କୌଣସି ଏକ ଚତୁର ଗବେଷକଙ୍କ ଦ୍ୱାରା ଲଣ୍ଡନ ମିଉଜିୟମକୁ ସ୍ଥାନାନ୍ତର କରାଯାଇ, ତା' ସ୍ଥାନରେ ଭବଦେବ ଭଟ୍ଟଙ୍କ ଶିଳାଲେଖଟିକୁ ସନ୍ନିବେଶିତ କରାଇବା ବିଷୟ ଲୋକଲୋଚନକୁ ଆସିବା ସଙ୍ଗେ ସଙ୍ଗେ ଉତ୍କଳୀୟ ଗବେଷକ ମହଲରେ ବିଜୟବାନା ଉଡ଼ାଇଲା ।

ଅନ୍ୟ ଗୋଟିଏ ଘଟଣା ଏଠାରେ ଉଲ୍ଲେଖ କରାଯାଇପାରେ । ସୋନପୁରର ଭୂତପୂର୍ବ ଦେଓ୍ୱାନ ଓ ପରବର୍ତ୍ତୀ ସମୟରେ ସୋନପୁର ମହାରାଜାଙ୍କ ଦାନରେ ପ୍ରତିଷ୍ଠିତ କଲିକତା ବିଶ୍ୱବିଦ୍ୟାଳୟର ଓଡ଼ିଆ ପ୍ରାଧ୍ୟାପକ ସ୍ୱର୍ଗତ ବିଜୟଚନ୍ଦ୍ର ମଜୁମଦାର ଗୋଟିଏ ଅଭିଲେଖର କିପରି କଦର୍ଥ କରିଛନ୍ତି ତାହା ଏଠାରେ ଉଲ୍ଲେଖଯୋଗ୍ୟ । ପ୍ରତି ଅଭିଲେଖର ଶେଷରେ ଦାତା ନିମ୍ନର ସନ୍ଦେଶ ଲେଖିଥାନ୍ତି—

"ଅସ୍ମିନ୍ ବଂଶେ କ୍ଷୟେ କାଲେ ଯଃ କଶ୍ଚିନ୍ନୃପତିର୍ଭବେତ୍, ତସ୍ୟାହଂ ପାଦଲଗ୍ନୋଽସ୍ମି ।"

ଅର୍ଥାତ୍ ମୁଁ ଯେଉଁ ଦାନ ଦେଉଛି ତାହା ମୋ ବଂଶର ଦାୟାଦଗଣ ନିଶ୍ଚୟ ପ୍ରତିପାଳନ କରିବେ । କିନ୍ତୁ ମୋ ବଂଶ ଯଦି ଲୋପ ପାଇଯାଏ ଏବଂ ଅନ୍ୟ କୌଣସି ରାଜବଂଶ ପ୍ରତିଷ୍ଠିତ ହୁଏ, ସେହି ବଂଶର ଦାୟାଦଙ୍କ ପାଦରେ ପ୍ରଣାମ ନିବେଦନ କରି ମୁଁ କହୁଛି, ସେମାନେ ମୋ ଦ୍ୱାରା ପ୍ରଦତ୍ତ ଦାନର ମହତ୍ତ୍ୱ ରକ୍ଷା କରିବେ ।

ଏହି ଶ୍ଳୋକଟିକୁ ସ୍ୱର୍ଗତ ମଜୁମଦାର ମହୋଦୟ ଜାଣିଶୁଣି ପାଠ କଲେ—

ଅସ୍ମିନ୍ ବଂଗେ କ୍ଷୟେ କାଲେ ........ ଅର୍ଥାତ୍ ଆମ ବଙ୍ଗ ରାଜବଂଶ କ୍ଷୟ ହୋଇ ଯାଆନ୍ତେ............କେବଳ ଏତିକି ନୁହେଁ, ବହୁ କ୍ଷେତ୍ରରେ ପଡ଼ୋଶୀ ରାଜ୍ୟର ତଥାକଥିତ ଗବେଷକମାନେ ଜାଣିଶୁଣି, ଓଡ଼ିଶାର ଗୌରବରେ ଈର୍ଷାନ୍ୱିତ ହୋଇ, ପ୍ରକୃତ ସତ୍ୟର କଦର୍ଥ କରିଛନ୍ତି । ସ୍ୱର୍ଗୀୟ ଆଲୋଚକ, ଜଗବନ୍ଧୁ ସିଂହ ମହାଭାରତ, ରାମାୟଣ, ହରିବଂଶ, ବ୍ରହ୍ମାଣ୍ଡ ପୁରାଣ, ବୃହନ୍ନାରସିଂହପୁରାଣ, ଶିବପୁରାଣ, ସ୍କନ୍ଦପୁରାଣ, ଶକ୍ତିସଂଗମତନ୍ତ୍ର, ବୃହତ୍‌ସଂହିତା ପ୍ରଭୃତି ଗ୍ରନ୍ଥରୁ ଉଦ୍ଧୃତିମାନ ଉଦ୍ଧାର କରି ଉତ୍କଳର ପ୍ରାଚୀନତା ସମ୍ବନ୍ଧରେ ପ୍ରମାଣମାନ ଉପସ୍ଥାପିତ କରିବା ସଙ୍ଗେ ସଙ୍ଗେ ତଥାକଥିତ ଗବେଷକମାନଙ୍କ ସଂଜ୍ଞାନ ପ୍ରମାଦକୁ ବିରୋଧ କରିଛନ୍ତି ।

ଓଡ଼ିଶାରେ ରଚିତ ସଂସ୍କୃତ ଓ ଓଡ଼ିଆ ଗ୍ରନ୍ଥମାନଙ୍କ ସମ୍ବନ୍ଧରେ ଆଲୋଚକ ସିଂହ ଯେଉଁ ମତ ଦେଇଛନ୍ତି, ତାହା ବ୍ୟତୀତ ବହୁଗ୍ରନ୍ଥର ସନ୍ଧାନ ଏବେ ମିଳିଲାଣି । ଗ୍ରନ୍ଥକାର-ମାନଙ୍କ ସମୟ ସମ୍ବନ୍ଧରେ ଜଗବନ୍ଧୁ ସିଂହଙ୍କ ମତ ଅଭ୍ରାନ୍ତ ନ ହେଲେ ହେଁ ସେ ସମୟରେ ତାଙ୍କୁ ଯେତିକ ଉପାଦାନ ମିଳିଥିଲା, ଆଲୋଚକ ତାହାର ଉପରେ ଧାରଣା କରି କବିମାନଙ୍କ ସମୟ ନିର୍ଦ୍ଧାରଣ କରିଛନ୍ତି । ୧୯୫୦ ମସିହାରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପକ୍ଷରୁ ତାଳପତ୍ର ପୋଥି ସଂଗ୍ରହର ଯେଉଁ ଅଭିଯାନ ଚାଲିଲା, ତା' ଫଳରେ ବର୍ତ୍ତମାନ ପ୍ରାୟ ପଚିଶ ହଜାର ପୋଥି ଆମର ହସ୍ତଗତ ହୋଇଛି । ସ୍ୱର୍ଗୀୟ ଜଗବନ୍ଧୁ ସିଂହ ପୂର୍ବ ଭାରତର ପ୍ରାଚୀନତମ ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ବନ୍ଧରେ ଲେଖିବାକୁ ଯାଇ 'ପ୍ରାଚୀନ ଉତ୍କଳ' ପୁସ୍ତକରେ ଯେଉଁ ମତ ଦେଇଛନ୍ତି, ସେଥିରେ ପରବର୍ତ୍ତୀ ଅଲୋଚନା ଅନୁସାରେ କେତେକ ପ୍ରମାଦ ପରିଲକ୍ଷିତ ହୁଏ । ସେ ନିଜେ ସ୍ୱୀକାର କରିଛନ୍ତି— "ଦୁଃଖର ବିଷୟ, ସମସ୍ତ ଓଡ଼ିଆ ପୁସ୍ତକ ଏ ପର୍ଯ୍ୟନ୍ତ ପଢ଼ାକୁ ବାହାରି ନାହିଁ । ଅନେକ ପୁସ୍ତକ କୀଟଗର୍ଭରେ ଲୀନ ହେଲାଣି । କି ରତ୍ନ କେଉଁଠି ପଡ଼ିଛି, ତାର ଇୟତ୍ତା ନାହିଁ । ଏ ପର୍ଯ୍ୟନ୍ତ ଓଡ଼ିଆ ପୁସ୍ତକମାନଙ୍କର ଗୋଟିଏ ଠିକଣା ତାଲିକା ହୋଇ ପାରିଲା ନାହିଁ । ଏ ଗୁଡ଼ିକ ନ ହେଲେ ଓଡ଼ିଆ ସାହିତ୍ୟର ପୂର୍ଣ୍ଣାଙ୍ଗ ଇତିହାସ ଲେଖା ଅସମ୍ଭବ ।"

ପ୍ରକୃତରେ ଆଲୋଚକ ସିଂହଙ୍କ ମତ ଅକ୍ଷରେ ଅକ୍ଷରେ ସତ୍ୟ । ୧୯୧୬-୧୭ ବେଳକୁ ଯେଉଁ ଅଳ୍ପ କେତେ ଖଣ୍ଡି ଓଡ଼ିଆ ପୁରାଣ, କାବ୍ୟ ପ୍ରଭୃତି ଲୋକଲୋଚନର ଗୋଚରକୁ ଆସି ପାରିଥିଲା, ସେଗୁଡ଼ିକ ମଧ୍ୟରେ ସାରଳା, ବଳରାମ ଦାସ ଆଦି ପଞ୍ଚସଖା, ବିଶେଷତଃ ଅତିବଡ଼ୀ ଜଗନ୍ନାଥ ଦାସଙ୍କ 'ଭାଗବତ', କୃଷ୍ଣଦାସଙ୍କ ରସ କଲ୍ଲୋଳ, ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀଶବିଳାସ ପ୍ରଭୃତି କାବ୍ୟ ପ୍ରଧାନ ।

ଖ୍ରୀ: ଅ: ୧୮୫୯ ମସିହାରେ ରେଭେରେଣ୍ଡ ଜେ: ଲଙ୍ଗ୍ ଠାରୁ ଆରମ୍ଭ କରି ଜନ୍ ବେମ୍ସ୍, ହଣ୍ଟର, ଅପର୍ଣ୍ଣା ପଣ୍ଡା, ଶ୍ୟାମସୁନ୍ଦର ରାଜଗୁରୁ, ତାରିଣୀଚରଣ ରଥ, ପଣ୍ଡିତ ବିନାୟକ ମିଶ୍ର, ଡ: ଆର୍ତ୍ତବଲ୍ଲଭ ମହାନ୍ତି ପ୍ରଭୃତି ଯେତେ ଜଣ ଆଲୋଚକ ଓଡ଼ିଆ ସାହିତ୍ୟ ଉପରେ ଆଲୋଚନା କରିଛନ୍ତି, ତାହା ସ୍ୱୟଂସମ୍ପୂର୍ଣ୍ଣ ନୁହେଁ । ପ୍ରତ୍ୟେକ ଆଲୋଚକ ଉପଲବ୍ଧ ଗ୍ରନ୍ଥ ଗୁଡ଼ିକ ଉପରେ ଆଲୋକପାତ କରିବା ବ୍ୟତୀତ ବିଶେଷ କିଛି ଦିଗ୍‌ଦର୍ଶନ କରାଇ ପାରି ନ ଥିଲେ ।

୧୯୧୭ ମସିହାରେ ଓଡ଼ିଶାରେ ରଚିତ ସଂସ୍କୃତ ଓ ଓଡ଼ିଆ ଗ୍ରନ୍ଥର ଆଲୋଚନା କରିବା ସମୟରେ ଓଡ଼ିଶାରେ ଗୋଟିଏ ହେଲେ ଅନୁଷ୍ଠାନ ପକ୍ଷରୁ ପୋଥି ସଂଗ୍ରହ କାର୍ଯ୍ୟ ହେଉ ନ ଥିଲା । ସ୍ୱର୍ଗୀୟ ଅଲୋଚକ ସିଂହ ମହୋଦୟ ନିଜର ବ୍ୟକ୍ତିଗତ ଚେଷ୍ଟା ଫଳରେ

ଯେଉଁ କେତେକ ଉପାଦାନ ସଂଗ୍ରହ କରିଥିଲେ, ତା ଉପରେ ନିର୍ଭର କରି ସେ କବି; ସେମାନଙ୍କ ଦ୍ୱାରା ରଚିତ ଗ୍ରନ୍ଥ ଓ ଗ୍ରନ୍ଥକାରଙ୍କ ସମସ୍ତ ସମ୍ବନ୍ଧରେ ଯେ ଏକ ସ୍ଥୂଳ ଧାରଣା ଦେଇଥିଲେ । ତା'ଫଳରେ ପରବର୍ତ୍ତୀ ଆଲୋଚକ ସ୍ୱର୍ଗତ ପରମାନନ୍ଦ ଆଚାର୍ଯ୍ୟ, କେଦାରନାଥ ମହାପାତ୍ର, ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି, ଆଲୋଚକ ବଞ୍ଛାନଚରଣ ପଟ୍ଟନାୟକ, ଡକ୍ଟର କରୁଣାକର କର, ପଣ୍ଡିତ ବିନାୟକ ମିଶ୍ର, ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ଅଧ୍ୟାପକ ଡକ୍ଟର ଶ୍ରୀ ବଂଶୀଧର ମହାନ୍ତି ପ୍ରମୁଖ ଆଲୋଚକମାନେ ବିଭିନ୍ନ ଅନୁଷ୍ଠାନ ତଥା ବ୍ୟକ୍ତିଗତ ଉଦ୍ୟମରେ ବହୁଗ୍ରନ୍ଥ ସଂଗ୍ରହ କରି ଅଭ୍ରାନ୍ତ ଭାବରେ ଗ୍ରନ୍ଥ ଓ ଗ୍ରନ୍ଥକାରଙ୍କ ସମ୍ବନ୍ଧରେ ଆଲୋଚନାମାନ ଚଳାଇଲେ । ତେଣୁ ନିଃସନ୍ଦେହରେ କୁହାଯାଇପାରେ ଯେ, ସ୍ୱର୍ଗୀୟ ଜଗବନ୍ଧୁ ସିଂହ ଏ ଦିଗରେ ଥିଲେ କର୍ଣ୍ଣଧାର ତଥା ପଥପ୍ରଦର୍ଶକ । ତାଙ୍କ ଆଲୋଚନାରେ ହୁଏତ, କେତେକ ଭ୍ରମ ଥାଇ ପାରେ; କିନ୍ତୁ ସେ ଯେ ସର୍ବପ୍ରଥମେ ଗ୍ରନ୍ଥାଲୋଚନାର ଦ୍ୱାର ଉନ୍ମୋଚନ କରିଥିଲେ, ଏହା ଅନସ୍ୱୀକାର୍ଯ୍ୟ ।

ଓଡ଼ିଆ କବି ଜୟଦେବ ଓ ତାଙ୍କ ରଚିତ ଗୀତଗୋବିନ୍ଦ ସମ୍ବନ୍ଧରେ ସ୍ୱର୍ଗୀୟ ଜଗବନ୍ଧୁ ସିଂହ ପଶ୍ଚିମବଙ୍ଗର ଅଜୟ ନଦୀ କୂଳର କେନ୍ଦୁବିଲ୍ୱ ସମ୍ବନ୍ଧୀୟ ବଙ୍ଗୀୟ ଆଲୋଚକ-ମାନଙ୍କ ଯୁକ୍ତିକୁ ଦୃଢ଼ ଭାବରେ ଖଣ୍ଡନ କରିଛନ୍ତି । ବର୍ତ୍ତମାନ ଜୟଦେବଙ୍କ ସମ୍ବନ୍ଧରେ ଅନେକ ଐତିହାସିକ, ପ୍ରତ୍ନତାତ୍ତ୍ୱିକ, କାବ୍ୟିକ ତଥ୍ୟ ଆମର ହସ୍ତଗତ ହେଲଣି । ସ୍ୱର୍ଗୀୟ କେଦାରନାଥ ମହାପାତ୍ର ନିଜର ବଳିଷ୍ଠ ଯୁକ୍ତି ବଳରେ ଜୟଦେବ ଓଡ଼ିଶାର ପ୍ରାଚୀ ନଦୀ ତୀରବର୍ତ୍ତୀ କେନ୍ଦୁବିଲ୍ୱରେ ଜନ୍ମଲାଭ କରି, ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କ ସେବାରେ ରହି ଗୀତଗୋବିନ୍ଦ ରଚନା କରିଥିବାର ସତ୍ୟ ଉଦ୍‌ଘାଟନ କରିଛନ୍ତି । କିନ୍ତୁ ଜଗବନ୍ଧୁ ସିଂହ ସୀମିତ ଉପାଦାନ ମଧ୍ୟରେ ଜୟଦେବ ଓଡ଼ିଶାରେ ଜନ୍ମଗ୍ରହଣ କରି ଗୀତଗୋବିନ୍ଦ ରଚନା କରିଥିଲେ ବୋଲି ଯେଉଁ ଯୁକ୍ତି ଦର୍ଶାଇଛନ୍ତି ତାହା ଅଦ୍ୟାପି କୌଣସି ଆଲୋଚକଙ୍କ ଦ୍ୱାରା ନିରାକୃତ ହୋଇନାହିଁ, ବରଂ ବୀରଭୂମର ଅଜୟ ନଦୀ କୂଳରେ ଥିବା ରାଧାବିନୋଦ ମନ୍ଦିରର ଅର୍ବାଚୀନତା, ସଂସ୍କୃତ ଭକ୍ତମାଳାରେ ଥିବା ଚନ୍ଦ୍ରଦତ୍ତଙ୍କ ରଚିତ ଜୟଦେବ ଉପାଖ୍ୟାନ, କେଶବମିଶ୍ରଙ୍କ ରଚିତ ଅଳଙ୍କାର ଶେଖରରେ ଜୟଦେବଙ୍କ ଜନ୍ମଭୂମି ସମ୍ବନ୍ଧୀୟ ଯୁକ୍ତି ପ୍ରଭୃତି ଉଲ୍ଲେଖକରି ସ୍ୱର୍ଗୀୟ ଜଗବନ୍ଧୁ ସିଂହ 'ପ୍ରାଚୀନ ଉତ୍କଳ' ପୁସ୍ତକଟିକୁ ଏକ ପ୍ରାମାଣିକ ପୁସ୍ତକ ରୂପେ ଦେଶବାସୀଙ୍କ ହସ୍ତରେ ଅର୍ପଣ କରିଛନ୍ତି ।

ଓଡ଼ିଶାର ରାଜବଂଶ ସମ୍ବନ୍ଧରେ ଆଲୋଚନା କଲେ ଜଣାଯାଏ ଯେ ସ୍ୱର୍ଗୀୟ ଜଗବନ୍ଧୁ ସିଂହ ମୁଖ୍ୟତଃ ମାଦଳା ପାଞ୍ଜି ଉପରେ ଆସ୍ଥା ସ୍ଥାପନ କରିଛନ୍ତି । ସେହି ପ୍ରସଙ୍ଗରେ ସ୍ୱର୍ଗତ ସିଂହ ବାସୁଦେବ ରଥଙ୍କ 'ଗଙ୍ଗବଂଶାନୁଚରିତଂଚମ୍ପୂ' ଖ୍ରୀ: ଅ: ୧୮୯୫ରେ ପ୍ରକାଶିତ, ସ୍ୱ. ଚନ୍ଦ୍ରମଣି ପଢ଼ିଆରୀଙ୍କ 'ମାଦଳା' ଖ୍ରୀ: ଅ: ୧୯୦୦ରେ ପ୍ରକାଶିତ, ପାରଳା ନିବାସୀ

ପଦ୍ମନାଭ ମିଶ୍ର ଶର୍ମାଙ୍କ 'ଗାଙ୍ଗେୟ ବଂଶାବଳୀ' ତଥା କେତେକ ଅଭିଲେଖରୁ ତଥ୍ୟ ସଂଗ୍ରହକରି ରାଜବଂଶାବଳୀ ପ୍ରସ୍ତୁତ କରିଛନ୍ତି ।

ବଂଶାବଳୀ ପ୍ରସ୍ତୁତ କରିଯିବାରେ ମୁଖ୍ୟତଃ ସଂଗୃହୀତ ଉପାଦାନ ଉପରେ ନିର୍ଭର କରିବାକୁ ପଡ଼େ । ବସ୍ତୁତଃ ଏହା ଗବେଷଣାସାପେକ୍ଷ । ଯେଉଁ ଆଲୋଚକ ଯେତିକ ପରିମାଣ ରେ ଐତିହାସିକ ଉପାଦାନ ସଂଗ୍ରହ କରିଥାଆନ୍ତି, ସେ ସେହି ଅନୁସାରେ ରାଜବଂଶର 'କୁଷିନାମା' ପ୍ରସ୍ତୁତ କରନ୍ତି । ଓଡ଼ିଶାର ରାଜବଂଶ ସମ୍ବନ୍ଧରେ ଆଜି ସୁଦ୍ଧା ଯେତେ ଐତିହାସିକ ତଥ୍ୟ ଆଲୋଚକମାନଙ୍କ ହସ୍ତଗତ ହୋଇଛି ତାହା ଯଥେଷ୍ଟ ନୁହେଁ । ରାଜବଂଶର ନାମ, ରାଜାମାନଙ୍କ ରାଜତ୍ୱକାଳ, ସେମାନଙ୍କ ଶାସନକାଳରେ ନିର୍ମିତ ପ୍ରାଚୀନ କୀର୍ତ୍ତିମାନଙ୍କ ସମ୍ବନ୍ଧରେ ପ୍ରାଚୀନ ମତ, ପରବର୍ତ୍ତୀ ମତ ଦ୍ୱାରା ଖଣ୍ଡନ କରାଯାଇ ଥାଏ । ଇତିହାସ କାଳ୍ପନିକ ଗଳ୍ପ ନୁହେଁ, ଏହା ଉପଲବ୍ଧ ତଥ୍ୟ ଉପରେ ଆଧାରିତ । ଆଜିସୁଦ୍ଧା ଯେତେଜଣ ଐତିହାସିକଙ୍କ ଦ୍ୱାରା 'ଓଡ଼ିଶା ଇତିହାସ' ଲେଖାଯାଇଛି, ସେ ଗୁଡ଼ିକର ପୃଷ୍ଠା ଲେଉଟାଇଲେ ଏହାର ପ୍ରମାଣ ମିଳିପାରିବ । ସ୍ୱର୍ଗୀୟ ସିଂହ ମହୋଦୟ ଓଡ଼ିଶାର ରାଜବଂଶ ତାଲିକାରେ ସୋମବଂଶ, କେଶରୀବଂଶ, ଗଙ୍ଗବଂଶ, ସୂର୍ଯ୍ୟବଂଶ, ଭୋଇବଂଶ, ଚାଳୁକ୍ୟବଂଶ ଓ ଯଦୁବଂଶ ସମ୍ବନ୍ଧରେ ଯେଉଁ ତଥ୍ୟ 'ପ୍ରାଚୀନ ଉତ୍କଳ' ପୁସ୍ତକରେ ଲିପିବଦ୍ଧ କରିଛନ୍ତି, ପରବର୍ତ୍ତୀ ଆଲୋଚକଙ୍କ ଦ୍ୱାରା ଆବିଷ୍କୃତ ତଥ୍ୟ ଅନୁସାରେ ସେଥିମଧ୍ୟରୁ କେତେକ ମତ ପରିବର୍ତ୍ତିତ ହୋଇଛି । କିନ୍ତୁ ଆଲୋଚକ ଜଗବନ୍ଧୁ ସିଂହ ଓଡ଼ିଶା ଇତିହାସ ଆଲୋଚନାର ଯେଉଁ ଧାରା ପ୍ରବର୍ତ୍ତନ କରିଥିଲେ, ତାହା ପରବର୍ତ୍ତୀ ଆଲୋଚକମାନଙ୍କୁ ଦିଗ୍‌ଦର୍ଶନ କରାଇଛି । ସେହି ଦୃଷ୍ଟିକୋଣରୁ ବିଚାର କଲେ, ସ୍ୱର୍ଗୀୟ ଜଗବନ୍ଧୁ ସିଂହ ମହୋଦୟଙ୍କୁ ଓଡ଼ିଆ ଐତିହାସିକମାନଙ୍କର ମାର୍ଗଦର୍ଶକ ରୂପେ ସମ୍ମାନିତ କରାଯାଇଥାଏ ।

ଓଡ଼ିଶାର ବୀରତ୍ୱ ସମ୍ବନ୍ଧରେ ସ୍ୱର୍ଗତ ସିଂହଙ୍କର ଆଲୋଚନା ପ୍ରଣିଧାନର ବିଷୟ । ଓଡ଼ିଆମାନେ ରାମାୟଣ ଓ ମହାଭାରତ ଯୁଗରୁ ନିଜର ବୀରତ୍ୱ ଲାଗି ପ୍ରସିଦ୍ଧ ଥିଲେ । ପରବର୍ତ୍ତୀ କାଳରେ 'କଳିଙ୍ଗାଃ ସାହସିକାଃ' ଗୋଟିଏ ପ୍ରବଚନରେ ପରିଣତ ହୋଇଥିଲା ।

ମେଗାସ୍ଥିନିସ୍‌ଙ୍କ ବିବରଣୀ ଅନୁସାରେ କଳିଙ୍ଗ ଗୋଟିଏ ମହାନ୍ ଯୋଦ୍ଧୃ ଜାତି ଥିବାର ପ୍ରମାଣ ମିଳୁଛି । ବିଶେଷତଃ ବିରାଟ ମଗଧ ବାହିନୀ ଆଗରେ କଳିଙ୍ଗ ବାହିନୀର ସାହସିକତା ଇତିହାସର ମହାନ୍ ଉଦାହରଣ ରୂପେ ବିଦ୍ୟମାନ । ନିଜ ମାତୃଭୂମିର ଗୌରବ ରକ୍ଷା ପାଇଁ ଲକ୍ଷ ଲକ୍ଷ ଓଡ଼ିଆଙ୍କ ଆତ୍ମୋତ୍ସର୍ଗ ସେମାନଙ୍କ ବୀରତ୍ୱକୁ ଚିର ଅମର କରି ପାରିଛି ।

ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ମହାନ୍ ବୀର ଐରକୁଳ ତିଳକ ମହାମେଘ ବାହନ ଖାରବେଳ ଯେଉଁ ବିଜୟ ଅଭିଯାନ ଚଳାଇଥିଲେ ତାହା କମ୍ ଗୌରବାବହ ନୁହେଁ ।

ପରବର୍ତ୍ତୀ ରାଜବଂଶର ଦାୟାଦମାନେ ଓଡ଼ିଶାର ଗୌରବ ଅକ୍ଷୁଣ୍ଣ ରଖିବାକୁ ଯାଇ ବହୁ ବିଜୟ ହାସଲ କରିଥିଲେ ।

କେବଳ ସ୍ଥଳଭାଗରେ ନୁହେଁ; କଳିଙ୍ଗ ବୀରମାନେ ଜଳଭାଗରେ ମଧ୍ୟ ବିରାଟ ଅଭିଯାନ ଚଳାଇ ସୁଦୂର ଜାଭା, ବାଲି, ସୁମାତ୍ରା, ବୋର୍ଣ୍ଣିଓ, ମାଲୟ, ସିଂହଳ ଓ ବ୍ରହ୍ମଦେଶ ପ୍ରଭୃତିରେ ଉପନିବେଶ ମାନ ପ୍ରତିଷ୍ଠା କରି ପାରିଥିଲେ ।

ପରବର୍ତ୍ତୀ ରାଜବଂଶ ଶୈଳୋଦ୍‌ଭବ, ଭୌମକର, ସୋମ ଓ ଗଙ୍ଗମାନେ କଳିଙ୍ଗ ବୀରତ୍ୱର ବହୁ ଦୃଷ୍ଟାନ୍ତ ଆମ ଆଗରେ ଥୋଇଯାଇଛନ୍ତି । ଗଙ୍ଗମାନଙ୍କ ସମୟରେ କଳିଙ୍ଗର ସୀମା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ପରବର୍ତ୍ତୀ ସମୟରେ ଗଜପତି ବଂଶର ମଉଡ଼ମଣି କପିଳେନ୍ଦ୍ର ଦେବ ବହୁ ଦୁର୍ଦ୍ଧର୍ଷ ଯୁଦ୍ଧରେ ଓଡ଼ିଶାର ବୀରତ୍ୱ ପ୍ରମାଣିତ କରିଛନ୍ତି । କଳିଙ୍ଗ ରାଜାମାନଙ୍କର ଦାନପତ୍ର ଗୁଡ଼ିକରୁ ଯେଉଁ ବୀରତ୍ୱ ବ୍ୟଞ୍ଜକ ବିଶେଷଣ-ମାନ ମିଳୁଛି, ସେ ଗୁଡ଼ିକୁ କେବଳ ଅତି ରଞ୍ଜିତ ବର୍ଣ୍ଣନା ବୋଲି କହି ଅବହେଳା କରାଯାଇ ନ ପାରେ । ବିଶେଷତଃ 'ଅନେକ-ସମର-ସଂକ୍ଷୋଭ ଜନିତ ଜୟ ଶବ୍ଦ', 'ପ୍ରତାପ ଦହନ ଦଗ୍ଧାରାତିନ୍ଧନଃ', 'ନିଜ ଭୁଜବଜ୍ର ଚୂର୍ଣ୍ଣିତ ସକଳ ରିପୁକୁଳାଚଳ' ତଥା—

'ରାଢ଼ାବରେନ୍ଦ୍ର ଯବନୀ ନୟନାଞ୍ଜନାଶ୍ରୁ-
ପୂରେଣ ଦୂର ବିନିବେଶିତ କାଳିମଶ୍ରୀମ୍ ।
ତଦ୍‌ବିପ୍ରଲମ୍ଭକରୁଣୋଦ୍‌ଭୂତ ନିସ୍ତରଙ୍ଗା
ଗଙ୍ଗାପି ନୂନମମୁଳା ଯମୁନାଽଧୁନାଭୂତ୍ ।'

× × ×

'କର୍ଣ୍ଣାଟୋଲ୍ଲାସସିଂହଃ କଲବରଗଜସ୍ୱୀ ମାଳବ ଧ୍ୱଂସଶୀଳଃ
ଜଙ୍ଘାଲୋ ଗୌଡ଼ମର୍ଦ୍ଦୀ ଭ୍ରମରବର ନୃପୋ ଧ୍ୱସ୍ତ ଢଲ୍ଲୀନ୍ଦ୍ର ଗର୍ବଃ ।
ସଂଗ୍ରାମେ ଦୃଷ୍ଟମେନଂ ପ୍ରତିଭଟସୁଭଟାଃ କେବଳନ୍ତେ ବଲନ୍ତେ
ଯେଷାଂ ସ୍ୟାନ୍ନାକନାରୀ କୁଚକଲଶତଟୀକୁଙ୍କୁମାସଙ୍ଗରଙ୍ଗମ୍ ।'

ପ୍ରଭୃତି ବୀରତ୍ୱ ବ୍ୟଞ୍ଜକ ପ୍ରଶସ୍ତିକୁ ଏକାବେଳକେ ଉଡ଼ାଇ ଦେଇ ହେବ ନାହିଁ ।

ମୋଗଲ୍, ମରହଟ୍ଟା ଓ ଇଂରେଜମାନଙ୍କ ଅମଳପର ମଧ୍ୟ ଓଡ଼ିଆମାନଙ୍କ ବୀରତ୍ୱ କମ୍ ପ୍ରଶଂସାର୍ହ ନୁହେ ।

ଆଲୋଚକ ଜଗବନ୍ଧୁ ସିଂହ 'ପ୍ରାଚୀନ ଉତ୍କଳ'ରେ ସେହି ଅତୀତ ବୀରତ୍ୱର ଗାଥା କେତୋଟି ପୃଷ୍ଠାରେ ବର୍ଣ୍ଣନା କରି ଜାତୀୟ ଜୀବନକୁ ପୁନର୍ଗଠିତ କରିବା ପାଇଁ ଚେଷ୍ଟା କରିଛନ୍ତି ।

ତଦ୍‌ବ୍ୟତୀତ ଆଲୋଚକ ସିଂହ ମହୋଦୟ ଓଡ଼ିଶାର ଆର୍ଥିକ ଅବସ୍ଥା, ଶିଳ୍ପ, ବାଣିଜ୍ୟ, ଧର୍ମ, ବିଶେଷତଃ ଓଡ଼ିଶାର ଆରାଧ୍ୟ ଦେବ ଶ୍ରୀଜଗନ୍ନାଥ ଦେବ ଓ ତାଙ୍କ ଶ୍ରୀମନ୍ଦିର ସମ୍ବନ୍ଧରେ ବିଶଦ ବିବରଣୀ 'ପ୍ରାଚୀନ ଉତ୍କଳ' ପୁସ୍ତକରେ ସନ୍ନିବେଶିତ କରି ପୁସ୍ତକଟିକୁ ଜାତୀୟ ଇତିହାସରେ ପରିଣତ କରିଛନ୍ତି ।

ସ୍ୱର୍ଗୀୟ ଜଗବନ୍ଧୁ ସିଂହ କେବଳ ଯେ ପୁସ୍ତକ ରଚନା କରି ଓଡ଼ିଆମାନଙ୍କ ଜୀବନର ଗଠନ ଲାଗି ଚେଷ୍ଟାକରିଥିଲେ ତା' ନୁହେଁ, ସେ ନିଜେ ଜଣେ ସଂଗ୍ରାମୀ ଥିଲେ । ନିଜ ଚେଷ୍ଟାବଳରେ ସେ ମାତୃଭୂମିର ଗୌରବ ପ୍ରଖ୍ୟାପନ ନିମିତ୍ତ ଅଣ୍ଟାଭିଡ଼ି ବାହାରି ପଡ଼ିଥିଲେ ।

ଆଲୋଚକ ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତିଙ୍କ ଭାଷାରେ କହିବାକୁ ଗଲେ—"ଇତିହାସର ଏପରି ନିର୍ମମ ନିଷ୍ଠୁରଣ ପରିହାସ, ସମ୍ଭବତଃ ଅନ୍ୟ କୌଣସି ଦେଶ ବା ଜାତିର ଇତିହାସରେ ବିରଳ । ଦୁଇଶହ ବର୍ଷ ପୂର୍ବେ ଯେଉଁମାନେ ଭାରତରେ ସାମ୍ରାଜ୍ୟ ବିସ୍ତାର କରି ପାରିଥିଲେ, ଊନବିଂଶ ଶତାବ୍ଦୀର ଆରମ୍ଭରେ ସେମାନେ କ୍ରୀତଦାସ ବ୍ୟବସାୟୀଙ୍କ ଦ୍ୱାରା ପଣ୍ୟ ପରି ବିକ୍ରୀ ହେଲେ !! ଏ ନିଷ୍ଠୁର ପରିସ୍ଥିତିରେ ଓଡ଼ିଆ ଜାତି ପକ୍ଷରେ ଆତ୍ମରକ୍ଷା ହିଁ ଥିଲା ଏକମାତ୍ର ଚିନ୍ତା ! ଦେଶର ସ୍ୱାଧୀନତା ରକ୍ଷା ପାଇଁ ଚିନ୍ତା କରିବାକୁ ଅବସର ନ ଥିଲା ।

ସେହିପରି ଏକ ଦୁର୍ଦ୍ଦଶାଗ୍ରସ୍ତ ଜାତିର ଶୁଖିଲା ମୁହଁରେ ହସ ଫୁଟାଇବା ପାଇଁ ଯେଉଁ କେତେଜଣ ଦେଶ ପ୍ରାଣ ବ୍ୟକ୍ତି ଅଗ୍ରସର ହୋଇଥିଲେ, ସେମାନଙ୍କ ମଧ୍ୟରେ ଉତ୍କଳମଣି ଗୋପବନ୍ଧୁ ଓ ତାଙ୍କର ସହଯୋଗୀମାନେ ଜାତୀୟ ଭାବରେ ଉଦ୍‌ବୁଦ୍ଧ ହୋଇ ଉତ୍କଳଜନନୀଙ୍କ ସେବାରେ ଲାଗିପଡ଼ିଥିଲେ ।

ସ୍ୱର୍ଗତ ଜଗବନ୍ଧୁ ସିଂହ ଉତ୍କଳମଣି ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଆ ଭାଷୀ ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ ପାଇଁ 'ଉତ୍କଳସମ୍ମିଳନୀ'ରେ ଯୋଗଦାନ କରିଥିଲେ । ଖ୍ରୀ: ଅ: ୧୯୦୩ରୁ ଉତ୍କଳ ସମ୍ମିଳନୀର ଗଠନ ଦିନରୁ ମୟୂରଭଞ୍ଜର ମହାରାଜା ଶ୍ରୀ ଶ୍ରୀରାମଚନ୍ଦ୍ର ଭଞ୍ଜ, ଧରାକୋଟ ରାଜା ମଦନମୋହନ ସିଂହଦେବ, ରାଜେନ୍ଦ୍ର ନାରାୟଣ ଭଞ୍ଜଦେବ, ରାଜା ବୈକୁଣ୍ଠନାଥ ଦେବ, ଦେଶପ୍ରାଣ ମଧୁସୂଦନ ଦାସ, ଖ୍ୟାତ ଔପନ୍ୟାସିକ ଫକୀର ମୋହନ ସେନାପତି ପ୍ରମୁଖ ସମ୍ମିଳନୀର ସଭାପତି ଆସନ ଅଳଙ୍କୃତ କରିଥିଲେ । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କର ଏକାନ୍ତ ଅନୁଯାୟୀ ଭାବରେ ସ୍ୱର୍ଗତ ଜଗବନ୍ଧୁ ସିଂହ ସମ୍ମିଳନୀରେ ଯୋଗଦ.ନ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ଦାୟିତ୍ୱ ସମ୍ପାଦନ କରୁଥିଲେ ।

ଧୀରେ ଧୀରେ ଉତ୍କଳମଣି ଓ ଦେଶପ୍ରାଣଙ୍କ ମଧ୍ୟରେ ଭାରତୀୟ ଜାତୀୟ କଂଗ୍ରେସରେ ଉତ୍କଳ ସମ୍ମିଳନୀର ଯୋଗଦାନ ସମ୍ପର୍କରେ ମତଭେଦ ବୃଦ୍ଧି ପାଇବାକୁ ଲାଗିଲା । ୧୯୧୯

ସାଲର ଉତ୍କଳସମ୍ମିଳନୀରେ ଉତ୍କଳମଣି ଗୋପବନ୍ଧୁ ସଭାପତିତ୍ୱ କରିଥିଲେ ଏବଂ ସ୍ୱର୍ଗୀୟ ଜଗବନ୍ଧୁ ସିଂହ ସମ୍ପାଦକ ଭାବରେ କାର୍ଯ୍ୟ ତୁଲାଇଥିଲେ ।

ଉତ୍କଳସମ୍ମିଳନୀର ଷୋଡ଼ଶ ଅଧିବେଶନ ସିଂହଭୂମର ଚକ୍ରଧରପୁର ଠାରେ ଅନୁଷ୍ଠିତ ହୋଇଥିଲା । ସମ୍ମିଳନୀରେ ଦେଶପ୍ରାଣ ମଧୁସୂଦନ ଦାସ ସଭାପତିତ୍ୱ କରିବାର ପ୍ରସ୍ତାବ ଥିଲା, କିନ୍ତୁ ସମ୍ମିଳନୀର କର୍ମକର୍ତ୍ତାମାନଙ୍କ ମଧ୍ୟରେ ତୀବ୍ର ମତଭେଦ ହୋଇଥିବାର ଲକ୍ଷ୍ୟକରି ମଧୁବାବୁ ସେଥିରେ ଯୋଗଦେଇ ନଥିଲେ । ସେହି ଅଧିବେଶନରେ ସଭାପତି ହୋଇଥିଲେ ସ୍ୱର୍ଗୀୟ ଜଗବନ୍ଧୁ ସିଂହ ।

କିନ୍ତୁ ତତ୍ପୂର୍ବରୁ ସମ୍ମେଳନୀର ବିଶିଷ୍ଟ କର୍ମକର୍ତ୍ତାଙ୍କ ମଧ୍ୟରେ ମନୋମାଳିନ୍ୟ ଦୂର କରି ଉତ୍କଳଜନନୀଙ୍କର ଉନ୍ନତିକର ମଞ୍ଚରେ ସମସ୍ତେ ଏକତ୍ରିତ ହେବା ଲାଗି ଜଗବନ୍ଧୁ ସିଂହ ଚେଷ୍ଟା କରିଥିଲେ ଏବଂ ନିଜେ ମଧୁସୂଦନ ଦାସଙ୍କ ନିକଟକୁ ଯାଇ ତାଙ୍କୁ ସମ୍ମେଳନୀରେ ଯୋଗ ଦେବା ଲାଗି ନିବେଦନ କରିଥିଲେ । ପ୍ରଥମେ ଅବଶ୍ୟ ମଧୁବାବୁ ଚକ୍ରଧରପୁର ସମ୍ମିଳନୀରେ ସଭାପତିତ୍ୱ କରିବା ପାଇଁ ସ୍ୱୀକୃତି ଜଣାଇଥିଲେ; କିନ୍ତୁ ଭାରତୀୟ ଜାତୀୟ କଂଗ୍ରେସର ଅଧିବେଶନକୁ ଆଖି ଆଗରେ ରଖି, ଖୁବ୍ ସମ୍ଭବତଃ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସହଯୋଗୀମାନଙ୍କ ପରାମର୍ଶକ୍ରମେ ଚକ୍ରଧରପୁର ଅଭ୍ୟର୍ଥନାସମିତିର ସମ୍ପାଦକ ଶ୍ରୀ କାହ୍ନୁଚରଣ ପାଣି ହଠାତ୍ ସମ୍ମିଳନୀର ନିର୍ଦ୍ଦିଷ୍ଟ ତାରିଖ ଡିସେମ୍ବର ଶେଷ ସପ୍ତାହକୁ ଘୁଞ୍ଚାଇ ଦେବାରୁ, ଦେଶପ୍ରାଣ ମଧୁସୂଦନ ସେଥିରେ ଯୋଗଦାନ କରି ନଥିଲେ ।

ପରିଶେଷରେ ସ୍ୱର୍ଗୀୟ ଜଗବନ୍ଧୁ ସିଂହଙ୍କ ସଭାପତିତ୍ୱରେ ଚକ୍ରଧର ପୁର ଠାରେ ଉତ୍କଳସମ୍ମିଳନୀର ଷୋଡ଼ଶ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ଉତ୍କଳମଣି ଗୋପବନ୍ଧୁ ଦାସ ପ୍ରମୁଖ ନେତୃବର୍ଗ ନାଗପୁର କଂଗ୍ରେସରେ ଯୋଗଦାନ କରିବା ପରେ ସମ୍ମିଳନୀରେ ଯୋଗଦେଇ ଉତ୍କଳସମ୍ମିଳନୀକୁ ଜାତୀୟ କଂଗ୍ରେସରେ ମିଶାଇ ଦେବାଲାଗି ପ୍ରସ୍ତାବ ଆଗତ କରିଥିଲେ । ପଣ୍ଡିତ ଗୋପବନ୍ଧୁଙ୍କ ଦ୍ୱାରା ଆଗତ ଓ ଚନ୍ଦ୍ରଶେଖର ବେହେରାଙ୍କ ଦ୍ୱାରା ସମର୍ଥିତ ଏହି ପ୍ରସ୍ତାବ ବିରୁଦ୍ଧରେ ମଧୁବାବୁଙ୍କ ସମର୍ଥକ ବ୍ରଜସୁନ୍ଦର ଦାସ, ମୁକୁନ୍ଦ ପ୍ରସାଦ ଦାସ, ଚିନ୍ତାମଣି ଆଚାର୍ଯ୍ୟ ପ୍ରମୁଖ ବିରୋଧ କରିଥିଲେ । ଗୋଟିଏ ମାତ୍ର ସମର୍ଥନରେ ଉତ୍କଳମଣିଙ୍କ ପ୍ରସ୍ତାବ ସମର୍ଥିତ ହୋଇଥିଲା ।

ଜଗବନ୍ଧୁ ସିଂହ ଉତ୍କଳମଣିଙ୍କର ଜଣେ ପ୍ରଧାନ ସମର୍ଥକ ହୋଇଥିବାରୁ ସେ ଗୋପବନ୍ଧୁ ଦାସଙ୍କ ନିର୍ଦ୍ଦେଶମତେ ପୁରୀରେ ଜାତୀୟ କଂଗ୍ରେସ ଶାଖାର ଦାୟିତ୍ୱ ଗ୍ରହଣ କଲେ । ଜଗବନ୍ଧୁ ସିଂହ, ଆର୍ତ୍ତତ୍ରାଣ ମିଶ୍ର ପ୍ରଭୃତି କେତେଜଣ ଉଦ୍ୟମମାନ କର୍ମୀ ମିଶି ପୁରୀଠାରେ କଂଗ୍ରେସକମିଟି ଗଠନ କରି ଦେଶମାତୃକାର ସେବାରେ ଆତ୍ମନିୟୋଗ କରିଥିଲେ ।

ଭାଷାସୂତ୍ରରେ ପ୍ରଦେଶ ଗଠନ ମତକୁ ଜାତୀୟ କଂଗ୍ରେସ ଗ୍ରହଣ କରିଥିବାରୁ, ଜଗବନ୍ଧୁ ସିଂହ ସେହି ମହାସ୍ରୋତରେ ନିଜକୁ ମିଶାଇ ଦେଇ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବା ସଙ୍ଗେ ସଙ୍ଗେ, ଓଡ଼ିଶାର ହୃତଗୌରବର ପୁନରୁଦ୍ଧାର ଲାଗି ଯତ୍ନ କରିଥିଲେ ।

ଜଗବନ୍ଧୁ ସିଂହ ରାଜନୈତିକ ଆନ୍ଦୋଳନ, ପୁସ୍ତକ ରଚନା ପ୍ରଭୃତି ମାଧ୍ୟମରେ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତିବିଧାନରେ ଯାହାର ଜୀବନ ବିତାଇ ଦେଇଥିଲେ ।

ପ୍ରସ୍ତୁତ ପୁସ୍ତକର ତୃତୀୟ ସଂସ୍କରଣ ଏହାର ଲୋକପ୍ରିୟତାର ଜ୍ୱଳନ୍ତ ଦୃଷ୍ଟାନ୍ତ । ଆଲୋଚକ ଜଗବନ୍ଧୁ ସିଂହଙ୍କ ରଚନାରେ ଯେଉଁଠି ଇତିହାସ ଦୃଷ୍ଟିରୁ ମତଭେଦ ଦେଖା-ଦେଉଛି, ସେପରି କେତେକ ସ୍ଥଳରେ ପାଦଟୀକା ଦେଇ ତାହା ସ୍ପଷ୍ଟ କରିଦେଇଥିଲେ, 'ପ୍ରାଚୀନ ଉତ୍କଳ' ଅଧିକ ପ୍ରାମାଣିକ ପୁସ୍ତକ ରୂପେ ଆଦୃତ ହୋଇ ପାରନ୍ତା ।

ରାଜ୍ୟ ସଂଗ୍ରହାଳୟ — ନୀଳମଣି ମିଶ୍ର

ଭୁବନେଶ୍ୱର — ୨୩ – ୧୧ – ୮୨

# ପ୍ରାଚୀନ ଉତ୍କଳ

---

ପ୍ରାଚୀନ ଉତ୍କଳ ଏବଂ ବର୍ତ୍ତମାନ ଉତ୍କଳ ମଧ୍ୟରେ ଆକାଶ ପାତାଳ ପ୍ରଭେଦ । ଉତ୍କଳ କହିଲେ ଲୋକେ କେବଳ ପୁରୀ-କଟକ-ବାଲେଶ୍ୱର ବୋଲି ବୁଝିଥିଲେ । ଅଳ୍ପକାଳ ହେଲା ସମ୍ବଲପୁର, ମଧ୍ୟପ୍ରଦେଶରୁ ଆସି ରାଜନୈତିକ ଉତ୍କଳ ସଙ୍ଗେ ମିଶିଛି । ବର୍ତ୍ତମାନ ରାଜନୈତିକ ଉତ୍କଳ ପୁରୀ, କଟକ, ବାଲେଶ୍ୱର, ସମ୍ବଲପୁର ଓ କେତେକ ଗଡ଼ଜାତ ସମଷ୍ଟି ମାତ୍ର । ଏହି କ୍ଷୀଣଶରୀର ରାଜନୈତିକ ଉତ୍କଳ ପ୍ରାଚୀନ-ଉତ୍କଳ ନୁହେଁ । ସୁତରାଂ ପ୍ରାଚୀନ ଉତ୍କଳ ବିଷୟ ଆଲୋଚନା କରିବାକୁ ହେଲେ କେତେଗୁଡ଼ିଏ ପ୍ରଶ୍ନ ସ୍ୱତଃ ମନରେ ଉଦିତ ହୁଏ : (୧) ପ୍ରାଚୀନ ଉତ୍କଳର ବିସ୍ତୃତି କେଉଁଠାରୁ କେଉଁଠା ପର୍ଯ୍ୟନ୍ତ ଥିଲା ? (୨) ପ୍ରାଚୀନ ଉତ୍କଳର ଅଙ୍ଗହାନି ହେଲା କାହିଁକି ? (୩) ଅଙ୍ଗହାନିଦ୍ୱାରା ଉତ୍କଳୀୟମାନଙ୍କର କି କ୍ଷତି ହୋଇଛି ? ପ୍ରାଚୀନ ଉତ୍କଳର ବିସ୍ତୃତି ସମ୍ବନ୍ଧେ ସୀମା ପରିଚ୍ଛେଦରେ ବିଶେଷଭାବରେ ଆଲୋଚନା କରାଯିବ । ସ୍ଥୂଳତଃ ପ୍ରାଚୀନ ଉତ୍କଳ ଗଂଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ନାନା କାରଣରୁ ତାର ଅଙ୍ଗଚ୍ଛେଦ ହୋଇଛି । କେତେକ ଅଂଶ ମାନ୍ଦ୍ରାଜ ପ୍ରଦେଶ ସଙ୍ଗେ, କେତେକ ବଙ୍ଗ ପ୍ରଦେଶ ସଙ୍ଗେ, କେତେକ ମଧ୍ୟପ୍ରଦେଶ ସଙ୍ଗେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ରାଜନୈତିକ କାରଣରୁ ଯୁକ୍ତ ହୋଇଯାଇଛି । ଏହି ଅଙ୍ଗଚ୍ଛେଦ ହେତୁ ଓଡ଼ିଆମାନେ ଭିନ୍ନ ଭିନ୍ନ ପ୍ରଦେଶରେ ଅନ୍ୟାନ୍ୟ ଜାତିମାନଙ୍କ ସଙ୍ଗେ ବାସକରିବାକୁ ବାଧ୍ୟ ହୋଇଛନ୍ତି । ଏହି ଅଙ୍ଗଚ୍ଛେଦ ଗୋଟିଏ ଅସ୍ୱାଭାବିକ କାର୍ଯ୍ୟ । ଗୋଟିଏ ଲୋକର ହାତ ଗୋଡ଼ ଜିହ୍ୱା କାଟି ଭିନ୍ନ ଭିନ୍ନ ଦିଗକୁ ପକାଇଦେଲେ ସେ ଲୋକର ଅବସ୍ଥା ଯେପରି ଭୟଙ୍କର ବିକଟାକାର ଧାରଣ କରିବ, ପ୍ରାଚୀନ ଉତ୍କଳ ତଥା ପ୍ରାଚୀନ ଓଡ଼ିଆ ଜାତିର ଅବସ୍ଥା ତଦ୍ରୂପ ହୋଇଛି । ଏହି ଅସ୍ୱାଭାବିକ ଅଙ୍ଗଚ୍ଛେଦଦ୍ୱାରା ଓଡ଼ିଆ ଜାତିର ଯେ କ୍ଷତି ହୋଇଛି ତାହା ଅକଥନୀୟ । ସେ କ୍ଷତି ବିଷୟ ଆଲୋଚନା କଲେ ଅତି ପାଷଣ୍ଡର ମଧ୍ୟ ହୃଦୟ ତରଳିଯିବ । ମାତ୍ର ଦୁଃଖର ବିଷୟ ଯେ ଉତ୍କଳୀୟମାନେ ବହୁକାଳ ହେଲା ଏ କ୍ଷତିକୁ ଅମ୍ଳାନବଦନରେ ଅଙ୍ଗୀକାର କରି, ନୀରବ ନିଶ୍ଚଳଭାବେ ଜୀବନଯାପନ କରୁଛନ୍ତି । ଅନ୍ୟ କୌଣସି ଜାତି ଆଜିପର୍ଯ୍ୟନ୍ତ ଏ ଅଙ୍ଗଚ୍ଛେଦରୂପକ ଦାରୁଣ ଆଘାତ ସହ୍ୟ କରି ନଥାନ୍ତା । ଉତ୍କଳୀୟମାନେ ଆଜି ବ୍ରିଟିଶ ସରକାରଙ୍କ ଅନୁଗ୍ରହରୁ ସବୁ ପ୍ରତିବେଶୀ ପ୍ରଦେଶରେ

ମୁଷ୍ଟିମେୟ ହୋଇ ରହିଛନ୍ତି । ସବୁ ପ୍ରଦେଶରେ ସେମାନଙ୍କ ସଂଖ୍ୟା ଅଳ୍ପ । ବଙ୍ଗପ୍ରଦେଶାନ୍ତର୍ଗତ ଓଡ଼ିଆମାନେ ବଙ୍ଗୀୟମାନଙ୍କ ସଂସର୍ଗରେ ରହି ସେମାନଙ୍କ ଆଚାର-ବ୍ୟବହାର, ରୀତି-ନୀତି, ଭାଷା ପ୍ରଭୃତି ଦ୍ୱାରା ଆକ୍ରାନ୍ତ ହେଉଛନ୍ତି । ମାନ୍ଦ୍ରାଜପ୍ରଦେଶାନ୍ତର୍ଗତ ଓଡ଼ିଆମାନେ ତୈଲଙ୍ଗମାନଙ୍କ ସଂସର୍ଗରେ ରହି ସେମାନଙ୍କ ଆଚାର-ବ୍ୟବହାର, ରୀତି-ନୀତି, ଭାଷା ପ୍ରଭୃତି ଦ୍ୱାରା ଆକ୍ରାନ୍ତ ହେଉଛନ୍ତି । ମଧ୍ୟପ୍ରଦେଶାନ୍ତର୍ଗତ ଓଡ଼ିଆମାନଙ୍କ ଦୁର୍ଦ୍ଦଶା ମଧ୍ୟ ତତୋଧିକ । ବିଭିନ୍ନ ଭାଷାଭାଷୀ ଲୋକମାନଙ୍କ ସଂସର୍ଗ ଓ ବିଭିନ୍ନ ଶାସନପ୍ରଣାଳୀ ଉତ୍କଳୀୟମାନଙ୍କର ଜାତୀୟ ଉନ୍ନତିର ପ୍ରଧାନ ଅନ୍ତରାୟ । ସମସ୍ତ ଉତ୍କଳଭାଷୀ ଲୋକମାନେ ଏକଶାସନାଧୀନରେ ନ ରହିବା ପର୍ଯ୍ୟନ୍ତ ଓଡ଼ିଆମାନେ କୌଣସି ବିଷୟରେ ଉନ୍ନତି କରିପାରିବେ ନାହିଁ । ପ୍ରାଚୀନ କାଳରେ ସମସ୍ତ ଉତ୍କଳଭାଷୀ ଅଞ୍ଚଳମାନ ଏକଶାସନାଧୀନରେ ଥିଲା । ସୁତରାଂ ଓଡ଼ିଆମାନେ ଶିଳ୍ପ, ବାଣିଜ୍ୟ, ସାହିତ୍ୟ ପ୍ରଭୃତିରେ ସର୍ବାଙ୍ଗୀନ ଉନ୍ନତି ଲାଭ କରିଥିଲେ । ପ୍ରାଚୀନ ଉତ୍କଳ ଖଣ୍ଡବିଖଣ୍ଡ ହେବା ସଙ୍ଗେ ସଙ୍ଗେ ପ୍ରାଚୀନ ଗୌରବରବି କ୍ରମେ ଅସ୍ତମିତ ହେଲେ ଏବଂ କଏ କେଉଁ କୋଣରେ ପଡ଼ିରହିଛି, ସେକଥା ମଧ୍ୟ ଭାବିବାକୁ ଲୋକଙ୍କର ଅବସର ନାହିଁ । ଆଧୁନିକ ଉତ୍କଳ ନୀରବ ନିଶ୍ଚଳ ନିସ୍ତବ୍ଧ ଭାବରେ ପଡ଼ିରହିଛି ।

ବହୁକାଳ ପରେ ଉତ୍କଳର ବରପୁତ୍ର ମଧୁସୂଦନ ଦାସ ମହାଶୟ ଉତ୍କଳ ସମ୍ମିଳନୀ ଆରମ୍ଭ କରି ସମଗ୍ର ଉତ୍କଳଭାଷୀ ପ୍ରଦେଶକୁ ଏକଶାସନାଧୀନ କରିବାର ଆକାଂକ୍ଷା ଉତ୍କଳରେ ପ୍ରଚାର କରିଥିଲେ । ସେହି ସମୟରୁ କ୍ରମେ ଉତ୍କଳୀୟମାନଙ୍କ ମଧ୍ୟରେ ଦେଶମିଶ୍ରଣ ପ୍ରସ୍ତାବ ସ୍ଥାନ ପାଇ ମନ୍ଦ ଗତି କରୁଛି । ଜାତୀୟ ଜାଗରଣ ପୂର୍ଣ୍ଣମାତ୍ରାରେ ବିକଶିତ ହୋଇନାହିଁ । ସମଗ୍ର ଉତ୍କଳଭାଷୀ ଲୋକେ ପୂର୍ଣ୍ଣମାତ୍ରାରେ ଜାଗ୍ରତ ହୋଇ ନାହାନ୍ତି । ପ୍ରତ୍ୟେକ ଓଡ଼ିଆର ଶିରା-ପ୍ରଶିରା ଏ ଅଭାବ ଦୂର କରିବାଲାଗି ପ୍ରକମ୍ପିତ ହୋଇନାହିଁ । ଅତି କ୍ଷୀଣ ମନ୍ଥର ଗତିରେ କାର୍ଯ୍ୟ ହେଉଥିବାରୁ ଏ ପର୍ଯ୍ୟନ୍ତ ଆଶାନୁରୂପ ଫଳ ହୋଇନାହିଁ । ଓଡ଼ିଶାରେ ଦେଶମିଶ୍ରଣ ଆନ୍ଦୋଳନର ସୂତ୍ରପାତ ହେବା ପରେ ସରକାର ବଙ୍ଗ ପ୍ରଦେଶକୁ ଦୁଇ ଭାଗରେ ବିଭକ୍ତ କରିଥିଲେ । ସରକାରଙ୍କର ଏ ପ୍ରସ୍ତାବ ବଙ୍ଗୀୟମାନଙ୍କ ପ୍ରତି ଅସହ୍ୟ ହେଲା । ଭାଇଠାରୁ ଭାଇକୁ ପୃଥକ୍ କରିଦେଲେ କାହା ଦେହ ସହିବ ? ବଙ୍ଗୀୟମାନେ ଏ ଭ୍ରାତୃବିଚ୍ଛେଦମୂଳକ ପ୍ରସ୍ତାବକୁ ରହିତ କରିବାଲାଗି ତୁମୁଳ ଆନ୍ଦୋଳନ ଆରମ୍ଭ କଲେ । ଫଳରେ ସରକାର ବାଧ୍ୟହୋଇ ବଙ୍ଗବିଚ୍ଛେଦ ପ୍ରସ୍ତାବ ଉଠାଇନେଲେ । ଉତ୍କଳୀୟମାନେ ସେପରି ପ୍ରବଳ ଇଚ୍ଛା ପ୍ରକାଶ କରିପାରି ନଥିବାରୁ ଦେଶମିଶ୍ରଣ ପ୍ରସ୍ତାବ ଏ ପର୍ଯ୍ୟନ୍ତ ଯେଉଁଠି ସେଇଠି ଅଛି; ଆଶାନୁରୂପ ଫଳ ଫଳିନାହିଁ । ଉତ୍କଳ ସମ୍ମିଳନୀ ପରେ ଓଡ଼ିଆମାନଙ୍କ ମଧ୍ୟରେ କିଞ୍ଚିତ୍ ଜାତୀୟ ଜାଗରଣ ହୋଇଛି । ସମ୍ମିଳନୀଜନ୍ମପୂର୍ବ ଅବସ୍ଥା ମନେକଲେ ଘୋର ଦୁଃଖ ହୁଏ । ଉତ୍କଳରେ ବଙ୍ଗଭାଷା ପ୍ରଚାରର ପ୍ରସ୍ତାବ ହୋଇଥିଲା । ଓଡ଼ିଆଭାଷାରେ ଉପଯୁକ୍ତ ପାଠ୍ୟପୁସ୍ତକ ନଥିବାରୁ ବଙ୍ଗଳା ପୁସ୍ତକ ସ୍କୁଲମାନଙ୍କରେ ପଢ଼ାଯାଉଥିଲା । ସ୍ୱର୍ଗୀୟ ବିଚ୍ଛନ୍ଦ ପଟ୍ଟନାୟକ ଓ ଗୌରୀଶଙ୍କର

ଉତ୍କଳକୁ ଏହି ଆପଦରୁ ରକ୍ଷା କରିଥିଲେ । ସେମାନେ ବଙ୍ଗଭାଷା ପ୍ରଚାରର ପ୍ରସ୍ତାବ ବରୁଦ୍ଧରେ ଦଣ୍ଡାୟମାନ ହୋଇ ନଥିଲେ ଓଡ଼ିଆଭାଷା ମଧ୍ୟ ଲୋପ ପାଇଥାନ୍ତା । ପୂର୍ବେ ଉତ୍କଳୀୟ ଯୁବକମାନେ ଆପଣାକୁ ବଙ୍ଗୀୟ ବୋଲି ପରିଚୟ ଦେବାକୁ ଗୌରବ ମନେ କରୁଥିଲେ । ମେଦିନୀପୁର ଅଞ୍ଚଳର ଉତ୍କଳୀୟମାନେ ବଙ୍ଗପ୍ରଦେଶାନ୍ତର୍ଗତ ହୋଇ ଏକପ୍ରକାର ଆତ୍ମବିସ୍ମୃତ ହେଲେଣି । ସେ ଅଞ୍ଚଳର ଅନେକ ଲୋକ ବଙ୍ଗୀୟମାନଙ୍କ ସଙ୍ଗେ ବୈବାହିକ ସମ୍ବନ୍ଧ କରି ବଙ୍ଗୀୟ ବୋଲି ପରିଚୟ ଦେଲେଣି । ଓଡ଼ିଆ ଭାଗବତ ବଙ୍ଗାକ୍ଷରରେ ଲେଖି ପଢ଼ିଲେଣି । ଲୋକସୁମାରବେଳେ ଅନେକେ ଆପଣାକୁ ବଙ୍ଗୀୟ ବୋଲି ଲେଖାଇଲେଣି । କ୍ରମେ ସେ ଅଞ୍ଚଳରେ ଉତ୍କଳୀୟମାନଙ୍କ ସଂଖ୍ୟା ମଧ୍ୟ କମିଯାଉଛି । ଆଉ କେତେ ବର୍ଷ ପରେ ସେ ଅଞ୍ଚଳରେ ଉତ୍କଳୀୟ ନାହାନ୍ତି ବୋଲି ପ୍ରକାଶିତ ହେବା ବିଚିତ୍ର ନୁହେଁ । କେତେକାଳ ପରେ ଏସବୁ ଅଞ୍ଚଳରେ ଯେ ଓଡ଼ିଆମାନେ ବାସକରୁଥିଲେ ଏବଂ ଏସବୁ ଅଞ୍ଚଳ ଯେ ପ୍ରାଚୀନ ଉତ୍କଳର ଅନ୍ତର୍ଗତ ଥିଲା, ଏଥିର ପ୍ରମାଣ ମଧ୍ୟ ମିଳିବ ନାହିଁ ।

ଉତ୍କଳର ଧାରାବାହିକ ଇତିହାସ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ପୁରାଣ, ଶିଳାଲିପି, ତାମ୍ରଶାସନ, କିମ୍ବଦନ୍ତୀ, ପ୍ରାଚୀନଗ୍ରନ୍ଥ, ମାଦଳାପାଞ୍ଜି ଉତ୍କଳର ପ୍ରଧାନ ଐତିହାସିକ ସମ୍ବଳ । ଉତ୍କଳ ବୈଦେଶିକ ଶାସନାଧୀନ ହେବା ପରେ କେତେକ ପାଶ୍ଚାତ୍ୟ ଓ ବଙ୍ଗୀୟ ଲେଖକ ନିଜ ନିଜ ଭାଷାରେ ଓଡ଼ିଶା ସମ୍ବନ୍ଧେ କେତେକ ଲେଖା ପୁସ୍ତକାକାରରେ ପ୍ରକାଶ କରିଛନ୍ତି । ସେମାନେ ଅନ୍ୟ କାର୍ଯ୍ୟୋପଲକ୍ଷରେ ଓଡ଼ିଶାକୁ ଆସିଥାନ୍ତି । କେତେ-କାଳ ଅବସ୍ଥାନ ପରେ କେତେଗୁଡ଼ିଏ ପୁରାବୃତ୍ତି ସଂଗ୍ରହ କରି ପୁସ୍ତକ ଲେଖନ୍ତି । ସେମାନଙ୍କ ମତ ଓ ସମାଲୋଚନାମାନ ଅଭ୍ରାନ୍ତ ବୋଲି କୁହାଯାଇ ପାରିବ ନାହିଁ । ଲେଖକ ବା ସମାଲୋଚକ ଯେପରି ଉପାଦାନ ପାଇବ, ସେପରି ଲେଖିବ । ଉପାଦାନର ସତ୍ୟତା ଉପରେ ଲେଖାର ଅଭ୍ରାନ୍ତତା ନିର୍ଭର କରେ । ତଥାଚ ଲେଖକର ଦାୟିତ୍ୱଜ୍ଞାନ ଥିବା ଆବଶ୍ୟକ; ନିରପେକ୍ଷ ଲକ୍ଷ୍ୟ ଥିବା ଆବଶ୍ୟକ । ସବୁ ଲେଖକ ଏ ଦାୟିତ୍ୱ ଉପଲବ୍ଧି କରିପାରନ୍ତି ନାହିଁ । ଏ ପୁସ୍ତକରେ ଯେ ସବୁ କଥା ଉଲ୍ଲେଖ କରିବୁଁ, ତାହା ଯେ ସମ୍ପୂର୍ଣ୍ଣ ଅଭ୍ରାନ୍ତ ଏ କଥା ମୁଁ ଗର୍ବକରି କହିପାରିବି ନାହିଁ । ପ୍ରାପ୍ତ ଉପାଦାନଗୁଡ଼ିକ ଏକତ୍ର ଲିପିବଦ୍ଧ କରିବା ମୋର ପ୍ରଧାନ ଉଦ୍ଦେଶ୍ୟ । ଭବିଷ୍ୟତ୍ ଲେଖକମାନେ ଏ ଉପାଦାନ ନେଇ ଓଡ଼ିଶାର ବିଶୁଦ୍ଧ ଅଭ୍ରାନ୍ତ ଇତିହାସ ଲେଖିପାରନ୍ତି ଏବଂ ବର୍ତ୍ତମାନପ୍ରାପ୍ତ ଉପାଦାନର ସତ୍ୟାସତ୍ୟ ଆହୁରି ବିଶଦଭାବରେ ଆଲୋଚନା କରିପାରନ୍ତି । ଲେଖକର ମଧୁମକ୍ଷିକା ନୀତି ଅବଲମ୍ବନୀୟ । କେବଳ ଦୋଷଦର୍ଶୀ ହେବା କୌଣସି ଲେଖକ ପକ୍ଷରେ ଶୋଭନୀୟ ନୁହେଁ ।

ଦେଖାଯାଏ, ଅନେକ ବୈଦେଶିକ ଲେଖକ ସୀମା ଲଙ୍ଘନ କରିଛନ୍ତି । ନିଜକୁ ଉନ୍ନତ ମନେକରି ସେହି ଆସନରେ ବସି ଉତ୍କଳ ଇତିହାସ ଲେଖିବାର ଚେଷ୍ଟା କରିଛନ୍ତି । ଉତ୍କଳର କୀର୍ତ୍ତିକଳାପ ଉତ୍କଳୀୟମାନଙ୍କର ନୁହେଁ ବୋଲି ପ୍ରକାଶ କରିବାକୁ ସଙ୍କୋଚ

ବୋଧ କରନାହାନ୍ତି । ସ୍ୱଜାତିପ୍ରେମରେ ବିହ୍ୱଳ ହୋଇ ଉତ୍କଳର କୀର୍ତ୍ତିମାନଙ୍କୁ ଆପଣା ଜାତିର ସଂପତ୍ତି ବୋଲି ଦାବୀ କରିବାକୁ ତ୍ରୁଟି କରନାହାନ୍ତି । ଉତ୍କଳୀୟମାନଙ୍କୁ କଦାକାରରେ ଚିତ୍ର କରିବାକୁ ତ୍ରୁଟି କରନାହାନ୍ତି । ଏସବୁଦ୍ୱାରା ଜାତୀୟ ବିଦ୍ୱେଷବୀଜ ବପନ କରିବା ବ୍ୟତୀତ ଅନ୍ୟ କିଛି ଫଳ ନାହିଁ । ଉତ୍କଳର ଭବିଷ୍ୟତ ଇତିହାସ-ଲେଖକମାନେ ଏ ଶ୍ରେଣୀୟ ଲେଖକଙ୍କୁ କି ଦୃଷ୍ଟିରେ ଦେଖିବେ ? ଲେଖକର ଲକ୍ଷ୍ୟ ଲେଖକ ବୋଲି ପରିଚିତ ହେବାର ନୁହେଁ । ପ୍ରତ୍ୟେକ ଐତିହାସିକ ଲେଖକ ଯଥାସମ୍ଭବ ସତ୍ୟପ୍ରତି ଦୃଷ୍ଟି ଦେବା ଆବଶ୍ୟକ । ପବିତ୍ର ବିଶୁଦ୍ଧ ଆଲୋଚନା ବା ସମାଲୋଚନା ବାଞ୍ଛନୀୟ । ଅବହେଳାକ୍ରମେ ପ୍ରାପ୍ତ ଉପାଦାନଗୁଡ଼ିକୁ ବ୍ୟବହାର କଲେ ଦେଶ ପ୍ରତି, ଜାତି ପ୍ରତି ଓ ସାହିତ୍ୟ ପ୍ରତି ଅବିଚାର କରାଯାଏ । ଅଯଥା ଅନ୍ୟର ନିନ୍ଦା ବା କୁତ୍ସାରଟନା କରିବା ଯେପରି ନ୍ୟାୟନୀତିବିରୁଦ୍ଧ, ଅଯଥା ଅନ୍ୟର ପ୍ରଶଂସା ମଧ୍ୟ ତତୋଧିକ ନ୍ୟାୟନୀତିବିରୁଦ୍ଧ । ନିଜ ଦେଶ ବା ଜାତିର ଗୌରବ ବୃଦ୍ଧି କରିବାକୁ ଯାଇ ଅନ୍ୟ ଦେଶ ବା ଜାତି ପ୍ରତି ଅବହେଳା ପ୍ରଦର୍ଶନ କରିବା ନିତାନ୍ତ ଗର୍ହିତ କାର୍ଯ୍ୟ । ଭାରତର ସର୍ବାଙ୍ଗୀନ ଉନ୍ନତି ଲାଗି ପ୍ରତ୍ୟେକ ପ୍ରଦେଶର ସର୍ବାଙ୍ଗୀନ ଉନ୍ନତି ନିତାନ୍ତ ଆବଶ୍ୟକ । ଭାରତର ପ୍ରାଚୀନ ଇତିହାସର ଗୌରବ ରକ୍ଷା କରିବାଲାଗି ପ୍ରତ୍ୟେକ ପ୍ରଦେଶର ପ୍ରାଚୀନ ଇତିହାସର ଗୌରବ ରକ୍ଷା କରିବା ନିତାନ୍ତ ଆବଶ୍ୟକ । ପ୍ରତ୍ୟେକ ଇତିହାସ ଲେଖକ ଲେଖନୀ ଚାଳନା କରିବା ସମୟରେ ଏହି କଥାକୁ ହୃଦୟରେ ପ୍ରଥମ ସ୍ଥାନ ଦେଇ ଲେଖନୀ ଚାଳନା କରିବା ଉଚିତ; ଅନ୍ୟଥା ପବିତ୍ର ଲେଖନୀ କଳୁଷିତ ହେବ । ମାତ୍ର ଦୁଃଖର ବିଷୟ, କେତେକ ବୈଦେଶିକ ଲେଖକ ଏ ନୀତି ପ୍ରତି ତିଳେମାତ୍ର ଦୃଷ୍ଟି ନଦେଇ ଆପଣା ପବିତ୍ର ଲେଖନୀକୁ କଳୁଷିତ କରିଛନ୍ତି । ପୁରୀ ମନ୍ଦିର, କୋଣାର୍କ ମନ୍ଦିର, ଭୁବନେଶ୍ୱର ମନ୍ଦିର ଏବଂ କାଠଯୋଡ଼ି ବନ୍ଧ ପ୍ରଭୃତି ଉତ୍କଳୀୟ କାରିଗର-ମାନଙ୍କ କାର୍ଯ୍ୟ ନୁହେ ବୋଲି କହିବାକୁ ଲଜ୍ଜାବୋଧ କରନାହାନ୍ତି । ଏପରି ଲେଖିବାଦ୍ୱାରା ଲେଖକମାନେ ନିଜ ମହତ୍ତ୍ୱହାନି କରିଛନ୍ତି । ଏସବୁ ବାଲୋଚିତ ଲେଖାଦ୍ୱାରା ଓଡ଼ିଶାର ମହତ୍ତ୍ୱହାନି ହେବ ନାହିଁ । ଉତ୍କଳର ଧାରାବାହିକ ପ୍ରାଚୀନ ଇତିହାସ ଲିପିବଦ୍ଧ ହୋଇଥିଲେ ବୈଦେଶିକମାନେ ଏପରି ଲେଖିବାକୁ କଦାପି ସାହସୀ ହୋଇ ନଥାନ୍ତେ ।

## ପ୍ରାଚୀନ ଇତିହାସର ଆବଶ୍ୟକତା :

କେହି କେହି କହନ୍ତି, ପୁରୁଣା କଥା ଗାଇହେଲେ ଫଳ କ'ଣ ? ଗଲା କଥା ଗଲଣି । ମଲା ଘୋଡ଼ାର ଝାଙ୍କ ମାପି ଫଳ କ'ଣ ମିଳିବ ? ପ୍ରାଚୀନ ଗୀତ ଗାଇ ସମୟ ନଷ୍ଟ କରିବା ଅପେକ୍ଷା ଭବିଷ୍ୟତ୍ ଉନ୍ନତି ପାଇଁ ଯାହା ଆବଶ୍ୟକ, ତାହା କରାଯାଉ । ଏମତ ଏକାବେଳକେ ଅଭ୍ରାନ୍ତ ବୋଲି କୁହାଯାଇ ନପାରେ । ଭବିଷ୍ୟତ୍ ପାଇଁ କାର୍ଯ୍ୟ କରିବାକୁ ହେବ, ଏଥିରେ ଲେଶମାତ୍ର ସନ୍ଦେହ ନାହିଁ । ପ୍ରାଚୀନ ଗୌରବ କାହିଁକି ମନରେ ନବ ବଳ ସଞ୍ଚାର କରାଏ ? ମାତାପିତା କେତେ କାଳରୁ ଇହଧାମ ପରିତ୍ୟାଗ କରିଥିଲେ ମଧ୍ୟ ଲୋକ ବିପଦବେଳେ

ମା'ଙ୍କେ ବାପଙ୍କେ କହିପକାଏ । ମାତାପିତା ନାମ ସ୍ମରଣ ହେଲେ ମାନଙ୍କେ ମନରେ ନୂତନ ଦମ୍ଭ, ସାହସ ଜନ୍ମେ । ସେହିପରି ଜନ୍ମଭୂମିର ପ୍ରାଚୀନ କୀର୍ତ୍ତି-ଗୌରବ ଶୁଣିଲେ ମନରେ ନୂତନ ବଳ ସଞ୍ଚାରିତ ହୁଏ । ପ୍ରାଚୀନ ଜାତୀୟ ଆଦର୍ଶ ଜାତି ଆଗରେ ଥିଲେ ଜାତି ନିରୁତ୍ସାହ ହେବ ନାହିଁ; ବରଂ ସେହି ଆଦର୍ଶ ଅନୁକରଣରେ ଭବିଷ୍ୟତରେ ଠିଆହେବାକୁ ଅଧିକ ସାହସୀ ହେବ । ମୋର ପୂର୍ବପୁରୁଷ ଉନ୍ନତ ଥିଲେ, ମୋର ପୂର୍ବପୁରୁଷଙ୍କର କୀର୍ତ୍ତିଦ୍ୱାରା ଉତ୍କଳ ଜଗତରେ ଗୌରବାନ୍ୱିତ ହୋଇଥିଲା ବୋଲି ଶୁଣିଲେ କେଉଁ ପାଷଣ୍ଡ ଭବିଷ୍ୟତ୍ ବଂଶଧରର ହୃଦୟ ମୁହୂର୍ତ୍ତକ ପାଇଁ ନାଚି ନ ଉଠିବ ? ସୁତରାଂ ପ୍ରାଚୀନ ଇତିହାସ ପ୍ରାଚୀନ ଉନ୍ନତିର ପଥପ୍ରଦର୍ଶକ । ଆମ୍ଭେମାନେ ପ୍ରାଚୀନ ଇତିହାସର ଆବଶ୍ୟକତା ଏକାବେଳକେ ଉଡାଇଦେଇ ପାରିବା ନାହିଁ । ପ୍ରତ୍ୟେକ ଜାତିର ପ୍ରାଚୀନ ଇତିବୃତ୍ତ ଜାତିର ଗୋଟିଏ ପ୍ରଧାନ ଅମୂଲ୍ୟ ଧନ ଏବଂ ଭବିଷ୍ୟତ୍ ଉନ୍ନତିର ପ୍ରଧାନ ମୂଳଭିତ୍ତି ।

ପ୍ରାଚୀନ ଉତ୍କଳ ସମ୍ବନ୍ଧେ ବୈଦେଶିକ ଲେଖକମାନେ ନିମ୍ନଲିଖିତ ପୁସ୍ତକମାନ ଲିପିବଦ୍ଧ କରି ଯାଇଛନ୍ତି । ସେଗୁଡ଼ିକ ଏ ସମ୍ବନ୍ଧେ ସମାଲୋଚ୍ୟ : (୧) ହଣ୍ଟର ସାହେବଙ୍କ ଓଡ଼ିଶା—୧ମ ଓ ୨ୟ ଭାଗ [୧୮୭୨], (୨) ଷ୍ଟର୍ଲିଂ ସାହେବଙ୍କ ଓଡ଼ିଶା [୧୮୨୨], (୩) ଟି ଏ ନବ ସାହେବଙ୍କ ଓଡ଼ିଶା [୧୩୫୨], (୫) ଓଡ଼ିଶା ଓ ତାର ଅବଶେଷ, (୫) ପ୍ୟାରୀମୋହନ ବାବୁଙ୍କ ଇତିହାସ, (୬) ପୃଥିବୀ ଇତିହାସ, (୭) ପୁରୀତୀର୍ଥ [ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ଚଉଧୁରୀ], (୭) ଶ୍ରୀଜଗନ୍ନାଥ ଓ ଚୈତନ୍ୟ [ଗୋପାଳଚନ୍ଦ୍ର ଆଗୃର୍ଯ୍ୟ ଚଉଧୁରୀ], (୯) ଓଡ଼ିଶାର ଚିତ୍ର [ଯତୀନ୍ଦ୍ରମୋହନ ସିଂହ], (୧୦) ରାମେଶ୍ୱର ଯାତ୍ରା, (୧) ରାଜେନ୍ଦ୍ରଲାଲ ମିତ୍ରଙ୍କ ଓଡ଼ିଶାର ପ୍ରତ୍ନତତ୍ତ୍ୱ, (୧୨) ବ୍ରଜକିଶୋର ଘୋଷଙ୍କ ଇତିହାସ, (୧୩) ଷ୍ଟର୍ଲିଂସାହେବଙ୍କ ଓଡ଼ିଶା ରାଜାମାନଙ୍କ ଇତିହାସ,(୧୪) ଏଫ୍. ବଲୋରଙ୍କ ଓଡ଼ିଶା, (୧୫) ଫର୍ଗୁସନ ସାହେବଙ୍କ ଓଡ଼ିଶା ଶିଳ୍ପ, (୧୬) ଫର୍ଗୁସନ ସାହେବଙ୍କ ଖୋଦିତ ଗୁମ୍ଫା [୧୮୫୫], (୧୭) ବର୍ଣ୍ଣିଲଙ୍କ ପ୍ରତ୍ନତତ୍ତ୍ୱ [୧୬୫୭], (୧୮) ସ୍ମିଥ ସାହେବଙ୍କ ଭୂଗୋଳ [୧୬୫୩], (୧୯) ଆର.ଟି. ଅଲନ୍ତ ସାହେବଙ୍କ ଭାରତୀୟ ରାଜନୀତି [୧୮୪୭], (୨୦) ଗ୍ଲାଡଉଇନ ସାହେବଙ୍କ ଆଇନ ଆକବରୀ [୧୮୦୦], (୨୧) ସନ ସବରଙ୍କ ଜଗନ୍ନାଥ ଦେଉଳ, (୨୨) ଓଡ଼ିଶା ବ୍ୟାପଟିଷ୍ଟ ମିସନଙ୍କ ଭାରତୀୟ ରିପୋର୍ଟ, (୨୩) ସେପେଜ ସାହେବଙ୍କ ଭାରତର ବନ୍ଧନ [୧୮୩୦], (୨୪) ପ୍ରିନସେପଙ୍କ ଖୋଦିତ ଲିପି, (୨୫) କାଲ ସାହେବଙ୍କ ଓଡ଼ିଶା ଭ୍ରମଣ, (୨୬) ମଣ୍ଟ ସାହେବଙ୍କ ଓଡ଼ିଶା ଭ୍ରମଣ, (୨୭) କର୍ଣ୍ଣେଲ ଯେପ ସାହେବଙ୍କ ଜଗନ୍ନାଥ, (୨୮) ହୁଏନ୍‌ସାଂଙ୍କ ଭ୍ରମଣ ବୃତ୍ତାନ୍ତ, (୨୯) କନିଂହାମ୍ ସାହେବଙ୍କ ପୁରାତନ ଭୌଗୋଳିକ ବୃତ୍ତାନ୍ତ, (୩୦) ମ୍ୟାନିଂ ସାହେବଙ୍କ ପୁରାତନ ଭାରତ, (୩୧) ଫାହିଆନଙ୍କ ଭ୍ରମଣ ବୃତ୍ତାନ୍ତ, (୩୨) ପ୍ରିନ୍‌ସେପ୍ ସାହେବଙ୍କ ଓଡ଼ିଶାର ଖୋଦିତ ଲିପି, (୩୩) ମହାଭାରତ, (୩୪) ରାମାୟଣ, (୩୫) ମାଦଳାପାଞ୍ଜି, (୩୬) ଦେଉଳତୋଳା, (୩୭) ରଘୁବଂଶ, (୩୮) ବିଷ୍ଣୁପୁରାଣ, (୩୯) ନୀଳାଦ୍ରି ମହୋଦୟ, (୪୦) ସ୍କନ୍ଦପୁରାଣ, (୪୧) ଶିବପୁରାଣ, (୪୨) ସର୍ବତୀର୍ଥ

ମହୋଦଧ୍ୟ, (୪୩) ଏକାମ୍ରପୁରାଣ, (୪୪) ପ୍ରାଚୀମାହାତ୍ମ୍ୟ, (୪୫) ଜଗନ୍ନାଥ ମନ୍ଦିର, (୪୬) ମତ୍ସ୍ୟପୁରାଣ, (୪୭) ମନୁସଂହିତା, (୪୮) ହରିବଂଶ, (୪୯) କ୍ଷେତ୍ରମାହାତ୍ମ୍ୟ, (୫୦) ଗଙ୍ଗବଂଶାନୁଚରିତ ଇତ୍ୟାଦି ।

ଉପରୋକ୍ତ ପୁସ୍ତକଲେଖକମାନଙ୍କ ମଧ୍ୟରୁ କୌଣସି କୌଣସି ବଙ୍ଗୀୟ ବା ପାଶ୍ଚାତ୍ୟ ଲେଖକ ଉତ୍କଳୀୟମାନଙ୍କୁ କଟାକ୍ଷ କରି ଅନେକ ଅପଭାଷା ବ୍ୟବହାର କରିଛନ୍ତି । ଉକ୍ତ ଲେଖାମାନ କେବଳ ଯେ ମିଥ୍ୟା ତାହା ନୁହେ, ଯେ କୌଣସି ପାଠକ ପଢ଼ିଲ ମାତ୍ରେ ଜାଣିପାରିବ ଯେ ଲେଖକ ଈର୍ଷାପରବଶ ହୋଇ ଆପଣାକୁ ଅତି ଉନ୍ନତ ମନେକରି ନିଜ ଲେଖନୀ କଳୁଷିତ କରିଛନ୍ତି । ଉକ୍ତ ଲେଖାଗୁଡ଼ିକ ଲେଖକଙ୍କ ସଙ୍କୀର୍ଣ୍ଣ ହୃଦୟର ପରିଚୟସୂଚକ । ଏ ସମ୍ବନ୍ଧେ ବିଶେଷ ଆଲୋଚନା ଅନାବଶ୍ୟକ ।

ଉତ୍କଳ ଶବ୍ଦର ଅର୍ଥ କରିବାକୁ ଯାଇ ଅନେକ ଲେଖକ ପଥଭ୍ରଷ୍ଟ ହୋଇଛନ୍ତି । ବିଶ୍ୱକୋଷ ଲେଖକଙ୍କ ପରି ସୁଯୋଗ୍ୟ ଲେଖକ ଉତ୍କଳ ଶବ୍ଦର ଅର୍ଥ ଭାରବାହକ ବା ମୁଟିଆ ବୋଲି ଲେଖିଛନ୍ତି । ଏ ଅର୍ଥ ଦେଖିଲେ ଲୋକ ହାସ୍ୟ ସମ୍ବରଣ କରିପାରିବ ନାହିଁ । ଉତ୍କଳ ଶବ୍ଦର ଅନେକ ଯୁକ୍ତିଯୁକ୍ତ ଅର୍ଥ ଥିବାସ୍ଥଳେ ଲେଖକଙ୍କୁ ଏତେ ସହଜସିଦ୍ଧ ଅର୍ଥ ଦେଖାଗଲା କିପରି, ବୁଝାଯାଉନାହିଁ । ଉତ୍କଳ ଶବ୍ଦର ଅନେକ ପ୍ରାଚୀନ ଅର୍ଥ ଅଛି ।

(୧) ମନୁଙ୍କ ନାତି ଅର୍ଥାତ୍ ସୁଦ୍ୟୁମ୍ନଙ୍କ ପୁତ୍ର ଉତ୍କଳ ନାମକ ରାଜା ଥିଲେ । ସେ ଯେଉଁ ଭୂଖଣ୍ଡ ଉପରେ ରାଜତ୍ୱ କରୁଥିଲେ ତାହାର ନାମ ଉତ୍କଳ । ରାଜାଙ୍କ ନାମାନୁସାରେ ଭୂଖଣ୍ଡର ନାମକରଣ ହୋଇଥିଲା (ମତ୍ସ୍ୟପୁରାଣ) । (୨) ଉତ୍କଳରେ କଳାବିଦ୍ୟା ଶ୍ରେଷ୍ଠ, ବଙ୍ଗୀୟ ଓ ପାଶ୍ଚାତ୍ୟ ପଣ୍ଡିତମାନେ ଏକଥା ମୁକ୍ତକଣ୍ଠରେ ସ୍ୱୀକାର କରନ୍ତି । ଯେଉଁ ଦେଶର କଳାକୁଶଳତା ଉତ୍କୃଷ୍ଟ, ସେ ଦେଶର ନାମ ଉତ୍କଳ ହେବା ସମୀଚୀନ । (୩) ନିବିଡ଼ଠାରୁ ମତ୍ସ୍ୟବଂଶୀୟ ରାଜା ଅର୍ଜ୍ଜୁନଙ୍କ ତାମ୍ରଶାସନ ମିଳିଛି । ତହିଁରୁ ଜଣାଯାଏ, ତଦାନୀନ୍ତନ ଉତ୍କଳର ରାଜା ତାଙ୍କର ଏକମାତ୍ର କନ୍ୟା ପଦ୍ମାବତୀଙ୍କୁ ମତ୍ସ୍ୟମାର୍ତ୍ତଣ୍ଡଙ୍କୁ ବିବାହ ଦେଇଥିଲେ ଏବଂ ଜାମାତାଙ୍କୁ ଓଡ଼ବାଡ଼ି ବା ଓଡ୍ରଦେଶ ନାମକ ସ୍ଥାନର ରାଜତ୍ୱ ଦେଇଥିଲେ । ଉତ୍କଳର ରାଜା ଅପୁତ୍ରିକ ଓ ମୃତ ହେଲେ ଏବଂ ସତ୍ୟମାର୍ତ୍ତଣ୍ଡ ତଦାନୀନ୍ତନ ଉତ୍କଳମଣ୍ଡଳକୁ ଶାସନ କଲେ । ଉତ୍କଳ ଓ ଓଡ଼ବାଡ଼ିମଣ୍ଡଳ ଓଡ଼ିଶା ନାମରେ କଥିତ ହେଲା । (୪) ଓଡ୍ର ନାମକ ଜଣେ ରାଜା ଓଡ଼ିଶାରେ ରାଜତ୍ୱ କରୁଥିଲେ । ଓଡ୍ର ଚନ୍ଦ୍ରବଂଶୀୟ କ୍ଷତ୍ରିୟ ଥିଲେ (ମନୁ ୧୦ମ ଅ: ୪୪ ଓ ୪୫) । ମହାଭାରତରୁ ଜଣାଯାଏ, ଓଡ୍ର ରାଜା ପାଣ୍ଡବମାନଙ୍କୁ ହସ୍ତୀଦନ୍ତ ଉପଢୌକନ ଦେଇଥିଲେ । ଓଡ଼ିଶାର ନାନାସ୍ଥାନରେ ବିଶେଷତଃ ଖୋରଧା ଅଞ୍ଚଳରେ ଓଡ୍ରମାନେ ଦେଖାଯାନ୍ତି । ସେମାନେ ଆପଣାକୁ ଓଡ୍ର ବୋଲି ପରିଚୟ ଦିଅନ୍ତି । ଓଡ୍ର ପାଇକମାନେ ସେହି ଓଡ୍ର ରାଜବଂଶୀୟ ବୋଲି ବୋଧହୁଏ । ଏମାନେ ଯୁଦ୍ଧବିଦ୍ୟାରେ ପାରଦର୍ଶୀ ଥିଲେ ।

ପାଇକମାନଙ୍କ ପ୍ରଧାନ କାର୍ଯ୍ୟ ଯୁଦ୍ଧବିଦ୍ୟା । ବର୍ତ୍ତମାନ ଏମାନଙ୍କ ଆଚାର-ବ୍ୟବହାରରୁ ଏମାନଙ୍କ ପୂର୍ବ ଜାତୀୟତା ଓ ଯୁଦ୍ଧବିଦ୍ୟାରେ ପାରଦର୍ଶିତାର କ୍ଷୀଣାଭାସ ମିଳେ । ସେ ରାମ ନାହିଁ ବା ସେ ଅଯୋଧ୍ୟା ନାହିଁ । ଓଡ଼ିଶାର ଭାଗ୍ୟଲକ୍ଷ୍ମୀଙ୍କ ଅନ୍ତର୍ଦ୍ଧାନ ସଙ୍ଗେ ସଙ୍ଗେ ଏମାନଙ୍କ ଭାଗ୍ୟଲକ୍ଷ୍ମୀ ଅନ୍ତର୍ଦ୍ଧାନ ହୋଇଛନ୍ତି । ରାଜଲକ୍ଷ୍ମୀ ଗଲାବେଳେ ସମସ୍ତଙ୍କଠାରୁ କଳା ନେଇ ଚାଲିଯାନ୍ତି । ଏହି କାରଣରୁ ଓଡ଼୍ର ପାଇକମାନେ ଆଜ କେବଳ କୃଷିଜୀବୀ । ଏମାନଙ୍କ କ୍ଷତ୍ରିୟତ୍ୱ ଲୋପ ପାଇଛି; ମାତ୍ର ଏମାନେ ଓଡ଼୍ରପାଇକ ବୋଲି ଆପଣାକୁ ପରିଚୟ ଦେଉଛନ୍ତି ।

କଳିଙ୍ଗ ନାମ କାହାରିକୁ ଅବିଦିତ ନାହିଁ । ଅଙ୍ଗ, ବଙ୍ଗ, କଳିଙ୍ଗ ନାମ ଅତି ପ୍ରାଚୀନ କାଳର କଥା । ଉତ୍କଳ ଦେଶ କେତେବେଳେ କଳିଙ୍ଗର ଅନ୍ତର୍ଗତ ଥିଲା; କେତେବେଳେ ପୃଥକ୍ ଥିଲା । କାଳିଦାସଙ୍କ ଅମଳରେ କଳିଙ୍ଗ ଉତ୍କଳଠାରୁ ସ୍ୱତନ୍ତ୍ର ଥିଲା । ରଘୁ ମହାରାଜାଙ୍କ ଦିଗ୍‌ବିଜୟ ବର୍ଣ୍ଣନାରେ କାଳିଦାସ ଲେଖିଛନ୍ତି—ଉତ୍କଳାଦର୍ଶିତ ପଥଃ କଳିଙ୍ଗାଭିମୁଖଂ ଯଯୌ । କଳିଙ୍ଗ ବଳିରାଜାଙ୍କ ପୁତ୍ର ଥିଲେ । ତାଙ୍କ ଅଧିକୃତ ରାଜ୍ୟ କଳିଙ୍ଗ ନାମରେ ଅଭିହିତ ହେଉଥିଲା । ବଙ୍ଗଦେଶର ସମୁଦ୍ରତୀରବର୍ତ୍ତୀ ରାଜ୍ୟଠାରୁ ତେଲିଙ୍ଗ ପର୍ଯ୍ୟନ୍ତ ଦେଶର ନାମ କଳିଙ୍ଗ (ବୌଦ୍ଧାୟନ ସୂତ୍ର ୧ । ୧ । ୨, ମନୁ ୧୦ମ ଅଧ୍ୟାୟ) । ରାମାୟଣ କିଷ୍କିନ୍ଧାକାଣ୍ଡ ୪୧ ସର୍ଗ, ମହାଭାରତ ବନପର୍ବ, ହରିବଂଶ ପ୍ରଭୃତିରେ କଳିଙ୍ଗ ନାମ ଉଲ୍ଲେଖ ଅଛି । କଳିଙ୍ଗ ଦେଶରେ ବୈତରଣୀ ନଦୀ ପ୍ରବାହିତ ବୋଲି ଉଲ୍ଲେଖ ଅଛି । ସୁତରାଂ ଓଡ଼ିଶା କେତେବେଳେ କଳିଙ୍ଗର ଅନ୍ତର୍ଗତ ଥିଲା ପରି ଜଣାଯାଏ । ହରିବଂଶରେ ଲେଖାଅଛି, କଳିଙ୍ଗ ତାମ୍ରଲିପ୍ତ ନିକଟରେ ଅବସ୍ଥିତ । କଳିଙ୍ଗ ନୃପତି କୁରୁକ୍ଷେତ୍ର ଯୁଦ୍ଧରେ ଦୁର୍ଯ୍ୟୋଧନଙ୍କ ପକ୍ଷରେ ଯୁଦ୍ଧ କରିଥିବାର ମହାଭାରତ ଭୀଷ୍ମପର୍ବରେ ଉଲ୍ଲେଖ ଅଛି । ପ୍ରାଚୀନ ଶିଳାଲିପିମାନଙ୍କରେ ହିଁ କଳିଙ୍ଗ ନାମ ଦେଖାଯାଏ । କନିଂହାମ୍‌ଙ୍କ ମତରେ ତ୍ରିକଳିଙ୍ଗରୁ ତେଲିଙ୍ଗ ନାମ ହୋଇଛି । ହୁଏନସାଂଙ୍କ ମତରେ କଳିଙ୍ଗ ଗଞ୍ଜାମଠାରୁ ୨୦୦ କି ୩୦୦ ମାଇଲ ଦୂରରେ ଅବସ୍ଥିତ । କଳିଙ୍ଗର ରାଜଧାନୀ ଶ୍ରୀକାକୋଲ ବା ଚିକାକୋଲ । ଉତ୍କଳ କେତେବେଳେ କଳିଙ୍ଗ ଅନ୍ତର୍ଗତ ଥିଲା ବା ପୃଥକ୍ ଥିଲା; ମାତ୍ର ଉତ୍କଳ କଳିଙ୍ଗର ଉତ୍ତରରେ ଅବସ୍ଥିତ । ଉତ୍ତରକଳିଙ୍ଗ ବା ଉତ୍କଳିଙ୍ଗ କାଳକ୍ରମେ ଉତ୍କଳ ନାମରେ ପରିଣତ ହୋଇଥିବାର ସ୍ପଷ୍ଟ ଅନୁମିତ ହୁଏ । ଦୀର୍ଘତମାଙ୍କ କୃପାରୁ ବଳିରାଜାଙ୍କ ଭାର୍ଯ୍ୟା ସୁଦେଷ୍ଣାଙ୍କ ଗର୍ଭରେ ପାଞ୍ଚଗୋଟି ପୁତ୍ର ଜନ୍ମ ହୋଇଥିଲେ । ସେମାନଙ୍କର ନାମ—ଅଙ୍ଗ, ବଙ୍ଗ, କଳିଙ୍ଗ, ପୁଣ୍ଡ୍ର ଓ ସୁହ୍ମ । ଏମାନେ ପ୍ରତ୍ୟେକ ଶାସନ କରୁଥିବା ପ୍ରଦେଶମାନ ସେମାନଙ୍କ ନାମାନୁସାରେ ନାମ ଧାରଣ କରିଥିଲା । ଦୁର୍ଯ୍ୟୋଧନ କଳିଙ୍ଗ ରାଜା ଚିତ୍ରାଙ୍ଗଦଙ୍କ କନ୍ୟାକୁ ବିବାହ କରିଥିଲେ ଏବଂ ତାଙ୍କ ରାଜଧାନୀ ରାଜାପୁରରେ ଥିଲା । ରାଜାପୁରର ବର୍ତ୍ତମାନ ନାମ ରାଜମହେନ୍ଦ୍ରୀ । ମହାଭାରତ ବନପର୍ବ ୧୧୪ରେ ଉଲ୍ଲେଖ ଅଛି ଯେ ଯୁଧିଷ୍ଠିର ଯେତେବେଳେ ବନବାସ କରୁଥିଲେ, ଲୋମଶ ମୁନି ତାହାଙ୍କୁ କହିଥିଲେ,

ବୈତରଣୀପ୍ରବାହିତ ପ୍ରଦେଶରେ ଧର୍ମ୍ମଦେବ ଯଜ୍ଞ କରିଥିଲେ; ସେ ସ୍ଥାନକୁ ଯଜ୍ଞପୁର ବା ଯାଜପୁର କହନ୍ତି ଏବଂ ସେହି ପ୍ରଦେଶ କଳିଙ୍ଗ ।

ଉତ୍କଳ ପ୍ରଦେଶର ପ୍ରାଚୀନତା ସମ୍ବନ୍ଧେ କୌଣସି କୌଣସି ଲେଖକ ସନ୍ଦେହ କରନ୍ତି । ମାଦଳାପାଞ୍ଜିରୁ ଜଣାଯାଏ, ଯୁଧିଷ୍ଠିର ଖ୍ରୀଷ୍ଟପୂର୍ବ ୩୧୦୧ ଠାରୁ ୩୦୮୯ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ମହାଭାରତରେ ଉତ୍କଳର ନାମ ଦେଖାଯାଏ । ମହାଭାରତର ପ୍ରାଚୀନତା ସଙ୍ଗେ ଉତ୍କଳର ପ୍ରାଚୀନତା ସଂଶ୍ଳିଷ୍ଟ; ସୁତରାଂ ମହାଭାରତର ପ୍ରାଚୀନତା ସମ୍ବନ୍ଧେ କିଛି କହିବା ଆବଶ୍ୟକ । ମହାଭାରତର କାଳନିର୍ଣ୍ଣୟ ସମ୍ବନ୍ଧେ ପାଶ୍ଚାତ୍ୟ ଓ ଭାରତୀୟ ପଣ୍ଡିତମାନଙ୍କ ମଧ୍ୟରେ ମତଭେଦ ଦେଖାଯାଏ । ପାଶ୍ଚାତ୍ୟ ପଣ୍ଡିତ କୋଲବ୍ରୁକ୍, ଉଇଲ୍‌ସନ ଓ ଏଲ୍‌ଫିନଷ୍ଟୋନ ଖ୍ରୀଷ୍ଟପୂର୍ବ ଚତୁର୍ଦ୍ଦଶ ଶତାବ୍ଦୀରେ ମହାଭାରତ ଯୁଦ୍ଧ ସଂଘଟିତ ହୋଇଥିଲା ବୋଲି କହନ୍ତି । ରମେଶଚନ୍ଦ୍ରଙ୍କ ମତରେ ଖ୍ରୀଷ୍ଟପୂର୍ବ ତ୍ରୟୋଦଶ ଶତାବ୍ଦୀରେ ମହାଭାରତ ଯୁଦ୍ଧ ହୋଇଥିଲା । ପ୍ରଚଳିତ ଲୋକମତ ଅନୁସାରେ କଳି-ଦ୍ୱାପର ସନ୍ଧିସମୟ ଅର୍ଥାତ୍ ଅନ୍ୟୂନ ପଞ୍ଚସହସ୍ରାଧିକ ବର୍ଷ ପୂର୍ବେ କୁରୁ-ପାଣ୍ଡବ ଯୁଦ୍ଧ ହୋଇଥିଲା । ପୃଥିବୀ-ଇତିହାସ ଲେଖକ ଏସମସ୍ତ ମତର ବିସ୍ତୃତ ଆଲୋଚନା କରି ସିଦ୍ଧାନ୍ତ କରିଛନ୍ତି ଯେ, ଏପର୍ଯ୍ୟନ୍ତ ଯେଉଁମାନେ ଏ ବିଷୟ ଆଲୋଚନା କରିଅଛନ୍ତି ସେମାନେ ସମସ୍ତେ ଶାଖାରୁ କାଣ୍ଡ ଆଡ଼କୁ ଯାଇଛନ୍ତି; କୌଣସି ସମାଲୋଚକ ମୂଳରୁ ଶାଖା ଆଡ଼କୁ ଯିବାର ଚେଷ୍ଟା କରିନାହାନ୍ତି । କାଳିଦାସକୃତ ଜ୍ୟୋତିର୍ବିଦାଭରଣ ଗ୍ରନ୍ଥ ଆଲୋଚନା କରିଦେଖାଇଛନ୍ତି ଯେ, ୫୦୦୯ ବର୍ଷ ପୂର୍ବେ ମହାଭାରତ ଯୁଦ୍ଧ ହୋଇଥିଲା । କଳିଯୁଗର ୩୦୬୭ ବର୍ଷ ଗତ ହେବାପରେ କାଳିଦାସ ଉକ୍ତ ଗ୍ରନ୍ଥ ରଚନା କରିଥିଲେ । ସେ ଗ୍ରନ୍ଥରେ ଯୁଧିଷ୍ଠିରଙ୍କ ରାଜତ୍ୱକାଳ ବର୍ଣ୍ଣିତ ଅଛି । ୧୭୭୪ ବର୍ଷ ପୂର୍ବେ ଜଣେ ହିନ୍ଦୁ ନୃପତି ବିଶେଷ ବିବେଚନା-ପୂର୍ବକ ଯେଉଁ ସମସ୍ତ ନିରୂପଣ କରିଥିଲେ, ତହିଁ ପ୍ରତି ଉପେକ୍ଷା ପ୍ରଦର୍ଶନ କରିବାର କିଛି ମାତ୍ର କାରଣ ନାହିଁ । ସୁତରାଂ ଉକ୍ତ ମତ ଗ୍ରାହ୍ୟ । ପୃଥିବୀଇତିହାସ ୨ୟ ଖଣ୍ଡରେ ଶ୍ରୀକୃଷ୍ଣଙ୍କ ସ୍ୱର୍ଗଗମନ ସମ୍ବନ୍ଧୀୟ ଶ୍ରୀମଦ୍‌ଭାଗବତୋକ୍ତି, ବ୍ରହ୍ମପୁରାଣୋକ୍ତି, କଳ୍କିପୁରାଣୋକ୍ତିମାନ ଆଲୋଚନା କରି କୁରୁ-ପାଣ୍ଡବ ଯୁଦ୍ଧ କଳିଯୁଗ ପୂର୍ବରେ ଏବଂ ଦ୍ୱାପରଯୁଗ ଶେଷରେ ହୋଇଥିବାର ସିଦ୍ଧାନ୍ତ ହୋଇଅଛି । ପୃଥିବୀ-ଇତିହାସ ଲେଖକ ବହୁ ପରିଶ୍ରମ ଓ ଚିନ୍ତାକରି, ନାନା ଶାସ୍ତ୍ର ଅଲୋଚନା କରି ଯେଉଁ ମତରେ ଉପନୀତ ହୋଇଛନ୍ତି, ତାକୁ ଭ୍ରମପୂର୍ଣ୍ଣ ବୋଲି କହିବା ପାଇଁ କିଛି ସାମଗ୍ରୀ ମିଳୁନାହିଁ । ସୁତରାଂ ଅନ୍ୟୂନ ୫୦୦୦ ବର୍ଷ ପୂର୍ବେ ଉତ୍କଳଦେଶ ବିଦ୍ୟମାନ ଥିବା ବିଷୟରେ କିଛିମାତ୍ର ସନ୍ଦେହ କରାଯାଇ ନପାରେ । ମହାଭାରତ ତ୍ରେତାଯୁଗର ବିଷୟ । ରାମାୟଣ ଆଗ କି ମହାଭାରତ ଆଗ, ଏ ବିଷୟ ପୃଥିବୀ-ଇତିହାସ ଲେଖକ ଯଥେଷ୍ଟ ଆଲୋଚନା କରିଛନ୍ତି ଏବଂ ସିଦ୍ଧାନ୍ତ କରିଛନ୍ତି ଯେ ରାମାୟଣ ପରେ ମହାଭାରତ । ହରିବଂଶ ମହାଭାରତର ଏକ ଅଂଶ । ହରିବଂଶରେ ଲେଖାଅଛି—

ସୁଦ୍ୟୁମ୍ନସ୍ୟ ତୁ ଦାୟାଦାସ୍ତ୍ରୟଃ ପରମଧାର୍ମ୍ମିକାଃ
ଉତ୍କଳଶ୍ଚ ଗୟଶ୍ଚୈବ ବିନତାଶ୍ୱଶ୍ଚ ଭାରତ ।
ଉତ୍କଳସ୍ୟୋତ୍କଳାରାଜନ୍ ବିନତାଶ୍ୱସ୍ୟ ପଶ୍ଚିମା
ଦିକ୍ ପୂର୍ବା ଭରତଶ୍ରେଷ୍ଠ ଗୟସ୍ୟ ତୁ ଗୟାପୁରୀ ।

ଇକ୍ଷ୍ୱାକୁ ଓ ସୁଦ୍ୟୁମ୍ନ ସମସାମୟିକ । ପୁରାଣଶାସ୍ତ୍ରମାନଙ୍କରେ ଜମ୍ବୁଦ୍ୱୀପାନ୍ତର୍ଗତ ଭାରତବର୍ଷ ବର୍ଣ୍ଣନ କଳିଙ୍ଗ ପ୍ରସଙ୍ଗରେ ଓଡ୍ର ନାମୋଲ୍ଲେଖ ବାର ବାର ଦେଖାଯାଏ । ସୁତରାଂ ଉତ୍କଳ, ଓଡ୍ର ଦେଶ ବା ଓଡ଼ିଶାର ପ୍ରାଚୀନତ୍ୱ ବିଷୟରେ କିଛି ମାତ୍ର ସନ୍ଦେହ କରାଯାଇ ନପାରେ; ବରଂ ସ୍ପଷ୍ଟ ପ୍ରମାଣ ହେଉଛି ଯେ ୭ମ ଶତାବ୍ଦୀର ବହୁକାଳ ପୂର୍ବେ ଉତ୍କଳ ଓ ଓଡ୍ର ଦେଶ ବିଦ୍ୟମାନ ଥିଲା । ମନୁସଂହିତାରେ ଓଡ୍ର ଦେଶ ଏବଂ ଉତ୍କଳୀୟ କରଣ ଜାତିର ନାମ ଉଲ୍ଲେଖ ଅଛି ।

ପୌଣ୍ଡ୍ରକାଶ୍ଚୌଡ୍ର ଦ୍ରାବିଡ଼ାଃ କାମ୍ବୋଜା ଯବନା ଶକାଃ
ପାରଦା ପହ୍ଲବାଶ୍ଚୀନାଃ କିରାତା ଦରଦା ଖଶାଃ ।
ଝଲ୍ଲୋ ମଲ୍ଲଶ୍ଚ ରାଜନ୍ୟାତ୍ ବ୍ରାତ୍ୟା ନିଚ୍ଛିବିରେବ ଚ
ନଟଶ୍ଚ କରଣଶ୍ଚୈବ ଖସୋ ଦ୍ରାବିଡ଼ ଏବ ଚ । (ମନୁ ୧୦-୪୪ ଓ ୨୨)

ବାବୁ ବିଜୟଚନ୍ଦ୍ର ମଜୁମଦାର ଓଡ଼ିଶା ସମ୍ବନ୍ଧେ ଅନେକଗୁଡ଼ିଏ ପ୍ରବନ୍ଧ ଲେଖିଛନ୍ତି । ଓଡ଼ିଶାର ସଂକ୍ଷିପ୍ତ ଇତିହାସ ନାମକ ଖଣ୍ଡିଏ ପୁସ୍ତକ ଇଂରେଜୀ ଭାଷାରେ ପ୍ରକାଶ କରିଛନ୍ତି । ଅନେକଗୁଡ଼ିଏ ପ୍ରାଚୀନ ଓଡ଼ିଆ କବିତା ଏକତ୍ର କରି ଏକ ପୁସ୍ତକ ସଙ୍କଳନ କରିଛନ୍ତି । ଏ ପୁସ୍ତକ ବିଶ୍ୱବିଦ୍ୟାଳୟର ପାଠ୍ୟପୁସ୍ତକ ରୂପେ ଗୃହୀତ ହୋଇଛି । ଏ ପୁସ୍ତକର ମୁଖବନ୍ଧରେ ଓଡ଼ିଆ ସାହିତ୍ୟ ବିଷୟ ଆଲୋଚନା କରାଯାଇଛି । ଏ ମହାଶୟ ସୋନପୁରର ପ୍ରାଚୀନ ଇତିହାସ ଲେଖିଛନ୍ତି । ଓଡ଼ିଶାର ଶିଳ୍ପ, ସାହିତ୍ୟ, ପ୍ରାଚୀନତା ବିଷୟରେ ଅନେକ ଲେଖକ ପୁସ୍ତକ ଲେଖି ଆପଣା ସାହିତ୍ୟପିପାସା ମେଣ୍ଟାଇଥିବାର ଦେଖାଯାଏ । ଏହା ଉତ୍କଳର ପ୍ରାଚୀନ ଗୌରବର ପରିଚାୟକ । ପବିତ୍ର ଉତ୍କଳଭୂମି ନିଜର ମହତ୍ତ୍ୱ, ବିଶେଷତ୍ୱ, ପ୍ରାଚୀନ ଗୌରବ, ଉତ୍କୃଷ୍ଟ କଳାକୌଶଳ ପ୍ରଭୃତି ଅମୂଲ୍ୟ ଧନଦ୍ୱାରା ଯେ ଅନେକ ଲେଖକଙ୍କ ଲେଖନୀକୁ ଆକର୍ଷଣ କରିପାରିବାକୁ ସମର୍ଥ ହେଉଛି, ଏହା ଉତ୍କଳର ବିଶେଷତ୍ୱ ।

ବିଜୟ ବାବୁଙ୍କ ମତରେ ଓଡ୍ରମାନେ ଅସଭ୍ୟ ଥିଲେ; ସେମାନଙ୍କର ଭାଷା ନଥିଲା; ଉତ୍ତରଭାରତର ଭାଷା ପୁରୀରେ ୭ମ ଶତାବ୍ଦୀରେ ପ୍ରଚଳିତ ହେଲା; ପ୍ରାଚୀନ କଳିଙ୍ଗ ଉତ୍କଳ ଏବଂ ଓଡ୍ର ବାହାରେ ଥିଲା ଏବଂ କଳିଙ୍ଗ ଲୋକମାନଙ୍କ ସହିତ ସେମାନଙ୍କର କିଛି ସମ୍ପର୍କ ନଥିଲା । ପୁରାଣମାନଙ୍କରେ କୌଣସି ସୀମାନିର୍ଦ୍ଦିଷ୍ଟ ଉତ୍କଳର ପରିଚୟ ନାହିଁ । ଭୀଷ୍ମପର୍ବରେ (୯-୪୩୮) ଉତ୍କଳୀୟମାନେ ଅସଭ୍ୟ ବୋଲି ବର୍ଣ୍ଣିତ ଅଛି ଏବଂ ସେମାନଙ୍କର ଗୋଟିଏ

ରାଜ୍ୟ ଥିଲା ବୋଲି ଉଲ୍ଲେଖ ନାହିଁ । ପୂର୍ବକାଳରେ ଅଙ୍ଗ ସହିତ ବଙ୍ଗର ସମ୍ପର୍କ ଥିଲା ଏବଂ ଅନ୍ୟ ଦିଗରେ କଳିଙ୍ଗ ସହିତ ସମ୍ପର୍କ ଥିଲା । ଅଙ୍ଗ ବଙ୍ଗ କଳିଙ୍ଗର ଘନିଷ୍ଠ ସମ୍ପର୍କ ବିଷୟ ମହାଭାରତରେ ଉଲ୍ଲେଖ ଅଛି । ସେମାନେ ଏକ ଜାତି ଏବଂ ଏକ ଅବସ୍ଥାପନ୍ନ ଲୋକ ଥିଲେ (ଦ୍ରୋଣପର୍ବ ୭୦) । ଉତ୍କଳୀୟମାନେ ଏକ ନୂତନ ଅସଭ୍ୟ ଜାତି ଏବଂ ତାଙ୍କ ପ୍ରତିବେଶୀ ଜାତିଙ୍କ ସହିତ କିଛି ସୌସାଦୃଶ୍ୟ ନଥିଲା (ମାର୍କଣ୍ଡପୁରାଣ ୫୭; ହରିବଂଶ ୧୦-୬୩୧-୩୨) ଇତି ।

ମଜୁମଦାର ମହାଶୟଙ୍କ ସିଦ୍ଧାନ୍ତ ବିଷୟରେ କିଛି କହିବା ପୂର୍ବରୁ ଅନ୍ୟ କେତେଗୁଡ଼ିଏ ଶାସ୍ତ୍ରୋକ୍ତି ପ୍ରମାଣ ଉଦ୍ଧାର କରିଦେବା ଆବଶ୍ୟକ ।

ବର୍ଷାଣାଂ ଭାରତଃ ଶ୍ରେଷ୍ଠୋ ଦେଶାନାମୁତ୍କଳଃ ଶ୍ରୁତଃ,
ଉତ୍କଳସ୍ୟ ସମୋଦେଶଃ ଦେଶୋ ନାସ୍ତି ମହୀତଳେ । (କପିଳସଂହିତା)

ସାରସ୍ୱତାଃ କାନ୍ୟକୁବ୍‌ଜା ଉତ୍କଳାଃ ମୈଥିଳାଶ୍ଚ ଯେ,
ଗୌଡ଼ାଶ୍ଚ ପଞ୍ଚଧା ଚୈବ ପଞ୍ଚଗୌଡ଼ା ପ୍ରକୀର୍ତ୍ତିତାଃ । (ସ୍କନ୍ଦପୁରାଣ ସାହ୍ୟାଦ୍ରିଖଣ୍ଡ)

ତସ୍ମାତ୍ରେ ଭାରତେବର୍ଷେ ଦକ୍ଷିଣୋଦଧି ସଂସ୍ଥିତଃ,
ଉଡ୍ରଦେଶ ଇତି ଖ୍ୟାତଃ ସ୍ୱର୍ଗମୋକ୍ଷପ୍ରଦାୟକଃ
ସମୁଦ୍ରାଦୁତ୍ତରେ ତୀରେ ଯାବତ୍ ବିରଜାମଣ୍ଡଳମ୍ । (ବ୍ରହ୍ମାଣ୍ଡପୁରାଣ)

ଋଷିକୁଲ୍ୟାଂ ସମାସାଦ୍ୟ ଯାବତ୍ ବୈତରଣୀ ନଦୀ,
ତୀର୍ଥଯାତ୍ରା ବିନାଗଚ୍ଛନ୍ତ ପୁନଃସଂସ୍କାରମର୍ହତି । (ସ୍କନ୍ଦପୁରାଣ)

ଓଡ୍ର ଉତ୍କଳ ନାମାନୋ ମଗଧାଃ କୀକଟା ମତାଃ । (ତ୍ରିକାଣ୍ଡଶେଷ)

ଓଡ୍ରଦେଶ ଇତି ଖ୍ୟାତୋ ବର୍ଷେ ଭାରତ ସଂଜ୍ଞିତମ୍,
ଦକ୍ଷିଣସ୍ୟୋଦଧେସ୍ତୀରେ କ୍ଷେତ୍ରଂ ଶ୍ରୀପୁରୁଷୋତ୍ତମ୍ ।
ତତ୍ର ନୀଲଗିରିର୍ନାମ ସମନ୍ତାତ୍ତୁ କାନନାବୃତମ୍
ତସ୍ୟପଶ୍ଚାଦ୍ଦିଶି ଖ୍ୟାତଂ କୁଣ୍ଡଂ ରୌହିଣୀ ସଂଜ୍ଞିତମ୍ । (ସ୍କନ୍ଦପୁରାଣ)

ପୁରୁଷୋତ୍ତମାତ୍ ପରଂ କ୍ଷେତ୍ରଂ ନାସ୍ତ୍ୟନ୍ୟ ପୃଥିବୀତଳେ
ଭୂସ୍ୱର୍ଗମିତି ବିଖ୍ୟାତଂ ଦେବାନାମପି ଦୁର୍ଲ୍ଲଭମ୍ । (ବୃହତ୍ ନୃସିଂହପୁରାଣ)

ଅଯୋଧ୍ୟା ମଥୁରା ମାୟା କାଶୀ କାଞ୍ଚୀ ଅବନ୍ତିକା,
ପୁରୀ ଦ୍ୱାରାବତୀ ଚୈବ ସପ୍ତୈତା ମୋକ୍ଷଦାୟିକା ।
ସୀମାମୁତ୍କଳ ଦେଶସ୍ୟ ବିଭଜନ୍ତୀ ବନାନ୍ତରେ
ମାର୍ଗସ୍ଥାଂ ଚଣ୍ଡିକାଂ ପ୍ରାପ ଚର୍ଚ୍ଚିତଂ ମୁଣ୍ଡମାଳୟା ।

ପୁରୁଷୋତ୍ତମାତ୍ ପରଂ କ୍ଷେତ୍ରଂ ନାସ୍ତ୍ୟନ୍ୟଦ୍ ଭବମୋଚନମ୍
ଯତ୍ର ସାକ୍ଷାତ୍ ପରଂବ୍ରହ୍ମ ଦାରୁବ୍ୟାଜ ଶରୀରଭୃତ୍ । (ଶିବପୁରାଣ)

କରାତା ବର୍ବରା ସିଂହା ବିଦେହା ସ୍ତାମ୍ରଲିପ୍ତକାଃ
ଓଡ୍ରାଃ ମ୍ଲେଚ୍ଛାଃ ସସେରନ୍ଧ୍ରାଃ ପାର୍ବତୀୟାଶ୍ଚ ମାରିଷ । (ଭୀଷ୍ମପର୍ବ ୯-୫୧)
ପାଣ୍ଡ୍ୟଂଶ୍ଚ ଦ୍ରାବିଡ଼ା ଶ୍ଚୈବ ସହିତାଂ ଶ୍ଚୋଡ୍ର କେରଳୌ
ଅନ୍ଧ୍ରାଂ ସ୍ତାଲବନାଂ ଶ୍ଚୈବ କଲିଙ୍ଗାନୁଷ୍ଟ୍ରକର୍ଣ୍ଣିକାନ୍ । (ସଭାପର୍ବ ୩୧ । ୧୧)
ଚୀନାଂଶ୍ଚକା ସ୍ତଥା ଓଡ୍ରାନ୍ ବର୍ବରାନ୍ ବନବାସିନଃ । (ସଭାପର୍ବ-୫୧)

ସବଙ୍ଗାନ୍ ସପୌଣ୍ଡ୍ରାନ୍ ସୌଡ୍ର ଦ୍ରାବିଡ଼ୀକ୍କାନ୍
ଯତ୍ର ସର୍ବାନ୍ ମହୀପାଲାନ୍ ଶସ୍ତ୍ରତେଜୋ ଭୟାର୍ଦ୍ଦିତାନ୍ । (ବନପର୍ବ-୫୧)

ତତୋ ଗୋଦାବରୀଂ ନଦ୍ୟାଂ କୃଷ୍ଣବେଣ୍ୟାଂ ମହାନଦୀଂ
ମେକଲାନୁତ୍କଲାଂ ଶ୍ଚୈବ ଦଶାର୍ଣ୍ଣନଗରାଣ୍ୟପି ।
ତଥା ମସ୍ତ୍ରାଃ କଲିଙ୍ଗାଶ୍ଚ କୌଶିକାଶ୍ଚ ସମନ୍ତତଃ
ଅନ୍ୱୀକ୍ଷ୍ୟ ଦଣ୍ଡକାରଣ୍ୟଂ ସପର୍ବତ ନଦୀଗୁହାଂ । (କିଷ୍କିନ୍ଧାକାଣ୍ଡ-୪୧)

ଜଗନ୍ନାଥପ୍ରାନ୍ତଦେଶ ଉତ୍କଳଃ ପରିକୀର୍ତ୍ତିତଃ । (ଉତ୍କଳମାହାତ୍ମ୍ୟ)

ଜଗନ୍ନାଥାତ୍ ସମାରଭ୍ୟ କୃଷ୍ଣ ଶିରାନ୍ତଗଃ ଶିବେ
କଲିଙ୍ଗଦେଶଃ ସଂପ୍ରୋକ୍ତୋ ବାମମାର୍ଗ ପରାୟଣ । (ଶକ୍ତିସଙ୍ଗମତନ୍ତ୍ର)

ଉତ୍କଳା ମେଖଳାଃ ପୌଣ୍ଡ୍ରାଃ କଲିଙ୍ଗା ଶ୍ୟଶ୍ଚ ସଂଯୁଗେ
ନିଷାଦାଶ୍ଚ ତ୍ରିଗର୍ତ୍ତାଶ୍ଚ ବାଲ୍ହିକାଶ୍ଚ ଜିତାସ୍ତ୍ୱୟା । (ଦ୍ରୋଣପର୍ବ)

ଉତ୍କଳାଦର୍ଶିତପଥଃ କଲିଙ୍ଗାଭିମୁଖୋ ଯଯୌ
ଶ୍ରିୟଂ ମହେନ୍ଦ୍ରନାଥସ୍ୟ ଜହାର ନତୁ ମେଦିନୀମ୍ ।
ତତଃ ସମୁଦ୍ରତୀରେଣ ଜଗାମ ବସୁଧାଧିପଃ
ଭ୍ରାତୃଭିଃ ସହିତୋ ବୀରଃ କଲିଙ୍ଗାନ୍ ପ୍ରତି ଭାରତ ।
ତସ୍ୟୋତ୍କଳୋ ଗୟସ୍ଥୋ ରାଜନ୍ ବିମଲଶ୍ଚ ତ୍ରୟଃ ସୁତାଃ
ଦକ୍ଷିଣା ପଥ ରାଜାନୋ ବଭୂବୁର୍ଧର୍ମ୍ମ ବତ୍ସଲାଃ । (ମହାଭାରତ)

ଉଦୟଗିରି ଭଦ୍ରଗୌଡ଼କ ପୌଣ୍ଡ୍ରୋତ୍କଳ କାଶିମେ କଲାମ୍ବଷ୍ଠା
ତାମ୍ରଲିପ୍ତକ କୋଶଲକ ବର୍ଦ୍ଧମାନଶ୍ଚ ଆଗ୍ନେୟ୍ୟାଂ ବଶିକୋଶଲ
କଳିଙ୍ଗ ବଙ୍ଗୋପବଙ୍ଗ ଜରାଙ୍ଗ । (ବୃହତ୍ ସଂହିତା)

ଏସବୁ ଶାସ୍ତ୍ରୀୟ ବଚନମାନ ମଜୁମଦାର ମହାଶୟଙ୍କ ଯୁକ୍ତିତର୍କକୁ ସମ୍ପୂର୍ଣ୍ଣ ଖଣ୍ଡନ କରୁଛି । ମଜୁମଦାର ମହାଶୟ ଖ୍ରୀଷ୍ଟପର୍ବରେ ଯେଉଁ ଶ୍ଳୋକ ଉପରେ ନିର୍ଭର କରିଛନ୍ତି, ତାର ଅର୍ଥ ସେପରି ନୁହେଁ । ସେ ବୋଧହୁଏ ମ୍ଳେଚ୍ଛ ବା ବର୍ବର ଶବ୍ଦକୁ ଓଡ୍ର ର ବିଶେଷଣ ମନେ କରିଛନ୍ତି; ମାତ୍ର ତାହା ସମ୍ପୂର୍ଣ୍ଣ ଭ୍ରମାତ୍ମକ । ମ୍ଳେଚ୍ଛ ବର୍ବର ଅର୍ଥ ଜାତିବିଶେଷ । ଏ ଶ୍ଳୋକରେ କେବଳ ବିଭିନ୍ନ ଜାତିର ନାମ ଲେଖା ଅଛି ।

ମଜୁମଦାର ମହାଶୟ ଆଉରି ଏକ ଅଦ୍ଭୁତ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ସେ କହନ୍ତି, କଳିଙ୍ଗର କ୍ଷମତାଶାଳୀ ଲୋକେ ଅଶୋକଙ୍କ ଆକ୍ରମଣର ବହୁକାଳ ପୂର୍ବରେ ବର୍ମ୍ମାରେ ଏକ ରାଜ୍ୟ ସ୍ଥାପିତ କରିଥିଲେ । ବର୍ମ୍ମାର ନୂତନ କଳିଙ୍ଗରାଷ୍ଟ୍ରମାନେ ମୃଦୁକଳିଙ୍ଗ ବୋଲି ପରିଚିତ ଥିଲେ । ଭାରତରେ ମୃଦୁକଳିଙ୍ଗ ନାମ କଳିଙ୍ଗମାନଙ୍କର ଥିଲା । ମୃଦୁକଳିଙ୍ଗର ପଶ୍ଚିମକୁ ଏକ ପ୍ରାର୍ବତ୍ୟ ଭୂଖଣ୍ଡ ଥିଲା । ସେହି ଭୂଖଣ୍ଡର ନାମ ଉତ୍କଳ ଥିଲା । ଉତ୍କଳ ନାମ ସେହି ଭୂଖଣ୍ଡର ଅସମତଳ ପ୍ରକୃତିର ପରିଚାୟକ । ସୁତରାଂ ପ୍ରାଚୀନ କଳିଙ୍ଗ ସାମ୍ରାଜ୍ୟ ଉତ୍କଳ ଏବଂ ଓଡ୍ର ବାହାରେ ଥିଲା । କଳିଙ୍ଗ ଲୋକମାନଙ୍କ ଆଚାର-ବ୍ୟବହାର ସେହି ଅସମତଳ ପାର୍ବତୀୟ ଉଚ୍ଚ ଭୂଖଣ୍ଡ ବା ଉତ୍କଳ ଲୋକଙ୍କ ଆଚାର-ବ୍ୟବହାର ସଙ୍ଗେ ଏକପ୍ରକାର ନ ଥିଲା । ମଜୁମଦାର ମହାଶୟ ଏ ବିଷୟକୁ ଗୋଟିଏ ମୂଲ୍ୟବାନ୍ ଐତିହାସିକ ସାମଗ୍ରୀ ବୋଲି କହନ୍ତି । ଏହି ପ୍ରମାଣ ନେଇ ସେ ସିଦ୍ଧାନ୍ତ କରିଛନ୍ତି ଯେ କଳିଙ୍ଗମାନେ ଉତ୍କଳୀୟମାନଙ୍କୁ ଘୃଣା କରୁଥିଲେ; ସୁତରାଂ ସେମାନେ ଅସଭ୍ୟ ଥିଲେ । ଏତାଦୃଶ ଅଦ୍ଭୁତ କଳ୍ପନାଶକ୍ତିକି ଧନ୍ୟ ! ମନେହୁଏ ପ୍ରତ୍ନତତ୍ତ୍ୱାନୁସନ୍ଧାନ ବିଷୟରେ ଏ ମହାଶୟ ବିଶ୍ୱକୋଷ ଲେଖକଙ୍କୁ ବଳିଯାଇଛନ୍ତି । ଭୂଖଣ୍ଡଟା ଅସମତଳ; ସୁତରାଂ ଲୋକଙ୍କ ଆଚାର-ବ୍ୟବହାର ଅସମତଳ ବା ଅସଭ୍ୟଜନୋଚିତ, ଏ ସିଦ୍ଧାନ୍ତ ବାଳକୋଚିତ ପରି ବୋଧହୁଏ ।

ମଜୁମଦାରଙ୍କର ଆଉ ଏକ ଯୁକ୍ତି ଶୁଣନ୍ତୁ । ରଘୁମହାରାଜାଙ୍କୁ ଉତ୍କଳୀୟମାନେ କେବଳ ବାଟ ଦେଖାଇ ଦେଇଥିଲେ; ସୁତରାଂ ଉତ୍କଳୀୟମାନେ ଅସଭ୍ୟ ଥିଲେ । ସେମାନଙ୍କର ବିଧିବଦ୍ଧ ଶାସନ ନଥିଲା; ତେଣୁ ରଘୁମହାରାଜା ସେମାନଙ୍କୁ ଜୟ କରିବାକୁ ଇଚ୍ଛା କରିନଥିଲେ । ତ୍ରିକାଳଦର୍ଶୀ ଲୋକ ନହେଲେ ଏପରି ଅନୁମାନ କରିପାରିବା ଅସମ୍ଭବ । କେହି ଅନ୍ୟକୁ ବାଟ ଦେଖାଇଦେବାକୁ କହିଲେ ଏବଂ ସେ ତାକୁ ବାଟ ଦେଖାଇଦେଲେ ପଥପ୍ରଦର୍ଶକର ଅସଭ୍ୟତା କିପରି ପ୍ରକାଶିତ ହେଲା, ଏହା ବୁଝିବାକୁ ଆମେ ଅକ୍ଷମ । ଦିବ୍ୟଚକ୍ଷୁବିଶିଷ୍ଟ ନହେଲେ ଏପରି ସିଦ୍ଧାନ୍ତ କରିବା ଅସମ୍ଭବ । ପାଠକମାନେ ସହଜରେ ଏଥିର ସାରବତ୍ତା ଉପଲବ୍ଧି କରିପାରିବେ । ଏକ ଦେଶର ଲୋକ ଅନ୍ୟ ଦେଶର ଲୋକଙ୍କୁ ଅସଭ୍ୟ ବୋଲି କହିବାର କିଛି ଅର୍ଥ ନାହିଁ । ପ୍ରତ୍ୟେକ ପ୍ରଦେଶ ବା ଦେଶବାସୀ ଆପଣାକୁ ସଭ୍ୟ ବୋଲି ଗର୍ବ କରେ ଏବଂ ସେହି ଆସନରେ ବସି ଅନ୍ୟ ଦେଶ ବା ପ୍ରଦେଶବାସୀଙ୍କି ଅସଭ୍ୟ ବୋଲି କହିବା ପାଇଁ କୌତୂହଳ ମନେକରେ । ଏହା ଅନେକ

ସ୍ଥଳରେ ଦେଖାଯାଏ । ବୈଦେଶିକମାନଙ୍କ ଲେଖାରେ ଉତ୍କଳ ସମ୍ବନ୍ଧୀୟ ଅତିରଞ୍ଜିତ ଅପ୍ରାକୃତିକ ବିବରଣ ଏବଂ ବିଦ୍ୱେଷ ଓ ବିଦ୍ରୂପାତ୍ମକ ବର୍ଣ୍ଣନାଗୁଡ଼ିକ ଐତିହାସିକ ତଥ୍ୟଶ୍ରେଣୀରୁ ବାଦ୍ ଦେଇ ପାଠକମାନେ ପୁସ୍ତକଟିକୁ ଆଲୋଚନା କରିବା ପାଇଁ ଅନୁରୋଧ କରୁଅଛୁଁ ।

ସଭ୍ୟତା ଅର୍ଥ କଣ ? କେବଳ ପୋଷାକ-ପରିଚ୍ଛଦ, ଆଚାର-ବ୍ୟବହାର ସଭ୍ୟତାର ପରିଚାୟକ ବା ପରିମାପକ ନୁହେ । ପୋଷାକ-ପରିଚ୍ଛଦ, ଖାଦ୍ୟ, ଆଚାର-ବ୍ୟବହାର ଜଳବାୟୁର ଉପଯୋଗୀ ବା ଅନୁପଯୋଗୀ ଅନୁସାରେ ବିଭିନ୍ନ ଦେଶରେ ବିଭିନ୍ନ ପ୍ରକାରର ହେବା ସ୍ୱାଭାବିକ । ସୁତରାଂ ଏକ ଦେଶର ଲୋକମାନଙ୍କ ପୋଷାକ-ପରିଚ୍ଛଦ ପ୍ରଭୃତିକୁ ଆଦର୍ଶ ମନେକରି ଅନ୍ୟ ଦେଶବାସୀଙ୍କ ପୋଷାକ-ପରିଚ୍ଛଦ ପ୍ରଭୃତିକି ଅସଭ୍ୟତାର ପରିଚାୟକ ବୋଲି କୁହାଯାଇ ନପାରେ । ପ୍ରାଚୀନ କଥା ଅଛି, "ଯେ ଦେଶ ଯାଇ ସେ ଫଳ ଖାଇ ।" ଯେଉଁ ଦେଶର ଆଚାର-ବ୍ୟବହାର, ଖାଦ୍ୟ, ପୋଷାକ ସେ ଦେଶର ଉପଯୋଗୀ; ଅନ୍ୟ ଦେଶଲାଗି ଉପଯୋଗୀ ହୋଇ ନପାରେ । ସଭ୍ୟତାର ପ୍ରକୃତ ପରିମାପକ ଜ୍ଞାନ । ଯେଉଁ ଦେଶବାସୀ ଜ୍ଞାନସୋପାନର ଯେତେ ଉଚ୍ଚକୁ ଉଠିପାରିଥିଲେ ବା ପାରିବେ, ସେମାନେ ତେତେ ସଭ୍ୟ ଥିଲେ ବା ସଭ୍ୟ ହେବେ । ବାହାରର ଆବରଣ ସଭ୍ୟତାର ପ୍ରକୃତ ପରିମାପକ ନୁହେ । ବୈଦେଶିକମାନଙ୍କ ଲେଖା ସେ ଦିନର; ସେସବୁ ଲେଖା ଅଭାବ ସ୍ଥଳରେ ଲୋକେ ପ୍ରମାଣରେ ଗଣୁଛନ୍ତି । କୌଣସି ଉତ୍କଳୀୟ ଧାରାବାହିକ ଇତିହାସ ଲେଖି ନଥିବା ଏବଂ ବୈଦେଶିକମାନଙ୍କ ଲେଖାର ଉଚିତ ପ୍ରତିବାଦ କରି ନ ଥିବାରୁ ଲୋକେ ସେସବୁ ଲେଖା-ଗୁଡ଼ିକ ଅକାଟ୍ୟ ପ୍ରମାଣ ବୋଲି ଧରିନେଉଛନ୍ତି । ଅନେକ ସ୍ଥଳରେ ଉକ୍ତ ଲେଖାର ଅଧିକାଂଶ ଉକ୍ତି ମିଥ୍ୟା, କାଳ୍ପନିକ, ଅସାର, ଅଯୌକ୍ତିକ, ଈର୍ଷ୍ୟାପୂର୍ଣ୍ଣ, ପ୍ରାଚୀନପ୍ରମାଣବିରୁଦ୍ଧ ଥିବାରୁ ଲେଖକମାନଙ୍କର ଅନଭିଜ୍ଞତାର ପୂର୍ଣ୍ଣ ପରିଚୟ ମିଳେ ।

ଅଷ୍ଟାଦଶ-ପୁରାଣରଚୟିତା ବେଦବ୍ୟାସ ଏ ଯୁଗର ଲୋକ ନୁହନ୍ତି । ସେ ମହାଭାରତ ରଚନା କରିଥିଲେ । ମହାଭାରତର ପ୍ରାଚୀନତ୍ୱ ସମ୍ବନ୍ଧେ ପୂର୍ବେ କୁହାଯାଇଛି । ଉତ୍କଳ ପୁଣ୍ୟଭୂମି ବୋଲି ଭୂରି ଭୂରି ଶାସ୍ତ୍ରପ୍ରମାଣ ଅଛି । ହଣ୍ଟର ସାହେବଙ୍କ ପରି ଲେଖକ ଯଦି ଉତ୍କଳକୁ ପାପୀ ଦେଶ ବୋଲି ବର୍ଣ୍ଣନା କରିଥାନ୍ତି, ତାହା ପାଠକମାନେ ନିମ୍ନଲିଖିତ କେତେଗୋଟି ପ୍ରମାଣ ଦେଖିଲେ ତହିଁର ସତ୍ୟତା ବୁଝିପାରିବେ ।

ସାଗରସ୍ୟୋତ୍ତରେ ତୀରେ ମହାନଦ୍ୟାସ୍ତୁ ଦକ୍ଷିଣେ
ସପ୍ରଦେଶ ପୃଥିବ୍ୟାଂ ହି ସର୍ବତୀର୍ଥ ଫଳପ୍ରଦଃ । ( ସ୍କନ୍ଦ )

ଭାରତେ ଚୋତ୍କଳେ ଦେଶେ ଭୂସ୍ୱର୍ଗ ପୁରୁଷୋତ୍ତମେ
ଦାରୁରୂପୀ ଜଗନ୍ନାଥୋ ଭକ୍ତାନାମଭୟପ୍ରଦଃ । ( ତନ୍ତ୍ରଯାମଳ )

ବିରଜେ ବିରଜା ନାମ ବ୍ରାହ୍ମଣା ସପ୍ରତିଷ୍ଠିତା
ଯସ୍ୟାଃ ସନ୍ଦର୍ଶନେ ମର୍ତ୍ତ୍ୟଃ ପୁନାତ୍ୟାସପ୍ତମଂ କୁଳମ୍ । ( ବ୍ରହ୍ମପୁରାଣ )

ସନ୍ତି ତୀର୍ଥାନି ପୁଣ୍ୟାନି ପୁଣ୍ୟସ୍ୟାୟତନାନି ଚ ।
ଉତ୍କଳେ ତୁ ମୁନି ଶ୍ରେଷ୍ଠା ବେଦିତବ୍ୟାନି ତାନିବୈ
ସମୁଦ୍ରସ୍ୟୋତ୍ତରେ ତୀରେ ତସ୍ମିନ୍ ଦେଶେ ଦ୍ୱିଜୋତ୍ତମାଃ।
ଆସ୍ତେ ପୁଣ୍ୟ ପରଂ କ୍ଷେତ୍ରଂ ମୁକ୍ତିଦଂ ପାପନାଶନମ୍ ।
ଧନ୍ୟାସ୍ତେ ବିବୁଧ ପ୍ରଖ୍ୟା ଯେ ବସନ୍ତ୍ୟୁତ୍କଳେ ଜନାଃ ।
ତୀର୍ଥରାଜ ଜଳେ ସ୍ନାତ୍ୱା ପଶ୍ୟନ୍ତି ପୁରୁଷୋତ୍ତମମ୍
ସ୍ୱର୍ଗେ ବସନ୍ତି ତେ ମର୍ତ୍ତ୍ୟା ନ ବସନ୍ତି ଯମାଳୟେ । ( ବ୍ରହ୍ମପୁରାଣ )
ତଦାସ୍ତେ ଭାରତେବର୍ଷେ ଦକ୍ଷିଣୋଦଧି ସଂସ୍ଥିତଃ
ଓଡ୍ରଦେଶ ଇତି ଖ୍ୟାତଃ ସ୍ୱର୍ଗମୋକ୍ଷପ୍ରଦାୟକଃ । ( ରଘୁନନ୍ଦନ )
ସିଂହାଦ୍ରୌ ଦେବଦେବେଶଂ ବୈକୁଣ୍ଠଂ ମାଗଧେ ବନେ
ସର୍ବପାପହରୋଃ ବନ୍ଦ୍ୟ ଉଡ୍ରେ ଶ୍ରୀପୁରୁଷୋତ୍ତମ୍ମ । ( କୂର୍ମ୍ମ ପୁରାଣ )

ହଣ୍ଟର ସାହେବ ଭାରତକୁ ଆସିବାର ବହୁ ଶତ ସହସ୍ର ବର୍ଷ ପୂର୍ବେ ଏ ପୁରାଣମାନ ରଚିତ ହୋଇଥିଲା । ହଣ୍ଟର ସାହେବ ଏସବୁ ପ୍ରାଚୀନ ପ୍ରମାଣ ପାଇଥିଲେ ଏପରି ଲେଖି ନଥାନ୍ତେ । ସେ କେବଳ ଶୁଣାକଥାରେ ନିର୍ଭର କରି କିମ୍ବା ନିଜ କଳ୍ପନା ବଳରେ ଏପରି ଲେଖିଛନ୍ତି । ଭାରତର ପ୍ରାଚୀନ ସଭ୍ୟତା ବିଷୟ କେହି ଅସ୍ୱୀକାର କରିପାରିବ ନାହିଁ । ଅନ୍ୟାନ୍ୟ ଜାତି ସଭ୍ୟ ବୋଲି ପରିଚୟ ଦେବାର ବହୁସହସ୍ର ବର୍ଷ ପୂର୍ବେ ହିନ୍ଦୁମାନେ ଉନ୍ନତିର ଉଚ୍ଚତମ ସୋପାନରେ ଅଧିଷ୍ଠିତ ଥିଲେ । ଚୀନପରିବ୍ରାଜକ ହୁଏନ୍ସାଂ ହଣ୍ଟର ସାହେବ ଭାରତକୁ ଆସିବାର ବହୁକାଳ ପୂର୍ବେ ଉତ୍କଳକୁ ଆସିଥିଲେ । ସେ ଲେଖିଛନ୍ତି, "ଓଡ୍ରଦେଶର ଉର୍ବର ଭୂମିରେ ସକଳପ୍ରକାର ଶସ୍ୟ ହେଉଥିଲା । ଦେଶର ଅଧିକାଂଶ ଅଧିବାସୀ ଅସଭ୍ୟ; ମାତ୍ର ବିଦ୍ୟାନୁରାଗୀ ଥିଲେ ।" ଯେଉଁମାନେ ବିଦ୍ୟାନୁରାଗୀ ଥିଲେ, ସେମାନେ ଅସଭ୍ୟ ହେଲେ କାହିଁକି ? ବିଦ୍ୟାଚର୍ଚ୍ଚା ସଭ୍ୟତାର ମାପକାଠି । ଏ ମହାଶୟ ଆପଣା ପୋଷାକ-ପରିଚ୍ଛଦ ତୁଳନାରେ ଉତ୍କଳୀୟମାନଙ୍କୁ ଅସଭ୍ୟ ଥିବାର ସିଦ୍ଧାନ୍ତ କରିଛନ୍ତି; ଅନ୍ୟଥା ଅନ୍ୟ କିଛି ଯୁକ୍ତି ନାହିଁ । ପାଶ୍ଚାତ୍ୟ ପଣ୍ଡିତମାନେ ଏହି ଭ୍ରାନ୍ତ ଧାରଣାର ବଶୀଭୂତ ହୋଇ ଅନ୍ୟକୁ ସଭ୍ୟ ଅସଭ୍ୟ ବୋଲି ଲେଖିଯାଇଛନ୍ତି । ଏଥିରେ ବିଶେଷ ଆଶ୍ଚର୍ଯ୍ୟର କଥା କିଛି ନାହିଁ । ଆଶ୍ଚର୍ଯ୍ୟ କଥା ବଙ୍ଗୀୟ ଲେଖକଭ୍ରାତାମାନଙ୍କ ମଧ୍ୟରୁ କେତେକ ଅପରିଣାମଦର୍ଶୀ ଏବଂ ପାଶ୍ଚାତ୍ୟ ସଭ୍ୟତା-ଅନୁକରଣପ୍ରିୟ ଲେଖକ ସେହିପରି ଭ୍ରମରେ ପଡ଼ିଛନ୍ତି । ଏମାନଙ୍କ ଲେଖନୀପ୍ରସୂତ ବିଦ୍ରୂପାତ୍ମକ ଲେଖା କେବଳ ଦାୟିତ୍ୱଶୂନ୍ୟ ଲେଖାର ପରିଚାୟକ । ସେ ବିଷୟରେ ବିଶେଷ ଲେଖିବା ଅନାବଶ୍ୟକ ।

୧୫୮୦ ଖ୍ରୀଷ୍ଟାବ୍ଦରେ ଆକବରଙ୍କ ପ୍ରଧାନମନ୍ତ୍ରୀ ଶିବାଇ ଜୟସିଂହ ବହୁତ ସୈନ୍ୟସାମନ୍ତ ଘେନି ଓଡ଼ିଶା ଆକ୍ରମଣ କରିଥିଲେ । ପୁଣ୍ୟତୋୟା ମହାନଦୀ, ଅସଂଖ୍ୟ ବ୍ରାହ୍ମଣ ଓ ଦେବାଳୟ

ଦେଖି ବିମୁଗ୍ଧ ହୋଇଥିଲେ ଏବଂ ଫେରଯାଇ କହିଲେ—ଉତ୍କଳ ଦେବଭୂମି, କେବଳ ତୀର୍ଥପୂର୍ଣ୍ଣ; ମନୁଷ୍ୟ ଆକ୍ରମଣର ଯୋଗ୍ୟ ନୁହେ । ଦେଶୀୟ ରଜାଙ୍କ ହସ୍ତେ କ୍ଷମତା ଅର୍ପଣ କରି ଫେରିଗଲେ । ଉତ୍କଳର ପୁଣ୍ୟକ୍ଷେତ୍ରମାନ ଯେପରି ଶ୍ରେଣୀବଦ୍ଧ ହୋଇ ରହିଛି, ତହିଁରୁ ପୁରାଣକଳ୍ପିତ ସ୍ୱର୍ଗର ନିଦର୍ଶନ ମିଳେ ।

ଯମପୁର
ବୈତରଣୀ ନଦୀ
ଯାଜପୁର (ପାର୍ବତୀକ୍ଷେତ୍ର)
ଅର୍କକ୍ଷେତ୍ର (କୋଣାର୍କ) ଦକ୍ଷିଣପୂର୍ବ
ଶିବକ୍ଷେତ୍ର (ଭୁବନେଶ୍ୱର) ଏକାମ୍ରକାନନ ଦକ୍ଷିଣପଶ୍ଚିମ
ବିଷ୍ଣୁକ୍ଷେତ୍ର (ପୁରୀ)

ପୁରାଣପ୍ରସିଦ୍ଧ ପୁଣ୍ୟତୋୟା ପ୍ରାଚୀ ନଦୀ ଉତ୍କଳରେ ପ୍ରବାହିତ । ସ୍ୱଚ୍ଛନୀରା, କ୍ଷୀଣକଳେବରା ପ୍ରାଚୀ ଫୁଲନଖରାଠାରୁ ବାହାରି ବଙ୍ଗୋପସାଗରରେ ପଡ଼ିଅଛି । ପ୍ରାଚୀକୂଳ ତୀର୍ଥପୂର୍ଣ୍ଣ । କିମ୍ବଦନ୍ତୀ ଅଛି, ରାମଚନ୍ଦ୍ରଙ୍କ ବନବାସ ବେଳେ ସେ ପ୍ରାଚୀକୂଳରେ କିଛି ସମୟ ଥିଲେ; ରାମେଶ୍ୱର ମହାଦେବଙ୍କୁ ପ୍ରତିଷ୍ଠିତ କରିଥିଲେ । ମହାରାଜା ଯୁଧିଷ୍ଠିର ବନବାସ ବେଳେ ଏହି ପ୍ରାଚୀକୂଳରେ କିଛି ସମୟ ଥିଲେ ଏବଂ ମାଧବାନନ୍ଦଙ୍କୁ ପ୍ରତିଷ୍ଠିତ କରିଥିଲେ ଏବଂ ମାଧବଗ୍ରାମ ବସାଇଥିଲେ । ମାଧବଗ୍ରାମ ନିଆଳି ନିକଟରେ । ପ୍ରାଚୀକୂଳରେ ଅଲ୍ଲବେଦୀ, ବିଶ୍ୱାମିତ୍ର, ଦଧୀଚି ଆଶ୍ରମ ଅଛି । ବିଶେଷ ବିବରଣୀ 'ପ୍ରାଚୀମାହାତ୍ମ୍ୟ'ରୁ ଜଣାଯିବ ।

ଏ ସମସ୍ତ ଆଲୋଚନା କଲେ ଉତ୍କଳର ପ୍ରାଚୀନତା, ପବିତ୍ରତା, ସଭ୍ୟତା ପ୍ରଭୃତି ସମ୍ବନ୍ଧରେ ଭୂୟସୀ ପ୍ରାଚୀନ ପ୍ରମାଣ ମିଳିବ । ପୂର୍ବାପର ଆଲୋଚନା ନକରି ଯେଉଁମାନେ ଆପଣା କଳ୍ପନା, ଅନୁମାନ ଉପରେ ନିର୍ଭର କରି ଅବହେଳାକ୍ରମେ ଲେଖନୀ ଧରନ୍ତି, ସେମାନଙ୍କୁ ପ୍ରକୃତ ଲେଖକ କୁହାଯିବ ନାହିଁ । ସେମାନଙ୍କ ଲେଖାକୁ ଅବହେଳାକ୍ରମେ ତ୍ୟାଗକରି ଉତ୍କଳର ଭାବୀ ବଂଶଧରମାନେ ପ୍ରକୃତ ତଥ୍ୟାଲୋଚନାରେ ପ୍ରବୃତ୍ତ ହେବେ ।

ଉତ୍ଥାନ ପତନ ପ୍ରକୃତିର ନିୟମ । କୌଣସି ଜାତି ଚିରକାଳ ଯାବଚ୍ଚନ୍ଦ୍ରାର୍କେ ଉନ୍ନତ ହୋଇ ରହିନାହିଁ । ଅନେକ ପ୍ରାଚୀନ ସଭ୍ୟ ଦେଶ ଆଜି ଭୂଗର୍ଭରେ ଲୀନ ହୋଇଯାଇଛି । କେତେକ ଦେଶରେ ପ୍ରାଚୀନ ସଭ୍ୟତାର ଚିହ୍ନ ପର୍ଯ୍ୟନ୍ତ ନାହିଁ । କେତେ ଅସଭ୍ୟ ଦେଶ ଆଜି ସଭ୍ୟତାର ଉଚ୍ଚତମ ଆସନରେ ଅଧିଷ୍ଠିତ । ମାତ୍ର ଯେ ସଭ୍ୟ ବୋଲି ପରିଚିତ, ସେ ଅନ୍ୟ ଦେଶପ୍ରତି ଉଦାର ଦୃଷ୍ଟି ନ ଦେଇ ଅବହେଳାକ୍ରମେ ସେମାନଙ୍କ ଇତିହାସ ଲେଖିବା ଅତି ଅନ୍ୟାୟ । ଉତ୍କଳ ଭାଗ୍ୟରେ ଏହି କଥା ଘଟିଛି । ତଥାପି ପ୍ରକୃତ

ଆଲୋଚନା କଲେ ଜଣାଯାଏ, ଉତ୍କଳର ପ୍ରାଚୀନ ଗୌରବ ଏପର୍ଯ୍ୟନ୍ତ ଲୋପ ହୋଇନାହିଁ । ଏପର୍ଯ୍ୟନ୍ତ ପାପୀ ତାପୀ ମୁକ୍ତିପିପାସୁ ଲୋକେ ଉତ୍କଳରେ ଶାନ୍ତିଲାଭ କରିବାକୁ ଆସୁଅଛନ୍ତି । ସୁତରାଂ ଲେଖକମାନଙ୍କ ବିଦ୍ରୂପ ବ୍ୟଙ୍ଗୋକ୍ତି ପ୍ରତି ଭ୍ରୂକ୍ଷେପ ନକରି ଆମ୍ଭମାନଙ୍କୁ ପ୍ରକୃତ ପୁରାତତ୍ତ୍ୱ ଆଲୋଚନା କରିବାକୁ ହେବ ।

---

## ପ୍ରାଚୀନ ଉତ୍କଳ ।

### କଳିଙ୍ଗ ସମ୍ବନ୍ଧ ।

ପୂର୍ବେ କୁହାଯାଇଛି କଳିଙ୍ଗ ସଙ୍ଗେ ଉତ୍କଳର କି ସମ୍ବନ୍ଧ ଥିଲା । ଉତ୍କଳ କେତେବେଳେ କଳିଙ୍ଗର ଅନ୍ତର୍ଗତ ଥିଲା, କେତେବେଳେ ଉତ୍କଳ କଳିଙ୍ଗର ବାହାରେ ଥିଲା । ମହାଭାରତ, ରାମାୟଣରେ କଳିଙ୍ଗ ନାମ ଦେଖାଯାଏ । ଉତ୍କଳ ନାମ ମଧ୍ୟ ମହାଭାରତରେ ଦେଖାଯାଏ । କଳିଙ୍ଗ ବଲିରାଜାଙ୍କ ପୁତ୍ର ଥିଲେ ଏବଂ ତାଙ୍କ ଅଧିକୃତ ରାଜ୍ୟ କଳିଙ୍ଗ ନାମରେ ଅଭିହିତ ହେଉଥିଲା । ପ୍ରାଚୀନ କାଳରେ କଳିଙ୍ଗ ଗୋଟିଏ ସମୃଦ୍ଧିଶାଳୀ ରାଜ୍ୟ ଥିଲା । କଳିଙ୍ଗ ବିଷୟ ନିମ୍ନଲିଖିତ ପୁରାଣାଦିରେ ମିଳେ ।

ବୌଧାୟନ ସୂତ୍ର ୧-୧-୨, ମନୁସଂହିତା ୧୦ମ ଅଧ୍ୟାୟ, ରାମାୟଣ ୪୧ ସର୍ଗ କିଷ୍କିନ୍ଧାକାଣ୍ଡ ଓ ୭୧ ସର୍ଗ ଅଯୋଧ୍ୟାକାଣ୍ଡ, ମହାଭାରତ ବନପର୍ବ ୧୧୪ ଅଧ୍ୟାୟ, ହରିବଂଶ ୨୮ ଅଧ୍ୟାୟ ୫୭ଶ ଶ୍ଳୋକ, ରଘୁବଂଶ ୪ର୍ଥ ସର୍ଗ ୩୮ଶ ଶ୍ଳୋକ, ଶକ୍ତିସଙ୍ଗମତନ୍ତ୍ର, ସର୍ବଜନସ୍ପ୍ରକାଶ ଇତ୍ୟାଦି ।

ରାମାୟଣରେ କଳିଙ୍ଗ ଓ କୁଳିଙ୍ଗ ନାମୋଲ୍ଲେଖ ବହୁବାର ଦେଖାଯାଏ । କିଷ୍କିନ୍ଧାକାଣ୍ଡରେ ଯେପରି ବର୍ଣ୍ଣନା ଅଛି, ସେଥିରୁ ଜଣାଯାଏ, କଳିଙ୍ଗ ଭାରତର ଦାକ୍ଷିଣାତ୍ୟ ପ୍ରଦେଶରେ ଅବସ୍ଥିତ । ଭରତ ଅଯୋଧ୍ୟାରୁ ମାତୁଳାଳୟକୁ ଯିବା ଆସିବା ବାଟରେ କୁଳିଙ୍ଗ ଜନପଦର ପରିଚୟ ମିଳେ । ଭରତ ମାତୁଳାଳୟରୁ ଅଯୋଧ୍ୟାକୁ ଫେରିଗଲାବେଳେ ଏକଶାଳା ନାମକ ଗ୍ରାମର ନିକଟବର୍ତ୍ତିନୀ ସ୍ଥାଣୁମତୀ ନାମ୍ନୀ ନଦୀ ଉତ୍ତୀର୍ଣ୍ଣ ହୋଇ ବିନତ ନାମକ ଗ୍ରାମକୁ ଯାଇ ତତ୍ସମୀପବର୍ତ୍ତିନୀ ଗୋମତୀ ନାମ୍ନୀ ନଦୀ ପାରହୋଇ କଳିଙ୍ଗ ନଗରରେ ଉପସ୍ଥିତ ହେଲେ । ଏଥିରୁ ଜଣାଯାଏ, ଗୋମତୀ ଓ ଅଯୋଧ୍ୟା ମଧ୍ୟରେ କଳିଙ୍ଗ ଅବସ୍ଥିତ ଥିଲା । ଶ୍ରୀରାମଚନ୍ଦ୍ରଙ୍କ ସମୟରେ ତାଙ୍କ ଅଶ୍ୱ କଳିଙ୍ଗ ଦେଶରେ ସମ୍ମାନିତ ହୋଇଥିଲା ବୋଲି ପଦ୍ମପୁରାଣରେ ଉଲ୍ଲେଖ ଅଛି । ସାବର୍ଣ୍ଣି ମନ୍ୱନ୍ତର ସମୟରେ ସୁରଥରାଜାଙ୍କ ସଙ୍ଗେ ସମାଧି ନାମକ ବୈଶ୍ୟ ଭଗବତୀଙ୍କ ଉପାସନା କରୁଥିଲେ । ବ୍ରହ୍ମବୈବର୍ତ୍ତ ପୁରାଣରୁ ଜଣାଯାଏ, ସମାଧିଙ୍କ ପିତାମହ ବିରାଧ କଳିଙ୍ଗର ରାଜା ଥିଲେ । ମହାଭାରତ ବନପର୍ବରେ

ଯୁଧିଷ୍ଠିରଙ୍କ ବନଭ୍ରମଣ ବେଳେ କଳିଙ୍ଗର ନାମୋଲ୍ଲେଖ ଅଛି । ବୈଶମ୍ପାୟନ ଜନ୍ମେଜୟଙ୍କୁ କହିଥିଲେ, ଯୁଧିଷ୍ଠିର ଗଙ୍ଗାସାଗରସଙ୍ଗମକୁ ଯାଇ * ଶତ ନଦୀରେ ସ୍ନାନ କରି ଭାଇମାନଙ୍କ ସହିତ ସମୁଦ୍ରତୀର ବାଟେ କଳିଙ୍ଗ ଆଡ଼କୁ ଯାତ୍ରାକଲେ । ସେହି ସମୁଦ୍ରତୀରବର୍ତ୍ତୀ ଦେଶମାନଙ୍କୁ ଲକ୍ଷ୍ୟକରି ଲୋମଶ କହିଥିଲେ—'ଏତେ କଳିଙ୍ଗା କୌନ୍ତେୟ ଯତ୍ର ବୈତରଣୀ ନଦୀ । ଯତ୍ରା ଯଜତ ଧର୍ମୋଽପି ଦେବାନ୍ଶରଣ ମେତ୍ୟବୈ ।' ଏଥିରୁ ଜଣାଯାଏ, ସେତେବେଳେ ଯାଜପୁର ପର୍ଯ୍ୟନ୍ତ କଳିଙ୍ଗର ସୀମା ଥିଲା । ହରିବଂଶରେ ଅଛି—'ଅଙ୍ଗାଶ୍ଚ କଳିଙ୍ଗ-ସ୍ତାମ୍ରଲିପ୍ତକାଃ' । ଏଥିରୁ ଜଣାଯାଏ, କଳିଙ୍ଗ ତାମ୍ରଲିପ୍ତ ନିକଟରେ ଥିଲା । ଭୀଷ୍ମ-ପର୍ବରୁ ଜଣାଯାଏ, କଳିଙ୍ଗାଧିପତି ଶ୍ରୁତାୟୁ ଦୁର୍ଯ୍ୟୋଧନ ପକ୍ଷରେ ଯୁଦ୍ଧ କରିଥିଲେ ଏବଂ ଭୀମଙ୍କଦ୍ୱାରା ଦୁଇପୁତ୍ର ସହିତ ନିହତ ହୋଇଥିଲେ । କାଳିଦାସଙ୍କ ସମୟରେ କଳିଙ୍ଗ ଉତ୍କଳର ସୀମାନ୍ତରେ ଥିବାର ଦେଖାଯାଏ । ଶକ୍ତିସଙ୍ଗମ ତନ୍ତ୍ରରେ ଅଛି—

ଜଗନ୍ନାଥାତ୍ ପୂର୍ବଭାଗାତ୍ କୃଷ୍ଣାତୀରାନ୍ତଗଂ ଶିବେ
କଳିଙ୍ଗଦେଶଃ ସମ୍ପ୍ରୋକ୍ତ ବାମମାର୍ଗ ପରାୟଣଃ ।
କଳିଙ୍ଗଦେଶମାରଭ୍ୟ ପଞ୍ଚାଶ ଯୋଜନଂ ଶିବେ
ଦକ୍ଷିଣସ୍ୟାଂ ମହେଶାନି କଳିଙ୍ଗ ପରିକୀର୍ତ୍ତିତଃ ।

ଦିଗ୍ବିଜୟ ପ୍ରକାଶ ଗ୍ରନ୍ଥ—

ଓଡ୍ରଦେଶାଦୁତ୍ତରେ ଚ କଳିଙ୍ଗୋ ବିଶ୍ରୁତୋ ଭୁବି
ତଦ୍ରାଜ୍ୟଂ ଭୀମକେଶସ୍ୟ ସର୍ବଲୋକେଷୁ ବିଶ୍ରୁତମ୍ ।

ମେଗାସ୍ଥିନିସ ଓ ପ୍ଲିନି ପ୍ରଭୃତି ପାଶ୍ଚାତ୍ୟ ପଣ୍ଡିତମାନେ କଳିଙ୍ଗ ବିଷୟ ଆଲୋଚନା କରିଥିଲେ । ମେଗାସ୍ଥିନିସଙ୍କ ତଦାନୀନ୍ତନ ଇତିବୃତ୍ତକୁ ପ୍ଲିନି ସାହେବ ଅନୁସରଣ କରି ଭାରତର ଭୌଗୋଳିକ ବୃତ୍ତାନ୍ତ ଲେଖିଛନ୍ତି । ସେଥିରେ ତିନିଗୋଟି କଳିଙ୍ଗର ନାମୋଲ୍ଲେଖ ଅଛି—(୧) କଳିଙ୍ଗ, (୨) ମାକ୍କୋ କଳିଙ୍ଗ ଏବଂ (୩) ଗଙ୍ଗାରି କଳିଙ୍ଗ । ପ୍ରାଚୀନ ଶିଳାଲିପିରୁ ତ୍ରିକଳିଙ୍ଗ ନାମ ଥିଲା ବୋଲି ଜଣାଯାଏ । ମହାଭାରତରୁ ଜଣାଯାଏ, କଳିଙ୍ଗ ନାମ ବିଭିନ୍ନ ସମୟରେ ବିଭିନ୍ନ ଦେଶ ସଙ୍ଗେ ସଂଯୁକ୍ତ ହୋଇଥିଲା । ବିଷ୍ଣୁପୁରାଣ ଟୀକାରେ ଅଧ୍ୟାପକ ହୋରେସ ଉଇଲ୍ସନ୍ ତିନିଗୋଟି କଳିଙ୍ଗ କଳ୍ପନା କରିଛନ୍ତି । ଚେଦି ରାଜ୍ୟର ହୈହୟବଂଶୀୟ ରାଜାମାନଙ୍କ ଖୋଦିତ ଲିପିରେ ସେମାନେ ଆପଣାକୁ ତ୍ରିକଳିଙ୍ଗ ଏବଂ କଳିଙ୍ଗର ପୁରଅଧିପତି ବୋଲି ପରିଚୟ ଦେଇଛନ୍ତି । କନିଂହାମ୍ ସାହେବ ଏଥିରୁ ସିଦ୍ଧାନ୍ତ କରିଛନ୍ତି ଯେ, ବୁନ୍ଦେଲଖଣ୍ଡର ପାର୍ବତୀୟ ଦୁର୍ଗ କଳିଞ୍ଜର ଏବଂ ତ୍ରିକଳିଙ୍ଗ ଶବ୍ଦଦ୍ୱାରା କୃଷ୍ଣାନଦୀତୀରସ୍ଥିତ ଧାନକ ବା ଅମରାବତୀ ରାଜ୍ୟ । କଳିଙ୍ଗ ବା ରାଜମହେନ୍ଦ୍ରୀ କନିଙ୍ଗହାମଙ୍କ ମତରେ ଭାରତବର୍ଷ ପୂର୍ବଭାଗରେ ମାହେମାଳି ଏବଂ ପ୍ରସିଦ୍ଧ ମାଲ୍ଲସ ପର୍ବତ ନିମ୍ନଭାଗରେ

କଳିଙ୍ଗ ଦେଶ ଅବସ୍ଥିତ । ପୂର୍ବୋକ୍ତ ମାଲ୍ଲସ ପର୍ବତକୁ ପଣ୍ଡିତମାନେ ମହେନ୍ଦ୍ର ପର୍ବତ ବୋଲି କହୁଥାନ୍ତି ।

ପରିବ୍ରାଜକ ହୁଏନ୍‌ସାଂ ୭ମ ଶତାବ୍ଦୀରେ ଆସିଥିଲେ । ଗଞ୍ଜାମର ଦକ୍ଷିଣ-ପଶ୍ଚିମ ୧୪୦୦ ଠାରୁ ୧୫୦୦ ଲି (୨୩୩-୨୩୫ କୋଶ) ଦୂରରେ କଳିଙ୍ଗ ରାଜଧାନୀ ଦେଖିବାକୁ ଯାଇଥିଲେ । ତାଙ୍କ ଉଚ୍ଚାରଣ ଅନୁସାରେ ରାଜଧାନୀର ନାମ "କଏ ଲିକଂଆ" ଥିଲା । ଓଡ୍ର ଦେଶର ରାଜଧାନୀଠାରୁ ଦକ୍ଷିଣ-ପଶ୍ଚିମ ୧୨୦୦ (କି ୨୦୦) ମାଇଲ ଅଗ୍ରସର ହୋଇ "କୋଙ୍ଗୁତୋ" ନାମକ ସ୍ଥାନରେ ପହଞ୍ଚିଥିଲେ । ପରେ କଲିଙ୍ଗିଆ ଗମନ କଲେ । ଜଣାଯାଏ, କୋଙ୍ଗୁତୋ ଗଞ୍ଜାମର ଅନ୍ୟ ନାମ । ଦୁଇଟି ସମୁଦ୍ରର ସଙ୍ଗମ ସ୍ଥଳରେ ଉକ୍ତ ରାଜଧାନୀ ଥିଲା ବୋଲି ସେ ଉଲ୍ଲେଖ କରିଛନ୍ତି । ଏଥିରୁ ଅନୁମିତ ହୁଏ, ଚିଲିକା ଓ ସମୁଦ୍ର ନିକଟବର୍ତ୍ତୀ ଗଞ୍ଜାମ ନଗର ପରିବ୍ରାଜକଙ୍କ କୋଙ୍ଗୁତୋ । ସେ ଗଞ୍ଜାମରୁ ଯାଇ କଳିଙ୍ଗକୁ କନ୍ୟଧ ବୋଲି ଉଚ୍ଚାରଣ କରିଛନ୍ତି । ହୁଏନ୍‌ସାଂ ଓ ଜୁଲିଅନଙ୍କ ବର୍ଣ୍ଣନାରେ ସାମଞ୍ଜସ୍ୟ କଲେ ଦୁଇଟି ସ୍ଥାନ ଦୃଷ୍ଟିରେ ପଡେ—(୧) ଗୋଦାବରୀ ନିକଟ ରାଜମହେନ୍ଦ୍ରୀ ଓ (୨) ସମୁଦ୍ରତୀରସ୍ଥ କଳିଙ୍ଗ । ପ୍ରଥମ ସ୍ଥାନ ଗଞ୍ଜାମଠାରୁ ୨୫୧ ମାଇଲ ଦକ୍ଷିଣ-ପଶ୍ଚିମ ଏବଂ ଶେଷୋକ୍ତ ସ୍ଥାନ ୨୪୭ ମାଇଲ । କଳିଙ୍ଗର ଆଦ୍ୟ ରାଜଧାନୀ ଶ୍ରୀକାକୋଲ ବା ଚିକାକୋଲ ଥିଲା । କନିଂହାମ ରାଜମହେନ୍ଦ୍ରୀକି ହୁଏନ୍‌ସାଂଙ୍କ ଦୃଷ୍ଟ କଳିଙ୍ଗ ନଗର ବୋଲି କହନ୍ତି । ଚିକାକୋଲ କଳିଙ୍ଗଠାରୁ ୨୦ ମାଇଲ ଦୂରରେ ଅବସ୍ଥିତ । ହୁଏନ୍‌ସାଂଙ୍କ ବର୍ଣ୍ଣନାନୁସାରେ କଳିଙ୍ଗର ପରିଧି ୫୦୦ (କି ୮୩୩) ମାଇଲ । ଏଥିରୁ କନିଙ୍ଗହାମ୍ ନିର୍ଦ୍ଧାରଣ କଲେ ଯେ, କଳିଙ୍ଗ ପଶ୍ଚିମରେ ଅନ୍ଧ୍ର ରାଜ୍ୟ । କଳିଙ୍ଗ ଧାନକାଟା ରାଜ୍ୟର ଦକ୍ଷିଣରେ ଅବସ୍ଥିତ । ସୁତରାଂ ଦକ୍ଷିଣ-ପଶ୍ଚିମରେ କଳିଙ୍ଗ ରାଜ୍ୟର ବିସ୍ତୃତ ଗୋଦାବରୀ ପର୍ଯ୍ୟନ୍ତ ଥିବାର ସମ୍ଭବ । ଉତ୍ତର-ପଶ୍ଚିମରେ କଳିଙ୍ଗ ଇନ୍ଦ୍ରାବତୀ ନଦୀତୀରସ୍ଥିତ ଫାଓଲିଆ ନାମକ ସ୍ଥାନ ପର୍ଯ୍ୟନ୍ତ ବିସ୍ତୃତ ଥିଲା ।-ଏ ସୀମାନ୍ତର୍ଗତ ସ୍ଥାନର ପରିଧି ୮୦୦ ମାଇଲ । କେହି କେହି କହନ୍ତି, ରାଜମହେନ୍ଦ୍ରୀରେ କଳିଙ୍ଗ ରାଜଧାନୀ ସ୍ଥାପନ ଆଧୁନିକ ଘଟଣା । ହୁଏନ୍‌ସାଂ କଳିଙ୍ଗର ଯେଉଁ ରାଜଧାନୀ ଦେଖିଥିଲେ ତାର ପରିଧି ୫ ମାଇଲ ଥିଲା ।

୫୪୦ ଖ୍ରୀଷ୍ଟାବ୍ଦରେ ଶାଲୁଙ୍କ୍ୟବଂଶୀୟମାନେ ଭେଙ୍ଗୀ ନାମକ ରାଜ୍ୟ ପ୍ରତିଷ୍ଠିତ କରିଥିଲେ । ଭେଙ୍ଗୀପୁରଠାରେ ସେମାନଙ୍କ ରାଜଧାନୀ ଥିଲା । ବର୍ତ୍ତମାନ ରାଜମହେନ୍ଦ୍ରୀର ୫୦ ମାଇଲ ଦକ୍ଷିଣ-ପଶ୍ଚିମରେ ଏବଂ ଇଲୁରର ୫ ମାଇଲ ଦୂର ଉତ୍ତରରେ ଭେଗୀ ନାମକ ସ୍ଥାନର ଧ୍ୱଂସାବଶେଷ ଦେଖାଯାଏ । ଭେଙ୍ଗୀ ଦେଶ ଏକସମୟରେ ଓଡ଼ିଶାର ସୀମାନ୍ତ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ୭୫୦ ଖ୍ରୀଷ୍ଟାବ୍ଦରେ ଭେଙ୍ଗୀରାଜା କଳିଙ୍ଗ ଅଧିକାର କଲେ । ଅଳ୍ପଦିନ ପରେ ରାଜମହେନ୍ଦ୍ରୀଠାରେ ରାଜଧାନୀ ସ୍ଥାପନ କଲେ ।

ଖଣ୍ଡଗିରିର ଖୋଦିତ ଲିପିରେ କଳିଙ୍ଗ ନାମ ତିନଥର ଉଲ୍ଲେଖ ଅଛି । ଶାକ୍ୟମୁନିଙ୍କ ଜୀବିତକାଳ ମଧ୍ୟରେ ଖ୍ରୀଷ୍ଟପୂର୍ବ ୬୦୦ ବର୍ଷ ପୂର୍ବେ ଏ ଲିପି ଲିଖିତ ହୋଇଥିବାର ପଣ୍ଡିତମାନେ ଅନୁମାନ କରନ୍ତି । ଶିଳାଲିପି ପାଠରୁ ଜଣାଯାଏ, କଳିଙ୍ଗ ରାଜ୍ୟ ଏକସମୟରେ ସୂକ୍ଷ୍ମ ମସଲିନ ବ୍ୟବସାୟ ପାଇଁ ପ୍ରସିଦ୍ଧି ଲାଭ କରିଥିଲା । ବୁଦ୍ଧଦେବଙ୍କ ଲୋକାନ୍ତର ପରେ କଳିଙ୍ଗାଧିପତି ବୁଦ୍ଧଦେବଙ୍କ ଦନ୍ତ ଆଣିଥିଲେ ଏବଂ ସେହି ଦନ୍ତ ଉପରେ ଗୋଟିଏ ସୁଦୃଶ୍ୟ ସ୍ତୁପ ନିର୍ମାଣ କରିଥିଲେ । ତଦନୁସାରେ ଏକସମୟରେ କଳିଙ୍ଗର ରାଜଧାନୀ ଦନ୍ତପୁର ଥିଲା । ଏହି ଦନ୍ତପୁର ସମ୍ବନ୍ଧରେ ନାନା ମତ ଦେଖାଯାଏ । କେହି ପୁରୀକୁ ଦନ୍ତପୁରୀ, କେହି ମେଦିନୀପୁର ଦକ୍ଷିଣବର୍ତ୍ତୀ ଦାନ୍ତନକୁ ଦନ୍ତପୁରୀ, କେହି ବା ଦକ୍ଷିଣ ପ୍ରଦେଶସ୍ଥ ଦନ୍ତବକ୍ରଗଡ଼କୁ ଦନ୍ତପୁରୀ ବୋଲି କହିଥାନ୍ତି । ଉକ୍ତ ଦନ୍ତପୁରଠାରେ କଳିଙ୍ଗର ରାଜଧାନୀ ସ୍ଥାପିତ ହେବା ପୂର୍ବେ ସିଂହପୁର କଳିଙ୍ଗର ପ୍ରାଚୀନ ରାଜଧାନୀ ଥିଲା । ବୌଦ୍ଧମାନଙ୍କ ମହାବଂଶ ଗ୍ରନ୍ଥରେ ରାଜା ସିଂହବାହୁ ସିଂହପୁର ପ୍ରତିଷ୍ଠିତ କରିଥିଲେ ବୋଲି ଉଲ୍ଲେଖ ଅଛି । ସେହି ସିଂହବାହୁଙ୍କ ପୁତ୍ର ବିଜୟ ସିଂହଳ ବା ଲଙ୍କା ଜୟ କରିଥିଲେ । କେହି କେହି କହନ୍ତି, ଏହି ସିଂହବାହୁଙ୍କ ନାମାନୁସାରେ ଲଙ୍କାର ନାମ ସିଂହଳ ହୋଇଥିଲା । ଯାହାହେଉ ସିଂହପୁର ବର୍ତ୍ତମାନ ବିଲୁପ୍ତପ୍ରାୟ । ଗଞ୍ଜାମର ପଶ୍ଚିମରେ ୧୧୫ ମାଇଲ ଦୂରରେ ଲାଙ୍ଗୁଲନଦୀ ତୀରରେ ସିଂହପୁର ନାମକ ଗୋଟିଏ ପ୍ରାଚୀନ ନଗରର ଧ୍ୱଂସାବଶେଷ ଦେଖାଯାଏ । ପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତମାନେ ଏହାକୁ ଉକ୍ତ ସିଂହପୁର ବୋଲି ନିର୍ଦ୍ଦେଶ କରନ୍ତି ।

ସତ୍ୟ, ତ୍ରେତା, ଦ୍ୱାପର, କଳି ଚାରିଯୁଗରେ କଳିଙ୍ଗର ପରିଚୟ ମିଳେ । ମାତ୍ର ବର୍ତ୍ତମାନ କଳିଙ୍ଗ ରାଜ୍ୟର ଅସ୍ତିତ୍ୱ ନାହିଁ । ବଙ୍ଗ ଅଛି, ଉତ୍କଳ ଅଛି; ମାତ୍ର କଳିଙ୍ଗ ନାମକ କୌଣସି ଜନପଦର ଚିହ୍ନ ବିଲୁପ୍ତ । କଳିଙ୍ଗ ଏକସମୟରେ ଯେ କଳିଙ୍ଗ ନାମରେ ପରିଚିତ ଥିଲା । ତାହାର ସ୍ମୃତି ଏକମାତ୍ର ଯେ କଳିଙ୍ଗ ବା ତୈଲିଙ୍ଗ (ତେଲିଙ୍ଗନ) । କଳିଙ୍ଗ ଦିନେ ବଙ୍ଗଦେଶକୁ ଗ୍ରାସ କରିଥିଲା । ଦିନେ ଉତ୍କଳ (ଓଡ୍ରଦେଶ) କଳିଙ୍ଗ ଅଙ୍ଗରେ ନିଜ ଅଂଶ ମିଶାଇଥିଲା । ଦିନେ ଦାକ୍ଷିଣାତ୍ୟର ଅଧିକାଂଶ ସ୍ଥାନ କଳିଙ୍ଗର ବିଶାଳ ଅଙ୍ଗରେ ଅଙ୍ଗୀଭୂତ ହୋଇଥିଲା । ଦିନେ କଳିଙ୍ଗ ଗଙ୍ଗାତୀରସ୍ଥ ନବଦ୍ୱୀପକୁ ଗ୍ରାସ କରିଥିଲା । ଦିନେ ଆରାକାନ ପର୍ଯ୍ୟନ୍ତ କଳିଙ୍ଗ ଅଙ୍ଗ ବିସ୍ତାର କରିଥିଲା । ମାତ୍ର ଆଜି ସେ କଳିଙ୍ଗ କାହିଁ ? ରାଜମହେନ୍ଦ୍ରୀ, କଳିଙ୍ଗପଟ୍ଟନ, ବିଶାଖପଟ୍ଟନ ପ୍ରଭୃତି ନଗର ଏବଂ ମହେନ୍ଦ୍ର ପର୍ବତ ପାର୍ଶ୍ୱସ୍ଥିତ ଭୂଭାଗ ଅବଶେଷରେ କଳିଙ୍ଗରାଜ୍ୟ ବୋଲି ପରିଚିତ ଥିଲା । ମାତ୍ର ଆଜି ସେ କଳିଙ୍ଗ କାହିଁ ? ପୃଥିବୀ-ଇତିହାସ ଲେଖକ ବହୁତ ଆକ୍ଷେପ କରିଛନ୍ତି; ମାତ୍ର ବିଧିବିଧାନ ଅଲଙ୍ଘ୍ୟ—"ଆଜି ଯେ ରାଜେନ୍ଦ୍ର ସିନେ କାଲି ସେ ଫକୀର ।"

'ଦଶକୁମାରଚରିତ'ରେ ନିମ୍ନଲିଖିତ ବର୍ଣ୍ଣନା ଦେଖାଯାଏ ।

(୧) ସହକାର ଚଞ୍ଚଳ କଳିକେ···କାଲେ କଳିଙ୍ଗରାଜଃ ସହଙ୍ଗନା ଜନେନ ସହିତନସ୍ତ୍ରୀ ···ଦଶତ୍ରିଣି ଜନାନ ସାଗରତୀର କାନନେ କ୍ରୀଡ଼ାଖ୍ୟା ଜାତା ସକ୍ତରାସୀତ୍ । ଅଥ

ଇଦ ଆନ୍ଧ୍ରନାଥେନ ଜୟସିଂହେନ ସକଳତରଣସାଧନାନ ତେନାନେକ ସଂଖ୍ୟେନା-
ନୀକେନ ଇତ୍ୟାଦ ।

(୨) ତତସ୍ତେ ତସ୍ମା ଜୟିତସ୍ମା ନିରର୍ଗଳୀକୃତ ତଦ୍ଗୃହତ୍ କଳିଙ୍ଗନାଥନ୍ୟପଦଭସ୍ମା
ସଂଗତ୍ୟାନ୍ଧ୍ର କଳିଙ୍ଗରାଜ୍ୟଂ କଳିଙ୍ଗନାଥେନ୍ୟାସଂ ।

(ଦଶକୁମାର)

(୩) ଉତ୍କଳଦର୍ଶିତପଥଃ କଳିଙ୍ଗାଭିମୁଖୋ ଯଯୌ
ଶ୍ରିୟଂ ମହେନ୍ଦ୍ରନାଥସ୍ୟ ଜହାର ନରୁ ମେଦନୀମ୍ ।

(ରଘୁ ୪-୩୮-୪୩)

ମଲ୍ଲିନାଥ—ମହେନ୍ଦ୍ରନାଥସ୍ୟ କଳିଙ୍ଗସ୍ୟ

(୪) ଅବନମ୍ୟ କରେ ଦଧ୍ରେ କଳିଙ୍ଗୈ ରୁଗ୍ରଗୈସ୍ତତଃ
ଆରୁରୋହ ମହେନ୍ଦ୍ରାଦ୍ରିଂ ଯଶସ୍ତସ୍ୟ ଯଶସ୍ୱିନଃ ।

(ରଘୁ ୧୯-୯୨)

(୫) ମହେନ୍ଦ୍ରତନୟାଃ ସର୍ବାଃ ପ୍ରଖ୍ୟାତଃ ଶୁକ୍ତିଗାମିନୀଃ ।

(ମତ୍ସ୍ୟ ୧୧୩-୩)

(୬) କାବେରୀ ବଳୟିତ ମେଖଳସ୍ୟ ସାନାବେକସ୍ମିନ୍
ମଳୟଗିରେ ର୍ଦ୍ଦିବଃ ପତାମି । (୫-୩)

ଉପରୋକ୍ତ ଦଶକୁମାର ବର୍ଣ୍ଣନାରୁ ଜଣାଯାଏ, କଳିଙ୍ଗ ରାଜଧାନୀ କଳିଙ୍ଗପତ୍ତନ କିମ୍ବା ଖାଇନାଗପତ୍ତନଠାରେ ଥିଲା । ରାଜମହେନ୍ଦ୍ରୀଠାରେ ରାଜଧାନୀ ଥିବାର ଅନୁମିତ ହୁଏ । ରାଜମହେନ୍ଦ୍ରୀ ସମୁଦ୍ର ଉପକୂଳର ନିକଟବର୍ତ୍ତୀ ଏବଂ ରାଜମହେନ୍ଦ୍ରୀର ସୀମାନ୍ତ ଅନ୍ଧ୍ରଦେଶ । କିମ୍ବଦନ୍ତୀ ଅଛୁ, କଳିଙ୍ଗରାଜା ଆନ୍ଧ୍ରରାଜାଙ୍କୁ ପରାସ୍ତ କରିଥିଲେ ଏବଂ ଆନ୍ଧ୍ରରାଜ୍ୟକୁ କଳିଙ୍ଗ ସଙ୍ଗେ ଯୋଗ କରିଥିଲେ । ଆନ୍ଧ୍ରନଗର ନିକଟରେ ପ୍ରକାଣ୍ଡ ହ୍ରଦ ଅଛୁ । ସେହି ହ୍ରଦ ତଟଉପରେ ଏକ ବୃହତ୍ ଜଙ୍ଗଲ ଅଛୁ । ଏ ହ୍ରଦ କଲେୟର ହ୍ରଦ ହୋଇପାରେ । ଏ ହ୍ରଦର ରକବା ୧୬୦ ମାଇଲ । ଏହି ହ୍ରଦର ପଶ୍ଚିମକୁ କେତେ ମାଇଲ ଦୂରରେ ଭେଙ୍ଗି ଆନ୍ଧ୍ର ରାଜଧାନୀ । ଦଶକୁମାରକବି ସମ୍ଭବତଃ ଏହାକୁ ଆନ୍ଧ୍ରନଗର ବୋଲି କହିଛନ୍ତି ।

ରଘୁ ମହାରାଜାଙ୍କ ଦିଗ୍ବିଜୟ ବର୍ଣ୍ଣନାରୁ ଜଣାଯାଏ, ରଘୁ କପିଶା ନଦୀ ପାରିହୋଇ ଉତ୍କଳଦର୍ଶିତ ପଥରେ କଳିଙ୍ଗକୁ ଗଲେ । ସେଠାରେ କଳିଙ୍ଗ ରାଜାଙ୍କ ସଙ୍ଗେ ଯୁଦ୍ଧ କଲେ । କଳିଙ୍ଗ ରାଜା ପରାସ୍ତ ହେଲେ । ମହେନ୍ଦ୍ର ପର୍ବତରେ ଆପଣା କୀର୍ତ୍ତି ଖୋଦିତ କଲେ । ଲିସେନ

ସାହେବ କପିଶା ନଦୀକୁ ସୁବର୍ଣ୍ଣରେଖା ବୋଲି କହୁଛନ୍ତି । ମାତ୍ର କପିଶା ସମ୍ଭବତଃ କାଂଶବାଂସ ବା କଂଶାଇ ନଦୀ । କଂଶାଇ ମେଦନୀପୁରର ନିକଟ ଉତ୍ତରକୁ ପ୍ରବାହିତ । କପିଶା ନଦୀ ପରେ ଦକ୍ଷିଣରେ ମହେନ୍ଦ୍ର ପର୍ବତ ପର୍ଯ୍ୟନ୍ତ କଳିଙ୍ଗର ସୀମା ଥିଲା । ଭାରତର ସପ୍ତ ପର୍ବତମାଳା ମଧ୍ୟରେ ମହେନ୍ଦ୍ର ମାଳା ପ୍ରଧାନ । ଗୋଦାବରୀ ନିକଟସ୍ଥ ପୂର୍ବଘାଟ ପର୍ବତମାଳା ଏବଂ ଗଞ୍ଜାମ ନିକଟସ୍ଥ ପାହାଡ଼କୁ ବର୍ତ୍ତମାନ ମହେନ୍ଦ୍ର ବୋଲି କୁହାଯାଏ । କପିଶା କଳିଙ୍ଗର ଉତ୍ତର ସୀମା ବୋଲି କୁହାଯାଏ ନାହିଁ । ଉପରୋକ୍ତ ବର୍ଣ୍ଣନାରୁ ଜଣାଯାଏ ଉତ୍କଳ, କଳିଙ୍ଗ ଓ କପିଶା ମଧ୍ୟରେ ଥିଲା । ମହାଭାରତ ଅନୁସାରେ ବୈତରଣୀ କଳିଙ୍ଗର ଉତ୍ତର ସୀମା ହୋଇପାରେ (ବନପର୍ବ ୧୦୦୯—୧୧୦୭) । ଏଥିରୁ ଜଣାଯାଏ, ଆଧୁନିକ ଓଡ଼ିଶା କଳିଙ୍ଗ ମଧ୍ୟରେ ଥିଲା । ମାତ୍ର ଉତ୍କଳ ପୃଥକ୍ ରାଜ୍ୟ ଥିଲା; କାରଣ ମହାଭାରତରେ ଉତ୍କଳ ନାମ ଥିଲା । ମହେନ୍ଦ୍ର ପର୍ବତ କଳିଙ୍ଗର ଦକ୍ଷିଣ ସୀମା ଥିଲା । କଳିଙ୍ଗାଧିପତି ମହେନ୍ଦ୍ରାଧିପତି ନାମରେ ଅଭିହିତ ହେଉଥିଲେ । କଳିଙ୍ଗାଧିପତିଙ୍କ ଆଧିପତ୍ୟ ଦକ୍ଷିଣକୁ ବହୁଦୂର ବିସ୍ତୃତ ଥିଲା । କୂର୍ମ ପୁରାଣରୁ ଜଣାଯାଏ (୩୯-୯) କଳିଙ୍ଗାଧିପତିମାନେ ଅମରକଣ୍ଟକ ପର୍ବତ ପର୍ଯ୍ୟନ୍ତ ଅନାର୍ଯ୍ୟ ଲୋକମାନଙ୍କ ଉପରେ ଆଧିପତ୍ୟ କରୁଥିଲେ । ରାଜମହେନ୍ଦ୍ରୀ ନାମରୁ ଜଣାଯାଏ, ଏ ନଗର ମହେନ୍ଦ୍ର ରାଜାଙ୍କ ରାଜଧାନୀ ଥିଲା । ପ୍ରାଚୀନ କଳିଙ୍ଗର ଦକ୍ଷିଣ ସୀମା ଗୋଦାବରୀ ପର୍ଯ୍ୟନ୍ତ ଥିବାର ଜଣାଯାଏ । ଲସେନ ସାହେବଙ୍କ ମତରେ ପୂର୍ବଘାଟ ପାହାଡ଼ ମଧ୍ୟରେ କଳିଙ୍ଗ ଥିଲା; ଅର୍ଥାତ୍ ଭିଜାଗାପଟ୍ଟମଠାରୁ ଦକ୍ଷିଣରେ କରନୁଲ ଜିଲ୍ଲା ପର୍ଯ୍ୟନ୍ତ । ରାଜଧାନୀ ନାମ ରାଜପୁର । ରଘୁବଂଶରୁ ଜଣାଯାଏ କଳିଙ୍ଗ ରାଜଧାନୀ ସମୁଦ୍ରକୂଳରେ ଥିଲା । ସମୁଦ୍ରକୁ ଏତେ ନିକଟ ଥିଲା ଯେ ବାତାୟନକୁ ସମୁଦ୍ର ଦେଖାଯାଉଥିଲା ଏବଂ ସମୁଦ୍ରର ତରଙ୍ଗଧ୍ୱନିରେ ରାଜପୁରର ବାଦ୍ୟଧ୍ୱନି ଶୁଣାଯାଉ ନଥିଲା ( ରଘୁ ୬-୫୬ ) । ଏ ବର୍ଣ୍ଣନା କଳିଙ୍ଗପତ୍ତନକୁ ବୁଝାଉଛି ଏବଂ କାଳିଦାସଙ୍କ ସମୟରେ ସମ୍ଭବତଃ କଳିଙ୍ଗପତ୍ତନ ରାଜଧାନୀ ଥିଲା ।

କଳିଙ୍ଗ ଦେଶର ଲୋକଙ୍କୁ କଳିଙ୍ଗା ବା କଲିଙ୍ଗ ବା କାଳିଙ୍ଗକ କୁହାଯାଉଥିଲା । କଳିଙ୍ଗାମାନେ ବହୁସଂଖ୍ୟକ ଲୋକ ଥିଲେ ( ଭୀଷ୍ମ ୧୭-୬୬୮ ଓ ୬୭-୩୧୩୨ ) । କଳିଙ୍ଗ ଅତି ପ୍ରାଚୀନ ରାଜ୍ୟ ଥିଲା । ତିନିଜଣ ପ୍ରଧାନ ରାଜାଙ୍କ ନାମ ଦେଖାଯାଏ : (୧) ଅଗ୍ରତୀର୍ଥ, (୨) କୁହର, (୩) ସିମ (ଆଦିପର୍ବ ୬୭-୨୭୦୧) । ସେମାନଙ୍କ କନ୍ୟାମାନେ ଚନ୍ଦ୍ରବଂଶୀୟ ରାଜକୁମାରମାନଙ୍କ ପାଣିଗ୍ରହଣ କରିଥିଲେ । କଳିଙ୍ଗ ରାଜକନ୍ୟାଙ୍କ ସ୍ୱୟଂବର ସମୟରେ ଦୁର୍ଯ୍ୟୋଧନ ଆସିଥିଲେ ଏବଂ କନ୍ୟାକୁ ବଳପୂର୍ବକ ନେଇ ଯାଇଥିଲେ ( ୫୫-୩୬୨୫ ଓ ୩୬୮୦ ଶାନ୍ତିପର୍ବ-୪୬ ) । କୃଷ୍ଣ କଳିଙ୍ଗରାଜାମାନଙ୍କୁ ଦନ୍ତକୁଣ୍ଠରେ ପରାସ୍ତ କରିଥିଲେ ( ଉଦ୍ୟୋଗ-୬୭୨୮୩ ) ।

ପାର୍ଜିଟର ସାହେବ ପୂର୍ବଭାରତର ପ୍ରାଚୀନ ରାଜ୍ୟମାନଙ୍କର ଗୋଟିଏ ନକ୍ସା କରିଛନ୍ତି (G.A.S.B. ୮୯୭ ପୃ ୧ ନ ୨)

ବଙ୍ଗ
| ଲୋହିତ ନଦୀ
ଗଙ୍ଗା
|
ତାମ୍ରଲିପ୍ତ
|
ଓଡ୍ର
|
ବୈତରଣୀ ନଦୀ
|
ଉତ୍କଳ
|
ବ୍ରାହ୍ମଣୀ ନଦୀ
|
ମହାନଦୀ

ମହେନ୍ଦ୍ର ପର୍ବତ | ବଂଶଧର ନଦୀ
କଳିଙ୍ଗ
କଳିଙ୍ଗପଟ୍ଟନ
ଶ୍ରୀକାକୋଲ
ଲଙ୍ଗଲିଆ ନଦୀ
|
ଗୋଦାବରୀ
|
ଆନ୍ଧ୍ରଦେଶ

ଚୀନ ପରିବ୍ରାଜକ ହ୍ୱାନଚୁଆଙ୍ଗ ୭ମ ଶତାବ୍ଦୀରେ ଭାରତକୁ ଆସିଥିଲେ । ସେ କହନ୍ତି, କର୍ଣ୍ଣ-ସୁବର୍ଣ୍ଣଠାରୁ ୭୦୦ କିବା ୯୦୦ ମାଇଲ ଦକ୍ଷିଣ-ପଶ୍ଚିମକୁ ଯାଇ ଓ୍ୱାଚୁ ରାଜ୍ୟରେ ପହଞ୍ଚିଲେ (ଓ୍ୱାଚୁ = ଓଡ୍ରଦେଶ) । ଓଡ୍ରଦେଶରେ ଚେଲିଟୋଟୋ ନଗର ଦେଖିଲେ । ସେ ନଗରରେ ଗୋଟିଏ ବନ୍ଦର ଥିଲା । ସେଠାରେ ଜାହାଜ ଯିବା ଆସିବା କରୁଥିଲା । ମହାନଦୀର ଗୋଟିଏ

ଶାଖା ଚନ୍ଦୋପୂଲା । ସମ୍ଭବତଃ ଏହି ଶାଖା ଉପରେ ଚନ୍ଦୋପୂଲା ନଗର ଥିଲା । ସେଠାରୁ ୧୨୦୦ କିମ୍ବା ୧୫୦୦ ମାଇଲ ଯାଇ ପରିବ୍ରାଜକ କଙ୍ଗୋଡ଼ ନଗରରେ ପହଞ୍ଚିଲେ । କଙ୍ଗୋଡ଼ର ପରିଧି ୧୨୫ ମାଇଲ । ପ୍ରତ୍ନତତ୍ତ୍ୱବିତ୍‌ମାନେ ଗଞ୍ଜାମକୁ କଙ୍ଗୋଡ଼ ବୋଲି ସ୍ଥିର କରିଛନ୍ତି । ସେଠାରୁ ଦକ୍ଷିଣ-ପଶ୍ଚିମକୁ ୧୧୦ ମାଇଲ ଯାଇ ସେ କା-ଲିଙ୍ଗ-କ (କଳିଙ୍ଗ)ରେ ପହଞ୍ଚିଲେ । ଏହା କଳିଙ୍ଗ ନଗରର ରାଜଧାନୀ ଥିଲା । ପାରଳାଖିମିଣ୍ଡି ଅନ୍ତର୍ଗତ ମୁଖଲିଙ୍ଗ କଳିଙ୍ଗର ଅଂଶ ହୋଇପାରେ । ରାଜଧାନୀର ପରିଧି ୫୩୭ ମାଇଲ । କଳିଙ୍ଗଠାରୁ ଉତ୍ତର-ପଶ୍ଚିମକୁ ୨୫୦ ମାଇଲ ଯାଇ କୋଶଳରେ ପହଞ୍ଚିଲେ । ବର୍ତ୍ତମାନର ଛତିଶଗଡ ଦକ୍ଷିଣକୋଶଳର ଅନ୍ତର୍ଗତ ଥିଲା ।

କଳିଙ୍ଗ ମଧ୍ୟରେ ଗଙ୍ଗବାଡ଼ି ଗୋଟିଏ ପ୍ରଧାନ ନଗର ଥିଲା । ଗଙ୍ଗାର କଳିଙ୍ଗ ସମ୍ଭବତଃ ଏହିଠାରେ ଥିଲା । ବର୍ତ୍ତମାନ ପାରଳାଖେମୁଣ୍ଡି ନିକଟରେ ଗଙ୍ଗାବାଡ଼ି ଗ୍ରାମ ଅଛି । ଏ ସ୍ଥାନ ନଉପଡା ଷ୍ଟେସନଠାରୁ ୧୭ ମାଇଲ ଦୂର ଏବଂ ପାରଳାଠାରୁ ୯ ମାଇଲ ଦୂର । ଅନୁମାନ କରାଯାଏ ପାରଳାଖେମୁଣ୍ଡି ଗଙ୍ଗବାଡ଼ି ଅନ୍ତର୍ଗତ ଥିଲା । ଗୋକର୍ଣ୍ଣେଶ୍ୱର ମହାଦେବ ଏ ରାଜ୍ୟର ପ୍ରଧାନ ଇଷ୍ଟଦେବତା ଥିଲେ । ମଞ୍ଜୁଷାଠାରୁ ୨ ମାଇଲ ଉତ୍ତରକୁ ମହେନ୍ଦ୍ରାଚଳ ବିଦ୍ୟମାନ । ଏହି ପର୍ବତଶିଖରରେ ଗୋକର୍ଣ୍ଣେଶ୍ୱର ଅଛନ୍ତି । ଏ ଅଞ୍ଚଳ ଗଙ୍ଗବଂଶୀୟ ରାଜାମାନଙ୍କର ଆଦି ବାସସ୍ଥାନ ଥିଲା । ରେଳ କମ୍ପାନୀ ଗଙ୍ଗବାଡ଼ିକି ଗଙ୍ଗବାଲି ନାମ ଦେଇଛନ୍ତି । ନରସିଂହ ତାମ୍ରଶାସନରେ ଲେଖାଅଛି—

ଧନ-କନକ-ସମୃଦ୍ଧୋ ଗଙ୍ଗବାଡ଼ି ପ୍ରସିଦ୍ଧଃ<br>
ସକଳବିଷୟଭୂତଃ ସ୍ୱର୍ଗବର୍ଗୋପଭୋଗ୍ୟଃ।<br>
ତଦଧିପ ଇତି ଖ୍ୟାତୋଽନନ୍ତ ବର୍ମା ନୃପେନ୍ଦ୍ରଃ<br>
ସମଭବଦିହ ତତ୍ରୂପଗଙ୍ଗ ନାମ୍ନା ତଦାଦ୍ୟଃ ।

ଏ ବଂଶର ଆଦ୍ୟ ନାମ ରୂପଗଙ୍ଗ । ଅନନ୍ତ ବର୍ମା ରାଜା ଥିଲେ । ତାଙ୍କ ଜ୍ୟେଷ୍ଠପୁତ୍ର ନରସିଂହ ଏବଂ ପଞ୍ଚମ ରାଜା କାମାର୍ଣ୍ଣବ । ଚୋଡ଼ଗଙ୍ଗଦେବ ବା ଚୋରଗଙ୍ଗ ଏହି ବଂଶର । ଅନଙ୍ଗଭୀମ ଦେବ ଏହି ବଂଶ-ସମ୍ଭୂତ । ଗଙ୍ଗବଂଶ ଉତ୍କଳ ସିଂହାସନରେ ବହୁକାଳ ରାଜତ୍ୱ କରିଥିଲେ । ଖେମଣ୍ଡି ଗଜପତିମାନେ ଏହି ବଂଶୀୟ । ପୁରୀ ରାଜବଂଶ ଗଜପତିବଂଶ ବୋଲି ଖ୍ୟାତ ଏବଂ ପାରଳା ଓ ବଡ଼ଖେମଣ୍ଡି ରାଜାମାନେ ମଧ୍ୟ ଗଜପତିବଂଶୀୟ ।

ପ୍ରାଚୀନ ଉତ୍କଳ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ମହାରାଜା ପ୍ରତାପରୁଦ୍ର ଦେବ ଦକ୍ଷିଣରେ ଗୋଦାବରୀଠାରୁ ଆହୁରି ଦୂର ପ୍ରଦେଶକୁ ଉତ୍କଳ ରାଜ୍ୟ ବିସ୍ତାର କରିଥିଲେ । ସୁତରାଂ କାଳକ୍ରମେ କଳିଙ୍ଗ ଉତ୍କଳ ଅଙ୍ଗରେ ଅଙ୍ଗ ମିଶାଇଦେଇ ନିଜର ନିଜତ୍ୱ ହରାଇଥିଲା । କଳିଙ୍ଗର ଭିନ୍ନ ଅସ୍ତିତ୍ୱ ନାହିଁ; ମାତ୍ର ପ୍ରାଚୀନ ଉତ୍କଳର

ସୀମା ଗୋଦାବରୀ ପର୍ଯ୍ୟନ୍ତ ଥିବାର ଭୂୟସୀ ପ୍ରମାଣ ଅଛି । କାଳକ୍ରମେ କଳିଙ୍ଗ ଉତ୍କଳ ସଙ୍ଗେ ମିଶିଯାଇଥିଲା । ପ୍ରାଚୀନ କଳିଙ୍ଗ ସୀମା ଏବଂ ପ୍ରାଚୀନ ଉତ୍କଳ ସୀମାପ୍ରତି ଦୃଷ୍ଟି ଦେଲେ ଏହି ସିଦ୍ଧାନ୍ତରେ ଅବଶ୍ୟ ଉପନୀତ ହେବ—ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ । ପ୍ରାଚୀନ ଉତ୍କଳର ସୀମାମଧ୍ୟସ୍ଥ ଲୋକମାନଙ୍କ ଭାଷା, ଆଚାରବ୍ୟବହାର, ସ୍ୱଭାବାଦି ପ୍ରତି ଦୃଷ୍ଟି ଦେଲେ କହାଯାଏ, ଏ ପ୍ରଦେଶ ଏକ ଉତ୍କଳଭାଷୀ ପ୍ରଦେଶ । ଶାସନସୂତ୍ରରେ ପ୍ରାଚୀନ ଉତ୍କଳ ଖଣ୍ଡ ଖଣ୍ଡ ହୋଇଛି; ମାତ୍ର ଭୌଗୋଳିକ ଅବସ୍ଥାନର କିଛି ପରିବର୍ତ୍ତନ ହୋଇନାହିଁ । ସୁତରାଂ ପ୍ରାଚୀନ କଳିଙ୍ଗ ଉତ୍କଳଭାଷୀ ପ୍ରଦେଶାନ୍ତର୍ଗତ । କାଳକ୍ରମେ ଅନ୍ଧ୍ରମାନେ ଆସି ଉତ୍କଳରେ ବସତି କରିଛନ୍ତି, ମାତ୍ର ଏହା ଆନ୍ଧ୍ରପ୍ରଦେଶାନ୍ତର୍ଗତ ନୁହେଁ । ଆନ୍ଧ୍ରପ୍ରଦେଶ କଳିଙ୍ଗଠାରୁ ସମ୍ପୂର୍ଣ୍ଣ ପୃଥକ୍ ବୋଲି ପୂର୍ବେ ପ୍ରମାଣିତ ହୋଇଛି । ଆନ୍ଧ୍ରଦେଶକୁ କଳିଙ୍ଗ ଅଧିକାରରେ ଆଣିଥିବ; ମାତ୍ର ଉକ୍ତ ଦେଶ ପ୍ରାକୃତିକ କଳିଙ୍ଗର ଅଂଶ ନୁହେ । କଳିଙ୍ଗ ଉତ୍କଳ ମଧ୍ୟରେ ଘନିଷ୍ଠ ସମ୍ବନ୍ଧ ଥିଲା ଏବଂ ବର୍ତ୍ତମାନ ଅଛି । କଳିଙ୍ଗ ନିଜ ନାମ ତ୍ୟାଗକରି ଉତ୍କଳ ଭୂଖଣ୍ଡ ମଧ୍ୟରେ ଲୁପ୍ତ ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଆନ୍ଧ୍ରମାନେ କଳିଙ୍ଗକୁ ଆନ୍ଧ୍ରରାଜ୍ୟ ବୋଲି ଦାବୀ କରିବା ଅନ୍ୟାୟ ।

---

## ସୀମା

ପ୍ରାଚୀନ ଉତ୍କଳର ସେ ବିଶାଳ ଶରୀର ନାହିଁ । ବର୍ତ୍ତମାନ ରାଜନୈତିକ ଉତ୍କଳ ପ୍ରାଚୀନ ଉତ୍କଳର କ୍ଷୀଣ କଳେବର ମାତ୍ର । ପ୍ରାଚୀନ ଉତ୍କଳର ଉତ୍ତମାଙ୍ଗ ପ୍ରଭୃତି ଖଣ୍ଡବିଖଣ୍ଡ ହୋଇ ବିଭିନ୍ନ ପ୍ରଦେଶର ଅନ୍ତର୍ଗତ ହୋଇଅଛି । ସୁତରାଂ ପ୍ରାଚୀନ ଉତ୍କଳର ସୀମା କେଉଁଠାରୁ କେଉଁ ପର୍ଯ୍ୟନ୍ତ ଥିଲା ତାହା ବିଚାର୍ଯ୍ୟ ବିଷୟ । ଲୋକମୁଖରୁ ଶୁଣାଯାଏ, ପ୍ରାଚୀନ ଉତ୍କଳର ସୀମା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଥିଲା । ପୁରାଣମାନଙ୍କରୁ ଦେଖାଯାଏ ଯେ ଓଡ୍ରଦେଶର ସୀମାନ୍ତରେ କଳିଙ୍ଗ । ଉତ୍କଳ ବା ଓଡ୍ରଦେଶ କେତେବେଳେ କଳିଙ୍ଗର ଅନ୍ତର୍ଗତ ଥିଲା, କେତେବେଳେ ବାହାରେ ଥିଲା ।

ଜଗନ୍ନାଥ ପୂର୍ବଭାଗାତ୍ କୃଷ୍ଣାତୀରାନ୍ତରଂ ଶିବେ ।
କଳିଙ୍ଗଦେଶ ସମ୍ପ୍ରୋକ୍ତ ବାମମାର୍ଗ ପରାୟଣଃ ।
କଳିଙ୍ଗଦେଶମାରଭ୍ୟ ପଞ୍ଚାଷ୍ଟ ଯୋଜନଂ ଶିବେ ।
ଦକ୍ଷିଣସ୍ୟାଂ ମହେଶାନି କଳିଙ୍ଗ ପରିକୀର୍ତ୍ତିତଃ ॥ (ଶକ୍ତିସଙ୍ଗମ ତନ୍ତ୍ର)

ଓଡ୍ରଦେଶାଦୁତ୍ତରେ ଚ କଳିଙ୍ଗୋ ବିଶ୍ରୁତୋ ଭୁବି ।
ତଦ୍ରାଜ୍ୟଂ ଖ୍ରୀମକେଶସ୍ୟ ସର୍ବଲୋକେଷୁ ବିଶ୍ରୁତମ୍ ॥ (ଦିଗ୍‌ବିଜୟ ପ୍ରକାଶ)

ଏତେ କଳିଙ୍ଗାଃ କୌନ୍ତେୟ ଯତ୍ର ବୈତରଣୀ ନଦୀ ।
ଯତ୍ରାୟଜତ ଧର୍ମୋଽପି ଦେବାଞ୍ଛରଣ ମେତ୍ୟ ବୈ ॥ (ମହାଭାରତ)

କଳିଙ୍ଗଦେଶ ଦାକ୍ଷିଣାତ୍ୟ ପ୍ରଦେଶରେ ଅବସ୍ଥିତ । ଭରତ ମାତୁଳାଳୟକୁ ଯିବା-ଆସିବାବେଳେ କଳିଙ୍ଗ ବାଟେ ଯାଇଥିଲେ । ଶ୍ରୀରାମଚନ୍ଦ୍ରଙ୍କ ସଙ୍ଗୀଗଣ କଳିଙ୍ଗ ଦେଶରେ ସମ୍ମାନପ୍ରାପ୍ତ ହୋଇଥିଲେ । ସମାଧିର ପିତାମହ ବିରାଧ କଳିଙ୍ଗର ରାଜା ଥିଲେ । କଳିଙ୍ଗରାଜା ଶ୍ରୁତାୟୁ କୁରୁକ୍ଷେତ୍ର ଯୁଦ୍ଧବେଳେ ଦୁର୍ଯ୍ୟୋଧନ ପକ୍ଷରେ ଯୁଦ୍ଧ କରିଥିଲେ । ହୁଏନ୍‌ତ୍ସାଂ ୭ମ ଶତାବ୍ଦୀରେ ଭାରତକୁ ଆସିଥିଲେ । ସେ ଗଞ୍ଜାମର ଦକ୍ଷିଣ-ପଶ୍ଚିମ ୧୪୦୦ କି ୧୫୦୦ ମାଇଲ ଦୂରରେ କଳିଙ୍ଗ ରାଜଧାନୀ ଦେଖିବାକୁ ଯାଇଥିଲେ । ଓଡ୍ରଦେଶର ରାଜଧାନୀଠାରୁ ଦକ୍ଷିଣ-ପଶ୍ଚିମ ୧୨୦୦ ମାଇଲ ଗଲାପରେ "କୋଂଗୁଡ" ନାମକ ସ୍ଥାନରେ ଉପସ୍ଥିତ ହେଲେ । ସେଠାରୁ ସେ କଳିଙ୍ଗ ରାଜଧାନୀ "କିଂ ଏଲିଙ୍କିଆ" ନଗରକୁ ଯାଇଥିଲେ । କୋଞ୍ଜୁତୋର ବର୍ତ୍ତମାନ ନାମ ଗଞ୍ଜାମ । ଦୁଇଟି ସମୁଦ୍ରର ସଙ୍ଗମସ୍ଥଳରେ ଏ ନଗର ବିଦ୍ୟମାନ ଥିଲା । କଳିଙ୍ଗର ଆଦିରାଜଧାନୀ ଶ୍ରୀକାକୋଲ ବା ଚିକାକୋଲ । କଳିଙ୍ଗର ପଶ୍ଚିମରେ ଆନ୍ଧ୍ର ରାଜ୍ୟ ଏବଂ କଳିଙ୍ଗ ଧାନକାଟା ରାଜ୍ୟର ଦକ୍ଷିଣରେ ଅବସ୍ଥିତ । କଳିଙ୍ଗ ରାଜ୍ୟର ବିସ୍ତୃତି ଦକ୍ଷିଣ-ପଶ୍ଚିମରେ ଗୋଦାବରୀ ପର୍ଯ୍ୟନ୍ତ ଥିଲା ବୋଲି ସମ୍ଭବ ହୁଏ । ସୁତରାଂ ଗୋଦାବରୀଠାରୁ ଉତ୍ତରକୁ ଓଡ୍ରଦେଶ ବା ଉତ୍କଳ ।

ପରିବ୍ରାଜକ ହ୍ୟୁଏନଚୁଆଙ୍ଗ ଲେଖିଛନ୍ତି ଯେ ସେ 'କର୍ଣ୍ଣସୁବର୍ଣ୍ଣଠାରୁ ୭୦୦ କିମ୍ବା ୯୦୦ ମାଇଲ ଦକ୍ଷିଣ-ପଶ୍ଚିମକୁ ଗଲେ ଏବଂ ଓ୍ୱାଢେ (ଓଡ୍ରଦେଶ) ପ୍ରଦେଶରେ ପହଞ୍ଚିଲେ । ଉକ୍ତ ପ୍ରଦେଶ ୭୦୦ କିମ୍ବା ୮୫୦ ମାଇଲ ବିସ୍ତୃତ ଗୋଟିଏ ବଡ଼ ରାଜ୍ୟ । ଓ୍ୱାଢେ ମଧ୍ୟରେ ଚଲିତୋଲୋ ନଗର ଗୋଟିଏ ବନ୍ଦର ଥିଲା । ସେଠାରୁ ଜାହାଜ ସମୁଦ୍ରଯାତ୍ରା କରୁଥିଲା । ଚିତ୍ରୋତ୍ପଳା ବା ଚିତ୍ରୋତ୍ପଳା ମହାନଦୀର ଗୋଟିଏ ପ୍ରାଚୀନ ଧାର । ଚଲିତୋଲୋ ବା ଚିତ୍ରତୋଲା ନଗର ମହାନଦୀ କୂଳରେ ଥିଲା । ପରିବ୍ରାଜକ ସେଠାରୁ ୧୨୦୦ କିମ୍ବା ୧୫୦୦ ମାଇଲ ଦକ୍ଷିଣ-ପଶ୍ଚିମକୁ ଯାଇ କଙ୍ଗଉତୋ ବା କଙ୍ଗୋଧ ରାଜ୍ୟରେ ପହଞ୍ଚିଲେ । ସେ ରାଜ୍ୟର ବିସ୍ତୃତି ୧୨୫ ମାଇଲ । ପୁନଶ୍ଚ ସେଠାରୁ ୧୯୦ ମାଇଲ ଦକ୍ଷିଣ-ପଶ୍ଚିମକୁ ଗଲେ । ପରେ କଳିଙ୍ଗକରେ ପହଞ୍ଚିଲେ । କଳିଙ୍ଗର ବିସ୍ତୃତି ୬୩୫ ମାଇଲ । ସେଠାରୁ ଉତ୍ତର-ପଶ୍ଚିମକୁ ୨୫୦ ମାଇଲ ଗଲାପରେ କୋଶଳରେ ପହଞ୍ଚିଲେ । ଦକ୍ଷିଣକୋଶଳ ବର୍ତ୍ତମାନ ଛତିଶଗଡ଼ ଅନ୍ତର୍ଗତ ।

ପୁରାଣ ଓ ମାଦଳାପାଞ୍ଜିରୁ ଜଣାଯାଏ, ଉତ୍କଳ ବା ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ଥିଲା ଏବଂ ସ୍ୱତନ୍ତ୍ର ରାଜାଙ୍କ ଶାସନାଧୀନରେ ଥିଲା । ପ୍ରାଚୀନ ଉତ୍କଳ ବିଭିନ୍ନ ରାଜାଙ୍କ ବାହୁବଳରେ ଉତ୍ତର ଓ ଦକ୍ଷିଣ ଦିଗକୁ ବିସ୍ତୃତ ହୋଇଥିଲା । ମହାରାଜା ଅନଙ୍ଗଭୀମଦେବଙ୍କର ଉପାଧି ଥିଲା ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟୀ କର୍ଣ୍ଣାଟକଲବର୍ଗେଶ୍ୱର ଇତ୍ୟାଦି । 'ନବକୋଟୀ' ଶବ୍ଦର ଦୁଇଟି ଅର୍ଥ ହୋଇପାରେ; ଯଥା—ନୂତନ ସୀମା ବା ନବସଂଖ୍ୟକ ଦୁର୍ଗ । ଅନଙ୍ଗଭୀମଙ୍କ ରାଜତ୍ୱ ସମୟରେ ଉତ୍କଳାଧିପ କର୍ଣ୍ଣାଟକଲବର୍ଗ ଜୟ କରିଥିଲେ କିମ୍ବା

ନବସଂଖ୍ୟକ ଦୁର୍ଗବିଶିଷ୍ଟ କର୍ଣ୍ଣାଟକଳବର୍ଗର ଅଧୀଶ୍ୱର ଥିଲେ । କବି ଲକ୍ଷ୍ମଣ ରାଓ ତେଲୁଗୁ ଭାଷାରେ ହିନ୍ଦୁଦେଶ କଥାସଂଗ୍ରହ ନାମକ ପୁସ୍ତକ ଲେଖିଛନ୍ତି । ମହାମହୋପାଧ୍ୟାୟ ମହାମୁଖୋପାଧ୍ୟାୟ ୩୫୭ ପୃଷ୍ଠାରେ କୃଷ୍ଣଦେବ ରାୟଙ୍କ ପୂର୍ବଦିଗ୍‌ବିଜୟ ସମୟରେ ଦକ୍ଷିଣ-ଭାରତରେ ପ୍ରତାପରୁଦ୍ର ମହାରାଜାଙ୍କ ଅଧୀନସ୍ଥ ରାଜ୍ୟରେ ନିମ୍ନୋକ୍ତ ୯ ଗୋଟି ଦୁର୍ଗ ବିଷୟ ଲେଖାଅଛି : (୧) ଉଦୟଗିରି, (୨) କୋଣ୍ଡା, (୩) ବାଡ଼ୁ, (୪) କୋଣ୍ଡାପଲ୍ଲୀ, (୫) ବେଲ୍ଲାଂ କୋଣ୍ଡା, (୬) ନାଗାର୍ଜ୍ଜୁନ କୋଣ୍ଡା, (୭) ଅଦ୍‌ଦାକୀ, (୮) ଅମ୍ମାନାବ୍ରୋଲୁ, (୯) ତାଙ୍ଗେଡ଼ୁ ।

ଗଙ୍ଗବଂଶାବତଂସ ମହାରାଜା ଅନଙ୍ଗଭୀମ ୧୧୭୫-୧୨୦୨ ଖ୍ରୀଷ୍ଟାବ୍ଦ ମଧ୍ୟରେ ଓଡ଼ିଶାକୁ ନଳମାପ କରାଇଥିଲେ । ସେତେବେଳେ ଓଡ଼ିଶାର ସୀମା ହୁଗୁଳିଠାରୁ ଗୋଦାବରୀ ପର୍ଯ୍ୟନ୍ତ ଥିଲା । ଓଡ଼ିଶାର ରାଜସ୍ୱ ୧୫ ଲକ୍ଷ ମୋହର ଥିଲା । ୧୫ ଲକ୍ଷ ମୋହର = ୪୦୬୨୫୦ ପାଉଣ୍ଡ = ୬୦୯୩୭୫୦ ଟଙ୍କା । ୧୬ଶ ଶତାବ୍ଦୀରେ ବାର୍ଷିକ ରାଜସ୍ୱ ୪୩୫୦୦୦ ପାଉଣ୍ଡ । ଆକବରଙ୍କ ଅମଳରେ ୪୩୫୩୧୯ ପାଉଣ୍ଡ । ୧୭ଶ ଶତାବ୍ଦୀରେ ୫୩୭୪୯୫ ପାଉଣ୍ଡ । ସାହାଜାନଙ୍କ ଅମଳରେ ୪୯୬୧୪୯୭ ପାଉଣ୍ଡ = ୫୩୭୪୯୫୫ ସିକାଟଙ୍କା । ୧୮ଶ ଶତାବ୍ଦୀରେ ୫୭୦୭୫୦ ପାଉଣ୍ଡ ଥିଲା । ମାତ୍ର ଇଂରେଜମାନଙ୍କ ଅମଳରେ ୭୫୦୦୦ ପାଉଣ୍ଡ ଥିଲା । ଓଡ଼ିଶାର ସୀମା କ୍ରମେ ହ୍ରାସ ହୋଇଥିବାର ଏଥିରୁ ସ୍ପଷ୍ଟ ପ୍ରକାଶିତ ହେଉଛି ।

ଗଙ୍ଗବଂଶୀୟ ରାଜାଙ୍କ ଅମଳରେ ଓଡ଼ିଶାର ଆୟତନ ମେଦିନୀପୁର ସହିତ ୩୯୪୦୭ ବର୍ଗମାଇଲ ଥିଲା । ତମଲୁକ ଗଙ୍ଗବଂଶ ଅମଳରେ ଓଡ଼ିଶାର ଅନ୍ତର୍ଭୁକ୍ତ ଥିଲା । ଆଡ଼ରେ ବଉଦ ପର୍ଯ୍ୟନ୍ତ ସୀମାବୃଦ୍ଧି ହୋଇଥିଲା । ଗଙ୍ଗବଂଶ ରାଜାମାନଙ୍କ ପୂର୍ବେ ଓଡ଼ିଶାର ଦୈର୍ଘ୍ୟ ୧୮୫ ମାଇଲ ଏବଂ ପ୍ରସ୍ଥ ୬୦ ମାଇଲ ଥିଲା । ଗଙ୍ଗବଂଶ ଅମଳରେ ଓଡ଼ିଶାର ସୀମା ହୁଗୁଳିଠାରୁ ଗୋଦାବରୀ ପର୍ଯ୍ୟନ୍ତ ହେଲା ।

ତମଲୁକ ଯେ ଓଡ଼ିଶା ଅନ୍ତର୍ଗତ ଥିଲା, ଏଥିରେ ଲେଶମାତ୍ର ସନ୍ଦେହ ନାହିଁ । ଆଜି ସେଠାରେ ଯେଉଁସବୁ ଚିହ୍ନ ଅଛି, ସେଥିରୁ ସେ ଦେଶ ଓଡ଼ିଆଦେଶ ଥିବାର ସ୍ପଷ୍ଟ ଜଣାପଡ଼େ । ସେଠାରେ ଓଡ଼ିଆ ପାଞ୍ଜି, ଓଡ଼ିଆ ଭାଷା ଚଳୁଛି । ଲୋକମାନଙ୍କ ପଦବୀ ଅଧିକାଂଶ ଓଡ଼ିଆ ପଦବୀ । ପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତମାନେ କହନ୍ତି, ତ୍ରେତାଯୁଗରେ ତାମ୍ରଲିପ୍ତ କଳିଙ୍ଗର ଅନ୍ତର୍ଗତ ଥିଲା । ସୁତରାଂ ରାମାୟଣରେ ତାମ୍ରଲିପ୍ତର ସ୍ୱତନ୍ତ୍ର ନାମ ଉଲ୍ଲେଖ ହୋଇନାହିଁ । ମହାଭାରତ, ବ୍ରହ୍ମାଣ୍ଡପୁରାଣ, ମତ୍ସ୍ୟପୁରାଣ, ବାୟୁପୁରାଣ, ଗରୁଡ଼ପୁରାଣ ପ୍ରଭୃତିରେ ତାମ୍ରଲିପ୍ତ ନାମ ଉଲ୍ଲେଖ ଅଛି । 'ଅଭିଧାନ ଚିନ୍ତାମଣି' ଗ୍ରନ୍ଥରେ ତାମ୍ରଲିପ୍ତର ଅନେକ ନାମ ଦେଖାଯାଏ; ଯଥା—ତମୋଲିପ୍ତ, ତାମ୍ରଲିପ୍ତ, ବେଳାକୂଳ, ତମାଲିକା,

ଦମଲପୁର, ତମାଲିନୀ, ବସୁଗୁଣ୍ଡ । ଜୈମିନୀ ମହର୍ଷି ଏହାକୁ ରତ୍ନଗଡ଼ ବୋଲି କହିଛନ୍ତି । କାଶୀରାମ ଦାଶଙ୍କ ମହାଭାରତରେ ଏହାର ନାମ ରତ୍ନାବତୀପୁର ।

ମହାରାଜା ପ୍ରତାପରୁଦ୍ରଙ୍କ ଅମଳରେ ଓଡ଼ିଶାର କଳେବର ଆହୁରି ବୃଦ୍ଧି ହୋଇଥିଲା । ସେ ଆପଣା ବାହୁବଳଦ୍ୱାରା ଉତ୍କଳର ସୀମାକୁ କୁମାରିକା ଅନ୍ତରୀପ ପର୍ଯ୍ୟନ୍ତ ବଢାଇଥିଲେ । ସେତେବେଳେ ଉତ୍କଳ ରାଜ୍ୟ ଭାରତର ଏକ-ତୃତୀୟାଂଶ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ରାୟ ରାମାନନ୍ଦ ପ୍ରତାପରୁଦ୍ରଙ୍କ ସମସାମୟିକ । ସେ ଜଗନ୍ନାଥବଲ୍ଲଭ ନାମକ ଖଣ୍ଡିଏ ନାଟକ ଲେଖିଥିଲେ । ସେ ନାଟକରେ ନିମ୍ନଲିଖିତ ପ୍ରକାର ବର୍ଣ୍ଣନା ଦେଇଛନ୍ତି—

ଯନ୍ନାମାପି ନିଶମ୍ୟ ସବ୍ବିଶତେ ସେକନ୍ଦରଃ କନ୍ଦରମ୍
ସ୍ୱର୍ବର୍ଗଂ କଲବର୍ଗ ଭୂମିତିଳକଃ ସାଶ୍ରୁଂ ସମୁଦ୍‌ବୀକ୍ଷତେ ।
ମେନେ ଗୁର୍ଜ୍ଜର ଭୂପତିର୍ଜଳଧିବାରଣ୍ୟଂ ନିଜଂ ପତ୍ତନମ୍
ବାତବ୍ୟଗ୍ରପୟୋଧି,ପୋତର ମିବ ସ୍ୱଂ ବେଦ ଗୌଡ଼େଶ୍ୱରଃ ।

ଏଥିରେ ପ୍ରତାପରୁଦ୍ରଙ୍କ ପ୍ରତାପ, କୀର୍ତ୍ତି ଓ ଅଧିକୃତ ରାଜ୍ୟ ବିଷୟ ବର୍ଣ୍ଣିତ ଅଛି । ରାଜା ପ୍ରତାପରୁଦ୍ର ଦାକ୍ଷିଣାତ୍ୟ ପ୍ରଦେଶରେ ରହି ବହୁକାଳ ଯୁଦ୍ଧ କରି ଅନେକ ରାଜ୍ୟ କରଗତ କରିଥିଲେ । ରାୟ ରାମାନନ୍ଦ ତାଙ୍କର ସେନାପତି ଥିଲେ । ଯୁଦ୍ଧରେ କୃତିତ୍ୱ ଦେଖାଇ ରାୟ ଉପାଧି ପାଇଥିଲେ ଏବଂ ରାଜମହେନ୍ଦ୍ରୀର ଶାସନକର୍ତ୍ତା ହୋଇଥିଲେ । ଉପରୋକ୍ତ ଶ୍ଳୋକର ଭାବ ଏହି ଯେ, ପ୍ରତାପରୁଦ୍ରଙ୍କ ନାମ ଶ୍ରବଣ କରି ସେକନ୍ଦର ରାଜା ଗିରିକନ୍ଦରରେ ଲୁଚୁଥିଲେ, କଲବର୍ଗେଶ୍ୱର ଆପଣା ପରିବାରବର୍ଗଙ୍କ ନୟନରେ ଅଶ୍ରୁ ଦେଖୁଥିଲେ ଏବଂ ଗୌଡ଼ ଦେଶର ରାଜା ଆପଣାକୁ ପ୍ରବଳ ବାତ୍ୟାବେଗରେ ସମୁଦ୍ରସ୍ଥ ଘୂର୍ଣ୍ଣିତ ପୋତାରୂଢ ସଦୃଶ ମନେ କରୁଥିଲେ । ଯେଉଁମାନେ ପୂର୍ବରୁ ଅନଙ୍ଗଭୀମଙ୍କ ପ୍ରତାପ ଜାଣିଥିଲେ ସେମାନେ ରୁଦ୍ରପ୍ରତିମ ପ୍ରତାପରୁଦ୍ରଙ୍କ ବିକ୍ରମ ସ୍ମରଣକରି କ୍ରନ୍ଦନ କଲେ । ଯେଉଁମାନେ ପରାସ୍ତ ହେଲେ, ସେମାନେ ରାଜ୍ୟ ଛାଡ଼ି ପଳାଇଲେ ଏବଂ ଆପଣା ରାଜ୍ୟକୁ କାନନ ସ୍ୱରୂପ ମଣିଥିଲେ । ମିଷ୍ଟର ଅଣ୍ଡ୍ରୁ ଷ୍ଟର୍ଲିଂ ସାହେବ ଓଡ଼ିଶା ରାଜାଙ୍କ ବଂଶାବଳୀ ଗ୍ରନ୍ଥର ଯେଉଁ ଅନୁବାଦ କରିଥିଲେ ତାହା ୧୮୩୭ ଖ୍ରୀଷ୍ଟାବ୍ଦରେ ଆସିଆଟିକ୍ ସୋସାଇଟି ଜର୍ଣ୍ଣାଲ୍ ନାମକ ମାସିକ ପତ୍ରିକାରେ ପ୍ରକାଶିତ ହୋଇଥିଲା । ଉକ୍ତ ପ୍ରବନ୍ଧରେ ସେ ଲେଖିଅଛନ୍ତି, ପ୍ରତାପରୁଦ୍ରଦେବ ସେତୁବନ୍ଧ ରାମେଶ୍ୱର ପର୍ଯ୍ୟନ୍ତ ସମସ୍ତ ରାଜ୍ୟ ଜୟ କରିଥିଲେ । ବଙ୍ଗୀୟ ସାହିତ୍ୟ ପରିଷତ୍ ପୁସ୍ତକାଳୟରେ ଭାରତର ଖଣ୍ଡିଏ ପ୍ରାଚୀନ ମାନଚିତ୍ର ଅଛି । ସେଥିରେ "ପ୍ରତାପରୁଦ୍ରଙ୍କ ବୃହତ୍ ସାମ୍ରାଜ୍ୟ" ବୋଲି ଯେଉଁ ସ୍ଥାନ ଚିହ୍ନିତ ଅଛି, ତାହା ଦେଖିଲେ ତଦାନୀନ୍ତନ ଉତ୍କଳର ବିଶାଳତା ସମ୍ବନ୍ଧରେ ଜଣାପଡ଼ିବ । ଗୋପୀନାଥପୁରର ଖୋଦିତ ଲିପିରୁ ଜଣାଯାଏ ପ୍ରତାପରୁଦ୍ରଙ୍କ ପୂର୍ବେ ରାଜା କପିଳେନ୍ଦ୍ରଦେବ କର୍ଣ୍ଣାଟ, କଲବରଗ (କୁଲବର୍ଗା—ହାଇଦ୍ରାବାଦ

ନବସଂଖ୍ୟକ ଦୁର୍ଗବିଶିଷ୍ଟ କର୍ଣ୍ଣାଟକଲବର୍ଗର ଅଧୀଶ୍ୱର ଥିଲେ । କବି ଲକ୍ଷ୍ମଣ ରାଓ ତେଲୁଗୁ ଭାଷାରେ ହିନ୍ଦୁଦେଶ କଥାସଂଗ୍ରହ ନାମକ ପୁସ୍ତକ ଲେଖିଛନ୍ତି । ମହାମହୋପାଧ୍ୟାୟ ମହାମହୋପାଧ୍ୟାୟ ୩୫୭ ପୃଷ୍ଠାରେ କୃଷ୍ଣଦେବ ରାୟଙ୍କ ପୂର୍ବଦିଗ୍‌ବିଜୟ ସମୟରେ ଦକ୍ଷିଣ-ଭାରତରେ ପ୍ରତାପରୁଦ୍ର ମହାରାଜାଙ୍କ ଅଧୀନସ୍ଥ ରାଜ୍ୟରେ ନିମ୍ନୋକ୍ତ ୯ ଗୋଟି ଦୁର୍ଗ ବିଷୟ ଲେଖାଅଛି : (୧) ଉଦୟଗିରି, (୨) କୋଣ୍ଡା, (୩) ବୀଡ଼ୁ, (୪) କୋଣ୍ଡାପଲ୍ଲୀ, (୫) ବେଲ୍ଲଂକୋଣ୍ଡା, (୬) ନାଗାର୍ଜ୍ଜୁନ କୋଣ୍ଡା, (୭) ଅଦ୍‌ଦାଙ୍କି, (୮) ଅମ୍ମାନାବ୍ରୋଲୁ, (୯) ତାଙ୍ଗେଡ଼ୁ ।

ଗଙ୍ଗବଂଶାବତଂଶ ମହାରାଜା ଅନଙ୍ଗଭୀମ ୧୧୭୫-୧୨୦୨ ଖ୍ରୀଷ୍ଟାବ୍ଦ ମଧ୍ୟରେ ଓଡ଼ିଶାକୁ ନଳମାପ କରାଇଥିଲେ । ସେତେବେଳେ ଓଡ଼ିଶାର ସୀମା ହୁଗୁଳିଠାରୁ ଗୋଦାବରୀ ପର୍ଯ୍ୟନ୍ତ ଥିଲା । ଓଡ଼ିଶାର ରାଜସ୍ୱ ୧୫ ଲକ୍ଷ ମୋହର ଥିଲା । ୧୫ ଲକ୍ଷ ମୋହର=୪୦୬୨୫୦ ପାଉଣ୍ଡ=୬୦୯୩୭୫୦ ଟଙ୍କା । ୧୬ଶ ଶତାବ୍ଦୀରେ ବାର୍ଷିକ ରାଜସ୍ୱ ୪୩୫୦୦୦ ପାଉଣ୍ଡ । ଆକବରଙ୍କ ଅମଳରେ ୪୩୫୩୧୯ ପାଉଣ୍ଡ । ୧୭ଶ ଶତାବ୍ଦୀରେ ୫୩୭୪୯୫ ପାଉଣ୍ଡ । ସାହାଜାନଙ୍କ ଅମଳରେ ୪୯୬୧୪୯୭ ପାଉଣ୍ଡ= ୫୩୭୪୯୫୫ ସିକାଟଙ୍କା । ୧୮ଶ ଶତାବ୍ଦୀରେ ୫୭୦୭୫୦ ପାଉଣ୍ଡ ଥିଲା । ମାତ୍ର ଇଂରେଜମାନଙ୍କ ଅମଳରେ ୭୫୦୦୦ ପାଉଣ୍ଡ ଥିଲା । ଓଡ଼ିଶାର ସୀମା କ୍ରମେ ହ୍ରାସ ହୋଇଥିବାର ଏଥିରୁ ସ୍ପଷ୍ଟ ପ୍ରକାଶିତ ହେଉଛି ।

ଗଙ୍ଗବଂଶୀୟ ରାଜାଙ୍କ ଅମଳରେ ଓଡ଼ିଶାର ଆୟତନ ମେଦିନୀପୁର ସହିତ ୩୯୦୦୭ ବର୍ଗମାଇଲ ଥିଲା । ତମଲୁକ ଗଙ୍ଗବଂଶ ଅମଳରେ ଓଡ଼ିଶାର ଅନ୍ତର୍ଭୁକ୍ତ ଥିଲା । ଆଡ଼ରେ ବଉଦ ପର୍ଯ୍ୟନ୍ତ ସୀମାବୃଦ୍ଧି ହୋଇଥିଲା । ଗଙ୍ଗବଂଶ ରାଜାମାନଙ୍କ ପୂର୍ବେ ଓଡ଼ିଶାର ଦୈର୍ଘ୍ୟ ୧୮୫ ମାଇଲ ଏବଂ ପ୍ରସ୍ଥ ୬୦ ମାଇଲ ଥିଲା । ଗଙ୍ଗବଂଶ ଅମଳରେ ଓଡ଼ିଶାର ସୀମା ହୁଗୁଳିଠାରୁ ଗୋଦାବରୀ ପର୍ଯ୍ୟନ୍ତ ହେଲା ।

ତମଲୁକ ଯେ ଓଡ଼ିଶା ଅନ୍ତର୍ଗତ ଥିଲା, ଏଥିରେ ଲେଶମାତ୍ର ସନ୍ଦେହ ନାହିଁ । ଆଜି ସେଠାରେ ଯେଉଁସବୁ ଚିହ୍ନ ଅଛି, ସେଥିରୁ ସେ ଦେଶ ଓଡ଼ିଆଦେଶ ଥିବାର ସ୍ପଷ୍ଟ ଜଣାପଡ଼େ । ସେଠାରେ ଓଡ଼ିଆ ପାଞ୍ଜି, ଓଡ଼ିଆ ଭାଷା ଚଳୁଛି । ଲୋକମାନଙ୍କ ପଦବୀ ଅଧିକାଂଶ ଓଡ଼ିଆ ପଦବୀ । ପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତମାନେ କହନ୍ତି, ତ୍ରେତାଯୁଗରେ ତାମ୍ରଲିପ୍ତ କଳିଙ୍ଗର ଅନ୍ତର୍ଗତ ଥିଲା । ସୁତରାଂ ରାମାୟଣରେ ତାମ୍ରଲିପ୍ତର ସ୍ୱତନ୍ତ୍ର ନାମ ଉଲ୍ଲେଖ ହୋଇନାହିଁ । ମହାଭାରତ, ବ୍ରହ୍ମାଣ୍ଡପୁରାଣ, ମତ୍ସ୍ୟପୁରାଣ, ବାୟୁପୁରାଣ, ଗରୁଡ଼ପୁରାଣ ପ୍ରଭୃତିରେ ତାମ୍ରଲିପ୍ତ ନାମ ଉଲ୍ଲେଖ ଅଛି । 'ଅଭିଧାନ ଚିନ୍ତାମଣି' ଗ୍ରନ୍ଥରେ ତାମ୍ରଲିପ୍ତର ଅନେକ ନାମ ଦେଖାଯାଏ; ଯଥା—ତମୋଲିପ୍ତ, ତାମ୍ରଲିପ୍ତ, ବେଲାକୂଳ, ତମାଳିକା,

ଦମଲପ୍ପ, ତମାଲିନୀ, ବହୁ ଗ୍ରନ୍ଥ । ଜୈମିନୀ ମହର୍ଷି ଏହାକୁ ରତ୍ନଗଡ଼ ବୋଲି କହିଛନ୍ତି । କାଶୀରାମ ଦାଶଙ୍କ ମହାଭାରତରେ ଏହାର ନାମ ରତ୍ନାବତୀପୁର ।

ମହାରାଜା ପ୍ରତାପରୁଦ୍ରଙ୍କ ଅମଳରେ ଓଡ଼ିଶାର କଳେବର ଆହୁରି ବୃଦ୍ଧି ହୋଇଥିଲା । ସେ ଆପଣା ବାହୁବଳଦ୍ୱାରା ଉତ୍କଳର ସୀମାକୁ କୁମାରିକା ଅନ୍ତରୀପ ପର୍ଯ୍ୟନ୍ତ ବଢ଼ାଇଥିଲେ । ସେତେବେଳେ ଉତ୍କଳ ରାଜ୍ୟ ଭାରତର ଏକ-ତୃତୀୟାଂଶ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ରାୟ ରାମାନନ୍ଦ ପ୍ରତାପରୁଦ୍ରଙ୍କ ସମସାମୟିକ । ସେ ଜଗନ୍ନାଥବଲ୍ଲଭ ନାମକ ଖଣ୍ଡିଏ ନାଟକ ଲେଖିଥିଲେ । ସେ ନାଟକରେ ନିମ୍ନଲିଖିତ ପ୍ରକାର ବର୍ଣ୍ଣନା ଦେଇଛନ୍ତି—

ଯନ୍ନାମାପି ନଶମ୍ୟ ସବଦ୍ବଶତେ ସେକନ୍ଦରଃ କନ୍ଦରମ୍
ସ୍ବବର୍ଗଂ କଲବର୍ଗ ଭୂମିତଳକଃ ସାଶ୍ରୁଂ ସମୁଦ୍‌ବୀକ୍ଷତେ ।
ମେନେ ମୂର୍ଦ୍ଧ୍ନିର ଭୂପତର୍ଜରନ୍ଧବାରଣ୍ୟଂ ନଜଂ ପତ୍ତନମ୍
ବାତବ୍ୟଗ୍ରପୟୋଧି ପାତମିବ ସ୍ବଂବେଦ ଗୌଡ଼େଶ୍ୱରଃ ।

ଏଥିରେ ପ୍ରତାପରୁଦ୍ରଙ୍କ ପ୍ରତାପ, କୀର୍ତ୍ତି ଓ ଅଧିକୃତ ରାଜ୍ୟ ବିଷୟ ବର୍ଣ୍ଣିତ ଅଛି । ରାଜା ପ୍ରତାପରୁଦ୍ର ଦାକ୍ଷିଣାତ୍ୟ ପ୍ରଦେଶରେ ରହି ବହୁକାଳ ଯୁଦ୍ଧ କରି ଅନେକ ରାଜ୍ୟ କରଗତ କରିଥିଲେ । ରାୟ ରାମାନନ୍ଦ ତାଙ୍କର ସେନାପତି ଥିଲେ । ଯୁଦ୍ଧରେ କୃତିତ୍ୱ ଦେଖାଇ ରାୟ ଉପାଧି ପାଇଥିଲେ ଏବଂ ରାଜମହେନ୍ଦ୍ରୀର ଶାସନକର୍ତ୍ତା ହୋଇଥିଲେ । ଉପରୋକ୍ତ ଶ୍ଳୋକର ଭାବ ଏହି ଯେ, ପ୍ରତାପରୁଦ୍ରଙ୍କ ନାମ ଶ୍ରବଣ କରି ସେକନ୍ଦର ରାଜା ଗିରିକନ୍ଦରରେ ଲୁଚୁଥିଲେ, କଲବର୍ଗେଶ୍ୱର ଆପଣା ପରିବାରବର୍ଗଙ୍କ ନୟନରେ ଅଶ୍ରୁ ଦେଖୁଥିଲେ ଏବଂ ଗୌଡ଼ ଦେଶର ରାଜା ଆପଣାକୁ ପ୍ରବଳ ବାତ୍ୟାବେଗରେ ସମୁଦ୍ରସ୍ଥ ଘୂର୍ଣ୍ଣିତ ପୋତାରୂଢ଼ ସଦୃଶ ମନେ କରୁଥିଲେ । ଯେଉଁମାନେ ପୂର୍ବରୁ ଅନଙ୍ଗଭୀମଙ୍କ ପ୍ରତାପ ଜାଣିଥିଲେ ସେମାନେ ରୁଦ୍ରପ୍ରତିମ ପ୍ରତାପରୁଦ୍ରଙ୍କ ବିକ୍ରମ ସ୍ମରଣକରି କ୍ରନ୍ଦନ କଲେ । ଯେଉଁମାନେ ପରାସ୍ତ ହେଲେ, ସେମାନେ ରାଜ୍ୟ ଛାଡ଼ି ପଳାଇଲେ ଏବଂ ଆପଣା ରାଜ୍ୟକୁ କାନନ ସ୍ୱରୂପ ମଣିଥିଲେ । ମିଷ୍ଟର ଅଣ୍ଡ୍ରୁ ଷ୍ଟର୍ଲିଂ ସାହେବ ଓଡ଼ିଶା ରାଜାଙ୍କ ବଂଶାବଳୀ ଗ୍ରନ୍ଥର ଯେଉଁ ଅନୁବାଦ କରିଥିଲେ ତାହା ୧୮୩୭ ଖ୍ରୀଷ୍ଟାବ୍ଦରେ ଆସିଆଟିକ୍ ସୋସାଇଟି ଜର୍ଣ୍ଣାଲ୍ ନାମକ ମାସିକ ପତ୍ରିକାରେ ପ୍ରକାଶିତ ହୋଇଥିଲା । ଉକ୍ତ ପ୍ରବନ୍ଧରେ ସେ ଲେଖିଅଛନ୍ତି, ପ୍ରତାପରୁଦ୍ରଦେବ ସେତୁବନ୍ଧ ରାମେଶ୍ୱର ପର୍ଯ୍ୟନ୍ତ ସମସ୍ତ ରାଜ୍ୟ ଜୟ କରିଥିଲେ । ବଙ୍ଗୀୟ ସାହିତ୍ୟ ପରିଷତ୍ ପୁସ୍ତକାଳୟରେ ଭାରତର ଖଣ୍ଡିଏ ପ୍ରାଚୀନ ମାନଚିତ୍ର ଅଛି । ସେଥିରେ "ପ୍ରତାପରୁଦ୍ରଙ୍କ ବୃହତ୍ ସାମ୍ରାଜ୍ୟ" ବୋଲି ଯେଉଁ ସ୍ଥାନ ଚିହ୍ନିତ ଅଛି, ତାହା ଦେଖିଲେ ତଦାନୀନ୍ତନ ଉତ୍କଳର ବିଶାଳତା ସମ୍ବନ୍ଧରେ ଜଣାପଡ଼ିବ । ଗୋପୀନାଥପୁରର ଖୋଦିତ ଲିପିରୁ ଜଣାଯାଏ ପ୍ରତାପରୁଦ୍ରଙ୍କ ପୂର୍ବେ ରାଜା କପିଳେନ୍ଦ୍ରଦେବ କର୍ଣ୍ଣାଟ, କଲବରଗ (କୁଲବର୍ଗା—ହାଇଦ୍ରାବାଦ

ନବସଂଖ୍ୟକ ଦୁର୍ଗବିଶିଷ୍ଟ କର୍ଣ୍ଣାଟକଲବର୍ଗର ଅଧୀଶ୍ୱର ଥିଲେ । କବି ଲକ୍ଷ୍ମଣ ରାଓ ତେଲୁଗୁ ଭାଷାରେ ହିନ୍ଦୁଦେଶ କଥାସଂଗ୍ରହ ନାମକ ପୁସ୍ତକ ଲେଖିଛନ୍ତି । ମହାମ୍ମଦୀୟ ମହାପୁରାଧାସ୍ତୁ ୩୫୬ ପୃଷ୍ଠାରେ କୃଷ୍ଣଦେବ ରାୟଙ୍କ ପୂର୍ବାବର୍ତ୍ତିଜୟ ସମୟରେ ଦକ୍ଷିଣ-ଭାରତରେ ପ୍ରତାପରୁଦ୍ର ମହାରାଜାଙ୍କ ଅଧୀନସ୍ଥ ରାଜ୍ୟରେ ନିମ୍ନୋକ୍ତ ୯ ଗୋଟି ଦୁର୍ଗ ବିଷୟ ଲେଖାଅଛି : (୧) ଉଦୟଗିରି, (୨) କୋଣ୍ଡା, (୩) ବାଡ଼ୁ, (୪) କୋଣ୍ଡାପଲ୍ଲୀ, (୫) ବେଲ୍ଲଂ କୋଣ୍ଡା, (୬) ନାଗାର୍ଜୁନ କୋଣ୍ଡା, (୭) ଅବ୍ଦାକଂ, (୮) ଅମ୍ମାନାବ୍ରୋଲୁ, (୯) ତାଗେଡ଼ୁ ।

ଗଙ୍ଗବଂଶାବତଂସ ମହାରାଜା ଅନଙ୍ଗଭୀମ ୧୧୭୫-୧୨୦୨ ଖ୍ରୀଷ୍ଟାବ୍ଦ ମଧ୍ୟରେ ଓଡ଼ିଶାକୁ ନଳମାପ କରାଇଥିଲେ । ତେତେବେଳେ ଓଡ଼ିଶାର ସୀମା ହୁଗୁଳିଠାରୁ ଗୋଦାବରୀ ପର୍ଯ୍ୟନ୍ତ ଥିଲା । ଓଡ଼ିଶାର ରାଜସ୍ୱ ୧୫ ଲକ୍ଷ ମୋହର ଥିଲା । ୧୫ ଲକ୍ଷ ମୋହର = ୪୦୬୨୫୦ ପାଉଣ୍ଡ = ୬୦୯୩୭୫୦ ଟଙ୍କା । ୧୬ଶ ଶତାବ୍ଦୀରେ ବାର୍ଷିକ ରାଜସ୍ୱ ୪୩୫୦୦୦ ପାଉଣ୍ଡ । ଆକବରଙ୍କ ଅମଲରେ ୪୩୫୩୧୯ ପାଉଣ୍ଡ । ୧୭ଶ ଶତାବ୍ଦୀରେ ୫୩୭୪୯୫ ପାଉଣ୍ଡ । ସାହାଜାନଙ୍କ ଅମଲରେ ୪୯୬୧୪୯୭ ପାଉଣ୍ଡ = ୫୩୭୪୯୫୫ ସିକାଟଙ୍କା । ୧୮ଶ ଶତାବ୍ଦୀରେ ୫୭୦୭୫୦ ପାଉଣ୍ଡ ଥିଲା । ମାତ୍ର ଇଂରେଜମାନଙ୍କ ଅମଲରେ ୪୫୦୦୦ ପାଉଣ୍ଡ ଥିଲା । ଓଡ଼ିଶାର ସୀମା କ୍ରମେ ହ୍ରାସ ହୋଇଥିବାର ଏଥିରୁ ସ୍ପଷ୍ଟ ପ୍ରକାଶିତ ହେଉଛି ।

ଗଙ୍ଗବଂଶୀୟ ରାଜାଙ୍କ ଅମଲରେ ଓଡ଼ିଶାର ଆୟତନ ମେଦନୀପୁର ସହିତ ୩୯୪୦୭ ବର୍ଗମାଇଲ ଥିଲା । ତମଲୁକ ଗଙ୍ଗବଂଶ ଅମଲରେ ଓଡ଼ିଶାର ଅନ୍ତର୍ଭୁକ୍ତ ଥିଲା । ଆଗରେ ବଉଦ ପର୍ଯ୍ୟନ୍ତ ସୀମାବୃଦ୍ଧି ହୋଇଥିଲା । ଗଙ୍ଗବଂଶ ରାଜାମାନଙ୍କ ପୂର୍ବେ ଓଡ଼ିଶାର ଦୈର୍ଘ୍ୟ ୧୮୫ ମାଇଲ ଏବଂ ପ୍ରସ୍ଥ ୬୦ ମାଇଲ ଥିଲା । ଗଙ୍ଗବଂଶ ଅମଲରେ ଓଡ଼ିଶାର ସୀମା ହୁଗୁଳିଠାରୁ ଗୋଦାବରୀ ପର୍ଯ୍ୟନ୍ତ ହେଲା ।

ତମଲୁକ ଯେ ଓଡ଼ିଶା ଅନ୍ତର୍ଗତ ଥିଲା, ଏଥିରେ ଲେଶମାତ୍ର ସନ୍ଦେହ ନାହିଁ । ଆଜି ସେଠାରେ ଯେଉଁସବୁ ଚିହ୍ନ ଅଛି, ସେଥିରୁ ସେ ଦେଶ ଓଡ଼ିଆଦେଶ ଥିବାର ସ୍ପଷ୍ଟ ଜଣାପଡ଼େ । ସେଠାରେ ଓଡ଼ିଆ ପାଞ୍ଜି, ଓଡ଼ିଆ ଭାଷା ଚଳୁଛି । ଲୋକମାନଙ୍କ ପଦବୀ ଅଧିକାଂଶ ଓଡ଼ିଆ ପଦବୀ । ପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତମାନେ କହନ୍ତି, ତ୍ରେତାଯୁଗରେ ତାମ୍ରଲିପ୍ତ କଳିଙ୍ଗର ଅନ୍ତର୍ଗତ ଥିଲା । ସୁତରାଂ ରାମାୟଣରେ ତାମ୍ରଲିପ୍ତର ସ୍ୱତନ୍ତ୍ର ନାମ ଉଲ୍ଲେଖ ହୋଇନାହିଁ । ମହାଭାରତ, ବ୍ରହ୍ମାଣ୍ଡପୁରାଣ, ମତ୍ସ୍ୟପୁରାଣ, ବାୟୁପୁରାଣ, ଗରୁଡ଼ପୁରାଣ ପ୍ରଭୃତିରେ ତାମ୍ରଲିପ୍ତ ନାମ ଉଲ୍ଲେଖ ଅଛି । 'ଅଭିଧାନ ଚିନ୍ତାମଣି' ଗ୍ରନ୍ଥରେ ତାମ୍ରଲିପ୍ତର ଅନେକ ନାମ ଦେଖାଯାଏ; ଯଥା—ତମୋଲିପ୍ତ, ତାମ୍ରଲିପ୍ତ, ବେଳାକୂଳ, ତମାଲିକା,

ଦମଲୟ, ତମାଲିନୀ, ବିଷ୍ଣୁ ଗୃହ । ଜୈମିନୀ ମହର୍ଷି ଏହାକୁ ରତ୍ନଗଡ ବୋଲି କହିଛନ୍ତି । କାଶୀରାମ ଦାଶଙ୍କ ମହାଭାରତରେ ଏହାର ନାମ ରତ୍ନାବତୀପୁର ।

ମହାରାଜା ପ୍ରତାପରୁଦ୍ରଙ୍କ ଅମଳରେ ଓଡ଼ିଶାର କଳେବର ଆହୁରି ବୃଦ୍ଧି ହୋଇଥିଲା । ସେ ଆପଣା ବାହୁବଳଦ୍ୱାରା ଉତ୍କଳର ସୀମାକୁ କୁମାରିକା ଅନ୍ତରୀପ ପର୍ଯ୍ୟନ୍ତ ବଢାଇଥିଲେ । ସେତେବେଳେ ଉତ୍କଳ ରାଜ୍ୟ ଭାରତର ଏକ-ତୃତୀୟାଂଶ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ରାୟ ରାମାନନ୍ଦ ପ୍ରତାପରୁଦ୍ରଙ୍କ ସମସାମୟିକ । ସେ ଜଗନ୍ନାଥବଲ୍ଲଭ ନାମକ ଖଣ୍ଡିଏ ନାଟକ ଲେଖିଥିଲେ । ସେ ନାଟକରେ ନିମ୍ନଲିଖିତ ପ୍ରକାର ବର୍ଣ୍ଣନା ଦେଇଛନ୍ତି—

ଯନ୍ନାମାପି ନିଶମ୍ୟ ଯବନନଶତେ ସେକନ୍ଦରଃ କନ୍ଦରମ୍
ସ୍ୱବର୍ଗଂ କଲବର୍ଗ ଭୂମିତିଲକଃ ସାସ୍ରୁଂ ସମୁଦ୍‌ବୀକ୍ଷତେ ।
ମେନେ ଗୁର୍କ୍ଷର ଭୂପତର୍କରନ୍ଧବାରଣ୍ୟଂ ନିଜଂ ପତ୍ତନମ୍
ବାତବ୍ୟଗ୍ରପୟୋଧି ,ପାତଗ ମିବ ସ୍ୱଂବେଦ ଗୌଡେଶ୍ୱରଃ ।

ଏଥିରେ ପ୍ରତାପରୁଦ୍ରଙ୍କ ପ୍ରତାପ, କୀର୍ତ୍ତି ଓ ଅଧିକୃତ ରାଜ୍ୟ ବିଷୟ ବର୍ଣ୍ଣିତ ଅଛି । ରାଜା ପ୍ରତାପରୁଦ୍ର ଦାକ୍ଷିଣାତ୍ୟ ପ୍ରଦେଶରେ ରହି ବହୁକାଳ ଯୁଦ୍ଧ କରି ଅନେକ ରାଜ୍ୟ କରଗତ କରିଥିଲେ । ରାୟ ରାମାନନ୍ଦ ତାଙ୍କର ସେନାପତି ଥିଲେ । ଯୁଦ୍ଧରେ କୃତିତ୍ୱ ଦେଖାଇ ରାୟ ଉପାଧି ପାଇଥିଲେ ଏବଂ ରାଜମହେନ୍ଦ୍ରୀର ଶାସନକର୍ତ୍ତା ହୋଇଥିଲେ । ଉପରୋକ୍ତ ଶ୍ଳୋକର ଭାବ ଏହି ଯେ, ପ୍ରତାପରୁଦ୍ରଙ୍କ ନାମ ଶ୍ରବଣ କରି ସେକନ୍ଦର ରାଜା ଗିରିକନ୍ଦରରେ ଲୁଚୁଥିଲେ, କଲବର୍ଗେଶ୍ୱର ଆପଣା ପରିବାରବର୍ଗଙ୍କ ନୟନରେ ଅଶ୍ରୁ ଦେଖୁଥିଲେ ଏବଂ ଗୌଡ଼ ଦେଶର ରାଜା ଆପଣାକୁ ପ୍ରବଳ ବାତ୍ୟାବେଗରେ ସମୁଦ୍ରସ୍ଥ ଘୂର୍ଣ୍ଣିତ ପୋତାରୂଢ ସଦୃଶ ମନେ କରୁଥିଲେ । ଯେଉଁମାନେ ପୂର୍ବରୁ ଅନଙ୍ଗଭୀମଙ୍କ ପ୍ରତାପ ଜାଣିଥିଲେ ସେମାନେ ରୁଦ୍ରପ୍ରତିମ ପ୍ରତାପରୁଦ୍ରଙ୍କ ବିକ୍ରମ ସ୍ମରଣକରି କ୍ରନ୍ଦନ କଲେ । ଯେଉଁମାନେ ପରାସ୍ତ ହେଲେ, ସେମାନେ ରାଜ୍ୟ ଛାଡି ପଳାଇଲେ ଏବଂ ଆପଣା ରାଜ୍ୟକୁ କାନନ ସ୍ୱରୂପ ମଣିଥିଲେ । ମିଷ୍ଟର ଣ୍ଡ୍ରୁ ଷ୍ଟର୍ଲିଂ ସାହେବ ଓଡ଼ିଶା ରାଜାଙ୍କ ବଂଶାବଳୀ ଗ୍ରନ୍ଥର ଯେଉଁ ଅନୁବାଦ କରିଥିଲେ ତାହା ୧୮୩୭ ଖ୍ରୀଷ୍ଟାବ୍ଦରେ ଆସିଆଟିକ୍ ସୋସାଇଟି ଜର୍ଣ୍ଣାଲ୍ ନାମକ ମାସିକ ପତ୍ରିକାରେ ପ୍ରକାଶିତ ହୋଇଥିଲା । ଉକ୍ତ ପ୍ରବନ୍ଧରେ ସେ ଲେଖିଅଛନ୍ତି, ପ୍ରତାପରୁଦ୍ରଦେବ ସେତୁବନ୍ଧ ରାମେଶ୍ୱର ପର୍ଯ୍ୟନ୍ତ ସମସ୍ତ ରାଜ୍ୟ ଜୟ କରିଥିଲେ । ବଙ୍ଗୀୟ ସାହିତ୍ୟ ପରିଷତ୍ ପୁସ୍ତକାଳୟରେ ଭାରତର ଖଣ୍ଡିଏ ପ୍ରାଚୀନ ମାନଚିତ୍ର ଅଛି । ସେଥିରେ "ପ୍ରତାପରୁଦ୍ରଙ୍କ ବୃହତ୍ ସାମ୍ରାଜ୍ୟ" ବୋଲି ଯେଉଁ ସ୍ଥାନ ଚିହ୍ନିତ ଅଛି, ତାହା ଦେଖିଲେ ତଦାନୀନ୍ତନ ଉତ୍କଳର ବିଶାଳତା ସମ୍ବନ୍ଧରେ ଜଣାପଡ଼ିବ । ଗୋପୀନାଥପୁରର ଖୋଦିତ ଲିପିରୁ ଜଣାଯାଏ ପ୍ରତାପରୁଦ୍ରଙ୍କ ପୂର୍ବେ ରାଜା କପିଳେନ୍ଦ୍ରଦେବ କର୍ଣ୍ଣାଟ, କଲବରଗ (କୁଲବର୍ଗା—ହାଇଦ୍ରାବାଦ

ନ୍ଦକଟରେ), ମାଳବ ଓ ଗୌଡ଼ ଦେଶ ଜୟ କରିଥିଲେ ଏବଂ ଦିଲ୍ଲୀଶ୍ୱରଙ୍କ, ଗର୍ବ ଖର୍ବ କରିଥିଲେ । ଉତ୍କଳୀୟମାନଙ୍କର ଏହି ପ୍ରାଚୀନ କୀର୍ତ୍ତି, ଗୌରବ, ବାହୁବଳ ଏକାବେଳକେ ଲୋପ ପାଇଛି । ମହାରାଜା ପ୍ରତାପରୁଦ୍ରଦେବ ବୈଷ୍ଣବଧର୍ମ ଗ୍ରହଣକରି ଚୈତନ୍ୟଙ୍କ ଶିଷ୍ୟ ହେବା ପରେ ହୀନଶକ୍ତି ହେଲେ ଏବଂ ସେହିଦିନୁ ବାହୁବଳ ଅନ୍ତର୍ହିତ ହେଲା । ଆଜ ସେହି ଉତ୍କଳୀୟମାନଙ୍କ ବଂଶଧରମାନଙ୍କୁ ଲୋକେ ମେଣ୍ଢା କହି ବିଦ୍ରୂପ କରି ମନରେ ଆନନ୍ଦ ଉପଭୋଗ କରୁଛନ୍ତି । ବିଶ୍ୱଜଗତର ବିଧିବିଧାନ ଏସବୁ ବିପର୍ଯ୍ୟୟର ଏକମାତ୍ର କାରଣ ।

ଓଡ଼ିଆଭାଷା ଯେଉଁ ଯେଉଁ ସ୍ଥାନରେ ଦେଖାଯାଏ, ତଦନୁସାରେ ପ୍ରାଚୀନ ଉତ୍କଳର ଚିହ୍ନ ଦେଖାଯାଏ । ଗ୍ରୀୟରସନ୍ ସାହେବଙ୍କ ଭାଷାସର୍ଭେ ୫ମ ଭାଗ ୨ୟ ଅଧ୍ୟାୟରେ ଦେଖାଯାଏ, ଓଡ଼ିଆଭାଷୀ ପ୍ରଦେଶର ସୀମା ପୂର୍ବରେ ବଙ୍ଗୋପସାଗର, ଉତ୍ତରରେ ପୂର୍ବଆଡ଼କୁ ହଳଦୀନଦୀ, ମେଦିନୀପୁର ସବ୍‌ଡିଭିଜନର କଣ୍ଟାଇର ଉତ୍ତର ସୀମା । ଉତ୍ତର-ପଶ୍ଚିମ ଆଡ଼କୁ କାଳିଘାଇ ନଦୀଠାରୁ ବାଙ୍କୁଡ଼ା ପର୍ଯ୍ୟନ୍ତ । ଦାନ୍ତନ, ଗୋପୀବଲ୍ଲଭପୁର, ଝାଡ଼ଗ୍ରାମ ଓ ବିନପୁର ପୁଲିଶ ଥାନାମାନ ଏଥିର ଅନ୍ତର୍ଗତ । ସିଂହଭୂମର ପୂର୍ବସୀମା ଧଳଭୂମକୁ ଛୁଇଁ-ଦେଇଛନ୍ତି । ସିଂହଭୂମର ସାଧାରଣ ସୀମା ମୟୂରଭଞ୍ଜ, ସରେଇକଳା ପର୍ଯ୍ୟନ୍ତ । ସେଠାରୁ ଉତ୍ତରଆଡ଼କୁ ସିଂହଭୂମ ଜିଲ୍ଲା ଦେଇ ଉତ୍ତରସୀମା ପର୍ଯ୍ୟନ୍ତ । ରାଞ୍ଚି ଜିଲ୍ଲାର ଦକ୍ଷିଣସୀମା ପର୍ଯ୍ୟନ୍ତ ଯାସପୁରର ଦକ୍ଷିଣାଂଶ ପୁଣି ଦକ୍ଷିଣକୁ ଯାସପୁର ଏବଂ ଉଦୟପୁର ମଧ୍ୟଦେଇ ରାଏଗଡ଼, ସାରଂଗଗଡ଼, ସମ୍ବଲପୁର, ଜୟପୁର, ଭିଜାଗାପଟ୍ଟମ, ବସ୍ତର, ଦଂଡକ ପର୍ଯ୍ୟନ୍ତ । ଏଠାରୁ ପୂର୍ବ ଆଡ଼କୁ ଭିଜାଗାପଟ୍ଟମ୍, ଗଞ୍ଜାମ ମଧ୍ୟଦେଇ ପୂର୍ବ ସମୁଦ୍ରକୂଳ ବରୁଭ ବନ୍ଦର ପର୍ଯ୍ୟନ୍ତ । ଏଥିରୁ ସମସ୍ତ ଓଡ଼ିଆଭାଷୀ ପ୍ରଦେଶର ଆଭାସ ନମିଳିଲେ ମଧ୍ୟ ଅଧିକାଂଶ ପ୍ରଦେଶର ଆଭାସ ମିଳୁଛି ।

ଷ୍ଟର୍ଲିଂ ସାହେବ ତାଙ୍କ 'ଓଡ଼ିଶା ଇତିହାସ'ରେ ଓଡ଼ିଶାର ସୀମା ନିମ୍ନଲିଖିତ ପ୍ରକାରେ ଦେଇଅଛନ୍ତି :

ଉତ୍ତର—ତ୍ରିବେଣୀଠାରୁ ବିଶନ୍‌ପୁର ଦେଇ ପାଟକୁମ ପର୍ଯ୍ୟନ୍ତ ।

ଦକ୍ଷିଣ—ଗୋଦାବରୀ ।

ପୂର୍ବ—ହୁଗୁଲି ଓ ସମୁଦ୍ର ।

ପଶ୍ଚିମ—ସିଂହଭୂମଠାରୁ ସୋନପୁର, ଗାଙ୍ଗପୁର, ସମ୍ବଲପୁର ଏବଂ ଏସବୁର ଅଧୀନସ୍ଥ ଜିଲ୍ଲାମାନ, ବସ୍ତରଠାରୁ ଜୟପୁର ଓ ଗୋଦାବରୀ, ମେଦିନୀପୁରର ଏକ ଅଂଶ, ଗଞ୍ଜାମ ଓ ଭିଜାଗାପଟ୍ଟମ୍‌ର କେତେକ ଅଂଶ ।

ଏହି ପ୍ରାଚୀନ ବିଶାଳ କଳେବରୀ ଉତ୍କଳ ଆଜ କ୍ଷୀଣ କଳେବର ଧାରଣ କରିଛି । ଏ ଅଙ୍ଗଚ୍ଛେଦ ନାନା କାରଣରୁ ଘଟିଛି । ମୁସଲମାନ ଶାସକମାନେ ଏ ଅଙ୍ଗଚ୍ଛେଦର

ମୂଳକାରଣ । ୧୭୨୬ ଖ୍ରୀଷ୍ଟାବ୍ଦରେ ନିଜାମଙ୍କ ନାଏବ ମହମ୍ମଦ ତକିଖାଁ ଶାସନ ସମୟରେ ଓଡ଼ିଶା ସୁବାର ସୀମା ରାଧାଦେଉଳଠାରୁ ଟିକ୍କାଲି ରଘୁନାଥପୁର ପର୍ଯ୍ୟନ୍ତ ଥିଲା । ରାଧାଦେଉଳ ମେଦିନୀପୁରଠାରୁ ୭ କୋଶ ଦୂରରେ ଅବସ୍ଥିତ ଏବଂ ଟିକ୍କାଲି ଗଞ୍ଜାମର ମହେନ୍ଦ୍ରମାଳି ପାହାଡ଼ ନିକଟରେ । ଦୀର୍ଘ ୧୭୨ କୋଶ । ପଶ୍ଚିମରେ ଫଲସପଏଣ୍ଟଠାରୁ ବଡ଼ମୂଲଘାଟି ପର୍ଯ୍ୟନ୍ତ ପ୍ରସ୍ଥ ୮୫ ମାଇଲ । ଏହାଙ୍କ ଶାସନପୂର୍ବେ ଆକବରଙ୍କ ଅମଳରେ ଓଡ଼ିଶାର ପାଞ୍ଚଗୋଟି ବିଭାଗ ଥିଲା; ଯଥା—(୧) ଜଳେଶ୍ୱର, (୨) ଭଦ୍ରକ, (୩) କଟକ, (୪) କଳିଙ୍ଗ ଦଣ୍ଡପାଟ, (୫) ରାଜମହେନ୍ଦ୍ରୀ । ଓଡ଼ିଶାର ଗଜପତିବଂଶୀୟ ରାଜାମାନେ ଦକ୍ଷିଣକୁ ବହୁଦୂର ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ । କର୍ଣ୍ଣାଟକ ଓଡ଼ିଶା ରାଜାଙ୍କ ଅଧୀନସ୍ଥ ହୋଇଥିଲା । ଗୋଦାବରୀର ଦକ୍ଷିଣକୁ ଯେଉଁ ପ୍ରଦେଶମାନ ଓଡ଼ିଶା ରାଜାମାନେ ଜୟ କରିଥିଲେ, ସେଥିଲାଗି ବାହାମଣି ରାଜାମାନଙ୍କ ସହିତ ତୁମୁଳ ଯୁଦ୍ଧ ହୋଇଥିଲା । ଓଡ଼ିଶା ପ୍ରଥମେ ମୋଗଲ ସାମ୍ରାଜ୍ୟଭୁକ୍ତ ହେଲାବେଳେ ସୀମା ଉତ୍ତରରେ ସମସ୍ତ ତମଲୁକ ଓ ମେଦିନୀପୁର ଏବଂ ଦକ୍ଷିଣରେ ରାଜମହେନ୍ଦ୍ରୀ ପର୍ଯ୍ୟନ୍ତ ଥିଲା । ଆକବରଙ୍କ ମନ୍ତ୍ରୀମାନେ ଓଡ଼ିଶାକୁ ଦେଓ୍ୱାନୀ ସାମିଲ କଲାବେଳେ ହୁଗୁଲି ଏବଂ ଅଧୀନସ୍ଥ ଦଶଗୋଟି ମାହାଲ ଉତ୍କଳରୁ କାଟିନେଇ ବଙ୍ଗ ସଙ୍ଗେ ମିଶାଇଦେଲେ । ଓଡ଼ିଶାର ଏ ପ୍ରଥମ ଅଙ୍ଗଚ୍ଛେଦ ୧୫୯୦ ଖ୍ରୀଷ୍ଟାବ୍ଦରେ ହୋଇଥିଲା । ଓଡ଼ିଶା ସୁବାର ପଶ୍ଚିମାଂଶ ଅର୍ଥାତ୍ ବଶନ୍‌ପୁରଠାରୁ କଳାହାଣ୍ଡି ଜୟପୁର ବସ୍ତର ପର୍ଯ୍ୟନ୍ତ ପୃଥକ୍ ତହକଭୁକ୍ତ ହେଲା ଏବଂ ମୁସଲମାନଙ୍କ ଅଧିକାର ପରେ ଅନେକ ଦିନଯାଏ ଓଡ଼ିଶା ରାଜାଙ୍କ ଅଧୀନରେ ଥିଲା । ଆକବରଙ୍କ ବନ୍ଦୋବସ୍ତର ଅଳ୍ପ ସମୟ ପରେ ରାଜମହେନ୍ଦ୍ରୀ ଏବଂ ଟିକ୍କାଲି ରଘୁନାଥପୁରଠାରୁ ଦକ୍ଷିଣ କଳିଙ୍ଗ ରାଜ୍ୟ ଗୋଲକୁଣ୍ଡାର ମୁସଲମାନ ରାଜାମାନେ ଓଡ଼ିଶାରୁ ପୃଥକ୍ କରିଦେଲେ । ୧୭୨୬ ଖ୍ରୀଷ୍ଟାବ୍ଦରେ ହାଇଦ୍ରାବାଦର ନିଜାମଙ୍କ କର୍ମଚାରୀମାନେ ଗଞ୍ଜାମର କ୍ଷମତାଶାଳୀ ଜମିଦାରମାନଙ୍କ ସହିତ ଷଡ଼ଯନ୍ତ୍ର କରି ଚିଲିକାର ଦକ୍ଷିଣରୁ ସମସ୍ତ ଦକ୍ଷିଣ-ଉତ୍କଳକୁ କାଟିନେଲେ । ନବାବ ସୁଜାଉଦ୍ଦିନ୍ ମହମ୍ମଦଖାଁ ରାଜସ୍ୱ ଆଦାୟର ସୁବିଧା ଦୃଷ୍ଟିରୁ ପଟାଶପୁର ପ୍ରଗନା ବ୍ୟତୀତ ସମଗ୍ର ଜଳେଶ୍ୱର ତହକକୁ ଅର୍ଥାତ୍ ସୁବର୍ଣ୍ଣରେଖା ପର୍ଯ୍ୟନ୍ତ ମୁର୍ଶିଦାବାଦ ସରକାରଙ୍କ ଶାସନାଧୀନ କଲେ । ଅବଶିଷ୍ଟ ରହିଲା ଉତ୍ତରରେ ସୁବର୍ଣ୍ଣରେଖା, ପଟାଶପୁର, ଦକ୍ଷିଣରେ ଚିଲିକା, ପୂର୍ବରେ ସମୁଦ୍ର, ପଶ୍ଚିମରେ ବଡ଼ମୂଲଘାଟି । ଏହି କ୍ଷୀଣକଳେବର ଉତ୍କଳକୁ ଖ୍ୟାତନାମା ଆଲିବର୍ଦ୍ଦିଖାଁ ୧୭୫୫ ଖ୍ରୀଷ୍ଟାବ୍ଦରେ ଚଉଠ ଗ୍ରହଣ କରି ବେରାରର ମରହଟ୍ଟାମାନଙ୍କୁ ସମର୍ପଣ କଲେ । ମରହଟ୍ଟାମାନଙ୍କ ପରେ ଏହି ଛେଦିତଅଙ୍ଗ ଉତ୍କଳ ଇଂରେଜମାନଙ୍କ ହସ୍ତଗତ ହେଲା । ମାନ୍ଦ୍ରାଜ ପ୍ରଦେଶ ଇଂରେଜମାନଙ୍କ ହସ୍ତଗତ ହେଲାବେଳେ ଦକ୍ଷିଣ-ଉତ୍କଳ ମାନ୍ଦ୍ରାଜ ସରକାରଙ୍କ ଅଧୀନ ଥିଲା । ଅବଶିଷ୍ଟ ଥିଲା କେବଳ ମଧ୍ୟଉତ୍କଳ ଖଣ୍ଡ । ଏ ଖଣ୍ଡ ଅନ୍ୟାନ୍ୟ ଅଂଶ ଇଂରେଜମାନଙ୍କ ହସ୍ତଗତ ହେବାପରେ ୧୮୦୩ ଖ୍ରୀଷ୍ଟାବ୍ଦରେ ହସ୍ତଗତ ହେଲା । ପ୍ରଥମେ ଏହି ଅଂଶ ବଙ୍ଗପ୍ରଦେଶ ଶାସନାଧୀନ ଥିଲା । ଶତାଧିକ ବର୍ଷ ପରେ ସେହି ମଧ୍ୟଉତ୍କଳ

ଖଣ୍ଡ ବଙ୍ଗ ଦେଶରୁ ବିଚ୍ଛିନ୍ନ ହୋଇ ସ୍ୱତନ୍ତ୍ର ବିହାର ପ୍ରଦେଶ ଗଠନ ହେବାବେଳେ ବିହାର ସଙ୍ଗେ ଯୋଗକରାଗଲା । ବଙ୍ଗ ପ୍ରଦେଶରୁ ବିଚ୍ଛିନ୍ନ ହେଲାବେଳେ ସମଗ୍ର ଓଡ଼ିଆଭାଷୀ ପ୍ରଦେଶ ବିଚ୍ଛିନ୍ନ ନ ହୋଇ କେବଳ ତଦାନୀନ୍ତନ ଓଡ଼ିଶା କମିଶନରଙ୍କ ଅଧୀନସ୍ଥ ମଧ୍ୟଉତ୍କଳ ଖଣ୍ଡ ଆସି ବିହାର ସଙ୍ଗେ ସଂଯୁକ୍ତ ହେଲା । ଉତ୍କଳର ଉତ୍ତରାଂଶ ମେଦିନୀପୁର ଅଞ୍ଚଳ ଓ ତନ୍ନିକଟବର୍ତ୍ତୀ ଓଡ଼ିଆଭାଷୀ ଅଞ୍ଚଳମାନ ପୂର୍ବପର ବଙ୍ଗ ସଙ୍ଗେ ରହିଗଲା । ଫୁଲଝର, ପଦ୍ମପୁର, ବସ୍ତର, ଖଡ଼ିଆଳ, ଚନ୍ଦ୍ରପୁର, ସମ୍ବଲପୁର ପ୍ରଭୃତି ମଧ୍ୟପ୍ରଦେଶ ସରକାରଙ୍କ ଅଧୀନରେ ଥିଲା । କେତେକ ଆପତ୍ତି ପରେ ସମ୍ବଲପୁରକୁ ଆଣି ମଧ୍ୟଉତ୍କଳ ସଙ୍ଗେ ଯୋଗକଲେ । ଅବଶିଷ୍ଟ ଅଞ୍ଚଳଗୁଡ଼ିକ ପୂର୍ବପର ମଧ୍ୟପ୍ରଦେଶରେ ଅଛି । ଫଳରେ ଓଡ଼ିଆଭାଷୀ ଲୋକମାନେ ବର୍ତ୍ତମାନ ମାନ୍ଦ୍ରାଜ, ବଙ୍ଗ, ମଧ୍ୟପ୍ରଦେଶ ଏବଂ ବିହାର ପ୍ରାଦେଶିକ ସରକାରମାନଙ୍କ ଶାସନାଧୀନରେ ଅଛନ୍ତି । ମାନ୍ଦ୍ରାଜର ଅଧିକାଂଶ ଅଧିବାସୀ ତେଲୁଗୁ । ସେ ଅଞ୍ଚଳର କଚିରି ଓ ସ୍କୁଲର ସାଧାରଣ ଭାଷା ତେଲୁଗୁ । ବଙ୍ଗଳାର ଅଧିକାଂଶ ଅଧିବାସୀ ବଙ୍ଗାଳୀ । କଚିରି ଓ ସ୍କୁଲର ସାଧାରଣ ଭାଷା ବଙ୍ଗଳା । ମଧ୍ୟପ୍ରଦେଶ ଓ ବିହାରର ଅଧିକାଂଶ ଅଧିବାସୀ ହିନ୍ଦୀଭାଷୀ ଏବଂ ସ୍କୁଲ-କଚିରିର ସାଧାରଣ ଭାଷା ହିନ୍ଦୀ । ପ୍ରତ୍ୟେକ ପ୍ରଦେଶର ଓଡ଼ିଆମାନଙ୍କ ସଂଖ୍ୟା ଅନ୍ୟ ଜାତି ଲୋକଙ୍କ ସଂଖ୍ୟା ତୁଳନାରେ ମୁଷ୍ଟିମେୟ । କେବଳ ମଧ୍ୟଉତ୍କଳ ଖଣ୍ଡର ସଂଖ୍ୟା ଅଧିକ ଓ ଏହା ଏକ ସ୍ୱତନ୍ତ୍ର କମିଶନରଙ୍କ ଅଧୀନ ଥିବାରୁ ଏ ବିଭାଗର ଓଡ଼ିଆମାନେ ଆପଣାର ଭାଷା ପ୍ରଭୃତିର ସ୍ୱାତନ୍ତ୍ର୍ୟ ରଖିପାରିଛନ୍ତି । ତଥାପି ବଙ୍ଗ ସଙ୍ଗେ ଥିବାବେଳେ ମଧ୍ୟଉତ୍କଳରୁ ଓଡ଼ିଆଭାଷା ଉଠାଇଦେଇ ବଙ୍ଗଭାଷା ଚଳିବାର ପ୍ରସ୍ତାବ ଉଠିଥିଲା । ତଦାନୀନ୍ତନ କେତେକ ସ୍ୱଦେଶପ୍ରେମିକ ଓଡ଼ିଆଙ୍କ ଉଦ୍ୟମରେ ସେ ଚେଷ୍ଟା ବିଫଳ ହେବାରୁ ଆଜି ଓଡ଼ିଶାରେ ଉତ୍କଳ ଭାଷା ଜୀବିତ ଅଛି । ଅନ୍ୟାନ୍ୟ ପ୍ରଦେଶର ଓଡ଼ିଆମାନେ ପୂର୍ଣ୍ଣମାତ୍ରାରେ ସ୍ୱାତନ୍ତ୍ର୍ୟ ହରାଇଛନ୍ତି । କେଉଁଠି ଆତ୍ମବିସ୍ମୃତ ହୋଇସାରିଲେଣି, କେଉଁଠି କ୍ଷୀଣଭାବରେ ପ୍ରାଚୀନ ସ୍ମୃତି ଜାଗ୍ରତ ଅଛି । ଦକ୍ଷିଣ-ଉତ୍କଳବାସୀଙ୍କ ସଂଖ୍ୟା ଆପେକ୍ଷିକ ବେଶି । ସୁତରାଂ ସେମାନେ ଅଦ୍ୟାବଧି ପ୍ରାଚୀନ ସ୍ମୃତି ହରାଇ ନାହାନ୍ତି । ଭାଷା ବିକୃତ ହୋଇଗଲାଣି, ଆଚାର-ବ୍ୟବହାର ନୂତନ ଆକାର ଧାରଣ କଲାଣି, ମାତୃଭାଷା-ଶିକ୍ଷାରୁ ବଞ୍ଚିତ ଇତ୍ୟାଦି ନାନାପ୍ରକାର କଷ୍ଟ ଅସୁବିଧା ଭୋଗ କରୁଛନ୍ତି । ଏକଭାଷାଭାଷୀ ଲୋକେ ମୁଷ୍ଟିମେୟ ଭାବରେ ଅନ୍ୟ ଭାଷାଭାଷୀଙ୍କ ସଙ୍ଗେ ରହିଲେ ଏପରି ହେବା ସ୍ୱାଭାବିକ । ଏମାନଙ୍କ ମଧ୍ୟରେ ଜାତୀୟ ଏକତା, ଜାତୀୟ ଭାବ ଜାଗ୍ରତ ରହିବା ଅସମ୍ଭବ । ସଂଖ୍ୟାବଳ ଜାତିର ଗୋଟିଏ ପ୍ରଧାନ ବଳ । ପାଞ୍ଚଭାଇ ଏକାଠିରେ ଥିବା ପର୍ଯ୍ୟନ୍ତ ସେଘରର ବଳ ଯେପରି ଥାଏ, ପୃଥକାନ୍ନ ହେଲେ ସେପରି ରହେ ନାହିଁ । ଘର ଭାଙ୍ଗିଯାଏ, ବଳ କମିଯାଏ । ଏହା ପ୍ରାକୃତିକ ନିୟମ । ପୂର୍ବେ କହିଛି, ସମଗ୍ର ଓଡ଼ିଆଭାଷୀ ପ୍ରଦେଶମାନଙ୍କ ଏକୀକରଣ ଉଦ୍ୟମ ୧୯୦୩ ଖ୍ରୀଷ୍ଟାବ୍ଦରୁ ଲାଗିଛି । ମାତ୍ର ଏହାର ପ୍ରଶ୍ନର ମୀମାଂସାଲାଗି ଯେପରି ପ୍ରାଣର ଆବେଗ, ଯେପରି ଜାତୀୟ ଜାଗରଣ ଆବଶ୍ୟକ, ତାହାର ଶତାଂଶରୁ ଏକାଂଶ ଥିଲେ

ଏ ପ୍ରଶ୍ନ ବହୁକାଳରୁ ମୀମାଂସା ହୋଇସାରନ୍ତାଣି । ୧୫୯୦ ଖ୍ରୀଷ୍ଟାବ୍ଦରୁ ଉତ୍କଳର ଅଙ୍ଗଚ୍ଛେଦ ଆରମ୍ଭ ହୋଇ ଆଜି ୧୯୨୬ ଖ୍ରୀଷ୍ଟାବ୍ଦ ଶେଷ ହେଲା । ପୂର୍ଣ୍ଣ ୩ ଶତାବ୍ଦୀ ଶେଷ ହୋଇ ୪ର୍ଥ ଶତାବ୍ଦୀରୁ ୩୬ ବର୍ଷ ଗତ ହେଲା; ତଥାଚ ଓଡ଼ିଆଭାଷୀ ପ୍ରଦେଶ ଏକତ୍ର ହୋଇପାରିଲା ନାହିଁ । ଆମ୍ଭମାନଙ୍କ ରକ୍ତରେ ସେପରି ଜାତୀୟତା ନାହିଁ । ମନରେ ସେପରି ଜାତୀୟ ଗର୍ବ ଅହଂକାର ନାହିଁ, ପ୍ରାଣରେ ସେପରି ବ୍ୟାକୁଳତା ନାହିଁ । ଅନ୍ୟ କୌଣସି ଜାତି ଏପରି ଜାତୀୟ ଦାରୁଣ ଆଘାତକୁ ଏତେ କାଳ ଅମ୍ଳାନବଦନରେ ସହ୍ୟକରି ନଥାନ୍ତା ! ସୀମା ପରିବର୍ତ୍ତନର ଅସୀମ ଦୁଃଖ ଅନୁଭବ କରି ସୁଦ୍ଧା ଆମ୍ଭେମାନେ ନୀରବ ନିଶ୍ଚଳ ଭାବରେ କାଳ କାଟୁଥାଉଁ । ରକ୍ତ ନିସ୍ତେଜ ହୋଇଗଲାଣି । ଜାତୀୟ ମାନ ଅପମାନର ଜ୍ଞାନ ନାହିଁ । ଉତ୍କଳ ସମ୍ମିଳନୀ ଜାତୀୟ ଭାବର ବୀଜ ବୁଣିଛି ସତ, ମାତ୍ର ଉପଯୁକ୍ତ ଜଳବାୟୁ ନପାଇ ସେ କେବଳ ଅଙ୍କୁରୋଦ୍‌ଗମ ହୋଇ ରହିଛି । ଆଜିପର୍ଯ୍ୟନ୍ତ ତାହା ଯେ ବୃକ୍ଷାକାର ଧାରଣ କରିନାହିଁ, ସେଥିଲାଗି ଉତ୍କଳର ଶିକ୍ଷିତସମାଜ ଦାୟୀ । ଉତ୍କଳର ଅଙ୍ଗଚ୍ଛେଦ ହେଲା, ଉତ୍କଳ ବିକଳାଙ୍ଗ ହେଲା, ଉତ୍କଳ ଦ୍ୱିଧା, ତ୍ରିଧା, ଚତୁର୍ଧା ହେଲା; ମାତ୍ର ଏ ଘଟଣା ଦେଖି ଉତ୍କଳୀୟମାନଙ୍କ ପ୍ରାଣ ଆକୁଳ ବ୍ୟାକୁଳ ହୋଇଥିବାର ପ୍ରକାଶ୍ୟ ପ୍ରମାଣ ଦେଖାଦେଇ ନାହିଁ । ସମଗ୍ର ଓଡ଼ିଆଭାଷୀ ପ୍ରଦେଶକୁ ଏକତ୍ର କରିବାଲାଗି ଉତ୍କଳୀୟମାନଙ୍କ ମନରେ ସେପରି ଉନ୍ମତ୍ତତା ସ୍ଥାନ ପାଇନାହିଁ । ସେପରି ଭାବରେ ଜୀବିତ ଆନ୍ଦୋଳନ ନହେବା ପର୍ଯ୍ୟନ୍ତ ଏ ପ୍ରଶ୍ନ ସହଜରେ ମୀମାଂସା ହେବାପରି ବୋଧ ହେଉନାହିଁ ।

ଉତ୍କଳର ସର୍ବାଙ୍ଗୀନ ଉନ୍ନତି ଲାଗି ଉତ୍କଳର ପ୍ରାଚୀନ ସୀମା ରକ୍ଷିତ ହେବା ନିତାନ୍ତ ଆବଶ୍ୟକ । ସମଗ୍ର ଓଡ଼ିଆଭାଷୀ ପ୍ରଦେଶ ଏକତ୍ର ନହେଲେ ଓଡ଼ିଆମାନେ ଗୋଟିଏ ଜାତି ବୋଲି ମସ୍ତକ ଉତ୍ତୋଳନ କରିପାରିବେ ନାହିଁ । ଜାତିର ସମସ୍ତ ଲୋକେ ଏକତ୍ର ନହେଲେ ଜାତୀୟ ଭାବ ସେମାନଙ୍କ ମଧ୍ୟରେ ଜାଗ୍ରତ ହେବ ନାହିଁ । ଜାତୀୟ ଭାବ ଜାଗ୍ରତ ନହେବା ପର୍ଯ୍ୟନ୍ତ ଜାତୀୟ ଉନ୍ନତି ସୁଦୂରପରାହତ । ପ୍ରାଚୀନ ଜାତୀୟତା, ପ୍ରାଚୀନ କୀର୍ତ୍ତି, ପ୍ରାଚୀନ ଗୌରବ, ପ୍ରାଚୀନ ଶିଳ୍ପସାହିତ୍ୟ, ପ୍ରାଚୀନ ଶୌର୍ଯ୍ୟବୀର୍ଯ୍ୟ, ପ୍ରାଚୀନ ରାଜ୍ୟ ସମ୍ପତ୍ତି ବିଷୟ ଆଲୋଚନା କରି ଉତ୍କଳୀୟ ଯୁବକମାନଙ୍କ ହୃଦୟତନ୍ତ୍ରୀ ନାଚି ନ ଉଠିବା ପର୍ଯ୍ୟନ୍ତ ଉତ୍କଳର ଭବିଷ୍ୟତ୍ ଅନ୍ଧକାରମୟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଉତ୍କଳରେ ପାଶ୍ଚାତ୍ୟ ଶିକ୍ଷା ସଭ୍ୟତା କ୍ରମେ ବିସ୍ତାର କରୁଅଛି; କ୍ରମେ ଓଡ଼ିଆମାନେ ବଡ଼ ବଡ଼ ଚାକିରି ପାଉଛନ୍ତି; ଓକିଲ, ମୁକ୍ତାର, ଡାକ୍ତର, ଇଞ୍ଜିନିଅର ସଂଖ୍ୟା କ୍ରମେ ବଢ଼ୁଛି । କ୍ରମେ ଉତ୍କଳୀୟମାନେ ଲାଟସଭା, ବଡ଼ଲାଟସଭାରେ ସଭ୍ୟ ହେଉଛନ୍ତି, ଜିଲ୍ଲାବୋର୍ଡ଼ ପ୍ରଭୃତି ସ୍ୱାୟତ୍ତଶାସନ ଯନ୍ତ୍ରରେ ଉତ୍କଳୀୟମାନେ ପ୍ରବେଶ କରୁଛନ୍ତି । ମାତ୍ର ଜାତୀୟ ଭାବ, ଜାତୀୟ ପ୍ରୀତି, ଜାତୀୟ ଜାଗରଣ ଯେ କ୍ରମେ ସେହି ପରିମାଣରେ ବଢ଼ୁଛି, ଏକଥା ମୁକ୍ତକଣ୍ଠରେ କହିବାକୁ ମୁଁ ସାହସ କରୁନାହିଁ । ବରଂ ଦେଖାଯାଏ, ପରସ୍ପର ମଧ୍ୟରେ ଦ୍ୱେଷ,

ବିଦ୍ୱେଷ, ହିଂସା, ଈର୍ଷା ବୃଦ୍ଧି ପାଉଛି । ପଦକ୍ଷମତା ସ୍ୱାର୍ଥଲାଳସାରେ ଲୋକେ ସବୁ ସଦ୍‌ଗୁଣାବଳି ଜଳାଞ୍ଜଳି ଦେଇ ଆପେ ଆପଣାକୁ ଦେଶହିତୈଷୀ ବୋଲି ପ୍ରକାଶ୍ୟଭାବରେ ଦାବି କରୁଛନ୍ତି । ଏପରି ମାନସିକ ବିକୃତ ଅବସ୍ଥା ବେଳେ ଦେଶମିଶ୍ରଣ, ଜାତୀୟ ଜାଗରଣ ପ୍ରଭୃତି ବୃହତ୍ ଭାବମାନଙ୍କର ସ୍ଥାନ କାହିଁ ? ଯେ ପର୍ଯ୍ୟନ୍ତ ପବିତ୍ର ଉଜ୍ଜ୍ୱଳ ଦିବ୍ୟ ଜାତୀୟ ଭାବସ୍ରୋତ ପ୍ରତ୍ୟେକ ଶିକ୍ଷିତ ଉତ୍କଳୀୟ ଯୁବକମାନଙ୍କ ପ୍ରତ୍ୟେକ ଶିରାପ୍ରଶିରାରେ ପ୍ରବାହିତ ନ ହୋଇଛି, ସେପର୍ଯ୍ୟନ୍ତ ସକଳପ୍ରକାର ବାହ୍ୟିକ ଚେଷ୍ଟା କେବଳ ଭସ୍ମରେ ଘୃତ ଢାଳିବା ନ୍ୟାୟରେ ପଣ୍ଡ ହେବ । ଯେ କୌଣସି ଆନ୍ଦୋଳନ ଅନୁଷ୍ଠାନ ମୂଳରେ ପବିତ୍ର ଜାତୀୟ ଭାବ ନଥିଲେ ତାହା ବ୍ୟକ୍ତିଗତ ତମାସାରେ ପରିଣତ ହୋଇ କ୍ଷଣକ ପରେ ଲୀନ ହେବ ।

ଉତ୍କଳସମ୍ମିଳନୀ ପରେ ଦେଶମିଶ୍ରଣଲାଗି କେତେପ୍ରକାର ଆବେଦନ ନିବେଦନ କରାଯାଇଛି ଏବଂ ଯାଉଛି; ମାତ୍ର ଯେପରି ନିର୍ଜୀବ ଭାବରେ ସେସବୁ କାର୍ଯ୍ୟ କରାଯାଉଛି, ତଦ୍ୱାରା ଶୀଘ୍ର ସେପରି ଆଶାନୁରୂପ ଫଳ ଫଳୁନାହିଁ । କଥା ଅଛି, "ଯାଦୃଶୀ ଭାବନାଯସ୍ୟ ସିଦ୍ଧିର୍ଭବତି ତାଦୃଶୀ" । ଉତ୍କଳୀୟମାନେ ଯେପରି ଭାବନା କରୁଛନ୍ତି, ସେପରି ସିଦ୍ଧି ହେବ ତ ? କେବଳ ଖବରକାଗଜରେ ପ୍ରାଣସ୍ପର୍ଶୀ ଭାଷାରେ ଦୁ'କଲମ ଲେଖିଦେଲେ ଦେଶମିଶ୍ରଣ ହେବନାହିଁ, କିମ୍ବା ସଭାସମିତିରେ ଠିଆହୋଇ ବକ୍ତୃତା କଲେ ଦେଶମିଶ୍ରଣ ହେବନାହିଁ । ପ୍ରାଣରେ ବ୍ୟାକୁଳତା, ପ୍ରାଣରେ ଆବେଗ କାର୍ଯ୍ୟରେ ପ୍ରକାଶିତ ହେବା ଆବଶ୍ୟକ । ସରକାର ବୁଝୁଛନ୍ତି, ଏସବୁ ଆବେଦନ ନିବେଦନ ମୁଷ୍ଟିମେୟ ଲୋକଙ୍କର କାର୍ଯ୍ୟ, ଏମାନେ ଲୋକରେ ପ୍ରଶଂସା ପାଇବା ପାଇଁ ଏପରି କରୁଛନ୍ତି; ଲୋକସାଧାରଣଙ୍କ ପ୍ରାଣ ଦେଶମିଶ୍ରଣଲାଗି ବ୍ୟାକୁଳ ନୁହେଁ । ଏପରି ସନ୍ଦେହ ହେବାରୁ ଲୋକସାଧାରଣଙ୍କ ଇଚ୍ଛା କ'ଣ, ଅନୁସନ୍ଧାନ କରିବା ଲାଗି ୨୦ ବର୍ଷ ପରେ ଫିଲିପ୍ ଡଫ୍ କମିଶନ ବସିଥିଲା । ସେମାନେ ଗଞ୍ଜାମ ଅଞ୍ଚଳରେ ବୁଲି ରିପୋର୍ଟ ଦେଲେ—ଶିକ୍ଷିତଲୋକ ଦେଶମିଶ୍ରଣଲାଗି ଇଚ୍ଛା ପ୍ରକାଶ କରୁଛନ୍ତି, ଲୋକସାଧାରଣ କିଛି ବିଶେଷଭାବରେ ବୁଝିନାହାନ୍ତି । ସେଥିଲାଗି କହେ, ସେପରି ବ୍ୟାକୁଳତା ଦେଶମିଶ୍ରଣଲାଗି ଆମ୍ଭମାନଙ୍କ ମନରେ ଜନ୍ମିଥିବାର ଆମ୍ଭେମାନେ ପ୍ରକାଶ କରିପାରିନାହୁଁ । ଏଥିଲାଗି ପ୍ରବଳ ଉଦ୍ୟମ ଉତ୍ସାହ ସହିତ କାର୍ଯ୍ୟ କରିବା ଆବଶ୍ୟକ ।

## ପ୍ରାଚୀନ ଉତ୍କଳ—ସଂସ୍କୃତଭାଷା

ସକଳ ମାତୃଭାଷାପ୍ରସବିନୀ ସଂସ୍କୃତଭାଷା ଦିନେ ଭାରତରେ ଅତ୍ୟନ୍ତ ଉତ୍କର୍ଷ ଲାଭ କରିଥିଲା । ସଂସ୍କୃତ ଦେବଭାଷା ବୋଲି ଖ୍ୟାତ । ଭାରତର ଯାବତୀୟ ସାହିତ୍ୟରତ୍ନଗୁଡ଼ିକ ସଂସ୍କୃତଭାଷାରେ ଲେଖା ହୋଇଥିଲା । ବେଦବେଦାନ୍ତ, କାବ୍ୟ, ନାଟକ, ପୁରାଣ, ଶ୍ରୁତି, ସ୍ମୃତି, ବ୍ୟାକରଣ, ଜ୍ୟୋତିଷ, ଚିକିତ୍ସାଶାସ୍ତ୍ର, ଗଣିତଶାସ୍ତ୍ର ପ୍ରଭୃତି ସମସ୍ତ ଶାସ୍ତ୍ରମାନ ସଂସ୍କୃତଭାଷାରେ ଲିଖିତ ହୋଇଛି । ପୁରାତନ ସର୍ବୋତ୍କୃଷ୍ଟ ସଂସ୍କୃତସାହିତ୍ୟଲେଖକ ଭବଭୂତି, ଏକାଦଶ ଶତାବ୍ଦୀରେ ମାଘ ଶିଶୁପାଳବଧ ଲେଖିଥିଲେ । ବିଶାଖାଦତ୍ତ ମୁଦ୍ରାରାକ୍ଷସ ଲେଖିଲାବେଳେ ମୁସଲମାନମାନେ ଭାରତରେ ପଦାର୍ପଣ କରିଥିଲେ ।

ସଂସ୍କୃତ ସାହିତ୍ୟ ପୃଥିବୀ ମଧ୍ୟରେ ଶ୍ରେଷ୍ଠ ସାହିତ୍ୟ । କବିକୁଞ୍ଜ ଭାରତଭୂମି ବୀଣାପାଣିଙ୍କ ବରପୁତ୍ରମାନଙ୍କର କ୍ରୀଡ଼ାକ୍ଷେତ୍ର ଥିଲା । ସଂସ୍କୃତ ସାହିତ୍ୟର ଶ୍ରେଷ୍ଠତ୍ୱ ବର୍ତ୍ତମାନ ଯୁଗର ପାଶ୍ଚାତ୍ୟ ବିଖ୍ୟାତ ପଣ୍ଡିତମାନେ ସ୍ୱୀକାର କରୁଛନ୍ତି ଏବଂ ତହିଁରୁ ରସାସ୍ୱାଦନ କରି ମୁଗ୍ଧ ନହୋଇ ରହିପାରୁ ନାହାନ୍ତି ।

ଯେତେବେଳେ ଏହି ସଂସ୍କୃତ ସାହିତ୍ୟସ୍ରୋତ ସମଗ୍ର ଭାରତବର୍ଷକୁ ପ୍ଳାବିତ କରିଥିଲା, ଉତ୍କଳ ସେତେବେଳେ ପଛରେ ପଡ଼ିନଥିଲା । ଉତ୍କଳ ସାହିତ୍ୟକ୍ଷେତ୍ର ସେତେବେଳେ ଅଣ୍ଟାଭିଡ଼ି ଭାରତର ଅନ୍ୟ ପ୍ରଦେଶ ସହିତ ସମକକ୍ଷ ହୋଇଥିଲା । ସେତେବେଳେ ଉତ୍କଳୀୟ ପଣ୍ଡିତମାନେ ଉଜ୍ଜୀବିତ ଥିଲେ । ସଂସ୍କୃତ କଲେଜ ନଥିଲା, ସଂସ୍କୃତ ଉପାଧି ପରୀକ୍ଷା ନଥିଲା, ବଡ଼ ବଡ଼ କୋଠାଘର ନଥିଲା; ତଥାପି ସେତେବେଳର ସାହିତ୍ୟଚର୍ଚ୍ଚା ପ୍ରତି ଲକ୍ଷ୍ୟକଲେ ବର୍ତ୍ତମାନର ଶିକ୍ଷିତ ସମାଜ ଲଜ୍ଜିତ ଓ ନତମସ୍ତକ ନହୋଇ ରହିପାରିବ ନାହିଁ । ବର୍ତ୍ତମାନ ପଲ୍ଲବଗ୍ରାହୀ ପଣ୍ଡିତସଂଖ୍ୟା ବହୁତ । ମାତ୍ର ସେତେବେଳେ ସାରଗ୍ରାହୀ ପଣ୍ଡିତସଂଖ୍ୟା ତୁଳନାରେ ବର୍ତ୍ତମାନ ସାହିତ୍ୟକ୍ଷେତ୍ର ଅନୁର୍ବର ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଉତ୍କଳ ସଂସ୍କୃତଚର୍ଚ୍ଚାର ଲୀଳାଭୂମି ଥିଲା କହିଲେ ଚଳେ । ସଂସ୍କୃତଚର୍ଚ୍ଚା ଉତ୍କଳରେ ଧାରାବାହିକରୂପେ ଚଳିଆସୁଛି । ପୁରାତନ ଯୁଗ ପରେ, ସଂସ୍କୃତସାହିତ୍ୟ ଚର୍ଚ୍ଚାର ଯେଉଁ ନୂତନ ଯୁଗ ଆରମ୍ଭ ହେଲା, ସେତେବେଳେ ଉତ୍କଳ ପଶ୍ଚାତ୍ପଦ ନଥିଲା । ଉତ୍କଳରେ ସଂସ୍କୃତଭାଷାର ବହୁଳ ପ୍ରଚାର ହେଉଥିଲା, ଏବଂ ପ୍ରାଧାନ୍ୟ ଲାଭ କରିଥିଲା । ଉତ୍କଳୀୟ କବିମାନେ ସଂସ୍କୃତଭାଷାରେ ପ୍ରଚୁର ଗ୍ରନ୍ଥ ପ୍ରଣୟନ କରିଯାଇଅଛନ୍ତି । ସନନ୍ଦ, ଦାନପତ୍ର, ଅନୁଶାସନପତ୍ରମାନ ସଂସ୍କୃତଭାଷାରେ ଲେଖାଯାଉଥିଲା । ଏସବୁ ଦେଖି ମନେହୁଏ, ସଂସ୍କୃତ ବ୍ୟାବହାରିକ ଭାଷାରୂପେ ଅଧିକାଂଶ ସ୍ଥଳେ ବ୍ୟବହୃତ ହେଉଥିଲା । ଉତ୍କଳର ପୁରୀ ଜିଲ୍ଲା ସଂସ୍କୃତ ଶିକ୍ଷା ଲାଗି ବିଖ୍ୟାତ ଥିଲା । ମୁକ୍ତିମଣ୍ଡପ ପଣ୍ଡିତ ସଭା ସଂସ୍କୃତ ଶିକ୍ଷାରେ ପାରଦର୍ଶିତା ଲାଗି ଭାରତବିଖ୍ୟାତ ଥିଲା । ପୁରୀରେ ଶଙ୍କର ମତ ବହୁଳଭାବରେ ପ୍ରଚଳିତ

ହେଉଥିଲା । ଶଙ୍କରାଚାର୍ଯ୍ୟଙ୍କ ଚାରି ପୀଠ ମଧ୍ୟରେ ପୁରୀର ଗୋବର୍ଦ୍ଧନ ପୀଠ ଶ୍ରେଷ୍ଠ । ମହାତ୍ମା ଶଙ୍କର ସଂସ୍କୃତଚର୍ଚ୍ଚାରେ ଦେଶକୁ ଭସାଇ ଦେଇଥିଲେ ଏବଂ ତାଙ୍କର ମତ (ତାଙ୍କ ଲେଖା), ତାଙ୍କ ଗ୍ରନ୍ଥ ପ୍ରଭୃତି ସଂସ୍କୃତଭାଷାରେ ଲିଖିତ । ମହାତ୍ମା ଶଙ୍କର ଖ୍ରୀଷ୍ଟାବ୍ଦ ୮ମ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ । ପ୍ରଚାରଲାଗି ସେ ପୁରୀତୀର୍ଥକୁ ଆସିଥିଲେ । ସେ ବ୍ରାହ୍ମଣମାନଙ୍କର ଗୁରୁ । ସମାଜରେ ବ୍ରାହ୍ମଣମାନେ ଉଚ୍ଚଶିକ୍ଷିତ ଥିଲେ । ସୁତରାଂ ଶଙ୍କରମତ ପ୍ରଚାର ପରେ ସଂସ୍କୃତଚର୍ଚ୍ଚା ବିଶେଷଭାବରେ ଚାଲିଲା । ସେହିଦିନୁ ଧାରାବାହିକ-ରୂପେ ସଂସ୍କୃତଚର୍ଚ୍ଚା ଚାଲିଆସୁଛି ।

ଉତ୍କଳୀୟ ଶାସନମାନ ସଂସ୍କୃତଶିକ୍ଷାର କେନ୍ଦ୍ର ଥିଲା । ବିଦ୍ୟା କହିଲେ ସଂସ୍କୃତ ବିଦ୍ୟା ଏବଂ ପୋଥି ବୋଇଲେ ସଂସ୍କୃତ ପୋଥି । ପ୍ରାକୃତଭାଷା ପ୍ରତି ସେତେ ଆଦର ନଥିଲା । ପ୍ରାକୃତ ଭାଷା ଇତର ଲୋକଙ୍କ ଭାଷା ବୋଲି ଗଣ୍ୟ ହେଉଥିଲା । ସଂସ୍କୃତଭାଷାରେ ଯାହାର ଅଭିଜ୍ଞତା ନାହିଁ, ସେ ପଣ୍ଡିତମଣ୍ଡଳୀରେ ସ୍ଥାନ ପାଉନଥିଲା । ସେଣୁ କରଣ, କ୍ଷତ୍ରିୟ ପ୍ରଭୃତି ଉଚ୍ଚଜାତିର ଶିକ୍ଷିତ ଲୋକେ ସଂସ୍କୃତ ପଢ଼ୁଥିଲେ । ନଚେତ୍ ବ୍ରାହ୍ମଣ ସଂସ୍କୃତଜ୍ଞ ପଣ୍ଡିତମାନେ ସେମାନଙ୍କୁ ସମ୍ମାନ ପ୍ରଦର୍ଶନ କରୁନଥିଲେ । ରାଜସଭାରେ ସଂସ୍କୃତଚର୍ଚ୍ଚା ହେଉଥିଲା ଏବଂ ପଣ୍ଡିତମାନେ ଜ୍ଞାନ ଅନୁସାରେ ପୁରସ୍କୃତ ହେଉଥିଲେ । ରାଜଦ୍ୱାରେ ପ୍ରବେଶଲାଗି ପାଣ୍ଡିତ୍ୟ ଏକ ପନ୍ଥା ଥିଲା । ସୁତରାଂ ବ୍ରାହ୍ମଣେତର ପଣ୍ଡିତମାନେ ସଂସ୍କୃତ ପଢ଼ି ବିଶେଷ ବ୍ୟୁତ୍ପତ୍ତି ଲାଭ କରୁଥିଲେ ଏବଂ ସଂସ୍କୃତଭାଷାରେ ପୁସ୍ତକ ପ୍ରଣୟନ କରୁଥିଲେ । ବ୍ରାହ୍ମଣ ପଣ୍ଡିତମାନଙ୍କ ସଙ୍ଗେ ଟକ୍କର ଦେବାକୁ ହେଲେ ସଂସ୍କୃତ ଜ୍ଞାନ ନିତାନ୍ତ ଆବଶ୍ୟକ ଥିଲା । ଗୋଟିଏ ଦୁଇଟି ଉଦାହରଣ ଦେଲେ କଥାଟା ଜଣାଯିବ ।

ଅନେକ ଲୋକ ଗଞ୍ଜାମ ଖଲିକୋଟନିବାସୀ କବି ଚକ୍ରପାଣି ପଟ୍ଟନାୟକଙ୍କ ନାମ ଶୁଣିଥିବେ । ସେ ସଂସ୍କୃତଭାଷାରେ ବିଶେଷ ପାରଦର୍ଶିତା ଲାଭ କରିଥିଲେ । ସମୟ ସମୟରେ ମୁକ୍ତିମଣ୍ଡପ ସଭାର ପଣ୍ଡିତମାନଙ୍କ ସଙ୍ଗେ ସଂସ୍କୃତଭାଷାରେ ଯୁକ୍ତିତର୍କ କରିପାରୁଥିଲେ ଏବଂ ପଣ୍ଡିତମାନେ ତାଙ୍କ ସଂସ୍କୃତ ଜ୍ଞାନ ଦେଖି ମୁଗ୍ଧ ହେଉଥିଲେ । ଥରେ ରାଜଗୁରୁ ରାୟଗୁରୁ ଜଗନ୍ନାଥ ଦେଉଳରେ ବେଢ଼ା ବୁଲୁଥିବା ବେଳେ ଜଣେ ତାଙ୍କୁ କହିଲା, ବଟମୂଳେ ଚକ୍ରପାଣି ଠିଆହୋଇଛନ୍ତି । ରାୟଗୁରୁ ଶୁଣି ଅଖାଡ଼ଣ ଭାବରେ କହିଲେ—

ନପାଦପୋନ୍ମୂଳନଶକ୍ତି ରଂହଃ
ଶିଲୋଚ୍ଚୟେ ମୂର୍ଚ୍ଛତି ମାରୁତସ୍ୟ ।

ପଟ୍ଟନାୟକେ ଶୁଣି ତତ୍‌କ୍ଷଣାତ୍ ଉତ୍ତର ଦେଲେ—

ଏତନ୍ମୃଷା ଯେନ ବିପାଟିତେନ
ସୁମେରୁ ଶୃଙ୍ଗେଣ ବଭୂବ ଲଙ୍କା ।

ରାୟଗୁରୁ ଚକ୍ରପାଣିଙ୍କ ପ୍ରତ୍ୟୁତ୍ପନ୍ନମତି ଦେଖି ବିସ୍ମିତ ହେଲେ । ଗୁଣୀକି ଗୁଣୀ ଚହ୍ନେ । ରାୟଗୁରୁଙ୍କ ମନରେ ଟିକିଏ ଶ୍ରଦ୍ଧା ଓ ଭକ୍ତି ସଞ୍ଚାର ହେଲା । ରାୟଗୁରୁ ପଚାରିଲେ, "ଯୂୟଂ କେ ?" ପଟ୍ଟନାୟକେ କହିଲେ, "ବୟଂ କରଣାଃ ।" ରାୟଗୁରୁ ପ୍ରଶ୍ନକଲେ, "କିଂ କରଣାଃ ?" ପଟ୍ଟନାୟକେ କହିଲେ, "ଅଲଂକରଣଂ ବ୍ୟାକରଣଂ ପ୍ରକରଣଂ ଚ କରଣତ୍ରୟମଧୀତେ ।" ରାୟଗୁରୁ ବଡ଼ ସନ୍ତୁଷ୍ଟ ହେଲେ ।

ଅନ୍ୟ ଏକଦିନ ପଣ୍ଡିତ ଭଗବାନ କବିରାଜଙ୍କ ସାକ୍ଷାତ ସଙ୍ଗେ ଚକ୍ରପାଣିଙ୍କର ହେଲା । ପଟ୍ଟନାୟକଙ୍କର ଟିକିଏ କରଣ ସା'ନ୍ତ ଢଙ୍ଗ ଥାଏ । ସରୁକୁଞ୍ଚ ଲୁଗା, ମୁଣ୍ଡବାଳଗୁଡ଼ିକ ବେଶ୍ କୁଣ୍ଡିଆକୁଣ୍ଡି ହୋଇଛି । ହାତରେ ଖଣ୍ଡିଏ ବଙ୍କାବାଡ଼ି । ଏ ଢଙ୍ଗ ଦେଖି କବିରାଜ କହିଲେ—

କିଂ ବାସସା ଚକ୍କଣ କୁଞ୍ଚିତେନ
କିଂ ଦାରୁଣା ବଙ୍କୁର ଝଙ୍କୁରେଣ
ଯଦ୍ୟସ୍ତି କାଚିତ୍ ବଚସାଂ ବିଭୂତି
ସ୍ତଦାହି ମେସ୍ୟାତ୍ ମନସୋ ବିତୃପ୍ତିଃ ।

ପଟ୍ଟନାୟକେ ଉତ୍ତର ଦେଲେ—

କିଂ ବାସସା ନାତ୍ର ବିଚାରଣୀୟମ୍
ବାସଃ ପ୍ରଧାନଂ ଖଳୁଯୋଗ୍ୟତାୟାଃ ।
ପୀତାମ୍ବରଂ ବୀକ୍ଷ୍ୟଦଦୌ ତନୁଜାମ୍
ଦୀତାମ୍ବରଂ ଯତ୍ ଗରଳଂ ପୟୋଧିଃ ।

ଏଥିରୁ ପଟ୍ଟନାୟକଙ୍କ ପ୍ରତ୍ୟୁତ୍ପନ୍ନମତି ଏବଂ ସଂସ୍କୃତଭାଷାରେ ଜ୍ଞାନ ଏବଂ ଦେଶରେ ସଂସ୍କୃତଭାଷାର ବହୁଳ ପ୍ରଚାର ବିଷୟ ଜଣାପଡ଼ିବ । ପଟ୍ଟନାୟକେ ଖଲ୍ଲିକୋଟନିବାସୀ ଥିଲେ । ପଟ୍ଟନାୟକଙ୍କର ଓଡ଼ିଆ ସାହିତ୍ୟରେ ବିଶେଷ ଦକ୍ଷତା ଥିଲା । ସେ ସଂଗୀତରେ ବିଶେଷ ପାରଦର୍ଶିତା ଲାଭକରିଥିଲେ । ଓଡ଼ିଆ ସାହିତ୍ୟ ଆଲୋଚନା ଅଧ୍ୟାୟରେ ତାହାଁରୁ ପରିଚୟ ମିଳିବ ।

ଉପରେ ଯେଉଁ ଗୃନ୍ଦୁ ରାୟଗୁରୁଙ୍କ ବିଷୟ ଉଲ୍ଲେଖ କରାଯାଇଛି, ସେ ମହାତ୍ମାଙ୍କର ଟିକିଏ ପରିଚୟ ଆବଶ୍ୟକ । ପୁରୀ ଜିଲ୍ଲା ଅନ୍ତର୍ଗତ ବୀରନରସିଂହପୁର ଶାସନରେ ରାୟଗୁରୁଙ୍କ ଘର ଥିଲା । ହରି ପଟ୍ଟଜୋଷୀ ରାୟଗୁରୁଙ୍କ ଭାଇ ଥିଲେ । ଏ ଦୁଇଭାଇ ସଂସ୍କୃତ ସାହିତ୍ୟରେ ଅସାଧାରଣ ପାଣ୍ଡିତ୍ୟ ଲାଭ କରିଥିଲେ । ରାୟଗୁରୁ ଉଷାପରିଣୟ ନାମକ ନାଟକ ସଂସ୍କୃତଭାଷାରେ ରଚନା କରିଥିଲେ । ପଟ୍ଟଜୋଷୀ ଜଣେ ଶ୍ରେଷ୍ଠ

ନୈୟାୟିକ ଥିଲେ । 'କୃପାସିନ୍ଧୁ ଜଣାଣ' ରଚୟିତା ରାଜା ବୀରକିଶୋରଦେବଙ୍କ ଅମଳରେ ଏ ଦୁଇଭାଇ ପାଣ୍ଡିତ୍ୟର ପରାକାଷ୍ଠା ଦେଖାଇଥିଲେ । ରାଜସଭାରେ ରାୟଗୁରୁଙ୍କର ବିଶେଷ ଆଧିପତ୍ୟ ଥିଲା । ବୀରକିଶୋର ଦେବ ପାଗଳ ହେବାରୁ ତାଙ୍କ ପୁତ୍ରଙ୍କୁ ସିଂହାସନରେ ବସାଇବା ପାଇଁ ରାୟଗୁରୁ ଚେଷ୍ଟା କଲେ; ମାତ୍ର ବୀରକିଶୋର ଦେବ ତହିଁରେ ସମ୍ମତ ହେଲେ ନାହିଁ । ରାୟଗୁରୁ ବିଫଳମନୋରଥ ହୋଇ ରଘୁଜୀଙ୍କ ଆଶ୍ରୟ ନେବାପାଇଁ ନାଗପୁର ଗଲେ । ମାତ୍ର ନାଗପୁରରେ ପହଞ୍ଚି ଦେଖିଲେ, ରଘୁଜୀ ପେଶବାଙ୍କ ଦରବାରରେ ବାକି ଖଜଣା ଲାଗି ବନ୍ଦୀ ଥିବାର ଶୁଣିଲେ । ରାୟଗୁରୁ ଆପଣା ଭାଇ ବିଶି ପଞ୍ଚକୋଷୀଙ୍କୁ ସଙ୍ଗରେ ନେଇ ପେଶବାଙ୍କ ନିକଟକୁ ଗଲେ ।

ପେଶବାଙ୍କ ଦରବାରରେ ରାଜସାକ୍ଷାତର ଗୋଟିଏ ନିୟମ ଥିଲା । ସଭାଗୃହର ଗୋପୁରଦ୍ୱାରଠାରେ ଗୋଟିଏ ଢୋଲକ ଲଟକା ହୋଇଥାଏ । କୌଣସି ପଣ୍ଡିତ ରାଜଦର୍ଶନ ଲାଭ କରିବାକୁ ଇଚ୍ଛାକଲେ ସେ ଯେତେ ପ୍ରକାର ବିଦ୍ୟା ଜାଣିଥିବ, ସେତେ ବାଡ଼ି ସେ ଢୋଲକରେ ବାଡ଼ାଇଦେବ । ତତ୍ପରେ ରାଜସଭାକୁ ଯିବାର ଅନୁମତି ମିଳିବ । ସଭାଗୃହରେ ପଣ୍ଡିତମାନେ ବସିଥିବେ । ନବାଗତ ପଣ୍ଡିତ ସେଠାରେ ପଣ୍ଡିତଙ୍କ ସହିତ ବିଦ୍ୟାଚର୍ଚ୍ଚା କରି କୃତିତ୍ୱ ଦେଖାଇ ପାରିଲେ, ପରେ ରାଜଦର୍ଶନ ହେବ । ରାଜଗୃହରେ ପହଞ୍ଚି ରାୟଗୁରୁ ଢୋଲକରେ ଅଠର ପାହାର ବାଡ଼ାଇଦେଲେ । ପଣ୍ଡିତମାନେ ବୁଝିଲେ ଯେ ଜଣେ ଅଷ୍ଟାଦଶବିଦ୍ୟାବେତ୍ତା ପଣ୍ଡିତ ଆସିଲେ ।

ରାୟଗୁରୁ ଦେବୀଉପାସକ ଥିଲେ ଏବଂ ଦେବୀ ଭଗବତୀଙ୍କ ଅନୁଗ୍ରହରେ ଭୂତ ଭବିଷ୍ୟତ୍ ବର୍ତ୍ତମାନ କଥା କହିପାରୁଥିଲେ । ରାୟଗୁରୁ ଜାଣିଥିଲେ ଯେ ସେ ନ୍ୟାୟଶାସ୍ତ୍ରରେ ପାରଦର୍ଶୀ ନଥିଲେ; ସୁତରାଂ ଭାଇଙ୍କୁ କହିଥିଲେ ଯେ ନ୍ୟାୟଶାସ୍ତ୍ର ତର୍କ ବେଳେ ସେ ବିଶି ମିଶି କହିଲେ, ସେ ନୈୟାୟିକମାନଙ୍କ ସଙ୍ଗେ ତର୍କ କରିବେ । ଏହିପରି ପରାମର୍ଶକରି ଦୁଇ ଭାଇ ରାଜସଭାରେ ପ୍ରବେଶ ହେଲେ । ନାନାଶାସ୍ତ୍ରଜ୍ଞ ପଣ୍ଡିତଙ୍କ ସହିତ ତର୍କକରି ରାୟଗୁରୁ ଜୟଲାଭ କଲେ । ରାଜଦର୍ଶନ ଲାଗି ଅନୁମତି ପାଇଲେ । ପେଶବା ରାୟଗୁରୁଙ୍କ ବୈଦଗ୍ଧ୍ୟ ଦେଖି ପରମ ସନ୍ତୋଷ ଲାଭକଲେ । ରାୟଗୁରୁଙ୍କ ଗୁଣରେ ପେଶବା ମୁଗ୍ଧ ହେଲେ ଏବଂ ପଣ୍ଡିତ ଯାହା ମାଗିବେ ତାହା ଦେବାକୁ ପ୍ରତିଶ୍ରୁତ ହେଲେ । ମାଗିପାରିଥିଲେ ଓଡ଼ିଶା ରାଜସିଂହାସନ ପାଇଥାନ୍ତେ । ତାଙ୍କର ସେପରି ଲୋଭ ନଥିଲା । ସେ ରଘୁଜୀଙ୍କ ମୁକ୍ତିଭିକ୍ଷା କଲେ । ରଘୁଜୀ ମୁକ୍ତିଲାଭ କଲେ । ରାୟଗୁରୁଙ୍କ ବିଦ୍ୟାବଳରେ ଅପୁତ୍ରିକ ପେଶବା ପୁତ୍ରଲାଭ କରିଥିଲେ । ପେଶବାଙ୍କ ନିକଟରୁ ଫେରିଆସି ବୀରକିଶୋର ଦେବଙ୍କୁ ସିଂହାସନ ଛାଡ଼ିବାକୁ କହିଲେ । ରାଜା ଏ କଥାରେ ଅପମାନ ବୋଧକରି ରାୟଗୁରୁଙ୍କ ବଂଶଲୋପ ହେବ ବୋଲି ଅଭିଶାପ ଦେଲେ । ବର୍ତ୍ତମାନ ଉକ୍ତ ପଣ୍ଡିତଙ୍କ ବଂଶ ଲୋପ । ସେ ନୈଷଧ କାବ୍ୟର ଏକ ଉତ୍କୃଷ୍ଟ ଟୀକା କରିଥିଲେ ।

'ଜଗନ୍ନାଥବଲ୍ଲଭ' ନାଟକ ରଚୟିତା ରାୟ ରାମାନନ୍ଦ ଜଣେ ପ୍ରଧାନ ବ୍ରାହ୍ମଣେତର ପଣ୍ଡିତ ଥିଲେ । ସଂସ୍କୃତଭାଷାରେ ନାଟକ ରଚନା କରିଥିଲେ । ଶ୍ରୀଚୈତନ୍ୟ ଏ ନାଟକ ଶୁଣି ପ୍ରେମରେ ମୁଗ୍‌ଧ ହୋଇଥିଲେ । ସେ ବର୍ଣ୍ଣରେ କରଣ ଥିଲେ । ରାମାନନ୍ଦ ପିତାଙ୍କ ନାମ ଭବାନନ୍ଦ ରାୟ । ଭବାନନ୍ଦଙ୍କର ୫ ପୁତ୍ର ଥିଲେ । ଚରିତାମୃତ ଲେଖକ ଭବାନନ୍ଦଙ୍କୁ ପଣ୍ଡୁ ଓ ୫ ପୁତ୍ରଙ୍କୁ ପାଣ୍ଡବ ଆଖ୍ୟା ଦେଇଛନ୍ତି । ରାମାନନ୍ଦଙ୍କ ୪ ଭାଇଙ୍କ ନାମ ଗୋପୀନାଥ, କଳାନିଧି, ସୁଧାନିଧି ଓ କାଶୀନାଥ ପଟ୍ଟନାୟକ । ରାମାନନ୍ଦ ଶ୍ରୀଚୈତନ୍ୟଙ୍କର ପରମ ଭକ୍ତ ଥିଲେ । ଚରିତାମୃତରେ ଲେଖାଅଛି, ରାମାନନ୍ଦ ସହ ମୋର ଦେହଭେଦ ମାତ୍ର । ରାମାନନ୍ଦ ଶ୍ରୀଚୈତନ୍ୟଙ୍କୁ ସମସ୍ତ ଧର୍ମ୍ମଶାସ୍ତ୍ର ଶୁଣାଇଥିଲେ । ଶ୍ରୀଚୈତନ୍ୟଙ୍କ ପ୍ରଶ୍ନ ଓ ରାମାନନ୍ଦଙ୍କ ଉତ୍ତରରେ ଧର୍ମ୍ମତତ୍ତ୍ୱ ଯେପରି ପରିସ୍ଫୁଟ ହୋଇଛି, ଜଗତରେ ଅନ୍ୟ କୌଣସି ଧର୍ମ୍ମ ତତ୍ତ୍ୱ ସେପରି ହୋଇନାହିଁ । ରାମାନନ୍ଦ ଗୃହୀ ଥାଇ ମଧ୍ୟ ପରମ କୃଷ୍ଣଭକ୍ତ ଥିଲେ । ସଂସ୍କୃତ, ବଙ୍ଗଳା, ଓଡ଼ିଆ, ତେଲିଙ୍ଗପାର୍ଶୀ ଓ ଆରବୀ ଭାଷାରେ ତାଙ୍କର ପୂର୍ଣ୍ଣ ପ୍ରବେଶ ଥିଲା । ରାମାନନ୍ଦ ରାଜା ପ୍ରତାପରୁଦ୍ରଙ୍କର ପ୍ରଧାନମନ୍ତ୍ରୀ ଥିଲେ । ରାୟ ପଦ ରାଜଦତ୍ତ ଉପାଧି । ରାଜା ପ୍ରତାପରୁଦ୍ର ରାମାନନ୍ଦଙ୍କୁ ରାଜମହେନ୍ଦ୍ରୀର ରାଜତ୍ୱ ପ୍ରଦାନ କରିଥିଲେ ଏବଂ ସେତେବେଳେ ରାୟ ଉପାଧି ଦେଇଥିଲେ । ରାମାନନ୍ଦ ଜଗନ୍ନାଥବଲ୍ଲଭ ନାଟକରେ ଆପଣାର ପରିଚୟ ଦେଇଛନ୍ତି : "ସବି ବିଦ୍ୟାନିଧି ବିଳାସ ଗାମ୍ଭୀର୍ଯ୍ୟ ସ୍ଥୈର୍ଯ୍ୟ ପ୍ରସାଦାଦି· ଗୁଣରତ୍ନାକରସ୍ୟ ସୁରପୁର ପ୍ରଣୀତ ନାଟକକଦମ୍ବକରମ୍ବିତ ମାନ୍ଧାତ୍ରୀକୃତ ପ୍ରମୁଖ ପୃଥ୍ୱୀଶ୍ୱରସ୍ୟ ଶ୍ରୀଭବାନନ୍ଦ ରାୟସ୍ୟ ତନୁଜେନ ଶ୍ରୀହରିଚରଣ ମାନସେନ ଶ୍ରୀରାମାନନ୍ଦରାୟେନ କବିନା" ଇତ୍ୟାଦି । ମନୋହରଙ୍କ କୃତ ଧନମଣି ଚନ୍ଦ୍ରୋଦୟ ନାମକ ଗ୍ରନ୍ଥରୁ ରାମାନନ୍ଦଙ୍କ ଭ୍ରାତା କାଶୀନାଥ ପଟ୍ଟନାୟକଙ୍କ ବଂଶାବଳୀ ମିଳୁଅଛି । କାଶୀନାଥଙ୍କର ଗୋକୁଳାନନ୍ଦ ଓ ହରିହର ନାମରେ ଦୁଇ ପୁତ୍ର ଥିଲେ । ହରିହରଙ୍କ ପୁତ୍ର ଗୋବିନ୍ଦ ଏବଂ ଗୋବିନ୍ଦଙ୍କ ପୁତ୍ର ନିତ୍ୟାନନ୍ଦ । ଯାଜପୁର ଅନ୍ତର୍ଗତ ରମାଇଆନନ୍ଦକୋଳ ଗ୍ରାମ ରାମାନନ୍ଦଙ୍କର ଜନ୍ମଭୂମି ଥିଲା । ଗୋବିନ୍ଦାନନ୍ଦ ନିଜ ଗ୍ରାମ ଛାଡ଼ି କଟକ ନଗରୀକୁ ଆସିଥିଲେ । ସେଠାରେ ଅଳ୍ପଦିନ ରହି ପରଲୋକ ଗମନ କଲେ । ତଦାନୀନ୍ତନ ଓଡ଼ିଶାରାଜା ତାଙ୍କର ସମସ୍ତ ସମ୍ପତ୍ତି ନେଇ କେବଳ ୭ ଖଣ୍ଡ ଗ୍ରାମ ଛାଡ଼ିଦେଇ-ଥିଲେ । ନିତ୍ୟାନନ୍ଦ ଏଥିରେ ଦୁଃଖିତ ହୋଇ ବିଦ୍ୟାନଗର ବା ବିଜୟନଗରକୁ ଗଲେ ଏବଂ ସେଠାରେ ପରିବାରମାନଙ୍କ ସହିତ କିଛିକାଳ ବାସକଲେ । ରାମାନନ୍ଦ ୧୩୦୦ ଶକାବ୍ଦର ଶେଷରେ ଜନ୍ମଗ୍ରହଣ କରିଥିଲେ । ଶ୍ରୀଚୈତନ୍ୟ ଗୋଦାବରୀ କୂଳରେ ରାମାନନ୍ଦଙ୍କୁ ଭେଟିଲେ । ଜଗନ୍ନାଥବଲ୍ଲଭ ନାଟକ ଏହି ସାକ୍ଷାତ ପୂର୍ବରୁ ରଚିତ ହୋଇଥିଲା । ବିବିଧ ଭାଷାବିଜ୍ଞାନ, ଖଣ୍ଡଶ୍ଳୋକ, ଗୌରପଦାବଳୀ, ଗୌରପଦତରଙ୍ଗିଣୀ ପ୍ରଭୃତି ଅନେକଗୁଡ଼ିଏ ଗ୍ରନ୍ଥ ରାମାନନ୍ଦ ରଚନା କରିଥିଲେ । ବଙ୍ଗଳାର ସୁପରିଚିତ ପଣ୍ଡିତ ରସିକମୋହନ ଚକ୍ରବର୍ତ୍ତୀ ବଙ୍ଗଭାଷାରେ ଖଣ୍ଡିଏ ପୁସ୍ତକ ଲେଖିଛନ୍ତି । ଆଜି ବଙ୍ଗୀୟ ବୈଷ୍ଣବମାନେ ରାମାନନ୍ଦଙ୍କ ଗୁଣ କୀର୍ତ୍ତନକରି ଆପଣାକୁ ଧନ୍ୟ ମନେ କରୁଛନ୍ତି । ରାମାନନ୍ଦଙ୍କ ଗୁଣଗାଥା ଚୈତନ୍ୟଙ୍କ ସମ୍ବନ୍ଧୀୟ ପ୍ରଧାନ

ପ୍ରଧାନ ଗ୍ରନ୍ଥରେ ସ୍ଥାନ ପାଇଛି । ପୂର୍ବେ କହିଛୁଁ, ବଙ୍ଗୀୟ ଲେଖକମାନଙ୍କର ସର୍ବଦା ଚେଷ୍ଟା, ଯାହା କିଛି ବିଶିଷ୍ଟ ଦେଖାଯିବ ସେ ବଙ୍ଗଳାର । ଗ୍ରନ୍ଥ ରାମାନନ୍ଦ ଗ୍ରନ୍ଥଲେଖକ ପଣ୍ଡିତ ରସିକମୋହନ ଲେଖିଛନ୍ତି, ରାମାନନ୍ଦ କାୟସ୍ଥ ଥିଲେ; ମାତ୍ର ବଙ୍ଗଦେଶୀୟ କାୟସ୍ଥଙ୍କପରି ତାଙ୍କର ଘୋଷ, ବସୁ ପ୍ରଭୃତି ଉପାଧି ଥିଲା କି ନା ଜଣାଯାଉ ନାହିଁ । ରାମାନନ୍ଦଙ୍କ ଜାତି ଗୋତ୍ର ଉପାଧି ସମ୍ବନ୍ଧେ ଏତେଗୁଡ଼ିଏ ଅକାଟ୍ୟ ଦୃଢ଼ ପ୍ରମାଣ ଥିବାସ୍ଥଳେ ଲେଖକ ଏପରି ସନ୍ଦେହରେ ପଡ଼ିଲେ କାହିଁକି ?

ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ ପ୍ରଭୃତି କବିଶିରୋମଣିମାନେ ସଂସ୍କୃତଭାଷାରେ ଅଗାଧ ପାଣ୍ଡିତ୍ୟ ଲାଭ କରିଥିଲେ । ଏମାନଙ୍କ ଓଡ଼ିଆ ଲେଖାରେ ସଂସ୍କୃତଭାଷାର ଛାୟା ପୂର୍ଣ୍ଣଭାବରେ ପ୍ରତିଫଳିତ ହୋଇଅଛି । ହଣ୍ଟର ସାହେବ ମହୋଦୟ ତାଙ୍କ ପୁସ୍ତକରେ କବି ଓ ସେମାନଙ୍କ ରଚିତ ପୁସ୍ତକର ତାଲିକା ଦେଇଛନ୍ତି । ସେଥିରୁ ନିମ୍ନରେ ସଂସ୍କୃତକବିମାନଙ୍କ ପରିଚୟ ଦିଆଗଲା । ବ୍ରାହ୍ମଣ ଓ ବ୍ରାହ୍ମଣେତର ଲେଖକମାନେ ସଂସ୍କୃତବିଦ୍ୟାରେ ବ୍ୟୁତ୍ପତ୍ତି ଲାଭ କରୁଥିଲେ । ବ୍ରାହ୍ମଣମାନଙ୍କର ସେତେବେଳେ ବିଦ୍ୟାଚର୍ଚ୍ଚା ପ୍ରଧାନ କାର୍ଯ୍ୟ ଥିଲା । ଉଦାମାନ୍ନକ ଓଡ଼ିଶା ରାଜାଙ୍କ ବାହୁଚ୍ଛାୟାରେ ପ୍ରତିପାଳିତ ହୋଇ ରାଜଦତ୍ତ ବୃତ୍ତି ଭୋଗକରି ନିଶ୍ଚିନ୍ତଭାବରେ ଶାସ୍ତ୍ରାଲୋଚନା କରୁଥିଲେ ଏବଂ ଆପଣା ବିଦ୍ୟାବଳରେ ଅନ୍ୟାନ୍ୟ ପ୍ରଦେଶରେ ପ୍ରତିଷ୍ଠାଲାଭ କରୁଥିଲେ । ମୁକ୍ତିମଣ୍ଡପ ପଣ୍ଡିତସଭା କାଶୀ ପ୍ରଭୃତି ପ୍ରଧାନ ପ୍ରଧାନ ବିଦ୍ୟାପୀଠରେ ଖ୍ୟାତିଲାଭ କରିଥିଲା । ନଡ଼ିଆମାଳ ମଧ୍ୟରେ ବାସକରି ଗଡ଼ିଆ ପାଣି ପିଇ ଉଦାମାନ୍ନକ ପଣ୍ଡିତମାନେ ଯେ ବିଦ୍ୱତ୍ତା ଦେଖାଇ ଯାଇଛନ୍ତି, ଆଜି ସେ ସବୁ ସ୍ୱପ୍ନପରି ବୋଧହୁଏ । ଏହିମାନଙ୍କ ପୂର୍ବପୁରୁଷମାନେ ବିଦ୍ୟାବଳରେ ଚନ୍ଦ୍ରଶେଖର ବାହିନୀପତି, ତୁଳସୀମାଠିଆ ମିଶ୍ର ପ୍ରଭୃତି ଉପାଧି ଲାଭ କରିଥିଲେ । ମାଦଳାପାଞ୍ଜିରେ ଏସବୁ କଥା ଲେଖାଅଛି । ଉତ୍କଳରାଜା ଭାନୁକେଶରୀଙ୍କର ଶିଖରେଶ୍ୱର ବାହିନୀପତି ପାତ୍ର ଥିଲେ । ପୂର୍ଣ୍ଣିମାଦିନ ଅମାବାସ୍ୟା ତିଥି ବୋଲି ଭୁଲରେ କହିଦେଲେ । ବିଦ୍ୟାବଳରେ ଚନ୍ଦ୍ରଙ୍କୁ ଗ୍ରହଣ କଲେ । ରାତିରେ ଚନ୍ଦ୍ର ଦେଖାଗଲେ ନାହିଁ । ସେହିଦିନୁ ତାଙ୍କ ନାମ ଚନ୍ଦ୍ରଶେଖର ହେଲା । ଉତ୍କଳରାଜା ମଦନମୋହନ ମହାଦେବଙ୍କ ଅମଳରେ ବୌଦ୍ଧ ଓ ବ୍ରାହ୍ମଣ ପଣ୍ଡିତମାନଙ୍କ ବିବାଦରେ ବ୍ରାହ୍ମଣ ପଣ୍ଡିତ ସର୍ପ ଥିବା ମାଠିଆଭିତରେ କିଛି ନାହିଁ, କେବଳ ଭସ୍ମ ଅଛି କହି ବିଦ୍ୟାବଳରେ ଜିଣିଲେ । ମାଠିଆ ଫିଟାଇଲା ବେଳକୁ ସର୍ପ ନାହିଁ । ସେହିଦିନୁ ତୁଳସୀମାଠିଆ ପଦ ପାଇଲେ । ବୌଦ୍ଧ ପଣ୍ଡିତମାନେ ହାରିଲେ । ସେମାନଙ୍କ ମୁଣ୍ଡ ଛେଦନହେବା ଲାଗି ରାଜାଜ୍ଞା ହେଲା । ବୌଦ୍ଧମାନେ ଏକଥା ଶୁଣି ପର୍ବତଗୁମ୍ଫାରୁ ପଳାଇଗଲେ । ସେହି ସମୟରୁ ଓଡ଼ିଶାରୁ ବୌଦ୍ଧଧର୍ମ ଲୋପ ହେଲା; ବ୍ରାହ୍ମଣମାନଙ୍କ ଆଧିପତ୍ୟ ବଢ଼ିଲା । ତନ୍ତ୍ର-ମନ୍ତ୍ର-ବିଦ୍ୟାରେ କିପରି ଉତ୍କର୍ଷ ଲାଭ କରିଥିଲେ ଏଥିରୁ ଜଣାଯାଏ ।

କବିଚନ୍ଦ୍ର ନାରାୟଣ ଶର୍ମା ।—୬୦୦ ବର୍ଷ ପୂର୍ବେ—ଏକାମ୍ର ଚନ୍ଦ୍ରିକା ।

ବର୍ଦ୍ଧମାନ ମହାପାତ୍ର—୭୦୦ ବର୍ଷ ପୂର୍ବେ—ବର୍ଦ୍ଧମାନକାରିକା, ଦୁର୍ଗୋତ୍ସବ ଚନ୍ଦ୍ରିକା ।

ଭଗବାନ କବିରାଜ—୭୦୦ ବର୍ଷ ପୂର୍ବେ—ଗୁଣ୍ଡିଚାଚମ୍ପୂ ।

ହରି ନାୟକ—୬୫୦ „ —ଗୀତପ୍ରକାଶ ।

କାଳିଦାସ ଚୟନୀ ପଣ୍ଡିତ—୫୦୦ „ —ଶୁଦ୍ଧି ଚନ୍ଦ୍ରିକା ।

ହଟହର ଆଚାର୍ଯ୍ୟ—୩୦୦ ବର୍ଷ ପୂର୍ବେ—ସାମ୍ୟପ୍ରଦୀପ ।

ଜଗନ୍ନାଥ ଦାସ—୩୫୦ ବର୍ଷ „ —ଜଗନ୍ନାଥକାରିକା ।

ଗୋବିନ୍ଦ ସାନ୍ତରା—୩୦୦ ବର୍ଷ „ —ସୂକ୍ଷ୍ମସର୍ବସ୍ୱ, ବୀରସର୍ବସ୍ୱ ।

ଦିବ୍ୟସିଂହ ମହାପାତ୍ର—୨୦୦ ବର୍ଷ ପୂର୍ବେ—ହିନ୍ଦୁ ଆଇନ, ଶୁଦ୍ଧି କ୍ରିୟା, କାଳପ୍ରଦୀପ ।

ଚନ୍ଦ୍ରମଣି ମହାନ୍ତି—୧୩୫ ବର୍ଷ ପୂର୍ବେ ସୁଦର୍ଶନବିଳାସ, ଶବ୍ଦ କଳ୍ପଲତା ।

ମାଧବ କର—୪୦୦ ବର୍ଷ „ —ନିଦାନ ।

ଚକ୍ରପାଣି ପଟ୍ଟନାୟକ—୧୫୦ ବର୍ଷ „ —ଗୁଣ୍ଡିଚାଚମ୍ପୂ ।

ଗଦାଧର ମହାପାତ୍ର ରାଜଗୁରୁ—୨୦୦ ବର୍ଷ ପୂର୍ବେ—କାଳସାର, ଶ୍ରାଦ୍ଧସାର, ଆଚାରସାର ।

ଗୋପୀନାଥ ରଥ—୧୫୦ ବର୍ଷ ପୂର୍ବେ—ହଂସଦୂତ ଟୀକା, ନୈଷଧ ଟୀକା ।

କୃଷ୍ଣ ମିଶ୍ର—୨୫୦ ବର୍ଷ ପୂର୍ବେ—ପ୍ରବୋଧ ଚନ୍ଦ୍ରୋଦୟ ନାଟକ, ସାହିତ୍ୟ ରତ୍ନାକର ଅଳଙ୍କାର ଟୀକା, ପ୍ରକ୍ରିୟା ।

ଚନ୍ଦ୍ରଶେଖର ରାଜଗୁରୁ – ମଧୁରାନିରୁଦ୍ଧ ନାଟକ ।

ପୀତାମ୍ବର ଦେବ—ଅଖିଳରସ ଚନ୍ଦ୍ରାମଣି ।

ମାଣିକ୍ୟଦେବ—ଶୁଦ୍ଧି ଗୁଚ୍ଛ ।

ଲକ୍ଷ୍ମୀଧର—ଅଦ୍ୱୈତ ମକରନ୍ଦ ।

ଦୈତ୍ୟାର—ଅମରକୋଷ ଟୀକା ।

ଜଗନ୍ନାଥ—ଅଗ୍ନିଷ୍ଟୋମ ପଦ୍ଧତି ।

ସୋମନାଥ ମିଶ୍ର—ଆୟୁର୍ବେଦ କଳ୍ପଦ୍ରୁମ ।

ପୁରୁଷୋତ୍ତମ ମିଶ୍ର—ନୈଷଧ ଟୀକା ।

ନରସିଂହ ବାଜପେୟୀ—ନିତ୍ୟାଚାର ପଦ୍ଧତି, ପ୍ରତିଷ୍ଠା ପଦ୍ଧତି ।

ମୁରାରି ମିଶ୍ର—ପ୍ରାୟଶ୍ଚିତ୍ତ ମନୋହର ।

ନାରାୟଣ ତୀର୍ଥ—ବେଦାନ୍ତ ଚନ୍ଦ୍ରିକା ।

ଶମ୍ଭୁକର ମିଶ୍ର—ଶମ୍ଭୁକର ପଦ୍ଧତି ।

ଶ୍ରୀକୃଷ୍ଣ ବିଦ୍ୟାବାଗୀଶ—ଷଟ୍‌କର୍ମ୍ମ ଦୀପିକା ।

ବଳଭଦ୍ର ମିଶ୍ର —ବୈଦ୍ୟତତ୍ତ୍ୱ ସ୍ତୋତ୍ର ।

ପାର୍ଥସାରଥି ମିଶ୍ର—ଶାସ୍ତ୍ରଦୀପିକା ।

ବାସୁଦେବ ମିଶ୍ର—ସ୍ମୃତିପ୍ରକାଶ ।

ନାରାୟଣ ଦେବ—ସଙ୍ଗୀତ-ନାରାୟଣ ।

ବୋପଦେବ—ମୁକ୍ତାଫଳ ମୁଗ୍ଧବୋଧ ବ୍ୟାକରଣ ।

ଏ ତ ସାମାନ୍ୟ । ଏପରି ଅସଂଖ୍ୟ ପୁସ୍ତକ କେଉଁଠି କାହା ଘରେ ଅଛି, ଏପର୍ଯ୍ୟନ୍ତ ପଦାକୁ ବାହାରିନାହିଁ । କେଉଁଠି କେତେ ପୁସ୍ତକ ଉଇ ଖାଇଗଲେଣି । ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ତାଲିକା ହୋଇପାରିନାହିଁ । ମହାମହୋପାଧ୍ୟାୟ ପଣ୍ଡିତ ସଦାଶିବ ମିଶ୍ରଙ୍କ ଯତ୍ନରେ କେତେ ଖଣ୍ଡି ପୁସ୍ତକ ପଦାକୁ ବାହାରିଛି ।

(୧) ଅଭିନବ ଗୀତଗୋବିନ୍ଦ—ଗୀତଗୋବିନ୍ଦ ଅନୁକରଣରେ ଲିଖିତ । ସଂସ୍କୃତ ଭାଷା, ଉତ୍କଳାକ୍ଷର । କବି ପୁରୁଷୋତ୍ତମ ଦେବ ଗଜପତି । ଶ୍ରୀ ମୁକୁନ୍ଦଦେବଙ୍କ ୧୭ ଅଙ୍କ ବିଶ୍ୱ ୫ ଦିନ । ନନ୍ଦପୁର ଶାସନ ମହାଜନ ବାସୁ ତଆଡ଼ିଙ୍କଦ୍ୱାରା ଲିଖିତ । 'ମୁକ୍ତି ଚିନ୍ତାମଣି' ମଧ୍ୟ ଏହି ରାଜାଙ୍କ ପ୍ରଣୀତ ।

(୨) ଅମରକୋଷ ଟୀକା—ପରମକୋବିଦବର ଅମର ସିଂହ—ବିକ୍ରମାଦିତ୍ୟ ମହାରାଜାଙ୍କ ସଭାକବି ଶ୍ରୀ ଦୈତ୍ୟାରି କବି ।

(୩) ଆଗମସାର—ଗଦାଧର ରାଜଗୁରୁକୃତ । ଅଷ୍ଟାଦଶ ଶତାବ୍ଦୀରେ ଲେଖା । ଗଦାଧର ରାଜା ହରେକୃଷ୍ଣଙ୍କ ଗୁରୁ ଥିଲେ ।

(୪) ଆତ୍ମସ୍ୱରୂପାନୁସନ୍ଧାନ —ଗୋପୀନାଥ ବାଜପେୟୀକୃତ ।

(୫) ନିତ୍ୟାଗମ—ବିଦ୍ୟାକର ବାଜପେୟୀକୃତ—୧୪୦୦ ଶତାବ୍ଦୀରେ ଲେଖା । ବଙ୍ଗଳାର ସ୍ମୃତିକାର "ଇତି ବିଦ୍ୟାକର" ବୋଲି ଉଲ୍ଲେଖ କରିଛନ୍ତି ।

(୬) ନିତ୍ୟାଗମ ପଦ୍ଧତି—ଗୋପାଳନନ୍ଦକୃତ ।

(୭) ପ୍ରାୟଶ୍ଚିତ୍ତ ବିବେଚନ—ବାସୁଦେବ ତ୍ରିପାଠୀ ।

(୮) ଶୁଦ୍ଧି ଚନ୍ଦ୍ରିକା—କାଳିଦାସକୃତ —ଧନଞ୍ଜୟ ଟୀକାକାର ।

(୯) ଶୁଦ୍ଧି ଚନ୍ଦ୍ରିକା-କାଳିଦାସଚମ୍ପୂ ନୀ—ବାଜପେୟୀକୃତ ।

(୧୦) ଦୁର୍ଗୋତ୍ସବ ଚନ୍ଦ୍ରିକା—ଓଡ଼ିଶା ରାଜା ରାମଚନ୍ଦ୍ରଦେବଙ୍କ କୃତ ।

(୧୧) ମେଘଦୂତଟୀକା—ମହାମହୋପାଧ୍ୟାୟ ନରହରିକୃତ ।

(୧୨) ଭଞ୍ଜ ମହୋଦୟ ନାଟକ—ନରହରି ମିଶ୍ର । ଓଡ଼ିଶା ରାଜା ବଳଭଦ୍ର ଦେବଙ୍କ ସଭାରେ ଅଭିନୀତ ।

(୧୩) ସାହିତ୍ୟଦର୍ପଣ ଓ ସାହିତ୍ୟଦର୍ପଣାଲୋଚନା—ପଣ୍ଡିତ ବିଶ୍ୱନାଥକୃତ । ବିଶ୍ୱନାଥ କଳିଙ୍ଗାଧିପତିଙ୍କ ମନ୍ତ୍ରୀ ।

(୧୪) ସାହିତ୍ୟଦର୍ପଣ ଟୀକା—ଲୋକନାଥଦୀକ୍ଷିତକୃତ—୨୦୪୮ ଶ୍ଲୋକ ।

(୧୫) ହଂସଦୂତ ଟୀକା—ପୁରୁଷୋତ୍ତମ ମିଶ୍ର—୩୮୭୨ ଶ୍ଲୋକ । ନରସିଂହଦେବଙ୍କ ଅମଳରେ ରଚିତ ।

(୧୬) ଗଣେଶଚନ୍ଦ୍ରିକା— ଦାମୋଦରକୃତ—୨୫୦ ଶ୍ଲୋକ ।

(୧୭) କୁଳମତ ତନ୍ତ୍ର—କବିଶେଖରକୃତ ।

(୧୮) ଗ୍ରହଚନ୍ଦ୍ର ବିବରଣ – କୃଷ୍ଣନାଥକୃତ ।

(୧୯) ଚମ୍ପୂନପ୍ରଦୀପ—ନରସିଂହ ବାଜପେୟୀକୃତ—୧୦୦୦ ଶ୍ଲୋକ ।

(୨୦) ଟୀକାସର୍ବସ୍ୱ—ସର୍ବାନନ୍ଦକୃତ ।

(୨୧) ଦାନଦୀପାବଲୀ—ଯୋଗୀଶ୍ୱରକୃତ ଭୂମିଦାନ ବିଧି । ରାଜପତିନାଃଙ୍କ ଲଳିତଖାନୁ ଅମଳରେ ।

(୨୨) ନାରାୟଣଶତକ—ପୀତାମ୍ବର କବିଚନ୍ଦ୍ର ।

(୨୩) ପ୍ରକ୍ରିୟାପ୍ରଦୀପଃ—ପ୍ରଦ୍ୟୁମ୍ନ ବିଦ୍ୟାଭୂଷଣାଗ୍ରାହୀକୃତ ।

(୨୪) ଭଗବଲ୍ଲୀଳା ଚିନ୍ତାମଣି—କମଳଲୋଚନକୃତ ।

(୨୫) ଭାଷ୍ୟଭାବ ପ୍ରକାଶ—ଶ୍ରୀନିବାସକୃତ ।

(୨୬) ମନ୍ତ୍ରାର୍ଥଦୀପିକା—ଗୋବିନ୍ଦ ନ୍ୟାୟବାଗୀଶ ।

(୨୭) ରହସାର—ମୁରାରିଦ୍ୱିଜକୃତ ।

(୨୮) ଲଳିତାକ୍ଷ ପରିଭାଷା—ପୁରୁଷୋତ୍ତମକୃତ ।

(୨୯) ସମୃଦ୍ଧିମାଧବ ନାଟକ—ଗୋବିନ୍ଦ କବିଭୂଷଣକୃତ ।

ଏ କେବଳ ଉଦାହରଣ ସ୍ୱରୂପ ଲେଖାଗଲା । ଏ ଗଲା ସଂସ୍କୃତ ପୁସ୍ତକର ପରିଚୟ ।

ତାମ୍ରଶାସନ ପ୍ରଭୃତିରେ ମଧ୍ୟ ସଂସ୍କୃତଭାଷା ବ୍ୟବହୃତ ହେଉଥିଲା । ନରସିଂହଦେବଙ୍କ ତାମ୍ରଶାସନ ମିଳିଛି । ଭାଷା ସଂସ୍କୃତ, ଲିପି ଓଡ଼ିଆ । ସ୍ୱସ୍ତି ସପ୍ତଦଶୋତ୍ତରେ ଦ୍ୱାଦଶଶତ ଶକ

ବର୍ଷରେ ବୀର ନରସିଂହଦେବଙ୍କ ରାଜତ୍ୱରେ ଏକବଂଶ ବର୍ଷରେ ସିଂହ ଶୁକ୍ଳପକ୍ଷ ସୋମବାରେ ରେମୁଣା କଟକେ । ପ୍ରଚଳିତ ନିୟମାନୁସାରେ ଅଙ୍କଗଣନା ତାହାଣରୁ ବାମଆଡ଼କୁ କରାଯାଏ, ସୁତରାଂ ଶକାବ୍ଦ ୧୨୧୭ । ସୁତରାଂ ୬୩୦ ବର୍ଷ ପୂର୍ବେ ଲେଖା ହୋଇଥିଲା । ଅର୍ଥାତ୍ ୧୨୯୦ ଖ୍ରୀଷ୍ଟାବ୍ଦ ୧୦୬୪ ଶକାବ୍ଦରେ କାମାର୍ଣ୍ଣବ ସିଂହାସନରେ ବସିଥିଲେ । ସେ ଗଙ୍ଗେଶ୍ୱରଙ୍କ ପୁତ୍ର । ଗ୍ରେରଗଙ୍କ ୭୦ ବର୍ଷ ରାଜତ୍ୱ କରିଥିଲେ, ସୁତରାଂ ସେ ୯୯୪ ଶକାବ୍ଦରେ ରାଜା ହୋଇଥିଲେ ।

ବେଦର୍ତ୍ତୁ ବ୍ୟୋମଚନ୍ଦ୍ର ପ୍ରମିତ ଶକସମା ପ୍ରାପ୍ତକାଳେ ଦିନେଶେ
ଗୃପସ୍ଥେଽନ୍ୟଗ୍ରହୈର୍ଘେ ବଲବତି ଶପୁଷ୍ପେ ପ୍ରକ୍ଷସ୍ୱଂ ପ୍ରାପ୍ତବସ୍ତୁ ।
ତସ୍ମିନ୍ ମୂର୍ଦ୍ଧାଭିଷିକ୍ତେ ନୃପବରତନୟେ ସର୍ବଲୋକୈକନାଥେ
ଶ୍ରୀମତ୍ କାମାର୍ଣ୍ଣବେଶେ ଜରଦଭବଦ୍ଦଂ ତଦ୍ଦାନନ୍ଦପୂର୍ଣ୍ଣମ୍ ।

ପୁରୀ ନିମାଳୀ ମଠ ଓ ଶଙ୍କରାନନ୍ଦ ମଠରୁ ଦୁଇଖଣ୍ଡ ତାମ୍ରଶାସନ ମିଳିଛି । ଏଥିରେ ସଂସ୍କୃତଭାଷା ବ୍ୟବହୃତ ହୋଇଛି; ମାତ୍ର କ୍ରମେ ଭାଷା ପ୍ରାକୃତ ଆଡ଼କୁ ଗଡ଼ିକରୁଥିବାର ଦେଖାଯାଏ । ନିମାଳୀ ମଠ ସନନ୍ଦର ସମୟ ୧୩୦୫ ଶକାବ୍ଦ ଶ୍ରୀନୃସିଂହଦେବଙ୍କ ୮ ଅଙ୍କ ଚୈତ୍ର ଶୁକ୍ଳ ରବିବାର ଏବଂ ଶଙ୍କରାନନ୍ଦ ମଠ ସନନ୍ଦ ୧୩୧୭ ଶକାବ୍ଦ ଶ୍ରୀନୃସିଂହଦେବଙ୍କ (ଅଙ୍କ ଅସ୍ପଷ୍ଟ) ବିଶ୍ୱ ଶୁକ୍ଳ ଏକାଦଶୀ ମଙ୍ଗଳବାର ।

ଏସବୁ ଦେଖିଲେ ମନେହୁଏ, ଉତ୍କଳରେ ଧାରାବାହିକରୂପେ ସଂସ୍କୃତ-ଚର୍ଚ୍ଚା ଚାଲିଛି; କେବେହେଲେ ପଛରେ ପଡ଼ିନାହିଁ । ନରସିଂହ ତାମ୍ରଶାସନରେ ଯେଉଁ ସଂସ୍କୃତଭାଷା ବ୍ୟବହୃତ ହୋଇଛି, ତାହା ଉନ୍ନତ ଧରଣର ସଂସ୍କୃତ । ସେଥିରୁ ଅନୁମାନ ସେ ସମୟର ବହୁକାଳ ପୂର୍ବରୁ ସଂସ୍କୃତଭାଷା-ଚର୍ଚ୍ଚା ବହୁଳଭାବେ ଥିଲା ।

ଏ ପ୍ରସଙ୍ଗରେ କବି ଜୟଦେବଙ୍କ ଜୀବନୀ ଆଲୋଚନା କରିବା ଆବଶ୍ୟକ ।

ଏ ଜଣେ ସଂସ୍କୃତଜ୍ଞ ଥିଲେ । ଗୀତଗୋବିନ୍ଦ ତାଙ୍କ ରଚିତ ପୁସ୍ତକ । ଜୟଦେବ ବଙ୍ଗାଳୀ କି ଓଡ଼ିଆ ? ଅନେକ ଦିନ ଆଗରୁ ବଙ୍ଗୀୟ ଲେଖକମାନେ ଜୟଦେବଙ୍କୁ ବଙ୍ଗାଳୀ କରିସାରିଛନ୍ତି । ଏ ବିଷୟରେ ଅନେକ ପୁସ୍ତକ ମଧ୍ୟ ଲେଖାହୋଇସାଇଛି । ହଣ୍ଟର ସାହେବ ୧୮୭୫ ମସିହାରେ ତାଙ୍କ ଇତିହାସରେ ଲେଖିଛନ୍ତି ଯେ ଜୟଦେବଙ୍କ ଘର ବୀରଭୂମ ଜିଲ୍ଲା କେନ୍ଦୁଲୀ ଗ୍ରାମରେ । ଏ ଗ୍ରାମ ଅଜୟ ନଦୀ କୂଳରେ । ଏଠାରେ ବୈଷ୍ଣବମେଳା ହୁଏ । ଠାକୁର ମନ୍ଦିର ଅଛି । ସ୍ୱର୍ଗୀୟ ରମେଶଚନ୍ଦ୍ର ଦତ୍ତ ମହାଶୟ ବଙ୍ଗସାହିତ୍ୟ ନାମକ ପୁସ୍ତକରେ ଲେଖିଛନ୍ତି ଯେ ପ୍ରାଚୀନ କବି ଜୟଦେବଙ୍କୁ ବଙ୍ଗ-ସନ୍ତାନ ବୋଲି ଦାବି କରାଯାଇପାରେ । ସେ ଲକ୍ଷ୍ମଣ ସେନଙ୍କ ରାଜସଭାରେ ବଢ଼ିଥିଲେ । ସେ ୧୨ ଶତାବ୍ଦୀର

ଲୋକ ଥିଲେ । କେନ୍ଦୁବିଲ୍ୱ ବା କେନ୍ଦୁଲୀ ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ । ଜୀବନର ପ୍ରଥମାବସ୍ଥାରେ ସେ ଗୃହତ୍ୟାଗ କରି କୃଷ୍ଣଭକ୍ତି ପ୍ରଚାର କରିଥିଲେ । ମାତ୍ର ଏ କଥା ବୈଷ୍ଣବମାନଙ୍କର କପୋଳକଳ୍ପିତ । ଜୟଦେବ ଗୃହରୁ ଯାଇ ଉତ୍ତର-ଭାରତର ବୃନ୍ଦାବନ ଓ ଜୟପୁର ଅଞ୍ଚଳକୁ ଯାଇଥିଲେ । ତାଙ୍କ ସ୍ତ୍ରୀ ମରିବା ପରେ ସେ ଆପଣା ଗ୍ରାମରେ ଶେଷ ଜୀବନ କଟାଇ ମାନବଲୀଳା ସମ୍ବରଣ କଲେ । ବୀରଭୂମ ଜିଲ୍ଲାର କେନ୍ଦୁଲୀ ଗ୍ରାମରେ ଜୟଦେବଙ୍କର ସମାଧି ଅଛି । ଏଠାରେ ପ୍ରତିବର୍ଷ ମେଳା ହୁଏ । ଏହା ଦତ୍ତ ମହାଶୟଙ୍କର ମତ ।

ଏ ଉକ୍ତିର ବିରୁଦ୍ଧରେ କୌଣସି ଯୁକ୍ତି ନ ମିଳିଲେ ଦତ୍ତ ମହାଶୟଙ୍କର କଥା ଠିକ୍ ବୋଲି କୁହାଯାଇ ପାରିବ । ମାତ୍ର ସେପରି ଯୁକ୍ତି ଅଛି କି ନା, ଦେଖାଯାଉ । ଗୀତଗୋବିନ୍ଦରେ କବିଙ୍କ ଜନ୍ମସ୍ଥାନ ବିଷୟରେ କିଛି ଲେଖା ନାହିଁ । ବର୍ତ୍ତମାନ ପାରିପାର୍ଶ୍ୱିକ ପ୍ରମାଣ ଉପରେ ନିର୍ଭର କରିବାକୁ ହେବ । ପ୍ରଥମେ ଦେଖାଯାଉ କାବ୍ୟଟି ରଚିତ ହେଲା କେବେ ? କାବ୍ୟରେ ସମୟ ଉଲ୍ଲେଖ ନାହିଁ । ଏ ବିଷୟରେ ମଧ୍ୟ ପାରିପାର୍ଶ୍ୱିକ ଅବସ୍ଥା ଗ୍ରହଣୀୟ । ଗୀତଗୋବିନ୍ଦ ପାଠ ଜଗନ୍ନାଥ ନୀତି ମଧ୍ୟରେ ଗୋଟିଏ ପ୍ରଧାନ ନୀତି । ବଡ଼ସିଂହାର ଉତ୍ତାରୁ ପ୍ରତ୍ୟହ ଗୀତଗୋବିନ୍ଦ ପାଠହୁଏ । ମାଦଳାପାଞ୍ଜିରେ ଦେଖାଯାଏ, ରାଜକବି ନରସିଂହଦେବ ଗୀତଗୋବିନ୍ଦ ଶୁଭ କରାଇଲେ । ଅର୍ଥାତ୍ ମହାପ୍ରଭୁଙ୍କ ଶ୍ରୀମୁଖରେ ଗୀତଗୋବିନ୍ଦ ପାଠ ଖଞ୍ଜାଇଲେ । କବି ନରସିଂହଦେବ ୨୫ ବର୍ଷ ରାଜତ୍ୱ କରିଥିଲେ । ତାଙ୍କ ପୂର୍ବ ରାଜା ଲାଙ୍ଗୁଲା ନରସିଂହଦେବ ଏବଂ ପର ରାଜା ପ୍ରତାପ ନରସିଂହ । କବି ନରସିଂହ ୧୨୮୪—୧୩୦୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସୁତରାଂ ୧୨୮୨ ଖ୍ରୀଷ୍ଟାବ୍ଦ ପୂର୍ବେ ଗୀତଗୋବିନ୍ଦ ରଚିତ ହୋଇଥିଲା । ରାଜା ଏକବର୍ତ୍ତୀ କାମଦେବ ଗୀତଗୋବିନ୍ଦ ନଶୁଣି ଜଳଗ୍ରହଣ କରୁ ନଥିଲେ । ଏକଥା 'ରାମାନନ୍ଦ' ଗ୍ରନ୍ଥଲେଖକ ସ୍ୱୀକାର କରିଛନ୍ତି । କାମଦେବ ରାଜା ଗଙ୍ଗେଶ୍ୱରଦେବଙ୍କ ପୁତ୍ର । ୭ ବର୍ଷ ରାଜତ୍ୱ କରିଥିଲେ । ହଣ୍ଟର ସାହେବ ୧୧୬୬-୧୧୭୧ ଖ୍ରୀଷ୍ଟାବ୍ଦ ତାଙ୍କ ରାଜତ୍ୱକାଳ ସ୍ଥିର କରିଛନ୍ତି । ସୁତରାଂ ୧୧୬୬ ଖ୍ରୀଷ୍ଟାବ୍ଦ ପୂର୍ବରୁ ଗୀତଗୋବିନ୍ଦ ରଚିତ ହୋଇଥିଲା । ଗୀତଗୋବିନ୍ଦ ଅନୁକରଣରେ ଅଭିନବ ଗୀତଗୋବିନ୍ଦ ରଚିତ ହୋଇଥିଲା—କବି ପୁରୁଷୋତ୍ତମଦେବ, ତାଳପତ୍ର ପୋଥିରେ ଲେଖା, ସଂସ୍କୃତଭାଷା, ଲିପି ଓଡ଼ିଆ । ପୁରୁଷୋତ୍ତମଦେବ ଦୁଇଜଣ ଥିଲେ । କପିଳେନ୍ଦ୍ରଦେବଙ୍କ ପୁତ୍ର ପୁରୁଷୋତ୍ତମଦେବ ଏବଂ ଅନଙ୍ଗଦେବଙ୍କର ପୁତ୍ର ପୁରୁଷୋତ୍ତମଦେବ । ଅନଙ୍ଗଙ୍କ ପୁତ୍ର ୧୨୦୨-୧୨୩୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏହାଙ୍କ ଅମଳରେ ଅଭିନବ ଗୀତଗୋବିନ୍ଦ ରଚିତ ହୋଇଥିବାର ସମ୍ଭବ ।

ବିଶ୍ୱକୋଷରୁ ଜଣାଯାଏ, ମାଣିକଚନ୍ଦ୍ର ରାଜାଙ୍କ ସମୟରେ ଅଳଙ୍କାରଶେଖର ନାମକ ପୁସ୍ତକ ରଚିତ ହୋଇଥିଲା । ଏ ଗ୍ରନ୍ଥରେ ଜୟଦେବ ଉତ୍କଳ ରାଜାଙ୍କ ସଭାକବି

ଥିବାର ଉଲ୍ଲେଖ ଅଛି । ମାଣିକଚନ୍ଦ୍ର ଉତ୍ତରବଙ୍ଗରେ ଜଣେ ପ୍ରଧାନ ରାଜା ଥିଲେ । ତାଙ୍କ ପୁତ୍ର ଗୋପୀଚନ୍ଦ୍ର ଏବଂ ପୁତ୍ରବଧୂ ନୟନାବତୀ । 'ବଙ୍ଗସାହିତ୍ୟ' ଲେଖକ ଦତ୍ତ ମହାଶୟ ଲେଖିଛନ୍ତି ଯେ (୫୭ । ୫୮ ପୃଷ୍ଠା) ମାଣିକଚନ୍ଦ୍ର ଏକାଦଶ ଶତାବ୍ଦୀର ଲୋକ ଥିଲେ । ମାଣିକଚନ୍ଦ୍ର ଓ ଗୋପୀଚନ୍ଦ୍ରଙ୍କ ସମ୍ବନ୍ଧୀୟ ଗୀତମାନଙ୍କରେ ବୌଦ୍ଧଧର୍ମର ପ୍ରଭାବ ଦେଖାଯାଏ । ଧର୍ମପାଳ ମାଣିକଚନ୍ଦ୍ରଙ୍କର ଜଣେ ଆତ୍ମୀୟ ଥିଲେ । ଧର୍ମପାଳଙ୍କଦ୍ୱାରା ମାଣିକଚନ୍ଦ୍ର ନିହତ ହୋଇଥିବା କଥା ବିଶ୍ୱକୋଷରେ ଉଲ୍ଲେଖ ଅଛି । ଗୋବିନ୍ଦଚନ୍ଦ୍ରଙ୍କ ଅଭ୍ୟୁଦୟ କାଳ ଏକାଦଶ ଶତାବ୍ଦୀ । ଗୋବିନ୍ଦଚନ୍ଦ୍ର ରାଜେନ୍ଦ୍ର ଚୋଳଙ୍କ ସମସାମୟିକ ଥିଲେ । ରାଜେନ୍ଦ୍ର ଚୋଳ ୧୦୬୩ରୁ ୧୧୧୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସୁତରାଂ ମାଣିକଚନ୍ଦ୍ର ଏକାଦଶ ଶତାବ୍ଦୀର ଲୋକ ଥିବା ସୁନିଶ୍ଚିତ ଏବଂ ଜୟଦେବ ଏକାଦଶ ଶତାବ୍ଦୀର ଲୋକ ଥିବାର ଅନୁମିତ ହୁଏ । ଏ ହେତୁବାଦ ଅନୁସାରେ ରମେଶ ଦତ୍ତ ମହାଶୟଙ୍କ ସିଦ୍ଧାନ୍ତ ଯେ ଜୟଦେବ ରାଜା ଲକ୍ଷ୍ମଣ ସେନଙ୍କ ରାଜସଭାରେ କବି ଥିଲେ, ତାହା ଅମୂଳକ । ଲକ୍ଷ୍ମଣ ସେନ ଦ୍ୱାଦଶ ଶତାବ୍ଦୀର ଲୋକ ଥିଲେ । ଆଇନ ଆକବରୀ ଅନୁସାରେ ସେନବଂଶୀୟ ରାଜା ୧୦୬ ବର୍ଷ ରାଜତ୍ୱ କରିଥିଲେ ଏବଂ ରାଜେନ୍ଦ୍ରଲାଲ ମିତ୍ରଙ୍କ ଗଣନା ଅନୁସାରେ ୨୩୩ ବର୍ଷ ରାଜତ୍ୱ କରିଥିଲେ । ଆଇନ ଆକବରୀ ଅନୁସାରେ ବଲ୍ଲାଲସେନଙ୍କ ପୁତ୍ର ଲକ୍ଷ୍ମଣସେନ ୧୧୦୬ ଖ୍ରୀଷ୍ଟାବ୍ଦରେ ରାଜତ୍ୱ ପାଇଥିଲେ ଏବଂ ଶେଷ ରାଜା ଲକ୍ଷ୍ମଣେୟ ବା ଅଶୋକସେନ ୧୧୪୨ ଖ୍ରୀଷ୍ଟାବ୍ଦରେ ରାଜତ୍ୱ ପାଇଥିଲେ । ୧୨୦୩ ଖ୍ରୀଷ୍ଟାବ୍ଦରେ ବଙ୍ଗ ମୁସଲମାନମାନଙ୍କର କରଗତ ହେଲା ଏବଂ ବଙ୍ଗର ଶେଷ ରାଜା କେଶବ ସେନ ବା ଲକ୍ଷ୍ମଣେୟ ପଳାୟନ କରି ଓଡ଼ିଶା ରାଜାଙ୍କ ଶରଣାଗତ ହେଲେ । ସୁତରାଂ ଦତ୍ତ ମହାଶୟଙ୍କ ସିଦ୍ଧାନ୍ତ ଅମୂଳକ ।

ଶ୍ରୀଯୁକ୍ତ ରାଜର୍ଷି ଗୋପାଳଚନ୍ଦ୍ର ଆଚାର୍ଯ୍ୟ ନୀଳାଚଳେ ଶ୍ରୀଜଗନ୍ନାଥ ଓ ଶ୍ରୀ ଗୌରାଙ୍ଗ ନାମକ ଖଣ୍ଡିଏ ପୁସ୍ତକ ଲେଖିଛନ୍ତି । ସେ ଲେଖିଛନ୍ତି ଚନ୍ଦ୍ରଦତ୍ତକୃତ ପ୍ରାଚୀନ ସଂସ୍କୃତ ଭକ୍ତମାଳା ଗ୍ରନ୍ଥରେ ଜୟଦେବଙ୍କ ଜନ୍ମଭୂମି ପୁରୀ ଜିଲା ବୋଲି ଲେଖାଅଛି । ଚନ୍ଦ୍ରଦତ୍ତ ଜଣେ ମୈଥିଳୀ ପଣ୍ଡିତ ଥିଲେ । ସେ କାଶୀଗୀତା ସଙ୍ଗୀତ ଗ୍ରନ୍ଥ, ଭଗବଦ୍ଭକ୍ତ ମାହାତ୍ମ୍ୟ, କୃଷ୍ଣବିରୁଦାବଳି ସଟୀକ ଗ୍ରନ୍ଥ ଲେଖିଛନ୍ତି (ବିଶ୍ୱକୋଷ) ।

ଶ୍ରୀନିବାସ ଆଚାର୍ଯ୍ୟଙ୍କ ଶିଷ୍ୟ କୃଷ୍ଣଦାସ ବାବାଜୀ ପ୍ରଥମେ ନାଭାଜୀକୃତ ହିନ୍ଦୀ ଭକ୍ତମାଳା ଗ୍ରନ୍ଥକୁ ବଙ୍ଗଭାଷାରେ ଅନୁବାଦ କରିଥିଲେ । କୃଷ୍ଣଦାସ ତାଙ୍କ ଅନୂଦିତ ଭକ୍ତମାଳା ଗ୍ରନ୍ଥରେ ଆହୁରି ଅଧିକ କେତେ ଜଣ ଭକ୍ତ ବୈଷ୍ଣବଙ୍କ ଜୀବନୀ ସନ୍ନିବିଷ୍ଟ କରିଥିଲେ । କୃଷ୍ଣଦାସ ଅଦ୍ୱୈତ ପ୍ରଭୁଙ୍କ ସମସାମୟିକ ଥିଲେ । ଚୈତନ୍ୟଙ୍କ ଅବତାରର ବହୁକାଳ ପୂର୍ବରୁ ଜୟଦେବଙ୍କ ଅଭ୍ୟୁଦୟ ହୋଇଥିଲା । ଶ୍ରୀଚୈତନ୍ୟ ୧୪୮୫ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ ଏବଂ ସନ୍ନ୍ୟାସୀ ହେଲେ । ସନ୍ନ୍ୟାସୀ ହେବାପରେ ୧୫୦୯ ଖ୍ରୀଷ୍ଟାବ୍ଦରେ

ଶ୍ରୀଚୈତନ୍ୟ ପୁରୀକ୍ଷେତ୍ରକୁ ଆସି ତାଙ୍କ ଲୀଳାଖେଳା କରିଥିଲେ । ସୁତରାଂ ଭକ୍ତମାଳା ଗ୍ରନ୍ଥ ଶ୍ରୀଚୈତନ୍ୟଙ୍କ ଅବତାର ପରେ ରଚିତ ହୋଇଥିଲା ।

ରାଜା ପ୍ରତାପରୁଦ୍ରଦେବ ୧୫୦୪ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ରାଜସିଂହାସନ ଆରୋହଣ କରିଥିଲେ । ବଡ଼ଦେଉଳର ଜଗମୋହନ ବାମ ପାର୍ଶ୍ୱରେ ଗୋଟିଏ ଖୋଦିତ ଲିପି ଅଛି । ସେ ଲିପିର ସମୟ ପ୍ରତାପରୁଦ୍ରଦେବ ମହାରାଜାଙ୍କ ୪ ଅଙ୍କ କର୍କଟ ମାସ ୧୦ ଦିନ ଅର୍ଥାତ୍ ୧୫୦୭ ଖ୍ରୀଷ୍ଟାବ୍ଦ । ଏହି ଅନୁଜ୍ଞାରେ ଗୀତଗୋବିନ୍ଦ ପାଠ ବିଷୟ ଲେଖା ଅଛି । ଏଥିରୁ ଜଣାଯାଏ ଯେ ପ୍ରତ୍ୟେକ ରାଜା ବଡ଼ସିଂହାର ବେଳେ ଗୀତଗୋବିନ୍ଦ ପାଠ ନୀତିକି ଅନୁମୋଦନ କରି ଆସିଛନ୍ତି ଏବଂ ଏ ନୀତି ବର୍ତ୍ତମାନ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଅଛି । ସୁତରାଂ ଭକ୍ତମାଳା ଗ୍ରନ୍ଥ ଲେଖାହେବାର ବହୁକାଳ ପୂର୍ବରୁ ଗୀତଗୋବିନ୍ଦ ଓ ଜୟଦେବଙ୍କ ନାମ ଉତ୍କଳରେ ସୁପରିଚିତ ଓ ସୁପ୍ରତିଷ୍ଠିତ ଥିବା ବିଷୟରେ ମାଦଳାପାଞ୍ଜି ଓ ଖୋଦିତ ଲିପିରେ ଉଲ୍ଲେଖ ଅଛି । ଏସବୁ ବିଷୟରୁ ସ୍ପଷ୍ଟ ପ୍ରତୀୟମାନ ହୁଏ, ଜୟଦେବ ଓ ଗୀତଗୋବିନ୍ଦ ବହୁ ପ୍ରାଚୀନ କାଳର ଏବଂ ଜୟଦେବ ପୁରୀବାସୀ ଥିବା ବିଷୟ ପୂର୍ଣ୍ଣଭାବେ ପ୍ରମାଣିତ ହେଉଛି ।

ଲକ୍ଷ୍ମଣ ସେନଙ୍କ ସମୟରେ ବଙ୍ଗଳାରେ ଶାକ୍ତଧର୍ମର ବିଶେଷ ପ୍ରଭାବ ଥିଲା । ବଲ୍ଲାଳ ସେନଙ୍କର ତିନି ପୁତ୍ର ଥିଲେ—ବିଶ୍ୱରୂପ, କେଶବ ଓ ମାଧବ । କେଶବଙ୍କ ପୁତ୍ର ଦନୌଜ ମାଧବ । ଲକ୍ଷ୍ମଣ ସେନ ୧୧୭୦ ଖ୍ରୀଷ୍ଟାବ୍ଦରେ ରାଜା ହେଲେ ଏବଂ ୧୧୯୯ରେ ବକ୍ତିଆର ଖିଲିଜିଙ୍କଦ୍ୱାରା ପରାଜିତ ହୋଇ ପଳାୟନ କଲେ ଏବଂ ଓଡ଼ିଶା ରାଜାଙ୍କ ଆଶ୍ରୟ ନେଲେ । କେଶବ ସେନ ନାମମାତ୍ର ରାଜା ଥିଲେ ଏବଂ ଅଳ୍ପ ସମୟରେ ଇହଧାମ ପରିତ୍ୟାଗ କଲେ । ପିତାଙ୍କ ପଳାୟନ ବାର୍ତ୍ତା ପାଇ ଜ୍ୟେଷ୍ଠପୁତ୍ର ମାଧବ ପଳାୟନ କରି ହିମାଳୟରେ ଆଶ୍ରୟ ନେଲେ । ବଲ୍ଲାଳ ସେନଙ୍କ ଅମଳରୁ ଲକ୍ଷ୍ମଣ ସେନଙ୍କ ସମୟ ପର୍ଯ୍ୟନ୍ତ ସମଗ୍ର ଗୌଡ଼ ପ୍ରଦେଶରେ ତାନ୍ତ୍ରିକ ଧର୍ମର ପୂର୍ଣ୍ଣ ପ୍ରଭାବ ଥିଲା । ଲକ୍ଷ୍ମଣ ସେନଙ୍କ ରାଜଧାନୀରେ ବିଳାସିତା ସ୍ରୋତ ପୂର୍ଣ୍ଣମାତ୍ରାରେ ପ୍ରବାହିତ ହେଉଥିଲା । ପଞ୍ଚମକାର ସେବା ନିତ୍ୟ-ନୈମିତ୍ତିକ କ୍ରିୟାକଳାପ ଥିଲା । ବାରବିଳାସିନୀ ଓ ସ୍ୱେଚ୍ଛାଚାରିଣୀମାନଙ୍କ ଦ୍ୱାରା ବିଭାବରୀ ଉଦ୍‌ଭ୍ରାନ୍ତ ହେଉଥିଲା । ଗୌଡ଼ୀୟ ସେନାମାନଙ୍କ ମଧ୍ୟରେ ଏହି ବିଳାସିତା ପ୍ରବେଶ କରିବାରୁ ସେମାନେ ଉଚ୍ଛୃଙ୍ଖଳ ଓ ବିଶୃଙ୍ଖଳ ହେଲେ ଏବଂ ଫଳରେ ସେମାନେ ମୁସଲମାନଙ୍କ ଦ୍ୱାରା ପରାସ୍ତ ହେଲେ । ହଳାୟୁଧ ଏ ସମୟରେ 'ମତ୍ସ୍ୟସୂକ୍ତ' ନାମକ ଖଣ୍ଡିଏ ଗ୍ରନ୍ଥ ଲେଖିଥିଲେ । ପୁସ୍ତକର ବର୍ଣ୍ଣିତ ବିଷୟ ହିନ୍ଦୁ ସମାଜର ସଦାଚାର ରକ୍ଷାକରିବା ଅଥଚ ତାନ୍ତ୍ରିକ ମତର ଅବିରୋଧୀ । ଲକ୍ଷ୍ମଣ ସେନଙ୍କ ରାଜସଭାର ଏହି ଅବସ୍ଥା ବେଳେ ପରମ ବୈଷ୍ଣବ ଜୟଦେବ ସେ ସଭାର କବିଥିବା ସମ୍ଭବ ନୁହେଁ । ହଳାୟୁଧ ଲକ୍ଷ୍ମଣ ସେନଙ୍କ ସଭାର ଜଣେ ବଡ଼ ପଣ୍ଡିତ ଥିଲେ । ଜୟଦେବ ଗୀତଗୋବିନ୍ଦରେ କେତେଜଣ କବିଙ୍କ ନାମ ଉଲ୍ଲେଖ

କରିଛନ୍ତି; ମାତ୍ର ହଳାୟୁଧଙ୍କ ନାମ ଉଲ୍ଲେଖ ନାହିଁ । ଏଥିରୁ ଜଣାଯାଏ, ଜୟଦେବ ଲକ୍ଷ୍ମଣ ସେନଙ୍କ ସମସାମୟିକ ନଥିଲେ ।

ଗୀତଗୋବିନ୍ଦରେ ଯେଉଁ "ଆଚାର୍ଯ୍ୟ ଗୋବର୍ଦ୍ଧନ"ଙ୍କ ନାମୋଲ୍ଲେଖ ଅଛି, ସେ ଜଣେ ପୁରୀବାସୀ ଥିଲେ । ଗୋବର୍ଦ୍ଧନଶତକ ନାମକ ଗ୍ରନ୍ଥରେ ତାଙ୍କ ରଚିତ ଅନେକ ଶ୍ଳୋକ ଅଛି । ଆଚାର୍ଯ୍ୟସଂଜ୍ଞକ ବ୍ରାହ୍ମଣ କବି ଉତ୍କଳରେ ଅନେକ ଥିଲେ । ପ୍ରତିଷ୍ଠାପ୍ରଦୀପ ଗ୍ରନ୍ଥର ରଚୟିତା ପ୍ରଦ୍ୟୁମ୍ନାଚାର୍ଯ୍ୟ ଏବଂ ସାମ୍ୟପ୍ରଦୀପର ରଚୟିତା ହରିହର ଆଚାର୍ଯ୍ୟ । ବିଶ୍ୱକୋଷ ଲେଖକ କହନ୍ତି, ଗୋବର୍ଦ୍ଧନ ନୀଳାମ୍ବର ଆଚାର୍ଯ୍ୟଙ୍କ ପୁତ୍ର ଏବଂ ସେ ଲକ୍ଷ୍ମଣ ସେନଙ୍କ ସଭାର ଜଣେ ପଣ୍ଡିତ ଥିଲେ । ମାତ୍ର ଆମ୍ଭେ ତାଙ୍କ ସହିତ ଏକମତ ହେବାର କିଛି କାରଣ ଦେଖୁନାହୁଁ ।

ଧରଣୀଧର ଜଣେ ଓଡ଼ିଆ କବି । ସେ ୩୫୦ ବର୍ଷ ପୂର୍ବେ ଗୀତଗୋବିନ୍ଦକୁ ଓଡ଼ିଆ ପଦ୍ୟରେ ଅନୁବାଦ କରିଥିଲେ । ଗୀତଗୋବିନ୍ଦ ଗୋଟିଏ ଲବ୍ଧପ୍ରତିଷ୍ଠ କାବ୍ୟ । ଅନେକ ପଣ୍ଡିତ ଗୀତଗୋବିନ୍ଦର ଟୀକା କରିଛନ୍ତି—ଉଦୟନାଚାର୍ଯ୍ୟ, କମଳାକର, କୁମ୍ଭକର୍ଣ୍ଣ, ମହେନ୍ଦ୍ର, କୃଷ୍ଣ ଦତ୍ତ, କୃଷ୍ଣ ଦାସ, ଗୋପାଳ, ଚୈତନ୍ୟ ଦାସ, ନାରାୟଣ ଭଟ୍ଟ, ନାରାୟଣ ଦାସ, ପୀତାମ୍ବର, ଭଗବଦାସ, ଭାବାଚାର୍ଯ୍ୟ, ମାନାଙ୍କ, ରାମତାରଣ, ରାମଦତ୍ତ, ରୂପଦେବ, ଲକ୍ଷ୍ମଣ ଭଟ୍ଟ, ବଳଦୀକ୍ଷିତ, ବିଶ୍ୱେଶ୍ୱର ଭଟ୍ଟ, ଶଙ୍କର ମିଶ୍ର, ଶ୍ରୀହର୍ଷ, ହୃଦୟାଭରଣ । ପାଶ୍ଚାତ୍ୟ ପଣ୍ଡିତ ଏଡୱିନ୍, ଆର୍ନଲ୍ଡ ଓ ସାର୍ ଉଇଲିଅମ୍ ଯୋନସ୍ ଗୀତଗୋବିନ୍ଦକୁ ଇଂରାଜୀ ଭାଷାରେ ଅନୁବାଦ କରିଛନ୍ତି ।

ଜୟଦେବଙ୍କୁ ବଙ୍ଗାଳୀ ବୋଲି ପ୍ରମାଣ କରିବା ପାଇଁ ଅନେକ ଅଦ୍ଭୁତ ଯୁକ୍ତି ବଙ୍ଗୀୟ ଲେଖକମାନେ ଦେଖାଇଛନ୍ତି । ୧ମ ଯୁକ୍ତି, ଗୀତଗୋବିନ୍ଦର ଶ୍ଳୋକ ପାଠକଲେ ଜଣାଯାଏ ରଚନାଟି ବଙ୍ଗଭାଷାର; ମାତ୍ର ସଂସ୍କୃତ ବିଭକ୍ତି ଯୋଗ ହୋଇଛି । ଜୟଦେବ ବଙ୍ଗାଳୀ ହୋଇ ନଥିଲେ ଏପରି ରଚନା କରିପାରିଥାନ୍ତେ କି ନା ସନ୍ଦେହ । ଏ ଯୁକ୍ତି ଗୋପାଳଚନ୍ଦ୍ର ଆଚାର୍ଯ୍ୟ ମହାଶୟଙ୍କର । ଏ ଯୁକ୍ତି ନିତାନ୍ତ ଅମୂଳକ । ଓଡ଼ିଆଭାଷାର ସଂସ୍କୃତ ସଙ୍ଗେ ଅଧିକ ସାମଞ୍ଜସ୍ୟ । ବିଭକ୍ତି ଯୋଗରେ ଓଡ଼ିଆଭାଷା ସହଜରେ ସଂସ୍କୃତ ହୋଇପାରିବ । ଓଡ଼ିଆ ଭାଷାର ଜନ୍ମଦାତା ସଂସ୍କୃତ । ବଙ୍ଗଭାଷା ମୈଥିଳୀ ଓ ବ୍ରଜବୋଲି ଭାଷାରୁ ଜାତ । ପ୍ରାଚୀନ ବଙ୍ଗଭାଷା ମଧ୍ୟରେ ଅଧିକାଂଶ ଓଡ଼ିଆ ଶବ୍ଦ ଅଛି ।

ଚନ୍ଦନଚର୍ଚ୍ଚିତ ନୀଳକଳେବର ପୀତବସନ ବନମାଳୀ,
କେଳିଚଳନ୍ମଣି କୁଣ୍ଡଳମଣ୍ଡିତ ଗଣ୍ଡଯୁଗସ୍ମିତଶାଳୀ
ହରିରିହ ମୁଗ୍ଧବଧୂନିକରେ
ବିଳସତି ବିଳାସିନି କେଳିପରେ ।

ଏଥିରୁ କିପରି ଜଣାଗଲା ଯେ ଏ ସଂସ୍କୃତ ବଙ୍ଗଭାଷାରୁ ଜାତ ହୋଇଛି ଏବଂ ଜୟଦେବ ବଙ୍ଗାଳୀ ?

୨ୟ ଯୁକ୍ତି ନାଟକୀୟ ଉପାଖ୍ୟାନରେ । 'ଜୟଦେବ' ନାମକ ନୂତନ ନାଟକରେ ଜୟଦେବଙ୍କୁ ବଙ୍ଗାଳୀ ପ୍ରମାଣ କରାଯାଇଛି । ଏ ନାଟକରେ କେତେଗୁଡ଼ିଏ ଅପ୍ରାକୃତିକ ଘଟଣା ବର୍ଣ୍ଣିତ ହୋଇଛି । ନାଟକର ଉଦ୍ଦେଶ୍ୟ ଜୟଦେବଙ୍କ ମାହାତ୍ମ୍ୟ କୀର୍ତ୍ତନ । ସଂକ୍ଷେପତଃ ଲକ୍ଷ୍ମଣ ସେନଙ୍କ ପୁତ୍ର ହେମନ୍ତ ସେନ ମଲା । ଶାକ୍ତ ଗୁରୁ ପରାମର୍ଶ ଦେଲେ ଯେ ଅନ୍ୟ ଗୋଟିଏ ଶିଶୁ ବଳିଦେଲେ ପୁତ୍ର ବଞ୍ଚିଯିବ । ଗୋଟିଏ ବ୍ରାହ୍ମଣ ଶିଶୁ ଧରାହୋଇ ଆସିଲା । ଶିଶୁକୁ ବଳିଦେବାବେଳେ ହଠାତ୍ ଜୟଦେବ ଆସି ସେ ଶିଶୁକୁ ମୁକ୍ତ କରଦେଲେ ଏବଂ ମୃତ ପୁତ୍ର ଦେହରେ ହାତ ଦେବା ମାତ୍ରକେ ସେ ପୁଣି ଜୀବିତ ହେଲା । ରାଜା ବୈଷ୍ଣବର ମାହାତ୍ମ୍ୟ ବେଶି ବୋଲି ବୁଝିପାରି ଶାକ୍ତଧର୍ମ ଛାଡ଼ି ବୈଷ୍ଣବଧର୍ମ ଗ୍ରହଣ କଲେ । କେତେକ ଦିନ ପରେ ଓଡ଼ିଶା ରାଜାଙ୍କ ନିକଟକୁ ଯାଇ ଦୀକ୍ଷା ଗ୍ରହଣ କଲେ । ପ୍ରଥମରୁ ଦେଖାଯାଏ ଯେ ଲକ୍ଷ୍ମଣ ସେନଙ୍କ ହେମନ୍ତ ନାମରେ ପୁତ୍ର ନଥିଲା । ସାମନ୍ତ ସେନଙ୍କର ହେମନ୍ତ ନାମକ ପୁତ୍ର ଥିବାର ଇତିହାସରୁ ଜଣାଯାଏ । ଲକ୍ଷ୍ମଣ ସେନ ମୁସଲମାନଙ୍କ ଭୟରେ ପଳାୟନ କରି ଓଡ଼ିଶା ରାଜାଙ୍କ ଆଶ୍ରୟ ନେଇଥିବା ବିଷୟରେ ଇତିହାସ ସାକ୍ଷୀ । ଏହାଙ୍କ ପୂର୍ବେ ଅନ୍ୟ କୌଣସି ରାଜା ଓଡ଼ିଶାକୁ ଆସି ନଥିଲେ । ଜୟଦେବଙ୍କର ଏପରି ମାହାତ୍ମ୍ୟ ଦେଖି ଲକ୍ଷ୍ମଣ ସେନ ତଦଣ୍ଡ ତାଙ୍କଠାରୁ ଦୀକ୍ଷା ଗ୍ରହଣ ନକରି ଓଡ଼ିଶାକୁ ଦୀକ୍ଷାଗ୍ରହଣ ପାଇଁ ଆସିଲେ କାହିଁକି ? ଏ ଅପ୍ରାକୃତିକ ନୁହେ କି ?

୩ୟ ଯୁକ୍ତି, ବୀରଭୂମର କେନ୍ଦୁଲୀ ଗ୍ରାମ । ଗୀତଗୋବିନ୍ଦରେ ଜୟଦେବଙ୍କ ଜନ୍ମସ୍ଥାନ କେଉଁଠି ଲେଖା ନାହିଁ । ଜନଶ୍ରୁତିରୁ ଜଣାଯାଏ, ତାଙ୍କ ଜନ୍ମଭୂମି "କେନ୍ଦୁବିଲ୍ୱ" ବା କେନ୍ଦୁଲୀ ଗ୍ରାମରେ ଥିଲା । 'କେନ୍ଦୁବିଲ୍ୱ' ନାମକ ଗ୍ରାମ ଓଡ଼ିଶାରେ ନାହିଁ କି ବଙ୍ଗଳାରେ ନାହିଁ । କେନ୍ଦୁବିଲ୍ୱ ନାମ କେନ୍ଦୁଲୀରେ କାଳକ୍ରମେ ପରିଣତ ହୋଇଥିବା ସର୍ବବାଦୀସମ୍ମତ । ଯଦି କେନ୍ଦୁଲୀ ଜନ୍ମଭୂମି ହେଲା, ସେ କେଉଁଠି ? ପୁରୀ ଜିଲ୍ଲାରେ କି ବଙ୍ଗଳା ବୀରଭୂମରେ ? କେନ୍ଦୁଲୀ ଗ୍ରାମ ବୀରଭୂମିରେ ଅଛି । ସୁତରାଂ ସେହି ଗ୍ରାମ କିମ୍ବା ଜୟଦେବଙ୍କ ଜନ୍ମଭୂମି ହେବ ନାହିଁ କି ? ପୁରୀ ଜିଲ୍ଲାରେ କେନ୍ଦୁଲୀ ଗ୍ରାମ ଥିଲେ ସେ ସ୍ଥାନ ନହେବ କାହିଁକି ? ସୁତରାଂ ଅନ୍ୟାନ୍ୟ ପାରିପାର୍ଶ୍ୱିକ ଘଟଣା ସଙ୍ଗେ ଯେଉଁ ସ୍ଥାନ ବେଶି ମିଳିବ, ସେହି ସ୍ଥାନ ହେବା ସମୀଚୀନ ବୋଲି ଧରିବାକୁ ହେବ ।

ଶ୍ରୀଚୈତନ୍ୟଙ୍କ ଅବତାର ପୂର୍ବେ ବଙ୍ଗଦେଶରେ ଜୟଦେବ ବା ଗୀତଗୋବିନ୍ଦ ବଙ୍ଗବାସୀଙ୍କୁ ଜଣାଥିବାର କିଛି ପ୍ରମାଣ ନାହିଁ । କୌଣସି ବଙ୍ଗୀୟ ଲେଖକ ଏ ପ୍ରମାଣ ଦେଖାଇ ପାରିନାହାନ୍ତି । ଶ୍ରୀଚୈତନ୍ୟ ପୁରୀରେ ଥିବାବେଳେ ପ୍ରଥମେ ରାମାନନ୍ଦଙ୍କଠାରୁ ଗୀତଗୋବିନ୍ଦ ଶୁଣିଲେ । କ୍ରମେ ଗୀତଗୋବିନ୍ଦ ପ୍ରତି ତାଙ୍କର ଶ୍ରଦ୍ଧା ବଢ଼ିଲା ଏବଂ ସେ

ଗୀତଗୋବିନ୍ଦ ଶୁଣି ଆତ୍ମହରା ହେଲେ । ତେଣୁ ଶ୍ରୀଚୈତନ୍ୟଙ୍କ ପାରିଷଦବର୍ଗଙ୍କର ଗୀତଗୋବିନ୍ଦ ପ୍ରତି ମନ ଆକୃଷ୍ଟ ହେଲା । ଅନେକଗୁଡ଼ିଏ ଭକ୍ତ ଶ୍ରୀଚୈତନ୍ୟଙ୍କ ସଙ୍ଗେ ନବଦ୍ୱୀପରୁ ଓଡ଼ିଶାକୁ ଆସୁଥିଲେ । ଏମାନେ ପୁଣିରୁ ଫେରିଯାଇ ଗୀତଗୋବିନ୍ଦ ମାହାତ୍ମ୍ୟ ବଙ୍ଗଳାରେ ପ୍ରଚାର କଲେ । ମାତ୍ର ଜଣେ ଓଡ଼ିଆ ପଣ୍ଡିତଙ୍କ ପୁସ୍ତକ ଶ୍ରୀମହାପ୍ରଭୁଙ୍କର ଏତେ ପ୍ରିୟ ବସ୍ତୁ ହେବ, ଏକଥା ତାଙ୍କ ଦେହ ସହିଲା ନାହିଁ । ସୁତରାଂ ସେମାନେ ଜୟଦେବଙ୍କୁ ପ୍ରମାଣକଲେ ଯେ ସେ ବଙ୍ଗାଳୀ । ଏହି ସମୟରେ ବଙ୍ଗଭାଷାରେ ଭକ୍ତିଗ୍ରନ୍ଥ ରଚିତ ହେଲା । ସେ ପୁସ୍ତକରେ ଜୟଦେବଙ୍କୁ ବଙ୍ଗାଳୀ ବୋଲି ପରିଚୟ ଦିଆଗଲା । ଯେତେଦୂର ଅନୁମାନ କରାଯାଏ ତଦାନୀନ୍ତନ ବୈଷ୍ଣବ କବିମାନେ ଗୀତଗୋବିନ୍ଦର ମାହାତ୍ମ୍ୟ ଦେଖି ଜୟଦେବଙ୍କୁ ଓଡ଼ିଆ ବୋଲି ସ୍ୱୀକାର କରିବାକୁ ରାଜି ହୋଇ ନଥିବେ । ଏହି ହେତୁ ଅନୁସାରେ ଜୟଦେବ ବଙ୍ଗାଳୀ ବୋଲି ଚିହ୍ନିତ ହେଲେ । ଆମ୍ଭେ ଏପରି କହିବାର ପ୍ରମାଣ ଅଛି । ଶ୍ରୀଚୈତନ୍ୟ ଯେତେବେଳେ ପୁରୁଷୋତ୍ତମ କ୍ଷେତ୍ରରେ ଲୀଳାଖେଳା କରୁଥିଲେ, ଭକ୍ତକବି ଜଗନ୍ନାଥ ଦାସ ପୁରୀରେ ଥିଲେ । ଜଗନ୍ନାଥ ଦାସ ଜଣେ ଖାଣ୍ଟି ଓଡ଼ିଆ ବ୍ରାହ୍ମଣ । ଶ୍ରୀଚୈତନ୍ୟ ତାଙ୍କ ଭକ୍ତିରେ ମୋହିତ ହୋଇ ତାଙ୍କୁ ଅତିବଡ଼ୀ ପଦ ଦେଇଥିଲେ ଏବଂ ସେହି ସମୟରୁ ଓଡ଼ିଶାରେ ଅତିବଡ଼ୀ ବୈଷ୍ଣବ ସମ୍ପ୍ରଦାୟ ସୃଷ୍ଟି ହେଲା । ଏକଥା ବଙ୍ଗୀୟ ବୈଷ୍ଣବମାନେ ସହ୍ୟ କରି ନପାରି ଶ୍ରୀଚୈତନ୍ୟଙ୍କୁ ତ୍ୟାଗ କରି ଯାଜପୁର ପର୍ଯ୍ୟନ୍ତ ଚାଲିଗଲେ । ଏ ବିଷୟର ପ୍ରମାଣ ଲାଗି 'ଜଗନ୍ନାଥଚରିତାମୃତ'ର କେତେକାଂଶ ଉଦ୍ଧୃତ କରାଗଲା ।

ଏଭାବେ ଗଲା କେତେ ଦିନେ । ପୁରୁଷୋତ୍ତମେ ଶ୍ରୀଚୈତନ୍ୟ ॥
ଅତିବଡ଼ ବୋଲି ବୋଲନ୍ତେ । ବୈଷ୍ଣବେ ଦୁଃଖ କଲେ ଚିତ୍ତେ ॥
ଓଡ଼ିଆ ବ୍ରାହ୍ମଣ ଅଣାଇ । ବୋଇଲେ ଅତିବଡ଼ ଏହି ॥
ଆଜ ପର୍ଯ୍ୟନ୍ତ ସେବା କଲୁ । ସମସ୍ତେ ସାନ ପାଦେ ଗଲୁ ॥
ଏହାଙ୍କ ସଙ୍ଗେ ଯେବେ ଥିବା । ଏହି କଥା ପିନା ଶୁଣିବା ॥
ଭୀତ ଭୀତ ହୋଇଣ ଗଲେ । ପ୍ରଭୁଙ୍କ ଆଗେ ଜଣାଇଲେ ॥
ଉତ୍କଳୀ ବ୍ରାହ୍ମଣ ଆଣିଲ । ତାହାକୁ ଅତିବଡ଼ ବୋଲ ॥

ଶ୍ରୀଚୈତନ୍ୟ ଉବାଚ

ଅପିକୀଟ ପତଙ୍ଗାନାଂ କାଷ୍ଠ ପାଷାଣ ସିକତା
ତତ୍କ୍ଷେତ୍ରେ ଜାୟତେ ଭୂମୌ ମନୁଷ୍ୟାଣାଂ ତ କାକଥା ।

ଏଭାବ ପ୍ରଭୁମୁଖୁଁ ଶୁଣି । ସବ ବୈଷ୍ଣବ ଦୁଃଖ ମଣି ॥
ଛାଡ଼ି ପୁରୁଷୋତ୍ତମ ଆଶ । ଅତିବଡ଼ ପଦେ ହତାଶ ॥
ମହାପ୍ରଭୁ ସଙ୍ଗ ଛାଡ଼ିଲେ । ଯାଜନଗରକୁ ବୋଲି ଗଲେ ॥

ରହିଲେ ଯାଜନଗ୍ରେ ଯାଇ । ଏଣେ ଶ୍ରୀଚୈତନ୍ୟ ଗୋସାଇଁ ॥
ଷଷ୍ଠ ମୂର୍ତ୍ତି ବୈଷ୍ଣବ ବୁଲେ । ପୁରୁଷୋତ୍ତମରେ ରହିଲେ ॥

× × × ×

ସଙ୍କୀର୍ଣ୍ଣତା ଆଉ କେତେଦୂର ଯାଇପାରେ । ଶ୍ରୀଚୈତନ୍ୟ ପୁରୀରେ ୧୮ ବର୍ଷ କାଳ ଥିଲେ । ଜଗନ୍ନାଥ ଦାସଙ୍କ ସହିତ ଶ୍ରୀଚୈତନ୍ୟଙ୍କ ଦେଖାସାକ୍ଷାତ ଇତ୍ୟାଦି ହୋଇଥିବା ବିଷୟ ଉପରୋକ୍ତ ଘଟଣାରୁ ସ୍ପଷ୍ଟ ଜଣାଯିବ । ଚଇତନ୍ୟଚରିତାମୃତ ଓ ଚୈତନ୍ୟ-ଭାଗବତ ଲେଖକ ବୈଷ୍ଣବ-କବି ସମ୍ଭବତଃ ଏହି କାରଣରୁ ସେସବୁ ପୁସ୍ତକରେ ଜଗନ୍ନାଥ ଦାସଙ୍କ ନାମୋଲ୍ଲେଖ କରିନାହାନ୍ତି । ଏହାଠାରୁ ବିଶେଷ ପ୍ରମାଣ କଅଣ ଦିଆଯାଇ ପାରେ । ବୀରଭୂମ କେନ୍ଦୁଲୀ ଗ୍ରାମରେ ମେଳା ହେବା ବିଚିତ୍ର ନୁହେଁ । ଆମ୍ଭମାନଙ୍କ ଦେଶରେ ବୈଷ୍ଣବମାନଙ୍କର ଯେପରି ଆଧିପତ୍ୟ ତାହା ଆମ୍ଭମାନଙ୍କୁ ଜଣା । ଜଣେ ବୈଷ୍ଣବ ଯେ କେଉଁଠି ଗୋଟିଏ ମେଳା କରିବାକୁ ଇଚ୍ଛା କଲେ ଅକ୍ଳେଶରେ କରିପାରେ ।

ବୀରଭୂମି କେନ୍ଦୁଲୀ ଗ୍ରାମରେ ଏକ ଦେଉଳ ଅଛି । ଦେଉଳଟିର ନାମ "ଜୟଦେବ ଦେଉଳ" । ଜୟଦେବ ବଙ୍ଗବାସୀ ଥିବାର ଏ ଗୋଟିଏ ପ୍ରମାଣ ବୋଲି କେହି କେହି କହନ୍ତି । ବୀରଭୂମି ଜିଲ୍ଲା ଗେଜେଟିଅର ଦେଖିଲେ ଜଣାଯାଏ ୧୬୨୫ ଶକାବ୍ଦ ଅର୍ଥାତ୍ ୨୦୦ ବର୍ଷ ପୂର୍ବେ ବର୍ଦ୍ଧମାନ ମହାରାଜା କୀର୍ତ୍ତିଚନ୍ଦ୍ରଙ୍କ ମାତା ଏ ଦେଉଳ ତୋଳାଇ ଦେଇଛନ୍ତି । ଏ ତ ସେ ଦିନର କଥା । ଅନ୍ୟ ଦେଉଳଟି ଜଣେ ସ୍ଥାନୀୟ ମହନ୍ତ ନିର୍ମାଣ କରାଇଥିଲେ । ପ୍ରଥମତଃ ଦେଉଳରେ ରାଧାବିନୋଦ ଠାକୁର ଅଛନ୍ତି; ମାତ୍ର ଏ ଠାକୁର ଜୟଦେବଙ୍କ ପୂଜିତ ଠାକୁର ନୁହନ୍ତି । ଜୟଦେବଙ୍କ ପୂଜିତ ଠାକୁର ରାଧାଗୋବିନ୍ଦ ମୂର୍ତ୍ତି ଜୟପୁରର ଘାଟି ନାମକ ସ୍ଥାନରେ ଅଛନ୍ତି । ଜୟଦେବଙ୍କ ମୃତ୍ୟୁ ପରେ ଜୟପୁର ମହାରାଜା ବୃନ୍ଦାବନ କେଶୀଘାଟଠାରୁ ସେ ମୂର୍ତ୍ତି ନେଇଯାଇଥିଲେ ।

କେହି କେହି କହନ୍ତି, ଜୟଦେବଙ୍କ ସମାଧି କେନ୍ଦୁଲୀଠାରେ ଅଛି । ଭକ୍ତମାଳା ଗ୍ରନ୍ଥରୁ ପ୍ରକାଶ ଯେ ଜୟଦେବ ବୃନ୍ଦାବନରେ ଅପ୍ରକଟ ହେଲେ । ସାଧୁମାନଙ୍କ ମୁଖରୁ ଅପ୍ରକଟ ବୁଝାଯାଏ । ବୀରଭୂମିଠାରୁ ବୃନ୍ଦାବନ ବହୁଦୂରରେ ଥିଲା । ଦତ୍ତ ମହାଶୟ କହନ୍ତି, ଜୟଦେବ ଆପଣା ଜନ୍ମସ୍ଥାନରେ ଅପ୍ରକଟ । ସୁତରାଂ ସେ କଥାର ସାରବତ୍ତା କାହିଁ ?

ଭକ୍ତମାଳା ଗ୍ରନ୍ଥରୁ ପ୍ରକାଶ ଯେ ଜୟଦେବ ପ୍ରତିଦିନ ଗଙ୍ଗାସ୍ନାନ କରୁଥିଲେ । ବୀରଭୂମି କେନ୍ଦୁଲୀ ଗ୍ରାମଠାରୁ ଗଙ୍ଗା ୪୦ ମାଇଲ ଦୂରରେ । ସେଠାରୁ ଯାଇ ଗଙ୍ଗାସ୍ନାନ କରି ଫେରିଆସିବା ସମ୍ଭବ କି ? ତାଙ୍କ ସମୟରେ ରେଲ, ମଟରଗାଡ଼ି ବା ପୁଷ୍ପକବିମାନ

ନଥିଲ । ୪୦ ମାଇଲ ଯାଇ ୪୦ ମାଇଲ ଆସିବା ଅସମ୍ଭବ । ଏ ଯୁକ୍ତି କେତେଦୂର ସମ୍ଭବ ପାଠକମାନେ ବୁଝିବେ ।

ଅନ୍ୟ ଏକ ପ୍ରବାଦ ଅଛି, ଜୟଦେବ ତାଳପତ୍ର ଖେଜାରେ ଲେଖନଦ୍ୱାରା ଗୀତଗୋବିନ୍ଦ ଲେଖିଥିଲେ । ଲେଖନ ତାଳପତ୍ର ଓଡ଼ିଶାର ବିଶେଷତ୍ୱ; ବଙ୍ଗଳାର ନୁହେଁ । ବଙ୍ଗଳାରେ ଆଦୌ ଲେଖନ ତାଳପତ୍ର ନ ଥିଲା । ଓଡ଼ିଆ ଓ ବଙ୍ଗଳା ଲେଖା ମଧ୍ୟରେ ଏହିହେତୁ ବିଶେଷ ପ୍ରଭେଦ । ଲେଖନଦ୍ୱାରା ଅକ୍ଷର ବର୍ତ୍ତୁଳ ହୁଏ; ମାତ୍ର ଲଷ୍ଟିକଲମଦ୍ୱାରା ରେଖାସଂଯୁକ୍ତ (ପୃଥିବୀଇତିହାସ) । ତାଳପତ୍ର ପୋଥି ଲେଖା ଗୀତଗୋବିନ୍ଦ ବର୍ତ୍ତମାନ ଓଡ଼ିଶାର ଅନେକ ଗୃହରେ ଅଛି । ଜୟଦେବ ବଙ୍ଗଳାର ହୋଇଥିଲେ ଓଡ଼ିଶାରେ ଏତେ ତାଳପତ୍ର ପୋଥି କେଉଁଠୁ ମିଳନ୍ତା ?

ଜୟଦେବଙ୍କ ସ୍ତ୍ରୀ ପଦ୍ମାବତୀ । ପଦ୍ମାବତୀ ଜଣେ ଦାକ୍ଷିଣାତ୍ୟ ବ୍ରାହ୍ମଣଙ୍କ କନ୍ୟା । ଜୟଦେବ ଓଡ଼ିଆ ବ୍ରାହ୍ମଣ ହୋଇନଥିଲେ ପଦ୍ମାବତୀଙ୍କର ତାଙ୍କ ସହିତ ବିବାହ ହୁଅନ୍ତା କିପରି ? ଦକ୍ଷିଣ ବ୍ରାହ୍ମଣମାନଙ୍କ ସହିତ ଓଡ଼ିଶା ବ୍ରାହ୍ମଣମାନଙ୍କର ଅଦ୍ୟାବଧି ବୈବାହିକ ସମ୍ବନ୍ଧ ଚଳୁଛି; ମାତ୍ର ବଙ୍ଗୀୟ ବ୍ରାହ୍ମଣଙ୍କ ସହିତ ଚଳେ ନାହିଁ । ଦତ୍ତ ମହାଶୟ ଜୟଦେବଙ୍କର ଯେପରି ଜୀବନୀ ଲେଖିଛନ୍ତି, ସେଥିରୁ ଜଣାଯାଏ, ଜୟଦେବ କେବେ ଓଡ଼ିଶାକୁ ଆସିନଥିଲେ । ଭକ୍ତମାଳା ଗ୍ରନ୍ଥରେ ଲେଖାଥିବା ଜୀବନୀ ସଙ୍ଗେ ଏ ବର୍ଣ୍ଣନା ସମ୍ପୂର୍ଣ୍ଣ ଅମେଳ । 'ଶ୍ରୀନୀଳାଚଳେ ଶ୍ରୀଜଗନ୍ନାଥ ଓ ଗୌରାଙ୍ଗ' ଲେଖକ ମହାଶୟ କହନ୍ତି, ଜୟଦେବଙ୍କ ଘଟନାବଳୀ ଏବଂ ଗୀତଗୋବିନ୍ଦ ପୁରୀଧାମରେ ଏପରି ବିସ୍ତୃତଭାବରେ ପ୍ରଚଳିତ ଯେ ତାହା ବର୍ଣ୍ଣନାତୀତ । ଜୟଦେବ ପୁରୀଧାମରେ ବାସ କରି ନଥିଲେ ଏପରି ସାର୍ବଜନୀନ ପ୍ରସିଦ୍ଧି ଲାଭ କରିପାରି ନଥାନ୍ତେ । ଓଡ଼ିଶାରେ ଗୀତଗୋବିନ୍ଦ ଶ୍ଳୋକ ସାମାନ୍ୟ ଲୋକଠାରୁ ପଣ୍ଡିତମଣ୍ଡଳୀ ପର୍ଯ୍ୟନ୍ତ ସମସ୍ତେ ଜାଣନ୍ତି । ଜଗନ୍ନାଥ ଦେଉଳରେ ପ୍ରତିଦିନ ଗୀତଗୋବିନ୍ଦ ପାଠହୁଏ । ଓଡ଼ିଶାରେ ଜଗନ୍ନାଥ ଦାସଙ୍କ ଭାଗବତ ଯେପରି ସୁପରିଚିତ, ଗୀତଗୋବିନ୍ଦ ମଧ୍ୟ ତଦ୍ରୂପ ।

କେହି ପଚାରିପାରେ, ଓଡ଼ିଶାରେ ଜୟଦେବଙ୍କର କି ସ୍ମୃତି ଅଛି । ବଙ୍ଗଳାରେ ଜୟଦେବ ଦେଉଳତୋଳା ପ୍ରଭୃତି ଅଛି; ଓଡ଼ିଶାରେ ସେପରି କାହିଁ ? ଏସବୁ ପରେ ମନଗଢ଼ା କାଳ୍ପନିକ ବୋଲି ଦେଖାଇଛୁଁ । ଏପରି ସ୍ମୃତିରକ୍ଷା ଆଧୁନିକ ପ୍ରଥା; ପ୍ରାଚୀନ ପ୍ରଥା ନୁହେ । କବିଙ୍କ କାବ୍ୟ ତାଙ୍କର ଏକମାତ୍ର ସ୍ମୃତି । ଆଉ ଅଧିକ କି ସ୍ମୃତି ଆବଶ୍ୟକ । ବଡ଼ଦେଉଳରେ ପ୍ରତିଦିନ ଗୀତଗୋବିନ୍ଦ ପାଠ ତ ପ୍ରଧାନ ସ୍ମୃତି । ଜୟଦେବ ଅତି ଅଳ୍ପ ବୟସରୁ ଗୃହତ୍ୟାଗ କରିଥିଲେ । ପୁରୁଷୋତ୍ତମକୁ ଆସି ବୈଷ୍ଣବଧର୍ମ ଗ୍ରହଣ କରି ଅଧିକାଂଶ ଜୀବନ କଟାଇଥିଲେ । ଶେଷଜୀବନ ବୃନ୍ଦାବନରେ କଟାଇ ସେଠାରେ ଅପ୍ରକଟ ହେଲେ । ଜନ୍ମଭୂମି ପଲ୍ଲିଗ୍ରାମରେ । ସେଠାରେ ଆଉ କି ସ୍ମୃତି ରହନ୍ତା । ଜଗନ୍ନାଥଦାସ, ଉପେନ୍ଦ୍ର, ଅଭିମନ୍ୟୁ, ଦୀନକୃଷ୍ଣ ଏମାନଙ୍କର କି ସ୍ମୃତି ଅଛି ? ସ୍ମୃତିଚିହ୍ନ ନାହିଁ ବୋଲି କ'ଣ ଏମାନେ

ବଙ୍ଗାଳୀ ? ଆଜିକାଲି ସାହେବମାନଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଭାରତର ନାନା ସ୍ଥାନରେ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉଅଛି, ଗଳି ରାସ୍ତା ପ୍ରଭୃତିର ନାମକରଣ ହେଉଛି, ସାଧାରଣ ଗୃହ ପ୍ରଭୃତିର ନାମକରଣ କରାଯାଉଛି । କେତେକାଳ ପରେ କ'ଣ ପ୍ରମାଣ ହେବ ଯେ ଏମାନେ ଓଡ଼ିଆ ବା ଭାରତବାସୀ ଥିଲେ । ଏ ଯୁକ୍ତି କ'ଣ ନିରର୍ଥକ ପରି ବୋଧ ହେଉନାହିଁ ? ଏ ସମସ୍ତ ଆଲୋଚନା କଲେ ଜୟଦେବ ଓଡ଼ିଆ ଥିବାର ଜଣାଯାଏ । ମହାମହୋପାଧ୍ୟାୟ ପଣ୍ଡିତ ସଦାଶିବ ମିଶ୍ର 'ଜଗନ୍ନାଥ ମନ୍ଦିର' ନାମକ ପୁସ୍ତକରେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । କେନ୍ଦୁଲି ଗ୍ରାମ ପୁରୀ ଜିଲ୍ଲାର ଗୋଟିଏ ଗ୍ରାମ । ପ୍ରାଚୀନ ପ୍ରସିଦ୍ଧି ହେତୁ ଏ ସ୍ଥାନରେ ବୁଣାହେଉଥିବା କପଡ଼ାର ନାମ କେନ୍ଦୁଲିକପଡ଼ା । ଅଦ୍ୟାବଧି ଏ କପଡ଼ା ବ୍ୟବହୃତ ହେଉଛି । ପିପିଲି ଥାନାର ୪୪୫ ନମ୍ବର ଗ୍ରାମର ଉପରସାହି କେନ୍ଦୁଲିଶାସନ, କେନ୍ଦୁଲି ଦେଉଳି ଯୁଜା ନଗର, କେନ୍ଦୁଲିପାଟଣା । ଏ ଗ୍ରାମଗୁଡ଼ିକ ବାଲିଅନ୍ତା ପୋଲିସ ଷ୍ଟେସନ ଇଲାକାଅନ ଅନ୍ତର୍ଗତ । ପ୍ରଥମଟି ଶାସନ ବା ବ୍ରାହ୍ମଣ ବସତି । ଜୟଦେବ ବ୍ରାହ୍ମଣ ଥିଲେ । ବ୍ରାହ୍ମଣମାନେ ସାଧାରଣତଃ ଶାସନମାନଙ୍କରେ ବାସକରିଥାନ୍ତି । ଏହି କେନ୍ଦୁଲିଶାସନ ପୁଣ୍ୟତୋୟା ପ୍ରାଚୀନଦୀ କୂଳରେ ଅବସ୍ଥିତ । କେନ୍ଦୁଲିଶାସନର ଅପରପାର୍ଶ୍ବରେ କୁଶଭଦ୍ରା ନଦୀ । ଏଠାରେ କେନ୍ଦୁଲି ମଠ ଅଛି । କେନ୍ଦୁଲିଶାସନର ୨ ମାଇଲ ଦୂରରେ ତ୍ରିବେଣୀ ତୀର୍ଥ । ତ୍ରିବେଣୀ ତୀର୍ଥ ଗଙ୍ଗା-ଯମୁନା-ସରସ୍ୱତୀ ସଙ୍ଗମସ୍ଥଳ । ମାଘ ମାସର ତ୍ରିବେଣୀ ଅମାବାସ୍ୟା ଦିନ ଏଠାରେ ଗୋଟିଏ ବଡ଼ ମେଳା ହୁଏ ଏବଂ ଭିଡ଼ ପଡ଼େ । ଏଠାରେ ଅନ୍ତର୍ବେଦୀ ନାମରେ ପବିତ୍ର ସ୍ଥାନ ଅଛି । ପଦ୍ମପୁରାଣାନ୍ତର୍ଗତ ପ୍ରାଚୀ ମାହାତ୍ମ୍ୟରେ ପ୍ରାଚୀର ମହିମା ବିଶଦଭାବରେ ବର୍ଣ୍ଣିତ ଅଛି । ସଂସ୍କୃତ ପ୍ରାଚୀ ମାହାତ୍ମ୍ୟ ଓଡ଼ିଆରେ ଅନୂଦିତ ହୋଇଛି । ତ୍ରିଲୋଚନ ଦ୍ୱିଜ ଅନୁବାଦକ । ପ୍ରାଚୀରେ ବର୍ଷକେ ଥରେ ଗଙ୍ଗାଙ୍କର ଆବିର୍ଭାବ ହୁଏ । 'ଗଙ୍ଗାମାଧବ-ସମ୍ବାଦ'ରେ ଲେଖାଅଛି, ପ୍ରତି ବର୍ଷ ଅକ୍ଷୟତୃତୀୟା ଦିନ ଗଙ୍ଗା ପ୍ରାଚୀରେ ଆବିର୍ଭୂତ ହୋଇ ଆପଣାର ପାଦ ପ୍ରକ୍ଷାଳନ କରନ୍ତି ଏବଂ ଏଠାରେ ସ୍ନାନ କରନ୍ତି । ପ୍ରାଚୀସ୍ନାନ ଗଙ୍ଗାସ୍ନାନ ଅପେକ୍ଷା ବିଶେଷ ଫଳପ୍ରଦ ।

ପ୍ରାଚୀ ମାହାତ୍ମ୍ୟ —

ନାମ ତାଙ୍କର ଅନ୍ତର୍ବେଦୀ । ସାଯୁଜ୍ୟ ମୋକ୍ଷ ପ୍ରଭୁବାଦୀ ॥
ତ୍ରିବେଣୀ-ସ୍ନାନ କରି ନର । ମୁକ୍ତ କରଇ କଳେବର ॥
ଅନେକ ସ୍ନାନ ଦାନ ଯେତେ । ଶତଗୁଣରେ ହୁଏ ତେତେ ॥
ସକଳ ପାପରୁ ପ୍ରତ୍ୟକ୍ଷ । ପ୍ରାଚୀସ୍ନାନରେ ହୁଏ ମୋକ୍ଷ ॥
ଗଙ୍ଗାଙ୍କଠାରୁ ସେ ଅଧିକ । ହୋଇ ପବିତ୍ର କରେ ଲୋକ ॥
କାଳିନ୍ଦୀ ଗଙ୍ଗା ସମୀପରେ । ଯେ ଫଳ ସେ ଫଳ ପ୍ରାଚୀରେ ॥
ଉତ୍କଳ ଦେଶେ ପ୍ରାଚୀ ନାମ । ସକଳ ନାମେ ଅନୁପମ ॥

ଭକ୍ତମାଳା ଗ୍ରନ୍ଥରେ ଜୟଦେବଙ୍କ ପ୍ରତିଦିନ ଗଙ୍ଗାସ୍ନାନ ଓ ଗଙ୍ଗାଙ୍କ ଆବିର୍ଭାବ ଏହିଠାରେ ସମ୍ଭବ ହୋଇପାରେ । ପୌରାଣିକ ପ୍ରମାଣ ଏଥିର ପୋଷକ । ଏ ସମସ୍ତ ଆଲୋଚନା କରି ଆମ୍ଭ ମତରେ ଜୟଦେବଙ୍କ ଜନ୍ମସ୍ଥାନ ପୁରୀ ଜିଲ୍ଲାରେ ଥିଲା ଏବଂ ତାଙ୍କ ଲୀଳାଖେଳା ଏ ପବିତ୍ର ପୁରୀଧାମରେ ଥିଲା । ସେ ଓଡ଼ିଆ ବ୍ରାହ୍ମଣ ଥିଲେ ।

ଜଗନ୍ନାଥ ପୁରୀପ୍ରାନ୍ତେ ଦେଶେଚୈବୋତ୍କଳାଭିଧେ
ବିନ୍ଦୁବିଲ୍ୱ ଇତି ଖ୍ୟାତୋ ଗ୍ରାମୋ ବ୍ରାହ୍ମଣସଂକୁଳଃ ।
ତତ୍ରୋତ୍କଳେ ଆସ୍ତେ ଦ୍ୱିଜୋ ଜୟଦେବ ଇତି ଶ୍ରୁତଃ
ବିଦ୍ୟାଭ୍ୟାସରତଃ ଶାନ୍ତଃ ପୁରୁଷୋତ୍ତମପୂଜକଃ ।
ଅଥ ତତ୍ରୈବ ବିପ୍ରୋଽନ୍ୟୋ ଦେବଶର୍ମେତି ବିଶ୍ରୁତଃ
ଅନପତ୍ୟୋ ବଭୂବାସୌ ଜଗନ୍ନାଥମୁପାଗତଃ ।

ତାଙ୍କ ପିତାଙ୍କ ନାମ ଭୋଜଦେବ, ମାତା ରାଧାଦେବୀ, ସ୍ତ୍ରୀ ପଦ୍ମାବତୀ (ଭକ୍ତମାଳା) । ଆର୍. କୃଷ୍ଣରାଓ, ବି. ଏ. ଆର୍ଯ୍ୟ ପତ୍ରିକାରେ ଜୟଦେବଙ୍କ ସମ୍ବନ୍ଧେ ଏକ ପ୍ରବନ୍ଧ ଲେଖିଥିଲେ । ସେ ପ୍ରବନ୍ଧ ୧୯୧୦ ମସିହା ଜୁନ୍ ୧୮ ତାରିଖରେ ଅମୃତବଜାର ପତ୍ରିକାରେ ପ୍ରକାଶ ହୋଇଥିଲା । ସେ ଲେଖିଛନ୍ତି, ଜୟଦେବଙ୍କ ଜନ୍ମସ୍ଥାନ କେନ୍ଦୁବିଲ୍ୱ ଗ୍ରାମ । ଏ ଗ୍ରାମ ପୁରୀ ନିକଟ । ଜୟଦେବଙ୍କର ଏକ ବିସ୍ତୃତ ଜୀବନୀ ସେ ଲେଖିଛନ୍ତି ।

---

## ଓଡ଼ିଆଭାଷା

କେହି କେହି କହନ୍ତି, ଓଡ଼ିଆ ଗୋଟିଏ ସ୍ୱତନ୍ତ୍ର ଭାଷା ନୁହେଁ । କେତେକ ବଙ୍ଗୀୟ ଲେଖକ କହନ୍ତି, ଓଡ଼ିଆଭାଷା ବଙ୍ଗଭାଷାରୁ ଜାତ ହୋଇଛି । ଏକଥାଟି କେତେଦୂର ସମୀଚୀନ ଏହା ଆଲୋଚନା କରାଯାଉ ।

ଭାଷା କେବେ ସୃଷ୍ଟି ହେଲା ତାହାର ଆଦିଅନ୍ତ ସ୍ଥିର କରିବା କଠିନ । ବୋଧହୁଏ ଯେତେ ଦିନରୁ ସୃଷ୍ଟି ହେଲାଣି, ତେତେ ଦିନରୁ ଭାଷା ହେଲାଣି । ସୃଷ୍ଟି ଆଗ କି ଭାଷା ଆଗ ଏକଥା ସ୍ଥିର କରିବାର କୌଣସି ଉପାୟ ନାହିଁ । ବୀଜ ଓ ବୃକ୍ଷର ପୌର୍ବାପର୍ଯ୍ୟ ସ୍ଥିର କରିବା ଯେପରି କଠିନ, ଭାଷା ଓ ସୃଷ୍ଟି ସମ୍ବନ୍ଧରେ ସେହିପରି । ଶାସ୍ତ୍ର କହେ, ନାଦ ବା ଶବ୍ଦ ବ୍ରହ୍ମସ୍ୱରୂପ । ଭାଷା ଅର୍ଥ ଭାବବୋଧକ ଶବ୍ଦ ବା ସ୍ୱର । ଯେଉଁ ଅଭିବ୍ୟକ୍ତିଦ୍ୱାରା ଆପଣାର ଭାବ ଅନ୍ୟକୁ ବୁଝାଇ ଦିଆଯାଇପାରେ, ତାହାହିଁ ଭାଷା । ମନୁଷ୍ୟର ଭାଷା ଅଛି, ପଶୁପକ୍ଷୀର ଭାଷା

ଅଛି, କୀଟପତଙ୍ଗର ଭାଷା ଅଛି, ଆଧୁନିକ ବିଜ୍ଞାନ ମତରେ ଉଦ୍ଭିଦର ମଧ୍ୟ ଭାଷା ଅଛି । ସାଧାରଣ କଥାରେ କହିବାକୁ ହେଲେ ଯେଉଁ ଶବ୍ଦ ବା ସ୍ୱରଦ୍ୱାରା ପ୍ରାଣୀମାନଙ୍କେ ଆପଣା ସ୍ୱଜାତୀୟ ପ୍ରାଣିମାନଙ୍କ ନିକଟରେ ଆପଣାର ମନୋଗତ ଭାବ ବ୍ୟକ୍ତ କରିପାରନ୍ତି, ତାହାର ନାମ ଭାଷା । ପ୍ରତ୍ୟେକ ପ୍ରାଣୀ ଆପଣାର ସୁଖ, ଦୁଃଖ, ଅଭାବ ଅଭିଯୋଗ ଅନ୍ୟ ଆଗରେ ପ୍ରକାଶ କରିବାକୁ ସକ୍ଷମ । ଯେ କୌଣସି ପ୍ରକାରେ ଯେ କୌଣସି ପ୍ରାଣୀ ଆପଣା ମନୋଗତ ଭାବ ପ୍ରକାଶ କରିବଇଁ କରିବ । ଏହା ପ୍ରାଣୀର ନୈସର୍ଗିକ ଧର୍ମ । ପ୍ରତ୍ୟେକ ପ୍ରାଣୀର ଗୋଟିଏ ଲେଖାଏଁ ସ୍ୱରଯନ୍ତ୍ର ଅଛି । ଭିନ୍ନ ଭିନ୍ନ ଜାତୀୟ ପ୍ରାଣୀଙ୍କର ସ୍ୱରଯନ୍ତ୍ରର ଗଠନପ୍ରଣାଳୀ ସ୍ୱତନ୍ତ୍ର । ମନୁଷ୍ୟ ଆପଣା ମନୋଗତ ଭାବ ଯେପରି ପ୍ରକାଶ କରିପାରେ, ଅନ୍ୟାନ୍ୟ ପ୍ରାଣୀ ପକ୍ଷରେ ତାହା ଧାରଣାତୀତ । ପ୍ରସିଦ୍ଧ ଗ୍ରୀକ୍ ଦାର୍ଶନିକ ପଣ୍ଡିତ ଆରିଷ୍ଟଟଲ କହିଛନ୍ତି, "ଭାଷାଦ୍ୱାରା ମନୁଷ୍ୟ ଆବଶ୍ୟକ ଓ ଅନାବଶ୍ୟକ, ନ୍ୟାୟ ଓ ଅନ୍ୟାୟ ବୁଝାଇପାରେ । ଭଲ ମନ୍ଦ, ନ୍ୟାୟ ଅନ୍ୟାୟ ବୁଝିପାରେ ବୋଲି ଏବଂ ଜ୍ଞାନ ଓ ବୁଦ୍ଧି ଦ୍ୱାରା ପଶୁାଦ୍ଧ ଅପେକ୍ଷା ଶ୍ରେଷ୍ଠ ବୋଲି ମନୁଷ୍ୟ ବାକ୍ୟ କଥନ ଭାଷାର ଅଧିକାରୀ ।"

ଭାଷା କିପରି ଉତ୍ପତ୍ତି ହେଲା ଏ ବିଷୟରେ ନାନା ମତଭେଦ ଦେଖାଯାଏ । କେହି କହନ୍ତି, ଭାଷା ଦୈବୀଶକ୍ତିସମ୍ଭୂତା । କେହି କେହି ଭାଷାତତ୍ତ୍ୱାନୁସନ୍ଧିତ୍ସୁ କହନ୍ତି, ମାନବସୃଷ୍ଟ । ମାନବସୃଷ୍ଟ ହେବାପରେ କିଛିକାଳ ମୌନୀ ଥିଲା, ଭାବଭଙ୍ଗି ଦ୍ୱାରା ଆପଣା ମନୋଭାବ ପ୍ରକାଶ କରୁଥିଲା । ସେ ଉପାୟଦ୍ୱାରା ପୂର୍ଣ୍ଣ ମନୋଭାବ ପ୍ରକାଶ କରି ନ ପାରି ଶବ୍ଦ ଉଚ୍ଚାରଣ କଲା । ପ୍ରଥମ ଉଚ୍ଚାରିତ ଶବ୍ଦ ଅସମ୍ବନ୍ଧ ଓ ଅସମ୍ପୂର୍ଣ୍ଣ ଥିଲା । ଶେଷକୁ ଦୁଇ ତିନି ଶବ୍ଦ ସଂଯୋଗ କରି ମନୋଭାବ ପ୍ରକାଶ କଲା । କେହି କେହି କହନ୍ତି, ଭାଷା ଈଶ୍ୱରସୃଷ୍ଟ । ଅନ୍ୟ ଏକ ପକ୍ଷ କହନ୍ତି, ଭାଷା ମନୁଷ୍ୟର ସ୍ୱଭାବଜାତ । ଯେକୌଣସି ମତ ଗ୍ରାହ୍ୟ କଲେ ଜଣାଯାଏ ଯେ ଭାଷା ଅନାଦି କାଳରୁ ଅଛି । ପୃଥିବୀରେ ଅନେକ ପ୍ରକାର ଭାଷା ପ୍ରଚଳିତ ଅଛି । ଭାଷା ପରିବର୍ତ୍ତନଶୀଳ । ଏକ ଭାଷା ଭିନ୍ନ ଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଆକାର ଧାରଣ କରିଛି । ଯୋଜନାନ୍ତେ ଭାଷା ଭିନ୍ନାକାର ଧାରଣ କରେ । ଏ ତ ଗଲା ଭାଷାର ସାଧାରଣ ନିୟମ । ବର୍ତ୍ତମାନ ଦେଖାଯାଉ, ଉତ୍କଳଭାଷା ବା ଉଡ୍ରଭାଷା ବା ଓଡ଼ିଆଭାଷା କେତେ କାଳର । ବୃହଦ୍ଧର୍ମ ପୁରାଣରେ ଲେଖାଅଛି, "ବ୍ରହ୍ମା ସର୍ବାଗ୍ରେ ବ୍ରହ୍ମରୂପୀ ବାକ୍ୟ ସୃଜନା କରି ଅକାରାଦି ସ୍ୱର ଓ କକାରାଦି ହଲବର୍ଣ୍ଣ ଏବଂ ହଲବର୍ଣ୍ଣ ଓ ସ୍ୱରବର୍ଣ୍ଣ ପରସ୍ପର ସମ୍ମିଳିତ ସକଳ ସୃଜନାନ୍ତେ ଷଟ୍‌ପଞ୍ଚାଶତ୍ ସଂଖ୍ୟକ ଭାଷା ଏବଂ ବାଳକମାନଙ୍କ ଭାଷା ଶିକ୍ଷା ଲାଗି ଏ ସମସ୍ତ ଭାଷାର ବ୍ୟାକରଣ ସୃଷ୍ଟି କଲେ (ବୃହଦ୍ଧର୍ମ ପୁରାଣ, ପୂର୍ବଖଣ୍ଡ ୨୫ ଅଧ୍ୟାୟ ୧୧-୧୩ଶ ଶ୍ଳୋକ) । ସେହି ଛପନ ଭାଷା ମଧ୍ୟରେ କେଉଁ କେଉଁ ଭାଷା ଥିଲା, ତାହା ପୁରାଣରେ ଲେଖା ନାହିଁ । 'ପ୍ରାକୃତ ଲଙ୍କେଶ୍ୱର ବ୍ୟାକରଣ'ରେ ଶାସ୍ତ୍ରୀୟ ଅଷ୍ଟାଦଶ ଭାଷାର ଉଲ୍ଲେଖ ଅଛି । ଏହି ଅଷ୍ଟାଦଶ ଭାଷା ମଧ୍ୟରେ ଓଡ୍ରିୟା ବା ଓଡ୍ରୀୟା ଭାଷାର ନାମୋଲ୍ଲେଖ ଅଛି । ଲଳିତବିସ୍ତର ଗ୍ରନ୍ଥରେ ଲେଖାଅଛି ଯେ ଆର୍ଯ୍ୟ

ବିଶ୍ୱାମିତ୍ର ବୁଦ୍ଧଦେବ ଲିପିଶିକ୍ଷା ପ୍ରଦାନ କରିବା ପୂର୍ବରୁ ବୁଦ୍ଧଦେବ ୬୪ ପ୍ରକାର ଲିପି ଶିକ୍ଷା କରିଥିଲେ । ବୁଦ୍ଧଦେବ ଯେଉଁ ୬୪ ପ୍ରକାର ଲିପି ଶିକ୍ଷା କରିଥିଲେ, ସେଥିମଧ୍ୟରୁ "ଉଗ୍ରଲିପି" ନାମ ଉଲ୍ଲେଖ ଅଛି । ସମ୍ଭବତଃ ଉଡ୍ର ଲିପି ଉଗ୍ରଲିପି ବୋଲି ଲେଖାଅଛି । ଜୈନମାନଙ୍କର "ସମବାୟସୂତ୍ର" ଓ "ପ୍ରଜ୍ଞାପନାସୂତ୍ର" ଗ୍ରନ୍ଥରେ "ଦାସ ଉଡ଼ିଆ" ଏବଂ "ଦାସ ପୁରିଆ" ଲିପିର ନାମ ଉଲ୍ଲେଖ ଅଛି । ନନ୍ଦୀସୂତ୍ର ନାମକ ଅନ୍ୟ ଏକ ଜୈନ ଗ୍ରନ୍ଥରେ ଛତିଶ ପ୍ରକାର ଲିପି କଥା ଲେଖାଅଛି । ସେଥିରେ "ଉଡ୍ରୀଲିପି" ନାମ ଉଲ୍ଲେଖ ଅଛି । ସଂସ୍କୃତ ମୂଳ ଭାଷା ଏବଂ ୧୭ ଗୋଟି ଉପଭାଷାର ପରିଚୟ ପ୍ରଦତ୍ତ ହୋଇଛି । ପ୍ରାୟ ସାତଶତ ବର୍ଷ ପୂର୍ବେ 'ପ୍ରାକୃତ ଚନ୍ଦ୍ରିକା' ନାମକ ଗ୍ରନ୍ଥରେ ସେହି ସମସ୍ତ ଭାଷାର ବିଷୟ ଲେଖାଅଛି ।

ଶୌଢ଼ୋଡ୍ରଦ୍ରାବିଡ଼ ପାଶ୍ଚାତ୍ୟ ପାଣ୍ଡ୍ୟ କୌନ୍ତଳ ସୈଂହଳାଃ ।

ଓଡ଼ିଆଭାଷା ଅନ୍ୟାନ୍ୟ ଭାଷା ପରି ସଂସ୍କୃତଭାଷାରୁ ଉତ୍ପନ୍ନ ହୋଇଛି । ଭାରତବର୍ଷର ଭାଷାସମୂହର ଉତ୍ପତ୍ତି ସମ୍ବନ୍ଧେ ନାନା ମତ ପ୍ରଚଳିତ । ପ୍ରଧାନତଃ ସଂସ୍କୃତଭାଷା ମୂଳ ଭାଷା ବୋଲି କଥିତ ହୁଏ । ଏକା ଭାରତ କାହିଁକି, ସଂସ୍କୃତ ପୃଥିବୀର ଯାବତୀୟ ଭାଷାର ଜନନୀ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ପୁଣି ସଂସ୍କୃତ ନାନାପ୍ରକାରର, ଯଥା— ବୈଦିକ ସଂସ୍କୃତ, ବ୍ରାହ୍ମଣାରଣ୍ୟକମାନଙ୍କ ସଂସ୍କୃତ, ଉପନିଷଦ ସଂସ୍କୃତ, ସୂତ୍ର ସଂସ୍କୃତ ଓ ପୁରାଣୋପପୁରାଣ ସଂସ୍କୃତ । ଏମାନଙ୍କ ମଧ୍ୟରେ ଅନେକ ପାର୍ଥକ୍ୟ ଅଛି । ସଂସ୍କୃତ ସବୁ ଭାଷାର ଜନନୀ ହେଲେ ମଧ୍ୟ କେଉଁ ଭାଷା କି ପ୍ରକାରେ ସଂସ୍କୃତରୁ ଉତ୍ପନ୍ନ ହୋଇଛି, ଏକଥା ନିଶ୍ଚୟ କରିବାର ସହଜ ନୁହେଁ । ମ୍ୟାକ୍ସମୁଲରଙ୍କ ମତରେ ସଂସ୍କୃତଭାଷାରୁ ପ୍ରାକୃତଭାଷାର ଉତ୍ପତ୍ତି ଏବଂ ପ୍ରାକୃତଭାଷାରୁ ଅନ୍ୟାନ୍ୟ ପ୍ରାଦେଶିକ ଭାଷାର ଉତ୍ପତ୍ତି । ଏହା ହିଁ ସାଧାରଣ ମତ । ପ୍ରାକୃତ ଶବ୍ଦର ଅର୍ଥୋତ୍ପତ୍ତି ସମ୍ବନ୍ଧେ ଅଭିଧାନକାରମାନେ କହନ୍ତି, "ପ୍ରାକୃତ ସଂସ୍କୃତ ତତ୍ର ଭବଂ ତତୋ ଆଗତଂ ବା ପ୍ରାକୃତମ୍ ।"

ଆଉ ଏକ ଶ୍ରେଣୀର ପଣ୍ଡିତମାନେ କହନ୍ତି, ପାଲିଭାଷା ସମସ୍ତ ଭାରତୀୟ ଭାଷାର ଆଦି ସ୍ତର । ପାଲିଭାଷା ବ୍ୟାକରଣକାର କାତ୍ୟାୟନ ଏହି ମତର ପୋଷକତା କରିଛନ୍ତି । ତାଙ୍କ ମତରେ ପାଲିଭାଷା ମୂଳଭାଷା । ସିଂହଳ ଦେଶୀୟ ବୌଦ୍ଧମାନେ ପାଲିଭାଷାକୁ ମାଗଧୀଭାଷା ବୋଲି କହନ୍ତି । ଅନେକ ପ୍ରତ୍ନତତ୍ତ୍ୱବିତ୍ମାନେ ସିଦ୍ଧାନ୍ତ କରିଛନ୍ତି ଯେ ପଲ୍ଲୀରେ ଏ ଭାଷା ବ୍ୟବହାର ହେଉଥିଲା ବୋଲି ଏହାର ନାମ ପାଲିଭାଷା । 'ପତ୍ତ ସନ୍ଧ୍ୟୟ ଅତ୍ତ୍ୱୟ' ନାମକ ପାଲି ଗ୍ରନ୍ଥରେ ଲେଖାଅଛି ଯେ ଏହି ଭାଷା ଦେବଲୋକ, ନରଲୋକ, ନରକ, ପ୍ରେତଲୋକ ଏବଂ ପଶୁଜାତିଙ୍କ ମଧ୍ୟରେ ବି ପ୍ରଚଳିତ ଥିଲା । ମାଗଧୀଭାଷା ସୁଗମ ଭାଷା; ଏହିହେତୁ ବୁଦ୍ଧଦେବ ସ୍ୱୟଂ ସର୍ବସାଧାରଣଙ୍କ ବୋଧସୌକର୍ଯ୍ୟାର୍ଥ ପିଟକନିଚୟ ଏହି ଭାଷାରେ ବ୍ୟକ୍ତ କରିଥିଲେ । ପାଶ୍ଚାତ୍ୟ ପଣ୍ଡିତମାନଙ୍କ ମତରେ ସଂସ୍କୃତରୁ ପ୍ରଥମେ ପାଲିଭାଷାର ଜନ୍ମ । ପାଲିଭାଷା ସଂସ୍କୃତର ଜ୍ୟେଷ୍ଠ ଦୁହିତା । ତଦୁତ୍ତରୁ ପାଲିଭାଷାରୁ ଅନ୍ୟାନ୍ୟ ପ୍ରାଦେଶିକ

ଭାଷାର ଉତ୍ପତ୍ତି । ରାଜଚକ୍ରବର୍ତ୍ତୀ ଅଶୋକ ଭାରତବର୍ଷର ନାନା ପ୍ରଦେଶରେ ଘୋଷଣା ଲିପି ପ୍ରଚାର କରିଥିଲେ । ଓଡ଼ିଶାରେ ମଧ୍ୟ ଅଶୋକଙ୍କ ଦଶାଜ୍ଞା ଧଉଳି ଓ ଉଦୟଗିରି ପ୍ରଭୃତି ପାହାଡ଼ମାନଙ୍କରେ ଖୋଦିତ ହୋଇ ରହିଅଛି । ଅଶୋକ ଯେତେ ସ୍ଥାନରେ ସେହି ଆଜ୍ଞାମାନ ଖୋଦିତ କରାଇଥିଲେ ସେ ସମସ୍ତ ପାଲିଭାଷାରେ ଖୋଦିତ ହୋଇଥିଲା । ଦେଶଭେଦରେ ସାମାନ୍ୟ ସାମାନ୍ୟ ପ୍ରଭେଦ ଥାଇପାରେ । ମାତ୍ର ସାଧାରଣତଃ ସମସ୍ତ ଏକପ୍ରକାର । ଅଶୋକ ସାଧାରଣ ଲୋକଙ୍କ ଶିକ୍ଷା ଲାଗି ତାଙ୍କ ଆଜ୍ଞାମାନ ପ୍ରଚାର କରିଥିଲେ । ସୁତରାଂ ସେ ସାଧାରଣ ଲୋକେ ଯେଉଁ ଭାଷା ବୁଝିପାରୁଥିଲେ ସେହି ଭାଷାରେ ଲେଖାଇ-ଥିବା ଯୁକ୍ତିସଙ୍ଗତ । ଉତ୍ତରରେ ହିମାଳୟଠାରୁ ଦକ୍ଷିଣରେ ବିନ୍ଧ୍ୟଗିରି ପର୍ଯ୍ୟନ୍ତ ଯେଉଁ ଭାଷା ସାଧାରଣର ବୋଧଗମ୍ୟ ଥିଲା, ସେହି ଭାଷାରେ ଅଶୋକ ଘୋଷଣା ଲିପି ଲେଖାଇଥିଲେ । ଉଚ୍ଚାରଣ ତାରତମ୍ୟ ହେତୁ ବିଭିନ୍ନ ସ୍ଥାନରେ ଟିକିଏ ପାର୍ଥକ୍ୟ ଥାଇପାରେ । ମାତ୍ର ସେ ଭାଷା ଯେ ଏକ ଭାଷା ଏଥିରେ କିଛି ସନ୍ଦେହ ନାହିଁ ।

ପ୍ରତ୍ନତତ୍ତ୍ୱବିତ୍‌ମାନେ ଭାଷା ପରିବର୍ତ୍ତନର ଯୁଗ ସ୍ଥିର କରିଛନ୍ତି । ବୈଦିକ ଯୁଗରେ ଋଗ୍‌ବେଦର ସରଳ ସୁନ୍ଦର ଭାଷା ପ୍ରଚଳିତ ଥିଲା । ବୈଦିକ ଯୁଗ ପରେ ମହାକାବ୍ୟର ଯୁଗ ଏହି ଯୁଗରେ ବ୍ରାହ୍ମଣ ଓ ଆରଣ୍ୟକମାନଙ୍କର ଅଭ୍ୟୁଦୟ ହୋଇଥିଲା । ତୃତୀୟ ଅବସ୍ଥା ଯୁକ୍ତିତର୍କର ଯୁଗ । ଏହି ଯୁଗରେ ବୌଦ୍ଧ ସାହିତ୍ୟର ଅଭ୍ୟୁଦୟ ହୋଇଥିଲା । ଏହି ସମୟରେ ଲିଖିତଭାଷା ଓ କଥିତଭାଷା ମଧ୍ୟରେ ପାର୍ଥକ୍ୟ ସାଧିତ ହୁଏ । ଏହି ଯୁଗରେ ବ୍ୟାକରଣ ବନ୍ଧନୀ ମଧ୍ୟରେ ଏକ ଆଡ଼େ ସୂତ୍ର ସାହିତ୍ୟ, ଅନ୍ୟ ଆଡ଼େ ସୁନ୍ଦର କଥିତଭାଷା ପ୍ରକାଶିତ ହେଲା । ଏହି ସମୟରେ ଗୌତମ ବୁଦ୍ଧ ଧର୍ମମତ ପ୍ରଚାର କଲେ ଏବଂ ଅଶୋକ ଘୋଷଣା ଲିପି ପ୍ରଚାର କଲେ । ଏହି ଯୁଗର ସାଧାରଣ କଥିତଭାଷା ପାଲିଭାଷାର ଆଦିସ୍ତର । ଏହା ପରେ ଚତୁର୍ଥ ଯୁଗ—ପୌରାଣିକ ଯୁଗ । ଏହି ସମୟରେ ପ୍ରାକୃତଭାଷାର ଉତ୍ପତ୍ତି । ବୌଦ୍ଧ ପ୍ରଭାବ ଅବସାନ ହେଲାରୁ ହିନ୍ଦୁ ଧର୍ମର ପୁନରଭ୍ୟୁଦୟ ହେଲା ଓ ପାଲିଭାଷାର ଉନ୍ନତିପଥ ଅବରୁଦ୍ଧ ହେଲାରୁ ପ୍ରାକୃତଭାଷା ଆପଣା ପ୍ରଭାବ ବିସ୍ତାର କଲା । ପାଲିଭାଷା ସହିତ ଓଡ଼ିଆ ଓ ସଂସ୍କୃତ ଭାଷାର କିପରି ସମ୍ବନ୍ଧ ଦେଖାଯାଉ ।

| ସଂସ୍କୃତ | ପାଲି | ପ୍ରାକୃତ | ଓଡ଼ିଆ |
|---|---|---|---|
| ସର୍ବ | ସର୍ବ୍ବ | ସବ୍ବ | ସବୁ |
| ଅଦ୍ୟ | ଅଜ୍ଜ | ଅଜ୍ଜ | ଆଜି |
| ପୁତ୍ର | ପୁତ୍ତ | ପୁତ୍ତ | ପୁଅ |
| ମତ୍ସ୍ୟ | ମଚ୍ଛ | ମଚ୍ଛ | ମାଛ |
| ରାଜନ୍ | ରାଆ | ଆଜା | ରାଜା |

| ପ୍ରାକୃତ | ପାଲି | ଓଡ଼ିଆ |
|---|---|---|
| କ୍ଷଣ | ଛନ | କ୍ଷଣ |
| ବିଜ୍ଜଲୀ | ବିଜ୍ଜୁମ୍ମା | ବିଜୁଳି |
| ନଚ୍ଚ | ନଚ୍ଚ | ନାଚ |
| ଠାଣାଣି | ଠାନାନ | ସ୍ଥାନ |

ନ ପୁଷ୍ପଗନ୍ଧଂ ପ୍ରତିବାତ ମେତି
ନ ଚନ୍ଦନଂ ତଗର ମଲ୍ଲିକେ ବା
ସତାଞ୍ଚ ଗନ୍ଧ ପ୍ରତିବାତ ମେତି
ସତ୍ପୁରୁଷଃ ସର୍ବାଦଶଃ ପ୍ରବାତି । (ସଂସ୍କୃତ)

ନ ପୁପ୍ଫ ଗନ୍ଧୋ ପଟିବାତ ମେତି
ନ ଚନ୍ଦନଂ ତଗର ମଲ୍ଲିକା ବା
ସତଞ୍ଚ ଗନ୍ଧୋ ପଟିବାତୋ ମେତି
ସବାଦଶା ସପ୍ପୁରିସୋ ପବାତି । (ପାଲି)

ପୁଷ୍ପ ଗନ୍ଧ ବାୟୁର ବିପରୀତ ଦିଗକୁ ଯାଏ ନାହିଁ ।
ଚନ୍ଦନ କିମ୍ବା ମଲ୍ଲିକାର ଗନ୍ଧ ବାୟୁର ବିପରୀତ ଦିଗକୁ ଯାଏ ନାହିଁ ।
ସତ୍‌ଲୋକମାନଙ୍କ ଗନ୍ଧ ବାୟୁର ବିପରୀତ ଦିଗକୁ ଯାଏ ।
ସତପୁରୁଷମାନଙ୍କ ଗନ୍ଧ ଚାରିଆଡ଼େ ପ୍ରବାହିତ ହୁଏ । (ଓଡ଼ିଆ)

ଏଥିରୁ ପାଲି ସହିତ ଓ ସଂସ୍କୃତ ସହିତ ଓଡ଼ିଆର କିପରି ସାମଞ୍ଜସ୍ୟ ଅଛି, ତାହା ଜଣାଯାଉଛି । କେବଳ ଏହି ତିନି ଭାଷା କାହିଁକି, ଭାରତବର୍ଷର ସକଳ ଭାଷା ମଧ୍ୟରେ ପରସ୍ପର ସମ୍ବନ୍ଧ ଅଛି ।

ଏକସମୟରେ ଭାରତବର୍ଷର ସମସ୍ତ ଭାଷା ଦଶ ବିଭାଗରେ ବିଭକ୍ତ ହୋଇଥିଲା । ଯଥା—ପଞ୍ଚ ଗୌଡ଼ ଓ ପଞ୍ଚ ଦ୍ରାବିଡ଼ । ସ୍କନ୍ଦପୁରାଣରେ ଅଛି—

"ସାରସ୍ୱତା କାନ୍ୟକୁବ୍‌ଜା, ଗୌଡ଼ ମୈଥିଲକୌତ୍‌କଳାଃ,
ପଞ୍ଚ ଗୌଡ଼ ଇତି ଖ୍ୟାତା ବିନ୍ଧ୍ୟସ୍ୟୋତ୍ତରବାସିନଃ ।"

ଏହି ପଞ୍ଚ ଗୌଡ଼ରେ ପଞ୍ଚ ଭାଷା ପ୍ରଚଳିତ ଥିଲା । ଏହି ଗୌଡ଼ୀୟ ଭାଷା ମଧ୍ୟରେ ଓଡ଼ିଆ, ବଙ୍ଗଳା, ହିନ୍ଦୀ ଏବଂ ହିନ୍ଦୀର ଉପବିଭାଗମାନ ପ୍ରଧାନ ।

୧୯୦୧ ମସିହାର ଜନସୁମାରି ରିପୋର୍ଟରୁ ପ୍ରକାଶ ଯେ ଭାରତରେ ଅନ୍ୟୂନ ୧୪୭ ଭାଷା ପ୍ରଚଳିତ ଅଛି । କାର୍ଯ୍ୟାଧ୍ୟକ୍ଷ ରିଜଲି ସାହେବ ସମସ୍ତ ଭାଷାକୁ ସାତ ଭାଗରେ ବିଭକ୍ତ କରିଛନ୍ତି । ସେ ମହାଶୟ ଓଡ଼ିଆଭାଷାକୁ ଇଣ୍ଡୋ-ଇଉରୋପୀୟ ବିଭାଗରେ ସ୍ଥାନ ଦେଇଛନ୍ତି ।

ଉତ୍କଳଭାଷା ନାନା ସ୍ଥାନରେ ନାନା ଆକାର ଧାରଣ କରିଛି—କଟକର ଓଡ଼ିଆଭାଷା, ସମ୍ବଲପୁରୀ ଓଡ଼ିଆଭାଷା, ଗଞ୍ଜାମୀ ଓଡ଼ିଆଭାଷା, ଖୋରଧାର ଓଡ଼ିଆଭାଷା, ବାଲେଶ୍ୱରୀ ଓଡ଼ିଆଭାଷା ଓ ପୁରୀର ଓଡ଼ିଆଭାଷା ମଧ୍ୟରେ ପାର୍ଥକ୍ୟ ଦେଖାଯାଏ । ଏକା ଓଡ଼ିଆଭାଷା କାହିଁକି ସବୁ ଭାଷା ଏହିପରି ସ୍ଥାନାନୁସାରେ ପାର୍ଥକ୍ୟ ଧାରଣ କରିଛି । ସୁତରାଂ ଅନ୍ୟାନ୍ୟ ପ୍ରାଦେଶିକ ଭାଷା ଯେପରି ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଭାଷା, ଓଡ଼ିଆଭାଷା ମଧ୍ୟ ଗୋଟିଏ ସ୍ୱତନ୍ତ୍ର ଭାଷା । କୌଣସି ପ୍ରାଦେଶିକ ଭାଷାର ଏହା ଉପଭାଷା ନୁହେ । କେତେକ ବଙ୍ଗାଳୀଙ୍କର ଧାରଣା ଯେ ଓଡ଼ିଆଭାଷା ବଙ୍ଗଭାଷାର ଉପଭାଷା; ମାତ୍ର ଏ କଥା ନିତାନ୍ତ ଅମୂଳକ । କୌଣସି ଭାଷାତତ୍ତ୍ୱାନୁସନ୍ଧିତ୍ସୁ ଆଜିପର୍ଯ୍ୟନ୍ତ ଏପରି ମତ ପ୍ରକାଶ କରିଥିବାର ଦେଖାଯାଏ ନାହିଁ । ପୃଥିବୀ-ଇତିହାସ ଲେଖକ ଅଗାଧ ପରିଶ୍ରମ କରି ଭାରତର ଭାଷା ସମ୍ବନ୍ଧେ ଯେଉଁ ଆଲୋଚନା କରିଛନ୍ତି ସେଥିରେ ମଧ୍ୟ ଏପ୍ରକାର ମତ ଦେଖାଯାଏ ନାହିଁ । କେହି କେହି କହନ୍ତି, ଓଡ଼ିଆଭାଷା ସହିତ ବଙ୍ଗଳାଭାଷାର ବିଶେଷ ନିକଟ-ସମ୍ପର୍କ ଥିବାର ଦେଖାଯାଏ; ସୁତରାଂ ଓଡ଼ିଆଭାଷା ବଙ୍ଗଭାଷାର ଉପଭାଷା । ଯଦି ଏହାହିଁ ପ୍ରଧାନ ଯୁକ୍ତି ହୁଏ, ତେବେ ବଙ୍ଗଭାଷା ଓଡ଼ିଆଭାଷାର ଉପଭାଷା କହିଲେ ଆପତ୍ତି କଣ ? ଭାରତର ପ୍ରତ୍ୟେକ ଭାଷା ସହିତ ପ୍ରତ୍ୟେକ ଭାଷାର ନିକଟ ସମ୍ପର୍କ, ସୌସାଦୃଶ୍ୟ ଥିବା ସ୍ଥଳେ ଏପରି ଧାରଣା ନିତାନ୍ତ ଅମୂଳକ ବୋଲି ବୋଧହୁଏ । ବରଂ ଉତ୍କଳ ଭାଷାର ସଂସ୍କୃତ ସହିତ ବେଶି ସୌସାଦୃଶ୍ୟ ଦେଖାଯାଏ । ଅତଏବ ଉତ୍କଳ ଭାଷା ସଂସ୍କୃତରୁ ଉତ୍ପତ୍ତି ହୋଇଥିବାର ନିଶ୍ଚିତ କଥା । ଭାରତର ସକଳ ଭାଷା ମଧ୍ୟରେ କିପରି ସମ୍ପର୍କ ଅଛି ଦେଖାଯାଉ—

| | ( ଏକବଚନ ) ଅସ୍ମଦ୍ ଶବ୍ଦ | | ( ଏକବଚନ ) ଅସ୍ମଦ୍ ଶବ୍ଦ |
|---|---|---|---|
| ସଂସ୍କୃତ | ଅହମ୍ | ଭୋଜପୁରୀ | ହମ୍ |
| ପ୍ରାକୃତ | ଅହମ୍ | ବ୍ରଜଭାଷା | ହାମ୍ |
| ପାଲି | ଅହମ୍ | ତେଲୁଗୁ | ନେନୁ |
| ହିନ୍ଦୀ | ହାମ୍ | ତାମିଲ୍ | ନାଂ |
| ବଙ୍ଗଳା | ଆମି | କେନାରୀ | ନା, ନୁ |
| ଗୁଜରାଟୀ | ହୁଁ | ମଲୟାଲମ୍ | ଞ୍ୟନ୍ |
| କନୌଜୀ | ମୈ | ପଞ୍ଜାବୀ | ମୈଂ |
| ମରାଠୀ | ମୀ | ନେପାଲୀ | ମୈଂ |

| | | (ଏକବଚନ) ଅସ୍ମଦ୍ ଶବ୍ଦ | (ଏକବଚନ) ଅସ୍ମଦ୍ ଶବ୍ଦ |
|---|---|---|---|
| ଓଡ଼ିଆ— | ଆମେ ବା ଆମ୍ଭେ | ବର୍ମିଜ— | ଆଂ, ଙଂ |
| ମୈଥିଲୀ— | ହମ୍ | ତିବ୍ବତୀ— | ଙଂ, ଉଂ |

କୃ ଧାତୁ

ସଂସ୍କୃତ—କରୋତି
ପ୍ରାକୃତ—କରଇ
ଉତ୍କଳୀୟ—କରେ
ହିନ୍ଦୀ—କରେ
ବଙ୍ଗଳା—କରେ

ପାଶ୍ଚାତ୍ୟ ପଣ୍ଡିତମାନଙ୍କ ସିଦ୍ଧାନ୍ତାନୁସାରେ ମଧ୍ୟ-ଏସିଆର କେନ୍ଦ୍ରସ୍ଥାନରୁ ଆର୍ଯ୍ୟମାନେ ଦେଶବିଦେଶକୁ ଗମନ କଲା ସମୟରେ ସେମାନଙ୍କର ଭାଷା ଭିନ୍ନ ଭିନ୍ନ ମୂର୍ତ୍ତି ଧାରଣ କଲା । ସୁତରାଂ ମୂଳ ଭାଷାକୁ ସେମାନେ "ଏରିୟାନ୍" ବା ଇଣ୍ଡୋ-ଇଉରୋପୀୟ ନାମରେ ଅଭିହିତ କରନ୍ତି । ସେହି ମୂଳ ଭାଷାର ସାତଗୋଟି ଶାଖା, ଯଥା—ଇଣ୍ଡିକ, ଇରାଣିକ, ସ୍ଲାଭୋନିକ, ସେଲ୍‌ଟିକ, ହେଲେନିକ, ଇଟାଲିକ, ଟିଉଟୋନିକ । ଇଣ୍ଡିକ ଶାଖାରୁ ପ୍ରଥମେ ସଂସ୍କୃତ ଏବଂ ସଂସ୍କୃତରୁ ପ୍ରାକୃତ, ଓଡ଼ିଆ, ବଙ୍ଗଳା ପ୍ରଭୃତି ଭାରତୀୟ ଭାଷାମାନଙ୍କର ଉତ୍ପତ୍ତି ହୋଇଛି । ମ୍ୟାକ୍‌ସମୁଲର ପ୍ରମୁଖ ପାଶ୍ଚାତ୍ୟ ପଣ୍ଡିତମାନେ ଏହି ମତର ପ୍ରବର୍ତ୍ତକ ଓ ପରିପୋଷକ । ଏହିହେତୁ ପୃଥିବୀର ଯାବତୀୟ ଭାଷାମଧ୍ୟରେ ସୌସାଦୃଶ୍ୟ ଦେଖାଯାଏ ।

ସଂସ୍କୃତ—ପିତୃ (ପ୍ରଥମାରେ) ପିତର
ଜେନ୍ଦ—ପଦର
ଲାଟିନ୍—ପେଟର
ଗ୍ରୀକ୍—ପାଟର
ଜର୍ମ୍ମାନ୍—ଫାଟେର
ଇଂରାଜୀ—ଫାଦର
ଓଡ଼ିଆ—ପିତା
ବଙ୍ଗଳା—ପିତା

ଏହିପରି ଅନେକ ଶବ୍ଦର ସୌସାଦୃଶ୍ୟ ଦେଖାଯିବ ।

ପ୍ରାଦେଶିକ ଭାଷାର ଉତ୍ପତ୍ତି ହେଲା କିପରି ? ଖ୍ରୀଷ୍ଟ ୨ୟ ଶତାବ୍ଦୀର ମଧ୍ୟଭାଗରୁ ରାଜକୀୟ ଲିପିରେ ବିଶୁଦ୍ଧ ସଂସ୍କୃତଭାଷା ବ୍ୟବହାର ହେବାର ଆରମ୍ଭ ହେଲା । ୧୫୦ ଖ୍ରୀଷ୍ଟାବ୍ଦରେ ସର୍ବପ୍ରଥମ ବିଶୁଦ୍ଧ ସଂସ୍କୃତଭାଷା ବ୍ୟବହାର ହେବାର ଲିପିମାନଙ୍କରୁ ଦେଖାଯାଏ । ପରେ ତାମ୍ରଶାସନ ପ୍ରଭୃତି ସମସ୍ତ ପ୍ରୟୋଜନୀୟ ରାଜକୀୟ କାର୍ଯ୍ୟରେ ସଂସ୍କୃତଭାଷା ବ୍ୟବହୃତ ହେଲା । ଅଶୋକଙ୍କ ଅନୁଶାସନ ଏବଂ ପୁଲୁମାୟିର ଲିପିମାନଙ୍କରୁ ଅନୁମାନ ହୁଏ ଯେ ଆର୍ଯ୍ୟମାନଙ୍କର ଭାଷା ଏକ ଥିଲା ଏବଂ ତାହା ସଂସ୍କୃତାନୁଯାୟୀ ଥିଲା । ଦେଶଜ ଭାଷା ଅର୍ଥାତ୍

ଆଦିମ ଅଧିବାସୀଙ୍କ କଥିତଭାଷା ନାନାବିଧ ଏବଂ ସଂସ୍କୃତଠାରୁ ପୃଥକ୍ ଥିଲା । ଆର୍ଯ୍ୟ-ଭାଷା ଏହି ସମସ୍ତ ଦେଶଜ ଭାଷାକୁ ବିଦୂରିତ କରି ସେମାନଙ୍କ ପ୍ରକାରର ଶବ୍ଦ ସମ୍ପତ୍ତି ଓ ରଚନାରୀତି ଗ୍ରହଣ କରି ଓଡ଼ିଆ, ବଙ୍ଗଳା ପ୍ରଭୃତି ପ୍ରାଦେଶିକ ଭାଷା ସୃଷ୍ଟି କଲା ।

ଓଡ଼ିଆ, ବଙ୍ଗଳା ପ୍ରଭୃତି ପ୍ରାଦେଶିକ ଭାଷାମାନ ପୂର୍ବେ 'ପ୍ରାକୃତ' ଭାଷା ନାମରେ ଅଭିହିତ ହେଉଥିଲା । ପ୍ରାକୃତ ଭାଷା ତ୍ରିବିଧ—ତତ୍ସମ, ତଦ୍ଭବ, ଦେଶଜ । ଯେଉଁ ଶବ୍ଦ ସଂସ୍କୃତ ତୁଲ୍ୟ ତାହା ତତ୍ସମ; ଯେଉଁ ଶବ୍ଦ ସଂସ୍କୃତରୁ ଉଦ୍ଭବ ହୋଇ କିଞ୍ଚିତ୍ ବିକୃତିପ୍ରାପ୍ତ ହୋଇଛି ତାହା ତଦ୍ଭବ; ଯେଉଁ ପ୍ରାଦେଶିକ ଶବ୍ଦମାନ ସଂସ୍କୃତତୁଲ୍ୟ ନୁହେଁ ବା ସଂସ୍କୃତରୁ ଉତ୍ପନ୍ନ ହୋଇନାହିଁ ସେଗୁଡ଼ିକ ଦେଶଜ ଶବ୍ଦ ।

| ତତ୍ସମ | ତଦ୍ଭବ | ଦେଶଜ |
|---|---|---|
| ଦର୍ଶନ | ଗଧ | ନଡ଼ିଆ |
| ଶ୍ରବଣ | ଚକ୍ଷୁ | ପଗଡ଼ି |
| ଲତା | କାନ | କାଛୁ |
| ଅରଣ୍ୟ | ନାହା | ଡଙ୍ଗା |

ଏ ସମସ୍ତ ଆଲୋଚନା କଲେ ସ୍ପଷ୍ଟ ଜଣାଯିବ ଯେ ଓଡ଼ିଆଭାଷାର ପ୍ରାଚୀନତ୍ୱ ଅବିସମ୍ବାଦିତ । ଓଡ଼ିଆ ଗୋଟିଏ ସ୍ୱତନ୍ତ୍ର ପ୍ରାଚୀନ ଭାଷା ବୋଲି କେହି ଅସ୍ୱୀକାର କରି ପାରିବ ନାହିଁ ।

ଆଉ ଗୋଟିଏ କଥା ଭାଷା ସମ୍ବନ୍ଧରେ କୁହାଯାଇପାରେ । ଭାଷା ଦୁଇ ପ୍ରକାର—କଥିତ ଓ ଲିଖିତ । ଭାରତରେ କଥିତଭାଷା ଅପେକ୍ଷା ଲିଖିତଭାଷାର ମର୍ଯ୍ୟାଦା ଅଧିକ । କଥିତଭାଷା ବିଷୟରେ କୌଣସି ପ୍ରାଚୀନ ଗ୍ରନ୍ଥ ଲେଖାହୋଇଥିବାର ଦେଖାଯାଏ ନାହିଁ । ଲିଖିତଭାଷା ସମସ୍ତ ସମୟରେ କଥିତଭାଷାରୁ ଶବ୍ଦ ଗ୍ରହଣ କରିଛି; କିନ୍ତୁ କୌଣସି ପ୍ରୟୋଜନୀୟ କାର୍ଯ୍ୟରେ କଥିତଭାଷା ବ୍ୟବହୃତ ହୁଏ ନାହିଁ । ମହାରାଜା ଅଶୋକ ପ୍ରଭୃତି ସେମାନଙ୍କ ଉତ୍କୀର୍ଣ୍ଣ ଲିପିରେ କଥିତଭାଷା ବ୍ୟବହାର କରିଥିଲେ; ମାତ୍ର ତାହା ସ୍ଥାୟୀ ହେଲା ନାହିଁ । କଥିତଭାଷା ସାହିତ୍ୟରେ ସ୍ଥାନ ପାଇ ନଥିଲା । କିନ୍ତୁ ବର୍ତ୍ତମାନ ଏ ଭାବର ପରିବର୍ତ୍ତନ ଘଟିଛି । ଆଜିକାଲି କଥିତଭାଷାର ସମ୍ପୂର୍ଣ୍ଣ ଆଦର ହେଉଛି ଏବଂ ଅଭ୍ୟୁନ୍ନତି ହେଉଛି ।

ଓଡ଼ିଆଭାଷାର ବର୍ଣ୍ଣମାଳା ସ୍ୱତନ୍ତ୍ର । ଭାରତରେ ଅନେକ ପ୍ରକାର ବର୍ଣ୍ଣମାଳା ପ୍ରଚଳିତ ଅଛି । ଦେବନାଗରୀ, କୁଟିଳ ଓ ଓଡ଼ିଆ ବର୍ଣ୍ଣମାଳା ମଧ୍ୟରେ ବହୁତ ସୌସାଦୃଶ୍ୟ ଦେଖାଯାଏ । ଅନୁମାନ ହୁଏ, ବର୍ତ୍ତମାନ ଓଡ଼ିଆ ବର୍ଣ୍ଣମାଳାର ପୂର୍ବାକାର କୁଟିଳାକ୍ଷର ଥିଲା । ଓଡ଼ିଆ ବର୍ଣ୍ଣମାଳା ପୁଣି ଦୁଇ ପ୍ରକାର—କରଣୀ ଓ ସରଳାକ୍ଷର । ବର୍ଣ୍ଣମାଳା କେବେ ସୃଷ୍ଟି ହେଲା, ଏ ସମ୍ବନ୍ଧେ ନାନା ମତ ଦେଖାଯାଏ । କେହି କେହି ସିଦ୍ଧାନ୍ତ କରନ୍ତି

ଯେ, ବର୍ଣ୍ଣମାଳା ପ୍ରଥମେ ଭାରତରେ ସୃଷ୍ଟି ହୋଇ ପରେ ପୃଥିବୀର ଅନ୍ୟାନ୍ୟ ଅଂଶରେ ପ୍ରଚଳିତ ହେଲା । ଭାଷା ଯେତେ ଦିନରୁ ସୃଷ୍ଟି ହୋଇଛି, ବର୍ଣ୍ଣମାଳା ତେତେ ଦିନରୁ ସୃଷ୍ଟି ହୋଇଛି । ଜ୍ଞାନସ୍ଫୂର୍ତ୍ତି ସଙ୍ଗେ ସଙ୍ଗେ ଭାଷାର ସ୍ଫୂର୍ତ୍ତି ହୁଏ ଏବଂ ସେହି ସ୍ଫୂର୍ତ୍ତି ବର୍ଣ୍ଣମାଳାରେ ପ୍ରକାଶିତ ହୁଏ । ଏହା ହିଁ ପ୍ରାକୃତିକ ନିୟମ । ପୁରାତନ ଶାସ୍ତ୍ରମାନ ଆଲୋଚନା କଲେ ଜଣାଯାଏ ଯେ ସତ୍ୟ, ତ୍ରେତା, ଦ୍ୱାପର, କଳିଯୁଗମାନଙ୍କରେ ବର୍ଣ୍ଣମାଳା ବିଦ୍ୟମାନ ଥିଲା । ପୃଥିବୀର ଆଦିଗ୍ରନ୍ଥ ଋଗ୍‌ବେଦରେ ବର୍ଣ୍ଣମାଳାର ଅସ୍ତିତ୍ୱ ପରିଚୟ ମିଳେ ।

ପାଶ୍ଚାତ୍ୟ ପଣ୍ଡିତମାନଙ୍କ ମତରେ ପ୍ରଥମେ ମୌଖିକ ଅକ୍ଷର ବା ବସ୍ତୁଚିହ୍ନ ଥିଲା ଏବଂ ଏହି ମୌଖିକ ଲିପି ପ୍ରଥମେ ମିଶର ଦେଶରେ ସୃଷ୍ଟି ହେଲା । ଏହି ମୌଖିକ ଚିହ୍ନ ନାନା ପ୍ରକାରର ଥିଲା—ବସ୍ତୁଚିହ୍ନ, ଭାବଚିହ୍ନ, ଶବ୍ଦଚିହ୍ନ । ଭାବଚିହ୍ନ ପୁଣି ଦୁଇ ପ୍ରକାର—ଏକଭାବଚିହ୍ନ ଓ ବହୁଭାବଚିହ୍ନ । ଗୁଣାର୍ଥବୋଧକ ମୂର୍ତ୍ତିଚିହ୍ନ, ଏକାଧିକ ମୌଖିକ ଅକ୍ଷରସଂଯୋଗଦ୍ୱାରା ଶବ୍ଦ ଉଚ୍ଚାରଣ, ଏହିପରି ନାନାପ୍ରକାର ଥିଲା । କେହି କହନ୍ତି, ଫିନିସିୟା ଜାତି ପ୍ରଥମେ ବର୍ଣ୍ଣମାଳା ସୃଷ୍ଟି କଲେ । ଅଧିକାଂଶ ପାଶ୍ଚାତ୍ୟ ପଣ୍ଡିତ ମିଶରରୁ ଫିନିସିୟା ଏବଂ ଫିନିସିୟାରୁ ଇଉରୋପ ଓ ଏସିଆ ପ୍ରଭୃତି ଦେଶରେ ବର୍ଣ୍ଣମାଳା ପ୍ରବେଶ ଲାଭକଲା । ଏ ସମ୍ବନ୍ଧେ ପୃଥିବୀ-ଇତିହାସ ଲେଖକ ଅନେକ ଆଲୋଚନା କରି କହନ୍ତି ଯେ ବର୍ଣ୍ଣମାଳା ପ୍ରଥମେ ଭାରତରେ ସୃଷ୍ଟି ହେବାର ଅନେକ କାରଣ ଅଛି ।

ପାଶ୍ଚାତ୍ୟ ପଣ୍ଡିତମାନେ ଆଲେକ୍‌ଜାଣ୍ଡରଙ୍କ ଭାରତାଗମନ ପୂର୍ବେ ଭାରତରେ ଲିପି ଥିବା ବିଷୟ ସମ୍ପୂର୍ଣ୍ଣ ଅନଭିଜ୍ଞ । ପାଶ୍ଚାତ୍ୟ ପଣ୍ଡିତମାନଙ୍କର ଭାରତ ସମ୍ବନ୍ଧୀୟ ଅଭିଜ୍ଞତା ଏହି ଆଲେକ୍‌ଜାଣ୍ଡରଙ୍କ ସମୟରୁ ଆରମ୍ଭ । କିନ୍ତୁ ଆଲେକ୍‌ଜାଣ୍ଡରଙ୍କ ବହୁଶତାବ୍ଦୀ ପୂର୍ବରୁ ଭାରତରେ ଲିପି ପ୍ରଚଳିତ ଥିବା ବିଷୟ ବେଦବେଦାନ୍ତ, ପାଣିନି ପ୍ରଭୃତିରୁ ସ୍ପଷ୍ଟ ଜଣାଯାଏ । ଆଲେକ୍‌ଜାଣ୍ଡର ଖ୍ରୀଷ୍ଟପୂର୍ବ ୩୨୭ ଅବ୍ଦରେ ଭାରତକୁ ଆସିଥିଲେ । ଖ୍ରୀଷ୍ଟପୂର୍ବ ୨୫୦ ବା ୩୦୦ ବର୍ଷ ପୂର୍ବରେ ଅଶୋକଙ୍କ ରାଜତ୍ୱ ସମୟରେ ସ୍ତମ୍ଭ ପ୍ରଭୃତିରେ ଲିପି ଖୋଦିତ ହୋଇଥିଲା । ଏ ସମସ୍ତ ପାଲି ଲିପି । ଓଡ଼ିଶାରେ ମଧ୍ୟ ଅଶୋକଙ୍କ ଦଶାଜ୍ଞା ଧଉଳି ପାହାଡ଼ରେ ଖୋଦିତ ଅଛି । ସୁତରାଂ ଓଡ଼ିଆ ବର୍ଣ୍ଣମାଳା ଅଶୋକଙ୍କ ରାଜତ୍ୱ ପରେ ସୃଷ୍ଟ ହୋଇଥିବାର ସମ୍ଭବ । କାରଣ ତେତେବେଳେ ଉତ୍କଳାକ୍ଷର ପ୍ରଚଳିତ ଥିଲେ ସେହି ଅକ୍ଷରରେ ସେହି ଦଶାଜ୍ଞାମାନ ଅବଶ୍ୟ ଖୋଦିତ ହୋଇଥାନ୍ତା ।

ଭାରତରେ ନାନାପ୍ରକାର ବର୍ଣ୍ଣମାଳା ଦେଖାଯାଏ । ଯେତେ ଭାଷା ତେତେ ବର୍ଣ୍ଣମାଳା ଦେଖାଯାଏ । ପ୍ରତ୍ୟେକ ଭାଷାଭାଷୀ ଲୋକମାନେ ଆପଣା ଆପଣା ସ୍ୱାତନ୍ତ୍ର୍ୟ ରକ୍ଷା କରିବା ଲାଗି ବର୍ଣ୍ଣମାଳାକୁ ଭିନ୍ନାକାର କରିଥିବାର ସମ୍ଭବ । ଭେଦବୁଦ୍ଧି ଏହା ମୂଳରେ ବର୍ତ୍ତମାନ ଥିବାର ସମ୍ଭବ । ସେ କଥା ଯାହାହେଉ, ଉତ୍କଳାକ୍ଷର କେଉଁ ସମୟରେ ବର୍ତ୍ତମାନ

ଆକାର ଧାରଣା କଲା ତାହା ସ୍ଥିର ହେବା ସୁକଠିନ । ମାତ୍ର ବହୁ କାଳରୁ ଉତ୍କଳାକ୍ଷର ସ୍ୱତନ୍ତ୍ର ଲିପିଭାବେ ଚଳିଆସୁଛି ।

ମନୁଷ୍ୟର ଜ୍ଞାନ ସ୍ଫୂର୍ତ୍ତି ଯେତେ ବେଶି ହେଉଥାଏ, ସାହିତ୍ୟ ତେତେ ପରିମାର୍ଜିତ ଓ ପରିବର୍ଦ୍ଧିତ ହେଉଥାଏ । ସାହିତ୍ୟ ଜାତିର ଉନ୍ନତ ଚିନ୍ତାର ପରିଚାୟକ ଓ ପରିମାପକ । ଉକ୍ତ ଚିନ୍ତାମାନ ସାଧାରଣରେ ପ୍ରକାଶ କରିବା ଲାଗି ଭାଷାର ପ୍ରୟୋଜନ । ଭାଷା ଲିଖିତ ହେବାର ଉଦ୍ଦେଶ୍ୟ ଏହି ଯେ ଜାତିର ଭାବ ସଂରକ୍ଷିତ ହେବ ଓ ବହୁଳ ପ୍ରଚାରିତ ହେବ । ବର୍ଣ୍ଣମାଳାର ସଂଯୋଗ ହିଁ ଭାଷା ।

ଆମ୍ଭେ ପୂର୍ବେ କହିଛୁ, କ୍ରମବିକାଶ ହିଁ ପୃଥିବୀର ଧର୍ମ । ଶିଶୁ ଭୂମିଷ୍ଠ ହେବା ପରେ ଆପଣାର କ୍ରନ୍ଦନ ଓ ଅଙ୍ଗଭଙ୍ଗୀ ଓ ଇଙ୍ଗିତଦ୍ୱାରା ଆପଣା ମନୋଗତ ଭାବ ପ୍ରକାଶ କରେ । କ୍ରମେ ବୟସବୃଦ୍ଧି ହେଲେ ଅସ୍ଫୁଟ କଥା ଉଚ୍ଚାରଣ କରେ । କଥାରେ କହନ୍ତି ଦଶରୋଟି କଥା । ଶିଶୁ ଦଶ ବାର ବର୍ଷ ବୟସରେ ପରିଷ୍କାର କଥା କହିପାରେ ଓ ଲେଖିବାକୁ ଆରମ୍ଭ କରେ । ପିଲା ଯେତେବେଳେ ଲେଖନ ତାଳପତ୍ର ଅବା କାଗଜ କାଲି କଲମ୍ବ ଖଡ଼ିରେ ତଳେ ଲେଖେ, ତେତେବେଳେ ତା ଅକ୍ଷରର ଆକାର ଠିକଣା ନ ଥାଏ, ନିତାନ୍ତ ଅସୁନ୍ଦର ଦେଖା-ଯାଉଥାଏ । କ୍ରମେ ଅକ୍ଷର ବସିଥାଏ ଓ ପିଲା ଆପଣା ମନକୁ ଆପଣା ଅକ୍ଷର କିପରି ସୁନ୍ଦର ଦେଖାଯିବ ସେଥିପ୍ରତି ଦୃଷ୍ଟି ଦିଏ । ବେଶି ଲେଖିବାର ଆବଶ୍ୟକ ପଡ଼ିଲେ ସମୟଜ୍ଞାନ ହୁଏ, ଅର୍ଥାତ୍ ସୁନ୍ଦର ଅକ୍ଷର ପ୍ରତି ଦୃଷ୍ଟି ନ ଦେଇ ଅଳ୍ପ ସମୟରେ କିପରି ବେଶି ଲେଖିପାରିବ ତହିଁପ୍ରତି ଦୃଷ୍ଟି ଦିଏ । ଏତେବେଳେ ଅକ୍ଷର ଲେଖିବାକୁ ଯେତେ ଅଳ୍ପ ଆୟାସରେ ଲେଖିହେବ ତହିଁପ୍ରତି ଦୃଷ୍ଟି ଦିଏ । ଅଳ୍ପ ଅଭ୍ୟାସରେ ଅଳ୍ପ ସମୟରେ ବେଶି ବିଷୟ ଲେଖିବାକୁ ପଡ଼ିଲେ ଅକ୍ଷର ଲେଖିବା ପ୍ରଣାଳୀ ଯେତେ ସରଳ ଓ ସହଜ ହୁଏ, ତେତେ ସୁବିଧାଜନକ । ସୁତରାଂ ଅକ୍ଷରର ବର୍ଗ କ୍ରମେ ପରିବର୍ତ୍ତିତ ହୁଏ ।

ଲୌହ ଲେଖନ ଆମ୍ଭମାନଙ୍କ ଦେଶର ପୁରାତନ ଲେଖନୀ-ଯନ୍ତ୍ର । ପୁଣି ତାଳପତ୍ର ଉପରେ ଆଗେ ସମସ୍ତ ଲେଖାପଢ଼ି ହେଉଥିଲା । ତାଳପତ୍ର ଉପରେ ଲେଖନରେ ଲେଖିବା ଟିକିଏ ଶ୍ରମସାଧ୍ୟ । ସୁତରାଂ ଅକ୍ଷର ଆକାର ଯେପରି ହେଲେ ତାଳପତ୍ର ଉପରେ ସହଜରେ ଲେଖିହେବ, ସେପରି ଆକାରରେ ପୁରାତନ କୁଟିଳାକ୍ଷର ପରିବର୍ତ୍ତିତ ହେବା ସ୍ୱାଭାବିକ । ସୁତରାଂ କୁଟିଳାକ୍ଷର କ୍ରମେ ବର୍ତ୍ତମାନ ଉତ୍କଳାକ୍ଷରର ଆକାର ଧାରଣ କରିଛି ।

ମୁଦ୍ରାଯନ୍ତ୍ର ପ୍ରତିଷ୍ଠିତ ହେବା ପୂର୍ବେ ଏ ଦେଶରେ ଲେଖନ ଦ୍ୱାରା ତାଳପତ୍ରରେ ଲିପିମାନ ଲିଖିତ ହେଉଥିଲା । ଆଜି ଓଡ଼ିଶାର ଘରେ ଘରେ ଅନେକ ତାଳପତ୍ର ପୋଥି ଅଛି । ଅନେକ ପୁରାତନ ପୁସ୍ତକ ଆଜଯାଏ ସମାଲୋକ ଦେଖିନାହିଁ । ଆଉ ଅନେକ ପୋଥି କୀଟଦଷ୍ଟ ହୋଇଗଲାଣି । ୧୮୨୨ ସାଲରେ ମିସନାରୀମାନେ ପ୍ରଥମେ ମୁଦ୍ରାଯନ୍ତ୍ର ସ୍ଥାପନ

କଲେ । ପ୍ରିଣ୍ଟିଂ କମ୍ପାନି ୧୮୬୬ରେ ପ୍ରଥମେ ଓଡ଼ିଶାରେ ସ୍ଥାପିତ ହୋଇଥିଲା । ଏ ସମୟରେ ମଧ୍ୟ ବଙ୍ଗୀୟ ଭ୍ରାତାମାନଙ୍କର ସେହି ସଙ୍କୀର୍ଣ୍ଣତା ଦେଖାଦେଇଥିଲା । କେତେକ ବଙ୍ଗୀୟ ଭ୍ରାତା ପ୍ରସ୍ତାବ କରିଥିଲେ ଯେ ଓଡ଼ିଆଭାଷା ଗୋଟାଏ ସ୍ୱତନ୍ତ୍ର ଭାଷା ନୁହେ । ଓଡ଼ିଅଭାଷା ପରିବର୍ତ୍ତେ କଚେରି ଆଦିରେ ବଙ୍ଗଳାଭାଷା ପ୍ରଚଳିତ ହେବ । ତେତେବେଳେ ଘୋର ଆପତ୍ତି ହୋଇଥିଲା ଏବଂ ତଦାନିନ୍ତନ ଗ୍ରେଟ ଲାଟସାହେବ କାମ୍ବେଲ ମହୋଦୟ ଓଡ଼ିଆମାନଙ୍କର ଆପତ୍ତି ଶୁଣି ଓଡ଼ିଆଭାଷାକୁ ରକ୍ଷାକଲେ । 'ଜ୍ଞାନାରୁଣ'ଓ 'ପ୍ରବୋଧଚନ୍ଦ୍ରିକା' ନାମକ ଦୁଇଟଣ୍ଡି ଓଡ଼ିଆ ଖବରକାଗଜ ୧୮୫୮-୧୮୬୧ ମସିହାରେ ମୁଦ୍ରିତ ହୋଇ ବାହାରିଲା । ୧୮୬୬ ମସିହାରେ ଉତ୍କଳର ପ୍ରଧାନ ଜନନାୟକମାନଙ୍କ ଉଦ୍ୟମରେ 'ଉତ୍କଳଦୀପିକା' ନାମକ ସମ୍ବାଦପତ୍ର ବାହାରିଥିଲା ଏବଂ ଏହି କାଗଜଟି ବର୍ତ୍ତମାନ ସୁଦ୍ଧା ବଞ୍ଚିଛି; ମାତ୍ର ବୟସ ବେଶୀ ହେବାରୁ କ୍ଷୀଣକଳେବର ଓ ବିକୃତମସ୍ତିଷ୍କ ହେବାକୁ ଆରମ୍ଭ କଲାଣି । ବୃଦ୍ଧ ଗୌରୀଶଙ୍କର ଜଣେ ବଙ୍ଗାଳୀ; ମାତ୍ର ବହୁକାଳରୁ ଆସି ଉତ୍କଳରେ ବାସକରି ଓଡ଼ିଶାକୁ ମାତୃଭୂମି କରି ନେଇଛନ୍ତି । ଗୌରୀଶଙ୍କର ତାଙ୍କ ଜୀବନ ମଧ୍ୟରେ ସେ ଉତ୍କଳଦୀପିକାର ସମ୍ପାଦକ ହୋଇ ୫୦ ବର୍ଷକାଳ କାଗଜଟିକୁ ଚଳାଇ କାଗଜର ମହତ୍ତ୍ୱ ରଖି ଆସିଛନ୍ତି । ଓଡ଼ିଆଭାଷାର ଉନ୍ନତିଲାଗି ସେ ଯେଉଁ ଅଦମ୍ୟ ଉତ୍ସାହ ସହିତ କାର୍ଯ୍ୟ କରିଛନ୍ତି, ତାଙ୍କଠାରେ ଓଡ଼ିଆଭାଷା ଚିରଋଣୀ । ବୃଦ୍ଧ ଗୌରୀଶଙ୍କର ଓ ତାଙ୍କ ସମସାମୟିକ ପ୍ରାତଃସ୍ମରଣୀୟ ବିଚ୍ଛନ୍ଦ ପଟ୍ଟନାୟକ ଓ ବିଚିତ୍ରାନନ୍ଦ ପ୍ରମୁଖ ତଦାନିନ୍ତନ ଉତ୍କଳ ସାହିତ୍ୟସେବୀବୃନ୍ଦ ଅଣ୍ଟା ଭିଡ଼ି ନ ଥିଲେ ଓଡ଼ିଆଭାଷା କଚେରି ସ୍କୁଲମାନଙ୍କରୁ ଉଠିଯାଇଥାନ୍ତା । ବୃଦ୍ଧ ଗୌରୀଶଙ୍କରଙ୍କଠାରେ ବଙ୍ଗାଳୀ ଅଭିମାନ ନାହିଁ । ସେ ଓଡ଼ିଆଙ୍କ ସହିତ ଆପଣା ଭାଗ୍ୟ ମିଳାଇ ନିରପେକ୍ଷଭାବରେ ଉତ୍କଳସାହିତ୍ୟର ଉନ୍ନତିକଳ୍ପେ ୫୦ ବର୍ଷ ଅକ୍ଷୁଣ୍ଣଭାବରେ କାର୍ଯ୍ୟ କରିଥିବା ବଡ଼ ଉଦାରତାର ବିଷୟ ।

ସଂସ୍କୃତଭାଷା ପ୍ରାଥମିକ ଭାଷା । ବ୍ରାହ୍ମଣମାନେ ପ୍ରାୟ ସଂସ୍କୃତଚର୍ଚ୍ଚା ବିଶେଷଭାବରେ କରୁଥିଲେ । ଅଧିକାଂଶ ପୁସ୍ତକ ସଂସ୍କୃତଭାଷାରେ ଲିଖିତ ହେଉଥିଲା । ବ୍ରାହ୍ମଣମାନେ ପ୍ରାକୃତ ଭାଷାକୁ ସୁଦୃଷ୍ଟିରେ ଦେଖୁ ନଥିଲେ; ବରଂ ପ୍ରାକୃତ ଭାଷାରେ ଲେଖା ପଢ଼ା ଓ ପ୍ରାକୃତ ପୁସ୍ତକ ପଢ଼ିବାକୁ ହେୟ ଜ୍ଞାନ କରୁଥିଲେ । ପ୍ରାକୃତ ପ୍ରତି ଏହି ଅନାଦର ଭାବ ଆଜଯାଏଁ ଦୃଷ୍ଟିଗୋଚର ହେଉଛି । ଆଜି ମଧ୍ୟ ଅନେକ ଖାଣ୍ଟି ମରହଟ୍ଟି ପଣ୍ଡିତଙ୍କ ମୁଖରୁ ପ୍ରାକୃତ ପ୍ରତି ଅନାଦର ଶୁଣାଯାଏ । ବ୍ରାହ୍ମଣ ପଣ୍ଡିତମାନେ ସଂସ୍କୃତକୁ ଯେତେ ଆଦର କରନ୍ତି ପ୍ରାକୃତକୁ ତେତେ କରନ୍ତି ନାହିଁ । ଏହି କାରଣରୁ ପୁରାତନ ପ୍ରାକୃତ ଲେଖକଙ୍କ ମଧ୍ୟରେ ବ୍ରାହ୍ମଣକବିଙ୍କର ସଂଖ୍ୟା ଅଳ୍ପ । ଆଧୁନିକ ବ୍ରାହ୍ମଣ ପଣ୍ଡିତଙ୍କ ମଧ୍ୟରେ ପ୍ରାକୃତଭାଷା-ଅଭିଜ୍ଞତା ଥିବା ପଣ୍ଡିତଙ୍କ ସଂଖ୍ୟା ଅଳ୍ପ ।

ପ୍ରାକୃତ ଭାଷାରୁ ବିଶୁଦ୍ଧ ଓଡ଼ିଆଭାଷାର ଜନ୍ମ । ବିଶୁଦ୍ଧ ଓଡ଼ିଆଭାଷା ସାଧାରଣଙ୍କର ବୋଧଗମ୍ୟ ଏବଂ ସଂସ୍କୃତଭାଷା ଅଳ୍ପସଂଖ୍ୟକ ଲୋକମାନଙ୍କ ମଧ୍ୟରେ ଆବଦ୍ଧ । ପୁରାଣ, ବେଦ,

ବେଦାନ୍ତ, ଗୀତା, ଭାଗବତ ଆଦି ସମସ୍ତ ଗ୍ରନ୍ଥମାନ ସଂସ୍କୃତଭାଷାରେ ଲିଖିତ ହୋଇଥିଲା । ସେଗୁଡ଼ିକ ଭାଷାରେ ଅନୁବାଦିତ ହୋଇ ନଥିଲେ ସାଧାରଣ ଲୋକେ କିଛିମାତ୍ର ବୁଝିପାରି ନ ଥାଆନ୍ତେ । ସୁତରାଂ ସାଧାରଣ ଲୋକଶିକ୍ଷା ଲାଗି ଉଚ୍ଚ ଚିନ୍ତା ଓ ଉଚ୍ଚ ଭାବମାନ ମାତୃଭାଷାରେ ପ୍ରକାଶିତ ହେବା ନିତାନ୍ତ ଆବଶ୍ୟକ । ଭାଷାର ଗତି କିପରି ହେବା ଉଚିତ ? ସମସ୍ୟାର ଏହା ହିଁ ପ୍ରଧାନ ସମାଧାନ । ଭାଷା ସଂସ୍କୃତଶବ୍ଦାଡ଼ମ୍ବରରେ ପରିପୂରିତ ହେଲେ ଅଳ୍ପସଂଖ୍ୟକ ଲୋକଙ୍କ ମଧ୍ୟରେ ଆବଦ୍ଧ ରହିବ । ବିଶୁଦ୍ଧ ପ୍ରାଞ୍ଜଳ ସରଳ ସୁଲଭ ଓଡ଼ିଆ ଶବ୍ଦ ଦ୍ୱାରା ସାହିତ୍ୟ ଲେଖାହେଲେ ସାଧାରଣଙ୍କର ବୋଧଗମ୍ୟ ହେବ । ଲୋକଶିକ୍ଷା ଲାଗି ଏହିଭଳି ଭାଷା ଆବଶ୍ୟକ ।

ଦେଖାଯାଏ ଓଡ଼ିଆଭାଷାର ନିଜର ସ୍ୱାତନ୍ତ୍ର୍ୟ ଅଛି । କେତେକ ଶବ୍ଦ ସଂସ୍କୃତରୁ ଆସିଛି, କେତେକ ପ୍ରାକୃତରୁ ଆସିଛି । ଯେ ଶବ୍ଦର ସଂସ୍କୃତ ବା ପ୍ରାକୃତ ସହିତ କିଛି ସଂସର୍ଗ ନାହିଁ, ତାହା କେତେକ ନିମ୍ନରେ ଦିଆଗଲା ।

| | |
|---|---|
| ଗିନା ବା ତାଟିଆ | ଗାତ ବା ଗାଡ଼ |
| ଚାଲ ବା କୋଣ୍ଠା | ପକାଇବା ବା ପାରିବା |
| ଖାଏ ବା ବଇଠା | ତୋଟି ବା ଡଣ୍ଟି |

ଛୁଆଁଣୀ ବା ଝାଡ଼ୁ

---

## ଓଡ଼ିଆ ସାହିତ୍ୟ

### ( ୧ )

ସାହିତ୍ୟ କ'ଣ ? ସାହିତ୍ୟ ଜାତିର ଉନ୍ନତିର ଦର୍ପଣ ସ୍ୱରୂପ । ଯେଉଁ ଜାତି ଯେତେ ଉନ୍ନତ, ସେ ଜାତିର ସାହିତ୍ୟ ସେତେ ଉନ୍ନତ । ଭାଷାରେ ପ୍ରକାଶିତ ଭାବାବଳୀ ହିଁ ସାହିତ୍ୟ । ପୂର୍ବକାଳରେ ଗୁରୁମାନେ ଶିଷ୍ୟମାନଙ୍କୁ ମୌଖିକ ପ୍ରଣାଳୀରେ ଅଧ୍ୟୟନ କରାଉଥିଲେ । ଭାବଗୁଡ଼ିକ ପ୍ରକାଶିତ ହେଲେ ତାକୁ ସାହିତ୍ୟ ବୋଲାଯାଏ । ମନୁଷ୍ୟ ପ୍ରଥମେ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟ ମନରେ ପୋଷଣ କରେ, ପରେ ସେଗୁଡ଼ିକ ଭାଷାଦ୍ୱାରା ପ୍ରକାଶ କରେ । ଜଣେ କେତେଗୁଡ଼ିଏ ବିଷୟ ଭାବିକରି ସେହି ଭାବଗୁଡ଼ିକ ଭାଷାରେ ଅନ୍ୟ ଆଗରେ ପ୍ରକାଶ କଲା; ସେ ବ୍ୟକ୍ତି ସେ ଭାବଗୁଡ଼ିକ ଶୁଣି ଅନ୍ୟ ବ୍ୟକ୍ତି ଆଗରେ ପ୍ରକାଶ କଲା । ଏହିପରି ଜଣକର ଭାବ ଦଶଜଣ ଜାଣିଲେ । ଭାବ ମଧ୍ୟରେ ସନ୍ନିବିଷ୍ଟ ଥିବା ଉପଦେଶଗୁଡ଼ିକ

କଲେ । ପ୍ରିଣ୍ଟିଂ କମ୍ପାନ ୧୮୬୬ରେ ପ୍ରଥମେ ଓଡ଼ିଶାରେ ସ୍ଥାପିତ ହୋଇଥିଲା । ଏ ସମୟରେ ମଧ୍ୟ ବଙ୍ଗୀୟ ଭ୍ରାତାମାନଙ୍କର ସେହି ସଙ୍କୀର୍ଣ୍ଣତା ଦେଖାଦେଇଥିଲା । କେତେକ ବଙ୍ଗୀୟ ଭ୍ରାତା ପ୍ରସ୍ତାବ କରିଥିଲେ ଯେ ଓଡ଼ିଆଭାଷା ଗୋଟାଏ ସ୍ୱତନ୍ତ୍ର ଭାଷା ନୁହେ । ଓଡ଼ିଅଭାଷା ପରିବର୍ତ୍ତେ କଟେଗ ଆଦାଲରେ ବଙ୍ଗଳ ଭାଷା ପ୍ରଚଳିତ ହେବ । ତେତେବେଳେ ଘୋର ଆପତ୍ତି ହୋଇଥିଲା ଏବଂ ତଦାନୀନ୍ତନ ଗ୍ରେଟ ଲାଟସାହେବ କାମ୍ବେଲ ମହୋଦୟ ଓଡ଼ିଆମାନଙ୍କର ଆପତ୍ତି ଶୁଣି ଓଡ଼ିଆଭାଷାକୁ ରକ୍ଷାକଲେ । 'ଜ୍ଞାନାରୁଣ'ଓ 'ପ୍ରବୋଧଚନ୍ଦ୍ରିକା' ନାମକ ଦୁଇଖଣ୍ଡ ଓଡ଼ିଆ ଖବରକାଗଜ ୧୮୬୮-୧୮୬୯ ମସିହାରେ ମୁଦ୍ରିତ ହୋଇ ବାହାରିଲା । ୧୮୬୬ ମସିହାରେ ଉତ୍କଳର ପ୍ରଧାନ ଜନନାୟକମାନଙ୍କ ଉଦ୍ୟମରେ 'ଉତ୍କଳଦୀପିକା' ନାମକ ସମ୍ବାଦପତ୍ର ବାହାରିଥିଲା ଏବଂ ଏହି କାଗଜଟି ବର୍ତ୍ତମାନ ସୁଦ୍ଧା ବଞ୍ଚିଛି; ମାତ୍ର ବୟସ ବେଶୀ ହେବାରୁ କ୍ଷୀଣକଲେବର ଓ ବିକୃତମସ୍ତିଷ୍କ ହେବାକୁ ଆରମ୍ଭ କଲାଣି । ବୃଦ୍ଧ ଗୌରୀଶଙ୍କର ଜଣେ ବଙ୍ଗାଳୀ; ମାତ୍ର ବହୁକାଳରୁ ଆସି ଉତ୍କଳରେ ବାସକରି ଓଡ଼ିଶାକୁ ମାତୃଭୂମି କରି ନେଇଛନ୍ତି । ଗୌରୀଶଙ୍କର ତାଙ୍କ ଜୀବନ ମଧ୍ୟରେ ସେ ଉତ୍କଳଦୀପିକାର ସମ୍ପାଦକ ହୋଇ ୫୦ ବର୍ଷକାଳ କାଗଜଟିକୁ ଚଳାଇ କାଗଜର ମହତ୍ତ୍ୱ ରଖି ଆସିଛନ୍ତି । ଓଡ଼ିଆଭାଷାର ଉନ୍ନତିଲାଗି ସେ ଯେଉଁ ଅଦମ୍ୟ ଉତ୍ସାହ ସହିତ କାର୍ଯ୍ୟ କରିଛନ୍ତି, ତାଙ୍କଠାରେ ଓଡ଼ିଆଭାଷା ଚିରଋଣୀ । ବୃଦ୍ଧ ଗୌରୀଶଙ୍କର ଓ ତାଙ୍କ ସମସାମୟିକ ପ୍ରାତଃସ୍ମରଣୀୟ ବିଚ୍ଛନ୍ଦ ପଟ୍ଟନାୟକ ଓ ବିଚିତ୍ରାନନ୍ଦ ପ୍ରମୁଖ ତଦାନୀନ୍ତନ ଉତ୍କଳ ସାହିତ୍ୟସେବୀବୃନ୍ଦ ଅଣ୍ଟା ଭିଡ଼ି ନ ଥିଲେ ଓଡ଼ିଆଭାଷା କଟେଗୀ ସ୍କୁଲମାନଙ୍କରୁ ଉଠିଯାଇଥାନ୍ତା । ବୃଦ୍ଧ ଗୌରୀଶଙ୍କରଙ୍କଠାରେ ବଙ୍ଗାଳୀ ଅଭିମାନ ନାହିଁ । ସେ ଓଡ଼ିଆଙ୍କ ସହିତ ଆପଣା ଭାଗ୍ୟ ମିଳାଇ ନିରପେକ୍ଷଭାବରେ ଉତ୍କଳସାହିତ୍ୟର ଉନ୍ନତି-କଳ୍ପେ ୫୦ ବର୍ଷ ଅକ୍ଷୁଣ୍ଣଭାବରେ କାର୍ଯ୍ୟ କରିଥିବା ବଡ଼ ଉଦାରତାର ବିଷୟ ।

ସଂସ୍କୃତଭାଷା ପ୍ରାଥମିକ ଭାଷା । ବ୍ରାହ୍ମଣମାନେ ପ୍ରାୟ ସଂସ୍କୃତଚର୍ଚ୍ଚା ବିଶେଷଭାବରେ କରୁଥିଲେ । ଅଧିକାଂଶ ପୁସ୍ତକ ସଂସ୍କୃତଭାଷାରେ ଲିଖିତ ହେଉଥିଲା । ବ୍ରାହ୍ମଣମାନେ ପ୍ରାକୃତ ଭାଷାକୁ ସୁଦୃଷ୍ଟିରେ ଦେଖୁ ନଥିଲେ; ବରଂ ପ୍ରାକୃତ ଭାଷାରେ ଲେଖା ପଢ଼ା ଓ ପ୍ରାକୃତ ପୁସ୍ତକ ପଢ଼ିବାକୁ ହେୟ ଜ୍ଞାନ କରୁଥିଲେ । ପ୍ରାକୃତ ପ୍ରତି ଏହି ଅନାଦର ଭାବ ଆଜିଯାଏଁ ଦୃଷ୍ଟିଗୋଚର ହେଉଛି । ଆଜି ମଧ୍ୟ ଅନେକ ଖାଣ୍ଟି ମରହଟ୍ଟି ପଣ୍ଡିତଙ୍କ ମୁଖରୁ ପ୍ରାକୃତ ପ୍ରତି ଅନାଦର ଶୁଣାଯାଏ । ବ୍ରାହ୍ମଣ ପଣ୍ଡିତମାନେ ସଂସ୍କୃତକୁ ଯେତେ ଆଦର କରନ୍ତି ପ୍ରାକୃତକୁ ତେତେ କରନ୍ତି ନାହିଁ । ଏହି କାରଣରୁ ପୁରାତନ ପ୍ରାକୃତ ଲେଖକଙ୍କ ମଧ୍ୟରେ ବ୍ରାହ୍ମଣ-କବିଙ୍କର ସଂଖ୍ୟା ଅଳ୍ପ । ଆଧୁନିକ ବ୍ରାହ୍ମଣ ପଣ୍ଡିତଙ୍କ ମଧ୍ୟରେ ପ୍ରାକୃତଭାଷା-ଅଭିଜ୍ଞତା ଥିବା ପଣ୍ଡିତଙ୍କ ସଂଖ୍ୟା ଅଳ୍ପ ।

ପ୍ରାକୃତ ଭାଷାରୁ ବିଶୁଦ୍ଧ ଓଡ଼ିଆଭାଷାର ଜନ୍ମ । ବିଶୁଦ୍ଧ ଓଡ଼ିଆଭାଷା ସାଧାରଣଙ୍କର ବୋଧଗମ୍ୟ ଏବଂ ସଂସ୍କୃତଭାଷା ଅଳ୍ପସଂଖ୍ୟକ ଲୋକମାନଙ୍କ ମଧ୍ୟରେ ଆବଦ୍ଧ । ପୁରାଣ, ବେଦ,

ବେଦାନ୍ତ, ଗୀତା, ଭାଗବତ ଆଦି ସମସ୍ତ ଗ୍ରନ୍ଥମାନ ସଂସ୍କୃତଭାଷାରେ ଲିଖିତ ହୋଇଥିଲା । ସେଗୁଡ଼ିକ ଭାଷାରେ ଅନୁବାଦିତ ହୋଇ ନଥିଲେ ସାଧାରଣ ଲୋକେ କିଛିମାତ୍ର ବୁଝିପାରି ନ ଥାନ୍ତେ । ସୁତରାଂ ସାଧାରଣ ଲୋକଶିକ୍ଷା ଲାଗି ଉଚ୍ଚ ଚିନ୍ତା ଓ ଉଚ୍ଚ ଭାବମାନ ମାତୃଭାଷାରେ ପ୍ରକାଶିତ ହେବା ନିତାନ୍ତ ଆବଶ୍ୟକ । ଭାଷାର ଗଠନ କିପରି ହେବା ଉଚିତ ? ସମସ୍ୟାର ଏହା ହିଁ ପ୍ରଧାନ ସମାଧାନ । ଭାଷା ସଂସ୍କୃତଶବ୍ଦାଡ଼ମ୍ବରରେ ପରିପୂରିତ ହେଲେ ଅଳ୍ପସଂଖ୍ୟକ ଲୋକଙ୍କ ମଧ୍ୟରେ ଆବଦ୍ଧ ରହିବ । ବିଶୁଦ୍ଧ ପ୍ରାଞ୍ଜଳ ସରଳ ସୁଲଭ ଓଡ଼ିଆ ଶବ୍ଦ ଦ୍ୱାରା ସାହିତ୍ୟ ଲେଖାହେଲେ ସାଧାରଣଙ୍କର ବୋଧଗମ୍ୟ ହେବ । ଲୋକଶିକ୍ଷା ଲାଗି ଏହିଭଳି ଭାଷା ଆବଶ୍ୟକ ।

ଦେଖାଯାଏ ଓଡ଼ିଆଭାଷାର ନିଜର ସ୍ୱାତନ୍ତ୍ର୍ୟ ଅଛି । କେତେକ ଶବ୍ଦ ସଂସ୍କୃତରୁ ଆସିଛି, କେତେକ ପ୍ରାକୃତରୁ ଆସିଛି । ଯେ ଶବ୍ଦର ସଂସ୍କୃତ ବା ପ୍ରାକୃତ ସହିତ କିଛି ସଂସର୍ଗ ନାହିଁ, ତାହା କେତେକ ନିମ୍ନରେ ଦିଆଗଲା ।

| | |
|---|---|
| ଗିନା ବା ଡାଟିଆ | ଗାତ ବା ଗାଡ଼ |
| ଟାଲ ବା କୋଣ୍ଟା | ପକାଇବା ବା ପାରିବା |
| ପୀଢ ବା ବଇଠା | ତୋଟି ବା ତର୍ଣ୍ଣି |

ଝୁଣ୍ଟୁଣୀ ବା ଝାଡ଼ୁ

---

ଓଡ଼ିଆ ସାହିତ୍ୟ

( ୧ )

ସାହିତ୍ୟ କ'ଣ ? ସାହିତ୍ୟ ଜାତୀୟ ଉନ୍ନତିର ଦର୍ପଣ ସ୍ୱରୂପ । ଯେଉଁ ଜାତି ଯେତେ ଉନ୍ନତ, ସେ ଜାତିର ସାହିତ୍ୟ ତେତେ ଉନ୍ନତ । ଭାଷାରେ ପ୍ରକାଶିତ ଭାବାବଳୀ ହିଁ ସାହିତ୍ୟ । ପୂର୍ବକାଳରେ ଗୁରୁମାନେ ଶିଷ୍ୟମାନଙ୍କୁ ମୌଖିକ ପ୍ରଣାଳୀରେ ଅଧ୍ୟୟନ କରାଉଥିଲେ । ଭାବଗୁଡ଼ିକ ପ୍ରକାଶିତ ହେଲେ ତାକୁ ସାହିତ୍ୟ ବୋଲିଯାଏ । ମନୁଷ୍ୟ ପ୍ରଥମେ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟ ମନରେ ପୋଷଣ କରେ, ପରେ ସେଗୁଡ଼ିକ ଭାଷାଦ୍ୱାରା ପ୍ରକାଶ କରେ । ଜଣେ କେତେଗୁଡ଼ିଏ ବିଷୟ ଭାବିକରି ସେହି ଭାବଗୁଡ଼ିକ ଭାଷାରେ ଅନ୍ୟ ଆଗରେ ପ୍ରକାଶ କଲା; ସେ ବ୍ୟକ୍ତି ସେ ଭାବଗୁଡ଼ିକ ଶୁଣି ଅନ୍ୟ ବ୍ୟକ୍ତି ଆଗରେ ପ୍ରକାଶ କଲା । ଏହିପରି ଜଣକର ଭାବ ଦଶଜଣ ଜାଣିଲେ । ଭାବ ମଧ୍ୟରେ ସନ୍ନିବିଷ୍ଟ ଥିବା ଉପଦେଶଗୁଡ଼ିକ

ପ୍ରତିପାଳନ କରି ତଦନୁଯାୟୀ କାର୍ଯ୍ୟ କରିବାକୁ ଶିକ୍ଷା କହନ୍ତି । ଶିକ୍ଷାର ପ୍ରକୃତ ଅର୍ଥ ଶିଖା ବା ଶିଖିବା । ଯେ ଯେତେ ବିଷୟ ଶିଖି ପାରିଲା, ସେ ତେତେଦୂର ଶିକ୍ଷିତ । ଶିକ୍ଷିତ ଲୋକ ନିରକ୍ଷର ହୋଇପାରେ ଏବଂ ସାକ୍ଷର ଲୋକ ଅଶିକ୍ଷିତ ହୋଇପାରେ । ଶିକ୍ଷା ସହିତ ଅକ୍ଷର ପରିଚୟର ବିଶେଷ କିଛି ସମ୍ବନ୍ଧ ନାହିଁ । ନିରକ୍ଷର ଲୋକ ନାନା ଲୋକଙ୍କଠାରୁ ନାନା କଥା ଶୁଣି ଶିକ୍ଷିତ ହୋଇପାରେ । ଅକ୍ଷରଜ୍ଞାନ ଗୋଟିଏ ସୁବିଧା । ଏହି ସୁବିଧାକୁ ଅବଲମ୍ବନ କରି ଲୋକ ଲିଖିତ ପୁସ୍ତକରେ ଥିବା ମହାପୁରୁଷ ଚିନ୍ତାଶୀଳ ବ୍ୟକ୍ତିମାନଙ୍କ ଉପଦେଶଗୁଡ଼ିକ ଅପେ ଆପେ ଶିଖି ପାରିବ ଏବଂ ପରମୁଖାପେକ୍ଷୀ ହେବ ନାହିଁ । ଭାବର ବହୁଳ ପ୍ରଚୁର ନିମିତ୍ତ ଭାବାବଳୀ ଲିଖିତ ଭାଷାରେ ପ୍ରକାଶିତ ହେଲା । ଏହା ହିଁ ସାହିତ୍ୟ । ପ୍ରତ୍ୟେକ ଜାତିର ସାହିତ୍ୟ ଅଛି । ଉନ୍ନତ ଜାତିର ସାହିତ୍ୟ ଉନ୍ନତ ଓ ଅନୁନ୍ନତ ଜାତିର ସାହିତ୍ୟ ଅନୁନ୍ନତ ।

ଯାହା ବ୍ୟକ୍ତିପ୍ରତି ସତ୍ୟ, ତାହା ଜାତିପ୍ରତି ସତ୍ୟ । ପୃଥିବୀକ୍ରମବିକାଶ ନିୟମାଧୀନ । କ୍ରମବିକାଶ ନିୟମଦ୍ୱାରା ଏ ପ୍ରକୃତି ନିୟନ୍ତ୍ରିତ । ପ୍ରକୃତିର ଯାବତୀୟ କ୍ରିୟା ଏହି କ୍ରମବିକାଶ ସୋପାନରେ ପଥିକ ହୁଏ । ସାହିତ୍ୟ ପ୍ରାକୃତିକ ନିୟମରୁ ବହିର୍ଭୂତ ନୁହେଁ । ସାହିତ୍ୟ ମଧ୍ୟ କ୍ରମୋନ୍ନତି ପଥରେ ପଥିକ । କ୍ରମବିକାଶର ଚାରିଗୋଟି ସାଧାରଣ ଅବସ୍ଥା, ଯଥା—ଶୈଶବ, କୈଶୋର, ପ୍ରୌଢ଼ ଓ ବୃଦ୍ଧ । ପ୍ରକୃତିର ଯାବତୀୟ ପଦାର୍ଥ କି ଜଡ଼, କି ଚୈତନ୍ୟ ଏହି ଚତୁର୍ବିଧ ଅବସ୍ଥାମାନ ଭୋଗ କରିବାକୁ ବାଧ୍ୟ । ସାହିତ୍ୟ ତଦ୍ରୂପ ଏହି ନିୟମାନୁସାରେ ଅଗ୍ରସର ହୁଏ । ଜାତି ମଧ୍ୟ ବ୍ୟକ୍ତିପରି ଏହି ଚାରି ଅବସ୍ଥା ଭୋଗକରେ । ଜାତିର ଅବସ୍ଥା ସଙ୍ଗେ ସଙ୍ଗେ ଜାତୀୟ ସାହିତ୍ୟର ଅବସ୍ଥା ପରିବର୍ତ୍ତିତ ହୁଏ । ସୁତରାଂ ସାହିତ୍ୟ ଦେଖି ଜାତିର ଅବସ୍ଥା ପରିମାପ କରାଯାଇପାରେ ଏବଂ ଜାତିର ଅନ୍ୟାନ୍ୟ ଉନ୍ନତି ଦେଖି ସାହିତ୍ୟ ପରିମାପ କରାଯାଇପାରେ । ଏହି କାରଣରୁ ସାହିତ୍ୟ ଜାତୀୟ ଉନ୍ନତିର ପରିମାପକ ବୋଲି କଥିତ ହୁଏ ।

ସାହିତ୍ୟର ଦୁଇଟି ପ୍ରଧାନ ବିଭାଗ ଅଛି, ଯଥା—ଗଦ୍ୟ ସାହିତ୍ୟ ଓ ପଦ୍ୟ ସାହିତ୍ୟ । ଏ ବିଭାଗର ନାନା ଉପବିଭାଗ ଅଛି ଅର୍ଥାତ୍ ପ୍ରତ୍ୟେକ ନିର୍ଦ୍ଦିଷ୍ଟ ବିଷୟାତ୍ମକ ଭାବାବଳୀର ସାହିତ୍ୟ ଏକତ୍ର ସନ୍ନିବେଶର ନାମ ତଦ୍‌ବିଷୟାତ୍ମକ ସାହିତ୍ୟ; ଯଥା—ଜ୍ୟୋତିଷ ସାହିତ୍ୟ, ନାଟ୍ୟ ସାହିତ୍ୟ, ଚିକିତ୍ସା ସାହିତ୍ୟ, ଧର୍ମ ସାହିତ୍ୟ, ନୀତି ସାହିତ୍ୟ, ଗଣିତ ସାହିତ୍ୟ ଇତ୍ୟାଦି । ପଦ୍ୟ ସାହିତ୍ୟ ନାନା ରାଗରାଗିଣୀ ଓ ରସପୂର୍ଣ୍ଣ । କେଉଁ ଜାତି କେଉଁ ବିଷୟ କେତେଦୂର ଚିନ୍ତା କରିଥିଲେ ତାର ପ୍ରମାଣ ସାହିତ୍ୟରୁ ମିଳିବ ।

ଉନ୍ନତି ଦୁଇପ୍ରକାର, ଯଥା—ବୈଷୟିକ ଉନ୍ନତି ଓ ଆଧ୍ୟାତ୍ମିକ ଉନ୍ନତି । କେଉଁ ଜାତି ଉନ୍ନତିର କେଉଁ ମାର୍ଗରେ କେତେଦୂର ଅଗ୍ରସର ହୋଇଥିଲା, ତାହା ମଧ୍ୟ ସାହିତ୍ୟ ଦେଖି ପରିମାପ କରାଯାଇପାରେ ।

ସଙ୍ଗୀତ ସାହିତ୍ୟର ଗୋଟିଏ ପ୍ରଧାନ ଅଙ୍ଗ । କବି ସେକ୍‌ସପିଅର କହିଛନ୍ତି ଏବଂ କାଳିଦାସ ମଧ୍ୟ ଗାଇଛନ୍ତି ଯେ-ସଙ୍ଗୀତସାହିତ୍ୟରସାନଭିଜ୍ଞ ସାକ୍ଷାତ୍ ପଶୁ, ପୁଚ୍ଛବିଷାଣହୀନଃ ଇତ୍ୟାଦି । ସଙ୍ଗୀତସାହିତ୍ୟ ନୈଶ୍ଚିନ୍ତ୍ୟସାପେକ୍ଷ । ଜାତି ଯେତେବେଳେ ନିଶ୍ଚିନ୍ତ ଅବସ୍ଥାରେ ଥାଏ, ଉଦରଜ୍ୱାଳାରେ ପ୍ରପୀଡ଼ିତ ନ ହୋଇ ସୁଖଶାନ୍ତିରେ କାଳଯାପନ କରୁଥାଏ, ତେତେବେଳେ ସଙ୍ଗୀତସ୍ରୋତ ପ୍ରଖରଭାବରେ ପ୍ରବାହିତ ହୁଏ । ବ୍ୟକ୍ତିଗତ ଜୀବନରେ ଏହି ସତ୍ୟ ପ୍ରତ୍ୟକ୍ଷ ପ୍ରମାଣିତ ହେଉଅଛି । ଆମ ଦେଶରେ ଗୋଟାଏ ଢଗ ଅଛି "ମନଫୁଲ୍ଲଣା ଗୀତ ଗାଏ" । କଥାଟା ଢଗ ହୋଇପାରେ; ମାତ୍ର ଏ ପଦକରେ ନିଗୂଢ଼ ସତ୍ୟ ନିହିତ ଅଛି । ସଙ୍ଗୀତ ମାନବର କି ପ୍ରକାର ମାନସିକ ଅବସ୍ଥାରେ ଉତ୍ପତ୍ତି ହୁଏ, ଏ ତତ୍ତ୍ୱ ବୁଝାଇବା ଲାଗି ଅନେକ ବୈଜ୍ଞାନିକ ଅନେକ ମତ ପ୍ରକାଶ କରିଅଛନ୍ତି ବା କରୁଅଛନ୍ତି । ମାତ୍ର ଏ ସମସ୍ତ ବୈଜ୍ଞାନିକ ତତ୍ତ୍ୱାଲୋଚନାର ସାରମର୍ମ ଏ ଢଗ ପଦକରୁ ଜଣାପଡ଼ୁଛି । ବାସ୍ତବିକ ମନ ପ୍ରଫୁଲ୍ଲ ନଥିଲେ ସଙ୍ଗୀତ ବାହାରିବ ନାହିଁ । ମନ ଯେତେବେଳେ ଆନନ୍ଦ-ସାଗରରେ ଭାସମାନ, ତେତେବେଳେ ସ୍ୱତଃ ପ୍ରତିରୋଧ ସଙ୍ଗୀତ ବାହାରିପଡ଼େ । ସୁତରାଂ କଥାଟାକୁ ଢଗ ବୋଲି ଉଡ଼ାଇଦେଲେ ଚଳିବ ନାହିଁ । ଢଗ ମଧ୍ୟ ଗୋଟିଏ ପ୍ରକାରର ସାହିତ୍ୟ । ସେଗୁଡ଼ିକରେ ଅନେକ ନୀତି ଅଛି, ଉପଦେଶ ଅଛି, ଉପମା ଅଛି ଏବଂ ସତ୍ୟ ଅଛି । ଏହିପରି ଢଗ ବହୁ ପ୍ରାଚୀନକାଳରୁ ଉତ୍କଳରେ ଚଳିଆସୁଅଛି । ଢଗଗୁଡ଼ିକର ଭାଷା ସରଳ ଅଥଚ ଭାବଗର୍ଭିତ । ବୋଧହୁଏ ଲିଖିତ ସାହିତ୍ୟ ସୃଷ୍ଟି ହେବା ପୂର୍ବେ ଏ ଢଗଢ଼ମାଳିଗୁଡ଼ିକ କଥିତଭାଷାରେ ପ୍ରଚଳିତ ଥିଲା । ଲୋକେ ଶୁଣି ଶୁଣି ମୁଖସ୍ଥ କରି ଆବଶ୍ୟକ ସମୟରେ ଆବୃତ୍ତି କରୁଥିଲେ । ବିଜ୍ଞ ବ୍ୟକ୍ତିମାନେ ତଦାନୀନ୍ତନ ଲୋକସାଧାରଣ-ବୋଧଗମ୍ୟ ହେବାଭଳି ଭାଷାରେ ଗୂଢ଼ତତ୍ତ୍ୱଗୁଡ଼ିକ ପ୍ରକାଶ କରି ଦେଇଥିଲେ । ଏହିପରି ଅସଂଖ୍ୟ ଢଗ ଉତ୍କଳର ଘରେ ଘରେ ଶୁଣିବାକୁ ପାଇବେ । ଏସବୁ ନିରର୍ଥକ ନୁହେଁ; ଏ ଗୋଟିଏ ସ୍ୱତନ୍ତ୍ର ସାହିତ୍ୟ ।

ଓଡ଼ିଆ ଜାତିର ପ୍ରାଚୀନତ୍ୱ ଅଛି, ଓଡ଼ିଆ ସାହିତ୍ୟର ପ୍ରାଚୀନତ୍ୱ ଅଛି; କେବଳ ପ୍ରାଚୀନତ୍ୱ କାହିଁକି, ସ୍ୱାତନ୍ତ୍ର୍ୟ ମଧ୍ୟ ଅଛି । ଓଡ଼ିଆ-ସାହିତ୍ୟ ସଂସ୍କୃତ-ସାହିତ୍ୟରୁ ଜନ୍ମ, ଅନ୍ୟ କୌଣସି ପ୍ରାଦେଶିକ ସାହିତ୍ୟ ସଂସ୍କୃତଭାଷାରୁ ଜନ୍ମ ହୋଇନାହିଁ । ପ୍ରାକୃତଭାଷା ଜନ୍ମ ହେବା ପୂର୍ବେ ସଂସ୍କୃତଭାଷା ଉତ୍କଳରେ ପ୍ରଚଳିତ ସାହିତ୍ୟିକ ଭାଷା ଥିଲା । ପ୍ରାଚୀନ ଉତ୍କଳର ସଂସ୍କୃତଚର୍ଚ୍ଚା ପ୍ରବନ୍ଧରେ ଏ ବିଷୟ ଆଲୋଚନା କରାଯାଇଅଛି । ସଂସ୍କୃତଭାଷା ସାଧାରଣ ଲୋକମାନଙ୍କର ବୋଧଗମ୍ୟ ନ ହେବାରୁ ତାହା କ୍ରମେ ବିକୃତାକାର ଧାରଣ କରୁ କରୁ ପ୍ରାଦେଶିକ ପ୍ରାକୃତଭାଷାରେ ପରିଣତ ହେଲା । ସାଧାରଣତଃ ଏକଭାଷାଭାଷୀ ଲୋକମାନେ ଏକତ୍ରାବେଶ କରିବା ହିଁ ସ୍ୱାଭାବିକ ନିୟମ । ଏହିହେତୁ ଗୋଟିଏ ଗୋଟିଏ ଦେଶ ବା ପ୍ରଦେଶରେ ଏକଭାଷାଭାଷୀ ବହୁସଂଖ୍ୟକ ଲୋକ ବାସ କରୁଥିବାର ଦେଖାଯାଏ ।

ସଂସ୍କୃତଚର୍ଚ୍ଚା ଊଣା ହୋଇଆସିବାରୁ ପ୍ରାକୃତ ଭାଷାମାନଙ୍କର ଉନ୍ନତ ହେଲା । ଓଡ଼ିଆ ସାହିତ୍ୟ ମଧ୍ୟ ଏହି ଦଶା ଭୋଗକରିଥିଲା ।

କୌଣସି କୌଣସି ବଙ୍ଗୀୟ ଲେଖକଙ୍କର ଧାରଣା ଯେ ଓଡ଼ିଆଭାଷା ବଙ୍ଗଭାଷାର ଗୋଟିଏ ବିକୃତ ଶାଖା ମାତ୍ର, ଏହା ସ୍ୱତନ୍ତ୍ର ଭାଷା ନୁହେ । ଆଜିକାଲି ଲେଖନୀର ସ୍ୱାତନ୍ତ୍ର୍ୟ ବୃଦ୍ଧି ହୋଇଛି । ଯାହାର ମନ ଯାହା ହେଲା ସେ ଗୁଡ଼ିଏ ଲେଖିଦେବାକୁ ମନାକରୁଛି କିଏ ? ମାତ୍ର ଏପରି ଭିତ୍ତିବାଦ ନିତାନ୍ତ ଅମୂଳକ । ବଙ୍ଗଭାଷା ତୁଳନାରେ ଓଡ଼ିଆଭାଷା ଅତୀବ ପ୍ରାଚୀନ । ବଙ୍ଗଭାଷା ସ୍ୱତନ୍ତ୍ର ଭାଷା ନୁହେ । ଓଡ଼ିଆ ବଙ୍ଗଭାଷାର ଅଙ୍ଗ ହେଲା କପରି ? ଧନ୍ୟ ଲେଖକଙ୍କ କଳ୍ପନାଶକ୍ତି !

ବଙ୍ଗଭାଷାର ଉତ୍ପତ୍ତି କେବେ ଏବଂ କେଉଁଠାରୁ ? ବଙ୍ଗ ବୋଲି ସ୍ୱତନ୍ତ୍ର ନାମ ହେଲା କେବେ ? "ବଙ୍ଗ ଭାଷା ଓ ସାହିତ୍ୟ" ନାମକ ପୁସ୍ତକର ୨୨୧ ପୃଷ୍ଠା ଦେଖିଲେ ଏସବୁ ପ୍ରଶ୍ନର ସହଜ ଉତ୍ତର ମିଳିବ ।

ପଞ୍ଚଗୌଡ଼ ମଧ୍ୟରେ ଉତ୍କଳର ସ୍ଥାନ ଥିଲା, ଯଥା—ସାରସ୍ୱତ, କାନ୍ୟକୁବ୍ଜ, ଗୌଡ଼, ମିଥିଳା, ଉତ୍କଳ । ମିଥିଳା ବଙ୍ଗଦେଶର ଶ୍ରେଷ୍ଠ ଶିକ୍ଷକ, ମିଥିଳାର ଭାଷା ବ୍ରଜବୋଲି, ମିଥିଳା ସଂସ୍କୃତ ଟୋଲ ନବଦ୍ୱୀପର ଶିକ୍ଷାଗୁରୁ । ମିଥିଳାର ଅକ୍ଷର 'ତିରୁଟ' ଏବଂ ଏହି ଅକ୍ଷର ବଙ୍ଗଳାରେ ଗୃହୀତ ହେଲା । ମିଥିଳା ପରେ 'କାନ୍ୟକୁବ୍ଜ' ବଙ୍ଗର ଶିକ୍ଷାଗୁରୁ । ପାଞ୍ଚାଳୀ ଗୀତ ପାଞ୍ଚାଳ ଦେଶରେ ରଚିତ । ଏହି ଗୀତ ଆଦର୍ଶରେ ପ୍ରଥମେ ବଙ୍ଗଦେଶରେ ଗୀତ ରଚିତ ହୋଇଥିଲା । ପ୍ରାଚୀନ ବଙ୍ଗ ସାହିତ୍ୟ ଆଲୋଚନା କଲେ ଜଣାଯାଏ ହିନ୍ଦୁସ୍ଥାନୀ, ମୈଥିଳୀ ଭାଷାରୁ ବଙ୍ଗଭାଷାର ଉତ୍ପତ୍ତି । ଅନେକ ଓଡ଼ିଆ ଶବ୍ଦ ସହିତ ବଙ୍ଗଭାଷାର ସାମ୍ୟ ଅଛି । ମୋଗଲମାନଙ୍କ ଅମଳରୁ ପ୍ରଥମେ ବଙ୍ଗଳା ବୋଲି ସ୍ୱତନ୍ତ୍ର ନାମକରଣ ହେଲା । ବିଦ୍ୟାପତି ଜଣେ ମୈଥିଳୀ ପଣ୍ଡିତ ଥିଲେ । ରମେଶ ଦତ୍ତ ମହାଶୟଙ୍କ "ବଙ୍ଗ ସାହିତ୍ୟ" ନାମକ ପୁସ୍ତକରୁ ଜଣାଯାଏ ଯେ ଚଣ୍ଡୀଦାସ ଓ ବିଦ୍ୟାପତି ପ୍ରଥମେ ଚତୁର୍ଦ୍ଦଶ ଶତାବ୍ଦୀରେ ସାହିତ୍ୟ ଲେଖିଥିଲେ । ସୁତରାଂ ବଙ୍ଗ-ସାହିତ୍ୟ ସେ ଦିନର ଓଡ଼ିଆ-ସାହିତ୍ୟ ପରି ପ୍ରାଚୀନ ନୁହେଁ ।

କେତେକ ବଙ୍ଗାଳୀମାନଙ୍କର ଧାରଣା ଯେ ସେମାନଙ୍କ ଲାଗି ଓଡ଼ିଆ ସାହିତ୍ୟର ଉନ୍ନତ ହେଲା । ସେମାନେ କହନ୍ତି—ଗୌରିଶଙ୍କର, ରାଧାନାଥ ପ୍ରଭୃତିଙ୍କ ଲାଗି ଓଡ଼ିଆ ସାହିତ୍ୟ ଅଛି, ନଚେତ୍ ମରିଯାଇଥାନ୍ତା । ଅବଶ୍ୟ ଯେଉଁ ଦୁଇ ଜଣଙ୍କ ନାମୋଲ୍ଲେଖ କଲି ସେମାନଙ୍କ ନିକଟରେ ଆଧୁନିକ ଓଡ଼ିଆ ସାହିତ୍ୟ ଋଣୀ, ମାତ୍ର ସେ ମହାତ୍ମାମାନଙ୍କର ଜନ୍ମର ବହୁକାଳ ପୂର୍ବରୁ ପ୍ରାଚୀନ ଓଡ଼ିଆ ସାହିତ୍ୟ ବହୁତ ଉନ୍ନତ କରିଥିଲା । ବର୍ତ୍ତମାନ ଓଡ଼ିଆ ସାହିତ୍ୟ ଉନ୍ନତ ପଥରେ ଗତି କରୁଛି କି ଅବନତ ପଥରେ ଗତି କରୁଛି, ତାହା ସ୍ୱତନ୍ତ୍ର ବିଷୟ । ସେ ବିଷୟ ଆଲୋଚନାବେଳେ ଏ କଥା ସ୍ଥିର କରାଯିବ । ହେଲା, ଦୁ'ଚାରି ଜଣ ବଙ୍ଗାଳୀ ଓଡ଼ିଆଭାଷାରେ ସାହିତ୍ୟ ଲେଖି କୃତିତ୍ୱ ଦେଖାଇଛନ୍ତି, ଏଥିଲାଗି ବ୍ୟଙ୍ଗବିଦ୍ରୂପ ସ୍ୱଭାବରେ

ଓଡ଼ିଆଭାଷାକୁ ଦେଖି କି କୃତଜ୍ଞ ମିଳିବ । ଏପରି ଦେଖିଲେ କ'ଣ ଓଡ଼ିଆ ବଙ୍ଗଭାଷାର କିଛି ଉପକାର କରିନାହାନ୍ତି ? ବଙ୍ଗଳାର ପ୍ରଥମ ଗୀତ ଲେଖକ ଗୋପାଳ ଭଣ୍ଡ । ସେ ଜଣେ କରଣ । ତାଙ୍କର ଘର ଯାଜପୁରରେ । ବଙ୍ଗଳାରେ ଗାନ ଓ ଅନ୍ୟାନ୍ୟ ବଙ୍ଗଳା ପୁସ୍ତକର ଦ୍ରଷ୍ଟବ୍ୟରେ ଆଜି ପର୍ଯ୍ୟନ୍ତ ତାହାଙ୍କ ନାମ "ଗୋପାଳ ଉଡ଼େ" ରହିଛି । ଆଜି ଗୋପାଳ ଓଡ଼ିଆର କାହାଣୀ ବଙ୍ଗଳାର ଘରେ ଘରେ ପ୍ରଚଳିତ । ବଙ୍ଗବାସୀ ମାତ୍ରକେ ଗୋପାଳର ଟପ୍‌ପା, କାହାଣୀ, କଥା ଶୁଣିବାକୁ ଉତ୍କଣ୍ଠିତ ହୁଅନ୍ତି ଏବଂ ଶୁଣି ଆନନ୍ଦ ଅନୁଭବ କରନ୍ତି । ଗୋପାଳ ରାଜା କୃଷ୍ଣଚନ୍ଦ୍ରଙ୍କ ସଭାରେ ବିଶେଷ ଖ୍ୟାତି ଓ ପ୍ରତିପତ୍ତି ଲାଭ କରିଥିଲେ । ସେ ୧୭୧୦ ଖ୍ରୀଷ୍ଟାବ୍ଦରେ ବଙ୍ଗଭାଷାରେ ନାଟ୍ୟ ଗୀତ ରଚନା କରିଥିଲେ ।

"ରସିକମଙ୍ଗଳ" ବୋଲି ବଙ୍ଗଭାଷାରେ ଖଣ୍ଡିଏ ପୁସ୍ତକ ଅଛି । ଏ ପୁସ୍ତକର ରଚୟିତା ଗୋପୀବଲ୍ଲଭ ଦାସ । ସେ ଜଣେ ଓଡ଼ିଶାବାସୀ ଓଡ଼ିଆ ଥିଲେ । କବି ସଦାନନ୍ଦ ଜଣେ ଓଡ଼ିଆ ଥିଲେ । ସେ ବଙ୍ଗଭାଷାରେ ଅନେକ ପୁସ୍ତକ ରଚନା କରିଥିଲେ ।

ସର୍ବୋପରି ଶ୍ରୀଚୈତନ୍ୟଦେବ ସାହିତ୍ୟ କ୍ଷେତ୍ରରେ ସୁପରିଚିତ ଓ ସୁବିଖ୍ୟାତ । ଶ୍ରୀଚୈତନ୍ୟଙ୍କ ଯୁଗ ସାହିତ୍ୟର ଗୋଟିଏ ପ୍ରଧାନ ଯୁଗ । "ଚୈତନ୍ୟଚନ୍ଦ୍ରୋଦୟ" ଦେଖି ଧର୍ମ୍ମ ସାହିତ୍ୟସମୁଦ୍ର ଉଚ୍ଛୁଳି ଉଠିଥିଲା । ଏହି ଯୁଗରେ ନାନାପ୍ରକାର ଧର୍ମ୍ମ ସାହିତ୍ୟ ରଚିତ ହୋଇଥିଲା । ବଙ୍ଗ ସାହିତ୍ୟ ଏହି ଯୁଗରେ ନୂତନ ଆକାର ଧାରଣ କଲା ଏବଂ କ୍ରମେ ପରିପୁଷ୍ଟ ହେଲା । ପାଠକେ ଜାଣନ୍ତି କି, ଏ ମହାତ୍ମା କିଏ ? ଏ ଜଣେ ଉତ୍କଳୀୟ ଥିଲେ । ଶ୍ରୀଚୈତନ୍ୟଦେବ ଉତ୍କଳରେ ଜନ୍ମଗ୍ରହଣ କରି ନ ଥିଲେ ସତ, ମାତ୍ର ସେ ଜଣେ ଓଡ଼ିଆ ସନ୍ତାନ ଥିଲେ ଏବଂ ତାଙ୍କ ଲୀଳାଖେଳା ଏହି ଉତ୍କଳ ବକ୍ଷରେ ସାଙ୍ଗହୋଇଥିଲା । ଶ୍ରୀଚୈତନ୍ୟଦେବଙ୍କ ବଂଶାବଳୀ ନିମ୍ନରେ ଦିଆଗଲା ।

- ମଧୁକର ମିଶ୍ର
  - କାର୍ତ୍ତିଦ ମିଶ୍ର
  - ରଙ୍ଗଦ ମିଶ୍ର
  - ଉପେନ୍ଦ୍ର ମିଶ୍ର
    - କଂସାରି ମିଶ୍ର
    - ପରମାନନ୍ଦ ମିଶ୍ର
      - ଗଙ୍ଗା ଦାସ
        - ଗଙ୍ଗାଧର
          - ହରିନାଥ ବିଦ୍ୟାଭୂଷଣ
      - ବିଷ୍ଣୁ ଦାସ
        - ମଧୁରେଶ ଦାସ
          - ରୂପେଶ୍ୱର ପଞ୍ଚାନନ
            - ଶିବରାମ ସାର୍ବଭୌମ
    - ଜଗନ୍ନାଥ ମିଶ୍ର
      - ବିଶ୍ୱରୂପ
      - ବିଶ୍ୱମ୍ଭର (ଚୈତନ୍ୟ)
  - କୃତ୍ତିବାସ ମିଶ୍ର

ଶ୍ରୀଚୈତନ୍ୟଦେବଙ୍କ ପୂର୍ବପୁରୁଷ ଓଡ଼ିଶା ଅନ୍ତର୍ଗତ ଯାଜପୁରବାସୀ ଓଡ଼ିଆ ବ୍ରାହ୍ମଣ ଥିଲେ । ତଦାନୀନ୍ତନ ଉତ୍କଳ ରାଜା କପିଳେନ୍ଦ୍ରଦେବଙ୍କ ରାଜତ୍ୱ ସମୟରେ ଜଗନ୍ନାଥ ମିଶ୍ରଙ୍କ ପୂର୍ବପୁରୁଷଙ୍କର ରାଜାଙ୍କ ସହିତ ମନୋମାଳିନ୍ୟ ଘଟିବାରୁ ରାଜା ତାଙ୍କୁ ଓଡ଼ିଶାରୁ ବାହାର କରିଦେଲେ ଏବଂ ସେ ଯାଇ ଶ୍ରୀହଟ୍ଟ ଜିଲ୍ଲାରେ ବାସକଲେ । କପିଳେନ୍ଦ୍ରଦେବଙ୍କର ଅପର ନାମ ଭ୍ରମରଦେବ ଥିଲା । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେବ ଯେ ଶ୍ରୀଚୈତନ୍ୟଦେବ :ବଙ୍ଗବାସୀ ଓଡ଼ିଆ ଥିଲେ । ଶ୍ରୀଚୈତନ୍ୟଦେବ ଧର୍ମ-ସାହିତ୍ୟ ଜଗତରେ ଯେଉଁ ଯୁଗାନ୍ତର ଘଟାଇଛନ୍ତି, ତାହା ଉତ୍କଳ ପକ୍ଷରେ ଗୌରବର ବିଷୟ ।

ଏ ସମସ୍ତ ଦୃଷ୍ଟାନ୍ତରୁ ବଙ୍ଗ ସାହିତ୍ୟ ଓଡ଼ିଆମାନଙ୍କଠାରେ କେତେ ଦୂର ଋଣୀ ତାହା ସ୍ପଷ୍ଟ ଜଣାଯିବ । ଏ ସମସ୍ତ ପ୍ରମାଣ ଶ୍ରୀ ଦୀନେଶଚନ୍ଦ୍ର ସେନ୍‌ଙ୍କ "ବଙ୍ଗଭାଷା ଓ ସାହିତ୍ୟ" ନାମକ ପୁସ୍ତକରେ ଦେଖାଯିବ । (୨୪୯, ୨୬୪, ୨୮୦, ୩୪୨, ୩୬୮ ଓ ୫୩୩ ପୃଷ୍ଠା ଦେଖ ) ।

ପ୍ରାଚୀନ ଓଡ଼ିଆ ସାହିତ୍ୟ ବିଷୟ ଆଲୋଚନା କରାଯାଉ । ପ୍ରତ୍ୟେକ ଜାତୀୟ ସାହିତ୍ୟର ଇତିହାସ ଆଲୋଚନା କଲେ ଜଣାଯିବ ଯେ ସାହିତ୍ୟର ପ୍ରଥମ ସ୍ତର ଅନୁବାଦ । ଜାତି ସମକ୍ଷରେ ଯେଉଁ ଉଚ୍ଚଦର ସାହିତ୍ୟ ଥାଏ, ତାକୁ ସାଧାରଣ ଲୋକମାନଙ୍କ ବୋଧ୍ୟ ହେବା ଭଳି ପ୍ରାକୃତ ଭାଷାରେ ଅନୁବାଦ କରାଯାଏ । ପ୍ରାଚୀନ ଓଡ଼ିଆ ସାହିତ୍ୟ ମଧ୍ୟ ଏହି ସ୍ତର ଦେଇ ଗତିକରିଥିବାର ଦେଖାଯାଏ । ଓଡ଼ିଆ ଜାତି ସମକ୍ଷରେ ସଂସ୍କୃତ ଆଦର୍ଶ ସାହିତ୍ୟ ଥିଲା । ସଂସ୍କୃତଭାଷା ଲୋକସାଧାରଣରେ ଅବୋଧ୍ୟ ହେବାରୁ ବିଷୟଗୁଡ଼ିକ ପ୍ରାକୃତ ଭାଷାରେ ଅନୁବାଦିତ ହେଲା । ରାମାୟଣ, ମହାଭାରତ, ପୁରାଣ, ଉପପୁରାଣ, ତନ୍ତ୍ରଶାସ୍ତ୍ର, ଜ୍ୟୋତିଷଶାସ୍ତ୍ର ପ୍ରଭୃତି କଠିନ କଠିନ ସଂସ୍କୃତ ଗ୍ରନ୍ଥମାନ ଓଡ଼ିଆଭାଷାରେ ଅନୁବାଦିତ ହୋଇଥିବାର ଦେଖାଯାଏ । ଅନୁବାଦ ଅର୍ଥ ଭାଷାନ୍ତର; କିନ୍ତୁ ଅନୁବାଦ ନିତାନ୍ତ ସହଜ ବୋଲି ମନେ କରିବା ଉଚିତ ନୁହେ । ଅନୁବାଦ କରିବା ଲାଗି ବିଦ୍ୟା, ବୁଦ୍ଧି ଓ ଭାଷାଜ୍ଞାନରେ ଦକ୍ଷତା ଥିବା ଆବଶ୍ୟକ । ନଚେତ୍, ଅନୁବାଦ ବିଫଳ ହେବ । ଯେପରି ସେପରି ଭାଷାନ୍ତର କରିଦେଲେ ଚଳିବ ନାହିଁ । ଶକ୍ତିଶାଳୀ ଅନୁବାଦକର ଅନୁବାଦ ଭାଷାନ୍ତର ବୋଲି ଜଣାଯିବ ନାହିଁ; ବରଂ ଦେଖିଲେ ମୌଳିକ ଲେଖାପରି ପ୍ରତୀତ ହେବ । ପୁନଶ୍ଚ ଗଦ୍ୟାନୁବାଦ କରିବାକୁ ହେଲେ କେତେଗୁଡ଼ିଏ ନିୟମ ମଧ୍ୟରେ ଆବଦ୍ଧ ରହି ଅନୁବାଦ କରିବାକୁ ହେବ । ପଦ୍ୟାନୁବାଦ ହେଉ ବା ଗଦ୍ୟାନୁବାଦ ହେଉ, କେତେଗୁଡ଼ିଏ ସାଧାରଣ ବିଷୟ ପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ କରିବାକୁ ହେବ; ଯଥା—ଭାଷା ସରଳ, ସୁଲଳିତ ଓ ସୁବୋଧ୍ୟ ହେବ ଏବଂ ଭାବଗର୍ଭକ ହେବ ।

ପ୍ରାଚୀନ ଉତ୍କଳସାହିତ୍ୟ ଭଣ୍ଡାରର ଅଧିକାଂଶ ପଦ୍ୟସାହିତ୍ୟରେ ପରିପୂର୍ଣ୍ଣ । ଗଦ୍ୟସାହିତ୍ୟ କ୍ୱଚିତ୍ ଦେଖାଯାଏ । ପ୍ରାଚୀନ ପଦ୍ୟସାହିତ୍ୟରେ କଳାକୁଶଳତା ଦେଖାଯାଏ ।

ପ୍ରାଚୀନ ଓଡ଼ିଆ ସାହିତ୍ୟିକମାନେ କେବଳ ଭାଷା ଓ ଭାବ ଉପରେ ଦୃଷ୍ଟି ନ ରଖି ସାହିତ୍ୟରେ ଶିଳ୍ପନୈପୁଣ୍ୟ ଦେଖାଇ ଯାଇଛନ୍ତି । ଛାନ୍ଦଲେଖା ପ୍ରାଚୀନ ଉତ୍କଳ ସାହିତ୍ୟର ଗୋଟିଏ ବିଶେଷତ୍ୱ । ଏ ବିଶେଷତ୍ୱ ଅନ୍ୟ କୌଣସି ସାହିତ୍ୟରେ ଦେଖାଯାଏ ନାହିଁ । ବୈଦେହୀଶ-ବିଳାସ, କୋଟିବ୍ରହ୍ମାଣ୍ଡସୁନ୍ଦରୀ, ବିଦଗ୍ଧଚିନ୍ତାମଣି, ରସକଲ୍ଲୋଳ ପରି ଗ୍ରନ୍ଥ ଅନ୍ୟ କୌଣସି ସାହିତ୍ୟରେ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅଳଙ୍କାରଶାସ୍ତ୍ରର ଯେତେଗୁଡ଼ିଏ ନିୟମ ଅଛି, ପ୍ରାଚୀନ କବି ସେସମସ୍ତ ରକ୍ଷାକରି ଓଡ଼ିଆ ସାହିତ୍ୟକୁ ପରିପୁଷ୍ଟ କରିଥିଲେ । ନାନା ରାଗରାଗିଣୀ, ଛାନ୍ଦ, ବୃତ୍ତ, ବାଣୀ, ଯମକ, ଅନୁପ୍ରାସ ଇତ୍ୟାଦିରେ ପ୍ରାଚୀନ ସାହିତ୍ୟ ଅଳଂକୃତ । କବିଚନ୍ଦ୍ର ଉପେନ୍ଦ୍ର ଭଞ୍ଜ "ଅବନାରସତରଙ୍ଗ" ନାମକ ପୁସ୍ତକ ଲେଖି-ଯାଇଛନ୍ତି । ପୁସ୍ତକଟି ନିତାନ୍ତ କ୍ଷୁଦ୍ର ନୁହେଁ; ମାତ୍ର ସମସ୍ତ ଲେଖାରେ ବନା ନାହିଁ । ଏ ନିୟମ ରକ୍ଷାକରି ଗୋଟିଏ ଏତାଦୃଶ ପୁସ୍ତକ ଲେଖିବା କି ସହଜ କଥା ! "ବୈଦେହୀଶବିଳାସ"ରେ 'ବ' ନିୟମ ରକ୍ଷିତ ହୋଇଛି । ପ୍ରତ୍ୟେକ ପଦ 'ବ' ଅକ୍ଷରଯୁକ୍ତ ଶବ୍ଦ ଥାଇ ଆରମ୍ଭ, ପ୍ରତ୍ୟେକ ଛାନ୍ଦ ଯେତେ ପଦରେ ଶେଷ ହୋଇଛି ସେ ସଂଖ୍ୟା ମଧ୍ୟ 'ବ' ଅକ୍ଷରଯୁକ୍ତ; ଯଥା— ବାଇଶି, ବତିଶ, ବୟାଳିଶ, ବାଉନ, ବାଷଠି, ବାସ୍ତରି, ବୟାଅଶୀ, ବୟାନବେ ଇତ୍ୟାଦି । ଏ ମଧ୍ୟ ସହଜ କଥା ନୁହେ । ଏଥିରୁ ଶବ୍ଦକୋଷ ଉପରେ କବିଙ୍କର କି ଆଧିପତ୍ୟ ଥିଲା, ତାହା ସ୍ପଷ୍ଟ ପ୍ରମାଣିତ ହେଉ ନାହିଁ କି ?

ଭଞ୍ଜ ମହାଶୟଙ୍କର "କଳାକଉତୁକ" ନାମରେ ଖଣ୍ଡିଏ କ୍ଷୁଦ୍ର ପୁସ୍ତକ ଅଛି । ପୁସ୍ତକର ଶିରୋନାମାରୁ ଜଣାଯିବ ଯେ ପୁସ୍ତକଟି ଆମୂଳ 'କ' ନିୟମରେ ଲେଖାହୋଇଛି । ଉପରୋକ୍ତ ନାମରେ ତିନିଗୋଟି 'କ' ବ୍ୟବହୃତ ହୋଇଛି, ଯଥା—ଆଦ୍ୟରେ 'କ', ମଧ୍ୟରେ 'କ' ଏବଂ ପ୍ରାନ୍ତରେ 'କ' । ସମସ୍ତ ପୁସ୍ତକଟିରେ ପଦମାନ ଏହି ନିୟମରେ ଲେଖାଯାଇଛି ।

ଭଞ୍ଜ ମହାଶୟଙ୍କର "ଚିତ୍ରକାବ୍ୟବନ୍ଧୋଦୟ" ନାମକ ପୁସ୍ତକରେ ସେ କଳା-କୁଶଳତାର ପରାକାଷ୍ଠା ଦେଖାଇ ଯାଇଛନ୍ତି । ଭଞ୍ଜ ମହାଶୟଙ୍କ କବିତା ଏକରୁ ଅନ୍ୟ ଅଧିକ, ମାତ୍ର ସମସ୍ତ କବିତା ସରସ ।

କବି ଅଭିମନ୍ୟୁ ସାମନ୍ତସିଂହାର ଜଣେ ଉଚ୍ଚଦରର ସାହିତ୍ୟିକ ଥିଲେ । କଠିଣ ଭାବାବଳି କିପରି ସୁଲଳିତ, ପ୍ରାଣସ୍ପର୍ଶୀ ଭାଷାରେ ପ୍ରକାଶ କରାଯାଇପାରେ, ସାମନ୍ତସିଂହାର "ବିଦଗ୍ଧଚିନ୍ତାମଣି"ରେ ତାହା ଦେଖାଇ ଯାଇଛନ୍ତି । ବିଦଗ୍ଧଚିନ୍ତାମଣିର ଭାଷା ଅତି ଉନ୍ନତ । ଭାଷା ଉନ୍ନତ ହୁଏ କେବେ ? ଯେତେବେଳେ ଭାଷା ସକଳ ପ୍ରକାର ଭାବ ପ୍ରକାଶ କରିବାକୁ ସକ୍ଷମ ହୁଏ, ସେତେବେଳେ ହିଁ ଭାଷାର ଉନ୍ନତ ଅବସ୍ଥା । ପଦ ଯୋଡ଼ି କବି ହେବା ସହଜ, ମାତ୍ର ପ୍ରାଣସ୍ପର୍ଶୀ ଭାଷାଦ୍ୱାରା ଭାବ ବ୍ୟକ୍ତ କରିବା ସହଜ ନୁହେ । କବି ହେବା ସମସ୍ତଙ୍କ ଭାଗ୍ୟରେ ଘଟେ ନାହିଁ । କବିତା ଲେଖିବା ଶକ୍ତି ଐଶୀଶକ୍ତି । ସେ ଶକ୍ତି ଯାହାଠାରେ ଥାଏ,

ତାର କବିତା ଶୁଣିବାମାତ୍ରେ ହୃଦୟର ପ୍ରତ୍ୟେକ ତନ୍ତ୍ରୀ ଝଙ୍କାରିତ ହୁଏ । କବିତାଦ୍ୱାରା ଈଶ୍ବର ମୁଗ୍ଧ ହୁଅନ୍ତି, "ଅନ୍ୟ ପରେ କା କଥା" । ସାମନ୍ତସିଂହାରଙ୍କଠାରେ ଏହି ଯୌଗିଶକ୍ତି ଥିଲା, ନଚେତ୍ ତାଙ୍କ କବିତା ପ୍ରାଣସ୍ପର୍ଶୀ ହୋଇ ନଥାନ୍ତା । "ବିଦଗ୍ଧଚିନ୍ତାମଣି"ରେ ସ୍ୱତଃ ମନେହୁଏ କବି ଶିଳାକୁ ତୁଳାରେ ପରିଣତ କରିଛନ୍ତି କି ?

"ରସକଲ୍ଲୋଳ" ଭାଷା ଅତି ସରଳ ଏବଂ ଭାବ ମଧ୍ୟ ସ୍ପଷ୍ଟଭାବରେ ବ୍ୟକ୍ତ କରାଯାଇଛି ।

'ଭାଗବତ ବୃତ୍ତି' ଓଡ଼ିଆ ସାହିତ୍ୟର ଗୋଟିଏ ବିଶେଷତ୍ୱ । ବୃତ୍ତିଟି ନ-ଅକ୍ଷରୀ । ଏ ବୃତ୍ତି ଭକ୍ତଶିରୋମଣି ଜଗନ୍ନାଥ ଦାସଙ୍କଠାରୁ ଆରମ୍ଭ । ଏ ମହାତ୍ମା ସମସ୍ତ "ଭାଗବତ" ଗ୍ରନ୍ଥକୁ ଭାଷାରେ ପ୍ରକାଶ କରି ଉତ୍କଳର ଭୂରି ଭୂରି ଉପକାର କରିଯାଇଛନ୍ତି । ଭାଗବତ ପରି କଠିଣ ସଂସ୍କୃତ ଗ୍ରନ୍ଥ ଭାଷାରେ ପ୍ରକାଶିତ ହୋଇ ନଥିଲେ ଲୋକସାଧାରଣ ଭାଗବତପାଠରୁ ବଞ୍ଚିତ ହୋଇଥାନ୍ତେ । ଭାଗବତର ଭାଷା ଯେମନ୍ତ ସରଳ, ଭାବଗୁଡ଼ିକ ସେହିପରି ସୁସ୍ପଷ୍ଟ ଭାବରେ ବ୍ୟକ୍ତ କରାଯାଇଛି । ସାରଳାଦାସ ମହାଭାରତକୁ ପଦ୍ୟରେ ଲେଖିଯାଇଛନ୍ତି । ବଳରାମ ଦାସ ରାମାୟଣ ଓ ଭଗବଦ୍‌ଗୀତାକୁ ପଦ୍ୟରେ ପ୍ରକାଶ କରିଯାଇଛନ୍ତି । ପ୍ରାଚୀନ ଉତ୍କଳ ସାହିତ୍ୟ ଲେଖକ ପ୍ରାୟ ସମସ୍ତ କବିମାନେ ପଦ୍ୟର ଆଶ୍ରୟ ନେଇଥିବାର ଦେଖାଯାଏ । ପଦ୍ୟର ନାନା ଶାଖାପ୍ରଶାଖା ଅଛି, ମାତ୍ର ସ୍ଥୂଳତଃ ପ୍ରାଚୀନ ଓଡ଼ିଆ ସାହିତ୍ୟ ପଦ୍ୟରେ ସମଲଙ୍କୃତ । ଭିନ୍ନ ଭିନ୍ନ କବି ଭିନ୍ନ ଭିନ୍ନ ବିଷୟକୁ ଭିନ୍ନ ଭିନ୍ନ ରାଗ-ବୃତ୍ତିରେ ଲେଖିଛନ୍ତି । ମାତ୍ର ଆମ୍ଭେ ସମସ୍ତକୁ ପଦ୍ୟ ବୋଲି ଧରିନେଇଅଛୁଁ ।

ଏହି ପଦ୍ୟବହୁଳତା ଦେଖି ଜଣାଯାଏ ଯେ ପ୍ରାଚୀନ ଉତ୍କଳ ତେତେବେଳେ ସୁଖସ୍ୱାଚ୍ଛନ୍ଦ୍ୟରେ କାଳଯାପନ କରୁଥିଲା । ଗୀତ ଗାଇବା ସେ କାଳର ସାଧାରଣ ରୀତି ଥିଲା । ଲୋକେ ଗୀତରେ ଅନୁରକ୍ତ ଥିଲେ । ଗଦ୍ୟ ଅପେକ୍ଷା ଲୋକେ ତେତେବେଳେ ପଦ୍ୟକୁ ବେଶି ଆଦର କରୁଥିଲେ । ପଦ୍ୟ ସହଜରେ ମୁଖସ୍ଥ ହୋଇପାରେ ଏବଂ ଗୀତଦ୍ୱାରା ଭାବଟା ବେଶି ହୃଦୟସ୍ପର୍ଶୀ ହୁଏ । ବୋଧହୁଏ ଏହି କାରଣରୁ ପଦ୍ୟସାହିତ୍ୟ ପ୍ରାଚୀନ ଉତ୍କଳରେ ବିଶେଷ ଆଧିପତ୍ୟ ଲାଭ କରିଥିଲା ।

କେହି କେହି କହନ୍ତି, ପ୍ରାଚୀନ ଉତ୍କଳସାହିତ୍ୟ କେବଳ ଆଦିରସପୂର୍ଣ୍ଣ; ତାହା ବର୍ତ୍ତମାନ ଯୁଗର ପାଠୋପଯୋଗୀ ନୁହେ । ଅଶ୍ଳୀଳ ବର୍ଣ୍ଣନା ପ୍ରାଚୀନ ସାହିତ୍ୟରେ ପ୍ରଚୁର ପରିମାଣରେ ଦେଖାଯାଏ; ସୁତରାଂ ସେଗୁଡ଼ିକ ନବ୍ୟ ଶିକ୍ଷିତ ଯୁବକମାନଙ୍କର ପସନ୍ଦ ହୁଏ ନାହିଁ ।

ପ୍ରାଚୀନଉତ୍କଳ ସାହିତ୍ୟକୁଞ୍ଜର କୌଣସି କୌଣସି ପୁଷ୍ପ ଯଦି କଦାକାର ହୋଇଥାଏ, ତେବେ ସେ କୁଞ୍ଜଟିକୁ ଏକାବେଳକେ ପରିତ୍ୟାଗ କରିବା, ନା ଯେଉଁ ପୁଷ୍ପଗୁଡ଼ିକ ପସନ୍ଦ ନହେବ, ସେଗୁଡ଼ିକ କାଢ଼ିନେଇ ତାହା ସ୍ଥାନରେ ଅନ୍ୟ ମନୋରମ ପୁଷ୍ପ ସନ୍ନିବିଷ୍ଟ କରିବା ?

ମୋ ମତରେ ଶେଷକଥାଟି ବାଞ୍ଛନୀୟ । କିନ୍ତୁ ପ୍ରାଚୀନ ସାହିତ୍ୟର ସମାଲୋଚନା କଲାବେଳେ ଦେଶକାଳ-ପାତ୍ରର ବିବେଚନା ନିତାନ୍ତ ଆବଶ୍ୟକ । କୌଣସି ଏକ ନିର୍ଦ୍ଦିଷ୍ଟ ଗ୍ରନ୍ଥର ସମାଲୋଚନା କଲେ ଗ୍ରନ୍ଥକର୍ତ୍ତା କେଉଁ ସ୍ଥାନର ଏବଂ କେଉଁ ଯୁଗର ଲୋକ, ତହିଁପ୍ରତି ଦୃଷ୍ଟି ଦେବା ଆବଶ୍ୟକ । କବିଙ୍କ ପାରିପାର୍ଶ୍ୱିକ ଅବସ୍ଥା କିପରି ଥିଲା, ତହିଁର ବିଚାର ଆବଶ୍ୟକ । ଏ ସମସ୍ତ ତୁଳନାକରି ଦେଖିଲେ ପ୍ରାଚୀନ ଓଡ଼ିଆ ସାହିତ୍ୟରେ କୌଣସି ଶ୍ରୁତିକଟୁ ବିଷୟ ଥିଲାପରି ବୋଧ ହୁଏ ନାହିଁ । ଆଦିରସଘଟିତ ପଦ୍ୟ ବା ଲେଖା କେଉଁ ସାହିତ୍ୟରେ ନାହିଁ ? ବଙ୍ଗସାହିତ୍ୟ ଦେଖ, "ବିଦ୍ୟାସୁନ୍ଦର" କବିତା ଆଦିରସପୂର୍ଣ୍ଣ । ଇଂରେଜି ସାହିତ୍ୟ ଦେଖ, ସେହି କଥା ପାଇବ । ସାହିତ୍ୟ ସାମୟିକ ଭାବସ୍ରୋତକୁ ଅବଲମ୍ବନକରି ଲିଖିତ ହୁଏ । ଦେଶରେ ଯେଉଁ ରସାତ୍ମକ ଭାବ ଯେତେବେଳେ ପ୍ରାଧାନ୍ୟ ଲାଭକରେ, ସାହିତ୍ୟ ତେତେବେଳେ ସେହି ରସାତ୍ମକ ହୁଏ, ଏହାହିଁ ପ୍ରାକୃତିକ ନିୟମ । ବର୍ତ୍ତମାନ ଯେଉଁ ବିଷୟ ଆମ୍ଭମାନଙ୍କର ଦୃଷ୍ଟିକଟୁ ବା ଶ୍ରୁତିକଟୁ, ପୂର୍ବକାଳରେ ତାହା ସେପରି ନଥିଲା । ଭାବ ସେକାଳର; ମାତ୍ର ଆମ୍ଭମାନଙ୍କୁ ଏ ସମସ୍ତ ସାହିତ୍ୟକୁ ସାହିତ୍ୟ ସ୍ୱରୂପ ଦେଖିବାକୁ ହେବ । ଭାଷା କେତେଦୂର ଉନ୍ନତ ହୋଇଥିଲା, ଭାବ କେତେଦୂର ପରିସ୍ଫୁଟ ହୋଇଥିଲା, ଏଗୁଡ଼ିକ ଆମ୍ଭମାନଙ୍କର ଦ୍ରଷ୍ଟବ୍ୟ । ବିଷୟ ବର୍ଣ୍ଣନା କରିବାରେ କବିମାନେ କେତେଦୂର ସମର୍ଥ ହୋଇଥିଲେ ତାହା ମଧ୍ୟ ଦେଖିବାକୁ ହେବ । କେବଳ ଆଦିରସ କହି ପ୍ରାଚୀନ ସାହିତ୍ୟକୁ ତ୍ୟାଗକଲେ ଚଳିବ ନାହିଁ । ପ୍ରାଚୀନ ଉତ୍କଳ ସାହିତ୍ୟରେ କବିମାନେ ଯେଉଁ ଦକ୍ଷତା ଓ କଳାକୁଶଳତା ଦେଖାଇଛନ୍ତି, ସେଗୁଡ଼ିକ ଆମ୍ଭମାନଙ୍କର ଗର୍ବ କରିବାର ବିଷୟ । ଜାତୀୟ ଗୌରବ ଦେଖାଇବାକୁ ହେଲେ ସାହିତ୍ୟ ହିଁ ଜାତିର ପ୍ରଧାନ ବିଭବ ।

ସେ କାଳର କବିମାନେ ଆପଣା କୀର୍ତ୍ତି-ପତାକା ଉଡ଼ାଇ ନାମ କରିବାକୁ ପ୍ରୟାସୀ ନଥିଲେ । କେତେ କବି ଆତ୍ମପରିଚୟ ଦେଇ ନାହାନ୍ତି, କେତେ କବିଙ୍କର ନାମ, ଜାତି, ଗୋତ୍ର ଜାଣିବାର ଉପାୟ ନାହିଁ । କାରଣ ସେମାନେ ଯଶଲିପ୍ସୁ ନଥିଲେ । ଲୋକେ ସେମାନଙ୍କ ଲେଖା ପଢ଼ି ଆନନ୍ଦାନୁଭବ କଲେ ହେଲା । ସେମାନଙ୍କ ନାମରୁ କି ମିଳିବ, ଏହାହିଁ ସେମାନଙ୍କର ଧାରଣା ଥିଲା । ସେ କାଳରେ ଆଜିକାଲିପରି ସଭାସମିତି କରି କାହାରି ପ୍ରଶଂସା କରିବା କିମ୍ବା ଖବରକାଗଜରେ ଲେଖିବାର ପ୍ରଥା ନଥିଲା । ତେତେବେଳେ ପୃଥିବୀରେ ନୋବେଲ ପୁରସ୍କାର ପ୍ରତିଷ୍ଠିତ ହୋଇ ନଥିଲା । ଆଜି କବି ରବୀନ୍ଦ୍ର ଠାକୁର 'ଗୀତାଞ୍ଜଳି' ଲେଖି ଜଗଦ୍‌ବିଖ୍ୟାତ ହେଲେ ଏବଂ ନୋବେଲ୍ ପୁରସ୍କାର ପାଇଲେ । ମାତ୍ର, ପ୍ରାଚୀନ ଉତ୍କଳୀୟ କବିମାନେ 'ଗୀତାଞ୍ଜଳି'ଠାରୁ ଅଧିକ ଶ୍ରେଷ୍ଠ ଦରର କବିତା ଲେଖି ମଧ୍ୟ ଆଜି ସେମାନଙ୍କ ନାମ ସେହି ଅନ୍ଧକାର ମଧ୍ୟରେ ରହିଲା । ଆମ୍ଭେମାନେ ସେମାନଙ୍କର ସେହି ଅଯୋଗ୍ୟ ବଂଶଧର । ସେମାନଙ୍କ ଲେଖାରେ କି ବିଶେଷତ୍ୱ ଅଛି ତାହା ଜଗତକୁ ଦେଖାଇ ଆପଣା ଜାତୀୟ ଗୌରବ ରକ୍ଷା କରିବା ଦୂରେଥାଉ, ପ୍ରାଚୀନ ସାହିତ୍ୟ

ଆଦରସମ୍ପୂର୍ଣ୍ଣ ବୋଲି ସେଗୁଡ଼ିକ ପାଠକରିବାକୁ ଘୃଣା ବୋଧକଲେ । ହାୟ ! କି ପରିତାପର ବିଷୟ !

ପ୍ରାଚୀନ ଓଡ଼ିଆ ସାହିତ୍ୟର ଅଧିକାଂଶ ଲେଖା "ରାଧାକୃଷ୍ଣ" ଚରିତ ଅବଲମ୍ବନରେ ଲିଖିତ ଏବଂ କେତେକ "ସୀତାରାମ" ଚରିତ ଅବଲମ୍ବନରେ ଲିଖିତ । ରାଧାକୃଷ୍ଣ ଓ ସୀତାରାମ ହିନ୍ଦୁ ଚକ୍ଷୁରେ ଆଦର୍ଶ ସ୍ତ୍ରୀ ପୁରୁଷ । ରାଧାକୃଷ୍ଣ ହିନ୍ଦୁର ଯେପରି ପୂଜ୍ୟ, ସୀତାରାମ ମଧ୍ୟ ସେହିପରି ପୂଜ୍ୟ । ହିନ୍ଦୁ ଏମାନଙ୍କୁ ଈଶ୍ୱରାବତାର ବୋଲି ବିଶ୍ୱାସ କରେ ଏବଂ ଏମାନଙ୍କୁ ଦେବତା ଜ୍ଞାନରେ ପୂଜାକରେ । ଏମାନଙ୍କ ଚରିତ ଶୁଣି ହିନ୍ଦୁ ଆପଣା ଜୀବନକୁ ଧନ୍ୟ ମନେକରେ । ଏମାନଙ୍କ ଚରିତ ଶ୍ରବଣ ହିନ୍ଦୁର ନିତ୍ୟ-ନୈମିତ୍ତିକ କ୍ରିୟାକଳାପର ପ୍ରଧାନ ଅଙ୍ଗ । ରାଧାକୃଷ୍ଣପ୍ରେମ ହିନ୍ଦୁ ଚକ୍ଷୁରେ ଆଦରସଘଟିତ ନୁହେ ବା ଅଶ୍ଳୀଳ ନୁହେ । ହିନ୍ଦୁ ରାଧାକୃଷ୍ଣ-ପ୍ରେମସ୍ରୋତରେ ଭାସିପାରିଲେ ସ୍ୱର୍ଗଲାଭ କରେ । ରାଧାକୃଷ୍ଣ ନାମ ଆବାଳବୃଦ୍ଧବନିତାଙ୍କ ଜଣା ଏବଂ ଏମାନେ ରାଧାକୃଷ୍ଣ-ଚରିତ ଶ୍ରବଣରେ ମୁଗ୍ଧ । ଏହି ଭାବ ଯେତେବେଳେ ହିନ୍ଦୁର ଘରେ ଘରେ ପ୍ରବାହିତ, ସାହିତ୍ୟ ସେ ଭାବଗୁଡ଼ିକ ପ୍ରକାଶ କରିବା ସ୍ୱାଭାବିକ ଏବଂ ସାହିତ୍ୟ ସେହି ପ୍ରେମରସାତ୍ମକ ବର୍ଣ୍ଣନାରେ ପରିପୂର୍ଣ୍ଣ ହେବା ସ୍ୱାଭାବିକ । ରାଧାକୃଷ୍ଣପ୍ରେମ ସ୍ୱର୍ଗୀୟ ପ୍ରେମ, ଏହା ପାର୍ଥିବ କାମଭାବ ନୁହେଁ । ରାଧାକୃଷ୍ଣ ଅର୍ଥରେ ଜୀବ ଓ ଈଶ୍ୱର ବୋଲି ବୁଝିବାକୁ ହେବ । ଜୀବ ଈଶ୍ୱରକୁ ପାଇବା ଲାଗି ସର୍ବଦା ଚେଷ୍ଟିତ ଏବଂ ଇହଜନ୍ମରେ ଜୀବର ଏହାହିଁ ପ୍ରଧାନ ଉଦ୍ଦେଶ୍ୟ । ମାତ୍ର ଜୀବ ଈଶ୍ୱରଲାଭ କରିବ କିପରି ? ରାଧାଙ୍କର ଶ୍ରୀକୃଷ୍ଣଙ୍କଠାରେ ଯେପରି ସରଳା ଭକ୍ତି ଓ ପ୍ରେମ, ଜୀବ ଈଶ୍ୱରଠାରେ ସେହିପରି ଭକ୍ତି ଓ ପ୍ରେମ କରିପାରିଲେ ଈଶ୍ୱରଲାଭ ହେବ । ଏହି କଥା ଶିକ୍ଷା ଦେବା ଲାଗି ଶ୍ରୀରାଧାକୃଷ୍ଣଙ୍କର ମର୍ତ୍ତ୍ୟରେ ଅବତାର । ରାଧାକୃଷ୍ଣଙ୍କ ଚରିତକୁ ହିନ୍ଦୁ ଏହି ଦୃଷ୍ଟିରେ ଦେଖେ । ଏହି ଦୃଷ୍ଟିରେ ଦେଖିଲେ ଆଉ ରାଧାକୃଷ୍ଣଚରିତରେ ଅଶ୍ଳୀଳତ୍ୱ ରହେନାହିଁ । ଅଶ୍ଳୀଳ ବୋଲି କୌଣସି ନିର୍ଦ୍ଦିଷ୍ଟ ପଦାର୍ଥ ନାହିଁ, ଏହା ଭାବ ଓ ରୁଚିର ବିକାର ମାତ୍ର । "ଭିନ୍ନରୁଚିର୍ହିଲୋକଃ" ଅର୍ଥାତ୍ ସବୁ ଲୋକଙ୍କ ରୁଚି ସମାନ ନୁହେଁ । କିଏ କେଉଁ ବିଷୟକୁ କି ଚକ୍ଷୁରେ ଦେଖେ ତାହା ସ୍ଥିରକରି କୁହାଯାଇନପାରେ । ତେବେ ଅନେକ ସ୍ଥଳରେ ଦେଖାଯାଏ ଯେ ଯେଉଁ କଥାଟାକୁ ଆମ ଦେଶରେ ଆମ୍ଭେମାନେ ଅଶ୍ଳୀଳ ବୋଲି କହୁଁ, ଅନ୍ୟ ଦେଶ ଲୋକେ ହୁଏତ ସେହି କଥାକୁ ଅଶ୍ଳୀଳ ବୋଲି କହିବେ ନାହିଁ । ସମୟ ପରିବର୍ତ୍ତନ ସଙ୍ଗେ ରୁଚିର ମଧ୍ୟ ପରିବର୍ତ୍ତନ ହୁଏ । ଅନ୍ୟ ଦେଶବାସୀ ଲୋକମାନଙ୍କ ସଂସର୍ଗରୁ ମଧ୍ୟ ରୁଚିର ପରିବର୍ତ୍ତନ ହୁଏ । ଆମ୍ଭମାନଙ୍କର ଦଶା ମଧ୍ୟ ଏହିପରି ଘଟିଅଛି । ବର୍ତ୍ତମାନ ପାଶ୍ଚାତ୍ୟବାସୀମାନଙ୍କ ସଂସର୍ଗରେ ରହି ଆମ୍ଭମାନଙ୍କର ରୁଚିବିକାର ଘଟିଛି । ସାହେବମାନେ ଯାହାକୁ କହିବେ ଶ୍ଳୀଳ ଓ ସୁନ୍ଦର, ଆମ୍ଭ ଚକ୍ଷୁକୁ ତାହାହିଁ ଶ୍ଳୀଳ ଓ ସୁନ୍ଦର । ଅନ୍ୟଥା ସବୁ ଅଶ୍ଳୀଳ ଓ ଅସୁନ୍ଦର । ଅନେକ ପାଠକ 'Mysteries of the Court of London' ଅର୍ଥାତ୍ "ଲଣ୍ଡନର ଗୁପ୍ତ ରହସ୍ୟ" ନାମକ ପୁସ୍ତକର ନାମ ଶୁଣିଥିବେ ।

ଏ ପୁସ୍ତକରେ ଗୁପ୍ତ ପ୍ରେମ-ରହସ୍ୟ ବର୍ଣ୍ଣିତ ହୋଇଛି । ସେ ପୁସ୍ତକ ଆମ୍ଭମାନଙ୍କୁ ପଢ଼ିବାକୁ ଭଲଲାଗେ । ବହୁତ ଦାମ ଦେଇ ସେ ପୁସ୍ତକଗୁଡ଼ିକ କିଣି ଘରେ ରଖିବାକୁ ଭଲପାଉଁ । ଏ ପୁସ୍ତକରେ ଯେଉଁ ବୀଭତ୍ସ କାଣ୍ଡମାନ ବର୍ଣ୍ଣିତ ହୋଇଛି, ସେପରି ବର୍ଣ୍ଣନା ପ୍ରାଚୀନ ଓଡ଼ିଆ ସାହିତ୍ୟର କୌଣସି ପୁସ୍ତକରେ ନାହିଁ । ତଥାଚ "ଲଣ୍ଡନ ଗୁପ୍ତ ରହସ୍ୟ" ଆମ୍ଭମାନଙ୍କର ପାଠ୍ୟ । ମାତ୍ର ଉପେନ୍ଦ୍ର ଭଞ୍ଜଙ୍କ ଲେଖା ପଢ଼ିଲେ ଆମ୍ଭେମାନେ ନାକ ଟେକୁଁ କାହିଁକି ? ଲଣ୍ଡନରୁ ଆସେ "ଗୁପ୍ତ ରହସ୍ୟ"—ସାହେବଙ୍କ ଲେଖା । ସୁତରାଂ ସେଗୁଡ଼ିକ ପଢ଼ି ଆମ୍ଭେମାନେ ଧନ୍ୟ ହେଉଁ । ଉପେନ୍ଦ୍ର ଭଞ୍ଜ ଲେଖାକୁ ଯଦି କୌଣସି ସାହେବ କହେ ଯେ ସେଟା ଭଲ ଲେଖା, ତେବେ କାଲି ଆମ୍ଭେମାନେ ସମସ୍ତେ ଏକସ୍ୱରରେ ତାର ପ୍ରଶଂସା କରିବୁଁ । ଅମ୍ଭେମାନେ ଏତେଦୂର ପରମୁଖାପେକ୍ଷୀ ହୋଇପଡ଼ିଲୁଣି ଯେ ଘରପଦାର୍ଥଗୁଡ଼ାକ ଆମ୍ଭମାନଙ୍କ ଆଖିକୁ ଆଉ ପସନ୍ଦ ହେଉନାହିଁ । ଏ ଘୋର ଦୁର୍ଦ୍ଦଶାରୁ ଆମ୍ଭେମାନେ କେବେ ତ୍ରାହି ପାଇବା ! ଭଗବାନ ଶୀଘ୍ର ଆମ୍ଭମାନଙ୍କର ମତିଗତି ନ ଫେରାଇଲେ ଆମ୍ଭେମାନେ ଏକାବେଳକେ ରସାତଳକୁ ଯିବାପରି ବୋଧ ହେଉଅଛି ।

ପ୍ରାଚୀନ ଉତ୍କଳ ସାହିତ୍ୟରେ କେବଳ ଆଦିରସଘଟିତ ଲେଖା ନାହିଁ । ବୀରରସ ଲେଖା ଅଛି, କରୁଣରସର ଲେଖା ଅଛି, ହାସ୍ୟରସ ଲେଖା ଅଛି; ମୋଟାମୋଟି କହିବାକୁ ଗଲେ କୌଣସି ରସ ଏକାବେଳକେ ଲୋପ ହୋଇନାହିଁ । ଆଧ୍ୟାତ୍ମିକ ଭାବାତ୍ମକ ଲେଖାର ପ୍ରାଚୁର୍ଯ୍ୟ ଦେଖାଯାଏ । ଲୋକେ ପ୍ରାଚୀନ କାଳରେ ଆଧ୍ୟାତ୍ମିକ ଚିନ୍ତା ପ୍ରତି ବିଶେଷ ଦୃଷ୍ଟି ଦେଇଥିବାର ଏହା ଗୋଟିଏ ପ୍ରକୃଷ୍ଟ ପ୍ରମାଣ ।

ଜୀବ ଭୂମିଷ୍ଠ ହେବା ସଙ୍ଗେ ସଙ୍ଗେ ସୁଖାନ୍ୱେଷଣ କରେ । ମଣିହିଗି ଫଣୀ ତୁଲ୍ୟ ଜୀବ ସେହି ସୁଖାନ୍ୱେଷଣ କରେ । ଏ ଜୀବ ଆନନ୍ଦଧାମରେ ଥାଇ ପୂର୍ଣ୍ଣ ସୁଖ ଅନୁଭବ କରୁଥିଲା; ମାତ୍ର ଇହସଂସାରକୁ ଆସି ସେ ସୁଖରୁ ବଞ୍ଚିତ ହେଲା । ବର୍ତ୍ତମାନ ଖୋଜିବୁଲୁଛି ସେ ସୁଖ କାହିଁ, କେଉଁଠି ରହିଲା ? ଆପଣମାନେ ପିମ୍ପୁଡ଼ି ଦେଖିଥିବେ । ପିମ୍ପୁଡ଼ି ଚିନି ପାଇଲେ ସନ୍ତୋଷ ଲାଭ କରିବ । ମାତ୍ର ଚିନି ଖୋଜୁ ଖୋଜୁ ପଥରେ ଅନେକ ପଦାର୍ଥ ଦେଖେ । ପ୍ରତ୍ୟେକ ପଦାର୍ଥକୁ ଟିକିଏ ଶୁଙ୍ଘିଦେଇ ତ୍ୟାଗ କରେ—ନା, ଏ ନୁହେ ? ଏହିପରି ଯାଇ ଯାଇ ଯେତେବେଳେ ତାହାର ବାଞ୍ଛିତ ପଦାର୍ଥ ପାଏ, ସେତେବେଳେ ସେହି ସୁଖାନୁଭବ କରି ଆନନ୍ଦରେ ତା ସହିତ ମିଶିଯାଏ । ଏ ଜୀବର ଗତି ଇହସଂସାରରେ ଏହି ପ୍ରକାର । ଆମ୍ଭମାନଙ୍କର ବାଞ୍ଛିତ ସୁଖ ବୈଷୟିକ ଉନ୍ନତିରେ ନାହିଁ । ଆଧ୍ୟାତ୍ମିକ ଉନ୍ନତିର ଶେଷ ସୋପାନକୁ ନଗଲେ ସେ ସୁଖ ମିଳିବ ନାହିଁ । କିନ୍ତୁ ମାନବର ଏ ଧାରଣା ସହଜରେ ହୁଏ ନାହିଁ । ମାନବ ପ୍ରଥମେ ସହଜଲଭ୍ୟ ସୁଖ ବୈଷୟିକ ଉନ୍ନତିରୁ ପାଇବ ବୋଲି ବିଶ୍ୱାସ କରେ । ସେହି ବିଶ୍ୱାସରେ ବିଷୟବାସନାରେ ଜଡ଼ିତ ହୋଇପଡ଼େ । ପିମ୍ପୁଡ଼ିପରି ବୈଷୟିକ ସୁଖରେ ମନବୋଧ ନହେଲେ ଆଧ୍ୟାତ୍ମିକ ଚିନ୍ତା ଆଡ଼କୁ ମତି

ଫେରାଏ । ଜୀବନଧାରଣ କରିବାଲାଗି ଧନର ଆବଶ୍ୟକ ଅଛି ଏବଂ ବୈଷୟିକ ଉନ୍ନତି ଏକାବେଳକେ ପରିତ୍ୟାଜ୍ୟ ନୁହେ । ଗୀତା କହୁଛି, ଅନାସକ୍ତ ଭାବରେ ବିଷୟକର୍ମ କରି ଆଧ୍ୟାତ୍ମିକ ଉନ୍ନତି ପ୍ରତି ଲକ୍ଷ୍ୟ ରଖିବ । ଏହାହିଁ ଉତ୍କୃଷ୍ଟ ପନ୍ଥା ।

ପ୍ରାଚୀନ ଉତ୍କଳ ସାହିତ୍ୟରେ ଆଧ୍ୟାତ୍ମିକ ଚିନ୍ତାର ପ୍ରାଚୁର୍ଯ୍ୟ ଦେଖି ମନେହୁଏ ଯେ, ଯେତେବେଳେ ଓଡ଼ିଆମାନଙ୍କର ସାଂସାରିକ ବିଷୟ ପ୍ରତି ବୈରାଗ୍ୟ ଜନ୍ମି ଥିଲା ବୈଷ୍ଣବଧର୍ମର ପ୍ରାଧାନ୍ୟ ହେତୁ । ଏହି କାରଣରୁ ଉତ୍କଳ ସହଜରେ ସ୍ୱାଧୀନତା ହରାଇବସିଲା ।

ଆଜିକାଲି କେହି କେହି କହନ୍ତି, ଓଡ଼ିଆରେ ଭଲ ସଙ୍ଗୀତ ନାହିଁ । ବଙ୍ଗଳା ସଙ୍ଗୀତ ନବ୍ୟ ସଭ୍ୟମାନଙ୍କର ଯେପରି ଆଦରଣୀୟ, ଓଡ଼ିଆ ସଙ୍ଗୀତ ସେପରି ମନକୁ ଆସେ ନାହିଁ । ଏଠାରେ ସେହି ଆପତ୍ତି—ଅନାଦର । ଦୁଃଖର ବିଷୟ ଯେ, ଓଡ଼ିଆ ସଙ୍ଗୀତ କେଉଁଠି କଅଣ ଅଛି ତାକୁ ଖୋଜି ବାହାର କରିବାକୁ ଚେଷ୍ଟା କରିଥିବାର ଦେଖାଯାଏ ନାହିଁ । ମାତ୍ର ସମାଲୋଚନା କରିବାକୁ ସମସ୍ତେ ସହଜ ମନେ କରନ୍ତି । ଓଡ଼ିଆଭାଷାରେ ସହସ୍ର ସହସ୍ର ସଙ୍ଗୀତ ଅଛି, ନାନା ରସାତ୍ମକ ସଙ୍ଗୀତ ଅଛି; ମାତ୍ର ସେଗୁଡ଼ିକ ପଦାକୁ ବାହାରି ନାହିଁ । କବିସୂର୍ଯ୍ୟ ବଳଦେବ ରଥ, ଗୋପାଳକୃଷ୍ଣ, ବନମାଳୀ ପ୍ରଭୃତି ପ୍ରାଚୀନ କବିମାନେ ସଙ୍ଗୀତବିଦ୍ୟାରେ ଯେଉଁ କୃତିତ୍ୱ ଦେଖାଇ ଯାଇଛନ୍ତି, ସେ ସଙ୍ଗୀତମାନଙ୍କର ଗୋଟିଏ ଗୋଟିଏ ପଦ ଗୋଟିଏ ଗୋଟିଏ ଅମୂଲ୍ୟ ରତ୍ନ । ସେ ସଙ୍ଗୀତମାନଙ୍କର ଗୋଟିଏ ଗୋଟିଏ ପଦକୁ ବଙ୍ଗ ସଙ୍ଗୀତ ଲାଭ ହୋଇପାରିବ ନାହିଁ । ଓଡ଼ିଆ ସଙ୍ଗୀତ ବଙ୍ଗୀୟ ସଙ୍ଗୀତଜ୍ଞମାନଙ୍କ ନିକଟରେ ଅପରିଚିତ ଏବଂ ଓଡ଼ିଆଭାଷା ନ ଜାଣିଥିବାରୁ ବଙ୍ଗୀୟ ସାହିତ୍ୟିକମାନେ ଓଡ଼ିଆ ସଙ୍ଗୀତ ପଢ଼ିବାର ବା ବୁଝିବାର ସୁବିଧା ସୁଯୋଗ ପାଉନାହାନ୍ତି । ଯଦି ଏ ସୁଯୋଗ କେବେ ମିଳେ, ତେବେ ମୁଁ ଦମ୍ଭ ସହିତ କହିପାରେ ଯେ ଓଡ଼ିଆ ସଙ୍ଗୀତ ସମକ୍ଷରେ ବଙ୍ଗୀୟ ସଙ୍ଗୀତ ନତମସ୍ତକ ହେବ । ଓଡ଼ିଆ ସଙ୍ଗୀତ ସ୍ୱତନ୍ତ୍ର । ଓଡ଼ିଆ ସଙ୍ଗୀତ ତାର ରାଗରାଗିଣୀ ଅନ୍ୟଠାରୁ ଧାର କରିନାହିଁ । ଓଡ଼ିଶୀ ଢଙ୍ଗ ସମସ୍ତଙ୍କୁ ଜଣା । ଏ ବିଶେଷତ୍ୱ ବଙ୍ଗ ସଙ୍ଗୀତରେ ନାହିଁ । ବଙ୍ଗ ସଙ୍ଗୀତ ହିନ୍ଦୁସ୍ଥାନୀ ଓ ମୁସଲମାନମାନଙ୍କଠାରେ ଋଣୀ ; ଓଡ଼ିଆ ସଙ୍ଗୀତ ସେପରି ପରନିର୍ଭରକ, ବଙ୍ଗ ସଙ୍ଗୀତ ସେପରି ନୁହେ । ବଙ୍ଗ ସଙ୍ଗୀତ ଅବଶ୍ୟ ଆଧୁନିକ ରୁଚି ଉପଯୋଗୀ ହୋଇଛି । କିନ୍ତୁ ପ୍ରାଚୀନ ଓଡ଼ିଆ ସଙ୍ଗୀତ ଓ ପ୍ରାଚୀନ ବଙ୍ଗ ସଙ୍ଗୀତ ଉଭୟଙ୍କୁ ତୁଳନା କଲେ ଆକାଶ ପାତାଳ ପ୍ରଭେଦ । ଛାନ୍ଦଗୁଡ଼ିକ ମଧ୍ୟ ସଙ୍ଗୀତ ଶାଖାନ୍ତର୍ଭୁକ୍ତ । ବିଦଗ୍ଧଚିନ୍ତାମଣିରେ ଯେଉଁ ସଙ୍ଗୀତମାଧୁରୀ ଦେଖାଯାଏ, କେଉଁ ବଙ୍ଗ ସଙ୍ଗୀତରେ ସେପରି ଭାବ ପ୍ରସ୍ଫୁଟିତ ହୋଇଛି ?

ଦୁଃଖର ବିଷୟ, ସମସ୍ତ ଓଡ଼ିଆ ପୁସ୍ତକ ଏପର୍ଯ୍ୟନ୍ତ ପଦାକୁ ବାହାରିନାହିଁ । ଅନେକ ପୁସ୍ତକ କୀଟଗର୍ଭରେ ଲୀନ ହେଲାଣି । କି ରତ୍ନ କେଉଁଠି ପଡ଼ିଛି ତାର ଇୟତ୍ତା ନାହିଁ ।

ଏପର୍ଯ୍ୟନ୍ତ ଓଡ଼ିଆ ପୁସ୍ତକମାନଙ୍କର ଗୋଟିଏ ତାଲିକା ଠିକଣା ହୋଇ ପାରିଲା ନାହିଁ । ଏ ଗ୍ରନ୍ଥକୁ ନ ଦେଖିଲେ ଓଡ଼ିଆ ସାହିତ୍ୟର ପୂର୍ଣ୍ଣାଙ୍ଗ ଇତିହାସ ଲେଖା ହେବା ଅସମ୍ଭବ । ସମସ୍ତ ପୁସ୍ତକଗୁଡ଼ିକ ନ ବାହାରିବା ଯାଏଁ ଓଡ଼ିଆ କବିମାନଙ୍କ ନାମ ବା ସେମାନଙ୍କ ଜୀବନୀ ଲେଖାହେବା ଅସମ୍ଭବ । ଉତ୍କଳ-ସାହିତ୍ୟ-ସମାଜ ଏତେ କାଳ ହେଲା ପ୍ରତିଷ୍ଠିତ ହୋଇ କାର୍ଯ୍ୟତଃ କିଛି କରିପାରି ନାହିଁ । ଏହି ପୋଥିସଂଗ୍ରହ ସାହିତ୍ୟ-ସମାଜର ପ୍ରଥମ କାର୍ଯ୍ୟ ହେବା ଆବଶ୍ୟକ । ବର୍ତ୍ତମାନ ଯେ କେତେ ଜଣ କବିଙ୍କ ନାମ ଓ ସେମାନଙ୍କ ରଚିତ ପୁସ୍ତକମାନଙ୍କର ନାମ ପ୍ରକାଶିତ ହୋଇଛି, ତାହାର ତାଲିକା ପରେ ଦେବୁ ।

ବିଦ୍ୟାଚର୍ଚ୍ଚା । ଉତ୍କଳରେ ବହୁକାଳରୁ ହୋଇଆସୁଅଛି ଏବଂ ଓଡ଼ିଆଭାଷା ବହୁକାଳରୁ କଥିତଭାଷା ରୂପରେ ବ୍ୟବହୃତ ହୋଇ ଆସୁଛି । ଚୀନ ପରିବ୍ରାଜକ ହୁଏନ୍‌ସାଂ ଖ୍ରୀଷ୍ଟାବ୍ଦ ୭ମ ଶତାବ୍ଦୀରେ ଭାରତକୁ ଆସିଥିଲେ । ତାଙ୍କ ଭ୍ରମଣବୃତ୍ତାନ୍ତରେ ବଙ୍ଗର ନାମୋଲ୍ଲେଖ କରି ନାହାନ୍ତି; ମାତ୍ର ଉତ୍କଳରେ ବିଦ୍ୟାନୁରାଗ ଥିବାର ସେ ଦେଖିଥିଲେ ବୋଲି ଲେଖିଯାଇଛନ୍ତି । ପରିବ୍ରାଜକ ଆହୁରି ଲେଖିଛନ୍ତି ଯେ ସେତେବେଳେ ଓଡ଼ିଆମାନେ ସ୍ପଷ୍ଟ ଭାଷା କହୁଥିଲେ । ଏଥିରୁ ଓଡ଼ିଆମାନଙ୍କ ଶିକ୍ଷା ଓ ଭାଷା କେତେ ପ୍ରାଚୀନତମ ତାହା ସହଜରେ ଅନୁମେୟ ।

ଉତ୍କଳଭାଷା ଲିଖିତଭାଷାରୂପେ ବହୁକାଳରୁ ବ୍ୟବହୃତ ହେଉଥିଲେହେଁ ଉତ୍କଳ-ଭାଷାରେ ସାହିତ୍ୟ ପୁସ୍ତକ ପ୍ରଣୟନ ହେବାରେ କିଛିଏ ବିଳମ୍ବ ଘଟିଥିବାର ଅନୁମାନ କରାଯାଏ । ଚତୁର୍ବର୍ଣ୍ଣ ନିୟମାନୁସାରେ ବ୍ରାହ୍ମଣମାନଙ୍କର ପ୍ରଧାନ କର୍ମ ଥିଲା ଅଧ୍ୟୟନ ଓ ଅଧ୍ୟାପନ, ବ୍ରାହ୍ମଣମାନଙ୍କର ବ୍ୟବସାୟ ଥିଲା ବିଦ୍ୟାଚର୍ଚ୍ଚା । ଉତ୍କଳୀୟ ବ୍ରାହ୍ମଣମାନେ ଏ ନିୟମର ବହିର୍ଭୂତ ନ ଥିଲେ । ଆପଣା ଆପଣା ପାଣ୍ଡିତ୍ୟଦ୍ୱାରା ବ୍ରାହ୍ମଣମାନେ ରାଜାମାନଙ୍କଠାରୁ ବହୁତ ବୃତ୍ତି ପାଉଥିଲେ । ରାଜାନୁଗ୍ରହ ପାଇ ଏବଂ ରାଜାମାନଙ୍କ ଆଶ୍ରୟ ଲାଭକରି ବ୍ରାହ୍ମଣମାନେ ଉଦରଜ୍ୱାଳାରେ ପ୍ରପୀଡ଼ିତ ହେଉନଥିଲେ; ନିଶ୍ଚିନ୍ତ ଭାବରେ ରହି ବିଦ୍ୟାଚର୍ଚ୍ଚା କରିବା ଲାଗି ସେମାନେ ସମୟ ଏବଂ ସୁବିଧା ପାଉଥିଲେ । ବ୍ରାହ୍ମଣମାନଙ୍କର ସଂସ୍କୃତ ସାହିତ୍ୟଚର୍ଚ୍ଚା ବେଶ୍ ଥିଲା । ଯାହା କିଛି ପୁସ୍ତକ ପ୍ରଣୟନ କରୁଥିଲେ ବା ତତ୍ତ୍ୱ ଆବିଷ୍କାର କରୁଥିଲେ ସେ ସମସ୍ତକୁ ସଂସ୍କୃତଭାଷାରେ ଲେଖି ରଖୁଥିଲେ ଓ ଆବଶ୍ୟକମତେ ଲୋକସାଧାରଣରେ ପ୍ରଚାର କରୁଥିଲେ । ବ୍ରାହ୍ମଣମାନେ ପ୍ରାକୃତଭାଷାପ୍ରତି ବିଶେଷ ଦୃଷ୍ଟି ଦେଉ ନ ଥିଲେ କିମ୍ବା ପ୍ରାକୃତ ଭାଷାରେ ପାରଦର୍ଶିତା ଲାଭ କରି ନ ଥିଲେ । ଏହି କାରଣରୁ ପ୍ରାଚୀନ ଉତ୍କଳୀୟ କବି ବା ସାହିତ୍ୟିକମାନଙ୍କ ମଧ୍ୟରୁ ଅଧିକାଂଶ ସଂସ୍କୃତ-ଭାଷାରେ ପୁସ୍ତକ ପ୍ରଣୟନ କରୁଥିଲେ । ସଂସ୍କୃତ-ଚର୍ଚ୍ଚା ପ୍ରାଚୀନ ଉତ୍କଳରେ ଏତେ ପ୍ରାଧାନ୍ୟ ଲାଭ କରିଥିଲା ଯେ ବ୍ରାହ୍ମଣେତର ଜାତିମାନେ ସଂସ୍କୃତ ସାହିତ୍ୟରେ ପାରଦର୍ଶିତା ଲାଭ କରିଥିଲେ ଓ ସଂସ୍କୃତଭାଷାରେ ପୁସ୍ତକ ପ୍ରଣୟନ କରିଥିଲେ । ରାୟ ରାମାନନ୍ଦ ଜଣେ କରଣ; ମାତ୍ର ସଂସ୍କୃତଭାଷାରେ ସେ 'ଜଗନ୍ନାଥବଲ୍ଲଭ' ନାଟକ ଲେଖିଯାଇ ଅଛନ୍ତି । ପ୍ରାଚୀନ

ସାହିତ୍ୟିକମାନେ ସଂସ୍କୃତଭାଷାରେ ପୁସ୍ତକ ଆଦି ପ୍ରଣୟନ କରିବାକୁ ଗୌରବ ମନେ କରୁଥିଲେ । ଏଣେ ବ୍ରାହ୍ମଣମାନେ ପ୍ରାକୃତଭାଷାରେ ଲିଖିତ ପୁସ୍ତକମାନଙ୍କୁ ଦ୍ୱେଷ ଚକ୍ଷୁରେ ଦେଖୁଥିଲେ । ଏହିସବୁ କାରଣରୁ ଓଡ଼ିଆଭାଷାରେ ପୁସ୍ତକ ଲେଖାହେବାରେ ବିଳମ୍ବ ଘଟିଥିଲା ।

କାଳକ୍ରମେ ବ୍ରାହ୍ମଣମାନେ ରାଜାନୁଗ୍ରହରୁ ବଞ୍ଚିତ ହେଲେ । ରାଜାମାନେ ବୈଦେଶିକ ଶତ୍ରୁମାନଙ୍କ ଆକ୍ରମଣଦ୍ୱାରା ପ୍ରପୀଡ଼ିତ ହୋଇ ଲଣ୍ଡଭଣ୍ଡ ହେଲେ । କ୍ରମେ ବ୍ରାହ୍ମଣମାନେ ରାଜାନୁଗ୍ରହରୁ ବଞ୍ଚିତ ହେଲେ ଏବଂ ଉଦରଜ୍ୱାଳାରେ ପ୍ରପୀଡ଼ିତ ହୋଇ ଆପଣା କର୍ମ ତ୍ୟାଗ-କରି ଅନ୍ୟାନ୍ୟ ବ୍ୟବହାରରେ ମନ ଦେଲେ । ସଂସ୍କୃତଚର୍ଚ୍ଚାର ଅବନତି ହେଲା । ଲୋକମାନେ ଧର୍ମୋପଦେଶ ପାଇବାରୁ ବଞ୍ଚିତ ହେଲେ । ତଦାନୀନ୍ତନ ମହାତ୍ମାମାନେ ଦେଶର ଏବମ୍ଭୂତ ଅବସ୍ଥା ଦେଖି ଲୋକସାଧାରଣର ଉପକାରାର୍ଥେ ସଂସ୍କୃତ ସାହିତ୍ୟ-ଭଣ୍ଡାରରେ ନିହିତ ଥିବା ଧର୍ମ ଓ ନୀତିତତ୍ତ୍ୱମାନଙ୍କୁ ପ୍ରାକୃତଭାଷାରେ ପ୍ରକାଶ କଲେ ।

ପ୍ରାଚୀନ ଉତ୍କଳୀୟ ବ୍ରାହ୍ମଣମାନେ ବିଦ୍ୟାବଳ ଦ୍ୱାରା ଅଘଟନ ଘଟାଇଥିବାର ପ୍ରମାଣ ମିଳୁଅଛି । ମନ୍ତ୍ର ଓ ତନ୍ତ୍ରବିଦ୍ୟାରେ ବ୍ରାହ୍ମଣମାନେ ବହୁତ ପାରଦର୍ଶିତା ଲାଭ କରିଥିଲେ । ଚନ୍ଦ୍ରଶେଖର ବାହିନୀପତିଙ୍କ ବିଷୟ ଅନେକ ପାଠକ ଶୁଣିଥିବେ । ଏ ବିଷୟ ମାଦଳାପାଞ୍ଜିରେ ଲେଖାଅଛି । ପୂର୍ଣ୍ଣିମା ରାତିରେ ବାହିନୀପତି ଚନ୍ଦ୍ରଙ୍କୁ ଛପାଇ ଦେଇ 'ଚନ୍ଦ୍ରଶେଖର' ଉପାଧି ପାଇଥିଲେ । ରୁଦ୍ରମାଠିଆ ମିଶ୍ରଙ୍କ କଥା ଅନେକ ଲୋକ ଶୁଣିଥିବେ । ଏ ବିଷୟ ମଧ୍ୟ ମାଦଳାପାଞ୍ଜିରେ ଲେଖାଅଛି । ଓଡ଼ିଶା ରାଜା ଗଙ୍ଗେଶ୍ୱର ଦେବ ଥରେ ରାଣୀଙ୍କ ସହିତ ତର୍କ କଲେ ଯେ "ବ୍ରାହ୍ମଣମାନେ ସର୍ବଜ୍ଞ" । ମାତ୍ର ରାଣୀ କହିଲେ, "ବୌଦ୍ଧମାନେ ସର୍ବଜ୍ଞ, ସେମାନେ ବଡ଼ ।" ପରୀକ୍ଷା ହେବାର କଥା ହେଲା । ଗୋଟିଏ ମାଠିଆରେ ଗୋଟିଏ ସର୍ପ ପୂରାଇ ବନ୍ଦ କରାଗଲା । ବୌଦ୍ଧମାନଙ୍କୁ ପ୍ରଶ୍ନ କରାଗଲା ଯେ "ମାଠିଆରେ କଣ ଅଛି କହ ।" ସେମାନେ ଉତ୍ତର ଦେଲେ, 'ମାଠିଆରେ ସର୍ପ ଅଛି' । ପୁଣି ବ୍ରାହ୍ମଣଙ୍କୁ ପ୍ରଶ୍ନ ହେଲା । ସେମାନେ କହିଲେ, "ଏଟା ରୁଦ୍ରମାଠିଆ, ଏଥିରେ କିଛି ନାହିଁ ।" ପ୍ରକୃତରେ ମାଠିଆ ଖୋଲି ଦେଖିଲା ବେଳକୁ ତୁଚ୍ଛ । ସେହିଦିନୁ ବ୍ରାହ୍ମଣ "ରୁଦ୍ରମାଠିଆ" ପଦ ପାଇଲେ । ବୌଦ୍ଧମାନେ ପରାସ୍ତ ହୋଇ ଆଶ୍ରମ ଛାଡ଼ି ପଳାଇଲେ । ଏହି ସମୟରୁ ବୌଦ୍ଧଧର୍ମ ଲୋପ ହୋଇ ବୈଷ୍ଣବଧର୍ମ ପ୍ରବଳ ହେଲା । ଏ ପ୍ରକାର ବିଦ୍ୟାବଳରେ ବଳୀୟାନ୍ ହୋଇ ପ୍ରାଚୀନ ଓଡ଼ିଆ ପଣ୍ଡିତ ଓ କବିମାନେ ଭାରତରେ ପ୍ରତିଷ୍ଠାଲାଭ କରୁଥିଲେ । ପ୍ରାଚୀନ ଉତ୍କଳରେ ଯେପରି ସାହିତ୍ୟଚର୍ଚ୍ଚା ଥିଲା, ଆଜି ଆଉ ସେପରି ଦେଖାଯାଏ ନାହିଁ । ପୂର୍ବେ ଭାଗବତ-ଘରମାନଙ୍କରେ ଭାଗବତପାଠ, ପୁରାଣପାଠ, ଅବସର ସମୟରେ ବାଘା ପାଲି, ଶବର-ଶବରଣୀ, ମଧୁମଙ୍ଗଳ, ଭାରତଲୀଳା ଓ ରାମଲୀଳା ଆଦି ନୃତ୍ୟ, ଗୀତ ଓ ସଂଗୀତ ଆଖଡ଼ାମାନ ହେଉଥିଲା । ସେସବୁ ଅନୁଷ୍ଠାନ ଦ୍ୱାରା ସାଧାରଣ ଲୋକମାନଙ୍କ ମଧ୍ୟରେ ଭାଷା ଏବଂ

ସାହିତ୍ୟଚର୍ଚ୍ଚା ହେବାର ସୁବିଧା ଥିଲା । ପ୍ରାଚୀନ ଓଡ଼ିଆ ସାହିତ୍ୟ ଏହି ସୂତ୍ରେ ପଦେଅଧେ ଲୋକସାଧାରଣଙ୍କ କର୍ଣ୍ଣରେ ପଡ଼ୁଥିଲା । ହରିହାଟ ଓ ବାରସ୍କନ୍ଧପାଠ ପ୍ରଭୃତି ମଧ୍ୟ ହେଉଥିଲା । ଲୋକେ ନିରକ୍ଷର ଥାଇ ସୁଦ୍ଧା ଅନେକ ସାଧାରଣ ଉପଦେଶଗର୍ଭକ କଥା ଶିଖିପାରୁଥିଲେ । ଚାଟଶାଳିମାନଙ୍କରେ ଛାନ୍ଦମାନ ବୋଲାଯାଉଥିଲା, ସୁତରାଂ ଆପଣା ଜାତୀୟ ସାହିତ୍ୟ ପ୍ରତି ପିଲାମାନଙ୍କର ମନ ଆକୃଷ୍ଟ ହେଉଥିଲା ।

ଓଡ଼ିଆଭାଷାରେ ସାହିତ୍ୟ ଲେଖା ହେବା ପୂର୍ବରୁ ବ୍ୟାବହାରିକ ଦଲିଲ, ଦସ୍ତାବିଜ, ସନନ୍ଦ, ଦାନପତ୍ର, ଗ୍ରେପ, ଗ୍ରୁମୁଚିଟାଉ ପ୍ରଭୃତି ଓଡ଼ିଆଭାଷାରେ ଲେଖାହେଉଥିଲା । ମାଦଳାପାଞ୍ଜି ପ୍ରାକୃତଭାଷାରେ ଲେଖାଯାଇଛି । ମାଦଳାପାଞ୍ଜିରେ ସମସ୍ତ ବିଷୟ ଲେଖା ଥାଏ । ମନ୍ଦିରର ଆୟ-ବ୍ୟୟ ଓ ପ୍ରଧାନ ପ୍ରଧାନ ଘଟଣାବଳୀ ଏଥିରେ ଲେଖାଥାଏ ।

ଶ୍ରୀଜଗନ୍ନାଥ ଦେଉଳର ଶାସନ ସମ୍ବନ୍ଧୀୟ ନିୟମାବଳୀ ଦେଖିଲେ ଜଣାଯାଏ ଯେ କର୍ତ୍ତା ଜଣେ ଅସାଧାରଣ ବୁଦ୍ଧିଶାଳୀ ଲୋକ ଥିଲେ । ଦେଉଳରେ ନୀତିମାନଙ୍କର ଶୃଙ୍ଖଳା, ସେବାକାରୀମାନଙ୍କ ନିଯୁକ୍ତି, ଆୟବ୍ୟୟର ସୁବନ୍ଦୋବସ୍ତ କର୍ତ୍ତାଙ୍କ ବୁଦ୍ଧିମତ୍ତାର ପରିଚାୟକ । ସୁତରାଂ ଦେଉଳର କାର୍ଯ୍ୟାବଳୀ ଆରମ୍ଭ ସଙ୍ଗେ ସଙ୍ଗେ ଦେଉଳର ଇତିହାସ ଲେଖିରଖିବା ବୁଦ୍ଧିଟା ତାଙ୍କ ଦେଖ ଯାଇ ନଥିବ, ଏକଥା ମନେ କରିବା ଯୁକ୍ତିଯୁକ୍ତ ନୁହେ । ଦେଉଳ ଆରମ୍ଭ ସଙ୍ଗେ ସଙ୍ଗେ ଏହି ମାଦଳାପାଞ୍ଜିର ସୃଷ୍ଟି ହୋଇଥିବାର ସଙ୍ଗତ ବୋଧ ହେଉଛି । ମାଦଳ ପାଞ୍ଜି ବର୍ତ୍ତମାନ ଯେଉଁ ଭାଷାରେ ଲିଖିତ ଅଛି, ତାହା ଯେ ଅତି ପ୍ରାଚୀନ ଭାଷା ବୋଧ ହେଉ ନାହିଁ । ପ୍ରାଚୀନ ପାଞ୍ଜିର ଜୀର୍ଣ୍ଣୋଦ୍ଧାର ହୋଇଥିବ ଏବଂ ତେତେବେଳେ ଲେଖକ ଭାଷାରେ କେତେକ ପରିବର୍ତ୍ତନ କରିଥାଇପାରନ୍ତି । ହୋ ବୋଲି ମାଦଳାପାଞ୍ଜି ଯେ ପ୍ରାଚୀନତ୍ୱ ହରାଇଛି, ତାହା ନୁହେ । ମାଦଳାପାଞ୍ଜିରେ ବ୍ୟବହୃତ କେତେଗୁଡ଼ିଏ ଶବ୍ଦ ନିମ୍ନରେ ଦିଆଗଲା—

ଉଜାଡ଼, ପାଡ଼ିଶା, ପାଟ (ବଂଶ), ପାତାଳୀ, ଲ୍ଗାତିବ, କଟ୍ଆରଆ, ମୂଳେ, ଦୋଦଣ୍ଡ ଦଣ୍ଡପାଟ, ଥୋକାଏ, ମୁଦଲ, ପାଟଲ, ଖଟଣି, ଯୋଗାଡ଼ ଦେଇ, ମଡ଼ଫୁଲ, କଣୁଆ, ଭଣୁଆ, ଭିଆଇଲେ, ଡଗର, ଦୋରେହା, ବିଶ୍ୱାସୀନେଲେ, ପରୀକ୍ଷା ମାର୍ଡ଼ି, ବୁଢ଼ାଲେଙ୍କା, ନାଲକଲେ, ବାଟି ଇତ୍ୟାଦି ।

ପୂର୍ବେ ନରସିଂହଦେବଙ୍କ ତାମ୍ରଶାସନ କଥା କହିଛୁଁ । ସେଥିରେ ଯେଉଁ ସଂସ୍କୃତ ଭାଷା ବ୍ୟବହୃତ ହୋଇଛି ତାହା ନିତାନ୍ତ ଅବୋଧ କ୍ଲିଷ୍ଟଭାଷା ନୁହେ, ବରଂ ଦେଖାଯାଏ ଯେ ସେ ଭାଷା ସାଧାରଣ ସଂସ୍କୃତ ପଥ ଛାଡ଼ି ଟିକିଏ ପ୍ରାକୃତ ଆଡ଼କୁ ଯାଇଛି । ଗୋଟିଏ ଦୁଇଟି ଦୃଷ୍ଟାନ୍ତ ନିମ୍ନରେ ଦିଆଗଲା—

୧—ମଧ୍ୟ ପୁରାତନ ଦେବ ବ୍ରାହ୍ମଣ ଭୋଗ୍ୟ ଗୋହଗି, ଗୋପଥ ସମେତାବଂଶଗୁଣ୍ଠୋଉର ଷୋଡ଼ଶ ମାନାଧିକୈକ ବାଟିକା ବହିଭୂତ ନିରକବର ଦଶଗୁଣ୍ଠୋଉର ନବବାଟିକା ପରିମିତଂ ।

୨—ମଲ୍ଲୀସୁ ପୁଷ୍କରଣୀ ପଶ୍ଚିମ ଉଦ୍ଧ ମାଦାକୃତ୍ୟ ଭପଡ଼ା ଗ୍ରାମାର୍ଦ୍ଧ ସୀମା ସ୍ଥିତାବଚ୍ଛିନ୍ନ ପୂର୍ବସୀମାନମେବ ଚତୁସୀମା ବଚ୍ଛିନ୍ନ ।

୩—ଶିବଦାସ ପ୍ରତିହସ୍ତ ରଚନାତ୍ମକ ନଲ ଭ୍ରମାଣେନ ।

୪—ପୁରାଇ ଶ୍ରେଷ୍ଠିସୁ ତା ନାଗଶ୍ରେଷ୍ଠି ନମା ।

୫—ବେଦପୁରର ଉତ୍ପଳୀ କଂସକାର ମଦାଇ ନାମା ।

୧୩— ବଟବୃକ୍ଷମାରଭ୍ୟ ନଇଲୋ ଗ୍ରାମ ମଧ୍ୟକ୍ଷେତ୍ର ବଟବୃକ୍ଷାବଧି ପୂର୍ବସୀମାବଂ ।

୧୩୮୪ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ୭ ତାରିଖ ସନନ୍ଦରେ ବ୍ୟବହୃତ କେତେଗୋଟି ଶବ୍ଦ ନିମ୍ନରେ ଦିଆଗଲା

ବସ୍ତୁକର, ବାର୍କିଆଏ, ପଗଷ, ବୁଡାଲେଙ୍କା, ଅବଧାନ ଲଡା, ମୁଦଲ,ମାଡ, ଗାବ୍ରୁଦ୍ଧି ଦଣ୍ଡ୍ରା, ଖଂଭାର ।

୧୩୯୫ ନଭେମ୍ବର ୨୩ ତାରିଖ ସନନ୍ଦରେ ବ୍ୟବହୃତ ଶବ୍ଦ—

ଦ୍ୱାରପଟ୍ଟଷ, ସାନ୍ଧିବିଗ୍ରାହିକ, ଗୋଟେ, ଅବଧାସ୍ଥିତ, ମୁଦଲ, ବୁଡାଲେଙ୍କା, ଗଡ଼ସୋଓ, ଖୋଷ୍ଟଦେଶ, ଦଚ, ସାହ୍ୱ, ଅବଦାନ, ଦ୍ୱର୍ଙ୍କଲୁ, ସାଇଙ୍ଗିଣୀନଦୀ (ଗଡ଼ସଓ ଗ୍ରାମର ପୂର୍ବ), ହୋଇ, ଉମୁଣ୍ଡି, ଗୋପଥ, ଗ୍ରାମେକ, ସଇକା, ମାଢ଼, ବଜସ୍ଥଲକ୍ଷ୍ମୀପୁର ଶାସନର ପୂର୍ବବାରେଣୀ ନଦୀ, ଆଦ୍ୟକେ, ଧାଇ, ପଢ଼ିଆ, ତୋଟା, ନନ୍ଦ, ଦେଉଳ, ଭାବେଦ ସମସ୍ତ, ରଂସବନ୍ଧ, ଜିତ, ଅକାଇ ବୃକ୍ଷ, କଇକେ, ମୁଦଲେକ, ଭଣ୍ଡାରିଆର, ପୁରଶ୍ରୀକରଣ ।

୧୪୩୭ ଖ୍ରୀଷ୍ଟାବ୍ଦ ଡିସେମ୍ବର ୯ ତାରିଖ ସନନ୍ଦ—

ଶ୍ରୀଚରଣ ଅଗ୍ରତେ, ମୁଦ୍ରହସ୍ତ, ଟୋଟରେ ବୋଇଲା, ମୁଦଲ, ଲେଙ୍କ କରିବା, ଲେଅ କଢ଼ଡ଼, ମୂଳକର ।

୧୪୫୦ ଖ୍ରୀଷ୍ଟାବ୍ଦ ଅପ୍ରେଲ ୧୨ ତାରିଖ ସନନ୍ଦ—

ଅମାବେ, ମଲିଙ୍ଗା ସରସା ବାହୁଡ଼ା କଟକାଇ, ମୋଙ୍ଗ ବେଳେ ସମସ୍ତେ, ଶ୍ରୀଚରଣ ଅଗ୍ରତେ, କରାଇଲାକୁ, ଆଇଗାଁ ନୋଇଲା, ପୁଣ୍ଡ୍ରାକ୍ଷ ଗୋଟଣାଢ଼ି ।

୧୪୫୯ ଖ୍ରୀଷ୍ଟାବ୍ଦ ଜୁଲାଇ ୧୨ ତାରିଖ ସନନ୍ଦ—

ବୀର ଶ୍ରୀ ଗଜପତି ଗଉଡେଶ୍ୱର ନବକୋଟୀ କର୍ଣ୍ଣାଟୋତ୍କଳ ବରଗେଶ୍ୱର ପ୍ରତାପ ଶ୍ରୀ କପିଳେଶ୍ୱର, ଏ ଭୂମିଖଣ୍ଡ ରୁ ଯାହାକୁ ଅନୁଗ୍ରହ କରୁ ମୋହର ସେବେ ପଚ୍ଛେ ମୋହର ବାହୁଜ ଆଭ୍ୟନ୍ତର ରୁ ଜାଣୁ ।

୧୪୭୪ ଖ୍ରୀଷ୍ଟାବ୍ଦ ଅପ୍ରେଲ ୨୫ ତାରିଖ ସନନ୍ଦ—

ଏଥିରେ ବ୍ୟବହୃତ ଶବ୍ଦ—

ଚୌତରୀ, ମ ଢ଼ଂ, ସମନ୍ତ, ରତ୍ନମୁକୁଟ, ଧାନଫୁଲ, ଜୋଡା ରୁଙ୍ଗଲ, ନୋଡକା, ନିସକା, କଣ୍ଠଯୋଡ଼ା, ମୁକୁତା ଯାଦ୍ଧିଲ, ମୁକୁତା ବଡ଼ କଣ୍ଠିମାଳ, ବସରସରେ ମାଣିକସୁଆ ପଦ୍ମ, ଜାଲ ଚୌତରୀ ।

ଏ ଶବ୍ଦମାନଙ୍କ ମଧ୍ୟରୁ ଅନେକ ଶବ୍ଦ ବର୍ତ୍ତମାନ ସୁଦ୍ଧା ପ୍ରଚଳିତ ଅଛି, ଏବଂ ଆଉ କେତେକ ପ୍ରଚଳିତ ହେଉନାହିଁ । ଯାହାହେଉ ସ୍ଥୂଳତଃ ଓଡ଼ିଆଭାଷା ବହୁକାଳରୁ କଥିତ ଓ ଲିଖିତଭାଷା ସ୍ୱରୂପ ବ୍ୟବହୃତ ହୋଇ ଆସୁଛି । ଓଡ଼ିଆ ଭାଷାର ପ୍ରାଚୀନତ୍ୱ ବିଷୟରେ କିଛି ମାତ୍ର ସନ୍ଦେହ କରାଯାଇ ନପାରେ ।

ଅନ୍ୟ ଗୁରୁତର ବିଷୟ, ଓଡ଼ିଆଭାଷାରେ ପ୍ରଥମ ପୁସ୍ତକ ଲେଖକ କିଏ ? ଏ ପ୍ରଶ୍ନର ମୀମାଂସା କରିବା ପୂର୍ବରୁ କେତେଗୋଟି ପାରିପାର୍ଶ୍ୱିକ ଘଟଣା ପ୍ରତି ଦୃଷ୍ଟି ଦେବା ଆବଶ୍ୟକ । ପ୍ରଥମ କଥା ଏହି ଯେ, ଓଡ଼ିଆଭାଷାରେ ଲେଖା ହୋଇଥିବା ସମସ୍ତ ପୁସ୍ତକ ଏପର୍ଯ୍ୟନ୍ତ ପଦାକୁ ବାହାରି ନାହିଁ କିମ୍ବା ସମସ୍ତ ପୁସ୍ତକମାନଙ୍କର ଏ ପର୍ଯ୍ୟନ୍ତ ଗୋଟିଏ ସୂଚିପତ୍ର ପ୍ରକାଶିତ ହୋଇନାହିଁ । ସମସ୍ତ ଲିଖିତ ପୁସ୍ତକମାନଙ୍କର ଭାଷା ଦେଖିଲେ ସାହିତ୍ୟିକ ଭାଷାର କ୍ରମୋନ୍ନତି ବିଷୟ ଆଲୋଚନା କରିବାକୁ ସୁବିଧା ଓ ସୁଯୋଗ ମିଳନ୍ତା । ମାତ୍ର ସେ ସୁବିଧା ବର୍ତ୍ତମାନ ନାହିଁ ।

ବର୍ତ୍ତମାନ ଦେଖାଯାଉ କି କି ପୁସ୍ତକ ଆମ୍ଭେମାନେ ପାଇଥାଉଁ । ହଣ୍ଟର ସାହେବ ଓଡ଼ିଶା ଇତିହାସରେ କେତେଜଣ କବି ଓ ସେମାନଙ୍କ ରଚିତ ପୁସ୍ତକ ତାଲିକା ଲେଖିଛନ୍ତି । ସେଗୁଡ଼ିକ ନିମ୍ନରେ ଉଦ୍ଧାର କରାଗଲା । ପରେ କବି ଓ ସେମାନଙ୍କ ଲେଖା ସମ୍ବନ୍ଧେ ଆଲୋଚନା କରିବୁଁ ।

(୧) ଅଭିମନ୍ୟୁ ସାମନ୍ତସିଂହାର—୧୦୦ ବର୍ଷ ପୂର୍ବେ—ବିଦଗ୍ଧଚିନ୍ତାମଣି, ପ୍ରୀତିଚିନ୍ତାମଣି ।

(୨) ଅଚ୍ୟୁତାନନ୍ଦ ଦାସ –୧୦୦ ବର୍ଷ ପୂର୍ବେ—ଅନନ୍ତଗୋଇ ମାଳିକା, ଗୁପ୍ତଭାଗବତ ।

(୩) ଆରତ ଦାସ –ସମୟ ଜଣାନାହିଁ – ଜଗନ୍ନାଥ ଜଣାଣ ।

(୪) ବଳଭଦ୍ର ଭଞ୍ଜ – ,, ଭାବବତୀ ।

(୫) ବଳରାମ ଦାସ –୩୦୦ ବର୍ଷ ପୂର୍ବେ—ବେଢ଼ାପରିକ୍ରମା, ଅର୍ଜୁନଗୀତା, ଭାବସମୁଦ୍ର, ଭଗବତ୍‌ଗୀତା, ଭକ୍ତିରସାମୃତ, ଭୂତକେଳି, ବିରାଟଗୀତା, ଚଣ୍ଡୀପୁରାଣ, କାମରତ୍ନଗୀତା, ରାମାୟଣ, ରସକେଳି, ଶରୀର ଭୂଗୋଳ, ଛତିଶ ଗୀତା, ଗଜନିସ୍ତାରଣ ଗୀତା, ଗରୁଡ଼ ଗୀତା, ଗୀତସାର, ଗୁପ୍ତଗୀତା, କୃଷ୍ଣଲୀଳା, ମହାଭାରତ, ମୃଗୁଣୀସ୍ତୁତି, ରସବିନୋଦ, ତୁଳାଭିଣା ।

(୬) ଭକ୍ତଚରଣ ଦାସ—୧୫୦ ବର୍ଷ ପୂର୍ବେ—ମଥୁରାମଙ୍ଗଳ ।

(୭) ଭିକାରୀ ପଟ୍ଟନାୟକ—୨୦୦ ବର୍ଷ ପୂର୍ବେ—ଲଙ୍କାଦହନ ନାଟକ ।

(୮) ଭୀମା ଦାସ—୨୦୦ ବର୍ଷ ପୂର୍ବେ—ଭକ୍ତରତ୍ନମାଳା ।

(୯) ଭୀମା ଧିବର—୧୫୦ ବର୍ଷ ପୂର୍ବେ—କପଟପଶା, ଭାରତସାବିତ୍ରୀ ।

(୧୦) ବିପ୍ରକଣ୍ଠ ଦାସ—୨୫୦ ବର୍ଷ ପୂର୍ବେ—ନପୋଇ ଛପୋଇ ।

(୧୧) ବିଶ୍ୱନାଥ ଖୁଣ୍ଟିଆ—୩୦୦ ବର୍ଷ ପୂ ର୍ବେ—ବିଚିତ୍ର ରାମାୟଣ ।

(୧୨, ବିଶ୍ୱନାଥ ପାଟଯୋଷୀ—ସମୟ ଜଣା ନାହିଁ—ଉଷାପରିଣୟ ନାଟକ ।

(୧୩) ବିଶ୍ୱମ୍ଭର ମିଶ୍ର—୨୦୦ ବର୍ଷ ପୂର୍ବେ—ବିଚିତ୍ର ଭାରତ ।

(୧୪) ବ୍ରଜନାଥ ଦାସ—ସମୟ ଜଣାନାହିଁ—ଅମ୍ବିକାବିବାହ, ସମରତରଙ୍ଗ, ଗୁଣ୍ଡିଚାବିଜେ ।

(୧୫) ଚନ୍ଦ୍ରମଣି ମହାନ୍ତ—୧୫୦ ବର୍ଷ ପୂର୍ବେ—ହଂସଦୂତ ।

(୧୬) ଧନଞ୍ଜୟ ଭଞ୍ଜ—ସମୟ ଜଣାନାହିଁ—ରଘୁନାଥବିଳାସ ।

(୧୭) ଦିବାକର ମିଶ୍ର—୨୦୦ ବର୍ଷ ପୂର୍ବେ—ଜଗନ୍ନାଥଚରିତାମୃତ ।

(୧୮) ଦୀନବନ୍ଧୁ ଦାସ—ସମୟ ଜଣାନାହିଁ—ଛନ୍ଦ ଗୁରୁପ୍ରଭା ।

(୧୯) ଧରଣୀଧର—୨୫୦ ବର୍ଷ ପୂର୍ବେ—ଗୀତଗୋବିନ୍ଦ ।

(୨୦) ଦୀନବନ୍ଧୁ ରାୟ—୨୫୦ ବର୍ଷ ପୂର୍ବେ—ରାଧାବିଳାସ ।

(୨୧) ଦୀନକୃଷ୍ଣ ଦାସ—୨୫୦ ବର୍ଷ ପୂର୍ବେ—ରସକଲ୍ଲୋଳ, ଚକ୍ରଧର ବିଳାସ, ମଧୁସୂଦନ ବିଳାସ, ମାଧବକର ଗୀତ, ଅଭିଧାନ ଚଉତିଶା, ତାରମାଇଁକୋଇଲି, ଜଗମୋହନ, ସାମୁଦ୍ରିକ, ଗୁଣ୍ଡିଚାବିଜେ, ପ୍ରତାପସିନ୍ଧୁ, ଗୁଣସାଗର, ଉତ୍କଳ ନୀଳମଣି କାରିକା (ଗଦ୍ୟ), ରାଧାକବଚ, ଦ୍ୱାଦଶକୁଞ୍ଜ ଲୀଳା, କୃଷ୍ଣଦାସ ବଳି ।

(୨୨) ଗଦାଧର ପଟ୍ଟନାୟକ—୧୭୦ ବର୍ଷ ପୂର୍ବେ—ରାସ କଳ୍ପଲତା ।

(୨୩) ଗୋପେନ୍ଦ୍ର ଭଣିତା—୨୦୦ ବର୍ଷ ପୂର୍ବେ—ମଧୁପ-ଚଉତିଶା ।

(୨୪) ଗୋପୀନାଥ କବିଭୂଷଣ—୨୦୦ ବର୍ଷ ପୂର୍ବେ—କବିଚିନ୍ତାମଣି, ରାମଚନ୍ଦ୍ରବିହାର ।

(୨୫) ଗୋବିନ୍ଦ ଦାସ—୨୭୦ ବର୍ଷ ପୂର୍ବେ—ଚରଣ ସୁଧାନିଧି ।

(୨୬) ହରି ଦାସ—୧୦୦ ବର୍ଷ ପୂର୍ବେ—ମାଳିକା ।

(୨୭) ହରିଚନ୍ଦ୍ର ଦେବ—୩୦୦ ବର୍ଷ ପୂର୍ବେ—ଲୀଳାବତୀ, ଚନ୍ଦ୍ରଭାନୁ ।

(୨୮) ହଳଧର ଦାସ—୫୦୦ ବର୍ଷ ପୂର୍ବେ—ଅଧ୍ୟାତ୍ମରାମାୟଣ, ହଳଧର କାରିକା ।

(୨୯) ହନୁମାନ ମିଶ୍ର—ସମୟ ଜଣାନାହିଁ—ମହାନାଟକ ଟୀକା ।

(୩୦) ହରିହର କବି—୩୦୦ ବର୍ଷ—ସୁଚିତ୍ର ରାମାୟଣ ।

(୩୦) ହରେକୃଷ୍ଣ ମହାପାତ୍ର—ସମୟ ଜଣାନାହିଁ—ରୁକ୍ମିଣୀ-ବିଳାସ ।

(୩୨) ଯଦୁମଣି ଭଞ୍ଜ—୨୫୦ ବର୍ଷ—ରୁକ୍ମିଣୀ ବିଳାସ ।

(୩୩) ଜଗନ୍ନାଥ ଦାସ—୩୫୦ ବର୍ଷ—ପାଷଣ୍ଡଦଳନ, ଭାଗବତ, ମନଶିକ୍ଷା, ଜଗନ୍ନାଥ-କାରିକା ।

(୩୪) ଜଲନ୍ତର କବିସୂର୍ଯ୍ୟ ରାୟଗୁରୁ—୧୫୦ ବର୍ଷ—ଚଉପଦୀ, କଶୋରୀଚମ୍ପୂ, ଆନନ୍ଦଦାମୋଦରଚମ୍ପୂ, ହାସ୍ୟାର୍ଣ୍ଣବ ।

(୩୫) କବିଚନ୍ଦ୍ର ରଘୁନାଥ ପରିଚ୍ଛା—୨୦୦ ବର୍ଷ—ଗୋପୀନାଥବଲ୍ଲଭ ନାଟକ ।

(୩୬) କର୍ଣ୍ଣାମ ଗିରି—୧୦୦ ବର୍ଷ—ଭକ୍ତିରସାମୃତ ।

(୩୭) କେଶବ ଦାସ—୨୦୦ ବର୍ଷ—ସୁଚିତ୍ର ଭାରତ ।

(୩୮) କୃଷ୍ଣଦାସ—ସମୟ ଜଣାନାହିଁ—ଭାଗବତ, ଗୀତଗୋବିନ୍ଦ, ଫାର୍ଶିରତ୍ନାକର ।

(୩୯) କୃଷ୍ଣସିଂହ—୨୦୦ ବର୍ଷ—ମହାଭାରତ, ରାମାୟଣ, ଭାଗବତ, ହରିବଂଶ ।

(୪୦) କୃପାସିନ୍ଧୁ ପଟ୍ଟନାୟକ—୩୦୦ ବର୍ଷ—କମଳାକାନ୍ତ ଚଉତିଶା, ସଜନ ଚଉତିଶା, ଦାସବଳି, ବ୍ରଜବିହାର ।

(୪୧) କୁଞ୍ଜବିହାରୀ ପଟ୍ଟନାୟକ—୧୫୦ ବର୍ଷ—କୁଞ୍ଜବିହାରୀ ।

(୪୨) ଲକ୍ଷ୍ମୀଧର ମିଶ୍ର—୨୦୦ ବର୍ଷ—ଶୈବ କଳ୍ପଦ୍ରୁମ ।

(୪୩) ଲକ୍ଷ୍ମୀଧର ଦାସ—୨୦୦ ବର୍ଷ—ଅଙ୍ଗଦପଡ଼ି ।

(୪୪) ଲୋକନାଥ ବିଦ୍ୟାଧର—୨୦୦ ବର୍ଷ—ଚନ୍ଦ୍ରକଳା, ସର୍ବାଙ୍ଗସୁନ୍ଦରୀ, ଚନ୍ଦ୍ରୋତ୍ପଳା, ପରିମଳା, ରସକଳା ।

(୪୫) ଲୋକନାଥ ଦାସ—୧୫୦ ବର୍ଷ—କାରିକାବଳୀ କର୍ମକାଣ୍ଡ ।

(୪୬) ଲୋକନାଥ ନାୟକ—୧୫୦ ବର୍ଷ—ଖଣ୍ଡି-ଲୀଳାବତୀ ।

(୪୭) ମାଧବକର—୪୦୦ ବର୍ଷ—ମାଧବକର ନିଦାନ ।

(୪୮) ମାଗୁଣି ପଟ୍ଟନାୟକ—୧୫୦ ବର୍ଷ—ରାମଚନ୍ଦ୍ର ବିହାର ।

(୪୯) ମହାଦେବ ଦାସ—୨୦୦ ବର୍ଷ—ମାର୍କଣ୍ଡପୁରାଣ, ପଦ୍ମପୁରାଣ, ମାଘ ମହାତ୍ମ୍ୟ, ବୈଶାଖ ମହାତ୍ମ୍ୟ, କାର୍ତ୍ତିକ ମହାତ୍ମ୍ୟ, ରାମାୟଣ ।

(୫୦) ମାଣିକ୍ୟ ଦେବ—ସମୟ ଜଣାନାହିଁ—ଶୁଦ୍ଧି ଗୁଚ୍ଛ ।

(୫୧) ମାର୍କଣ୍ଡ ଦାସ—୭୦୦ ବର୍ଷ—କେଶବ କୋଇଲି, ଜ୍ଞାନୋଦୟ କୋଇଲି ।

(୫୨) ନାରାୟଣ ଆଚାର୍ଯ୍ୟ—୩୦୦ ବର୍ଷ—ସୁଲକ୍ଷଣା ।

(୫୩) ନାରାୟଣ ପୁରୋହିତ—୨୦୦ ବର୍ଷ—ବୃତ୍ତରତ୍ନାକର ଛନ୍ଦ ।

(୫୪) ନିଧି ରଥ—୩୦୦ ବର୍ଷ—ଋତୁସଂହାର ।

(୫୫) ନୀଳାମ୍ବର ଭଞ୍ଜ—୧୫୦ ବର୍ଷ—କୃଷ୍ଣଲୀଳାମୃତ, ପଞ୍ଚସାୟକ ।

(୫୬) କୃପାସିନ୍ଧୁ ଦାସ—୪୦୦ ବର୍ଷ—ଜୈମିନିଭାରତ ।

(୫୭) ନୀଳାମ୍ବର ଦାସ—୪୦୦ ବର୍ଷ—ପ୍ରଭାବତୀ ।

(୫୮) ପଦ୍ମନାଭ ଦେବ—୪୦୦ ବର୍ଷ—ପ୍ରଭାବତୀ ।

(୫୯) ପଦ୍ମନାଭ ପରିଚ୍ଛା—୧୫୦ ବର୍ଷ—ଗୀତ ତାଳ ପ୍ରବନ୍ଧ ।

(୬୦) ପୀତାମ୍ବର ରାଜେନ୍ଦ୍ର—୨୦୦ ବର୍ଷ—ରାମଲୀଳା ।

(୬୧) ପିଣ୍ଡିକ ଶ୍ରୀଚନ୍ଦନ—ସମୟ ଜଣାନାହିଁ—ମୁକୁନ୍ଦମାଳା ।

(୬୨) ପୀତାମ୍ବର ମିଶ୍ର କବିଚନ୍ଦନ—୧୫୦ ବର୍ଷ—ଗୁଣ୍ଡିଚା ଚମ୍ପୂ, ନାରାୟଣଶତକ ଟୀକା, ଜାତକାଳଙ୍କାର ଟୀକା, ରାମ ବିରୁଦାବଳୀ, ପୀତାମ୍ବରୀ ଚଣ୍ଡୀ ।

(୬୩) ପୀତାମ୍ବର ଦେବ—୩୦୦ ବର୍ଷ—ଅଖିଳରସ ଚିନ୍ତାମଣି ।

(୬୪) ପୁରୁଷୋତ୍ତମ ଦାସ—୨୦୦ ବର୍ଷ—ଗୁଣ୍ଡିଚାବିଜେ ।

(୬୫) ପୁରୁଷୋତ୍ତମ ମିଶ୍ର—୫୦୦ ବର୍ଷ—ସଙ୍ଗୀତନାରାୟଣ, କ୍ଷେତ୍ରମହାତ୍ମ୍ୟ ।

(୬୬) ପୁରୁଷୋତ୍ତମ ପାଢ଼ୀ—୩୦୦ ବର୍ଷ—ଅନର୍ଘ ରାଘବ ନାଟକ, ସମସ୍ତ କବିମାନଙ୍କର ଟୀକା, ଅମରକୋଷ ଟୀକା ।

(୬୭) ରଘୁନାଥ ଦାସ—୧୫୦ ବର୍ଷ—ବିଦ୍ୟାକଳ୍ପ ଲତିକା, ପ୍ରାୟଶ୍ଚିତ୍ତ ତରଙ୍ଗିଣୀ, ଅମରକୋଷ, ରଘୁନାଥ ପ୍ରକ୍ରିୟା ବର୍ଦ୍ଧମାନ ବ୍ୟାକରଣ ଟୀକା, ସମସ୍ତ କବିମାନଙ୍କର ଟୀକା, ସଂସ୍କୃତମଞ୍ଜରୀ-ରଘୁବଂଶ ଟୀକା, ଉତ୍ସବ ତରଙ୍ଗିଣୀ ।

(୬୮) ରାମଚନ୍ଦ୍ର ଦାସ—୨୦୦ ବର୍ଷ—ବଳଭଦ୍ରବଳୀ ଚଉପଦୀ ।

(୬୯) ରାମଚନ୍ଦ୍ର ପଟ୍ଟନାୟକ—୫୦୦ ବର୍ଷ—ହାରାବତୀ, ଶୈବଚିନ୍ତାମଣି ।

(୭୦) ରାମଚନ୍ଦ୍ର ରଥ—ସମୟ ଜଣାନାହିଁ—ସାହିତ୍ୟରତ୍ନାକର ଅଳଙ୍କାର ।

(୭୧) ସାଦୟସ୍ଥ—ସମୟ ଜଣାନାହିଁ—ସାରଳାସ୍ତୁତି, ମଙ୍ଗଳାସ୍ତୁତି, ବିମଳାସ୍ତୁତି ।

(୭୨) ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା—୧୬୭ ବର୍ଷ—ନିସ୍ତାରନୀଳମଣି, ନାମଚିନ୍ତାମଣି, ପ୍ରେମ-ପଞ୍ଚାମୃତ, ଯୁଗଳରସାମୃତ, ପ୍ରେମତରଙ୍ଗିଣୀ, ପ୍ରେମଲହରୀ, ପ୍ରେମଭଉଁରୀ, ଯୁଗଳ-ରସାମୃତ ଚଉଁରୀ ।

(୭୩) ଶମ୍ଭୁକର ବାଜପେୟୀ—୧୫୦ ବର୍ଷ—ଶମ୍ଭୁକର ବାଜପେୟୀ ।

(୭୬) ଶାରଳା ଦାସ—୩୦୦ ବର୍ଷ—ମହାଭାରତ ।

(୭୫) ଶିଶୁରାମ ଦାସ—ସମୟ ଜଣାନାହିଁ—ଦାରୁବ୍ରହ୍ମ ଗୀତା ।

(୭୬) ଶିଶୁଶଙ୍କର ଦାସ—୨୫୦ ବର୍ଷ—ଉଷାପରିଣୟ ନାଟକ ।

(୭୭) ଶ୍ରୀଧର ଦାସ—୩୦୦ ବର୍ଷ—କାଞ୍ଚନଲତା ।

(୭୮) ଶ୍ରୀପତି ଦାସ—୭୦୦ ବର୍ଷ—ଶ୍ରୀପତି ଜାତକ ।

(୭୯) ହରିପୁରାଣ ଦାସ—୨୦୦ ବର୍ଷ—କଟପାସ୍ୱା, ରାମକୃଷ୍ଣ କେଳିକଲ୍ଲୋଳ, କେରଳଗୀତ, ରାଧାକୃଷ୍ଣ କେଳିକଲ୍ଲୋଳ ।

(୮୦) ଉପେନ୍ଦ୍ର ଭଞ୍ଜ—୩୦୦ ବର୍ଷ—ଅବନାରସତରଙ୍ଗ, ବାରଉତିଶା, ବୈଦେହୀଶବିଳାସ, ଭାବବତୀ, ବ୍ରଜଲୀଳା, ଚନ୍ଦ୍ରକଳା, ଚନ୍ଦ୍ରରେଖା, ଚଉପଦୀଭୂଷଣ, ଚଉପଦୀଚନ୍ଦ୍ର, ଛାନ୍ଦଭୂଷଣ, ଛନ୍ଦଲେଖା, ଛନ୍ଦକାବ୍ୟବଳୋଦୟ, ଦୁହା, ଶାହା, ଗୀତାଭିଧାନ, ହେମମଞ୍ଜରୀ, ଇଚ୍ଛାବତୀ, ଯମକରାଜ ଚଉତିଶା, କଳାବତୀ, କାଳକଣ୍ଟକ, କାମକଳା, କୋଟିବ୍ରହ୍ମାଣ୍ଡସୁନ୍ଦରୀ, କୁଞ୍ଜବେହାର, ଲବଣ୍ୟବତୀ, ମୁକ୍ତବତୀ, ମନୋରମା, ପ୍ରେମଲତା, ପ୍ରେମସୁଧାନିଧି, ପୁରୁଷୋତ୍ତମମହାତ୍ମ୍ୟ, ରାସଲୀଳା, ରସଲେଖା, ରସପଞ୍ଚକ, ରସିକ-ହାରାବଳୀ, ରାସମଞ୍ଜରୀ, ଷଡ଼ଋତୁ, ସଙ୍ଗୀତକୌମୁଦୀ, ଶଶିରେଖା, ଶୋଭାବତୀ, ସୁବର୍ଣ୍ଣରେଖା, ସୁଭଦ୍ରାପରିଣୟ, ତ୍ରୈଲୋକ୍ୟମୋହିନୀ ।

ନିମ୍ନଲିଖିତ ପୁସ୍ତକମାନଙ୍କର କବି କିଏ, ସେ ସମ୍ବନ୍ଧରେ ସନ୍ଦେହ ଅଛି ବୋଲି ହଣ୍ଟର ସାହେବ ଲେଖିଯାଇଛନ୍ତି । ଅର୍ଥକୋଇଲି, ଅଶ୍ୱତ୍ଥକ୍ଷେତ୍ରମହାତ୍ମ୍ୟ, ବସନ୍ତକୋଇଲି, ଭାରତାମୃତ, ଭଞ୍ଜ ମହୋଦୟ ନାଟିକା, ଭକ୍ତି ରସାମୃତସିନ୍ଧୁ, ବିଦଗ୍ଧମାଧବ, ବ୍ରହ୍ମଜ୍ଞାନ, ଚୈତନ୍ୟଚରିତାମୃତ, ଦେଉଳତୋଳା, ଧ୍ୱନିମଞ୍ଜରୀ, ଦ୍ୱିରେଫକୋଷ, ଏକାମ୍ରକ୍ଷେତ୍ର, ଏକାକ୍ଷରକୋଷ, ଜ୍ଞାନଚୂଡ଼ାମଣି, ଇନ୍ଦ୍ରହାସଲେଖନ, କଳେଶ୍ୱରପଦ୍ଧତି, କାଞ୍ଚିକାବେରୀ, କୋଷମଞ୍ଜରୀ, ମହନ୍ତ ନର୍ତ୍ତୟିରସ, ମନ୍ତ୍ରାର୍ଣ୍ଣବ, ମହାମଣ୍ଡଳ, ମୁକୁନ୍ଦମାଳା, ନବବୃନ୍ଦାବନବିହାର, ନାନାର୍ଥକୋଷ, ପାରିଜାତହରଣ, ପ୍ରାଚୀମହାତ୍ମ୍ୟ, ପ୍ରେମାଲୋକ ନାଟକ, ପୁରୁଷୋତ୍ତମ କ୍ଷେତ୍ରମହାତ୍ମ୍ୟ, ରାମସୀତାବଲ୍ଲଭ ନାଟକ, ରାମଲୀଳାନାଟକ, ସମ୍ପ୍ରଦାୟସିଦ୍ଧି, ଶିବପୁରାଣ, ଶିବଲୀଳାମୃତ, ଶ୍ଳୋକାବଳୀ, ସୂର୍ଯ୍ୟକ୍ଷେତ୍ରମହାତ୍ମ୍ୟ, ତନ୍ତ୍ରାର୍ଣ୍ଣବ, ତୁଳସୀକ୍ଷେତ୍ର, ଉତ୍କଳମହାତ୍ମ୍ୟ, ଇତିହାସ ସମୁଚ୍ଚୟ (୧ମ ଓ ୨ୟ), ଉତ୍କଳଭାଷା ଗୀତସଂଗ୍ରହ, ଉପାସନା, ହଂସଦୂତ, ଉଚ୍ଛିଷ୍ଟ ଗଣପତି କଳ୍ପ, କୃଷିପଦ୍ଧତି, କାମରହ ତନ୍ତ୍ର, କେରଳଭାଷ୍ୟ, କାକଚରିତ, କୃଷିପରାଶର, କୁଷ୍ମାଣ୍ଡବଧ, ଚୌତିଶାସଂଗ୍ରହ (କୃଷ୍ଣଦାସ), ଜ୍ଞାନଚୂଡ଼ାମଣି (ବଳରାମ ଦାସ), ନଳଚରିତ (ମଧୁସୂଦନ), ନିତ୍ୟାଚାର, ବ୍ରହ୍ମାଣ୍ଡସାର ଗୀତା ।

ହଣ୍ଟର ସାହେବଙ୍କ ଅନୁଗ୍ରହରୁ ଆଜ ଆମ୍ଭେମାନେ ପ୍ରାଚୀନ ଉତ୍କଳ ସାହିତ୍ୟର ଏ କେତେଖଣ୍ଡି ପୁସ୍ତକର ନାମ ଶୁଣିବାକୁ ପାଇଲୁଁ । ସେ ମହାତ୍ମାଙ୍କ ଲେଖାରେ କେତେକ ଭ୍ରମ ଥାଇପାରେ, ତଥାଚ ଉତ୍କଳ ଆଜ ତାଙ୍କଠାରେ ଋଣୀ । ବୈଦେଶିକମାନେ ଓଡ଼ିଶାର ପ୍ରତ୍ନତତ୍ତ୍ୱ ସ୍ଥିର କରିବା ଲାଗି ଭୂୟସୀ ଚେଷ୍ଟା କରୁଅଛନ୍ତି; ମାତ୍ର ଆମ୍ଭେ ଉତ୍କଳ ସନ୍ତାନମାନଙ୍କର ଏ ଦିଗକୁ ଦୃଷ୍ଟି ନ ଥିବାରୁ ଏହାଠାରୁ ବଳି ଆଉ ପରିତାପର ବିଷୟ କଣ ଅଛି ? ଉତ୍କଳର ପ୍ରାଚୀନ ଓଡ଼ିଆ ସାହିତ୍ୟ ବିଷୟ ଯେପରି ବୃହତ୍, ସେହିପରି ଜଟିଳ ଓ ସମୟ-ସାପେକ୍ଷ । ଆମ୍ଭେ ଯେ ଏ ବିଷୟର ଉପଯୁକ୍ତ ଚର୍ଚ୍ଚା କରିପାରିବୁଁ ଏହା ଆମ୍ଭର ଭରସା ନାହିଁ । ମାତ୍ର ଅନ୍ୟାନ୍ୟ ଉଦ୍‌ଯୋଗୀ ଉତ୍କଳ ସନ୍ତାନମାନଙ୍କର ଏ ଦିଗକୁ ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ପଦେ ଅଧେ ଲେଖୁଅଛୁଁ । ଏହି ଉଦ୍ଦେଶ୍ୟରେ କେତେଜଣ କବି ଓ ସେମାନଙ୍କ ଲେଖା ସମ୍ବନ୍ଧେ ଆଲୋଚନା କରିବାରେ ପ୍ରବୃତ୍ତ ହେଲୁଁ । ଏହା ଆମ୍ଭର ଦୁଃସାହସ ମାତ୍ର । ଆଶାକରୁଁ ପାଠକମାନେ ଆପଣା ସହୃଦୟତା ଗୁଣଦ୍ୱାରା ଆମ୍ଭର ତ୍ରୁଟି ମାର୍ଜନା କରିବେ ।

କବି ପୀତାମ୍ବର ଦାସ—ପାଠକମାନେ ଜାଣନ୍ତି ଯେ ନୃସିଂହପୁରାଣ ଗୋଟିଏ ବୃହତ ଗ୍ରନ୍ଥ । ଏ ଗ୍ରନ୍ଥଟି ସପ୍ତ ରତ୍ନାକରରେ ପରିପୂର୍ଣ୍ଣ । ମୂଳଗ୍ରନ୍ଥ ସଂସ୍କୃତଭାଷାରେ ଲିଖିତ । କବି ମହାଶୟ ଏ ସମସ୍ତ ଗ୍ରନ୍ଥଟି ଓଡ଼ିଆଭାଷାରେ ଅନୁବାଦ କରିଅଛନ୍ତି । ସମସ୍ତ ଗ୍ରନ୍ଥଟି ପଦ୍ୟରେ ଅନୁବାଦିତ ହୋଇଅଛି । ଚଉଦ-ଅକ୍ଷରୀ ବୃତ୍ତରେ ପଦଗୁଡ଼ିକ ଲିଖିତ ହୋଇଅଛି । ଏ ପୁରାଣଟି କେବେ ଅନୂଦିତ ହେଲା କବି ତାର ପରିଚୟ ଦେଇଛନ୍ତି ।

ବୀରକିଶୋର ଦେବଙ୍କ ବତିଶ ଅଙ୍କରେ ସିଂହମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ବୀରକିଶୋର ଦେବ ଓଡ଼ିଶାରେ ରାଜା ଥିଲେ ଏବଂ ସେ ୧୭୩୬ ଖ୍ରୀଷ୍ଟାବ୍ଦଠାରୁ ୧୭୬୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ।

ଅଙ୍କ ଶବ୍ଦର ଗୋଟିଏ ବିଶେଷ ଅର୍ଥ ଅଛି ଏବଂ ଅଙ୍କ ଗଣନାର ମଧ୍ୟ ବିଶେଷ ନିୟମ ଅଛି । ଉତ୍କଳରେ ସୁନିଆଁ ଦିନଠାରୁ ବର୍ଷ ଆରମ୍ଭ ହୁଏ । ସୁନିଆଁ ଦିନ ରାଜଦ୍ୱାରରେ ବହୁ ସମାରୋହ । ଏ ଦିନ ଓଡ଼ିଶା ରାଜାଙ୍କୁ ଅନ୍ୟାନ୍ୟ ସମସ୍ତ ସାମନ୍ତ ରାଜା, ପ୍ରଜା ଓ କର୍ମଚାରୀ-ମାନେ ଆପଣା ଆପଣା ଶକ୍ତି ଓ ମର୍ଯ୍ୟାଦାନୁରୂପ ଭେଟି ପ୍ରଦାନ କରନ୍ତି । ରାଜଦ୍ୱାରରେ ନାନାପ୍ରକାର ନୃତ୍ୟଗୀତ ମଜଲିସ ହୁଏ । ଏହି ପ୍ରଥା ଅନୁସାରେ ଉତ୍କଳର ସର୍ବତ୍ର ପ୍ରଜାମାନେ ଆପଣା ଆପଣା ଜମିଦାର, ମକଦ୍ଦମ, ସରବରାକାର ପ୍ରଭୃତିଙ୍କି ଭେଟି ପ୍ରଦାନ କରନ୍ତି । ଏହି ଦିନଠାରୁ ନୂତନ ସାଲ ବା ବର୍ଷ ଆରମ୍ଭ ହୁଏ । ଏହି ଦିନ ଓଡ଼ିଶା ରାଜାଙ୍କର ଅଙ୍କ କଟା ହୁଏ । ଅଙ୍କ କଟା ଅର୍ଥ ନୂତନ ବର୍ଷର ପ୍ରାରମ୍ଭ । ଯେଉଁ ରାଜା ଯେତେ ବର୍ଷ ରାଜତ୍ୱ କରନ୍ତି, ତାହାଙ୍କ ରାଜତ୍ୱକାଳ ତେତେ ଅଙ୍କ ବୋଲି କୁହାଯାଏ ।

ଏହି ଅଙ୍କ ଗଣନା କରିବାର ନିୟମ ଏହି ଯେ ୧, ୬, ୧୬, ୨୦, ୨୬, ୩୦, ୩୬, ୪୦ ପ୍ରଭୃତି ସଂଖ୍ୟା ତ୍ୟାଜ୍ୟ । ୧୦ ବ୍ୟତୀତ ଅନ୍ୟାନ୍ୟ ଯେ ଅଙ୍କର ଡାହାଣରେ ୦ ଥାଏ, ୧ ଓ ଯାହାର ଡାହାଣରେ ୬ ଥାଏ ଏବଂ ୬ ତ୍ୟାଜ୍ୟ ।

ଏହି ଗଣନାର ନିୟମାନୁସାରେ ନୃସିଂହପୁରାଣର ଅନୁଦିତ ସମୟ ୧୭୨୮ ଖ୍ରୀଷ୍ଟାବ୍ଦ ।

କବି ଏ ଗ୍ରନ୍ଥରେ ଆତ୍ମପରିଚୟ ଦେଇଛନ୍ତି । ଗ୍ରନ୍ଥଟି ପ୍ରକାଶିତ ହୋଇଛି । ୪ର୍ଥ ରତ୍ନାକରର ୧୧୫ ପୃଷ୍ଠାରେ ଲେଖାଅଛି—

"ଋଷିକୁଲ୍ୟା ନଦୀତୀରେ ଅଟଇ ମୋର ମଠ
କୁଟୁମ୍ବ ଜଞ୍ଜାଳେ ପଡ଼ି କଲି କାଳ ନଷ୍ଟ ।
ଲୋକଙ୍କ ଯେଉଁ ଧନ ନମିଳେ କଦାଚତେ
କୁଟୁମ୍ବ ଆକୁଳେ ମନ ଶାନ୍ତି ହୁଏ ନଚ୍ଚୋ ।"

ଏଥିରୁ ଜଣାଯାଏ କବି ଜଣେ ଗୃହୀ ବୈଷ୍ଣବ ଥିଲେ ଏବଂ ଭିକ୍ଷାବୃତ୍ତିଦ୍ୱାରା ଉଦର ପୋଷଣ କରୁଥିଲେ । କବିଙ୍କ ପିତାଙ୍କ ନାମ ବାଲୁଙ୍କେଶ୍ୱର ଏବଂ ପ୍ରପିତାଙ୍କ ନାମ ଲକ୍ଷ୍ମୀଧର । କବିଙ୍କ ପିତା ପରମହଂସ ଦୀକ୍ଷାରେ ଦୀକ୍ଷିତ ଥିବାର ଉଲ୍ଲେଖ ଅଛି । କବିଙ୍କ ଗୋତ୍ର କୌଣ୍ଡିନସ୍ୟ ଗୋତ୍ର ।

ପଣ୍ଡିତ ମୃତ୍ୟୁଞ୍ଜୟ ରଥେ କବି ପୁରୀବାସୀ ବୋଲି ଲେଖିଥିବାରୁ ସେ ଦିନ 'ଆଶା'ରେ ଗୋପୀନାଥ ନନ୍ଦ ମହାଶୟ ପ୍ରତିବାଦ କରିଥିଲେ । କବି ପୁରୀବାସୀ ଥିବା ବିଷୟ ନୃସିଂହ-ପୁରାଣରେ ଉଲ୍ଲେଖ ନାହିଁ । ରଥେ ଆପଣେ କବିଙ୍କ ରଚିତ ଅନ୍ୟ କୌଣସି ପୁସ୍ତକରୁ ଯେବେ ଏ ବିଷୟର ପ୍ରମାଣ ପାଇଥାନ୍ତି, ତାହା ଆମ୍ଭେ କହି ନପାରୁଁ । କବିଙ୍କ ମଠ ଋଷିକୁଲ୍ୟା ନଦୀତୀରରେ ହେଲି ବୋଲି ସେ ସେ ପୁରୀବାସୀ ହୋଇ ନ ପାରନ୍ତି, ଏ କଥା ମଧ୍ୟ କୁହାଯାଇ ନ ପାରେ । ତେବେ ଅନ୍ୟ ପ୍ରମାଣ ନ ମିଳିଲେ କବିଙ୍କ ବାସସ୍ଥାନ ଋଷିକୁଲ୍ୟା ନଦୀ-ତୀରରେ ବୋଲି ଧରିବାକୁ ହେବ ।

ନୃସିଂହପୁରାଣରେ ନୃସିଂହଙ୍କ ଜନ୍ମ, ବିବାହ, ମୁରାସୁରର ଜନ୍ମ, ବିବାହ ଓ ମୃତ୍ୟୁ ବିଷୟ ଉଲ୍ଲେଖ ଅଛି । ମୁରାସୁର ଦର୍ପରେ ପୃଥିବୀ କମ୍ପିତ ହେଲା, ଦେବତାମାନେ ପ୍ରପୀଡ଼ିତ ହେଲେ । ସୁତରାଂ ବିଷ୍ଣୁ ନୃସିଂହ ଅବତାର ଗ୍ରହଣ କରି ମୁରାସୁର ସହିତ ଘୋର ଯୁଦ୍ଧ କରିବା ପରେ ତାକୁ ନିହତ କଲେ । ଏହାହିଁ ପୁରାଣର ବର୍ଣ୍ଣିତ ବିଷୟ । ପ୍ରସଙ୍ଗକ୍ରମେ ଧର୍ମ ଓ ନୀତିଗର୍ଭିକ ଉପଦେଶମାନ ବର୍ଣ୍ଣିତ ହୋଇଛି । ନାନାପ୍ରକାର ସାମାଜିକ ନିୟମମାନ ବିବୃତ ହୋଇଛି । ଚନ୍ଦନଯାତ୍ରାର ଉତ୍ପତ୍ତି ଓ ସ୍ଥିତି ବିଷୟ ଏ ପୁରାଣରେ ବର୍ଣ୍ଣିତ ହୋଇଛି । ନୃସିଂହ

ଏହି ପୁରୀଧାମରେ ଚନ୍ଦନଯାତ୍ରା କରିଥିବାର ଉଲ୍ଲେଖ ଅଛି । ଚନ୍ଦନଯାତ୍ରାର ପ୍ରାଚୀନତ୍ୱ ବିଷୟ ଏଥିରୁ ଜଣାଯିବ ।

କବି ଏତେ ବଡ ଗୋଟିଏ ସଂସ୍କୃତ ପୁରାଣକୁ ଉତ୍କଳ ଭାଷାରେ ଅନୁଦିତ କରି ଜନସାଧାରଣର ଅନେକ ଉପକାର କରିଛନ୍ତି । ଭାଷା ପ୍ରାଞ୍ଜଳ, ସରଳ ଓ ସୁବୋଧ୍ୟ । ଆଜି ଅନେକ ଲୋକ ନୃସିଂହପୁରାଣ ପାଠକରି ଆପଣାକୁ ଧନ୍ୟ ମନେକରନ୍ତି । କବିଙ୍କର ସଂସ୍କୃତ ଭାଷାରେ ବ୍ୟୁତ୍ପତ୍ତି ଥିବାର ଜଣାଯାଏ ।

ତ୍ରିଲୋଚନ ଦ୍ୱିଜ କବି ପ୍ରାଚୀମାହାତ୍ମ୍ୟକୁ ଉତ୍କଳାନୁବାଦ କରିଛନ୍ତି । କବି ତାଙ୍କର କୌଣସି ପରିଚୟ ଦେଇନାହାନ୍ତି କିମ୍ବା ଅନୁବାଦର ସମୟ ଦେଇନାହାନ୍ତି । ପ୍ରାଚୀମାହାତ୍ମ୍ୟ ପଦ୍ମପୁରାଣାନ୍ତର୍ଗତ । ଏ ପୁରାଣରେ ଉତ୍କଳର ପ୍ରାଚୀନତ୍ୱ ସମ୍ବନ୍ଧେ ଅନେକଗୁଡ଼ିଏ କଥା ମିଳିବ । ପ୍ରାଚୀ ନଦୀ ଉତ୍କଳ ପ୍ରଦେଶର ପୁରୀଜିଲା ବକ୍ଷରେ ପ୍ରବାହିତ । ପ୍ରାଚୀ ନଦୀର ଉତ୍ପତ୍ତି ସମ୍ବନ୍ଧେ ଏ ପୁରାଣରେ ଲେଖାଅଛି । ନିମ୍ନ କେତେକ ପଂକ୍ତିରୁ ପ୍ରାଚୀଙ୍କ ମାହାତ୍ମ୍ୟ ଜଣାପଡ଼ିବ ।

କପିଳେଶ୍ୱର ସନ୍ନିଧାନ । ସେ ପ୍ରାଚୀ ହୋଇଲେ ଜନମ ॥
ଦୁଇ ଦେବଙ୍କ ଅନ୍ତସ୍ଥଳ । ଭୂମି ବ୍ରହ୍ମାଣ୍ଡ ଅନର୍ଗଳ ॥
ନାମ ତାଙ୍କର ଅନ୍ତର୍ବେଦୀ । ସାଯୁଜ୍ୟ ମୋକ୍ଷ ପ୍ରଭୁବାଦୀ ॥
ତ୍ରିବେଣୀ ସ୍ନାନ କରି ନର । ମୁକ୍ତ କରଇ କଳେବର ॥
ଅନେକ ସ୍ନାନ ଦାନ ଯେତେ । ଶତ ଗୁଣରେ ହୁଏ ତେତେ ॥
ଗଙ୍ଗାଙ୍କଠାରୁ ସେ ଅଧିକ । ହୋଇ ପବିତ୍ର କରେ ଲୋକ ॥
ବ୍ରହ୍ମାଣ୍ଡେ ପ୍ରାଚୀତୀର ସମ । ଭୂତ ଭବିଷ୍ୟେ ନାହିଁ ଆନ ॥
କାଳନ୍ଦୀ ଗଙ୍ଗା ସମୀପରେ । ଯେ ଫଳ ସେ ଫଳ ପ୍ରାଚୀରେ ॥
ମାଧବ ନାମେ ପୁଣି ଖ୍ୟାତ । ସେ ତିନପୁରେ ଧର୍ମସୁତ ॥
ଉତ୍କଳ ଦେଶେ ପ୍ରାଚୀ ନାମ । ସକଳ ନାମେ ଅନୁପମ ॥
ନିଅଳୀ ନାମେ ପ୍ରାଚୀ ତୀରେ । ସ୍ଥିତ ସୁଥଳ ଏ ମହୀରେ ॥
ଯେବେ ବିପତ୍ତି କାଳ ହୋଇ । ଭକ୍ଷ୍ୟାଭକ୍ଷ୍ୟ ବିଚାର ନାହିଁ ॥

ପ୍ରାଚୀ କୂଳରେ ଅନେକ ମହାଦେବ ମୂର୍ତ୍ତି ଅଛନ୍ତି; ଯଥା—କପିଳେଶ୍ୱର, ମୁକ୍ତେଶ୍ୱର, ବିଲ୍ୱେଶ୍ୱର, ବିଶ୍ୱେଶ୍ୱର, ଅମରେଶ୍ୱର, ଗୋକର୍ଣ୍ଣେଶ୍ୱର, ସୋମନାଥ, ପୂର୍ଣ୍ଣେଶ୍ୱର, ଶୋଭନେଶ୍ୱର, ରାମେଶ୍ୱର, ଅଙ୍ଗେଶ୍ୱର, ଗ୍ରାମେଶ୍ୱର, ନୃତ୍ୟେଶ୍ୱର, ନଟେଶ୍ୱର, ଉମାଧବ ।

ପ୍ରାଚୀ ନଦୀତୀର ତୀର୍ଥପୂର୍ଣ୍ଣ । ପ୍ରାଚୀ କୂଳରେ ଅନେକଗୁଡ଼ିଏ ତୀର୍ଥ ଅଛି; ଯଥା— ମାତୃକା ତୀର୍ଥ, ମଲ୍ଲବନ, ତ୍ରିବେଣୀ, ଅର୍କତୀର୍ଥ, କର୍ଣ୍ଣତୀର୍ଥ, ଗୋତୀର୍ଥ, ଅଗ୍ନିତୀର୍ଥ, ଯୋଗିନୀତୀର୍ଥ, ମୁକ୍ତିତୀର୍ଥ, ମୃତ୍ୟୁତୀର୍ଥ, ଚନ୍ଦ୍ରତୀର୍ଥ, ବିଷ୍ଣୁତୀର୍ଥ, ସୁଦର୍ଶନ ତୀର୍ଥ, ବିଶ୍ୱାମିତ୍ର ତୀର୍ଥ, ଦଧୀଚି ତୀର୍ଥ, ଦଶାଶ୍ୱମେଧ ।

ଶ୍ରୀରାମଚନ୍ଦ୍ର ବନବାସ ଗଲାବେଳେ ଏହି ପ୍ରାଚୀକୂଳବାଟେ ଯାଇଥିଲେ ଏବଂ ଏହି ପ୍ରାଚୀ ନଦୀରେ ପିତୃଶ୍ରାଦ୍ଧ କରିଥିଲେ । ପ୍ରତିଷ୍ଠା ନବର ନୃପତି ରାମେଶ୍ୱରଙ୍କଠାରୁ ସୋମେଶ୍ୱରଙ୍କ ପର୍ଯ୍ୟନ୍ତ ପ୍ରତି ପଦରେ ଯଜ୍ଞଯୂପ କ୍ଷେପଣ କରିଥିଲେ । ଯୁଧିଷ୍ଠିର ବନବାସ ଗଲାବେଳେ ଏହି ପ୍ରାଚୀ ତୀରରେ ଅବସ୍ଥାନ କରିଥିଲେ । ଏହି ନଦୀତୀରରେ ପାଣ୍ଡବତୀର୍ଥ ନାମରେ ଗୋଟିଏ ତୀର୍ଥ ଅଛି । ଯୁଧିଷ୍ଠିର ମାଧବାନନ୍ଦ ଠାକୁରଙ୍କ ପ୍ରତିଷ୍ଠାକରି ମାଧବ ନାମକ ଗ୍ରାମ ବସାଇଥିଲେ । ଏହି ମାଧବ ନିଆଳୀ ନିକଟରେ । ଏଠାରେ ମାଧବଯାତ୍ରା ନାମକ ଗୋଟିଏ ଯାତ୍ରା ହୁଏ । ମାଘ ମାସ ଶୁକ୍ଳ ଏକାଦଶୀ ଦିନ ଏହି ଯାତ୍ରା ଅନୁଷ୍ଠିତ ହୁଏ । ମାଧବ ଗ୍ରାମ ପୁରୀ ଜିଲାର ପୂର୍ବଦିଗରେ । ସ୍ୱୟଂ ଗଙ୍ଗା ଆପଣା ପାପ ପ୍ରକ୍ଷାଳନ କରିବାଲାଗି ଅକ୍ଷୟ ତୃତୀୟା ଦିନ ମାଧବ ନିକଟରେ ଆବିର୍ଭୂତ ହୁଅନ୍ତି । ପ୍ରାଚୀକୂଳରେ ତ୍ରିବେଣୀ ନାମକ ତୀର୍ଥ ଅଛି । ଏଠାରେ ତ୍ରିବେଣୀ ଅମାବାସ୍ୟା ଦିନ ଭିଡ଼ ପଡ଼େ ଏବଂ ଯାତ୍ରା ହୁଏ ।

ଏ ଗ୍ରନ୍ଥରେ ବ୍ୟବହୃତ କେତେଗୁଡ଼ିଏ ଶବ୍ଦ —

କର୍ମାଣି, ପୁଣ୍ୟଦେହା, ହରିନ, କୋଷ୍ଠୁରଣ୍ଡ, ମିଶାମିଶି, ସଞ୍ଚପି, ସୀତୋପହୃତ, ବିଶୋକା, କାଞ୍ଚିଦାମ, ଭାଜମାନ, ଶିରୋମଣି, ସ୍ପର୍ଶିତେଣେ, ଛିଣ୍ଡି ଇତ୍ୟାଦି ।

ସମସ୍ତ ଗ୍ରନ୍ଥଟି ଭାଗବତ ବୃତ୍ତରେ ଲିଖିତ । ଏଥିରୁ ଅନୁମାନ ହୁଏ, ଏ କବି ଭକ୍ତାଗ୍ରଣୀ ଜଗନ୍ନାଥ ଦାସଙ୍କ ପରବର୍ତ୍ତୀ ବା ସମସାମୟିକ ଲେଖକ ।

କୃଷ୍ଣଦାସ—ଏହାଙ୍କ ରଚିତ ଗ୍ରନ୍ଥ ମଧ୍ୟରେ 'ରସବିନୋଦ' ପ୍ରଧାନ ଗ୍ରନ୍ଥ । ଏ ଗ୍ରନ୍ଥଟି ବର୍ତ୍ତମାନ ପ୍ରକାଶିତ ହୋଇଛି । ଭଣିତାବେଳେ କବି ଆପଣାକୁ କେବଳ କୃଷ୍ଣଦାସ ଏବଂ କେତେକ ସ୍ଥଳରେ "ଦୀନକୃଷ୍ଣଦାସ" ବୋଲି ପରିଚୟ ଦେଇଛନ୍ତି । ରସବିନୋଦ ଗ୍ରନ୍ଥରେ କବି ଆପଣାର ପରିଚୟ ଦେଇଛନ୍ତି ।

ପୂର୍ବ ବାସନା ଆଦିମୂଳ । ଜନମ ରାଜପୁତ୍ରକୁଳ ॥
ସୁବର୍ଣ୍ଣରେଖା ନଦୀ ତୀର । କଟକ ନାମ ଜଳେଶ୍ୱର ॥
ସପତ ପୁରୁଷ ମୋ ତହିଁ । ଗଲେ ଯେ ଏତେ କାଳ ବହି ॥
ବନ୍ଧୁ କୁଟୁମ୍ବ ତହିଁ ଯେତେ । ରହିଣ ଅଛନ୍ତି ସମସ୍ତେ ॥

ତଣିଆ ରାଜ୍ୟର ନିକଟେ । ଷୋଳ ଚଉର ଦଣ୍ଡପାଟେ ॥
ଆଠ ଯେ ଦଣ୍ଡପାଟ ମୂଳେ । ସୁବର୍ଣ୍ଣରେଖା ନଦୀକୂଳେ ॥
ସମସ୍ତେ ଅଛନ୍ତି ଯେ ପୁଣି । ମୋତେ ଆଣିଲେ ନରହରି ॥
ହୃଦରେ ଅନୁଗ୍ରହ କଲେ । ଦକ୍ଷିଣ ଦିଗକୁ ଆଣିଲେ ॥
ଦେଖିଲେ ଉଡ୍ର ରାଜ୍ୟ ଦେଶ । ଓଡ଼ିଶା ଭୂମିରେ ପ୍ରବେଶ ॥
ଦେଖିଲେ ଶ୍ରୀପୁରୁଷୋତ୍ତମ । କ୍ଷେତ୍ରମାନଙ୍କେ ଯେ ଉତ୍ତମ ॥
ଯେ ଦିନ ମାନସିଂହ ସାହି । ଅଇଲା ଓଡ଼ିଶାକୁ ବାହି ॥
ସେଦିନ ରାମଚନ୍ଦ୍ର ରାଜା । ଶୁଭେ ପାଳନ୍ତି ଜନ ପ୍ରଜା ॥
ଖୋରଧା କଟକ ନଗର । ରହିଣ ଥିଲେ ନୃପବର ॥
ଅଷ୍ଟେଚାଳିଶ ଅଙ୍କ ଭୋଗ । କରି ହୋଇଲେ ମୃତ୍ୟୁଯୋଗ ॥
ତାହାଙ୍କ ନନ୍ଦନର ନାମ । ପୁରୁଷୋତ୍ତମ ଦେବ ଜାଣ ॥
ଅଣତିରିଶ ଅଙ୍କ ଭୋଗ । କରି ହୋଇଲେ ମୃତ୍ୟୁଯୋଗ ॥
ତାହାଙ୍କଠାରୁ ଯେ ତନୁଜ । ନୃସିଂହ ଦେବ ମହାରାଜ ॥
ତେତିଶ ଅଙ୍କ ଯାଏ ଥିଲେ । ବିଷ୍ଣୁ ଚରଣ ସେବା କଲେ ॥
ମୀନ ମାସରେ ଯାହା ପୁଣ । ବସନ୍ତ ପୁଣ୍ଡ୍ରି ଗୁ ଭିଆଣ ॥
ଏମନ୍ତେ ଫତେ ଖାଁ ପଠାଣ । ଜାଣିଲା ଓଡ଼ିଶା ଭିଆଣ ॥

× × ×

ତେଣୁ ସେ କୋପଭରେ ଆସି । ରାଜାକୁ ପକାଇଲା ନାଶି ॥
ଏ ଗ୍ରନ୍ଥ ଯୋଡ଼ିବାର କାଳେ । ଘର ବ୍ରାହ୍ମଣୀ ନଦୀକୂଳେ ॥
କନକେଶ୍ୱର ଲିଙ୍ଗ ପାଶ । ଏକଘରିଆ ନାମ ଦେଶ ॥
ତହିଁ ମୋହର ନିଜ ସ୍ଥିତି । କରୁଣା କଲେ ଲକ୍ଷ୍ମୀପତି ॥
କର୍ମ୍ମକରତା ଜଗନ୍ନାଥେ । ସୁଚିତ୍ତେ ଆଜ୍ଞା ଦେଲେ ମୋତେ ॥
ମୁଁ ଶୁଦ୍ର ଜାହିଁରେ ଗଣନା । ଜାତିରେ ରାଜପୁତ୍ର ସିନା ॥
ଅନେକ ଜାତି ଗୋତ୍ର ମୋର । ଅଛନ୍ତି ଓଡ଼ିଶା ରାଜ୍ୟର ॥
କେହି ତ ନ ଚହ୍ନନ୍ତି ମୋତେ । ଜାତି କୁଟୁମ୍ବ ଛନ୍ତି ଯେତେ ॥
ଏଥି ମୋ ନାହିଁ ଜାତି ଗୋଷ୍ଠୀ । ମୁଁ ହାଡେ ସବୁଙ୍କର ବେଷ୍ଟା ॥

ଏଥିରୁ କବିଙ୍କ ପରିଚୟ ଓ ସମୟ ସ୍ପଷ୍ଟ ଜଣାପଡ଼ୁଛି । କବିଙ୍କର ଆହୁରି ଅନେକଗୁଡ଼ିଏ ପୁସ୍ତକ ଅଛି । ରସବିନୋଦରେ ସେ ପୁସ୍ତକ ନାମ ନିମ୍ନଲିଖିତ ମତେ ଦିଆଯାଇଛି : ଗୁଣସାଗର, ରସସମୁଦ୍ର, ଭୂତକେଳି, କଂସବୋଧନ, ଅମୃତସାଗର, ମୁକ୍ତିସାଗର, କଳିଯୁଗ ଶାସ୍ତ୍ର, ପ୍ରତାପସାଗର, ଜଗମୋହନ ଛାନ୍ଦ, ଜମ୍ବୁବତୀ ବିଭା, ରାସ, କଂସବଧ, ଜ୍ଞାନସାଗର, ଧର୍ମ୍ମସାଗର, ସତ୍ୟବତୀ ବିଭା, ଗୀତାରତ୍ନ, ନାମରତ୍ନ ଗୀତା ।

ହଣ୍ଟର ସାହେବ ଦୀନକୃଷ୍ଣ ଦାସଙ୍କ ରଚିତ ପୁସ୍ତକମାନଙ୍କର ଯେଉଁ ତାଲିକା ଦେଇଛନ୍ତି, ସେଗୁଡ଼ିକ ମଧ୍ୟରେ କେବଳ ଗୁଣସାଗର ବ୍ୟତୀତ ରସବିନୋଦରେ ଲେଖାଥିବା ପୁସ୍ତକମାନଙ୍କ ନାମ ନାହିଁ । ତେବେ ଏଠାରେ ବିମୃଷ୍ୟ ବିଷୟ ଏହି ଯେ, ରସକଲ୍ଲୋଳ ଲେଖକ ଓ ରସବିନୋଦ ଲେଖକ ଏକ ବ୍ୟକ୍ତି ବା ଭିନ୍ନ ଭିନ୍ନ ବ୍ୟକ୍ତି ? ରସବିନୋଦର ଲେଖା ଯେପରି ସରଳ ଓ ସୁବୋଧ୍ୟ, ରସକଲ୍ଲୋଳ ଲେଖା ମଧ୍ୟ ସେହିପରି । ରସବିନୋଦ ଲେଖକ ଓ ରସକଲ୍ଲୋଳ ଲେଖକ ଯେବେ ଏକ ବ୍ୟକ୍ତି ହୁଅନ୍ତି, ତେବେ ଜଣାଯାଏ ଯେ ରସବିନୋଦ ଲେଖା ପରେ ରସକଲ୍ଲୋଳ ଲେଖା ହୋଇଛି । ରସକଲ୍ଲୋଳ ଲେଖକ ଯେପରି ଜଣେ ଧର୍ମାତ୍ମା ପୁରୁଷ ଏବଂ ପୁରୀବାସୀ ଥିଲେ, ରସବିନୋଦ ଲେଖକ ମଧ୍ୟ ସେହିପରି ଜଣେ ପୁରୀବାସୀ ଥିଲେ । ରସବିନୋଦ ଲେଖକଙ୍କ ଲେଖା ଯେପରି ରାଧାକୃଷ୍ଣଚରିତ ଅବଲମ୍ବନରେ ଲିଖିତ, ରସକଲ୍ଲୋଳ ଲେଖକଙ୍କ ଲେଖା ମଧ୍ୟ ସେହି ଚରିତାତ୍ମକ । ଉଭୟ ପୁସ୍ତକ ଲେଖକ ବୈଷ୍ଣବଧର୍ମାବଲମ୍ବୀ ଥିଲେ । ଉଭୟ ପୁସ୍ତକ ଲେଖକ ପୁରୀବାସୀ ଥିବାରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନୀତିଗତି ସମ୍ବନ୍ଧୀୟ ନାନାପ୍ରକାର ବର୍ଣ୍ଣନା ଲେଖିଛନ୍ତି । ରସକଲ୍ଲୋଳର ଭାଷା କିପରି ସରଳ ତାହାର ନିଦର୍ଶନ ନିମ୍ନରେ ଦିଆଗଲା ।

"କୃଷ୍ଣ କଥା ଶ୍ରବଣରେ ଶୁଣିମ । କୃଷ୍ଣ ବୋଲି ଜଗତକୁ ଜାଣିମ ॥
କୃଷ୍ଣ କାର୍ଯ୍ୟେ ତତପର ହୋଇବ । କୃଷ୍ଣ ପାଇଁ ଭଲ ଦ୍ରବ୍ୟ ଥୋଇବ ॥
କୃଷ୍ଣ ଗୀତ ଶରଧାରେ ଗାଇବ । କୃଷ୍ଣ ଦାସକୁ ପ୍ରସନ୍ନ ହୋଇବ ॥
କୃଷ୍ଣ ରୂପ କରୁଥିବ ଧିଆନ । କୃଷ୍ଣଚରିତ କରୁଥିବ ଗାନ ॥
କୃଷ୍ଣ କଥାରେ ଯା'ର ଶ୍ରଦ୍ଧା ନାହିଁ । କ.ଲେ ସଂଘାତକୁ ଦେଖିବ ସେହି ॥
କେଶବ କପାଳେ ଚନ୍ଦନଚିତା । କଳାମେଘେ କିବା ଚନ୍ଦ୍ର ଦେବତା ॥"

ଏପରି ଦେଖିବାକୁ ଗଲେ ରସକଲ୍ଲୋଳର ସମସ୍ତ ପଦଗୁଡ଼ିକ ସରଳ ଏବଂ ହୃଦୟସ୍ପର୍ଶୀ ।

'ଗୁଣସାଗରର' ଭାଷା ମଧ୍ୟ ସେହିପରି ସରଳ ।

"ଅନ୍ଧର ଲଉଡ଼ି ହୃଦୟ ପଦକ ଦରିଦ୍ର ଲୋକଙ୍କ ବାଡ଼ି ।
ତାଙ୍କ ବିନୁ ମୁଁ ଯେ ଅନାଥ ହୋଇଲି କେମନ୍ତ ଧରିବି ଚଢ଼ି ॥"

ରସକଲ୍ଲୋଳ ଲେଖକ ମଧ୍ୟ ଆପଣାକୁ କୃଷ୍ଣଦାସ ବୋଲି ପରିଚୟ ଦେଇଅଛନ୍ତି ।

୧—କୃଷ୍ଣଦାସ ମନ, କମଳ ଉନ୍ନିଦ୍ର କର ତପନ ।
୨—କୃଷ୍ଣଦାସ କବି, କୃତାର୍ଥ ହୋଇଲା ଏହି କାଳ ଭବ ।
୩—କୃଷ୍ଣଦାସ ମନ ପଛେ ଗୋଡ଼ାଇଛି ସେ ରୂପକୁ କରି ଲକ୍ଷ୍ୟ ।
୪—କଟକେ ଛଟକ ଠାଣିମାନ କରନ୍ତି, କୃଷ୍ଣଦାସ ମନ ଅଳପକେ ମୋହନ୍ତି ।
୫—ଉଦ୍ଧବ ଗୋପୀଙ୍କ କଥା ଶୁଣି, କୃଷ୍ଣଦାସର ବଢ଼ିବ ସୁଖଶ୍ରେଣୀ ।

ସୁତରାଂ ଏଥିରୁ ଜଣାଯାଏ ଯେ ରସବିନୋଦ ଲେଖକ ଏବଂ ରସକଲ୍ଲୋଳ ଲେଖକ ଏକ ବ୍ୟକ୍ତି । କବିଙ୍କର ପ୍ରକୃତ ନାମ 'କୃଷ୍ଣଦାସ'; ମାତ୍ର 'ଦୀନ' ଶବ୍ଦଟି ବିଶେଷରୂପେ ସ୍ଥଳବିଶେଷରେ ବ୍ୟବହୃତ ହୋଇଛି । ସୁତରାଂ କବିଙ୍କ ପରିଚୟ ସମ୍ବନ୍ଧରେ ସନ୍ଦେହାନ ହେବାର କିଛି କାରଣ ନାହିଁ । ରସବିନୋଦରେ ପୂର୍ଣ୍ଣ ପରିଚୟ ଦିଆଯାଇଛି । କବିଙ୍କ ଜନ୍ମସ୍ଥାନ, ଶେଷ ବାସସ୍ଥାନ, ଜାତି ଇତ୍ୟାଦିର ପୂର୍ଣ୍ଣ ପରିଚୟ ମିଳୁଛି ।

ପଣ୍ଡିତ ମୃତ୍ୟୁଞ୍ଜୟ ରଥେ ତାଳଚେର ଦେବକ ପରୀକ୍ଷା ଉପଲକ୍ଷେ ରସକଲ୍ଲୋଳ ପୁସ୍ତକର ଆଲୋଚନା କରିଥିଲେ ( ଉତ୍କଳସାହିତ୍ୟ ୧୪ଶ ଭାଗ, ୧ମ ସଂଖ୍ୟା ) । ସେ କବି ପୁରୀବାସୀ ଥିବାର ଯେ କାରଣ ଦେଖାଇଛନ୍ତି, ତାହା ସମୀଚୀନ ନୁହେ । କବି ପୁରୀବାସୀ ହୋଇପାରନ୍ତି; ମାତ୍ର ପୁରୀ ତାଙ୍କର ଜନ୍ମସ୍ଥାନ ନୁହେଁ । ପୁରୀ ସହରର କେତେଗୁଡ଼ିଏ କଥା ବର୍ଣ୍ଣନା କରିଥିବା ଲୋକର ଜନ୍ମସ୍ଥାନ ଯେ ନିଶ୍ଚୟ ପୁରୀରେ ହେବ, ଏ ଯୁକ୍ତି ନିତାନ୍ତ ଅସଙ୍ଗତ । କବି ପୁରୀକି ଆସିଥିବା ଏବଂ ପୁରୀରେ ବୈଷ୍ଣବଧର୍ମ୍ମରେ ଦୀକ୍ଷିତ ହୋଇଥିବା କଥା ରସବିନୋଦରେ ଲେଖାଅଛି; ମାତ୍ର ଜନ୍ମସ୍ଥାନ ପୁରୀରେ ନୁହେ ।

ରଥେ କହିଛନ୍ତି, କବି କରଣ ଥିବାର ସର୍ବତ୍ର ବିଦିତ । ଏହି ପ୍ରମାଣ ଉପରେ ନିର୍ଭର କରି ରଥେ କବିଙ୍କୁ କରଣ ସ୍ଥିର କରିଛନ୍ତି ଏବଂ ପ୍ରମାଣ ନଥିବା ସତ୍ତ୍ୱେ କାହାଠାରୁ ଶୁଣି ସେ ବେଶ୍ୟାପୁତ୍ର ଥିଲେ ବୋଲି ଉଲ୍ଲେଖ କରିଛନ୍ତି । ଏଥିରୁ ଜଣାଯାଏ, ରଥେ ରସକଲ୍ଲୋଳ ସମାଲୋଚନା କଲାବେଳେ ରସବିନୋଦ ପଢ଼ି ନଥିଲେ । ଜଣେ କବିର କୌଣସି ଗୋଟିଏ ପୁସ୍ତକ ଆଲୋଚନା କରିବାକୁ ହେଲେ ତାଙ୍କ ରଚିତ ଅନ୍ୟାନ୍ୟ ପୁସ୍ତକ ଦେଖିବା ଆବଶ୍ୟକ ।

କବି ଦରିଦ୍ର ଥାଇପାରନ୍ତି; ମାତ୍ର ଦରିଦ୍ରତାସତ୍ତ୍ୱେ କବି ଯେତେଗୁଡ଼ିଏ ବୃହତ୍ ଗ୍ରନ୍ଥ ପ୍ରଣୟନ କରିଯାଇଛନ୍ତି, କେତେ ଜଣ ଧନୀ ସେପରି କରିବାକୁ ସମର୍ଥ ହୁଅନ୍ତି ? ବରଂ ଜଣାଯାଏ କବି ବିଦ୍ୟାବଳରେ ବଳୀୟାନ ଥିଲେ । ଲକ୍ଷ୍ମୀ ତାଙ୍କର ବିରୋଧୀ ହୋଇ ଥାଇପାରନ୍ତି; ମାତ୍ର ସରସ୍ୱତୀ କବିଙ୍କ ପକ୍ଷ ପୂର୍ଣ୍ଣଭାବରେ ଅବଲମ୍ବନ କରିଥିଲେ । କବିଙ୍କର ସଂସ୍କୃତଭାଷାରେ ଜ୍ଞାନ ଥିବାର ଜଣାଯାଏ, କାରଣ ରସକଲ୍ଲୋଳ ପ୍ରଭୃତି ଗ୍ରନ୍ଥରେ ଅନେକ ସଂସ୍କୃତ ପ୍ରବଚନର ଅବିକଳ ଅନୁବାଦ ଦିଆଯାଇଛି ।

ସଂ—"ବିନାଶ୍ରୟଂ ନ ବର୍ତ୍ତନ୍ତେ କବିତା ବନିତା ଲତା ।"
କେବଳ କବିତା ବନିତା ବ୍ରତତୀ
କରିଅଛି ବିଧି ବିରଚିତ କେହି
ଆଶ୍ରେ ନଥିଲେ ନ ବର୍ତ୍ତନ୍ତି । (ରସକଲ୍ଲୋଳ—୪୧ ପୃଷ୍ଠା)

ଘ—"କେଚଦ୍ ବଦନ୍ତି ବିଷମସ୍ତି ଭୁଜଙ୍ଗକଣ୍ଠେ
କେଚଦ୍ ବଦନ୍ତି ଲଲନା ନୟନକଟାକ୍ଷେ
କେଚଦ୍ ବଦନ୍ତି ଖଲତା ରସନାଗ୍ରଭାଗେ
କର୍ପୂର ମାର ପରପୂରିତ ନାରିକେଳେ ।"

"କେ ବୋଲେ କ୍ଷ୍ୱେଡ଼ ( ବିଷ )
ଅଛି ଗରୁଡ଼ବଇରୀ ଠାବେ
ବିଶେଷ ବଡ଼ କେ ବୋଲେ ଲେମ୍ବୁ
ଚନ୍ଦ୍ର ପଇଡ଼ ସଙ୍ଗେ ଅଛି ଯେ
କେ ବୋଲେ ଖଳ ରସନା ପୁଟେ
କେ ବୋଲେ ନାରୀ ନେତ୍ର କପାଟେ
ଯେତେ ବଡ଼ ସେ ତ ସଂସାରେ ପଡ଼ିଛି ଯେ ।" ( ରସକଲ୍ଲୋଳ-୭୩ ପୃଷ୍ଠା )
କେବେହେଁ ତରଙ୍ଗିଣୀ, ନରପତି, ଶୃଙ୍ଗିଣୀ
ଫଳକୁ ନ ଯାଇ ବିଶ୍ୱାସ । ଇତ୍ୟାଦି ।

'ନାମରତ୍ନଗୀତା' କବିଙ୍କ ରଚିତ ଅନ୍ୟତମ ପୁସ୍ତକ । ଏଥିରେ କୃଷ୍ଣାର୍ଜୁନ ସମ୍ବାଦ ବର୍ଣ୍ଣିତ ଅଛି । ଏଥିରେ ଭକ୍ତଲକ୍ଷଣ, ଗୁରୁଲକ୍ଷଣ, ପାପର ଦଣ୍ଡ ବର୍ଣ୍ଣନା, ଧର୍ମତତ୍ତ୍ୱ, ଚଣ୍ଡାଳ ବର୍ଣ୍ଣନ, ଛୁଆଁଛୁଇଁ ଦୋଷାଦୋଷ, ପୁରାଣସୃଷ୍ଟି, ବିଦ୍ୟାମହିମା ଇତ୍ୟାଦି ବର୍ଣ୍ଣିତ ଅଛି ।

"ଚଉତନା" ଶବ୍ଦର ବ୍ୟବହାର ଏ ଗ୍ରନ୍ଥରେ ଦେଖାଯାଏ । ଚଉତନା ଅର୍ଥ ରୁମାଲ ।

କଦର୍ଥନା ହୋଇ ଦୁଃଖ ପାଉଥାଇ ଯେତେ
ମୁଁ ତାକୁ ଛାଡ଼ିଲେ ସେ ନ ଛାଡ଼ଇ ମୋତେ । (ଭକ୍ତଲକ୍ଷଣ)
କର୍ଣ୍ଣେ ଉପଦେଶ ଗୁରୁ ସବୁଦ୍ଧିନ ମୂଳ
ଅନୁଭବ ତରିକୁରେ ଭଲକରି ତୁଳ । (ଗୁରୁଭକ୍ତି)
କୋଟିଏକ ପାପ କଲେ ଅପୁତ୍ରିକ ହୋଇ । (ପାପର ଦଣ୍ଡ)

"ରୁହାଇବ ଆଜ, ଆମ୍ଭଙ୍କୁ ଦେହ ଦେସୀ, ଗଣି ଆମାନଙ୍କ ମଧ୍ୟେ ବୃଦ୍ଧ ଗୁରୁ" ଇତ୍ୟାଦି ଏଥିରେ ବ୍ୟବହୃତ ହୋଇଛି ।

କବି ଦ୍ୱିତୀୟଗୀତା ବା ଯମଗୀତା ନାମକ ଖଣ୍ଡିଏ ପୁସ୍ତକ ରଚନା କରିଅଛନ୍ତି । ଏଥିରେ ବିଷ୍ଣୁଭଜନ ଫଳ ଓ ହିରଣ୍ୟକଶିପୁଚରିତ ବର୍ଣ୍ଣିତ ଅଛି । ଯମପୁରବର୍ଣ୍ଣନ, କେଉଁ ପାପର କି ଦଣ୍ଡ, ଶ୍ରୀକୃଷ୍ଣଙ୍କ ଯମପୁରରୁ ଗୁରୁପୁତ୍ର ଆନୟନ ଏ ଗୀତାର ବର୍ଣ୍ଣିତ ବିଷୟ । ଏ ଗ୍ରନ୍ଥରେ କବି ଆପଣାକୁ ନୃସିଂହଦାସ ଶିଷ୍ୟ ବୋଲି ପରିଚୟ ଦେଇଛନ୍ତି । ସ୍ଥାନ-ବିଶେଷରେ ନୃସିଂହଦାସଙ୍କ ପୁତ୍ର ବୋଲି ମଧ୍ୟ କହନ୍ତି ।

"ଭଣେ ନୃସିଂହଦାସ ବଳା ।।"

"ଅନ୍ତେ ପାଇବ ସ୍ୱର୍ଗବାସ । ଭଣେ ନୃସିଂହଦାସ ଶିଷ୍ୟ ।।"
"ଭଣଇ ଦୀନକୃଷ୍ଣ ଦାସ । ସୁଜନେ ହରିନାମ ଘୋଷ ।।"

'ନାବକେଳି' କବିଙ୍କର ଅନ୍ୟତମ ରଚନା । ଏହାର ଭାଷା ମଧ୍ୟ ଅତି ସରଳ

"କେ ବୋଲେ ନାଗର ଶ୍ରୀବନମାଳୀ
ନିଧନ ଧନଆ ରଙ୍କହଙ୍ଗାଲି ।
କେ ବୋଲେ ଚନ୍ଦ୍ରମା ମୁଖ ଉଜ୍ଜ୍ୱଳ
ଚିତା ସଲଖେ କାଟିଥାଇ ଚୂଳ ।
ଏଡ଼େ ବାଳୁତକାଳୁ ଯେ ହଟିଆ
ସବୁ କଥା ତାର ଢନକାଟିଆ ।
ଭକତବାନ୍ଧବ ଜଗଜ୍ଜୀବନ
ଦୀନକୃଷ୍ଣ ଦାସ ପାଦେ ଶରଣ ।"

'ପ୍ରସ୍ତାବସିନ୍ଧୁ' କବିଙ୍କର ଗୋଟିଏ ଉପାଦେୟ ଗ୍ରନ୍ଥ । ଚାଣକ୍ୟ ଶ୍ଳୋକଗୁଡ଼ିକ କବି ସରଳ ଓଡ଼ିଆଭାଷାରେ ଅନୁବାଦିତ କରିଛନ୍ତି ।

"ଚାଣକ୍ୟ ଶାସ୍ତ୍ରରେ ଯେତେକ ବାଣୀ
ସବୁ ପ୍ରସ୍ତାବ ଠୁଳ କଲି ଆଣି ।
ଶୁଭ ଅଶୁଭ ଭଲ ମନ୍ଦ ଯାହା
ଏ ଶାସ୍ତ୍ର ପଢ଼ିଲେ ଜାଣଇ ତାହା ।
ଶ୍ରୀଜଗନ୍ନାଥଙ୍କ ପଦ୍ମଚରଣ
ଶିଶୁମତି କୃଷ୍ଣଦାସ ଶରଣ ।"

କବି 'ଦେଉଳତୋଳା' ବୋଲି ଖଣ୍ଡିଏ ଗ୍ରନ୍ଥ ଲେଖିଛନ୍ତି । ଜଗନ୍ନାଥ ଦେଉଳ ନିର୍ମାଣ ଓ ଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣ ବିଷୟ ଏଥିରେ ବର୍ଣ୍ଣିତ ଅଛି । ଦେଉଳ ନିର୍ମାଣ ଓ ଜଗନ୍ନାଥ ମୂର୍ତ୍ତି ପ୍ରତିଷ୍ଠା ପରେ ସ୍ୱୟଂ ଜଗନ୍ନାଥ ପ୍ରସନ୍ନ ହୋଇ ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କୁ ବର ଯାଚିଲେ । ଇନ୍ଦ୍ରଦ୍ୟୁମ୍ନ କହିଲେ—

"ତୁମ୍ଭେ ଯେବେ ବର ଦେବ ମାଗୁଅଛୁ ମୁହିଁ
ମୋହର ବଂଶରେ କେହି ନଥିବେ ଗୋସାଇଁ ।
ଇନ୍ଦ୍ରଦ୍ୟୁମ୍ନ ବୋଲେ ମୋର ତେଣେ କାର୍ଯ୍ୟ ନାହିଁ
ସବୁଦିନେ କୀରତି ମୋହର ଥିବ ରହି ।

ପୁତ୍ର ଜାତ ବୋଲିବେ ଯେ ଦେଉଳ ଆମ୍ଭର
ଆମ୍ଭର ବୋଇଲେ ଧର୍ମ୍ମ ଯିବ ଯେ ମୋହର ।
ବିଦ୍ୟାପତି ବ୍ରାହ୍ମଣ ଯେ ଦୂତପଣେ ଥିଲା
ଶବର ଝିଅକୁ ସେ ଯେ ପ୍ରଧାନ ହୋଇଲା ।
ଶବରୁଣୀଠାରୁ ଯେଉଁ ପୁତ୍ର ହେବ ଜାତ
ଶୁଦ୍ଧ ସୁଆର ସେ ହେବ ବୋଲେ ଜଗନ୍ନାଥ ।
ଶବରର ଘରେ ଯେଉଁ ପୁଅ ହେବ ଜାତ
ଦଇତା ସେବକ ହେବେ ବୋଲେ ଜଗନ୍ନାଥ ।
ସେ ବ୍ରାହ୍ମଣ ଘରେ ଯେଉଁ ପୁଅ ହେବେ ଜାତ
ପ୍ରକୃତ ସେବକ ସେ ବୋଇଲେ ଜଗନ୍ନାଥ ।''

ଅଚ୍ୟୁତାନନ୍ଦ ଦାସ—ଏ ଜଣେ ପ୍ରଧାନ କବି ଏବଂ ପଣ୍ଡିତ ଥିଲେ । ଏ ଶ୍ରୀଚୈତନ୍ୟ ଦେବଙ୍କ ପଞ୍ଚସଖାମଧ୍ୟରୁ ଜଣେ । କବିଙ୍କ ଲେଖା ପଢ଼ିଲେ ଜଣାଯାଏ, କବି ଜଣେ ଅସାଧାରଣ ପଣ୍ଡିତ ଥିଲେ । ଈଶ୍ୱରତତ୍ତ୍ୱ ପ୍ରଭୃତି କଠିଣ ଦାର୍ଶନିକ ବିଷୟମାନ କବି ସରଳ ଉତ୍କଳଭାଷାରେ ପ୍ରକାଶିତ କରିଛନ୍ତି । ସେ ଜଣେ ପଲ୍ଲିବାସୀ ଗୋପାଳସନ୍ତାନ ଥିଲେ । ସେ ଅନେକଗୁଡ଼ିଏ ପୁସ୍ତକ ଲେଖିଯାଇଛନ୍ତି । ଶୂନ୍ୟସଂହିତାରେ କବି ଆତ୍ମପରିଚୟ ଦେଇ ଅଛନ୍ତି । କବି ଲେଖିଅଛନ୍ତି, "ସେ ପୂର୍ବଜନ୍ମରେ ସୁଦାମ ଥିଲେ ।" ସେ ଚୈତନ୍ୟଙ୍କ ଅନ୍ୟ ଚାରିସଖା—ଜଗନ୍ନାଥ, ବଳରାମ, ଅନନ୍ତ, ଯଶୋବନ୍ତ । ରାମଦାସଙ୍କ ପ୍ରଶ୍ନ ଶୁଣି ଅଚ୍ୟୁତ ଯେଉଁ ଧର୍ମ୍ମୋପଦେଶ ଦେଇଥିଲେ ତାହାହିଁ ଶୂନ୍ୟସଂହିତାର ବର୍ଣ୍ଣିତ ବିଷୟ । ଶୂନ୍ୟଭଜନ ଓ ନିରାକାର ଭଜନ ଦାସଙ୍କ ମତରେ ଜୀବ ପକ୍ଷରେ ମୁକ୍ତି ପନ୍ଥା । ଅତି ଗୂଢ଼ ବିଷୟଗୁଡ଼ିକ ଲୋକସାଧାରଣଙ୍କର ସୁବୋଧ ହେବାଲାଗି ଦାସେ ଅତି ସରଳ ଓଡ଼ିଆଭାଷାରେ ବ୍ୟକ୍ତ କରିଛନ୍ତି । ନିରାକାର ଭଜନ ସମ୍ବନ୍ଧେ କବି କିପରି ଲେଖିଛନ୍ତି ଦେଖନ୍ତୁ—

"ଇକ୍ଷୁରସ ସ୍ୱାଦ ଯେବଣ ସୁଖ । ପାକେ ସିଦ୍ଧକଲେ ଯେବଣ ଲେଖ ॥
ପୁନରପି ପାକେ ସିଦ୍ଧ କରିଲେ । ଅମୃତ ପଦାର୍ଥ ଲଭଇ ଭଲେ ॥
ସେ ଠାବରୁ ମୂଲ୍ୟ ବଢ଼ଇ ତାର । ଦେଢ଼ି ପ୍ରମାଣେ ଯେ ବିକ୍ରୟ କର ॥
ପାଇଥିବୁ ଯେବେ ଲୁହା କଉଡ଼ି । ପିତ୍ତଳ ପାଇଲେ ଲୁହା ଛାଡ଼ନ୍ତି ॥
ରୁପା ପାଇଲେ ପିତ୍ତଳ କି କାମ । କାଞ୍ଚନ ପାଇଲେ ରୁପା ତେଜଣ ॥
କାଞ୍ଚନ ପାଇଲେ ସବୁ ଅଛଇ । କଷଟିରେ କଷ ଚଢ଼ି ରସାଇ ॥
ପଢ଼ୁଆ ଉଠିଆ ଦୁଇରେ ମତ । ମନ ନିକଟରେ ତୁଲ ହୋ ସନ୍ତ ॥
ଯେଉଁ ପଦାର୍ଥକୁ ତୋହର ଇଚ୍ଛା । ନିର୍ବାଣ କରି କାର ମନ ବାଞ୍ଛା ॥

ପାଇଥିଲେ ଧନ ରଖି ଯେମନ୍ତ । ବିପଦ ନାଶଇ କଳ୍ପିତ ମତ ॥
ସେହ୍ନ ପରକାର ଏହୁ ଭଜନ । ଚତୁର୍ବର୍ଗ ବୋଲି ମନରେ ଘେନ ॥”

ପୁନଶ୍ଚ ଦାସେ କହୁଛନ୍ତି—

“ମୋହ ଶପଥ ତୋତେ ଆହ୍ମେ ବାବୁ । ଏ ଭଜନ ସୁନ୍ଦ ସୁନ୍ଦେ ଭଜିବୁ ॥
କିଏ କାହାର ମିଥ୍ୟା ଯେ ସଂସାର । ଆପେ ତରିଲେ ଆଉ କେ କାହାର ॥
ଆପକୁ ଆପେ ଚହ୍ନିଲେ ରେ ବାବୁ । କାଳେ କାଳେ ଅଜାମର ହୋଇବୁ ॥
ସୁଖେ ପାରହେବୁ ଭବସାଗର । ବୁଲିଗଲା ପ୍ରାୟେ ଯିବ ଶରୀର ॥

× × ×

ଅସ୍ମନଙ୍କେ ଅଣଗୁଣ ବାୟୁ ଯେ ବହିବ । ମହାଘୋର ଅନ୍ଧକାର ତମ ଅବରିବ ॥

ଜାତିଭେଦ ସମ୍ବନ୍ଧରେ ଦାସେ କହୁଛନ୍ତି—

“ହେଲେ ଜାତି ସ୍ଥାନ ନାହିଁ ତହିଁ ମାନ ଶ୍ରୀକୃଷ୍ଣ ବାସନା ଥାଏ ।
କଲିକତରୁ ଯେ ପଙ୍କରେ ବୁଡ଼ିଲେ ପଙ୍କ ନ ଲାଗଇ ଦେହେ ॥”

ଦାସେ ଆତ୍ମପରିଚୟ କିପରି ଦେଇଛନ୍ତି ଦେଖନ୍ତୁ—

ତିଳକଣାରେ ମୁଁ ଜନମ ହୋଇଲି କେହି ନ ଚହ୍ନିଲେ ମୋତେ ।
ଅଗଣିତ ବୋଲି ମାତା ଡାକୁଥାନ୍ତି ଅନ୍ନ ନ ମିଳଇ ଘରେ ॥
ବେନି ଭ୍ରାତ ମୋର ଏକ ଯେ ଭଗିନୀ ନିପୁର ଗ୍ରାମରେ ବାସ ।
ଏମନ୍ତ ମୋ ମାତା ପିଅର ବଇଅନ୍ତି ଗ୍ରାମରେ କରି ନିବାସ ॥
ନାମ ମୋ ଅଚ୍ୟୁତ ଦାସ ଯେ ବିଖ୍ୟାତ ନେମାଳ ଗ୍ରାମରେ ଥାଇ ।
ଏବେ ଶୂଦ୍ରକୁଳେ ଜନମ ଲଭିଛି ପ୍ରଭୁଙ୍କ ଆଜ୍ଞାରୁ ମୁହିଁ ॥
ରାମଚନ୍ଦ୍ର ଦାସ ନିର୍ମଳ ପ୍ରକାଶ ପଦ୍ମରେ ଭକତି ହୃଦେ ।
ତୁମ୍ଭ ଜନ୍ମକଥା ପୂର୍ବର ବ୍ୟବସ୍ଥା ଆଜ୍ଞା ହେଉ ପ୍ରଭୁ ଏବେ ॥
ଦୀନବନ୍ଧୁ ନାମ ଖୁଣ୍ଟିଆ ଶୂଦ୍ରର କୁଳରେ ହୋଇବୁ ଜାତ ।
ବାଞ୍ଛିଲର ଫଳ ନୋହିବ ବିଫଳ ପ୍ରତି ଅଂଶେ ଲଭ ପୁତ୍ର ॥
ଖୁଣ୍ଟିଆ ଦୀନବନ୍ଧୁ ନାମ ବୋଲିଣ ପଦ୍ମାବତୀ ନାମେ ନାରୀ ।
ପ୍ରଭୁ ଅଜ୍ଞା ଘେନ ପ୍ରବେଶ ହୋଇଲି ଗର୍ଭେଣ ମୁହିଁ ତାହାରି ॥
ଦଶମାସ ଦଶ ଦିବସ ମଧ୍ୟରେ ଶୁକ୍ଳ ମାଘ ଏକାଦଶୀ ।
ଜନମ ଲଭନ୍ତେ ପିତା ମୋ ଦେଖନ୍ତେ ଅପୂର୍ବିକ ଦୋଷଧ୍ୱଂସୀ ॥
କେ ବୋଲେ ଅନାମ ଅଗଣିତ ନାମ କେ ବୋଲେ ଅନନ୍ତ ହରି ।
ମାତା ପିତା ମୋତେ ଡାକଲେ ନିଶ୍ଚୟ ଅଚ୍ୟୁତ ନାମ ଯେ ଧରି ॥
ଚୈତନ୍ୟ ଗୋସାଇଁ ବିଜେ କରିଛନ୍ତି ବଡ଼ଦାଣ୍ଡରେ ଯେ ଆସି ।

ପିତାଙ୍କ ସଙ୍ଗରେ ଦର୍ଶନ କଲି ମୁଁ ଚରଣେ ପଡ଼ିଲି ଝାସି ॥
ମେଲାଣି ମାଗି ମୋ ପିତା ମୋତେ ଘେନି ନିପୁର ଗ୍ରାମକୁ ଗଲେ ।
ଗୃହ ବେପାରେଣ ମନ ନବେଶିଣ ଏକାସ ନିଶି ବଞ୍ଚିଲେ ॥
ଆମ୍ଭ ନିଜ ସ୍ଥାନ ଦ୍ରବ୍ୟ ଶୋଭିବନ ଚନ୍ଦ୍ରାଙ୍ଗୀ କୂଳରେ ଯାଇ ।
ନେମାଳ ଗ୍ରାମ ଚନ୍ଦ୍ରୋପଳା ଉତ୍ତରେ ପଦ୍ମବନ ନାମେ ଭୂଇଁ ॥"

ଏଥିରୁ କବିଙ୍କ ଜୀବନୀ ବିଷୟ, ତାଙ୍କ ଜନ୍ମସ୍ଥାନ ଇତ୍ୟାଦି ବିଷୟରେ ଯଥେଷ୍ଟ ପ୍ରମାଣ ମିଳୁଛି ।

'ଶୂନ୍ୟସଂହିତା'ର ଦଶମ ଅଧ୍ୟାୟରେ ଦାସେ ମାଧବଙ୍କ ଜୀବନୀ ଲେଖିଛନ୍ତି । ମାଧବ ବୈରାଗୀ ହୋଇ ବନକୁ ଯାଇଥିଲେ । ଦଣ୍ଡକାରଣ୍ୟ ପୂର୍ବ ପ୍ରାଚୀନଦୀକୂଳରେ ପ୍ରବେଶ ହୋଇ ଦେଖିଲେ ଯେ ସେଠାରେ ତପୀ, ଯତି ଓ ସନ୍ନ୍ୟାସୀଙ୍କ ଆଶ୍ରମ ଅଛି । ମାତ୍ର ଦିବସରେ ସେମାନଙ୍କ ସହିତ ସାକ୍ଷାତ ହେଲା ନାହିଁ । ରାତ୍ରରେ ଜଣେ ସାଧୁଙ୍କ ସହିତ ଦେଖାହେଲା । ସେ ଆଶ୍ରମମାନ ଚହ୍ନାଇଦେଲେ । ପ୍ରାଚୀ ନଦୀକୂଳରେ ସେ ଏକଶତ ଗୁମ୍ଫା ଦେଖିଥିଲେ । ସେମାନଙ୍କ ନାମ ମଧ୍ୟ ଉଲ୍ଲେଖ ଅଛି—ଗୋଲୋକ ଗୁମ୍ଫା, ମଲ୍ଲିକା ଗୁମ୍ଫା, ଭରଦ୍ୱାଜ ବାଳ ବୀରସିଂହଙ୍କ ଆଶ୍ରମ, ଲୋହିଦାସ ମଠ, ନାଳଗାଁ ଦାସଙ୍କ ମଠ ଇତ୍ୟାଦି । ସେ ମାଧବ ଗୁରୁଙ୍କଠାରୁ ନାଗାନ୍ତ, ଯୋଗାନ୍ତ, ସିଦ୍ଧାନ୍ତ, ବେଦାନ୍ତ ପ୍ରଭୃତି ଅନେକ ବିଦ୍ୟା ଶିକ୍ଷା କରିଥିଲେ । ଯୋଗାନ୍ତ ବିଦ୍ୟାବଳରେ ମନଯାନଦ୍ୱାରା ଯହିଁ ଇଚ୍ଛା ତହିଁ ଯାଇପାରେ । ଅଚ୍ୟୁତ ଏହି ପ୍ରାଚୀ କୂଳରେ ବାସକରିଥିବାର ଜଣାଯାଏ ଏବଂ ପ୍ରାଚୀତୀରସ୍ଥ ତପିମାନଙ୍କ ସହିତ ତାଙ୍କର ସମ୍ପର୍କ ଥିବାର ଜଣାଯାଏ । ଦାସେ କହିଛନ୍ତି—

"ଅଙ୍କ୍ଷା ଅମ୍ଭେ ପାଞ୍ଚଜଣ ଯେ ଅଇଲୁ
ମନ ଯାନ ନଚଳିଲା ବନେ ପ୍ରବେଶିଲୁ ।
ଋଷି ତପୀ ସନ୍ନ୍ୟାସୀ ନାମକ ବୀରସିଂହ
ଲୋହି ଦାସ ବାଉଳ କପିଳ ଯେତେ ସଙ୍ଗ ।"

ଅଚ୍ୟୁତ ଦାସଙ୍କର ଅନେକ ଶିଷ୍ୟ ଥିଲେ । ଶୂନ୍ୟସଂହିତାରେ ଦାସେ ଲେଖିଛନ୍ତି, "ତାଙ୍କର ୩୦୦୦ ଭକ୍ତ ଥିଲେ । ଏଥିମଧ୍ୟରୁ ଉତ୍ତମ ଶିଷ୍ୟ ୫୦୦ ।" ପ୍ରାଚୀକୂଳରେ ଦାସଙ୍କର ୧୦୦୦ ଭକ୍ତ ଥିଲେ । ଅନନ୍ତପୁର ଶାସନର ଶର୍ମା ଦ୍ୱିଜବର, ପ୍ରାଚୀ କୂଳର ଦାସ ମହାପାତ୍ର, ଗଣେଶ ପଣ୍ଡା, ଗଡକକୁଳ କାହ୍ନୁଙ୍କ ପୁତ୍ର ପରୀକ୍ଷିତ, ଯାଜପୁର ବନ୍ଧୁ ମହାନ୍ତି— ଏମାନେ ଦାସଙ୍କର ପ୍ରଧାନ ଭକ୍ତ ଥିଲେ । ଉକ୍ତ ଶର୍ମା ଦ୍ୱିଜବରଙ୍କ ପୁତ୍ର ମାଧବ । ଶୂନ୍ୟ-ସଂହିତାର ପଞ୍ଚମ ଅଧ୍ୟାୟରେ କବି କହିଛନ୍ତି—

"ହିନ୍ଦୁ ଭଜେ ଅଲେଖ, ତୁରୁକ ଅଲେଫ ଯେ
ଏଣୁ ଅଲେଫ ତେଜ, ଅଲେଖ ହିନ୍ଦୁ ଭଜେ ॥"

ଏଥିରୁ ଜଣାଯାଏ ଦାସେ ଧର୍ମ ବିଷୟରେ ଏକଦେଶଦର୍ଶୀ ନଥିଲେ ।

ରାଜା ପ୍ରତାପରୁଦ୍ର ଦେବ ଓଡ଼ିଶା ର ରାଜା ଥିଲେ । ଦାସଙ୍କ ଶୂନ୍ୟଭଜନ କଥା ରାଜା ଶୁଣିପାରିଲେ ଏବଂ ଶୂନ୍ୟଭଜନ କ ପ୍ରକାର ତାହା ଜାଣିବା ଲାଗି ଦାସଙ୍କ ସହିତ ଅନେକ କଥାଳ କଲେ । ବ୍ରାହ୍ମଣମାନେ ଏକଥା ଶୁଣି ଉପହାସ କଲେ । ଦାସଙ୍କର ଉପହାସ ପ୍ରତି ଭ୍ରୂକ୍ଷେପ ନ ଥିଲା । ଏହାହିଁ ସାଧୁ-ସନ୍ଥମାନଙ୍କର ପ୍ରଧାନ ଗୁଣ । ଦାସେ ରାଜାଙ୍କ ଆଜ୍ଞା ପାଇ ସଙ୍କଟରେ ପଡ଼ିଲେ; ମାତ୍ର ଶେଷକୁ ପରୀକ୍ଷା ହେବାର ସ୍ଥିର ହେଲା । ପୁରୀ ସହରର ବାଙ୍କିମୁହାଁଣ ନିକଟସ୍ଥ ଶୂନ୍ୟ ବାମ୍ଫିଠାରେ ପରୀକ୍ଷା ହେଲା । ପରୀକ୍ଷା ପରେ ରାଜା ସନ୍ତୁଷ୍ଟ ହେଲେ ଏବଂ ସେହି ସ୍ଥାନରେ ବାସକରିବା ଲାଗି ଦାସଙ୍କୁ ଆଜ୍ଞା ଦେଲେ । ଅଦ୍ୟାବଧି ଏହି ସ୍ଥାନରେ ଗୋଟିଏ ମଠ ଅଛି; ଏହା ନାମ ଗୋପାଳମଠ । ଏ ମଠଟି ପୁରୀ ସହରସ୍ଥ ମାନନୀୟ ମଧୁସୂଦନ ଦାସ ସି.ଆଇ.ଇ.ଙ୍କ ଗୃହର ଦକ୍ଷିଣ-ପଶ୍ଚିମ ପଟରେ ଅବସ୍ଥିତ ।

ଦାସେ ଇସ୍କୁଲ କଲେଜରେ ପଢ଼ି ନ ଥିଲେ; ମାତ୍ର ତାଙ୍କ ଅଦମ୍ୟ ଉତ୍ସାହ, ସାହସ, ପାଣ୍ଡିତ୍ୟ ଦେଖିଲେ ସ୍ୱତଃ ମନେହୁଏ ଯେ ସ୍କୁଲ କଲେଜରେ ନ ପଢ଼ି ମଧ ମନୁଷ୍ୟ ପଣ୍ଡିତ ଓ କବି ହୋଇପାରେ । ସେ ଜାତିରେ ଶୂଦ୍ର ଥିଲେ; ମାତ୍ର ତାଙ୍କ ଜ୍ଞାନ ଓ ଧୀଶକ୍ତି ବ୍ରାହ୍ମଣୋଚିତ ଥିଲା ।

ଅଚ୍ୟୁତ ଅନେକଗୁଡ଼ିଏ ଗ୍ରନ୍ଥ ପ୍ରଣୟନ କରି ଆପଣାକୁ ଅମର କରିଯାଇଛନ୍ତି; ଯଥା— (୧) ଜ୍ୟୋତିସଂହିତା, (୨) ଅନାହତସଂହିତା, (୩) ବୀଜସଂହିତା, (୪) କୁମ୍ଭରସଂହିତା (୫) ଅଣାକାରସଂହିତା, (୬) ଗୁପ୍ତସଂହିତା, (୭) ଅବାଡ଼ସଂହିତା, (୮) ଅକଳିତସଂହିତା, (୯) ବ୍ରହ୍ମସଂହିତା, (୧୦) ବଟସଂହିତା, (୧୧) ଅମରସଂହିତା, (୧୨) ଯନ୍ତ୍ରସଂହିତା, (୧୩) ଗୁରୁଭକ୍ତି ଗୀତା, (୧୪) ଜ୍ଞାନୋଦୟ କୋଇଲି, (୧୫) ବାଖର କୋଇଲି, (୧୬) ତିବି ତିବି କୋଇଲି, (୧୭) ଅଭୟ କବଚ, (୧୮) ଚନ୍ଦ୍ରକଳା ଟୀକା, (୧୯) ଅଷ୍ଟଗୁଜ୍ଜରୀ, (୨୦) ଶରଣପଞ୍ଜର ସ୍ତୋତ୍ର, (୨୧) ଲକ୍ଷ୍ମୀଧର ବିଳାସ, (୨୨) ସ୍ଥାନ ନିର୍ଣ୍ଣୟ, (୨୩) ଦୃଢ଼ବୋଧ ଚଉତିଶା. (୨୪) ମାଳିକା, (୨୫) ଗହନ ଗୀତା, (୨୬) ଗୋପାଳଙ୍କ ଓଗାଳ ।

ଏହା ବ୍ୟତୀତ ଦାସେ ଆହୁରି ଅନେକ ପୁସ୍ତକ ପ୍ରଣୟନ କରିଥିଲେ । ଅଣାକାର ସଂହିତାରେ ଅଛି, ସେ ୩୬ଟି ସଂହିତା, ୭୮ଟି ଗୀତା, ୨୭ଟି ହରିବଂଶାଦି ଚରିତ, ୧୨ଟି ଉପବଂଶ ଚରିତ, ୧୦୦ ପୁରାଣ ବା ମାଳିକା ଲେଖିଛନ୍ତି । ନାନାପ୍ରକାରର ଭଜନ ଚୌପଦୀ ଲେଖିଛନ୍ତି । ସେ ନ'ଅକ୍ଷରି ଭାଗବତ ବୃତ୍ତି, ବଙ୍ଗଳାଶ୍ରୀ ରାଗ, ମଙ୍ଗଳଗୁଜ୍ଜରୀ ଓ କୁମ୍ଭକାମୋଦୀ ରାଗମାନଙ୍କରେ ରଚନା କରିଥିଲେ ।

'ଗହନଗୀତା' ଭାଗବତ ବୃତ୍ତିରେ ଲିଖିତ । ଏଥିରେ ଗରୁଡ଼ ଗୋବିନ୍ଦ ସମ୍ବାଦ ବର୍ଣ୍ଣିତ ଅଛି । ଭକ୍ତିପ୍ରଶଂସା, ଗୋଲକବର୍ଣ୍ଣନା, ପିଣ୍ଡବ୍ରହ୍ମାଣ୍ଡବର୍ଣ୍ଣନା ଏ ଗୀତାର ବର୍ଣ୍ଣିତ ବିଷୟ ।

ଅଚ୍ୟୁତ ଖ୍ରୀଷ୍ଟାବ୍ଦ ୧୪୯୮ର ଲୋକ । ଅଚ୍ୟୁତ ଚୈତନ୍ୟଙ୍କ ଶିଷ୍ୟ ଥିବାର ସ୍ପଷ୍ଟ ଲେଖିଛନ୍ତି । ସୁତରାଂ ସେ ବୈଷ୍ଣବ ଥିଲେ । କେହି କେହି କହନ୍ତି, ସେ ବୌଦ୍ଧ ଥିଲେ; କାରଣ ଶୂନ୍ୟସଂହିତାରେ ସେ ନିରାକାର ଉପାସନାକୁ ଶ୍ରେଷ୍ଠ ବୋଲି କହିଅଛନ୍ତି । ବୌଦ୍ଧଧର୍ମ ହିନ୍ଦୁଧର୍ମର ଗୋଟିଏ ଶାଖା । ହିନ୍ଦୁଧର୍ମରେ ମଧ୍ୟ ନିରାକାର ଉପାସନାର ବିଧି ଅଛି । ନିରାକାର ଉପାସନା ହିନ୍ଦୁଧର୍ମର ଶେଷ ଅବସ୍ଥା । ସୁତରାଂ ନିରାକାର ବର୍ଣ୍ଣନା କରିଅଛନ୍ତି ବୋଲି ଯେ କବି ବୌଦ୍ଧଧର୍ମାବଲମ୍ବୀ ଥିଲେ, ଏ କଥା କୁହାଯାଇ ନ ପାରେ । ଏକା ଅଚ୍ୟୁତ କାହିଁକି, ଅନ୍ୟାନ୍ୟ ସମସାମୟିକ କବିମାନେ ମଧ୍ୟ ଶୂନ୍ୟ ବର୍ଣ୍ଣନା କରିଛନ୍ତି ଏବଂ ନିର୍ଗୁଣ ଓ ନିର୍ବାଣ ଶବ୍ଦ ଆପଣା ଆପଣା ଗ୍ରନ୍ଥରେ ବ୍ୟବହାର କରିଛନ୍ତି ।

ଅତିବଡ଼ୀ ଜଗନ୍ନାଥ ଦାସ—ଏ କବି ଉତ୍କଳରେ ସୁପରିଚିତ । ଉତ୍କଳର ଆବାଲ-ବୃଦ୍ଧ-ବନିତା, ଅସ୍ପୃଶ୍ୟ ଚାଣ୍ଡାଳ ବ୍ରାହ୍ମଣ କିଏ ଯେ ଏ ମହାତ୍ମାଙ୍କ ନାମ ନ ଜାଣେ, ଏପରି ଲୋକ ମିଳିବା ବିରଳ । ଦାସେ ଜଣେ ଭକ୍ତକବି ଥିଲେ ଏବଂ ଓଡ଼ିଆ 'ଭାଗବତ' ତାଙ୍କର ପ୍ରଧାନ ଗ୍ରନ୍ଥ । ଭାଗବତକୁ ଉତ୍କଳଭାଷାରେ ଲେଖି କରି ଲୋକସାଧାରଣଙ୍କର ଉପକାର କରିବା ସଙ୍ଗେ ସଙ୍ଗେ ଆପଣାକୁ ଅମର କରିଯାଇଛନ୍ତି । ଏ କବି ପ୍ରତାପରୁଦ୍ର ଦେବଙ୍କ ଅମଳର । କବି କଠିଣ ସଂସ୍କୃତ ଭାଗବତକୁ ସୁଲଳିତ ସରଳ ସୁବୋଧ ଭାଷାରେ ପ୍ରକାଶ କରି ଲୋକସାଧାରଣର ଯେ କି ଉପକାର କରିଛନ୍ତି, ତାହା ଭାଷା ଦ୍ୱାରା ବର୍ଣ୍ଣନା କରାଯାଇ ନ ପାରେ । 'ମୁକୁର'ରେ ଆମ୍ଭେ ତାଙ୍କ ସମ୍ବନ୍ଧେ ଯାହା ଲେଖିଛୁ, ତାକୁ ଏହାର ଏକାଂଶ ବୋଲି ଧରିନେବାକୁ ହେବ । ସୁତରାଂ ଏଠାରେ ବିଶେଷ ବିବରଣ ଦିଆଗଲା ନାହିଁ । କବିଙ୍କର ଜନ୍ମ ସମୟ 'ଜଗନ୍ନାଥଚରିତାମୃତ'ରେ ଲେଖାଅଛି ।

'ଅର୍ଥକୋଇଲି' କବିଙ୍କ ସ୍ୱରଚିତ ପୁସ୍ତକ । ମାର୍କଣ୍ଡ ଦାସଙ୍କ ସୁପରିଚିତ ସରଳ କୋଇଲି ଗୀତର କବି ଆଧ୍ୟାତ୍ମିକ ଅର୍ଥ କରିଛନ୍ତି ।

"କୋଇଲି ଲୋ କେଶବ ଯେ ମଥୁରାକୁ ଗଲା ।
କାହା ବୋଲେ ଗଲା ପୁଣ ବାହୁଡ଼ି ନଇଲା ଲୋ କୋଇଲି ॥"
(କୋଇଲି)

ଅର୍ଥ

କୋଇଲି ବୋଲିଣ ପାର୍ଥ ଜୀବକୁଟି କହି
ସେହି ଜୀବ ମୁହିଁ ପାର୍ଥ ସବଂଶ ଅଛଇ ।
ଆପେ ଆସିଥିଲା ଜୀବ ଆପେ ଗୁଳିଗଲା
ସେହି ପୁଣ ଗୋଟି ଆଉ ବାହୁଡ଼ି ନଇଲା ।
ଏହି ପୁଣ ଗୋଟି ଯହୁଁ ବାହୁଡ଼ି ନଇଲା,
ମଥୁରା ସ୍ୱରୂପ ପିଣ୍ଡ ପଡ଼ିଣ ରହିଲା ॥ (ଅର୍ଥକୋଇଲି)

ଏହିପରି ସମ୍ପ୍ରଦାୟ କୋଇଲିର ଅର୍ଥ କରାଯାଇଛି ।
'ଫୁଲତୋଳା ଚଉତିଶା' ଦାସଙ୍କର ଆଉ ଗୋଟିଏ ଲେଖା ।

"ପଚ୍ଛେ ଦାସ ଜଗନ୍ନାଥ, ଫୁଲତୋଳାଠାରେ ଯୋଡ଼ିଛି ହସ୍ତ ଗୋ ।
ଦେଖିଲେ ହେବ କୃତାର୍ଥ, ସଜନି ଗୋ ।"

'ଦୃଢ଼ବୋଧ' ନାମକ ପଦ୍ୟ ଦାସେ ରଚନା କରିଥିଲେ ।

"ବିପ୍ରକୁଳେ ଜନ୍ମ ହୋଇ କିଛି ନ ଜାଣଇ
ଅତିବଡ଼ି ବୋଲିଣ ଚୈତନ୍ୟଚନ୍ଦ୍ର କହି ।
ଜଗନ୍ନାଥ ଦାସ ବୋଲି ନାମ ମୋର ହେଲି,
ସଦଗୁରୁ କୃପାରେଣ ସନ୍ଦେଶ ଫିଟିଲି ।"

ଶ୍ରୀ ସତ୍‌ସଙ୍ଗ ବୋଲି ଦାସଙ୍କର ଆଉ ଗୋଟିଏ ଗ୍ରନ୍ଥ ଅଛି । ଏ ଗ୍ରନ୍ଥଟି ଭାଗବତ-ବୃତ୍ତରେ ଲେଖା ।

ଭକ୍ତକବି ଜଗନ୍ନାଥ ଦାସ 'ତୁଳାଭିଣା' ନାମକ ଖଣ୍ଡିଏ ପୁସ୍ତକ ପ୍ରଣୟନ କରି ଯାଇଛନ୍ତି ।

ଜୀବର କପରି ଜନ୍ମ ହେଲା, ମନୁଷ୍ୟ ଶରୀରାଭ୍ୟନ୍ତରରେ କେତେ ହାଡ଼, କେତେ ଶିରାପ୍ରଶିରା ଇତ୍ୟାଦି ବିଷୟ ଲେଖାଅଛି ।

"ଶୁଣ ଗୋ ହେମବତୀ ଜେମା । ତୋତେ କହିବା ତୁଳାଭିଣା ।।
ତୁଳାକୁ ଭିଣନ୍ତି ଯେସନ । ସେରୂପେ କରିବା ବଖାଣ ।।"

ଶରୀରର ହାଡ଼ମାନଙ୍କ ନାମ ଏଥିରେ ଉଲ୍ଲେଖ ଅଛି । ଖଞ୍ଜାହାଡ଼, ଅଖାହାଡ଼, ଇନ୍ଦହାଡ଼, ଗ୍ରନ୍ଥିହାଡ଼, ବନ୍ଧହାଡ଼, ଘୁଭରହାଡ଼, ମାଣିକ୍ୟହାଡ଼, ଖଞ୍ଜଣୀହାଡ଼, ବାହୁଅସ୍ଥିହାଡ଼ ଇତ୍ୟାଦି ।

ଶରୀରର କେଉଁ ସ୍ଥାନରେ ନାଡ଼ି ଅଛି, ତାହାର ପ୍ରମାଣ ମଧ୍ୟ ଏଥିରେ ଲେଖାଅଛି ।

ପାଦ ୧୬୦, କପାଳ ୧୬୦, କଣ୍ଠ ୮୬୦, ଜିହ୍ୱା ୧୬୦, ହୃଦ ୧୬୦ ଇତ୍ୟାଦି । ଚର୍ମ କେତେ ପରସ୍ତ ଓ ପ୍ରତ୍ୟେକର ନାମ ଲେଖାଅଛି । ଶୂନ୍ୟଚର୍ମ, ସୂଚି, ଜରକର, ଚେତା, ରାଜବଳ, ରୋଗ, ଭୋଗି, ଯୋଗ ଓ ସାଧୁ ଚର୍ମ ।

ପାଷଣ୍ଡଦଳନ ନାମକ ଗ୍ରନ୍ଥ କବି ରଚନା କରିଥିଲେ । ଏଥିରେ ସଂସ୍କୃତ ଶ୍ଳୋକର ଅନୁବାଦ ଅଛି ।

"ଚଣ୍ଡାଲୋଽପି ମୁନିଶ୍ରେଷ୍ଠୋ ବିଷ୍ଣୁଭକ୍ତିପରାୟଣଃ
ବିଷ୍ଣୁଭକ୍ତିବିହୀନସ୍ତୁ ଦ୍ୱିଜୋଽପି ଶ୍ୱପଚାଧମଃ ।"

"ଗୃହସ୍ଥାଳ ହୋଇ ସେ ଯେବେ ବିଷ୍ଣୁପରାୟଣ
ହୋଇ ସଦା କରେ ମୁନିବ୍ରତ ଆଚରଣ ॥
ସର୍ବ ବର୍ଣ୍ଣେ ପୂଜ୍ୟ ସେହୁ ହୋଇ ଦ୍ୱିଜବର,
ବିଷ୍ଣୁଭକ୍ତସ୍ଥାନେ ଗୃହସ୍ଥାଳରୁ ନୀଚତର ॥"

'ଗଜନିସ୍ତାରଣ' ବୋଲି କବିଙ୍କର ଆଉ ଖଣ୍ଡିଏ କ୍ଷୁଦ୍ର ଗ୍ରନ୍ଥ ଅଛି ।

ଉତ୍କଳଗୌରବ, ଭକ୍ତାଗ୍ରଣୀ, ପୁଣ୍ୟଶ୍ଳୋକ ଜଗନ୍ନାଥ ଦାସ ବହୁକାଳ ପୂର୍ବେ ଏହି ପବିତ୍ର, ପୁଣ୍ୟଭୂମି ଉତ୍କଳରେ ଅବତୀର୍ଣ୍ଣ ହୋଇଥିଲେ । ପୁରୀ ଜିଲାର କପିଳେଶ୍ୱରପୁର ଶାସନ ତାଙ୍କର ଜନ୍ମସ୍ଥାନ ଥିଲା । ତାଙ୍କର ପିତାଙ୍କ ନାମ ଭଗବାନ ଦାସ; କାହାରି କାହାରି ମତରେ ନାରାୟଣ ଦାସ ଏବଂ ମାତାଙ୍କ ନାମ ପଦ୍ମାବତୀ । ସେ ଜାତିରେ ବ୍ରାହ୍ମଣ ଥିଲେ । ୧୩ କମ୍ବା ୧୪ ବର୍ଷ ବୟସ ବେଳକୁ ସେ ଅନେକ ସଂସ୍କୃତ ଗ୍ରନ୍ଥ ଆୟତ୍ତ କରିଥିଲେ । ବ୍ୟାକରଣ, କାବ୍ୟ, ବେଦାନ୍ତ ଆଦି ପାଠ ଶେଷ କରି ସେ ଭାଗବତ ପାଠକଲେ । କ୍ରମେ ସୁପଣ୍ଡିତ ବୋଲି ଜନସମାଜରେ ପରିଚିତ ହେଲେ । ସର୍ବଦା ଗ୍ରନ୍ଥପାଠ, ଭଗବତ୍ ଗୁଣକୀର୍ତ୍ତନରେ କାଳାତିପାତ କରୁଥିଲେ । ପୁଣ୍ୟାତ୍ମାଙ୍କ ଚରିତ୍ରରେ ବୈରାଗ୍ୟର ଲକ୍ଷଣ କ୍ରମେ ପ୍ରକାଶ ପାଇଲା । ପୁଷ୍ପ ପ୍ରସ୍ଫୁଟିତ ହେବାର ପ୍ରାରମ୍ଭରୁ ବାସନା କ୍ରମେ ଦିଗବିଦିଗରେ ପ୍ରକାଶିତ ହୁଏ । ଏ କଥା ଲୁଚାଇ ରଖିବାର କାହାରି କ୍ଷମତା ନାହିଁ । ସୁଗନ୍ଧ ପୁଷ୍ପକୁ ଯେ କୌଣସିଠାରେ ଲୁଚାଇ ରଖିପାରି; ମାତ୍ର ଗନ୍ଧ ଲୁଚିରହିବାର ବସ୍ତୁ ନୁହେ, ତାହା ନିଶ୍ଚୟ ଚତୁର୍ଦ୍ଦିଗରେ ବ୍ୟାପି ବାହାରିପଡ଼ିବ । ମହାତ୍ମା ଜଗନ୍ନାଥଙ୍କ ଚରିତ୍ରରେ ଏହି ବୈରାଗ୍ୟର ଅଙ୍କୁରୋଦ୍‌ଗମ ଦେଖି ତାଙ୍କର ପିତା ତାଙ୍କୁ ଗୃହସ୍ଥାଶ୍ରମ ଡୋରରେ ବାନ୍ଧିରଖିବାକୁ ଉଦ୍ୟତ ହେଲେ । ଜଗନ୍ନାଥ ଏକଥା ଜାଣିପାରି ପ୍ରକାଶ କଲେ, "ପିତା ମୋର ଯେଉଁ ଗୁଣ ଦେଖି ଆଜି ମୁଗ୍ଧ ଏବଂ ଆଜି ମୋର ସୁନାମ ଶୁଣି ପିତା ସତ୍‌ପୁତ୍ର ପାଇଅଛନ୍ତି ବୋଲି ଆପଣାକୁ ଆପେ ଧନ୍ୟ ମନେକରୁଅଛନ୍ତି, ମୋତେ ଗୃହସ୍ଥାଶ୍ରମ ଡୋରରେ ବାନ୍ଧିରଖିଲେ ମୋର ସେ ଗୁଣ ଲୋପ ହେବ, ମୁଁ ଆଉ ସେ ଜଗନ୍ନାଥ ହୋଇ ରହିବି ନାହିଁ; ସୁତରାଂ ପିତା ସେପରି ଚେଷ୍ଟାରୁ ବିରତ ହୁଅନ୍ତୁ ।" ଯେଉଁ ପକ୍ଷୀ ମୁକ୍ତାକାଶରେ ସ୍ୱଚ୍ଛନ୍ଦ ଭାବରେ ଉଡ଼ିବୁଲିବାର ସୁଖ ଥରେ ଅନୁଭବ କରିପାରିଛି, ସେ କେବେ ପିଞ୍ଜରାବଦ୍ଧ ହେବାକୁ ରାଜି ହେବ କି ? ଯେଉଁ ଜନ୍ତୁ ସ୍ୱଚ୍ଛନ୍ଦ ବନଜାତ ଫଳମୂଳ ଭକ୍ଷଣ କରି ବଣ-ଜଙ୍ଗଲରେ ଚରିବୁଲିବା ସୁଖ ଅନୁଭବ କରିଛି, ସେ କେବେ ଶୃଙ୍ଖଳାବଦ୍ଧ ହେବାକୁ ରାଜି ହେବ କି ? ପିଞ୍ଜରା ବା ଶିକୁଳି ସୁନାର ହେଉ ବା ଲୁହାର ହେଉ, ତମ୍ବାର ହେଉ ବା ପିତଳର ହେଉ, ବନ୍ଧନକାର୍ଯ୍ୟର କିଛି ତାରତମ୍ୟ ନାହିଁ । ଯେ ଥରେ ସ୍ୱାଧୀନତା ସ୍ୱାଦୁ ଆସ୍ୱାଦନ କରିଛି ସେ କେବେ ଅଧୀନତା ଶିକୁଳିଦ୍ୱାରା ବାନ୍ଧି ହେବାକୁ ସ୍ୱୀକୃତ ହେବ ନାହିଁ । ଜଗନ୍ନାଥଙ୍କର ମନର ଭାବ ଠିକ୍ ଏହିପରି ଥିଲା । ସେ ବୁଝିଥିଲେ ଯେ ବିବାହ ଅର୍ଥ ସାଂସାରିକ ଦୃଢ଼ଶିକୁଳିଦ୍ୱାରା ବନ୍ଧନ । ଏ ମାୟାଡୋରରେ ଥରେ ବାନ୍ଧି ହୋଇ ପଡ଼ିଲେ

ଏହିପରି ସମୁଦାୟ କୋଇଲିର ଅର୍ଥ କରାଯାଇଛି ।
'ଫୁଲତୋଳା ଚଉତିଶା' ଦାସଙ୍କର ଆଉ ଗୋଟିଏ ଲେଖା ।

"ପଛେ ଦାସ ଜଗନ୍ନାଥ, ଫୁଲତୋଳାଠାରେ ଯୋଡ଼ିଛୁ ହସ୍ତ ଗୋ ।
ଦେଖିଲେ ହେବ କୃତାର୍ଥ, ସଜନି ଗୋ ।"

'ଦୃଢ଼ବୋଧ' ନାମକ ପଦ୍ୟ ଦାସେ ରଚନା କରିଥିଲେ ।

"ବିପ୍ରକୁଳେ ଜନ୍ମ ହୋଇ କିଛି ନ ଜାଣଇ
ଅତିବଡ଼ ବୋଲିଣ ଚୈତନ୍ୟଚନ୍ଦ୍ର କହି ।
ଜଗନ୍ନାଥ ଦାସ ବୋଲି ନାମ ମୋର ହେଲି,
ସଦଗୁରୁ କୃପାରେଣ ସନ୍ଦେଶ ଫିଟିଲି ।"

ଶ୍ରୀ ସତ୍‌ସଙ୍ଗ ବୋଲି ଦାସଙ୍କର ଆଉ ଗୋଟିଏ ଗ୍ରନ୍ଥ ଅଛି । ଏ ଗ୍ରନ୍ଥଟି ଭାଗବତ-ବୃତ୍ତରେ ଲେଖା ।

ଭକ୍ତକବି ଜଗନ୍ନାଥ ଦାସ 'ତୁଳାଭିଣା' ନାମକ ଖଣ୍ଡିଏ ପୁସ୍ତକ ପ୍ରଣୟନ କରି ଯାଇଛନ୍ତି ।

ଜୀବର କିପରି ଜନ୍ମ ହେଲା, ମନୁଷ୍ୟ ଶରୀରାଭ୍ୟନ୍ତରରେ କେତେ ହାଡ଼, କେତେ ଶିରାପ୍ରଶିରା ଇତ୍ୟାଦି ବିଷୟ ଲେଖାଅଛି ।

"ଶୁଣ ଗୋ ହୈମବତୀ ଜେମା । ତୋତେ କହିବା ତୁଳାଭିଣା ॥
ତୁଳାକୁ ଭିଣନ୍ତି ଯେସନ । ସେରୂପେ କରିବା ବଖାଣ ॥"

ଶରୀରର ହାଡ଼ମାନଙ୍କ ନାମ ଏଥିରେ ଉଲ୍ଲେଖ ଅଛି । ଖଞ୍ଜାହାଡ଼, ଅଖାହାଡ଼, ଇନ୍ଦିହାଡ଼, ଗୁନ୍ଦିହାଡ଼, ବନ୍ଦିହାଡ଼, ଗୁଭିରହାଡ଼, ମାଣିକ୍ୟହାଡ଼, ଖଞ୍ଜଣୀହାଡ଼, ବିହିଙ୍ଗିହାଡ଼ ଇତ୍ୟାଦି ।

ଶରୀରର କେଉଁ ସ୍ଥାନରେ କାଢ଼ି ଅଛି, ତାହାର ପ୍ରମାଣ ମଧ୍ୟ ଏଥିରେ ଲେଖାଅଛି ।

ପାଦ ୧୬୦, କପାଳ ୧୬୦, କଣ୍ଠ ୮୬୦, ଜିହ୍ୱା ୧୬୦, ହୃଦ ୧୬୦ ଇତ୍ୟାଦି । ଚର୍ମ କେତେ ପରସ୍ତ ଓ ପ୍ରତ୍ୟେକର ନାମ ଲେଖାଅଛି । ଶୂନ୍ୟଚର୍ମ, ସୂଚି, ଜରକରି, ଚେତା, ରାଜବଳି, ରୋଗ, ଭୋଗି, ଯୋଗ ଓ ସାଧୁ ଚର୍ମ ।

ପାଷଣ୍ଡଦଳନ ନାମକ ଗ୍ରନ୍ଥ କବି ରଚନା କରିଥିଲେ । ଏଥିରେ ସଂସ୍କୃତ ଶ୍ଳୋକର ଅନୁବାଦ ଅଛି ।

"ଚଣ୍ଡାଳୋଽପି ମୁନିଶ୍ରେଷ୍ଠୋ ବିଷ୍ଣୁଭକ୍ତିପରାୟଣଃ
ବିଷ୍ଣୁଭକ୍ତିବିହୀନସ୍ତୁ ଦ୍ୱିଜୋଽପି ଶ୍ୱପଚାଧମଃ ।"

"ଚଣ୍ଡାଳ ହୋଇ ସେ ଯେବେ ବିଷ୍ଣୁପରାୟଣ
ହୋଇ ସଦା କରେ ମୁନିବ୍ରତ ଆଚରଣ ॥
ସର୍ବ ବର୍ଣ୍ଣେ ପୂଜ୍ୟ ସେହୁ ହୋଇ ଦ୍ୱିଜବର,
ବିଷ୍ଣୁ ଭକ୍ତିହୀନେ ଚଣ୍ଡାଳରୁ ନୀଚତର ॥"

'ଗଜନିସ୍ତାରଣ' ବୋଲି କବିଙ୍କର ଆଉ ଖଣ୍ଡିଏ କ୍ଷୁଦ୍ର ଗ୍ରନ୍ଥ ଅଛି ।

ଉତ୍କଳଗୌରବ, ଭକ୍ତାଗ୍ରଣୀ, ପୁଣ୍ୟଶ୍ଳୋକ ଜଗନ୍ନାଥ ଦାସ ବହୁକାଳ ପୂର୍ବେ ଏହି ପବିତ୍ର, ପୁଣ୍ୟଭୂମି ଉତ୍କଳରେ ଅବତୀର୍ଣ୍ଣ ହୋଇଥିଲେ । ପୁରୀ ଜିଲାର କପିଳେଶ୍ୱରପୁର ଶାସନ ତାଙ୍କର ଜନ୍ମସ୍ଥାନ ଥିଲା । ତାଙ୍କର ପିତାଙ୍କ ନାମ ଭଗବାନ ଦାସ; କାହାରି କାହାରି ମତରେ ନାରାୟଣ ଦାସ ଏବଂ ମାତାଙ୍କ ନାମ ପଦ୍ମାବତୀ । ସେ ଜାତିରେ ବ୍ରାହ୍ମଣ ଥିଲେ । ୧୩ କିମ୍ବା ୧୪ ବର୍ଷ ବୟସ ବେଳକୁ ସେ ଅନେକ ସଂସ୍କୃତ ଗ୍ରନ୍ଥ ଆୟତ୍ତ କରିଥିଲେ । ବ୍ୟାକରଣ, କାବ୍ୟ, ବେଦାନ୍ତ ଆଦି ପାଠ ଶେଷ କରି ସେ ଭାଗବତ ପାଠକଲେ । କ୍ରମେ ସୁପଣ୍ଡିତ ବୋଲି ଜନସମାଜରେ ପରିଚିତ ହେଲେ । ସର୍ବଦା ଗ୍ରନ୍ଥପାଠ, ଭଗବତ୍ ଗୁଣକୀର୍ତ୍ତନରେ କାଳାତିପାତ କରୁଥିଲେ । ପୁଣ୍ୟାତ୍ମାଙ୍କ ଚରିତ୍ରରେ ବୈରାଗ୍ୟର ଲକ୍ଷଣ କ୍ରମେ ପ୍ରକାଶ ପାଇଲା । ପୁଷ୍ପ ପ୍ରସ୍ଫୁଟିତ ହେବାର ପ୍ରାରମ୍ଭରୁ ବାସନା କ୍ରମେ ଦିଗବିଦିଗରେ ପ୍ରକାଶିତ ହୁଏ । ଏ କଥା ଲୁଚାଇ ରଖିବାର କାହାରି କ୍ଷମତା ନାହିଁ । ସୁଗନ୍ଧ ପୁଷ୍ପକୁ ଯେ କୌଣସିଠାରେ ଲୁଚାଇ ରଖିପାରି; ମାତ୍ର ଗନ୍ଧ ଲୁଚାଇହେବାର ବସ୍ତୁ ନୁହେ, ତାହା ନିଷ୍ପତ୍ତି ଫୁଟି ବାହାରିପଡ଼ିବ । ମହାତ୍ମା ଜଗନ୍ନାଥଙ୍କ ଚରିତ୍ରରେ ଏହି ବୈରାଗ୍ୟର ଅଙ୍କୁରୋଦ୍‌ଗମ ଦେଖି ତାଙ୍କର ପିତା ତାଙ୍କୁ ଗୃହସ୍ଥାଶ୍ରମ ଡୋରରେ ବାନ୍ଧିରଖିବାକୁ ଉଦ୍ୟତ ହେଲେ । ଜଗନ୍ନାଥ ଏକଥା ଜାଣିପାରି ପ୍ରକାଶ କଲେ, "ପିତା ମୋର ଯେଉଁ ଗୁଣ ଦେଖି ଆଜି ମୁଗ୍‌ଧ ଏବଂ ଆଜି ମୋର ସୁନାମ ଶୁଣି ପିତା ସତ୍‌ପୁତ୍ର ପାଇଅଛନ୍ତି ବୋଲି ଆପଣାକୁ ଆପେ ଧନ୍ୟ ମନେକରୁଅଛନ୍ତି, ମୋତେ ଗୃହସ୍ଥାଶ୍ରମ ଡୋରରେ ବାନ୍ଧିରଖିଲେ ମୋର ସେ ଗୁଣ ଲୋପ ହେବ, ମୁଁ ଆଉ ସେ ଜଗନ୍ନାଥ ହୋଇ ରହିବି ନାହିଁ; ସୁତରାଂ ପିତା ସେପରି ଚେଷ୍ଟାରୁ ବିରତ ହୁଅନ୍ତୁ ।" ଯେଉଁ ପକ୍ଷୀ ମୁକ୍ତାକାଶରେ ସ୍ୱଚ୍ଛନ୍ଦ ଭାବରେ ଉଡ଼ିବୁଲିବାର ସୁଖ ଥରେ ଅନୁଭବ କରିପାରିଛି, ସେ କେବେ ପିଞ୍ଜରାବଦ୍ଧ ହେବାକୁ ରାଜି ହେବ କି ? ଯେଉଁ ଜନ୍ତୁ ସ୍ୱଚ୍ଛନ୍ଦ ବନଜାତ ଫଳମୂଳ ଭକ୍ଷଣ କରି ବଣ-ଜଙ୍ଗଲରେ ଚରିବୁଲିବା ସୁଖ ଅନୁଭବ କରିଛି, ସେ କେବେ ଶୃଙ୍ଖଳାବଦ୍ଧ ହେବାକୁ ରାଜି ହେବ କି ? ପିଞ୍ଜରା ବା ଶିକୁଳି ସ୍ୱର୍ଣ୍ଣର ହେଉ ବା ଲୁହାର ହେଉ, ତମ୍ବାର ହେଉ ବା ପିତଳର ହେଉ, ବନ୍ଧନକାର୍ଯ୍ୟର କିଛି ତାରତମ୍ୟ ନାହିଁ । ଯେ ଥରେ ସ୍ୱାଧୀନତା ସ୍ୱାଦୁ ଆସ୍ୱାଦନ କରିଛି ସେ କେବେ ଅଧୀନତା ଶିକୁଳିଦ୍ୱାରା ବାନ୍ଧି ହେବାକୁ ସ୍ୱୀକୃତ ହେବ ନାହିଁ । ଜଗନ୍ନାଥଙ୍କର ମନର ଭାବ ଠିକ୍ ଏହିପରି ଥିଲା । ସେ ବୁଝିଥିଲେ ଯେ ବିବାହ ଅର୍ଥ ସାଂସାରିକ ଦୃଢ଼ଶିକୁଳିଦ୍ୱାରା ବନ୍ଧନ । ଏ ମାୟାଡୋରରେ ଥରେ ବାନ୍ଧି ହୋଇ ପଡ଼ିଲେ

ତଦ୍ଦ୍ୱାରା ଯେ ମୋହ ମମତା ଜାତହୁଏ, ତାକୁ ପରେ ଛିନ୍ନ କରିବା ବଡ଼ ଶକ୍ତ କଥା । ଈଶ୍ୱରସେବାକୁ ସେ ଆପଣା ଜୀବନର ମୁଖ୍ୟ କର୍ତ୍ତବ୍ୟ ବୋଲି ସ୍ଥିର କରିଥିଲେ । ଭକ୍ତିରସା-ସ୍ୱାଦନେଚ୍ଛୁ ଜଗନ୍ନାଥ କେବଳ ଭକ୍ତିପଥାବଲମ୍ବୀ ହେବାକୁ ମନ ବଳାଇଥିଲେ । ଅନ୍ୟାନ୍ୟ ସାଂସାରିକ ବିଷୟବାସନାରେ ତାଙ୍କର ଆଦୌ ଆସକ୍ତି ନଥିଲା ।

କିଛିଦିନ ପରେ ଜଗନ୍ନାଥ ଦାସ ଗୃହତ୍ୟାଗ କରି ବୈଷ୍ଣବଧର୍ମ ଗ୍ରହଣ କଲେ ଏବଂ ମର୍ତ୍ତ୍ୟ-ବୈକୁଣ୍ଠ ପବିତ୍ର ପୁରୀକ୍ଷେତ୍ରରେ ଆସି ବାସକଲେ । ସ୍ୱର୍ଗଦ୍ୱାର ନିକଟରେ ଯେଉଁ ସାତଲହଡ଼ି ନାମଧେୟ ମଠ ଅଛି, ମହାତ୍ମା ପ୍ରଥମେ ସେହିଠାରେ ବାସକରିଥିଲେ ଏବଂ ସେଠାରେ ଅଦ୍ୟାବଧି ତାଙ୍କର ପ୍ରତିମୂର୍ତ୍ତି ରକ୍ଷିତ ଅଛି । ଏହି ସ୍ଥାନରେ ରହି ସେ ଈଶ୍ୱରୋପାସନାରେ ନିଯୁକ୍ତ ରହିଲେ ।

ଏହିପରି କିଛିଦିନ ରହିବା ପରେ ଚୈତନ୍ୟଦେବ ପୁରୀଠାକୁ ଆଗମନ କଲେ । ଏହି ସମୟରେ ପ୍ରତାପରୁଦ୍ର ଦେବ ଓଡ଼ିଶାରେ ରାଜତ୍ୱ କରୁଥିଲେ । ପ୍ରତାପରୁଦ୍ର ଦେବ ପୁରୁଷୋତ୍ତମ ଦେବଙ୍କ ପୁତ୍ର ଥିଲେ । ପ୍ରତାପରୁଦ୍ର ଦେବ ୧୫୦୪—୧୫୩୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ତେତେବେଳେ ଉତ୍କଳର ଗୌରବରବି ଅସ୍ତମିତ ହୋଇ ନଥିଲେ । ଚୈତନ୍ୟଦେବ ଜଣେ ମହାତ୍ମା ଏବଂ ଈଶ୍ୱରଅଂଶୀ ପୁରୁଷ ଥିଲେ । ଚୈତନ୍ୟଦେବଙ୍କ ଭକ୍ତି ପରିଦର୍ଶନ କରି ପ୍ରତାପରୁଦ୍ର ଦେବ ବୈଷ୍ଣବଧର୍ମରେ ଦୀକ୍ଷିତ ହୋଇଥିଲେ । ଚୈତନ୍ୟଦେବ ଜଗନ୍ନାଥ ଦାସଙ୍କ ପ୍ରଗାଢ଼ ଭକ୍ତି ଦେଖି ବିସ୍ମୟାବିଷ୍ଟ ହୋଇଥିଲେ ଏବଂ ତାଙ୍କୁ ଅତିବଡ଼ୀ ପଦ ଦେଇଥିଲେ । ଏହି ସମୟରୁ ଜଗନ୍ନାଥ ଦାସଙ୍କ ଶିଷ୍ୟବୃନ୍ଦ ଅତିବଡ଼ୀ ବୋଲି ଦାବି କରନ୍ତି । ମହାତ୍ମା ଚୈତନ୍ୟ ଯାହାଙ୍କୁ ଅତିବଡ଼ୀ ବୋଲି ସ୍ୱୀକାର କରିଥିଲେ, ସେ ଜଗନ୍ନାଥ କେଡ଼େ ବଡ଼ ଭକ୍ତ ତାହା ପାଠକେ ଅନୁମାନ କରି ପାରିବେ । ଚୈତନ୍ୟଦେବଙ୍କର ଜଗନ୍ନାଥ ଦାସଙ୍କ ପ୍ରତି ପ୍ରଗାଢ଼ ଭକ୍ତି ଦେଖି ରାଜା ପ୍ରତାପରୁଦ୍ର ଦେବଙ୍କ ଦୃଷ୍ଟି ଜଗନ୍ନାଥଦାସଙ୍କ ପ୍ରତି ଆକର୍ଷିତ ହେଲା । ସେ ବହୁ ମାନ୍ୟ-ମର୍ଯ୍ୟାଦା ସହିତ ଜଗନ୍ନାଥ ଦାସଙ୍କୁ ଗ୍ରହଣ କରି ତାଙ୍କପାଇଁ ଗୋଟିଏ ମଠ ନିର୍ମାଣ କରିଦେଇ ସେହି ମଠରେ ରଖାଇଲେ । ସେହି ମଠକୁ ଆଜିକାଲି ଓଡ଼ିଆମଠ ବୋଲି କହନ୍ତି ।

ଜଗନ୍ନାଥ ଦାସଙ୍କର ସଂସ୍କୃତରେ ଭଲ ବ୍ୟୁତ୍ପତ୍ତି ଥିଲା । ଜନସାଧାରଣ ସଂସ୍କୃତରେ ଅନଭିଜ୍ଞ । ଭାଗବତ କିପରି ଆବାଳବୃଦ୍ଧବନିତାଙ୍କର ବୋଧଗମ୍ୟ ହେବ ସେହି ଉଦ୍ଦେଶ୍ୟରେ ସଂସ୍କୃତ ଭାଗବତକୁ ଓଡ଼ିଆଭାଷାରେ ଅନୁବାଦ କଲେ । ଗଦ୍ୟ ଅପେକ୍ଷା ପଦ୍ୟ ବେଶୀ ସାଧାରଣଲୋକପ୍ରିୟ ଏବଂ ଲୋକେ ସହଜରେ ମନେରଖିପାରନ୍ତି । ସୁତରାଂ ସେ ଭାଗବତକୁ ପଦ୍ୟରେ ଅନୁବାଦ କଲେ । ଏହି ଅନୁବାଦ ଲାଗି ସେ ଗୋଟିଏ ସ୍ୱତନ୍ତ୍ର ବୃତ୍ତ, ଯାହାକୁ 'ଭାଗବତ ବୃତ୍ତ' କୁହାଯାଉଛି, ଆବିଷ୍କାର କଲେ; ପ୍ରତ୍ୟେକ ପଦ ନଅ ଅକ୍ଷରରେ ପୂର୍ଣ୍ଣ । ଏହି ବୃତ୍ତ ଯେପରି ସୁବୋଧ, ସୁଶ୍ରାବ୍ୟ, ସେହିପରି ଭାଗବତ ପରି କଠିନ ଶାସ୍ତ୍ରର ଭାବପ୍ରକାଶକ ।

ଭାଗବତର ଅନୁବାଦ ବଡ ସରଳ ଏବଂ ପଦଗୁଡ଼ିକ ଲାଳିତ୍ୟପୂର୍ଣ୍ଣ । ଶୁକମୁଖାଦମୃତ ଦ୍ରବସଂଯୁକ୍ତ ଭାଗବତ ଜଗନ୍ନାଥମୁଖାଦମୃତ ଦ୍ରବସଂଯୁକ୍ତ ହୋଇ ଆବାଳ-ବୃଦ୍ଧବନିତାଙ୍କୁ ସେହି ଅମୃତସ୍ରୋତରେ ଭସାଇଦେଲା । ଜଗନ୍ନାଥ ଦାସ ଭାଗବତ ଅନୁବାଦ କରି ନଥିଲେ ଆଜିକାଲି ପର୍ଣ୍ଣକୁଟୀରଠାରୁ ଆରମ୍ଭ କରି ରାଜପ୍ରାସାଦ ପର୍ଯ୍ୟନ୍ତ ଭାଗବତ ଚର୍ଚ୍ଚା ହୋଇ ନଥାନ୍ତା । ଜଗନ୍ନାଥ ଦାସ ତାଙ୍କ ମରକଳେବର ତ୍ୟାଗକରି ଇହସଂସାରରୁ ବହୁକାଳ ହେଲା ଚାଲି ଯାଇଛନ୍ତି ସତ୍ୟ, ମାତ୍ର ଶ୍ରୀମଦ୍‌ଭାଗବତ ତାଙ୍କୁ ଅମର କରି ରଖିଛି ଓ ରଖିଥିବ । ଭାଗବତରେ ବେଦବେଦାନ୍ତ, ଷଡ୍‌ଦର୍ଶନ, ଶ୍ରୁତି, ସ୍ମୃତି ଇତ୍ୟାଦି ସମସ୍ତ ଶାସ୍ତ୍ରର କଠିନ ତତ୍ତ୍ୱମାନ ନିହିତ ଅଛି । ସେହି ତତ୍ତ୍ୱମାନଙ୍କର କାଠିନ୍ୟ ଭାଙ୍ଗି ଜଗନ୍ନାଥ ଦାସ ସେଗୁଡ଼ିକୁ ଏପରି ସରଳ ସୁବୋଧ କରିଦେଇଛନ୍ତି ଯେ ନିରକ୍ଷର ଲୋକ ମଧ୍ୟ ଶୁଣିକରି ଦି'ପଦ ମୁଖସ୍ଥ କରିପାରିବ । ପଣ୍ଡିତ ହୋଇ ବା ମୂର୍ଖ ହୋଇ ଜଗନ୍ନାଥ ଦାସଙ୍କ ଭାଗବତରୁ ପଦେ ଦି'ପଦ ଅବଶ୍ୟ ବୋଲିଦେଇ ପାରିବ । ପ୍ରତ୍ୟେକ ଗ୍ରାମରେ ଭାଗବତ ମନ୍ଦିର ଥିଲା, ଭାଗବତ ପୋଥି ପୂଜା, ଭାଗବତ ପାରାୟଣ ହେଉଥିଲା । ଚାହାଳିରେ ପିଲାମାନଙ୍କର ଭାଗବତ ପ୍ରଧାନ ପାଠ୍ୟପୁସ୍ତକ ଥିଲା । ଯେଉଁ ପିଲା ଅଧ୍ୟାୟେ ଭାଗବତ ବୋଲି ପାରିଲା ତାର ବିଦ୍ୟା ଶେଷ ହେଉଥିଲା । ଲୋକର ଅସନ୍ନ ମୃତ୍ୟୁବେଳେ ତାହାର ପୁତ୍ରପୌତ୍ରାଦି କୌଣସି ଆତ୍ମୀୟ ସ୍ୱଜନ ଲୋକ ତା କାନରେ ଅଧ୍ୟାୟେ ଭାଗବତ ଶୁଣାଉଥିଲେ । ଗ୍ରାମରେ ବିସୂଚିକା, ମାରୀଭୟ ପ୍ରଭୃତି ଉପଦ୍ରବ ହେଲେ ଭାଗବତପାଠ, ହରିହାଟ, ସପ୍ତାହ ଭାଗବତ ଆଦି ହେଉଥିଲା । ଭାଗବତ ପାଠ ହେଲେ ଗ୍ରାମରୁ କାଳଭୟ ଦୂର ହେଉଥିଲା ବୋଲି ଲୋକଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା । ଅନେକ ଲୋକଙ୍କର ସକାଳେ ସ୍ନାନପରି ସନ୍ଧ୍ୟାବେଳେ ଭାଗବତପାଠ କରିବା ନିତ୍ୟ ଓ ନୈମିତ୍ତିକ କାର୍ଯ୍ୟ ଥିଲା । ଭାଗବତ ଶବ୍ଦ ଯେପରି ଆବାଳବୃଦ୍ଧବନିତା ଓ ଆଚଣ୍ଡାଳ ବ୍ରାହ୍ମଣଙ୍କୁ ଜଣା, ଜଗନ୍ନାଥ ଦାସଙ୍କ ନାମ ମଧ୍ୟ ତଦ୍ରୂପ । ଲୋକେ କଥାକଥାକେ ଭାଗବତରୁ ଉଦାହରଣ ଦିଅନ୍ତି । ହଳୁଆ ହଳ କଲାବେଳେ ଭାଗବତ ଗାଉଛି, ପିଲା ଚାହାଳିରେ ଭାଗବତ ଗାଉଛି, ବଡଲୋକ ଗାଉଛି, ଦରିଦ୍ର ଗାଉଛି, ଯେଉଁଠି ଶୁଣ ଭାଗବତ । ଓଡ଼ିଶା ଭାଗବତ ଅମୃତରସସାଗରରେ ଉବେଇ ଚୁବେଇ ହେଲାପ୍ରାୟ ଜଣାଯାଏ । ଜଗନ୍ନାଥ ଦାସଙ୍କ ଭାଗବତ ପ୍ରତି ଲୋକମାନଙ୍କର ଭକ୍ତି, ସ୍ନେହ ଓ ମାନ୍ୟ ଅସାଧାରଣ । 'ଭଣେ ବିପ୍ର ଜଗନ୍ନାଥ' କହି ଦୁହା ଧରିଥିଲାବେଳେ ଲୋକେ ଆତ୍ମହରା ହୋଇଯାଆନ୍ତି । ଭାଗବତର ଏପ୍ରକାର ବହୁଳ ପ୍ରଚାରଦ୍ୱାରା ଲୋକସାଧାରଣ ଅନେକ ପାପପ୍ରଭାବରୁ ରକ୍ଷାପାଉଥିଲେ । ଧର୍ମକଥା ଓ ନୀତିକଥା ଅହରହ ଲୋକ କାନରେ ପଡ଼ିଲେ ପାଷଣ୍ଡ ହେଲେ ବି ଟଳିତ ହେବ ଏବଂ ପାପକାର୍ଯ୍ୟରୁ ମନ ଫେରାଇବାକୁ ବାଧ୍ୟ ହେବ । ଭାଗବତ ପାଠ କଲାବେଳେ ବା ଶ୍ରବଣ କଲାବେଳେ ସ୍ୱୟଂ ଜଗନ୍ନାଥ ଦାସ ପଦ କହିଦେଉଥିବାର ଅନୁମାନ ହୁଏ ।

ଆଜିକାଲି ଶିକ୍ଷିତ ସମାଜରେ ବରଂ ଭାଗବତ ଚର୍ଚ୍ଚା ଆଦୌ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅନେକ ବି. ଏ., ଏମ୍. ଏ. ପାସ କରିଥିବାବାଲା ଭାଗବତର ଭ ଅକ୍ଷର

ଜାଣନ୍ତି ନାହିଁ । ଅରେ ଭାଗବତ ଆମୂଳ କେହି ପଢ଼ିଛି କି ନା ସନ୍ଦେହ; ବରଂ ଭାଗବତ ପ୍ରତି ଘୃଣା ଓ ହେୟଜ୍ଞାନ । ଏ ବାୟୁ କ୍ରମେ ସମାଜର ଜନ୍ମସ୍ତର ଆଡ଼କୁ ସଞ୍ଚାରିତ ହେଉଅଛି । ପଲ୍ଲିଗ୍ରାମରେ ପୂର୍ବପରି ଭାଗବତପାଠର ବହୁଳତା ଦେଖାଯାଉନାହିଁ; ଫଳତଃ ସମାଜରୁ ଧର୍ମଭାବର ହ୍ରାସ ହେଉଛି । ନୈତିକ ଚରିତ୍ର ଦୂଷିତ ହେଉଛି । ବିବାଦ, ଅହଂକାର, ପରସ୍ୱାପହରଣେଚ୍ଛା ବୃଦ୍ଧି ହେଉଅଛି । ଏଥିଲାଗି ଶିକ୍ଷିତ ସମ୍ପ୍ରଦାୟ ଦାୟୀ ।

ସେଦିନ ଚନ୍ଦ୍ରଶେଖରସ୍ମୃତିମନ୍ଦିରରେ ପୁରୀଠାରେ ଗୋଟିଏ ବୃହତ୍ ସଭା ହୋଇଥିଲା । ଜଗନ୍ନାଥ ଦାସଙ୍କ ସ୍ମୃତିରକ୍ଷା ଲାଗି କି ଉପାୟ ଅବଲମ୍ବନ କରାଯିବ, ଏହା ହିଁ ବିଚାର୍ଯ୍ୟ ବିଷୟ ଥିଲା । ଏତେକାଳ ପରେ ଓଡ଼ିଶାର ଯେ ଶିକ୍ଷିତ ସମାଜର ଏ ଦିଗକୁ ଦୃଷ୍ଟି ପଡ଼ିଲା ଏହା ବଡ଼ ସୁଖର ବିଷୟ । ଆମ୍ଭେମାନେ ପ୍ରତିଭା-ପୂଜା କରି ଶିଖିନାହୁଁ । ଜଗନ୍ନାଥ ଦାସେ ତାଙ୍କ ସ୍ମୃତି ଭାଗବତରେ ରଖିଯାଇଛନ୍ତି । ତାଙ୍କ ସ୍ମୃତିରକ୍ଷା ଲାଗି ଆମ୍ଭେମାନେ ଯେବେ କିଛି କାର୍ଯ୍ୟ କରୁ, ତେବେ ଆମ୍ଭେମାନେ ଆମ୍ଭମାନଙ୍କର କର୍ତ୍ତବ୍ୟ କରିବା । ତଦ୍ଦ୍ୱାରା ଜଗନ୍ନାଥ ଦାସଙ୍କ ମହତ୍ତ୍ୱ ବୃଦ୍ଧି ହେବ ନାହିଁ । ପାଶ୍ଚାତ୍ୟ ଯୁବକମାନେ ଜଗନ୍ନାଥ ଦାସଙ୍କୁ ଚିହ୍ନି ଚିହ୍ନି ଆହୁରି ଅନେକ ଦିନ ଯିବ । ଓଡ଼ିଆ ସାହିତ୍ୟରେ ଜଗନ୍ନାଥ ଦାସଙ୍କ ସ୍ଥାନ କେଉଁଠି, ତାହା ମଧ୍ୟ ସ୍ଥିର ହେବାକୁ ଅନେକ ଦିନ ଲାଗିବ । ଯାହାହେଉ ଅନେକଗୁଡ଼ିଏ ଯୁବକ ଛାତ୍ର ଏ ଦିଗକୁ ମନ ଦେଇଥିବାର ଦେଖି ପରମ ସନ୍ତୋଷ ଲାଭ କଲି ଏବଂ ମନରେ ଟିକିଏ ଆଶା ସଞ୍ଚାରିତ ହେଲା । ଛାତ୍ରବୃନ୍ଦ ସମାଜର ମୂଳଦୁଆ, ଭବିଷ୍ୟତ୍ ଆଶାଭରସା ସେମାନଙ୍କ ଉପରେ । ସେମାନଙ୍କ ମତିଗତି ଫେରିବାର ଦେଖିଲେ ମନରେ ବହୁ ଆଶାର ସଞ୍ଚାର ହୁଏ । ଭାଗବତ-ଘରର ପୁନରୁଦ୍ଧାର ଅତ୍ୟନ୍ତ ଆବଶ୍ୟକ । ଭାଗବତପାଠର ବହୁଳତା ସମାଜ ପକ୍ଷରେ କଲ୍ୟାଣକର । ଛାତ୍ରମାନେ ଯେତେବେଳେ ଏ କାର୍ଯ୍ୟରେ ମନ ବଳାଇଛନ୍ତି, ଏ କାର୍ଯ୍ୟ ଅଚିରେ ସମ୍ପାଦିତ ହେବ ।

ଜଗନ୍ନାଥ ଦାସ କଠିନ ସଂସ୍କୃତ ଶ୍ଳୋକମାନ କିପରି ସରଳ ଭାଷାରେ ଅନୁବାଦ କରିଛନ୍ତି, ଦେଖନ୍ତୁ—

( ଶ୍ଳୋକ )

ନିଗମକଳ୍ପତରୋର୍ଗଳିତଂଫଳଂ ଶୁକମୁଖାଦମୃତଦ୍ରବସଂଯୁତଂ
ପିବତ ଭାଗବତରସମାଳୟଂ ମୁହୁରହୋରସିକାଭୁବିଭାବୁକାଃ ।

( ଅନୁବାଦ )

ସକଳ ବେଦ ହୋଇ ବୃକ୍ଷେ । ଫଳ ଫଳିଲେ ଅନ୍ତରୀକ୍ଷେ ॥
କେତେହେଁ ଦିନେ ପାଚି ତଳେ । ବୃକ୍ଷୁଁ ପଡ଼ିଲେ ବାୟୁବଳେ ॥
ଶୁକ ଧାଇଁଲେ ତାହା ଦେଖି । ପକ୍ଷଙ୍କ ସଙ୍ଗତ ଉପେକ୍ଷି ॥

ତୋଷେ ଅଧର କ୍ଷତ କଲେ । ଭିତରେ ସୁରଙ୍ଗ ଦେଖିଲେ ॥
ତହୁଁ ବହିଲା ରସଧାର । କଅବା ଦେବା ପଟାନ୍ତର ॥
ଅମୃତ ନିନ୍ଦେ ସ୍ୱାଦୁସ୍ଫୁରଣ । ସୁଜନେ ପିବ ଅନୁକ୍ଷଣେ ॥
ଆନନ୍ଦେ କର ସୁଧାପାନ । ଯେଣୁ ପାଇବ ଦିବ୍ୟ ଜ୍ଞାନ ॥
ଏ ଗ୍ରନ୍ଥ ରସଙ୍କର ମୂଳ । ନିଗମ ବନ ବୃକ୍ଷ ଫଳ ॥
ପିବ ଜୀବନ ଅନ୍ତଯାଏ । ଯେବେ ତରିବ ମାୟାମୋହେ ॥

ତେବେ କଠିଣ ସଂସ୍କୃତ ଶ୍ଳୋକକୁ ମହାତ୍ମା ଜଗନ୍ନାଥ ଦାସ କିପରି ସରଳ ଓ ଲାଳିତ୍ୟ ରସରେ ରସାଣିତ କରି ସ୍ପଷ୍ଟଭାବ ପ୍ରକାଶ କରିବାକୁ ସମର୍ଥ ହୋଇପାରିଛନ୍ତି, ତାହା ପାଠକେ ସହଜରେ ବୁଝିପାରିବେ । ଓଡ଼ିଆଭାଷା ସେତେବେଳେ କେତେଦୂର ଉନ୍ନତ ହୋଇଥିଲା ତାହା ବୁଝିପାରିବେ । ଯେଉଁ ଭାଷା ଯେ କୌଣସି ଭାବ ପ୍ରକାଶ କରିବାକୁ ଯେତେ ସମର୍ଥ, ସେ ଭାଷା ସେତେ ଉନ୍ନତ ଓ ପରିପୁଷ୍ଟ । ଏହି ନିୟମାନୁସାରେ ଦେଖିଲେ ଓଡ଼ିଆ-ଭାଷା ଅନ୍ତତଃ ୪୦୦ ବର୍ଷ ପୂର୍ବେ କିପରି ଉନ୍ନତ ଥିଲା ତାହା ପାଠକମାନେ ବୁଝିପାରିବେ ।

ଆଉ ଗୋଟିଏ ଶ୍ଳୋକର ଅର୍ଥ ସହିତ ଓଡ଼ିଆ ଅନୁବାଦର କିପରି ମେଳ ଅଛି ଦେଖନ୍ତୁ—

( ଶ୍ଳୋକ )

ଧାମ୍ନାସ୍ୱେନ ସଦା ନିରସ୍ତକୁହକଂ ସତ୍ୟଂ ପରଂ ଧୀମହି ।

( ଅନୁବାଦ )

ନମଇ ନୃସିଂହ ଚରଣ । ଅନାଦି ଅନନ୍ତ କାରଣ ॥
ଯାହାର ଆଦି ମଧ୍ୟ ଅନ୍ତେ । ବିସ୍ତର ନ ଘଟେ ଜଗତେ ॥
ଇନ୍ଦ୍ରିୟ ଅର୍ଥ ଯେ ଜାଣଇ । ସତ୍ୟ ଯେ ନିତ୍ୟ ପ୍ରକାଶଇ ॥
ଆନନ୍ଦ ମନେ ବେଦ ସାର । ବ୍ରହ୍ମାରେ କଲା ଯେ ବିସ୍ତାର ॥
ଯାର ସ୍ୱରୂପ ହୃଦେ ଚିନ୍ତି । ବେଦ ପୁରୁଷେ ନ ଜାଣନ୍ତି ॥
ମୃତ୍ତିକା ବିକାରେ ଯେମନ୍ତ । ଜଳ ଅନଳେ ସୁଯନ୍ତ୍ରିତ ॥
ରୂପ ଅରୂପ ସ୍ଥିତି ଛନ୍ନ । ଯାହା ଗୋଚରେ ଅନୁମାନ ॥
ସ୍ୱଭାବେ ନୋହେ ଯେ ଏମନ୍ତ । ଏ ସାଂଖ୍ୟଯୋଗୀଙ୍କର ମତ ॥
ଆତ୍ମପ୍ରକାଶେ ଛନ୍ନ ହୋଇ । ନିରସ୍ତ କୁହୁକ ବୋଲଇ ॥
ସତ୍ୟ ପରମାନନ୍ଦ ହରି । ଯାହା ଭଜିଲେ ଭବୁ ତରି ॥

ସମୁଦାୟ ଓଡ଼ିଆ ଭାଗବତକୁ ସଂସ୍କୃତ ଭାଗବତ ସହିତ ମେଳ କଲେ ଜଣାଯିବ ଯେ ଅନୁବାଦ କେତେଦୂର ଠିକ୍ । ଅତିବଡ଼ୀ ଜଗନ୍ନାଥ ଦାସଙ୍କ ସ୍ୱହସ୍ତଲିଖିତ ତାଳପତ୍ର ପୁସ୍ତକ

ଜାଣନ୍ତି ନାହିଁ । ଅତରେ ଭାଗବତ ଆମୂଳ କେହି ପଢ଼ିଛି କି ନା ସନ୍ଦେହ; ବରଂ ଭାଗବତ ପ୍ରତି ଘୃଣା ଓ ହେୟଜ୍ଞାନ । ଏ ବାୟୁ କ୍ରମେ ସମାଜର ନିମ୍ନସ୍ତର ଆଡ଼କୁ ସଞ୍ଚାରିତ ହେଉଅଛି । ପଲ୍ଲିଗ୍ରାମରେ ପୂର୍ବପରି ଭାଗବତପାଠର ବହୁଳତା ଦେଖାଯାଉନାହିଁ; ଫଳତଃ ସମାଜରୁ ଧର୍ମଭାବର ହ୍ରାସ ହେଉଛି । ନୈତିକ ଚରିତ୍ର ଦୂଷିତ ହେଉଛି । ବିବାଦ, ଅହଂକାର, ପରସ୍ୱାପହରଣେଚ୍ଛା ବୃଦ୍ଧି ହେଉଅଛି । ଏଥିଲାଗି ଶିକ୍ଷିତ ସମ୍ପ୍ରଦାୟ ଦାୟୀ ।

ସେଦିନ ଚନ୍ଦ୍ରଶେଖରସ୍ମୃତିମନ୍ଦିରରେ ପୁସ୍ତିଠାରେ ଗୋଟିଏ ବୃହତ୍ ସଭା ହୋଇଥିଲା । ଜଗନ୍ନାଥ ଦାସଙ୍କ ସ୍ମୃତିରକ୍ଷା ଲାଗି କି ଉପାୟ ଅବଲମ୍ବନ କରାଯିବ, ଏହା ହିଁ ବିଚାର୍ଯ୍ୟ ବିଷୟ ଥିଲା । ଏତେକାଳ ପରେ ଓଡ଼ିଶାର ଯେ ଶିକ୍ଷିତ ସମାଜର ଏ ଦିଗକୁ ଦୃଷ୍ଟି ପଡ଼ିଲା ଏହା ବଡ଼ ସୁଖର ବିଷୟ । ଆମ୍ଭେମାନେ ପ୍ରତିଭା-ପୂଜା କରି ଶିଖିନାହୁଁ । ଜଗନ୍ନାଥ ଦାସେ ତାଙ୍କ ସ୍ମୃତି ଭାଗବତରେ ରଖିଯାଇଛନ୍ତି । ତାଙ୍କ ସ୍ମୃତିରକ୍ଷା ଲାଗି ଆମ୍ଭେମାନେ ଯେବେ କିଛି କାର୍ଯ୍ୟ କରୁ, ତେବେ ଆମ୍ଭେମାନେ ଆମ୍ଭମାନଙ୍କର କର୍ତ୍ତବ୍ୟ କରିବା । ତଦ୍ଦ୍ୱାରା ଜଗନ୍ନାଥ ଦାସଙ୍କ ମହତ୍ତ୍ୱ ବୃଦ୍ଧି ହେବ ନାହିଁ । ପାଶ୍ଚାତ୍ୟ ଯୁବକମାନେ ଜଗନ୍ନାଥ ଦାସଙ୍କୁ ଚିହ୍ନି ଚିହ୍ନି ଆହୁରି ଅନେକ ଦିନ ଯିବ । ଓଡ଼ିଆ ସାହିତ୍ୟରେ ଜଗନ୍ନାଥ ଦାସଙ୍କ ସ୍ଥାନ କେଉଁଠି, ତାହା ମଧ୍ୟ ସ୍ଥିର ହେବାକୁ ଅନେକ ଦିନ ଲାଗିବ । ଯାହାହେଉ ଅନେକଗୁଡ଼ିଏ ଯୁବକ ଛାତ୍ର ଏ ଦିଗକୁ ମନ ଦେଇଥିବାର ଦେଖି ପରମ ସନ୍ତୋଷ ଲାଭ କଲି ଏବଂ ମନରେ ଟିକିଏ ଆଶା ସଞ୍ଚାରିତ ହେଲା । ଛାତ୍ରବୃନ୍ଦ ସମାଜର ମୂଳଦୁଆ, ଭବିଷ୍ୟତ୍ ଆଶାଭରସା ସେମାନଙ୍କ ଉପରେ । ସେମାନଙ୍କ ମତିଗତି ଫେରିବାର ଦେଖିଲେ ମନରେ ବହୁ ଆଶାର ସଞ୍ଚାର ହୁଏ । ଭାଗବତ-ଘରର ପୁନରୁଦ୍ଧାର ଅତ୍ୟନ୍ତ ଆବଶ୍ୟକ । ଭାଗବତପାଠର ବହୁଳତା ସମାଜ ପକ୍ଷରେ କଲ୍ୟାଣକର । ଛାତ୍ରମାନେ ଯେତେବେଳେ ଏ କାର୍ଯ୍ୟରେ ମନ ଦେଲାଇଛନ୍ତି, ଏ କାର୍ଯ୍ୟ ଅଚିରେ ସମାଧିତ ହେବ ।

ଜଗନ୍ନାଥ ଦାସ କଠିନ ସଂସ୍କୃତ ଶ୍ଳୋକମାନ କିପରି ସରଳ ଭାଷାରେ ଅନୁବାଦ କରିଛନ୍ତି, ଦେଖନ୍ତୁ—

( ଶ୍ଳୋକ )

ନିଗମକଳ୍ପତରୋର୍ଗଳିତଂଫଳଂ ଶୁକମୁଖାଦମୃତଦ୍ରବସଂଯୁତଂ
ପିବତ ଭାଗବତରସମାଲୟଂ ମୁହୁରହୋରସିକାଭୁବିଭାବୁକାଃ ।

( ଅନୁବାଦ )

ସକଳ ବେଦ ହୋଇ ବୃକ୍ଷେ । ଫଳ ଫଳିଲେ ଅନ୍ତରୀକ୍ଷେ ॥
କେତେହେଁ ଦିନେ ପାଚି ତଳେ । ବୃକ୍ଷୁଁ ପଡ଼ିଲେ ବାୟୁବଳେ ॥
ଶୁକ ଧାଇଁଲେ ତାହା ଦେଖି । ପକ୍ଷଙ୍କ ସଙ୍ଗତି ଉପେକ୍ଷି ॥

ଓଷ୍ଠେ ଅଧର କ୍ଷତ କଲେ । ଭିତରେ ସୁରଙ୍ଗ ଦେଖିଲେ ॥
ତହୁଁ ବହିଲ ରସଧାର । କଅବା ଦେବା ପଟାନ୍ତର ॥
ଅମୃତ ନନ୍ଦେ ସ୍ୱାଦୁଗୁଣେ । ସୁଜନେ ପିବ ଅନୁକ୍ଷଣେ ॥
ଆନନ୍ଦେ କର ସୁଧାପାନ । ଯେଣୁ ପାଇବ ଦିବ୍ୟ ଜ୍ଞାନ ॥
ଏ ଗ୍ରନ୍ଥ ରସଙ୍କର ମୂଳ । ନିଗମ ବନ ବୃକ୍ଷ ଫଳ ॥
ପିବ ଜୀବନ ଅନ୍ତଯାଏ । ଯେବେ ତରିବ ମାୟାମୋହେ ॥

ତେବେ କଠିଣ ସଂସ୍କୃତ ଶ୍ଲୋକକୁ ମହାତ୍ମା ଜଗନ୍ନାଥ ଦାସ କିପରି ସରଳ ଓ ଲଳିତ୍ୟ ରସରେ ରସାଣିତ କରି ସ୍ପଷ୍ଟଭାବ ପ୍ରକାଶ କରିବାକୁ ସମର୍ଥ ହୋଇପାରିଛନ୍ତି, ତାହା ପାଠକେ ସହଜରେ ବୁଝିପାରିବେ । ଓଡ଼ିଆଭାଷା ସେତେବେଳେ କେତେଦୂର ଉନ୍ନତ ହୋଇଥିଲା ତାହା ବୁଝିପାରିବେ । ଯେଉଁ ଭାଷା ଯେ କୌଣସି ଭାବ ପ୍ରକାଶ କରିବାକୁ ଯେତେ ସମର୍ଥ, ସେ ଭାଷା ସେତେ ଉନ୍ନତ ଓ ପରିପୁଷ୍ଟ । ଏହି ନିୟମାନୁସାରେ ଦେଖିଲେ ଓଡ଼ିଆ-ଭାଷା ଅନ୍ତତଃ ୪୦୦ ବର୍ଷ ପୂର୍ବେ କିପରି ଉନ୍ନତ ଥିଲା ତାହା ପାଠକମାନେ ବୁଝିପାରିବେ ।

ଆଉ ଗୋଟିଏ ଶ୍ଲୋକର ଅର୍ଥ ସହିତ ଓଡ଼ିଆ ଅନୁବାଦର କିପରି ମେଳ ଅଛି ଦେଖନ୍ତୁ—

( ଶ୍ଳୋକ )

ଧାମ୍ନାସ୍ୱେନ ସଦା ନିରସ୍ତକୁହକଂ ସତ୍ୟଂ ପରଂ ଧୀମହି ।

( ଅନୁବାଦ )

ନମଇ ନୃସିଂହ ଚରଣ । ଅନାଦି ଅନନ୍ତ କାରଣ ॥
ଯାହାର ଆଦି ମଧ୍ୟ ଅନ୍ତେ । ବିଗ୍ରହ ନ ଘଟେ ଜଗତେ ॥
ଇନ୍ଦ୍ରାଦ୍ୟ ଅର୍ଥ ଯେ ଜାଣଇ । ସତ୍ୟ ଯେ ନିତ୍ୟ ପ୍ରକାଶଇ ॥
ଆନନ୍ଦ ମନେ ବେଦ ସାର । ବ୍ରହ୍ମାରେ କଲା ଯେ ବିସ୍ତାର ॥
ଯାର ସ୍ୱରୂପ ହୃଦେ ଚିନ୍ତ । ବେଦ ପୁରୁଷେ ନ ଜାଣନ୍ତି ॥
ମୃତ୍ତିକା ବିକାରେ ଯେମନ୍ତ । ଜଳ ଅନଳେ ସୁଯନ୍ତ୍ରିତ ॥
ରୂପ ଅରୂପ ସ୍ଥିତି ତନ । ଯାହା ଗୋଚରେ ଅନୁମାନ ॥
ସ୍ୱଭାବେ ନୋହେ ଯେ ଏମନ୍ତ । ଏ ସାଂଖ୍ୟଯୋଗୀଙ୍କର ମତ ॥
ଆତ୍ମପ୍ରକାଶେ ଛନ୍ନ ହୋଇ । ନିରସ୍ତ କୁହୁକ ଦୋଳଇ ॥
ସତ୍ୟ ପରମାନନ୍ଦ ହରି । ଯାହା ଭାବିଲେ ଭବୁ ତରି ॥

ସମୁଦାୟ ଓଡ଼ିଆ ଭାଗବତକୁ ସଂସ୍କୃତ ଭାଗବତ ସହିତ ମେଳ କଲେ ଜଣାଯିବ ଯେ ଅନୁବାଦ କେତେଦୂର ଠିକ୍ । ଅତିବଡ଼ୀ ଜଗନ୍ନାଥ ଦାସଙ୍କ ସ୍ୱହସ୍ତଲିଖିତ ତାଳପତ୍ର ପୁସ୍ତକ

କାଳକ୍ରମେ ଅନେକଙ୍କଦ୍ୱାରା ଲିଖିତ ହୋଇଥିବାରୁ ଅନେକ ଅଶୁଦ୍ଧତା ଏଥିରେ ସ୍ଥାନ ପାଇ-ଥାଇପାରେ । ମାତ୍ର ସେ ସମସ୍ତ ସଂଶୋଧିତ ହୋଇ ମୂଳ ସଂସ୍କୃତ ଶ୍ଳୋକ ସହିତ ମିଳାଇ ଗୋଟିଏ ବିଶୁଦ୍ଧ ଓଡ଼ିଆ ଭାଗବତର ସଂସ୍କରଣ ହେବା ଅବଶ୍ୟକ । ଏତଦ୍ଦ୍ୱାରା ଜଗନ୍ନାଥ ଦାସଙ୍କ ପ୍ରତି ଯଥେଷ୍ଟ ସମ୍ମାନ ଓ ଭକ୍ତି ଦେଖାଇବାର ହେବ ।

ଭାଗବତରୁ କେତୋଟିଏ ଆଦର୍ଶ ଧର୍ମୋପଦେଶ ନିମ୍ନରେ ନମୁନା ସ୍ୱରୂପ ଦିଆଗଲା ।

ବଚନ ମଧ୍ୟେ ସତ୍ୟ ବାଣୀ । ନର୍କୋଭ ପରଧନ ଜାଣି ॥
ଲଜ୍ଜା ସକଳ ସଙ୍ଗ ତ୍ୟାଗ । ଧନ ସଞ୍ଚୟନେ ବୈରାଗ୍ୟ ॥
ଆଚାର୍ଯ୍ୟ ସେବା ତୀର୍ଥଗତ । ଶ୍ରଦ୍ଧାରେ ପୂଜିବ ଅତିଥି ॥
ସକଳ ଚେଷ୍ଟା ପରହିତେ । ସୃଷ୍ଟି ଅବଲମ୍ବନ ଚିତ୍ତେ ॥
କର୍ମ୍ମ ତୋହର ଶତ୍ରୁ ପଣେ । ଦଣ୍ଡ ଦେଉଛି ଅନୁକ୍ଷଣେ ॥
କର୍ମ୍ମ ତୋହର ନିଜ ଗୁରୁ । ଉଦ୍ଧବ କେତେହେଁ ପଚାରୁ ॥
କର୍ମ୍ମ ଆଦର ସହ ଦୁଃଖ । କେବେହେଁ ନୋହିବ ବିମୁଖ ॥
କର୍ମ୍ମ ସରିଲେ ଫଳ କ୍ଷୟେ । ଲବଧ କ୍ଳେଶ ମାତ୍ର ରହେ ॥
ଦୁର୍ଲଭ ମାନବ ଶରୀର । ନରକ ନିସ୍ତାରଣ ଦ୍ୱାର ॥
ପୂର୍ବ ଅର୍ଜିତ କର୍ମ୍ମ ଫଳେ । ଯାଚି ମୁଁ ଦେଉଥାଇ ବଳେ ॥
ଭେଷ ତାତ କର୍ମ୍ମ ପାଦେ ଭେଟ । କର୍ମ୍ମହୁଁ ନାହିଁ ଅନ୍ୟ ଦେବ ॥
ଆଶା ନ କର କର୍ମ୍ମ ଫଳେ । ଶରଣ ମୋ ପାଦକମଳେ ॥
ଧନ ଅର୍ଜିଲେ ଧର୍ମ୍ମ କର । ଧର୍ମ୍ମେ ପ୍ରାପତ ନରହରି ॥

ଏଥିରୁ ପାଠକେ ବୁଝିପାରିବେ ଜଗନ୍ନାଥ ଦାସଙ୍କର ସଂସ୍କୃତ ଓ ଓଡ଼ିଆ ଭାଷା ଉପରେ କିପରି ଆଧିପତ୍ୟ ଥିଲା । ଭାଷା ଉପରେ ଯାହାର ଦଖଲ ଅଛି, ସେ ଯେକୌଣସି ଗୂଢ଼ଭାବକୁ ସୁବୋଧ ଭାଷାରେ ପ୍ରକାଶ କରି ଦେଇପାରିବ । ଯେଉଁ ଭାଷା ପଢ଼ିଗଲା ସଙ୍ଗେ ସଙ୍ଗେ ଭାବ ମନରେ ଅଙ୍କିତ ହୋଇଯାଏ ଏବଂ ହୃଦୟ ମନକୁ ଭାବ ସହିତ ତନ୍ମୟ କରିଦିଏ, ତାହାହିଁ ପ୍ରକୃତ ସାହିତ୍ୟୋପଯୋଗୀ ଭାଷା । ଜଗନ୍ନାଥ ଦାସଙ୍କ ଭାଷାରେ ଏହି ବିଶେଷତ୍ୱ ପୂର୍ଣ୍ଣଭାବରେ ପରିଲକ୍ଷିତ ହୁଏ । ଭାଗବତ ଭାଷାରେ ଏହି ବିଶେଷତ୍ୱ ନ ଥିଲେ ଆଜି ଭାଗବତ ଆଚଣ୍ଡାଳ ବ୍ରାହ୍ମଣ, ଆବାଳବୃଦ୍ଧବନିତା, ମୂର୍ଖ, ପଣ୍ଡିତ ପ୍ରଭୃତି ସର୍ବସାଧାରଣଙ୍କ ହୃଦୟରାଜ୍ୟକୁ ସମାନଭାବରେ ଅଧିକାର କରି ନ ଥାନ୍ତା । ଓଡ଼ିଆଭାଷାରେ ଅନେକ ପୁରାଣାଦି ପୁସ୍ତକ ଅଛି । ମାତ୍ର ଭାଗବତ ଯେପରି ଲୋକପ୍ରିୟ, ଅନ୍ୟ କୌଣସି ପୁସ୍ତକ ସେପରି ନୁହେଁ । ଭାଗବତ ବଡ଼ ଲୋକପ୍ରିୟ, ତଥାପି ରସପୂର୍ଣ୍ଣ, ଭାବପୂର୍ଣ୍ଣ, ଧର୍ମ୍ମନୀତି ଶିକ୍ଷାଲାଗି ଉପଯୁକ୍ତ ଶାସ୍ତ୍ର । ଜଗନ୍ନାଥ ଦାସ ଏହି ଭାଗବତକୁ ପ୍ରାକୃତ ଭାଷାରେ ପ୍ରକାଶ କରି

ଜନସାଧାରଣର ଯେପରି ଉପକାର କରିଅଛନ୍ତି, ଆପଣାକୁ ସେହିପରି ଅମର କରିଦେଇ ଯାଇଛନ୍ତି । "ଭଣଇ ବିପ୍ର ଜଗନ୍ନାଥ" ଆଜି ସମସ୍ତଙ୍କ ତୁଣ୍ଡରୁ ଶୁଣାଯାଏ ।

ଜଗନ୍ନାଥ ଦାସ ରାଧାପ୍ରେମରେ ପ୍ରେମିକ ଥିବାର କେହି କେହି କହିଥାନ୍ତି; ଅର୍ଥାତ୍ ରାଧାଙ୍କର ଶ୍ରୀକୃଷ୍ଣଙ୍କଠାରେ ଯେପରି ପ୍ରଗାଢ଼ ସରଳ ଭକ୍ତି ଥିଲା, ଜଗନ୍ନାଥ ଦାସଙ୍କର ସେହିପରି ଭକ୍ତି ଓ ପ୍ରେମ ଥିଲା । ପ୍ରେମ ପଞ୍ଚବିଧ; ଯଥା—ଶାନ୍ତ, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ, ମାଧୁର୍ଯ୍ୟ । ମାଧୁର୍ଯ୍ୟ ସର୍ବାପେକ୍ଷା ଶ୍ରେଷ୍ଠ ପ୍ରେମ । ସନକାଦି ମୁନିମାନେ ଶାନ୍ତଭାବରେ ଉପାସନା କରିଥିଲେ । ସାଧାରଣ ଭକ୍ତମାନଙ୍କର ଦାସ୍ୟଭାବ । ଅର୍ଜୁନ ପ୍ରଭୃତି ସଖ୍ୟଭାବରେ ଶ୍ରୀକୃଷ୍ଣଙ୍କୁ ଲାଭ କରିଥିଲେ । ଯଶୋଦା ବାତ୍ସଲ୍ୟଭାବରେ ଶ୍ରୀକୃଷ୍ଣଙ୍କୁ ଲାଭ କରିଥିଲେ । ଶ୍ରୀରାଧା ମାଧୁର୍ଯ୍ୟଭାବଦ୍ୱାରା ଶ୍ରୀକୃଷ୍ଣଙ୍କୁ ଲାଭ କରିଥିଲେ । ରାଧିକାଙ୍କପରି ମାଧୁର୍ଯ୍ୟଭାବଦ୍ୱାରା ଉପାସନାର ପଥ ପ୍ରଶସ୍ତ କରିବା ଲାଗି ଚୈତନ୍ୟାବତାର ହୋଇଥିଲା ବୋଲି ପ୍ରବାଦ ଅଛି । ଜଗନ୍ନାଥ ଦାସ ଏହି ମାଧୁର୍ଯ୍ୟପ୍ରେମ ପଥରେ ପଥିକ ଥିଲେ । ପ୍ରବାଦ ଅଛି, ଚୈତନ୍ୟ ଜଗନ୍ନାଥ ଦାସଙ୍କୁ ପ୍ରେମାଲିଙ୍ଗନ କରିବାର ଦେଖି ଶିଷ୍ୟମାନେ ତାଙ୍କ ସଙ୍ଗ ପରିତ୍ୟାଗ କରିଥିଲେ । ମାତ୍ର ସତ୍ୟ କେତେ କାଳ ଲୁଚିରହିପାରେ ? ଚୈତନ୍ୟ ସ୍ୱୟଂ ପ୍ରମାଣ କରିଦେଲେ ଜଗନ୍ନାଥଙ୍କ ଭକ୍ତି ତାଙ୍କ ନିଜ ଅପେକ୍ଷା ଅଧିକ ଏବଂ ଜଗନ୍ନାଥ ଦାସ ତାଙ୍କଠାରୁ ଅତି ବଡ଼ । ଶିଷ୍ୟମାନେ କ୍ରମେ ବୁଝିପାରି ଜଗନ୍ନାଥ ଦାସଙ୍କ ଚରଣତଳେ ପଡ଼ି କ୍ଷମାପ୍ରାର୍ଥନା କରିଥିଲେ । ଜଗନ୍ନାଥ ଦାସ ଆପେ ଯେଉଁ ପଥରେ ପଥିକ ହୋଇଥିଲେ, ଜନସାଧାରଣଙ୍କୁ ସେହି ପଥରେ ପଥିକ କରାଇବା ଉଦ୍ଦେଶ୍ୟରେ ରାଧାକୃଷ୍ଣତତ୍ତ୍ୱଗର୍ଭିତ ଭାଗବତକୁ ସରଳ ସୁବୋଧ ଭାଷାରେ ପ୍ରକାଶ କରିଥିଲେ ।

ଜଗନ୍ନାଥ ଦାସ ସର୍ବଦା କୃଷ୍ଣପ୍ରେମରେ ବିହ୍ୱଳ । ଶ୍ରୀକୃଷ୍ଣ ପାଦପଦ୍ମ ବ୍ୟତୀତ ଆଉ କିଛି ଜାଣୁନଥିଲେ । ତାଙ୍କ ଲିଖିତ ଭାଗବତରୁ ଏକଥା ଦେଖାଯିବ ।

ସେ ହରି ଚରଣକମଳେ । ମୋହର ଭକତି ନିଶ୍ଚଳେ ॥
କୃଷ୍ଣଚରଣେ କରି ଆଶ । କହଇ ଜଗନ୍ନାଥ ଦାସ ॥
ସୁଜନେ ଶୁଣ ହରି ରସ । ତୁମ୍ଭ ଚରଣେ ମୁଁ ଦାସ ॥
ନମସ୍ତେ ଦେବ ନାରାୟଣ । ଭବଜଳରୁ କର ତ୍ରାଣ ॥
କହଇ ଦାସ ଜଗନ୍ନାଥ । ଯାହି କରିବେ ଜଗନ୍ନାଥ ॥
ଶ୍ରୀହରିଚରଣ ସରୋଜ । ଭାବଇ ଜଗନ୍ନାଥ ଦ୍ୱିଜ ॥

ଉପରୋକ୍ତ ପଦମାନଙ୍କରୁ ଜଗନ୍ନାଥ ଦାସଙ୍କ ମନୋଭାବ ସ୍ପଷ୍ଟ ଜଣାଯାଏ । ମନରେ ଟିକିଏ ସୁଦ୍ଧା ଅହଂକାର ନାହିଁ । ଲୋକସାଧାରଣଙ୍କ ସମ୍ମୁଖରେ ଆପଣାକୁ ଦାସ ବୋଲି ଜାଣୁଥିଲେ । ତାଙ୍କର ଇଚ୍ଛା, ଲୋକେ କିପରି ଭାଗବତରୂପ ସୁଧାପାନ କରି ଇହସଂସାରରୁ ତରିଯାନ୍ତୁ ! ସେ କହିଛନ୍ତି—

ଏ ବ୍ରହ୍ମ ପ୍ରେମତରଙ୍ଗିଣୀ । ସୁଜନେ ତର ଏହା ଶୁଣି ॥
ଏଣେ ଯେ ଭଜେ କୃଷ୍ଣପାଦ । ସେ ତରେ ଏ ଘୋର ପ୍ରମାଦ ॥ ଇତ୍ୟାଦି

ଜଗନ୍ନାଥ ଦାସଙ୍କ ରଚିତ ଆଉ ନିମ୍ନଲିଖିତ କେତେଖଣ୍ଡି ପୁସ୍ତକ ମିଳୁଅଛି—ଜଗନ୍ନାଥକାରିକା (ସଂସ୍କୃତ), ଜଗନ୍ନାଥଚରିତାମୃତ, ପାଷଣ୍ଡଦଳନ, ମନଶିକ୍ଷା ।

ତାଙ୍କର ଅନ୍ୟାନ୍ୟ ଲେଖା ଥାଇପାରେ; ମାତ୍ର ଏପର୍ଯ୍ୟନ୍ତ ଜଣାଯାଇ ନାହିଁ । ଓଡ଼ିଶାର ଅନେକ ଲୋକଙ୍କ ଘରେ ଅନେକ ତାଳପତ୍ର ପୋଥି ରହିଛି । କେତେକ କୀଟଦଷ୍ଟ ହୋଇ ନଷ୍ଟ ହୋଇଯାଉଛି; ତଥାପି ଲୋକେ ତାକୁ ପଦାକୁ ବାହାର କରିବାକୁ ଅନିଚ୍ଛୁକ । ସାହିତ୍ୟସମାଜ ଗୋଟିଏ ପୋଥି ଗଣନା ବା ସେନସସ୍ କଲେ ଭଲ ହୁଅନ୍ତା ।

କବି ଭୂପତି—ଗୋଟାଏ ସାଧାରଣ ପ୍ରବାଦ ଅଛି, "ଯେ ଦେଶ ଯାଇ, ସେ ଫଳ ଖାଇ"; ଅର୍ଥାତ୍ ମନୁଷ୍ୟ ଯେଉଁ ଦେଶରେ ରହିବ ସେହି ଦେଶବାସୀଙ୍କ କପାଳ ସଙ୍ଗେ ଆପଣା କପାଳକୁ ମିଶାଇନେବ । ଏକ ଦେଶରୁ ଆସି ଅନ୍ୟ ଦେଶରେ ବସତି କଲେ ଲୋକ ଶେଷୋକ୍ତ ଦେଶର ଅଧିବାସୀ ହୋଇପଡ଼େ । ବଙ୍ଗାଳି ଓଡ଼ିଶାରେ ରହିଲେ ଆପଣାକୁ ଓଡ଼ିଆ ବୋଲି ପରିଚୟ ଦେବା ଉଚିତ ଏବଂ ଏହା ଯଥାର୍ଥ ଓ ନ୍ୟାୟସଙ୍ଗତ । କାରଣ ବଙ୍ଗଳା ଦେଶରେ ଯେଉଁମାନେ ବାସକରନ୍ତି, ସେହିମାନେ କେବଳ ବଙ୍ଗାଳି । ଯେ ବଙ୍ଗଳା ଦେଶରୁ ଚୁଳିକୁଳ ଭାଙ୍ଗି ସପରିବାରରେ ଆସି ଓଡ଼ିଶାରେ ଘର କଲା, ତା ପକ୍ଷରେ ବଙ୍ଗାଳୀ ବୋଲି ପରିଚୟ ଦେବାଟା ନିରର୍ଥକ । ଏବେ ଓଡ଼ିଶାବାସୀ ବଙ୍ଗାଳୀମାନେ ଗୋଟାଏ ନାମ ସୃଷ୍ଟି କରିଛନ୍ତି "ଡୋମିସାଇଲ ବଙ୍ଗାଳୀ" । ଏକେ ତ ନାମଟା ଇଂରେଜୀ ଭାଷାରୁ ଧାର ଆସିଛି, ପୁଣି ନିରର୍ଥକ । ଏମାନେ ଆପଣାକୁ "ଡୋମିସାଇଲ ଓଡ଼ିଆ" କହିଲେ ସମୀଚୀନ ହୁଅନ୍ତା । ମାତ୍ର ଗୋଟାଏ ଶବ୍ଦ ଇଂରାଜୀ ଭାଷାରୁ ଉଧାର ଆଣି ସେମାନେ ଅନେକ ଗଣ୍ଡଗୋଳ ଓ ପାର୍ଥକ୍ୟ ଭିଆଣ କରୁଛନ୍ତି । ଯେ ଓଡ଼ିଶା ଅନ୍ନରେ ପ୍ରତିପାଳିତ, ଓଡ଼ିଶାରେ ଚିରକାଳ ଲାଗି ବସବାସ କରୁଛି, ତାହାର ଉଚିତ ସେ ଓଡ଼ିଆଙ୍କ ଭାଗ୍ୟ ସହିତ ଆପଣା ଭାଗ୍ୟ ମିଳାଇବ, ଓଡ଼ିଆ ବୋଲି ପରିଚୟ ଦେବ । ଓଡ଼ିଶାର ଆଚାର-ବ୍ୟବହାରକୁ ଆପଣାର କରିନେବ; ଓଡ଼ିଆମାନଙ୍କ ଭାଷା, ସାହିତ୍ୟ ଉନ୍ନତିରେ ମନ ଦେବ; ଓଡ଼ିଆ ଭାଷା କହିବ, ଗାଇବ, ଲେଖିବ । ତେବେ ସେ ମଣିଷ ଓଡ଼ିଆ ହେବ । ଗୋଟାଏ ଜାତି ପାଖରେ ଅନ୍ୟ ଜାତୀୟ ଲୋକ ଆସି ରହିଲେ ଅଧିକାଂଶ ଲୋକଙ୍କ ସହିତ ପୂର୍ଣ୍ଣଭାବରେ ମିଶିବ; ନଚେତ୍ ସେ ନୀଳବର୍ଣ୍ଣ ଶୃଗାଳର ଦଶା ଭୋଗ କରିବା ସ୍ୱାଭାବିକ । ଏକଥା ଭକ୍ତ ପୂର୍ବ ମହାତ୍ମାମାନେ ଏହି ନୀତି ଅବଲମ୍ବନ କରିଥିଲେ । କବି ଭୂପତିଙ୍କ ଜୀବନରୁ ଓଡ଼ିଶାର ସ୍ଥାୟୀ ବଙ୍ଗାଳୀମାନେ ଏହି ମହାଶିକ୍ଷା ଲାଭ କରିବେ ।

ଏପରି ହୁଏ ଯେ ଲୋକେ ଆପଣା ମାତୃଭାଷା ଭୁଲିଯାଇ ଯେ ଦେଶରେ ଥାଏ, ସେହି ଦେଶର ଭାଷାକୁ ଆପଣାର ମାତୃଭାଷା କରିନିଏ । ଏହା ପ୍ରାକୃତିକ ଧର୍ମ । ସୁତରାଂ

ଯେଉଁ ଭାଷାକୁ ଲୋକ ଆପଣାର ମାତୃଭାଷା କରନ୍ତିଏ, ତାର ଉନ୍ନତି କରିବା ତା ପକ୍ଷରେ କର୍ତ୍ତବ୍ୟ । ଏହା ଅନ୍ୟର ଉପକାରାର୍ଥେ ନୁହେ, ବରଂ ଆପଣାର ଉନ୍ନତି ଓ ଉପକାରାର୍ଥେ କରାଯାଏ ।

କବି ଭୂପତି ଏହି ମତରେ ପରିଚାଳିତ ହୋଇଥିଲେ । ସେ ଜଣେ ପଶ୍ଚିମା ସାରସ୍ୱତ ବ୍ରାହ୍ମଣ ଥିଲେ । ମାତ୍ର ଓଡ଼ିଶାରେ ରହି ଓଡ଼ିଆଭାଷାରେ ଦକ୍ଷତା ଲାଭ କରିଥିଲେ ।

'ପ୍ରେମପଞ୍ଚାମୃତ' ନାମକ ଗ୍ରନ୍ଥ କବି ଓଡ଼ିଆ ଭାଷାରେ ଲେଖିଯାଇଛନ୍ତି । କବି ରାଧାକୃଷ୍ଣପ୍ରେମ ଭକ୍ତ ଥିଲେ । ପ୍ରେମପଞ୍ଚାମୃତର ବର୍ଣ୍ଣିତ ବିଷୟ ବେଦାନ୍ତତତ୍ତ୍ୱ, ଶୃଙ୍ଗାରରସ ଓ ନିଷ୍କାମ ପ୍ରେମ । ପ୍ରେମପଞ୍ଚାମୃତ ଗୋଟିଏ ବୃହତ୍ ଗ୍ରନ୍ଥ ଏବଂ ଭାଗବତ ବୃତ୍ତରେ ଲିଖିତ । କବି ଆତ୍ମପରିଚୟ କିପରି ଦେଇଛନ୍ତି ଦେଖନ୍ତୁ—

"ଏ ମନ ହୋଇଲା ମଧୁପ । ବୈଷ୍ଣବ ଦାସ କବି ଭୂପ ॥
ପଶ୍ଚିମା ବିପ୍ର ସାରସ୍ୱତ । ନାମ ଯେ ଭୂପତି ପଣ୍ଡିତ ॥
ଶ୍ରୀ ଗଜପତି ଗୌଡ଼େଶ୍ୱର । ଉତ୍କଳର ଦେଶର ଠାକୁର ॥
ଯେ ନବ କୋଟୀ କର୍ଣ୍ଣାଟକ । ଚୌବର୍ଗ ଦେଶର ନାୟକ ॥
ଏ ଆଦି ଲୋକ ଚତୁର୍ଦ୍ଦଶ । ପୂରିତ ଯାହାର ବିଶେଷ ॥
ଶ୍ରୀଜଗନ୍ନାଥ କ୍ଷେତ୍ର ସାର । ଏଣୁ ବଞ୍ଚନ୍ତି ଜନପୁଷ୍ଟି ॥
ପୂର୍ବେ ଯେ ଏହି ଓଡ଼ିଶାରେ । ଇନ୍ଦ୍ରଦ୍ୟୁମ୍ନ ନୃପବରେ ॥
ବ୍ରହ୍ମା ଅଇଲା ଏ ଭୁବନେ । ତାହାଙ୍କ ଆଜ୍ଞା ପରମାଣେ ॥
ବ୍ରହ୍ମା ମାଗିଲେ ଆଜ୍ଞା ଯାର । ଇତର ଜନ କେଉଁ ଛାର ॥
ଏହାଙ୍କ ଶିରେ ଶାଢ଼ି ଦେଇ । ଏ ଟି ପ୍ରତ୍ୟକ୍ଷ ବିଷ୍ଣୁ ଦେହି ॥
ଏ ବାରବର ବଇଷ୍ଣବ । ନାମ ଶ୍ରୀ ଦିବ୍ୟସିଂହ ଦେବ ॥
ଲକ୍ଷେ ରାଜାଙ୍କ ମୌଡ଼ମଣି । ସୁନ୍ଦରପଣରେ ଅଗ୍ରଣୀ ॥
( ରାଜା ସନ୍ତୋଷ ହୋଇ ଭୂମିଦାନ ଦେବାରୁ )
କଟକ ନାମ ରଥିପୁର । ନଗ୍ର ପଶ୍ଚିମେ ମୋର ଘର ॥
ପଶ୍ଚିମା ଭାଷାରେ କବିତା । ବଙ୍ଗଳା ଭାଷା ତରୋହିତା ॥
ଉତ୍କଳ ଭାଷା ନବଶିକ୍ଷା । ଆରମ୍ଭ ବଇଷ୍ଣବ ଦୀକ୍ଷା ॥
ଶ୍ରୀକୃଷ୍ଣ ଚରଣେ ବିଶ୍ୱାସ । ନାମ ଶ୍ରୀ ଚଇତନ୍ୟ ଦାସ ॥
ମହନ୍ତ ଶୁଦ୍ଧ ବଇଷ୍ଣବ । ଗୋପିକା ଭକ୍ତ ତାଙ୍କ ଭାବ ॥
ଶ୍ରୀ ପୁରୁଷୋତ୍ତମ ତା ଘର । ସିଦ୍ଧ ପଶ୍ଚିମ ପାରୁଶର ॥
ପୂର୍ବେ ଶ୍ରୀ କପାଳଲୋଚନ । ପଶ୍ଚିମେ ଲୋକେଶ୍ୱର ସ୍ଥାନ ॥

ଏ ଦୁଇ ଶିବଙ୍କ ମଧ୍ୟର । ମଠ ଶ୍ରୀଚୈତନ୍ୟ ଦାସର ॥
ତାହାଙ୍କ ସଙ୍ଗେ ମୋ ପୀରତ । ତାହାଙ୍କ ଇଷ୍ଟ ଗୋପୀପତ ॥
ଅଜ୍ଞା ହୋଇଲା ତାହାଙ୍କର । ଉତ୍କଳ ଭାଷା ଗୀତସାର ॥

× × ×

ଶ୍ରୀ ଦିବ୍ୟସିଂହ ରାଜାଙ୍କର । ସମସ୍ତ ଅଷ୍ଟମ ଅଙ୍କର ॥
ମକର ମାସ ଶୁକ୍ଳ ପକ୍ଷ । ତଥି ତ୍ରୟୋଦଶୀ ପ୍ରତ୍ୟକ୍ଷ ॥
ଗୋଧୂଳି ସୋମବାର ଦିନ । ଏ ପୋଥି ହୋଇଲା ସମ୍ପୂର୍ଣ୍ଣ ॥

କବିଙ୍କର ଅନ୍ୟ କୌଣସି ଗ୍ରନ୍ଥ ଆମ୍ଭେ ପାଇନାହୁଁ ।

ହଳାୟୁଧ—ଏ କବି ଭବିଷ୍ୟ ହଳାୟୁଧ ଗୀତା ଅର୍ଥାତ୍ ଭବିଷ୍ୟପୁରାଣ ଲେଖିଛନ୍ତି । ଭାଗବତ ବୃତ୍ତି ।

ଏ ହଳାୟୁଧ ଦିବ୍ୟରସ । ପଦ୍ମନାଭ ଶିଷ୍ୟ କହେ ବ୍ୟାସ ॥

ଏଥିରେ ପୁରୁଷୋତ୍ତମ ବର୍ଣ୍ଣନା ଅଛି ।

ଦାଶରଥି ଦାସ—ଭବିଷ୍ୟପୁରାଣ ଲେଖକ । ପୁସ୍ତକ ଶେଷରେ କବି ଲେଖିଛନ୍ତି, "ରାମଚନ୍ଦ୍ର ଦେବଙ୍କ ୪୫ ଅଙ୍କ କୁମ୍ଭ ୨ ଦିନ ଅଠିଶଗଡ଼ାତଳ ଶ୍ୱେତ ପାଲଙ୍ଗ ଭଗବତ-ଘରଠାରେ ଏ ଗ୍ରନ୍ଥ ଲେଖାହେଲା ।"

ଅର୍ଜୁନ ଦାସ—ଏ କବି "ରାମବିଭା" ନାମକ ଗ୍ରନ୍ଥ ଲେଖିଛନ୍ତି ।

ରାମ ଦାସ—"ରାମଦାସ ରତ୍ନାବଳୀ" ନାମକ ଗ୍ରନ୍ଥ ଲେଖିଛନ୍ତି ।

ସୋମନାଥ ସିଂହ ଭୂପ—"ସଙ୍ଗୀତମାଳା" ନାମକ ଗ୍ରନ୍ଥ ଲେଖିଛନ୍ତି । ଏ ଗ୍ରନ୍ଥରେ ଅନେକଗୁଡ଼ିଏ ଶୃଙ୍ଗାରରସାତ୍ମକ ସଙ୍ଗୀତ ଅଛି ।

ଜଗତମୋହନ ଦାସ—"ପ୍ରହ୍ଲାଦ ଚରିତ" ଗ୍ରନ୍ଥ ଲେଖକ । ଦିବ୍ୟସିଂହ ଦେବଙ୍କ ୧୮ ଅଙ୍କ ।

ସୁଦର୍ଶନ ପଟ୍ଟନାୟକ—'କୁଞ୍ଜମିଳନ ଚଉତିଶା' ଲେଖକ ।

ଘନଶ୍ୟାମ ପଟ୍ଟନାୟକ—ଗରୁଡ଼ପୁରାଣକୁ ଭାଷାରେ ଅନୁବାଦ କରିଛନ୍ତି ।

ମାରକଣ୍ଡ ଦାସ—'କୋଇଲି' ଲେଖକ । କୋଇଲି ସରଳ ଭାଷାରେ ଲିଖିତ ।

କୋଇଲି ପ୍ରାଚୀନ କାଳରେ ପ୍ରଥମ ସାହିତ୍ୟ ପାଠ୍ୟପୁସ୍ତକ ଥିଲା । ପ୍ରତ୍ୟେକ ଚାଟଶାଳିରେ ପ୍ରଥମେ କୋଇଲି ବୋଲାହେଉଥିଲା । ହଣ୍ଟର ସାହେବ ଲେଖିଛନ୍ତି, ମାର୍କଣ୍ଡ ଦାସ କବି ୭୦୦ ବର୍ଷ ପୂର୍ବେ କୋଇଲି ଲେଖିଥିଲେ । ହଣ୍ଟର ସାହେବ ଓଡ଼ିଶା ଇତିହାସ ୧୮୭୨ ମସିହାରେ ଲେଖିଥିଲେ । ସୁତରାଂ ତାଙ୍କ ହିସାବ ଅନୁସାରେ ମାର୍କଣ୍ଡ ଦାସ ତ୍ରୟୋଦଶ ଶତାବ୍ଦୀର ଲୋକ । ହଣ୍ଟର ସାହେବ କେଉଁ ପ୍ରମାଣରୁ ଏ ସିଦ୍ଧାନ୍ତରେ ଉପନୀତ

ହୋଇଛନ୍ତି ତାହାର ବିବରଣ ଦେଇନାହାନ୍ତି । ସମ୍ଭବତଃ ସେତେବେଳେ ସେ ଯାହାକୁ ପଚାରିଥିଲେ, ତାହାଙ୍କ କଥିତମତେ ସାହେବ ମହୋଦୟ ସମୟ ଲେଖିଦେଇଛନ୍ତି । କୋଇଲି-ଭାଷା ଦେଖିଲେ ବହୁତ ପୁରାତନ ବୋଲି ବୋଧ ହୁଏ ନାହିଁ । କୋଇଲି-ଭାଷା ମାର୍ଜିତ ଭାଷା । କବିଙ୍କର ଅନ୍ୟ ପୁସ୍ତକ ଥାଇପାରେ; ମାତ୍ର ଏପର୍ଯ୍ୟନ୍ତ ଆମ୍ଭେ ଦେଖିନାହୁଁ । କୋଇଲିରେ କବିଙ୍କର ପରିଚୟ ବା ସମୟ କିଛି ଲେଖା ନାହିଁ । କୋଇଲିର ବର୍ଣ୍ଣିତ ବିଷୟରୁ ବାତ୍ସଲ୍ୟ-ସ୍ନେହ ଶିକ୍ଷା କରାଯିବ । ବିଷୟଟି ପଢ଼ିଲେ ଜଣାଯାଏ, ଶ୍ରୀକୃଷ୍ଣ ମଥୁରା ଯିବାରୁ ଯଶୋଦା କୋଇଲିକି ଲକ୍ଷ୍ୟ କରି ଆପଣା ପୁତ୍ରର ଗୁଣ ସୁମରୁଛନ୍ତି । କବି ଜଗନ୍ନାଥ ଦାସ ଏହାର ଆଧ୍ୟାତ୍ମିକ ଅର୍ଥ କରିଛନ୍ତି । ଏଥିରୁ ଜଣାଯାଏ, କବି ଯେଉଁ ଯୁଗର ଲେଖକ ସେତେବେଳେ ଶ୍ରୀକୃଷ୍ଣପ୍ରେମସ୍ରୋତ ଉତ୍କଳରେ ପ୍ରବାହିତ ହେଉଥିଲା, ଲୋକେ କୃଷ୍ଣ-କଥା ଶ୍ରବଣରେ ଆନନ୍ଦାନୁଭବ କରୁଥିଲେ । ସୁତରାଂ ଜନସାଧାରଣ ବୁଝିପାରିବା ଭଳି ସୁବୋଧ ସରଳ ଭାଷାରେ ବିଷୟଟି ଲେଖିଥିଲେ । କୋଇଲିର ଭାଷା ଯେପରି, ନିତାନ୍ତ କ୍ଷୁଦ୍ର ବାଳକ ମଧ୍ୟ ଏହାର ବିଷୟ ବୁଝିପାରିବ । ଭାଷା ଓ ଭାବ ସରଳ ଥିବାରୁ କୋଇଲି ପ୍ରାଥମିକ ଶିକ୍ଷାର ପ୍ରଥମ ପାଠ୍ୟପୁସ୍ତକ ଥିଲା । ଭାଷା ଉନ୍ନତ ଅବସ୍ଥାରେ ସରଳ ହୁଏ ଏବଂ ସାଧାରଣ ବୋଧଗମ୍ୟ ହୁଏ । ସୁତରାଂ କୋଇଲି ଭାଷା ପ୍ରାଥମିକ ଅବସ୍ଥାର ଲେଖା ବୋଲି ମନେ ହେଉନାହିଁ ।

ଦନାଇ ଦାସ—“ଗୋପୀଭାଷା” ନାମକ ଗ୍ରନ୍ଥ ଏ କବି ଲେଖିଅଛନ୍ତି । କୋଇଲି ପରେ “ଗୋପୀଭାଷା” ପାଠ୍ୟପୁସ୍ତକ ଥିଲା । “ଗୋପୀଭାଷା”ର ଭାଷା କୋଇଲିପରି ସରଳ ଓ ସୁବୋଧ; ମାତ୍ର କୋଇଲି ଅପେକ୍ଷା ଏହା ଟିକିଏ ଉଚ୍ଚଦରର ।

“କୃଷ୍ଣ କଥା ଭାଳି ଗୋପୀ ସକଳ । ଗୁଣ ସୁମରି ହୁଅନ୍ତି ବିକଳ ।”

ଏ ଲେଖାଟି କୋଇଲିର ସମସାମୟିକ ଲେଖା ବୋଲି ମନେହୁଏ । ଏ ଗ୍ରନ୍ଥରେ କବିଙ୍କର ପରିଚୟ ବା ଲେଖାର ସମୟ ନାହିଁ । ଗୋପୀଭାଷା ପରେ ତୃତୀୟ ପାଠ୍ୟପୁସ୍ତକ ଥିଲା “ରାସ” ଏବଂ ଚତୁର୍ଥ “ଭାଗବତ” । ଭାଗବତପାଠ ପରେ ଅନ୍ୟାନ୍ୟ ଗ୍ରନ୍ଥ ଆଦି ପଢ଼ାଯାଉଥିଲା ।

ଶୂଦ୍ରମୁନି ସାରଳା ଦାସ—ଏ କବି ଅଷ୍ଟାଦଶ ପର୍ବ ସୁବୃହତ୍ ମହାଭାରତ ଗ୍ରନ୍ଥଟିକୁ ଉତ୍କଳଭାଷାରେ ଲେଖିଛନ୍ତି । ମୂଳ ଲେଖା ଛାପାଲେଖାରେ ଅନେକ ସ୍ଥଳରେ ବିକୃତାକାର ଧାରଣ କରିଥିବା ବିଷୟ ପଣ୍ଡିତ ଗୋପୀନାଥ ନନ୍ଦ ମହାଶୟ ବହୁ ଆୟାସ ସହିତ ଗ୍ରନ୍ଥର ପୁଙ୍ଖାନୁପୁଙ୍ଖ ସମାଲୋଚନା ସଙ୍ଗେ ଦେଖାଇ ଦେଇଛନ୍ତି । ନନ୍ଦଙ୍କ ପରିଶ୍ରମ, ଅଧ୍ୟବସାୟ, ଧୈର୍ଯ୍ୟ ଓ ସହିଷ୍ଣୁତାକୁ ଧନ୍ୟ । ଏତେ ବଡ଼ ଗୋଟାଏ ଗ୍ରନ୍ଥର ସମାଲୋଚନା କରିବା ବହୁ ପରିଶ୍ରମସାପେକ୍ଷ । ସୁତରାଂ ଆମ୍ଭେ ପିଷ୍ଟପେଷଣ କରିବା ନ୍ୟାୟରେ ଆଉ କୌଣସି

ସମାଲୋଚନା କରିବାରୁ କ୍ଷାନ୍ତ ହେଲୁଁ । ଭାଷା ଓ ସାହିତ୍ୟ ଉପରେ ଥିଲା ତାହାଁର ଦୃଷ୍ଟାନ୍ତ ସ୍ୱରୂପ କେତେକ ପଂକ୍ତି ଉଦ୍ଧାର କରାଗଲା ।

୧—ଏଣେ ଉଆଇଲେ ସେହି ଗ୍ରାମକେ ସୀମାଏ ।

୨—ମାଗୋ ଗତ ଆଗତ ସମସ୍ତ ବୁଝି କହି
ରାଜ୍ୟ ଭ୍ରଷ୍ଟ ହେଲା କଥା ଲାଗିଲା ସନ୍ଦେହି ।

୩—ବନସାରୀ ବୃଷଭଙ୍କୁ ବୁଲନ୍ତି ଉପବାସେ
ଗିରି ଅରଣ୍ୟରେ ପକ୍ଷୀ କ୍ଷେପନ୍ତି ଆକାଶେ ।

୪—ଆପଣେ ସହଦେବ କୋଠି କାଟିଲେ ଖଡ୍ଗ ଘେନି
ବୈଜୟନ୍ତୀ ମାଳା କଲେ ଛକ ଛନି ।
ଏ ପଶା କପଟ ବୋଲି ଲହିଲା କରାଟୀ
ଦେଖି ଡ୍ରହସିତ ଯେ ହୋଇଲେ ଯୁଧିଷ୍ଠି ।

୫—କୁନ୍ତୀ ପଚାରିଲେ ଆଲୋ ଶବରୁଣୀ
ପାଣ୍ଡୁ ମାଦ୍ରୀଙ୍କର କହି ତଥ୍ୟ ବାଣୀ ।

ମହାଭାରତରେ ବ୍ୟବହୃତ କେତେଗୁଡ଼ିଏ ଶବ୍ଦ—

ବଗୁରନ୍ତି, ସବୁରନ୍ତି, ତାହାନ୍ତି, ଗୁହାରକରି, ଗୁହାରନ୍ତି, ଡୁକୁ, ମୁକୁ, ବୋଲନ୍ତା ଜନ, ପଢ଼ିଲା ଜ୍ଞାନ, କଣିଲବୁ, ତୋତହିଁକ, ଅରକାଳ, ଅଛାଇ, ଉଛୁଡ଼ି, ନବତନ, ଭିକ୍ଷାଶୀ ବ୍ରାହ୍ମଣ, ଶତ୍ରୁମର୍ଦ୍ଦନ ବାନା, ଦ୍ରୋଣଦେୟ, ପ୍ରସ୍ଥାଣ, ଯୋଗୀଜନଚନ୍ତାମଣି ଇତ୍ୟାଦି ।

ମହାଭାରତର ଭାଷା ସ୍ଥୂଳତଃ ସ୍ୱାଭାବିକ ଏବଂ ଆଡ଼ମ୍ବରଶୂନ୍ୟ । ଉପମା ସାମାନ୍ୟ ପଦାର୍ଥରୁ ଗୃହୀତ । ସବୁ ପଦର ଅକ୍ଷର ସମାନ ନାହିଁ । କବିଙ୍କ ଭାଷା ଓଜସ୍ୱିନୀ, ପଦ୍ୟବିନ୍ୟାସ ନିସର୍ଗସୁନ୍ଦର ।

ଏହା ନାସାରୁ ବାହାର ଯେବଣ ପବନ,
ନମ୍ବ ସାହାଡ଼ାରେ ଲାଗିଲେ ହେବ ଚନ୍ଦନ ।
ତାମ୍ବୁଲ ବଦନେ ଅଧର ରଙ୍ଗ ଅତ୍ୟନ୍ତ,
ବାଳ ଆଦିତ୍ୟ ଜ୍ୟୋତିକ ଜିଣଇ ସନ୍ତତ ।
ବମ୍ବର ପଟାନ୍ତର ନୁହେ ବୃଦ୍ଧ କାଳେ,
ତେଣୁ ସେ ଲଜ୍ଜାରେ ଝୁଣ୍ଡି ପଡ଼ଇ ଭୂତଳେ ।
ପ୍ରଣପତ୍ୟେ ଖଟଇ କପିଳେଶ୍ୱର ମହାରାଜା,
ତେତିଶ କୋଟି ଦେବତା ଚରଣେ ତାର ପୂଜା ।

ବଳରାମ ଦାସ—ଏ ଜଣେ ପ୍ରଧାନ ଓଡ଼ିଆ ସାହିତ୍ୟିକ ଥିଲେ । ଓଡ଼ିଆ ସାହିତ୍ୟ ଦାସଙ୍କ ହସ୍ତରେ ବହୁତ ଉନ୍ନତି ଲାଭ କରିଥିଲା । ରାମାୟଣ, ମହାଭାରତ, ଭଗବଦ୍‌ଗୀତା ପ୍ରଭୃତି ବଡ଼ ବଡ଼ କଠିଣ ସଂସ୍କୃତ ଗ୍ରନ୍ଥମାନଙ୍କୁ ଦାସେ ଅତି ସରଳ ଓଡ଼ିଆଭାଷାରେ ଅନୁବାଦ କରି ଜନସାଧାରଣଙ୍କର ମହୋପକାର କରିଯାଇଛନ୍ତି । ହଣ୍ଟର ସାହେବଙ୍କ ତାଲିକାରୁ ଦେଖାଯାଏ, ସେ "ରସବିନୋଦ" ନାମକ ଗ୍ରନ୍ଥ ଲେଖିଥିଲେ । ମାତ୍ର ରସବିନୋଦ ତାଙ୍କ ଲେଖା ନୁହେ । ରସବିନୋଦ ଦୀନକୃଷ୍ଣ ଦାସଙ୍କ ଲେଖା । ଦାସଙ୍କ ଲେଖାର କିଞ୍ଚିତ୍ ଅଭାସ ଦିଆଗଲା —

ଗୁପ୍ତଗୀତା—"ରୁଦ୍ର ଅଂଶରେ ଗଜପତି । ପ୍ରତାପରୁଦ୍ର ଯେ ନୃପତି ॥
ତାହାଙ୍କ ସପ୍ତଦଶ ଅଙ୍କେ । ମକର ମାସ ଶୁକ୍ଳପକ୍ଷେ ॥
ଶ୍ରୀ ଏକାଦଶୀ ଗୁରୁବାର । ମୁକ୍ତିମଣ୍ଡପ ମଧ୍ୟର ॥
ବିପ୍ରେ ଯେ ଜପ ସ୍ତୁତି ସାର । ବସିଲେ ବେଦାନ୍ତ ବିଚାର ॥
ସେ ବଳଭଦ୍ର ରାଜଗୁରୁ । ସକଳ ବିଦ୍ୟାରେ ଯେ ଗୁରୁ ॥

ଭଗବଦ୍‌ଗୀତା—"ଅର୍ଜ୍ଜୁନ ବୋଲଇ ଦେବ ପୁଚ୍ଛିବି କଥାଏ
ସନ୍ନ୍ୟାସୀ ତ୍ୟାଗୀରେ ପୁଣ ଉତ୍ତମ କେ ହୁଏ ।
ଦୁଇ କଥା ଭିନ୍ନ ଭିନ୍ନ ଶୁଣି ତ ମୋ ମନ
ବୋଲନ୍ତି ମାଧବ ଶୁଣ ପାଣ୍ଡୁର ନନ୍ଦନ ।
କାମ୍ୟ କର୍ମ୍ମ ଛାଡ଼ିଲାକୁ ସନ୍ନ୍ୟାସୀ ବୋଲନ୍ତି
ତ୍ୟାଗୀମାନେ ସବୁ କର୍ମ୍ମଫଳ ହିଁ ଛାଡ଼ନ୍ତି ।

ସଞ୍ଜୟ କହେ ଶୁଣ ଧୃତରାଷ୍ଟ୍ର । ଅର୍ଜ୍ଜୁନ ଆଗେ ବୁଝାବନ୍ତି କୃଷ୍ଣ ॥
ହେ ପାର୍ଥ, ଏ ଜ୍ଞାନ ପୂର୍ବେଣ ମୁହିଁ । ଆଦିତ୍ୟ ଦେବତାଙ୍କୁ କହିଲଇଁ ॥

ସଂସ୍କୃତ ଗୀତା ସହିତ ଓଡ଼ିଆ ଅନୁବାଦକୁ ମିଳାଇ ଦେଖନ୍ତୁ, ଅନୁବାଦ ଅବିକଳ ହୋଇଛି । ଦାସେ ମଧ୍ୟ ନିଜସ୍ୱ ବ୍ୟବହାର କରିବାରେ ତ୍ରୁଟି କରି ନାହାନ୍ତି । 'ଜ୍ଞାନଚୂଡ଼ାମଣି' ନାମକ ଖଣ୍ଡିଏ ଗଦ୍ୟଗ୍ରନ୍ଥ ଲେଖିଯାଇଛନ୍ତି ।

ବଳରାମ ଦାସ ଯେ ଯେ ପୁସ୍ତକମାନ ରଚନା କରି ଯାଇଛନ୍ତି, ସେଥିରୁ ଜଣାଯାଏ ଯେ, ସେ ବେଦବେଦାନ୍ତରେ ଅତ୍ୟନ୍ତ ପାରଦର୍ଶିତା ଲାଭ କରିଥିଲେ । ବଳରାମ ଦାସ ଶୂଦ୍ର ଥିଲେ । ତାଙ୍କ ପାଣ୍ଡିତ୍ୟ ଦେଖି ବ୍ରାହ୍ମଣମାନେ ସହି ନପାରି ପ୍ରତାପରୁଦ୍ରଙ୍କ ଛାମୁରେ ଗୁହାରି କରିଥିଲେ । ଦାସେ ପଞ୍ଚସଖା ମଧ୍ୟରୁ ଜଣେ । ଅନ୍ୟ ସଖା ଅଚ୍ୟୁତ ତାଙ୍କ 'ଶୂନ୍ୟସଂହିତା'ରେ ଲେଖିଛନ୍ତି—

"ଶୂଦ୍ର ବରିଷ୍ଠବମାନ ଯେ ସିଦ୍ଧାନ୍ତ କରୁଛନ୍ତି ନୃପସାଇଁ ।
ବ୍ରାହ୍ମଣ ଯେ ମେଳ କରିଣ କହନ୍ତି ରାଜନ ଆଗରେ ଯାଇଁ ॥

ବଳରାମ ଦାସ ଶୂଦ୍ର ବଇଷ୍ଣବ କହେ ଯେ ବେଦାନ୍ତ ସାର ।
ଛାମୁକୁ ହକାର ତାହାକୁ ଭେ ଦେବ ଅର୍ଥ ହିଁ କହୁ ପଗ୍ୟର ॥
ପାଞ୍ଚ ସାତ ଜଣ ବୈଷ୍ଣବ ମିଳଣ ଗତ ଆଗତ କହନ୍ତ ।
ସହି ନ ପାରଣ ବ୍ରାହ୍ମଣ ଖୁଣ୍ଟିଆ ରାଜାଙ୍କୁ ଗୁହାରିଦଅନ୍ତ ॥

ବଳରାମ ଦାସ ଜଣେ ଶ୍ରେଷ୍ଠ ଭକ୍ତ ଥିଲେ । କମ୍ବଦନ୍ତୀ ଅଛି ଯେ, ରଥଯାତ୍ରା ସମୟରେ ଦାସେ ରଥ ଉପରକୁ ଯିବାକୁ ଚେଷ୍ଟା କରନ୍ତେ ସେବକମାନେ ତାଙ୍କୁ ଛାଡ଼ିଲେ ନାହିଁ । ଦାସେ ଅପମାନିତ ହୋଇ ସେଠାରୁ ବାହାର ଯାଇ ବାଙ୍କିମୁହାଁଣ ପାଖରେ ବସି ବାଲିଉପରେ ରଥ ମୂର୍ତ୍ତି କାଟି ସେହିଠାରେ ଜଗନ୍ନାଥଙ୍କୁ ଧ୍ୟାନ କଲେ । ଜଗନ୍ନାଥ ସର୍ବଦା ଭକ୍ତାଧୀନ । ସ୍ୱୟଂ ଭଗବାନ କହିଛନ୍ତି, "ମଦ୍‌ଭକ୍ତା ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ ।" ସୁତରାଂ ଭକ୍ତ ବଳରାମ ଦାସଙ୍କ ସ୍ତୁତି ଶୁଣି ଜଗନ୍ନାଥ ମଣିମୟ ରଥ ତ୍ୟାଗକରି ବାଲିରଥରେ ବିରାଜମାନ ହେଲେ । ଏଣେ ବଡଦାଣ୍ଡରେ ମହାସମାରୋହ ଲାଗିଛି, ଲକ୍ଷ ଲକ୍ଷ ଲୋକ ଜୁଣ୍ଡ ହୋଇ ରଥ ଦଉଡ଼ି ଧରିଛନ୍ତି; ମାତ୍ର ରଥ ଚଳିଲା ନାହିଁ । ସମସ୍ତେ ହତାଶ ହୋଇ ଫେରିଗଲେ । ରାତ୍ରରେ ରାଜାଙ୍କୁ ସ୍ୱପ୍ନ ହେଲା, "ମୋ ଭକ୍ତକୁ ସେବକମାନେ ଅପମାନ କଲେ । ମୁଁ ବର୍ତ୍ତମାନ ରଥରେ ନାହିଁ । ବଳରାମ ଦାସ ମତେ ବାଲିରେ ବାନ୍ଧି ରଖିଛି । ତୁ ତାକୁ ସମ୍ମାନ କରି ନେଇ ଆସିଲେ ମୋ ରଥ ଚଳିବ ।" ପ୍ରାତଃକାଳରୁ ରାଜା ସ୍ୱୟଂ ଯାନବାହନ ସହିତ ବାଙ୍କିମୁହାଁଣକୁ ଆସିଲେ ଏବଂ ସେ ଦିନ ସ୍ୱଚ୍ଛନ୍ଦରେ ରଥ ଚଳିଲା ।

ଆଉରି ଗୋଟିଏ ପ୍ରବାଦ ଅଛି ଯେ, ଦାସେ ଲକ୍ଷ୍ମୀଙ୍କି କାଣୀ ବୋଲି କହିଥିଲେ । ଏହା ଶୁଣି ଲକ୍ଷ୍ମୀଙ୍କ ମନରେ ବଡ କ୍ରୋଧ ହୋଇଥିଲା ଏବଂ ଲକ୍ଷ୍ମୀ ଶାପ ଦେଲେ ଯେ ଦାସେ କ୍ଷେତ୍ରଲାଭ କରିପାରିବେ ନାହିଁ । ଦାସେ ଶେଷଜୀବନ ଏରବଙ୍ଗ ନାମକ ପୁରୀଜିଲାନ୍ତର୍ଗତ ଗ୍ରାମରେ କଟାଇଥିଲେ । ସେଠାରେ ମୃତ୍ୟୁକାଳରେ ଜଗନ୍ନାଥଙ୍କୁ ସ୍ମରଣ କରିବାରୁ ଲକ୍ଷ୍ମୀ ସହିତ ପ୍ରଭୁ ସେ ସ୍ଥାନକୁ ବିଜେ କଲେ । ଦାସେ କହିଲେ, "କି ଲୋ କାଣୀ, ଏବେ କ'ଣ ହେଲା ?" ଲକ୍ଷ୍ମୀ ଉତ୍ତର ଦେଲେ, "କଣ ହେଲା, ଏ କଣ କ୍ଷେତ୍ର କି ?" ଦାସେ କହିଲେ, "କି ଲୋ କ୍ଷେତ୍ର ଆଉ କାହାକୁ କହନ୍ତି ? ତୁ ଯେଉଁଠି, ସେ ଯେଉଁଠି; କ୍ଷେତ୍ର ତ ସେହି; କ୍ଷେତ୍ର ଆଉ କେଉଁଠି ?" ଲକ୍ଷ୍ମୀ ନିରୁତ୍ତର ହେଲେ । ସେହିଦିନୁ ଏରବଙ୍ଗଠାରେ ଜଗନ୍ନାଥ ବଳଭଦ୍ର ସୁଭଦ୍ରା ତିନମୂର୍ତ୍ତି ସ୍ଥାପିତ ହୋଇ ପୂଜା ପାଉଅଛନ୍ତି । ବର୍ତ୍ତମାନ ସୁଦ୍ଧା ଏ ମଠ ଅଛି ଏବଂ ଜଗନ୍ନାଥଙ୍କର ମାନ୍ଧିଗତ ହେଉଅଛି । ବଳରାମ ଦାସଙ୍କ ପିତାଙ୍କ ନାମ ସୋମନାଥ ଥିଲା । ଏରବଙ୍ଗରେ ବର୍ତ୍ତମାନ ଦେଉଳ ଅଛି ଏବଂ ତିନି ମୂର୍ତ୍ତି ପୂଜା ପାଉଛନ୍ତି ।

ବଳରାମ ଦାସ ଜଣେ ବୈଷ୍ଣବ, ମାତ୍ର ବର୍ତ୍ତମାନ ଯୁଗର ବୈଷ୍ଣବମାନଙ୍କ ପରି ଆପଣା ସୁଖସ୍ୱାଚ୍ଛନ୍ଦ୍ୟ ଚିନ୍ତାରେ କାଳ କଟାଉ ନ ଥିଲେ । ସାଧାରଣ ଲୋକମାନେ କିପରି ଧର୍ମତତ୍ତ୍ୱ

ଜାଣିପାରିବେ ଏବଂ ସଙ୍ଗେ ସଙ୍ଗେ ସରଳ ଓଡ଼ିଆଭାଷାରେ ସାଧାରଣ ବୁଝିପାରିବା ଭଳି ଧର୍ମତତ୍ତ୍ୱମାନ ପ୍ରକାଶିତ ହେବ, ଏଥିଲାଗି ସତତ ଚେଷ୍ଟିତ ଥିଲେ । ସେହି ସାଧୁ ଚେଷ୍ଟାର ଫଳ ସ୍ୱରୂପ ଆଜି ଆମ୍ଭେମାନେ ତାହାଙ୍କ ପ୍ରଣୀତ ଓଡ଼ିଆ ଗ୍ରନ୍ଥମାନ ନେଇ ଗର୍ବ କରୁଥାଉଁ । ଏକା ବଳରାମ କାହିଁକି, ତାଙ୍କ ସମସାମୟିକ ସମସ୍ତ ବୈଷ୍ଣବ-କବିମାନଙ୍କ ପ୍ରତି ଏ ଉକ୍ତି ପ୍ରଯୁଜ୍ୟ ।

'ବଉଳା ଅଧ୍ୟାୟ' ଦାସଙ୍କ ପ୍ରଣୀତ ଗୋଟିଏ ଉପନ୍ୟାସ । ମାତ୍ର ଏହା ପଦ୍ୟରେ ଲିଖିତ । ଏଥିରେ ସତ୍ୟର ମାହାତ୍ମ୍ୟ ଏବଂ ଅନ୍ନଦାନର ଫଳ ପ୍ରକଟିତ ହୋଇଅଛି ।

"ସତ୍ୟେ ପ୍ରାଣୀମାନେ ଯେ ଲଭନ୍ତି ସଦଗତି
ତାହା ତୋତେ କହିଦେବା ଶୁଣ ହୋ ନୃପତି ।"

ବେଦାନ୍ତସାର 'ଗୁପ୍ତଗୀତା' କବି ବଳରାମ ଦାସଙ୍କ ରଚିତ । ଏଥିରେ ଲେଖାଅଛି ଯେ ବଳରାମ ଦାସଙ୍କ ପାଣ୍ଡିତ୍ୟ ଦେଖି ମୁକ୍ତିମଣ୍ଡପର ବ୍ରାହ୍ମଣମାନେ ରାଜା ପ୍ରତାପରୁଦ୍ର ଦେବଙ୍କ ଆଗରେ ନାନାପ୍ରକାର ବିଦ୍ରୂପ କରି ଖତ କହିଲେ । ରାଜା ପ୍ରତାପରୁଦ୍ର ଦାସଙ୍କୁ ପରୀକ୍ଷା କରିଥିଲେ । ଦାସେ ଶ୍ରୀଜଗନ୍ନାଥ ଦେବଙ୍କ କୃପାରୁ ବେଦାନ୍ତ କହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ସେ ରାଜା ପ୍ରତାପରୁଦ୍ରଦେବଙ୍କ ସମ୍ମୁଖରେ ଯେଉଁ ଧର୍ମତତ୍ତ୍ୱମାନ ପ୍ରକାଶ କରିଥିଲେ ତାହାହିଁ ଏ 'ଗୁପ୍ତଗୀତା'ରେ ବର୍ଣ୍ଣିତ ଅଛି । ଏଥିରେ ଅଙ୍ଗନ୍ୟାସ, ଆସନ, ତତ୍ତ୍ୱଜ୍ଞାନ, ଶରୀରଭେଦ ଓ ବ୍ରହ୍ମାଣ୍ଡରହସ୍ୟ ବର୍ଣ୍ଣିତ ହୋଇଅଛି । ଏ ଗ୍ରନ୍ଥଟି ଭାଗବତ ବୃତ୍ତରେ ଲିଖିତ ।

'ବିରାଟ ଗୀତା' ଦାସଙ୍କର ଅନ୍ୟତମ ଗ୍ରନ୍ଥ । ଏଥିରେ ଅର୍ଜୁନ ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ ତତ୍ତ୍ୱଜ୍ଞାନ ସମ୍ବନ୍ଧୀୟ କଥୋପକଥନ ଲେଖା ହୋଇଅଛି ।

ଦେହରେ ମୋର ରୂପ ନାହିଁ । ଅରୂପ ବ୍ରହ୍ମ ମୁଁ ଅଟଇ ॥
ବିରାଟ ରୂପେ ଥିଲି ମୁହିଁ । ମୋ ବିନୁ ଆନ କେହି ନାହିଁ ॥
ଅର୍ଜୁନ ନାମ ମୋର ଯେତେ । ଭକତ ଦେଲେ ତୋଷଚିତ୍ତେ ॥
ବାମ ନାସିକା ବହୁଥିବ । ସ୍ନାନ ଭୋଜନ ନ କରିବ ॥

'କମଳଲୋଚନ' ଗୀତ ଓ 'ଶ୍ରୀପଞ୍ଚମୀ' ଗୀତ ସେହି ଦାସଙ୍କ ରଚିତ । ଏଗୁଡ଼ିକ ଚଟଶାଳୀମାନଙ୍କରେ ପିଲମାନେ ପାଠକରନ୍ତି । ଭାଷା ଅତି ସରଳ । 'କାନ୍ତକୋଇଲି' ମଧ୍ୟ ତାଙ୍କର ଲେଖା ।

"ଖଳ ବୋଲି ଜାଣି ନ ପାରିଲି ।
ଛଳ ଯେ କନକ ମୃଗ ଦେଖି ଲୋଭ କଲି ଲୋ କୋଇଲି !"

ଏଥିରୁ ଦେଖାଯାଏ, ଦାସେ ଅତି ଶିଶୁମାନଙ୍କ ପାଠ୍ୟପୁସ୍ତକଠାରୁ ଆରମ୍ଭ କରି ଅତି ପଣ୍ଡିତମାନଙ୍କ ପାଠୋପଯୋଗୀ ପୁସ୍ତକ ପର୍ଯ୍ୟନ୍ତ ଲେଖିଛନ୍ତି ।

ହଳଧର ଦାସ—ଏ ଜଣେ ପ୍ରଧାନ ଓଡ଼ିଆ କବି । ଏ ଅଧ୍ୟାତ୍ମ ରାମାୟଣକୁ ଓଡ଼ିଆରେ ଅନୁବାଦ କରିଛନ୍ତି । 'ହଳଧର କାରିକା' ଏହାଙ୍କ କୃତ ଅନ୍ୟତମ ଗ୍ରନ୍ଥ । ଏହାଙ୍କ ଅନୁବାଦର ଦୃଷ୍ଟାନ୍ତ ଦେଖନ୍ତୁ ।

ନିର୍ମଳ ଦର୍ପଣ ଯେସନ । ଏମନ୍ତ ପ୍ରକାର ବଦନ ॥
ପ୍ରବାଳଶ୍ରେଣୀ କି ଅଧର । ଦଶନ ମୁକୁତା ପ୍ରକାର ॥
କରୁଣାରସରେ ସମ୍ପୂର୍ଣ୍ଣ । ବିକାଶ ପଙ୍କଜଲୋଚନ ॥
ନାସିକା ଅତି ମନୋହର । ସବୁ ନେତ୍ରରେ କି ସେ ଘର ॥
ଗଜପତି ମୁକୁନ୍ଦଦେବ । ବିବେକୀ ବ୍ରାହ୍ମଣ ବୈଷ୍ଣବ ॥
ପ୍ରଜା ପାଳନେ ଧର୍ମ ସମ । ଦଣ୍ଡ୍ୟ ଲୋକଠାରେ ସେ ଯମ ॥
ସଂଗ୍ରାମେ ମହେନ୍ଦ୍ର ସମାନ । ରୂପରେ ଯେସନ ମଦନ ॥
ଯାଚକଠାରେ କଳ୍ପଦ୍ରୁମ । ତେଜରେ ଚଣ୍ଡକର ସମ ॥
ଏମନ୍ତ ପରକାରେ ଯେହ୍ନ । ତାଙ୍କର ଅଟନ୍ତି ଯେ ଭାଗ ॥
ଶ୍ରୀ ଅନନ୍ତ ପଟ୍ଟନାୟକ । ସେ ବଡ଼ ବ୍ରାହ୍ମଣ ବିବେକ ॥
ବିବେକୀ ଦାତା ଶାନ୍ତ ଦାନ୍ତ । ବଇଷ୍ଣବ ଆଚିରବନ୍ତ ।
କନିଷ୍ଠ ପୁତ୍ର ମୁଁ ତାଙ୍କର । ମୋହର ନାମ ହଳଧର ॥

'ହଳଧର କାରିକା' ସଂସ୍କୃତଭାଷାରେ ଲିଖିତ । ଏଥିରୁ ଜଣାଯାଏ, କବି ସଂସ୍କୃତଜ୍ଞ ପଣ୍ଡିତ ଥିଲେ । ସୁତରାଂ ତାଙ୍କ ଓଡ଼ିଆଭାଷାରେ ସଂସ୍କୃତର ଛାୟା ପଡ଼ିଥିବା ସ୍ୱାଭାବିକ ।

କବି ବିଶ୍ୱନାଥ ଖୁଣ୍ଟିଆ—ଏ କବି 'ବିଚିତ୍ର ରାମାୟଣ' ଲେଖିଛନ୍ତି ।

ପ୍ରବେଶ ରାମ ଲକ୍ଷ୍ମଣ ପମ୍ପାସର ତୀର,
ଦେଖନ୍ତି ନିର୍ମଳ ଜଳ ଅତି ମନୋହର ।
କମଳ କୁମୁଦ କୋକନଦ ନୀଳୋତ୍ପଳ,
ମଧୁପାନେ ମତ୍ତ ହୋଇ ଚୁମ୍ବନ୍ତି ଭ୍ରମର ।
ଚଉପାଶେ ବେଢ଼ିଛନ୍ତି ପୁଷ୍ପିତବୃକ୍ଷଚୟ,
ବିରହୀ ଜନଙ୍କୁ ସେ କରାଉଛନ୍ତି ଭୟ ।
ଦେଖ ଦେଖ ଲକ୍ଷ୍ମଣ ଏ ସରୋବର ଶୋଭା,
ଏହା ଦେଖି କେବଣ ଦେବ ନୋହିବ ଲୋଭା ।
ବିବିଧ ହଂସମାନଙ୍କେ ଦିଶଇ ସୁନ୍ଦର,
ଡାହୁକ ତିତିର କାକ ବକେ ମନୋହର ।
ବିକାଶନ୍ତି ନବ ନବ ଚୂତାଙ୍କୁରମାନେ,
ପ୍ରକଟି ବାସନ୍ତି ବାସ ସବ ସନ୍ନିଧାନେ ।

କାମ ତୂଣୀ ଶର ପ୍ରାୟ ଦିଶନ୍ତି ଅଶୋକ,
ସୀତାଙ୍କ ବିଚ୍ଛେଦ କରାଉଛନ୍ତି ବହୁ ଶୋକ ।
ପାଟଳୀ ପାଟଳ କାମାନଳ ପ୍ରାୟ ଦିଶେ,
କେତକୀ କଳିକା ମନସିଜ କୁନ୍ତ କି ସେ ।
ମଲ୍ଲିକା ସୌରଭରେ ମଧୁକର ନିକର,
ଧ୍ୱନିକରି ଖୋଜୁଛନ୍ତି ସର୍ବ ଦିଗନ୍ତର ।

ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା—'ପ୍ରେମତରଙ୍ଗିଣୀ'ରେ କବି ଆତ୍ମପରିଚୟ ଦେଇ ଅଛନ୍ତି ।

ନୂଆଗଡ଼େ ଶରଣକୁଳ ସ୍ଥଳରେ ଭିକାରିପଡ଼ା ଶାସନ
ସୁବ୍ରାହ୍ମଣ ସଙ୍ଗ ସାମବେଦ ଅଧ୍ୟାପକ କୁଳେ ମୋର ଜନ୍ମ ।
ହେ ସୁଜନେ, ଛଡ଼ାଇଲି ତା ମୁରଲି
ନାଦ ଶୁଣି ନାହିଁ ନାମ ଶୁଣି ସଦାନନ୍ଦ କବିରବି ଭୁଲି । (୨୭ଶ ଛାନ୍ଦ)

ପୂର୍ବେ ଶ୍ରୀ ବୀରକେଶରୀ ଦେଇ ପଦ, କବିସୂର୍ଯ୍ୟ ବ୍ରହ୍ମା ବୋଲି ଲୋକେ ବେଦ ।
ସର୍ବେ କହିବା ପାଇଁ ଏ ନାମ ଭଣି, ସାଧୁଚରଣ ଦାସ ମୁଁ ଥିବି ଜାଣି । (୨୧ ଛାନ୍ଦ)

ଅଗୋଚର ରସାମୃତ କୃପାକରି ପିଆଇଲେ ଭକ୍ତଗଣେ
ଅଠଚାଳିଶ ବରଷେ ଅନ୍ତର୍ଦ୍ଧାନ ଟୋଟାଗୋପୀନାଥ ସ୍ଥାନେ ।
କୋଟି ପୁସ୍ତକେ କହିଲେ ନ ସରିବ ଗୁଣ ଅଗାଧ ଅପାର
ସେ ଶ୍ରୀକୃଷ୍ଣ ଚଇତନ୍ୟ ପାଦପଦ୍ମାଶ୍ରିତ ପ୍ରିୟ ଗଦାଧର ।
ସେ ପଣ୍ଡିତ ଗୋସ୍ୱାମୀର ଶିଷ୍ୟ ଅନନ୍ତାଚାର୍ଯ୍ୟ ଯା ନାମ ବ୍ୟାସ
ଶ୍ରୀ ରଘୁ ଗୋପାଳ ଗୋସ୍ୱାମୀ ସେ ବାସ ଲକ୍ଷ୍ମୀପ୍ରିୟ ତାଙ୍କ ଶିଷ୍ୟ ।
ତାଙ୍କ ପ୍ରିୟପାତ୍ର ଶ୍ରୀ ଗଙ୍ଗାମାତା ଯେ କ୍ଷେତ୍ରବରେ ପ୍ରତିଷ୍ଠିତ
ତାଙ୍କ ପଦାଶ୍ରୟ ବନମାଳୀ ଦାସ ଗୋସ୍ୱାମୀ ଲୋକେ ବିଦିତ ।
ତାଙ୍କ ଅନୁଗତ ଶ୍ରୀ କିଶୋର ଦାସ ନାମରେ ମୋହର ସ୍ୱାମୀ
ଶାନ୍ତକୁଳେ ଜନ୍ମ ମୁଁ ଅତି ଅଧମ କୃପାକଲେ ଅନ୍ତର୍ଯ୍ୟାମୀ ।
ସାଧୁଚରଣ ଦାସ ବୋଲି ଆପଣା ଶ୍ରୀମୁଖେ ଆଜ୍ଞା ହୋଇଛି
ମାତୃପିତୃ ବଇଷ୍ଣବ ରାଜଦତ୍ତ ବହୁ ନାମ ମୋର ଅଛି । (୩୭ଶ ଛାନ୍ଦ)

ଅଳକା ବେଢ଼ି ଗୁଞ୍ଜରିପାନ୍ତି, ଏ କର୍ଣ୍ଣ ସେ କର୍ଣ୍ଣାବଧି ଘୋଟି
ଆଁକଣ କେଶ ରାହୁ ମୁଖଚନ୍ଦ୍ରକୁ ଗିଳିବା ଆରମ୍ଭେ ଆଜି ଘୋଟି ଗୋ
ପ୍ରତେ ହୁଏ, ରକ୍ତ ଲାଗିଲାକି ଝଲ ଦନ୍ତେ କିଏ ଗୋ,
କର୍ଣ୍ଣେ ମକରକୁଣ୍ଡଳ ଆନ୍ଦୋଳାଏ, ହରମିତ୍ର ତ ଚନ୍ଦ୍ର ପେଷିଲେ ଭୟେ ।
କାମରୂପୀ ଦୁଇଦର୍ପୁଁ ଦୁଇ ପ୍ରାୟେ ବାଜନାହିଁ ବର୍ଣ୍ଣି ଭ୍ରମୁଁ ଭ୍ରମୁଁ ଭୟେ ।

ଲକ୍ଷ୍ମଣ କବି—ଏ 'ଶ୍ରୀକୃଷ୍ଣଲୀଳାମୃତ' ନାମକ ଗ୍ରନ୍ଥ ପ୍ରଣୟନ କରିଥିଲେ ।

ଆଲିମାନେ ବାଲୀ ସଙ୍ଗେ ଫୁଲ ତୋଳି ଭଲି ଭଲି ପ୍ରିୟ ଭୂପଙ୍କୁ
ବଢ଼ାଇ ପ୍ରେମସଙ୍କୁଳ କେ ଗମନ କରନ୍ତେ ବକୁଳ ପାଶକୁ,
କେ କହେ, ଲଗାଇ ସେ ପରିହାସକୁ,
କେଶରେ ମଣ୍ଡନ କରିବାର ପାଇଁ ଲୋଡ଼ୁ କି କେଶର ବାସକୁ ।
ବାସ ଥାଇ ଯହିଁ ଅନୁରାଗ ନାହିଁ ତା'ଠାରେ ଥୋଇ ଆଦରକୁ
ଅନଙ୍ଗରଙ୍ଗିଣୀ ହୋଇ ତୁ ରଙ୍ଗିଣୀ ନ ଆଣୁ କି କେ ନାଗରକୁ,
କେ କହେ, ଯାହା ମନ ଯହିଁ ରସିଲା,
ଏତେ କହି ବାଳୀ ବନେ ନାସା ତୋଳି ଭଲି ଭଲି ଗୁନ୍ଥି ବସିଲା ।

ଦେଖ ଏ କାଳିନ୍ଦୀ ଜଳ, କୂଳରେ କିନ୍ଦେ କହ୍ଲାର
ହୋଇଛୁ କେତେ ପାଟଳ, ଦିଶୁଛୁ ତଳ ଯେ । ଇତ୍ୟାଦି ।

ଚନ୍ଦ୍ରଙ୍କୁ ଅଛୁ ଉପାୟ ଉଦେ ହୋଇବା ସମୟ
ଦର୍ପଣ ଦେଖାଇ କରି, ମାରିବା ଧରି ଗୋ ।
କେଶର କେଶର ସେ କରି କେଶର ଆଦି କେତେ ଫୁଲ ଫୁଟିଲା
ମଧୁପ ମଧୁପ ରସରେ ମଧୁର ଝଙ୍କାର କେତେ ପ୍ରକଟିଲା ।
ଚନ୍ଦ୍ରମୁଖି ରେ, ତୋତେ କି ନୁହଇ ଗୋଚର,
କୁସୁମ ସୁଗନ୍ଧ ହରି ମନ୍ଦ ମନ୍ଦ ଗନ୍ଧବହ ହେବା ପ୍ରସାର ।
ହରିଦ୍ରା ଅଙ୍ଗରେ ହରିଦ୍ରା ଚିତ୍ତ ରସରେ ଗୋଳି
ବିଲେପନ କଲେ ତପନ-ମିତ୍ର-ଲୋଚନୀ ଭଲି ।।

ଶ୍ରୀବୀରକେଶରୀ ଦେବଙ୍କ ତେପନ ଅଙ୍କ ତୁଳ ମାସ
ଦଶ ଦିନ ଦିନ ଦଶଦଣ୍ଡଠାରେ ଏହୁ ଗୀତ ଶେଷ ।।

ଅଭିମନ୍ୟୁ ସାମନ୍ତସିଂହାର—କବିଙ୍କ ଆତ୍ମପରିଚୟ "ପ୍ରେମକଳା" ନାମକ ସ୍ୱରଚିତ ପୁସ୍ତକରେ ଦିଆଯାଇଛୁ ।

"ଜମ୍ବୁଦ୍ୱୀପେ ଭରତଖଣ୍ଡେ ଏ ସାର ମହୀ
ମହୋଦଧି ଯାଜନଗ୍ର ମଧ୍ୟ ରମ୍ୟ ତହିଁ ଯେ ।
ସୁବିହାର ସ୍ଥାନ ଏ ଥିବାରୁ ସେ ଦେଶ,
ଗୋଲକୁଣ୍ଡ ନାମେ ଗ୍ରାମ ତହିଁ ପରକାଶ ଯେ ।
ବ୍ରାହ୍ମୀନଦୀ ସେ ଗ୍ରାମର ସୀମା ଭେଦି ବହି,
ବରିଷ୍ଠ ଗୋଧନ ରହିବାର ସ୍ଥାନ ସେହି ଯେ ।

ଏ ରାଜ୍ୟରେ ରାଜା ମିହନବଂଶୀ କ୍ଷତ୍ରିବର
ଇନ୍ଦ୍ରଜିତ ସାମନ୍ତସିଂହାର ନାମ ବର ହେ ।
ତାଙ୍କ ଜ୍ୟେଷ୍ଠ ସୁତ ଅଭିମନ୍ୟୁ ନାମ ମୋର
ଆଡ଼ମ୍ବର ଗଡରେ ତ ସାମନ୍ତସିଂହାର ଯେ ।

ଏପରି ସ୍ପଷ୍ଟ ପରିଚୟ ଥିବା ସ୍ଥଳେ ପଣ୍ଡିତ ମୃତ୍ୟୁଞ୍ଜୟ ରଥେ ଅଭିମନ୍ୟୁଙ୍କ ଜନ୍ମସ୍ଥାନ "ବାଲିଆ" ଗ୍ରାମରେ ଥିବା କପରି ସ୍ଥିର କଲେ ତାହା ବୁଝିପାରୁନାହୁଁ । ବରଂ "ବାଲିଆ" ଗ୍ରାମ ସାମନ୍ତସିଂହାରଙ୍କ ଜମିଦାରି ଥିଲା । ପ୍ରବାଦ ଅଛି, ବାଲିଆ ଗ୍ରାମ ତାଙ୍କ ନିଜ ଗ୍ରାମଠାରୁ ଏକ କୋଶ ଦୂରରେ ଥିଲା । "ବିଦଗ୍ଧଚିନ୍ତାମଣି" କାବ୍ୟ କବିଙ୍କର ପ୍ରଧାନ ଲେଖା । ସେ ମହାଶୟ ଏ ଲେଖାରେ ଯେଉଁ କୃତିତ୍ୱ ଦେଖାଇଛନ୍ତି ତାହା ଅସାଧାରଣ ଅଟେ । ପଣ୍ଡିତ ମୃତ୍ୟୁଞ୍ଜୟ ରଥ ଯଥାର୍ଥରେ କହିଛନ୍ତି ଯେ, "ଉପମା ଭଞ୍ଜବୀରସ୍ୟ ତସ୍ୟୈବ ଗ୍ରନ୍ଥି ଗୌରବଂ, କଲ୍ଲୋଲେ (ରସକଲ୍ଲୋଳ) ପଦଲାଳିତ୍ୟଂ ସନ୍ତି ଚିନ୍ତାମଣୌ (ବିଦଗ୍ଧଚିନ୍ତାମଣୌ) ତ୍ରୟଃ । ବିଦଗ୍ଧଚିନ୍ତାମଣି ରଚିତ ହେବା ସମ୍ବନ୍ଧରେ ଗୋଟିଏ କିମ୍ବଦନ୍ତୀ ଶୁଣାଯାଏ । ସାମନ୍ତସିଂହାରଙ୍କ ସ୍ତ୍ରୀ ସତୀ ସାଧ୍ୱୀ ପତିବ୍ରତା ଥିଲେ ଏବଂ ପତିସେବା ଭିନ୍ନ ଅନ୍ୟ କିଛି ଜାଣୁ ନ ଥିଲେ । ସ୍ୱହସ୍ତରେ ରନ୍ଧନ କରିବା ଏବଂ ସ୍ୱାମୀଙ୍କୁ ଆଗେ ବସି ଭୋଜନ କରାଇ ସାରିଲେ ସେହି ଅଧରାମୃତ ପାନ କରିବା ସାମନ୍ତଙ୍କ ସ୍ତ୍ରୀଙ୍କର ପ୍ରାତ୍ୟହିକ କାର୍ଯ୍ୟ ଥିଲା । ସ୍ୱାମୀ ଭୋଜନ ନ କରିବା ପର୍ଯ୍ୟନ୍ତ ସେ ଜଳ ଗ୍ରହଣ କରୁ ନଥିଲେ । ତାଙ୍କର ଏହିପରି ନିଷ୍ଠା, ପତିଭକ୍ତି ଦେଖି ସାମନ୍ତସିଂହାର ଦିନେ କହିଲେ, "ଦେଖ, ତୁମ୍ଭେ ମତେ ଦଣ୍ଡେ ନ ଦେଖିଲେ ବଣା ହେଉଛ; ମୁଁ ମରିଗଲେ କଣ ତୁମେ ମରିଯିବ ?" ସ୍ତ୍ରୀ ଉତ୍ତର ଦେଲେ, "ମୁଁ ଯଦି ପ୍ରକୃତରେ ତୁମ୍ଭର ସ୍ତ୍ରୀ ହୋଇଥାଏ, ତେବେ ତୁମ୍ଭେ ମରିଯିବ, ମୁଁ ବଞ୍ଚିବି କପରି ?" ସାମନ୍ତ ଏ କଥା ଶୁଣି ମନକଥା ମନେ ରଖିଲେ । କେତେ ଦିନ ଗଲିଗଲା । ଦିନେ ସ୍ତ୍ରୀଙ୍କ ଭକ୍ତିକି ପରୀକ୍ଷା କରିବାକୁ ମନସ୍ଥ କଲେ । ଭୋଜନଭାଜନ ସାରି ସାମନ୍ତ ଆପଣା ଜମିଦାରି ବାଲିଆକୁ ଗଲେ । ସଙ୍ଗରେ ଗୋଟିଏ ପୁରାତନ ବାଗଳ ଚାକରକୁ ନେଲେ । ବାଲିଆ ଓ ସାମନ୍ତଙ୍କ ନିଜ ଗ୍ରାମ ମଧ୍ୟରାସ୍ତାରେ ଗୋଟିଏ ଜଙ୍ଗଲ ପଡ଼େ । ସାମନ୍ତଙ୍କର ଅଣ୍ଟାରେ ସର୍ବଦା ଗୋଟିଏ କଟାରି ଥାଏ । ହାତହତିଆରର ବ୍ୟବହାର ଜାଣିବା କ୍ଷତ୍ରିୟଙ୍କର କୌଳିକ ଧର୍ମ । କ୍ଷତ୍ରିୟମାନେ ପାରିଧି କରିବାକୁ ମଧ୍ୟ ଭଲ ପାଉଥିଲେ । ସୁତରାଂ ସାମନ୍ତସିଂହାର ଆପଣାର କୌଳିକ ଧର୍ମରେ ଅପଟୁ ନଥିଲେ ।

ବାଲିଆରୁ ଫେରିଆସିବାବେଳେ ଆପଣା ହାତର ମୁଦି ଓ ଅଣ୍ଟାରୁ କଟାରି କାଢ଼ି ଭଣ୍ଡାରି ହାତରେ ଦେଇ କହିଲେ, "ତୁ ଯା, କାନ୍ଦି କାନ୍ଦି କରି ଯିବୁ, ସାନ୍ତାଣୀଙ୍କି କହିବୁ, 'ସାନ୍ତଙ୍କୁ ବାଘ ଖାଇଗଲା' ।" ଭଣ୍ଡାରି ପ୍ରଥମେ ଅସମ୍ମତ ହେଲା; କିନ୍ତୁ କଣ କରିବ । ଚାକିରି କରିଛି, ସାନ୍ତଙ୍କ ଆଜ୍ଞା ପାଳନ ନ କରୁଛି କପରି ? ସୁତରାଂ ସାମନ୍ତଙ୍କ ଆଜ୍ଞାକୁ ଅବଜ୍ଞା କରି

ନ ପାର ଅଭିନୟ ପ୍ରଦର୍ଶନ କରିବାକୁ ଗଲା । ଭଣ୍ଡାର ଯାଇ ପହଞ୍ଚିଲାବେଳକୁ ସାମନ୍ତାଣୀ ଖୁଣ୍ଟକୁ ଧରି ଠିଆହୋଇ ସାମନ୍ତଙ୍କ ଆଗମନକୁ ପ୍ରତୀକ୍ଷା କରୁଛନ୍ତି । ଭଣ୍ଡାରହାତରେ ମୁଦ ଓ କଣ୍ଠାବ ଏବଂ ଆଖିରେ ଲୁହ ଦେଖି "କି ହେଲା, କି ହେଲା ?" ପଚାରିବାରୁ, ଭଣ୍ଡାର ଅବିକଳ ନାଟକାଭିନୟ କରି ସାମନ୍ତଙ୍କ ମୃତ୍ୟୁବାର୍ତ୍ତା ଜଣାଇଲା । ସାମନ୍ତାଣୀ ସେହିପରି ଖୁଣ୍ଟକୁ ଧରି ଠିଆହୋଇ ଖବର ସତ୍ୟ କି ନା ବୋଲି ତିନଥର ପଚାରିଲେ । ମାତ୍ର ଦୁଷ୍ଟ ଭଣ୍ଡାର ତିନଥରଯାକ ଉତ୍ତର ଦେଲା "ସତ୍ୟ" । 'ବେଶ୍'...ଏତିକି କହି ସାମନ୍ତାଣୀ ଠିଆ ହୋଇଛନ୍ତି, ଖୁଣ୍ଟର ବଳାକୁ ଧରିଛନ୍ତି, ଅଥଚ ଇତିମଧ୍ୟରେ ଜୀବାତ୍ମା ଶରୀରପଞ୍ଜର ଛାଡ଼ି ଗଲେଣି । ମୁହୂର୍ତ୍ତିକ ପରେ ସାମନ୍ତ ଆସି ପ୍ରବେଶ ହେଲେ । ସ୍ୱାମୀ ଆଗରେ ସ୍ତ୍ରୀ ଠିଆ ହୋଇ ରହିବା କୌଳିକ ପ୍ରଥା ନୁହେ ଏବଂ ସାମନ୍ତ ମଧ୍ୟ ସ୍ତ୍ରୀଙ୍କର ଏପରି ବ୍ୟବହାର କେବେ ଦେଖି ନଥିଲେ । ସୁତରାଂ ସାମନ୍ତ ଯେତେ ଅଗ୍ରସର ହେଉଥାନ୍ତି ତାଙ୍କର କୌତୂହଳ ସେତେ ବଢ଼ୁଥାଏ । କ୍ରମେ ମନେ କରୁଥାନ୍ତି, "କି ଆଶ୍ଚର୍ଯ୍ୟ, ଏ ମତେ ଦେଖି ଘୁଞ୍ଚିଯାଉ ନାହାନ୍ତି, କାଠପରି ଠିଆ ହୋଇଛନ୍ତି କାହିଁକି ? ମୋ ଉପରେ ବିଶେଷ କ୍ରୁଦ୍ଧ ହୋଇ କଣ ମାନମର୍ଯ୍ୟାଦା ଭୁଲିଗଲେ !" ଅବଶେଷରେ ଅତି ନିକଟବର୍ତ୍ତୀ ହୋଇ ସାମନ୍ତ ସ୍ତ୍ରୀଙ୍କ ହାତକୁ ଖୁଣ୍ଟରୁ ଓଟାରି ଦିଅନ୍ତି ତ, ଦେଖିଲେ ଯେ ସ୍ତ୍ରୀଙ୍କର ଜୀବନ ନାହିଁ; ସ୍ତ୍ରୀ ତଳେ ପଡ଼ିଗଲେ । ପାଠକେ ସାମନ୍ତଙ୍କ ମନର ଅବସ୍ଥା ଏତେବେଳେ କିପରି ହୋଇଥିବ, ସହଜରେ ବୁଝିନେବେ । ଜ୍ଞାନକୃତ ସ୍ତ୍ରୀହତ୍ୟା କି ମହାପାପ ! ଆପଣା କପଟତା ଦ୍ୱାରା ଯେ ସେ ସ୍ତ୍ରୀଙ୍କୁ ହରାଇ ବସିଲେ, ଏ ଅନୁତାପ ସାମନ୍ତଙ୍କ ମନକୁ ବିଦଗ୍ଧ କରିବାକୁ ଲାଗିଲା । ହେବାର ତ କଥା ! ସାମନ୍ତ ଆତ୍ମହତ୍ୟା କରିବାକୁ ସଂକଳ୍ପ କଲେ । ମାତ୍ର ପରେ ମନେ ହେଲା ଆତ୍ମହତ୍ୟା ମହାପାପ; ସୁତରାଂ ସେ ସଂକଳ୍ପ ତ୍ୟାଗ କଲେ । ଅଳ୍ପ ଦିନ ପରେ ସାମନ୍ତସିଂହାର ସାଂସାରିକ ବିଷୟର ଭାର ଆପଣା ପୁତ୍ର ଉପରେ ଅର୍ପଣ କରି ଗୃହତ୍ୟାଗ କଲେ ଏବଂ ସର୍ବଦା "ରାଧା" ଭାବରେ ଉନ୍ମତ୍ତ ହେଲେ । ପରେ ରାଧାକୃଷ୍ଣପ୍ରେମରେ ପ୍ରେମିକ ହୋଇ "ବିଦଗ୍ଧ-ଚିନ୍ତାମଣି" ଗ୍ରନ୍ଥ ପ୍ରଣୟନ କଲେ ।

"ଦୀନ ଅଭିମନ୍ୟୁ ଜୀବ, ରାଧାଭାବ ଭାବ ବାହାରିଯିବ ଗୋ
ସତେ ଏ ଭାଗ୍ୟ କି ଦେଖାଯିବ ।"

"ଇନ୍ଦ୍ରଜିତସୁତ ଏ ଗୁଣ ଭାବଇ ରାଧା ଧ୍ୟାନକରି ଯା ଯା ବାହାର ଭାବ ଶ୍ରୀରାଧାଭାବ ।
ହା ହା କହି ସ ମନ୍ତସିଂହାର ଜୀବ ।"

"ରାଧାଭାବ ମନୁ ଦୀନ ଅଭିମନ୍ୟୁ ନ ତେଜ ନିଶିବାସରେ" ଇତ୍ୟାଦି ଉକ୍ତି କିମ୍ବଦନ୍ତୀରୁ ପ୍ରକାଶିତ ଅଭିମନ୍ୟୁଙ୍କ ମାନସିକ ଅବସ୍ଥା ସହିତ ବିଶେଷ ଖାପ ଖାଇଲାପରି ଜଣାଯାଏ । ମୃତ୍ୟୁଞ୍ଜୟ ପଣ୍ଡିତେ ଯେଉଁ "ଚନ୍ଦବାଜ" କିମ୍ବଦନ୍ତୀ ଲେଖିଛନ୍ତି, ସେ କଥାର ସତ୍ୟତା କେତେ ଦୂର କହିପାରୁନାହୁଁ; ମାତ୍ର ପକ୍ଷୀପଶୁ ଶିକାରଭ୍ୟସ୍ତ କ୍ଷତ୍ରିୟର ମନ ସହସା ଏ ଘଟନାଦ୍ୱାରା ଏତେ ଦୂର ବିଚଳିତ ହେବା ଅନୁମାନଟା ସହଜ ହେଉ ନାହିଁ ।

"ବିଦଗ୍ଧଚନ୍ତାମଣି" ଉତ୍କଳଭାଷାର ଗୋଟିଏ ଅମୂଲ୍ୟ ରତ୍ନ । ଉତ୍କଳଭାଷା ଅଭିମନ୍ୟୁଙ୍କ ହସ୍ତରେ କେତେ ଦୂର ଉନ୍ନତାବସ୍ଥା ପ୍ରାପ୍ତ ହୋଇଥିଲା, 'ବିଦଗ୍ଧଚନ୍ତାମଣି' ତହିଁର ଜ୍ୱଳନ୍ତ ଉଦାହରଣ ।

କବିଙ୍କର "ସୁଲକ୍ଷଣା" ବୋଲି ଆଉ ଖଣ୍ଡିଏ କାବ୍ୟ ଅଛି । 'ପ୍ରୀତି-ଚନ୍ତାମଣି' କବିଙ୍କର ଅନ୍ୟତମ କାବ୍ୟ । କବି ୧୭୫୭ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ ।

ବିଦଗ୍ଧଚନ୍ତାମଣି—ଏଥିରୁ କେତେ ଗୋଟି ପଦ ଦୃଷ୍ଟାନ୍ତ ସ୍ୱରୂପ ଦିଆଗଲା ।

"ଘଟେ ଜଳ ଥିଲେ ଚନ୍ଦ୍ରମା ଦିଶେ, ଥିଲେହେଁ ନ ଦିଶଇ ଜଳ ଶେଷେ,
ଘଟ ଜଳ ଚନ୍ଦ୍ର ସମସ୍ତ ଥିବ, ଘନ ଆଚ୍ଛନ୍ନ କଲେ କି ଦିଶିବ,
ଏ ଜାତି ପୀରତି, ଛାୟାବିମ୍ବ ପ୍ରତିବିମ୍ବ ବୋଲନ୍ତି । ୨୨ ।

ବୀଜରୁ ବୃକ୍ଷ ଯେ ବୃକ୍ଷରୁ ବୀଜ, ଏହି ପ୍ରକାରେ ରତି ପ୍ରୀତି ହେଜ,
ଏ ଦୁହେଁ କେବଳ ନିମିତ୍ତ ସାକ୍ଷୀ, ଫଳରେ ସ୍ୱାଦୁ ଯେଉଁପରି ଲକ୍ଷି,
ଜାତ ଯେତେ ଭାବ, ସେହି ପ୍ରୀତିସ୍ୱାଦ ଆନନ୍ଦାନୁଭବ । ୨୩ ।

ପ୍ରେମବଳେ ପ୍ରେମୀ ସଦା ଆଯୁତ୍ତ, ମାଦକୀ ଯେମନ୍ତ ମାଦକେ ମତ୍ତ,
ପ୍ରେତାବେଶୀ ଚେଷ୍ଟା ପ୍ରେତର କରେ, ପ୍ରେମୀ କର୍ମ କରେ ପ୍ରେମାଧୀନରେ,
ନିନ୍ଦା ସ୍ତୁତି ଦୁଇ, ସୁସାଧୁ ସମାନେ ସମ ମଣଇ । ୫୧ ।

ଶାସ୍ତ୍ର ପଢ଼ିଥିଲ ଥିଲୁ ଜାଣି, କୋଟି ସୃଷ୍ଟି ସ୍ରଷ୍ଟୁ ବେଣୁପାଣି,
ଘୋଟିଛି ଅନନ୍ତ କୋଟି ବ୍ରହ୍ମାଣ୍ଡରେ ଯା'ର ଅଶେଷ ମହିମା ପୁଣି ଗୋ ।
ବେନି ପକ୍ଷୀ
କଲି କଲେ ମୋତେ କରି ସାକ୍ଷୀ । ୭ ।

ଈଶ୍ୱର ଆନନ୍ଦଦାୟକ ପ୍ରୀତି, ଖ୍ୟାତ ସାକ୍ଷାତ ଆହ୍ଲାଦିନୀ ମୂର୍ତ୍ତି,
ସନ୍ଧିନୀ ସମ୍ବିଦ୍ନୀ ବ୍ୟାପ୍ତ ସ୍ଥିତି, କାର୍ଯ୍ୟ କାରଣ ମୂଳ ହେତୁ ବୃତ୍ତି ।
ପ୍ରଣୟୀ ହୃଦରେ,
ସମ୍ବନ୍ଧ ବଳେ ନାନା ମୂର୍ତ୍ତି ଧରେ । ୨ ।

କବିଙ୍କ ବାଘ ଗୀତ ଓ ଚଢ଼େଇ ଗୀତରୁ କେତେଗୋଟି ପଦ ଏଠାରେ ଦିଆଗଲା ।

"ସୀମାନ୍ତ ବୀରଭୂମିରୁ ଧରିବ ଉତ୍ତମ ଲକ୍ଷଣ ଚହ୍ନି ରଖିବ
ପୁଅ ପରି କରି ପ୍ରତିପାଳିବ ଭସ୍ମ ପରସ ତା ଦେହରୁ ଯିବ
ଡେଡେବେଲେ ଯାଇ
ସଧାଇବ ହଶୁ ଭେକ ରଖାଇ ।

କର୍ଣ୍ଣ ମାତ୍ର ଆକୃତ ହୋଇବ      ମୋଡପତ୍ର ପକ୍ଷି ବର୍ଣ୍ଣକୁ ଥିବ
କାଢ଼ ଗୋଡ଼ ପେଟ୍ ମୁଣ୍ଡିଆ କାଠ      ଡେଣା ମୂଳେ ପକ୍ଷୀ ପତ୍ରକ ପନ୍ତ
ଦେଖ ଏ ଚଢ଼ାଇ,
ଯହିଁ ଇଚ୍ଛା ତହିଁ ଦଅ ଲଢ଼ାଇ ।

ଲମ୍ବ ଲାଙ୍ଗୁଡ଼ିଆ ଉଙ୍ଗପାଟିଆ      ବଡାସି ଗୋଡ଼ିଆ ସରୁ ଅଣ୍ଟିଆ
ଲାଞ୍ଜ ବହଳିଆ ଡେଣା ପାଙ୍କୁଆ      ଭଣ୍ଡି ପାତଳିଆ କଳାବେକିଆ
ଏମନ୍ତ ଚଢ଼ାଇ,
ପୋଷିଥିଲେ ଘୁଣ୍ଡେ ଦିଅ ଉଡ଼ାଇ ।

ଇନ୍ଦ୍ରଜିତ ସାମନ୍ତ ନାମ ସତ      ବାଘ ଛୁର ତାଙ୍କୁ କେତେକ ମାତ
ଯାହାଙ୍କ ଧନୁ ପେଟେ ଲୁହାପାତ      ଗଜ କଣ୍ଟୁଡ଼ି ଥିଲେ ଧର ଦନ୍ତ
ଏତେ ବଳବନ୍ତ,
ବହନ୍ତ ଦୁଇଣ ପଳିଆ କୁନ୍ତ ।

ରସବତୀ—ଏ କାବ୍ୟଖଣ୍ଡି ସାମନ୍ତସିଂହାରଙ୍କ ଲେଖା । ଲାବଣ୍ୟବତୀ ଅନୁକରଣରେ "ରସବତୀ" କାବ୍ୟ ଲେଖା ହୋଇଛି । ଲାବଣ୍ୟବତୀର ଘଟଣାବଳୀ ଯେପରି, ରସବତୀର ଘଟଣାବଳୀ ଠିକ୍ ତଦ୍ରୂପ । କାବ୍ୟଟି ଶୃଙ୍ଗାରରସାତ୍ମକ ଲେଖା ଏବଂ ୩୨ ଛାନ୍ଦରେ ସମ୍ପୂର୍ଣ୍ଣ । ଅଙ୍ଗଦେଶ ରାଜା କୀର୍ତ୍ତିବନ୍ତ, କୀର୍ତ୍ତିବନ୍ତଙ୍କ ସ୍ତ୍ରୀଙ୍କ ନାମ ଦ୍ୱିଜରମା ଏବଂ ତାଙ୍କ ଦୁହିତା ରସବତୀ । ରସବତୀର ସ୍ୱୟମ୍ବର ବିଷୟ ଏ କାବ୍ୟରେ ବର୍ଣ୍ଣିତ ଅଛି । ଏ କାବ୍ୟରେ ଋତୁବର୍ଣ୍ଣନା ଅଛି ।

ବର୍ଷାଋତୁ—"ଇନ୍ଦ୍ରଧନୁ ଶୋଣା ସନ୍ଧିକଟରେ      ଚଞ୍ଚଳା ନାଟ କରେ ଚନ୍ଦ୍ରଟରେ
ଝଞ୍ଜା ପବନେ ପଲ୍ଲବ ଚଳନ,      କରୁଅଛି କା ଅଙ୍ଗ ବିକ୍ଷେପଣ
ଷଡ଼ଜ ସ୍ୱରରେ ।
କେକା କେକୀ ରାବ କଲେ ମୁଦରେ ।

ଶରତ୍—
ଶରଦତରେ ନୀରଦ ବିଶଦ ପ୍ରଭା
ଜଳ ଜଳଜ ନଭ ନିର୍ମଳ ଆଭା ଯେ ।
ମୁକ୍ତ କାଶ କୁସୁମ ବିକାଶ ହେଲେ
ପଦ୍ମ ଆବଳୀ ଲେଖି ତରୁ ବହିଲେ ଯେ । ୧ ।

ଜିତେନ୍ଦ୍ର ପନ୍ଥ ହେଲେ ଅତି ସମତ
ପୁରେ ପୁରେ କୁମାରୀ ଗୀତ ବହୁତ ଯେ ।
କେଦାର ପକ୍ୱ ଦେଖି ଆନନ୍ଦ ଚିତ୍ତ
ପଦେ ତୋଷିଲେ ଦେବୀ ଅବନୀଶ୍ୱର ଯେ । ୨ ।

ହିମ— ହେଲା ହିମ ଋତୁ ମହା ମନୋରମ ଜାତ କଲା ବହୁପର,
ପର୍ଣ୍ଣୀମାନେ ଅଗ୍ରଣୀ ହେଲେ ପୂର୍ଣ୍ଣ ଶସ୍ୟ ଲଭ ପାଇ କର ।
ଘନ କ୍ଷୀଣରୁ ଘନ କ୍ଷୀଣ ହୋଇଲେ ଶୀତ ଋତୁ ଆଗମରେ,
ତେଜିଲେ ଉତ୍ତର ଗମନ ଭଜିଲେ ହଂସଗଣ ଦକ୍ଷିଣରେ ।

ବସନ୍ତ— ଏ ଅନ୍ତେ ଚରିତ ଶୁଣ ହେ ଧୀମନ୍ତ ବସନ୍ତ ଋତୁ ହେଲା ଆସି ।
ଜନ ମାନସ ମହାସୁଖ ରାଶି ।
ଦକ୍ଷିଣ ଅନିଳ ପଲ୍ଲବାଇ ଦେଲା ବିଟପିମାନଙ୍କୁ ରସି ହେ । ସୁଜନେ ।
ନିଜ ଯୁବତୀ ନବ ପୁଷ୍ପବତୀ ହେଲା ଶୁଣି ଯେମନ୍ତ କାନ୍ତ ମତ ।
ଆଶା ଆତୁର ଯେପରି ଘନୁଘନ କଢ଼ାଇଲେ ଭୃଙ୍ଗପନ୍ତ ହେ । ସୁଜନେ ।

ଜମ୍ବୁଦ୍ୱୀପ ଭରତ ଖଣ୍ଡରେ । ଉତ୍କଳ ଦେଶର ମଧ୍ୟରେ ॥
ଶ୍ରୀ ଯାଜନଗ୍ର ସନ୍ନିକଟେ । ଏହାର ବ୍ରାହ୍ମଣୀନଦୀ ତଟେ ॥
କ୍ଷତ୍ରିୟବଂଶ କୀର୍ତ୍ତିକର । ଇନ୍ଦ୍ରଜିତ ସାମନ୍ତବର ॥
ମୁଁ ଜ୍ୟେଷ୍ଠ କୁମର ତାଙ୍କର । ପ୍ରତିଷ୍ଠା ସାମନ୍ତସିଂହାର ॥
ମୋ ନାମ ଦୀନ ଅଭିମନ୍ୟୁ । ମୋ ପ୍ରାଣପତି ନନ୍ଦସୂନୁ ॥
ଶ୍ରୀ ବୀରକେଶରୀ ନୃପତି । ନବ ଷଷ୍ଠି ଅଙ୍କେ ସମାପ୍ତି ॥

କବି ସୂର୍ଯ୍ୟାସ୍ତ ସମ୍ବନ୍ଧେ କିପରି ବର୍ଣ୍ଣନା କରିଛନ୍ତି ଦେଖନ୍ତୁ—

କହୁ କହୁ ଅସ୍ତାଚଳ ଭଜିଲେ । ରଙ୍ଗ ଛବିକି ବେଗେ ପ୍ରକାଶିଲେ ॥
ଗୋପ କି ରଙ୍ଗ ଛତକି ଟେକାଇ । ବୋଲେ ନ ରଖିବି ଗୋପ ବଢ଼ାଇ ॥
କି ଅବା ସନ୍ଧ୍ୟା-ବନ୍ଧୁର ଲଲାଟେ । ସିନ୍ଦୂର ବିନ୍ଦୁ ଅଛି ଭାଲପଟେ ॥
ପଦ୍ମିନୀଙ୍କୁ ଆଶ ଦେଖାଇ କି ସେ । ତନୁରେ ଅନୁରାଗକୁ ପ୍ରକାଶେ ॥
କି ଦିଗ-ତରୁରେ ପାଚିଛି ଫଳ । ତମ ଏବେ ନ କରୁଛି କବଳ ॥
କି ଅବା ନିଶାବଳୀ ପତଙ୍ଗ । ହେବାରୁ ଅଙ୍ଗେ ବ୍ୟକ୍ତ ରକ୍ତ ଅଙ୍ଗ ॥

କବିଙ୍କର 'ପ୍ରେମଚନ୍ଦ୍ରାମଣି' ଓ 'ସୁଲକ୍ଷଣା' ପ୍ରଭୃତି ଆଉ କେତେଖଣ୍ଡି ଗ୍ରନ୍ଥ ଅଛି ।

କବିଙ୍କ ଭାଷା ସରଳ ଓ ସୁମଧୁର ଏବଂ ସୁନ୍ଦର ଭାବଗର୍ଭିତ । କବିଙ୍କ "ବିଦଗ୍ଧ-ଚନ୍ଦ୍ରାମଣି" ସର୍ବାପେକ୍ଷା ଉତ୍କୃଷ୍ଟ । "ବିଦଗ୍ଧଚନ୍ଦ୍ରାମଣି" ଭକ୍ତିରସାମୃତରେ ପରିପୂର୍ଣ୍ଣ । ବିଦଗ୍ଧଚନ୍ଦ୍ରାମଣି ପାଠକଲେ ଭକ୍ତହୃଦୟ ବିଗଳିତ ହୁଏ ଏବଂ ଆନନ୍ଦାଶ୍ରୁ ବିନିର୍ଗତ ହୁଏ । ଗୋଟିଏ ଗୋଟିଏ ଛାନ୍ଦ ଗୋଟିଏ ଗୋଟିଏ ଅମୂଲ୍ୟ ରତ୍ନ ସ୍ୱରୂପ । କବି ସ୍ଥାନେ ସ୍ଥାନେ ଛାନ୍ଦର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି; ମାତ୍ର ବର୍ଣ୍ଣନଗୁଡ଼ିକରେ କିଛି ମାତ୍ର ଅତିଶୟୋକ୍ତି ନାହିଁ । ଏକ ସ୍ଥାନରେ କବି କହିଛନ୍ତି—

ଧୀର ଚନ୍ଦ୍ର ହୃଦ ପଦ୍ମ ମିହିର ରସିକ ରସ ରତନ ଭଣ୍ଡାର
ଗ୍ରାହକ ପ୍ରେମ ବଣିଜ ପସରା କାମୀ କାମଦା ଚନ୍ତାମଣି ପରା
ଏ ଗ୍ରନ୍ଥ ଗାରମା
ପ୍ରୀତି ଆନନ୍ଦ ସିନ୍ଧୁକୁ ଚନ୍ଦ୍ରମା ।

ଏ ପଦ୍ୟର ପ୍ରତ୍ୟେକ ଶବ୍ଦର ଅର୍ଥ ଅଛି; ମାତ୍ର ଅର୍ଥ ଗ୍ରନ୍ଥରେ ସାର୍ଥକତା ଲାଭ କରିଛି । ବଙ୍ଗଭାଷାରେ ଅନେକ ଭକ୍ତିଗ୍ରନ୍ଥ ଅଛି; ମାତ୍ର ବିଦଗ୍ଧଚନ୍ତାମଣି କାଟରେ ପଦ୍ୟ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ ।

କବି ଗୋପାଳକୃଷ୍ଣ ପଟ୍ଟନାୟକ—ଏ କବି ଶାଳିବାହନ ଅବ୍ଦ ୧୬୭୭ ରେ ଅଷାଢ଼ ମାସ ଶୁକ୍ଳ ପ୍ରତିପଦ ଦିବସରେ ଜନ୍ମଗ୍ରହଣ କରି ୧୭୨୮ ଅବ୍ଦରେ ମାନବଲୀଳା ସମ୍ବରଣ କରିଥିଲେ । ଗୋପାଳଙ୍କ ଜନ୍ମସ୍ଥାନ ପାରଳାଖିମୁଣ୍ଡି; ମାତ୍ର ଏହାଙ୍କ ପୂର୍ବପୁରୁଷଙ୍କ ଆଦି ଘର ଯାଜପୁର । କବି ୧୬୯୫ ଅବ୍ଦରେ ଖଡ଼ିପାଠ ଶେଷକରି ବ୍ୟାକରଣ ଅଭିଧାନ ପଢ଼ା ଆରମ୍ଭ କଲେ ଏବଂ ସେ ପାଠ ୧୭୨୬ ଅବ୍ଦରେ ଶେଷ ହେଲା ।

ଗୋପାଳକୃଷ୍ଣ ଜଣେ ପ୍ରଧାନ ବୈଷ୍ଣବ ଓ ଭକ୍ତ ଥିଲେ । କବି ରାଜାଙ୍କଦ୍ୱାରା ବିତାଡ଼ିତ ହୋଇ ବ୍ରହ୍ମପୁରଠାରେ ବାସକରିଥିଲେ । ପରେ ପୁଣି କବିଙ୍କ ଗୁଣ ବୁଝିପାରି ରାଜା ତାଙ୍କୁ ନେଇଗଲେ । କବିଙ୍କ ପିତାଙ୍କ ନାମ ବନବାସୀ ଏବଂ ମାତାଙ୍କ ନାମ ଲଳିତାଦେବୀ ଥିଲା ।

କବି ବଡ଼ କାବ୍ୟ ପୁସ୍ତକ ଲେଖିନାହାନ୍ତି ସତ, ମାତ୍ର ସେ ଅନେକ ଓଡ଼ିଆ ସଙ୍ଗୀତ ରଚନା କରି ଯାଇଛନ୍ତି । ଏହାଙ୍କ ସଙ୍ଗୀତମାନ ଭକ୍ତିପୂର୍ଣ୍ଣ, ସୁଲଳିତ, ଭାବଗର୍ଭକ ଓ ସରଳ । କେତେଗୋଟି ପଦ ଉଦାହରଣ ସ୍ୱରୂପ ଦିଆଗଲା ।

ନଖରୁ ଶିଖ ପର୍ଯ୍ୟନ୍ତେ । ଆଲୀ ସାଜିଲେ ବେଶ ଭୂରିତେ ॥
ଗୋପାଳକୃଷ୍ଣ ପୂରିତେ । ଯେଉଁନଗଲା ଲାଗି ବର୍ଣ୍ଣ ମିରେ ॥
ଗୋପାଳକୃଷ୍ଣ ଭଣେ । ତୋର ଗୁଣ ସ୍ମରଣେ ॥
ମାନସେ ଅନୁକ୍ଷଣ ସ୍ମରୁଛି ରେ ।

ପାଣି କୋରକକୃତ କରି ସେ ହରିସେବକୀ ବୋଲୁ ମୁହିଁ ।
ଜାଣି ସେବକ ବୋଲି ସେବନାନ୍ତରେ ଗୋପାଳକୃଷ୍ଣ କହଇ ॥

କୂଟ କପଟ ନଟ, ଆଭୀରପଲ୍ଲୀ-ବଟ,
ବଞ୍ଚିଆଇ ମୋ ଆଗେ ଗୃଷ୍ଟୁ କହନା ।
ଗୋପାଳକୃଷ୍ଣ ସେ କାଳେ ଧୀରେ ଭାଷେ,
ହେଟି ବସିଛନ୍ତି ପୁଷ୍ପବାଟିରେ ।

ଗୋପାଳକୃଷ୍ଣ ଭଣିତ ଜାଣି ସଙ୍ଗିନୀ,
ଇଙ୍ଗିତ କଲା ଦୋଷ ଭେଦଉଛୁ ମରମକୁ ଗୋ ।
ମନେ ପଡ଼ୁଛୁ ଯେ ଯେଉଁ ଚନ୍ଦ୍ରମୁଖ !
ପାଶୋଶବା ପାଇଁ କେତେ ହେଲେହେଁ ବିମୁଖ ।
କୁଟିଳ ଅଳକାବଳୀ, ଗଣ୍ଡମଣ୍ଡଳରେ ଝୁଲି ।
ନାସାପୁଟରେ ଦ୍ୱିରଦ ମୁକୁତା ମୟୂଖ ॥
ମୋହନ ମାଧୁରୀ ଦେଖିବା ନାରୀ, ହୃଦ ଯିବ କି ଆତୁର ସେ । ଧ୍ରୁବ ।
ଦୃଷ୍ଟି ପାତଠାରେ, ଅନୁବରତରେ, ଛବ ଦଶିବ ତାହାର ରେ ।
ପାଶକୁ ଆସିଲା ପରି ଲଗୁଥିଲା, ହସି ହସି ବଂଶୀଧାରୀ ରେ ॥
କୃଷ୍ଣ ବୋଲି କେଣେ ଡାକଲେ ଗୋ ଏଣେ
ଶୁଣିଲେ ପୁରୁ ବାହାର ରେ ।
ଗୁରଜନଙ୍କୁ ଗୁହିଁଲେ— ଆମୋଦରେ
ହୋଇ ଯାଉଥିବ ଘାରି ରେ ।
କେତେ ସନ୍ଧ୍ୟାଙ୍କୁ କେତେ ଦେବତାଙ୍କୁ
ତା ପ୍ରୀତ ପାଇଁ ଜୁହାର ରେ ।
ସବୁ ଚରିତ କରିବ ବୋଲୁଥିବ ପାଇଲେ
କୃଷ୍ଣବିହାରୀ ରେ ।
ପ୍ରିୟ ସଖି, ପିଠିକଲେ କେ କାହାର ଗୋ ॥

ଶାଳିବାହନ ଅବ୍ଦ ୧୭୦୭ ଆଷାଢ଼ ମାସ ୧୧ ଦିନ ଶୁକ୍ଳ ପ୍ରତିପଦ ଦିବସରେ କବି ଗୋପାଳକୃଷ୍ଣ ଜନ୍ମ ହୋଇଥିଲେ । ୧୭୭୮ ସାଲରେ ପରଲୋକ ପ୍ରାପ୍ତ ହେଲେ । ତାହାଙ୍କ ମାତାଙ୍କ ନାମ ଲଳିତାଦେବୀ । ସ୍ତ୍ରୀଙ୍କ ନାମ ସୁଲକ୍ଷଣା । ତାଙ୍କ ସଂସ୍କୃତ ଶିକ୍ଷକଙ୍କ ନାମ ବାଇକୋଳି ମହାପାତ୍ର । ଏହାଙ୍କ ଜନ୍ମସ୍ଥାନ ଗଞ୍ଜାମ ଜିଲାର ପାରଳାଖେମୁଣ୍ଡୀ । ୧୭୨୭ ସାଲରେ ତାଙ୍କର ଅମରକୋଷ ଏବଂ କୁମର ବ୍ୟାକରଣ ପାଠ ଶେଷ ହେଲା । ଏହାଙ୍କ ପୂର୍ବପୁରୁଷଙ୍କର ପ୍ରଥମ ନିବାସ ଯାଜପୁରରେ ଥିଲା । ଏମାନେ ରାଜକାର୍ଯ୍ୟବଶତଃ ପାରଳା ଆସି ସେଠାରେ ବସତି କଲେ । ଗୋପାଳକୃଷ୍ଣ ପାରଳାରୁ ବିତାଡ଼ିତ ହୋଇଥିଲେ । ଗଞ୍ଜାମ ସହର ନିବାସୀ ବନଚାଳ ଚକ୍ରପାଣି ପଟ୍ଟନାୟକଙ୍କ ଆଶ୍ରୟରେ ବିତାଡ଼ିତ ହେବା ପରେ କେତେ ଦିନ ଥିଲେ । ପଟ୍ଟନାୟକ ଗୋପାଳକୃଷ୍ଣଙ୍କ କବିତାଶକ୍ତି ବୁଝିପାରି ତାଙ୍କୁ କବିତା କରିବାକୁ ଅନୁରୋଧ କରିଥିଲେ ଏବଂ ଫଳରେ ଗୋପାଳକୃଷ୍ଣ ୧୦ ବର୍ଷ ଧରି କବିତା ରଚନା କରିଥିଲେ । ତାହାଙ୍କ କବିତା ଅଧିକାଂଶ ରାଧାକୃଷ୍ଣପ୍ରେମାବଲମ୍ବନରେ ରଚିତ । ମାତ୍ର ଭାଷାଦୃଷ୍ଟିରେ ଗୋପାଳକୃଷ୍ଣଙ୍କ କବିତା ବଡ଼ ଉତ୍କୃଷ୍ଟ ଦରର । ପରେ ପାରଳାର ତଦାନୀନ୍ତନ ରାଜା ଗଜପତି ଜଗନ୍ନାଥ ନାରାୟଣ ଦେଓ କବିଙ୍କର ଗୁଣବତ୍ତା ବୁଝିପାରି ତାଙ୍କୁ

ଡକାଇ ନେଇ ଏକଶତ ଟଙ୍କା ବେତନରେ ରାଜକାର୍ଯ୍ୟରେ ମୁକରର କଲେ । ଜଗତସିଂହ ମଖାସା ଗ୍ରାମ କବି ପୁରସ୍କାର ପାଇଥିଲେ । କବିଙ୍କର ସଙ୍ଗୀତରୁ ଗୋଟିଏ ନମୁନାରେ ଉଦାହରଣ ଦେଲୁ ।

"ଗୃହାଁରେ ନିକୁଞ୍ଜରାଜଙ୍କୁ ।
ଜୀବନର ବନ୍ଧୁ ରାଧା ଗୋବିନ୍ଦ ସଜକୁ । ଘୋଷା ।

କେତେ କାଳରୁ ବରଷି, ବାଛି ରଖିଥିଲ ସଖି,
ସଂସାର ସାର ସୁଷମା ସମ୍ପତ୍ତିବ୍ରଜକୁ । ୧ ।

ଗୋପାଳକୃଷ୍ଣ ଅବୋଧ, କବାଟ କଲ ନିରୋଧ,
ଆଳଏ ଯିବା ଉତ୍ତରୁ ବଢ଼ାଇ ଭୁଜକୁ । ୨ ।

କବି ଗୋପାଳକୃଷ୍ଣ ବଂଶାବଳୀ

- ନନ୍ଦକିଶୋର
  - ଭାସ୍କର
    - ବଂଶୀ
      - ବନବାସୀ
        - ଗୋପାଳକୃଷ୍ଣ
          - ଗୌରଚନ୍ଦ୍ର
            - ଗୋପୀନାଥ
              - ରାମକୃଷ୍ଣ
              - ସୂର୍ଯ୍ୟନାରାୟଣ
              - ନୀଳମଣି
            - ବୈଷ୍ଣବ
              - ବନବାସୀ
              - ଗୋବିନ୍ଦ
              - ଚକ୍ରପାଣି
          - କରୁଣାନିଧି
      - ବ୍ରଜବାସୀ

ଦସ୍ୟା ଦାସ—ଏ କବି 'ଅନନ୍ତ ସାଗର ଗୀତା' ନାମକ ଖଣ୍ଡିଏ ପୁସ୍ତକ ରଚନା କରିଛନ୍ତି । ପୁସ୍ତକର ଓ କବିଙ୍କର ସଂକ୍ଷିପ୍ତ ପରିଚୟ ନିମ୍ନରେ ଦିଆଗଲା ।

"କହଇ ହୀନ ଦସ୍ୟା ଦାସ । ସନ୍ଥ ଚରଣେ କରି ଆଶ ॥
ଏ ଗୀତା ଅନନ୍ତ ସାଗର । ଭବସିନ୍ଧୁକୁ ସେତୁ ସାର ॥
ଜ୍ଞାନୀଙ୍କ ଜ୍ଞାନଚକ୍ଷୁ ଏହି । ଏ ଶାସ୍ତ୍ର ପଢ଼ି ଜ୍ଞାନ ପାଇ ॥
କୋଦଣ୍ଡା ବାଲଗି ବନ୍ଧରେ । ଦୁଇ ପରଗଣା ଭେଦରେ ॥
ଏଥିରେ ମୋହର ନିବାସ । ପରମହଂସ ପଞ୍ଚ କୋଶ ॥
ଏ ସ୍ଥାନ ପରମ ପବିତ୍ର । ଗୁପତେ ଅଛି ଗଦାକ୍ଷେତ୍ର ॥
ଏହି ହେତୁରୁ ଆଜ୍ଞା ହେଲା । ପୁରୁଷ କର୍ଣ୍ଣରେ ଶୁଣିଲା ॥
ତେଣୁ ମୁଁ ଲେଖିଲି ଏ ଗୀତା । ଅନନ୍ତ ସାଗର ପବିତ୍ରା ॥
ବାର ଚତୁଃଷଷ୍ଟି ଅଙ୍କରେ । ଜଗନ୍ନାଥ ଘୋଷ ଯାତ୍ରାରେ ॥
ଏ ଗୀତା ହୋଇଲା ସମ୍ପୂର୍ଣ୍ଣ । ସୁଜନେ ମୋ ଦୋଷ ନ ଘେନ ॥
ଶାଖା ମୋ ଅଭୟ ଅନନ୍ତ । ଯା ନାମେ ଭବଭୟ ହତ ॥

ଏଥିରୁ ଜଣାଯାଏ, ଏ କବି ପଞ୍ଚଶାଖା ଅନନ୍ତଙ୍କ ଶିଷ୍ୟ ଥିଲେ ।

ନିରାକାର ଦାସ—ଏ କବି 'ଜୁମର ସଂହିତା' ନାମକ ପୁସ୍ତକ ଲେଖିଛନ୍ତି । ଏଥିରେ ଅଚ୍ୟୁତ ଓ ନିରାକାରଙ୍କ କଥୋପକଥନ ଭାଗବତ ବୃତ୍ତରେ ଲେଖାଅଛି ।

ଓଁକାର ପଦଟି ଜୁମର । ଇକାର ପଦଟି ଅମର ॥
ଓଁକାର ଡାହାଣ ପଦହିଁ । ଇକାର ବାମ ପଦ କହି ॥

କେତେକ ଅଂଶ ଚଉଦ ଅକ୍ଷର ବୃତ୍ତରେ ଲେଖା ଅଛି—

ଅଷ୍ଟକୀଳା ଲଗିଛି ଏ ଦେହ ରହିଅଛି
ବୋଲେ ନିରାକାର ଏହା କହିଦେଲୁ ବାଛି ।

ଦୁଇ ଆଣ୍ଠୁରେ ଦୁଇ କୀଳା, ମଳଦ୍ୱାରରେ ଏକ କୀଳା, ନାଭିରେ ଏକ, କଣ୍ଠରେ ଏକ, ଲଲାଟ ଉପରେ ଦୁଇ, ନାସିକାରେ ଏକ ବ୍ରହ୍ମକୀଳା ।

କର୍ଣ୍ଣିକୁ ନାଦମୁଣ୍ଡା କହି । ଶବ୍ଦଟି ତହୁଁ ବାହାରଇ ॥
ସେହିଟି ବ୍ରହ୍ମରନ୍ଧ୍ର ସ୍ଥାନ । ଅଚ୍ୟୁତ ତହିଁ ଦିଅ ମନ ॥

ଏହି ମନ ଗୋଟିକ ଯେ ସ୍ୱର୍ଗ ନର୍କ ହୋଇ ।
ଏହି ମନ ଗୋଟି ସିନା ବୈଷ୍ଣବ ବୋଲାଇ ॥

ଯେତେବେଳେ ଏ ଜୀବ ଅଶକତ ହୋଇ ।
ନିଦ୍ରା ଗଲାବେଳେ ଆଶକତେ ପଡ଼େ ଶୋଇ ॥

ତେତେବେଳେ ଜୀବ ବ୍ରହ୍ମଜାଲାକୁ ଡଇଁଇ ।
ସେହିଠାରେ ଚକମାନ ଅଟକି ରହଇ ॥
ତେଲ ନେଇ ଚକକୁ ମୋଡ଼ଇ ଯେତେବେଳେ ।
ଘଡ଼ଘଡ଼ ଶବଦ କରଇ ତେତେବେଳେ ॥
ତାହାର ନାମଟି ନାଥ ଘୁଙ୍ଗୁଡ଼ି ଅଟଇ ।
ଯେତେ ଡାକୁଥିଲେ ନାଥ କେବେ ନ ଶୁଣଇ ॥
ମଜଡ଼ା ସରିଲେ ଜୀବ ହୁଙ୍କାର କରଇ ।
ଏକଇ ଠାବରେ ରଥ ଚଳେ ବେଗ ହୋଇ ॥

କବି ଏ ଶରୀରକୁ ଗୋଟିଏ ରଥ ସହିତ ତୁଳନା କରିଛନ୍ତି । ସୁତରାଂ ଏପରି ଉପମା ଦିଆଯାଇଅଛି ।

ଭୀମା ଧୀବର—ଏ ଜାତିରେ କୈବର୍ତ୍ତ ଥିଲେ । ମାତ୍ର ସରସ୍ୱତୀ ଜାତି-ବିଚାର କରନ୍ତି ନାହିଁ । ଯେ ତାଙ୍କୁ ଆରାଧନା କଲା ସେ ତାର ବଶୀଭୂତା ହୁଅନ୍ତି । ଉତ୍କଳରେ ଅନେକ ନୀଚଶ୍ରେଣୀସ୍ଥ ଲୋକ କବିତା କରିପାରୁଥିଲେ । ଏହାର ଦୃଷ୍ଟାନ୍ତ ବିରଳ ନୁହେ । ଯେଉଁ ଦେଶର ନିମ୍ନଶ୍ରେଣୀସ୍ଥ ଲୋକେ କବିତା କରିପାରୁଥିଲେ ସେ ଦେଶରେ ବିଦ୍ୟାଚର୍ଚ୍ଚା କିପରିଭାବରେ ପ୍ରସ୍ତୃତ ହୋଇଥିଲା ତାହା ସହଜରେ ଅନୁମେୟ । ଏ କବି ନାନା ବୃତ୍ତ ଓ ରାଗ ସମନ୍ୱିତ 'କପଟପାଶା' ନାମକ ଗ୍ରନ୍ଥ ପ୍ରଣୟନ କରିଥିଲେ । ମହାଭାରତାନ୍ତର୍ଗତ ଯୁଧିଷ୍ଠିରଙ୍କ ସହିତ ଦୁର୍ଯ୍ୟୋଧନଙ୍କ କପଟ ପଶା ଖେଳ ଏ ପୁସ୍ତକର ବର୍ଣ୍ଣିତ ବିଷୟ । ଗ୍ରନ୍ଥର ଭାଷା ସରଳ ଓ ପ୍ରାଞ୍ଜଳ ।

ଦୁଃଶାସନ ବୋଲେ ମାତ ପ୍ରଥମେ ଧର୍ମ୍ମଙ୍କ ସୁତ
ହାରିଲେ ସପତ ଘର ଧନ ଭଣ୍ଡାର,
ଦ୍ୱିତୀୟରେ ପିଢ଼ କରି ଦଣ୍ଡ ସିଂହାସନ ହାରି
ତୃତୀୟେ ହାରିଲେ ତୁମ୍ଭ ଭୀମ କୁମର ।
ଚତୁର୍ଥେ ହାରିଲେ ଅର୍ଜ୍ଜୁନ
ପଞ୍ଚମେ ହାରିଲେ ମା ଗୋ ମାଦ୍ରୀନନ୍ଦନ ॥

ଭକ୍ତଦାସ—ଏ କବିଙ୍କ "ମଥୁରାମଙ୍ଗଳ" ସମସ୍ତଙ୍କୁ ଜଣା । ଏ କାବ୍ୟର ଭାଷା ଅତି ସରଳ, ସୁଲଳିତ ଓ ସୁବୋଧ୍ୟ । ଆଗେ ଚାଟଶାଳୀରେ ଗୋଟିଏ ପ୍ରଧାନ ପାଠ୍ୟପୁସ୍ତକ ଥିଲା । ଶ୍ରୀକୃଷ୍ଣ ଗୋପରୁ ମଥୁରାକୁ ଯିବା ବିଷୟ ଏ ଗ୍ରନ୍ଥରେ ବର୍ଣ୍ଣିତ ଅଛି । ଭାଷା କିପରି ସରଳ ଓ ସୁଲଳିତ ନିମ୍ନଲିଖିତ କେତେଗୋଟି ପଦରୁ ବୁଝିପାରିବେ ।

ତୁମ୍ଭ ପଛେ ପଛେ ଜୀବ ଯିବ । ତାହାପାଇଁ ଏ ପିଣ୍ଡରେ ଥିବ ।
ଯାହା ବାହା ସାହା ପାଇ ବଞ୍ଚିଥିଲୁଁ
ସେହୁ, ଯେବେ କଂସପୁର ଯିବ । ହେ ମୋହନ !

କୃଷ୍ଣଙ୍କ ବେଶକର ସୁଦାମା ମାଳୀ । ଶିରେ ଖଞ୍ଜିଲା ନେଇ କେତକୀ କଳି ।
ଆସେ କି କେଶ ଗନ୍ଧ ରସନା ଗୁଳା । ମୁଖଚନ୍ଦ୍ରଙ୍କ ଅବା କି ଦେବ ଗିଳା ଯେ ।

ଅରକ୍ଷିତ ଦାସ—ଏ କବି ଶୂନ୍ୟସଂହିତା ଜ୍ଞାନ ଟୀକା ଲେଖିଛନ୍ତି । ଏ କବି ଅଚ୍ୟୁତାନନ୍ଦଙ୍କ ସମସାମୟିକ ଅଟନ୍ତି ।

ନିମ୍ନଲିଖିତ କେତେଗୋଟି ପଦ ପୁସ୍ତକରୁ ଉଦ୍ଧାର କରି ଦିଆଗଲା ।

"ତେଜିଣ ଈଶ୍ୱର ବାନରୀ ପଥର ପୂଜି ବୋଲି ବାମଦେବ
ଅଲକ୍ଷ୍ମୀକି ହରପ୍ରିୟା ପ୍ରାୟେ କରି ଘେନିଲେ କି ଦୁଃଖ ଯିବ ।
ଘୋର କଳିଯୁଗ ସାଗର ତରଙ୍ଗ ବୟସ୍ୱା ହୋଇଛୁ ଯହିଁ
ଦୁଷ୍ଟ ଜନମାନେ ବଗୀର ସମାନେ କ୍ରୀଡ଼ା କରୁଛନ୍ତି ତହିଁ ।
କାଳ କଇବର୍ତ୍ତ ଧରଣ ସ୍ୱଜନ୍ତ ବସିଛୁ ଗୁପତ ହୋଇ
ପଡ଼ିଲେ ତା ଦାଉ ମାରନେବ ଆଉ ଉପାୟ ତୁମ୍ଭର ନାହିଁ ।
କୃଷ୍ଣ-ଭକ୍ତିନାବ ଥିଲେ ଭବାର୍ଣ୍ଣବ ଲଙ୍ଘିବା ଅଟେ କଞ୍ଚିତ
ତାକୁ ଦୂରେ ଏଡ଼ି ମୋହଜଳେ ବୁଡ଼ି ଅଜ୍ଞାନେ ହେଉଛ ରତ ।
ସର୍ବ ଜୀବେ ସାର ନର କଳେବର ନର୍କ ନିସ୍ତାରଣ ଗତି
ପାରିଲେ ଗୋବିନ୍ଦ ଚରଣାରବିନ୍ଦଠାରେ ଦିଅ ଜନ ମତି ।

କବି ଅଚ୍ୟୁତାନନ୍ଦଙ୍କ ଶିଷ୍ୟ ଥିଲେ ।

ଦୀନବନ୍ଧୁ ଦାସ—ଏ କବି "ରାଧାକୃଷ୍ଣ ଲୀଳାମୃତ" ନାମକ ଗ୍ରନ୍ଥ ଭାଗବତ ବୃତ୍ତରେ ପ୍ରଣୟନ କରିଛନ୍ତି ।

ଶିରେ ଶୋଭିତ ଶିଖୀଚୂଳ । ବନ-କୁସୁମେ ଶୋଭେ ମାଳ ॥
ପୀତବସନ କଟୀ ମାଝେ । ଆଉ ଗୋଧୂଳି ଅଙ୍ଗେ ସାଜେ ॥
ଉରେ ଲମ୍ବିତ ବନମାଳ । କଙ୍କଣ କିଙ୍କିଣୀର ରୋଳ ॥

ଭୁବନେଶ୍ୱର କବିଚନ୍ଦ୍ର—ଏହାଙ୍କ ପିତାଙ୍କ ନାମ ହରିକୃଷ୍ଣ ପାଠୀ । କବିଙ୍କ ସମୟ ଶାଳିବାହନ ଅବ୍ଦ ୧୭୬୮ ଫାଲ୍‌ଗୁନ କୃଷ୍ଣ ଦଶମୀ ବୁଧବାର ବୃଷ ଲଗ୍ନ ଏବଂ ମୃତ୍ୟୁ ବୟସ ୧୮୧୪ ଶକାବ୍ଦ ଭାଦ୍ର କୃଷ୍ଣ-ସପ୍ତମୀ ରବିବାର । କବିଙ୍କ ଜନ୍ମସ୍ଥାନ ବ୍ରହ୍ମପୁର ଗଞ୍ଜାମ ଜିଲାର ହଞ୍ଜିଲି ଗ୍ରାମ । ଏହାଙ୍କ ପୂର୍ବପୁରୁଷମାନଙ୍କ ଆଦିମ ବାସସ୍ଥାନ ଗଡ଼ଭଗିରଥୀ ଥିଲା । ଦାମୋଦର ମିଶ୍ର ନାମକ ଏହାଙ୍କ ପୂର୍ବ ବଂଶଧର ତଦାନୀନ୍ତନ ଟିଗିରିଆ ରାଜାଙ୍କ ବିରାଗଭାଜନ

ହୋଇ ରାଜ୍ୟରୁ ବିତାଡ଼ିତ ହୋଇଥିଲେ । କବିଙ୍କ ମାତାଙ୍କ ନାମ କୃଷ୍ଣପ୍ରିୟା ଥିଲା । କବିଙ୍କ ପିତା ଜଣେ ଶ୍ରୀକୃଷ୍ଣଭକ୍ତ ଥିଲେ ଏବଂ ମାତା ସାଧ୍ୱୀ ଓ ପତିପରାୟଣା ଥିଲେ । କବି ମଧ୍ୟ ବୈଷ୍ଣବଧର୍ମାବଲମ୍ବୀ ଥିଲେ । କବି ନିମ୍ନଲିଖିତ ପୁସ୍ତକମାନ ରଚନା କରିଥିଲେ ।

୧—ବୈଦେହୀଶବିଳାସ ଅନୁକରଣରେ ସକାର ନିୟମରେ ସୀତେଶ ବିଳାସ ।

୨—ବକାର ନିୟମରେ ୧୨ ଛାନ୍ଦ ବାସୁଦେବ ବିଳାସ ।

୩—ଭଞ୍ଜଙ୍କ ଚିତ୍ରକାବ୍ୟ ବନ୍ଧୋଦୟ ଅନୁକରଣରେ ୮୪ ବନ୍ଧ ବିଶିଷ୍ଟ ୧୨ ଛାନ୍ଦ ପ୍ରବନ୍ଧ ରତ୍ନାକର ।

୪—ଶିବରାମ କଣାଣ, ୫ ଛିଗରତ୍ନ, ୬—ଚୌପଦୀରତ୍ନ, ୭—ଚୌପଦୀମାଳା, ୮—ରହଲ୍ଲୀଳା, ୯—ଦଶପଦୀ, ୧୦—ରାମଚନ୍ଦ୍ର ବିଳାସ, ୧୧—ରାମାୟଣ ଚୂଡ଼ାମଣି, ୧୨—ରାଧାମାଧବ ବିଳାସ, ୧୩—ସଙ୍କୀର୍ତ୍ତନ ପଦ୍ୟ, ୧୪—କୋଳି ବିନୟ ଲୀଳା, ୧୫—ଶ୍ରୀନିବାସ ଦୀପିକା ଅନୁବାଦ, ୧୬—ଜାତକ ପ୍ରକରଣର କଷ୍ଟପାୟାର ଅନୁବାଦ । କାଣ୍ଟୁ ଗ୍ରାମ ନିବାସୀ ଘୁମୁସର ରାଜବଂଶର ବଂଶଧର ଶ୍ରୀ କ୍ଷତ୍ରିୟବର ଦେବ ବାସୁଦେବଶରଣ ଭଞ୍ଜ କବିଙ୍କୁ କୁଣ୍ଡଳ ଓ ପାଟ ଦେଇ କବିଚନ୍ଦ୍ର ଉପାଧିରେ ଭୂଷିତ କରିଥିଲେ ।

"ଯେବେ ଗୁରୁ ଲଗ୍ନକୁ ଚନ୍ଦ୍ରଙ୍କୁ ନ ଦେଖିବେ
ଅଥବା ଚନ୍ଦ୍ର ରବିରେ ଯୁକ୍ତହୋଇ ଥିବେ ଯେ ।
ବୃହସ୍ପତି ନ ଦେଖିବେ ଚନ୍ଦ୍ର, ପାପଯୁତ
ରବି ସହିତରେ ଥିଲେ ପରଦାର୍ଯ୍ୟେ ଜାତ ଯେ ।
ବୃନ୍ଦାର କରେ ବୃନ୍ଦାରକରେ ବନ୍ଦିତ ଜନାର୍ଦ୍ଦନ
ବିପତିତରେ ବି-ପତିତରେ ଦେବାର କି ଶୋଭନ ।

ରେବତୀ ନକ୍ଷତ୍ର ବତିଶ ଜାଣ
ବତିଶ ଲକ୍ଷଣରେ ଏ ପ୍ରମାଣ ।
ବିବାହ କଲେକି ଏ ନକ୍ଷତ୍ରରେ
ଯେତେକି ସଙ୍ଖ୍ୟା ତେତେ ବରଷରେ
ଶୁଭେ ଶୁଭଫଳ, ଅଶୁଭେ ଅଶୁଭ ଫଳଦ ଭାଳ ।

ଗୃହର ଆଦ୍ୟ ସୂତ୍ର ଦାନ କାଳରେ
ଛିଣ୍ଡିଲେ ସୂତ୍ର ଗୃହନାୟକ ମରେ ଯେ ।
ଖିଳା ବକ୍ର ହୋଇଲେ ସୂତ୍ରାକର୍ଷଣେ
ବଡ଼ରୋଗ ହୁଅଇ ଶାସ୍ତ୍ର ପ୍ରମାଣେ ।

ମିଥୁନ କନ୍ୟା ତୁଳ ଲଗ୍ନ ଯେବେ
ବିବାହ କଲେ କନ୍ୟା ସାଧ୍ୱୀ ତେବେ ।
ସ୍ୱଚ୍ଛେ ଥିଲେ ଗ୍ରହପନ୍ତ, ଶ୍ରେଷ୍ଠ ବଳୀ ଯେ ବୋଲନ୍ତ,
ମୂଳ ତ୍ରିକୋଣ ସ୍ୱଗୃହେ, ମଧ୍ୟମ କହେ ।

କାହ୍ନୁ ଦାସ—ଏ କବି "ରାମରସାମୃତ" ନାମକ ଗୋଟିଏ ପ୍ରକାଣ୍ଡ ଗ୍ରନ୍ଥ ରଚନା କରିଥିଲେ । ସେଥିରେ କବି ଆତ୍ମପରିଚୟ ଦେଇଅଛନ୍ତି ।

ସେ ରଘୁନାଥ ମହାପାତ୍ର । ବ୍ରାହ୍ମଣ ବଂଶରେ ପବିତ୍ର ॥
ବଶିଷ୍ଠ କୁଳ ସିନ୍ଧୁ ସୋମ । ମୁଁ ତାଙ୍କ ଅଟଇ ନନ୍ଦନ ॥
ନୀଳାଦ୍ରି ପଶ୍ଚିମ ପାଶର । ଉତ୍କଳ ଦେଶେ ଜନ୍ମ ମୋର ॥
ରାଜ୍ୟର ଧରାକୋଟ ନାମ । ମଙ୍ଗଳପୁର ଗ୍ରାମ ନାମ ॥
ରାଜ୍ୟର ଅଟଇ ସେ ପାଟ । ଗ୍ରାମମାନଙ୍କର ସେ ଶ୍ରେଷ୍ଠ ॥
ଅତି ପ୍ରାଧାନ୍ୟ ଆମ୍ଭେ ତହିଁ । ସେ ଯେ ଆମ୍ଭର ଜନ୍ମଭୂଇଁ ॥
ନରେନ୍ଦ୍ର ମୁକୁନ୍ଦ ଦେବଙ୍କ । କୁଶଳ ପଞ୍ଚବିଂଶ ଅଙ୍କ ॥
ଶ୍ରାବଣ ମାସାଦ୍ୟ ପକ୍ଷରେ । ଏକାଦଶମୀ ରବିବାରେ ॥
ରଜନୀ ସପ୍ତଦଶ ପୂର୍ଣ୍ଣେ । ମୋର ଜନମ ଶୁଭ ଲଗ୍ନେ ॥
ତ୍ରିବିଂଶ ଅବଦ ବୟସ । କାଳରେ ଏ ଗ୍ରନ୍ଥ ପ୍ରକାଶ ॥
କଲି ସଂସାର ଜନହିତେ । ଶୁଣି ହରଷ ଭଲି ଚିତ୍ତେ ॥
ଶ୍ରୀ ଦିବ୍ୟସିଂହ ଦେବରାଜେ । ଗଜପତିଙ୍କ ଶୁଭ ରାଜ୍ୟେ ॥
ବିଜୟ ତ୍ରୟୋଦଶ ଅଙ୍କେ । ଅଷାଢ଼ ମାସ ଶୀତ ପକ୍ଷେ ॥
ଦ୍ୱିତୀୟା ଶ୍ରୀଗୁଣ୍ଡିଚ୍ଛା ଦିନ । ଏ ରାମରସାମୃତ ପୂର୍ଣ୍ଣ ॥
ପ୍ରାକୃତ ଭାଷା ରସ ପଦ । ସବୁରି ଶ୍ରବଣ କୁମୁଦ ॥
ହୋଇବ ସର୍ବ ପ୍ରାଣୀ ପ୍ରୀତି । ବିଚାରି ଚନ୍ଦ ସୁଭାରତୀ ॥
ସର୍ବଙ୍କ ଅଙ୍କ କ୍ଷମା ପୁଣି । ଆନନ୍ଦ ହେବେ କର୍ଣ୍ଣେ ଶୁଣି ॥
ଯାହା ସେ ବଳରାମ ଦାସ । ପ୍ରାକୃତେ କଲେକ ପ୍ରକାଶ ॥
ଶୁଣିଲେ ଲଭା ହେବ ବୋଲି । ମୁଁ ଏହା ଏକଖଣ୍ଡ କଲି ॥

ଶ୍ରୀଧର ସ୍ୱାମୀ—ଏ ପ୍ରାତଃସ୍ମରଣୀୟ ମହାତ୍ମା । ଏ ଜଣେ ଓଡ଼ିଆ ଏବଂ ଉତ୍କଳବାସୀ । ଶ୍ରୀଯୁତ ଚନ୍ଦ୍ରମୋହନ ମହାରଣା ବହୁ ଅନୁସନ୍ଧାନ ପରେ ସ୍ଥିର କରିଛନ୍ତି ଯେ, ଶ୍ରୀଧରଙ୍କ ଜନ୍ମସ୍ଥାନ ବାଲେଶ୍ୱର ଜିଲାନ୍ତର୍ଗତ ରେମୁଣା ଗ୍ରାମ ନିକଟବର୍ତ୍ତୀ ମରେଇଗାଁ । ମରେଇଗାଁ ଗଡ଼ପୁର ତାଲୁକା ଅନ୍ତର୍ଗତ ଏବଂ ରେମୁଣାଠାରୁ ଦୁଇକୋଶ ଉତ୍ତରକୁ । ଶ୍ରୀଧର ସଂସ୍କୃତଭାଷାରେ ବ୍ୟୁତ୍ପତ୍ତି ଲାଭକରି ନବଦ୍ୱୀପରେ ପଣ୍ଡିତମାନଙ୍କ ସହବାସରେ ଅଧିକାଂଶ ସମୟ କଟାଇଥିଲେ । ପୁରୀ ରାଜସଭାରେ ତାଙ୍କର ପ୍ରତିପତ୍ତି ଓ ଆଦର ଥିଲା ଏବଂ ସମୟ ସମୟରେ କାଶୀ ଯାଉଥିଲେ ।

ଶ୍ରୀଧର ସଂସ୍କୃତ ଓ ଉତ୍କଳ ଭାଷାରେ ଓ ଉତ୍କଳାକ୍ଷରରେ ଅନେକଗୁଡ଼ିଏ ଗ୍ରନ୍ଥ ରଚନା କରିଥିଲେ । ମାତ୍ର ତାହାଙ୍କ କୃତ ଶ୍ରୀମଦ୍ଭାଗବତ ଟୀକା ପ୍ରଧାନ ଅଟେ ।

ଅରକ୍ଷିତ ଦାସ—ଅରକ୍ଷିତ ଦାସ ଜଣେ ଭକ୍ତକବି । ସେ ବଡ଼ ନୀତିଜ୍ଞ ଥିଲେ ଏବଂ ଅତି ସରଳଭାବରେ ଜୀବନଯାପନ କରୁଥିବା ବିଷୟ ତାଙ୍କ ଲେଖାରୁ ଜଣାପଡ଼େ । 'ଶରୀରଭେଦ' ନାମକ ଖଣ୍ଡିଏ ବୃହତ୍ ଗ୍ରନ୍ଥ ସେ ଲେଖିଥିଲେ । ତାଙ୍କ ଲେଖାର କେତେ ପଦ ନିମ୍ନରେ ଦିଆଗଲା ।

"ମାତା, ପିତା, ଦାରା ଆବର ରହିଛୁ
          ଜାଣୁ ନା ସେ ତ ବଇରୀ,
ଯିବାବେଳେ କ୍ଷଣେ ମାତ୍ରକ କାହିଁବେ
          ନୁହନ୍ତି କେହି କାହାର ।
ଶୁଝିବା ଖାତକ ପଣ ନ ରଖିବ
          ଥିଲେ ଚଇ ଫିଙ୍ଗିଦେବ
ଭାଇଙ୍କ ସଙ୍ଗତେ କଳି ନ କରିବ
          ଭାଗ ଦେଇ ଘରୁ ଯିବ ।
ନ ଜାଣିବା ପଥେ ବାଟ ନ ଚାଲିବ
          ଚାଲିବ ବୁଝି ପଚାରି,
ଗୃହର ଭିତରେ ସର୍ପ ନ ରଖିବ
          ଗୋଚର ହେଲେ ତାକୁ ମାରି ।" ଇତ୍ୟାଦି ।

ଅରକ୍ଷିତ ଦାସଙ୍କର ଆଉ ଖଣ୍ଡିଏ ପୁସ୍ତକ ଅଛି, 'ମହୀମଣ୍ଡଳ ଗୀତା' । ଏଥିରୁ କବିଙ୍କର ଧର୍ମମତ ଜଣାଯାଏ । ତାଙ୍କର ଅଲେଖ ବା ମହିମା ଧର୍ମ ଥିଲା । ଲଳିତଗିରି ନିକଟ ଓଲାଶୁଣୀ ପାହାଡ଼ରେ ତାଙ୍କର ଗାଦି ଅଦ୍ୟାବଧି ଅଛି । ସେ ଖଣ୍ଡଗିରିରେ କେତେକ ଦିନ ବାସକରିଥିବା ବିଷୟ ମହୀମଣ୍ଡଳ ଗୀତାରୁ ଜଣାଯାଏ । ଏ ଗୀତାରେ ଅନେକଗୁଡ଼ିଏ ଜ୍ଞାତବ୍ୟ ବିଷୟ ଅଛି । ପଞ୍ଚମହାଭୂତର ମହାତ୍ମ୍ୟ ବର୍ଣ୍ଣିତ ଅଛି । ଯୋଗ ସମ୍ବନ୍ଧୀୟ ଅନେକ ବିଷୟ ଅଛି । ସ୍ନାନ, ଭୋଜନ, ମୈଥୁନର ସମସ୍ତାସମସ୍ତ ନିର୍ଦ୍ଦିଷ୍ଟ ଅଛି । ବ୍ରହ୍ମମୟ ଜଗତ ବୋଲି ସିଦ୍ଧାନ୍ତ କରାଯାଇଛି । ବ୍ରହ୍ମ ବ୍ୟତୀତ ଅନ୍ୟ କିଛି ନାହିଁ । ତାଙ୍କ ମତରେ ଛୁଆଁ ଅଛୁଆଁ, ପାପ ପୁଣ୍ୟ, ଧର୍ମ ଅଧର୍ମ ସବୁ ସମାନ ।

"ଆହେ ସୁଜନମାନେ ମୁହିଁ । ଖଣ୍ଡଗିରିରେ ସେ ଭ୍ରମଇ ॥
ଖଣ୍ଡଗିରିରେ ମୁହିଁ ରହି । ମହୀମଣ୍ଡଳ ଗୀତା କହି ॥
ସକଳ ସମାନ ଦେଖିବ । ଭକତି ଯୋଗ ସାଧୁଥିବ ॥
ସୂର୍ଯ୍ୟ ଉଇଁବ ଯେତେବେଳେ । ନିଦ୍ରାରୁ ଜାଗିଥିବୁ ଭଲେ ॥

ଏ ଦୁଇଘଡ଼ିରେ ନ ଶୋଇ । ତେବେ ରଖିବୁ ତୋର ଦେହ ॥
ରବି ଶନି ଗୁରୁ ମଙ୍ଗଳ । ଏ ଗ୍ରହ ବାର ସୂର୍ଯ୍ୟ ସ୍ଥଳ ॥
ଏ ଗ୍ରହ ବାରେ ସ୍ନାନ କର । ଜନ୍ମ ମୃତ୍ୟୁକୁ ତୁ ନ ଡର ॥
ବାମ ପୁଡ଼ାରେ ବହୁଥିଲେ । କିଛି ନ ଖାଅ ବୁଦ୍ଧ ଭଲେ ॥
ଚନ୍ଦ୍ରମା ଶୀତଳ ଅଟଇ । ଆହାର ପାକ ଯେ ନୁହଇ ॥
ଆହାର ପାକ ଯେ ନୋହିଲେ । ନାନା ରୋଗଟି ହୁଏ ଭଲେ ॥
ତେଣୁ ଅଳପେ ନାଶ ଯାଇ । ତାକୁ ରଖି ନ ପାରେ କେହି ॥
ବାମ ପୁଡ଼ାରେ ବହୁଥିବ । ସ୍ନାହାନ କେବେ ନ କରିବ ॥
ଏ ଦୁଇଦଣ୍ଡରେ ଶୋଇବୁ । ଯୋଗନିଦ୍ରାଟି ବୁଦ୍ଧ ପିବୁ ॥
ସୋମ ଶୁକ୍ର ଯେ ବୁଧବାରେ । ସ୍ନାହାନ ନ କର ତହିଁରେ ॥
ଏହା ଜାଗିଲେ ଅଜାମର । ଏ ତିନିବାର ଚନ୍ଦ୍ରଙ୍କର ॥

ଅର୍ଥାତ୍ ନିଶ୍ୱାସ ଦୁଇ ଘଡ଼ି ବାମ ନାସାପୁଡ଼ାରେ ବହେ । ପୁଣି ଦୁଇ ଘଡ଼ି ଦକ୍ଷିଣ ନାସାପୁଡ଼ାରେ ବହଇ । ନାକ ପାଖରେ ହାତ ଦେଲେ ସହଜରେ ଜଣାପଡ଼ିବ । କେଉଁ ନାସାବାଟେ ପବନ ଯାଉଥିଲେ କଅଣ କରିବା କର୍ତ୍ତବ୍ୟ, ସେହି କଥା କୁହାଯାଉଛି ।

ସହିଷ୍ଣୁତା ମନୁଷ୍ୟର ବଡ଼ ଗୁଣ ବୋଲି କବି କହିଅଛନ୍ତି ।

ହେ ମନ ଶୁଣ ଏବେ ବୁଦ୍ଧ । ସହିବୁ ଗୋରୁ ପ୍ରାୟ ବୁଦ୍ଧ ॥
ସବୁ ଜୀବଜନ୍ତୁଙ୍କ କ୍ରୋଧ । ସହିବୁ ସମ କରି ବୋଧ ॥
କେ ଅବା ମାଡ଼ ଯେ ମାରିବେ । କେ ଅବା ଭର୍ତ୍ସନା କରିବେ ॥
ଜୀବଜନ୍ତୁଙ୍କ ହିଂସାମାନ । ସହି ବୋଲିବୁ ନାରାୟଣ ॥
ବୋଲିବୁ ପ୍ରଭୁ କୋପ ହୋଇ । ନମିବୁ ତାର ପାଦେ ବୁଦ୍ଧ ॥
ମୋର ଅନ୍ୟାୟ ସେ ଦେଖିଲେ । ତେଣୁଟି ମୋତେ କୋପ କଲେ ॥
ବୃକ୍ଷ ପାଷାଣ ପରି ସହି । ତେବେ ରଖିବୁ ସିନା ଦେହ ॥

ଦ୍ୱାରକା ଦାସ—ଏ ଜଣେ ଭକ୍ତ ଥିଲେ ବୋଲି ତାଙ୍କ ଲେଖାରୁ ଜଣାଯାଏ । 'ସପ୍ତପୋଇ' ଏ ମହାତ୍ମାଙ୍କ ଲେଖା ।

"ଝାଂଡ଼ ହରଣୀ ଚନ୍ଦ୍ରାକରୁ ଟାଣିଲୁ
ଇନ୍ଦ୍ର ଗରବ ଗଞ୍ଜିଲ ହରି ।
ଝାଡ଼ ପାଣି କଷାଫଳ ଖାଇ ଯୋଗୀ
ସାଧି ସାଧି ଗଲେ ଦେହ ହାରି ।

ନିକଟକୁ ଦୂର ଦୂରକୁ ନିକଟ
ପ୍ରସନ୍ନ ହେଲେ ଏମନ୍ତ ହୁଅ ।
ନିରକ୍ଷ ଦ୍ୱାରକା ଗ୍ରାମୁରେ ଜଣାଏ
ମୋହଠାରେ କମ୍ପା ଏଡ଼େ କୋହ ।

ହଳଧର ଦାସ—ଏ କବି ଅଧ୍ୟାତ୍ମ ରାମାୟଣକୁ ଓଡ଼ିଆଭାଷାରେ ଲେଖିଅଛନ୍ତି । ଏହାଙ୍କ ପିତାଙ୍କ ନାମ ଅନନ୍ତ ପଟ୍ଟନାୟକ ଥିବାର ସେ ଲେଖିଛନ୍ତି । ପୁଣି ଲେଖିଅଛନ୍ତି, ଅନନ୍ତ ପଟ୍ଟନାୟକ ତଦାନୀନ୍ତନ ଉତ୍କଳ ରାଜା ମୁକୁନ୍ଦଦେବଙ୍କ ଭାଇ ଥିଲେ । କବି ଶେଷ ଜୀବନକୁ ଏ ଗ୍ରନ୍ଥ ରଚନା କରିଥିବା ବିଷୟ ତାଙ୍କ ଲେଖାରୁ ପ୍ରକାଶ ପାଏ ।

ଯୋଗମାୟା ଜନକ ଘରେ । ଜାତ ହେଲା ସୀତା ନାମରେ ॥
ସୁନା ପଇତା ଶୋଭିବନ । କଟିତଟେ ପୀତ ବସନ ॥

ତୁମ୍ଭେ ଦୁହେଁ ନଥିଲା ବେଳରେ ଯାହା ପୁଣ
ତାଙ୍କୁ ପୁଣ ସ୍ନେହରଇନେଲା ଯା ରାବଣ ।

ଧନଞ୍ଜୟ ଭଞ୍ଜ—ଏ ଘୁମୁସରର ରାଜା ଥିଲେ । ବିଖ୍ୟାତ କବି ଉପେନ୍ଦ୍ର ଭଞ୍ଜଙ୍କ ପିତାମହ । ଉପେନ୍ଦ୍ର ଭଞ୍ଜ ଲାବଣ୍ୟବତୀ ଓ ରସପଞ୍ଚକରେ ନିମ୍ନଲିଖିତ ମତେ ପରିଚୟ ଦେଇଅଛନ୍ତି ।

ବଶିଷ୍ଠ ବଶିଷ୍ଠ ପାଳକା । ଶ୍ରୀରାମ ଦତ୍ତ ରାଜଟୀକା ॥
ସେ କୁଳେ ରାଜା ଧନଞ୍ଜୟ । ସମସ୍ତ ଗୁଣରେ ନିଳୟ ॥
ତଦ୍‌ବତ ତାହାଙ୍କ ତନୁଜ । ନରେଶ ନୀଳକଣ୍ଠ ଭଞ୍ଜ ॥
ତାହାଙ୍କ ଜ୍ୟେଷ୍ଠସୁତ ମୁହିଁ । ଉପେନ୍ଦ୍ର ଭଞ୍ଜ ନାମ ବହି ॥ (ଲାବଣ୍ୟବତୀ)

କୁନ୍ଦେନ୍ଦୁ କାନ୍ତ କୀର୍ତ୍ତି ରଣ କାନ୍ତ । ରଣେଶ୍ୱର ରଣ ଭଞ୍ଜ ନୃପତି ॥
କୃଶାନୁ ତେଜ ତାଙ୍କ ତନୁଜ । କୃତରୁ ପ୍ରତାପ ପ୍ରତାପଭଞ୍ଜ ॥
କନିଷ୍ଠ ସୁତ ତାଙ୍କ ଭୂଭୃତ । କର ଗୋପୀନାଥ ନାମ ବିଦିତ ॥
କବି ନୃପବର ତାଙ୍କ କୁଳର । କହି ଧନଞ୍ଜୟ ନାମ ତାଙ୍କର ॥
କାଶ୍ୟପୀକାନ୍ତ ତାହାଙ୍କ ସୁତ । କୃତଜ୍ଞ ନୀଳକଣ୍ଠ ଭଞ୍ଜ ହୁତ ॥

ଧନଞ୍ଜୟ ଭଞ୍ଜ 'ରଘୁନାଥବିଳାସ' ନାମକ ଛାନ୍ଦ ପୁସ୍ତକ ଲେଖିଥିଲେ । ଅନ୍ୟାନ୍ୟ ସଙ୍ଗୀତ ପ୍ରଭୃତି ରଚନା କରିଥିଲେ । ଏ ୪୭ ବର୍ଷ ରାଜତ୍ୱ କରିଥିଲେ । ଘୁମୁସରର ଭଞ୍ଜ-ବଂଶାନୁଚରିତରୁ ଜଣାଯାଏ ଯେ, ଧନଞ୍ଜୟ ଘନ ଭଞ୍ଜଙ୍କର ଚତୁର୍ଥ ପୁରୁଷ । ନୀଳକଣ୍ଠ ଭଞ୍ଜ ଦୁଇବର୍ଷ, ରଣ ଭଞ୍ଜ ୪ ବର୍ଷ, ଘନ ଭଞ୍ଜ ୩୮ ବର୍ଷ ଏପରି ୧୦ ବର୍ଷ ରାଜତ୍ୱ କରିଥିଲେ । ଉପେନ୍ଦ୍ର ଭଞ୍ଜ ଓଡ଼ିଶା ରାଜା ଦିବ୍ୟସିଂହ ଦେବଙ୍କ ସମସାମୟିକ । ସୁତରାଂ ତାଙ୍କ ୧୦୦ ବର୍ଷ

ପୂର୍ବେ ଧନଞ୍ଜୟଙ୍କ ରାଜତ୍ୱ ହୋଇପାରେ । ଘୁମୁସରର ବଂଶାନୁଚରିତରୁ ଜଣାଯାଏ, ରାଜା ରାମଚନ୍ଦ୍ର ଦେବଙ୍କ ପାଟମହାଦେଈ ପଳାଇଯାଇ ଘୁମୁସରରେ ଲୁଚିଥିଲେ । ସେହିଠାରେ କିଶୋର ଦେବଙ୍କର ଜନ୍ମ ହୋଇଥିଲା । ଘନ ଭଞ୍ଜଙ୍କ ସାହାଯ୍ୟ ହେତୁ କିଶୋରଙ୍କ ପୁରୀରେ ରାଜା ହେଲେ । ସେ କ୍ଷତ୍ରିୟବରପୁର ଶାସନ ସ୍ଥାପନ କରିଥିଲେ । ଘନ ଭଞ୍ଜଙ୍କୁ କ୍ଷତ୍ରିୟବର ପଦ ଦେଲେ । ରଘୁନାଥବିଳାସରୁ କେତେକ ପଦ ନିମ୍ନରେ ଦିଆଗଲା ।

"ରଥ ଉପରେ କଗ୍ରିଡ଼ିଲା ରଥ, ଗଜକୁ ଧରି ଗଜ କଲା ଓଥ ।
ହସ୍ତ ପରେ ହସ୍ତ କଲା ପ୍ରହାର, ସାଗର ଯେହ୍ନେ ମନ୍ଥଇ ମନ୍ଦର ।
ଘଡ଼ିକ ଭିତରେ । ସକଳ ସୈନ୍ୟ ପେଷେ ଯମପୁରେ ।"

କବିଙ୍କର ସଂସ୍କୃତଭାଷାରେ ପାରଦର୍ଶିତା ଥିବାର ଜଣାଯାଏ ।

କବି ହରେକୃଷ୍ଣ ଦାସ—ଏ ଜଣେ ପାରଳା ଅଧିବାସୀ । ଏ ଜାତିରେ ଚିତ୍ରକର । ପିତାଙ୍କ ନାମ ଶଙ୍କର ମହାରଣା, ମାତାଙ୍କ ନାମ ଲୀଳାବତୀ । ରାଜବାଟିରେ ଏହାଙ୍କର ଚିତ୍ରକର କାର୍ଯ୍ୟ ଥିଲା । ସେ ବୈଷ୍ଣବଧର୍ମାବଲମ୍ବୀ ଥିଲେ । କବିଙ୍କର ସଂସ୍କୃତଭାଷାରେ ଅଭିଜ୍ଞତା ଥିଲା । ସେ ଜଗନ୍ନାଥ ମୂର୍ତ୍ତି ଓ ଗୋପୀନାଥ ମୂର୍ତ୍ତି ଚିତ୍ର କରି ଖଣ୍ଡିଏ ଗ୍ରାମ ଦାନ ପାଇଥିଲେ । ସେ ସନନ୍ଦରୁ ଜଣାଯାଏ, ପାରଳାର ତଦାନୀନ୍ତନ ରାଜା ଗଜପତି ନାରାୟଣ ଦେବ ପୁରସ୍କାର ଦେଇଥିଲେ । ଚିରସ୍ଥାୟୀ ବନ୍ଦୋବସ୍ତ ବେଳେ ଯେଉଁ ସନନ୍ଦ ଦିଆଯାଇଥିଲା, ତହିଁରେ ଏ ସନନ୍ଦର ସମୟ ୧୮୬୨ । ଏଥିରୁ ତାଙ୍କ ଜନ୍ମ ସମୟ ୧୭୨୨ ବା ୧୭୬୨ ବୋଲି ଅନୁମାନ କରାଯାଏ । ସେ 'ଗୋପୀନାଥ ଜଣାଣ' ଲେଖିଥିଲେ । ଏକାଦଶୀ ମାହାତ୍ମ୍ୟ ସଂସ୍କୃତରୁ ଅନୁବାଦ କରିଥିଲେ ।

ନାଗଙ୍କ ମଧ୍ୟେ ଶେଷ ବଡ । ପକ୍ଷିଙ୍କେ ଶ୍ରେଷ୍ଠଟି ଗରୁଡ ॥
ଦେବଙ୍କେ ଶ୍ରେଷ୍ଠ କୃଷ୍ଣ ଯେହ୍ନେ । ମାନବେ ଶ୍ରେଷ୍ଠ ଯେ ବ୍ରାହ୍ମଣେ ॥
ତେମନ୍ତ ବ୍ରତଙ୍କ ବରିଷ୍ଠ । ଶ୍ରୀ ଏକାଦଶୀ ବ୍ରତ ଶ୍ରେଷ୍ଠ ॥

ରାମ ଦାସ—କବିଙ୍କ ଘର ବ୍ରହ୍ମପୁର ନିକଟବର୍ତ୍ତୀ ଡୁରା ଗ୍ରାମ । ସେ ଦାର୍ଢ୍ୟତାଭକ୍ତିରେ କହିଛନ୍ତି, "ମହୁରି ରାଜ୍ୟ ଡୁରା ଗ୍ରାମ । ସେ ଗ୍ରାମେ ଅଟେ ମୋ ଆଶ୍ରମ ।" ଡୁରା ଗୋଟିଏ କ୍ଷୁଦ୍ର ପଲ୍ଲୀ ଗ୍ରାମ । ସେ ଜାତିରେ ହଳୁଆ ବ୍ରାହ୍ମଣ; ବଳଭଦ୍ର-ଗୋତ୍ରୀ ଓ ଯଜୁର୍ବେଦୀ । ପିତାଙ୍କ ନାମ ଲକ୍ଷ୍ମଣ ଦାଶ, ପିତାମହଙ୍କ ନାମ କୃଷ୍ଣ ଦାଶ । ଦାର୍ଢ୍ୟତାଭକ୍ତିର ୭ମ ଅଧ୍ୟାୟରେ ଯେଉଁ ରାମ ଦାଶଙ୍କ ଜୀବନୀ ଲେଖାଅଛି, ସେ କବିଙ୍କ ବ୍ୟତୀତ ଅନ୍ୟ କେହି ନୁହେ ବୋଲି ଅନୁମାନ କରାଯାଏ । ଦୁହିଁଙ୍କ ଜୀବନୀରେ ପୂର୍ଣ୍ଣ ସାଦୃଶ୍ୟ ଅଛି । ଦୁହିଁଙ୍କ ଇଷ୍ଟଦେବତା ଲକ୍ଷ୍ମଣ । ତାଙ୍କ ବିଦ୍ୟାଗୁରୁ ଗଦାଧର ଦାଶ । ସେ ଦାର୍ଢ୍ୟତାଭକ୍ତି ଗ୍ରନ୍ଥ ରଚନା କରିଥିଲେ । ଦାର୍ଢ୍ୟତାଭକ୍ତି ଗୋଟିଏ ଉପାଦେୟ ଗ୍ରନ୍ଥ । ଏଥିରେ ଅନେକ ଭକ୍ତଙ୍କ

ଜୀବନୀ ଲିପିବଦ୍ଧ ହୋଇଛି । ଜୀବନୀ ସଂଗ୍ରହର ଉପାଦେୟତା ପାଠକ ଅନୁଭବ କରିପାରିଥିଲେ । ଏ ପୁସ୍ତକ ଦୁଇଭାଗରେ ବିଭକ୍ତ । ପ୍ରତ୍ୟେକ ଭାଗ ୨୫ ଅଧ୍ୟାୟରେ ପୂର୍ଣ୍ଣ । ଏ ପୁସ୍ତକ ଶ୍ରୀ ବୀରକେଶରୀ ଦେବଙ୍କ ବୟାଳିଶ ଅଙ୍କରେ ଶେଷ ହୋଇଥିବାର ପ୍ରମାଣ ମିଳେ ।

ଶ୍ରୀ ବୀରକେଶରୀ ଦେବଙ୍କ । ସମ୍ପୂର୍ଣ୍ଣ ବୟାଳିଶ ଅଙ୍କ ॥
ଯେ ଶୁକ୍ଳ ପଞ୍ଚମୀ ଦିବସେ । ଶୁଣ ସକଳ ହରିଦାସେ ॥
ଚିତ୍ରା ନକ୍ଷତ୍ର ରବିବାରେ । ତଇତୁଳ ନାମ କରଣରେ ॥
ଶୁଭ ନାମରେ ସେଉଁ ଯୋଗ । ପଞ୍ଚାଶ ଦଣ୍ଡ ଥିଲା ଭୋଗ ॥
ସମ୍ପୂର୍ଣ୍ଣ ହେଲା ଏ ଚରିତ । କହଇ ଲଛମନ ସୁତ ॥
ଦିବ୍ୟସିଂହ ଦେବଙ୍କ ୨୩ ଅଙ୍କରେ ୨ୟ ଖଣ୍ଡ ସମାପ୍ତ ହୋଇଥିଲା ।

କବି ଭୁବନେଶ୍ୱର କବିଚନ୍ଦ୍ର—ଶାଳିବାହନ ଅବ୍ଦ ୧୭୬୮ ଫାଲ୍‌ଗୁନ କୃଷ୍ଣ ଦଶମୀ ବୁଧବାରରେ ଜନ୍ମ । ୧୮୧୪ ଅବ୍ଦରେ ମୃତ୍ୟୁ । ଯଜୁର୍ବେଦୀୟ ବ୍ରାହ୍ମଣ, ଗୋତ୍ର ଧର ଗୌତମ, ସଂଜ୍ଞା ପାଠୀ । ଜନ୍ମସ୍ଥାନ ବ୍ରହ୍ମପୁର ଅନ୍ତର୍ଗତ ହିଞ୍ଜିଳି ଗ୍ରାମ । ପୂର୍ବପୁରୁଷଙ୍କ ଆଦିମ ବାସସ୍ଥାନ ଟିଗିରିଆ । ଟିଗିରିଆ ରାଜାଙ୍କ ବିରାଗଭାଜନ ହୋଇ ହିଞ୍ଜିଳି ଯାଇଥିଲେ । ଭୁବନେଶ୍ୱରଙ୍କ ପିତାଙ୍କ ନାମ ହରେକୃଷ୍ଣ ପାଠୀ । ମାତାଙ୍କର ନାମ କୃଷ୍ଣପ୍ରିୟା । ସେ ରାଧାକୃଷ୍ଣଭକ୍ତ ଥିଲେ । ଭୁବନେଶ୍ୱର ପିତାମାତାଙ୍କର ଏକମାତ୍ର ପୁତ୍ର । ସେ ବ୍ୟାକରଣ ଓ ଜ୍ୟୋତିଷ ଶାସ୍ତ୍ର ପଢ଼ିଥିଲେ । ସେ ବୈଷ୍ଣବଧର୍ମାବଲମ୍ବୀ ଥିଲେ । ସେ 'ରାମଚନ୍ଦ୍ରବିଳାସ' ଓ 'ଶ୍ରୀକୃଷ୍ଣ ଜଣାଣ' ରଚନା କରିଥିଲେ । 'ରାମାୟଣ ଚୂଡ଼ାମଣି' ନାମକ ଗ୍ରନ୍ଥ କବିଙ୍କର ଅନ୍ୟତମ ରଚନା । 'ରାଧାମାଧବବିଳାସ' ତାଙ୍କର ଅନ୍ୟ ଏକ ଗ୍ରନ୍ଥ । ସୀତେଶବିଳାସ, ବାସୁଦେବବିଳାସ, ପ୍ରବନ୍ଧରତ୍ନମାଳା, ଶିବରାମ ଜଣାଣ, ଚଗରତ୍ନ, ଚୌପଦୀରତ୍ନ, ଚୌପଦୀମାଳା, ରାସଲୀଳା ଏବଂ ଦଶପଦୀ ଗ୍ରନ୍ଥମାନ ରଚନା କରିଥିଲେ । କବିଙ୍କ ରଚିତ ଅନ୍ୟାନ୍ୟ ପୁସ୍ତକମାନଙ୍କ ମଧ୍ୟରେ କୋଳିବିବସ୍ତ୍ର ଲୀଳା, ଶ୍ରୀନିବାସ ଦୀପିକା, ଜାତକପ୍ରକରଣ, କଟପାୟାର ଅନୁବାଦ । ତାହାଙ୍କ ପୁସ୍ତକମାନ ହିଞ୍ଜିଳିକାଟୁନିବାସୀ କବିଙ୍କ ପୁତ୍ର ପଦ୍ମଚରଣ କବିଚନ୍ଦ୍ରଙ୍କ ନିକଟରେ ବିଦ୍ୟମାନ ଅଛି । କବି ବୃନ୍ଦାବନ ଓ ଗୋଦାବରୀ ତୀର୍ଥକୁ ଏକାଧିକ ବାର ଯାଇଥିଲେ ।

କାହ୍ନୁ ଦାସ—ଜନ୍ମସ୍ଥାନ ମଙ୍ଗଳପୁର, ଧରାକୋଟ ରାଜ୍ୟାନ୍ତର୍ଗତ । ପିତାଙ୍କ ନାମ ରଘୁନାଥ ମହାପାତ୍ର । ଜାତିରେ ବ୍ରାହ୍ମଣ । ତାଙ୍କ ଜନ୍ମ ସମ୍ବନ୍ଧରେ ନିମ୍ନଲିଖିତ ମତେ ଲେଖିଅଛନ୍ତି—

ନରେନ୍ଦ୍ର ମୁକୁନ୍ଦ ଦେବଙ୍କ । କୁଶଳ ପଞ୍ଚବିଂଶ ଅଙ୍କ ॥
ଶ୍ରାବଣ ମାସାଦ୍ୟ ପକ୍ଷରେ । ଏକାଦଶମୀ ରବିବାରେ ॥
ରଜନୀ ସପ୍ତଦଶ ପୂର୍ଣ୍ଣେ । ମୋର ଜନମ ଶୁଭଲଗ୍ନେ ॥

ମୁକୁନ୍ଦଦେବ ୧୬୬୨-୧୬୯୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏହାଙ୍କ ରାଜତ୍ୱକାଳେ କବିଙ୍କ ଜନ୍ମ । ସେ 'ରାମରସାମୃତ' ନାମକ ପୁସ୍ତକ ଲେଖିଥିଲେ । କବିଙ୍କ ଭାଷା ସରଳ ଓ ସୁବୋଧ । ତାଙ୍କ ରଚନାର କେତେ ପଦ ନିମ୍ନରେ ଦିଆଗଲା ।

ଘରୁ ଅଇଲୁ ଜଣ ତିନି । ଏକା ରହିଲି ଗଲେ ବେନି ॥
ଆଉ କି ଯିବି ମୁଁ ବାହୁଡ଼ି । ମରିବି ଜଳଧିରେ ବୁଡ଼ି ॥

ଉପେନ୍ଦ୍ର ଭଞ୍ଜ—କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଉତ୍କଳରେ ସୁବିଖ୍ୟାତ ଓ ସୁପରିଚିତ । ସଂସ୍କୃତ ସାହିତ୍ୟ ଓ ଓଡ଼ିଆ ସାହିତ୍ୟରେ ଯେତେ ପ୍ରକାର ଛନ୍ଦ ଓ ବନ୍ଧ ଅଛି, କବି ସେ ସମସ୍ତର ଅନୁଶୀଳନ କରି ଓଡ଼ିଆ ଭାଷାରେ ତାହା ପ୍ରକାଶ କରିଥିଲେ । ଭାଷାରେ ଯେତେ ପ୍ରକାର ଶିଳ୍ପଚାତୁରୀ ଦେଖାଯାଇପାରେ କବି ସେ ସମସ୍ତ ପ୍ରଦର୍ଶନ କରିବାରେ ତ୍ରୁଟି କରି ନାହାନ୍ତି । କବି ଉପେନ୍ଦ୍ର ଭଞ୍ଜ ଓଡ଼ିଆଭାଷାରେ କବିତାଚାତୁରୀ ଯେତେ ପ୍ରକାର ଦେଖାଇ ଯାଇଅଛନ୍ତି, ସଂସ୍କୃତ ଭାଷା ଛାଡ଼ିଦେଲେ ଅନ୍ୟ କୌଣସି ପ୍ରାଦେଶିକ ଭାଷାରେ ଏପରି ରଚନା ଏକାବେଳକେ ଅପ୍ରାପ୍ତ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଅବଶ୍ୟ କବିଙ୍କ ଲେଖା ରସଘଟିତ । ଆଦିରସ ନାମ ଶୁଣିଲେ ପ୍ରତ୍ୟେକ ଶିକ୍ଷିତ ଯୁବକ ଆଜି ନାକ ଟେକନ୍ତି; କିନ୍ତୁ ଆଦିରସଘଟିତ କବିତା କେଉଁ ଭାଷାରେ ନଥିଲା ? ଆଦିରସ ଘୃଣ୍ୟ ରସ ନୁହେ । ଆଦିରସ ତ 'ଆଦିରସ, ଆଦିରସ ବିନା ମାନବର ଜନ୍ମ ଅସମ୍ଭବ । ପଶୁ, ପକ୍ଷୀ, କୀଟ, ପତଙ୍ଗ, ସ୍ଥାବର, ଜଙ୍ଗମ ପ୍ରଭୃତିର ସୃଷ୍ଟି ଅସମ୍ଭବ । କଥା ସତ; କିନ୍ତୁ ତାକୁ ବର୍ଣ୍ଣନା କରିବାର ସୀମା ଅଛି । କେହି ସୀମାମଧ୍ୟରେ ରହନ୍ତି, କେହି ବା ସୀମା ଲଙ୍ଘନ କରିପକାନ୍ତି । ସୀମାମଧ୍ୟରେ ରହିଲେ ଶ୍ଳୀଳ; ସୀମା ଲଙ୍ଘନ କଲେ ଅଶ୍ଳୀଳତା ଦୋଷରେ ଦୂଷିତ ହୁଏ । ସୁତରାଂ ଶୃଙ୍ଗାରରସ ବର୍ଣ୍ଣନାରେ ଯେ କିଛି ମିଥ୍ୟା ଥାଏ ତାହା ନୁହେ, କେବଳ ଶ୍ରୁତିକଟୁ ଦୋଷରେ ଦୂଷିତ ହୁଏ । ସୁତରାଂ ସାମାଜିକ ଭଦ୍ରତାର ବାହାରକୁ ଗଲେ ଅଶ୍ଳୀଳ ବୋଲିଯାଏ । ପୁଣି ଯେଉଁ ଯୁଗରେ ଯେଉଁ ରସାତ୍ମକ କବିତାର ଆଦର ଥାଏ, କବିମାନେ ସେହି ରସାତ୍ମକ କାବ୍ୟ ରଚନା କରନ୍ତି । ପୁସ୍ତକ ଲେଖାଯାଏ ପାଠକମାନଙ୍କ ଲାଗି । ଯେଉଁ ଯୁଗରେ ଯେଉଁ ଶ୍ରେଣୀସ୍ଥ ପାଠକସଂଖ୍ୟା ବେଶି, ସାହିତ୍ୟ ତଦନୁରୂପ ହୋଇଥାଏ । ଭଞ୍ଜଙ୍କ କାବ୍ୟ-କବିତାରେ ଯେ ଅନ୍ୟ କିଛି ରସ ନାହିଁ, ଏ କଥା କୁହାଯାଇ ନପାରେ । ବୀର, କରୁଣ ପ୍ରଭୃତି ନାନା ରସର କବିତା ଭଞ୍ଜେ ଲେଖିଅଛନ୍ତି । ତାଙ୍କର ସମସ୍ତ ପୁସ୍ତକର ନାମ ଏ ପର୍ଯ୍ୟନ୍ତ ମିଳିନାହିଁ, କିମ୍ବା ସେଥିଲାଗି ଯତ୍ନ କରାଯାଇନାହିଁ । ତାଙ୍କର ପ୍ରତ୍ୟେକ ଲେଖାରେ ଭାଷାର ବିଶେଷତ୍ୱ ଦେଖିବାକୁ ମିଳେ । ଭାଷାରେ ବୈଚିତ୍ର୍ୟ ଦେଖାଇବା ବିଷୟରେ ଭଞ୍ଜେ ଅଗ୍ରଣୀ ଓ ପଥପ୍ରଦର୍ଶକ । ଭଞ୍ଜଙ୍କ କବିତାରେ ନାନାପ୍ରକାର ଉପମା, ଛନ୍ଦ, ବନ୍ଧର ପରିଚୟ ମିଳେ । ବୈଦେହୀଶ ବିଳାସ ଗ୍ରନ୍ଥ 'ବ' ନିୟମରେ ଲେଖା, ଅର୍ଥାତ୍ ପ୍ରତ୍ୟେକ ଛାନ୍ଦର ପ୍ରତ୍ୟେକ ପଦର ଆଦ୍ୟ ଶବ୍ଦର ଆଦ୍ୟ ଅକ୍ଷର 'ବ' । ଛାନ୍ଦମାନଙ୍କର ପଦସଂଖ୍ୟା 'ବ' ଘଟିତ ଅଙ୍କ, ଯଥା—ବୟାଳିଶ, ବୟାନବେ, ବାସ୍ତରି ଇତ୍ୟାଦି । ବୈଦେହୀଶ-

ବିଳାସ ଗ୍ରନ୍ଥରେ ବିଭକ୍ତ । ଏଥିରେ ରାମାୟଣ ବୃତ୍ତାନ୍ତ ବର୍ଣ୍ଣିତ ଅଛି । ପ୍ରକୃତିବର୍ଣ୍ଣନା, ଋତୁବର୍ଣ୍ଣନା ପ୍ରଭୃତି ଅତି ସୁନ୍ଦରଭାବରେ ବର୍ଣ୍ଣିତ ଅଛି । ଅତି ସରଳ ଭାଷା ଅଛି, ଅତି କଠିନ ଭାଷା ମଧ୍ୟ ଅଛି । ଭଞ୍ଜଙ୍କ ପୁସ୍ତକ ମଧ୍ୟରେ ଯେ କେତେ ଖଣ୍ଡି ଜଣାପଡ଼ୁଛି ତାହା ନିମ୍ନରେ ଲେଖାଗଲା : (୧) ବୈଦେହୀଶ ବିଳାସ, (୨) ଚନ୍ଦ୍ରକଳା, (୩) ଚନ୍ଦ୍ରରେଖା, (୪) ଚିତ୍ରରେଖା, (୫) ଚିତ୍ରକାବ୍ୟ ବନ୍ଧୋଦୟ, (୬) ହେମମଞ୍ଜରୀ, (୭) ଇଚ୍ଛାବତୀ, (୮) କଳାବତୀ, (୯) କଳାକଉତୁକ, (୧୦) କାମକଳା, (୧୧) କୋଟିବ୍ରହ୍ମାଣ୍ଡସୁନ୍ଦରୀ, (୧୨) ଲାବଣ୍ୟବତୀ, (୧୩) ମୁକ୍ତାବତୀ, (୧୪) ମନୋରମା, (୧୫) ଲତା, (୧୬) ପ୍ରେମସୁଧାନିଧି, (୧୭) ଶଶିରେଖା, (୧୮) ଶୋଭାବତୀ, (୧୯) ସୁବର୍ଣ୍ଣରେଖା, (୨୦) ସୁଭଦ୍ରା ପରିଣୟ, (୨୧) ତ୍ରୈଲୋକ୍ୟମୋହିନୀ, (୨୨) ଅବନା ରସତରଙ୍ଗ, (୨୩) ବା ଚଉତିଶା, (୨୪) ବ୍ରଜଲୀଳା, (୨୫) ଚଉପଦୀଭୂଷଣ, (୨୬) ଛାନ୍ଦଭୂଷଣ, (୨୭) ଚଉପଦୀଚନ୍ଦ୍ର, (୨୮) ଯମକରାଜ ଚଉତିଶା, (୨୯) କଟପାୟା, (୩୦) କୃଷ୍ଣବିହାର, (୩୧) ପୁରୁଷୋତ୍ତମ ମାହାତ୍ମ୍ୟ, (୩୨) ରସପଞ୍ଚକ, (୩୩) ରାସଲୀଳା, (୩୪) ସଙ୍ଗୀତ କୌମୁଦୀ, (୩୫) ହାସ୍ୟାର୍ଣ୍ଣବ ପ୍ରଭୃତି ଅନେକ ପୁସ୍ତକ । ଶୁଣୁଛି, ଉପେନ୍ଦ୍ର ଭଞ୍ଜ ଅନ୍ୟାନ୍ୟ ଅନେକ କବିଙ୍କ ଜୀବନୀ ସମାଲୋଚନା କରି ଏକ ପୁସ୍ତକ ଲେଖିଅଛନ୍ତି । ମଞ୍ଜୁଷାରେ ଭଞ୍ଜଙ୍କର ଅନେକଗୁଡ଼ିଏ ଅପ୍ରକାଶିତ ଲେଖା ଅଛି । ଭଞ୍ଜଙ୍କ ଅଧିକାଂଶ ଲେଖାର ଅର୍ଥ ବୁଝିବା ଲାଗି ଅଭିଧାନର ସାହାଯ୍ୟ ଆବଶ୍ୟକ ହୁଏ । ଏକ ଶବ୍ଦ ଭିନ୍ନ ଭିନ୍ନ ଅର୍ଥରେ ବ୍ୟବହୃତ ହୋଇଥାଏ । ଏହି ଅସୁବିଧା ଦୂର କରିବା ଲାଗି ସେ ସ୍ୱୟଂ "ଗୀତାଭିଧାନ" ନାମକ ପୁସ୍ତକ ରଚନା କରି ଯାଇଅଛନ୍ତି । ଉକ୍ତ ଗୀତାଭିଧାନ ସାହାଯ୍ୟରେ ତାଙ୍କ ପୁସ୍ତକମାନଙ୍କର ଅର୍ଥ ସହଜରେ କରାଯାଇ ପାରିବ । ଅନୁପ୍ରାସ, ଯମକ, ଉପମା, ଛନ୍ଦ ଓ ବନ୍ଧ ବିଷୟକ ଭାଷାଚାତୁରୀ ଭଞ୍ଜଙ୍କ କବିତାର ବିଶେଷତ୍ୱ । ବୈଦେହୀଶବିଳାସ ଯେପରି 'ବ' ନିୟମରେ ଲେଖାହୋଇଛି, "କଳାକଉତୁକ" ନାମକ ପୁସ୍ତକ ସେହିପରି 'କ' ନିୟମରେ ଲେଖାହୋଇଛି । "କଡ଼ାକରେ କିଣିଲି ମୁଁ କଳାମାଣିକ"—ଏଥିରେ ଆଦ୍ୟରେ 'କ', ମଧ୍ୟରେ 'କ' ଓ ପ୍ରାନ୍ତରେ 'କ' । "ବଜାରବୋଲି" ନାମକ ଭଞ୍ଜଙ୍କର ଆଉ ଖଣ୍ଡିଏ ପୁସ୍ତକ ଅଛି । ସେଥିରେ ବଜାରରେ ବିକ୍ରି ହେଉଥିବା ନାନା ଦ୍ରବ୍ୟ ସମ୍ବନ୍ଧରେ ରଚନା ଅଛି । ତାହା ଏକ ଅର୍ଥରେ ବୁଝିଲେ ସାମାନ୍ୟ ଦ୍ରବ୍ୟକୁ ବୁଝାଇବ; ଅନ୍ୟ ଅର୍ଥରେ ଅନ୍ୟ ପ୍ରକାରେ ଅର୍ଥ ହେବ । ଭଞ୍ଜଙ୍କର ଅଧିକାଂଶ କବିତା ନାୟକ-ନାୟିକା ଅବଲମ୍ବନରେ ଲିଖିତ । ସୌନ୍ଦର୍ଯ୍ୟ ବର୍ଣ୍ଣନା ଭଞ୍ଜଙ୍କ କବିତାର ବିଶେଷତ୍ୱ । ନାୟିକାର ବର୍ଣ୍ଣନାବେଳେ ଭଞ୍ଜେ ତାହାର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗ, ବେଶଭୂଷା, ଗ୍ରୀବାଚଳଣ, ହାବଭାବରେ କେବଳ ସୌନ୍ଦର୍ଯ୍ୟ ଦେଖିଅଛନ୍ତି ଏବଂ ନାନା ପ୍ରାକୃତିକ ଉପମା ଦେଇ ସେ ସୌନ୍ଦର୍ଯ୍ୟର ପୋଷକତା କରିଅଛନ୍ତି । ଲାବଣ୍ୟବତୀର ଜନ୍ମସ୍ଥାନର ବର୍ଣ୍ଣନା ପଢ଼ିଲେ ଲୋକ ମନେକରିବ ଯେ ଲାବଣ୍ୟବତୀ କି ସୁନ୍ଦର ହୋଇ ନ ଥିବ । ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବାବେଳେ ଭଞ୍ଜ ମହାଶୟ ଚରମ ସୀମାକୁ ଯାଇଛନ୍ତି; ସ୍ଥାନେ ସ୍ଥାନେ ସୀମା

ଲଙ୍ଘନ କରିଅଛନ୍ତି । ଭଞ୍ଜଙ୍କ କବିତାରୁ ଦୃଷ୍ଟାନ୍ତ ସ୍ୱରୂପ କେତେ ପଦ ନିମ୍ନରେ ଉଦ୍ଧାର କରାଗଲା ।

(୧) ଅଷ୍ଟଦଳ ପଦ୍ମବନ୍ଧ—

ରସା ସାର ରସ ସର          ରତ ତର ରତା ତାର

(୨) ଦୋପୁଷ୍ପ ପଦ୍ମବନ୍ଧ—

ରସା ସମା ରସା ଭୂଷା          ରଢ ପଢ ରସା ଲସା
ରହ ଗୃହିଁ ରସ ହାସ          ରକ୍ଷ ରକ୍ଷ ରସ ଦାସ

ଏହିପରି ନାନା ବନ୍ଧ ଅଛି; ଯଥା—ପ୍ରାସାଦବନ୍ଧ, ମଣ୍ଡପବନ୍ଧ, ଗଦାବନ୍ଧ, ଗୁଚ୍ଛବନ୍ଧ, ଲଙ୍ଗଳବନ୍ଧ, ଛତ୍ରବନ୍ଧ, ବୋଇତବନ୍ଧ, ପଲଙ୍କବନ୍ଧ, ଅଜାବନ୍ଧ, ପଦ୍ମବନ୍ଧ, ଚକ୍ରବନ୍ଧ, ଅମ୍ବୁଜବନ୍ଧ ଇତ୍ୟାଦି । ଆବୃତ୍ତି ଓ ଶ୍ଳେଷ ବହୁସଂଖ୍ୟକ ଅକ୍ଷର ଅଳ୍ପସଂଖ୍ୟକ ସ୍ଥାନରେ ବ୍ୟକ୍ତ ହୁଏ । ବିଭିନ୍ନ ଭାବରେ ପଢ଼ିଲେ ଭିନ୍ନ ଭିନ୍ନ କଥା ମିଳେ । ଅର୍ଥ ଶ୍ଳେଷରେ ଜଣାଯାଏ । ବିକ୍ରମାନଙ୍କର ଚିତ୍ର ମଧ୍ୟ କବି ଲେଖିଛନ୍ତି । ଏଥିରେ ଅକ୍ଷରଯୋଜନାର ସୁରୁଚି ଦେଖାଯାଏ ।

ନାୟିକବି ବୃନ୍ଦାବତୀ ଦାସୀ—ସେ ଜାତିରେ କରଣ ଥିଲେ । ତାଙ୍କ ସ୍ୱାମୀଙ୍କର ନାମ ଚନ୍ଦ୍ରଶେଖର ଦାସ । ତାଙ୍କ ଘର ପୁରୀ ଜିଲ୍ଲା ମଧ୍ୟସ୍ଥ ମଲପଡ଼ା ଗ୍ରାମରେ । ପୁରୀଠାରୁ ମଲପଡ଼ା ଆଠ କୋଶ ଦୂର । କବିଙ୍କ ସ୍ୱାମୀ, ଶ୍ୱଶୁର, ପୁତ୍ର, ନାତି ସମସ୍ତେ କବି ଥିଲେ ଏବଂ କୃଷ୍ଣଭକ୍ତ ଥିଲେ । ତାଙ୍କ ଶ୍ୱଶୁରଙ୍କ ନାମ ଜଗନ୍ନାଥ ଦାସ ଓ ନାତିଙ୍କ ନାମ କୃପାସିନ୍ଧୁ ଦାସ ଏବଂ ପୁତ୍ରଙ୍କ ନାମ ଭୀମ ଦାସ । ହରିଭକ୍ତି ଚନ୍ଦ୍ରୋଦୟ ଓ ଭକ୍ତିରତ୍ନାବଳୀ ଏହି ଭୀମ ଦାସଙ୍କ କୃତ । ଏ କବି ପୂର୍ଣ୍ଣତମ ଚନ୍ଦ୍ରୋଦୟ ପୁସ୍ତକ ଲେଖିଅଛନ୍ତି । ଗ୍ରନ୍ଥର ରଚନାକାଳ ସମ୍ବନ୍ଧେ କବି କହିଅଛନ୍ତି —

ଶକ ଅବଦ ଛଡ଼ି ଦଶ । ଶତ ଏକବିଂଶ ବରଷ ॥
ଦିବ୍ୟସିଂହ ଦେବ ରାଜନ । ହିଦଶ ଅଙ୍କେ ଏ ରଚନ ॥
ବୈଶାଖ ମାସ ଶୁକ୍ଳପକ୍ଷେ । ପଞ୍ଚମୀ ମୃଗଶିର ମେଷେ ॥
ଶୁଭେ ହୋଇଲା ଗ୍ରନ୍ଥ ଶେଷେ । ଶୁଣି ସକଳ ପାପ ନାଶ ॥

କବି ତାଙ୍କ ପୁସ୍ତକରେ ଆତ୍ମ-ପରିଚୟ ଓ ବଂଶ-ପରିଚୟ ଦେଇଅଛନ୍ତି । ଶ୍ରୀକୃଷ୍ଣଙ୍କ ଲୀଳାଖ୍ୟାନ ଏ ଗ୍ରନ୍ଥର ମୁଖ୍ୟ ବିଷୟ । କବିତାରେ ଅତି ସୁନ୍ଦର ଭାଷା, ପଦଯୋଜନା ଓ ଅର୍ଥଗୌରବ ଅଛି । ପ୍ରାୟ ଦୁଇ ଶତ ବର୍ଷରୁ ଅଧିକ କାଳ ପୂର୍ବେ ଓଡ଼ିଶାରେ ସ୍ତ୍ରୀଶିକ୍ଷା କେତେଦୂର ଥିଲା ତହିଁର ଏ ଜ୍ୱଳନ୍ତ ଉଦାହରଣ । ସେ ସ୍କୁଲ-କଲେଜରେ ପଢ଼ି ନ ଥିଲେ କିମ୍ବା ବି. ଏ., ଏମ. ଏ. ପାଶ କରି ନଥିଲେ । ତେତେବେଳେ ଉତ୍କଳରେ ବାଳିକା

ସ୍କୁଲ ନ ଥିଲା । ହାଣ୍ଡିଶାଳେ ଥାଇ ମଧ୍ୟ ସ୍ତ୍ରୀମାନେ କବି ହୋଇପାରୁଥିଲେ । ଗୃହ-କଙ୍କାଳରେ ଥାଇ ମଧ୍ୟ ଶିକ୍ଷିତା ହୋଇଥିଲେ । ସେ ଜଣେ ପ୍ରଧାନ ଭକ୍ତ ଥିଲେ । ତାଙ୍କ ଲେଖାର ଦୃଷ୍ଟାନ୍ତ ସ୍ୱରୂପ କେତେ ଗୋଟି ପଦ ନିମ୍ନରେ ଦିଆଗଲା ।—

ନନ୍ଦ ରମଣୀ ଭାଗ୍ୟବତୀ । ପୁତ୍ର ପାଇଲେ ରାଧାପତି ॥
ସ୍ତନ ପିଆନ୍ତି କୋଳେ ଧରି । ସାମାନ୍ୟ ଭାଗ୍ୟ କି ତାଙ୍କରି ॥
ସୁଜନେ ପୂର୍ଣ୍ଣତମ ସେହି । ନିର୍ଦ୍ଦୋଷ ଅଟେ ଜାଣ ସେହି ॥
ମିଥ୍ୟା କରିଣ ନିଜ ଚିତ୍ତ । ଭକ୍ତ ବଚନ କଲେ ସତ୍ୟ ॥
ଅର୍ଜୁନ ଗୋପୀଙ୍କର ଭାବେ । ମୋତେ ଯେ ଭଜନ୍ତି ସ୍ୱଭାବେ ॥
ବେଶ ଭୂଷା ବୟସ ରୂପ । ସମାନ ଗୋପୀଙ୍କ ସ୍ୱରୂପ ॥
ଗୋପୀମାନଙ୍କ ସମାନରେ । ବଶ ମୁଁ ହୁଅଇ ତାଙ୍କରେ ॥
ସେ ଗୋପୀମାନଙ୍କ ସମାନେ । ରହନ୍ତି ମୋର ସନ୍ନିଧାନେ ॥
ବଧୂଲି ଓଷ୍ଠ ସମ ନୁହେ । କାଳେ ତା ରଙ୍ଗ ଭଙ୍ଗ ହୁଏ ॥
ଦନ୍ତ ନିନ୍ଦଇ ମୋତିପନ୍ତି । ପଶୁ ଶିରେ ଶମ୍ଭୁକେ ଥାନ୍ତି ॥

ଇତ୍ୟାଦି ପଦ ଦେଖିଲେ ଜଣାଯାଏ, କବିଙ୍କ ଭାଷା କିପରି ପ୍ରାଞ୍ଜଳ ଓ ଭାବଗର୍ଭିକ ଥିଲା । ଆଉ ଜଣେ ନାରୀକବି ମାଧବୀ ଦାସୀ ଥିଲେ । ସେ ଶିଖୀ ମହାନ୍ତିଙ୍କ ଭଉଣୀ ଥିଲେ । ଆଜି ଉତ୍କଳୀୟ ସ୍ତ୍ରୀମାନେ ଆଳସ୍ୟପରାୟଣା ହୋଇ କାଳ କାଟୁଅଛନ୍ତି । ମାତ୍ର ସେମାନେ ଦେଖିବା ଉଚିତ, ବୃନ୍ଦାବତୀ ଦାସୀ ଜଣେ ଓଡ଼ିଆଣୀ; ସେ କିପରି ପୁସ୍ତକ ଲେଖି କୀର୍ତ୍ତି ରଖିଯାଇଛନ୍ତି ।

ଛାନ୍ଦ ଲେଖା ଓଡ଼ିଆ ସାହିତ୍ୟର ବିଶେଷତ୍ୱ । ପ୍ରତ୍ୟେକ ଛାନ୍ଦ ଭିନ୍ନ ରାଗରାଗିଣୀଯୁକ୍ତ । ଏହାର ଦୃଷ୍ଟାନ୍ତ ସ୍ୱରୂପ କେତେ ଗୋଟି ଛାନ୍ଦର ପଦ ନିଦର୍ଶନ ସ୍ୱରୂପ ଦିଆଗଲା ।

(୧) ରାଗ—ମଙ୍ଗଳ ଗୁର୍ଜ୍ଜରୀ

"ଜୟ ଜୟ ଜଗନ୍ନାଥ ଜଗତ ସୁନ୍ଦର
ଚତୁର୍ଦ୍ଧା ମୂର୍ତ୍ତିରେ ଶୋଭା ଶ୍ରୀ ନୀଳକନ୍ଦର ହେ ।"

(୨) ରାଗ—ବଙ୍ଗଳାଶ୍ରୀ

ଏଥୁ ଅନନ୍ତରେ କିଛି ଦିନାନ୍ତରେ ରସିକ ନାଗରବର
ସୁବଳ ମଧୁମଙ୍ଗଳଙ୍କ ସଙ୍ଗରେ କରନ୍ତି ବସି ବିଚାର ।

(୩) ରାଗ—ରାମକେରୀ

ଜୀବ ଯାଉ ବୋଲି ବୋଲିବି ଏ ତ ନ ଯିବ ଆଗ
କଷ୍ଟ ଦେଇ ପ୍ରାଣେ ମାରିବ ନଷ୍ଟେ ଏ ଅନୁରାଗ ।

(୪) ରାଗ—ଆହାରୀ

ତାଙ୍କର ଏ ଶୁକ ଉଡ଼ି ଅଇଲା, ମୋ କୃଷ୍ଣ ହସ୍ତରେ ବସିଣ ଥିଲା ।
ଅନ୍ୱେଷଣ କର କର ଏହାକୁ, ମଧୁରିକା ଆସିଥିଲେ ଏଠାକୁ ଗୋ ।
ଦେଖିଲେ,
ବେଣୁପାଣିର କରେ । ମାଗିଲେ ତ ସେହୁ ନଦେଲେ ତାରେ ।।

(୫) ରାଗ—ସିନ୍ଧୁକାମୋଦୀ

ଏଥୁଅନ୍ତେ ଶୁଣ ରହସ୍ୟ ଶ୍ରୀକୃଷ୍ଣ ସ୍ୱଜନସନ ହେଲେ ପ୍ରବେଶ ।
ଭାଦ୍ରବ ଅସିତାଷ୍ଟମୀରେ ରୋହିଣୀ ବୃଷ ଚନ୍ଦ୍ର ସେହୁ ଦିବସ ।
ଗ୍ରହ ସକଳ, କେହି ନୁହନ୍ତି ଯେ ଚଳପ୍ରଚଳ,
ଶୁଭେକହିଛନ୍ତି ଶୁଭଦାୟକଙ୍କୁ ସର୍ବଦା ହୋଇ ଅନୁକୂଳ ।।

(୬) ରାଗ—ମୁଖାରି

ତୁମ୍ଭେ ତ ନ ଜାଣ ମହିମାକୁ ରାଧାଙ୍କର
ସର୍ବସିଦ୍ଧି ହୁଏ ଦୃଷ୍ଟି ମାତ୍ରେ ଯାହାଙ୍କର
ସୁଧା ସ୍ୱରୂପଟି ସେହୁ,
ବୋଲେ କବି ରାୟ ହରିବଂଶ ସତ୍ୟ ଏହୁ ।

(୭) ରାଗ—ଦକ୍ଷିଣ-କାମୋଦୀ

ଦାଣ୍ଡେ ପୂରି ରହିଛନ୍ତି ଗୋପବୃନ୍ଦ । ଯେସନ୍ତେ ଅମରରୁ ବିଜେ କଲେ ଇନ୍ଦ୍ର ।

(୮) ରାଗ—ଚକ୍ରକେଳି

ରନ୍ଧନର ସଦନେ ପ୍ରବେଶିଲେ । ରସବନ୍ତୀଙ୍କି କାନ୍ଦିଦା ଭାଷିଲେ ।

(୯) ରାଗ—ଭାଟିଆରି

ରଥରେ କଲେ ଯାଇ ଆରୋହଣ । ସଙ୍ଗେ ଘେନି ରାମ ବେନି ନନ୍ଦନ ।
ଚଳ ଯା ବୋଲି ସାରଥି ଶୀଘ୍ର,
କରି ମେଲିଦେଲା ଅଶ୍ୱଙ୍କର ବନ୍ଧନ ସେ, ଧାବନ୍ତି ।

(୧୦) ରାଗ—କାମୋଦୀ

କି ଅବା ଦେବତାର ଦୃଷ୍ଟିରୁ ଏ ବିକାର
କି ଗ୍ରହପୀଡ଼ା ହୋଇଅଛୁ ।
କ୍ଷୀଣ ମଳିନ ତନୁ ହୋଉଛୁ ଦିନୁ ଦିନୁ
କଥା ତ କହି ନ ଯାଉଛୁ ଯେ ।
ଏହା କହି,
ଜଟିଲା ଅସ୍ତ ବ୍ୟସ୍ତ ହେଲେ, ଉତ୍ତମ ବୈଦ୍ୟ ଅଣାଇଲେ ।
ସେମାନେ ଘଡ଼ି ଘଡ଼ି ଆସି ଦେଖନ୍ତେ ନାଡ଼ି ଚିହ୍ନି ନ ପାରି ପଳାଇଲେ ଯେ ।

ସ୍କୁଲ ନ ଥିଲା । ହାଣ୍ଡିଶାଳେ ଥାଇ ମଧ୍ୟ ସ୍ତ୍ରୀମାନେ କବି ହୋଇପାରୁଥିଲେ । ଗୃହ-ଜଞ୍ଜାଳରେ ଥାଇ ମଧ୍ୟ ଶିକ୍ଷିତା ହୋଇଥିଲେ । ସେ ଜଣେ ପ୍ରଧାନ ଭକ୍ତ ଥିଲେ । ତାଙ୍କ ଲେଖାର ଦୃଷ୍ଟାନ୍ତ ସ୍ୱରୂପ କେତେ ଗୋଟି ପଦ ନିମ୍ନରେ ଦିଆଗଲା ।—

ନନ୍ଦ ରମଣୀ ଭାଗ୍ୟବତୀ । ପୁତ୍ର ପାଇଲେ ଶ୍ରୀପତି ॥
ସ୍ତନ ପିଆନ୍ତି କୋଳେ ଧରି । ସାମାନ୍ୟ ଭାଗ୍ୟ କି ତାଙ୍କରି ॥
ସୁଜନେ ପୁରୁଷୋତ୍ତମ ସେହି । ନିର୍ଦ୍ଦୋଷ ଅଟେ ଜାଣ ସେହି ॥
ମିଥ୍ୟା କରିଣ ନିଜ ଚିତ୍ତ । ଭକ୍ତ ବଚନ କଲେ ସତ୍ୟ ॥
ଅର୍ଜ୍ଜୁନ ଗୋପୀଙ୍କର ଭାବେ । ମୋତେ ସେ ଭଜନ୍ତି ସ୍ୱଭାବେ ॥
ବେଶ ଭୂଷା ବୟସ ରୂପ । ସମାନ ଗୋପୀଙ୍କ ସ୍ୱରୂପ ॥
ଗୋପୀମାନଙ୍କ ସମାନରେ । ବଶ ମୁଁ ହୁଅଇ ତାଙ୍କରେ ॥
ସେ ଗୋପୀମାନଙ୍କ ସମାନେ । ରହନ୍ତି ମୋର ସନ୍ନିଧାନେ ॥
ବଧୂଲି ଓଷ୍ଠ ସମ ନୁହେ । କାଳେ ତା ରଙ୍ଗ ଭଙ୍ଗ ହୁଏ ॥
ଦନ୍ତ କୁନ୍ଦଇ ମୋତିପନ୍ତି । ପଶୁ ଶିରେ ଶମ୍ବୁକେ ଥାନ୍ତି ॥

ଇତ୍ୟାଦି ପଦ ଦେଖିଲେ ଜଣାଯାଏ, କବିଙ୍କ ଭାଷା କିପରି ପ୍ରାଞ୍ଜଳ ଓ ଭାବଗର୍ଭକ ଥିଲା । ଆଉ ଜଣେ ନାରୀକବି ମାଧବୀ ଦାସୀ ଥିଲେ । ସେ ଶିଖୀ ମହାନ୍ତିଙ୍କ ଭଉଣୀ ଥିଲେ । ଆଜି ଉତ୍କଳୀୟ ସ୍ତ୍ରୀମାନେ ଆଳସ୍ୟପରାୟଣା ହୋଇ କାଳ କାଟୁଅଛନ୍ତି । ମାତ୍ର ସେମାନେ ଦେଖିବା ଉଚିତ, ବୃନ୍ଦାବତୀ ଦାସୀ ଜଣେ ଓଡ଼ିଆଣୀ; ସେ କିପରି ପୁସ୍ତକ ଲେଖି କୀର୍ତ୍ତି ରଖିଯାଇଛନ୍ତି ।

ଛାନ୍ଦ ଲେଖା ଓଡ଼ିଆ ସାହିତ୍ୟର ବିଶେଷତ୍ୱ । ପ୍ରତ୍ୟେକ ଛାନ୍ଦ ଭିନ୍ନ ରାଗରାଗିଣୀଯୁକ୍ତ । ଏହାର ଦୃଷ୍ଟାନ୍ତ ସ୍ୱରୂପ କେତେ ଗୋଟି ଛାନ୍ଦର ପଦ ନିଦର୍ଶନ ସ୍ୱରୂପ ଦିଆଗଲା ।

(୧) ରାଗ—ମଙ୍ଗଳ ଗୁର୍ଜ୍ଜରୀ

"ଜୟ ଜୟ ଜଗନ୍ନାଥ ଜଗତ ସୁନ୍ଦର
ଚତୁର୍ଦ୍ଧା ମୂର୍ତ୍ତିରେ ଶୋଭା ଶ୍ରୀ ନୀଳକନ୍ଦର ହେ ।"

(୨) ରାଗ—ବଙ୍ଗଳାଶ୍ରୀ

ଏଥୁ ଅନନ୍ତରେ କିଛି ଦିନାନ୍ତରେ ରସିକ ନାଗରବର
ସୁବଳ ମଧୁମଙ୍ଗଳଙ୍କ ସଙ୍ଗରେ କରନ୍ତି ବସି ବିଚାର ।

(୩) ରାଗ—ରାମକେରୀ

କାହିଁ ଯାଉ ବୋଲି ବୋଲିବି ଏ ତ ନ ଯିବ ଆଗ
କଷ୍ଟ ଦେଇ ପ୍ରାଣେ ମାରିବି ନଷ୍ଟେ ଏ ଅନୁରାଗ ।

(୪) ରାଗ—ଆହାରୀ

ତାଙ୍କର ଏ ଶୁକ ଉଡ଼ି ଅଇଲା,   ମୋ କୃଷ୍ଣ ହସ୍ତରେ ବସିଣ ଥିଲା   ।
ଅନ୍ୱେଷଣ କରି କରି ଏହାକୁ,   ମଧୁରିକା ଆସିଥିଲେ ଏଠାକୁ ଗୋ   ।
ଦେଖିଲେ,
ବେଣୁପାଣିର କରେ   । ମାଗିଲେ ତ ସେହୁ ନଦେଲେ ତାରେ ।।

(୫) ରାଗ—ସିନ୍ଧୁକାମୋଦୀ

ଏଥୁଅନ୍ତେ ଶୁଣ ରହସ୍ୟ ଶ୍ରୀକୃଷ୍ଣ ସ୍ୱନକ୍ଷତ୍ର ହେଲା ପ୍ରବେଶ ।
ଭାଦ୍ରବ ଅସିତାଷ୍ଟମୀରେ ରୋହିଣୀ ବୃଷ ଚନ୍ଦ୍ର ସେହୁ ଦିବସ ।
ଗ୍ରହ ସକଳ, କେହି ନୁହନ୍ତି ଯେ ଚଳପ୍ରଚଳ,
ଶୁଭେକହିଛନ୍ତି ଶୁଭଦାୟକଙ୍କୁ ସର୍ବଦା ହୋଇ ଅନୁକୂଳ ।।

(୬) ରାଗ—ମୁଖାରି

ତୁମ୍ଭେ ତ ନ ଜାଣ ମହିମାକୁ ରାଧାଙ୍କର
ସର୍ବସିଦ୍ଧି ହୁଏ ଦୃଷ୍ଟି ମାତ୍ରେ ଯାହାଙ୍କର
ସୁଧା ସ୍ୱରୂପଟି ସେହୁ,
ବୋଲେ କବି ରାୟ ହରିବଂଶ ଦର୍ତ୍ୟ ଏହୁ ।

(୭) ରାଗ—ଦକ୍ଷିଣ-କାମୋଦୀ

ଦାଣ୍ଡ ପୂରି ଗୁଳିଛନ୍ତି ଗୋପବୃନ୍ଦ । ଯେହ୍ନେ ଅମରରୁ ବଜେ କଲେ ଇନ୍ଦ୍ର ।

(୮) ରାଗ—ଚକ୍ରକେଳି

ରନ୍ଧନର ସଦନେ ପ୍ରବେଶିଲେ   ।   ରସବନ୍ତୀଙ୍କି କ୍ରୀଡ଼ିଦା ଭାଷିଲେ   ।

(୯) ରାଗ—ଭାଟିଆରି

ରଥରେ କଲେ ଯାଇ ଆରୋହଣ । ସଙ୍ଗେ ଘେନି ରାମ୍ବ ବେନି ନନ୍ଦନ ।
ଚଳ ଯା ବୋଲି ସାରଥି ଶୀଘ୍ର,
କରି ମେଲଦେଲା ଅଶ୍ୱଙ୍କର ବନ୍ଧନ ସେ, ଧାବନ୍ତି ।

(୧୦) ରାଗ—କାମୋଦୀ

କି ଅବା ଦେବତାର   ଦୃଷ୍ଟିରୁ ଏ ବିକାର
କି ଗ୍ରହପୀଡ଼ା ହୋଇଅଛୁ ।
କ୍ଷୀଣ ମଳିନ ତନୁ   ହେଉଛୁ ଦିନୁ ଦିନୁ
କଥା ତ ଜଣା ନ ଯାଉଛୁ ଯେ ।
ଏହା କହି,
ଜଟିଲା ଅତି ବ୍ୟସ୍ତ ହେଲେ,   ଉତ୍ତମ ବୈଦ୍ୟ ଅଣାଇଲେ ।
ସେମାନେ ଘଡ଼ି ଘଡ଼ି ଆସି ଦେଖନ୍ତେ ନାଡ଼ି ଚିହ୍ନି ନ ପାରି ପଳାଇଲେ ଯେ ।

(୧୧) ରାଗ—ସଙ୍ଗଲ, ମୃଙ୍ଗମଣ୍ଡଆର ବାଣୀ, ଅଦ୍ୟ ଯମକ

ଧୀରେ ଧୀରେ ଶୁଣ ଏ ଉତ୍ସବରୁ ଚରିତ ।
ପୂର୍ଣ୍ଣ୍ୟ ପୁଣ୍ୟଜନେ କଲେ ସଂସାରୁ ହତ ।

(୧୨) ରାଗ—ରସକୋଇଲ୍, ଅନ୍ତ୍ୟାନୁପ୍ରାସ

କୃଷ୍ଣ ପଉଗଣ୍ଡ କାଳ ଅନ୍ତରେ । ନବ କଶୋର ବଶ ଆଗତରେ
ଶୋଭି ବଚେଷ୍ଟା ବାହ୍ୟର ଭିତରେ । ପାପ୍ତି ମନ୍ତ ହେଲେ ସ୍ଥାନ ସ୍ଥିତରେ ସେ
ଘେନ ଧୀମନ୍ତ ଚଉରେ ହେ,
କମେ କମେ ଦନୁ ଦନୁ ଆନ ଅନ ସ୍ଥିତ ଖ୍ୟାତ ଅତୀତରେ ଯେ ।

(୧୩) ରାଗ—କଲ୍ୟାଣଆହାରି

ଶ୍ରୀମତ ହନ୍ତତ ଜାଣି ପୂର୍ଣ୍ଣମାସୀ ନାମ ପୁଣି ଦେଲେ ।
ବୃନ୍ଦା ବୃନ୍ଦାବନେ ସାର୍ଥ କଣ ନାମ କଳ୍ପିତ ବଗ୍ରଇଲେ ।
ଜନକ । ରସି ରସବନ୍ତୀ ଟାବଇଲେ ।
ଜନମୀ ବନୋଦନୀ ନାମ ବନୋଦ ଭାବ ଆନନ୍ଦେ ଦଉ କଲେ ।

(୧୪) ରାଗ—କେଦାର ଚନ୍ଦ୍ରକେଲି, ଅ-ପୂର୍ବାନୁପ୍ରାସ

ଅଜ ଅନଘ ଅନନ୍ତ ଅଚ୍ୟୁତ । ଅନଙ୍ଗରେ ଚଉ କରି ଆସକ୍ତ ।

(୧୫) ରାଗ—କଳସା, ଆ-ପୂର୍ବାନୁପ୍ରାସ

ଆନନ୍ଦେ କୋବଦେ ପିଅ ଏ ରସ ଶ୍ରବଣେ
ଆଦ୍ୟକନ୍ଦ ଶ୍ରୀରାଧିକା ଶ୍ରୀରାମ ଶ୍ରବଣେ ।

(୧୬) ରାଗ—କୁମ୍ଭକାମୋଦୀ, ଇ-ପୂର୍ବାନୁପ୍ରାସ

ଇତରେତର ରାଧା ପାଶେ ଦନେ ପୂର୍ଣ୍ଣମାସୀ ପରବେଶ ।
ଇଚ୍ଛି ରାଧାକୃଷ୍ଣ ନବ ଅନୁରାଗ କରଣେ ପ୍ରକାଶ ।

(୧୭) ରାଗ—ଆହାରି, ବାଲ ଚଉଦଶା ବାଣୀ, ଉ-ପୂର୍ବାନୁପ୍ରାସ .

ଉଚ୍ଚାରଣେ କୃଷ୍ଣ ଅବରତ ରତ ।
ଉଠେ ଗାତ୍ରରେ ଚମକ ସତତ ।

(୧୮) ରାଗ—କାମୋଦୀ—କଳହଂସକେଦାର

ଉପମା ହେବ କାହା ପରଶଂସାରେ
ତୁଲ୍ୟ କର ତ ତହିଁ ବଧି ସଂସାରେ ଯେ ।
ତା ଶୁଣିଲେ ରହେ କ ଯତ୍ତ ବରତ
ମୋ ମାନସ ଆରତ ଅନୁବରତ ଯେ ।

(୧୯) ରାଗ—ଚନ୍ଦ୍ରାଭୈରବ

ମାର ବୋଇଲ୍ କୋକକୁ ମାର
ମାରଣା ତୁ କଷ୍ଟସ୍ତୁ ରମାର ।
ମାର ନାମ ଖ୍ୟାତ                    କରାଇ ନାହୁଁ କ
ମିତ୍ରପର ଅଟୁ ଚନ୍ଦ୍ରମାର ରେ, ମଦନ ।

(୨୦) ରାଗ—ସାନଭୂପାଳ

କେବଳ ରାଧାର ନାମ କରାଧାର ମୋହର ଆଧାର ଅଜ ଦନୁ ।
ପୂଜିବ ଶଙ୍କର ବୋଲିବ ଶଙ୍କର କରିବ କଙ୍କର ସେ ସୁତନୁ ।

(୨୧) ରାଗ—ରାମକେରୀ

ଅବଶ ବେଳରେ ପ୍ରବେଶ ହେଲେ ଶ୍ରୀ ପୂର୍ଣ୍ଣିମାସୀ
ଦମ୍ଭରେ କୃଷ୍ଣ ଆରମ୍ଭରେ ଶୀଘ୍ର ମାନ୍ୟ ପ୍ରକାଶି ।

(୨୨) ରାଗ—କାଳି, ଆଦ୍ୟ ଯମକ, ପଞ୍ଚାକ୍ଷର

କ ସୁମନରେ କ ସୁମନରେ ମନାଇଥିଲି ହର
ତାର ଆଲୋକ ତାର ଆଲୋକ ହେଲ୍ ସେ ପୁଣ୍ୟେ ମୋର

(୨୩) ରାଗ—ଘଣ୍ଟାରବ

ରତ୍ନାକରେ କରି ବାସ । ରହିଲେ ଏ ଘାନ କ୍ଲେଶ ।
ରମାପତି ରଥ                    ରାସ ମନୋରଥ
ପରା ହେବ ଅପଯଶ ରେ, ପ୍ରାଣବନ୍ଧୁ ।

(୨୪) ରାଗ—ଚକ୍ରକେଳି

ଶତଦଳ ଦଳନର ପ୍ରସାର । ହାସ ଆନନ୍ଦ ବଢ଼ିଲା କୃଷ୍ଣର ।

(୨୫) ରାଗ—କଲ୍ୟାଣ, ପଡ଼ିତାଳ

ପରମ ପବିତ୍ର ନାମ ଉଚ୍ଚାରି,        ପାପୀ ପରାଣ ଯା ଯା ବେଗକରି,
ପାଇବୁ ରସିକ ମୁଖେ ପ୍ରଶଂସା,     ପରଲୋକେ ନ ପାଇବୁ ଦୁର୍ଦ୍ଦଶା ।
ପ୍ରମଦା ଶିର ମୁକୁଟମଣି,
ପ୍ରାଣର ପ୍ରାଣ କ ସେ ସୁଲକ୍ଷଣୀ ।

(୨୬) ରାଗ—କନଡ଼ା, ନ-ପୂର୍ବାନୁପ୍ରାସ

ନୟନେ ମିଶାଇ ଲଜ ସ୍ନେହ ଭଙ୍ଗୀ ରଙ୍ଗିମା ଓଷ୍ଠେ ମନ୍ଦହାସ
ନନ୍ଦସୁତ ମତ କଲେ ଉଲ୍ଲାସ,
ନିର୍ମଳ ପ୍ରେମ ମନ ଜାଣି ତାଙ୍କର ହୋଇଲେ ଗୋବିନ୍ଦ ତୋଷ ସେ ।
ନାଗର,
ନୂତନାଙ୍କୁ ଜନ୍ମ ମନ୍ଦେ ହସି ନତବ୍ରତେ ଯାହା ଅଛ ମନାସି
ନଷ୍ଟେ କରବ ସେ କଥା ଏଥିପାଇଁ ସାକ୍ଷୀ ଏ ମୋହନବଂଶୀ ଗୋ । ନୂତନା ।

(୨୭) ରାଗ—ତଗ ମୁକ୍ତାବଳୀ, ନିଭଙ୍ଗୀ ଅନୁପ୍ରାସ

ପୂଜି ଗଉରୀ ରମ୍ଭା ଚଉରୀ ବେଗେ ଯିବେ ନିଜ ପୁର ।
ସକଳ ମିତେ ଭୃମ୍ଭ ନମିତ୍ରେ କରନ୍ତି ଏତେ ବସ୍ତୁର ।

(୨୮) ରାଗ—ମୁନିବରବାଣୀ, ମ-ପୂର୍ବାନୁପ୍ରାସ

ମହାମାୟା ଦୟା କଲ । ମଦ କଲା ବ୍ୟାଧି ଗଲ ।
ମଲ୍ଲମାତା ଶୁଣି ତୋଷ । ମନେ ବିଶେଷ ଯେ ।

(୨୯) ରାଗ—ଆନନ୍ଦ, ଗୁରୁ ଲବଙ୍ଗଲତା ବାଣୀ, ପ୍ରାନ୍ତାନୁପ୍ରାସ

ଯମୁନା ପାଣି ୯କେ ଉଜାଣିକ । ପଥରେ ଦ୍ରବିଲେ କଳ ପାଣିକ ।
ସ୍ଥକିତ କଲ ଜୀବନ ପନ୍ତିକ । ଶୁଷ୍କ ତରୁ ଯୋଗ୍ୟ ଜୀବିତଡକ ।

(୩୦) ରାଗ—ଭୂପାଳ, ଆଦ୍ୟ-ପ୍ରାନ୍ତ-ମଧ୍ୟାନୁପ୍ରାସ

ଦିନ ଦିନକୁ ଦୀନ ତ ହେଲ ଜୀବନ ତ ନିରତେ ଜାତ ବ୍ୟାକୁଳ କୁଳ ।
ଜୀବ ଯିବ ଏହିକ୍ଷଣି ବୋଲେ ସୁଲକ୍ଷଣୀ ଆତୁରେ ନୁହ ଆକୁଳ କୁଳ ।

(୩୧) ରାଗ—କଲ୍ୟାଣଆହାରୀ

ରୂପ ତୁଳନାକୁ ସେହି ସେ ତାହାକୁ ସମାନ ନାହିଁ ଆନ କେହି ।
ରତପତ ମୁଖଚନ୍ଦ୍ରକ ଦେଖିଲେ ଧୂସର ଦିଶେ ନିଜ ଦେହି ।
ରସିକା, ରସଧର ଦେଖି କାନ୍ତିକ ।
ରଖିପାରଇ ନାହିଁ ନିଜ ଶରୀର ବହେ ଆନ ଆନ ରୀତିକ ।

(୩୨) ରାଗ—କୌଶିକ

ଗଣେଶ ଚତୁର୍ଥୀ ତିଥି ଚନ୍ଦ୍ରାଦର ସର୍ବଦା ଏବେ ସେ କଲଣି ।
ଚଡ଼କ ପିକ ଡାକ ମଣି କାକକୁ କୁନ୍ଦଦନ୍ତୀ ଗାଳି ଦେଲଣି ।
ନବ ନାଗରୀ । ରାତ ଅରାତ ମଣିଲଣି ।
ଦିନକୁ ଦିନ ଧ୍ୟାନ ଧ୍ୟାନ କଲରୁ ଅବକାଶ ନ ରହିଲଣି ।

(୩୩) ରାଗ—ଶଙ୍କରାଭରଣ

(ସୂକ୍ଷ୍ମାଲଙ୍କାର)

କି କପଟି କପା ବାରବାମା ସୁନାଗାର ।
ଫିଟି ଗଣ୍ଠି ରତନ ପତନ ପରକାର ।
ଏତେ ବିପତ୍ତିରେ ଗ୍ରଥ ।
ଶାଣଶୀର୍ଣ୍ଣ ମାରଗ ଏ ଦଶେ ଜ୍ୟୋତ ।

(୩୪) ରାଗ—ଘଣ୍ଟାରବ

ସାର ବଚନ ଶୁଣିବ ସାରଙ୍ଗେ କମ୍ପା ଆଣିବ ।
ଶାରଦା ବୀଣାକୁ ମନ ଫୁରୁଣାକୁ ପାଣିକ କମ୍ପା ଆଣିବ ।

(୩୫) ରାଗ—କାଳ, ଅବନା ନସ୍ୟମ

ପବନ ବହୁ ସର ସଂଗ୍ରହ ସହୁ ଅର୍ଣ୍ଣବ ଫଳ
ଚନ୍ଦ୍ରର ଖଣ୍ଡ ପ୍ରଚ୍ଛଳ ଗଣ୍ଡ ଦର୍ପକ ଦର୍ପସ୍ଥଳ ।

(୩୬) ରାଗ—ଗୈଖି

ବିସ୍ମର କି ପଦ୍ମଯୋନି ସୁଧା ଅନୁରାଗ ଦେନି
ବିଶ୍ୱତୁଳନାରେ ତୁଳ କଳନା କରେ ।
ଉଶ୍ୱାସ ଭାର ଉଠିଲା ଗରୁଆ ତଳକୁ ଗଲା
ଉଚ୍ଚ ନୀଚ ନୀଚ ଉଚ୍ଚ କଣା ବୁଧିରେ ।
ସୁଧା ଅନୁରାଗ ସଙ୍ଗତେ,
ସଖି କଣ ପାରିବ ବୋଲି କେ କେମନ୍ତେ ।

(୩୭) ରାଗ—କେଦାର-କାମୋଦୀ

କଳପତରୁ ଫଳ ଅଳପ ତପେ । ନ ଖାଇଲି ହରିଲି ଅଳପ ତପେ ଯେ ।
କଣ୍ଠରେ ମୁକତାକ ଦେଇ ହରିଲା । ଅବଧିବନ୍ତକୁ କେ ବଧି ବୋଇଲା ।

(୩୮) ରାଗ—ଚନ୍ଦ୍ରାକାମୋଦୀ

ରଖି ବଡ଼ପଣ ନୋହିଲି କୃପଣ ସର୍ବଙ୍କ ପଣ ତ ଥିଲା ।
ଜଣକୁ ଶଙ୍କର ହୋଇଲେ ଶଙ୍କର ବିଶ୍ୱନାଥ ସିଦ୍ଧି ହେଲା ।
ଦେବଦେବ ବୋଲାଇ, ବରବରଦ ନୁହ କପାଇଁ ॥

(୩୯) ରାଗ—ଧନାଶ୍ରୀ

ମଦମତ୍ତ ଉନ୍ନତ ଗଜ ମସ୍ତକ ବତ । ଉଲଟ ତବଲ ରମ୍ୟ ମଣ୍ଡପ ସତ ।
ଦନ୍ତ ଶଠ-ବରକତ ବନଧର ଯନ୍ତ୍ର । ପ୍ରକଟ ବନକପଟ ଘଟ ନତ ସ୍ତନ ।

(୪୦) ରାଗ—ମଙ୍ଗଳ, ଅବନା

ଜନକ ଶନକ ମନ ନୟନ ବଶକ । ସକଳ ଘତ ରସଦ ସନ୍ତପ୍ତହରକ ।

(୪୧) ରାଗ—ଭୂପାଳ, ପୋଇ ବୃତ୍ତ

ଶିବପର ଶରବାର ମାରେ ବାର ବାର ଅଗ୍ନିସମ କଳାକର କର
କରତଇ ଧୀରତିକ ମହୁଇ ମତିକ ଦଶେ ଦଶେ ଦଶେ ଧର-ଧର ।

(୪୨) ରାଗ—ଆଷାଢ଼ଶୁକ୍ଳ-ବରାଡ଼ୀ

ଜୀବନ ଗଲେ ଏତିକ କରିବ । ଶ୍ୟାମ ନାମ ମୋ ହୃଦରେ ଲିହିବ ।
ଶ୍ୟାମ ରୂପ ମୃତ୍ତିକାରେ ଲଦାଇ । ଶ୍ୟାମ ବସନ ଅଙ୍ଗରେ·ଘୋଡ଼ାଇ ।
ଶ୍ୟାମ ଗତିପଥେ । ମୋ ଶବ ପୋଡ଼ିବ ଆପଣା ହସ୍ତେ ॥

(୪୩) ରାଗ—ଆହ୍ୱାରି, ବାଲଚରିତ ବାଣୀ

ଶୁଣି ଶୁଣି ଶ୍ରୀରାଧା ମହା ମୁଦ । ଗଲା ଅପସରି ହୃଦୁଁ କିଛି ଖେଦ ।
ଗିର ସାର୍ଥକଲା ଅଭିମନ୍ୟୁ କବି । ଶୁଣିବନ୍ତ ରସିକେ ରସିବେ ଭବି ।

(୪୪) ରାଗ—ସିନ୍ଧୁଡ଼ା

ଛୁରି ଛୁରଅନା ଅନା ଅପ୍ରକାଶ କିଂଶୁକ ପୁଷ୍ପଶାୟକ ।
ତିରକତି କେତକତି ସମଦାଢ଼ କୁନ୍ତବିଯୋଗୀ ଅନ୍ତକ ସେ ।
ଚଞ୍ଚ ଚଞ୍ଚ ପରାୟେ ।
ଭ୍ରମ ଭ୍ରମର ଭୟ କରାୟେ ସେ ।

(୪୫) ରାଗ—କେଦାରଗୌଡ଼ା

ରାଗ ଅନୁରାଗ ଅମୃତ ମାଧୁର୍ଯ୍ୟ ଶ୍ରୀ ସରଘର ଅଧର ।
ପତିବ୍ରତା ଧୃତିଭୂତି ଜ୍ୱରପାଇଁ ଚଳନ ଛଳନ ତାର ଗୋ ।
କୁନ୍ଦ କୁରୁବିନ୍ଦ ଖାରବତ ଗୋ । ଜ୍ୟୋତି ମୋତିପନ୍ତି ଉପମିତ ଗୋ ।
କୁନ୍ଦ କଳୀ କରକ ବଜିତ ଗୋ ।

(୪୬) ରାଗ—ଗଡ଼ମାଳଥା

ଗୁଞ୍ଜ ଗୁଞ୍ଜର ଖଞ୍ଜିତ । ଗୋଷ୍ଠା ମଲ୍ଲି କେଢ଼ା ଚୂଡ଼ା ରଞ୍ଜିତ ଗୋ ।
କେକିପୁଚ୍ଛ ତହିଁ ବିରାଜିତ, ସଜନି ଗୋ ।

(୪୭) ରାଗ—କଲଘଣ୍ଟକେଦାର

ଚହଟ ହାସେ କେ ଭଷେ । ଚନ୍ଦ୍ରାଗଲ ତୁମ୍ଭେ ଯେ ସେ ।
ଖେରାଇ ସୁମନା ବାସ ଏବେ ସିନା ଲୁଚି ବୁଲ ବନଦେଶେ ।

(୪୮) ରାଗ—ଶୋକକାମୋଦୀ

"ମୋହ ପରି ଜଣେ  ହେଲେ ଦାସୀ ପଣେ
ପାଦସେବା ଯୋଗ୍ୟ ହେବେ ନାହିଁ ।
ଏଡ଼େ ଅଭାଗିନୀ  ହେବାକୁ ଭୋଗିନୀ
ଆଡ଼େ ଆଶା ବଳାଇବ କେହି ।
ଆହେ ପ୍ରାଣପ୍ରଭୁ ! ପ୍ରଣୟ ଆନନ୍ଦ ସୁଖ ବିଭୁ,
ଏ ଛାର କୁମତି  ଠାରେ ଦେଲେ ମତି
ନ ଜାଣି କରି କି ଲଭ ଲେଭୁଁ ।"

(୪୯)—ରାଗ—ମଙ୍ଗଳକାମୋଦୀ

"ଗନ୍ଧକ ଗୃହିଁ ଦନ୍ତୀ ଏ ଦିଗନ୍ତରେ ପଳାଇ ଯାଇ ପଶିଲେ ।
ସରି ହେବାକୁ ଆଶ କରି ମରାଳ ବିହି ଅନୁଗତ ହେଲେ ।
କେଶ ବଳେକ ଯେ । ଘନବର୍ଷ୍ଣି ନାନା ପରି ।
ବାଣୀ ସ୍ନେହେ ବାଣୀ ବୀଣାକୁ ବହିଲେ ଅତ୍ୟନ୍ତ ଆଦର କରି ।"

(୫୦) ରାଗ—ଭଟିଆରି-ଟୋଡ଼ି

"ଝାଙ୍କି ବନ୍ଧିବାରୁ ବାତ ଯେ । ଝର ଝର ମଧୁପାତ ।
ଝୁଲ ଅନଳର  ବନ୍ଧୁ ଗରଳର  ଦୃଷ୍ଟି ଦତ ପରଘାତ ଯେ ।"

(୫୧) ରାଗ – ରଣବିଜେ

"ଡୁମୁର ତାଳ ତାଳୀ ଖଞ୍ଜରି । ଜଳ ତରଙ୍ଗ ମୋଚଙ୍ଗ ଧରି ।
ବିମଳା ପରିମଳା ଚାରୁ କୁନ୍ତଳା ମଦକଳା ମଦାଳସୀ ଶିଷ୍ୟ ଗୋ ।
ଗାଉଛନ୍ତି, ରାଗ ଅନୁରାଗବତୀ ଗାଉଛନ୍ତି ଗୋ ।"

(୫୨) ରାଗ—ମଙ୍ଗଳ-କେଦାର

"ଦୃଷ୍ଟ ରୁଷ୍ଟ ପଣ କରି ଶ୍ରବଣ ତୁମ୍ଭର ।
ଦ୍ୱିଜ ପୂଜକ ହେବାକୁ ନ କଲେ ସ୍ୱୀକାର ।
ତହୁଁ ବୋଲେ ବୁଢ଼ୀ । ଧନ ଦେବା ଆଣ ଲୋଡ଼ି ।"

(୫୩) ରାଗ—ଆହାରୀ, ରୁକ୍ମିଣୀ ଚଉତିଶା ବାଣୀ

ନବ ବାଧିରେ ବନ୍ଧ  ମୋହ ପାରଇ ଶଙ୍କ
କି ଚନ୍ଦ ପାଉଛୁ ମଦନ ।

ନୟନ ତହିଁ ପଡ଼ି    ଆସୁନାହିଁ ବାହୁଡ଼ି
ପଦ ହୁଡ଼ିଯାଏ ଅୟନ ଗୋ ।
ଗୋକୁଳେଶ,
ନନ୍ଦନ ଏହୁ ସହୁ କହୁ    ବୃଷ୍ଣାନ୍ତ ମହାନନ୍ଦ ବହୁ
ରାମଭଦ୍ର ସଙ୍ଗରେ    ହରୁକ ରଙ୍ଗରେ
ଗୋକୁଳେଶ ।

(୫୪) ରାଗ—ବଚଳଦେଶାକ୍ଷ

ପତିବ୍ରତ ସରଯିବ    ଅପବାଦ ଉପୁଜିବ
ଜୀବ ଥିଲେ ପୁଣି ଶୁଣାଯିବ ଗୋ ।
ଧନ୍ୟ ପୁଣ୍ୟ ବୃନ୍ଦାବନ    ଧନ୍ୟ ଗୋଜନ୍ତୁ ଜୀବନ
ଦେଖୁଛନ୍ତି ଶ୍ରୀପଦପଲ୍ଲବ ।

(୫୫) ରାଗ—ପାହାଡ଼ିଆ କେଦାର

ଶ୍ରେଣୀକି ଶ୍ରେଣୀ ନାଚନ୍ତି ପୁଣି କଟି କଙ୍କିଣୀ ମଧୁର କଣି ଶ୍ରବଣେ ଶୁଣି ହରଘରଣୀ ହୋଇବେ କଣି ଯେ । ଗୁରୁ ବପଣି ସ୍ଥିତ ତରୁଣୀ ଦେଇ ଗ୍ରହାଣି କହନ୍ତି ବାଣୀ ଦେଖ ମିତଣି ମନହାରିଣୀ ପାଶ ଏ ଠାଣି ଗୋ । ବଳା ନ ଯିବେ ଏଥେଁ କେଉଁ ପରାଣୀ ଗୋ । ବଲ୍ଲୋକନେ ଭୁଲିବେ ମଦନ ରାଣୀ ଗୋ । ଭ୍ରୂଧାରିଣୀ କାର୍ମ୍ମୁକ ଆଣି ଗୁରୁ ଗ୍ରହାଣି ବାଣକୁ ଶାଣି କାନ୍ଦୁଛି ଟାଣି କେଉଁ ସୁବେଣୀ ରଖିବ ଆଣି ଗୋ ।

(୫୬) ରାଗ—ଶଙ୍କରା

କୃଷ୍ଣ କହନ୍ତି ରାମଙ୍କୁ । ନିଦ୍ରା ଘାରିଲା ଆମ୍ଭଙ୍କୁ ।
ଗୋଚାରଣ ପାଇଁ ଯାଅ ବେଗ ହୋଇ ଘେନାଇ ସଖାଙ୍କୁ ।

(୫୭) ରାଗ—କଲ୍ୟାଣ, କଳାକାଇଁଚ ବାଣୀ

ନିଧନ ସଙ୍ଗାଳ ମୋର ଦରିଦ୍ର ପସରା
ଅନ୍ଧ ଲଉଡ଼ି ବାବୁ ରେ ହୃଦରତ୍ନ ହାରା । କଳାମାଣିକ ରେ ।

(୫୮) ରାଗ—ରସକେଦାର

ସୁବଳ ବୋଇଲେ ଏ କୃଷ୍ଣବଳ । ଜାଣି ନାହୁଁ କି ଅକଳିତ ବଳ ॥
ଇନ୍ଦ୍ର ବାଦରେ ତୋଳିଲେ ଅଚଳ । ଦଳି ପକାଇଲେ ଅସୁରକୁଳ ॥
ଧାତାଠାରୁ ବଡ଼ ଆଉ ତ ନାହିଁ । କେତେ ଗଞ୍ଜି ହେଲା ଜାଣ କି ନାହିଁ ॥

(୬୯) ରାଗ—ପଟହ୍ମ ମଞ୍ଜରୀ

ବକୁଳରୁ ବନ ବରଷି ଜୀବନଧର କାନ୍ତି ମଣ୍ଡାଇବ ।
ଚନ୍ଦ୍ର ସୁଧାରସ ଚୁମ୍ବି ବ ସାରସ ଶଣ ନାହିଁ ଦେଖାଯିବ । ହେ ମିତ ।

(୭୦) ରାଗ ପଞ୍ଚମବରାଡ଼ୀ

ଶୁଣି କେ ମିତ ବସିଲ କୃଷ୍ଣଙ୍କୁ ସ୍ତୁହିଁ ଭାଷିଲ ଏସ୍ଥାନେ ପ୍ରସ୍ତୁତ ନାଟ୍ୟଶାଳା ।
ବାତ ସୂତ୍ରଧାର ହେଲ ଋତୁରାଜ କରେ ଲୀଳା ମୁଦ ଗଣିକା ହେଲ ଭଲ ହେ ।
ପ୍ରାଣମିତ । ବାସବମଣ୍ଡନ ହିଁ ମାନଲ ।
କଳକଣ୍ଠ ରତ ହେଲ ପଞ୍ଚମ ସ୍ୱର କଣିଲ ଅଭିନୟ କ ପଦ ଚଳିଲ ହେ ।

(୭୧) ରାଗ—ବଙ୍ଗଳାଶ୍ରୀ

ପରୋକ୍ଷାନୁବାଦ ବିରୋଧ ବାଣୀ ଶଠଶିରୋମଣି ଗୋବିନ୍ଦ ଶୁଣି
ଶଠତା ବଚନ ବୋଇଲେ ପୁଣି ଧନିସ୍ତା କହଗଲ ଏହିକ୍ଷଣି
କଂସ ଦୂତ ଆସିଛନ୍ତି ଗୋକୁଳକୁ ମୋତେ ଧରନେବା ପାଇଁ
ପୁଣି ସ୍ଥାନ ଖୋଜଇ ମୁଁ ଲୁଚିବା ପାଇଁ ।

(୭୨) ରାଗ—ଶାରଙ୍ଗ

"ଯାହା ସେ କହିଲେ ତାହା ସତ ବୋଲି ହେବ କି ।
କଣି ଥିଲେ ପୁଣି କେହି ବନାଶନ୍ତେ ସେବକୀ ।
ଦୂତ ଗୋ । ଦସ୍ୟୁନାଥଙ୍କ ପରି ଏ ଅବାଧିକ ।
ଅବାଧିକ କଲେ ଅରଜିବେ କେଉଁ ସିଦ୍ଧିକ ।"

(୭୩) ରାଗ—ଲଳିତକାମୋଦୀ

କଣି ପୁଣି ଗୁଣମଣି ଭଲ ତ କରାଶ, ଏ ଭାବ ଭାବନା ସିନା ଦେଉଛୁ ପରାସ ।
ଦୂତ ଗୋ, କହିବୁ ଧନୀକ । ପରଜନ ଧନ ହେଲେ କାହାକୁ ହାନି କ ।

(୭୪) ରାଗ—ଲଳିତକାମୋଦୀ, ବିମ୍ବାଧର ଚଉଦଶା ବାଣୀ

"ବାଞ୍ଛିତ ପଦାର୍ଥ ପାଇ ମୁହିଁ, ଆନନ୍ଦରେ ସୀମା ଆଉ ନାହିଁ ।
ପଟପର ହୃଦ ତଟରେ ପକାଇ କିଶି ବଞ୍ଚିଲି ଆନନ୍ଦ ବନ୍ଧୁ ଗୋ ।
ସୁବୟସୀ । ରଜନୀ ମାଗିଲି ପ୍ରାତେ ଆସି ଗୋ ।"

(୭୫) ରାଗ—ପୂରବୀ

"ମେଷ ବୃଷ ପରତାପକୁ ଅବଳା ସହି ରହିବ କି କରି ।
ମିଥୁନ ଘନରସ ବନା କଞ୍ଚିତ କକଡ଼ା ପାଶବ ତରି ହେ ।
ଶୂର, ସିଂହଘାତ ତୁମ୍ଭେ ସହିପାର ହେ । ଆନେ ନୁହଇ ସେ ସହିବାର ହେ ।।"

(୬୬) ରାଗ—ବଙ୍ଗଳ ଗୁଜ୍ଜରୀ

ଦୃଷ୍ଟି ପଡ଼ିବ ତାର ଯାହାଠାରେ । ବୃଷ୍ଟି ସୁଧା ହେବାର କି ବଡ଼ଭୂରେ ।
ଇଷ୍ଟ କାମ ପୂର୍ତ୍ତି ହେବ ଛୁଇଁ ପଦ । ସୃଷ୍ଟି ମଧ୍ୟେ କେଉଁ ବଡ଼ ଇନ୍ଦ୍ରପଦ ।

(୬୭) ରାଗ କଲ୍ୟାଣ, ପଡ଼ିତାଳ

ବାଣୀ ଶ୍ରବଣେ ହୋଇଲା ଗୋଚର, ଦେଖି ତ ପାରିଲା ନାହିଁ ସୁନ୍ଦର ।
ନୟନ ବୋଲେ ମୁଁ ହେଲେ କି ହେବ, ରସନା ବିନା କି ସ୍ୱାଦୁ ମିଳିବ ।
ରସନା, ଗନ୍ଧ ଆଶା ବହିଲା । ପରସ୍ପରେ ଚିନ୍ତା ଆଭେଦ ହେଲା ।"

(୬୮)—ନଳିନୀଗଉଡ଼ା, ପଞ୍ଚକ ନୟମ

ଅଭିସାରି ପଞ୍ଚ ଖଣ୍ଡ ପରିଏ ବାରିଲା ।
ବିପ୍ରଲବ୍ଧା ରସଲବ୍ଧେ ସନ୍ନିପାତି ହେଲା ଯେ ।

(୬୯) ରାଗ —ଲଳିତକେଦାର

ମୁଖରେ ଦେଲେ ଗୋବିନ୍ଦ, ଥୁ ଥୁ କରେ ସର ଲବଣୀ କନ୍ଦ ଗୋ ।
ଭଗବତୀ । ହେଲା କ୍ଷୀଣ ତନୁ ବୃନ୍ଦ ଗୋ ।"

(୭୦) ରାଗ—ଖେମଟା ଗୁଜ୍ଜରୀ

ବାତ ବଳେ ଉଡ଼ି ପଡ଼ୁଛି କ୍ଷୀର । ଶ୍ରୀମୁଖ ମାନୁଛି କି ମନୋହର ।
ଶଶୀ ଅଙ୍ଗୁ ସ୍ୱେଦ ଜାତ ଯେ ।
ନୀଳ କମଳରେ ସୁଧା ବିନ୍ଦୁ ବିନ୍ଦୁ ବୃଷ୍ଟି ଦୃଷ୍ଟି ହୋଏ ଖ୍ୟାତ ଯେ ।

(୭୧) ରାଗ—ଘଣ୍ଟାରବ, ନଆଳୀଗର୍ଭ ବାଣୀ

ପ୍ରପଦେ ଘୁରୁ ଝୁଣ୍ଟିଆ । ସେ ବିନ୍ଦୁ ଗୁମୁ ଖୁଣ୍ଟିଆ ।
ବୋଲଇ ପାହୁଡ଼, ଶବ୍ଦକୁ ଘଉଡ଼, ଶ୍ରୀପାଳଙ୍କ ଆପଟିଆ ।

(୭୨) ରାଗ—ଚିପା

ଦିନେ ପ୍ରୀତି କପଟିଆ । ଦଧିଦାନ ମାଗି ହେଲେ ଘାଟିଆ ଯେ । ନାଗରବର ହଟିଆ ଯେ । ବୋଲି ଦେଲେ ସ୍ନେହରେ ଦାନମାନ ଦେଇ ଯାଅ ଘରେ ଗୋ ।· ତନୁ ଦେବା ବୋଲି ଶ୍ରୀମୁଖରେ ।

(୭୩) ରାଗ—ସଙ୍ଗମଭଥାର ବାଣୀ

ପ୍ରଥମେ ହୁଅନ୍ତି ଦୂତ ଅଷ୍ଟପ୍ରକାରେ ।
ନାମ ଭିନ୍ନ ବୋଲନ୍ତି ସେ କର୍ମ୍ମ ସୂତ୍ରରେ ।
ଅସାଧ୍ୟ ସାଧଇ ଯେ ମାଧୁର୍ଯ୍ୟ ଶକ୍ତିରେ ।
କୃଷ୍ଣ ବଂଶୀ ତୁଲ୍ୟ ରେଖା ସେ ମହତ୍ତରେ ।

(୭୪) ରାଗ—ବସନ୍ତ

କହିବାର ନୋହେ ଯେ କଣ୍ଟକ ଛଟକକୁ
ରହି ଟଂଟକରେ ହସେ ଆନ କଣ୍ଟକକୁ ।

(୭୫) ରାଗ—ବସନ୍ତ

ମଲ୍ଲୀ ମାଧବୀ ମକରନ୍ଦ ସାଧବୀ ହେଲେଣି ବାନ୍ଧବୀ କାନନେ,
ତୁଷାର ନାଶ ଗନ୍ଧିହିଁ ହାସ ପ୍ରକାଶ କଲେଣି ପଙ୍କଜ ଆନନେ ।
ହେଲାଣି । ଚର୍ଚରୀ ପ୍ରକଟ କଣ୍ଠକେ ।
ଅତନୁ ଫୁଲର ବିଶିଖ କାର୍ମ୍ମୁକ ଘେନ ଚଳିଲାଣି କାମୁକେ ।

(୭୬) ରାଗ—ଚନ୍ଦ୍ରାଦେଶାକ୍ଷ

ମର୍ଦ୍ଦଳାକାର କଙ୍କତିକା ଝଳ । ଲାଙ୍ଗୁଳ କମ ସୁଷମା ପିରୁଳୀ ।
ସୁସଞ୍ଚ ଘଞ୍ଚ ଦଶନ ଆବଳୀ । ଚଳିବକ ନାହିଁ କୁନ୍ତଳ ଭଳି ଯେ ।
ଆଳୀ ଖଡ଼ିକା ଗଳାଇ ଯେ ।
ନଖେ ଝଙ୍କାର ଦେଇଣ ବେଣୀକାଣ୍ଡି ଦେଲା କେଶ କୁଣ୍ଡିଆଇ ଯେ ।

(୭୭) ରାଗ—ସାମ ଗୁର୍ଜ୍ଜରୀ

ହୋଇଲା ପ୍ରବେଶ ଗ୍ରୀଷମ ସମୟ ସୁଷମା ପ୍ରୌଢ଼ା ଯୁବତୀ କ ।
ରଜନୀ ମନୋହର କର ବହିଲା ପକ୍ୱଚୂତ ଫଳ କାନ୍ତିକ । ପ୍ରଫୁଲ୍ଲ ।
ମଲ୍ଲିକା ହାସକୁ ବିକାଶି ।
ରସିକ ଭ୍ରମର ଗୁଞ୍ଜୁକୁ କରତ ପାଟଳି ଶ୍ରବଣ କଦେଶି ।

(୭୮) ରାଗ—ଦେଶାକ୍ଷ

ବେଣୀ ଶୋଭା ଅବା ସାଧିବା ପାଇଁ । ରତ୍ନଶ ପଟିଶ ଅଛୁ ଭିଆଇ ।
କନକ ପିହାଣିଆକୁ ଅସମ । ମୁକୁତା ଜାଲ ମୁଠା ଜାଲ କମ ।
କ ସୁନ୍ଦରପଣ ଦଶେ କୁସୁମେ । ପୂଜାକରେ କ ଜଗଜ୍ଜୟ କାମେ ।

(୭୯) ରାଗ—ବସନ୍ତଭୈରବ

ମଲ୍ଲବିଦ୍ୟା ପଣ୍ଡିତ ଫଳିଛୁ ବାହୁ ବେନ ।
ତାହିତ ଶୋଭିତ ଯେ ମୟୂର ଝଲ ଘେନ ଯେ ।
ଚନ୍ଦ ଚୂଡ଼କୁ ବେଢ଼ିଛୁ ଅଁଳାଇ ଫୁଲ ।
ଉଙ୍କର ଧରିଛୁ ଭଲ କଳା ଓରମାଳ ଯେ ।
ସୁନା ମୋଡ଼ିଆ ପନସ କଢ଼ିଆ କୁଣ୍ଡଳ ।
ଦୋହଲ ଶୋଭା କରୁଛୁ ତା ଗଣ୍ଡମଣ୍ଡଳ ଯେ ।

(୮୦) ରାଗ—ଗୁଜ୍ଜରୀ

ମୂର୍ଖ ପ୍ରଶଂସା କଳାକାର । ତାହା ପ୍ରଶଂସା ମୂର୍ଖ ତାର ॥
ତା ରୂପ ଅସ୍ତ୍ର କର ଘେନ । ରୂପାସ୍ତ୍ର ବୋଲଇ ମଦନ ॥

(୮୧) ରାଗ—ମାଳବ

ରାମକୃତ ରାମ ରାମ ବନୋଦୀ । ଉପଇନ୍ଦ୍ର ବୀର ସନ୍ତାପ ଛେଦ ॥

(୮୨) ରାଗ—ଭୈରବ

"ବାଳ ଶଶିବାଳ ନବ ପ୍ରବାଳ ଅଧର
କୋମଳ ବାହୁ କମଳନାଳ ମନୋହର ।"

(୮୩) ରାଗ—ବସନ୍ତବରାଡ଼ି

"ଯାବତ ବ୍ରତଫଳ ହେଲା ସଫଳ ତୀର୍ଥଫଳହିଁ ଯେ ମିଶିଲା ।
ଦେବ ଦରଶନ ଦାନ ପୁଣ୍ୟ ମାନ ସେହ୍ନ ସେହ୍ନଠାକୁ ଆସିଲା ।
ଋଣୀ ଯେ, ହୋଇଥିଲେ ପୁଂସ ରତ୍ନରେ ।
କୋଟିଗୁଣ କରି ଲେଖିଦେଇ ଗଲେ ଆଖିଠାରେ ଅଛ ଯତ୍ନରେ ।"

(୮୪) ରାଗ—କଲସା

ହେ ତମାଳ ଶାଖା କେଶୀ ଏ ଭ୍ରମର କେଶୀ ।
ସେ ପୁଷ୍ପଗୁଚ୍ଛରେ ଏ ମୁକୁତା ଗୁଚ୍ଛେ ବଶୀ ଯେ ।

(୮୫) ରାଗ—ରାଜବିଜେ, ତାଳ ରୂପକ

"କମଳ ତୋଷ ଦାନ କର ହୋଇଲା ଦିନକୁ ଦୁର୍ବନ୍ଧ କର ।
ସୁବାସ ସୁମନାରେ ସ୍ନେହ ଅଧିକ ସକଳ ଜନ ଆଦର ହେ, ସାଧୁ ।"

(୮୬) ରାଗ—ବରାଡ଼ୀ

ଫୁଲ ଭ୍ରମର ବାଞ୍ଛିଅ, ଭ୍ରମର ଫୁଲ ଇଚ୍ଛଇ, ମଧୁ ଦେଇ ଫୁଲ ତୋଷ କରେ ।
ଅନୁସରଇ ଭ୍ରମର ତୋର ମୋର ଏ ପ୍ରକାର ନ ଛୁଟିବ ଜୀଇବାରେ ରେ ।
ଜୀବେଶ୍ୱର ! ନିଷ୍ଠା କର ଜାଣେ ମୁଁ ଏ କଥା ।
ମାଜିଲା ମୁକୁର ପର ନିର୍ମଳ ତୋ ହୃଦ ଗୋର
ଦ୍ରବିତବଚନ୍ଦ୍ର ମୋର ହୃଦବ୍ୟଥା ରେ ।

(୮୭) ରାଗ—ମୁଖାବରୀ, ଆଷାଢ଼ଶୁକ୍ଳ ବାଣୀ

କଳକଣ୍ଠ କାଳକଣ୍ଠ ବିହର । ଭ୍ରମରେ ହୋଇଛ ମହାମାଧୁରୀ ।
ବହୁଛ ସାରସ ଗନ୍ଧ ସମୀର । ସ୍ୱାଦୁରେ ସଘନ ଅମୃତାକର ।
ଯୋଗୀଜନ ମୋହ । କାମଶରାଳରେ ଛନ୍ନ କରଇ ।

(୮୮) ରାଗ—ବିଚିତ୍ର ଦେଶାକ୍ଷ

"ହୋ ! ତୁଷାର ଜଳରେ ପ୍ରଳୟ ରଚିଲା ବିଦେଶୀ ନ ପାଇ ସ୍ଥଳ ।
ମକର ମୁଖରୁ ଆଉ କି ବଞ୍ଚିବା ଭାବି ସେ ହେଲେ ବିକଳ ।
ରଜନୀ ପାଶରେ ବନ୍ଧନ । ବନ୍ଧନ ପରି ଶୟନ ।"

(୮୯) ରାଗ—ଝଣ୍ଟି କାମୋଦୀ

"ପାଶେ ଥିଲା ଧନରେ ମୋ ଭୋଜନ ଉଣ୍ଠରେ ତୁହି ଭୋଜନ କରୁ ରେ ।
ଦୂରେ କମ୍ପା ଆହାର ନ କରିଥିବୁ ଦୂର ଜାଣିଲି ଦୁର୍ବଳରୁ ରେ । ପ୍ରାଣବନ୍ଧୁ !
କେଉଁ ଧର୍ମେ ବର୍ତ୍ତିଲୁ ରେ ।
ପରାଣ ପ୍ରତିଆଶା ସଚେ ଚ୍ଛିନ୍ଦଣ ଯୋଷା ମୋତେ ବୁଡ଼ାଇଲୁ ରେ ।"

(୯୦) ରାଗ—ମଙ୍ଗଳ ଗୁଜ୍ଜରୀ

ବଧିରେ ତ ଶରାଳରେ ଯୁକ୍ତ ହୋଇଛନ୍ତି ।
ବାରପୂର୍ଣ୍ଣି ଅପଘନେ ରୁଚିର ଦଶନ୍ତି ।

(୯୧) ରାଗ—

"ବୁଧେ ଶୁଣିମା ହେଉ ସୁମତି । ବଇଶ୍ରବଣେ ଲଙ୍କଦେବତୀ ।
ବିହ୍ୱଳ ସନ୍ଦେଶ ହେଲଟି ଜବେଶ ବାର୍ତ୍ତା ପ୍ରବେଶ ଜାନକୀ କତିରେ, ବଂଶାକ୍ଷ ।"

(୯୨) ରାଗ—କଉଶିକ

"ରାଜେ ରାଜେନ୍ଦ୍ର ନନ୍ଦନ ପ୍ରାପ୍ତ ତେଜେ ଧନ ଅପୁରୁବ ନ ଥିବ,
ମାନସ ମାନସ ଲୋଭିତ ପୁଣ ତ ଏ ଗୁଣେ ଅଧିକ କରିବ ।
କଲୀ ବଳିତ । କେ ହେବ ନୋହୁଛି ପ୍ରତୀତ ।
ବଧି ବଧିରୁ ବାହାର ସୁନ୍ଦର ଏଥି ଥିବା ନୋହେ ଉଚିତ ।"

(୯୩) ରାଗ—ଘଣ୍ଟାରବ

"କେ ବୋଲେ ନାମୀ ଗୃଳଥା । କପାଇଁ ହେଉ ହାଲଥା ।
ଦେଖ ନନ୍ଦଘୋଷ ରଥ ଗ୍ରରପାଖ କେମନ୍ତେ ଦଣେ ନାଲଥା ।"

(୯୪) ରାଗ—ମଧୁପ ଚଉତିଶା

କାହା ଚୂଳରେ ଖଞ୍ଜି ବୁ କଥା କାହା ହୃଆରେ ଭଙ୍ଗିବୁ ହୃଆ ।
କାହା ଚୁମ୍ବରେ ଆମ୍ଭେ ଲଜ କରିଣ ଅନାଇ ଯେ ହୋଇଥିବୁ ଠିଆ ହେ । ମୋହନ ।

ଦୃଷ୍ଟାନ୍ତ ସ୍ୱରୂପ ଉପରେ କେତେଗୁଡ଼ିଏ ନିଦର୍ଶନ ଦିଆଗଲା । ଉପେନ୍ଦ୍ର ଭଞ୍ଜ ଛନ୍ଦ ଲେଖିବାରେ ବିଶେଷ କୌଶଳ ଦେଖାଇ ଅଛନ୍ତି । ସଂସ୍କୃତ ସାହିତ୍ୟଦର୍ପଣରେ ଯେତେ

ପ୍ରକାର ଅଳଙ୍କାର, ଛନ୍ଦ, ଅନୁପ୍ରାସ ପ୍ରଭୃତିର ବ୍ୟବହାର ଥିବାର ଦେଖାଯାଏ, ଭଞ୍ଜ ମହାଶୟ ସେ ସମସ୍ତ ଅନୁକରଣରେ ଓଡ଼ିଆଭାଷାରେ ଛନ୍ଦମାନ ଲେଖିଛନ୍ତି । ଓଡ଼ିଆ ସାହିତ୍ୟ ପରି ଅନ୍ୟ କୌଣସି ପ୍ରାଦେଶିକ ଭାଷାରେ ଏପରି ଛନ୍ଦ ଲେଖାଯାଇଥିବାର ଜଣାଯାଏ ନାହିଁ । ଭଞ୍ଜ ମହାଶୟଙ୍କ କବିତାମାନ ଏକାଧିକ ଅର୍ଥବୋଧକ । ଅମରକୋଷର ସାହାଯ୍ୟ ନ ନେଲେ ଭଞ୍ଜ କବିତା ଅର୍ଥ କରିବା କଠିନ । ଭଞ୍ଜଙ୍କର ଅଧିକାଂଶ କବିତା ଜନସାଧାରଣର ଅବୋଧ କହିଲେ ଚଳେ । ଭଞ୍ଜ ମହାଶୟ ତାଙ୍କ କବିତାର କ୍ଲିଷ୍ଟତା ବୁଝିପାରି ତାଙ୍କ ରଚିତ 'ଗୀତମାନଙ୍କ ଅର୍ଥ ବୁଝିବାଲାଗି ଗୋଟିଏ ଅଭିଧାନ ଲେଖିଥିଲେ । ଏ ପୁସ୍ତକର ନାମ 'ଗୀତାଭିଧାନ' । 'ଅବନା ରସତରଙ୍ଗ' ନାମକ ପୁସ୍ତକ କେବଳ ଅବନା ଅକ୍ଷରରେ ରଚିତ । ଗ୍ରନ୍ଥଟି ନିତାନ୍ତ କ୍ଷୁଦ୍ର ନୁହେ; ବରଂ ଏକଶତ ଛନ୍ଦରେ ପରିପୂର୍ଣ୍ଣ । ଭଞ୍ଜଙ୍କର ସଂସ୍କୃତଭାଷାରେ ଅଗାଧ ପାଣ୍ଡିତ୍ୟ ଥିଲା । ସାହିତ୍ୟିକ କଳାକୁଶଳତା କଣ, ଏକଥା ଦେଖିବାକୁ ଇଚ୍ଛା କଲେ ଲୋକ ଭଞ୍ଜଙ୍କ କବିତା ପଢ଼ିବା ଆବଶ୍ୟକ । ଭଞ୍ଜଙ୍କ 'ବୈଦେହୀଶ ବିଳାସ' ନାମକ ପୁସ୍ତକ ଗୋଟିଏ ଅମୂଲ୍ୟ ରତ୍ନ । ଏ ପୁସ୍ତକର ଛନ୍ଦଗୁଡ଼ିକ ଅତି ସହଜ ବା ଅତି କ୍ଲିଷ୍ଟ ନୁହେ । ଅତି ଅଳ୍ପ ଲୋକେ ଭଞ୍ଜ-କବିତାର ଧର୍ମ୍ମମାନ ବୁଝନ୍ତି । ତଥାପି ଭଞ୍ଜ କବିତାରେ କେ ଜାଣେ, କି ମୋହିନୀ ଶକ୍ତି ଅଛି ଯେ ଅକ୍ଷର ପରିଚୟ କରିଥିଲେ ଅଥବା ନିରକ୍ଷର ଥିଲେ ବି ବୈଦେହୀଶ ବିଳାସରୁ ପଦେଅଧେ ବୋଲିଦେଇପାରନ୍ତି । ଆମ୍ଭ ଦେଶରେ ଗୋଟିଏ କଥା ଅଛି ଯେ, "ପାଠ ପଢ଼ୁଥିଲେ ଗୀତ ଗାଉଥାଏ ବାଉରି କଣ୍ଡରା ପୁଅ ।" ଗ୍ରାମ୍ୟଲୋକରେ ଛାତ୍ରମାନେ ଅନେକ ଛନ୍ଦ ମୁଖସ୍ଥ କରନ୍ତି । ବୈଦେହୀଶବିଳାସ 'ବ' ନିୟମରେ ଲିଖିତ । ଉପେନ୍ଦ୍ରଙ୍କ ଦାଦା ଧନଞ୍ଜୟ ଭଞ୍ଜ ଜଣେ ପଣ୍ଡିତ-ଥିଲେ । ସେ 'ରାମବିଳାସ' ନାମକ ଗ୍ରନ୍ଥ ରଚନା କରି ପୁତୁରାଙ୍କୁ ଦେଖିବାକୁ ଦେଇଥିଲେ । ଉପେନ୍ଦ୍ର ପୋଥିଟି ଦେଖିଲେ; ମାତ୍ର ମନ ମାନିଲା ନାହିଁ ଏବଂ ଉତ୍ତର ଦେଲେ "ଏକପ୍ରକାର ହୋଇଛି ।" ଧନଞ୍ଜୟ ଉତ୍ତର ଶୁଣି ମନେ ମନେ ଅସନ୍ତୁଷ୍ଟ ହୋଇ କହିଲେ, "ତୁମ୍ଭେ କଣ ଏହା ଅପେକ୍ଷା ଭଲ ରଚନା କରିପାରିବ ?" ଉପେନ୍ଦ୍ର ଉତ୍ତର ଦେଲେ, "ସମୟ ଦେଲେ କରିଦେବି ନାହିଁ କାହିଁକି ?" ଧନଞ୍ଜୟ କହିଲେ, 'କେତେ ସମୟରେ କରିପାରିବ ?" ଉପେନ୍ଦ୍ର ଉତ୍ତର ଦେଲେ, "ବରଷକ ମଧ୍ୟରେ ।" ପ୍ରକୃତପକ୍ଷେ 'ବ' ନିୟମ ରଖି ଭଞ୍ଜେ ଛନ୍ଦ ରଚନା କଲେ । ପ୍ରତ୍ୟେକ ପଦ 'ବ' ଅକ୍ଷର ଆଦି ଆରମ୍ଭ, ପ୍ରତ୍ୟେକ ଛନ୍ଦର ପଦସଂଖ୍ୟା 'ବ' ଅକ୍ଷର ସଂଯୁକ୍ତ । ପୁସ୍ତକର ନାମ ମଧ୍ୟ 'ବ' ଅକ୍ଷର ସଂଯୁକ୍ତ । ପ୍ରତ୍ୟେକ ଛନ୍ଦର ସମାଲୋଚନା କଲେ ସ୍ୱତନ୍ତ୍ର ଗୋଟିଏ ଲେଖାଏଁ ପୁସ୍ତକ ହେବ । ଭଞ୍ଜଙ୍କ ପ୍ରାକୃତିକ ବର୍ଣ୍ଣନା ଅତୀବ ରମଣୀୟ । ଲଙ୍କାରେ ରାବଣର ଯେଉଁ ମଧୁବନ ଅଛି ତାକୁ ଭଞ୍ଜେ କିପରି ବର୍ଣ୍ଣନା କରିଅଛନ୍ତି ଶୁଣନ୍ତୁ —

"ବସନ୍ତି ଯେ ବସନ୍ତର ସକଳ କାଳରେ । ବିପିନ ନାମ ଲେଖନ ମଧୁବନ କରେ ଯେ । ବିବିଧ ତରୁଣ ତରୁ ଲତା ଗୁରୁ ଅତି । ବନ୍ଧ୍ୟା ନାହିଁ ସର୍ବେ ଫଳବନ୍ତ ପୁଷ୍ପବତୀ

ଯେ । ବଲ୍ମିବସୁ ଅଂଶ ପଶୁନାହିଁ ପତ୍ର ଘଞ୍ଚେ । ବିରହି ବିହ୍ୱଳେ ପତ୍ରଗୁଚ୍ଛ ଶୋଭି ରୁଚେ ଯେ (୩୭ ଛାନ୍ଦ) ।

ବିଳ୍ବଲିତ ସନ୍ଧି ନାନା ରତ୍ନ ଆଲବାଲ । ବାସର ରଜନୀ ମେଳ ପ୍ରଭା ମହୋଜ୍ଜ୍ୱଳ ଯେ । ବାପ୍ରୋଷିତ ଧନପତି ସେବେ ଲଙ୍କନାଥ । ବନନ୍ତି ସେ ବନରେ ନନ୍ଦନ ଚୈତ୍ରରଥ ଯେ । ବିହରନ୍ତି ଅମୃତ ତୁଲ୍ୟ ଶୀତଳ ଅମୃତ । ବଢ଼ାନ୍ତି ସ୍ୱର ଝାମୂତେ ବାଦକର ନୃତ୍ୟ ଯେ । ବିବୃତ ଚନ୍ଦନ ଚନ୍ଦ୍ର ଗନ୍ଧବହ ବହି । ବାଲୁକା ବ୍ୟାଜରେ ହେମ ବାଲୁକା ମଣ୍ଡଇ ଯେ । ବିହନ୍ତି ବାଦ ଆରମ୍ଭ ଗନ୍ଧର୍ବ ପଦକୁ । ବଞ୍ଚନ୍ତି କୁରଙ୍ଗ ଖତ କରି ତା ମଦକୁ ଯେ । ବନପ୍ରିୟ ପଞ୍ଚମ ସ୍ୱରକ ଗୀତାରମ୍ଭେ । ବହିଛୁ ଗନ୍ଧର୍ବ ପଦ ଛଡ଼ାଇଣ ଆମ୍ଭେ ଯେ ।"

ବର୍ତ୍ତମାନ ସଙ୍ଗୀତଶାସ୍ତ୍ର ସମ୍ବନ୍ଧେ କିଛି କହିବା । ଓଡ଼ିଆ ସାହିତ୍ୟର ସର୍ବାଙ୍ଗୀନ ଉନ୍ନତି ବେଳେ ସଙ୍ଗୀତଶାସ୍ତ୍ର ମଧ୍ୟ ଉନ୍ନତି ଲଭ କରିଥିଲା । ଅନେକ କବି ସଙ୍ଗୀତ ରଚନା କରିଥିଲେ । ବଙ୍ଗଳା ସଙ୍ଗୀତ ଓ ଓଡ଼ିଆ ସଙ୍ଗୀତ ମଧ୍ୟରେ ଓଡ଼ିଆ ସଙ୍ଗୀତ ବିଶେଷ ଭାବଗର୍ଭିତ । ବଙ୍ଗଳା ସଙ୍ଗୀତକୁ ଆମ୍ଭେମାନେ ଯେ ଆକାରରେ ଦେଖୁଥାଉଁ, ତାହା ଅତି ଅଳ୍ପ ଦିନର, ସେଥିରେ ପ୍ରାଚୀନତା ନାହିଁ । ଗୋପାଳ ଓଡ଼ିଆର 'ଟପ୍ପା' ବଙ୍ଗଳାଭାଷାର ପ୍ରଧାନ ପ୍ରାଚୀନ ସଙ୍ଗୀତ । ଗୋପାଳ ଜଣେ ଓଡ଼ିଆ କରଣ । ସେ ବଙ୍ଗଳାରେ ରହି ସାହିତ୍ୟକ୍ଷେତ୍ରରେ ନାମ କିଣିଯାଇଛି । ରାଜା କୃଷ୍ଣଚନ୍ଦ୍ରଙ୍କ ସଭାରେ ଗୋପାଳର ବିଶେଷ ଆଧିପତ୍ୟ ଥିଲା । ଏହା ଓଡ଼ିଶା ପକ୍ଷରେ ଗୌରବର ବିଷୟ ।

ଓଡ଼ିଆ ସଙ୍ଗୀତ ଅସଂଖ୍ୟ । ସମସ୍ତ ଆଜିପର୍ଯ୍ୟନ୍ତ ପଦାକୁ ବାହାରିନାହିଁ, ଅଧିକାଂଶ ଛାପା ହୋଇନାହିଁ । ବାବୁ ଦାମୋଦର ପଟ୍ଟନାୟକଙ୍କ ଯତ୍ନରୁ କେତେଗୁଡ଼ିଏ ସଙ୍ଗୀତ 'ସଙ୍ଗୀତସାଗର' ନାମକ ପୁସ୍ତକରେ ସଂଗୃହୀତ ହୋଇ ପ୍ରକାଶିତ ହୋଇଅଛି । ଓଡ଼ିଆ ସଙ୍ଗୀତ ମଧ୍ୟରୁ ଅଧିକାଂଶ ରାଧାକୃଷ୍ଣ ପ୍ରେମବର୍ଣ୍ଣନାତ୍ମକ । ଆଦିରସାତ୍ମକ ବୋଲି ଅନେକ ଆଧୁନିକ ଶିକ୍ଷିତ ଯୁବକ ଓଡ଼ିଆ ସଙ୍ଗୀତକୁ ଘୃଣା ଦୃଷ୍ଟିରେ ଦେଖନ୍ତି ଏବଂ ବଙ୍ଗଳାର ଦ୍ୱିପଦୀ, ତ୍ରିପଦୀ, ଚତୁଷ୍ପଦୀ ସଙ୍ଗୀତ "ଫୁଟିଲ ମାଲତୀର ଫୁଲ, ସୌରଭେ ପ୍ରାଣ କରେ ଆକୁଳ" ଶୁଣିବାକୁ ଅତି ସୁଖ ପାନ୍ତି । ଓଡ଼ିଆ ସଙ୍ଗୀତ ଯେତେବେଳେ ଲେଖାହୋଇଥିଲା, ତେତେବେଳେ ଲୋକମାନଙ୍କ ରୁଚି ପ୍ରତି ଲକ୍ଷ୍ୟ ରଖି ସମାଲୋଚନା କରିବା ଆବଶ୍ୟକ । ଯେଉଁ ଯୁଗରେ ଯେପରି ରୁଚି, କବିମାନେ ସେହି ରସାତ୍ମକ କବିତା ପ୍ରାୟ ରଚନା କରିଥାନ୍ତି । ଆମ୍ଭମାନଙ୍କର ବର୍ତ୍ତମାନ ରୁଚି ପରିବର୍ତ୍ତିତ ହୋଇଛି ସତ, ମାତ୍ର ଆମ୍ଭମାନଙ୍କ ରୁଚ୍ୟାନୁରୂପ ସଙ୍ଗୀତ ରଚନା କରିବା ଲାଗି ଆମ୍ଭେମାନେ ଦାୟୀ ।

ଆମ୍ଭମାନଙ୍କ ରୁଚିବିକାର ହେଲା ବୋଲି ପୁରୁଣା ଧନଗୁଡ଼ିକୁ ପାଣିରେ ପକାଇ-ଦେବାଟା ସୁବିବେଚନା କାର୍ଯ୍ୟ ନୁହେ । ତାକୁ ସାଇତି ରଖିବାକୁ ହେବ ଏବଂ ତା ସହିତ ଯେତିକି ଯୋଗକରିବାର ଇଚ୍ଛା ଥାଏ ବା ଶକ୍ତି ଥାଏ, ତାହା କର । ଓଡ଼ିଆ ସଙ୍ଗୀତରୁ

କେତେଗୋଟି ଦୃଷ୍ଟାନ୍ତସ୍ୱରୂପ ନିମ୍ନରେ ଦିଆଗଲା । ଛନ୍ଦ ଯେପରି ନାନା ରାଗରାଗିଣୀରେ ରଚିତ, ସଙ୍ଗୀତ ମଧ୍ୟ ସେହିପରି ନାନା ରାଗରାଗିଣୀଯୁକ୍ତ । କବିସୂର୍ଯ୍ୟ, ବନମାଳୀ, ଗୋପାଳକୃଷ୍ଣ କବିମାନଙ୍କ ସଙ୍ଗୀତ ସର୍ବଶ୍ରେଷ୍ଠ । ଅନେକ ଉତ୍କଳୀୟ ରାଜା ମଧ୍ୟ ସଙ୍ଗୀତ ରଚନା କରିଥିଲେ । ସଙ୍ଗୀତ, ଯାତ୍ରାଗୀତ, ପାଲଗୀତ, ଶବରଶବରଣୀ ଗୀତ, ମଧୁମଙ୍ଗଳ ଗୀତ, କୃଷ୍ଣଲୀଳା, ରାମଲୀଳା, ଭାରତଲୀଳା ଗୀତ, ପାଟୁଆ ଗୀତ, ଘୋଡାନାଚ ଗୀତ, ଭଜନ, ଜଣାଣ, ଚଉତିଶା ଗୀତ ଇତ୍ୟାଦି ନାନା ଶ୍ରେଣୀୟ ସଙ୍ଗୀତରଚକମାନଙ୍କ ସଂଖ୍ୟା କରିବା ଦୁଃସାଧ୍ୟ । ଓଡ଼ିଶାର ଅତି ନିମ୍ନଶ୍ରେଣୀସ୍ଥ ଲୋକମାନେ କବିତା କରୁଥିଲେ । ଏ ସମସ୍ତ ଗୋଟିଏ ତାଲିକା କରିପାରିବା ଅସମ୍ଭବ । ମାତ୍ର ଏ ସମସ୍ତ ସାହିତ୍ୟଚର୍ଚ୍ଚାର ନିଦର୍ଶନ । ଏଠାରେ ପ୍ରଧାନ ପ୍ରଧାନ କେତେଗୋଟି ସଙ୍ଗୀତ ନିଦର୍ଶନ ଦେବୁଁ । ପାଠକେ ସେଗୁଡ଼ିକର ରଚନାପ୍ରଣାଳୀ, ଭାବ ଓ ଭାଷା ପରୀକ୍ଷା କରି ଦେଖିବା ଉଚିତ । ଓଡ଼ିଆ ସଙ୍ଗୀତ ମଧ୍ୟରେ କବିସୂର୍ଯ୍ୟ ରାଜଗୁରୁଙ୍କ ବିରଚିତ "କିଶୋରଚନ୍ଦ୍ରାନନ୍ଦ ଚମ୍ପୂ" ସର୍ବାପେକ୍ଷା ଉତ୍କୃଷ୍ଟ । ଏଥିରେ 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ୩୪ ଅକ୍ଷରରେ ୩୪ଟି ସଙ୍ଗୀତ ଅଛି—ଅବଶ୍ୟ ଭିନ୍ନ ରାଗରାଗିଣୀ-ଯୁକ୍ତ । ଭାଷାରେ ସଙ୍ଗୀତ ଆରମ୍ଭ ହେବା ପୂର୍ବରୁ ମଙ୍ଗଳାଚରଣ ଆଦି ଗୀତସାରାର୍ଥ ସଂସ୍କୃତଭାଷାରେ ଦିଆଯାଇଅଛି । ଚମ୍ପୂର ଭାଷା ଯେପରି, ଭାବ ସେପରି ଉତ୍କୃଷ୍ଟ । ପ୍ରତ୍ୟେକ ସଙ୍ଗୀତ ଭିନ୍ନ ଭିନ୍ନ ରାଗ ଓ ତାଳଯୁକ୍ତ : ଯଥା—(୧) ରାଗ ସାବେରୀ—ତାଳ ତ୍ରିପୁଟା, (୨) ରାଗ କେଦାର—ତାଳ ତ୍ରିପୁଟା, (୩) ରାଗ ତୋଡ଼ିପରଜ—ତାଳ ଆଦି, (୪) କାମୋଦୀ—ଏକତାଳୀ, (୫) କୁମ୍ଭକାମୋଦୀ—ଏକତାଳୀ, (୬) ପଞ୍ଚମବରାଡ଼ି—ତ୍ରିପୁଟା, (୭) ମୁଖାବରୀ—ତ୍ରିପୁଟା, (୮) ପୁନାଗ—ଆଡ଼ତାଳୀ, (୯) ତୋଡ଼ିପରଜ—ଆଦିତାଳ, (୧୦) ବସନ୍ତ—ଏକତାଳୀ, (୧୧) ଦେଶାକ୍ଷ—ଆଡ଼ତାଳୀ, (୧୨) ତୋଡ଼ିପରଜ—ଆଡ଼ତାଳୀ, (୧୩) ଦେଶାକ୍ଷ—ତ୍ରିପୁଟା, (୧୪) ସୋମ—ଆଡ଼ତାଳ, (୧୫) କନଡ଼ା—ତ୍ରିପୁଟା, (୧୬) ତୋଡ଼ିକଙ୍ଗଲ—ଆଡ଼ତାଳୀ, (୧୭) ଭାଟିଆରୀ—ଆଡ଼ତାଳୀ, (୧୮) ତୋଡ଼ିକଙ୍ଗଲ—ଆଠତାଳୀ, (୧୯) କାମୋଦୀ—ଏକତାଳୀ, (୨୦) ଭୈରବ—ଆଠତାଳୀ, (୨୧) ତୋଡ଼ିପରଜ—ଏକତାଳୀ, (୨୨) ସାବେରୀ—ଆଠତାଳୀ, (୨୩) କେଦାରଗୌଡ଼ା—ତ୍ରିପୁଟା, (୨୪) ମରୁଆ—ତ୍ରିପୁଟା, (୨୫) ମୁଖାରୀ—ଅଡ଼ତାଳୀ, (୨୬) କେଦାର—ଆଡ଼ତାଳୀ, (୨୭) ଅବକାଶ—ତ୍ରିପୁଟା ପଦପଟ ଆଡ଼ତାଳୀ, (୨୮) ସାବେରୀ—ଆଠତାଳୀ, (୨୯) ମୁଖାରୀ—ତ୍ରିପୁଟା, (୩୦) ମୋହନା—ଏକତାଳୀ, (୩୧) ଗୌଡ଼ା—ଝୁଲା, (୩୨ କେଦାର—ଆଦିତାଳ ଇତ୍ୟାଦି ।

ଚମ୍ପୂର ପଦଯୋଜନା ଭାବ କିପରି ଦେଖନ୍ତୁ—

କି ମିତ କି ଜାତିଶୀଳ   କି କୁଳ ବିରତ ଫଳ
ଠଉରି ନ ପାରେ ମୋ ମତିରେ ।

କୋମଳତର ମୋହନ କୁଞ୍ଜ କୁକ୍ଷିରୁ କି ସ୍ୱନ
ଆସି ଚୁମ୍ବି ଦେଲା ମୋ ଶ୍ରୁତିରେ ।
ଖିଆଲ ପରି କି ଧନ ମନରେ ଭଲିଲୁ ରେ
ଖଳକାର ନୋହି କଳା ନାଗକୁ ଗୁଳିଲୁ ରେ

ଗତାଳସ ନାଟ ପଟୁ ଖଞ୍ଜରୀଟ ପରିଏ ଆସିଲା ଉଡ଼ି
ଗଣ୍ଡି ଗର୍ଭେ ଗୁଳି ଗଲା ପରି ଗଲା ବିବେକ ଦେଲା ଘଉଡ଼ି ।
ନୀଳୋତ୍ପଳ ବାସୀ ହେଲା ପରି ହଣି ଯାଉଛୁ ଦୂରୁ ଶ୍ରୀଅଙ୍ଗ
ନାସା ନୀଳଡଲ ଫୁଲରୁ ଅନଳ ପ୍ରସରୁଛୁ ବେଗ ବେଗ ।

ଚମ୍ପୂରେ ଅନେକଗୁଡ଼ିଏ ଅସଲ ଓଡ଼ିଆ ପଦ ବ୍ୟବହୃତ ହୋଇଥିବାର ଦେଖାଯାଏ । ସେଗୁଡ଼ିକ ଓଡ଼ିଆ ଭାଷାର ନିଜସ୍ୱ । ଯଥା—

ହୋଇଗଲା ଆରପାର, ଠଉର ନ ପାରେ, କଲବଲ, ଛଟପଟ ହୋଇଯାଉଛୁ, ନିପଟ, ଖରାପ, ଖାଇଦେଇ କି ଅମଲ, ଖାରି ଖଣ୍ଡାଧାର ଖଟ, ଖରି ସ୍ୱର ଝାଉଁଳିବା, ଖଣ୍ଡ କଟରେ ଧନ ଦେଇ ପଟଦେ ନ କହିଲୁ, ସଙ୍ଗାତ, ଗୋଡ଼ ଖସି, ଦରଦ, ଗଞ୍ଜାଇକି ଜାଣି, ଘଉଡ଼ି, ଗୋଳିଆ ନ ରଖି, ଗୋଳିଦେଲା, ଅରୁ, ଘୋଳାରେ ପଡ଼ିଛି ମରୁଁ, ଆଟୁ, ଦଉଡ଼, ଆହା ମରଇ ମୋ ଧନ, କଦନ, ଚପୁଡ଼ି, ଚକଣ, ଚନାଏ ତ, ଚୂଳ ମୁକୁଟିଆ, ଚରିମରି, ଚମତ୍କାର, କପଟ ପେଟରେ ରଖିତ, ଜଟିଦେଲୁ, ଛପିବାର, ଛେଲି, ଛୁଟିଯାଇ, ଛଣାସୁଧା ପରି ହଣେ, ଝିମିଟି, ଡାଡ, ଝିମିଝିମି, ଝିମିଟି, ଝଲକଗଲି, ଗହା, ଟେକାଟେକି, ଖଣ୍ଡ, ଗଞ୍ଜଣା, ଟେକ, ଟିକଏ, ଟାକଛ, ଠିକ ଠ ବଣ୍ଟୁଲ, ଠକସିଦ୍ଧ ନ ଆଚରି, ଠୋ କର ଛୁଣ୍ଡାଇ ଦେ ନା, ଠାରିଦେଲେ ନେଯାଆନ୍ତଲେ, ଠଣା ଠୁଙ୍କି, ଠଉରାଇ, ଠାକୁର, ଠାକୁରାଣ, ଡୋର,ଡୁବିବଟି, ଡୋଲାପ୍ରତିମା, ଡବଡବ ବାର, ଡହଡହ ହେବ, ଡୁଇ, ଢୋକାଇଦେଲେ, ଢୁଳାଇଲା ପରି, ଢୋକୁଟିକି ସିନା, ହଟି, ଭୁଟି, ନିଟବଦନ କଲଟି, ଭୁଷୁଡ଼ିବ, ଏ ପଲ୍ଲବ ପଲ୍ଲୀଟି, ମୋ ମରଜି କଷିଲା ରେ, ତୋତେ ମୋ ରାଣ, ଆହା ମରଇଁ ତ ବରିଗଲି, ଦଣ ବାର, ଦବାଲା ହେବାର, ଧରମବନ୍ଧୁ, ଧୂମ୍ପିଦେଇ, ଧରମିଲୁ, ଧମକାଇଲା, ଲଗାଇ, ପସନ୍ଦ, ଟାକରି, ଫଉରଟଖୋର ଆଖରକୁ ହେବାର, ଫୁଲିଗଲୁ, ଫନ୍ଦାଇ, ଫରିଆଦ, ଫରମାସ, ଫଳିତ, ଫୁରୁଣା, ଡଣ୍ଡିମ, ଅଜଣା, ଭୁଷୁଡିବଟି, ଆଡଗୁଷା, ସୁସାରେ, ଲମ୍ଫୁଆ, ପତ୍ତିଲ କି ପା ଚଲେ ।

ଶ୍ରୀକୃଷ୍ଣଙ୍କ ରୂପବର୍ଣ୍ଣନା କିପରି କରାଯାଇଛି ଦେଖନ୍ତୁ—

ରାଗ—ଗୌଡ଼ା, ତାଳ—ଝୁଲା

ହରି ଆମାର ଗୋ ଏ ତ ପ୍ରାଣଧନ । ପଦ ।

ହରହସ୍ତ ମଣିନିକିଷୁଛୁ ଅପଘନ ଗୋ ।
ନିନ୍ଦୁଛୁ ଇନ୍ଦୁକୁ ସୁବଦନ ଗୋ । ୧ ।

ହଜାରସଂଖ୍ୟକ ଏକ ହେଲେହେଁ ମଦନ ।
ହେବ କି ଏ ମୋହନ ସମାନ ଗୋ । ୨ ।
ହଜ ନଯିବ ଜୀମୂତକେଶୀର କି ଜ୍ଞାନ ଗୋ ।
ଶୁଣି ମୃଦୁ ମୃଦୁ ବେଣୁଗାନ ଗୋ । ୩ ।

ରାଗ—କାମୋଦୀ, ଆଦିତାଳୀ (କବିସୂର୍ଯ୍ୟ)

କଳା କେଶଗୁଚ୍ଛ ବାଳୀ ଧୂତଦନ୍ତକୁ ଦଳି ଦେଲଣି ଆସି ମନ ଗୁହାକୁ ଗୋ ।
ଥରକେ ଯେବେ ଲୋକ ନୋହିଲ ଜାଗରୂକ
କହିବା ତେତେ ରୁହା ରୁହାକୁ ଗୋ ।
ଗୋହବ ଚମ୍ପା ଧଣ୍ଡା ନିର୍ଜିତ ଗଜଶୁଣ୍ଡା ଦଣ୍ଡକୁ ନିନ୍ଦ ଗୃହିଁ ଯାହାକୁ ଗୋ ।
ବିଶେଷ ବିଷନାଳ ହସିଲଣି ପୃଥୁଳ ଆଉ କାହିଁଛୁ ସେ ବାହାକୁ ଗୋ ।

ରାଗ—ଭୈରବୀ, ଆଠତାଳୀ (କବିସୂର୍ଯ୍ୟ)

ନିନ୍ଦିଲେ ନିନ୍ଦନ୍ତୁ ଜନେ ତାର ପଛେ ବନେ ବନେ
ଶିରେ ଘେନି ବୁଲୁଥିବି ତା କଠାଉ ।

ରାଗ—କେଦାର, ତାଳ—ଆଦି

ବନ୍ଧୁ କଲି କି ଦୁର୍ବିସ୍ମରକୁ ରେ । ବର୍ଜିଲି ଖଣ୍ଡ ଅର୍କ କ୍ଷୀରକୁ ରେ ।
ଅକ୍ଷରେ ନ ଜାଣିମା ମୂରୁଖ ପରି ନିଜ ବକ୍ଷରେ ଲକ୍ଷ୍ୟକଲି ଶରକୁ ରେ । ପଦ ।
ସମ୍ବାଦ ଗୁଞ୍ଜ ଆଣି ମୁଁ ଫିଙ୍ଗିଦେଲି ପାଣିବନ୍ତ ବର୍ତ୍ତୁଳ ମୋତିହାରକୁ ରେ ।
ଚଢ଼ାଇଦେଲି ସ୍କନ୍ଧରେ ଚନ୍ଦନ ତରୁ ଚୂଳେ କର୍କଟୀ ଲଟା ସ୍ତରକୁ ରେ ।

ରାଗ—ପାନ୍ତବରାଡ଼ୀ, ଆଠତାଳୀ (ଉପେନ୍ଦ୍ର ଭଞ୍ଜ)

ମୂଳ କଳନ୍ତର ସବୁହିଁ ବୁଝିଲେ ନାହିଁ ମୋ ତହିଁ ବିସ୍ତର ।
ମୁଁ ତାଙ୍କର ବୋଲି ଲେଖି ଯା ଦେଇଛି ଚରନ୍ତୁ ମୋର ପତର ।
ଲୋକେ ଜାଣନ୍ତୁ ଯେ ବିଶୋଧନ ମୋ ହେବାର ।
ଏଥିଉତ୍ତାରୁ ଯେବେ ନଷ୍ଟ ପଢ଼ିବ ପ୍ରମାଣ ହେବ ମୋହର ।

ରାଗ—ଦେଶାକ୍ଷ, ତାଳ—ଝୁଲା (ବନମାଳୀ ଦାସ)

ଶ୍ୟାମ ପଦ ନଖ କାନ୍ତି ଶଶୀଠାରେ ନାହିଁ ଗୋ ।
ସେ ତ କଳଙ୍କରେ ପୂର୍ଣ୍ଣ ଏଥି ଦୋଷ କାହିଁ ଗୋ ।

ରାଗ—ଶୋକକାମୋଦୀ, ଆଠତାଳୀ (ବନମାଳୀ)

ଉଭା ହୋଇଥିବ କଦମ୍ବର ମୂଳେ ନଟବର ବେଶ ହୋଇ ।
ଘେନିଥିବ ଯେବେ ମୋହନ ମୁରଲୀ ଅଧରେ ଚୁମ୍ବିବ ନାହିଁ ।

ରାଗ—ଦେଶାକ୍ଷ, ଅଠତାଳୀ (ବନମାଳୀ)
ମୂର୍ଚ୍ଛା ବଡ଼ ପ୍ରମାଦ କଲା ମୋତେ ଅପ୍ରମାଦ
ପରବଶତା ଛଡ଼ାଇଲା ପର ମଣେ ।

ରାଗ—ତୋଡ଼ି, ଏକତାଳି (ହରି)
ସାତ୍ତ୍ୱିକ ଅଧିକ ବଢ଼ିବାରୁ ଧିକ କରଇ ବିବେକ ହେଳା ।
ମୋହନରାଜ ମୋହରେ ପଡ଼ୁଅଛୁ ବହନ ଚେତନ ତେଜା ରେ ।

ରାଗ—କାମୋଦୀ, ତାଳ—ଝୁଲା (ଭଗୀରଥି)
ମୃଗଈଶ-ବଂଶ-ଉଦ୍ଭବ, ଭଗୀରଥି ଉର୍ବୀ ବାସବ ।
ବାହାଦୂର ବୋଲେ ଯାହା ଥିଲା ଭାଲେ ତାହା ଏବେ ଭୋଗ କଲି ସିନା ।

ରାଗ—କାମୋଦୀ, ତାଳ—ଝୁଲା (ରାମକୃଷ୍ଣ)
ଘନଶ୍ୟାମ ଛବିକି ଦେଖି । ଚିତ୍ତ ମୋର ରହିଲା ଲଖି ।
କାହୁଁ କାହ୍ନୁ କେତେ ଭଙ୍ଗୀ କି ଶିଖିଛୁ ଗୃହୁଁ ଗୃହୁଁ ଚିତ୍ତ ବୁଡ଼ିଗଲାରେ ।

ରାଗ—ଶଙ୍କରାଭରଣ, ଆଠତାଳୀ (ପୀତାମ୍ବର ଦ୍ୱିଜ)
ସାରଙ୍କ ତାଠାରେ ଅଛୁ । ସ୍ତନ ପିଇଛୁ ଯାହାର ତା ପ୍ରାଣ ନେଇଛୁ ।
ସ୍ୱପନ ଧିତ ସତ ମଣିବାର ଉଚିତ ଦୁର୍ଦ୍ଦଶା ପରିପତ ବହି ଅଣି କଲା ତ ।

ରାଗ—ମୁଖାବରୀ, ତାଳ ତ୍ରିପୁଟା (ଗୋପାଳକୃଷ୍ଣ)
ଗୋପାଳକୃଷ୍ଣ ଭଣିତ ଜାଣି ସଙ୍ଗିନୀ ଇଙ୍ଗିତ
କଲା ଦୋଷ ଭେଦିଛୁ ମରମକୁ ଗୋ ।

ଏହିପରି ସମସ୍ତ କବିଙ୍କ ରଚନାରୁ ପଦେଅଧେ ଲେଖିଲେ ମଧ୍ୟ ଗୋଟିଏ ସୁବୃହତ୍ ପୁସ୍ତକ ହେବ । ସୁତରାଂ ଆଶାକରେ ସହୃଦୟ ପାଠକମାନେ ଓଡ଼ିଆ ସଙ୍ଗୀତର ବିଶେଷତ୍ୱ ଉପଲବ୍‌ଧି କରିବାକୁ ଇଚ୍ଛାକଲେ ପ୍ରକାଶିତ ଓ ଅପ୍ରକାଶିତ ସଙ୍ଗୀତ ପୋଥିମାନ ଅଧ୍ୟୟନ କରିପାରିବେ । ବର୍ତ୍ତମାନ ଆମ୍ଭେ ସଂକ୍ଷେପରେ କେତେ ଜଣ ସଙ୍ଗୀତଲେଖକ କବିଙ୍କ ନାମ ନିମ୍ନରେ ଦେଉଅଛୁଁ ।

(୧) ଶ୍ରୀ ସାମନ୍ତରାୟ, (୨) ପ୍ରତାପରୁଦ୍ର ଦେବ, (୩) ପଦ୍ମନାଭ ଦେବ, (୪) ଜଳନ୍ତର ପୁରନ୍ଦର, (୫) କବିଚନ୍ଦ୍ର, (୬) ଗୌରଚନ୍ଦ୍ର ଦେବ ଗଜପତି (୭) ରଘୁନାଥ, (୮) ପୀତାମ୍ବର ଦେବ, (୯) ସୁଦର୍ଶନ, (୧୦) ରାମଚନ୍ଦ୍ର, (୧୧) ଘନଶ୍ୟାମ, (୧୨) ଜଗନ୍ନାଥ ଗଜପତି, (୧୩) ରାଜେନ୍ଦ୍ର ଦେବ, (୧୪) ମଧୁଦାସ, (୧୫) କୃଷ୍ଣଚନ୍ଦ୍ର, (୧୬) ଦ୍ୱିଜ ଦୀନବନ୍ଧୁ, (୧୭) ପରମାନନ୍ଦ, (୧୮) ଜଗଦେବ, (୧୯) ନୃପତି ବଳାରି, (୨୦) ବୁଣିରହି, (୨୧) ଶ୍ୟାମସୁନ୍ଦର, (୨୨) ଦଧିବାମନ, (୨୩) ଅବନୀ ଦେବ

ପ୍ରଭାକର, (୨୪) ବ୍ରଜବଲ୍ଲଭ, (୨୫) ପୁରୁଷୋତ୍ତମ, (୨୬) ବଳ ଅନୁଜ, (୨୭) କବିବଲ୍ଲଭ, (୨୮) ଶ୍ରୀ ମୁକୁନ୍ଦଦେବ, (୨୯) କୃଷ୍ଣଚନ୍ଦ୍ର ନରେନ୍ଦ୍ର ଦେବ, (୩୦) ଉପେନ୍ଦ୍ର, (୩୧) ସୁଧାନିଧି, (୩୨) ରାମକୃଷ୍ଣ, (୩୩) ରାମଚନ୍ଦ୍ର ଦେଓ, (୩୪) ଜଗନ୍ନାଥ ନାରାୟଣ ଦେବ, (୩୫) ଦ୍ୱିଜ ପଦ୍ମନାଭ, (୩୬) ଗଙ୍ଗବଂଶ ଅବତଂଶ ଶ୍ରୀ ଜଗନ୍ନାଥ ଦେବ, (୩୭) ଶ୍ରୀ ଯୋଗେନ୍ଦ୍ର ଦେବ, (୩୮) ବଲ୍ଲଭାନନ୍ଦ, (୩୯) ଭାଗୀରଥି ରଣା, (୪୦) ଦ୍ୱିଜ ପୀତାମ୍ବର, (୪୧) ଅନୁକୂଳ ଭୂପତି, (୪୨) ଶ୍ରୀମଦେବ, (୪୩) ଶେଖର, (୪୪) କ୍ଷୀର, (୪୫) ରାଜରାଜେଶ୍ୱର ଦେବ, (୪୬) ଯମେଶ୍ୱର, (୪୭) ସତ୍ୟବାଦୀ, (୪୮) ବିଶ୍ୱମ୍ଭର ରାଜେନ୍ଦ୍ର (୪୯) କବି ଦ୍ୱିଜରାଜ, (୫୦) ଭଗୀରଥ ଭୂଦେବପତି, (୫୧) ଶ୍ୟାମଘନ, (୫୨) ପୁରୁଷୋତ୍ତମ ନୃପ ଅନଙ୍ଗଭୀମ, (୫୩) ମଦ୍ଦକାନ୍ତର, (୫୪) ପଦନ, (୫୫) ହର, (୫୬) ଦ୍ୱିଜ ମାନଗୋବିନ୍ଦ, (୫୭) ସଦାଶିବ, (୫୮) ମାନ, ୫୯) ଦ୍ୱିଜ ନାରାୟଣ, (୬୦) ଶ୍ରୀ ଭ୍ରମରବର, (୬୧) ସାଲବେଗ, (୬୨) ମହେଶ୍ୱର ଶ୍ରେଷ୍ଠରାୟ, (୬୩) ନାରାୟଣ ପଟ୍ଟନାୟକ, (୬୪) ଶ୍ରୀ ଜଗନ୍ନାଥଦେବ କୁମାର ଗଜପତି, (୬୫) ଅଷ୍ଟଦୁର୍ଗ ପୁରୋହିତ, (୬୬) ଅଷ୍ଟଦୁର୍ଗପତି, (୬୭) ଗଜପତି, (୬୮) ଉପଇନ୍ଦ୍ର ଭଞ୍ଜ, (୬୯) କ୍ଷିତିଦେବ ଗଙ୍ଗାଧର, (୭୦) ବୀର ଶ୍ରୀଗୌରଚନ୍ଦ୍ର, (୭୧) ବନମାଳୀ, (୭୨) ଗୋପାଳକୃଷ୍ଣ, (୭୩) ବୃନ୍ଦାବନ, (୭୪) ଭଦ୍ରପୁରରେ ସ୍ଥିତ ବିବୁଧ ବଉଦର, (୭୫) ଚଇତନ ଦାସ, (୭୬) ଗଙ୍ଗାଧର, (୭୭) ମଦନ ପାମର, (୭୮) ନୃସିଂହ ଭ୍ରମରବର, (୭୯) ବୀରକେଶରୀ ଦେବ, (୮୦) ନାରାୟଣ ସିଂହ ଦେବ, (୮୧) ଲକ୍ଷ୍ମୀନାରାୟଣ ଜଗଦ୍ଦେବ, (୮୨) ମାନଧାତା (୮୩) ଦୀନଭକ୍ତ, (୮୪) କୃଷ୍ଣଚନ୍ଦ୍ର ଦେବ, (୮୫) ନରସିଂହ, (୮୬) ଚକ୍ରପାଣି ସିଂହ, (୮୭) ଦୀନ କାଶୀ, (୮୮) ନୀଳାଦ୍ରି, (୮୯) ବୈଦ୍ୟନାଥ, (୯୦) ମାନସିଂହ ହରିଚନ୍ଦନ, (୯୧) ଧରଣୀଧର, (୯୨) ସାମନ୍ତରା ନୃପମଣି, (୯୩) ଜନାର୍ଦ୍ଦନ ରାୟଗୁରୁ, (୯୪) କୃଷ୍ଣଚନ୍ଦ୍ର ସିଂହ, (୯୫) ଟଙ୍କଧର (୯୬) ଦ୍ୱିଜ ଗୌରହରି, (୯୭) ଗୁଣିରତନସୁତା (୯୮) ଗୁଣିରତନସୁତ, ଗୁଣିରତ୍ନ କୁମର, (୯୯) ରାମଚନ୍ଦ୍ର, (୧୦୦) ନୃସିଂହ ପଟ୍ଟନାୟକ, (୧୦୧) ଦ୍ୱିଜ ଦାଶରଥି, (୧୦୨) ହରିଚନ୍ଦନ, (୧୦୩) ଦେବଦୁର୍ଗ ମଣ୍ଡଳେଶ୍ୱର, (୧୦୪) ମାନସିଂହ, (୧୦୫) ନୃସିଂହପୁର ଖଣ୍ଡ ଭୂପତି, (୧୦୬) ସୋମନାଥ ହରିଚନ୍ଦନ, (୧୦୭) ଦୀନବନ୍ଧୁ ରାଜ, (୧୦୮) ଗୋପବନ୍ଧୁ, (୧୦୯) ବାଲୁଙ୍କେଶ୍ୱର, (୧୧୦) ଶ୍ରୀ ମହୀନ୍ଦ୍ର ବାହାଦୁର, (୧୧୧) ଦ୍ୱିଜ ପଦ୍ମନାଭ, (୧୧୨) ସଦାନନ୍ଦ, (୧୧୩) ଦୀନକୃଷ୍ଣ, (୧୧୪) ଚକ୍ରପାଣି ପଟ୍ଟନାୟକ ଇତ୍ୟାଦି । ଆଉ ଅନେକ ଲେଖକଙ୍କ ନାମ ଏ ପର୍ଯ୍ୟନ୍ତ ଜଣାଯାଇ ନାହିଁ । ଏଥିରେ କେତେ ଜଣ ଆଧୁନିକ କବିଙ୍କ ନାମ ଅଛି; ମାତ୍ର ଅଧିକାଂଶ ପୁରାତନ କବି । ଅନଙ୍ଗଭୀମଦେବଙ୍କ ନାମରେ ଗୀତ ଭଣିତା ହୋଇଥିବାର ଦେଖାଯାଏ । ସେ ନିଜେ ଏ ଗୀତ ରଚନା କରିଥିବେ ଅଥବା ତାଙ୍କ ନାମରେ କେହି ଭଣିତା କରିଥିବ; ମାତ୍ର ଗୀତଟି ତାଙ୍କ ସମୟର ଲେଖା । ସୁତରାଂ ସେ କାଳରୁ ଓଡ଼ିଶାରେ ସଙ୍ଗୀତଚର୍ଚ୍ଚା ଆରମ୍ଭ ହୋଇଥିବାର

ପ୍ରମାଣ ମିଳେ । ସଙ୍ଗୀତମାନଙ୍କରେ କବିମାନେ କେବଳ ଆପଣା ଆପଣା ନାମ ବ୍ୟବହାର କରିଛନ୍ତି । ବିଶେଷ କିଛି ପରିଚୟ ମିଳିବାର ଆଶା କରାଯାଏ ନାହିଁ ।

ଅନେକ ଚଉପଦୀ ଲେଖା ମିଳେ । ସଙ୍ଗୀତପରି ଚଉପଦୀ ମଧ୍ୟ ନାନା ରାଗରାଗିଣୀ ଓ ତା ଳ ସଂଯୁକ୍ତ । ଚଉତିଶା ଓ ଚଉପଦୀ ମଧ୍ୟରେ ପ୍ରଭେଦ ଏହି ଯେ, ଚଉତିଶା 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଚଉତିଶ ଅକ୍ଷରମୂଳକ ୩୪ ପଦ ଏବଂ ଚଉପଦୀ ସାଧାରଣତଃ ଚାରି ପଦ । ଚଉପଦୀ ନାନା ରାଗରାଗିଣୀ ସଂଯୁକ୍ତ; ମାତ୍ର ଚଉତିଶାମାନଙ୍କର ସ୍ୱତନ୍ତ୍ର ବୃତ୍ତ । ମଧୁପ ଚଉତିଶା, ଶରୀରଭେଦ ଚଉତିଶା, ମାନଭଙ୍ଗ ଚଉତିଶା ଇତ୍ୟାଦି ନାନା ବିଷୟାତ୍ମକ ଚଉତିଶା ଅଛି । ଶରୀରଭେଦ ଚଉତିଶାର ଲେଖା ଅତି ଉତ୍କୃଷ୍ଟ, ଭାଷା ସରଳ; ମାତ୍ର ଭାବ ଅତି ଉଚ୍ଚ । କ୍ଷଣସ୍ଥାୟୀ କ୍ଷଣଭଙ୍ଗୁର ଶରୀର ପ୍ରତି ବୈରାଗ୍ୟ ଜନ୍ମାଇ ଈଶ୍ୱରଙ୍କ ପାଦପଦ୍ମରେ ଲକ୍ଷ୍ୟ ରଖିବାଲାଗି ଏହା ଗୋଟିଏ ଉତ୍କୃଷ୍ଟ ପଦ୍ୟ । ବିଷୟଟି ସାଧାରଣ ବୋଧଗମ୍ୟ ହେବାଉଳି ଅତି ସରଳ ଭାଷାରେ ଲେଖା ହୋଇଛି ।

କହଇ ମନ ଆରେ ମୋ ବୋଲ କର
କାଳା ଶ୍ରୀମୁଖ ବାରେ ଦେଖିବା ଚାଲ ରେ ।
କେତେ ଧନକୁ ମନ ବାନ୍ଧିଛୁ ଆଣି
କି ଘେନିଯିବୁ ତୋର ଛୁଟିଲେ ଘଟ ରେ । ୧ ।
ଖଟ ପଲଙ୍କ ମନ ଶେକାଇ ଶୋଉ
ଖଳ ଦୁର୍ଗନ୍ଧ ହେବ ଏ ତୋର ଦେହୁଁ ରେ ।
ଖଣ୍ଡି କି ଖଣ୍ଡି ତୋର ପଞ୍ଜରା କାଟି ।
ଖାଉ ଯେ ଥିବେ ଶ୍ୱାନ ଶୃଗାଳ ବାଣ୍ଟି ରେ । ୨ ।
ଚନ୍ଦ୍ର ପ୍ରତିମା ପ୍ରାୟେ ଦିଶୁ ସୁନ୍ଦର
ଚର୍ମ ଭିତର ଦେଖ କି ନାରଖାର ରେ ।
ଚର୍ମ ବେଢ଼ିଛି ଯିନା ଚଉରାଶିକି
ଚଉ ତୁ ଧ୍ୟାଅ ନୀଳଗିରିବାସୀଙ୍କି ରେ । ୩ ।

ଯଦୁମଣି ଜଣେ ପ୍ରଧାନ କବି ଥିଲେ । ସେ ଜାତିରେ ବଢ଼ାଇ । ମାତ୍ର ତାଙ୍କ ପାଣ୍ଡିତ୍ୟ ହେତୁ ସେ ରାଜଦରବାରମାନଙ୍କରେ ବଡ଼ ଆଦର ପାଉଥିଲେ । ଯଦୁମଣି ରହସ୍ୟ ନାମକ ଖଣ୍ଡିଏ ପୁସ୍ତକ ଛପାହୋଇ ପ୍ରକାଶିତ ହୋଇଅଛି । ସେଥିରୁ ତାଙ୍କ ଜୀବନୀ ସମ୍ବନ୍ଧୀୟ କେତେକ ଘଟଣାର ପ୍ରମାଣ ମିଳିବ । ରାଜାମାନେ ଜାତି ବିଚାର ନ ରଖି ଗୁଣରେ ଆଦର କରୁଥିବା ବିଷୟ ଯଦୁମଣିଙ୍କ ଜୀବନୀରୁ ପ୍ରମାଣିତ ହୁଏ । ସବୁ ଯୁଗରେ, ସବୁ ଦେଶରେ ଗୁଣୀ ଲୋକ ଆଦୃତ ହେଉଥିବାର ଭୂରି ଭୂରି ପ୍ରମାଣ ମିଳେ । ଯଦୁମଣି ଜଣେ ଛନ୍ଦ ଓ ସଙ୍ଗୀତ

ଲେଖକ । "Humorist" ବୋଲି ଯାହା କହନ୍ତି, ଯଦୁମଣି ସେହି ଶ୍ରେଣୀସ୍ଥ ଲୋକ । ତାଙ୍କ ଲେଖା ରହସ୍ୟପୂର୍ଣ୍ଣ ।

ତାଙ୍କ ଲେଖାରୁ ପଦେଅଧେ ଦୃଷ୍ଟାନ୍ତ ଦେଲେ ପାଠକେ ସହଜରେ ବୁଝିପାରିବେ । ଯଦୁମଣି 'ରାମବିଳାସ' ନାମକ ଖଣ୍ଡିଏ ପୁସ୍ତକ ଲେଖିଅଛନ୍ତି । ରାମାୟଣ ବିଷୟ ଛାନ୍ଦରେ ଲେଖାଯାଇଛି । ରାମଚନ୍ଦ୍ର, ଯେତେବେଳେ ସିନ୍ଧୁ ପାରହୋଇ ଲଙ୍କା ନିକଟରେ ପ୍ରବେଶ ହେଲେ, ତେତେବେଳେ ଦୂତ ଯାଇ ରାବଣକୁ ସମ୍ବାଦ ଜଣାଇଲା । ଏହି କଥାକୁ ଯଦୁମଣି କି ଭାବରେ ବର୍ଣ୍ଣନା କରିଛନ୍ତି ଦେଖନ୍ତୁ ।

ପୂର୍ବ ଦେବତା ଶର୍ବରୀ ଭର୍ତ୍ତା ଆଗେ ଦୂତ ବାଣୀ କଲା ପ୍ରକାଶ ।
ଅଶୋକ ବନେ ସଶୋକେ ଥିବା ବଧୂ ବନ୍ଧୁ ସିନ୍ଧୁ କୂଳେ ପ୍ରବେଶ ।
ଏଥକୁ ଶୁଣି ହସି ବୋଇଲା । ଦଶଗ୍ରୀବ ।
ନାରୀ ବିହୀନେ ବାରିଧି ଝାସେ ତନୁ ନାଶିବ ବୋଲି ଆସିଥିବ । ୧ ।

'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର,' କବିଙ୍କର ଅନ୍ୟତମ ଛାନ୍ଦ ଗ୍ରନ୍ଥ । ବିଷୟଟି ଶ୍ରୀକୃଷ୍ଣଙ୍କ ସହିତ ରୁକ୍ମିଣୀଙ୍କ ବିବାହ । ଗ୍ରନ୍ଥଟି ନାନା ଛାନ୍ଦରେ ଲେଖା । କେବଳ ଆଠ ଛାନ୍ଦ ପ୍ରକାଶିତ ହୋଇଛି । ଭାଷା ଶବ୍ଦାଡ଼ମ୍ବର ଓ ଅଳଙ୍କାରପୂର୍ଣ୍ଣ । ପଦେ ଦି'ପଦ ଦେଖିଲେ ଜଣାଯିବ ।

କ୍ଷୀରସାଗର ଉଦର ଆଦରିଛି ନବ ମୁଦିର ଜ୍ୟୋତିସଙ୍ଗ ।
ଚଣ୍ଡୀ ନିଶୀଧବ ଧବଳ ମିଶିଛି ଅଧବଳ ବିଷ କୁରଙ୍ଗ ।
ହାସେ ରମାର । ନୀଳିମାର ନାହିଁ ସଞ୍ଚାର ।
ଏପରି ବିଦଗ୍ଧ କାନ୍ତି ଯାର ଶୁଭ ସେହି ଏହି କଳା ବିଗ୍ରହ । (୩ୟ ଛାନ୍ଦ)

ଅମର ଯତ ଅମ୍ବର ମାର୍ଗେ ଗତ ରଚୁଥିଲେ ହ୍ଵାରିବର୍ତ୍ତିକ ।
ସଙ୍ଗିନୀ ସଙ୍ଗେ ସଙ୍ଗୀତ ଗୀତରଙ୍ଗ ରାଜି ବାଜିଗଲା ଶ୍ରୁତିକ ।
ବାଳା ବିଳାସ । ବନେ ପ୍ରବେଶ ହେଲେ ଯାଇ ।
ଅଘକର୍ତ୍ତନ କର୍ତ୍ତା କୀର୍ତ୍ତି କୀର୍ତ୍ତନ ନର୍ତ୍ତନେ ରସନା ରସାଇ । (୧୯ ପଦ)

ଯଦୁମଣି କେତେଗୁଡ଼ିଏ ସଙ୍ଗୀତ ଲେଖିଛନ୍ତି । ସଙ୍ଗୀତଗୁଡ଼ିକ ଭାବଗର୍ଭିକ; ମାତ୍ର ଅତି ଗ୍ରାମ୍ୟଭାଷାରେ ରଚିତ । ଏପରି ଲେଖାର ଅବଶ୍ୟ ବାହାଦୁରି ଅଛି । ଦୃଷ୍ଟାନ୍ତ ଦେଖନ୍ତୁ—

ପରାଣ ଯିବାର ଲୋଡ଼ା

ପ୍ରିୟଜନ ପ୍ରୀତି ପୀୟୂଷରୁ ଅତି ଯେବେ ହୁଅଇ ଖଦଡ଼ା । ପଦ ।
ଅତି ଯତନେ ପୁଣି ବାଡ଼ିଆଡ଼େ ଆଣି ଲଗାଇଲି ବରଗଡ଼ା ।
ବୋଲେ ଯଦୁମଣି ମୋ କରମକୁ ପୁଣି ଫଳିଲା ପିତାତରଡ଼ା ॥

କବିସୂର୍ଯ୍ୟ ବଳଦେବରଥ ମଧ୍ୟ ଏଭଳି ଧରଣର ସଙ୍ଗୀତ ଲେଖିଯାଇଛନ୍ତି । କିନ୍ତୁ ଯଦୁମଣି ଓ ତାଙ୍କ ଲେଖା ମଧ୍ୟରେ ଟିକିଏ ପ୍ରଭେଦ ଦେଖାଯାଏ । ଦୃଷ୍ଟାନ୍ତ ଦେଖନ୍ତୁ—

ବନ୍ଧୁ କଲ କି ଦୁର୍ବିସ୍ମରକୁ ରେ । ବର୍ଜିଲ ଖଣ୍ଡ ଅର୍ଜି ଖାରକୁ ରେ । ପଦ ।
ସମ୍ବାଦ ଗୁଞ୍ଜ ଆଣି ମୁଁ ଫିଙ୍ଗିଦେଲି ପାଣିବନ୍ତ ବର୍ତ୍ତୁଳ ମୋତିହାରକୁ ରେ ।
ଚଢ଼ାଇ ଦେଲି ଗୁରୁତର ଚନ୍ଦନ ତରୁ କୋଳେ କର୍କଟୀ ଲତା ଗୁରକୁ ରେ । ୧ ।

ଶିଳା ଶଯ୍ୟାନୁ ଡର ନ ଥିବା ଗଉଡ଼ର ନିମନ୍ତେ ରଖି ତୁଳ ସାରକୁ ରେ ।
ଶିରୀଷ ସୁକୁମାର ମହାରାଜ କୁମାର କନ୍ଦରେ ବୁହାଇଲି ଖରକୁ ରେ । ୨ ।

ଟେକି ଠୁକିଲି ଲୋଷ୍ଟ୍ର ସର୍ବ ସୁପର୍ବ ଶ୍ରେଷ୍ଠ ଚନ୍ଦ୍ରଚୂଳ ଦେଉଳ ଦ୍ୱାରକୁ ରେ ।
ଯବନଜାତି ଶବ ଭବତ ହେବା ଖବ କୂଟକୁ କଲି ନମସ୍କାରକୁ ରେ । ୩ ।

ଯଦୁମଣିଙ୍କ ସଙ୍ଗୀତରେ ଯେଉଁ ଉଦାହରଣ ଉପରେ ଲେଖାଅଛୁ, କବିସୂର୍ଯ୍ୟ ଠିକ୍ ସେହିଭାବରେ ଗୋଟିଏ ସଙ୍ଗୀତ ଲେଖିଛନ୍ତି ।

ପରାଣ ଗୁରର କି ଲୋଡ଼ାରେ ସଙ୍ଗୀତ

ପ୍ରିୟଜନ ପ୍ରୀତିପୀୟୂଷ ପ୍ରବାହ ହୁଅଇ ଯେବେ ଖଦଡ଼ା । ପଦ ।

ପାଶୋରେ ହୃଦୟ ଭିତରୁ ସଦୟ ପଣ ପରମ ମୁହାଁସ
ପେଟଯାକେ ପୂରିଥିବ ଯେବେ କୂଟ ମୁଖେ ଥିବ ମନ୍ଦହାସ । ୧ ।

ଛଳପୂର୍ତ୍ତି କରି ମୃଦୁବାଣୀ ଝରି ବିରସ ହୃଦେ ଢ଼ାଳିବା ।
ନିଦାଘେ ତାପିତ ବନଲତା ହିତ ହାତଟେକା ଜଳ କିବା । ୨ ।

ଏଥିରୁ ଦେଖାଯାଏ ଯେ ଉପମାଗୁଡ଼ିକ ବଡ଼ ପ୍ରାକୃତିକ । ଏ ପ୍ରକାରୁ ଉପମାମାନ ବଡ଼ ହୃଦୟସ୍ପର୍ଶୀ ଏବଂ ଚିତ୍ତରଞ୍ଜକ । କବିସୂର୍ଯ୍ୟଙ୍କ ଗୀତମାନଙ୍କରେ ଏହି ବିଶେଷତ୍ୱ ସର୍ବଦା ଲକ୍ଷିତ ହୁଏ । ଭାଷା ସରଳ, ଉପମାଗୁଡ଼ିକ ନିତ୍ୟ ଅନୁଭୂତ ଘଟଣାବଳୀ ଏବଂ ଭାବଗର୍ଭକ ଥିବାରୁ ରାୟଗୁରୁଙ୍କ ସଙ୍ଗୀତ ବଡ଼ ଲୋକପ୍ରିୟ ଏବଂ ସାଧାରଣ ସମାଜରେ ଆଦରଣୀୟ ।

କବିସୂର୍ଯ୍ୟ କେବଳ ଆଦିରସରେ ସଙ୍ଗୀତ କରିନାହାନ୍ତି । ଅନ୍ୟାନ୍ୟ ରସର ସଙ୍ଗୀତ ଅଭାବ ନାହିଁ । ଜଗନ୍ନାଥଙ୍କୁ ନାନା କବି ନାନାପ୍ରକାର ସ୍ତୁତି କରିଛନ୍ତି । ଦୁଇଗୋଟି ଦୃଷ୍ଟାନ୍ତ ଦେଲେ ପାଠକେ ବୁଝିପାରିବେ ।

ରାଗ—ତୋଡ଼ିପରଜ, ଏକତାଳୀ

ମିତ ଏ କିଏ ସେ ଗୋ ମୋ, ମନ ରହିଛି ଲାଖି ।
ଖଲୁଣୀ ପରାୟେ କାଳିଆ ମୁହଁକୁ ଚୁଲୁଣୀ ପରାଏ ଆଖି । ଧ୍ରୁବ ।
ପଣ୍ଡାରନ୍ଧା ଭାତ ଢଉଣକୁ ଯେବେ ଆଖିରେ ଦିଅଇ ଦେଖି
ଭଣ୍ଡାର ବହନ୍ତି ବ୍ରାହ୍ମଣେ ନେଇଣ ତାହାକୁ ଦିଅନ୍ତି ଗୁଖି । ୧ ।

କବିରବି ବୋଲେ ଇହ ପରଲୋକ କରିପାରନ୍ତି ସେ ସୁଖୀ
ନାମ ଜପୁଥିଲେ ପାପ ପୁଣି ଯମ କରଣ ନପାରେ ଲେଖି । ୨ ।

ଦୀନବାନ୍ଧବ ହେ ! ଶରଣାଗତ ରକ୍ଷଣ ଜାଣି ।
ଅଶେଷକର ମୋର ଥରୁଛୁ ହୃଦୟ ଥରେ ଥରେ ତୁମ୍ଭ କର୍ମ ଶୁଣି । ପଦ ।
ବଳୀ ମହୀପତି ସକଳ ସମ୍ପତ୍ତି ଦେଇ ସମର୍ପିଲା ଶିର ଆଣି ।
ଧରି ତାକୁ ବଳେ ଚୁପିଲ ପାତାଳେ ବିଶ୍ୱାସ ଗଲାକୁ ତୁମ୍ଭ ବାଣୀ । ୧ ।
କେଉଁ ଅନୁଗ୍ରହ ଯାଦବ ନିଗ୍ରହଠାରେ କଲ ହେ ରଥାଙ୍ଗପାଣି !
କରି କି କି କୂଟ ନକଲ ପ୍ରକଟ ପକାଇଲ ସବଂଶକୁ ହାଣି । ୨ ।
କି ହେବ ଅନେକ କହିଲେ ଜନକସୁତାଠାରୁ ନାହିଁ ସୁଲକ୍ଷଣୀ
କି ଘେନି ଓପ୍ରୋଧ ତୁଚ୍ଛା କଲ କ୍ରୋଧ ନିବେଶିଲ ଘୋରବନେ ଆଣି । ୩ ।
ଧରଣୀତଳେ ତରଣୀସୁତ ଭୟ ନାଶିବାକୁ ଯେବେ ଥାନ୍ତା ପ୍ରାଣୀ ।
ବନମାଳୀ ତୁମ୍ଭ ପାଶ ନ ମାଡ଼ନ୍ତା କୋଟିଏ ସୁବର୍ଣ୍ଣ ବଦଲେ ଆଣି । ୪ ।

ଏହି କଥାରେ ମୋ ମନ ।
କେବେ ଦେଖୁଥିବି ନୀଳାଦ୍ରିମଣ୍ଡଳେ ନନ୍ଦସୁନ୍ଦରଙ୍କ ବଦନ । ଧ୍ରୁବ ।
ଅଞ୍ଜଳିରେ ଜଳ ପିଇ ପିନ୍ଧୁଥିବି ବକଳ କରି ବସନ,
ଶଚୀପତି ପଦ ତୁଚ୍ଛ ମଣୁଥିବି ଥିଲେ ତୁମ୍ଭ ସନ୍ନିଧାନ । ୧ ।
ଚଳାଖି ହୋଇଥିବି ଅର୍ଦ୍ଧଚନ୍ଦ୍ରମୁଖ ଚନ୍ଦନଲାଗି ବେଳକୁ ।
ଧୀରେ ଚାହୁଁଥିବି ବିପୁଳ ଭୁଜକୁ ସୁଭଦ୍ରା କାମପାଳଙ୍କୁ । ୨ ।
ଅବକାଶମାନଙ୍କରେ ମୋ ଲାଳସ ହୋଇଥିବ ଅହର୍ନିଶ ।
ତେତେବେଳେ ତୋଳେ ହେଲେ ନ ଦେଖିବେ ବ୍ରହ୍ମା ରୁଦ୍ର ଚନ୍ଦ୍ର ଇଶ ॥
ଘନବଦନ ଚନ୍ଦ୍ରଙ୍କୁ ଚାହିଁ ମୁହିଁ ତାପତ୍ରୟକୁ ନାଶିବି ।
ବୋଲେ ବନମାଳୀ ଜମ୍ବୁପତିଭୟ ଲୋକଙ୍କୁ ଚାହିଁ ହସିବି । ୪ ।

ଏପରି କେତେ ଉଦାହରଣ ଦେବି । ସବୁ ଉଦାହରଣ ଦେଇବସିଲେ ଗୋଟିଏ ସ୍ୱତନ୍ତ୍ର ବୃହତ୍ ପୋଥି ହେବ । କେତେପ୍ରକାର ସଙ୍ଗୀତ କେତେ କବି ଲେଖିଛନ୍ତି ତାହା ପାଠକମାନେ ଅନୁସନ୍ଧାନ କରିବା ଆବଶ୍ୟକ । ଯେଉଁମାନେ ମନେକରନ୍ତି ଯେ ଓଡ଼ିଆ ସଙ୍ଗୀତ କେବଳ ଆଦିରସପୂର୍ଣ୍ଣ, ସେମାନଙ୍କ ଭ୍ରମ ଦୂରୀକରଣାର୍ଥେ କେତେଗୋଟି ଦୃଷ୍ଟାନ୍ତ ଦେଲି । ଏ ତ ଗଲା ଭକ୍ତିରସ ସମ୍ବନ୍ଧରେ ।

କେବଳ ଶ୍ରୀକୃଷ୍ଣଙ୍କ ରୂପବର୍ଣ୍ଣନା ଯେଉଁଠାରେ କରାଯାଇଛୁ ସେ ସ୍ଥାନମାନଙ୍କର ସାହିତ୍ୟିକ ଛଟା ଓ ଭାବ ଦେଖିଲେ, ସାହିତ୍ୟିକ ଉନ୍ନତି କେତେଦୂର ହୋଇଥିଲା ଜାଣିପାରିବେ ।

ଗୃହଁାରେ ନିକୁଞ୍ଜବିହାରୀଙ୍କୁ । ଜୀବନର ବନ୍ଧୁ ରାଧା-ଗୋବିନ୍ଦ ସଜନ୍ତୁ । ଧ୍ରୁବ ।
କେତେ କାଳରୁ ବିରଞ୍ଚି ଗଢ଼ି ରଖିଥିଲା ସଞ୍ଚି
ସଂସାର ସାର ସୁଷମା ସମ୍ପତ୍ତି ବ୍ରଜକୁ । ୧ ।
ବଳଭୁଜ ପାଳିତ ନୀଳମଣି ଜୀମୂତ କୁନ୍ତଳ ବଧୂ ବୁନ୍ଦ ତମାଳ ଧାଙ୍ଗିମିତ
ରଞ୍ଜିତ ପ୍ରସନ୍ନ ଭ୍ରଙ୍ଗିଛ ମଧୁବ୍ରତ ବିକଚ ଇନ୍ଦୀବର ଜିଣି ଆକାର ରେ ।
ପବିତ୍ର ହେଲା ନେତ୍ର ମୋହର ।
ଶ୍ରବଣରେ କୁଣ୍ଡଳ ଚନ୍ଦ୍ରାର୍କିରେ ମଞ୍ଜୁଳ
ଝଳ ଦିଶଇ ତହିଁ କଣ୍ଠ ରତ୍ନହାର
ନାସେ ଗଜମୁକୁତା ଅଭିଶପ୍ତ ଚଞ୍ଚଳ ଶିଖିପୁଚ୍ଛ ଚୂଳଟି କେଡ଼େ ନିର୍ମଳ ରେ ।
ପବିତ୍ର ହେଲା...... ।

"ଧନ୍ୟ ଧନ୍ୟ ନନ୍ଦତନୟ ଗୋ, ନବ ନବ ପରି ମିତ ।
ଜାତ ଦେଖୁଥିଲେ ପ୍ରୀତି ବଢ଼ୁଥାଇ ତୃପତ ନୁହଇ ଚିତ୍ତ । ପଦ ।
ହାସରେ ସଖୀ ଭାଷରେ ତାର ପୀୟୂଷ ଯେ ଥାଇ ପୂରି ।
ଶ୍ରୁତିରେ ପଡ଼ି ଧୃତି ନାଶଇ ବୃତ୍ତି ତେଜଇ ନାରୀ । ୧ ।"

ଉଭା ହୋଇଥିବ କଦମ୍ବର ମୂଳେ ନଟବର ବେଶ ହୋଇ ।
ଯେଣିଥିବ ଯେବେ ମୋହନ ମୁରଲୀ ଅଧରେ ଚୁମ୍ବିବ ନାହିଁ ।
ପୀରତି ପଥ ଖସଡ଼ା ରେ ସଙ୍ଗିନୀ ।
ନ ଜାଣି ତହିଁକି ପଦ ବଢ଼ାଇଲେ ପଦ ପଦକେ କଚଡ଼ା ରେ । (ଧ୍ରୁବ)
ଚକ୍‌କଣ ମଞ୍ଜୁଳ ଶିଳାରେ ତଇଲ ହୋଇଣ ଅଛଇ ଇଡ଼ା ।
ଥାଉ ଗୁଲିବାର ଅଧିକ ତୋହର ହୋଇ ପାରବୁକି ଛାଡ଼ା । ୧ ।

କେତେ ଉଦ୍ଧାର କରିବା । ଯାହାର ପୁରାତନ ଓଡ଼ିଆ ସଙ୍ଗୀତ-ସାହିତ୍ୟ ପାଠ କରିବାର ଇଚ୍ଛା ହେବ, ସେ ସମସ୍ତ ସଙ୍ଗୀତଗୁଡ଼ିକ ପାଠକରି ହୃଦୟଙ୍ଗମ କରିପାରିବ । ଉପମା ଦିଗରୁ ଦେଖ, ଭାଷା ଦିଗରୁ ଦେଖ ବା ଭାବ ଦିଗରୁ ଦେଖ, ଓଡ଼ିଆ ସଙ୍ଗୀତ ଅନ୍ୟାନ୍ୟ ପ୍ରାଦେଶିକ ସଙ୍ଗୀତ ଅପେକ୍ଷା କୌଣସି ଅଂଶରେ ନିକୃଷ୍ଟ ନୁହେଁ; ବରଂ ଅନେକାଂଶରେ ଶ୍ରେଷ୍ଠ । ଓଡ଼ିଶାର ସମସ୍ତ ସଙ୍ଗୀତ ଏକତ୍ରିତ କଲେ ଲକ୍ଷାଧିକ ହେବ । ଏପର୍ଯ୍ୟନ୍ତ ସମସ୍ତ ପ୍ରକାଶିତ ହୋଇନାହିଁ । କେବଳ ଆଦିରସ ଦୋହି ଦେଇ ଉଡ଼ାଇଦେଲେ ଚଳିବ ନାହିଁ । ଅନ୍ୟାନ୍ୟ ଭାଷାରେ ଆଦିରସଘଟିତ ସଙ୍ଗୀତ ତୁଳନା କରି ଭାବ, ଉପମା କି ପ୍ରକାର ପ୍ରସ୍ଫୁଟିତ ହୋଇଛି ଦେଖିବାକୁ ହେବ । ଆଦିରସ ଥାଇ ଭାବ କି ପ୍ରକାର ପ୍ରକାଶିତ ହୋଇଛି ଦେଖନ୍ତୁ—

କଳାକମଳମାଳ ସମ ପୃଥୁଳ ମନୋହର ବେନି ବାହୁ ।
ଗଲାକୁ ହାରକେର ଦେଲ ପକାଇ ଜୀବନ ଯାଉ କି ଥାଉ । ୧ ।

ଚନ୍ଦ୍ରିକା ଚନ୍ଦନ କଳପିକସ୍ୱନ କୁସୁମ ଭୃଙ୍ଗ ନିନାଦ ।
ଲାଗେ ବିଷପରି ଦିବସ ଶର୍ବରୀ ନ ଛୁଅଇଁ ନେତ୍ରେ ନିଦ । ୨ ।

ଇତ୍ୟାଦି ଅନେକ ଉଦାହରଣ ଦିଆଯାଇପାରେ । ପାଠକମାନଙ୍କୁ ଅନୁରୋଧ ଯେ ସେମାନେ ସାହିତ୍ୟିକ ଭାବରେ ଦେଖନ୍ତୁ । ଆମ୍ଭ ସାହିତ୍ୟ ଭଣ୍ଡାରରେ କି ରତ୍ନ ଅଛି, ତାହା ଅନ୍ୟକୁ ଦେଖାଇବା ଓ ଆପେ ଦେଖି ଆପଣାକୁ ଗୌରବାନ୍ୱିତ ମନେକରିବା ହିଁ ଆମ୍ଭମାନଙ୍କର ପ୍ରଧାନ ଲକ୍ଷ୍ୟ ହେବା ଆବଶ୍ୟକ । ବର୍ତ୍ତମାନ ରୁଚ୍ୟାନୁମୋଦିତ ସଙ୍ଗୀତ ଗ୍ରନ୍ଥ ପ୍ରସ୍ତୁତ ହେଉ, ଏଥିରେ କାହାର କିଛି ଆପତ୍ତି ନାହିଁ । ଏହା ବୋଲି ପ୍ରାଚୀନ ସମ୍ପତ୍ତି ଆମ୍ଭମାନଙ୍କର ଉପେକ୍ଷଣୀୟ ନୁହେଁ । ଭାବ ପ୍ରକାଶ ହିଁ ସାହିତ୍ୟର ମୁଖ୍ୟ ଉଦ୍ଦେଶ୍ୟ । ଯେ କୌଣସି ରସାତ୍ମକ ଭାବ କି ପ୍ରକାର ପ୍ରକଟିତ ଓ ପ୍ରସ୍ଫୁଟିତ ହୋଇପାରିଛି ତାହାହିଁ ଆମ୍ଭମାନଙ୍କର ଦ୍ରଷ୍ଟବ୍ୟ । ଯେଉଁ ସ୍ଥାନରେ ଅଶ୍ଳୀଳତା ଅଛି ତାହା ବାଦ୍‌ଦେଇ ଦେଖାଯାଉ । ମୋର ବିଶ୍ୱାସ, ଶବ୍ଦଯୋଜନା, ଭାଷା, ଭାବ ଓ ଉପମା ଦୃଷ୍ଟିରେ ଓଡ଼ିଆ ସଙ୍ଗୀତ ଗ୍ରନ୍ଥ ଅତି ଉତ୍କୃଷ୍ଟ । ଓଡ଼ିଆ ଗ୍ରନ୍ଥ ତୁଳନାରେ ଅନ୍ୟ କୌଣସି ପ୍ରାଦେଶିକ ଭାଷାରେ ଗୀତ ରଚିତ ହୋଇନାହିଁ । ଦୃଷ୍ଟାନ୍ତସ୍ୱରୂପ ଆମ୍ଭେ ଗୋଟିଏ ବଙ୍ଗଳା ଗୀତ ସହିତ ଗୋଟିଏ ଓଡ଼ିଆ ଗୀତର ତୁଳନା କରିବା ଉଦ୍ଦେଶ୍ୟରେ ନିମ୍ନରେ ଉଦ୍ଧାର କଲୁ ।

( ବଙ୍ଗଳା )

ଯାଇ ଗୋ ଓଇ ବାଜାୟ ବାଂଶୀ ପ୍ରାନ କେମନ କରେ ।
ଏକଲା କାଲା କଦମ ତଲାୟ ଦାଁଡ଼ାୟେ ଆଛେ ଆମାରତରେ ।
ଯତ ବାଁଶରୀ ବାଜାୟ ତତ ପଥ ପାନେ ଚାୟ ।
ପାଗଲ ବାଂଶୀ ଡାକେ ଉଭରାୟ,—
ନା ଗେଲେ ସେ କେଁଦେ କେଁଦେ ଚଲେଯାବେ ମାନଭରେ ।

( ଓଡ଼ିଆ )

କେ ମୁରଲୀ ବଜାଉଛି ବୃନ୍ଦାବନେ ଗୋ ।
ତା ପରି ନାଗର ଆଉ ନାହିଁ ଜଣେ ଗୋ । ଧ୍ରୁବ ।

ସେ ନାଦ କର୍ଣ୍ଣେ ବାଜିଲା ପାଦ ମୋର ନ ଚଳିଲା
ମାର ମରମେ ଭେଦିଲା ପଞ୍ଚବାଣେ । ୧ ।

ମୁରଲୀ ବଡ଼ ପ୍ରମାଦ କଲା ମୋତେ ଅପ୍ରମାଦ
ପରବଶତା ଛଡ଼ାଇଲା ପରି ମଣେ । ୨ ।

ଚନ୍ଦପଟେ ଲେଖାଇବ ଯତନରେ ରଖାଇବ
ଚଉ ତହିଁ ଖଞ୍ଚାଇବ ଅନୁକ୍ଷଣେ । ୩ ।
ବନମାଳୀ ଦାସ କହେ ନନ୍ଦସୁତ ମନ ମୋହେ
ଭଜି ମୁଁ ମଜ୍ଜି ରହିବ ଶ୍ରୀଚରଣେ । ୪ ।

ଏକା ନବଘନ ଶ୍ୟାମ ବଂଶୀସ୍ୱନ ନଶୀଥରେ ଟରେ ଶୁଣାଯିବ ।
ସଖି ସୁଖ ମନେ ମୋଦମୟ ବନେ ବିହରିବୁ ଭୋର ଉଣାଯିବ ।

ପ୍ରସରିବ ମଧୁ ମିଳନ୍ଦ ସଙ୍ଗୀତ, କଳପିକ ରୁତ ମଳୟ ମରୁତ ।
ଚରାଚର ଲୋକ ଧରିରେ ପୁଲକ, ପରାନନ୍ଦ ବୀଜ ବୁଣାଯିବ । ୧ ।

କାଳିନ୍ଦୀ କୂଳ ବିପିନ ବକୁଳ, ମଞ୍ଜୁଳ ମଞ୍ଜରୀ ନିଳୟ ବଳୟ ।
ସୁରଭି ସୁଷମ ବିବିଧ କୁସୁମମୟ ଚନ୍ଦ୍ରାତପ ଟଣାଯିବ । ୨ ।

ହେବ ସ୍ମରବଲ୍ଲଜନ୍ୟ ମହୋଜ୍ଜ୍ୱଳ, ଶୃଙ୍ଗାର ମଙ୍ଗଳମୟ ବନସ୍ଥଳ ।
କଳାବତୀକୁଳ ବ୍ରତତରୁ ମୂଳ, ମୁରଳୀ ଶରରୁ ହଣାଯିବ । ୩ ।

ଜଗନ୍ନାଥ ନାରାୟଣ ଦେବ ଗୀତ, ଅମରାବତୀନ୍ଦ୍ର ମହେନ୍ଦ୍ର ବନ୍ଦିତ ।
ବଇଶାଖ ରାକା ରଜନୀରେ ଏକା ଛଣାଯିବା ପରି ଜଣାଯିବ । ୪ ।

ବିଶେଷ ସମାଲୋଚନା ଅନାବଶ୍ୟକ । ପାଠକେ ଉଭୟ ଗୀତ ପାଠ କରି କେଉଁଥିରେ କିପରି ଭାବ ପ୍ରକଟିତ ହୋଇଛି ତାହା ବୁଝିନେବେ । ଏପରି ଅନେକ ତୁଳନା କରାଯାଇ-ପାରେ । ଭାତହାଣ୍ଡିରୁ ଗୋଟିଏ ଚିପିବା ନ୍ୟାୟରେ ପାଠକମାନେ ଇଚ୍ଛାକଲେ ଆପେ ଆପେ କରିନେଇ ପାରନ୍ତି । ହିନ୍ଦୀ ସଙ୍ଗୀତ ସହିତ ତୁଳନା କଲେ ମଧ୍ୟ ଏହାହିଁ ଜଣାଯିବ ।

ଠୁମ୍‌ରୀ

କାହାଁ ଜୀବନ ଧନ ବୃନ୍ଦାବନ ପ୍ରାନ କାହାଁ ମେରି ହୃଦୟ କି ରାଜା ।
ଶୂନ୍ୟ ହୃଦୟ ପୁରୀ ଆଓ ଆଓ ମୁରାରୀ ମୋହନ ବାଂଶରୀ ବାଜା ।
ନୟନ ବସନ ଭିଗାୟଲ, ସାଧକ ସାଗର ହୟା ପରଶୁକାଲ,
ଶିରତାଜ ମେରି ଶିରମେ ଆଜା ।
ନୟନ କି ରୋସନ, ନୟନ ଗ୍ରୋଡ଼କେ
ଘୁରତ ଫିରତ କାହାଁ ଫାଙ୍କେ ଫାଙ୍କେ ହା ହା ପ୍ରିୟବନ୍ଧୁ ଏ କେନ ସାଜା ।

ରାଗ—ଆନନ୍ଦଭୈରବୀ, ତାଳ—ତ୍ରିପୁଟା

କାଣିଛକି ବେଣୁପାଣି ଛନ୍ତି କାହିଁ ଏ ବନେ ତେଜିଗଲେ ସେ ଯେ । ଧ୍ରୁବ ।

ତରୁଲତାମାନେ କରୁଅଛ ମାୟା ମରୁଅଛୁ ଶୋକରେ । ଝରୁଛି ନୀର ନୟନୁ ଅବିରତେ ଦାରୁଣ ତେଜି ହୃଦରୁ କହିବ ରେ । ପଦ । ଶିଖିପୁଚ୍ଛଚୂଳିଆ, ନବଘନ କାଳିଆ,

ସଖୀଙ୍କ ସଙ୍ଗ ଛଡ଼ା ଗୁଞ୍ଜଗୁଞ୍ଜମାଳିଆ, ରଖି କପଟେ ଗଲେ ସେ ଡନୁପାଚଳିଆ, ଦେଖି-ଅଛ କି ତାଙ୍କୁ କହ ତୁ ମୋର ସହି । ୧ ।

ଜାଇ ଯୁଇ ଲେଶେ ନାହିଁ କି କରୁଣା ଦୁଃଖୀଜନେ ଭ୍ରମର । ଗୁହିଁ ମୋ ଦୁଃଖ କାହିଁପାଇଁ ହସ ଥାହିକର ପ୍ରାଣସାଇଁ ଦେଇ ମୋର । ପଦ । ଡକାଇ ବଂଶୀସ୍ୱନେ, ପକାଇ ଏ ବପିନେ, ସେ କାହିଁ ଗଲେ ଦଶୁନାହାନ୍ତି ମୋ ନୟନେ । ଅକାଇ ଗୁହୁଁ ଥିବେ ଆଳିଗଣ ଅୟନେ, ଏକାକିନୀ ମୋ ଅଉ ଆଶା ନାହିଁ ଜୀବନେ । ୨ ।

କେଳି କରୁଅଛ ଅଳିକୁଳ ତୁମ୍ଭେ ବିଲୋକିଲ କି କୃଷ୍ଣଙ୍କୁ । ଫୁଲ ତୋଳିବାକୁ ମିଳି ସବ ଗୋପୀ ଛଳ ତାଙ୍କ ଭଳିରେ ଦେବାକୁ । ପଦ । ନନ୍ଦନନ୍ଦନ କେ‍ତ ବନ୍ଦନ ଥରେ, କନ୍ଧ ପରେ ବସାଇ ମନ୍ଦ ରଚିଲେ ମୋତେ ରେ, ସୁନ୍ଦରବର ଛାଡ଼ିଗଲେ ଏ କିଶାରେ । ପନ୍ଦର-ବୟସୀ କେ ନାହାନ୍ତି ମୋ ପାଶରେ । ୩ ।

କି କଶବ ଧିକ କାମ ବକ୍ରେ ବାଣ ନେଉଅଛୁ ମୋ ପ୍ରାଣ । ପିକନାଙ୍କର ବକୁଳରେ ବାଳସୁଛ ବକଲେ ମୁଁ କହେଁ କର୍ଣ୍ଣେହେଁ ନଶୁଣ । ପଦ । ଏସନେ ବୃନ୍ଦାବତୀ ବଚନ ଶୁଣି ତୋଷେ, ଆସି ପ୍ରବେଶ ହେଲେ ବ୍ରଜବାଳୀ ହରଷେ, ଭାଷେ ପ୍ରମୋଦ ଗିର ଶ୍ୟାମ ଭେଟି ହରଷେ, ଚନ୍ଦପାଣି ପଟ୍ଟନାୟକ ଭାଷେ ଏ ରସେ । ୪ ।

ଉତ୍କଳ ସାହିତ୍ୟରେ ଆଉ ଏକପ୍ରକାର ଲେଖା ଦେଖାଯାଏ । ଦାଣ୍ଡିଧୁଆ ବୋଲି ତାର ନାମ । ବେଳୁପଡ଼ାର ପ୍ରସିଦ୍ଧ ଅରତ ଦାସ ନାମକ ମହାପୁରୁଷଙ୍କ ଦ୍ୱାରା ଲିଖିତ । ଏ ମହାପୁରୁଷ ଜଣେ ସିଦ୍ଧପୁରୁଷ ଥିଲେ । ଏହାଙ୍କ ଜନ୍ମସ୍ଥାନ ପୁରୀ ଜିଲ୍ଲାର ବାମଦେଇପୁର । ଅରିତଦାସ ଗାଦୀ ଏ ଜିଲ୍ଲାର ବେଳୁପଡ଼ାଠାରେ । ଏ ଗୋଟିଏ ପ୍ରଧାନ ଧର୍ମ୍ମ ସ୍ଥାନ । ମାଟିଗାଦୀ-ପୂଜା ଏମାନଙ୍କର ଧର୍ମ୍ମ । ଏମାନଙ୍କ ଟୋପି ଠିକ୍ ସେହି ଗାଦୀ ନକ୍ସାରେ ପ୍ରସ୍ତୁତ । ଏହାର ଆକାର ଚୂଳ ପ୍ରାୟ । ଆରିତଦାସଙ୍କର ଅନେକ ଭଜନ ଗୀତ ଅଛି । ସେ ସମସ୍ତ ଶରୀରଭେଦ ସମ୍ବନ୍ଧୀୟ । ଏ ଗାଦୀର ଅନ୍ୟାନ୍ୟ ଗୋସାଇଁମାନଙ୍କ ରଚିତ ଭଜନ ଦେଖାଯାଏ । ବାଇ ଦାସ, ମାଧବ ଦାସ, ମିଳାଦ୍ରି ଦାସ ପ୍ରଭୃତି ଏହି ସମ୍ପ୍ରଦାୟର । ଯେଉଁ ଦାଣ୍ଡିଧୁଆ କଥା କହିଥିଲି, ତହିଁରୁ ପଦେ ଦୁ'ପଦ ଦୃଷ୍ଟାନ୍ତସ୍ୱରୂପ ନିମ୍ନରେ ଦିଆଗଲା ।

ଶ୍ରୀବନ୍ତ ପୁରୁଷ ଅନାଦି ନିରାକାର
ସରଜନା କରିଛି ଜଗତ ସଂସାର
ଶ୍ରୀଆଦେବୀ ବର ବୋଲନ୍ତି ବମ୍ବାଧର
ଶିଘ୍ର ପରାପତ ହୋଇବ, ଶ୍ରୀରାମ ରୂପଧର । ୧ ।

ଫୁରୁଣା ହେଉଛ ଫଲ ପାଇବ କାହିଁ
ଫୁଟିଛୁ ଏକ ପଦ୍ମ ଅନଳ ପୂରାଇ
ଫେରୁଛୁ ମର୍ମଥାନେ ହକାର ତାର ନାହିଁ
ଫୁଲ ଫୁଟି ବାସ ଯାଉଛୁ ନ ଚୁମ୍ବୁ କାହିଁପାଇଁ । ୨ ।

ବୁଲୁଛୁ ଏକ ଚକ୍ର ଏକରେ ଗମଇ
ଏକ ଲୟ କରଣ ପ୍ରକୃତି ଅନାଇଁ
ଦୋଳୁଛୁ ତୋର ଚଉ କୁରୁଙ୍କି ହେବାପାଇଁ
ବଳଦ ତୋର ଜ୍ଞାନ ଚକ୍ରର ଗୁହିଁବୁ ଧୀର ହୋଇ । ୩ ।

ଆଉିଦାସଙ୍କ ଭଜନରୁ ପଦେ ପଦେ ଦୃଷ୍ଟାନ୍ତ ଦେଲେ ତାଙ୍କ କବିତାର ଭାବ ପାଠକେ ବୁଝିପାରିବେ ।

ପତିତପାବନବାନୀ ଆଉ କେତେ ବେଳକୁ
ଭାସିଗଲି ଭବଜଳେ ନାବ ଦଅ କୂଳକୁ । ପଦ ।
ଲକ୍ଷେକ ଯୋଜନେ ଗଜ ଡାକିଲା ଆପଣଙ୍କୁ
ଚକ୍ର ପେସି ଗ୍ରାହ ନାଶି ରକ୍ଷାକଲ ତାହାକୁ । ୧ ।"

ଏହିପରି ଅନେକ ଭଜନ ଅଛି । ସମସ୍ତ ଭକ୍ତିରସାତ୍ମକ ଏବଂ ଶରୀରତତ୍ତ୍ୱ ସମ୍ବନ୍ଧୀୟ ।

୧—"ଭଜ ମନ କଳାକହ୍ନାଇ, ଭଜିଲେ ତୋ ଦୁଃଖ ରହିବ ନାହିଁ ।"
୨—"ଆରେ କଳାମଣି, ଭାଙ୍ଗିଯିବ ତୋର ମତ୍ତଗଜ ଶୁଳ ।"
୩—"ଉଲଟ ଦେଶେ ଖେଳୁଛୁ ଲୋଟଣିପାରା,
ଅଠାକାଠି ପଞ୍ଜୁରିରେ ନ ପଡ଼େ ଧରା ।"

ଏହାଙ୍କର ଅନେକ ଭବିଷ୍ୟତ୍ ବାଣୀ ଅଛି । ତାକୁ ମାଳିକା କହନ୍ତି । କଥିତ ଅଛି, ଆଉିଦାସ ଲୋକକୁ ଦେଖି ତାର ମନୋଗତ ଭାବ କହିଦେଉଥିଲେ । ସେ ଜଣେ ମହାପୁରୁଷ ଥିଲେ ବୋଲି ଏ ଜିଲାରେ ସମସ୍ତଙ୍କର ବିଶ୍ୱାସ । ଆଉିଦାସ ପ୍ରାୟ ୬୦ ବର୍ଷ କି ୭୦ ବର୍ଷ ପୂର୍ବେ ଇହଧାମ ପରିତ୍ୟାଗ କରିଥିଲେ । ଉତ୍କଳର ନାନା ସ୍ଥାନରେ ଏତାଦୃଶ ନିଭୃତ ସାଧକ-କବି ଅନେକ ଥିଲେ । ତାଙ୍କ କବିତା ଅନେକ ସ୍ଥାନରେ ମିଳେ, ଅଥଚ ବିଶେଷଭାବରେ ପ୍ରକାଶିତ ନୁହେ । ଉତ୍କଳୀୟ କବିମାନଙ୍କର ଏହା ଗୋଟିଏ ବିଶେଷତ୍ୱ । ଆଜିକାଲି ଯୁଗରେ ଯେପରି କବିତାକୁ ନେଇ ବିଦେଶରେ ପ୍ରକାଶ କରି ଖ୍ୟାତି ଲଭିବା ପାଇଁ ଲୋକେ ବ୍ୟସ୍ତ, ଉତ୍କଳୀୟ କବିମାନଙ୍କର ସେପରି ଆକାଙ୍କ୍ଷା ନ ଥିଲା । ତେଣୁ ଅନେକଙ୍କ ରଚିତ ପଦ୍ୟାବଳୀ କେବଳ ତାଙ୍କ ଶିଷ୍ୟ ସମ୍ପ୍ରଦାୟ ମଧ୍ୟରେ ଆବଦ୍ଧ । ଆରିତଦାସଙ୍କ ଗାଦୀ ଉତ୍କଳର ନାନା ସ୍ଥାନରେ ଅଛି । ଗୋଟିଏ ଗୋଟିଏ ଶିଷ୍ୟ ସ୍ଥାନେ ସ୍ଥାନେ ରହିଥାନ୍ତି । ଭିକ୍ଷାପତ୍ର କରି

ଆପଣା ଖାଦ୍ୟପେୟ ଚଳାଇ ବାକି ଯାହା ବଳେ ବେଳୁପଡ଼ା ପଠାନ୍ତି । ଅନେକ ଗ୍ରାମରେ ଗୋପୀ ଗୋସାଇଁଙ୍କର ଜମିବାଡ଼ି ମଧ୍ୟ ଅଛି । କିନ୍ତୁ ଆରତଦାସ ଯେଉଁ ମହାତ୍ମା ଥିଲେ, ସେପରି ମହତ୍ମାଙ୍କ ସଂଖ୍ୟା କ୍ରମେ ବିରଳ ହୋଇ ଆସୁଥିଲେହେଁ ସେହି ପୂର୍ବପୁରୁଷଙ୍କ ପ୍ରତିଷ୍ଠା ବିଶାଳ ଅଛି । ଆର୍ତ୍ତଦାସଙ୍କ ଭଜନ ଗ୍ରାମେ ଗ୍ରାମେ ପ୍ରଖ୍ୟାତ । ଅନେକ ଗ୍ରାମର ଲୋକେ ସନ୍ଧ୍ୟାବେଳେ ଭଜନ ବୋଲନ୍ତି ଏବଂ କୀର୍ତ୍ତନ କରନ୍ତି । ଧନଞ୍ଜୟ ଭଞ୍ଜ 'ଶାଳୀହୋତ୍ର' ନାମକ ପୁସ୍ତକ ଲେଖିଛନ୍ତି । ଏଥିରେ ଘୋଡ଼ାମାନଙ୍କ ବିଷୟ ବର୍ଣ୍ଣିତ ଅଛି । ଏ ଗୋଟିଏ ଅତି ଉପାଦେୟ ଗ୍ରନ୍ଥ ।

"ବନ୍ଦଇ ସକଳ ମଙ୍ଗଳ ହର । କୃପାକର ମୋତେ ସାରଙ୍ଗଧାରୀ ॥
ଅଶ୍ୱମାନଙ୍କର ଜନ୍ମ ଲକ୍ଷଣ । ଦେଶ ବୟସ ଦୋଷ ଗୁଣମାନ ॥
ପ୍ରଦେଶମାନଙ୍କରେ ଯେଉଁ ଭାଗ । ଏହା କହିବା ଶୁଣ ସେ ପ୍ରସଙ୍ଗ ॥
ସର୍ବ ଦାନବଙ୍କ ଭୟେ ଅମ୍ବର । କହିଲେ ଚତୁରମୁଖ ଗମ୍ଭୀର ॥
କେଉଁ ପ୍ରକାରେ ଆମ୍ଭେ ଦୈତ୍ୟଗଣ । ଜିଣିମୁଁ କହ ଏଥିର କାରଣ ॥
ବୋଲନ୍ତି ବ୍ରହ୍ମା ଶୁଣ ସୁରଗଣ । ପୂର୍ବେ ଯେ ହେଲା ଉଦଧି ମନ୍ଥନ ॥
ତହୁଁ ଉଚ୍ଚୈଃଶ୍ରବା ହୋଇଲା ଜାତ । ତାହା ନେଲକ ବୈଲୋଚନସୁତ ॥
ତହୁଁ ତୁମ୍ଭଙ୍କୁ ସଂଗ୍ରାମେ ଜିଣିଲା । ତେଣୁ ତା ବେଗ ଅସହ୍ୟ ହୋଇଲା ॥
ଏବେ ତୁମ୍ଭେ କର ଏହୁ ବିଗ୍ରହ । ଆମ୍ଭେ କହିବା ଶୁଣ ସୁରବର ॥
ପୂର୍ବକାଳେ ଦକ୍ଷଯଜ୍ଞ ହୋମର । ଅନେକ ଧୂମ୍ର ହୋଇଲା ବାହାର ।୧୦।
ମୋର ଚକ୍ଷୁରେ ସେ ଯନ୍ତୁଁ ପୂରିଲା । ତେଣୁ ମୋହର ଅଶ୍ରୁପାତ ହେଲା ॥
ଦେଖିଣ କମଳା ଧରିଲା କର । ଫିଙ୍ଗିଣ ଦେଲା ଅବନୀ ଉପର ॥
ତହୁଁ ଅଶ୍ୱମାନେ ହୋଇଲେ ଜାତ । ତହୁଁ ବୋଲାଇଲେ ଲକ୍ଷ୍ମୀଙ୍କ ସୁତ ॥
ଏମନ୍ତ କରି ଅଶ୍ୱ ଅଶ୍ୱତର । ଜାତ କଲେକ ସିନ୍ଧୁର କୁମାରୀ ॥
ବ୍ରହ୍ମ, କ୍ଷତ୍ରୀ ଯେ ବୈଶ୍ୟ ଶୂଦ୍ର ଜାତି । ଏ ଚାରିଜାତି ଅଶ୍ୱରେ ବିଖ୍ୟାତି ॥
ବର୍ଣ୍ଣସଙ୍କର ହୋଇଲେ ଅନେକ । ବଳେ ଆକ୍ରୋଶିଲେ ସେ ସୁରଲୋକ ॥
ଦକ୍ଷଙ୍କ ଆଶ୍ରମ କଲେ ଉଚ୍ଛନ୍ନ । ତେଣୁ କୋପକଲେ ଋଷିନନ୍ଦନ ॥
ଅଶ୍ୱମାନଙ୍କୁ ସେ ଶାପ ବହିଲେ । ପକ୍ଷମାନଙ୍କୁ ଛେଦି ପକାଇଲେ ॥
ପୃଥ୍ୱୀରେ ଯାଇ ହୋଇବ ବନ୍ଧନ । କର ଚଞ୍ଚଳ ସେଠାକୁ ଗମନ ॥
ଦେବ ମାନବଙ୍କ ବାହନ ହେବ । ଏମନ୍ତ କରି କାଳମାନ ନେବ ॥
ଏମନ୍ତ ଦକ୍ଷଙ୍କ ଶୁଣି ବଚନ । କମ୍ପିଲେ ସବୁ ତୁରଙ୍ଗମଗଣ ॥
ଋଷି ପାଦରେ ଶରଣ ପଶିଲେ । ତେଣୁ ତାହାଙ୍କୁ ଋଷି କୃପାକଲେ ॥
ଯେଉଁମାନେ ରଣ ମୁଖେ ପଡ଼ିବ । ଦ୍ୱିଧମତ କରି ଯେ ଦାନ ଦେବ ॥
ତାହାର ତୁମ୍ଭର ଗତି ହୋଇବ । ଏମନ୍ତେ ଶାପରୁ ମୁକତ ହେବ ॥

ସ୍ୱର୍ଗରେ ଯାଇ କରିବ ଆବାସ । ମୋର ବଚନ ଏ ହେବ ଅବଶ୍ୟ ॥
ମୁନି ବଚନେ ଆନନ୍ଦ ହୋଇଲେ । ପ୍ରଦକ୍ଷିଣ କରି ପାଦେ ପଡ଼ିଲେ ॥
ବୋଇଲେ ଗୋସାଇଁ କରିବୁ କିସ । କାହିଁ ଯାଇଣ କରିବୁ ଆବାସ ॥
ଶୁଣି ତାହାଙ୍କୁ ଦକ୍ଷ ଆଜ୍ଞା ଦେଲେ । ହେମବନ୍ତ ପାଶେ ରହ କହିଲେ ॥
ଶୁଣି ଅଶ୍ୱମାନେ ଆନନ୍ଦ ହୋଇ । ଚଳିଲେ ଦକ୍ଷ ଆଜ୍ଞା ଶିରେ ନେଇ ॥
ହେମବନ୍ତ ପାଶେ ପ୍ରବେଶ ହେଲେ । ଆନନ୍ଦେ ତହିଁ ଭ୍ରମଣ ବହିଲେ ॥
ଏହା ଜାଣିଣ ଋଷି ଶାଳୀହୋତ୍ର । ସେ ସ୍ଥାନେ ବେଗେ ହେଲେ ଉପଗତ ॥
ଆଶ୍ରମ କଲେ ତହିଁ ତପୋଧନ । ଅଶ୍ୱମାନଙ୍କୁ ବହିଲେ ଯତନ ॥
ପୂଜି ପ୍ରାସ୍ତ କରି ପ୍ରତିପାଳିଲେ । ଏମନ୍ତେ ଅଶ୍ୱମାନେ ବୃଦ୍ଧ ହେଲେ ॥
ସେ ସ୍ଥାନେ ଯାଅ ସକଳ ଅମର । ମନ ଜାଣି ଜଳ ଆଣ ସକଳ ॥
ଦେବେ ତାହାଙ୍କୁ ଋଷି ଶାଳୀହୋତ୍ର । ସେ ଅଶ୍ୱମାନେ ଅଟନ୍ତି ପବିତ୍ର ॥
ଏମନ୍ତ ଆଦେଶ ଧାତାର ପାଇ । ଆନନ୍ଦେ ଗଲେ ସୁରଗଣ ତହିଁ ॥
ଯାହା ମନକୁ ଯେହୁ ସେ ଅଇଲା । ସେହୁ ଅଶ୍ୱ ଯାଇ ସେହୁ ତ ନେଲା ॥
ରଜତ ବର୍ଣ୍ଣ ଯେତେ ତୁରଙ୍ଗମ । ତାହାଙ୍କୁ ପାଇଣ ବରିଲେ ସୋମ ॥
ମରକତ ବର୍ଣ୍ଣ ଯେତେକ ହୟ । ତାଙ୍କୁ ବରିଲେ ଯାଇ ହରିହୟ ॥
ଶୁକ୍ଳବନ୍ତ ଯେଉଁ ଅଶ୍ୱ ଉତ୍ତମ । ତାହାଙ୍କୁ ନେଲେ ଅମରସତ୍ତମ ॥
ଅଞ୍ଜନ ବର୍ଣ୍ଣ ଯେଉଁ ଅଶ୍ୱବର । ତାହାକୁ ବେଗେ ନେଲେ ଦଣ୍ଡଧର ॥
ଲୋହିତ ବର୍ଣ୍ଣ ଯେଉଁ ଅଶ୍ୱ ହୋଇ । ତାହାଙ୍କୁ ନେଲେ ଅଗ୍ନି ସ୍ନେହ ବହି ॥
ଚନ୍ଦ୍ର ବଚନ୍ଦ୍ର ବର୍ଣ୍ଣ ଯେଉଁ ଅଶ୍ୱ । ତାହାଙ୍କୁ ବେଗେ ନେଲେ ମାତରିଶ୍ୱ ॥
ସୁବର୍ଣ୍ଣ ବର୍ଣ୍ଣ ଅଶ୍ୱ ନେଲେ ଶିବ । ସାରସ ନେଲେ ବିଶ୍ୱକର୍ମା ଦେବ ॥
କରକା ବର୍ଣ୍ଣ ଯେଉଁ ହୟବର । ତାହାଙ୍କୁ ଘେନିଗଲେ ଚନ୍ଦ୍ରଧର ॥
ଜଳପଟଳ ଅଶ୍ୱିନୀକୁମାର । ଘେନିଗଲେ ସେହୁ ସାରଙ୍ଗଧର ॥
ଶ୍ୟାମବର୍ଣ୍ଣ ଅଶ୍ୱ ନେଲେ ବପୁସା । ତ୍ୱଷ୍ଟା ନେଲେକ ନୀଳଶୋଣମିଶା ॥
ଜଳେଶ ନେଲେ ଶ୍ୟାମବର୍ଣ୍ଣ ହୟ । କୁବେର ନେଲେ ବାଜୀ ଅତିଶୟ ॥
ଗନ୍ଧର୍ବ ଦେବତା ଆଉ ଯେତେକ । ବାଛି ମନକୁ ନେଲେକ ଘୋଟକ ॥
ତହୁଁ ଉପୁଜିଲେ ଯେତେକ ହୟ । ପୃଥୀରେ ରହି ହେଲେକ ଉଦୟ ॥
ଆପଣେ ବ୍ରହ୍ମା ଆସି ହରଷରେ । ଦେଲେ ବାଣ୍ଟି ସକଳ ନୃପବରେ ॥
ଯେଉଁ ଦେଶେ ଯେଉଁ ଅଶ୍ୱ ରହିଲେ । ତାହା କୁଳ ଗୋତ୍ର ତହିଁ ବଢ଼ିଲେ ॥
ସେ ଦେଶ ନାମରେ ହେଲେ ବିଖ୍ୟାତ । ଏମନ୍ତ ହୋଇ ଅଶ୍ୱଙ୍କର ଜାତି ॥
ଯେଉଁ ଦେଶରେ ଯେଉଁ ଗୁଣମାନ । ସେ ପୁଣ ଘେନିଲେ ସେ ଅଶ୍ୱଗଣ ॥
ଉତ୍ତମ ମଧ୍ୟମ ଅଧମ ହୋଇ । ଦେଶ ଗୁଣରେ ଅଶ୍ୱ ଜାତି କହି ॥

କେହୁ ରହିଲେ ସମୁଦ୍ର ଭିତରେ । କେହୁ ଜାତ ହେଲେ ସିନ୍ଧୁ ଦେଶରେ ॥
ଯୌବନ ଦେଶେ ହୋଇଲେ କେ ଜାତ । କାମକ ଦେଶେ କେ ହୋଇଲେ ଖ୍ୟାତ
ପୁଣି କହିବା ଅଶ୍ୱଙ୍କ ଜନମ । ଯେତେ ପର୍ବତେ ହେଲେ ଉତପନ ॥
ହିମବନ୍ତ କହୁଁ ଗନ୍ଧମାର୍ଦ୍ଦନ । ମଳୟ ଗୋରମ୍ଭ ଗିରି ରତନ ॥
ମେରୁ କନ୍ଦର ବିନ୍ଧ୍ୟ କଇଳାସ । ଏତେ ସ୍ଥାନେ ହୟେ କଲେକ ବାସ ॥"

ଚଉତିଶା—ଏ ପ୍ରକାର ଲେଖା ଓଡ଼ିଆଭାଷାରେ ବହୁଳ ଦେଖାଯାଏ । ପ୍ରତ୍ୟେକ ପଦ୍ୟ ୩୪ ପଦ । 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ପ୍ରତ୍ୟେକ ଅକ୍ଷରଯୁକ୍ତ ଶବ୍ଦ ଆଦ୍ୟରେ ଆଇ ଗୀତଟି ସମ୍ପୂର୍ଣ୍ଣ ହୋଇଥାଏ । ସହସ୍ରାଧିକ ଚଉତିଶା ଖୋଜିଲେ ମିଳିବ । ସବୁ ଚଉତିଶା ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ । ଚଉତିଶାର ଢଙ୍ଗ ମଧ୍ୟ ନାନାପ୍ରକାର । ଗୋଟିଏ ଗୋଟିଏ ଢଙ୍ଗ ବା ବୃତ୍ତରେ ଅନେକ ଚଉତିଶା ଲେଖାଯାଇଛି । ଯଥା—ମଧୁପ ଚଉତିଶା, ବିପ୍ରସିଂହ ଚଉତିଶା, ମନବୋଧ ଚଉତିଶା, କଳାଦର ଚଉତିଶା ଇତ୍ୟାଦି । ଚଉତିଶାର ଗୋଟିଏ ଉଦାହରଣ ତଳେ ଦିଆଗଲା ।

ଆରତତ୍ରାଣ ଚଉତିଶା

ରାଗ—କାମୋଦୀ

"କୃପାସିନ୍ଧୁ ବଦନ କର ଅବଲୋକନ
କେଉଁ କରମହୀନ ଜନ
କାକୁସ୍ଥତର ହୋଇ କର ଯୋଡ଼ି ଜଣାଇ
ଗରୁଡ଼ସ୍ତମ୍ଭ ସନ୍ନିଧାନ । ହେ ମହାପ୍ରଭୁ !
କୃପାସାଗରତପଣ ହୋଇ । କରମହୀନ ଜନ ତହିଁ ।
କରୁଣା କଲ ନାହିଁ କପା ହେ ଭବଗ୍ରାହୀ
କହି ମୁଁ ବଚନ ମଣେ । ହେ ମହାପ୍ରଭୁ !"

ଚଉତିଶା ପରେ ଜଣାଣ ଭଜନ ଅସଂଖ୍ୟ ଅଛି । ଜଣାଣ ଭଜନ କେବଳ ଭଗବାନଙ୍କଠାରେ ପ୍ରାର୍ଥନା, ଭଗବାନଙ୍କ ଗୁଣକୀର୍ତ୍ତନ ଅରକ୍ଷିତଦାସ, ବାଇଦାସ, ମାଧବଦାସ, ନୀଳାଦ୍ରି ଦାସ ପ୍ରଭୃତି ବେଳୁପଡ଼ା ମଠର ଗୋସାଇଁମାନଙ୍କର ସହସ୍ରାଧିକ ହେବ । ବେଳୁପଡ଼ା ପୁରୀ ଜିଲ୍ଲା ଡେଲଙ୍ଗ ନିକଟରେ । ସେଠାରେ ଅଲେଖ ମଠ ଅଛି । ଆଉଁ ଦାସ ପ୍ରଭୃତି ସେହି ମଠର ଅଧିକାରୀ ଥିଲେ । ସେମାନେ ଅନେକ ଭଜନ ରଚନା କରିଛନ୍ତି । ଶରୀରତତ୍ତ୍ୱ, ନିରାକାର ନିରଞ୍ଜନ ବ୍ରହ୍ମ, ଶ୍ରୀକୃଷ୍ଣ ପ୍ରଭୃତି ଅବଲମ୍ବନରେ ଅନେକ ଭଜନ ଗୀତର ରଚନା କରିଛନ୍ତି । ତାଙ୍କର ଦାଣ୍ଡିଧୁଆ ବୋଲି ଏକ ପୁସ୍ତକ ଅଛି । ଏଥିରେ ଗୋପାଳନର ଉପକାରିତା, ଗୋପାଳନ କରିବାର ଫଳାଫଳ ଅତି ସୁନ୍ଦର ସରଳ ଭାବରେ ବର୍ଣ୍ଣିତ ହୋଇଛି । ବଳଦ ଚଷାକୁ କହିବା ଛଳରେ ମର୍ମସ୍ପର୍ଶୀ ଭାଷାରେ ଲେଖାଯାଇଛି । 'କିଶୋର ପୁରାଣ' ବୋଲି

ଏକ ଗ୍ରନ୍ଥ ଅଛି । ସେଥିରେ ଶଙ୍କରଚରିତ୍ର ବର୍ଣ୍ଣିତ ଅଛି । ଚଉପଦୀ, ଚଉତିଶା, ପାଲା ପ୍ରଭୃତି ଅସଂଖ୍ୟ ଖଣ୍ଡକାବ୍ୟ ଗୀତ ଅଛି । ଏକତ୍ରିତ ହେଲେ ମହାଭାରତ ଅପେକ୍ଷା ବୃହତ୍ ହୋଇପାରେ । ଚଉପଦୀ ଚଉତିଶାରେ ନାନା ଅର୍ଥବୋଧକ ଗୀତ ଅଛି । ଏକ ଚଉପଦୀର ଦୁଇ ତିନ ଚାରି ପ୍ରକାର ଅର୍ଥ ଅଛି । ନାନା ଛନ୍ଦର ଚଉପଦୀ ଅଛି । ନାନା ଅନୁପ୍ରାସର ଚଉପଦୀ ଅଛି । ସେ ସମସ୍ତର ଆଲୋଚନା ପାଇଁ ଏଠାରେ ସ୍ଥାନ ନାହିଁ । ତାହା ଏକ ସ୍ୱତନ୍ତ୍ର ପୁସ୍ତକ ହେବ । ପାଲା ଏ ଦେଶରେ ଗୋଟିଏ ପ୍ରଧାନ ଯାତ୍ରା ଥିଲା । ଏତଦ୍ଦ୍ୱାରା ଦେଶର ପଲ୍ଲିମାନଙ୍କରେ ପୁରାଣ-କାବ୍ୟ ବସ୍ତୁର ଆଲୋଚନା ହେଉଥିଲା ଏବଂ ସଙ୍ଗେ ସଙ୍ଗେ ଧର୍ମଶାସ୍ତ୍ର ପ୍ରଚାର ହେଉଥିଲା । ବାଦୀପାଲା ହେଉଥିବାରୁ ତଦ୍ଦ୍ୱାରା ପ୍ରତିଯୋଗିତାର ଦ୍ୱାର ଉନ୍ମୁକ୍ତ ଥିଲା । ଅନେକ ପଲ୍ଲିବାସୀ କବିତା ଲେଖୁଥିଲେ । ପ୍ରତ୍ୟେକ ପାଲା ଦଳର ସ୍ୱତନ୍ତ୍ର କବି । କାହା କବିତା ସରସ, କାହା କବିତା ଅର୍ଥଗର୍ଭକ, କାହା କବିତା ଅହଙ୍କାରପୂର୍ଣ୍ଣ, ଏ ବିଷୟ ଆଲୋଚନା ହେଉଥିଲା । ଆହୁରି ଅନେକ ପ୍ରକାର ଯାତ୍ରା ହେଉଥିଲା । ଶବରଶବରୁଣୀ, ମଧୁମଙ୍ଗଳ, ଭାରତଲୀଳା, ରାମଲୀଳା ଇତ୍ୟାଦି । ଏସବୁ ଯାତ୍ରାପାଇଁ ସ୍ୱତନ୍ତ୍ର ଗୀତ ରଚନା ହେଉଥିଲା । ଏସବୁ ହେତୁ ଅନେକ ସାଧାରଣ ଲୋକ, ଯେଉଁମାନେ କୌଣସି ସ୍କୁଲରେ ପଢ଼ି ନ ଥିଲେ ବା ବିଶ୍ୱବିଦ୍ୟାଳୟରୁ ଉପାଧି ପାଇ ନ ଥିଲେ ସେମାନେ ମଧ୍ୟ କବିତା ରଚନା କରୁଥିଲେ । ଏ ସବୁ କ୍ରମେ କ୍ରମେ ଦେଶରୁ ଲୋପ ହୋଇଯାଉଛି । ଆଉ ସେ କବିତା-ତରଙ୍ଗ ପଲ୍ଲିମାନଙ୍କରେ ଖେଳା କରୁନାହିଁ; କ୍ରମେ ପଛକୁ ଅପସାରିତ ହେଉଛି । ଓଡ଼ିଆ ସାହିତ୍ୟର ବିଶାଳ ଆକାର ଏ ପର୍ଯ୍ୟନ୍ତ ଓଡ଼ିଆ ଯୁବକମାନେ ଦେଖି ପାରି ନାହାନ୍ତି । ପ୍ରାଚୀନ ଓଡ଼ିଆ ପୁସ୍ତକ ତାଲିକା ଏ ପର୍ଯ୍ୟନ୍ତ ପୂର୍ଣ୍ଣଭାବେ ସଂଗୃହୀତ ହୋଇନାହିଁ । ବିହାର-ଓଡ଼ିଶା ସରକାର କେତେ ଦିନ ଜଣେ ପଣ୍ଡିତ ରଖାଇ ତାଲିକା ସଂଗ୍ରହ କରୁଥିଲେ । ମାତ୍ର ସେ କାମ ବନ୍ଦ ହୋଇଗଲା । ଆମ୍ଭ ଦେଶର ସାହିତ୍ୟିକମାନେ ନିଜ ଘରେ କଅଣ ଅଛି ତାହା ଖୋଜିବାକୁ ବୀତଶ୍ରଦ୍ଧ । ଓଡ଼ିଶାରୁ ପ୍ରାଚୀନ ପୁସ୍ତକ କିଣି ନେଇ ଜର୍ମାନୀ ଦେଶର ପଣ୍ଡିତମାନେ ଆଲୋଚନା କରୁଛନ୍ତି । ସେଥିରୁ ସାର ବାହାର କରି ତହିଁର ତଥ୍ୟାନୁସନ୍ଧାନରେ ଲାଗି ସେ ସତ୍ୟକୁ ନୂତନ ଆକାରରେ କାର୍ଯ୍ୟରେ ପରିଣତ କରି ପୃଥିବୀକୁ ଆଶ୍ଚର୍ଯ୍ୟାନ୍ୱିତ କରୁଛନ୍ତି । ଆଜି ସେମାନଙ୍କର ଏହି ଆଶ୍ଚର୍ଯ୍ୟ କାଣ୍ଡକାରଖାନା ଦେଖି ଆମ୍ଭେମାନେ ହା-ହତୋସ୍ମି ହୋଇ ବିସ୍ମୟ ଭାବରେ ଗୃହ ରହିଛୁଁ । ଭୁବନେଶ୍ୱରଠାରୁ ଜର୍ମାନ ପଣ୍ଡିତମାନେ ଅନେକ ତାଳପତ୍ର ପୋଥି ଉଚ୍ଚମୂଲ୍ୟରେ କ୍ରୟକରି ନେଇଛନ୍ତି । ସେମାନେ ମନେ କରୁଛନ୍ତି, ଏ ଦେଶ ଏତେ ଉନ୍ନତ ଥିଲା, ଏଥିରେ କାଳେ କିଛି ଉପାଦେୟ ଉତ୍ତମ ସାମଗ୍ରୀ ଥିବ; ମାତ୍ର ଆମ୍ଭେମାନେ ବର୍ତ୍ତମାନ ଭୂଆଁ ବୁଲୁଥାଉଁ ।

ବର୍ତ୍ତମାନ ଶ୍ରୀଯୁକ୍ତ ବିଜୟଚନ୍ଦ୍ର ମଜୁମଦାର ଆମ୍ଭମାନଙ୍କ ସାହିତ୍ୟ ଶିକ୍ଷକ ଓ ସମାଲୋଚକ । ସେ ବର୍ତ୍ତମାନ ଭଲ କାଗଜରେ କେତେଗୁଡ଼ିଏ ଓଡ଼ିଆ ପଦ୍ୟ ଛପାଇ ଓଡ଼ିଆ ସାହିତ୍ୟର ପରିଚୟ ଦେଇଛନ୍ତି । ସେ ପୁସ୍ତକ ଆମ୍ଭ ବିଦ୍ୟାଳୟର

ପାଠ୍ୟପୁସ୍ତକ । କୋଇଲି ଗୋପୀଭାଷାରୁ ଆରମ୍ଭ କରି ଅନ୍ୟାନ୍ୟ ଉଚ୍ଚ ଦରର ସାହିତ୍ୟର କେତେକାଂଶ ସେ ପୁସ୍ତକରେ ନକଲ କରାଯାଇଛି । କୋଇଲି ଏବଂ ଗୋପୀଭାଷା ଅବଧାନ ଗୃହାଳିର ପାଠ । ୭।୮ ବର୍ଷ ପିଲାଙ୍କ ପାଠ୍ୟ । ଏବେ ଉଚ୍ଚଶିକ୍ଷା ଶ୍ରେଣୀର ପାଠ୍ୟପୁସ୍ତକ ହେବାର ଦେଖି ମନେ ହୁଏ, କୋଇଲିର ଉନ୍ନତି ହେଲା, କି ଛାତ୍ରମାନଙ୍କର ଉନ୍ନତି ହେଲା ? ସମ୍ଭବତଃ କୋଇଲିର ଉନ୍ନତି ହେଲା, କାରଣ ପଲ୍ଲୀଗ୍ରାମ ମାଟିଘର ପାଠଶାଳାରୁ ଉଡ଼ିଆସି ଏବେ ସିଏ ତିନି ପକ୍କା ଗୃହରେ ସ୍ଥାନ ପାଇଲା ! ବୈଦ୍ୟୁତିକ ପଙ୍ଖା ପବନ, ବୈଦ୍ୟୁତିକ ଆଲୋକ ପାଇ ତାହାର ସ୍ୱାସ୍ଥ୍ୟ ସମୃଦ୍ଧି ବୃଦ୍ଧି ପାଇଲା । ବିଜୟ ବାବୁ ଏ ପୁସ୍ତକ ଭୂମିକାରେ ପ୍ରାଚୀନ ଉତ୍କଳର ସଂକ୍ଷିପ୍ତ ଐତିହାସିକ ବିବରଣ ଓ ପ୍ରାଚୀନ ଓଡ଼ିଆ କବିଙ୍କ ସମ୍ବନ୍ଧେ ଗୋଟିଏ ମୁଖବନ୍ଧ ପ୍ରବନ୍ଧ ଲେଖିଛନ୍ତି । ତହିଁର ସତ୍ୟାସତ୍ୟ ଟିକିଏ ଆଲୋଚନା କରିବା ଆବଶ୍ୟକ । ଆଲୋଚନା କରିବା ପୂର୍ବରୁ ଯଦୁମଣି କବିଙ୍କର ଗୋଟିଏ ପ୍ରାଚୀନ କବିତା ମନେ ପଡ଼େ—

ଅନ୍ଧ ଦେଶକୁ ଗଲି ଦର୍ପଣ ବିକି
କନ୍ଧ ହାତରେ ଦେଲି ଗୋଦାନ ଟେକି,
କଡ଼ା ମଧୁରେ କଲି ଖଡ଼ା ଚନ୍ଦନ
କାମୁଡ଼ା ଘୋଡ଼ା ମୁଖେ ଦେଲି ଚୁମ୍ବନ,
ହେ ରାଜା, କି କଲି । ବିଷ୍ଣୁ ପ୍ରତିମାକୁ ତଳେ ଥୋଇଲି ।

ଓଡ଼ିଆ ସାହିତ୍ୟରେ କି ମାଧୁରୀ ଅଛି ତାର ସ୍ୱାଦ ଯେ ନିଜେ ଅନୁଭବ ନ କରି ପାରିବ ସେ ବୁଝିବ କିଣ ? ଓଡ଼ିଆ ସାହିତ୍ୟର ମାହାତ୍ମ୍ୟ କୀର୍ତ୍ତନ କରିବା ଲାଗି ତହିଁରେ ତନ୍ମୟତା ଥିବା ଆବଶ୍ୟକ । ଏ ପୁସ୍ତକ ସଂକଳନର ଉଦ୍ଦେଶ୍ୟ କିଛି ଅର୍ଥୋପାର୍ଜନ କରିବା । ମୁଖବନ୍ଧ ଆଲୋଚନା ଅବାନ୍ତର ମାତ୍ର । ଯୁବକଛାତ୍ରମାନେ ଏଥିରେ ନ ଭୂଲି ନିଜ ଘର ନିଜେ ଖୋଜିବା ଉଚିତ । ଆମ୍ଭ ଘର ଆଲମାରି ପେଡ଼ିରେ କି ସାମଗ୍ରୀ ଅଛି ତାହା ନିଷ୍କର୍ମା ସ୍ତୁ ଲୋକ ବୁଝିବ କିପରି ? ଓଡ଼ିଆ ସାହିତ୍ୟ ବଙ୍ଗୀୟ ସାହିତ୍ୟିକମାନଙ୍କ ନିକଟରେ ସଂପୂର୍ଣ୍ଣ ଅପରିଚିତ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ମୁଁ ଏପରି ସାହସ ସହିତ କହିପାରେ ଯେ ଓଡ଼ିଆ ସାହିତ୍ୟର ଗୋଟିଏ ପଦର ଭାବ ସଙ୍ଗେ ବଙ୍ଗଳାର କୌଣସି ପ୍ରାଚୀନ ଲେଖା ପାସଙ୍ଗରେ ପଡ଼ିବ ନାହିଁ । ଓଡ଼ିଆ-ସାହିତ୍ୟ-କାବ୍ୟକୁଞ୍ଜ-କାନନର ଗୋଟିଏ ଗୋଟିଏ ପୁଷ୍ପ ଅତୁଳନୀୟ । ବିଦଗ୍ଧ ଚିନ୍ତାମଣି ପରି କାବ୍ୟ, ବୈଦେହୀଶ ବିଳାସ ପରି କାବ୍ୟ ତୁଳନାରେ ଖଣ୍ଡିଏ କୌଣସି କାବ୍ୟ ବଙ୍ଗ-ସାହିତ୍ୟରେ ଅଛି କି ? କାବ୍ୟର ବିଶେଷତ୍ୱ ଲାଗି ଦେଶ କାଳ ପାତ୍ର ବିବେଚନା କରିବା ଆବଶ୍ୟକ । କାବ୍ୟ ଯେଉଁ ଦେଶର ଲେଖା, ଯେଉଁ ସମୟର ଲେଖା, ତହିଁପ୍ରତି ଦୃଷ୍ଟି ଦେବାକୁ ହେବ । କବିଙ୍କ ମନୋଗତ ଭାବ ପ୍ରତି ଲକ୍ଷ୍ୟ ରଖି କାବ୍ୟାଲୋଚନା କରିବାକୁ ହେବ । ସମାଲୋଚକ ତା ନିଜ ଆସନରେ ବସି ସମାଲୋଚନା କଲେ କାବ୍ୟପ୍ରତି ନ୍ୟାୟ ବିଚାର କରି ପାରିବ ନାହିଁ । କେହି କେହି କହନ୍ତି, ଉପେନ୍ଦ୍ର ଭଞ୍ଜ ପ୍ରଭୃତି କେବଳ

ଆଦରସରେ କବିତା ଲେଖିଛନ୍ତି, ଅନେକ ଅଶ୍ଳୀଳ ଭାବ ବର୍ଣ୍ଣନା କରିଛନ୍ତି; ସୁତରାଂ ସେଗୁଡ଼ିକ ଅଶ୍ରାବ୍ୟ । ଆମ୍ଭ ଦେଶରେ କଥା ଅଛି, ମାଙ୍କଡ଼ ହାତେ ଶାଳଗ୍ରାମ; ଅର୍ଥାତ୍ ଯେ ଅରସିକ ତା ହାତରେ ଗୋଟିଏ ରସ ପଡ଼ିଲେ ଦଶା କଅଣ ହେବ ? ଆମ୍ଭ ଓଡ଼ିଆ ସାହିତ୍ୟର ଦଶା ବର୍ତ୍ତମାନ ସେହି ଦଶା ପ୍ରାପ୍ତ । ଅରସିକ ହାତରେ ଓଡ଼ିଆ ସାହିତ୍ୟ ପଡ଼ିଲାରୁ ତହିଁର ସରସତା ନଷ୍ଟ ହେଉଛି । ସୁତରାଂ କୌଣସି ଗୋଟିଏ ଭାଷାର ସାହିତ୍ୟ ଆଲୋଚନା କରିବାକୁ ହେଲେ ସେ ଦେଶର ଭାଷାରେ ସମ୍ପୂର୍ଣ୍ଣ ଅଭିଜ୍ଞତା ଥିବ, ପ୍ରାଚୀନ ସାହିତ୍ୟରେ ମଧ୍ୟ ଜ୍ଞାନ ଥିବ, ଦେଶର ଆଚାର-ବ୍ୟବହାର, କବିଙ୍କ ଧର୍ମଭାବ, ତଦାନୀନ୍ତନ ଯୁଗର ସାହିତ୍ୟ ପ୍ରଚାରପ୍ରତି ଲକ୍ଷ୍ୟ ରଖି ବିଚାର କରିବାକୁ ହେବ । ନଚେତ୍ ସମାଲୋଚକ ଅଧିକ ଅନ୍ୟପ୍ରକାର ଦେଖାଯିବ । ଉପେନ୍ଦ୍ର ଭଞ୍ଜ ପ୍ରଭୃତିଙ୍କ କାବ୍ୟ କେବଳ ନାୟକ ନାୟିକା ଅବଲମ୍ବନରେ ଲେଖାଯାଇଛି । ବିଚ୍ଛେଦ ମିଳନ କବିତାର ପ୍ରଧାନ ଉପାଦେୟ ବିଷୟ । ମାତ୍ର ସେଥିରେ ଯେଉଁ ବିଷୟ ବର୍ଣ୍ଣିତ ହୋଇଛି, ସେ ବିଷୟକୁ ଚିତ୍ର କରି ପାରିବାରେ କେତେଦୂର ଦକ୍ଷତା ଦେଖାଇଛନ୍ତି, ସେଟା ଦେଖିବା ଆବଶ୍ୟକ । ଉପଇନ୍ଦ୍ର ଭଞ୍ଜ ଭାଷାରେ କେତେଦୂର ଶିଳ୍ପଚାତୁରୀ ଦେଖାଇଛନ୍ତି ତାହା ଦେଖିବା ଆବଶ୍ୟକ । ଅଶ୍ଳୀଳ ବୋଲି ତ୍ୟାଗକଲେ ସେ କବିତାର ରସାସ୍ୱାଦନ କରିପାରିବ ନାହିଁ । ମାତ୍ର ମଜୁମଦାର ମହାଶୟ ଭଞ୍ଜ କବିତା ଏବଂ ସାମନ୍ତସିଂହାରଙ୍କ କବିତା ତୁଳନାରେ କୌଣସି ଗୋଟିଏ ବଙ୍ଗ କବିତାକୁ ତୁଳନା କରିପାରିବେ କି ?

ଆଜି ବିଜ୍ଞାପନ ଯୁଗ । ଯେ ଯେତେ ବିଜ୍ଞାପନ ଦେଇ ପାରିଲା, ସେ ତେତେ ବଡ଼ । ଓଡ଼ିଆ କବିତା ସେ ସୁବିଧା ସୁଯୋଗ ପାଇନାହିଁ; ଭାଷାନ୍ତର ହୋଇ ଦେଶ-ବିଦେଶରେ ପ୍ରଚାରିତ ହୋଇନାହିଁ । ଓଡ଼ିଆମାନେ ସବୁକଥାରେ ଯେପରି ପଶ୍ଚାତ୍ପଦ, ଏ ଦିଗରେ ସେହିପରି । ସୁତରାଂ ଓଡ଼ିଆ ସାହିତ୍ୟ ଯେପରି ଘର କଣରେ ଥିଲା, ସେପରି ପଡ଼ିଛି । ବାଉରି-ସାହିରେ ମାଣିକ୍ୟ ପଡ଼ିଲେ ତାର ଯେପରି ଦଶା ହୁଏ, ବର୍ତ୍ତମାନ ବଙ୍ଗୀୟ ସମାଲୋଚକଙ୍କ ହାତେ ତାର ସେହି ଦଶା ହୋଇଅଛି । ଆମ୍ଭେ ଆସ୍ପର୍ଦ୍ଧା କରି କହିପାରୁଁ ଯଦି ଭଞ୍ଜ କବିତା, ସାମନ୍ତସିଂହାରଙ୍କ କବିତା ଯେପରି ପୃଷ୍ଠପୋଷକ ପାଇ ଦେଶ-ବିଦେଶକୁ ଯାଇଥାନ୍ତା ତେବେ ଏମାନେ ପ୍ରତ୍ୟେକେ ନୋବେଲ୍ ପୁରସ୍କାର କେଉଁକାଳୁ ପାଇଥାନ୍ତେ । ଯେଉଁ କବିତା ଲେଖି ଆଧୁନିକ କବିମାନେ ସେ ପୁରସ୍କାର ପାଉଛନ୍ତି ସେ କବିତା ଓଡ଼ିଆ କବିତାଠାରୁ ଯେ କେତେ ତଳେ ତାହା କେବଳ ଚିନ୍ତାଶୀଳ ଗ୍ରାହକ ହେଲେ ବୁଝିବ । ଯେଉଁ ଦେଶର ବାଉରି କଣ୍ଡରା କେଉଟ ଅଜି କଜି କବି, ସେ ଦେଶର ଉଚ୍ଚଶ୍ରେଣୀୟ କବିଙ୍କ କବିତା ବୁଝିବାଲାଗି ବହୁତ ସମୟ ଆବଶ୍ୟକ । ଗାୟକରତ୍ନ ଓ ଓଡ଼ିଆ କବି ଆକବର ବାଦଶାହଙ୍କ ରାଜସଭାରେ ଗୀତ ଗାଇ ପ୍ରଶଂସା ପାଇଥିଲେ । ମଜୁମଦାର ମହାଶୟ କହନ୍ତି, କେଶବ କୋଇଲି ପ୍ରଥମ କବିତା । କୋଇଲିର ଭାଷା ଭାବ ଦେଖିଲେ ଜଣାଯିବ ଯେ ତାହା ବଡ଼ ଉଚ୍ଚଦରର କବିତା । କୋଇଲି ପୂର୍ବରୁ ଅନ୍ୟ ଅନେକ ଲେଖା ପୋଥି ଥିବ; ମାତ୍ର

ଦୁଃଖର ବିଷୟ ଯେ ଅଧିକାଂଶ ଓଡ଼ିଆ ପୁସ୍ତକରେ କବିଙ୍କ ଜୀବନୀ ବା ସମୟ ଲେଖାନାହିଁ ।

ଯେତେ ଖଣ୍ଡ ପୁସ୍ତକ ଛାପାହୋଇ ପଦାକୁ ବାହାରିଛି, ମଜୁମଦାର ସେହି କେତେ ଖଣ୍ଡ ଶୁଣିଛନ୍ତି । ମାତ୍ର ସେଥିରୁ ଓଡ଼ିଆ ସାହିତ୍ୟର ଅନୁସନ୍ଧାନ କରାଯାଇ ନପାରେ । ଓଡ଼ିଶାରେ ଅନେକ କବିତା ଲୋକଙ୍କ ମୁହେଁ ମୁହେଁ ଅଛି, କୌଣସି ପୋଥିରେ ଲେଖା ନାହିଁ କି ଛପା ହୋଇନାହିଁ । ଏବକୁ କେତେକ କେହି କେହି ସଂଗ୍ରହ କରୁଛନ୍ତି । ଗୀତ ସଙ୍ଗୀତ ମନୁଷ୍ୟର ସ୍ୱଭାବଜାତ କହିଲେ ଚଳେ । ତେବେ ସାମାଜିକ ଉନ୍ନତି ସଙ୍ଗେ ସେ ଉନ୍ନତ ଆକାର ଧାରଣ କରେ । ଆମ୍ଭ ଦେଶରେ ଶଗଡ଼ିଆ ଗୀତ, ପାଣିବୁହା ଗୀତ, ହଳୁଆ ଗୀତ, ଚଢ଼େଇଆ ଚଢ଼ଇଣୀ ଗୀତ, ଯୋଗୀ ଗୀତ, ଚଉତିମାଳ ଅସଂଖ୍ୟ ଦେଖାଯାଏ । ଏସବୁ ପ୍ରାଥମିକ କବିତା । ଏସବୁ କୌଣସି ଲେଖା ପୋଥିରେ ନାହିଁ । ମାତ୍ର ପ୍ରତ୍ୟେକ ଗ୍ରାମକୁ ଯାଅ, ଏସବୁ ବିସ୍ତୃତ ଭାବରେ ଶୁଣିବ । ସେ ସମସ୍ତ ସଂଗୃହୀତ ହୋଇ ପ୍ରକାଶିତ ହେଲେ ସେଗୁଡ଼ିକର ମୌଳିକତା ବୁଝିପାରିବ । ସେ ସମସ୍ତ ପ୍ରାଥମିକ କବିତା । କୋଇଲି, ଗୋପୀଭାଷା ହେବାର ବହୁକାଳ ପୂର୍ବେ ଏ ସବୁ ରଚିତ । ତେଲୁଗୁ ଭାଷା ସଙ୍ଗେ ଓଡ଼ିଆ ଭାଷାର କୌଣସି ସମ୍ପର୍କ ନାହିଁ । ଅନେକ ସ୍ତୁତି-କବିତା ଦେଖିବାକୁ ମିଳେ; ଯଥା—ମଙ୍ଗଳା ସ୍ତୁତି, ମୁଗୁଣୀ ସ୍ତୁତି ଇତ୍ୟାଦି । ଓଷା କଥା ଗୀତରେ ଲେଖାଅଛି । ସେଗୁଡ଼ିକ ଓଡ଼ିଶାରେ ଓଷା କରିବା ପ୍ରଥା ଚଳିବା ଦିନୁ ଚଳିଆସୁଅଛି । ଖୁଦୁରୁକୁଣୀ ଓଷ, ବୁଧେଇ ଓଷା, ଦୁତିଆ ଓଷା ପ୍ରଭୃତିର ଯେ କଥା-ଗୀତ ଓଷାବେଳେ ପଢ଼ା ଯାଏ, ସେସବୁ ବହୁ ପ୍ରାଚୀନ କାଳର । ସୁତରାଂ କେବଳ ଯେଉଁଗୁଡ଼ିକ ମୁଦ୍ରାଯନ୍ତ୍ର ପ୍ରସାଦରୁ ଛାପା ହୋଇଛି, ସେ ବହିରୁ ଓଡ଼ିଆ ସାହିତ୍ୟର ପ୍ରାଚୀନ ଇତିହାସ ବୁଝାଯାଇ ପାରିବ ନାହିଁ । ଏ ଦେଶରେ ପାଟୁଆ ଯାତ୍ରା, କେଉଟମାନଙ୍କର ଚଇତିଘୋଡ଼ା ଯାତ୍ରା ହୁଏ । ଏସବୁ ଯାତ୍ରାରେ ଅନେକ ଗୀତ ବୋଲାଯାଏ । ସେ ଗୀତ ବହୁ ପ୍ରାଚୀନ । ଯାତ୍ରା ସୃଷ୍ଟି କାଳରୁ ସେଗୁଡ଼ିକ ଚଳିଆସୁଛି । ସେସବୁ ସଂଗ୍ରହ କଲେ ପ୍ରାଚୀନ ଲେଖାର ଅନେକ ପରିଚୟ ମିଳିବ । ମଜୁମଦାର ମହାଶୟ କହନ୍ତି ଯେ, ଗଙ୍ଗବଂଶ ରାଜତ୍ୱର ବହୁକାଳ ପୂର୍ବେ ଓଡ଼ିଆ ଗୋଟିଏ ସ୍ୱତନ୍ତ୍ର ପ୍ରାଦେଶିକ ଭାଷା ରୂପେ ଗୃହୀତ ହୋଇଥିଲା । ମାତ୍ର ୧୫ଶ ଶତାବ୍ଦୀ ପୂର୍ବର କୌଣସି ଲେଖା ସେ ପାଇନାହାନ୍ତି । ଡାକ୍ତର ରମେଶଚନ୍ଦ୍ର ମଜୁମଦାର ଗୋଟିଏ ତାମ୍ରଶାସନର ଲେଖା ପଢ଼ି ତାଙ୍କୁ ଶୁଣାଇଥିଲେ । ସେ ଲେଖା ତ୍ରୟୋଦଶ ଶତାବ୍ଦୀର । ସେ ତାମ୍ରଶାସନର ଭାଷା କବିତା ପାଇଁ ଉପଯୋଗୀ ନୁହେ । ଗଙ୍ଗବଂଶ ରାଜାମାନଙ୍କଠାରୁ ଓଡ଼ିଆ ସାହିତ୍ୟ ବେଶି ସହାନୁଭୂତି ପାଇ ନଥିବ; କାରଣ ସେ ତେଲିଙ୍ଗ ଭାଷାକୁ ବେଶି ପ୍ରଶ୍ରୟ ଦେଉଥିଲେ । କୋଇଲି ଲେଖା ୧୪୫୦ ଖ୍ରୀଷ୍ଟାବ୍ଦ ପୂର୍ବରୁ ହୋଇ ନଥିବ, ଏ ତ କେବଳ ଅନୁମାନର କଥା । ଏଥିର କାରଣ ମଧ୍ୟ କିଛି ଦେଇନାହାନ୍ତି । ଯଦି ସେହି ଅନୁମାନ ଠିକ୍ ହୁଏ, ତେବେ କୋଇଲି ଲେଖାର ବହୁକାଳ ପୂର୍ବରୁ ଓଡ଼ିଆ ସାହିତ୍ୟ ଆରମ୍ଭ ହୋଇଥିବ । କୋଇଲି ଆଦିସାହିତ୍ୟ ନୁହେ ବୋଲି ସେ ସ୍ୱୀକାର କରିଛନ୍ତି । ବାସ୍ତବିକ କୋଇଲିର ଭାଷା, ଭାବ, ପଦଲାଳିତ୍ୟ ଦେଖିଲେ ତାକୁ ଉନ୍ନତ ଅବସ୍ଥାର ସାହିତ୍ୟ ଲେଖା ବୋଲି ନିଶ୍ଚୟ କୁହାଯିବ ।

ମଜୁମଦାରଙ୍କ ମତରେ କପିଳେନ୍ଦ୍ରଦେବ ପ୍ରଭୃତି ସୂର୍ଯ୍ୟବଂଶୀୟ ରାଜାମାନଙ୍କ ଅମଳରେ ବହୁଳ ଓଡ଼ିଆ ସାହିତ୍ୟ ପୁସ୍ତକ ଲେଖା ହୋଇଥିଲା ଏବଂ ସେ ସମୟରେ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ହୋଇଥିଲା ।

ସାହିତ୍ୟର ବହୁଳ ପ୍ରଚାର, ବହୁଳ ପୁସ୍ତକ ଲେଖା ସେ ସମୟରେ ହୋଇଥିବ, ଏବଂ ହୋଇଥିବାର ଦେଖାଯାଏ । ମାତ୍ର ତହିଁପୂର୍ବେ ଯେ ଓଡ଼ିଆଭାଷା ନ ଥିଲା, ଓଡ଼ିଆଭାଷାରେ କୌଣସି ଗୀତ ସଙ୍ଗୀତ ପ୍ରଭୃତି ନଥିଲା, ଏକଥା ଆମ୍ଭେ ସ୍ୱୀକାର କରିପାରୁନାହିଁ । ସଂସ୍କୃତ ଭାଷାର ବହୁଳ ପ୍ରଚାର ହେତୁ ଓଡ଼ିଆ ପ୍ରାକୃତଭାଷାରେ ଉଚ୍ଚଶ୍ରେଣୀସ୍ଥ କବିମାନେ ସାହିତ୍ୟ ଲେଖି ନଥିଲେ । ମାତ୍ର ନିମ୍ନଶ୍ରେଣୀସ୍ଥ ଲୋକଙ୍କର ଯେ କୌଣସି ସାହିତ୍ୟ ନଥିଲା, ଏକଥା କୁହାଯାଇ ନପାରେ । ଆମ୍ଭେ ପୂର୍ବେ କହିଛୁ, ଓଡ଼ିଆଭାଷାର ଅନେକ ବହି ଏପର୍ଯ୍ୟନ୍ତ ପଦାକୁ ବାହାରିନାହିଁ; ତାହାରିଲେ ସେଥିରୁ ଅଦ୍ଭୁତ ତଥ୍ୟ ମିଳିପାରେ ।

ବର୍ତ୍ତମାନ ଖବରକାଗଜରେ ପ୍ରକାଶ ଯେ ହାଇଦ୍ରାବାଦ ନିଜାମଙ୍କ ରାଜ୍ୟରେ ପଥର-ଘାଟିରେ ଜଣେ ଜାଗିରଦାର ସୟଦ ମହମ୍ମଦ ହୁସେନଙ୍କ ଘରେ ଗୋଟିଏ ଅତି ପ୍ରାଚୀନ ପୁସ୍ତକାଳୟ ଅଛି । ଯେ ପୁସ୍ତକାଳୟ ବିଜାପୁର ରାଜ୍ୟ ସ୍ଥାପିତହେବା ପୂର୍ବକାଳର । ସେ ପୁସ୍ତକାଳୟରେ ଅନେକ ହାତଲେଖା ପୋଥି ଅଛି । ଭାରତର ପ୍ରାୟ ସକଳ ଭାଷାର ପୁସ୍ତକ ଅଛି । ସେଥିରେ ଯେ ଯେ ବିଷୟର ପୁସ୍ତକ ଅଛି ବୋଲି ଖବର ମିଳୁଛି, ତହିଁରେ ବହୁତ ଆଶ୍ଚର୍ଯ୍ୟଜନକ ବିଷୟ ଅଛି । ହରେକ ବିଷୟର ପୁସ୍ତକ ଅଛି । ଉଦାହରଣ ସ୍ୱରୂପ କେତେ-ଗୋଟି ନିମ୍ନରେ ଦେଲୁଁ ।

୧ । ତାରବିହୀନ ଟେଲିଗ୍ରାଫ୍—ଦୁଇଖଣ୍ଡ ପ୍ରସ୍ତରଦ୍ୱାରା ସହସ୍ର ସହସ୍ର କୋଶ ଦୂରରେ ଥାଇ ସମ୍ବାଦ ଯିବା ଆସିବା କରିବ । ଏ ପ୍ରସ୍ତର ପ୍ରସ୍ତୁତ ପ୍ରଣାଳୀ ସ୍ୱତନ୍ତ୍ର ।

୨ । କପା—ଯେ ରଙ୍ଗର ଇଚ୍ଛା ସେ ରଙ୍ଗ ବା ବର୍ଣ୍ଣର କପା ଫୁଟିବ ।

୩ । ପୃଥିବୀତଳେ କି କି ଧନରତ୍ନ ପ୍ରଭୃତି ଅଛି ତାହା ଜାଣିପାରିବାର ଉପାୟ ।

୪ । ଆଶ୍ଚର୍ଯ୍ୟ ଦର୍ପଣ—ଏ ଦର୍ପଣ ସମୁଦ୍ର ଉପରେ ଧରିଲେ ସମୁଦ୍ରତଳ ଦେଖାଯିବ ।

୫ । ଗ୍ରୀଷ୍ମପ୍ରଧାନ ଦେଶରେ ବରଫ ପଡ଼ିବ ଏବଂ ଶୀତପ୍ରଧାନ ଦେଶରେ ବରଫ ନ ପଡ଼ିବାର ଉପାୟ ।

୬ । ବଡ଼ ବଡ଼ ପାହାଡ଼ ପର୍ବତକୁ ସମତଳ କରିବାର ଉପାୟ ।

୭ । ତଳୁ ଉପରକୁ ଜଳ ଉଠାଇବାର ଉପାୟ ।

୮ । ବିନା ଉତ୍ତାପରେ ଧାତୁକୁ ତରଳାଇବାର ଉପାୟ ।

୯ । ୧୦୦୦ ବର୍ଷ ବା ତତୋଧିକ ସମୟ ଜଳକୁ ଗରମ ରଖିବାର ଉପାୟ ।

ଆଗ୍ରା ଦୁର୍ଗ ମଧ୍ୟରେ ଏପରି ଉଷ୍ଣଜଳ ରଖାଯାଇଥିଲା । ଏହା କପରି ରହିଛି ଦେଖି ଦେଖି ନୂତନ ଇଞ୍ଜିନିୟରମାନେ ତାକୁ ଭାଙ୍ଗିଲେ; ମାତ୍ର ଆଉ ସେପରି କରିପାରିଲେ ନାହିଁ ।

୧୦ । ଯେ କୌଣସି ଧାତୁକୁ ସୁନା ରୂପା କରିପାରିବା ।

୧୧ । ମଣିମୁକ୍ତା ପ୍ରଭୃତିକୁ ତରଳାଇ ଯେ କୌଣସି ଆକାରରେ ଗଢ଼ିବା ।

ଏ ପୁସ୍ତକାଳୟକୁ କେତେ ଜର୍ମାନ ପଣ୍ଡିତ କିଣିନେବାକୁ ଚେଷ୍ଟା କରୁଛନ୍ତି ( ଫରଓ୍ୱାର୍ଡ, ୫ ନଭେମ୍ବର ୧୯୨୫ ) ।

ଏତେକାଳ ପରେ ଏ ପୁସ୍ତକମାନ ଅଛି ବୋଲି ସମ୍ବାଦ ମିଳୁଛି । ସେଥିରେ ପ୍ରକୃତରେ କି ତଥ୍ୟ ଅଛି ଅଜି ପର୍ଯ୍ୟନ୍ତ କେହି ଦେଖିବାକୁ ଚେଷ୍ଟା କରିନାହିଁ । ସେହିପରି ଓଡ଼ିଶାରେ କେଉଁଠାରେ କେତେ ସାହିତ୍ୟରତ୍ନ ଅଛି ଏପର୍ଯ୍ୟନ୍ତ ଜାଣିବାକୁ କେହି ଚେଷ୍ଟା କରିନାହିଁ । ଏସବୁ ପ୍ରକାଶିତ ହେଲେ ମଧ୍ୟ ଆମ୍ଭେମାନେ ତାକୁ କାର୍ଯ୍ୟରେ ପରିଣତ କରିବାପାଇଁ ଅକ୍ଷମ । ଆମ୍ଭର ବୁଦ୍ଧି କ୍ଷୀଣ । ଆମ୍ଭେମାନେ ସେସବୁ ବାଜେ ଗଳ୍ପ ବୋଲି ସହଜରେ ଉଡ଼ାଇଦେଉଁ । ମାତ୍ର ପାଶ୍ଚାତ୍ୟ ଲୋକେ କଣ କରୁଛନ୍ତି ? ଯେପରି ଗୋଟିଏ ନୂତନ ଭାବ ତାଙ୍କ ଆଖିରେ ପଡ଼ିଲା ସେମାନେ ପ୍ରାଣ ପଣ କରି ସେ ଭାବଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବାକୁ ଚେଷ୍ଟା କରୁଅଛନ୍ତି ଏବଂ କାର୍ଯ୍ୟରେ ଦେଖାଇ ଆମ୍ଭମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରୁଅଛନ୍ତି । ଆମ୍ଭେମାନେ ମନେକରୁଛୁ ସେମାନଙ୍କ ଭଳି ବୁଦ୍ଧି ଆଉ କେବେ ନଥିଲା କି ହେବ ନାହିଁ । ଘରେ ଡାଲି, ଚାଉଳ, କାଠ ପ୍ରଭୃତି ସବୁ ଅଛି; ମାତ୍ର ସେ ସବୁକୁ ଏକତ୍ର କରି ରାନ୍ଧି ଖାଇବା ପାଇଁ ଆମ୍ଭମାନଙ୍କୁ ବୁଦ୍ଧି ଉପାୟ ଦିଶୁ ନାହିଁ । ତେଣୁ ଆମ୍ଭମାନଙ୍କର ଏପରି ହୀନ ଅବସ୍ଥା । କେହି କେହି କହନ୍ତି, ପ୍ରାଚୀନ କୀର୍ତ୍ତି ଗୌରବ ଘୋଷଣା କରି କି ଫଳ ଅଛି ? ବାସ୍ତବିକ ପ୍ରାଚୀନ କୀର୍ତ୍ତି ମୂଳଦୁଆ ଉପରେ ଆମ୍ଭେ ଗୃହନିର୍ମାଣ କରିପାରିବାକୁ ଅକ୍ଷମ । କେବଳ ଆମ୍ଭର ଏହା ତାହା ଥିଲା କହି ଲାଭ କଣ ? ତଥାପି ମୁଁ କହେ ଲାଭ ଅଛି । କେଜାଣି କେହି ପ୍ରାଚୀନ କୀର୍ତ୍ତି କୀର୍ତ୍ତନ ଶୁଣି ମନରେ ଦମ୍ଭ ସାହସ ବାନ୍ଧି ଉଠିପାରେ । ଏ ଜଗତରେ ଅସାଧ୍ୟ କିଛି ନାହିଁ ଅସମ୍ଭବ କିଛି ନାହିଁ । ତେଣୁ କହେ ଆମ୍ଭେ ଆପଣାକୁ ଅତି ଦୀନହୀନ ବୋଲି ମନେ କରିବା ଉଚିତ ନୁହେ । ମଜୁମଦାର ମହାଶୟ ( ହୁଅନ୍ତୁ ) ବା ଅନ୍ୟ କୌଣସି ଲେଖକ ( ହୁଅନ୍ତୁ ) ଆମ୍ଭମାନଙ୍କର ପ୍ରାଚୀନତାକୁ ଯେତେ ଊଣା ଦୃଷ୍ଟିରେ ଦେଖନ୍ତୁ, ତଦ୍ଦ୍ୱାରା ଆମ୍ଭମାନଙ୍କର କିଛି ନାହିଁ । ତଥାପି ସେମାନଙ୍କୁ ପ୍ରକୃତ କଥା ବୁଝାଇଦେବାକୁ ଚେଷ୍ଟା କରିବା ଉଚିତ କର୍ତ୍ତବ୍ୟ ମନେକରେ ।

ମଜୁମଦାର ମହାଶୟ କହନ୍ତି, କପିଳେନ୍ଦ୍ର, ପ୍ରତାପରୁଦ୍ର ଓ ପୁରୁଷୋତ୍ତମ ଦେବଙ୍କ ବୀରତ୍ୱ ଓ ଦେଶହିତୈଷିତା ବିଷୟ କୌଣସି ସମସାମୟିକ କବି ଗାଇ ନାହାନ୍ତି । କେବଳ ପ୍ରଶସ୍ତି ବା ଅନୁଶାସନରେ କେତେକ କୀର୍ତ୍ତି କୀର୍ତ୍ତିତ ହୋଇଛି । ଏପରି ପୁସ୍ତକ ମଜୁମଦାରଙ୍କ

ଦୃଷ୍ଟିରେ ପଡ଼ିନାହିଁ ସତ, ମାତ୍ର ଏପରି ପୁସ୍ତକ ଯେ ଲେଖାହୋଇ କୌଣସିଠାରେ ଉତ୍କଳରେ ନାହିଁ ଏକଥା କହିପାରୁ ନାହିଁ । ଗଙ୍ଗବଂଶାନୁଚରିତ, ଜଗନ୍ନାଥବଲ୍ଲଭ ନାଟକ ପ୍ରଭୃତି ଦେଖିଲେ ମଜୁମଦାରଙ୍କ ଭ୍ରମ ତୁଟିବ । ମଜୁମଦାର ମହାଶୟ କହନ୍ତି, ବଙ୍ଗାଳୀ ଧର୍ମଗୁରୁ ଚୈତନ୍ୟ ଓଡ଼ିଶା ଲୋକଙ୍କ ସାହିତ୍ୟକ ଭାବସ୍ରୋତକୁ ପ୍ରତାପରୁଦ୍ରଙ୍କ ଅମଳରେ ନୂତନ ଦିଗକୁ ଫେରାଇଦେଲେ । ବଙ୍ଗାଳୀ ଧର୍ମଗୁରୁ ଲେଖିବାରେ ବିଶେଷ କିଛି ତାତ୍ପର୍ଯ୍ୟ ନଥିଲା । ଏପରି ଲେଖିବା ବଙ୍ଗୀୟ ଲେଖକଙ୍କର ଗୋଟିଏ ରୋଗ । ମଜୁମଦାର ମହାଶୟ ଉତ୍କଳର ପ୍ରାଚୀନ ତଥ୍ୟାନୁସନ୍ଧାନରେ ବ୍ୟସ୍ତ; ମାତ୍ର ଟିକିଏ ଚେଷ୍ଟା କରିଥିଲେ ସେ ଜାଣିପାରିଥାନ୍ତେ ଚୈତନ୍ୟ ଜଣେ ଉତ୍କଳୀୟ ବ୍ରାହ୍ମଣବଂଶର ସନ୍ତାନ । ବଙ୍ଗାଳୀମାନେ ଉତ୍କଳରେ ଆସି ଶତ ଶତ ବର୍ଷ ହେଲା ସ୍ଥାୟୀଭାବେ ବାସକରି ରହିଛନ୍ତି । ସେମାନଙ୍କ ଭାଷା ବିକୃତ ହୋଇଗଲଣି, ଆଚାର-ବ୍ୟବହାର ବଦଳିଗଲଣି; ତଥାପି ସେମାନେ ବଙ୍ଗାଳୀ ବୋଲି ପରିଚୟ ଦିଅନ୍ତି । ମାତ୍ର ଚୈତନ୍ୟଙ୍କ ପୂର୍ବପୁରୁଷ ବଙ୍ଗଳାକୁ ଯାଇ ବାସକଲେ ବୋଲି ସେ ବଙ୍ଗାଳୀ ହେବେ କାହିଁକି ? ବଙ୍ଗାଳୀ ଓଡ଼ିଶାରେ ରହିଲେ ଓଡ଼ିଆ ହେଉନାହାନ୍ତି; ମାତ୍ର ଓଡ଼ିଆ ପୁଣି ଗୁଣୀ ଓଡ଼ିଆଟିଏ ବଙ୍ଗଦେଶରେ ବାସକଲେ ସେ ବଙ୍ଗାଳୀ ହୋଇଯିବ କିପରି ? ଉଦାର ଭାବରେ ଦେଖିଥିଲେ ମଜୁମଦାର କହିଥାନ୍ତେ ଯେ ଚୈତନ୍ୟ ବଙ୍ଗଳାର ସ୍ଥାୟୀ ଅଧିବାସୀ, ଓଡ଼ିଆ ଧର୍ମଗୁରୁ ଚୈତନ୍ୟ । ସେକଥା ଥାଉ । ଚୈତନ୍ୟଙ୍କ ମତପ୍ରଚାରଦ୍ୱାରା ଓଡ଼ିଶାର ସାହିତ୍ୟ ସେହି ଦିଗକୁ ବିଶେଷ ଭାବରେ ଗତି କରିଥିବ । ମାତ୍ର ଏହା ବୋଲି ତାହିଁ ପୂର୍ବରୁ ଓଡ଼ିଆ ସାହିତ୍ୟ ନଥିଲା, ଏକଥା କୁହାଯାଇ ନପାରେ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆବିର୍ଭାବ ଦିନରୁ ଏ ଦେଶରେ ଲୋକେ ବିଶେଷଭାବେ ଧର୍ମଭାବରେ ପ୍ରଣୋଦିତ ହୋଇଥିବା ସ୍ୱାଭାବିକ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟ କରି ସ୍ତୁତି, ଚଉତିଶା ପ୍ରଭୃତି ଅନେକ ରଚିତ ହୋଇଥିବାର ଦେଖାଯାଏ । ଧର୍ମପ୍ରାଣ ଭକ୍ତମାନଙ୍କର ଜଗନ୍ନାଥ ମହାପ୍ରଭୁଙ୍କ ଗୁଣ କୀର୍ତ୍ତନ କରିବା ଆବହମାନ କାଳରୁ ଚାଲିଆସୁଛି । ସଂସ୍କୃତରେ ଅନେକ କବିତା ଅଛି; ମାତ୍ର ଲୋକସାଧାରଣଙ୍କ ମଧ୍ୟରେ ସଂସ୍କୃତ କଥିତ ଭାଷା ନଥିଲା । ପ୍ରାକୃତ ଓଡ଼ିଆଭାଷା ଓଡ଼ିଶାର ମାତୃଭାଷା । ଲୋକସାଧାରଣ ମଧ୍ୟରେ ଯେ କବି ନଥିଲେ ଏକଥା କୁହାଯାଇ ନପାରେ । ବରଂ ତାହାର ଅନେକ ଜ୍ୱଳନ୍ତ ପ୍ରମାଣ ମିଳୁଅଛି । ମଜୁମଦାର ମହାଶୟ ପ୍ରାଚୀନ କବିତାମାନଙ୍କୁ ବିଭାଗକରି ସ୍ଥିର କରିଛନ୍ତି ।

ପ୍ରଥମ ବିଭାଗ ୧୪୫୦—୧୫୬୮ ଖ୍ରୀଷ୍ଟାବ୍ଦ

ଏ ସମୟମଧ୍ୟରେ ସେ ନିମ୍ନଲିଖିତ କବିତାମାନଙ୍କୁ ସ୍ଥାନ ଦେଇଛନ୍ତି ।

(୧) କେଶବ କୋଇଲି, (୨) ବାରମାସୀ କୋଇଲି, (୩) କାନ୍ତ କୋଇଲି, (୪) ଜ୍ଞାନ ଉଦୟ କୋଇଲି, (୫) ଗୋପୀଭାଷା, (୬) ବଳରାମ ଦାସଙ୍କ ରାମାୟଣ,

(୭) କମଳଲୋଚନ ଚଉତିଶା, (୮) ମୃଗୁଣୀ ସ୍ତୁତି, (୭, ୮ ବଳରାମଦାସ), (୯) ଜଗନ୍ନାଥ-ଦାସଙ୍କ ମୃଗୁଣୀ ସ୍ତୁତି, (୧୦) ଅର୍ଥକୋଇଲି, (୧୧) ଶ୍ରୀମଦ୍ଭାଗବତ, (୧୨) ଗୁପ୍ତଭାଗବତ, (୧୩) ସାରଳାଦାସ ମହାଭାରତ, (୧୪) ରାଜା କୃଷ୍ଣସିଂହ—ହରିବଂଶ, (୧୫) ମହାଭାରତ ।

୧୫୭୯—୧୭୫୦ ଖ୍ରୀଷ୍ଟାବ୍ଦ

(୧) ସାଲବେଗଙ୍କ ଭଜନ,(୨) ଭକ୍ତଚରଣଦାସ—କଳାକଳେବର, (୩) ମନବୋଧ, (୪) ମଥୁରାମଙ୍ଗଳ, (୫) ଆର୍ତ୍ତିହାଣ ଚଉତିଶା—ଦୀନକୃଷ୍ଣ ଦାସ, (୬) ନାବକେଳି, (୭) ଅଳଙ୍କାରବୋଲି, (୮) ରସକଲ୍ଲୋଳ, (୯) ବିଶ୍ୱନାଥ ଖୁଣ୍ଟିଆ—ବିଚିତ୍ରରାମାୟଣ, (୧୦) ଉପେନ୍ଦ୍ର ଭଞ୍ଜ—ବୈଦେହୀଶବିଳାସ ପ୍ରଭୃତି, (୧୧) ସାଲବେଗ, (୧୨) ଦ୍ୱାରକା ଦାସ—ଗୁପ୍ତଗୀତା, ସପ୍ତପୋଇ, ପ୍ରେମରସ ଚନ୍ଦ୍ରିକା, (୧୩) ଦୀନକୃଷ୍ଣ ଦାସ-୨—ରସବିନୋଦ ।

୧୭୫୧—୧୮୦୩ ଖ୍ରୀଷ୍ଟାବ୍ଦ

(୧) ରାମଦାସ—ଦାର୍ଢ୍ୟତାଭକ୍ତି, (୨) କୃଷ୍ଣସିଂହ, (୩) ସଦାନନ୍ଦ କବିସୂର୍ଯ୍ୟ, (୪) ଅଭିମନ୍ୟୁ, (୫) ବ୍ରଜନାଥ ବଡ଼ଜେନା, (୬) ଅଚ୍ୟୁତାନନ୍ଦ ଦାସ, (୭) ତେଲେଙ୍ଗା ଗୋପାଳ—ରାମାୟଣ, (୮) ରାଣୀ ନିଶଙ୍କରାୟ, ଜରଡ଼ା—ପଦ୍ମାବତୀ ଅଭିଳାଷ, (୯) କାହ୍ନୁ ଦାସ—ରାମରସାମୃତ, (୧୦) ଦାଶରଥି ଦାସ,-(୧୧) କୃପାସିନ୍ଧୁ ଦାସ—ବ୍ରଜବିହାର ।

୧୮୦୩—

(୧) ବଳଦେବ କବିସୂର୍ଯ୍ୟ, (୨) ଯଦୁମଣି, (୩) କଳ୍ପତରୁ ଦାସ, (୪) ଭୀମାଭୋଇ, (୫) ରାଜା ପ୍ରତାପରୁଦ୍ର ସିଂହଦେବ—ସୋନପୁର ।

ମଜୁମଦାର ମହାଶୟ ଓଡ଼ିଆ କବି ଓ କବିତାମାନଙ୍କର ଉପରୋକ୍ତ ମତେ ସମୟବିଭାଗ କରି କେତେକ ଗ୍ରନ୍ଥର ଆଲୋଚନା କରିଛନ୍ତି । ଉପେନ୍ଦ୍ର ଭଞ୍ଜ ତାଙ୍କର ବିଷଦୃଷ୍ଟିରେ ପଡ଼ିଛନ୍ତି । ସେ କହନ୍ତି—ଉପେନ୍ଦ୍ରଭଞ୍ଜଙ୍କ ଲେଖାରେ ପ୍ରାକୃତିକ ବର୍ଣ୍ଣନା ନାହିଁ, ଭଞ୍ଜଙ୍କର ଭଲ ବ୍ୟାକରଣ-ଜ୍ଞାନ ନ ଥିଲା, ଅବ୍ୟାକରଣ ଶବ୍ଦ ଅନେକ ବ୍ୟବହାର କରିଥିଲେ ଏବଂ ତାହା ସାଧାରଣ ବୁଝି ନପାରିବେ ବୋଲି ସେ ଗୋଟିଏ ସ୍ୱତନ୍ତ୍ର ଗୀତାଭିଧାନ କରିଥିଲେ । ଭଞ୍ଜ ସାହିତ୍ୟରେ ବର୍ଣ୍ଣନା-ବୈଚିତ୍ର୍ୟ ନାହିଁ, କେବଳ ଏକଦେଶଦର୍ଶୀ ବର୍ଣ୍ଣନା । ମୁଁ ପ୍ରଥମରୁ କହିଛି ଯେ, ପ୍ରାଚୀନ ସାହିତ୍ୟକୁ ଆଧୁନିକ ଚଶମା ଲଗାଇ ପଢ଼ିଲେ ପ୍ରାଚୀନ ସାହିତ୍ୟର ମହତ୍ତ୍ୱ ହୃଦୟଙ୍ଗମ କରିପାରିବା କଠିଣ । ଓଡ଼ିଆ, ମଜୁମଦାରଙ୍କର ମାତୃଭାଷା ନୁହେ; ପୁଣି ଓଡ଼ିଆ ସାହିତ୍ୟରେ ତାଙ୍କର ଦଖଲ ଭିନ୍ନ ପ୍ରକାର ଉଦ୍ଦେଶ୍ୟରେ । ସୁତରାଂ ସେ ପ୍ରାଚୀନ ଓଡ଼ିଆ ସାହିତ୍ୟର ମାଧୁରୀ ବୁଝିପାରିବା କଠିଣ । ଭଞ୍ଜସାହିତ୍ୟ ସରଳ ସାହିତ୍ୟ ନୁହେ । ଭଞ୍ଜେ ନିଜେ ମଧ୍ୟ କହିଛନ୍ତି, ତାଙ୍କ କବିତା ନାରିକେଳ ସଦୃଶ । ଭାଙ୍ଗି ପାରିଲେ

ଭିତରୁ ଉତ୍ତମ ରସ ପାଇବ; ମାତ୍ର ଉପରଠଉରିଆ ହେଲେ ଚଞ୍ଚୁଭଗ୍ନ ହେବ । ମୁଁ ଆଗରୁ କହୁଛି; ସାହିତ୍ୟରେ ଶିଳ୍ପନୈପୁଣ୍ୟ ଦେଖିବାକୁ ଇଚ୍ଛା କଲେ ଭଞ୍ଜ-କବିତା-କାନନରେ ପ୍ରବେଶ କର । ଭାଷା ଶବ୍ଦ-ଅକ୍ଷର-ଯୋଜନାଦ୍ୱାରା କେତେ ପ୍ରକାର ଶିଳ୍ପନୈପୁଣ୍ୟ ଦେଖାଇ-ପାରିଯାଏ, ତାହା ଦେଖିବ । କୌଣସି କବିତା ଅର୍ଥଶୂନ୍ୟ ନୁହେଁ । ଅଳଙ୍କାର, ଉପମା, ଉପମେୟ, ଛନ୍ଦ ପ୍ରଭୃତିର ଅସଦ୍ଭାବ ନାହିଁ । ମଜୁମଦାର ମହାଶୟ କହନ୍ତି ଯେ, ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନା ନାହିଁ । ଏକଥା କେତେଦୂର ସତ୍ୟ ତାହା ତାଙ୍କର ସମସ୍ତ ପୁସ୍ତକ ପାଠକଲେ ପାଠକମାନେ ଜାଣିପାରିବେ । ତେବେ ଆଧୁନିକ କବିମାନେ ଯେପରି ପ୍ରାକୃତିକ ବର୍ଣ୍ଣନା କରିଛନ୍ତି ସେ ସେପରି କରିନାହାନ୍ତି । ତାଙ୍କ ବର୍ଣ୍ଣନା ସ୍ୱତନ୍ତ୍ର । କବିତା ଉପଯୋଗୀ ବର୍ଣ୍ଣନା କରିବାରେ ସେ ତ୍ରୁଟି କରିନାହାନ୍ତି । ବୈଦେହୀଶବିଳାସରେ ସବୁପ୍ରକାର ବର୍ଣ୍ଣନା, ସବୁପ୍ରକାର ରସ ବର୍ଣ୍ଣିତ ହୋଇଅଛି । ମଜୁମଦାରେ କହନ୍ତି, ଲାବଣ୍ୟବତୀର ନାୟକ ସମୁଦ୍ରପଥରେ ସିଂହଳ ଗଲା । ସେ ସମୁଦ୍ରବର୍ଣ୍ଣନା କଲେ ନାହିଁ କାହିଁକି ? ଯେ ନାୟକର ସକଳ ଇନ୍ଦ୍ରିୟକୁ ଲାବଣ୍ୟବତୀ ଅଧିକାର କରିଛି ତାର ସମୁଦ୍ରପ୍ରତି ଆକୃଷ୍ଟ ହେବାପାଇଁ ଅବସର କାହିଁ ? ଭଞ୍ଜଙ୍କ ନାୟକ ନାୟିକା ଆଧୁନିକ ଯୁଗର ନାୟକ ନାୟିକା ନୁହନ୍ତି । ଭଞ୍ଜଙ୍କ ନାୟିକା ନାୟକଠାରେ ତନ୍ମୟ । ନାୟକ ମଧ୍ୟ ନାୟିକା ଭାବରେ ତନ୍ମୟ । ତଦୁପଯୋଗୀ ବର୍ଣ୍ଣନା କବିତାରେ ଦେଖାଯାଏ ଏବଂ ଭାବ ପରିସ୍ଫୁଟ କରିବା ପାଇଁ ଯେଉଁଠି ଯେଉଁ ବର୍ଣ୍ଣନା କରିବାର ଆବଶ୍ୟକ ହୋଇଛି, ଭଞ୍ଜେ ସେଠାରେ ସେ ବର୍ଣ୍ଣନା କରିଛନ୍ତି । ସୁତରାଂ ଆମ୍ଭେ ଭଞ୍ଜକବିଙ୍କୁ କୌଣସି ଦୋଷ ଦେଇପାରୁନାହୁଁ । ସେକ୍‌ସପିଅର, କାଳିଦାସ ପ୍ରଭୃତି ପ୍ରାଚୀନ କବିଙ୍କ କବିତାକୁ ଆଧୁନିକ ଦୃଷ୍ଟିରେ ଦେଖିଲେ ଅନେକ ଦୋଷ ଦେଖାଇ ଦିଆଯାଇପାରେ । ମାତ୍ର ସେ କଥା ଉଚିତ କି ? ଦେଶ-କାଳ-ପାତ୍ର ନିୟମ ସର୍ବଥା ଅବଲମ୍ବନୀୟ ।

ମଜୁମଦାର ମହାଶୟ କହନ୍ତି, ତ୍ରୟୋଦଶ ଶତାବ୍ଦୀ ପୂର୍ବରୁ ବଙ୍ଗଳା ଅକ୍ଷର ଓଡ଼ିଶାରେ ବ୍ୟବହାର ହେଉଥିଲା ଏବଂ ସେ ବ୍ୟବହାର ୧୩ଶ ଶତାବ୍ଦୀ ପର୍ଯ୍ୟନ୍ତ ଚଳୁଥିଲା । କେବଳ କପିଳେନ୍ଦ୍ରଦେବଙ୍କ ସମୟରୁ ଓଡ଼ିଆଭାଷା ସୃଷ୍ଟି ହେଲା । ପ୍ରମାଣ ସ୍ୱରୂପ ସେ ଦୁଇଟି ଲିପିରେ ବଙ୍ଗଳା ଅକ୍ଷର ଲେଖାଥିବାର କହିଛନ୍ତି; ମାତ୍ର ସେ ଲିପି ପ୍ରକାଶ କରି ନାହାନ୍ତି । ଏ ସିଦ୍ଧାନ୍ତ ସମ୍ପୂର୍ଣ୍ଣ ଭ୍ରମାତ୍ମକ ।

ମୁଁ ପୂର୍ବେ କହିଛି ଏବଂ ବର୍ତ୍ତମାନ ଆଉ ଥରେ କହୁଛି, ବଡଦେଉଳ ଭିତରକୁ ଯାଇ ଦେଖ, କେତେ ପ୍ରସ୍ତରଲିପି ବଙ୍ଗଳା ଅକ୍ଷରରେ ଲେଖାଅଛି, କେତେ ନାଗରୀ ଅକ୍ଷରରେ ଲେଖାଅଛି । ୧୦୦ କି ୨୦୦ ବର୍ଷ ପରେ କଣ ପ୍ରମାଣ ହେବ ଯେ ବିଂଶ ଶତାବ୍ଦୀରେ ଓଡ଼ିଶାରେ ବଙ୍ଗଳା ଅକ୍ଷର ବା ନାଗରୀ ଅକ୍ଷର ବ୍ୟବହୃତ ହେଉଥିଲା ? ଏ ସିଦ୍ଧାନ୍ତ ଯଦି ସତ୍ୟ, ତେବେ ମଜୁମଦାରଙ୍କ ସିଦ୍ଧାନ୍ତ ସତ୍ୟ । ଶତ ଶତ, ସହସ୍ର ସହସ୍ର ବଙ୍ଗାଳୀ ଆବହମାନ

(୬) କମଲଲୋଚନ ଚଉତିଶା, (୮) ମୃଗୁଣୀ ସ୍ତୁତି, (୬, ୮ ବଳରାମଦାସ), (୯) ଜଗନ୍ନାଥ-ଦାସଙ୍କ ମୃଗୁଣୀ ସ୍ତୁତି, (୧୦) ଅର୍ଥକୋଇଲି, (୧୧) ଶ୍ରୀମଦ୍ଭାଗବତ, (୧୨) ଗୁପ୍ତଭାଗବତ, (୧୩) ସାରଳାଦାସ ମହାଭାରତ, (୧୪) ରାଜା କୃଷ୍ଣସିଂହ—ହରିବଂଶ, (୧୫) ମହାଭାରତ ।

୧୫୬୯—୧୬୫୦ ଖ୍ରୀଷ୍ଟାବ୍ଦ

(୧) ସାଲବେଗଙ୍କ ଭଜନ,(୨) ଭକ୍ତଚରଣଦାସ—କଳାକଳେବର, (୩) ମନବୋଧ, (୪) ମଥୁରାମଙ୍ଗଳ, (୫) ଆର୍ତ୍ତିହାଣ ଚଉତିଶା—ଦୀନକୃଷ୍ଣ ଦାସ, (୬) ନାରିକେଳି, (୭) ଅଳଙ୍କାରବୋଲି, (୮) ରସକଲ୍ଲୋଳ, (୯) ବିଶ୍ୱନାଥ ଖୁଣ୍ଟିଆ—ବିଚିତ୍ରରାମାୟଣ, (୧୦) ଉପେନ୍ଦ୍ର ଭଞ୍ଜ—ବୈଦେହୀଶବିଳାସ ପ୍ରଭୃତି, (୧୧) ସାଲବେଗ, (୧୨) ଦ୍ୱାରିକା ଦାସ—ଗୁପ୍ତଗୀତା, ସପ୍ତପୋଇ, ପ୍ରେମରସ ଚନ୍ଦ୍ରିକା, (୧୩) ଦୀନକୃଷ୍ଣ ଦାସ-୨—ରସବିନୋଦ ।

୧୬୫୧— ୧୮୦୩ ଖ୍ରୀଷ୍ଟାବ୍ଦ

(୧) ରାମଦାସ—ଦାର୍ଢ୍ୟତାଭକ୍ତି, (୨) କୃଷ୍ଣସିଂହ, (୩) ସଦାନନ୍ଦ କବିସୂର୍ଯ୍ୟ, (୪) ଅଭିମନ୍ୟୁ, (୫) ବ୍ରଜନାଥ ବଡ଼ଜେନା, (୬) ଅଚ୍ୟୁତାନନ୍ଦ ଦାସ, (୭) ତେଲେଙ୍ଗା ଗୋପାଳ—ରାମାୟଣ, (୮) ରାଣୀ ହରିଙ୍କରାୟ, ଜରଡ଼ା—ପଦ୍ମାବତୀ ଅଭିଳାଷ, (୯) କାହ୍ନୁ ଦାସ—ରାମରସାମୃତ, (୧୦) ଦାଶରଥି ଦାସ,-(୧୧) କୃପାସିନ୍ଧୁ ଦାସ—ବ୍ରଜବିହାର ।

୧୮୦୩—

(୧) ବଳଦେବ କବିସୂର୍ଯ୍ୟ, (୨) ଯଦୁମଣି, (୩) କଳ୍ପତରୁ ଦାସ, (୪) ଖ୍ରୀମାଭୋଇ, (୫) ରାଜା ପ୍ରତାପରୁଦ୍ର ସିଂହଦେବ—-ସୋନପୁର ।

ମଜୁମଦାର ମହାଶୟ ଓଡ଼ିଆ କବି ଓ କବିତାମାନଙ୍କର ଉପରୋକ୍ତ ମତେ ସମୟବିଭାଗ କରି କେତେକ ଗ୍ରନ୍ଥର ଅଲୋଚନା କରିଛନ୍ତି । ଉପେନ୍ଦ୍ର ଭଞ୍ଜ ତାଙ୍କର ବିଷଦୃଷ୍ଟିରେ ପଡ଼ିଛନ୍ତି । ସେ କହନ୍ତି—ଉପେନ୍ଦ୍ର ଭଞ୍ଜଙ୍କ ଲେଖାରେ ପ୍ରାକୃତିକ ବର୍ଣ୍ଣନା ନାହିଁ, ଭଞ୍ଜଙ୍କର ଭଲ ବ୍ୟାକରଣ-ଜ୍ଞାନ ନ ଥିଲା, ଅବ୍ୟାକରଣ ଶବ୍ଦ ଅନେକ ବ୍ୟବହାର କରିଥିଲେ ଏବଂ ତାହା ସାଧାରଣ ବୁଝି ନପାରିବେ ବୋଲି ସେ ଗୋଟିଏ ସ୍ୱତନ୍ତ୍ର ଗୀତାଭିଧାନ କରିଥିଲେ । ଭଞ୍ଜ ସାହିତ୍ୟରେ ବର୍ଣ୍ଣନା-ବୈଚିତ୍ର୍ୟ ନାହିଁ, କେବଳ ଏକଦେଶଦର୍ଶୀ ବର୍ଣ୍ଣନା । ମୁଁ ପ୍ରଥମରୁ କହିଛି ଯେ, ପ୍ରାଚୀନ ସାହିତ୍ୟକୁ ଆଧୁନିକ ଚଶମା ଲଗାଇ ପଢ଼ିଲେ ପ୍ରାଚୀନ ସାହିତ୍ୟର ମହତ୍ତ୍ୱ ହୃଦୟଙ୍ଗମ କରିପାରିବା କଠିଣ । ଓଡ଼ିଆ, ମଜୁମଦାରଙ୍କର ମାତୃଭାଷା ନୁହେଁ; ପୁଣି ଓଡ଼ିଆ ସାହିତ୍ୟରେ ତାଙ୍କର ଦଖଲ ଭିନ୍ନ ପ୍ରକାର ଉଦ୍ଦେଶ୍ୟରେ । ସୁତରାଂ ସେ ପ୍ରାଚୀନ ଓଡ଼ିଆ ସାହିତ୍ୟର ମାଧୁରୀ ବୁଝିପାରିବା କଠିଣ । ଭଞ୍ଜସାହିତ୍ୟ ସରଳ ସାହିତ୍ୟ ନୁହେ । ଭଞ୍ଜେ ନିଜେ ମଧ୍ୟ କହିଛନ୍ତି, ତାଙ୍କ କବିତା ନାରିକେଳ ସଦୃଶ । ଭାଙ୍ଗିପାରିଲେ

ଭିତରୁ ଉତ୍ତମ ରସ ପାଇବ; ମାତ୍ର ଉପରଠଉରିଆ ହେଲେ ଚଞ୍ଚୁଭଗ୍ନ ହେବ । ମୁଁ ଆଗରୁ କହୁଛି; ସାହିତ୍ୟରେ ଶିଳ୍ପନୈପୁଣ୍ୟ ଦେଖିବାକୁ ଇଚ୍ଛା କଲେ ଭଞ୍ଜ-କବିତା-କାନନରେ ପ୍ରବେଶ କର । ଭାଷା ଶବ୍ଦ-ଅକ୍ଷର-ଯୋଜନାଦ୍ୱାରା କେତେ ପ୍ରକାର ଶିଳ୍ପନୈପୁଣ୍ୟ ଦେଖାଇ-ପାରିଯାଏ, ତାହା ଦେଖିବ । କୌଣସି କବିତା ଅର୍ଥଶୂନ୍ୟ ନୁହେଁ । ଅଳଙ୍କାର, ଉପମା, ଉପମେୟ, ଛନ୍ଦ ପ୍ରଭୃତିର ଅସଦ୍ଭାବ ନାହିଁ । ମଜୁମଦାର ମହାଶୟ କହନ୍ତି ଯେ, ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନା ନାହିଁ । ଏକଥା କେତେଦୂର ସତ୍ୟ ତାହା ତାଙ୍କର ସମସ୍ତ ପୁସ୍ତକ ପାଠକଲେ ପାଠକମାନେ ଜାଣିପାରିବେ । ତେବେ ଆଧୁନିକ କବିମାନେ ଯେପରି ପ୍ରାକୃତିକ ବର୍ଣ୍ଣନା କରିଛନ୍ତି ସେ ସେପରି କରିନାହାନ୍ତି । ତାଙ୍କ ବର୍ଣ୍ଣନା ସ୍ୱତନ୍ତ୍ର । କବିତା ଉପଯୋଗୀ ବର୍ଣ୍ଣନା କରିବାରେ ସେ ତ୍ରୁଟି କରିନାହାନ୍ତି । ବୈଦେହୀଶବିଳାସରେ ସବୁପ୍ରକାର ବର୍ଣ୍ଣନା, ସବୁପ୍ରକାର ରସ ବର୍ଣ୍ଣିତ ହୋଇଅଛି । ମଜୁମଦାରେ କହନ୍ତି, ଲାବଣ୍ୟବତୀର ନାୟକ ସମୁଦ୍ରପଥରେ ସିଂହଳ ଗଲା । ସେ ସମୁଦ୍ରବର୍ଣ୍ଣନା କଲା ନାହିଁ କାହିଁକି ? ଯେ ନାୟକର ସକଳ ଇନ୍ଦ୍ରିୟକୁ ଲାବଣ୍ୟବତୀ ଅଧିକାର କରିଛି ତାର ସମୁଦ୍ରପ୍ରତି ଆକୃଷ୍ଟ ହେବାପାଇଁ ଅବସର କାହିଁ ? ଭଞ୍ଜଙ୍କ ନାୟକ ନାୟିକା ଆଧୁନିକ ଯୁଗର ନାୟକ ନାୟିକା ନୁହନ୍ତି । ଭଞ୍ଜଙ୍କ ନାୟିକା ନାୟକଠାରେ ତନ୍ମୟ । ନାୟକ ମଧ୍ୟ ନାୟିକା ଭାବରେ ତନ୍ମୟ । ତଦୁପଯୋଗୀ ବର୍ଣ୍ଣନା କବିତାରେ ଦେଖାଯାଏ ଏବଂ ଭାବ ପରିସ୍ଫୁଟ କରିବା ପାଇଁ ଯେଉଁଠି ଯେଉଁ ବର୍ଣ୍ଣନା କରିବାର ଆବଶ୍ୟକ ହୋଇଛି, ଭଞ୍ଜେ ସେଠାରେ ସେ ବର୍ଣ୍ଣନା କରିଛନ୍ତି । ସୁତରାଂ ଆମ୍ଭେ ଭଞ୍ଜକବିଙ୍କ କୌଣସି ଦୋଷ ଦେଇପାରୁନାହୁଁ । ସେକ୍ସପିଅର, କାଳିଦାସ ପ୍ରଭୃତି ପ୍ରାଚୀନ କବିଙ୍କ କବିତାକୁ ଆଧୁନିକ ଦୃଷ୍ଟିରେ ଦେଖିଲେ ଅନେକ ଦୋଷ ଦେଖାଇ ଦିଆଯାଇପାରେ । ମାତ୍ର ସେ କଥା ଉଚିତ କି ? ଦେଶ-କାଳ-ପାତ୍ର ନିୟମ ସର୍ବଥା ଅବଲମ୍ବନୀୟ ।

ମଜୁମଦାର ମହାଶୟ କହନ୍ତି, ତ୍ରୟୋଦଶ ଶତାବ୍ଦୀ ପୂର୍ବରୁ ବଙ୍ଗଳା ଅକ୍ଷର ଓଡ଼ିଶାରେ ବ୍ୟବହାର ହେଉଥିଲା ଏବଂ ସେ ବ୍ୟବହାର ୧୬ଶ ଶତାବ୍ଦୀ ପର୍ଯ୍ୟନ୍ତ ଚାଲୁଥିଲା । କେବଳ କପିଳେନ୍ଦ୍ରଦେବଙ୍କ ସମୟରୁ ଓଡ଼ିଆଭାଷା ସୃଷ୍ଟି ହେଲା । ପ୍ରମାଣ ସ୍ୱରୂପ ସେ ଦୁଇଟି ଲିପିରେ ବଙ୍ଗଳା ଅକ୍ଷର ଲେଖାଥିବାର କହୁଛନ୍ତି; ମାତ୍ର ସେ ଲିପି ପ୍ରକାଶ କରି ନାହାନ୍ତି । ଏ ସିଦ୍ଧାନ୍ତ ସମ୍ପୂର୍ଣ୍ଣ ଭ୍ରମାତ୍ମକ ।

ମୁଁ ପୂର୍ବେ କହିଛି ଏବଂ ବର୍ତ୍ତମାନ ଆଉ ଥରେ କହୁଛି, ବଡଦେଉଳ ଭିତରକୁ ଯାଇ ଦେଖ, କେତେ ପ୍ରସ୍ତରଲିପି ବଙ୍ଗଳା ଅକ୍ଷରରେ ଲେଖାଅଛି, କେତେ ନାଗରୀ ଅକ୍ଷରରେ ଲେଟାଅଛି । ୧୦୦ କି ୨୦୦ ବର୍ଷ ପରେ କଣ ପ୍ରମାଣ ହେବ ଯେ ୨୦ଶ ଶତାବ୍ଦୀରେ ଓଡ଼ିଶାରେ ବଙ୍ଗଳା ଅକ୍ଷର ବା ନାଗରୀ ଅକ୍ଷର ବ୍ୟବହୃତ ହେଉଥିଲା ? ଏ ସିଦ୍ଧାନ୍ତ ଯଦି ସତ୍ୟ, ତେବେ ମଜୁମଦାରଙ୍କ ସିଦ୍ଧାନ୍ତ ସତ୍ୟ । ଶତ ଶତ, ସହସ୍ର ସହସ୍ର ବଙ୍ଗାଳୀ ଆବହମାନ

(୭) କମଲଲୋଚନ ଚଉତିଶା, (୮) ମୃଗୁଣୀ ସ୍ତୁତି, (୭, ୮ ବଳରାମଦାସ), (୯) ଜଗନ୍ନାଥ-ଦାସଙ୍କ ମୃଗୁଣୀ ସ୍ତୁତି, (୧୦) ଅର୍ଥକୋଇଲି, (୧୧) ଶ୍ରୀମଦ୍ଭାଗବତ, (୧୨) ଗୁପ୍ତଭାଗବତ, (୧୩) ସାରଳାଦାସ ମହାଭାରତ, (୧୪) ରାଜା କୃଷ୍ଣସିଂହ—ହରିବଂଶ, (୧୫) ମହାଭାରତ ।

୧୫୭୯—୧୭୫୦ ଖ୍ରୀଷ୍ଟାବ୍ଦ

(୧) ସାଲବେଗଙ୍କ ଭଜନ,(୨) ଭକ୍ତଚରଣଦାସ—କଳାକଳେବର, (୩) ମନବୋଧ, (୪) ମଥୁରାମଙ୍ଗଳ, (୫) ଆର୍ତ୍ତତ୍ରାଣ ଚଉତିଶା—ଦୀନକୃଷ୍ଣ ଦାସ, (୬) ନାରକେଳି, (୭) ଅଲଙ୍କାରବୋଲି, (୮) ରସକଲ୍ଲୋଳ, (୯) ବିଶ୍ୱନାଥ ଖୁଣ୍ଟିଆ—ବିଚିତ୍ରରାମାୟଣ, (୧୦) ଉପେନ୍ଦ୍ର ଭଞ୍ଜ—ବୈଦେହୀଶବିଳାସ ପ୍ରଭୃତି, (୧୧) ସାଲବେଗ, (୧୨) ଦ୍ୱାରକା ଦାସ —ଗୁପ୍ତଗୀତା, ସପ୍ତପୋଇ, ପ୍ରେମରସ ଚନ୍ଦ୍ରିକା, (୧୩) ଦୀନକୃଷ୍ଣ ଦାସ-୨—ରସବିନୋଦ ।

୧୭୫୧—୧୮୦୩ ଖ୍ରୀଷ୍ଟାବ୍ଦ

(୧) ରାମଦାସ—ଦାର୍ଢ୍ୟତାଭକ୍ତି, (୨) କୃଷ୍ଣସିଂହ, (୩) ସଦାନନ୍ଦ କବିସୂର୍ଯ୍ୟ, (୪) ଅଭିମନ୍ୟୁ, (୫) ବ୍ରଜନାଥ ବଡ଼ଜେନା, (୬) ଅଚ୍ୟୁତାନନ୍ଦ ଦାସ, (୭) ତେଲେଙ୍ଗା ଗୋପାଳ—ରାମାୟଣ, (୮) ରାଣୀ ନଶଙ୍କରାୟ, ଜରଡ଼ା—ପଦ୍ମାବତୀ ଅଭିଳାଷ, (୯) କାହ୍ନୁ ଦାସ—ରାମରସାମୃତ, (୧୦) ଦାଶରଥି ଦାସ,-(୧୧) କୃପାସିନ୍ଧୁ ଦାସ—ବ୍ରଜବିହାର ।

୧୮୦୩—

(୧) ବଳଦେବ କବିସୂର୍ଯ୍ୟ, (୨) ଯଦୁମଣି, (୩) କଳ୍ପତରୁ ଦାସ, (୪) ଖ୍ରୀମାଭୋଇ, (୫) ରାଜା ପ୍ରତାପରୁଦ୍ର ସିଂହଦେବ—ସୋନପୁର ।

ମଜୁମଦାର ମହାଶୟ ଓଡ଼ିଆ କବି ଓ କବିତାମାନଙ୍କର ଉପରୋକ୍ତ ମତେ ସମୟବିଭାଗ କରି କେତେକ ଗ୍ରନ୍ଥର ଆଲୋଚନା କରିଛନ୍ତି । ଉପେନ୍ଦ୍ର ଭଞ୍ଜ ତାଙ୍କର ବିଷଦୃଷ୍ଟିରେ ପଡ଼ିଛନ୍ତି । ସେ କହନ୍ତି—ଉପେନ୍ଦ୍ର ଭଞ୍ଜଙ୍କ ଲେଖାରେ ପ୍ରାକୃତିକ ବର୍ଣ୍ଣନା ନାହିଁ, ଭଞ୍ଜଙ୍କର ଭଲ ବ୍ୟାକରଣ-ଜ୍ଞାନ ନ ଥିଲା, ଅବ୍ୟାକରଣ ଶବ୍ଦ ଅନେକ ବ୍ୟବହାର କରିଥିଲେ ଏବଂ ତାହା ସାଧାରଣ ବୁଝି ନପାରିବେ ବୋଲି ସେ ଗୋଟିଏ ସ୍ୱତନ୍ତ୍ର ଗୀତାଭିଧାନ କରିଥିଲେ । ଭଞ୍ଜ ସାହିତ୍ୟରେ ବର୍ଣ୍ଣନା-ବୈଚିତ୍ର୍ୟ ନାହିଁ, କେବଳ ଏକଦେଶଦର୍ଶୀ ବର୍ଣ୍ଣନା । ମୁଁ ପ୍ରଥମରୁ କହିଛି ଯେ, ପ୍ରାଚୀନ ସାହିତ୍ୟକୁ ଆଧୁନିକ ଚଶମା ଲଗାଇ ପଢ଼ିଲେ ପ୍ରାଚୀନ ସାହିତ୍ୟର ମହତ୍ତ୍ୱ ହୃଦୟଙ୍ଗମ କରିପାରିବା କଠିନ । ଓଡ଼ିଆ, ମଜୁମଦାରଙ୍କର ମାତୃଭାଷା ନୁହେ; ପୁଣି ଓଡ଼ିଆ ସାହିତ୍ୟରେ ତାଙ୍କର ଦଖଲ ଭିନ୍ନ ପ୍ରକାର ଉଦ୍ଦେଶ୍ୟରେ । ସୁତରାଂ ସେ ପ୍ରାଚୀନ ଓଡ଼ିଆ ସାହିତ୍ୟର ମାଧୁରୀ ବୁଝିପାରିବା କଠିନ । ଭଞ୍ଜସାହିତ୍ୟ ସରଳ ସାହିତ୍ୟ ନୁହେ । ଭଞ୍ଜେ ନିଜେ ମଧ୍ୟ କହିଛନ୍ତି, ତାଙ୍କ କବିତା ନାରିକେଳ ସଦୃଶ । ଭାଙ୍ଗିପାରିଲେ

ଭିତରୁ ଉତ୍ତମ ରସ ପାଇବ; ମାତ୍ର ଉପରଠଉରିଆ ହେଲେ ଚଞ୍ଚୁଭଗ୍ନ ହେବ । ମୁଁ ଆଗରୁ କହିଛି; ସାହିତ୍ୟରେ ଶିଳ୍ପନୈପୁଣ୍ୟ ଦେଖିବାକୁ ଇଚ୍ଛା କଲେ ଭଞ୍ଜ-କବିତା-କାନନରେ ପ୍ରବେଶ କର । ଭାଷା ଶବ୍ଦ-ଅକ୍ଷର-ଯୋଜନାଦ୍ୱାରା କେତେ ପ୍ରକାର ଶିଳ୍ପନୈପୁଣ୍ୟ ଦେଖାଇ-ପାରିଯାଏ, ତାହା ଦେଖିବ । କୌଣସି କବିତା ଅର୍ଥଶୂନ୍ୟ ନୁହେଁ । ଅଲଙ୍କାର, ଉପମା, ଉପମେୟ, ଛନ୍ଦ ପ୍ରଭୃତିର ଅସଦ୍ଭାବ ନାହିଁ । ମଜୁମଦାର ମହାଶୟ କହନ୍ତି ଯେ, ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନା ନାହିଁ । ଏକଥା କେତେଦୂର ସତ୍ୟ ତାହା ତାଙ୍କର ସମସ୍ତ ପୁସ୍ତକ ପାଠକଲେ ପାଠକମାନେ ଜାଣିପାରିବେ । ତେବେ ଆଧୁନିକ କବିମାନେ ଯେପରି ପ୍ରାକୃତିକ ବର୍ଣ୍ଣନା କରିଛନ୍ତି ସେ ସେପରି କରିନାହାନ୍ତି । ତାଙ୍କ ବର୍ଣ୍ଣନା ସ୍ୱତନ୍ତ୍ର । କବିତା ଉପଯୋଗୀ ବର୍ଣ୍ଣନା କରିବାରେ ସେ ତ୍ରୁଟି କରିନାହାନ୍ତି । ବୈଦେହୀଶବିଳାସରେ ସବୁପ୍ରକାର ବର୍ଣ୍ଣନା, ସବୁପ୍ରକାର ରସ ବର୍ଣ୍ଣିତ ହୋଇଅଛି । ମଜୁମଦାରେ କହନ୍ତି, ଲାବଣ୍ୟବତୀର ନାୟକ ସମୁଦ୍ରପଥରେ ସିଂହଳ ଗଲା । ସେ ସମୁଦ୍ରବର୍ଣ୍ଣନା କଲା ନାହିଁ କାହିଁକି ? ଯେ ନାୟକର ସକଳ ଇନ୍ଦ୍ରିୟକୁ ଲାବଣ୍ୟବତୀ ଅଧିକାର କରିଛି ତାର ସମୁଦ୍ରପ୍ରତି ଆକୃଷ୍ଟ ହେବାପାଇଁ ଅବସର କାହିଁ ? ଭଞ୍ଜଙ୍କ ନାୟକ ନାୟିକା ଆଧୁନିକ ଯୁଗର ନାୟକ ନାୟିକା ନୁହନ୍ତି । ଭଞ୍ଜଙ୍କ ନାୟିକା ନାୟକଠାରେ ତନ୍ମୟ । ନାୟକ ମଧ୍ୟ ନାୟିକା ଭାବରେ ତନ୍ମୟ । ତଦୁପଯୋଗୀ ବର୍ଣ୍ଣନା କବିତାରେ ଦେଖାଯାଏ ଏବଂ ଭାବ ପରିପୁଷ୍ଟି କରିବା ପାଇଁ ଯେଉଁଠି ଯେଉଁ ବର୍ଣ୍ଣନା କରିବାର ଆବଶ୍ୟକ ହୋଇଛି, ଭଞ୍ଜେ ସେଠାରେ ସେ ବର୍ଣ୍ଣନା କରିଛନ୍ତି । ସୁତରାଂ ଆମ୍ଭେ ଭଞ୍ଜକବିଙ୍କ କୌଣସି ଦୋଷ ଦେଇପାରୁନାହୁଁ । ସେକ୍‌ସପିଅର, କାଳିଦାସ ପ୍ରଭୃତି ପ୍ରାଚୀନ କବିଙ୍କ କବିତାକୁ ଆଧୁନିକ ଦୃଷ୍ଟିରେ ଦେଖିଲେ ଅନେକ ଦୋଷ ଦେଖାଇ ଦିଆଯାଇପାରେ । ମାତ୍ର ସେ କଥା ଉଚିତ କି ? ଦେଶ-କାଳ-ପାତ୍ର ନିୟମ ସର୍ବଥା ଅବଲମ୍ବନୀୟ ।

ମଜୁମଦାର ମହାଶୟ କହନ୍ତି, ତ୍ରୟୋଦଶ ଶତାବ୍ଦୀ ପୂର୍ବରୁ ବଙ୍ଗଳା ଅକ୍ଷର ଓଡ଼ିଶାରେ ବ୍ୟବହାର ହେଉଥିଲା ଏବଂ ସେ ବ୍ୟବହାର ୧୩ଶ ଶତାବ୍ଦୀ ପର୍ଯ୍ୟନ୍ତ ଚାଲୁଥିଲା । କେବଳ କପିଳେନ୍ଦ୍ରଦେବଙ୍କ ସମୟରୁ ଓଡ଼ିଆଭାଷା ସୃଷ୍ଟି ହେଲା । ପ୍ରମାଣ ସ୍ୱରୂପ ସେ ଦୁଇଟି ଲିପିରେ ବଙ୍ଗଳା ଅକ୍ଷର ଲେଖାଥିବାର କହିଛନ୍ତି; ମାତ୍ର ସେ ଲିପି ପ୍ରକାଶ କରି ନାହାନ୍ତି । ଏ ସିଦ୍ଧାନ୍ତ ସମ୍ପୂର୍ଣ୍ଣ ଭ୍ରମାତ୍ମକ ।

ମୁଁ ପୂର୍ବେ କହିଛି ଏବଂ ବର୍ତ୍ତମାନ ଆଉ ଥରେ କହୁଛି, ବଡଦେଉଳ ଭିତରକୁ ଯାଇ ଦେଖ, କେତେ ପ୍ରସ୍ତରଲିପି ବଙ୍ଗଳା ଅକ୍ଷରରେ ଲେଖାଅଛି, କେତେ ନାଗରୀ ଅକ୍ଷରରେ ଲେଖାଅଛି । ୧୦୦ କି ୨୦୦ ବର୍ଷ ପରେ କଣ ପ୍ରମାଣ ହେବ ଯେ ବିଂଶ ଶତାବ୍ଦୀରେ ଓଡ଼ିଶାରେ ବଙ୍ଗଳା ଅକ୍ଷର ବା ନାଗରୀ ଅକ୍ଷର ବ୍ୟବହୃତ ହେଉଥିଲା ? ଏ ସିଦ୍ଧାନ୍ତ ଯଦି ସତ୍ୟ, ତେବେ ମଜୁମଦାରଙ୍କ ସିଦ୍ଧାନ୍ତ ସତ୍ୟ । ଶତ ଶତ, ସହସ୍ର ସହସ୍ର ବଙ୍ଗାଳୀ ଆବହମାନ

କାଳରୁ, ଅନ୍ତତଃ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆବିର୍ଭାବ ହେବା କାଳରୁ ଉତ୍କଳକୁ ଆସି ଆପଣା ମୁକ୍ତପନ୍ଥା ପରିଷ୍କାର କରୁଛନ୍ତି । ସେମାନେ ସ୍ମାରକ-ଚିହ୍ନ ସ୍ୱରୂପ ରାଜାଙ୍କ ଅନୁମତି ନେଇ ଆପଣା ଭାଷାରେ ଲିପି ଲେଖାଇ ଦେଉଳ ଭିତରେ ବସାଇ ଦେଇଯାଉଛନ୍ତି । ମାଦଳା ପାଞ୍ଜିରୁ ଦେଖାଯାଏ, ଅନେକ ରାଜାଙ୍କ ସମୟରେ ବଙ୍ଗାଳୀ କର୍ମଚାରୀ ଥିଲେ । ଦାନପତ୍ର ପ୍ରଭୃତି ଲେଖାରେ ସେମାନଙ୍କର ହାତ ଥାଇପାରେ । ଯେତେ ଓଡ଼ିଆଭାଷା ଶିକ୍ଷା କରିବାକୁ ବା ଓଡ଼ିଆ ଅକ୍ଷର ଲେଖିବାକୁ ଚେଷ୍ଟା କରୁଥିଲେ ମଧ୍ୟ ଆପଣା ମାତୃଭାଷା ଭୁଲି ଯାଇ ନଥିବେ ଏବଂ ଓଡ଼ିଆ ଅକ୍ଷର ଲେଖୁ ଲେଖୁ କେଉଁଠି ବା ବଙ୍ଗ ଅକ୍ଷର ଲେଖି ହୋଇଯାଇଥିବ । ଏପରି ଆଜିକାଲି ମଧ୍ୟ ପ୍ରତ୍ୟକ୍ଷରେ ଦେଖାଯାଉଥିବା ସ୍ଥଳେ ଏପରି ଅନୁମାନ କରିବା ନିତାନ୍ତ ଅନ୍ୟାୟ ବୋଲି କେହି କହି ପାରିବ ନାହିଁ । ସୁତରାଂ କେଉଁ ଲିପିରେ ଯେବେ ଓଡ଼ିଆ ଅକ୍ଷର ସଙ୍ଗେ ବଙ୍ଗଳା ଅକ୍ଷର ମିଶିଥାଏ, ତେବେ କଣ ଅବଶ୍ୟ ବୁଝିବାକୁ ହେବ ଯେ ଓଡ଼ିଆଭାଷା, ଓଡ଼ିଆ ଅକ୍ଷରର ଅସ୍ତିତ୍ୱ ନଥିଲା ? ସୁତରାଂ ଏସବୁ ଅନୁମାନ ନିତାନ୍ତ ଅମୂଳକ ।

ଆଉ ଗୋଟିଏ କଥା ଦେଖନ୍ତୁ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ଲାଗି ଭାରତର ସକଳ ଭାଷାଭାଷୀ ଯାତ୍ରୀ ଏଠାକୁ ଆସନ୍ତି । ପଣ୍ଡା, ସେବକମାନେ ଓ ସେମାନଙ୍କ ଗୁମାସ୍ତାମାନେ ଅନେକ ଭାଷାଭାଷୀ ଲୋକଙ୍କ ସଙ୍ଗେ କାରବାର କରୁଥିବାରୁ ସେମାନେ ସବୁ ଭାଷାରେ କହିପାରିବାକୁ ଓ ଲେଖିପାରିବାକୁ ଶିକ୍ଷା କରିଥାନ୍ତି । ବିଶେଷତଃ ଯେ ଯେଉଁ ଦେଶର ପଣ୍ଡା, ସେ ସେ ଦେଶୀୟ ଭାଷା ଉତ୍ତମରୂପେ ଶିକ୍ଷା କରିଥାଏ । ବଙ୍ଗଳା, ନାଗରୀ, ତେଲୁଗୁ, ତାମିଲ ପ୍ରଭୃତି ସବୁ ଅକ୍ଷର ସହିତ ସେମାନଙ୍କର ପରିଚୟ । ସେମାନଙ୍କ ଘରେ ସବୁ ଭାଷାର ଲେଖା ମଧ୍ୟ ଥାଏ । କାଲଖାତ ପ୍ରଭୃତି ଅନ୍ୟାନ୍ୟ ଭାଷାରେ ଲେଖାଥାଏ । ଯେବେ କେହି ପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତ ଆସି କେବେ ସେମାନଙ୍କ ଘରେ ଥିବା କାଗଜପତ୍ର ଅନୁସନ୍ଧାନ କରେ, ତେବେ ସେ କଣ ସିଦ୍ଧାନ୍ତ କରିବ ଯେ ଏ ଦେଶର ଭାଷା ବଙ୍ଗଳା ବା ତେଲୁଗୁ ବା ହିନ୍ଦୀ ? ବିଭିନ୍ନ ଭାଷାଭାଷୀ ଦାତାମାନେ ଆପଣାର ଦାନପୁଣ୍ୟ କରିବା ଉଦ୍ଦେଶ୍ୟରେ ପଣ୍ଡା ସେବକ ପଣ୍ଡିତ ବ୍ରାହ୍ମଣମାନଙ୍କୁ ବା ଠାକୁରଙ୍କୁ ଭୂମିଦାନ କରି ଦାନପତ୍ର ଲେଖିଦେଉଛନ୍ତି ଏବଂ ଆପଣା ଆପଣା ଭାଷାରେ ଲେଖିଦେବା ସ୍ୱାଭାବିକ । ସେସବୁ ଦାନପତ୍ର ଦେଖି କଣ ବୁଝିବାକୁ ହେବ ଯେ ଏ ଦେଶର ଭାଷା ସେହି ଦାନପତ୍ରର ଭାଷା ? ମୁସଲମାନମାନେ ରାଜତ୍ୱ କରୁଥିବା ସମୟରେ ପାର୍ଶିଭାଷାରେ କାରବାର ହେଉଥିଲା । ଅନେକ ଦାନପତ୍ର ପ୍ରଭୃତି ପାର୍ଶିଭାଷାରେ ଦେଖିବାକୁ ମିଳେ । ତେବେ କଣ ବୁଝିବାକୁ ହେବ ଯେ ଏ ଦେଶର ଭାଷା ପାର୍ଶୀ, ଉର୍ଦ୍ଦୁ ବା ଆରବୀ ? ଏ ସମସ୍ତ ଜ୍ୱଳନ୍ତ ପାରିପାର୍ଶ୍ୱିକ ଉଦାହରଣ ପ୍ରତି ବିବେଚନା କଲେ ମଜୁମଦାରଙ୍କ ଅନୁମାନ ଭିତ୍ତିଶୂନ୍ୟ କହିଲେ ଅଯୁକ୍ତ ହେବ ନାହିଁ । ମଜୁମଦାର ମହାଶୟ ଉତ୍କଳର କେତେ ପଲ୍ଲିଗ୍ରାମକୁ ଯାଇ ପ୍ରାଚୀନ ତଥ୍ୟ ସଂଗ୍ରହ କରିଛନ୍ତି ? କେତେ ଘର ଖୋଜି ତାଳପତ୍ର ପୋଥି

ଦେଖିଛନ୍ତି ? ଚରଣେ ପାଇ ଭରଣେ ଗାଇବା ନ୍ୟାୟରେ କେତେ ଖଣ୍ଡ ପୋଥି ଶୁଣି ତା ଉପରେ ଏକ ଇତିହାସ ଗଢ଼ିବସିଛନ୍ତି ।

ମଜୁମଦାର ମହାଶୟ ଓଡ଼ିଶାର ପ୍ରାଚୀନ ସାହିତ୍ୟ ଲେଖିବାକୁ ଯାଇ ଓଡ଼ିଶାର ପ୍ରାଚୀନ ଇତିହାସର ଅବତାରଣା କରିଛନ୍ତି । ସେ କହନ୍ତି, ମହାଭାରତ ପୁରାଣ ପ୍ରଭୃତି ଖୋଜି କୌଣସି ଏକ ନିର୍ଦ୍ଦିଷ୍ଟ ସୀମାବଦ୍ଧ ଦେଶ ଉତ୍କଳ ନାମରେ ସେ ପାଇଲେ ନାହିଁ । କଳିଙ୍ଗ ସଙ୍ଗେ ଏ ନାମ ମିଶ୍ରିତ ହୋଇନାହିଁ । ଭୀଷ୍ମପର୍ବର ୯ମ ଅଧ୍ୟାୟରେ ଉତ୍କଳୀୟ-ମାନେ ଗୋଟିଏ ଅସଭ୍ୟ ( rude ) ଜାତି ବୋଲି ବର୍ଣ୍ଣିତ ହୋଇଛନ୍ତି ଏବଂ ସେମାନଙ୍କର ଗୋଟିଏ ସୁଶାସିତ ସୁଶୃଙ୍ଖଳ ଦେଶ ଥିବାର ଉଲ୍ଲେଖ ନାହିଁ । ଏ ସମ୍ବନ୍ଧେ କୌଣସି ମତ ପ୍ରକାଶ କରିବା ପୂର୍ବରୁ ଭୀଷ୍ମପର୍ବର ୯ମ ଅଧ୍ୟାୟରୁ କେତେ ଗୋଟି ଶ୍ଲୋକ ନିମ୍ନରେ ଉଦ୍ଧାର କରିଦେଲୁଁ । ଏ ଅଧ୍ୟାୟରେ ଭାରତୀୟ ନଦୀ ଓ ଦେଶ କଥା ବର୍ଣ୍ଣିତ ହୋଇଛି ।

ଉତ୍ତମାଶ୍ଚ ଦଶାର୍ଣ୍ଣାଶ୍ଚ ମେକଲାଶ୍ଚୋତ୍କଲୈଃ ସହ ।
ପଞ୍ଚାଲାଃ କୋଶଲାଶ୍ଚୈବ ନୈକପୃଷ୍ଠା ଧୁରନ୍ଧରାଃ । ୪୧ ।

ପୁନଶ୍ଚ ଭାରତୀୟ ଜାତିବର୍ଣ୍ଣନା କାଲବେଳେ —

କରାତା ବର୍ବରାଃ ସିଦ୍ଧା ବୈଦେହାସ୍ତାମ୍ରଲିପ୍ତକାଃ ।
ଔଣ୍ଡ୍ରା ମ୍ଳେଚ୍ଛାଃ ସୈସେରଧ୍ରାଃ ପାର୍ବତୀୟାଶ୍ଚ ମାରିଷ । ୫୭ ।

ଶଙ୍କରାଚାର୍ଯ୍ୟଙ୍କ ମଠାମ୍ନାୟ ନାମକ ଗ୍ରନ୍ଥରେ ଦେଖାଯାଏ—

ଅଙ୍ଗ ବଙ୍ଗ କଳିଙ୍ଗାଶ୍ଚ ମଗଧୋତ୍କଳ ବର୍ବରାଃ
ଗୋବର୍ଦ୍ଧନ ମଠାଧୀନା ଦେଶାଃ ପ୍ରାଚୀ ବ୍ୟବସ୍ଥିତାଃ ।

ଟୀକା—ଏଛା ଦେଶ ଔର ଇସକେ ଅନ୍ତର୍ଗତ ପୂର୍ବଦିଶା ଏସବ୍ ଦେଶ ଗୋବର୍ଦ୍ଧନ-ମଠକେ ଅଧୀନ ହୈ ।

ଏଥିରୁ କେଉଁଠୁ ବାହାରିଲା ଯେ ଉତ୍କଳୀୟମାନେ ବର୍ବର ଥିଲେ । ବର୍ବର ଗୋଟିଏ ସ୍ୱତନ୍ତ୍ର ଦେଶ ଏବଂ ବର୍ବରମାନେ ଗୋଟିଏ ଭିନ୍ନ ଜାତି । ଉତ୍କଳ ଶବ୍ଦ ପାଖରେ ବର୍ବର ଶବ୍ଦ ଦେଖି ବଙ୍ଗୀୟ ଲେଖକମାନେ ଉତ୍କଳୀୟଙ୍କୁ ବର୍ବର ଶ୍ରେଣୀଭୁକ୍ତ କରିବାରେ ବଡ଼ ଆନନ୍ଦ ଅନୁଭବ କରୁଅଛନ୍ତି । ସବୁ ପ୍ରଦେଶରେ ସକଳପ୍ରକାର ଜାତି ବାସକରନ୍ତି । ଯେଉଁ ସ୍ଥାନର ଅଧିବାସୀ ବର୍ବର, ସେ ଦେଶ ବର୍ବର ଦେଶ । ବର୍ବର ଗୋଟିଏ ସ୍ୱତନ୍ତ୍ର ଜାତିବାଚକ ଓ ଦେଶବାଚକ ଶବ୍ଦ । ଉତ୍କଳ ବା ଉଡ୍ର ସଙ୍ଗେ ଏହାର ସମ୍ପର୍କ ନାହିଁ । ଏ ବିଷୟରେ ଆମ୍ଭେ ପୂର୍ବ ଅଧ୍ୟାୟରେ ବିଶେଷଭାବରେ ଆଲୋଚନା କରିଛୁଁ । ମଜୁମଦାର ମହାଶୟ ପୁରାଣ ପ୍ରଭୃତି ଅର୍ଥ କରିବାରେ ଭ୍ରମରେ ପଡ଼ିଛନ୍ତି । ଆମ୍ଭେ ପୂର୍ବେ ଯେସବୁ ଶ୍ଲୋକ ଉଦ୍ଧାର କରିଦେଇଛୁ ସେଥିରେ ତାଙ୍କ ଭ୍ରମ ଭଙ୍ଗ ହେବ । ସେ ବହୁତ ଅତିରଞ୍ଜିତ କଳ୍ପନା କରିଛନ୍ତି । ସାହିତ୍ୟର ଯେ ସମୟବିଭାଗ ଯାହା କରାଯାଇଛି ତାହା କେତେଦୂର ଠିକ୍ ସମସ୍ତ ଓଡ଼ିଆ ପୋଥି ପ୍ରକାଶ ନ ହେବାଯାଏ କିଛି କୁହାଯାଇ ନପାରେ ।

ନିମ୍ନଲିଖିତ କେତେ ଖଣ୍ଡ ଓଡ଼ିଆ ପୁସ୍ତକ ଉଲ୍ଲେଖଯୋଗ୍ୟ—(୧) ହରିଭକ୍ତି ଚନ୍ଦ୍ରୋଦୟ, (୨) ହରିହର ଚତୁରଙ୍ଗ—ଗୋଦାବରୀଶ ମିଶ୍ର, (୩) ବତିଶ ସିଂହାସନ, (୪) ବିଦଗ୍ଧମାଧବ, (୫) ବଚନ ରାମାୟଣ, (୬) ବଣି ରାମାୟଣ, (୭) ବୈଦ୍ୟଜୀବନ ଗୋଲମ୍ବରାଜ—ଗୀତ ସହିତ, (୮) ବୈଦ୍ୟକ ଗ୍ରନ୍ଥ, (୯) ବୈଦ୍ୟଶାସ୍ତ୍ର, (୧୦) ରସଦର୍ପଣ, (୧୧) ରାଧାକୃଷ୍ଣ ଲୀଳା (୧୨) ରାମବିଭା—ଅର୍ଜୁନ ଦାସ, (୧୩) ରାମବିନୋଦ ହରି, (୧୪) ମହାନାଟକ, (୧୫) ମୁକୁନ୍ଦମାଳା, (୧୬) ମାର୍ଗଶିର୍ଷ ମାହାତ୍ମ୍ୟ, (୧୭) ବଳରାମଦାସଙ୍କ ଚଉତିଶା, (୧୮) ଜ୍ଞାନଚୂଡ଼ାମଣି—ବଳରାମ ଦାସ, (୧୯) ଚଉତିଶା ସଂଗ୍ରହ—କୃଷ୍ଣଦାସ, (୨୦) କାକଚରିତ, (୨୧) ଉତ୍କଳ ଭାଷା ଗୀତସଂଗ୍ରହ ୧ମ ଓ ୨ୟ ଖଣ୍ଡ, (୨୨) ଉତ୍ତର ଗୀତା—ଗୌଡ଼ପାଦାଚାର୍ଯ୍ୟ । ଏ କେତେ ଖଣ୍ଡ ଓଡ଼ିଆଭାଷାର ଗ୍ରନ୍ଥ ଭିନ୍ନ ଭିନ୍ନ ସ୍ଥାନରେ ଅଛି । ସରକାର ଜଣେ ପଣ୍ଡିତ ରଖି ଓଡ଼ିଆ ପୁସ୍ତକ ତାଲିକା କରାଉଥିବାବେଳେ ପ୍ରକାଶିତ ହୋଇଛି । ସେ ପଣ୍ଡିତ ଥିଲେ, ସେ ଅତି ଅଳ୍ପ ସମୟ କାର୍ଯ୍ୟ କରିଥିଲେ । ସେ ତାଲିକା କରିବା କାର୍ଯ୍ୟ ପ୍ରାୟ ସ’ପଣ କରିଛନ୍ତି । ଓଡ଼ିଆ ସାହିତ୍ୟର ଇତିହାସ ଲେଖିବା ପାଇଁ ପ୍ରଥମେ ଓଡ଼ିଶା ଅର୍ଥାତ୍ ପ୍ରାକୃତିକ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରାପ୍ତବ୍ୟ ଓଡ଼ିଆ ପୁସ୍ତକମାନଙ୍କର ତାଲିକା ସଂଗ୍ରହ ହେବା ଆବଶ୍ୟକ । ସେ ସମସ୍ତ ପୁସ୍ତକର ଗୋଟିଏ ସୂଚିପତ୍ର, କବିର ପରିଚୟ ପ୍ରଭୃତି ସଂକ୍ଷିପ୍ତ ବିବରଣ ନିର୍ଣ୍ଣୟ ହେବା ଆବଶ୍ୟକ । ସେସମସ୍ତ ଦୃଷ୍ଟେ ଓଡ଼ିଆ ସାହିତ୍ୟର ଇତିହାସ ଲେଖିଲେ ସମୀଚୀନ ହେବ । ମଜୁମଦାର ମହାଶୟ ସେପରି ଅବସର ପାଇନାହାନ୍ତି । ଯେତିକି ପାଇଛନ୍ତି, ସେଥିରୁ ଏତେଗୁଡ଼ାଏ କଳ୍ପନା କରିବା ଉଚିତ ହୋଇନାହିଁ । ଉତ୍କଳୀୟ ଯୁବକମାନଙ୍କର ମଜୁମଦାରଙ୍କ ଭୂମିକା ପଢ଼ି ହତାଶ ହେବାର କିଛି କାରଣ ନାହିଁ । ବରଂ ମଜୁମଦାରଙ୍କ କଟୂକ୍ତି ସେମାନଙ୍କୁ ଅନୁସନ୍ଧାନ ପଥରେ ପଥିକ ହେବାଲାଗି ସାହାଯ୍ୟ କରିବ । ସେମାନଙ୍କ ଆଗରେ ବହୁତ କାର୍ଯ୍ୟ ପଡ଼ିଛି । ସେଥିଲାଗି ଧୈର୍ଯ୍ୟ ଓ ସାହସ ଆବଶ୍ୟକ । ଆଶାକରେ ସେମାନେ ଉତ୍କଳବ୍ୟାପୀ ଅନୁସନ୍ଧାନ କାର୍ଯ୍ୟରେ ମନ ଦେଲେ ମଜୁମଦାରଙ୍କ ଉକ୍ତିର ଅସାରତା ପ୍ରମାଣ କରିବାକୁ କ୍ଷମ ହେବେ । ଏଥିରେ ଜୀବନବ୍ୟାପୀ କାର୍ଯ୍ୟ ଆବଶ୍ୟକ । ସୁତରାଂ ଆଶା କରାଯାଏ, ଯୁବକମାନେ ମନ-ଜ୍ଞାନ ଲଗାଇ ଯତ୍ନ କରିବେ ।

ବାବୁ ମନମୋହନ ଚକ୍ରବର୍ତ୍ତୀ ମଧ୍ୟ ଓଡ଼ିଆ ସାହିତ୍ୟ ସମ୍ବନ୍ଧେ କେତେ ଗୋଟି ପ୍ରବନ୍ଧ ଲେଖିଛନ୍ତି । ଏସିଆଟିକ୍ ସୋସାଇଟି ଜରନାଲ୍ ନାମକ ପତ୍ରିକାରେ ପ୍ରକାଶିତ ହୋଇଛି । ସେ ମହାଶୟ କହନ୍ତି, ଓଡ଼ିଆଭାଷା ବହୁ ପ୍ରାଚୀନ । କଥିତ ଭାଷା ଓଡ଼ିଆ ବହୁକାଳରୁ ଚଳୁଥିଲା; ମାତ୍ର ପ୍ରଥମେ ସାହିତ୍ୟରାଜ୍ୟରେ ସଂସ୍କୃତର ବେଶି ଆଧିପତ୍ୟ ଥିବାରୁ ଓଡ଼ିଆ-ଭାଷାରେ ସାହିତ୍ୟ ବହୁପରିମାଣରେ ଲେଖା ହୋଇନଥିଲା । ସଂସ୍କୃତ ଯେପରି କଠିଣ ଭାଷା, ତାହା କାଳକ୍ରମେ ପ୍ରାକୃତରେ ପରିଣତ ହେଲା । ସାଧାରଣ ଶିକ୍ଷିତ ଲୋକ ସଂସ୍କୃତ ସାହିତ୍ୟର କାଠିନ୍ୟ ଏବଂ ବ୍ୟାକରଣ କଷ୍ଟ ଭାର ବହନ କରିବାକୁ ଅକ୍ଷମ ହେଲେ । ତେଲୁଗୁ ଦେଶ

ସଙ୍ଗେ ଓଡ଼ିଶାର ନାନା ସୂତ୍ରରେ ନିକଟ-ସମ୍ପର୍କ ସ୍ଥାପିତ ହେଲା । ବୈଷ୍ଣବଧର୍ମ ଓଡ଼ିଶାରେ ବିସ୍ତାରଲାଭ କଲା । ହିନ୍ଦୁରାଜତ୍ୱ ମୁସଲମାନଙ୍କ ଦ୍ୱାରା ଧ୍ୱସ୍ତ ହେଲା । ଏସବୁ କାରଣ ମିଶି ଓଡ଼ିଆ ପ୍ରାକୃତଭାଷା କ୍ରମେ ପ୍ରସାରିତ ହୋଇ ସାହିତ୍ୟକ୍ଷେତ୍ର ପ୍ରସାରିତ କଲା । ସଂସ୍କୃତଭାଷା ଯେ ଏକାବେଳକେ ଲୋପ ହେଲା ତାହା ନୁହେଁ । ମାତ୍ର ଯେତେ ବିସ୍ତୃତଭାବରେ ସାହିତ୍ୟ କ୍ଷେତ୍ର ଅଧିକାର କରିଥିଲା ସେତେ ରହିଲା ନାହିଁ; କ୍ରମେ କ୍ଷୀଣ ହୋଇପଡ଼ିଲା । ସଂସ୍କୃତ କାବ୍ୟମାନ ଭାଷାରେ ଅନୂଦିତ ହେଲା । ସଂସ୍କୃତରେ ବ୍ୟାକରଣ ନିୟମ, ଛନ୍ଦ, ଅଳଙ୍କାର ପ୍ରଭୃତିକୁ ଅନୁକରଣ କରି ଓଡ଼ିଆ ସାହିତ୍ୟ ରଚିତ ହେଲା । ଓଡ଼ିଆ ସାହିତ୍ୟକୁ ସଂସ୍କୃତ ସାହିତ୍ୟ ବହୁପରିମାଣରେ ପରିପୁଷ୍ଟ କଲା; ମାତ୍ର ତାର ଉନ୍ନତି ଊଣା ହୋଇଗଲା । ପ୍ରାଚୀନ ଓଡ଼ିଆ ଲେଖା (କ) ଗୀତ କିମ୍ବା (ଖ) ସଂସ୍କୃତ ଧର୍ମପୁସ୍ତକର ଅନୁବାଦ । ଗୀତଟା ମନୁଷ୍ୟ ପକ୍ଷରେ ସ୍ୱାଭାବିକ । ସଭ୍ୟ ହେଉ-ବା ଅସଭ୍ୟ ହେଉ, ମନୁଷ୍ୟ ହୃଦୟ କୌଣସି କୌଣସି ବିଶିଷ୍ଟ ବସ୍ତୁପ୍ରତି ଆକୃଷ୍ଟ ହେଲେ ସେହି କାର୍ଯ୍ୟ ସ୍ୱର ଦେଇ ପ୍ରକାଶିତ ହୁଏ । ଏହି ସ୍ୱରଲହରୀରୁ ଗୀତ ବା ସଙ୍ଗୀତର ଉତ୍ପତ୍ତି; ସୁତରାଂ ମାନବସମାଜର ସହଜାତ । କେତେକ ଗଦ୍ୟଲେଖା ଦେଖାଯାଏ, ଯଥା—ମାଦଳାପାଞ୍ଜି ବା ବଂଶାବଳୀ ବା ବଂଶଚରିତ । କ୍ଷୁଦ୍ର କ୍ଷୁଦ୍ର ଘଟଣା ବିଷୟ ନେଇ ଗୀତ ରଚିତ ହୁଏ । ସୁତରାଂ ବିଶେଷ ଚିନ୍ତାର ଆବଶ୍ୟକ ହୁଏ ନାହିଁ । ସାହିତ୍ୟକ୍ଷେତ୍ରରେ ବୃହତ୍ କାବ୍ୟ ପ୍ରଭୃତି ରଚିତ ହେବା ପୂର୍ବରୁ ପ୍ରଥମେ ଗୀତ ବା ସଙ୍ଗୀତ ରଚିତ ହୁଏ ଏବଂ ଭାଷାର ଜନ୍ମକାଳରୁ ସଙ୍ଗୀତର ଜନ୍ମ ହୋଇଥାଏ । ପ୍ରତ୍ୟେକ ଭାଷା ଓ ସାହିତ୍ୟର ଏହା ସାଧାରଣ ନିୟମ । ଓଡ଼ିଆଭାଷା ଏ ସାଧାରଣ ସାହିତ୍ୟିକ ନିୟମରୁ ବହିର୍ଭୂତ ହେବାର କିଛି ବିଶେଷ କାରଣ ନାହିଁ । ବହୁ ପ୍ରାଚୀନ କାଳରୁ ଓଡ଼ିଆ ଗୀତ ପ୍ରଚଳିତ ଥିବା ସ୍ୱାଭାବିକ । ସେ ପ୍ରାଚୀନ କବିତା ଲୋପ ହୋଇଯାଇଛି । ଚକ୍ରବର୍ତ୍ତୀ ମହାଶୟ ଏ ଯେ ଯୁକ୍ତିପୂର୍ଣ୍ଣ ହେତୁ ଦେଖାଇଛନ୍ତି, ଏଥିରେ ମତଭେଦ ହେବାର କିଛି ବିଶେଷ କାରଣ ଦେଖୁନାହିଁ । ମାତ୍ର ସେ କହନ୍ତି, ପ୍ରାଚୀନ ଓଡ଼ିଆ ଗୀତ ଲୋପ ହୋଇଛି । ଏଥିରେ ମୁଁ ଏକମତ ନୁହେ । ଅବଶ୍ୟ ସେଗୁଡ଼ିକ କେହି ସଂଗ୍ରହକରି ଏକତ୍ରିତ କରି ଛପାଇ ପ୍ରକାଶ କରିନାହିଁ । ସେ ମହାଶୟ ମଧ୍ୟ କେବେ ପଲ୍ଲିଗ୍ରାମରେ ତହିଁର ଅନୁସନ୍ଧାନ କରିବାର ଅବସର ପାଇନାହାନ୍ତି; ତେଣୁ ଏପରି ଲେଖିଛନ୍ତି । ମୁଁ ପୂର୍ବେ କହିଛି ସେସବୁ ଅଛି, ମାତ୍ର କ୍ରମେ ଲୋପ ହେବା ଉପରେ ବସିଛି ।

ଉପେନ୍ଦ୍ରଭଞ୍ଜ ପ୍ରଭୃତି କବିଙ୍କ କାବ୍ୟ ପ୍ରଭୃତିରେ ତହିଁର ପୂର୍ବ ପ୍ରାଚୀନ ରାଗରାଗିଣୀର ଉଲ୍ଲେଖ ଅଛି । ସେଥିରୁ ଜଣାଯାଏ, ସେମାନଙ୍କ ଲେଖା ଆଗରୁ ଆହୁରି ଅନେକ ଗୀତ ଚଉତିଶା ଥିଲା ଏବଂ ସେହି ସେହି ଗୀତ ପ୍ରଭୃତି ରାଗରାଗିଣୀରେ ରଚନା କରିଥିଲେ । ତହିଁର କେତେଗୋଟିଏ ନିମ୍ନରେ ଦିଆଗଲା—

(୧) ରୁକ୍ମଣୀ ଚଉତିଶା ( ରସକଲ୍ଲୋଳ ୨୫ ଛାନ୍ଦ ), (୨) ମଧୁପ ଚଉତିଶା (ମଥୁରାମଙ୍ଗଳ ୫ମ ଛାନ୍ଦ), (୩) ବିପ୍ରସିଂହ ଚଉତିଶା (ମଥୁରାମଙ୍ଗଳ ୨୭ ଓ ୩୦ ଛାନ୍ଦ;

ବୈଦେହୀଶବିଳାସ ୪୫ ଗ୍ରନ୍ଥ), (୪) ମଧୁସିଂହ ଚଉତିଶା (ବୈଦେହୀଶବିଳାସ ୪୩ ଗ୍ରନ୍ଥ), (୫) ହଂସଦୂତ ଚଉତିଶା (ବୈ: ବି: ୪୪ ଗ୍ରନ୍ଥ), (୬) ଗୋପୀଜୀବନ ଚଉତିଶା (ବୈ: ବି: ୪୭ ଗ୍ରନ୍ଥ), (୭) ଛନ୍ଦସାର (ରସପଞ୍ଚକ ୧ମ ପଞ୍ଚକ), (୮) ବା ଚଉତିଶା (ବିଚିତ୍ର ରାମାୟଣ ଆଦ୍ୟକାଣ୍ଡ ୧୬ ଅଧ୍ୟାୟ), (୯) ଛବାଇରଥ (ଅଯୋଧ୍ୟାକାଣ୍ଡ ୧୧ ଅଧ୍ୟାୟ), (୧୦) କୁସୁମ-ସୌରଭ (ଆରଣ୍ୟକ ୧୭ ଅଧ୍ୟାୟ) ଏହିପରି ଅନେକ ଅଭ୍ୟାସ ମିଳିବ । ଚକ୍ରବର୍ତ୍ତୀ ମହାଶୟ କହନ୍ତି, କେବଳ ନାମରେ ଏସବୁର ଅସ୍ତିତ୍ୱ ଅଛି । ଅନେକ ପ୍ରାଚୀନ ବୃଦ୍ଧଲୋକଙ୍କର ମୁଖସ୍ଥ ଅଛି; ମାତ୍ର ଶୀଘ୍ର ଏଗୁଡ଼ିକର ଉଦ୍ଧାର ନକଲେ ଲୋପ ହୋଇଯାଇପାରେ । ସେ ମହାଶୟ କହନ୍ତି; ଓଡ଼ିଆ ସଙ୍ଗୀତ ଦକ୍ଷିଣୀ ରାଗିଣୀମୁକ୍ତ । ଏ ଅନୁମାନ ଭ୍ରମାତ୍ମକ । ଓଡ଼ିଶୀ ରାଗରାଗିଣୀ ସ୍ୱତନ୍ତ୍ର । ଏପର୍ଯ୍ୟନ୍ତ ଓଡ଼ିଶୀ ରାଗରାଗିଣୀର ସ୍ୱାତନ୍ତ୍ର୍ୟ ଥିଲା । ମାତ୍ର ଅଧୁନା ଦେଖାଯାଏ, ଦକ୍ଷିଣୀ ରାଗରାଗିଣୀ ଓଡ଼ିଆ ସଙ୍ଗୀତ ଉପରେ ଆଧିପତ୍ୟ ବିସ୍ତାର କରୁଛି ।

ଚକ୍ରବର୍ତ୍ତୀ ମହାଶୟଙ୍କ ଅନୁସନ୍ଧାନରୁ ଜଣାଯାଏ, ଆଉ ଜଣେ ଅଚ୍ୟୁତାନନ୍ଦ ଦାସ ଥିଲେ । ସେ ହରିବଂଶ ଓଡ଼ିଆଭାଷାରେ ଲେଖିଥିଲେ । ସେ ଜାତିରେ ଶୂଦ୍ର; ମାତ୍ର ବୈଷ୍ଣବଧର୍ମ୍ମ ଗ୍ରହଣ କରିଥିଲେ । ଗୋପାଳମାନଙ୍କ ମଧ୍ୟରେ ସେ ବୈଷ୍ଣବଧର୍ମ୍ମ ପ୍ରଚାର କରିଥିଲେ ଏବଂ ମହନ୍ତ ଥିଲେ । ତାଙ୍କ ଘର ରଣପୁରରେ ଏବଂ ରଣପୁର ରାଜା ପଦ୍ମନାଭ ନରେନ୍ଦ୍ରଙ୍କ ଆଶ୍ରୟରେ ଥିଲେ । ପଦ୍ମନାଭ ୧୪୭୬ ରୁ ୧୫୨୫ ଖ୍ରୀଷ୍ଟାବ୍ଦ ମଧ୍ୟରେ ରାଜତ୍ୱ କରିଥିଲେ । କାଞ୍ଚି ଯୁଦ୍ଧବେଳେ ସେ ପୁରୀ ରାଜାଙ୍କ ସଙ୍ଗେ ଯାଇଥିଲେ ।

"ରଣପୁର ମଧ୍ୟି ମୁଁ ଆଣ୍ଟେଡଲେ ମୁଁ ବାସ କରିଥାଇ
ପଦ୍ମନାଭ ନରେନ୍ଦ୍ର ମୋତେ ଅର୍ଥ ଦେଇ ପୋଷଇ
ଜାତିରେ ମୁହିଁ ସେ ସୁଦ୍ର ଜନ୍ମ ଅଟଇ
ଦୀକ୍ଷା ପାଇ ମୁଁ ଗଉଡ଼ କୁଳେ ଯାଇ
ସମସ୍ତ ଗୋପାଳଙ୍କୁ ନାମ ଶିକ୍ଷା ଦେଇ
ଶ୍ରୀହରି ଚରଣକୁ ଆଶ୍ରେ କରିଥାଇ
ଗଉଡ଼ କୁଳରେ ମୁଁ ହୋଇଲି ମହନ୍ତ
ଦୟା କରିଛନ୍ତି ମୋତେ କମଳାର କାନ୍ତ
ଶ୍ରୀ ଗୋପୀନାଥଙ୍କ ଚରଣତଳକୁ ଆସ
କବି ଅଚ୍ୟୁତ ଦାସକୁ ରଖ ପୀତବାସ
ସାତ ଖଣ୍ଡ ହରିବଂଶ ହୋଇଲା ସମ୍ପୂର୍ଣ୍ଣ
ଅଚ୍ୟୁତ ଦାସ ଭାବଇ ଗୋବିନ୍ଦ ଚରଣ ।"

'ଅନନ୍ତପୋଇ', 'ଅଚ୍ୟୁତାନନ୍ଦ ମାଳିକା' ଏ କବିଙ୍କର ରଚନା ବୋଲି କହନ୍ତି ।

ସାରଳା ଦାସ (ମହାଭାରତ)—ଏ ଜଣେ ଶୂଦ୍ର କବି ଥିଲେ । ସେ ସାରଳା ଠାକୁରାଣୀଙ୍କ ଭକ୍ତ ଥିଲେ ।। ସେ ବୈଷ୍ଣବ ବୋଲି ପରିଚୟ ଦେଇଛନ୍ତି ଏବଂ ଜଗନ୍ନାଥଙ୍କ ସମ୍ବନ୍ଧେ ଅନେକ କହିଛନ୍ତି । କିମ୍ବଦନ୍ତୀ ଅଛି ଯେ ସେ କନକନାଗ ଗ୍ରାମର ଝଙ୍କଡ଼ ପ୍ରଗନାର ବାସିନ୍ଦା ଥିଲେ । ଜାତିରେ ଚଷା ଥିଲେ । ସାରଳା ଠାକୁରାଣୀ ବର ଦେବାରୁ କବି ହେଲେ । ଠାକୁରାଣୀ ମହାଭାରତ ଓଡ଼ିଆରେ ଲେଖିବାକୁ ଆଦେଶ ଦେଇଥିଲେ । ଦାସେ କହିଲେ, କବିତା ମନ୍ଦ ହେବ କି ଭଲ ହେବ, ସେ ଜାଣିପାରିବେ ନାହିଁ । ଠାକୁରାଣୀ କହିଲେ, "ତୁ ତାଳପତ୍ରରେ ଯାହା ମନରେ ପଡ଼ିବ ତାହା ଲେଖିବୁ ଏବଂ ସେ ତାଳପତ୍ରଗୁଡ଼ିକ ଚନ୍ଦ୍ରଭାଗା ନଦୀରେ ଭସାଇଦେବୁ । ଯେ ପତ୍ର ଭସିଆସି ତୋ ପାଖେ ପହଞ୍ଚିବ ତାକୁ ଏକାଠି କରି ଗୁନ୍ଥିବୁ । ସେହି ମହାଭାରତ ହେବ । ଏହିପରି ସେ ମହାଭାରତ ଲେଖିଥିଲେ । ଝଙ୍କଡ଼ର ତେନ୍ତୁଳିପଦା ନିକଟରେ ବୁଢ଼ାନଦୀ ଅଛି । ସମ୍ଭବତଃ ତାହାର ନାମ ପୂର୍ବେ ଚନ୍ଦ୍ରଭାଗା ଥିଲା । ମହାଭାରତ ଲେଖିସାରି ସେ ପୁରୀକି ଆଣିଲେ । ମାତ୍ର ପଣ୍ଡିତମାନେ ଦେଖି ହସିଲେ । ରାତ୍ରରେ ଜଗନ୍ନାଥ ରାଜାଙ୍କୁ ସ୍ୱପ୍ନାଦେଶ କଲେ, ମହାଭାରତ ଉତ୍କୃଷ୍ଟ ହୋଇଅଛି । ପରଦିନ ରାଜାଜ୍ଞା ପାଇ ପଣ୍ଡିତମାନେ ପୁଣି ପରୀକ୍ଷା କରି ଦେଖିଲେ ଏବଂ ସମସ୍ତେ ପସନ୍ଦ କଲେ । ରାଜା ପ୍ରସନ୍ନ ହୋଇ ଝଙ୍କଡ଼ ଓ ଆଉ ୩ ଗୋଟି ପ୍ରଗନା ଜାଗିର ଛାଡ଼ିଦେଲେ । ସାରଳା ଦାସଙ୍କ ବଂଶଧରମାନେ ବର୍ତ୍ତମାନ ସୁଦ୍ଧା କନକନାଗ, ତେନ୍ତୁଳିପଦା ଓ ନିକଟବର୍ତ୍ତୀ ଗ୍ରାମମାନଙ୍କରେ ବାସକରନ୍ତି ଏବଂ କରଣ ବୋଲି ପରିଚିତ ।

"ଯଖେର ପୁର ବାସେନି ହିଙ୍ଗୁଳା ଚଣ୍ଡୀ ସାରେଳେ
ସେ ମୋର ତୁଳସୀ ମାଳ ହେଲେ ବକ୍ଷଲସ୍ଥଳେ ।
ଶ୍ରୀ ଚଣ୍ଡୀ ଚ ଯଖେପୁରବାସୀଙ୍କ ଚରଣେ
ଶୂଦ୍ରମୁନି ସାରେଳା ଦାସ ପଶିଲି ଶରଣେ ।।"

ଏପରି ଦେଖାଯାଏ, ତାଳପତ୍ର ପୋଥିରେ ଲେଖନକାର ଦୋଷରୁ ଅନେକ ଭୁଲ ଦେଖାଯାଏ । ପଣ୍ଡିତ ଗୋପୀନାଥ ନନ୍ଦ ଶର୍ମା ମହାଶୟ ଉତ୍କଳସାହିତ୍ୟରେ ଏ ମହାଭାରତର ବିସ୍ତୃତ ସମାଲୋଚନା କରିଛନ୍ତି । ତାଳପତ୍ର ପୋଥିରେ କେଉଁଠି କି ପ୍ରକାର ଭ୍ରମ ଅଛି, ତାହା ମଧ୍ୟ ଦେଖାଇଛନ୍ତି । ସାରଳା ମହାଭାରତ ଭାଷା କି ପ୍ରକାର ତାହା ନିମ୍ନଲିଖିତ କେତେକ ପଂକ୍ତିରୁ ଜଣାଯିବ ।

"ପର୍ବତ ତୁଟେ କି ନାଥ ଟେଳାରେ ମାଇଲେ
ସମୁଦ୍ର ପୋତି ହୁଏ କି ଧୂଳି ପକାଇଲେ ।
ମୃଗର ବଳେ କାହିଁ ଯେ ସିଂହ ଜିଣି ହୁଏ
ତୂଳା ଦ୍ୱାରା ପିଟିଲେ କି ଲୁହା ତୁଟିଯାଏ ।

ଭୁଜଙ୍ଗମ ବଳମାନ ଅପ୍ରମିତ ହେଲେ
ସେ କ ରହି ପାରନ୍ତି ବୈନତେୟ ଆସିଲେ ।
ବହୁ ପରମାଣେ ଗଜ ଏକତ୍ର ହୋଇଲେ
ଏକା କେଶରୀକୁ ଜିଣି ପାରଇ କ ଭଲେ ।
ବାବୁ ଖାଇ ଯାହାର ତାହାର କାର୍ଯ୍ୟ କର
କଲ ଉପକାର ହୃଦଗତେ ନ ପାସୋର ।
ସ୍ୱଭାବେ ବୃଷ ରାଶିରେ ଜନମ ହୋଇଲ
ବକ୍ରୁବାହାନ ଯେ ନାମଟି ଯେ ହୋଇଲ ।" ଇତ୍ୟାଦି ।

ସାରଳା ଦାସଙ୍କ ଭାଷା, ପଦଯୋଜନା ଦେଖିଲେ ମନେ ହୁଏ, ଏହା ଅତି ପ୍ରାଚୀନ କବିତା । ପ୍ରଥମ ଅନୁବାଦ । ଅନେକ ସଂସ୍କୃତ ପଦ ମିଶିଥିବାରୁ ଜଣାଯାଏ, ଏ ଲେଖା ବହୁ ପ୍ରାଚୀନ । କବିଙ୍କ ଲେଖାରୁ ସମୟର କିଛି ପରିଚୟ ମିଳୁନାହିଁ । ସ୍ୱର୍ଗୀୟ ପଣ୍ଡିତ ମୃତ୍ୟୁଞ୍ଜୟ କାବ୍ୟତୀର୍ଥ ଏ ବିଷୟରେ ମୁକୁରରେ ଆଲୋଚନା କରି ଏକପ୍ରକାର ସିଦ୍ଧାନ୍ତ କରିଛନ୍ତି । କବି କପିଳେନ୍ଦ୍ର ଦେବଙ୍କ ରାଜତ୍ୱ ସମୟରେ ମହାଭାରତ ରଚନା କରିଥିଲେ । ତଦାମୀନ୍ତନ ସାମାଜିକ ଅବସ୍ଥା ଦେଖାଇ ସେ କେତେଗୁଡ଼ିଏ ଯୁକ୍ତିପୂର୍ଣ୍ଣ ସିଦ୍ଧାନ୍ତରେ ଉପନୀତ ହୋଇଥିବାର ତାଙ୍କ ଲେଖାରେ ଦେଖାଯାଏ ( ମୁକୁର ୫ମ ଭାଗ ୧ ସଂଖ୍ୟା ପୃ. ୧ ) ।

"ସେ ଦେଶେ ଚୁଡ଼ଙ୍ଗ ଚକ୍ରବର୍ତ୍ତୀ ରାଏ
ତାର ଭୁବନେ ନକୁଳ କଲାକ ବିଜୟେ ।
କଳିଙ୍ଗ ବଲଙ୍ଗ ଯେ ଓଡ଼ଙ୍ଗ ବଙ୍ଗଦେଶ
ନଷ୍ଟାମ ନିହୁତ ଆଦି ଦେଶ ଯେ ବିଶେଷ ।
ଅନଙ୍ଗ ଓଡ଼ରାଷ୍ଟ୍ର ଯେ ଘେନିଣ ଭେଦରାଷ୍ଟ୍ର ।" (ଆ. ପ.)
"ଏମନ୍ତେଣ କଥା ତୁହୋ ଶୁଣ ନୃପମଣି
ଯାନ୍ତେଟ ଯେ ଦେଖି ନପାରିବ ଆଉ ମୁକୁ
ଯମେଶ୍ୱର ଲିଙ୍ଗ ତହିଁ ମହୋଦଧି ତଟେ
ନୀଳ ସୁନ୍ଦର ପର୍ବତ ଶ୍ରୀ କଳ୍ପବଟେ ।
ବିଜୟେ ରାମକୃଷ୍ଣ ସୁଭଦ୍ରା ମହା ବ୍ରହ୍ମ
ଗୃହଲକ୍ଷ ବିଦ୍ଧିଶ ସମ୍ପ୍ରାହ୍ମ ମହାତମ ।
କଳିକାଳ ଧ୍ୱଂସନକୁ ଭୋଗ କୋଟି ପୂଜା
ପ୍ରଣମିତେ ଖଟଇ କପିଳେଶ୍ୱର ରାଜା ।" (ଆ. ପ.)

ଏହିସବୁ ପ୍ରମାଣରୁ ସେ ସାରଳା ଦାସଙ୍କୁ ଆଦିକବି ବା ଉତ୍କଳବାଲ୍ମୀକି କହି ତାଙ୍କର ଜନ୍ମ ୫୦୦ ବର୍ଷ ପୂର୍ବେ ହୋଇଥିବାର ସ୍ଥିର କରିଛନ୍ତି ।

କାହ୍ନୁଦାସ—ରାମରସାମୃତ ଲେଖକ । ଘର ଧରାକୋଟ । ରଘୁନାଥ ମହାପାତ୍ରଙ୍କର ପୁତ୍ର, ବ୍ରାହ୍ମଣ, ମୁକୁନ୍ଦଦେବଙ୍କ ୨୫ ଅଙ୍କ । ନବାକ୍ଷରୀ ଭାଗବତ-ବୃତ୍ତରେ ଲେଖା ।

ଆମ୍ଭେ ଓଡ଼ିଆ ସାହିତ୍ୟର କେତେକ ପରିଚୟ ଦେଲୁଁ । ଓଡ଼ିଆ ସାହିତ୍ୟର ଇତିହାସ ସ୍ୱତନ୍ତ୍ର ଗୋଟିଏ ପୁସ୍ତକ ହେବ । ଓଡ଼ିଆ କାହାଣୀ ଏପର୍ଯ୍ୟନ୍ତ ସମୁଦାୟ ସଂଗୃହୀତ ହୋଇନାହିଁ । ଏଗୁଡ଼ିକ ସଂଗୃହୀତ ହେଲେ ଏଥିରୁ କେତେକ ପ୍ରାଚୀନ ଐତିହାସିକ ତଥ୍ୟ ମିଳିବ ଏବଂ ପ୍ରାଚୀନ ଗଦ୍ୟ ସାହିତ୍ୟର ନିଦର୍ଶନ ମିଳିବ । ଏଗୁଡ଼ିକ କୌଣସି ପୋଥିରେ ନାହିଁ ସତ୍ୟ; ମାତ୍ର ଲୋକଙ୍କ ମୁହେଁ ମୁହେଁ ଅଛି, କ୍ରମେ ଲୋପ ହୋଇଯାଉଛି । ଓଡ଼ିଆ ସାହିତ୍ୟ ସଂଗ୍ରହ ଲାଗି ବିଶାଳ କ୍ଷେତ୍ର ଉନ୍ମୁକ୍ତ ଅଛି । ପ୍ରଭୂତ ପରିଶ୍ରମ ଆବଶ୍ୟକ । ଉତ୍କଳ-ସାହିତ୍ୟ-ସମାଜ ଏହି କାର୍ଯ୍ୟଟି ସମ୍ପୂର୍ଣ୍ଣ କରିପାରିଲେ ଗୋଟିଏ ଜାତୀୟ ସାହିତ୍ୟର ପୂର୍ଣ୍ଣାଙ୍ଗ ଇତିହାସ ଲେଖାଯାଇ ପାରିବ । ଗଡ଼ଜାତମାନଙ୍କରେ ଅନେକ ପ୍ରାଚୀନ କବି ଥିଲେ । ସେମାନଙ୍କ ସନ୍ଧାନ ଏପର୍ଯ୍ୟନ୍ତ କେହି କରିନାହିଁ । ଧନଭଞ୍ଜଙ୍କ ତ୍ରିପୁରମୋହିନୀ, ହରିକୃଷ୍ଣ କବିଙ୍କ ଏକାଦଶୀ ମାହାତ୍ମ୍ୟ ଏପରି ଅନେକ ପୋଥି ଅଛି । ସେ ସମସ୍ତ ଏପର୍ଯ୍ୟନ୍ତ ପଦାକୁ ବାହାରି ନାହିଁ । ବୈଦେଶିକ ଲେଖକମାନେ କେବଳ ପଦାକୁ ଜଣାଇଥିବା କେତେଖଣ୍ଡ ପୁସ୍ତକରୁ ଓଡ଼ିଆ ସାହିତ୍ୟର ଜନ୍ମ, ଶୈଶବ ପ୍ରଭୃତି ସମସ୍ତ ସ୍ଥିର କରି ଆପଣାକୁ ଜଣେ ଜଣେ ଐତିହାସିକ ଲେଖକ ବୋଲି ପରିଚୟ ଦେଉଛନ୍ତି । ଏହା ସମୀଚୀନ ନୁହେ । ସାରଳାଦାସଙ୍କ ପୂର୍ବରୁ ଯେ ଅନ୍ୟ କେହି କବି ନଥିଲେ, ଏହା ଆମ୍ଭେ ବିଶ୍ୱାସ କରିବାକୁ ପ୍ରସ୍ତୁତ ନୋହୁଁ । ଅବଶ୍ୟ ସାରଳା ମହାଭାରତର ଭାଷା ଭାବ ଦେଖିଲେ ଜଣାଯାଏ ଯେ ଏହା ପ୍ରାଥମିକ ଅନୁବାଦ । ସଂସ୍କୃତର ଧର୍ମପୁସ୍ତକମାନଙ୍କ ଅନୁବାଦ ତେତେବେଳେ ପ୍ରଥମ ପ୍ରଥମ ହେଉଥିବାର ଜଣାଯାଏ । ମାତ୍ର ଓଡ଼ିଆ ସାହିତ୍ୟ ଯେ ତହିଁ ପୂର୍ବରୁ ନଥିଲା, ଏକଥା କୁହାଯାଇ ନପାରେ । ସଂସ୍କୃତର କଠିନ କଠିନ ସ୍ଥଳମାନ ଅନୁବାଦ କଲାବେଳେ କବିଙ୍କ ଲେଖାରେ ସଂସ୍କୃତ ଭାଷାର ଛାପା ଲାଗିଯାଇଛି ସତ, ମାତ୍ର ଯେଉଁ ଯେଉଁ ସରଳ ଭାବସ୍ଥାନ ଓଡ଼ିଆ କରାଯାଇଛି, ସେ ସ୍ଥାନମାନ ବଡ଼ ସରଳ ସୁନ୍ଦର ଓଡ଼ିଆଭାଷା ବ୍ୟବହାର କରାଯାଇଛି । ପ୍ରାକୃତିକ ସରଳ ଉପମାମାନ ବ୍ୟବହୃତ ହୋଇଥିବାର ଦେଖାଯାଏ । ନିତାନ୍ତ ଅପରିପକ୍ୱ ଭାଷା ବୋଲି ବୋଧ ହୁଏ ନାହିଁ । "ବାନ୍ଧୁ ପରିମାଣ ଗଜ ଏକତ୍ର ହୋଇଲେ । ଏକା କେଶରୀକୁ ଜିଣି ପାରିବେ କି ଭଲେ ।" ଏ ତ ଅପରିପକ୍ୱ ଓଡ଼ିଆଭାଷା ନୁହେ । ସାରଳାଦାସ ମହାଭାରତ ପରି ଏଡ଼େ ବଡ଼ ବୃହତ୍ ଗ୍ରନ୍ଥ ଅନୁବାଦ କରିବାର ପ୍ରଥମ ଚେଷ୍ଟା । ସୁତରାଂ ସଂସ୍କୃତଭାଷାକୁ ପୂର୍ଣ୍ଣମାତ୍ରାରେ ଭାଙ୍ଗି ତଦୁପଯୋଗୀ ଭାଷା ବସାଇବାକୁ ସମ୍ପୂର୍ଣ୍ଣରୂପେ ପାରଗ ହୋଇ ପାରି ନଥିବେ । ମାତ୍ର ସେ ଯେ ଏକାବେଳକେ ଓଡ଼ିଆଭାଷାର ଅନ୍ୟ କୌଣସି ଲିଖିତ ପୁସ୍ତକ ପାଠ କରି ନଥିଲେ ଏକଥା କୁହାଯାଇ ନପାରେ । ମହାଭାରତ ପରି ବୃହତ୍ ଗ୍ରନ୍ଥକୁ ଅନୁବାଦ କରିବାକୁ ଯେ ସାହସ କରିଛି, ସେ ଯେ ନିରକ୍ଷର ବା ନିତାନ୍ତ ମୂର୍ଖ, ଅଶିକ୍ଷିତ, ଏହା ମଧ୍ୟ କୁହାଯାଇ ନପାରେ । ପ୍ରାଥମିକ ଶିକ୍ଷା କିଛି ତାଙ୍କର ନଥିଲା, ଏପରି କେବେ

ସମ୍ଭବ କରାଯାଇ ନପାରେ । ଅବଶ୍ୟ କୌଣସି ଲିଖିତ ଗ୍ରନ୍ଥ ପାଠକରି ତାଙ୍କର ସାହିତ୍ୟରେ ଅଭିଜ୍ଞତା ଜନ୍ମି ଥିଲା । ସୁତରାଂ ଓଡ଼ିଆ ସାହିତ୍ୟର ସମସ୍ତ ପୁସ୍ତକ ସଂଗୃହୀତ ନ ହେବାଯାଏ ସାରଳା ମହାଭାରତ ଯେ ପ୍ରଥମ କବିତା ,ଏକଥା କହିପାରୁନାହିଁ । ତେବେ ଏପରି ବୃହତ୍ ଗ୍ରନ୍ଥଲେଖକମାନଙ୍କ ମଧ୍ୟରେ ତାଙ୍କୁ ପ୍ରଥମ ସ୍ଥାନ ଦିଆଯାଇପାରେ । ଆମ୍ଭେ ପୂର୍ବେ ବଂଶାନୁଚରିତ ବିଷୟ ଯାହା କହିଥିଲୁ ତହିଁର ନିଦର୍ଶନ ସ୍ୱରୂପ ନିମ୍ନରେ ଗୋଟିଏ ବଂଶାନୁଚରିତ ଦିଆଗଲା ।

"ଏହାଙ୍କୁ (ବନମାଳୀ ଭଞ୍ଜଙ୍କୁ) ମାରି, ଏହାଙ୍କ ଭାଇ ଗୋପୀନାଥ ଭଞ୍ଜ ରାଜୁତି କଲେ । ୧୫୫୮ ଶକାବ୍ଦ ସରିକି ୨୨ ବର୍ଷ । ୧୫୪୧ ଶକାବ୍ଦରେ ଗୋପୀନାଥପୁର ଶାସନ କଲେ । ଏହାଙ୍କ ପୁଅ ଧନଞ୍ଜୟ ଭଞ୍ଜେ (୧), ଗୋବିନ୍ଦ ଭଞ୍ଜ ପାଟରାଜା (୨) ବଳଭଦ୍ର ଶ୍ରେଷ୍ଟରା (୩), ନିଧି ଭଞ୍ଜ ସାମନ୍ତସିଂହାରେ—ଏ ଚାରିପୁଅ ତାଙ୍କର ହୋଇଥିଲେ । ତାଙ୍କ ଭିତରୁ ବଡ଼ପୁଅ ଧନଞ୍ଜୟ ଭଞ୍ଜେ ରାଜତ୍ୱ କଲେ । ଏ ରାଜତ୍ୱ କଲେ ଓ ରାଜତ୍ୱ କରିବାରେ ଷାଠିଏ ହଜାର ଟଙ୍କା ଲଗାଇ ଜଗତି ଗୋଟିଏ ତିଆରି କରିଥିଲେ । ଏହାଙ୍କର ବିଶେଷ ମହାଦେଇ ନାଚଣି କରିଥିଲେ । ଏ ବଡ଼ ଭୋଗ । ଏ ପାଇପି × × × ହୁଅନ୍ତି । ରାଜ ଦୁଇଘଡ଼ି ଥାଏ । ସରୁଚକୁଳୀ ଦୁଧ ଯୋଗାଣ କରନ୍ତି । ଏ ରାଜା ଧନଞ୍ଜୟପୁର ଶାସନ ୧୫୩୮ ଶକାବ୍ଦରେ କଲେ । ଏହିପରି ଯଶମାନଙ୍କୁ କରି ରାଜତ୍ୱ କରିବାରେ ଏ ରାଜତ୍ୱ କଲେ ୧୬୨୩ ଶକାବ୍ଦ ସରିକି ୮୫ ବର୍ଷ ।" ଇତ୍ୟାଦି ।

# ବୀରତ୍ୱ ପ୍ରସଙ୍ଗ

ଆଧୁନିକ ଓଡ଼ିଆଜାତିର ଶୌର୍ଯ୍ୟ, ବୀର୍ଯ୍ୟ, ଦମ୍ଭ, ସାହସ ପ୍ରଭୃତି ପର୍ଯ୍ୟାଲୋଚନା କଲେ କିଏ ବିଶ୍ୱାସ କରିବ ଯେ ଏ ଜାତି ଦିନେ ବୀରଜାତି ଥିଲା । ଏ ଜାତିର ପଦନିକ୍ଷେପ-ଦ୍ୱାରା ମା' ବସୁନ୍ଧରା ଦିନେ କମ୍ପିତ ହେଉଥିଲା । ଏ ଜାତି ସମରପ୍ରାଙ୍ଗଣରେ ଦିନେ ଅବଳୀଳାକ୍ରମେ ଅସ୍ତ୍ରଶସ୍ତ୍ର ଚାଳନା କରିପାରୁଥିଲା । ଏ ଜାତି ଆପଣାର ସ୍ୱାଧୀନତା ରକ୍ଷା କରିବା ଲାଗି ମସ୍ତକୋତ୍ତୋଳନ କରିଥିଲା । ଏ ଜାତିର ବିଜୟ-ପତାକା ଦିନେ ଆକାଶମାର୍ଗରେ ଉଡ୍‌ଡୀୟମାନ ହେଉଥିଲା । ଆଜି ଓଡ଼ିଆଜାତି ଦୀନ, ହୀନ, ନିର୍ବୀର୍ଯ୍ୟ, ଭୀରୁ ଓ ଦମ୍ଭ-ସାହସ ବିବର୍ଜିତ । ଆଜି ଓଡ଼ିଆଜାତି ଅନ୍ୟାନ୍ୟ ଜାତି ଦ୍ୱାରା ଅପମାନିତ, ଘୃଣିତ ଓ ପଦଦଳିତ । ଦିନେ ଯେଉଁ ଓଡ଼ିଆଜାତି ଅନ୍ୟଦ୍ୱାରା ପ୍ରପୀଡ଼ିତ ଜାତିକୁ ଆପଣା କୋଳରେ ନିଃଶଙ୍କ ଚିତ୍ତରେ ଆଶ୍ରୟ ପ୍ରଦାନ କରିଥିଲା, ଆଜି ସେହି ଜାତି ଓଡ଼ିଆ ନାମ ଶୁଣିଲେ ଘୃଣା ପ୍ରକାଶ କରେ । ଆଜି ସେହି ଜାତି ସମକ୍ଷରେ ଓଡ଼ିଆଜାତି ଅନୁନ୍ନତ ବର୍ବର ଜାତି ବୋଲି ପରିଚିତ ଓ ଲାଞ୍ଛିତ । ଏହି ଅବସ୍ଥାବିପର୍ଯ୍ୟୟ ପ୍ରକୃତିର ଚିରନ୍ତନ ପ୍ରଥା ! ଏ ଆମ୍ଭମାନଙ୍କର କର୍ମଦୋଷ; ଅନ୍ୟ ପ୍ରତି ଅଭିମାନ କଲେ କି ଫଳ ମିଳିବ ? ସେଦିନ ମେକ୍‌ଲେ ସାହେବ ଯେଉଁମାନଙ୍କୁ କାପୁରୁଷ ଭୀରୁ ବୋଲି ଚିତ୍ର କରିଯାଇଥିଲେ ଆଜି ସେମାନେ ବୀରଜାତି ବୋଲି ପରିଚୟ ଦେବାକୁ ସଭ୍ୟଜଗତ ସମ୍ମୁଖରେ ଦଣ୍ଡାୟମାନ । ମାତ୍ର ଆମ୍ଭେମାନେ ସିଂହ ଥାଇ ଆଜି ଶୃଗାଳ ତୁଲ୍ୟ ହୋଇ ରହିଛୁଁ । ବିଧିବିଧାନ କିଏ ଲଙ୍ଘନ କରି ପାରିବ !

ବ୍ରିଟିଶରାଜ ଆଜି ଆମ୍ଭମାନଙ୍କୁ ଯୁଦ୍ଧରେ ଯୋଗଦାନ କରିବାକୁ ଆହ୍ୱାନ କରୁଛନ୍ତି । ରାଜ୍ୟ ଉପରେ ବିପଦ ଉପସ୍ଥିତ, ରାଜ୍ୟକୁ ଆପଦ-ବିପଦରୁ ରକ୍ଷା କରିବା ଲାଗି ପ୍ରଜା ଦାୟୀ ! ରାଜା ରାଜ୍ୟର କର୍ଣ୍ଣଧାର; ମାତ୍ର ଧନ-ଜୀବନ ବିସର୍ଜନ ଦେଇ ବହିଃଶତ୍ରୁ ଆକ୍ରମଣରୁ ଆପଣା ରାଜ୍ୟ ରକ୍ଷା କରିବା ପ୍ରଜାମାନଙ୍କର କର୍ତ୍ତବ୍ୟ । ଆମ୍ଭେମାନେ ଚିରକାଳ ରାଜଭକ୍ତ, ଚିରକାଳ ରାଜାଙ୍କୁ ଦେବତା ସଦୃଶ ଭକ୍ତି କରୁଁ, ରାଜାଜ୍ଞା ଆମ୍ଭମାନଙ୍କର ଚିରକାଳ ଶିରୋଧାର୍ଯ୍ୟ । ମାତ୍ର ବିଧି ବିଡ଼ମ୍ବନାରୁ ଆଜି ସେ ଆଜ୍ଞା ଶୁଣି ଆମ୍ଭମାନଙ୍କ ହୃଦୟତନ୍ତ୍ରୀ ରଣୋନ୍ମାଦରେ ନାଚିଉଠିବା ଦୂରେ ଥାଉ, ଆମ୍ଭମାନଙ୍କ ଜଡ଼ ହୃଦୟକନ୍ଦରରେ ସେ ପ୍ରବେଶ କରିବାକୁ ଅକ୍ଷମ ହେଲା । ବଙ୍ଗ, ତୈଲଙ୍ଗ, ମରହଟ୍ଟା, ଗୁଜରାଟ, ପଞ୍ଜାବ ଆଜି ଯୁଦ୍ଧକୁ ଯାଇ ଆପଣାର ପ୍ରାଚୀନ ଗୌରବ ଜଗତକୁ ଦେଖାଇବା ଲାଗି ବ୍ୟତିବ୍ୟସ୍ତ । ମାତ୍ର ଓଡ଼ିଶା ନୀରବ, ନିଶ୍ଚଳ ଓ ନିସ୍ପନ୍ଦ । କେଉଁଆଡ଼େ ଜୀବନର ଚିହ୍ନ ପରିଲକ୍ଷିତ ହେଉନାହିଁ ; ଯେଉଁ ଦିଗକୁ ଚାହିଁ ନିରାଶ-କୁଜ୍‌ଝଟିକା ଗ୍ରାସ କରି ବସିଛି । ଯେଉଁ ଜାତିର ପ୍ରାଚୀନ ଇତିହାସ ନାହିଁ ସେ

ତାହାର ଇତିହାସ ଗଢ଼ି ନେଉଛି, ଯାହାର ଥିଲା ସେ ପୂର୍ବ କୀର୍ତ୍ତି କାହାଣୀ ସ୍ମରଣ କରି ପୁରାତନରେ ନୂତନତ୍ୱ ମିଶାଇ ଆପଣା ଉନ୍ନତି ମାର୍ଗରେ ଧାବିତ ହେଉଛି । ଆମ୍ଭମାନଙ୍କୁ ନୂତନ ଇତିହାସ ଗଢ଼ିବାକୁ ପଡ଼ିବ ନାହିଁ । ପୁରାତନ ଗର୍ଭରେ ଆମ୍ଭମାନଙ୍କ ଲାଗି ବହୁତ ସାମଗ୍ରୀ ଗଚ୍ଛିତ ଅଛି, ସେଗୁଡ଼ିକୁ କାଢ଼ି ଘଷାମଜା କରି ସମ୍ବଳ କରିବାକୁ ହେବ ଏବଂ ତହିଁରେ ନୂତନତ୍ୱ ମିଶାଇ କାର୍ଯ୍ୟ କରିବାକୁ ହେବ ! ଏହି ଉଦ୍ଦେଶ୍ୟରେ ଆଜି ପ୍ରାଚୀନ ଓଡ଼ିଆର ସମର ପ୍ରସଙ୍ଗ ଆଲୋଚନା କରାଯିବ ।

ବୀରତ୍ୱ କଣ ? ଅନ୍ୟର ଅନ୍ୟାୟ ଆକ୍ରମଣରୁ ନିଜକୁ ରକ୍ଷା କରିବା ଲାଗି ମନୁଷ୍ୟ ଯେଉଁ କାର୍ଯ୍ୟ କରେ ତାହାହିଁ ବୀରତ୍ୱ । ଦୁର୍ବଳ ଉପରେ ପ୍ରବଳ ଅତ୍ୟାଚାର କଲେ ଦୁର୍ବଳକୁ ରକ୍ଷା କରିବା ଲାଗି ମନୁଷ୍ୟ ଯେଉଁ କାର୍ଯ୍ୟ କରେ, ତାହା ବୀରତ୍ୱ । ଚୋରି, ଡକାଇତି କରି ବା ମନୁଷ୍ୟହତ୍ୟା କରି ଆପଣାର ସ୍ୱାର୍ଥସିଦ୍ଧି କରିବା, ଅନ୍ୟାୟ ରାଜ୍ୟ ବିସ୍ତାର ଲାଗି ଦୁର୍ବଳ ଉପରେ ଅତ୍ୟାଚାର କରିବା ଇତ୍ୟାଦି କାର୍ଯ୍ୟ ମନୁଷ୍ୟର ବୀରତ୍ୱ ନୁହେ । ଏ ସମସ୍ତ ରାକ୍ଷସଜନୋଚିତ କାର୍ଯ୍ୟ । ଆଜି ଜର୍ମାନ ସମ୍ରାଟ ଦୁର୍ବଳ ଉପରେ ଅତ୍ୟାଚାର କରିବା ଉଦ୍ଦେଶ୍ୟରେ ଯେଉଁ ଅମାନୁଷିକ ଅସଭ୍ୟଜନୋଚିତ ଭୟାବହ ଲୋମହର୍ଷଣ କାଣ୍ଡ ଜଗତ୍ ସମକ୍ଷରେ ପ୍ରଦର୍ଶନ କରୁଅଛି, ତାହାକୁ ପ୍ରକୃତ ପକ୍ଷେ ବୀରତ୍ୱ କୁହାଯିବ ନାହିଁ ।

ଆମ୍ଭମାନଙ୍କ ବ୍ରିଟିଶ ସିଂହ ପ୍ରବଳ ଜର୍ମାନ ସମ୍ରାଟ କବଳରୁ କ୍ଷୁଦ୍ର ଦୁର୍ବଳ ରାଜ୍ୟମାନଙ୍କ ସ୍ୱତ୍ୱ ରକ୍ଷା କରିବା ଉଦ୍ଦେଶ୍ୟରେ ଯେଉଁ ନ୍ୟାଯ୍ୟ ଯୁଦ୍ଧରେ ପ୍ରବୃତ୍ତ ହୋଇଛନ୍ତି, ତାହାକୁ ପ୍ରକୃତ ବୀରତ୍ୱ କୁହାଯାଏ । ଆପଣାର ଧନ ଯାଉ, ଜୀବନ ଯାଉ, ସର୍ବସ୍ୱ ଯାଉ ପଛକେ ଦୁର୍ବଳ ରକ୍ଷା ହେଉ, ଦୁର୍ବଳ ଉପରେ ପ୍ରବଳ ଅତ୍ୟାଚାର ନ କରୁ, ଏପରି ଯାହାର ନୀତି ତାହାହିଁ ଶ୍ରେଷ୍ଠ ବୀରତ୍ୱ । ଏହି ନୀତି ହିନ୍ଦୁମାନେ ପାଳନ କରିଆସିଥିଲେ ।

ବୀରମାନଙ୍କୁ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇପାରେ; ଯଥା—ଧର୍ମ୍ମବୀର ଓ କର୍ମ୍ମବୀର । ଧର୍ମ୍ମରାଜ୍ୟରେ ହେଉ ବା କର୍ମ୍ମରାଜ୍ୟରେ ହେଉ, ଓଡ଼ିଆ ଜାତି ବୀରତ୍ୱ ଦେଖାଇଥିଲା ଏବଂ ତହିଁର ଚିହ୍ନ ଅଦ୍ୟାପି ଦେଦୀପ୍ୟମାନ ରହିଅଛି ।

ପ୍ରଥମେ ଧର୍ମ୍ମବୀର ବିଷୟ ଆଲୋଚନା କରାଯାଉ । ହଣ୍ଟର ସାହେବ ତାଙ୍କ ଇତିହାସର ପ୍ରଥମ ଅଧ୍ୟାୟରେ ଓଡ଼ିଆଜାତି ସମ୍ବନ୍ଧେ ଯେଉଁ ଭୂମିକା ଲେଖିଛନ୍ତି, ତାହା ପଢ଼ିଲେ ମନରେ ଦାରୁଣ ଯନ୍ତ୍ରଣା ଉପସ୍ଥିତ ହୁଏ । ସେ କହିଛନ୍ତି, 'To the World's roll call of Heroes it will add not one more' । ଏଥିର ସାରମର୍ମ୍ମ ଏହି ଯେ, ପୃଥିବୀର ବୀରମାନଙ୍କ ମଧ୍ୟରେ ଓଡ଼ିଆ ନାମରେ ଖଡ଼ି ପଡ଼ିବ ନାହିଁ । ସୁତରାଂ ଦେଖିବା ଆବଶ୍ୟକ ଓଡ଼ିଆଜାତି ଖଡ଼ି ପଡ଼ିବା ଭଳି କିଛି କାର୍ଯ୍ୟ କରିଛି କି ନା ।

ପୁରୀ ଜଗନ୍ନାଥ ଦେଉଳ ଓଡ଼ିଆଜାତିର ପ୍ରଧାନ କୀର୍ତ୍ତି । ଏ ଧର୍ମାନୁଷ୍ଠାନ ଓଡ଼ିଆମାନଙ୍କ ମସ୍ତିଷ୍କପ୍ରସୂତ । ଏଠାରେ ସାମ୍ୟନୀତି ପ୍ରଚଳିତ । ଏଠାରେ ଜାତିଭେଦ ନାହିଁ, ସାନ ବଡ଼ ବିଚାର ନାହିଁ, ଧର୍ମର ସାମ୍ପ୍ରଦାୟିକ ବିସମ୍ବାଦ ନାହିଁ । ସନାତନ ଧର୍ମର 'ଏକ ବ୍ରହ୍ମ ଦ୍ୱିତୀୟୋ ନାସ୍ତି' ମହାମନ୍ତ୍ର ଏଠାରେ ପୂର୍ଣ୍ଣଭାବରେ କାର୍ଯ୍ୟ କରୁଛି । ଶୈବ, ଶାକ୍ତ, ଗାଣପତ୍ୟ, ବୈଷ୍ଣବ ପ୍ରଭୃତି ଯାବତୀୟ ଧର୍ମପନ୍ଥାବଲମ୍ବୀମାନେ ଏଠାରେ ନତମସ୍ତକ । ଦଣ୍ଡୀ, ସନ୍ନ୍ୟାସୀ, ଯୋଗୀ ଓ ଗୃହସ୍ଥ ପ୍ରଭୃତି ସକଳ ଶ୍ରେଣୀର ଲୋକ ମୁକ୍ତିଭିଖାରୀମାନେ ଏଠାରେ ଆଶ୍ରୟ ନେଇ ଶାନ୍ତିଲାଭ କରିଛନ୍ତି ଓ କରୁଛନ୍ତି ଏବଂ ଯାବତ୍‌ଚନ୍ଦ୍ରାର୍କେ କରୁଥିବେ । ଭଗବାନ ଗୀତାରେ କହିଛନ୍ତି, "ମତେ ଯେ ଯେପରି ଭାବେ ମୁଁ ତାକୁ ସେପରି ପ୍ରାପ୍ତ ହୁଏ ।" ଏ ମହା ଉକ୍ତିର ସାରବତ୍ତା ଏହିଠାରେ ଉପଲବ୍ଧି କରାଯାଏ । ଏପରି ସାର୍ବଜନୀନ ଧର୍ମମନ୍ଦିର ପୃଥିବୀରେ ଆଉ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ସାର୍ବଜନୀନ ଧର୍ମନୀତି ଶିକ୍ଷା ଦେବାଲାଗି ଦେବଦେବ ଜଗନ୍ନାଥ ବିଶାଳ ବାହୁ ପ୍ରସାରଣ କରି ଜଗତବାସୀଙ୍କି ଆହ୍ୱାନ କରୁଛନ୍ତି, "ପାପୀ, ତାପୀ, ମୁକ୍ତିଭିଖାରୀ, ଭାବୁକ, ଦର୍ଶନାକାଙ୍କ୍ଷୀ, ଯେ ଯେଉଁଠି ଅଛ ଆସ, ଆସ ମୋ କୋଳରେ ଆଶ୍ରୟ ନିଅ, ମୁଁ ତୁମ୍ଭମାନଙ୍କୁ ଆଶ୍ରୟ ଦେବି ।" ଜଗନ୍ନାଥ-ଦେବଙ୍କର କି ଆଶ୍ଚର୍ଯ୍ୟଜନକ ଆକର୍ଷଣୀ ଶକ୍ତି । କୁମାରିକାଠାରୁ ହିମାଳୟ ପର୍ଯ୍ୟନ୍ତ ପ୍ରଦେଶରୁ ଶତ ଶତ ସହସ୍ର ସହସ୍ର ଲକ୍ଷ ଲକ୍ଷ ଲୋକ ନାନା ବାଧାବିଘ୍ନ ଅତିକ୍ରମ କରି ବହୁ କଷ୍ଟ ସହ୍ୟକରି ଓ ଯଥାସର୍ବସ୍ୱ ବ୍ୟୟକରି ଏ ପବିତ୍ର ପୁରୀଧାମକୁ ପ୍ରତିଦିନ ପ୍ରଧାବିତ ହେଉଛନ୍ତି । ଜଗନ୍ନାଥଦେବଙ୍କ ପାଦପଦ୍ମ ଦର୍ଶନ କରି ଆପଣା ଜୀବନକୁ ଧନ୍ୟ ମନେ କରୁଛନ୍ତି । ଦୋଳଯାତ୍ରା, ସ୍ନାନଯାତ୍ରା ଓ ରଥଯାତ୍ରା ବେଳେ ପୁରୀ ନଗରୀରେ ଯେଉଁ ଲୋକ-ସମୁଦ୍ରୋଚ୍ଛ୍ୱାସ ଦେଖାଯାଏ ତାହାହିଁ ଏ ଧର୍ମାନୁଷ୍ଠାନ ମହାତ୍ମ୍ୟର ପରିଚାୟକ । ହିନ୍ଦୁମାନଙ୍କ ସନାତନ ଧର୍ମ ପୃଥିବୀରେ ଦିନେ ଧର୍ମ ହେବ ବୋଲି ମହାପୁରୁଷମାନେ କହିଯାଇଛନ୍ତି । ମହାତ୍ମା ବିବେକାନନ୍ଦ ଏ ସତ୍ୟର ଆଂଶିକ ପ୍ରମାଣ ଦେଖାଇଛନ୍ତି । ଆଜି ଆମେରିକାର ଅନେକ ଖ୍ରୀଷ୍ଟଧର୍ମାବଲମ୍ବୀ ସାହେବମାନେ ଏହି ସନାତନ ଧର୍ମରେ ଦୀକ୍ଷିତ । ବାବା ପ୍ରେମାନନ୍ଦ ସରସ୍ୱତୀଙ୍କ ସଙ୍ଗରେ କେତେ ଜଣ ସାହେବ ଆସିଥିଲେ ଏବଂ ଏହି ପବିତ୍ର କ୍ଷେତ୍ରରେ କିଛି କାଳ ଅବସ୍ଥାନ କରିଥିଲେ । ବେକରେ ତୁଳସୀମାଳା, ହସ୍ତରେ ଜପମାଳା ଏବଂ ତୁଣ୍ଡରେ "ରାଧେ କୃଷ୍ଣ ରାଧେ କୃଷ୍ଣ"; ଅଥଚ ସାହେବି ପୋଷାକ । ଏ ମୋର ଶୁଣିବାର କଥା ନୁହେଁ, ସ୍ୱଚକ୍ଷୁରେ ଦେଖିଛି । ଏ ଦୃଶ୍ୟ କଣ ହିନ୍ଦୁଧର୍ମ ପକ୍ଷେ ଗୌରବର ବିଷୟ ନୁହେ ? ସନାତନ ଧର୍ମ ବହୁ ଶାଖା-ପ୍ରଶାଖା-ଅନୁଶାଖାବିଶିଷ୍ଟ ସତ; ମାତ୍ର ଯେଉଁ ଆଡ଼ୁ ଦେଖ ମୂଳ ଏକ, ମୂଳରେ କୌଣସି ପ୍ରଭେଦ ନାହିଁ । ପନ୍ଥା ଅନେକ, ମାତ୍ର ଗନ୍ତବ୍ୟ ସ୍ଥାନ ଏକ । ସ୍ୱାମୀ ବିବେକାନନ୍ଦ ଉଚ୍ଚୈଃସ୍ୱରରେ କହିଯାଇଛନ୍ତି କି, ପୃଥିବୀରେ ଯଦି କୌଣସି ଏକ ଧର୍ମ "ସାର୍ବଜନୀନ ଧର୍ମ" ଅର୍ଥାତ୍ Universal religion ହେବାର ସମ୍ଭବ ହେବ, ତେବେ ତାହା ଏହି ସନାତନ ଧର୍ମ ପକ୍ଷରେ ସମ୍ଭବ ଏବଂ ଗୀତା ସାର୍ବଜନୀନ ଧର୍ମପୁସ୍ତକ

ହେବ । ଏବଂ ମୁଁ କହେଁ, "ଜଗନ୍ନାଥ ମନ୍ଦିର ହେବାର ନିତାନ୍ତ ଅସମ୍ଭବ ନୁହେଁ । ସାକାରବାଦୀ, ନିରାକାରବାଦୀ, ବୌଦ୍ଧ, ଜୈନ, ଖ୍ରୀଷ୍ଟାନ, ମୁସଲମାନ, ସ୍ଥୂଳତଃ ପୃଥିବୀର ଯେ କୌଣସି ମତବାଦୀ ଓ ଧର୍ମାବଲମ୍ବୀ ହେଉନ୍ତୁ, ସେମାନଙ୍କ ଆଶା ପୂରଣ ଲାଗି ଉପଯୁକ୍ତ ସାମଗ୍ରୀ ଏଠାରେ ଅଛି । କେବଳ ବାଛି ନେଇପାରିଲେ ହେଲା । ଏବଂଭୂତ ଗୋଟିଏ ସାର୍ବଜନୀନ ଧର୍ମମନ୍ଦିର ସ୍ଥାପନ କରି ଉତ୍କଳୀୟ ଧର୍ମବୀରମାନେ ଯେଉଁ ବିଜୟ ବୈଜୟନ୍ତୀ ପୋତିଅଛନ୍ତି ତାହା ଅଦ୍ୟାବଧି ସେହି ବଡ଼ଦେଉଳର ନୀଳଚକ୍ର ଉପରେ ପତାକା ରୂପରେ ଉଡ଼୍ଡୀୟମାନ ହୋଇ ଜଗତବାସୀଙ୍କି ଆହ୍ୱାନ କରୁଅଛି । ଜଗତବାସୀ ଅବଶ୍ୟ ଦିନେ ଏ ଡାକ ଶୁଣିବେ ଏବଂ ହଣ୍ଟର ସାହେବଙ୍କ ବିଦ୍ରୁପୋକ୍ତି ଅଳୀକତାରେ ପରିଣତ ହେବ ।

ମହାତ୍ମା ଚୈତନ୍ୟ ଜଣେ ଅନ୍ୟତମ ଧର୍ମବୀର । ପଞ୍ଚଦଶ ଶତାବ୍ଦୀରେ ଏ ମହାତ୍ମାଙ୍କର ଆବିର୍ଭାବ ହୋଇଥିଲା । ଭଗବାନ କହିଛନ୍ତି, "ପରିତ୍ରାଣାୟ ସାଧୂନାଂ ବିନାଶାୟଞ୍ଚ ଦୁଷ୍କୃତାଂ, ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ" । ଇତିହାସ ଦେଖିଲେ ଏ ସତ୍ୟ ପ୍ରମାଣିତ ହୋଇଥିବାର ଭୂୟସୀ ପ୍ରମାଣ ମିଳେ । ଯେତେବେଳେ ପୃଥିବୀ ପାପଭାରାକ୍ରାନ୍ତ ହୋଇଛି, ତେତେବେଳେ ଭଗବାନ ନରଦେହ ଧାରଣ କରି ସେ ଭାର ହରଣ କରିଛନ୍ତି । ଏହି କାରଣରୁ ମଧ୍ୟ ଶ୍ରୀଚୈତନ୍ୟଙ୍କର ଅବତାର ହୋଇଥିଲା । ଶାକ୍ତ ଧର୍ମର ଅପବ୍ୟବହାର ଦ୍ୱାରା ବଙ୍ଗଦେଶ ଛାରଖାର ହୋଇଥିଲା । ମହାତ୍ମା ଚୈତନ୍ୟ ସ୍ୱୀୟ ପ୍ରେମଭକ୍ତି ବଳରେ ବଙ୍ଗ ବିଜୟ କରି ସେଠାରେ ବିଜୟ ବୈଜୟନ୍ତୀ ଉଡ଼ାଇଥିଲେ । ସେ ମହାତ୍ମା କିଏ, ପାଠକମାନେ ଜାଣନ୍ତି କି । ଅନେକଙ୍କର ଧାରଣା ସେ ବଙ୍ଗାଳୀ ଥିଲେ । ମାତ୍ର ଏ ଧାରଣା ଭ୍ରମମୂଳକ । ସନ୍ନ୍ୟାସ ଧର୍ମ ଗ୍ରହଣ କରିବା ପୂର୍ବରୁ ତାଙ୍କ ନାମ ବିଶ୍ୱମ୍ଭର ମିଶ୍ର ଥିଲା । ଜଗନ୍ନାଥ ମିଶ୍ର ବିଶ୍ୱମ୍ଭରଙ୍କ ପିତା ଥିଲେ । ଜଗନ୍ନାଥ ମିଶ୍ରଙ୍କ ବଂଶ ଏହି ଉତ୍କଳ ଭୂମିର ଯାଜପୁର ଗ୍ରାମରେ ବାସକରୁଥିଲେ ଏବଂ ସେମାନେ ବିଶୁଦ୍ଧ ଓଡ଼ିଆ ବ୍ରାହ୍ମଣ ଥିଲେ । ଓଡ଼ିଶା ରାଜା କପିଳେନ୍ଦ୍ର ଦେବଙ୍କ ରାଜତ୍ୱ ସମୟରେ ଏ ବଂଶର ରାଜାଙ୍କ ସହିତ ମନୋମାଳିନ୍ୟ ଘଟିବାରୁ ଓଡ଼ିଶାରୁ ଉଠିଯାଇ ଶ୍ରୀହଟ୍ଟ ଜିଲ୍ଲାରେ ବାସକଲେ । କପିଳେନ୍ଦ୍ର ଦେବଙ୍କର ଅପର ନାମ ଭ୍ରମରଦେବ ଥିଲା । କପିଳେନ୍ଦ୍ର ଦେବ ୧୪୫୨ ଖ୍ରୀଷ୍ଟାବ୍ଦରୁ ୧୪୭୯ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଶ୍ରୀଚୈତନ୍ୟ ୧୪୦୭ ଶକାବ୍ଦ ଅର୍ଥାତ୍ ୧୪୮୫ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ । ଏଥିରୁ ଜଣାଯାଏ ଯେ ଚୈତନ୍ୟ ଜନ୍ମଗ୍ରହଣ କରିବାର ପୂର୍ବ ୩୧ ବର୍ଷ ମଧ୍ୟରେ ତାହାଙ୍କ ପୂର୍ବ ବଂଶଧର ଓଡ଼ିଶାରୁ ବିତାଡ଼ିତ ହୋଇ ବଙ୍ଗଳାକୁ ଯାଇଥିଲେ । ଶ୍ରୀଚିତନ୍ୟ ୨୪ ବର୍ଷ ବୟସରେ ସନ୍ନ୍ୟାସୀ ହେଲେ ଏବଂ ଅବ୍ୟବହିତ ପରେ ପୁରୀଧାମକୁ ଆସି କାଶିମିଶ୍ରାଳୟରେ ବାସ କରି ୧୮ ବର୍ଷ କାଳ ଏହି ସ୍ଥାନରେ ଲୀଳା ଖେଳା କରି ଅପ୍ରକଟ ହେଲେ । ଚୈତନ୍ୟ ୧୫୦୯ ଖ୍ରୀଷ୍ଟାବ୍ଦରେ ପୁରୀରେ ଆସି ଅବସ୍ଥାନ କଲେ । ସୁତରାଂ ଚୈତନ୍ୟ ପୁରୀକୁ ଆସିବା ପୂର୍ବରୁ ସେ ଓ ତାଙ୍କ ପୂର୍ବ ବଂଶଧର କେବଳ ୫୫ ବର୍ଷ

ବଙ୍ଗଳାରେ ବାସକରିଥିଲେ । ଏତେ ଅଳ୍ପକାଳ ମଧ୍ୟରେ ଚୈତନ୍ୟଙ୍କୁ ବଙ୍ଗାଳୀ ବୋଲି ବୁଝାଯିବ କାହିଁକି । ଯେଉଁ ବଙ୍ଗୀୟମାନେ ଚୈତନ୍ୟଙ୍କ ସମୟରୁ ଓଡ଼ିଶାକୁ ଆସି ଏଠାରେ ବସତି ସ୍ଥାପନ କରିଛନ୍ତି ଏବଂ ବଙ୍ଗଳାର ମାୟା-ମମତା ଜନ୍ମସ୍ଥଳ ଚିରକାଳ ନିମନ୍ତେ ତ୍ୟାଗ କରି ଓଡ଼ିଶାରେ ରହିଛନ୍ତି, ସେମାନେ ଆଜ ଆପଣାକୁ ଓଡ଼ିଆ ବୋଲି ପରିଚୟ ଦେବାକୁ ଇଚ୍ଛୁକ ନୁହନ୍ତି । ଜାତୀୟତାର ଏତେଦୂର ଟାଣ ଓ ମମତା ! ଚୈତନ୍ୟଙ୍କୁ ବଙ୍ଗାଳୀ କହିବାର କିଛିମାତ୍ର କାରଣ ନାହିଁ । ଚୈତନ୍ୟ ଓଡ଼ିଶାକୁ ଆସି ଜାତୀୟତାର ପୂର୍ଣ୍ଣ ପରିଚୟ ଦେଇଛନ୍ତି । ଓଡ଼ିଆ ଜଗନ୍ନାଥ ଦାସ ଓ ରାୟ ରାମାନନ୍ଦ ପ୍ରଭୃତି ପ୍ରଭୁ ଯେଉଁ ଜାତୀୟ ପ୍ରୀତି ପ୍ରଦର୍ଶନ କରିଥିଲେ ଏବଂ ଓଡ଼ିଆଙ୍କ ପ୍ରତି ତାଙ୍କର ଏପ୍ରକାର ବ୍ୟବହାର ଦ୍ୱାରା ତାଙ୍କ ସଙ୍ଗୀ ବଙ୍ଗୀୟ ବୈଷ୍ଣବମାନେ ଯେପରି କ୍ଷୁବ୍ଧ ହୋଇଥିଲେ, ତାହା ଜଗନ୍ନାଥ-ଚରିତାମୃତରେ ବିଶଦଭାବେ ବର୍ଣ୍ଣିତ ଅଛି ଏବଂ ଜୟଦେବଙ୍କ ସମ୍ପର୍କରେ ତହିଁର ପୂର୍ଣ୍ଣ ପରିଚୟ ଦିଆଯାଇଛି । ଚୈତନ୍ୟ ବଙ୍ଗରେ ଜନ୍ମଗ୍ରହଣ କରି ଓ ବଙ୍ଗୀୟ ସହପାଠୀମାନଙ୍କ ସହିତ ବିଦ୍ୟାଧ୍ୟୟନ ଏବଂ ବଙ୍ଗୀୟ ପ୍ରତିବାସୀମାନଙ୍କ ସଂସର୍ଗରେ ରହି ବଙ୍ଗଳାଭାଷାକୁ ଆୟତ୍ତ କରିଥିବା ବିଷୟ ଚୈତନ୍ୟ-ଭାଗବତ ପ୍ରଭୃତି ଗ୍ରନ୍ଥରୁ ପୂର୍ଣ୍ଣ ପରିଚୟ ମିଳେ । କିନ୍ତୁ ସୂକ୍ଷ୍ମାଲୋଚନା କରି ଦେଖିଲେ ସ୍ପଷ୍ଟ ପ୍ରତୀୟମାନ ହେବ ଯେ ଚୈତନ୍ୟ ତେତେବେଳକୁ ଓଡ଼ିଆଭାଷା ଏକାବେଳକେ ଭୁଲିଯାଇ ନ ଥିଲେ । ଚୈତନ୍ୟ ଭାଗବତ ଓ ଚରିତାମୃତରେ କେଁଆ ଓଡ଼ିଆ ଶବ୍ଦ ବ୍ୟବହୃତ ହୋଇଥିବାର ଦେଖାଯାଏ ଏବଂ ସେ ଶବ୍ଦଗୁଡ଼ିକ ଚୈତନ୍ୟଙ୍କ ଉକ୍ତି ମଧ୍ୟରେ ସନ୍ନିବେଶିତ ହୋଇଅଛି । ଦୃଷ୍ଟାନ୍ତ ସ୍ୱରୂପ କେତେଗୋଟି ଶବ୍ଦ ଲେଖାଗଲା—ପରମୁଣ୍ଡା, ତୋଟା, ଓଟ, ନବଢ଼ାଲି, ଦଦୁରି, ଆଉଟିଆ, ଭଦ୍ରକରି (କ୍ଷୌରି), ସମ୍ଭାରି, ବରକ୍ତି, ଛଣ୍ଟେ, ଦୃଢ଼ ଇତ୍ୟାଦି । ଚୈତନ୍ୟ ଓଡ଼ିଆ ଥିବାର ଏସବୁ ଐତିହାସିକ ପ୍ରମାଣ ଏବଂ "ବଙ୍ଗଭାଷା ଓ ସାହିତ୍ୟ" ପୁସ୍ତକ ଲେଖକ ୰ ଦୀନେଶଚନ୍ଦ୍ର ସେନ ମହାଶୟ ତାହାଙ୍କ ପୁସ୍ତକର ୨୨୧ ପୃଷ୍ଠାରେ ଏ ସତ୍ୟ ସ୍ୱୀକାର କରିଛନ୍ତି । ଧର୍ମବୀର ପ୍ରଭୁ ଶ୍ରୀଚୈତନ୍ୟ ଯେଉଁ ପ୍ରେମରସାମୃତ ସ୍ରୋତ ପ୍ରବାହିତ କରିଦେଇଅଛନ୍ତି, ଆଜପର୍ଯ୍ୟନ୍ତ ଲୋକେ ସେ ସ୍ରୋତରେ ଭାସମାନ ହେଉଛନ୍ତି । ଉତ୍କଳ ପକ୍ଷେ ଏହା କମ୍ ଗୌରବର ବିଷୟ ନୁହେ ।

ଅନ୍ୟାନ୍ୟ ଉତ୍କଳୀୟ ଧର୍ମବୀରମାନେ ବିଦେଶରେ ବିଜୟ-ପତାକା ଉଡ଼ାଇ ନ ଥିଲେ ମଧ୍ୟ ସ୍ୱଦେଶରେ ଆପଣା କାର୍ଯ୍ୟଦ୍ୱାରା ଧର୍ମରକ୍ଷା କରିଯାଇଛନ୍ତି । ଧର୍ମବୀର ଭକ୍ତାଗ୍ରଣୀ ଶ୍ରୀ ଜଗନ୍ନାଥ ଦାସ ଭାଗବତକୁ ଓଡ଼ିଆଭାଷାରେ ଅନୁବାଦ କରି ଲୋକସାଧାରଣଙ୍କୁ ଭାଗବତରସାମୃତ ପାନ କରାଇ ଧର୍ମରକ୍ଷା କରିଯାଇଅଛନ୍ତି । ମତ୍ତ ବଳରାମ ଦାସ, ଅଚ୍ୟୁତ, ଅନନ୍ତ ପ୍ରଭୃତି ଧର୍ମବୀରମାନେ ସ୍ୱଦେଶରେ ଧର୍ମରକ୍ଷା କରିବା ଉଦ୍ଦେଶ୍ୟରେ ଯଥେଷ୍ଟ କାର୍ଯ୍ୟ କରିଯାଇଛନ୍ତି । ଏମାନେ ବିଦେଶରେ ସ୍ୱମତ ପ୍ରଚାର କରି ନ ଥିଲେହେଁ ଆତ୍ମରକ୍ଷା କରିବାଲାଗି ପ୍ରଭୂତ ବୀରତ୍ୱ ଦେଖାଇଯାଇଛନ୍ତି । ଆଜ ଜଗନ୍ନାଥ, ବଳରାମ ଓ ସାରଳାଦାସଙ୍କ ନାମ ପ୍ରତି ପଲ୍ଲୀରେ ପ୍ରତିଧ୍ୱନିତ ହେଉଅଛି । ଏମାନେ ବୀରତ୍ୱ ଦେଖାଇ ନଥିଲେ

ଲୋକସାଧାରଣ ଧର୍ମୋପଦେଶ ଶ୍ରବଣରୁ ବଞ୍ଚିତ ହୋଇ ପଥଭ୍ରଷ୍ଟ ହୋଇଥାନ୍ତେ । ସୁତରାଂ ଦେଖାଯାଏ ଯେ ଧର୍ମରାଜ୍ୟରେ ଓଡ଼ିଆମାନେ ବୀରତ୍ୱ ଦେଖାଇବାରେ ତ୍ରୁଟି କରି ନ ଥିଲେ ।

କର୍ମରାଜ୍ୟରେ ଓଡ଼ିଆମାନେ କିପରି ବୀରତ୍ୱ ଦେଖାଇଥିଲେ, ଦେଖାଯାଉ । କର୍ମର ନାନା ବିଭାଗ ଅଛି । ଶିଳ୍ପବିଭାଗରେ ଓଡ଼ିଆମାନେ ଯେଉଁପରି ବୀରତ୍ୱ ଦେଖାଇଥିଲେ ତାହା ଜଗଦ୍‌ବିଖ୍ୟାତ ଏବଂ ଶିଳ୍ପାଧ୍ୟାୟରେ ତାହାର ପରିଚୟ ଦେଇଅଛୁଁ । କେବଳ ହାତ ସାହାଯ୍ୟରେ ଓଡ଼ିଆମାନେ ଯେଉଁ ଶିଳ୍ପଚାତୁରୀ ଓ କଳାକୁଶଳତା ଦେଖାଇଅଛନ୍ତି, ତାହା ଅଦ୍ୟାପି ଭୁବନେଶ୍ୱର ଏବଂ କୋଣାର୍କ ଦେଉଳରେ ଜୀବନ୍ତ ଭାବରେ ବିଦ୍ୟମାନ ଅଛି । ଆଜି ସେହି ବୀରତ୍ୱ-କୀର୍ତ୍ତି-ବୈଜୟନ୍ତୀକୁ ଦେଖିବା ଲାଗି ଦେଶ-ବିଦେଶରୁ ଲୋକେ ଆସି ଦେଖି ଆପଣାର ନୟନ-ମନ ତୃପ୍ତି କରୁଅଛନ୍ତି ଓ ମୁକ୍ତକଣ୍ଠରେ ବୀରତ୍ୱ କାହାଣୀ କୀର୍ତ୍ତନ କରୁଅଛନ୍ତି ।

ସାହିତ୍ୟ ବିଭାଗରେ ଓଡ଼ିଆ କବିମାନେ ଯେଉଁ ବୀରତ୍ୱ ଦେଖାଇଅଛନ୍ତି ତହିଁର ବିଶେଷ ବିବରଣ ସାହିତ୍ୟାଧ୍ୟାୟରେ ଦେଖାଇ ଦିଆଯାଇଛି । ସ୍ଥୂଳତଃ ପ୍ରାଚୀନ ପ୍ରାଦେଶିକ ସାହିତ୍ୟମାନଙ୍କ ତୁଳନାରେ ଓଡ଼ିଆ ସାହିତ୍ୟ କୌଣସି ଅଂଶରେ ନିକୃଷ୍ଟ ନୁହେଁ; ବରଂ ଅନେକାଂଶରେ ଶ୍ରେଷ୍ଠ । ଓଡ଼ିଆ ସାହିତ୍ୟର ଛନ୍ଦଲେଖା ପ୍ରଣାଳୀ ସମ୍ପୂର୍ଣ୍ଣ ନୂତନ ଧରଣର । ଅନ୍ୟ କୌଣସି ପ୍ରାଦେଶିକ ସାହିତ୍ୟରେ ଏପରି ଲେଖା ଅଛି କି ନା ସନ୍ଦେହ । ସାହିତ୍ୟିକ ବୀର ଉପେନ୍ଦ୍ର, ଭଞ୍ଜ, ସାମନ୍ତ ସିଂହାର, ଦୀନକୃଷ୍ଣ ପ୍ରଭୃତି ଧନୁ ଧରି ନ ଥିଲେ ଏ ବିଭାଗରେ ଓଡ଼ିଆଙ୍କ ନାମରେ ଖଡ଼ି ପଡ଼ି ନ ଥାନ୍ତା । ଏମାନଙ୍କ ରଚିତ ପୁସ୍ତକମାନ ଭାଷାନ୍ତରରେ ପ୍ରକାଶିତ ହେଲେ ଜଗତବାସୀ ଓଡ଼ିଆ ସାହିତ୍ୟର ଶ୍ରେଷ୍ଠତ୍ୱ, ମହତ୍ତ୍ୱ ଓ ଗୁଣ ଉପଲବ୍ଧି କରିପାରିବେ ଏବଂ କବିମାନଙ୍କ ବୀରତ୍ୱ ବିଷୟ ମୁକ୍ତକଣ୍ଠରେ ସ୍ୱୀକାର କରିବେ ।

ଯୁଦ୍ଧବିଦ୍ୟାରେ ଓଡ଼ିଆମାନେ ଊଣା ବୀରତ୍ୱ ଦେଖାଇ ନଥିଲେ । କୌଣସି ନିର୍ଦ୍ଦିଷ୍ଟ ବିଷୟ ଆଲୋଚନା କରିବାକୁ ହେଲେ ଦେଶ-କାଳ-ପାତ୍ରାନୁଯାୟୀ ବିଚାର ଆବଶ୍ୟକ । ବର୍ତ୍ତମାନ ଅବସ୍ଥା ଦୃଷ୍ଟିରେ ପ୍ରାଚୀନ କଥାର ବିଚାର କଲେ ଚଳିବ ନାହିଁ । ବର୍ତ୍ତମାନ ଇଉରୋପୀୟ ମହାସମର ବିଷୟ ଯେଉଁମାନେ ପାଠ କରୁଛନ୍ତି, ସେମାନେ ମନେ କରିବେ ଯେ ଓଡ଼ିଆମାନେ ଏପରି ସମରକୌଶଳ କେବେ ଦେଖାଇ ନଥିଲେ । ତେବେ ଯୁଦ୍ଧବିଦ୍ୟାରେ କି ଉନ୍ନତି କରିଥିଲେ । ଏକଥା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ଓଡ଼ିଆମାନେ ଜଳରେ ବୁଡ଼ିବା, ଆକାଶରେ ଉଡ଼ିବା ପ୍ରଭୃତି ଆଶ୍ଚର୍ଯ୍ୟଜନକ ଯନ୍ତ୍ର ଆବିଷ୍କାର କରିଥିବାର ପ୍ରମାଣ ମିଳିନାହିଁ । ମାତ୍ର ଏହା ବର୍ତ୍ତମାନ ପ୍ରଶ୍ନର ସମୀଚୀନ ଉତ୍ତର ହେବ ନାହିଁ ।

ମନୁଷ୍ୟଜାତି ଯୁଦ୍ଧରେ ପ୍ରବୃତ୍ତ ହୁଏ କାହିଁକି ? ମନୁଷ୍ୟଜାତି ପ୍ରଥମେ ଯେତେବେଳେ ବସତି କରିବାକୁ ଆରମ୍ଭ କଲା, ସେତେବେଳେ କୌଣସି ନିର୍ଦ୍ଦିଷ୍ଟ ଭୂଖଣ୍ଡ କୌଣସି ନିର୍ଦ୍ଦିଷ୍ଟ

ଜାତିର ସ୍ୱତ୍ୱ ସମ୍ପତ୍ତି ହୋଇ ନିର୍ଦ୍ଧାରିତ ହୋଇ ନଥିଲା । କାଳକ୍ରମେ ମନୁଷ୍ୟଜାତି ଆପଣା ଆପଣା ସୁଯୋଗ ସୁବିଧା ଅନୁସାରେ ଖଣ୍ଡେ ଖଣ୍ଡେ ଭୂଖଣ୍ଡ ମାଡ଼ିବସିଲେ ଏବଂ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ନାମରେ ସେହି ସେହି ଭୂଖଣ୍ଡର ନାମକରଣ କଲେ । ଅଧିକୃତ ଭୂଖଣ୍ଡର ଲୋକମାନେ ସ୍ଥାନର ନାମାନୁସାରେ ଆପଣାକୁ ସେହି ନାମରେ ପରିଚୟ ଦେଲେ । ପ୍ରତ୍ୟେକ ଅଧିକୃତ ଭୂଖଣ୍ଡର ଲୋକମାନଙ୍କ ଭାଷା ପୃଥକ୍, ଆଚାର-ବ୍ୟବହାର ପୃଥକ୍ ଏବଂ ଜଳବାୟୁ ଉପଯୋଗୀ ଖାଦ୍ୟସାମଗ୍ରୀ ପୃଥକ୍ ହୋଇପଡ଼ିଲା । କ୍ରମେ ମାନବ ଗୋଟିଏ ଜାତିରୁ ଅନେକ ଜାତିରେ ପରିଣତ ହେଲା । ଯେ ଯେଉଁ ସ୍ଥାନରେ କିଛିକାଳ ବାସକଲା, ସେ ସ୍ଥାନ ପ୍ରତି ତାହାର ମାୟା-ମମତା, ସ୍ନେହ ଓ ଆଦର ଜାତ ହେଲା । ଏକ ସ୍ଥାନରେ ରହିବା ଲୋକମାନଙ୍କ ମନରେ ପରସ୍ପର ପ୍ରତି ମାୟା-ମମତା ସୋଦର-ସ୍ନେହ ଜାତ ହୋଇ ଏକତା ସ୍ଥାପିତ ହେଲା । କ୍ରମେ ସାମାଜିକ ନିୟମମାନ ବିଧିବଦ୍ଧ ହେଲା, ସମାଜରେ ଶୃଙ୍ଖଳା ସ୍ଥାପିତ ହେଲା ଏବଂ ସାମାଜିକ ନିୟମ ଓ ଶୃଙ୍ଖଳା ରକ୍ଷା କରିବା ଲାଗି ରାଜାର ସୃଷ୍ଟି ହେଲା । ରାଜାଦେଶରେ ସକଳ କାର୍ଯ୍ୟ ପରିଚାଳିତ ହେଲା । କାଳକ୍ରମେ ଲୋକମାନଙ୍କ ବୁଦ୍ଧିର ବିକାଶ ହେଲା, ଜ୍ଞାନ ପ୍ରସାରିତ ହେଲା ଏବଂ ତହିଁ ସଙ୍ଗେ ସଙ୍ଗେ ମନୁଷ୍ୟ ସୁଖାନ୍ୱେଷଣ କରିବାକୁ ଆରମ୍ଭ କଲା । ସୁଖାନ୍ୱେଷଣ ପ୍ରବୃତ୍ତି ବୃଦ୍ଧି ହେବାରୁ ମନୁଷ୍ୟର ଅଭାବ କ୍ରମେ ବୃଦ୍ଧି ହେଲା । ସୁତରାଂ ମନୁଷ୍ୟ ତାତ୍କାଳିକ ଅବସ୍ଥାରେ ସନ୍ତୁଷ୍ଟ ନ ରହି ଆପଣା ବାସନା ଚରିତାର୍ଥ କରିବା ଉଦ୍ଦେଶ୍ୟରେ ଦୁର୍ବଳ ଉପରେ ଅତ୍ୟାଚାର କରିବାକୁ ଆରମ୍ଭ କଲା । ଏହି ସମୟ ବଡ଼ ବିଷମ ସମୟ । ଏ ସମୟରେ ଦୁର୍ବଳର ଆତ୍ମରକ୍ଷା କରିବାର ଚେଷ୍ଟା ଏବଂ ପ୍ରବଳର ଦୁର୍ବଳକୁ ବିତାଡ଼ିତ କରି ଆପଣା ଅଭାବ ପୂରଣ କରିବାର ଚେଷ୍ଟା, ଏହି ଉଭୟ ଚେଷ୍ଟା ମଧ୍ୟରେ ଯେଉଁ ଘାତ-ପ୍ରତିଘାତ ଇଚ୍ଛା ତାହାହିଁ ଯୁଦ୍ଧପ୍ରବୃତ୍ତି ଏବଂ ଏହି ପ୍ରବୃତ୍ତିକୁ କାର୍ଯ୍ୟରେ ପରିଣତ କରିବା ଲାଗି ଯେଉଁ କାର୍ଯ୍ୟ କରାଯାଏ ତାହା ଯୁଦ୍ଧକାର୍ଯ୍ୟ । ଯେଉଁ ଜାତିର ଯେତେବେଳେ ଏହି ପ୍ରବୃତ୍ତି ଯେତେ ବୃଦ୍ଧି ହୋଇଅଛି, ସେ ତାହାର ବାସନା ଚରିତାର୍ଥ କରିବା ଲାଗି ସେତେ ନୂତନ ନୂତନ ଉପାୟମାନ ଉଦ୍ଭାବନ କରିଛି ଏବଂ ଆପଣାର କୃତିତ୍ୱ ଦେଖାଇଛି ।

ବହିର୍ଜଗତର ଘଟଣା ସମ୍ବନ୍ଧରେ ଯାହା ସତ୍ୟ, ଅନ୍ତର୍ଜଗତରେ ମଧ୍ୟ ସେହି ନିୟମ କାର୍ଯ୍ୟ କରୁଛି । ପ୍ରତ୍ୟେକ ମନୁଷ୍ୟଠାରେ ଦୁଇଟି ପ୍ରକୃତି ପରିଲକ୍ଷିତ ହୁଏ—ଆଧ୍ୟାତ୍ମିକ ପ୍ରବୃତ୍ତି ଓ ପାର୍ଥିବ ପ୍ରବୃତ୍ତି । ଆଧ୍ୟାତ୍ମିକ ପ୍ରବୃତ୍ତି ପ୍ରବଳ ହେଲେ ସେ ପାର୍ଥିବ ପ୍ରବୃତ୍ତିକୁ ଦମନ କରି ଆଧ୍ୟାତ୍ମିକ ଜଗତରେ ଉନ୍ନତି କରିବାର ଇଚ୍ଛା କରେ ଏବଂ ପାର୍ଥିବ ପ୍ରବୃତ୍ତି ପ୍ରବଳ ହେଲେ ସେ ଆଧ୍ୟାତ୍ମିକ ପ୍ରବୃତ୍ତିକୁ ଦମନ କରି ପାର୍ଥିବ-ଜଗତରେ ଉନ୍ନତି କରିବାରେ ମନ ବଳାଏ । ଆଧ୍ୟାତ୍ମିକ ମାର୍ଗରେ ଗମନ କଲେ ଲୋକ ଈଶ୍ୱରତତ୍ତ୍ୱ ଆଲୋଚନା କରିବାରେ ପ୍ରବୃତ୍ତ ହୁଏ ଏବଂ ଈଶ୍ୱରପ୍ରାପ୍ତି ହିଁ ତାହାର ଚରମ ସୀମା । ପାର୍ଥିବ ମାର୍ଗରେ ଗମନ କଲେ ଲୋକ ଧନଚିନ୍ତାରେ ମଗ୍ନ ହୁଏ ଏବଂ ଛଳେ-ବଳେ-କୌଶଳେ ଧନାର୍ଜନ କରି

ଐଶ୍ୱର୍ଯ୍ୟ ଭୋଗ କରିବା ହିଁ ତାହାର ଚରମ ସୀମା । ମାନବର ଅନ୍ତର୍ଜଗତ ମଧ୍ୟରେ ଏହି ଯୁଦ୍ଧ ଚିରକାଳ ଲାଗିଛି । ଏହାହିଁ ପ୍ରକୃତରେ ଦେବାସୁର ଯୁଦ୍ଧ । ଗୁଣର ତାରତମ୍ୟ ଅନୁସାରେ ଏହି ପ୍ରବୃତ୍ତିର ତାରତମ୍ୟ ହୁଏ । ପ୍ରତ୍ୟେକ ଲୋକ ସତ୍ତ୍ୱ, ରଜ ଓ ତମ ଗୁଣାଧୀନ । ସତ୍ତ୍ୱଗୁଣାଧିକ୍ୟରେ ଆଧ୍ୟାତ୍ମିକ ପ୍ରବୃତ୍ତିର ପ୍ରବଳତା ଏବଂ ଗୁଣାଧିକ୍ୟରେ ଆସୁରିକ ବା ପାର୍ଥିବ ପ୍ରବୃତ୍ତିର ପ୍ରବଳତା ହୁଏ ।

ଏହି ନୈସର୍ଗିକ ନିୟମାନୁସାରେ ଜଗତ୍ ପରିଚାଳିତ । କ୍ରମବିକାଶ ଜଗତର ନିୟମ । ଯୁଦ୍ଧବିଦ୍ୟା ସମ୍ବନ୍ଧରେ ମଧ୍ୟ ଏହି ନିୟମ ପ୍ରଯୁଜ୍ୟ । ସୁତରାଂ ପ୍ରାଚୀନ ଉତ୍କଳର ଯୁଦ୍ଧବିଦ୍ୟା ବିଷୟରେ ଆଲୋଚନା କରିବାକୁ ହେଲେ ଉତ୍କଳର ତତ୍କାଳୀନ ଅବସ୍ଥା ଓ ଯୁଦ୍ଧନିୟମ ପ୍ରତି ଦୃଷ୍ଟି ଦେବାକୁ ହେବ । ଏହି ନିୟମ ନିକଟରେ ଉତ୍କଳ ଓଡ଼ିଆମାନଙ୍କର ଯୁଦ୍ଧବିଭାଗୀୟ ବୀରତ୍ୱ ପରୀକ୍ଷା କରିବାକୁ ହେବ ।

ମାଦଳାପାଞ୍ଜିରୁ ଦେଖାଯାଏ ଯେ ଶକ ଜାତି ଓଡ଼ିଶା ଆକ୍ରମଣ କରି ଜୟୀ ହୋଇ ୩୦ ବର୍ଷ କାଳ ଆଧିପତ୍ୟ ବିସ୍ତାର କରିଥିଲେ । ମାତ୍ର ବୀର ବିକ୍ରମଜିତ ରାଜାଙ୍କଦ୍ୱାରା ପରାସ୍ତ ହୋଇଥିଲେ । ବୀର ବିକ୍ରମଜିତ ଶକମାନଙ୍କୁ ମାରି ଜୟ ଏବଂ ସ୍ମାରକଚିହ୍ନ ସ୍ୱରୂପ ଶକାବ୍ଦ ବର୍ଷ ଆରମ୍ଭ କରି ପାଞ୍ଜିରେ ଲେଖିଲେ । ବୀର ବିକ୍ରମଜିତ ଓଡ଼ିଶାରେ ୪୦ ବର୍ଷ ରାଜତ୍ୱ କରିଥିଲେ । ଓଡ଼ିଆମାନଙ୍କ ବୀରତ୍ୱ କାହାଣୀ ପ୍ରଥମେ ଏହି ଘଟଣାରୁ ପରିଚୟ ମିଳେ । ମାତ୍ର ହଣ୍ଟର ସାହେବଙ୍କ ଇତିହାସରୁ ଜଣାଯାଏ ଯେ ବଜ୍ରଦେବଙ୍କ ରାଜତ୍ୱ ସମୟରେ ଦିଲ୍ଲୀ ଓ କାବୁଲର ଯବନମାନେ ଆସି ଓଡ଼ିଶା ଆକ୍ରମଣ କରି ଓଡ଼ିଆମାନଙ୍କଦ୍ୱାରା ପରାସ୍ତ ହୋଇଥିଲେ । ବଜ୍ରଦେବ ଖ୍ରୀଷ୍ଟପୂର୍ବ ୫୩୮ ଠାରୁ ୪୨୧ ବର୍ଷ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ।

ମାନକୃଷ୍ଣ ଦେବଙ୍କ ରାଜତ୍ୱ ସମୟରେ କାଶ୍ମୀର ଦେଶରୁ ଯବନମାନେ ଆସି ଓଡ଼ିଶା ଆକ୍ରମଣ କଲେ ଏବଂ ଓଡ଼ିଆମାନଙ୍କଦ୍ୱାରା ପରାସ୍ତ ହେଲେ । ମାନକୃଷ୍ଣଦେବ ଖ୍ରୀଷ୍ଟପୂର୍ବ ୩୦୬ ଠାରୁ ୧୮୪ ବର୍ଷ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଭୋଜଦେବ ଖ୍ରୀଷ୍ଟପୂର୍ବ ୧୮୪ ଠାରୁ ୫୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏହାଙ୍କ ରାଜତ୍ୱ ସମୟରେ ଯବନମାନେ ଓଡ଼ିଶା ଆକ୍ରମଣ କରି ପରାସ୍ତ ହୋଇଥିଲେ । ଏହାଙ୍କ ପରେ ବୀର ବିକ୍ରମଜିତ ବା ଶକାବ୍ଦିତ୍ୟ ଖ୍ରୀଷ୍ଟ ୫୭ ଅବ୍ଦଠାରୁ ୭୮ ଅବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ମାଦଳାପାଞ୍ଜି ସହିତ ହଣ୍ଟର ସାହେବଙ୍କ ଗଣନାର ଅମେଳ ଦେଖାଯାଏ । ଉପରେ କହିଛୁ, ମାଦଳାପାଞ୍ଜି ଅନୁସାରେ ଏହାଙ୍କର ଜନ୍ମକାଳ ୪୦୪ ବର୍ଷ; ମାତ୍ର ହଣ୍ଟର ସାହେବଙ୍କ ଅନୁସାରେ ୨୧ ବର୍ଷ । ସୁତରାଂ ଖ୍ରୀଷ୍ଟପୂର୍ବ ୫୩୮ ବର୍ଷ ଅର୍ଥାତ୍ ଆଜଠାରୁ ୨୪୫୫ ବର୍ଷ ପୂର୍ବରୁ ଓଡ଼ିଆଙ୍କ ବୀରତ୍ୱ କାହାଣୀ ଇତିହାସରୁ ପ୍ରମାଣିତ ହେଉଅଛି । ମାତ୍ର ହଣ୍ଟର ସାହେବଙ୍କ ଗଣନାରେ ଭ୍ରମ ଥିବା ବିଷୟ ପରେ ଅନ୍ୟ ଅଧ୍ୟାୟରେ ଆଲୋଚନା କରାଯିବ । କିନ୍ତୁ ୨୫୦୦ ବର୍ଷ ପୂର୍ବରୁ ଓଡ଼ିଆମାନେ ବୀରତ୍ୱ ଦେଖାଇଥିବାର ନିଃସନ୍ଦେହରେ ବୁଝାଯିବ ।

ଶୋଭନଦେବଙ୍କ ରାଜତ୍ୱ ସମୟରେ ରକ୍ତବାହୁ ସମୁଦ୍ରପଥରେ ଆସି ଓଡ଼ିଆ ଆକ୍ରମଣ କଲା ଏବଂ ଶୋଭନଦେବ ୩୧୯ ଖ୍ରୀଷ୍ଟାବ୍ଦରୁ ୩୨୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ମାଦଳାପାଞ୍ଜିରେ ଲେଖାଅଛି ଯେ ଏହି ରାଜାଙ୍କ ୨ ଅଙ୍କରେ ଦିଲ୍ଲୀରୁ ରକ୍ତବାହୁ ଆସି ଓଡ଼ିଶା ଆକ୍ରମଣ କଲା । ଏ ରାଜାଙ୍କ ଅମଳରେ ଘୋର ଯୁଦ୍ଧ ହୋଇଥିଲା । ମାଦଳାପାଞ୍ଜି କହେ, "ରକ୍ତବାହୁ ଆସିବା ବାର୍ତ୍ତା ପାଇ ପରମେଶ୍ୱରଙ୍କୁ ସୁନପୁର ଗୋପନେ ଘେନିଗଲେ । ସେଠାରେ ମଣ୍ଡପ କରାଇ ବିଜେ କରାଇଲେ ୪୫ ବର୍ଷ । ଏ ଉତ୍ତାରୁ ମୋଗଲ ପ୍ରବଳ ହୋଇଲାରୁ ସେବକ ସେଠାରେ ପରମେଶ୍ୱରଙ୍କୁ ପାତାଳି କରି ଉପରେ ଗଛ ଲଗାଇ ରାଜ୍ୟ ଅନ୍ତର ହୋଇଗଲେ । ପାଢଶାଙ୍କ ଅମୁରା ରକ୍ତବାହୁ ଶ୍ରୀପୁରୁଷୋତ୍ତମ ବୁଲି ଅଇଲା । ରାଜ୍ୟ ଉଜାଡ଼ି ହୋଇଲାରୁ ଉପରେ ଗଛ ଲଗାଇ ରାଜ୍ୟରୁ ଅନ୍ତର ହୋଇଗଲେ । ଏ ରାଜା ଅନେକ ଯୁଦ୍ଧ କଲେ ମାତ୍ର ରହି ନପାରି ଖିଡ଼ିଖଣ୍ଡ ଭିତରେ ରହିଲେ । ଶ୍ରୀଚନ୍ଦ୍ର ନରଦେବ ୧୩ ବର୍ଷ ରାଜତ୍ୱ କଲେ । ଏ ଉତ୍ତାରୁ ହତପାଛ ହୋଇ ମୋଗଲ ୩୫ ବର୍ଷ ରାଜତ୍ୱ କଲେ ।"

ଏଥିରୁ ଜଣାଯାଏ ଯେ ଓଡ଼ିଆମାନଙ୍କ ଉପରେ ବିପଦ ପଡ଼ିଲାବେଳେ ସେମାନେ ଦମ୍ଭ ଓ ସାହସପୂର୍ବକ ଶତ୍ରୁମାନଙ୍କ ସହିତ ଯୁଦ୍ଧ କରୁଥିଲେ; ବିବ୍ରତ ହୋଇ ନଥିଲେ । ପ୍ରାଣସର୍ବସ୍ୱ ଦେବଦେବ ଜଗନ୍ନାଥଦେବଙ୍କୁ ରକ୍ଷା କରିବାରେ ତ୍ରୁଟି କରି ନଥିଲେ । ସୁତରାଂ ରାଜ୍ୟରକ୍ଷା କରିବା ସଙ୍ଗେ ସଙ୍ଗେ ଧର୍ମ୍ମ ରକ୍ଷା କରିଥିଲେ । ଧନ ସମ୍ପତ୍ତି ଉପରେ କିଏ ଅତ୍ୟାଚାର କରିବ ସେଥିଲାଗି ଓଡ଼ିଆ ଯେତେ ବ୍ୟତିବ୍ୟସ୍ତ ହୋଇନାହିଁ, ଜଗନ୍ନାଥଦେବଙ୍କ ମୂର୍ତ୍ତି ଯେପରି ଶତ୍ରୁହସ୍ତରେ ଅପମାନିତ ନ ହୁଏ, ତହିଁପ୍ରତି ବିଶେଷ ଲକ୍ଷ୍ୟ ରଖି କାର୍ଯ୍ୟ କରିଛି ।

ରାଜା ଯଯାତିକେଶରୀଙ୍କ ରାଜତ୍ୱ ସମୟରେ ଓଡ଼ିଶା ପୁଣି ସ୍ୱାଧୀନ ହେଲା । ଯଯାତିକେଶରୀ ଖ୍ରୀଷ୍ଟାବ୍ଦ ୪୭୪ ଠାରୁ ୫୨୬ ପର୍ଯ୍ୟନ୍ତ ରାଜତ୍ୱ କଲେ । ଯବନମାନଙ୍କ ସହିତ ଓଡ଼ିଆମାନଙ୍କର ଘୋରତର ଯୁଦ୍ଧ ହେଲା । ଯବନମାନେ ପରାଜିତ ହୋଇ ଓଡ଼ିଶା ତ୍ୟାଗକରି ପଳାୟନ କଲେ ।

ରାଜା ଗଙ୍ଗେଶ୍ୱରଦେବ ରାଜ୍ୟବିସ୍ତାର କରିବାରେ ମନ ବଳାଇଥିଲେ ଏବଂ ଓଡ଼ିଆ-ମାନେ ଯୁଦ୍ଧ କରି ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ । ଗଙ୍ଗେଶ୍ୱର ଦେବ ୧୧୫୨—୧୧୬୬ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ।

ପୁରୁଷୋତ୍ତମ ଦେବଙ୍କ ରାଜତ୍ୱ ସମୟରେ କାଞ୍ଚିଯୁଦ୍ଧ ସଂଘଟିତ ହୋଇଥିଲା । ରାଜା ପୁରୁଷୋତ୍ତମଦେବ ୧୪୭୯—୧୫୦୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଆମ୍ଭ ଦେଶରେ କଥା ଅଛି, "କମାଣି ଖେଳରୁ ମହାଭାରତ ଯୁଦ୍ଧ ଆରମ୍ଭ" । କଥାଟା ଅକ୍ଷରେ ଅକ୍ଷରେ ସତ୍ୟ । ଏକା ମହାଭାରତ ଯୁଦ୍ଧ କାହିଁକି, ପୃଥିବୀରେ ଯେତେବେଳେ ଯେଉଁ ଲୋକ-କ୍ଷୟକାରୀ ଯୁଦ୍ଧ ସଂଘଟିତ ହୋଇଅଛି, ତାହାର ମୂଳ କାରଣ ଅତି ସାମାନ୍ୟ । ପଶା ଖେଳୁ

ଖେଳୁ ଦୁଇଭାଇଙ୍କ ମଧ୍ୟରେ ବିବାଦ ହେଲା; ଫଳରେ ମହାଭାରତର ଯୁଦ୍ଧ ହୋଇ ଭାରତ ନିକ୍ଷତ୍ରିୟ ହେଲା । ମୁନିଙ୍କ ସହିତ କପଟାଚରଣ କରି ପୁରୁଷ ନାରୀବେଶ ଧରୁ ଧରୁ ଯଦୁବଂଶ ନାଶ ହେଲା । ୧୯୧୪ ଖ୍ରୀଷ୍ଟାବ୍ଦରେ ଯେଉଁ ଭୀଷଣ ସଂଗ୍ରାମ ସମଗ୍ର ପୃଥିବୀକୁ ଟଳମଳ କରିଥିଲା, ତା ମୂଳରେ ଅତି ସାମାନ୍ୟ କାରଣ । ସର୍ଭିଆ ରାଜପୁତ୍ର ନିହତ ହେଲେ, ଅପରାଧୀମାନଙ୍କର କେଉଁ ସ୍ଥାନରେ ବିଚାର ହେବ ଏଥିଲାଗି ବିବାଦ ହେଉଁ ହେଉଁ ଭୂମୁଳ କାଣ୍ଡ ଲାଗିଗଲା । ଏହା ପ୍ରକୃତିର ନିୟମ ।

କାଞ୍ଚିଯୁଦ୍ଧ ମୂଳରେ ମଧ୍ୟ ଅତି ତୁଚ୍ଛ କାରଣ ଥିଲା । କାଞ୍ଚିରାଜକେମାନଙ୍କ ସହିତ ରାଜା ପୁରୁଷୋତ୍ତମଦେବଙ୍କ ପାଣିଗ୍ରହଣ ହେବାର ପ୍ରସ୍ତାବ ଚାଲିଥିଲା । ରଥଯାତ୍ରା ସମୟରେ କାଞ୍ଚି ରାଜା ପୁରୀକୁ ଆସିଥିଲେ ଏବଂ ପୁରୁଷୋତ୍ତମଦେବ ଅତି ସାମାନ୍ୟ ଲୋକ ପରି ଛେରାପହଁରା କାର୍ଯ୍ୟ କରୁଥିବାର ଦେଖିଲେ । କାଞ୍ଚିରାଜାଙ୍କ ମନରେ ଘୃଣାର ଉଦ୍ରେକ ହେଲା ଏବଂ ସେ କନ୍ୟା ସମ୍ପ୍ରଦାନ ପ୍ରସ୍ତାବରେ ଅସ୍ୱୀକୃତ ହେଲେ । ଏହି ମନୋମାଳିନ୍ୟ ହେତୁ କାଞ୍ଚିଯୁଦ୍ଧ ହେଲା । ପୁରୁଷୋତ୍ତମଦେବ ସସୈନ୍ୟରେ କାଞ୍ଚି ଉପରେ ଚଢ଼ାଉ କରି ଏବଂ କାଞ୍ଚିରାଜାଙ୍କୁ ପରାସ୍ତ କରି ତାଙ୍କ କନ୍ୟାର ପାଣିଗ୍ରହଣ କଲେ ଏବଂ ସତ୍ୟବାଦୀ ଗୋପୀନାଥଙ୍କୁ ଘେନି ଆସିଲେ ।

ଏ ଘଟଣା ପରେ ତେଲଙ୍ଗା ମୁକୁନ୍ଦଦେବଙ୍କ ରାଜତ୍ୱ ସମୟରେ ଘୋର ଯୁଦ୍ଧ ଆରମ୍ଭ ହେଲା । ମାଦଳା ପାଞ୍ଜିରେ ଲେଖାଅଛି ଯେ "ଏ ରାଜା ଅ ୧୦ ଙ୍କେ ଗଙ୍ଗା କଟକାଇ କଲେ, ଢ଼ିଲ ପାତଶା ସଙ୍ଗେ ପୀରତି ହୋଇଲେ, ଗୌଡ଼ ପାତଶା ସଙ୍ଗେ ଅପ୍ରୀତି ହୋଇଲେ, ଗଙ୍ଗାରେ ନାବ ଖେଳିଲେ । ଏହା ଗୌଡ଼ ପାତଶା ବାରତା ପାଇଲେ । ବହୁତ ସୈନ୍ୟ ଘେନି ସେ ବାହି ଅଇଲେ । ତାହା ଜାଣି ରଜା କୋଟି ଶମିଗଡ଼ ଆବରି ରହିଲେ । ସେଠାରେ ରଜାଙ୍କର ପାତଶାଙ୍କର ବହୁତ ଯୁଦ୍ଧ ହେଲା । ଅନେକ ଫଉଜ ଦୁଇଆଡ଼ୁ ମଲେ । କେହି କାହାକୁ ଘୁଞ୍ଚାଇ ନ ପାରିଲେ । ଏମନ୍ତେ କଳାପାହାଡ଼ ପଶ୍ଚିମ ଆଡ଼ୁ କାଂଶବାଂଶ ଦେଇ କଟକ ଆସି ବେଢ଼ିଲେ । କଟକେ ଥିଲା ଯେ କୋନି ସାନ୍ତ ସିଂହାରେ ବହୁତ ଯୁଦ୍ଧ କଲେ । ସେ ଯୁଦ୍ଧରେ ଗଡ଼ରେ ତେତେବେଳେ ଶ୍ରୀନଗର ଜୁରି କଲେ । ରାମଚନ୍ଦ୍ର ଭଞ୍ଜ ଯେ ଶାରଙ୍ଗଗଡ଼ ଧରିଥିଲା ସେ ପୁଣି ଗୋଲରେ ରଜା ହୋଇଲେ । କୋଟି ଶମିଗଡ଼ରେ ମୁକୁନ୍ଦଦେବ ଥିଲେ । ଶ୍ରୀନଗରକୁ ଯିବାବେଳେ ରାମଚନ୍ଦ୍ର ରଜା ହେବା ବାରତା ପାଇଲେ । ସେ ପାତଶାଙ୍କୁ ପଇଠ ପଶିଲେ । ରାମଚନ୍ଦ୍ର ଦେବ ଯେ ଶାରଙ୍ଗଗଡ଼ରେ ଥିଲେ ମୁକୁନ୍ଦଦେବ ତହିଁ ଯୁଦ୍ଧ କଲେ । ତହୁଁ ସେ ଦୁଇ ରାଜା ଯୁଦ୍ଧ କଲେ । ମୁକୁନ୍ଦଦେବଙ୍କୁ ରାମଚନ୍ଦ୍ର ଦେବ ମାଇଲେ । ରାମଚନ୍ଦ୍ରଙ୍କୁ ପତଶାଙ୍କ ଲୋକେ ମାଇଲେ ।" ଓଡ଼ିଶା ଅରାଜକ ହେଲା ଏବଂ କଳାପାହାଡ଼ ଲୋକଙ୍କ ଉପରେ ଅତ୍ୟାଚାର ଆରମ୍ଭ କଲା । ଧର୍ମ, ଧନ ଓ ମାନ ନିରାପଦ ରହିଲା ନାହିଁ । ହିନ୍ଦୁ ଦେବଦେବୀଙ୍କ ଉପରେ ନାନାପ୍ରକାର ଅତ୍ୟାଚାର ଆରମ୍ଭ କଲା । କୌଣସି ଦେବଦେବୀ

ତାଙ୍କ ଅତ୍ୟାଚାରରୁ ରକ୍ଷା ପାଇ ନ ଥିଲେ । ପ୍ରତ୍ୟେକ ଦେବଦେବୀଙ୍କୁ ଖଣ୍ଡିଆ କରି ଦେଇଥିଲା ବୋଲି ପ୍ରବାଦ ଅଛି । ଆଜିପର୍ଯ୍ୟନ୍ତ ଲୋକେ କଳାପାହାଡ଼ କଥା ଭୁଲି ନାହାନ୍ତି ।

ଏତେ କାଳ ଓଡ଼ିଆମାନେ ଆପଣା ବାହୁବଳଦ୍ୱାରା ଜୟୀହୋଇ ଆସୁଥିଲେ ଏବଂ ଓଡ଼ିଶାର ସ୍ୱାଧୀନତା ଅକ୍ଷୁଣ୍ଣ ଥିଲା । ମାତ୍ର ଏଥର ଓଡ଼ିଆମାନେ ହାରିଲେ କାହିଁକି ? ଅନ୍ତର୍ବିବାଦ ଏଥିର ମୂଳ କାରଣ । ସ୍ୱାର୍ଥାନ୍ଧ ରାମଚନ୍ଦ୍ର ଭଞ୍ଜ ଆପଣା ସ୍ୱାର୍ଥସିଦ୍ଧି କରିବାକୁ ଯାଇ ଓଡ଼ିଶାକୁ ଶତ୍ରୁ ହସ୍ତରେ ଦେଲା ଏବଂ ଆପେ ମଲା । ମୁକୁନ୍ଦଦେବ ତେତେବେଳେ କିଂକର୍ତ୍ତବ୍ୟବିମୂଢ଼ ହେଲେ । ବହିଃଶତ୍ରୁ ସହିତ ଯୁଦ୍ଧ କରିବେ ନା ଆପଣା ସିଂହାସନ ରକ୍ଷା କରିବେ, ଏ ଉଭୟ ସଙ୍କଟରେ ପଡ଼ି ମୁକୁନ୍ଦଦେବ ଶତ୍ରୁ ହସ୍ତରେ ଆତ୍ମସମର୍ପଣ କଲେ । ଏଥିରେ ସୈନ୍ୟମାନଙ୍କର କିଛି ଦୋଷ ନଥିଲା କିମ୍ବା ସେମାନେ ସମ୍ମୁଖ-ଯୁଦ୍ଧରେ ପରାସ୍ତ ହୋଇ ନଥିଲେ ।

ପ୍ରତ୍ୟେକ ଆକ୍ରମଣ ବେଳେ ମୋଗଲମାନଙ୍କ ଭୟରେ ଜଗନ୍ନାଥ ସ୍ଥାନାନ୍ତରିତ ହୋଇଥିଲେ । କଳାପାହାଡ଼ ମଧ୍ୟ ଜଗନ୍ନାଥଙ୍କ ପ୍ରତି ଯଥେଷ୍ଟ ଅତ୍ୟାଚାର କରିଥିବା ବିଷୟ ମାଦଳାପାଞ୍ଜିରୁ ଜଣାଯାଏ । ମାଦଳାପାଞ୍ଜି କହେ, "ପରୀକ୍ଷା ଦିବ୍ୟସିଂହ ପଟ୍ଟନାୟକ ଠାକୁରଙ୍କୁ ଘେନିଗଲା । ଏ ଗୋଳରେ ପରମେଶ୍ୱରଙ୍କୁ ଛପିଲି ହାଡ଼ିପଡ଼ାରେପାତାଳି କରିଥିଲେ । ତହିଁକି ବୋଲି କଳାପାହାଡ଼ ଯାଇ ଠାବ କଲା । ମୁହାଣ ପାରି ହୋଇ ଗଲା, ବେଉଁଆ କଢ଼ାଇ ଅଣ୍ଟାକ ପାଣିରେ ନେଲା । ସେଠାରୁ ପରମେଶ୍ୱରଙ୍କୁ ହାତିରେ ପକାଇ ଆଣିଲା । ବାନେ କୋଟି ଭଣ୍ଡାର ସେଠାରେ ଜୁରି କଲା । ବଡ଼ଦେଉଳ ଅଁଳାସରି ଯାଏ ଭଙ୍ଗାଇଲା । ଯେତେ ଦେବତାମାନେ ପିତୁଳାମାନ ସବୁଙ୍କୁ ହିଁ ଖୁଣ କଲା । କଳ୍ପବଟ ଖୋଳାଇ ପକାଇଲା । ଘୋଡ଼ାନଣ୍ଡି ପୂରାଇ ନିଆଁ ଲଗାଇଲା । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଗଙ୍ଗାକୂଳ ଭଣ୍ଡାଯାଏ ନେଲା । କାଠ କୁଢ଼ାଇ ଅଗ୍ନିରେ ପକାଇଲା । ତେଣେ ପଠାଣର ଦେହ ଖଣ୍ଡ ଖଣ୍ଡ ହୋଇ ଫାଟିଗଲା । କାର୍ଯ୍ୟ କହିଲା, ଓଡ଼ିଶା ଦିଅଁ ଜଳାଇଲୁ, ତେଣୁକରି ତୋ ଦେହ ଫାଟିଗଲା । ଏହା ଶୁଣି ତା ପୁଅ ପରମେଶ୍ୱରଙ୍କୁ ଗଙ୍ଗାରେ ମେଲିଦେଲା । ସେ ଦାରୁ ଭାସି ଆସନ୍ତେ ଅମୁରି ଗୋଟିଏ ଜାଲକାଠ ବୋଲି ଧରି ତା ବାଉରେ ପକାଇଲା । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ନେଲା ବେଳେ ବିସର ମହାନ୍ତି ଯାଇଥିଲା । ବୈଷ୍ଣବ ହୋଇ ସଙ୍ଗେ ଗୋଡ଼ାଇ ଥିଲା । ଆଠମାସ ରହି ବାଦ୍ୟପଣ କରି ଦାରୁ ମାଗିଲା । ବ୍ରହ୍ମକୁ ମୃଦଙ୍ଗ ଖୋଳରେ ପୂରାଇ ଘେନିଆସି କୁଜଙ୍ଗ ଗଡ଼ରେ ଆଣି ପ୍ରବେଶ କଲା । କଣେ ଖଣ୍ଡାଏତ ଘରେ ରଖାଇଲା ।"

ଏ ଭୟାବହ ଲୋମହର୍ଷଣକାରୀ ହୃଦୟବିଦାରକ ଘଟଣା ମାଦଳାପାଞ୍ଜିରେ ସ୍ୱର୍ଣ୍ଣାକ୍ଷରରେ ଲିଖିତ ଅଛି । ଏହିଦିନୁ ଓଡ଼ିଶାରୁ ସ୍ୱାଧୀନତା ଗଲା ଏବଂ ଓଡ଼ିଶା ରାଜା ଓଡ଼ିଶା

ସିଂହାସନ ହରାଇଲେ । ୧୫୬୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଶାରେ କେହି ରାଜା ନ ଥିଲେ । ୧୫୭୮ ଖ୍ରୀଷ୍ଟାବ୍ଦରେ ରାଜା ରାମଚନ୍ଦ୍ର ଦେବ ଟୋଡ଼ରମଲ୍ଲଙ୍କ ଆନୁକୂଲ୍ୟରୁ ଖୋରଧାର ରାଜା ହେଲେ । ଏହି ସମୟରୁ ଓଡ଼ିଶାର ରାଜାମାନେ ଖୋରଧାରାଜା ହେଲେ ।

ମୋଗଲ, ପଠାଣ ଓ ମରହଟ୍ଟାମାନେ କ୍ରମେ ଓଡ଼ିଶା ଆକ୍ରମଣ କରି ଦେଶବାସୀମାନଙ୍କ ଧନ ଲୁଣ୍ଠନଦ୍ୱାରା ଲୋକମାନଙ୍କୁ ଲଣ୍ଡଭଣ୍ଡ କଲେ । ୧୬୦୭ ଖ୍ରୀଷ୍ଟାବ୍ଦଠାରୁ ୧୮୦୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦେଶବାସୀମାନେ ମୁହୂର୍ତ୍ତେ ସୁଦ୍ଧା ଶାନ୍ତିରେ କାଳଯାପନ କରି ପାରିଲେ ନାହିଁ । ଏମାନଙ୍କ ଅତ୍ୟାଚାରରୁ ରକ୍ଷା ପାଇବା ଲାଗି ଲୋକେ ଲୁଚିରହିଲେ, ଘର ଛାଡ଼ି ବଣରେ ଆଶ୍ରୟ ନେଲେ । ଆପଣା ବ୍ୟବସାୟ-ବାଣିଜ୍ୟରେ ମନ ଦେଇ ପାରିଲେ ନାହିଁ । କ୍ରମେ ଲୋକମାନେ ହୀନବୀର୍ଯ୍ୟ ହୋଇପଡ଼ିଲେ । ସାହସ ଊଣା ହୋଇଗଲା । ତଥାପି ମରହଟ୍ଟାମାନଙ୍କ ସହିତ ଓ ମୋଗଲଙ୍କ ସହିତ ଯୁଦ୍ଧ କରିବାରେ ତ୍ରୁଟି କରି ନ ଥିଲେ ।

ଓଡ଼ିଶା ଇଂରେଜମାନଙ୍କ ହସ୍ତଗତ ହେବା ପୂର୍ବରୁ ଛାରଖାର ହୋଇ ଅନ୍ତଃସାରଶୂନ୍ୟ ହୋଇଥିଲା । ମରହଟ୍ଟାମାନଙ୍କ କ୍ରୂର ଅତ୍ୟାଚାରଦ୍ୱାରା ପ୍ରପୀଡ଼ିତ ହୋଇ ଓଡ଼ିଶାବାସୀ ଆର୍ତ୍ତସ୍ୱରରେ ଡାକାପକାଇଥିଲେ । ଯୁଦ୍ଧ କରିବାଲାଗି ଦୈହିକ ବଳ ଆବଶ୍ୟକ ଏବଂ ଦୈହିକ ବଳ ବୃଦ୍ଧି ଲାଗି ପ୍ରଚୁର ଖାଦ୍ୟ ଆବଶ୍ୟକ । ମରହଟ୍ଟା କର୍ମ୍ମଚାରୀମାନେ ଲୋକମାନଙ୍କ ଉପରେ ଏପରି ଅତ୍ୟାଚାର ଆରମ୍ଭ କଲେ ଯେ ଲୋକଙ୍କ ବାଡ଼ିରେ ଶାଗପତ୍ର ରହିଲା ନାହିଁ । ସୁତରାଂ ପେଟଚିନ୍ତା ଆରମ୍ଭ ହେଲା । "ବୁଭୁକ୍ଷିତ କିଂ ନ କରୋତି ପାପଂ" ନୀତି ଅନୁସାରେ ଲୋକେ ଆପଣା ଉଦରଜ୍ୱାଳା ନିବୃତ୍ତି ଲାଗି କର୍ତ୍ତବ୍ୟାକର୍ତ୍ତବ୍ୟ ସ୍ଥିର ରଖିପାରିଲେ ନାହିଁ, ପାପପୁଣ୍ୟ ବିଚାର କରିପାରିଲେ ନାହିଁ । ଆପଣା ସ୍ୱାର୍ଥକୁ ଦେଶସ୍ୱାର୍ଥ ବୋଲି ମନେକଲେ । କାହାର ମନ କାହାର ସହିତ ମିଳିଲା ନାହିଁ । ଯେ ଯାହା ବାଟରେ ସେ ଗଲା । ମୋ ଭାଇର ଅନିଷ୍ଟ ହେଉ ପଛକେ ମୋର ସ୍ୱାର୍ଥସିଦ୍ଧି ହେଲେ ହେଲା, ଏହି ନୀତି ପ୍ରତ୍ୟେକ ଅନୁସରଣ କଲା । ସମାଜରେ ବିଶୃଙ୍ଖଳା ଉପସ୍ଥିତ ହେଲା । ସୈନିକ ପୁରୁଷମାନେ ଖାଦ୍ୟାଭାବରୁ ଆପଣା ଆପଣା ଅସ୍ତ୍ରଶସ୍ତ୍ର ବିକିଲେ, ଚୁଲିଜାଳ କଲେ, ପଖାଳଭାତ ପର୍ଯ୍ୟନ୍ତ ଖାଇବାକୁ ପାଇଲେ ନାହିଁ । ଏହି ଦୁରବସ୍ଥାର ଚରମ ସୀମାରେ ଉପସ୍ଥିତ ହୋଇ "ରକ୍ଷାକର, ରକ୍ଷାକର" ବୋଲି ଭଗବାନଙ୍କୁ ପ୍ରାର୍ଥନା କଲେ ।

ଏହି ଅଥଳ ଅକୂଳ ଅତ୍ୟାଚାର-ମହାର୍ଣ୍ଣବରେ ଭାସମାନ ହେଉଥିବା ବେଳେ ଓଡ଼ିଶାରେ ଇଂରେଜମାନଙ୍କର ଆବିର୍ଭାବ । ବୁଡ଼ିଯାଉଥିବା ଲୋକ ସମୁଦ୍ର ମଧ୍ୟରେ ଖଣ୍ଡେ କାଠର ଆଶ୍ରୟ ପାଇଲେ ଯେପରି ସାନନ୍ଦରେ ତାକୁ କୁଣ୍ଢାଇ ଧରି ପରିତ୍ରାଣ ପାଏ; ଓଡ଼ିଶାବାସୀମାନେ ସେତେବେଳେ ଇଂରେଜମାନଙ୍କୁ ଶାସନକର୍ତ୍ତା ପଦରେ ବରଣ କରିନେଲେ ଏବଂ ଆପଣାର ଧନ, ମାନ, ଧର୍ମ୍ମ ସମସ୍ତ ଭାର ସେମାନଙ୍କ ହସ୍ତରେ ଅର୍ପଣ

କରଦେଲେ । ଓଡ଼ିଶାବାସୀର ପ୍ରାଣସର୍ବସ୍ୱ ସେହି ଜଗନ୍ନାଥ ମନ୍ଦିରକୁ ସେମାନେ ସାହ୍ଲାଦରେ ଇଂରେଜମାନଙ୍କ ହସ୍ତେ ସମର୍ପଣ କରଦେଲେ । ଇଂରେଜମାନଙ୍କୁ ପାଇ ଲୋକେ ସେମାନଙ୍କୁ ଈଶ୍ୱରପ୍ରେରିତ ରକ୍ଷକ ବୋଲି ଭକ୍ତି ଓ ବିଶ୍ୱାସ କରିଥିଲେ ଏବଂ ଓଡ଼ିଆମାନେ ଏହି ଭକ୍ତି ଓ ବିଶ୍ୱାସକୁ ଆଜିପର୍ଯ୍ୟନ୍ତ ଅକ୍ଷୁଣ୍ଣ ଭାବରେ ରକ୍ଷା କରି ଆସିଛନ୍ତି ।

ଓଡ଼ିଆମାନେ ଯେ ଯୁଦ୍ଧ କରୁଥିଲେ ଏବଂ ବୀରଜାତି ଥିଲେ, ତାହାର ପ୍ରମାଣ କ୍ଷୀଣ ଭାବରେ ଅଦ୍ୟାପି ବିଦ୍ୟମାନ ଅଛି । ପାଇକ, ଖଣ୍ଡାୟତ, ମହାନାୟକ ଓ କ୍ଷତ୍ରିୟମାନେ ସୈନିକଜାତି ଥିଲେ । ଏମାନେ ଯୁଦ୍ଧବିଦ୍ୟାରେ ପଣ୍ଡିତ ଥିଲେ । ବର୍ତ୍ତମାନ ଏହି ଶ୍ରେଣୀସ୍ଥ ଲୋକମାନଙ୍କର ଯେଉଁ ସଂଜ୍ଞା ଦେଖାଯାଏ ଏବଂ ଯାହାକୁ ଏମାନେ ବଂଶାନୁକ୍ରମେ ବ୍ୟବହାର କରିଆସୁଛନ୍ତି ଏବଂ ବ୍ୟବହାର କରିବାକୁ ଗୌରବ ଓ ଗର୍ବ ମନେକରନ୍ତି, ସେଗୁଡ଼ିକ ପ୍ରାଚୀନ କାଳରେ ସେମାନଙ୍କ ପୂର୍ବ-ବଂଶଧରମାନଙ୍କ କାର୍ଯ୍ୟର ପରିଚୟସୂଚକ । କର୍ପୂର ଯାଇ କନା ଥିବା ହିସାବରେ ସବୁ ଗଲାଣି; ଅଛି କେବଳ ସଂଜ୍ଞା । ଏ ଉପାଧିଗୁଡ଼ିକ ରାଜଦତ୍ତ ଉପାଧି । ଆପଣା ଗୁଣ ଓ କର୍ମ ଅନୁସାରେ ତାତ୍କାଳିକ ରାଜାମାନେ ନିମ୍ନଲିଖିତ ଉପାଧିମାନ ପ୍ରଦାନ କରିଥିଲେ । ଉପାଧି ଦେଖିଲେ ସହଜରେ ଅନୁମାନ କରାଯାଇପାରିବ ଯେ ସେମାନଙ୍କ ବଂଶଧରମାନେ କିପରି ବଳବାନ୍ ଥିଲେ କିମ୍ବା ଯୁଦ୍ଧବିଭାଗରେ କି କି କାର୍ଯ୍ୟ କରୁଥିଲେ । ଉଦାହରଣ ସ୍ୱରୂପ ନିମ୍ନରେ କେତେ ଗୋଟି ଉପାଧିର ପରିଚୟ ଦିଆଗଲା— ରାଉତ, ରାଉତରାୟ, ମାହାନ୍ତି, ସିଂହ, ବାଘ, ବଳିଆରସିଂହ, ଝମ୍ପଟସିଂହ, କୋଦଣ୍ଡ ସିଂହ, ବାହାବଳେନ୍ଦ୍ର, ପାଇକରାୟ, ଭୁଜବଳ, ରଣସିଂହ, ପାହାଡ଼ସିଂହ, ଦକ୍ଷିଣକବାଟ, ମହାରଥି, ପଶ୍ଚିମକବାଟ, ସେନାପତି, ବାହିନୀପତି, ନାୟକ, ପଟ୍ଟନାୟକ, ଚମ୍ପତିସିଂହ ଗଡ଼ନାୟକ, ମାନସିଂହ, ଶତ୍ରୁଶାଳ, କହଳସିଂହ, ରାୟସିଂହ, ମାନଧାତା, ପାଲଟାସିଂହ,, ବୀରବର, ରାଟସିଂହ ଇତ୍ୟାଦି । ଏ ଉପାଧିଗୁଡ଼ିକ ଆଜିକାଲିର ନୁହେ; ଏଗୁଡ଼ିକ ଅତି ପ୍ରାଚୀନ ଏବଂ ଏଗୁଡ଼ିକ ନିରର୍ଥକ ନୁହେ । ଲୋକର କାର୍ଯ୍ୟ ଓ ଗୁଣ ପରୀକ୍ଷା କରି ରାଜାମାନେ ପଦ ଦେଉଥିଲେ । ଦଳବେହେରା, ବିଶୋଇ, ପାଇକରାଏ ଇତ୍ୟାଦି ମଧ୍ୟ ଏଥିସଙ୍ଗେ ବିର୍ଣ୍ଣ୍ୟ । ମଲ୍ଲ, ଖଣ୍ଡାଏତ ପ୍ରଭୃତିର ମଧ୍ୟ ଅର୍ଥ ଅଛି ।

ପାଇକ ପ୍ରଭୃତି ସୈନିକଶ୍ରେଣୀସ୍ଥ ଲୋକମାନେ "ଖଣ୍ଡା"କୁ ଆପଣା ସନ୍ତକ ସ୍ୱରୂପ ବ୍ୟବହାର କରନ୍ତି । ଯେ ନାମ ଦସ୍ତଖତ କରି ନ ଜାଣେ, ତାର ସନ୍ତକ ଲେଖାଯାଏ । ମାତ୍ର ଏ ଶ୍ରେଣୀସ୍ଥ ଲୋକମାନେ ସେମାନଙ୍କ ସନ୍ତକ ଖଣ୍ଡା, କଟାରି ଇତ୍ୟାଦି ଯୁଦ୍ଧାସ୍ତ୍ରମାନ ବୋଲି କହିଥାନ୍ତି ଏବଂ ଦଲିଲ ଦସ୍ତାବିଜ ପ୍ରଭୃତିରେ ତାହା ବ୍ୟବହୃତ ହୁଏ ।

ବିଜୟା ଦଶମୀ ବା ଦଶହରା ଦିନ ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ କଲେ ଆଶୁ ଫଳପ୍ରଦ ହୁଏ ବୋଲି ଲୋକଙ୍କର ବିଶ୍ୱାସ । ପାଇକ ପ୍ରଭୃତି ସୈନିକଶ୍ରେଣୀସ୍ଥ ଲୋକମାନେ ଆପଣା ସ୍ୱ ଅସ୍ତ୍ରଶସ୍ତ୍ରମାନ ପୂଜା କରନ୍ତି ଏବଂ ଆମୋଦପ୍ରମୋଦରେ କାଳ କଟାନ୍ତି । ପାଇକମାନେ

ସିଂହାସନ ହରାଇଲେ । ୧୫୬୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଶାରେ କେହି ରାଜା ନ ଥିଲେ । ୧୫୬୮ ଖ୍ରୀଷ୍ଟାବ୍ଦରେ ରାଜା ରାମଚନ୍ଦ୍ର ଦେବ ଟୋଡ଼ରମଲ୍ଲଙ୍କ ଆନୁକୂଲ୍ୟରୁ ଖୋରଧାର ରାଜା ହେଲେ । ଏହି ସମୟରୁ ଓଡ଼ିଶାର ରାଜାମାନେ ଖୋରଧାରାଜା ହେଲେ ।

ମୋଗଲ, ପଠାଣ ଓ ମରହଟ୍ଟାମାନେ କ୍ରମେ ଓଡ଼ିଶା ଆକ୍ରମଣ କରି ଦେଶବାସୀମାନଙ୍କ ଧନ ଲୁଣ୍ଠନଦ୍ୱାରା ଲୋକମାନଙ୍କୁ ଲଣ୍ଡଭଣ୍ଡ କଲେ । ୧୬୦୭ ଖ୍ରୀଷ୍ଟାବ୍ଦଠାରୁ ୧୮୦୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦେଶବାସୀମାନେ ମୁହୂର୍ତ୍ତେ ସୁଦ୍ଧା ଶାନ୍ତିରେ କାଳଯାପନ କରି ପାରିଲେ ନାହିଁ । ଏମାନଙ୍କ ଅତ୍ୟାଚାରରୁ ରକ୍ଷା ପାଇବା ଲାଗି ଲୋକେ ଲୁଚିରହିଲେ, ଘର ଛାଡ଼ି ବଣରେ ଆଶ୍ରୟ ନେଲେ । ଆପଣା ବ୍ୟବସାୟ-ବାଣିଜ୍ୟରେ ମନ ଦେଇ ପାରିଲେ ନାହିଁ । କ୍ରମେ ଲୋକମାନେ ହୀନବୀର୍ଯ୍ୟ ହୋଇପଡ଼ିଲେ । ସାହସ ଊଣା ହୋଇଗଲା । ତଥାଚ ମରହଟ୍ଟାମାନଙ୍କ ସହିତ ଓ ମୋଗଲଙ୍କ ସହିତ ଯୁଦ୍ଧ କରିବାରେ ତ୍ରୁଟି କରି ନ ଥିଲେ ।

ଓଡ଼ିଶା ଇଂରେଜମାନଙ୍କ ହସ୍ତଗତ ହେବା ପୂର୍ବରୁ ଛାରଖାର ହୋଇ ଅନ୍ତଃସାରଶୂନ୍ୟ ହୋଇଥିଲା । ମରହଟ୍ଟାମାନଙ୍କ କ୍ରୂର ଅତ୍ୟାଚାରଦ୍ୱାରା ପ୍ରପୀଡ଼ିତ ହୋଇ ଓଡ଼ିଶାବାସୀ ଆର୍ତ୍ତସ୍ୱରରେ ଡାକାପକାଇଥିଲେ । ଯୁଦ୍ଧ କରିବାଲାଗି ଦୈହିକ ବଳ ଆବଶ୍ୟକ ଏବଂ ଦୈହିକ ବଳ ବୃଦ୍ଧି ଲାଗି ପ୍ରଚୁର ଖାଦ୍ୟ ଆବଶ୍ୟକ । ମରହଟ୍ଟା କର୍ମଚାରୀମାନେ ଲୋକମାନଙ୍କ ଉପରେ ଏପରି ଅତ୍ୟାଚାର ଆରମ୍ଭ କଲେ ଯେ ଲୋକଙ୍କ ବାଡ଼ିରେ ଶାଗପତ୍ର ରହିଲା ନାହିଁ । ସୁତରାଂ ପେଟଚିନ୍ତା ଆରମ୍ଭ ହେଲା । "ବୁଭୁକ୍ଷିତ କିଂ ନ କରୋତି ପାପଂ" ନୀତି ଅନୁସାରେ ଲୋକେ ଆପଣା ଉଦରଜ୍ୱାଳା ନିବୃତ୍ତି ଲାଗି କର୍ତ୍ତବ୍ୟାକର୍ତ୍ତବ୍ୟ ସ୍ଥିର ରଖିପାରିଲେ ନାହିଁ, ପାପପୁଣ୍ୟ ବିଚାର କରିପାରିଲେ ନାହିଁ । ଆପଣା ସ୍ୱାର୍ଥକୁ ଦେଶସ୍ୱାର୍ଥ ବୋଲି ମନେକଲେ । କାହାର ମନ କାହାର ସହିତ ମିଳିଲା ନାହିଁ । ଯେ ଯାହା ବାଟରେ ସେ ଗଲା । ମୋ ଭାଇର ଅନିଷ୍ଟ ହେଉ ପଛକେ ମୋର ସ୍ୱାର୍ଥସିଦ୍ଧି ହେଲେ ହେଲା, ଏହି ନୀତି ପ୍ରତ୍ୟେକ ଅନୁସରଣ କଲା । ସମାଜରେ ବିଶୃଙ୍ଖଳା ଉପସ୍ଥିତ ହେଲା । ସୈନିକ ପୁରୁଷମାନେ ଖାଦ୍ୟାଭାବରୁ ଆପଣା ଆପଣା ଅସ୍ତ୍ରଶସ୍ତ୍ର ବିକଲେ, ଚୁଲିଜାଳ କଲେ, ପଖାଳଭାତ ପର୍ଯ୍ୟନ୍ତ ଖାଇବାକୁ ପାଇଲେ ନାହିଁ । ଏହି ଦୁରବସ୍ଥାର ଚରମ ସୀମାରେ ଉପସ୍ଥିତ ହୋଇ "ରକ୍ଷାକର, ରକ୍ଷାକର" ବୋଲି ଭଗବାନଙ୍କୁ ପ୍ରାର୍ଥନା କଲେ ।

ଏହି ଅଥଳ ଅକୂଳ ଅତ୍ୟାଚାର-ମହାର୍ଣ୍ଣବରେ ଭାସମାନ ହେଉଥିବା ବେଳେ ଓଡ଼ିଶାରେ ଇଂରେଜମାନଙ୍କର ଆବିର୍ଭାବ । ବୁଡ଼ିଯାଉଥିବା ଲୋକ ସମୁଦ୍ର ମଧ୍ୟରେ ଖଣ୍ଡେ କାଠର ଆଶ୍ରୟ ପାଇଲେ ଯେପରି ସାନନ୍ଦରେ ତାକୁ କୁଣ୍ଢାଇ ଧରି ପରିତ୍ରାଣ ପାଏ; ଓଡ଼ିଶାବାସୀମାନେ ତେତେବେଳେ ଇଂରେଜମାନଙ୍କୁ ଶାସନକର୍ତ୍ତା ପଦରେ ବରଣ କରିନେଲେ ଏବଂ ଆପଣାର ଧନ, ମାନ, ଧର୍ମ୍ମ ସମସ୍ତ ଭାର ସେମାନଙ୍କ ହସ୍ତରେ ଅର୍ପଣ

କରିଦେଲେ । ଓଡ଼ିଶାବାସୀର ପ୍ରାଣସର୍ବସ୍ୱ ସେହି ଜଗନ୍ନାଥ ମନ୍ଦିରକୁ ସେମାନେ ସାହ୍ଲାଦରେ ଇଂରେଜମାନଙ୍କ ହସ୍ତେ ସମର୍ପଣ କରିଦେଲେ । ଇଂରେଜମାନଙ୍କୁ ପାଇ ଲୋକେ ସେମାନଙ୍କୁ ଈଶ୍ୱରପ୍ରେରିତ ରକ୍ଷକ ବୋଲି ଭକ୍ତି ଓ ବିଶ୍ୱାସ କରିଥିଲେ ଏବଂ ଓଡ଼ିଆମାନେ ଏହି ଭକ୍ତି ଓ ବିଶ୍ୱାସକୁ ଆଜିପର୍ଯ୍ୟନ୍ତ ଅକ୍ଷୁଣ୍ଣ ଭାବରେ ରକ୍ଷା କରି ଆସିଛନ୍ତି ।

ଓଡ଼ିଆମାନେ ଯେ ଯୁଦ୍ଧ କରୁଥିଲେ ଏବଂ ବୀରଜାତି ଥିଲେ, ତାହାର ପ୍ରମାଣ କ୍ଷୀଣ ଭାବରେ ଅଦ୍ୟାପି ବିଦ୍ୟମାନ ଅଛି । ପାଇକ, ଖଣ୍ଡାୟତ, ମହାଲାୟକ ଓ କ୍ଷତ୍ରିୟମାନେ ସୈନିକଜାତି ଥିଲେ । ଏମାନେ ଯୁଦ୍ଧବିଦ୍ୟାରେ ପଣ୍ଡିତ ଥିଲେ । ବର୍ତ୍ତମାନ ଏହି ଶ୍ରେଣୀସ୍ଥ ଲୋକମାନଙ୍କର ଯେଉଁ ସଂଜ୍ଞା ଦେଖାଯାଏ ଏବଂ ଯାହାକୁ ଏମାନେ ବଂଶାନୁକ୍ରମେ ବ୍ୟବହାର କରିଆସୁଛନ୍ତି ଏବଂ ବ୍ୟବହାର କରିବାକୁ ଗୌରବ ଓ ଗର୍ବ ମନେକରନ୍ତି, ସେଗୁଡ଼ିକ ପ୍ରାଚୀନ କାଳରେ ସେମାନଙ୍କ ପୂର୍ବ-ବଂଶଧରମାନଙ୍କ କାର୍ଯ୍ୟର ପରିଚାୟକ । କର୍ପୂର ଯାଇ କନା ଥିବା ହିସାବରେ ସବୁ ଗଲାଣି; ଅଛି କେବଳ ସଂଜ୍ଞା । ଏ ଉପାଧିଗୁଡ଼ିକ ରାଜଦତ୍ତ ଉପାଧି । ଆପଣ ଗୁଣ ଓ କର୍ମ ଅନୁସାରେ ତାତ୍କାଳିକ ରାଜାମାନେ ନିମ୍ନଲିଖିତ ଉପାଧିମାନ ପ୍ରଦାନ କରିଥିଲେ । ଉପାଧି ଦେଖିଲେ ସହଜରେ ଅନୁମାନ କରାଯାଇପାରିବ ଯେ ସେମାନଙ୍କ ବଂଶଧରମାନେ କିପରି ବଳବାନ୍ ଥିଲେ କିମ୍ବା ଯୁଦ୍ଧବିଭାଗରେ କି କି କାର୍ଯ୍ୟ କରୁଥିଲେ । ଉଦାହରଣ ସ୍ୱରୂପ ନିମ୍ନରେ କେତେ ଗୋଟି ଉପାଧିର ପରିଚୟ ଦିଆଗଲା—ରାଉତ, ରାଉତରାୟ, ମାହୁନ୍ତ, ସିଂହ, ବାଘ, ବଳିଆରସିଂହ, ଝମ୍ପଟସିଂହ, କୋଦମ୍ବ ସିଂହ, ବାହାବଳେନ୍ଦ୍ର, ପାଇକରାୟ, ଭୁଜବଳ, ରଣସିଂହ, ପାହାଡ଼ସିଂହ, ଦକ୍ଷିଣକବାଟ, ମହାରଥି, ପଶ୍ଚିମକବାଟ, ସେନାପତି, ବାହିନୀପତି, ନାୟକ, ପଟ୍ଟନାୟକ, ଚମ୍ପତିସିଂହ ଗଡ଼ନାୟକ, ମାନସିଂହ, ଶରଗୁଲି, କହଲସିଂହ, ରାୟସିଂହ, ମାନଧାତା, ପାଲଟାସିଂହ, ବୀରବର, ରାଟସିଂହ ଇତ୍ୟାଦି । ଏ ଉପାଧିଗୁଡ଼ିକ ଆଜିକାଲିର ନୁହେଁ; ଏଗୁଡ଼ିକ ଅତି ପ୍ରାଚୀନ ଏବଂ ଏଗୁଡ଼ିକ ନିରର୍ଥକ ନୁହେଁ । ଲୋକର କାର୍ଯ୍ୟ ଓ ଗୁଣ ପରୀକ୍ଷା କରି ରାଜାମାନେ ପଦ ଦେଉଥିଲେ । ଦଳବେହେରା, ବିଶୋଇ, ପାଇକରାଏ ଇତ୍ୟାଦି ମଧ୍ୟ ଏଥିସଙ୍ଗେ ବିଚାର୍ଯ୍ୟ । ମଲ୍ଲ, ଖଣ୍ଡାୟତ ପ୍ରଭୃତିର ମଧ୍ୟ ଅର୍ଥ ଅଛି ।

ପାଇକ ପ୍ରଭୃତି ସୈନିକଶ୍ରେଣୀସ୍ଥ ଲୋକମାନେ "ଖଣ୍ଡା"କୁ ଆପଣା ସନ୍ତକ ସ୍ୱରୂପ ବ୍ୟବହାର କରନ୍ତି । ଯେ ନାମ ଦସ୍ତଖତ କରି ନ ଜାଣେ, ତାର ସନ୍ତକ ଲେଖାଯାଏ । ମାତ୍ର ଏ ଶ୍ରେଣୀସ୍ଥ ଲୋକମାନେ ସେମାନଙ୍କ ସନ୍ତକ ଖଣ୍ଡା, କଟାରି ଇତ୍ୟାଦି ଯୁଦ୍ଧାସ୍ତ୍ରମାନ ବୋଲି କହିଥାନ୍ତି ଏବଂ ଦଲିଲ ଦସ୍ତାବିଜ ପ୍ରଭୃତିରେ ତାହା ବ୍ୟବହୃତ ହୁଏ ।

ବିଜୟା ଦଶମୀ ବା ଦଶହରା ଦିନ ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ କଲେ ଆଶୁ ଫଳପ୍ରଦ ହୁଏ ବୋଲି ଲୋକଙ୍କର ବିଶ୍ୱାସ । ପାଇକ ପ୍ରଭୃତି ସୈନିକଶ୍ରେଣୀସ୍ଥ ଲୋକମାନେ ଆପଣା ଘରେ ଅସ୍ତ୍ରଶସ୍ତ୍ରମାନ ପୂଜା କରନ୍ତି ଏବଂ ଆମୋଦପ୍ରମୋଦରେ କାଳ କଟାନ୍ତି । ପାଇକମାନେ

ପଟ୍ଟାଖେଳ, କାଠଖେଳ, ହଡ଼ଥାର ବୁଲାଇବା ଆଦି ନାନାପ୍ରକାର ଖେଳ କରନ୍ତି ଏବଂ ସ୍ଥାନୀୟ ବଡ଼ଲୋକମାନଙ୍କ ପାଖକୁ ଯାଇ ଖେଳ ଦେଖାନ୍ତି ।

ପାଇକ ପ୍ରଭୃତି ଲୋକମାନଙ୍କର ବର୍ତ୍ତମାନ ଅତି ହୀନଶ୍ରୀନ ଅବସ୍ଥା । ପେଟକୁ ଦାନା ନାହିଁ, ପିନ୍ଧିବାକୁ କନା ନାହିଁ । ଏମାନେ ବର୍ତ୍ତମାନ ପୂର୍ବପ୍ରାପ୍ତ ଜାଗିର ବୃତ୍ତି ଉପରେ ନିର୍ଭର କରି ଚଳନ୍ତି । କାଳକ୍ରମେ କେତେ ଲୋକ ଜମି ବିକ୍ରି କରି ସାରିଲେଣି ଏବଂ ନିଷ୍କର ଜାଗିର ଜମିମାନଙ୍କ ଉପରେ କର ଧାର୍ଯ୍ୟ ହେଲଣି । ଏତେ ଦୁରବସ୍ଥା ସତ୍ତ୍ୱେ ଏମାନଙ୍କଠାରେ ସେ ବଂଶଗତ ଗର୍ବ ଦେଖାଯାଏ । ଅପମାନସୂଚକ କଥା ଶୁଣିଲେ ହଠାତ୍ ଚମ୍ପି ପରି ଫଁ ଫଁ ହୋଇ ଉଠନ୍ତି । ଆମେ ବୋଲି ନିଶ ମୋଡ଼ିଦେବା ଅଭ୍ୟାସ ଛାଡ଼ିନାହାନ୍ତି । ଦଶହରା ଢମ ବାଜା ଶୁଣିଲେ ଏମାନଙ୍କ ଗୋଡ଼ ଉଠେ, ଲୋମ ଟାଙ୍କୁରେ । ହାତରେ କଡ଼ାକର ଶାଗ ସିଝିବ ନାହିଁ; ମାତ୍ର ଆରମ୍ଭ ଭୁବନାନନ୍ଦ । ସ୍ଥୂଳତଃ ଏକଥା କୁହାଯାଇ ପାରିବ ଯେ ଏମାନଙ୍କ ଶରୀରରେ ସେ ରକ୍ତ ପ୍ରବାହିତ ହେଉଛି । ଚେଷ୍ଟା କଲେ ଏମାନେ ପୁଣି ବୀରବେଶ ଧାରଣ କରି ସମରକ୍ଷେତ୍ର ଲାଗି ପ୍ରସ୍ତୁତ ହୋଇ ପାରିବେ ।

ଯେଉଁମାନେ ଯୁଦ୍ଧ କରୁଥିଲେ ଅର୍ଥାତ୍ ସୈନିକଶ୍ରେଣୀସ୍ଥ ଥିଲେ, ସେମାନଙ୍କର କିଛି ଚିନ୍ତା ନ ଥିଲା । ଏମାନେ ରାଜଦତ୍ତ ବୃତ୍ତିଭୋଗୀ ଥିଲେ । ପେଟଚିନ୍ତା ସେମାନଙ୍କୁ କଲବଲ କରୁ ନ ଥିଲା । ଖାଇପିଇ ଷଣ୍ଢ ପୁଅ ଅନନ୍ତା ପରି ବୁଲୁଥିଲେ, କୁସ୍ତି ମାଲକୁସ୍ତି ପ୍ରଭୃତି କରି ଶାରୀରିକ ବଳ ଅର୍ଜନ କରୁଥିଲେ ଏବଂ ଯୁଦ୍ଧବିଦ୍ୟା ଶିକ୍ଷା କରୁଥିଲେ ।

ପ୍ରାଚୀନକାଳରେ ସୈନ୍ୟ ଦୁଇ ଶ୍ରେଣୀର ଥିଲେ; ପଦାତିକ ଓ ଅଶ୍ୱାରୋହୀ । ଢାଲ, ତରବାରି, ବର୍ଚ୍ଛା, ଖଣ୍ଡା, କଟାରି, ଶର, ଧନୁ, ବାଟୁଳି ପ୍ରଭୃତି ଅସ୍ତ୍ର ଯୁଦ୍ଧରେ ବ୍ୟବହୃତ ହେଉଥିଲା । ଗୋଡ଼ରେ ଯୋତା ପିନ୍ଧୁଥିଲେ । ଏଥିର ପ୍ରମାଣ ଖୋଦିତ ପ୍ରତିମୂର୍ତ୍ତିରୁ ମିଳୁଅଛି । ଭୁବନେଶ୍ୱର ମନ୍ଦିରରେ ବୀର ପ୍ରତିମୂର୍ତ୍ତି ଖୋଦିତ ଅଛି ଏବଂ ଗୋଡ଼ରେ ବୁଟ୍ ଯୋତା ପିନ୍ଧିବାର ଦେଖାଯାଏ । ଦାଢ଼ି ଏବଂ ନିଶ ରଖିବା ସୈନିକପୁରୁଷମାନଙ୍କର ବିଧି ଥିଲା । ଖୋଦିତ ପ୍ରତିମୂର୍ତ୍ତିରେ ଦାଢ଼ି-ନିଶର ପରିଚୟ ମିଳେ । ପାଇକ ପ୍ରଭୃତି ସୈନିକଶ୍ରେଣୀସ୍ଥ ଲୋକମାନେ ଅଦ୍ୟାପି ନିଶ ରଖୁଥିବାର ଦେଖାଯାଏ । "କ୍ୟା" କହି ନିଶରେ ହାତ ପକାଇବା ବୀରତ୍ୱ-ପରିଚ୍ଛୟସୂଚକ ଏବଂ ଲୋକେ କାର୍ଯ୍ୟତଃ ସାମାନ୍ୟ କଥାରେ ଏ ପ୍ରବୃତ୍ତିର ପରିଚୟ ଦେଇଥାନ୍ତି ।

ଓଡ଼ିଆମାନେ ଯେ ବୀରଜାତି ଥିଲେ ତହିଁର ଅନ୍ୟ ଗୋଟିଏ ନିଦର୍ଶନ ଦେଖାଯାଏ । ଓଡ଼ିଶା ରାଜାଙ୍କ ପଦ ପ୍ରାରମ୍ଭରୁ "ବୀର" ଶବ୍ଦ ବ୍ୟବହୃତ ଓ ଅଦ୍ୟାବଧି ଓଡ଼ିଶା ରାଜା ଏ ଉପାଧି ବ୍ୟବହାର କରୁଛନ୍ତି ଏବଂ ସ୍ଥାନୀୟ ପଞ୍ଜିକା ଓ ଜନ୍ମପତ୍ରିକାମାନଙ୍କରେ "ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟୀ-କର୍ଣ୍ଣାଟ-କଲବରଗେଶ୍ୱର" ବ୍ୟବହୃତ ହେଉଅଛି ।

ପ୍ରସ୍ତରଖୋଦିତ ଲିପିମାନଙ୍କରେ ମଧ୍ୟ ରାଜାମାନଙ୍କ ନାମ ପୂର୍ବରେ "ବୀର ଶ୍ରୀ" ଇତ୍ୟାଦି ଖୋଦିତ ରହିଅଛି । ରାଜା ଅନଙ୍ଗଭୀମଦେବ ଏ ଉପାଧି ସୃଷ୍ଟି କରିଥିଲେ । ମାଦଳାପାଞ୍ଜିରୁ ଦେଖାଯାଏ "ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଲବରଗେଶ୍ୱର ଅଭିରାଏ ଭୁତଭୈରବ ଦୁଃସହ ଦୁଶାସନ ଅନ୍ତକରଣେ ରାଉତରାୟ ଅତୁଳ ବଳ ପରାକ୍ରମ ସଂଗ୍ରାମ ସହସ୍ରବାହୁ ଧୂମକେତୁ" ପୂର୍ଣ୍ଣ ଉପାଧି । ଏଥିଦ୍ୱାରା ସ୍ୱୟଂ ବୀର ଥିବାର ପରିଚୟ ଦେଇଅଛନ୍ତି ଏବଂ ବୀରୋଚିତ ବଳବୀର୍ଯ୍ୟ ଓ ପରାକ୍ରମଶାଳୀ ଥିବାର ମଧ୍ୟ ପରିଚୟ ଦିଆଯାଇଛି । ବୀରୋଚିତ କାର୍ଯ୍ୟ କରିଥିବାର ଏଥିରୁ ସୂଚନା ମିଳେ । ଏ ଉପାଧିର ପ୍ରତ୍ୟେକ ଶବ୍ଦ ବୀରୋଚିତ ବିଷୟର ପରିଚାୟକ । ବୀରତ୍ୱ ଦ୍ୱାରା ଯେଉଁ ଯେଉଁ ରାଜ୍ୟ ଜୟ କରିଥିଲେ, ଅର୍ଥାତ୍ ଗୌଡ଼, କର୍ଣ୍ଣାଟ, କଲବର୍ଗା ଇତ୍ୟାଦିର ନାମୋଲ୍ଲେଖ ଅଛି । ରାଜାଙ୍କ ଉପାଧିରୁ ପ୍ରଜାମାନଙ୍କ ବୀରତ୍ୱ କଳନା କରାଯାଇପାରେ । ରାଜା ଏକାକୀ ଯୁଦ୍ଧ କରୁ ନ ଥିଲେ । ରାଜା କର୍ଣ୍ଣଧାର, ପ୍ରଜାମାନେ ପ୍ରକୃତ ପକ୍ଷେ ଆପଣା ବଳଦ୍ୱାରା ଯୁଦ୍ଧରେ ଜୟୀ ହୋଇଥିଲେ । "ମାରେ ସିପାହି ନାମ ସର୍ଦ୍ଦାର"ର ବୋଲି ପ୍ରବାଦ ଅଛି । ସୈନ୍ୟମାନେ ଜିଣନ୍ତି, ନାମ ହୁଏ ରାଜାର । ରାଜାର ନାମ ହେଲେ ତହିଁରୁ ପ୍ରଜାମାନଙ୍କର ଶୌର୍ଯ୍ୟ, ବୀର୍ଯ୍ୟ, ପରାକ୍ରମ ଜଣାପଡ଼େ । ଏହି ନିୟମ ନିକଟରେ ପକାଇ ଦେଖିଲେ ଓଡ଼ିଆମାନଙ୍କର ତତ୍କାଳୀନ ବୀରତ୍ୱର ପୂର୍ଣ୍ଣ ପରିଚୟ ମିଳେ । ରାଜା ମଧ୍ୟ ସୈନିକମାନଙ୍କୁ ଉପାଧି ଦେଇ ସେମାନଙ୍କ କାର୍ଯ୍ୟକୁ ସାଦରେ ଗ୍ରହଣ କରିଥିବାର ପ୍ରମାଣିତ ହୁଏ । ଉପରେ ଯେ ସମସ୍ତ ଉପାଧିର ପରିଚୟ ଦେଇଅଛୁଁ, ତହିଁରୁ ସ୍ପଷ୍ଟ ଜଣାଯାଏ ଯେ ଉପାଧି ପ୍ରଦାନ କରି ରାଜା ବୀରପୁରୁଷମାନଙ୍କୁ ସମ୍ମାନିତ କରିଥିଲେ !

ଅନେକ ଗ୍ରାମ ନାମ ପ୍ରାରମ୍ଭରେ 'ବୀର' ଶବ୍ଦ ବ୍ୟବହୃତ ହୋଇଅଛି । ପୃଥିବୀ ଇତିହାସ ଲେଖକ ବଙ୍ଗର ପ୍ରାଚୀନ ଗୌରବ ବିଭବ ପ୍ରଦର୍ଶନ କରିବାକୁ ଯାଇ ଲେଖିଛନ୍ତି ଯେ ବଙ୍ଗଳା ପ୍ରଦେଶର 'ବୀରଭୂମି' ଜିଲ୍ଲା ବଙ୍ଗାଳୀଙ୍କ ବୀରତ୍ୱର ପରିଚାୟକ । ଅନ୍ୟାନ୍ୟ ପ୍ରମାଣ ସଙ୍ଗେ ପୃଥିବୀ ଇତିହାସ ଲେଖକ ଜିଲ୍ଲା ନାମକୁ ଅନ୍ୟତମ ପ୍ରମାଣ ବୋଲି ଗ୍ରହଣ କରିଛନ୍ତି । ଓଡ଼ିଶାରେ 'ବୀର' ଶବ୍ଦ ଥାଇ ଅନେକ ଗ୍ରାମ ନାମ ଦେଖାଯାଏ । ଦୃଷ୍ଟାନ୍ତ ସ୍ୱରୂପ ନିମ୍ନରେ କେତେଗୋଟି ନାମ ଦେଲୁଁ; ଯଥା—ବୀରହରେକୃଷ୍ଣପୁର, ବୀରକେଶରୀପୁର, ବୀରପ୍ରତାପପୁର, ବୀରଗୋବିନ୍ଦପୁର, ବୀରରାମଚନ୍ଦ୍ରପୁର, ବୀରନରସିଂହପୁର, ବୀରତୁଙ୍ଗ ଇତ୍ୟାଦି । ଏ ନାମଗୁଡ଼ିକ ବୀରତ୍ୱ ପରିଚାୟକ ।

ଦେଶର ନାନା ସ୍ଥାନରେ ଗଡ଼ ଥିଲା ଏବଂ ସେଠାରେ ସୈନିକମାନେ ବାସକରୁଥିଲେ । ଗଡ଼ଯାକ ଭାଙ୍ଗି ଯାଇଛି । ଗଡ଼ର କୌଣସି ଚିହ୍ନ ନାହିଁ ସତ, ସାନ୍ଦ ନାମଟି ଅଦ୍ୟାବଧି ଗ୍ରାମ ନାମ ସହିତ ଯୋଗ ହୋଇ ବ୍ୟବହୃତ ହେଉଅଛି । ସାଧାରଣତଃ ଦେଖାଯାଏ, ଗଡ଼ ନାମଧେୟ ଗ୍ରାମମାନଙ୍କରେ ପାଇକ, ଖଣ୍ଡାଏତ, ମହାଲାଏକ, କ୍ଷତ୍ରିୟ ପ୍ରଭୃତି ସୈନିକଶ୍ରେଣୀୟ ଲୋକମାନଙ୍କ ବସତି ଅଛି । ଏମାନଙ୍କ ବଂଶଧରମାନେ ଅଦ୍ୟାପି

ଜାଗିର ବୃତ୍ତି ଭୋଗକରୁଛନ୍ତି; କିନ୍ତୁ କିଷ୍ଟର ଭାବରେ ନୁହେଁ, ଖଜଣା ଦେଉଛନ୍ତି । ଏ ସମସ୍ତ ବୀରତ୍ୱ ପରିଚୟସୂଚକ । ଦୃଷ୍ଟାନ୍ତ ସ୍ୱରୂପ କେତେଗୋଟି ଗଡ଼ର ନାମ ଉଲ୍ଲେଖ କରାଗଲା:—ଗଡ଼ ଭଙ୍ଗୁରା, ଗଡ଼ ଶ୍ରୀରାମପୁର, ଗଡ଼ ଭିଁଅରା, ଗଡ଼ ନଆଁ ଗୋରଣ୍ଡା, ଗଡ଼ ଅନ୍ଧାରୀ, କଣ୍ଡା ପାଲଗଡ଼, ଅଡ଼ ଅନ୍ଧାରୀ, କଣ୍ଡା ପାଲଗଡ଼, ଗଡ଼ ଆଲି, କୁଜଙ୍ଗ ଗଡ଼, ଗଡ଼ ଛୋଉରହିଁ, ଗଡ଼ କରମଲା, ଗଡ଼ ବୀରତୁଙ୍ଗ, ଗଡ଼ ଅଣ୍ଡିଆ, ବାରାଣସୀ, ମଲପଡ଼ା ଗଡ଼, ହଲଦିଆ ଗଡ଼, ମୃଗଶିରା ଗଡ଼, ଗଡ଼ ଅନୁଆର, ଗଡ଼ ଆମଣାକୁଦ, ଗଡ଼ ଅଟ୍ରି, ଗଡ଼ ବାଲିଅନ୍ତା, ଶାରଙ୍ଗ ଗଡ଼, ଗଡ଼ ଖାରଦ, ଗଡ଼ କୃଷ୍ଣପ୍ରସାଦ, ଗଡ଼ ମାଟିଆପଡ଼ା, ଗଡ଼ସାହି, ଗଡ଼ ନାନପୁଟ, ଗଡ଼ ବରପଦା, ଗଡ଼ ବରପୁଟ, ଗଡ଼ ଯଙ୍ଗା, ଗଡ଼ ଚୌଦ୍ୱାର, ଗଡ଼ ଛତିଆ, ଗଡ଼ ପଦନପୁର, ଗଡ଼ ରୁପାସ, ଗଡ଼ ସିଠା, ଗଡ଼ ବେଗୁନିଆପଡ଼ା, ଗଡ଼ ଗୃନ୍ଦପୁର, ଗଡ଼ ମୋଟ୍ରି, ଗଡ଼ ଅମରପ୍ରସାଦ, ଇଟାପୋଖରୀ, ଗଡ଼ ମାଣହୀ, ବରପଦା ଗଡ଼, ରଥୀପୁର କଟକ, ଗଡ଼ ଟୁସିଅ, ଗଡ଼ ପଦା, ଗଡ଼ ରେଙ୍ଗାଲ, ଗଡ଼ ଯାଗସାର, ଗଡ଼ ଧର୍ମସାଗର, ଗଡ଼ ସରେଇପଡ଼ା, କୋକଲ ଗଡ଼, ଖୋର୍ଦ୍ଧା କଟକ, ଧଉଳି ଗଡ଼, ମନସୁର ଦୁର୍ଗ, କଟକ, ନୂଆଗଡ଼, ଖୋଲ ଗଡ଼, ବୋଲଗଡ଼, ଆଠଗଡ଼, ଗଡ଼ ନରସିଂହପୁର, ଘାଟିଗଡ଼, ମନ୍ଦାରୁଣୀ ଗଡ଼, ବାରବାଟୀ କଟକ, ଯାଜପୁର କଟକ, ବୋଲଗ ଗଡ଼, କଟିଶମି ଗଡ଼ (କୁଶୁମି) ଇତ୍ୟାଦି ନାମର ବହୁଳତାରୁ ପ୍ରାଚୀନ ଓଡ଼ିଆଜାତିର ବୀରତ୍ୱର ପରିଚୟ ମିଳେ । ଏ ସମସ୍ତ ସ୍ଥାନର ଇତିହାସ ଅଛି ଏବଂ ଏଗୁଡ଼ିକ ବୀରତ୍ୱର ପ୍ରତ୍ୟକ୍ଷ ପ୍ରମାଣ । ଏ ଗଡ଼ମାନଙ୍କରେ ଜଣେ ଜଣେ ସାମନ୍ତ ଥିଲେ ଏବଂ ତାଙ୍କ ଅଧୀନରେ ପଦାତିକ ସୈନ୍ୟ ଥିଲେ ଏବଂ ଆବଶ୍ୟକ ହେଲେ ଏମାନେ ସୈନ୍ୟ ପ୍ରେରଣ କରୁଥିଲେ ।

ଗଡ଼ କଟକ ଶବ୍ଦ ଏକାର୍ଥବାଚକ ଏବଂ ଉଭୟ ନାମ ଯୁଦ୍ଧ ସହିତ ସମ୍ପର୍କ ଥିବାର ଜଣାଯାଏ । କଟକ ଅର୍ଥ ସେନା ସନ୍ନିବେଶ ସ୍ଥାନ ବା ଶିବିର ଏବଂ ଗଡ଼ ଶବ୍ଦ ଅବର ଅର୍ଥ ପରିଖାବେଷ୍ଟିତ ସ୍ଥାନ ବା ଦୁର୍ଗ । ଏହି ଅର୍ଥରେ ଏ ଶବ୍ଦମାନଙ୍କର ପ୍ରାଚୀନ ବ୍ୟବହାର ହୋଇଥିବାର ଦେଖାଯାଏ ।

(୧) ଆଶା ଗ୍ରୁଡ଼ ରୁନ୍ଧି କର ଗଡ଼ଦ୍ୱାର ।
(୨) ଉଲ୍ଲାସେ ଗଡ଼ନ୍ତ ଗଡ଼ବାସୀ ଜନେ ।
(୩) ଯେଉଁ କଟକରେ ଛଟକେ ବରାଟକେ ମୁକତି; ଇତ୍ୟାଦି ।

କଟକ ବର୍ତ୍ତମାନ ଓଡ଼ିଶାର ରାଜଧାନୀ । ମାତ୍ର ଏ ସ୍ଥାନର ପ୍ରକୃତ ନାମ ବାରବାଟୀ କଟକ ଥିଲା ବୋଲି ମାଦଳାପାଞ୍ଜିରୁ ଦେଖାଯାଏ । ମାଦଳାପାଞ୍ଜିରେ ଲେଖାଅଛି "× × ଏ ରାଜା (ଭୀମ ପରାକ୍ରମେ ବା ଦ୍ୱିତୀୟ ଅନଙ୍ଗ ଭୀମଦେବ) ନଗର ଚଉଦ୍ୱାର କଟକେ ବିଜେ କରିଥାନ୍ତି । ଏପରି ଏକଦିନକରେ ରାଜା ବିଜେକରି ଆସି ମହାନଦୀ ପାର ହୋଇ ଏ ନଦୀକୁ ଦକ୍ଷିଣ ତୀରେ ଦେଖିଲେ କୋଦଣ୍ଡ ଦଣ୍ଡପାଟର ବାରବାଟୀ ଗ୍ରାମରେ

ବିମ୍ବେଶ୍ୱର ଦେବଙ୍କ ସନ୍ନିଧେ ଶ୍ୟାମଳ ପକ୍ଷୀକି ବଗ ମାଡ଼ି ବସିଛି । ଏହା ଦେଖି ରାଜା ବଡ଼ ଆଶ୍ଚର୍ଯ୍ୟ ପାଇ ଶୁଭଯୋଗ ଦିନରେ ବାରବାଟୀ ଗ୍ରାମରେ ଶୁଭ ଦେଇ ନଅର ତୋଳାଇଲେ । ଏ କଟକର ନାମ ବାରବାଟୀ କଟକ ନାମ ଦେଇ ନଗର କଟକ ଚଉଦ୍ୱାର ଛାଡ଼ି ଆସିଲେ ଏବଂ ଏ କଟକରେ ରହିଲେ ।" କବି ରାଧାନାଥ କହିଛନ୍ତି—

ଐତିହାସିକ ଏ ଦୁର୍ଗ ଏ ବାରବାଟୀ । ବୀର ରକ୍ତ ପିଣ୍ଡେ ଗଢ଼ା ଯା'ର ମାଟି ॥

ବାରବାଟୀ ଦୁର୍ଗ କେବେ ନିର୍ମିତ ହୋଇଥିଲା ଦେଖାଯାଉ । ଭୀମ ପରଚ୍ଛିସ୍ୱ ବା ଦ୍ୱିତୀୟ ଅନଙ୍ଗ ଭୀମଦେବଙ୍କ ରାଜତ୍ୱକାଳ ସ୍ଥିର କଲେ ବାରବାଟୀର ନିର୍ମାଣ ସମୟ ସ୍ଥିର ହେବ ।

ହଣ୍ଟର ସାହେବ କହନ୍ତି ବା ଷ୍ଟର୍ଲିଂ ସାହେବ କହନ୍ତୁ, ମାଦଳାପାଞ୍ଜି ଅପେକ୍ଷା ଅନ୍ୟ କୌଣସି ବିଶ୍ୱାସଜନକ ଲିଖିତ ପ୍ରମାଣରୁ ତାଙ୍କ ଲିଖିତ ଇତିହାସ ବିଷୟ ସଂଗ୍ରହ କରି ନ ଥିବେ । ଓଡ଼ିଶାର ରାଜବଂଶ ସମ୍ବନ୍ଧୀୟ ଇତିହାସ ମାଦଳାପାଞ୍ଜି ବ୍ୟତୀତ ଅନ୍ୟ କୌଣସିଠାରେ ଲେଖା ନାହିଁ । ମାଦଳାପାଞ୍ଜିକି ଅବା ଅବିଶ୍ୱାସ କରିବା କାହିଁକି ? ହଣ୍ଟର ସାହେବ କହନ୍ତି, ମାଦଳାପାଞ୍ଜିରେ ଯେ ସବୁ କଥା ଲେଖାଅଛି ଅର୍ଥାତ୍ ରାଜାମାନଙ୍କ ରାଜତ୍ୱକାଳ ସମ୍ବନ୍ଧୀୟ ବିଶ୍ୱାସ ଯୋଗ୍ୟ ବିଷୟମାନ ନୁହେ । ଦ୍ୱିତୀୟ କାରଣ; ଦେଉଳ ଅନେକ ଥର ଲୁଟପାଟ ହୋଇଥିଲା । ତେବେ ଏ ପାଞ୍ଜି ଅକ୍ଷୁଣ୍ଣ ରହିଲା କିପରି ? ଏ କଥାରେ ବିଶେଷ କୌଣସି ଯୁକ୍ତି ଥିଲପରି ବୋଧ ହେଉନାହିଁ । ବିଶେଷତଃ ହଣ୍ଟର ସାହେବ ରାଜାମାନଙ୍କ ରାଜତ୍ୱକାଳ ଯାହା ନିର୍ଣ୍ଣୟ କରି ଲେଖିଛନ୍ତି ତା' ସହିତ ମାଦଳାପାଞ୍ଜି-ଲିଖିତ ସମୟର ବିଶେଷ କିଛି ଅମେଳ ଥିବାର ଦେଖାଯାଏ ନାହିଁ । ବରଂ ଜଣାଯାଏ, ହଣ୍ଟର ସାହେବ ଓଡ଼ିଆଭାଷା ଜାଣି ନ ଥିବାରୁ ମାଦଳାପାଞ୍ଜି ସ୍ୱୟଂ ପଢ଼ି ପାରି ନ ଥିବେ ଏବଂ ଯେ ତାଙ୍କୁ ବିଷୟ କହିଦେଇଥିବ ତାଙ୍କ କଥା ତ୍ରୁଟି ନ ପାରି କେତେକ ଭ୍ରମ ରହିଥିବାର ସମ୍ଭାବନା । ସୁତରାଂ ମାଦଳାପାଞ୍ଜିରେ ଲିଖିତ ବିଷୟକୁ ଏକାବେଳକେ ଅଗ୍ରାହ୍ୟ କରାଯାଇ ନ ପାରେ ।

ମାଦଳାପାଞ୍ଜିରୁ ଜଣାଯାଏ ଯେ ଦୁଇଜଣ ରାଜା ଅନଙ୍ଗଭୀମଦେବ ନାମରେ ପରିଚିତ ଥିଲେ । ଗଙ୍ଗବଂଶରେ ଆଠଜଣ ରାଜା ରାଜତ୍ୱ କରିଥିଲେ ଏବଂ ଏମାନେ ମୋଟରେ ବି ୧୭୮ । ୮ । ୧୭ ଦିନ ରାଜତ୍ୱ କରିଥିଲେ । ଚୂଡ଼ଙ୍ଗଦେବ ବି ୭୨ । ୨ । ୧୦ ଦିନ, ଗଙ୍ଗେଶ୍ୱର ଦେବ ୯ ବର୍ଷ, ଏକଜଟା କାମଦେବ ୭ ବର୍ଷ, ମଦନମୋହନ ଦେବ ୧୫ ବର୍ଷ, ଅନଙ୍ଗଭୀମଦେବ ବି ୨୭ । ୧ । ୧ ଦିନ, ପୁରୁଷୋତ୍ତମ ଦେବ ବି ୨୭ । ୧ । ୭ ଦିନ, ଅନଙ୍ଗଭୀମଦେବଙ୍କ ଭାଇ ଭୀମ ପରଚ୍ଛ ଯେ କି ୨ୟ ଅନଙ୍ଗଭୀମ ନାମରେ ପରିଚିତ, ସେ ୨୭ ବର୍ଷ ଏବଂ ରାଜରାଜେଶ୍ୱର ଦେବ ୧ ବର୍ଷ ରାଜତ୍ୱ କରିଥିଲେ । ହଣ୍ଟର ସାହେବ

ଗଙ୍ଗବଂଶର କେବଳ ଛ'ଜଣ ରାଜାଙ୍କ ନାମ ଉଲ୍ଲେଖ କରିଛନ୍ତି । ମାତ୍ର ଚୋଡ଼ଗଙ୍ଗଦେବଙ୍କ ରାଜତ୍ୱକାଳ ବ ୬୭ । ୨ । ୧୦ ଦିନ ଥିବା ସ୍ଥଳେ ୧୧୩୨ ଖ୍ରୀଷ୍ଟାବ୍ଦଠାରୁ ୧୧୫୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ କେବଳ ୨୦ ବର୍ଷ ଉଲ୍ଲେଖ କରିଛନ୍ତି । ହଣ୍ଟର ସାହେବଙ୍କ ହିସାବରେ ଗଙ୍ଗବଂଶ ରାଜତ୍ୱ ସମୟ ୧୦୫ ବର୍ଷ । ହଣ୍ଟର ସାହେବ ଏ ସିଦ୍ଧାନ୍ତରେ ଉପନୀତ ହେବାଲାଗି କୌଣସି ପ୍ରମାଣ ଦେଖାଇ ନାହାନ୍ତି । ସୁତରାଂ ମାଦଳାପାଞ୍ଜିରେ ଯେଉଁ ହିସାବ ଅଛି ତାହା ଗ୍ରାହ୍ୟ । ଅତଏବ ମାଦଳାପାଞ୍ଜି ସଙ୍ଗେ ବର୍ତ୍ତମାନ ରାଜାଙ୍କଠାରୁ ଉପର ବଂଶଧରମାନଙ୍କ ରାଜତ୍ୱକାଳ ବିଷୟ ହିସାବ କରି ଦେଖାଯାଏ ଯେ, ଗଙ୍ଗବଂଶୀୟ ରାଜାମାନେ ୧୦୩୨ ଖ୍ରୀଷ୍ଟାବ୍ଦଠାରୁ ୧୨୨୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ଏବଂ ୨ୟ ଅନଙ୍ଗଭୀମଦେବ ୧୧୮୩ ଖ୍ରୀଷ୍ଟାବ୍ଦ ଠାରୁ ୧୨୧୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏ ରାଜାଙ୍କ ରାଜତ୍ୱରେ ୧୫ ଅଙ୍କ ପୂର୍ବରୁ ବାରବାଟୀ କଟକ ନିର୍ମିତ ହୋଇଥିବା କଥା ମାଦଳାପାଞ୍ଜିରୁ ଜଣାଯାଏ; ଅର୍ଥାତ୍ ୧୧୭୦ ଖ୍ରୀଷ୍ଟାବ୍ଦର କିଛି ଦିନ ପୂର୍ବେ ବାରବାଟୀ ନିର୍ମିତ ହୋଇଥିଲା ।

ଷ୍ଟର୍ଲିଂ ସାହେବ ଓ ବିଶ୍ୱକୋଷ ଲେଖକମାନେ ବାରବାଟୀ ଚତୁର୍ଦ୍ଦଶ ଶତାବ୍ଦୀରେ ନିର୍ମିତ ହୋଇଥିବାର ଯାହା ସିଦ୍ଧାନ୍ତ କରିଛନ୍ତି ତାହା ସମ୍ପୂର୍ଣ୍ଣ ଭ୍ରମାତ୍ମକ ।

'କଟକ' ଶବ୍ଦ କୌଣସି ନିର୍ଦ୍ଦିଷ୍ଟ ନଗରର ନାମ ନଥିଲା । ମାତ୍ର 'କଟକ' ବର୍ତ୍ତମାନ ଯୋଗ ରୂଢ଼ପଦ ହୋଇ ବାରବାଟୀ କଟକ କେବଳ କଟକ ନାମରେ ଅଭିହିତ ହେଉଅଛି । ପୁରୁଷୋତ୍ତମ ଆଗେ କଟକ ନାମରେ ଅଭିହିତ ହେଉଥିଲା । ମାଦଳାପାଞ୍ଜିରେ ଲେଖାଅଛି, "ଶ୍ରୀପୁରୁଷୋତ୍ତମ କଟକେ ଶ୍ରୀନଗରେ" ଇତ୍ୟାଦି । ବାରବାଟୀ କଟକ ନିର୍ମାଣ ହେବାର ବହୁକାଳ ପୂର୍ବରୁ କଟକ ଶବ୍ଦର ବ୍ୟବହାର ଦେଖାଯାଏ । ଚୋଡ଼ଗଙ୍ଗଦେବଙ୍କ ରାଜତ୍ୱ ସମୟରେ କଟକ ଶବ୍ଦ ବ୍ୟବହୃତ ହୋଇଛି । ମାଦଳାପାଞ୍ଜିରେ ଲେଖାଅଛି, "ଏ ଚୋଡ଼ଗଙ୍ଗଦେବ × × ରାଜ୍ୟ କଲା ୧୩ ଦିନ । କୃଷ୍ଣ ତ୍ରୟୋଦଶୀ ଗୁରୁବାର ଦିନ ନାଟ ବେଶରେ ଆସି କଟକ ମାଡ଼ିବସି ରାଜା ହୋଇଲେ × × ଯାଜପୁର କଟକେ ପ୍ରବେଶ ହୋଇ ପ୍ରଥମେ ରହିଲେ । ପଞ୍ଚମ କଟକ ବାରାଣସୀ ପ୍ରବେଶ କରି ଭୋଗ କଲେ ବ ୬୭ । ୨୦।୧୦ ଦିନ, ମଦନ ମହାଦେବ ସିରାଇ ଦଣ୍ଡପାଟ ସହଜପାଣି ଗ୍ରାମ କଟକ କରିଥିଲେ ।" ପୂର୍ବୋକ୍ତ ବାରାଣସୀ ବର୍ତ୍ତମାନ ବଡ଼ାନସୀ ନାମରେ ଅଭିହିତ । ଏଥିରୁ ଜଣାଯାଏ, ବଡ଼ାନସୀ ଓ ଯାଜପୁର କଟକମାନ ବାରବାଟୀ କଟକ ଅପେକ୍ଷା ପ୍ରାଚୀନ । ଚଉଦ୍ୱାର ଦୁର୍ଗ ମଧ୍ୟ ପ୍ରାଚୀନ ଦୁର୍ଗ । ରାଧାନାଥ କହିଛନ୍ତି—

ବହୁଦ୍ୱାରଶୋଭୀ ପୁରି ଚଉଦ୍ୱାର
ଉତ୍ତର କୋଶଳା ମୌଳି ଅଳଙ୍କାର ।

ମହାନଦୀର ଉତ୍ତରାଞ୍ଚଳକୁ 'କୋଶଳ' ବୋଲି ପୂର୍ବେ କହୁଥିଲେ । କୋଶଳକେଶରୀ ନାମରେ ଜଣେ ରାଜା ଓଡ଼ିଶାରେ ରାଜତ୍ୱ କରିଥିଲେ । ଏ କେଶରୀବଂଶୀୟ ରାଜା

ଭରତକେଶରୀଙ୍କ ପରବର୍ତ୍ତୀ ରାଜା ଥିଲେ । ସମ୍ଭବତଃ ଏହାଙ୍କ ନାମାନୁସାରେ ମହାନଦୀର ଉତ୍ତରାଞ୍ଚଳ କୋଶଳ ନାମରେ ଅଭିହିତ ହୋଇଥିଲା ।

ଅନ୍ୟାନ୍ୟ ଦୁର୍ଗ ସମ୍ବନ୍ଧେ ମାଦଳାପାଞ୍ଜିରେ ଯାହା ଉଲ୍ଲେଖ ଅଛି ତାହା ନିମ୍ନରେ ଦିଆଗଲା ଏବଂ ଓଡ଼ିଶାରେ ଯେଉଁ କ୍ଷୁଦ୍ର ଯୁଦ୍ଧମାନ ହୋଇଥିଲା ତାହାର କିଞ୍ଚିତ୍ ଆଭାସ ଦିଆଗଲା । ମାଦଳାପାଞ୍ଜିରେ ଯେପରି ଭାଷାରେ ଲେଖାଅଛି, ଅବିକଳ ସେହି ଭାଷାରେ ଲେଖାଗଲା ।

୧ । ରାଜା କଳିଭାନୁ ସୁନପୁର ଭୂଇଁଆ ସଙ୍ଗେ ଯୁଦ୍ଧ କରି ତା ମୁଣ୍ଡ କାଟି ପକାଇଲେ ।

୨ । ରାଜା କପିଳେଶ୍ୱର ଦେବ ୮ ଅଙ୍କେ ରତ୍ନଗଡ଼ କଟକାଇ କଲେ, ୯ ଅଙ୍କେ ପଶ୍ଚିମେ କଟକାଇ କଲେ, ୧୦ ଅଙ୍କେ ଖିମୁଣ୍ଡି ମାଇଲେ ।

୩ । ରାଜା କପିଳେନ୍ଦ୍ର ଦେବ ୩୫ ଅଙ୍କ ସରିକି ସେତୁବନ୍ଧ ଯାଏ ଆତଯାତ କଲେ, ୩୭ ଅଙ୍କ ପୁଷମାସ କୃଷ୍ଣ ତୃତୀୟା ଦିନ ମଙ୍ଗଳବାର କୃଷ୍ଣବେଣୀ ନଦୀ କୂଳେ ଆବାହନ ହୋଇଲେ ।

( ଆବାହନ = ଆହ୍ୱାନ = ନିମନ୍ତ୍ରଣ ବା ସ୍ଥାପନ ବା ଅଭିଷେକ )
( ମାତ୍ର ମାଦଳାପାଞ୍ଜିରେ ମୃତ୍ୟୁ ଅର୍ଥରେ ବ୍ୟବହାର )

୪ । ପୁରୁଷୋତ୍ତମଦେବ ୮ ଅଙ୍କରେ ସେତୁବନ୍ଧ କଟକାଇ କଲେ, ବିଦ୍ୟାନଗର ଗଡ଼ ଭାଙ୍ଗି ଘଉଡ଼ାଇ ଦେଲେ, ଏକଛତ୍ର କରି ରାଜ୍ୟ ସାଧିଲେ । ଏ ରାଜାଙ୍କ ୧୭ ଅଙ୍କରେ ଗଉଡ଼ ନଗରୁ ମୁଗଲ ବାହିଲେ, କଟକ ନିକଟେ ସେତାର ପକାଇଲେ, କଟକ ରକ୍ଷା ହୋଇଥିଲା । ରାଇ ବିଦ୍ୟାଧର ଯାଇଁ ଧଇଲେ ସାରଙ୍ଗଗଡ଼ । ଶ୍ରୀପୁରୁଷୋତ୍ତମେ ଆସି ସୁଲତାନ ରହିଲେ । ଶ୍ରୀପୁରୁଷୋତ୍ତମ ଆସି ଗଉଡ଼ ପାତଶା ଅମରା ସୁଲତାନ ପ୍ରବେଶ ହୋଇଲେ । ବଡ଼ଦେଉଳେ ଯେତେ ପିତୁଳାମାନ ଥିଲେ ସମସ୍ତଙ୍କୁ ଖୁଣ କଲେ । ଦକ୍ଷିଣ କଟକାଇରେ ଯେ ରାଜା ଯାଇଥିଲେ ସେ ବାରତା ପାଇଲେ ଏବଂ ଅଇଲେ । ସୁଲତାନ ଶ୍ରୀପୁରୁଷୋତ୍ତମ ଭାଙ୍ଗିଲେ । ରାଜା ତାହାଙ୍କ ପଛେ ଲାଗି କଟକେ ନରହି ଗଙ୍ଗା ପରିଯନ୍ତେ ଅଳପଥ ସୁଲତାନକୁ ଗୋଡ଼ାଇଲେ । ସେ ଏହିଠାରେ ବହୁତ ଯୁଦ୍ଧ କଲେ । ଏଠାରୁ ଭାଙ୍ଗି ସୁଲତାନ ମଦାରୁଣୀ ରାଇଲେ । ମଦାରୁଣୀ ଛଡ଼ାଇ ରାଜାଏ ଆବୋରି ରହିଲେ । ଗୋବିନ୍ଦ ବିଦ୍ୟାଧର ଯାଇ ସୁଲତାନଙ୍କୁ ପେଶିଲେ । ରାଜାଙ୍କୁ ସେ ଦୋରେହା ହୋଇଲେ । ଶୁରଯାନକୁ ଘେନି ବାହୁଡ଼ି ଅଇଲେ । ମଦାରୁଣୀ ଗଡ଼ଠାଇ ରହି ବହୁତ ଯୁଦ୍ଧ କଲେ । ରାଜା ବାରୁ ଲଗିହୋଇ ହାତୀଦଣ୍ଡ ଘେନି ବହୁତ ଗୋଳଯୁଦ୍ଧ କଲେ । ଗୋବିନ୍ଦ ଭୋଇ ବିଦ୍ୟାଧର ଯୁଦ୍ଧରେ ରାଜାଙ୍କୁ ଭଙ୍ଗାଇଲେ । ସେହିଠାରେ ସୁଲତାନ ତାଙ୍କ ରାଜ୍ୟରେ ରହିଲେ । ୩୧ ଅଙ୍କେ ରାଜା ଖେମୁଣ୍ଡି ମାଇଲେ । ୩୨ ଅଙ୍କେ ପୁଣି ରାଜା ମହେନ୍ଦ୍ର କଟାଇଲେ । ମାଲକା ପାତଶାଙ୍କ

ସଙ୍ଗେ ବହୁତ ଯୁଦ୍ଧ କଲେ । ବହୁତ ଲୋକେ ସେ ଯୁଦ୍ଧରେ ପଡ଼ିଲେ । ପୁଣି ରାଜା ପାଢଶାର ପୀରତି ହୋଇଲା ।

( ପାଢଶା = ବାଦଶାହ, ସେତାର୍ = ତମ୍ବୁ ) ।

୫ । ରାଜା ଗୋବିନ୍ଦ ବିଦ୍ୟାଧର ପ୍ରତାପରୁଦ୍ରଙ୍କ ୩୨ ପୁଅଙ୍କୁ ମରାଇ ଦେଲେ । × × × ରଘୁବଂଶ ଛୋଟରାଯ୍ସ୍ର ବାରତା ପାଇ ଅବଦୁଲା ଶାଙ୍କୁ ଘେନି ମହାନଦୀ ପାର ହୋଇ ମୁରାଟି ରହିଲେ । ସଙ୍ଗତେ ୬୦୦୦ ସହସ୍ର ଲୋକ ଘେନି ଚଉପୁରଠାରେ ପଞ୍ଚୁଆର ଯୁଦ୍ଧ କଲେ । କେହି ରହି ନ ପାରି ପଳାଇଲେ । ଦୁଇଆଡ଼ୁ ସୈନ୍ୟ ଅପାର ପଡ଼ିଲେ । ସେଠାରୁ ଲୋକ ଭାଙ୍ଗିଲେ । ଗଙ୍ଗାକୂଳ ଯାଏ ଗୋଡ଼ାଇଲେ ।

୬ । ରାଜା ରଘୁରାମ ଯେତା ନୃପତି ହୁଅନ୍ତେ ଦକ୍ଷିଣୁ ଦନାଇ ବିଦ୍ୟାଧର ଅଇଲେ । ମଙ୍ଗଳାଯୋଡ଼ିଠାରେ ସେ ରହିଲେ । ସେଠାରେ ମୁକୁନ୍ଦ ହରିଚନ୍ଦନଙ୍କୁ ବେଢ଼ିଲେ । ଦନାଇଙ୍କ ବିଶ୍ୱାସି କେଲେ । କଟକେ ନେଇ ଶାଙ୍କୁଳ ଦେଲେ । ରଘୁଭଞ୍ଜ ଛୋଟରାଏ ଯେ ଭିତରେ ଥିଲେ ସେ ତହୁଁ ଫଉଜ ଘେନି ଓଡ଼ିଶାକୁ ଅଇଲେ । ମୁକୁନ୍ଦ ହରିଚନ୍ଦନ ତାଙ୍କ ସହିତ ଯୁଦ୍ଧ କଲେ । ବହୁତ ଲୋକ ମାଇଲେ । ରଘୁଭଞ୍ଜ ଛୋଟରାଏଙ୍କୁ ବନ୍ଦିକଲେ ଏବଂ ଶେଷରେ ମାରି ପକାଇଲେ ।

୭ । ରାମଚନ୍ଦ୍ର ଦେବଙ୍କ ୨୯ ଅଙ୍କରେ ମକରମ ଖାଁ ଅଇଲେ । ଧନୁ ୨୭ ଦିନ ଖୋର୍ଦ୍ଧା ଘେନଲେ । ରାଜା ଯାଇ କୁଟୁମ୍ବ ଘେନି ରଣପୁର ସୀମାରେ ମାଣଗିର ଗ୍ରାମରେ କଟକ କଲେ ।

୮ । ରାଜା ନରସିଂହଦେବଙ୍କ ଅମଳରେ ଅହମଦ ବେଗ ବୋଇଲା କୁଟୁମ୍ବ ରାଜାଙ୍କର କଟକ ନଅ । ଏଥକୁ ରାଜା ଅନ୍ଧାରି ମହିମଠାରୁ ଭାଙ୍ଗି ମାଣଜୀ କଟକକୁ ବିଜେ କରି ଗଲେ ।

୯ । ମୁକୁନ୍ଦଦେବ ମହାରାଜାଙ୍କ ଅମଳରେ ନବାବ ଅବଦାନ ସରଖାଁ ପିମ୍ପୋଲ ଯାଏ ଅଇଲା । ରାଜା କୁଟୁମ୍ବ ଘେନି ଦାଣ୍ଡମୁକୁନ୍ଦପୁର ନଅରଠାରେ ବିଜେକଲେ । ରାଜାଙ୍କ ସହିତ ପ୍ରୀତିକରି ବାହୁଡ଼ା କଲା ।

୧୦ । ✳ ✳ ଦିବ୍ୟସିଂହ ରାଯ୍ସ୍ର ଗୋସାଇଁ ବରପଦା ଗଡ଼ରୁ ଆଣି ରଥୀପୁର କଟକେ ବିଜେ କରାଇ ରାଜ ୫ ଖୁରାଠାରେ ଅଭିଷେକ କରାଇ ଦେବାର୍ଚନ କଲେ । କଟକ ବୁଲି ଶ୍ରୀନଅରେ ବିଜେକଲେ ✳ ✳ ଦକ୍ଷିଣ ଘରୁ ଦେବତାମାନେ କୋକଲ ଗଡ଼କୁ ବିଜେ କଲେ ।

୧୧ । ✳ ✳ ✳ ମେଷ ୨୮ ଦିନେ ଖୋର୍ଦ୍ଧା କଟକେ ଅଭିଷେକ ହୋଇଲେ । ରାମଚନ୍ଦ୍ର ଦେବଙ୍କ ୮ ଅଙ୍କ ଧନୁ ୨୨ ଦିନେ କଟକ ସୁବା ସୁଜାଖାଁ ପୁଅ ତକୀଖାଁ ନସ୍କର

ଘେନ ଶିଶୁପାଳଗଡ଼ ଘେନ ଖେଳାଇଦେଲା, ଧଉଳୀଗଡ଼ ଘେନ ରଥୀପୁର ଘେନଲା । × × ନବାବ ରଥୀପୁର ରହି ଖୁରୁଦ୍ଧା ଗଙ୍ଗପଡ଼ାଠାରେ ଲଢ଼ାଇ କଲେ । ରାମଚନ୍ଦ୍ରଦେବଙ୍କ ୮ ପୁଅ (କୃଷ୍ଣରାଏ ସେନା, ଏହାଙ୍କ ବଡ଼ପୁଅ ମୁକୁନ୍ଦ କୁମାର, ଏହାଙ୍କ ବଡ଼ପୁଅ ମଧୁସୂଦନ କୁମାର, ଏହାଙ୍କ ପୁଅ ଭାଗୀରଥି କୁମାର ଇତ୍ୟାଦି) ନରସିଂହଗଡ଼ରେ ରହିଲେ, ଖୋର୍ଦ୍ଧା ଛାଡ଼ି ଗଲେ । ନବାବ ବାଣପୁର ଘେନଲେ । କୁମାରଙ୍କ ସହିତ ଖୁରୁଦ୍ଧା ଗଙ୍ଗପଡ଼ାଠାରେ ଯୁଝିଲା । କୁମାର ପଳାଇ ଦାଣପଲ୍ଲି ରହିଲେ । ୧୦ ଅଙ୍କ କୁମ୍ଭ ୧୭ ଦିନ ନବାବ ମହମ୍ମଦଖାଁ ଖୁର୍ଦ୍ଧା ଘେନଲାକୁ ନୂଆଗଡ଼ ବଜେକଲେ । ଏଠାରୁ ବଜେକର ଖଣ୍ଡି ଆପଡ଼ା ବୋଲଗଡ଼ ବଜେକଲେ । × × ପରମେଶ୍ୱରଙ୍କୁ ଆଠଗଡ଼ ସୀମାରେ ମେରଦା ବଜେକଲେ । × × ଗଡ଼ନରସିଂହପୁରଠାରେ ରାଜା ଆବାହନ ହେଲେ ।

୧୨ । ରାଜା ବୀରକିଶୋର ଦେବ ରାଜଗାଦିରେ ଅଭିଷେକ ହେବା ସମୟରେ ଖେମଣ୍ଡି ରାଜା ଓଡ଼ିଶାର ଉତ୍ତରାଧିକାରୀ ବୋଲି ବୀରକେଶରୀ ଦେବଙ୍କ ସଙ୍ଗେ ଯୁଦ୍ଧ କରି ଓଡ଼ିଶାରୁ ତଡ଼ାଇଦେଲେ । ବୀରକିଶୋର ଦେବ ମରହଟ୍ଟାଙ୍କୁ ଆଶ୍ରୟ କରିବାରୁ ମରହଟ୍ଟା ଖେମୁଣ୍ଡି ରାଜାଙ୍କୁ ପରାଜୟ କଲେ ଓ ଖୋରଧାରୁ ତଡ଼ିଦେଲେ । ବୀରକିଶୋର ମରହଟ୍ଟାଙ୍କୁ ଏକ ଲକ୍ଷ ଟଙ୍କା ଦେବାକୁ ସ୍ୱୀକାର କରି ନ ଦେବାରୁ ଲେମ୍ବାଇ, ରହାଙ୍ଗ, ପୁରୁଷୋତ୍ତମ ଓ ଚଉଦ ଗଡ଼ଜାତମାନଙ୍କ ସ୍ୱତ୍ୱ ମରହଟ୍ଟାଙ୍କୁ ଦାନକଲେ ।

୧୩ । ହରିସିଂହ ଦେବ ଖୋରଧା ପଥରଗଡ଼ ଛାଡ଼ି ବରୁଣାଇ ପର୍ବତ ଖୋଲରେ ଘାଟି ନାମକ ଗଡ଼ କରି ରହିଲେ ।

୧୪ । × × କଟକ ବାରବାଟୀରେ ମୁକୁନ୍ଦଦେବ ବନ୍ଦୀ ହେଲେ ଏବଂ ଓଡ଼ିଶାର ପ୍ରାଚୀନ ଗୌରବ-ରବି ଅସ୍ତ ହେଲା ।

ସୁତରାଂ ଆମ୍ଭେ କହୁ, ଓଡ଼ିଶାର ବିଶାଳ ବକ୍ଷ ଯେଉଁ ଗଡ଼ ଓ କଟକମାନଙ୍କୁ ଅଦ୍ୟାବଧି ଧାରଣ କରିଛି, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ସ୍ଥାନରେ ଓଡ଼ିଶାର ପ୍ରାଚୀନ ଇତିହାସ ନିହିତ ଅଛି ଏବଂ ସେଗୁଡ଼ିକ ପ୍ରାଚୀନ ଉତ୍କଳୀୟଙ୍କ ବୀରତ୍ୱ ସମ୍ବନ୍ଧେ ମୂକସାକ୍ଷୀ ସ୍ୱରୂପ ଦଣ୍ଡାୟମାନ ହୋଇ ରହିଛନ୍ତି । ବାରବାଟୀ ଦୁର୍ଗର କେବଳ ଚିହ୍ନ ମାତ୍ର ଅଛି । ସକଳ ବିଭବମାନ ଲୋପ ପାଇଛି; ତଥାପି ବାରବାଟୀ ନାମ ଶୁଣିଲେ ମନରେ ପ୍ରାଚୀନ କାହାଣୀ ଜାଗିଉଠେ । ବାରବାଟୀ ଉତ୍କଳର ଗୌରବ-ରବିଙ୍କ ମଧ୍ୟାହ୍ନ ସମୟ ଓ ଅସ୍ତ ସମୟ ଉଭୟର ସାକ୍ଷୀ । ବାରବାଟୀ ବୀରରକ୍ତ-ପିଣ୍ଡରେ ଗଢ଼ା; ସୁତରାଂ ବାରବାଟୀର ଘାସ ପର୍ଯ୍ୟନ୍ତ ପବିତ୍ର ।

ଓଡ଼ିଶା ଶବ୍ଦରେ ଗଙ୍ଗାଠାରୁ ସେତୁବନ୍ଧ ପର୍ଯ୍ୟନ୍ତ ବୁଝିବାକୁ ହେବ । ଏହି ବିଶାଳ ଭୂଖଣ୍ଡ ସୁନ୍ଦର ଓ ସୁଦୃଢ଼ ଦୁର୍ଗମାଳାରେ ପରିଶୋଭିତ ହୋଇ ଦିନେ ଜାଜ୍ୱଲ୍ୟମାନ ଥିଲା । ଓଡ଼ିଶାର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ଦିନେ ସୈନ୍ୟମାନଙ୍କ କୋଳାହଳ ଧ୍ୱନି ଓ

ଉଦ୍ଧାର କରିଛନ୍ତି । ମାତ୍ର ଆମ୍ଭେ ଉପରେ ଯେ କେତେଗୋଟି ଗଡ଼ ନାମ ଦେଇଛୁଁ, ତାହାର ନାମ ଆବୁଲ ଫଜଲଙ୍କ ହିସାବରେ ନାହିଁ । ସେ ବିଭିନ୍ନ ସ୍ଥାନରେ ୭୨ ଗୋଟି ଦୁର୍ଗର ନାମୋଲ୍ଲେଖ କରିଛନ୍ତି । ଆବୁଲ ଫଜଲ ୧୬୦୦ ଶତାବ୍ଦୀର ପ୍ରାରମ୍ଭଭାଗରେ ଓଡ଼ିଶାକୁ ଆସିଥିଲେ ଏବଂ ସେ ଦେଖିଥିଲେ ଯେ ଓଡ଼ିଶା ଦୁର୍ଗ-ଜାଲ-ଜଡ଼ିତ ପ୍ରଦେଶ ଥିଲା । ସେ ଲେଖିଥିବା ତାଲିକାରୁ ନିମ୍ନଲିଖିତ ସ୍ଥାନମାନଙ୍କରେ ଦୁର୍ଗମାନ ଥିବାର ଜଣାଯାଏ ।

୧ । ଜଲେଶ୍ୱର ସରକାର— ବାନସନ୍ଦ (୫), ବାଲକସି (୩), ପଦ୍ଦା (୩), ଭୋଗରାଇ (୧), ବଗଡ଼ୀ (୧), ଜଲେଶ୍ୱର (୧), ତମ୍ବୁଲକ (୧), ତାରକୋଲ (୧), ରାମଣା (୫), ରାଇନ (୩), ରାସ୍ତପୁର (୧), ସବଙ୍ଗ (୧), କୁରୁଙ୍ଗପୁର (୧), କେଦାରଖଣ୍ଡ (୩), ମେଦିନୀପୁର (୨), କୁତବପୁର (୧), ନାରାୟଣପୁର (୧) ।

୨ । ଭଦ୍ରଖ ସରକାର—ବରଓ୍ୱା (୨), ଭଦ୍ରଖ (୧), ସହେନଶୁ (୨), କାଇମାନ (୧) ।

୩ । କଟକ ସରକାର—ଆଠଗଡ଼ (୧), ପୂର୍ବଦିଗ (୪), ବିଜୟନଗର (୧), ବାରଙ୍ଗ (୯), ଚଉବିଶକୁଦ (୪), ହାଜୀପୁର (୧), ଦକ୍ଷିଣଦିଗ (୪), କୋଠଦେଶ (୩), କଟକ ବନାରସ (୧), କୋଟରାହ (୧) ।

କଳିଙ୍ଗ ଦଣ୍ଡପାଟ ଓ ରାଜମହେନ୍ଦ୍ରୀ ସରକାରମାନଙ୍କ ମଧ୍ୟରେ କି କି ଦୁର୍ଗ ଥିଲା, ସେକଥା ଉଲ୍ଲେଖ ନାହିଁ । ଉପରୋକ୍ତ ସ୍ଥାନମାନଙ୍କରେ ଯେ ସମସ୍ତ ଦୁର୍ଗ ଥିଲା, ସେଗୁଡ଼ିକ ସୁଦୃଢ଼ ଓ ଅଭେଦ୍ୟ । ଏଗୁଡ଼ିକର ବର୍ତ୍ତମାନ ନାମ କେଉଁଠି, କ'ଣ ପରିବର୍ତ୍ତିତ ହୋଇଅଛୁ, ତାହା ସ୍ଥିର କରିବା କଠିଣ । କୋଟରାହ ସମ୍ଭବତଃ କୋଟରାହାଙ୍ଗ । ପୁରୀ ଜିଲ୍ଲାର ଗୋଟିଏ ପ୍ରଗନାର ନାମ ମଧ୍ୟ କୋଟରାହାଙ୍ଗ ଏବଂ ଗୋଟିଏ ଗ୍ରାମର ନାମ ମଧ୍ୟ କୋଟରାହାଙ୍ଗ । କଟକ ବନାରସ ସମ୍ଭବତଃ ବାରାନସୀ । ତମ୍ବୁଲକ ସମ୍ଭବତଃ ତମଲୁକ । ନାରାୟଣପୁର ସମ୍ଭବତଃ ନରଣଗଡ଼ । ଅନ୍ୟମାନଙ୍କ ସମ୍ବନ୍ଧେ ପରେ ଅନୁସନ୍ଧାନ କରି ଲେଖାଯିବ । ସାରଙ୍ଗଗଡ଼ ବାରଙ୍ଗ ନିକଟରେ । ସେଠାରେ ବର୍ତ୍ତମାନ ଦୁର୍ଗର ଧ୍ୱଂସାବଶେଷ ଦେଖାଯାଏ । ଶିଶୁପାଳଗଡ଼ ଭୁବନେଶ୍ୱର ନିକଟରେ । ସେଠାରେ ମଧ୍ୟ ଦୁର୍ଗର ଚିହ୍ନ ଦେଖାଯାଏ ।

କାଳ-ବାତ୍ୟା-ବିହତ ହୋଇ ଅଧିକାଂଶ ଗଡ଼ ଧୂଳିସାତ୍ ହୋଇଗଲାଣି । କେତେକ ସ୍ଥଳରେ କେବଳ ସ୍ଥାନ ନିର୍ଦ୍ଦେଶ କରାଯାଇପାରିବ; ମାତ୍ର ଦୁର୍ଗୋଚିତ କୌଣସି ଲକ୍ଷଣ ପରିଦୃଶ୍ୟମାନ ନୁହେ । ଦୁର୍ଗମାଳାର ଶ୍ରେଷ୍ଠ ଅମୂଲ୍ୟ ପଦକସ୍ୱରୂପ ବାରବାଟୀ ଦୁର୍ଗ ଯେଉଁ ମାଟିରୁ ଗଢ଼ାହୋଇଥିଲା, ସେହି ମାଟିରେ ମିଶିଗଲାଣି । କ୍ରମେ ଓଡ଼ିଶାର ପ୍ରାଚୀନତ୍ୱ ଲୋପ ହୋଇଯାଉଛି; କିନ୍ତୁ କାହାର ଭ୍ରୂକ୍ଷେପ ନାହିଁ ! ଦିନେ ଏଥିଲାଗି ଆମ୍ଭମାନଙ୍କୁ ପଶ୍ଚାତ୍ତାପ କରିବାକୁ ହେବ ! ବାରବାଟୀ ଦୁର୍ଗ ୧୦୦୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଥିଲା । ଆବୁଲ

ଫଜଲ ୧୫୭୦ ଖ୍ରୀଷ୍ଟାବ୍ଦରେ ଏବଂ ଏମ୍. ଲମୋଟି ୧୭୬୭ ଖ୍ରୀଷ୍ଟାବ୍ଦରେ ବାରବାଟୀର ପୂର୍ଣ୍ଣ ଯୌବନାବସ୍ଥା ଦେଖିଯାଇଥିଲେ । ଯେଉଁ ବାରବାଟୀ ଦୁର୍ଗରୁ ସୈନ୍ୟ କୋଳାହଳ ଉତ୍ଥିତ ହୋଇ ଆକାଶ ବିଦୀର୍ଣ୍ଣ କରୁଥିଲା ଓ ଶତ୍ରୁ ହୃଦରେ ଚମକ ଉପସ୍ଥିତ କରୁଥିଲା, ଆଜ ତାହା ଶ୍ୱାନ-ଶୃଗାଳମାନଙ୍କ ବିକଟ ଧ୍ୱନିରେ ମୁଖରିତ । ଦିନେ ଯେଉଁ ବାରବାଟୀ ଦୁର୍ଗ ଗଜପତି-ମାନଙ୍କର ଲୀଳାଖେଳା ଓ ବିହାରଭୂମି ଥିଲା, ଆଜ ତାହା ଶ୍ମଶାନରେ ପରିଣତ ହେଲାଣି । ଯେଉଁ ବାରବାଟୀ ଆଜ ଓଡ଼ିଆଜାତିର ନମସ୍ୟ, ପୂଜ୍ୟ ଓ ପବିତ୍ର ସ୍ଥାନ ହୋଇଥାନ୍ତା ଏବଂ ଯାହାର ଧୂଳିକଣା ଶରୀରରେ ବୋଳିହୋଇ ଆପଣାକୁ ପବିତ୍ର ମନେ କରୁଥାନ୍ତୁ, ଆଜ ସେହି ପ୍ରାତଃସ୍ମରଣୀୟ ବାରବାଟୀ କଲି ମନୁଷ୍ୟ ପଶୁମାନଙ୍କ ବହିଃଭୂମିରେ ପରିଣତ ହୋଇଛି ।

କୃପାସିନ୍ଧୁ ବାବୁ ବାରବାଟୀର ଦୁରବସ୍ଥା ଦେଖି ବହୁତ ଆକ୍ଷେପ ପ୍ରକାଶ କରିଛନ୍ତି ଏବଂ ପବ୍ଲିକ୍ ଓ୍ୟାର୍କ୍‌ସ କର୍ମଚାରୀମାନଙ୍କ ଉପରେ ଦୋଷାରୋପ କରିଅଛନ୍ତି । କୃପାସିନ୍ଧୁ ବାବୁ ପ୍ରଶ୍ନର ଯେଉଁ ସମାଧାନ କରିଛନ୍ତି ତାହା ସତ; ମାତ୍ର ମୁଁ ପଚାରେଁ, ବାରବାଟୀ ଦୁର୍ଗ ରକ୍ଷା କରିବା ଲାଗି ଦାୟିତ୍ୱ କାହା ଉପରେ ଥିଲା ? ଆପଣା ଘର ଆପେ ରକ୍ଷା କରି ନପାରିବା ଦୋଷରୁ ନଷ୍ଟ ହେଲେ ଦୋଷ କାହାର ? ଆମ୍ଭେ ତ ଏପର୍ଯ୍ୟନ୍ତ ଆମ୍ଭମାନଙ୍କ ପ୍ରାଚୀନ କୀର୍ତ୍ତିମାନଙ୍କର ମୂଲ୍ୟ ବୁଝିପାରିଲେ ନାହିଁ, ଅନ୍ୟକୁ ଦୋଷ ଦେଲେ କଣ ହେବ । ବାରବାଟୀ ଦୁର୍ଗ ଓଡ଼ିଆ ଜାତୀୟତାର ସାକ୍ଷାତ୍ ଜୀବନ୍ତ ପ୍ରତିମୂର୍ତ୍ତି ବୋଲି ଯଦି ବିଶ୍ୱାସ ଥାନ୍ତା, ତା'ଉପରେ କୁଠାରାଘାତ ହେଲାବେଳେ ପ୍ରତ୍ୟେକ ଓଡ଼ିଆ ଶରୀରରେ ଆଘାତ ଲାଗିଥାନ୍ତା ଏବଂ ତାହା ସୁରକ୍ଷିତ ନ ହେବା ପର୍ଯ୍ୟନ୍ତ ଓଡ଼ିଆଜାତି ନିଶ୍ଚିନ୍ତ ହୋଇ ଶୋଇପାରି ନ ଥାନ୍ତା । ଆମ୍ଭମାନଙ୍କର ଜାତୀୟଜୀବନ ନାହିଁ କହିଲେ ଚଳେ ! ପ୍ରତ୍ୟେକ ଓଡ଼ିଆ ଆପଣାକୁ ପ୍ରଶ୍ନ କରୁ, ନିଶ୍ଚୟ ତାର ବିବେକ ଉତ୍ତର ଦେବ ଯେ ବାରବାଟୀ ରକ୍ଷା କରି ନ ପାରିବା ଦୋଷ ଆମ୍ଭମାନଙ୍କ ଉପରେ !

ପୁରୀରେ ଚୈତ୍ର ମାସରେ ରାମନବମୀ ଯାତ୍ରା ହୁଏ । ଏ ସମୟରେ ସାଇଯାତ୍ରା ବାହାରେ । ଏ ସାଇଯାତ୍ରା ମଧ୍ୟରେ ଅନେକ ଯୁବକ ଅନେକ ପ୍ରକାରେ ବେଶ ବାନ୍ଧି ସୁଆଙ୍ଗ ଦେଖାଇ ନୃତ୍ୟ ଗୀତ କରି ଆମୋଦପ୍ରମୋଦ କରିଥାନ୍ତି । ନାଗା ଗୋଟିଏ ପ୍ରଧାନ ବେଶ । ନାଗାମୂର୍ତ୍ତି ଦେଖିଲେ ମନରେ କୌତୂହଳ ଜାତ ହେବା ସଙ୍ଗେ ସଙ୍ଗେ ଗୋଟିଏ ଗମ୍ଭୀର ଚିନ୍ତା ଉପସ୍ଥିତ ହୁଏ । ମନେ ହୁଏ, ଏ ମୂର୍ତ୍ତିର ମୂଳ କେଉଁଠି ? ମୋର ମନେହୁଏ ଏବଂ ପ୍ରକୃତପକ୍ଷେ ଏକଥା ନିଶ୍ଚୟ ଯେ ଏ ମୂର୍ତ୍ତି ପ୍ରାଚୀନ ବୀରମୂର୍ତ୍ତିର ପ୍ରତିକୃତି ମାତ୍ର । ବୀରତ୍ୱବହ୍ନି ନିର୍ବାପିତ ହୋଇ ବୋଧହୁଏ ଏହି ଭସ୍ମାକୃତିରେ ପରିଣତ ହୋଇଅଛି । ନାଗାବେଶରୁ ବୀର-ବେଶର ଆଭାସ ମିଳେ । ନାଗାବେଶ ବାନ୍ଧି ପାହୁଲ ପକାଇ ଚାଲିବା ଓ ମୁରାଟି ଚାହିଁ ବନ୍ଧୁକ ଫୁଟାଇବା ଠାଣି ଓ ସିଂହାର ଦେଖିଲେ ମନେ ହୁଏ, ଏ ଜାତିରେ ଦିନେ ବୀରତ୍ୱ ଥିଲା ଏବଂ ସେହି ଜାତୀୟ ପ୍ରକୃତି ଓ ପ୍ରବୃତ୍ତି ଉପଯୁକ୍ତ କାର୍ଯ୍ୟକ୍ଷେତ୍ର ନ ପାଇ ଆମୋଦପ୍ରମୋଦବେଳେ ବ୍ୟାଜରେ ବାସନା ଚରିତାର୍ଥ କରୁଅଛି । ନାଗାବେଶର ଉପକରଣ ମଧ୍ୟରେ ଢାଲ,

ଖଣ୍ଡା, ଢାଲ, ତୀର, ତୂଣୀର, ବନ୍ଧୁକ, କାଛେଣି, ପକ୍ଷଗୁଚ୍ଛ, ବାହୁ ପ୍ରଭୃତି ପ୍ରାଚୀନ ବୀରମାନଙ୍କର ପ୍ରଧାନ ଭୂଷଣ ଥିଲା । ଆଜି ମଧ୍ୟ ଲୋକେ ନାଗା ସାଜିବାକୁ ଗୌରବ ମନେ କରନ୍ତି ଏବଂ ଯେ ନାଗା ସାଜେ ସେ ବଳିଷ୍ଠ ଲୋକ ବୋଲି ମନରେ ଗର୍ବ କରେ ଏବଂ ଲୋକେ ମଧ୍ୟ ତାର ଶାରୀରିକ ବଳକୁ ପ୍ରଶଂସା କରିଥାନ୍ତି । ପୁରୀ ଯାଇଯାତ୍ରାରେ ଯେ ନାଗା ସାଜେ ସେମାନଙ୍କ ଦଳ ମଧ୍ୟରେ ତାର ବିଶେଷ ବାହାଦୁରୀ । ନାଗାମୂର୍ତ୍ତି ଓ ଅଶ୍ୱାରୋହୀ ସୈନ୍ୟମୂର୍ତ୍ତି ଅନେକ ଦେଉଳରେ ଖୋଦିତ ହୋଇ ରହିଛି । ଜଗନ୍ନାଥ ଦେଉଳରେ ଖୋଦିତ ମୂର୍ତ୍ତି ଅଛି । ଏ ସମସ୍ତ ଓଡ଼ିଆଜାତିର ପ୍ରାଚୀନ ବୀରତ୍ୱର ପ୍ରମାଣ ।

ଶାରୀରିକ ବଳ ବୃଦ୍ଧି କରିବାଲାଗି କୁସ୍ତି କରିବାର ପ୍ରଥା ଥିଲା । ଅଧିକାଂଶ ସ୍ଥାନରେ ବିଶେଷତଃ ଗଡ଼ମାନଙ୍କରେ ଆଖଡ଼ାଘର ଥିଲା । ଯୁବକମାନେ ରୀତିମତେ ଏ ଆଖଡ଼ା-ମାନଙ୍କରେ ମାଲକୁସ୍ତି, ପଟ୍ଟାଖେଳ, ଫରିଖେଳ, ତରବାରି ଖେଳ ଆଦି ଶିକ୍ଷା କରୁଥିଲେ । ମାଲଖୁମ୍ବ, ମୁଦ୍‌ଗର, କଣାଣ ପ୍ରଭୃତି ଦ୍ୱାରା କସରତ୍ କରୁଥିଲେ । ଭୂମିଦଣ୍ଡ ପକାଇବାର ପ୍ରଥା ଥିଲା । ଏସମସ୍ତ ଦ୍ୱାରା ଶରୀର ସବଳ ହେଉଥିଲା, ବାହୁଯୁଗଳ ସୁଗୋଲ ହେଉଥିଲା, ବକ୍ଷଦେଶ ପ୍ରଶସ୍ତ ହେଉଥିଲା । ଆଖଡ଼ାଘରର ଇଷ୍ଟଦେବତା ବୀର ହନୁମାନ ଏବଂ ଯୁବକମାନେ ହନୁମାନଙ୍କ ପ୍ରତିମୂର୍ତ୍ତି ଆଖଡ଼ାଘରେ ରଖି ପ୍ରତି ମଙ୍ଗଳବାର ଦିନ ଚୁଆ, ସିନ୍ଦୂର ଓ ନୈବେଦ୍ୟ ଦେଇ ପୂଜା କରୁଥିଲେ । ଆଦର୍ଶ ଦେବତାଙ୍କଠାରେ ବିଶ୍ୱାସ ରଖି ଯୁବକମାନେ ବୀର ହନୁମାନଙ୍କ ପରି ବଳବାନ୍ ହେବାକୁ ଉଦ୍‌ଯୋଗୀ ଥିଲେ । "ଯାଦୃଶୀ ଭାବନାଯସ୍ୟ ସିଦ୍ଧିର୍ଭବତି ତାଦୃଶୀ ।" ବହୁକାଳ ପୁରୁଷାନୁକ୍ରମେ ଯେଉଁ ପ୍ରବୃତ୍ତି ପରିପୋଷିତ, ପରିବର୍ଦ୍ଧିତ ଓ ପରିସ୍ଫୁଟିତ ହୋଇଥାଏ, ସହଜେ ତାର ବିନାଶ ହୁଏ ନାହିଁ । ଏହି ନୈସର୍ଗିକ ନିୟମାନୁସାରେ ଓଡ଼ିଆଜାତିରୁ ଏ ପ୍ରକୃତି ଏକାବେଳକେ ଲୋପ ପାଇ ନାହିଁ । ଆଜି ମଧ୍ୟ କେତେକ ସ୍ଥାନରେ ଏ ଅନୁଷ୍ଠାନଗୁଡ଼ିକ ସୁଷୁପ୍ତ ଅବସ୍ଥାରେ ଅଛି । ପୁରୀ ସହରରେ ପ୍ରତ୍ୟେକ ସାହିରେ ଦୁଇ ଗୋଟିଏ ଆଖଡ଼ାଘର ଅଛି; ମାତ୍ର କ୍ରମେ ଏହାର ମୂଳ ଉଦ୍ଦେଶ୍ୟ ଲୋପ ହୋଇ ଆସୁଛି । ଆଖଡ଼ାଘରମାନଙ୍କରେ କେବଳ ଭାଙ୍ଗ ଖାଇବା ପ୍ରବୃତ୍ତି ଉନ୍ନତ ଅବସ୍ଥାକୁ ଆସୁଥିବାର ଦେଖାଯାଏ । ଏହାଠାରୁ ବଳ ଆକ୍ଷେପର ବିଷୟ ଆଉ କଣ ଅଛି ।

ଓଡ଼ିଆମାନଙ୍କ ବୀରତ୍ୱ ଅବିସମ୍ବାଦିତ । ମାତ୍ର ଓଡ଼ିଆମାନଙ୍କ ବୀରତ୍ୱରେ କିଛି ବିଶେଷତ୍ୱ ଥିଲା । ଓଡ଼ିଆମାନେ ବୀରତ୍ୱ ଦେଖାଇବାକୁ ଯାଇ ଅନ୍ୟ କୌଣସି ଜାତି ଉପରେ ପାଶବିକ ଅତ୍ୟାଚାର କରି ନ ଥିଲେ କିମ୍ବା ଧର୍ମଯୁଦ୍ଧର ନିୟମାବଳୀ ଲଙ୍ଘନ କରି ବିପକ୍ଷ ପକ୍ଷର ଲୋକମାନଙ୍କୁ ହତ୍ୟା କରି ନ ଥିଲେ । କୌଣସି ରାଜ୍ୟର ପ୍ରାଚୀନ କୀର୍ତ୍ତିକଳାପର ଧ୍ୱଂସ କରି ନ ଥିଲେ କିମ୍ବା କୌଣସି ରାଜ୍ୟର ନିରପରାଧୀ ସ୍ତ୍ରୀ-ବାଳକ-ନିର୍ବିଶେଷରେ ମାନବମାନଙ୍କୁ ହତ୍ୟା କରି ନ ଥିଲେ । ଆଜି ଜର୍ମାନମାନେ ମାନବଜାତି ଉପରେ ମାରାତ୍ମକ ବିଜ୍ଞାନବଳରେ ଯେଉଁ ଭୟାବହ ଲୋମହର୍ଷଣକାରୀ ପାଶବିକ ଅତ୍ୟାଚାର କରୁଅଛନ୍ତି, ଓଡ଼ିଆ

ବୀରମାନଙ୍କୁ ସେପରି ଦୋଷରେ କେହି କେବେ ଅଭିଯୁକ୍ତ କରି ପାରି ନାହିଁ ବା ପାରିବ ନାହିଁ । ଓଡ଼ିଶାରେ ମୋଗଲ ମରହଟ୍ଟାମାନେ ଯେପରି ଅବଳୀଳାକ୍ରମେ ଲୁଣ୍ଠନାଦି ଅତ୍ୟାଚାର କରିଥିଲେ, ଓଡ଼ିଆମାନେ ସେପରି ଅତ୍ୟାଚାର କୌଣସି ରାଜ୍ୟରେ କରି ନାହାନ୍ତି । ଓଡ଼ିଆ ସାହସୀ ଥିଲେ । ପୁଣି ସହିଷ୍ଣୁତା ଗୁଣରେ ଭୂଷିତ ହୋଇ ବୀରତ୍ୱ ପ୍ରଦର୍ଶନ କରିଥିଲେ । ଓଡ଼ିଆମାନଙ୍କର ସାହସିକତା ଶାସ୍ତ୍ରସିଦ୍ଧ । ଅନେକ କାଳ ପୂର୍ବେ ସାହିତ୍ୟଦର୍ପଣକାର ଲେଖିଯାଇଛନ୍ତି "କଳିଙ୍ଗଃ ସାହସିକଃ ।" ଓଡ଼ିଆମାନେ ବୀର ଥିଲେହେଁ ଆଶ୍ରିତ ଶତ୍ରୁକୁ ମଧ୍ୟ ଆଶ୍ରୟ ଦେବାଲାଗି କୁଣ୍ଠିତ ହୋଇ ନ ଥିଲେ । ଏଥିର ପରିଚୟ ପୂର୍ବେ ଦେଇଅଛୁଁ । ଆଶ୍ରୟ-ବତ୍ସଳତା ଏବଂ ଉଦାରତା ଓଡ଼ିଆ ବୀରମାନଙ୍କର ପ୍ରଧାନ ଗୁଣ ଥିଲା । ଜାତି ଓ ଧର୍ମ ନିର୍ବିଶେଷରେ ଓଡ଼ିଆମାନେ ଆପଣା ବାହୁଚ୍ଛାୟାତଳେ ଅପରକୁ ଆଶ୍ରୟ ଦେଇ ଆପଣାର ଉଦାରତା ଦେଖାଇଛନ୍ତି । ଇତିହାସ ଏହାର ସାକ୍ଷୀ । ଓଡ଼ିଆଜାତି କେବେ କାହାରି ଦ୍ୱାରସ୍ଥ ହୋଇ ଆଶ୍ରୟ ଭିକ୍ଷା କରି ନ ଥିଲା କିମ୍ବା ଓଡ଼ିଆଜାତି ସେପରି ଧାତୁରେ ଗଠିତ ହୋଇ ନ ଥିଲା ।

ଆମ୍ଭେ ପୂର୍ବେ ଯେଉଁ ଉପାଧିମାନଙ୍କ ନିଦର୍ଶନ ଦେଇଅଛୁଁ, ସେଥିମଧ୍ୟରେ ସେନାପତି ଗୋଟିଏ ଉପାଧି । ସେନାପତି ଉପାଧି ବିଭିନ୍ନ ଶ୍ରେଣୀସ୍ଥ ଲୋକମାନଙ୍କର ଥିବାର ଦେଖାଯାଏ । ମାସ୍ତାନ ବ୍ରାହ୍ମଣ, ଚଷା, ଖଣ୍ଡାଏତ, ପାଇକ ଇତ୍ୟାଦି ବିଭିନ୍ନ ଶ୍ରେଣୀସ୍ଥ ଲୋକଙ୍କ ମଧ୍ୟରେ ଏ ଉପାଧି ଦେଖାଯାଏ । ଶ୍ରୋତ୍ରିୟ ଶାସନୀ ବ୍ରାହ୍ମଣମାନଙ୍କର ବାହିନୀପତି ଉପାଧି ଅଛି । ନାୟକ ଉପାଧି ବିଭିନ୍ନ ଶ୍ରେଣୀସ୍ଥ ଲୋକଙ୍କଠାରେ ଦେଖାଯାଏ । ଏଥିରୁ ସ୍ପଷ୍ଟ ଜଣାଯାଏ ଯେ ବ୍ରାହ୍ମଣମାନେ ମଧ୍ୟ ଆବଶ୍ୟକବେଳେ ସୈନ୍ୟଶ୍ରେଣୀଭୁକ୍ତ ହୋଇ କାର୍ଯ୍ୟ କରୁଥିଲେ । ବ୍ରାହ୍ମଣମାନେ କେବଳ ମନ୍ତ୍ରଣାଦାତା ନ ଥିଲେ । ସେମାନେ ସୈନ୍ୟ-ବିଭାଗରେ ନାୟକତ୍ୱ କରୁଥିଲେ । ମହାସେନାପତି ବୋଲି ଆଉ ଗୋଟିଏ ଉପାଧି ମାଦଳା-ପାଞ୍ଜିରୁ ମିଳେ : "ସୂର୍ଯ୍ୟପୁର ନାୟକ ମାର୍କଣ୍ଡ ମହାସେନାପତି ।" ଏଥିରୁ ଜଣାଯାଏ ଆପଦ-ବିପଦବେଳେ ଆବଶ୍ୟକ ହେଲେ ସବୁ ଶ୍ରେଣୀସ୍ଥ ଲୋକମାନେ ସୈନ୍ୟଶ୍ରେଣୀଭୁକ୍ତ ହେଉଥିଲେ । ସୈନ୍ୟବିଭାଗର ପରିଚୟ ଏଥିରୁ ଜଣାଯାଏ ।

ଅନଙ୍ଗଭୀମ ଦେବଙ୍କ ରାଜତ୍ୱକାଳରେ କେତେ ସୈନ୍ୟ-ସାମନ୍ତ ଥିଲେ, ମାଦଳାପାଞ୍ଜିରୁ ତାର ପରିଚୟ ମିଳେ । ମାଦଳାପାଞ୍ଜିରେ ଏହିପରି ଲେଖା ଅଛି : "× × ଏଥିକି ମହାରାଜାଙ୍କ ଫଉଜ ଖଟନ୍ତି, ଦନ୍ତମସ୍ତ ମାଗୁନା ହାତୁଣୀ ମଧ୍ୟ ୨୫୦୦ ଘର, ଚଉଦ ପ୍ରତିରେ ରାଉତ ଘୋଡ଼ା ବାଖର ୧୦୦୦୦ ହଜାର, ବାଣୁଆ ବାଣୁଆ ଧନୁକୀ ଫଡ଼ିକାର ଇଟିକାର ମଧ୍ୟ ପାଇକ ୩୦୦୦୦ ହଜାର ଜଣ ।"

'ପାଇକ' ଶବ୍ଦର ଅର୍ଥ ପଦାତିକ । ଖଣ୍ଡାଏତମାନେ ଆପଣାକୁ ଶ୍ରେଷ୍ଠ ଜାତି ବୋଲି ଦାବି କରନ୍ତି । ଖଣ୍ଡାଏତ ଅର୍ଥ ଖଣ୍ଡାହାତ ବୋଲି କହନ୍ତି । ମାଡ଼କ୍ସ ସାହେବ

ଏଥିର ଦୁଇପ୍ରକାର ଅର୍ଥ କରନ୍ତି । କେତେକ ଗଡ଼ଜାତର ଅଧିପତିମାନେ ଆପଣାକୁ ଖଣ୍ଡାଏତ ବୋଲି କହନ୍ତି । ଏମାନଙ୍କ ପକ୍ଷରେ ଖଣ୍ଡା ଅର୍ଥ "ଭୂମିଖଣ୍ଡ ବା ପାର୍ବତ୍ୟ ଦୁର୍ଗ", ଯାହା ଉପରେ ସେମାନଙ୍କର ଅଧିକାର ଥିଲା । ସାଧାରଣତଃ ଖଣ୍ଡା ଅର୍ଥ ଅସ୍ତ୍ରବିଶେଷ ଏବଂ ଏହି ଅର୍ଥ ସୀମାନ୍ତ ଜମିଦାର ଓ ସମୁଦ୍ରକୂଳର କିଲ୍ଲାଜାତ ରାଜାମାନଙ୍କ ପକ୍ଷେ ପ୍ରଯୁଜ୍ୟ । ଜମିଦାରମାନଙ୍କ କଚେରୀରେ ଯେଉଁ କୃଷିଜୀବୀ ଶ୍ରେଣୀର ଲୋକମାନେ ପହରା ଦେଉଥିଲେ, ସେମାନେ ମଧ୍ୟ ଖଣ୍ଡାଏତ ବୋଲି କଥିତ ହେଉଥିଲେ । ପାଇକ ସରଦାରମାନଙ୍କୁ ଖଣ୍ଡାଏତ ବୋଲି କୁହାଯାଏ । ଏହି ଅର୍ଥରେ ପ୍ରାଚୀନ ବ୍ୟବହାର ଦେଖାଯାଏ ।

(୧) ଶତ୍ରୁ ଖଣ୍ଡାଘାତେ ଗଡ଼ାଇଲେ ମୁଣ୍ଡ । ( ନ: କେ: )

(୨) ଖଣ୍ଡାରୁ ଖଣ୍ଡାଏତ ହେଲେ । ଅନେକ ପ୍ରକାର ବଢ଼ିଲେ । ( ନ: ଘ: )

ପାଇକମାନେ ଖଣ୍ଡାଏତମାନଙ୍କ ଅଧୀନରେ କାର୍ଯ୍ୟ କରୁଥିଲେ । ଓଡ଼ିଶାରେ ଖଣ୍ଡାଏତ ଓ ପାଇକମାନଙ୍କ ବହୁଳତା ଦେଖି ଜଣାଯାଏ ଯେ ଦେଶର ସ୍ୱରଆଡ଼େ ସୈନ୍ୟମାନେ ବସ୍ତିଉଣୀ ହୋଇ ରହିଥିଲେ ଏବଂ ଜାଗିର ଜମି ଭୋଗକରୁଥିଲେ । ଶାନ୍ତି ସମୟରେ ଜମି ଚାଷବାସ କରୁଥିଲେ ଏବଂ ଯୁଦ୍ଧ ସମୟରେ ସେମାନଙ୍କ ନାୟକ ଛତ୍ରତଳେ ଏକତ୍ରିତ ହେବାକୁ ବାଧ୍ୟ ଥିଲେ । ଷୋଡ଼ଶ ଶତାବ୍ଦୀରେ ଆବୁଲ ଫଜଲ ଓଡ଼ିଶାର ପାଇକ ସଂଖ୍ୟା ୧୦୦୦୦୦ ଥିବାର ଅନୁମାନ କରିଥିଲେ ଏବଂ ସେ କହିଥିଲେ ଯେ ଦେଶୀୟ ସୈନ୍ୟ ମୁସଲମାନମାନଙ୍କୁ ଏକାଧିକ ଥର ପରାସ୍ତ କରିବାକୁ ସକ୍ଷମ ହୋଇଥିଲେ । କାଳକ୍ରମେ ମୋଗଲବନ୍ଦିର ଖଣ୍ଡାଏତ ପାଇକମାନେ କୃଷିଜୀବୀ ହୋଇ ରହିଲେ । ମାତ୍ର ପ୍ରାଚୀନ ପ୍ରଥା ବର୍ତ୍ତମାନ ସୁଦ୍ଧା ଖଣ୍ଡାଏତ, ଜମିଦାର ଓ ସୀମାନ୍ତ ରାଜାମାନଙ୍କ ଅଧୀନରେ କଥିଞ୍ଚିତ୍ ଜୀବିତ ଅଛି ।

ମୋଗଲ ଏବଂ ମରହଟ୍ଟାମାନଙ୍କ ଶାସନ ସମୟରେ ଶେଷୋକ୍ତ ଖଣ୍ଡାଏତମାନେ ସେମାନଙ୍କ ଇଲାକାର ଆଭ୍ୟନ୍ତରୀଣ ଶାସନ କାର୍ଯ୍ୟରେ ଦାୟୀ ଥିଲେ । ମାତ୍ର ମୋଗଲବନ୍ଦି ପାଇକ ଓ ଖଣ୍ଡାଏତମାନେ ଥାନା ସାମିଲରେ ସରଦାର ଓ ଖଣ୍ଡାଏତମାନଙ୍କ ଅଧୀନରେ ରହିଥିଲେ । ଜମିଦାର ଓ ତାଲୁକଦାରମାନେ ପ୍ରଥମେ ସେମାନଙ୍କ ଇଲାକାରେ ଶାନ୍ତିରକ୍ଷା ନିମିତ୍ତ ଦାୟୀ ଥିଲେ; କିନ୍ତୁ ମରହଟ୍ଟାମାନେ ତାଲୁକଦାରମାନଙ୍କୁ ଅବମାନନା କରି ଅମିଲ ହାତରେ ପୁଲିଶ ଶାସନଭାର ଅର୍ପଣ କଲେ ଏବଂ ଅମିଲମାନେ କଟୁଆଲ ସାହାଯ୍ୟରେ ଏ କାର୍ଯ୍ୟ ଚଳାଇଲେ । ଇତିମଧ୍ୟରେ ଜାଗିରଦାରମାନେ କେତେକ ପାଇକଙ୍କୁ ବେଦଖଲ କରି ସେମାନଙ୍କ ଜାଗିର ଜମିମାନ ଦଖଲରେ ନେଲେ ଏବଂ ଯେ କେତେକ ଜଣଙ୍କର ଜାଗିର ରହିଥିଲା, ସେମାନେ ଜାଗିରଦାରଙ୍କ ଅଧୀନସ୍ଥ ଚାକର ସ୍ୱରୂପ ଥିଲେ । ଗତ ପ୍ରାଦେଶିକ ବନ୍ଦୋବସ୍ତ ସମୟରେ ସେମାନଙ୍କ ଜାଗିର ଭୂମି ଉପରେ କରଧାର୍ଯ୍ୟ କରାଗଲା । ଏମାନଙ୍କ

ଜାଗିର ଜମି ଅଧା ଜମାରେ ବନ୍ଦୋବସ୍ତ କରାଗଲା । କଟକ, ପୁରୀ, ବାଲେଶ୍ୱର ଜିଲ୍ଲାମାନଙ୍କର ଜାଗିର ଜମିର ପରିମାଣ ୭୨୧୯ ଏକର । ଏଥିମଧ୍ୟରୁ ୫୦୧୦ ଏକର ଉପରେ ଅଧା ଜମା ଧାର୍ଯ୍ୟ ହୋଇଅଛି । ଗୁନ୍ଦାବାଲି ଜାଗିର ଓ ରେଣ୍ଡା ଜାଗିର ଏଥିରେ ମିଶି ନାହିଁ । ପାଇକମାନେ ଦୁଇ ଶ୍ରେଣୀରେ ବିଭକ୍ତ—ସରଦାର ପାଇକ ଓ ବରାବର ପାଇକ ।

ବର୍ତ୍ତମାନ ଖଣ୍ଡାଏତ ଓ ପାଇକ ବସତିର ଅବସ୍ଥିତି ଦେଖି ମନେ ହୁଏ ଯେ ସମସ୍ତ ଦେଶଟି ସାମରିକ ସୁବିଧା-ସୁଯୋଗ ଦୃଷ୍ଟିରେ ବିଭକ୍ତ ହୋଇଥିଲା । ହଣ୍ଟର ସାହେବ ମଧ୍ୟ ଏହି ମତ ପୋଷଣ କରିଥିଲେ । ସେ କହୁଛନ୍ତି—ଅର୍ଥାତ୍ ଜିଲ୍ଲାମାନଙ୍କରେ ଯେଉଁ ଅସଂଖ୍ୟ ଖଣ୍ଡାଏତ ଜାତି ଅଛନ୍ତି ସେମାନେ ପ୍ରାଚୀନ ରାଜାମାନଙ୍କର ବଂଶଧର । ପ୍ରାଚୀନ ରାଜାମାନେ ବହୁତ ସୈନ୍ୟ ରଖିଥିଲେ ଏବଂ ଦେଶକୁ ସାମରିକ ସୁବିଧା ଅନୁସାରେ ବିଭକ୍ତ କରିଥିଲେ । ହଣ୍ଟର ସାହେବଙ୍କ ଗଣନା ଅନୁସାରେ ୯୮୨୧୪୮ ଖଣ୍ଡାଏତ ଥିଲେ ।

ଓଡ଼ିଶାରେ ଭୂୟାଁ ପଦର ପ୍ରଚଳନ ଅଛି । ଚଷା, ଓଡ଼ ଶ୍ରେଣୀୟ ଲୋକଙ୍କର ଏପରି ପଦବି ଅଛି; ଏମାନେ ସମୟରେ ସୈନିକଶ୍ରେଣୀଭୁକ୍ତ ହୋଇ ଯୁଦ୍ଧ କରୁଥିଲେ । ବାଲେଶ୍ୱର ଅଞ୍ଚଳରେ ଭୂୟାଁ ପଦଧାରୀ ଲୋକଙ୍କ ସଂଖ୍ୟା ବେଶି । ଶାହଜାହାନ ଓ ଆଓରଙ୍ଗଜେବଙ୍କ ରାଜତ୍ୱ ସମୟରେ ଯେଉଁ ଐତିହାସିକ ପ୍ରସଙ୍ଗ ବିହାର-ଓଡ଼ିଶା ପ୍ରତ୍ନତତ୍ତ୍ୱ ସମ୍ବନ୍ଧୀୟ ମାସିକ ପତ୍ରିକାର ୨ୟ ଭାଗରେ ପ୍ରକାଶିତ ହୋଇଥିଲା ତହିଁରୁ ଜଣାଯାଏ ଯେ ଭୂୟାଁମାନେ ମୁସଲ-ମାନମାନଙ୍କ ବିରୁଦ୍ଧରେ ଅସ୍ତ୍ର ଧାରଣ କରିଥିଲେ । ଖାନ ଦୁରାନ ୧୬୬୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଶାର ମୋଗଲ ସୁବେଦାର ହୋଇଥିଲେ । ସେ ଲେଖିଛନ୍ତି, "୧୬ । ୨ । ୬୧ରେ ସେ କଟକରେ ପ୍ରବେଶ ହେଲେ । ଚଳନ୍ତି ବିଷ୍ଣୁ ଖୋର୍ଦ୍ଧା ରାଜା ଶରଣାଗତ ହେଲେ । ଅନ୍ୟାନ୍ୟ ଜମିଦାର ଖଣ୍ଡାଏତମାନେ ତାଙ୍କ ସହିତରେ ଆସିଥିଲେ । ରାଜା ମୁକୁନ୍ଦଦେବ ଗୋଳମାଳ କଲେ । ମୋଗଲ ସୈନ୍ୟମାନେ ବିଦ୍ରୋହ ଦମନ କରି ଅନେକ ଦୁର୍ଗ ନେଲେ । ମୁଁ ବେରାମ ଥିଲି; ମାତ୍ର ଆରୋଗ୍ୟ ଲାଭ କରି କାଲୁପଡା, ମୋହିନ୍ତି, କର୍କାହି, ଖରଡ଼ିହ ଏବଂ ଅନ୍ୟ ତିନି ଦୁର୍ଗ ନିକଟରେ ପ୍ରବେଶ ହେଲି । ଏ ଦୁର୍ଗମାନ ପାହାଡ଼ ସନ୍ନିକଟରେ ଅବସ୍ଥିତ । ଆମ୍ଭ ସୈନ୍ୟମାନେ ଆସି ପ୍ରବେଶ ହେଲେ । ଶତ୍ରୁପକ୍ଷ ପ୍ରଭୃତି ଅସଂଖ୍ୟ ସୈନ୍ୟ ଖଡ଼ଗାନ ଏବଂ ବାଙ୍କି ରଣପୁର ଏବଂ ଅନ୍ୟାନ୍ୟ ଭୂୟାଁମାନେ ଓ ଖଣ୍ଡାଏତମାନେ ଯୁଦ୍ଧ ଲୁହିଲେ । ଶତ୍ରୁମାନେ ଯୁଦ୍ଧ କଲେ । ଚୋଡ଼ାଦାର ବନ୍ଧୁକ, ତୀର, ଖଣ୍ଡା, ଶାବଳ, ଦୁଆରି, ଧକଣ, ସିକ୍ରି ପ୍ରଭୃତି ଅସ୍ତ୍ର ଘେନ ଏମାନେ ଯୁଦ୍ଧ କଲେ ।" ଏଥିରୁ ସ୍ପଷ୍ଟ ଜଣାଯାଏ ଯେ ଭୂୟାଁମାନେ ସେତେବେଳେ ଖଣ୍ଡାଏତ ଓ ପାଇକଙ୍କ ପରି ଯୁଦ୍ଧ କରୁଥିଲେ ଏବଂ କି କି ଅସ୍ତ୍ରଶସ୍ତ୍ର ବ୍ୟବହୃତ ହେଉଥିଲା ତାର ମଧ୍ୟ ପରିଚୟ ମିଳେ ।

ଏଠାରେ ମଧ୍ୟ ପ୍ରମାଣିତ ହୁଏ ଯେ ହଣ୍ଟର ସାହେବ ଓଡ଼ିଶା ରାଜାମାନଙ୍କ ରାଜତ୍ୱକାଳ ସମ୍ବନ୍ଧେ ଯାହା ଗଣନା କରିଛନ୍ତି, ତାହା ଭ୍ରମପୂର୍ଣ୍ଣ । ହଣ୍ଟର ସାହେବଙ୍କ ମତରେ

ମୁକୁନ୍ଦଦେବ ୧୬୭୨—୧୬୯୦ ଖ୍ରୀଷ୍ଟାବ୍ଦଠାରୁ ରାଜତ୍ୱ କରିଥିଲେ । ମାତ୍ର ଉପରୋକ୍ତ ଘଟଣାରୁ ଜଣାଯାଏ, ମୁକୁନ୍ଦଦେବ ୧୬୬୧ ଖ୍ରୀଷ୍ଟାବ୍ଦରେ ମୋଗଲମାନଙ୍କ ସହିତ ଯୁଦ୍ଧ କରିଥିଲେ । କିନ୍ତୁ ଏ ହିସାବ ମାଦଳାପାଞ୍ଜି ଗଣନା ସହିତ ଠିକ୍ ମିଳୁଅଛି ।

ଓଡ଼ିଶାର ବୀରତ୍ୱ ପ୍ରସଙ୍ଗ ବିଷୟରେ ନରସିଂହ ତାମ୍ରଶାସନ ଗୋଟିଏ ଅନ୍ୟତମ ସାକ୍ଷୀ । ସେଥିରେ ଯାହା ବର୍ଣ୍ଣିତ ହୋଇଛି, ତାହା ପାଠକଲେ ଆଧୁନିକ କୌଣସି ଓଡ଼ିଆ ବିଶ୍ୱାସ କରିବ ନାହିଁ ଯେ ଆମ୍ଭମାନଙ୍କର ଏପରି ଶୌର୍ଯ୍ୟ ବୀର୍ଯ୍ୟ ଥିଲା । ବୃହତ୍ ବିଷୟ ଧାରଣା କରିପାରିବା ଶକ୍ତି ପ୍ରାୟ ଲୋପ ହେବାକୁ ବସିଲାଣି । କ୍ଷୁଦ୍ରବୁଦ୍ଧି ମନୁଷ୍ୟ ବୃହତ୍ ବିଷୟର ଧାରଣା କରି ନ ପାରେ । ଏହା ନୈସର୍ଗିକ ନିୟମ । ଗଙ୍ଗବଂଶ କୀର୍ତ୍ତି କୀର୍ତ୍ତନ କରି କବି କହିଛନ୍ତି—

ଯସ୍ୟାସି ନିର୍ଦ୍ଦଳିତ ବୈରି କରୀନ୍ଦ୍ର କୁମ୍ଭ-
ନିର୍ମୁକ୍ତ ମୌକ୍ତିକଫଳାନ୍ୟ ସୃଣ୍ୱୁକ୍ଷିତାନି
କାମାର୍ଣ୍ଣବସ୍ୟ ରିପୁ ସଙ୍ଗତ ହେତୁକାଲେ
ସନ୍ଧ୍ୟା ପ୍ରଭାତ ଭରଣା ଇବ ଭ୍ରାନ୍ତ ଯୁଦ୍ଧେ ।

ଭେଦଂ ଭେଦ ମଦାତ କୁଞ୍ଜର ଘଟା କ୍ଷୌଣୀଧ୍ର ପଂକ୍ତିରଣେ
ପାୟଂ ପାୟମସୃକ ପଯ୍ୟାଂସୀ ବହୁଧା ଶ୍ରୀରାଘବବାସିଃ କ୍ଷଣାତ୍ ।
ଶୁଭ୍ରଂ ଶୁ ଭ୍ରମିବୋଦ୍ୱହନ ବିଜୟତେ କୀର୍ତ୍ତି ପ୍ରତାନଂ ପରମ୍
ଚନ୍ଦ୍ରଂ ଚନ୍ଦ୍ରକିସ୍ଥା ପ୍ରପୂର୍ଣ୍ଣତରସ୍ଥା ଫସେବ୍ୟ ମାନାକୃତଃ ।

ଦୁର୍ଗେଷୁ ଦାବ ଦହନଂ କ୍ଷତଭୃତ ସୁବନ୍ତ
ମାଦ୍ୟନ୍ଧରୀନ୍ଦ୍ର ଘଟନା ବିଧି ସିଂହ ଏମଃ ।
କିଦ୍ୱେଷି ଭୂମିପତୟୋ ନିବସନ୍ତ ଯତ୍ର
ଶ୍ରୀରାଘବକ୍ଷିତିପତର୍ବିଚିତ ପ୍ରଭାବଃ ।

କ୍ଷୀରାବଧେରମୃତାତ୍ ସୁରାସୁରଭୂଜ ବ୍ୟାପାର ବିକ୍ଷୋଭ ତତ୍
ଚନ୍ଦ୍ରସ୍ୟାର୍ଦ୍ଧମଭୁଉଦପ୍ୟଧିପ ପା ବିଶାନମେକଂ କିଲ ।
ତସ୍ମିଦ୍ ବାହୁବଲେନ ଫଗରଭୂବ ଦ୍ୱିତ୍ ଖଡ଼୍‌ଗଧାରାଜଳା
କ୍ଷାଳ ସ୍ୱ୍ୱଷ୍ଟଦଗୀଶ୍ୱରାନ୍ ପୃଥୁଯଶଶ୍ଚନ୍ଦ୍ରସ୍ ସମାଲିଙ୍ଗତ ।

ଏଥିରୁ ତତ୍କାଳୀନ ସମରକୁଶଳତା, ବୀରତ୍ୱ, ଦିଗନ୍ତବ୍ୟାପୀ କୀର୍ତ୍ତି, ପୂର୍ଣ୍ଣଚନ୍ଦ୍ରନିଭ ବିମଳ ଯଶ ସହିତ ଭୁଜବଳ ଦ୍ୱାରା ଦେଶାଧିକାର ପ୍ରଭୃତିର ପୂର୍ଣ୍ଣ ପରିଚୟ ମିଳେ । ଅନ୍ୟ ସ୍ଥାନରେ କବି ଲେଖିଛନ୍ତି—

ତସ୍ମିନ୍ ଦ୍ୱିରଦବ୍ରଜସ୍ୟ ପ୍ରସ୍ଥାନରସିକେ ସରଂହ୍ୟ ଶୁଣ୍ଡହୃମ୍
ସଙ୍କୁଣ୍ଣ କ୍ଷିତି ଚକ୍ରପାଂଶୁ ପଟଳ ପ୍ରାଗ୍ଭାର ବଢ୍ୟଶ୍ୱରେ ।
ଭୂସଙ୍ଖର୍ଶବଶାଦ୍ଧିକମ୍ପନଶେରୁଚ୍ଚୈଃ ପ୍ଳୁତଂ ସପ୍ତଭିଃ
ସ୍ତଭ୍ୟସ୍ତଂ ସୁରସିନ୍ଧୁରେଣ ଧାରଣୀ ପଙ୍କେରବୋଦ୍ଘାଟନମ୍ ।

ଅର୍ଥାତ୍ ରାଜା ଦ୍ୱିରଦବ୍ରଜସ୍ୟକୁ ବାହାରବାବେଲେ ସେମାନଙ୍କ ପଦଚକ୍ରଷ୍ଣୁଣ୍ଣ ଧୂଳିରେ ଆକାଶ ଏପରି ବହଳଭାବରେ ଆଚ୍ଛନ୍ନ ଯେ ସୂର୍ଯ୍ୟଙ୍କର ଅଶ୍ୱମାନେ ସେହି ଧୂଳିରାଶିକି ପୃଥିବୀ ବୋଲି ଜାଣି ଘୃଣାପୂର୍ବକ କମ୍ପିକ ଉପରକୁ ଉଠିଗଲେ ଏବଂ ଦ୍ୱିଗ୍‌ଗଜମାନେ ପୃଥିବୀ ଭ୍ରମରେ ସେଥିରେ ଦନ୍ତାଘାତ କରିଥିଲେ ।

ଅବଶ୍ୟ କେହି କହିପାରନ୍ତି ଯେ, ଏ କେବଳ କବି-କଳ୍ପନା; ମାତ୍ର ତାହା ହୋଇ ନ ପାରେ । କବି ଅବଶ୍ୟ ଟିକିଏ କଥାକୁ ଅତିରଞ୍ଜିତ କରି ବର୍ଣ୍ଣନା କରି ପାରନ୍ତି । ମାତ୍ର କୌଣସି ବିଷୟର ଅନୁପସ୍ଥିତିରେ କବି ଏପରି ବର୍ଣ୍ଣନା କରି ନ ପାରେ । ଗଙ୍ଗବଂଶର ପ୍ରତାପ ଅନ୍ୟାନ୍ୟ ପ୍ରମାଣ ଦ୍ୱାରା ପ୍ରମାଣିତ ହେଉଥିବା ସ୍ଥଳେ ଏ ଉକ୍ତିମାନଙ୍କୁ କେବଳ କପୋଳକଳ୍ପିତ ବର୍ଣ୍ଣନା ବୋଲି କୁହାଯାଇ ନ ପାରେ; ବରଂ ଏସବୁ ଉକ୍ତିର ପୋଷକ ପ୍ରମାଣ । ଏ ଲେଖା ଆଜିକାଲିର ନୁହେ । ଶ୍ରୀ ନୃସିଂହଦେବଙ୍କ ରାଜତ୍ୱ ସମୟରେ ଅର୍ଥାତ୍ ୧୨୧୭ ଶକାବ୍ଦରେ ଲିଖିତ ହୋଇଥିଲା । ସେତେବେଳେ ସମରକ୍ଷେତ୍ରରେ ଓଡ଼ିଆମାନେ ଯେପରି ପାରଦର୍ଶିତା ଲାଭ କରିଥିଲେ, ସାହିତ୍ୟକ୍ଷେତ୍ରରେ ମଧ୍ୟ ସେହିପରି କୃତିତ୍ୱ ଦେଖାଇଥିଲେ । ସୁତରାଂ ନରସିଂହ ତାମ୍ରଶାସନ ଓଡ଼ିଆମାନଙ୍କର ସାମରିକ ଓ ସାହିତ୍ୟିକ ବୀରତ୍ୱ ପରିଚାୟକ । ସଂସ୍କୃତ ସାହିତ୍ୟରେ ସେତେବେଳେ କିପରି ଉନ୍ନତ ହୋଇଥିଲା, ତାର ନିଦର୍ଶନ ଏଥିରୁ ପୂର୍ଣ୍ଣମାତ୍ରାରେ ପ୍ରାପ୍ତ ହୁଏ । ସଂସ୍କୃତସାହିତ୍ୟାଧ୍ୟାୟରେ ଏ ବିଷୟର ଆଲୋଚନା କରାଯାଇଛି । ତାମ୍ରଶାସନର ଆଉ ଗୋଟିଏ ଶ୍ଳୋକରୁ ଜଣାଯାଏ ଯେ ଗଙ୍ଗବଂଶୀୟ ରାଜାମାନେ ପଞ୍ଚଗୌଡ଼ ମଧ୍ୟରୁ ରାଢ଼ ଓ ବାରେନ୍ଦ୍ର ନାମକ ଦୁଇଟି ରାଜ୍ୟ ଜୟ କରି ଗୌଡ଼େଶ୍ୱର ଉପାଧି ପାଇଥିଲେ ।

ରାଢ଼ା ବରେନ୍ଦ୍ର ଯବନୀ ନୟନାଞ୍ଜନାଶ୍ରୁ
ପୂରେଣ ଦୂର ବିନବେଶିତ କାଳିମଶ୍ରୀଂ
ତଦ୍‌ବିପ୍ରଲମ୍ଭ କରୁଣାଭୃତ ନିସ୍ତରଙ୍ଗା
ଗଙ୍ଗାପି ନୂନମମୁନା ଯମୁନାଧୁନାଭୂତ୍ ।

( ନରସିଂହଦେବ )

ଆମ୍ଭେ ପୂର୍ବେ କହିଥିଲୁଁ ଯେ ଓଡ଼ିଆମାନେ ବୀରତ୍ୱ ଦେଖାଇବାକୁ ଯାଇ କାହାର ଉପରେ ଅନ୍ୟାୟ ଅତ୍ୟାଚାର କରି ନ ଥିଲେ । ତାହାର ନିଦର୍ଶନ ସ୍ୱରୂପ ତାମ୍ରଶାସନରୁ ନିମ୍ନଲିଖିତ ଶ୍ଳୋକଟି ଉଦ୍ଧାର କରାଗଲା ।

ବଦ୍ଧମୁଷ୍ଟିରପି ନିର୍ଭରଦାତା
ବେପନୋଽପି ସମରୈକଧୁରୀଣଃ
ଉଗ୍ରମୂର୍ତ୍ତିରପି କୃଷ୍ଣ-ଶରୀରେ
ଯସ୍ୟରେଣକ (ବ)ଶଙ୍କଃ କରବାଳଃ ।

( ନରସିଂହ )

ଅର୍ଥାତ୍ ତାଙ୍କ ହସ୍ତରେ ତରବାରି ମୁଷ୍ଟିବଦ୍ଧ ହେଲେ ମଧ୍ୟ ନିର୍ଭରଦାତା । ଯଦ୍ୟପି ସଦା କମ୍ପମାନ, ତଥାପି ସମରକ୍ଷେମ ଏବଂ ସୁଁଷଣାକାର ହେଲେହେଁ କୃଷ୍ଣ ଶରୀର ଅର୍ଥାତ୍ କୃଷ୍ଣଙ୍କ ପରି ମୋହନ ରୂପ ଅଟେ । ଗଙ୍ଗବଂଶୀୟ ରାଜାମାନଙ୍କ ସମରକୁଶଳତା, ଦାନଶୀଳତା ଏବଂ ଦୁର୍ଦ୍ଦଣ୍ଡ ପ୍ରତାପ ବିଷୟ ତାମ୍ରଶାସନରେ ବିଶଦଭାବରେ ବର୍ଣ୍ଣିତ ଅଛି । କେହି ଇଚ୍ଛାକଲେ 'ମୁକୁର' ୪ର୍ଥ ଭାଗର ୧ମ ଓ ୨ୟଠାରୁ ପଞ୍ଚମ ଓ ଷଷ୍ଠ ସଂଖ୍ୟା ପାଠକଲେ ବୁଝି ପାରିବେ ।

ତାମ୍ରଶାସନରେ କୋଣାର୍କ ମନ୍ଦିର ନିର୍ମାଣ ବିଷୟ ଉଲ୍ଲେଖ ଅଛି—

କୁର୍ବନ୍ ପ୍ରକାଶମନିଶଂ ଦ୍ୱିଜସାଚକୃତ୍ୱା
ମେରୁଂ ତୁଲା ପୁରୁଷାଖ୍ୟ ମହାର୍ଥଦାନୈଃ
ସ୍ଥାତୁଂ ସୁରୈଃ ସହ ମହତ୍କଳୟନ୍ତ କୋଣା-
କୋଣେ କୁଟୀରକ ମଟୀରଙ୍କ ଦୁଷ୍ଟରଷ୍ଟେଃ ।

ଏଥିରୁ ତାଙ୍କ ଧନବଳର ପରିଚୟ ମିଳୁଅଛି ।

(କୋଣ-କୋଣ = କୋଣାର୍କ) ।

ଗୃଟେଶ୍ୱର ଶିଳାଲିପିରେ ରାଜରାଜେଶ୍ୱର ଦେବଙ୍କ ସମରକୁଶଳତା ବିଷୟ ବର୍ଣ୍ଣିତ ଅଛି । ରାଜରାଜେଶ୍ୱର ରାଜା ଅନଙ୍ଗଭୀମଦେବଙ୍କ ପୁତ୍ର ଥିଲେ । ତହିଁରୁ ନିମ୍ନଲିଖିତ ଶ୍ଳୋକଟି ଦୃଷ୍ଟାନ୍ତ ସ୍ୱରୂପ ଦିଆଗଲା—

ସହସ୍ରାପରତଃ ସ୍ଫୁରନ୍ତି ହରୟଃ ଖେଳନ୍ତି ସ ଉଦ୍‌ଗ୍ରଜାଃ
ହ୍ରେଷ୍ଟଦଭିଃ ପଥି ପୁଣ୍ଡରୀକ ପଟଳୈର୍ଦ୍ଦିକ୍‌ଚନ୍ଦ୍ରମାନ୍ଦମ୍ୟତେ
ସମ୍ଭାସଃ କଟକେଷୁ ମୌଳିଷୁ ପଦନ୍ୟାସଃ କୁଳକ୍ଷ୍ମାଭୃତାମ୍
ବନ୍ଧ୍ୟା ଯତ୍ର ନ କାଚଦୁତ୍କଳପତେଃ ସାମ୍ରାଜ୍ୟଲକ୍ଷ୍ମୀଂ କୃତଃ ।

ବିଶେଷ ବିବରଣ ଲାଗି ମୁକୁର ୪ର୍ଥ ଭାଗ ୭ମ ଓ ୮ମ ସଂଖ୍ୟା ଦେଖ । ଏଥିରେ ଚୋଡ଼ଗଙ୍ଗ ଭୀମଦେବଙ୍କ କୀର୍ତ୍ତିକଳାପ ଲିଖିତ ଅଛି; ମାତ୍ର ସମସ୍ତର ନିଦର୍ଶନ ନାହିଁ ।

ତେଷାମ୍ବଂଶେ ବିଶଦ ଯଶ ସାଙ୍ଗୋଡ଼ଗଙ୍ଗ କ୍ଷିତୀନ୍ଦ୍ର
ବ୍ୟାଜବ୍ୟକ୍ତଂ ନରହରିତନୋର୍ଜ୍ୟୋତିରାଜିବଭୂବ ।

ଦର୍ପୋଦ୍ଧାମଦ୍ୱିପ ମଦନଦୀ ତୀର୍ଥ ସନ୍ୟାସିନେ ଯତ୍ର
ନସ୍ମିଂଶେନ ପ୍ରତି ନୃପତୟଃ ପ୍ରାପିତା ମୋକ୍ଷ ଲକ୍ଷ୍ମୀମ୍ ।

ଅର୍ଥାତ୍ ସେହି ଉତ୍କଳଯଶା ରାଜାମାନଙ୍କ ବଂଶରେ ରାଜା ଚୋଡ଼ଗଙ୍ଗ ସାକ୍ଷାତ୍ ବିଷ୍ଣୁଙ୍କର ତେଜ ସ୍ୱରୂପ ଆବିର୍ଭୂତ ହେଲେ । ଏହାଙ୍କ ଖଡ୍‌ଗରେ ବିପକ୍ଷ ରାଜାମାନେ ଯୁଦ୍ଧରେ ଉନ୍ମତ୍ତ ଗଜାବଳୀର ମଦଜଳବାହିନୀ ନଦୀରୂପ ତୀର୍ଥରେ ସନ୍ନ୍ୟାସୀ ହୋଇ ମୋକ୍ଷଲାଭ କରିଥିଲେ; ଅର୍ଥାତ୍ ଯୁଦ୍ଧଭୂମିରେ ପ୍ରାଣତ୍ୟାଗ କରିଥିଲେ ।

'ଗଙ୍ଗବଂଶାନୁଚରିତ' ନାମକ ପୁସ୍ତକରେ ଗଙ୍ଗବଂଶର ବୀରତ୍ୱ ପରିକୀର୍ତ୍ତିତ ହୋଇଅଛି । ଏ ପୁସ୍ତକ ଖଣ୍ଡି ପ୍ରାୟ ୪୫୦ ବର୍ଷ ପୂର୍ବେ ଲେଖା ହୋଇଥିଲା । ପୁସ୍ତକଟି ସଂସ୍କୃତଭାଷାରେ ଲିଖିତ ଏବଂ ଚମ୍ପୂକାବ୍ୟ ନାମରେ ଅଭିହିତ ।

ଏ ପ୍ରସଙ୍ଗରେ ତମଲୁକ୍ ବିଷୟ କୁହାଯାଇପାରେ । ଓଡ଼ିଆମାନଙ୍କ ବାହୁବଳ ଦ୍ୱାରା ତମଲୁକରେ ବିଜୟ-ସ୍ତମ୍ଭ ପୋତାହୋଇଥିଲା । ତମଲୁକ ଉତ୍କଳ ରାଜାଙ୍କ ଅଧୀନ ଥିଲା । ତମଲୁକ ଏକସମୟରେ ଉତ୍କଳର ଏକାଂଶ ଥିବା ସମ୍ବନ୍ଧେ ସେଠାରେ ବହୁତ ସ୍ମୃତି ରହିଅଛି । ତମଲୁକ ନାମକ ପୃଥକ୍ ଅଧ୍ୟାୟରେ ତହିଁର ବିଶେଷ ବିବରଣ ଦିଆଯିବ । ବୀରତ୍ୱ ସମ୍ବନ୍ଧରେ କୁହାଯାଇପାରେ ଯେ ଏଠାରେ ଅଦ୍ୟାବଧି ପାଞ୍ଚଗୋଟି ଗଡ଼ ବିଦ୍ୟମାନ ଅଛି; ଯଥା—ମଇନାଗଡ଼, ତୁର୍କାଗଡ଼, କାଶୀଜୋଡ଼ା ଗଡ଼, ମହିଷାଦଳ ଅନ୍ତର୍ଗତ ଘୁମାଇଗଡ଼, ହିଜଲିଗଡ଼ । ଏ ଗଡ଼ମାନଙ୍କରେ ସାମନ୍ତ ରାଜାମାନେ ବସତି କରିଥିଲେ । ତୁର୍କାଗଡ଼ ସନ୍ନିକଟରେ ଖଣ୍ଡରଇ ନାମକ ଏକ ଗଡ଼ ଅଛି । ତୁର୍କାଗଡ଼ର ସାମନ୍ତ ରାଜାଙ୍କ ଉପାଧି ଗଜେନ୍ଦ୍ର ମହାପାତ୍ର । ଏମାନଙ୍କର ଜ୍ଞାତି-କୁଟୁମ୍ବମାନେ ଅଦ୍ୟାବଧି ପୁରୀ ସନ୍ନିକଟରେ ବାସ କରନ୍ତି । ଏମାନେ ଉପବୀତ ଧାରଣ କରି ବୀର ଜାତି ମଧ୍ୟରେ ପରିଗଣିତ । ଏମାନେ ଗଜପତିବଂଶ ବୋଲି ପରିଚୟ ଦିଅନ୍ତି ।

ମଇନାଗଡ଼ର ରାଜା ଗଡ଼ଜାତ-ରାଜା ବୋଲି ପରିଚୟ ଦିଅନ୍ତି । ଏହାଙ୍କ ପ୍ରଥମ ରାଜଧାନୀ ବାଲିସୀତାଗଡ଼ରେ ଥିଲା । ଏ ଗଡ଼ ଅତି ପ୍ରାଚୀନ ଗଡ଼ । ୧୧୦୦ ଶତାବ୍ଦୀରେ ଯେତେବେଳେ ଗଜପତିବଂଶୀୟ ଚୋଡ଼ଗଙ୍ଗଦେବ ଉତ୍କଳରେ ସାମ୍ରାଜ୍ୟ ବିସ୍ତାର କଲେ, ସେ ସମୟରେ ରାଜା କାଳିଦାସ ସାମନ୍ତ ତାଙ୍କର ଜଣେ ପ୍ରଧାନ ସେନାପତି ଥିଲେ । ସେ ବର୍ତ୍ତମାନ ରାଜବଂଶର ଜଣେ ପୁରାତନ ପ୍ରାଚୀନ ରାଜା ଓ ବିଜୟୀ ବୀର ଥିଲେ । ସେ ବାଲିସୀତାଗଡ଼ରେ ଥାଇ ରାଜ୍ୟଶାସନ କରୁଥିଲେ ଏବଂ ସେ ଏ ଅଞ୍ଚଳର ଉତ୍କଳର ସେନାପତି ଥିଲେ । ୧୩୦୦ ଶତାବ୍ଦୀରେ ଗୋବର୍ଦ୍ଧନାନନ୍ଦ ବାହୁବଳୀନ୍ଦ୍ର ନାମକ ଜଣେ ବିଖ୍ୟାତ ଭୂପାଳ ଏ ରାଜବଂଶରେ ଜନ୍ମଗ୍ରହଣ କଲେ । ସେହିଦିନୁ ଏ ରାଜବଂଶରେ ଏ ଉପାଧି ପ୍ରଚଳିତ । ଏହାଙ୍କ ରାଜତ୍ୱ ସମୟରେ ଉତ୍କଳ ସମ୍ରାଟ୍ ଦେବରାଜ ତାମ୍ରଲିପ୍ତ ରାଜାଙ୍କ କ୍ଷମତାହ୍ରାସ ଦେଖି

ତାଙ୍କଠାରୁ କର ଗ୍ରହିଥିଲେ; ମାତ୍ର ସେ ଅସ୍ୱୀକୃତ ହେଲେ । ଉତ୍କଳ ସମ୍ରାଟଙ୍କ ସୈନ୍ୟମାନେ ଦୁର୍ଗାବରୋଧ କରି ରାଜା ଗୋବର୍ଦ୍ଧନଙ୍କୁ ଧରି ଉତ୍କଳେଶ୍ୱରଙ୍କ ନିକଟକୁ ନେଇଗଲେ । ସୈନ୍ୟମାନେ ରାଜାଙ୍କ ଶ୍ରୀମୁଖରେ ଗୋବର୍ଦ୍ଧନଙ୍କ ଶୌର୍ଯ୍ୟ-ବୀର୍ଯ୍ୟ କାହାଣୀ ବର୍ଣ୍ଣନା କଲେ । ଗୋବର୍ଦ୍ଧନଙ୍କ ସଙ୍ଗୀତବିଦ୍ୟା ଓ ରଣନୈପୁଣ୍ୟ ଦେଖି ଉତ୍କଳ ସମ୍ରାଟ ବିଶେଷ ଆନନ୍ଦିତ ହେଲେ ଏବଂ ରାଜସିଂହାସନ, ଛତ୍ର, ଉପବୀତ, ବାଣ, ଡଙ୍କା, ନିଶାଣ ପ୍ରଭୃତି ସମସ୍ତ ରାଜଚିହ୍ନ ଓ ବାହୁବଳୀନ୍ଦ୍ର ଉପାଧି ପୁରସ୍କାର ସ୍ୱରୂପ ପ୍ରଦାନ କଲେ । ବାହୁବଳୀନ୍ଦ୍ର ଉପାଧିଧାରୀ ଅନେକ ଲୋକ ଖୋର୍ଦ୍ଧା ଅଞ୍ଚଳରେ ବାସକରନ୍ତି ।

ମଇନାଗଡ଼ର ଅନ୍ୟ ନାମ ଲାଉସେନଗଡ଼ ଥିଲା । ଗୋବର୍ଦ୍ଧନ ଲାଉସେନ ଗଡ଼ାଧିକାରୀ ଶ୍ରୀଧରଙ୍କୁ ପରାଜିତ କରି ଗଡ଼ ଅଧିକାର କଲେ ଏବଂ ଗଡ଼କୁ ସୁଦୃଢ଼ଭାବେ ପ୍ରସ୍ତୁତ କଲେ । ଏ ଗଡ଼ର ବର୍ଗଫଳ ୫୭୨୫୦୦୦ ବର୍ଗଫୁଟ । ଦୁର୍ଗାଭ୍ୟନ୍ତର ପରିଖାରେ ଗ୍ରୀଷ୍ମକାଳରେ ୨୦ ଫୁଟ ଜଳ ଥାଏ । ପରିଖାଟି କୁମ୍ଭୀର ଓ ଗଭୀର ଜଳରେ ପରିପୂର୍ଣ୍ଣ । ସନ୍ତରଣ କରି ଦୁର୍ଗ ଅବରୋଧ କରିବା ଅସମ୍ଭବ । ପୁରୀ ରାଜାଙ୍କ ପରି ଏ ରାଜାଙ୍କର ପୁଷ୍ୟାଭିଷେକ ହୁଏ । ଗୋବର୍ଦ୍ଧନ ତିଲଦାଜଲଚକ ଗଡ଼ ନାମକ ଆଉ ଗୋଟିଏ ଗଡ଼ ନିର୍ମାଣ କରିଥିଲେ । ଏଠାରେ ଅନେକ ପ୍ରାଚୀନ ଦେବଦେବୀଙ୍କ ମନ୍ଦିର ଅଛି । ( ପଣ୍ଡିତ ଭଗବତୀଚରଣ ପ୍ରଧାନ-କୃତ 'ମହିଷାଦଳ ରାଜବଂଶ' ନାମକ ପୁସ୍ତକ ଓ 'ତମଲୁକ ଇତିହାସ' ପୁସ୍ତକ ଦ୍ରଷ୍ଟବ୍ୟ ) ।

ରାଜନୈତିକ ଉତ୍କଳରେ ବୀରତ୍ୱସୂଚକ ଉପାଧିମାନ ଯେପରି ପ୍ରଚୁର ପରିମାଣରେ ଦେଖାଯାଏ, ତମଲୁକରେ ସେହି ଉପାଧିମାନ ଅଛି ଏବଂ ଏଥିରୁ ସ୍ପଷ୍ଟ ଜଣାଯିବ ଯେ ତମଲୁକର ଅଧିବାସୀମାନେ ଓଡ଼ିଆ ଏବଂ ତମଲୁକରେ ସେନେ ଓଡ଼ିଆମାନେ ବିଜୟ-ବୈଜୟନ୍ତୀ ସ୍ଥାପନ କରିଥିଲେ ।

ଉତ୍କଳୀୟମାନେ ସମର ସମ୍ବନ୍ଧୀୟ ନିୟମମାନ ଲିପିବଦ୍ଧ କରି ପୁସ୍ତକ ରଚନା କରିଥିବାର ପ୍ରମାଣ ମିଳେ । ଗୋବିନ୍ଦ ସାମନ୍ତରାୟ 'ବୀରସର୍ବସ୍ୱ' ପୁସ୍ତକ ସଂସ୍କୃତଭାଷାରେ ରଚନା କରିଥିଲେ । ହଣ୍ଟର ସାହେବ ପ୍ରାଚୀନ ଉତ୍କଳ ସମ୍ବନ୍ଧୀୟ ତତ୍ତ୍ୱାନୁସନ୍ଧାନ କରୁଥିବା-ବେଳେ ମଧ୍ୟ ସେ ଏ ପୁସ୍ତକର ପରିଚୟ ପାଇଥିଲେ । ଏ ପୁସ୍ତକ ୩୦୦ ବର୍ଷ ପୂର୍ବେ ଲିଖିତ ହୋଇଥିବାର ସେ ସିଦ୍ଧାନ୍ତ କରିଥିଲେ । ଚତୁରଙ୍ଗବଳ ବ୍ୟୂହରଚନା, ଅସ୍ତ୍ରଶସ୍ତ୍ର ବ୍ୟବହାରର ବିଧିବିଧାନ ବିଶଦଭାବେ ବର୍ଣ୍ଣିତ ହୋଇଅଛି । ଏ ପର୍ଯ୍ୟନ୍ତ ସମସ୍ତ ଓଡ଼ିଆ ପୁସ୍ତକ ତାଲିକା ହୋଇନାହିଁ । ପୁସ୍ତକମାନ ହସ୍ତଗତ ହେଲେ ଏ ସମ୍ବନ୍ଧରେ ବିଶେଷ ଆଲୋଚନା କରାଯିବ ।

ଆଉ ଖଣ୍ଡିଏ ଯୁଦ୍ଧ ସମ୍ବନ୍ଧୀୟ ପୁସ୍ତକ । ଗୋଦାବରୀଶ ମିଶ୍ର ନାମକ ଜନୈକ ପଣ୍ଡିତ ପ୍ରତାପରୁଦ୍ରଦେବ ରାଜାଙ୍କ ସମୟରେ "ହରିହର ଚତୁରଙ୍ଗ" ନାମକ ପୁସ୍ତକ ରଚନା କରିଥିଲେ । ଏଥିରେ ଅଶ୍ୱଶାସ୍ତ୍ର ଓ ହସ୍ତିଶାସ୍ତ୍ର ଅଛି, ପଦାତିମାନଙ୍କ ବିଷୟ ଅଛି ଏବଂ ଧନୁର୍ବେଦ ବିଷୟ ଅଛି । ଏ ପୁସ୍ତକର ସମ୍ୟକ୍ ସମାଲୋଚନା ପରେ କରାଯିବ ।

# ରାଜବଂଶାନୁଚରିତ

ଏ ବିଷୟଟି ବଡ ଜଟିଳ । ଉତ୍କଳ ରାଜସିଂହାସନରେ ଅନେକ ଲୋକ ରାଜତ୍ୱ କରି ଚାଲିଯାଇଛନ୍ତି । ଉତ୍କଳଜନନୀ କେତେ ରାଜାଙ୍କର ଲୀଳାଖେଳା, ପ୍ରତାପ ଓ ବିଭବ ପରିଦର୍ଶନ କରିଛି । ଆଜି ଉତ୍କଳର ସେ ବିଭବ ନାହିଁ । ଉତ୍କଳରେ ଯେଉଁ ନରପତିମାନେ ରାଜତ୍ୱ କରିଯାଇଥିଲେ ସେମାନଙ୍କ ରାଜତ୍ୱକାଳ ସମ୍ବନ୍ଧରେ ନାନା ମୁନିଙ୍କର ନାନା ମତ । ଏ ସମସ୍ତ ଆଲୋଚନା କରି ଗୋଟିଏ ସଂଶୋଧିତ ତାଲିକା ଦେବା ନିତାନ୍ତ ଆବଶ୍ୟକ । ମାତ୍ର ଏ ମୋ ଦ୍ୱାରା ହେବାପର ବିଶ୍ୱାସ ହେଉ ନାହିଁ । ତଥାପି ବାମନ ଚନ୍ଦ୍ର ଧରିବା ନ୍ୟାୟରେ ମୁଁ ଚେଷ୍ଟା କରୁଛି । ପାଠକମାନେ ଏ ସମସ୍ତ ନେଇ ଆହୁରି ବିଶେଷ ଗବେଷଣାମୂଳକ ଅନ୍ୟ ତଥ୍ୟ ବାହାର କରିପାରିଲେ ମୋର ପରିଶ୍ରମ ସାର୍ଥକ ହେବ ।

ଉତ୍କଳ ରାଜବଂଶ ବିଷୟ ମାଦଳାପାଞ୍ଜିରେ ଲେଖାଅଛି । ମାଦଳାପାଞ୍ଜିରେ ଯେ ଭ୍ରମ ନଥିବ ବା ନାହିଁ, ମୁଁ ଏହା କହୁନାହିଁ । ମାଦଳାପାଞ୍ଜି ଅପେକ୍ଷା ଅନ୍ୟ ଅକାଟ୍ୟ ପ୍ରମାଣ ପାଇଲେ ମାଦଳାପାଞ୍ଜିଲିଖିତ ବିଷୟକୁ ଯେ ତ୍ୟାଗ କରିବାକୁ ହେବ ନାହିଁ, ଏ କଥା ମୁଁ କହୁନାହିଁ—କିନ୍ତୁ ଅନ୍ୟ କୌଣସି ବିଶ୍ୱାସଯୋଗ୍ୟ ପ୍ରମାଣ ନ ଥିଲେ ମାଦଳାପାଞ୍ଜିକୁ ଅବିଶ୍ୱାସ କରିବାର କିଛି କାରଣ ନାହିଁ ।

ମାଦଳାପାଞ୍ଜିରେ ବହୁତ ସାମଗ୍ରୀ ଅଛି । ମନ୍ଦିରର ଆୟବ୍ୟୟ, ରୀତିନୀତି, ରାଜଭୋଗ ଇତିହାସ ପ୍ରଭୃତି ନାନା କଥା ଏଥିରେ ଅଛି । ହଣ୍ଟର ସାହେବ ପ୍ରଭୃତି ମାଦଳାପାଞ୍ଜିରୁ ମାଲମସଲା ସଂଗ୍ରହ କରିଛନ୍ତି । ମାତ୍ର ଅନେକ ସ୍ଥଳରେ ଆପଣା ଯୁକ୍ତି ଖଟାଇ କେତେକ ଅଂଶ ପରିବର୍ତ୍ତନ, ପରିବର୍ଜ୍ଜନ କରିଛନ୍ତି; କିନ୍ତୁ ଅନ୍ୟ କୌଣସି ପ୍ରମାଣ ଦେଖାଇ ପାରିନାହାନ୍ତି ।

କେହି କେହି କହନ୍ତି, ମାଦଳାପାଞ୍ଜି କଳାପାହାଡ଼ ଅମଳରେ ନଷ୍ଟ ହୋଇଥିଲା । ସୁତରାଂ ମୁସଲମାନ ରାଜତ୍ୱପୂର୍ବ କାଳର ବର୍ଣ୍ଣିତ ବିଷୟଗୁଡ଼ିକ କେବଳ କପୋଳକଳ୍ପିତ । କଳାପାହାଡ଼ ଦେଉଳ ମଧ୍ୟରେ ପ୍ରବେଶ କରିଥିଲା ସତ୍ୟ; ମାତ୍ର ମାଦଳାପାଞ୍ଜି ନଷ୍ଟ କରିଥିବା ବିଷୟର କୌଣସି ନିଦର୍ଶନ ନାହିଁ । ମାଦଳାପାଞ୍ଜି ଦେଉଳକରଣ ଓ ତଢାଉମାନଙ୍କ ଘରେ ଥାଏ । ସେମାନଙ୍କର ପାଞ୍ଜି ଲେଖିବା ଗୋଟିଏ ସେବା । ଦେଉଳକରଣର କାର୍ଯ୍ୟ ମନ୍ଦିରର ଆୟବ୍ୟୟ ଲେଖା ଏବଂ ତଢାଉ ରାଜଭୋଗ ଇତିହାସ ଲେଖନ୍ତି । ଏମାନଙ୍କ ଘର ଲୁଟପାଟ ହୋଇଥିବା ବିଷୟରେ କିଛି ପ୍ରମାଣ ନାହିଁ । ବିଶେଷତଃ କଳାପାହାଡ଼ର ତାଳପତ୍ର ଉପରେ ନଜର ପଡ଼ନ୍ତା କାହିଁକି ?

ପ୍ରକୃତ ମାଦଳାପାଞ୍ଜିରୁ ଖବର ପାଇବା ଦୁସ୍ତର ବ୍ୟାପାର । ମାଦଳାପାଞ୍ଜିରୁ ପ୍ରକୃତ କଥା ଅନ୍ୟମାନେ ଜାଣିଗଲେ ସେମାନଙ୍କର ବିଶେଷତ୍ୱ ରହିବ କେଉଁଠି ? ଏହି ଭାବ ମନରେ ପୋଷଣ କରି ପାଞ୍ଜିକାରମାନେ ପ୍ରକୃତ ସମ୍ବାଦ ଦଅନ୍ତି ନାହିଁ । ଅନୁରୋଧ-ଉପରୋଧରେ ଦେଲେ ମଧ୍ୟ ବିଭିନ୍ନ ସମ୍ବାଦ ଦଅନ୍ତି । ଏହେତୁ ମଧ୍ୟ ପ୍ରକୃତ ତଥ୍ୟ ମିଳେ ନାହିଁ । ମୂଳ ପାଞ୍ଜି ଦେଖାଇବାକୁ ଏମାନେ ମହା କୁଣ୍ଠିତ । ଆଗେ ଏ ସେବା ଜଣକର ଥିଲା । କାଳକ୍ରମେ ଭାଇଭାଗ ବଣ୍ଟା ଆରିଦ୍ୱାରା ଏକାଧିକ ହୋଇଛନ୍ତି । ପ୍ରତ୍ୟେକ ଗୋଟିଏ ଲେଖାଏଁ ନକଲ ରଖିଛନ୍ତି । ଯେ ଯାହା ପ୍ରାଧାନ୍ୟ ରଖିବା ଉଦ୍ଦେଶ୍ୟରେ ମଧ୍ୟ ଭିନ୍ନ ଭିନ୍ନ ସମ୍ବାଦ ଦେବା ଅସମ୍ଭବ ନୁହେ । ସୁତରାଂ ମୂଳ ପାଞ୍ଜି ହାତ ର ନ ପଡ଼ିଲେ ନକଲ ଉପରେ ନିର୍ଭର କରିବା ସହଜ ନୁହେ । ତେବେ ଯାହା ମିଳୁଛି, ତାର ଯେତେ ଦୂର ସଦ୍‌ବ୍ୟବହାର ହୋଇପାରେ ତାର ଚେଷ୍ଟା କରିବା ଆବଶ୍ୟକ ।

ମାଦଳାପାଞ୍ଜିର ଅନେକ ସ୍ଥଳରେ ଶକାବ୍ଦ ବ୍ୟବହୃତ ହୋଇଛି । ଏ ଶକାବ୍ଦର ମୂଳ କେଉଁଠ ତାହାର ଆଲୋଚନା ଆବଶ୍ୟକ । ପାଞ୍ଜିରେ ଅର୍ଥାତ୍ ପ୍ରଚଳିତ ଉତ୍କଳ ପଞ୍ଜିକାରେ ନିମ୍ନଲିଖିତ ଅବ୍ଦମାନଙ୍କର ପରିଚୟ ମିଳେ ।

| | |
|---|---|
| ବିକ୍ରମାଦିତ୍ୟାବ୍ଦ | ୧୯୭୪ |
| ଶାଲିବାହନ ଶକାବ୍ଦ | ୧୮୩୯ |
| କପିଳଦେବାବ୍ଦ | ୪୮୨ |
| କଳିଯୁଗାଗତାବ୍ଦ | ୫୦୧୮ |

ମହାଭାରତ ଯୁଦ୍ଧ ଦ୍ୱାପର ଶେଷ ଓ କଳିର ଆଦ୍ୟ ଅର୍ଥାତ୍ ସନ୍ଧି ସମୟରେ ସଙ୍ଘଟିତ ହୋଇଥିଲା । ଯୁଧିଷ୍ଠିର ଅତି ଅଳ୍ପ କାଳ ରାଜତ୍ୱ କରିବାପରେ କଳି ଆଗମନ ଦେଖି ସ୍ୱଦେହରେ ମହାଯାତ୍ରା କରିଥିଲେ ବୋଲି ପୁରାଣରୁ ଜଣାଯାଏ । ମହାଭାରତ ଯୁଦ୍ଧ କେବେ ହୋଇଥିଲା କାଳିଦାସକୃତ 'ଜ୍ୟୋତିର୍ବିଦାଭରଣ' ଗ୍ରନ୍ଥରେ ପ୍ରମାଣିତ ହୋଇଛି ।

"ବର୍ଷେ ସିନ୍ଧୁର ଦର୍ଶନାମ୍ବର ଗୁଣୈର୍ଯାନେ କଳୌ ସମ୍ମିତେ ମାସେ ମାଧବ ସଞ୍ଜ୍ଞିତେଽସ ବିହିତୋ ଗ୍ରନ୍ଥ କ୍ରିୟୋପକ୍ରମଃ ।" ଅଙ୍କସଙ୍ଖ୍ୟା ଡାହାଣରୁ ବାମଆଡ଼କୁ ଲେଖାଯାଏ । ୩୦୬୭ ବର୍ଷ କଳି ଗତ ହେବା ପର ଗ୍ରନ୍ଥ ଲେଖା ହୋଇଛି ।

ଯୁଧିଷ୍ଠିର ବିକ୍ରମ-ଶାଲିବାହନୌ ନରାଧିନାଥୌ ବିଜୟାଭିନନ୍ଦନଃ
ଇମେଽନୁନାଗାର୍ଜୁନ ମେଦିନୀ ବିଭୁର୍ବଳିଃ କ୍ରମାତ୍ ଷଟ୍‌ଶକ କାରକା ନୃପାଃ ।

ଯୁଧିଷ୍ଠିରାଦ୍‌ବେଦଯୁଗାମ୍ବରାଗ୍ନୟଃ ୩୦୪୪ କଳମ୍ବରଶ୍ୱ ୧୩୫ ଇଭ୍ରଥାଷ୍ଟଭୂମୟ ୧୮୦୦୦ ତତୋଽଯୁତଂ ୧୦୦୦୦ ଲକ୍ଷ ଚତୁଷ୍ଟୟଂ ୪୦୦୦୦୦ କ୍ରମାତ୍ ଧରାଦ୍ରୁଗଷ୍ଟା ୮୨୧ ବହି ଶାକ ବତ୍ସରାଃ ।

( ଜ୍ୟୋ: ବି:-୧୦ ଅଧ୍ୟାୟ )

ଅତଏବ ୩୦୪୩+୧୩୫+ଶାଳିବାହନ ଶକାବ୍ଦ ୮୩୧=କଳି ଗତ ଶାଳିବାହନଙ୍କ ଶକାବ୍ଦ ସମ୍ବନ୍ଧେ ଜ୍ୟୋତିର୍ବିଦ୍‌ମାନେ କହନ୍ତି—

ନନ୍ଦାଦ୍ରୀନ୍ଦୁ ଗୁଣାସ୍ତଥା ଶକନୃପସ୍ୟାନ୍ତେ କଳେର୍ବତ୍ସରାଃ । ( ଭାସ୍କରାଚାର୍ଯ୍ୟ )

ଶାକେ ନବାଗେନ୍ଦୁ କୃଶାନୁଯୁକ୍ତ କଳେର୍ଭବତ୍ୟବ୍ଦ ଗଣୋ ଯୁଗସ୍ୟ । (ମକରନ୍ଦ କର) ଅର୍ଥାତ୍ କଳିର ୩୧୭୯ ବର୍ଷ ଗତେ ଶକାବ୍ଦ ଆରମ୍ଭ । "ରାଜାବଳୀ" ଗ୍ରନ୍ଥରୁ ଜଣାଯାଏ ଯେ, କଳି ଆରମ୍ଭରୁ ୪୨୬୭ ବର୍ଷ ପର୍ଯ୍ୟନ୍ତ ୧୧୯ ଜଣ ରାଜା ରାଜତ୍ୱ କରିଥିଲେ ।

୧ । ଯୁଧିଷ୍ଠିରଙ୍କଠାରୁ କ୍ଷେମକ ପର୍ଯ୍ୟନ୍ତ ୨୮ ଜଣ ୧୯୧୨ ବର୍ଷ । ଏଠାରୁ କ୍ଷତ୍ରିୟ ଲୋପ ହେଲେ ।

୨ । ବିଶାରଦଙ୍କଠାରୁ ବୋଧମଲ୍ଲ ପର୍ଯ୍ୟନ୍ତ ୧୪ ଜଣ ୫୦୦ ବର୍ଷ । ଏମାନେ-ନନ୍ଦବଂଶୀୟ ରାଜପୁତ୍ର ମହାନନ୍ଦୀ କ୍ଷତ୍ରିୟ ଔରସରୁ ଶୂଦ୍ରା ଗର୍ଭରେ ଜାତ ।

୩ । ବୀରବାହୁଙ୍କଠାରୁ ଆଦିତ୍ୟ ପର୍ଯ୍ୟନ୍ତ ୧୫ ଜଣ ୪୦୦ ବର୍ଷ । ଏମାନେ ଗୌତମ-ବଂଶଜ, ନାସ୍ତିକ ।

୪ । ଧୂରନ୍ଧରଙ୍କଠାରୁ ରାଜପାଳ ପର୍ଯ୍ୟନ୍ତ ୯ ଜଣ ୩୧୮ ବର୍ଷ । ମୟୂରବଂଶୀୟ ।

୫ । ଶକାଦିତ୍ୟ ୧ ଜଣ ୧୪ ବର୍ଷ । ପାର୍ବତୀୟ ରାଜା ।

ଅର୍ଥାତ୍ ୩୦୪୪ ବର୍ଷରେ ଯୁଧିଷ୍ଠିର ଶକାବ୍ଦ ଶେଷ ହେଲା । ଅତଃପର ବିକ୍ରମ ଶକାବ୍ଦ ଆରମ୍ଭ ହେଲା ।

ଶିଳାଲିପିରୁ ଜଣାଯାଏ ଯେ କବି ରବିକୀର୍ତ୍ତି ରାଜା ପୁଲକେଶୀଙ୍କ ଆଦେଶ ଦ୍ୱାରା ମହାଭାରତ ଯୁଦ୍ଧର ସମୟ ନିର୍ଦ୍ଧାରଣ କରିଥିଲେ । ଚାଲୁକ୍ୟ ରାଜା ୨ୟ ପୁଲକେଶୀ ୬୧୦ ଖ୍ରୀଷ୍ଟାବ୍ଦ ( ୫୩୧—୫୫୬ ଶକାବ୍ଦ ) ରେ ରାଜତ୍ୱ କରୁଥିଲେ । ତେତେବେଳକୁ ୩୭୧୦ ବର୍ଷ ମହାଭାରତ ଯୁଦ୍ଧଠାରୁ ଗତ ହୋଇଥିବାର ସିଦ୍ଧାନ୍ତ ହୋଇଥିଲା । ଏହି ଶିଳାଫଳକ ୧୨୮୨ ବର୍ଷ ପୂର୍ବେ ଉତ୍କୀର୍ଣ୍ଣ ହୋଇ ଶିଳାଫଳକର ସମୟ ୫୫୬ ଶକାବ୍ଦ ବା ୬୩୪ ଖ୍ରୀଷ୍ଟାବ୍ଦ । ସୁତରାଂ ତେତେବେଳକୁ ୩୭୩୫ ବର୍ଷ ପୂର୍ବେ କୁରୁପାଣ୍ଡବ ଯୁଦ୍ଧ ହୋଇଥିବାର ସେ ସିଦ୍ଧାନ୍ତ କରିଥିଲେ ।

ବିକ୍ରମାଦିତ୍ୟଙ୍କ ଶକାବ୍ଦ ସାଧାରଣତଃ ସମ୍ବତ୍ ନାମରେ ପରିଚିତ । ଏହା ୫୭ ଖ୍ରୀଷ୍ଟାବ୍ଦ ପୂର୍ବରୁ ଆରମ୍ଭ ହୋଇଛି । ଶାଳିବାହନଙ୍କ ସମୟ ଶକାବ୍ଦ ନାମରେ ପରିଚିତ ଏବଂ ଏହା ୭୮ ଖ୍ରୀଷ୍ଟାବ୍ଦରୁ ଆରମ୍ଭ । କନିଷ୍କ ୭୮ ଖ୍ରୀଷ୍ଟାବ୍ଦରେ ପେଶୋୱାର ବା ପୁଷ୍ପପୁରରେ ରାଜତ୍ୱ ଆରମ୍ଭ କଲେ । ସେହି ଦିନଠାରୁ ଶକାବ୍ଦ ଆରମ୍ଭ ହୋଇଅଛି ।

ମହାଭାରତ ଯୁଦ୍ଧର ସମୟ ନେଇ ନାନା ଲୋକ ନାନା ମତ ପ୍ରକାଶ କରିଛନ୍ତି । ମାତ୍ର ଏ ସିଦ୍ଧାନ୍ତ ସମୀଚୀନ ବୋଲି ବୋଧହୁଏ ନାହିଁ ( ପୃଥିବୀ ଇତିହାସ ପ୍ରଥମ ଖଣ୍ଡ

୨୭୧ ପୃଷ୍ଠା ) । ସୁତରାଂ ଯୁଧିଷ୍ଠିରଙ୍କ ରାଜତ୍ୱ ସମୟ ଖ୍ରୀଷ୍ଟପୂର୍ବ ୩୧୦୩ ବର୍ଷ । ଏ ସମସ୍ତ ପ୍ରମାଣରୁ ଜଣାଯାଏ ଯେ ଶକାବ୍ଦ କହିଲେ ଶାଳିବାହନ ଶକାବ୍ଦ ହିଁ ଭାରତବର୍ଷରେ ପ୍ରଚଳିତ ।

ଉତ୍କଳରେ ଶକାବ୍ଦ ପ୍ରଚଳିତ ଅଛି । ମାଦଳାପାଞ୍ଜି, ଦାନପତ୍ର, ଅନୁଶାସନପତ୍ର ଓ ସନନ୍ଦ ପ୍ରଭୃତିରେ ଶକାବ୍ଦ ବ୍ୟବହୃତ ହୋଇଛି । ଶକମାନେ ଭାରତବର୍ଷରେ ଏକସମୟରେ ଆଧିପତ୍ୟ ବିସ୍ତାର କରିଥିଲେ । ରାଜା କନିଷ୍କ ଶକଜାତୀୟ ଏବଂ ତାଙ୍କ ରାଜତ୍ୱ ୭୮ ଖ୍ରୀଷ୍ଟାବ୍ଦରୁ ଶକାବ୍ଦ ଚଳୁଥିବା କଥା ପୂର୍ବେ କହିଅଛୁଁ । ବଂଶଲତା ଆଲୋଚନା କଲେ ଜଣାଯାଏ ଯେ ଶକମାନେ ସୂର୍ଯ୍ୟବଂଶୀୟ । ସଗର ରାଜାଙ୍କଦ୍ୱାରା ଯେଉଁମାନେ ରାଜ୍ୟଭ୍ରଷ୍ଟ ହୋଇଥିଲେ, ସେମାନେ ଦେଶତ୍ୟାଗୀ ହେବାରୁ ଶକ ନାମରେ ପରିଚିତ ହେଲେ । ମାଦଳାପାଞ୍ଜିରୁ ଜଣାଯାଏ ଯେ ଶକମାନେ ଉତ୍କଳରେ ୩୦ ବର୍ଷ ରାଜତ୍ୱ କରିଥିଲେ । ସୁତରାଂ ଉତ୍କଳରେ ସେହିଦିନୁ ଶକାବ୍ଦ ପ୍ରଚଳିତ ହୋଇଥିବାର ଅନୁମାନ କରାଯାଏ । ଆହୁରି ମଧ୍ୟ ମାଦଳା-ପାଞ୍ଜିରେ ଉଲ୍ଲେଖ ଅଛି ଯେ କର୍ମ୍ମଜିତ୍ ଦେବଙ୍କ ଅମଳରୁ ଶକାବ୍ଦ ଚଳିଲା ଏବଂ ସେ ଶକମାନଙ୍କୁ ବିତାଡ଼ିତ କରି ସିଂହାସନାରୋହଣ କଲେ ଏବଂ ପାଞ୍ଜିରେ ଶକାବ୍ଦ ବୋଲି ଲେଖିଲେ । କର୍ମ୍ମଜିତ୍ ବିକ୍ରମାଦିତ୍ୟଙ୍କ ପର ରାଜା ବୋଲି ଉଲ୍ଲେଖ ଥିବାର ଦେଖିଲୁଁ । ସୁତରାଂ ସମ୍ଭବତଃ ବିକ୍ରମାଦିତ୍ୟଙ୍କ ପରେ ଉତ୍କଳରେ ଶକାବ୍ଦ ଚଳୁଛି ଏବଂ ତାହା ୭୮ ଖ୍ରୀଷ୍ଟାବ୍ଦଠାରୁ ଚଳୁଥିବାର ଅନୁମିତ ହୁଏ । ସୁତରାଂ ଶାଳିବାହନ ଶକାବ୍ଦ ହିଁ ଗ୍ରାହ୍ୟ ।

ଉତ୍କଳର ରାଜବଂଶରେ ଅଙ୍କ ପ୍ରଚଳିତ ଅଛି । ଅଙ୍କ ପ୍ରଚଳନ ଆଜିକାଲି ପ୍ରଥା ନୁହେଁ । ଅନ୍ତତଃ ଉପରୋକ୍ତ କର୍ମ୍ମଜିତ୍ ଦେବଙ୍କ ଅମଳରୁ ପ୍ରଚଳିତ ଥିବାର ମାଦଳାପାଞ୍ଜିରୁ ଦେଖାଯାଏ । ସୁନିଆଁ ଦିନ ଅଙ୍କ ପରିବର୍ତ୍ତିତ ହୁଏ । ଏ ଦିନ ରାଜପ୍ରାସାଦରେ ଉତ୍ସବାଦି ହୁଏ । ସୁନା ମୋହର ଉପରେ ଅଙ୍କ କଟାଯାଏ । ଏହିହେତୁ ବୋଧହୁଏ ଏ ଦିନର ନାମ ସୁନିଆଁ ହୋଇଛି । ଏ ଦିନ ପ୍ରଭୁଙ୍କର ପାର୍ଶ୍ୱ ପରିବର୍ତ୍ତନ ଯାତ୍ରା ହୁଏ । ସୁତରାଂ ଚଳନ୍ତି ବିଷ୍ଣୁଙ୍କର ( ପୁରୀ ରାଜାମାନେ ଏହିପରି ସମ୍ମାନିତ ) ଅଙ୍କ ପରିବର୍ତ୍ତନ ଏହି ଦିନ ହୁଏ । ଅଙ୍କ ଗଣିବାର ଗୋଟିଏ ବିଶେଷ ବିଧି ଅଛି । ୧୦ ବ୍ୟତୀତ ଯେଉଁ ଅଙ୍କ ଡାହାଣରେ ୦ ବା ୬ ଥିବ ତାହା ତ୍ୟାଗ କରିବାକୁ ହେବ । ଏହି କେତେକ ସାମଗ୍ରୀ ନେଇ ଉତ୍କଳର ରାଜବଂଶମାନଙ୍କ ଇତିହାସ ଆଲୋଚନା କରିବାକୁ ହେବ । ଉତ୍କଳ ରାଜସିଂହାସନରେ ନିମ୍ନଲିଖିତ ବଂଶୀୟ ରାଜାମାନେ ରାଜତ୍ୱ କରିଥିବାର ମାଦଳାପାଞ୍ଜିରୁ ଜଣାଯାଏ ।

୧ । ସୋମବଂଶ—ଯୁଧିଷ୍ଠିରଙ୍କଠାରୁ ଚନ୍ଦ୍ରଦେବଙ୍କ ପର୍ଯ୍ୟନ୍ତ । ଖ୍ରୀ: ପୂ: ୩୧୦୧—୫୫୬ ଖ୍ରୀଷ୍ଟାବ୍ଦ ।

୨ । କେଶରୀବଂଶ ବା ଚନ୍ଦ୍ରବଂଶ—ଯଯାତିକେଶରୀଙ୍କଠାରୁ ସୁବର୍ଣ୍ଣ ବା ସିଦ୍ଧକେଶରୀଙ୍କ ପର୍ଯ୍ୟନ୍ତ । ଖ୍ରୀଷ୍ଟାବ୍ଦ ୫୫୬—୧୪୩୫ ।

୩ । ଗଙ୍ଗବଂଶ ବା ଚନ୍ଦ୍ରବଂଶ—ଚୁଡ଼ଙ୍ଗଦେବଙ୍କଠାରୁ ନେତ୍ରଭାନୁଦେବଙ୍କ ପର୍ଯ୍ୟନ୍ତ । ଖ୍ରୀଷ୍ଟାବ୍ଦ ୧୧୦୩—୧୪୩୫ ।

୪ । ସୂର୍ଯ୍ୟବଂଶ—କପିଳେନ୍ଦ୍ରଦେବଙ୍କଠାରୁ କଖାରୁଆ ପ୍ରତାପ ପର୍ଯ୍ୟନ୍ତ । ଖ୍ରୀଷ୍ଟାବ୍ଦ ୧୪୩୫—୧୫୫୩ ।

୫ । ଭୋଇବଂଶ—ଗୋବିନ୍ଦବିଦ୍ୟାଧରଙ୍କଠାରୁ ରଘୁରାମ ଯେନାଙ୍କ ପର୍ଯ୍ୟନ୍ତ । ଖ୍ରୀଷ୍ଟାବ୍ଦ ୧୫୫୩ — ୧୫୫୭ ।

୬ । ଚାଲୁକ୍ୟବଂଶ—ମକୁନ୍ଦହରିଚନ୍ଦନଙ୍କଠାରୁ ରଘୁବଂଶ ଛୋଟରାଙ୍କ ପର୍ଯ୍ୟନ୍ତ । ଖ୍ରୀଷ୍ଟାବ୍ଦ ୧୫୫୭—୧୫୭୭ ।

୭ । ଯଦୁବଂଶ—ରାମଚନ୍ଦ୍ରଦେବଙ୍କଠାରୁ ବର୍ତ୍ତମାନ ମୁକୁନ୍ଦ ଦେବ । ଖ୍ରୀଷ୍ଟାବ୍ଦ ୧୫୭୭—୧୯୨୭ ।

ଏହି ବଂଶୀୟ ରାଜାମାନେ କିଏ କେତେ ବର୍ଷ ରାଜତ୍ୱ କରିଥିଲେ ତାହା ସ୍ଥିର କରିବା ଆବଶ୍ୟକ । କପିଳେନ୍ଦ୍ରଦେବଙ୍କଠାରୁ ଏଣିକି ସମୟ ସ୍ଥିର କରିବାରେ କିଛି କଷ୍ଟ ନାହିଁ; କାରଣ ତାଙ୍କ ଅମଳରୁ ଗୋଟିଏ ସ୍ୱତନ୍ତ୍ର ଅବ୍ଦ ଉତ୍କଳରେ ପ୍ରଚଳିତ । ବର୍ତ୍ତମାନ କପିଳେନ୍ଦ୍ରଦେବାବ୍ଦ ୪୯୨ । ସୁତରାଂ ୧୪୩୫ ଖ୍ରୀଷ୍ଟାବ୍ଦରେ ତାଙ୍କ ରାଜତ୍ୱ ଆରମ୍ଭ ହୋଇଥିବା ସୁନିଶ୍ଚିତ ।

ଯଯାତିକେଶରିଙ୍କଠାରୁ କପିଳେନ୍ଦ୍ରଦେବଙ୍କ ସମୟ ମଧ୍ୟରେ ଯେତେ ଗୋଳମାଳ । ହଣ୍ଟର ସାହେବ ଯେଉଁ ସମୟ ସ୍ଥିର କରିଛନ୍ତି ତାହା ମଧ୍ୟ ଭ୍ରମପୂର୍ଣ୍ଣ ଥିବାର ଦେଖାଯାଏ । ହଣ୍ଟର ସାହେବ ମାଦଳାପାଞ୍ଜି ଅପେକ୍ଷା ଅନ୍ୟ କିଛି ଉତ୍କୃଷ୍ଟ ପ୍ରମାଣ ପାଇ ନଥିଲେ ହେଁ ସେ ମାଦଳାପାଞ୍ଜିକୁ ଅବିକଳ ଅନେକ ସ୍ଥଳରେ ଅନୁସରଣ କରିଛନ୍ତି ଏବଂ ଅନେକ ସ୍ଥଳରେ ମନୋଜ୍ଞମତେ ଲେଖିଛନ୍ତି ।

ଜଣେ ଜଣେ ରାଜାଙ୍କର ଶତାଧିକ ଦୀର୍ଘ ରାଜତ୍ୱ ସମୟ ମାଦଳାପାଞ୍ଜିରେ ଦେଖି ହଣ୍ଟର ସାହେବ ପ୍ରଭୃତି ପାଞ୍ଜିକୁ ଅବିଶ୍ୱାସ କରିଛନ୍ତି । ଶତନ୍ୟୂନ ଓ ପଞ୍ଚାଶାଧିକ ବର୍ଷ ରାଜତ୍ୱ ବିଷୟରେ ସନ୍ଦେହ କରିବାର କିଛି କାରଣ ନାହିଁ । ପୂର୍ବକାଳରେ ଆମ୍ଭ ପୂର୍ବପୁରୁଷମାନେ ଆମ୍ଭମାନଙ୍କ ଅପେକ୍ଷା ଯେ ଦୀର୍ଘାୟୁ ଥିଲେ, ସେଥିରେ କିଛି ସନ୍ଦେହ ନାହିଁ । ଦାଦାଭାଇ ନଉରୋଜି ତ ସେଦିନ ୯୨ ବର୍ଷ ବୟସରେ ମଲେ । ସ୍କାଣ୍ଡିନେଭିଆର ଲୋକମାନେ ୧୫୦ ବର୍ଷ ବଞ୍ଚିଥିବାର ଶୁଣାଯାଏ । ଆମ୍ଭର ଦେଶରେ ଅନେକ ପ୍ରାଚୀନ ବୃଦ୍ଧ ୮୦, ୯୦, ୯୫ ବର୍ଷ ବୟସର ବର୍ତ୍ତମାନ କୌଣସି କୌଣସି ସ୍ଥାନରେ ଥିବାର ଦେଖାଯାଏ । ତେବେ ଶତବର୍ଷ ଜୀବନଧାରଣ କରିବାଟା ପୂର୍ବକାଳରେ ବଡ଼ ଆଶ୍ଚର୍ଯ୍ୟ ବିଷୟ ନ ଥିଲା । "ଶତାୟୁର୍ବୈ ପୁରୁଷ" ବୋଲି ଶାସ୍ତ୍ରରେ ଦେଖାଯାଏ । ବ୍ରାହ୍ମଣମାନେ ଆଜି ମଧ୍ୟ "ମାର୍କଣ୍ଡେୟ ଚିର

ଜୀବତାସ୍ତୁ", "ଅଷ୍ଟୋତ୍ତରଶତ ସମ୍ବତ୍ସର ପରମାୟୁ ବୃଦ୍ଧିରସ୍ତୁ" ବୋଲି କଲ୍ୟାଣ କରିଥାନ୍ତି । ସୁତରାଂ ଦୀର୍ଘଜୀବନ କଥା ଆମ୍ଭ ଦେଶରେ ଏକାବେଳକେ ଅଜଣା ନ ଥିଲା । ଅତି ପ୍ରାଚୀନ କାଳରେ ଯେ ଆହୁରି ବେଶୀ ଦୀର୍ଘଜୀବୀ ନ ଥିଲେ, ଏକଥା କୁହାଯାଇ ନ ପାରେ । ଯୋଗ-ସାଧନ ଦ୍ୱାରା ଲୋକେ ଇଚ୍ଛାମୃତ୍ୟୁ, ପରକାୟପ୍ରବେଶ ପ୍ରଭୃତି କରି ବହୁକାଳ ବଞ୍ଚିଥିବା କଥା ଶାସ୍ତ୍ରରୁ ଦେଖାଯାଏ । ଆୟୁଃପ୍ରବୃଦ୍ଧି କରିବାର ନାନା ଉପାୟ ଥିବା ବିଷୟ ବୈଦ୍ୟଶାସ୍ତ୍ର ପ୍ରଭୃତିରୁ ଦେଖାଯାଏ । କଳିଯୁଗ ଯେତେ ଅଗ୍ରସର ହେଉଛି, ଲୋକେ ସେତେ କ୍ଷୀଣାୟୁ ହୋଇଆସୁଥିବାର ଦେଖାଯାଏ । ଏଥିର ନାନା କାରଣ ଥାଇପାରେ । ମାତ୍ର 'କଳିଷଠା ଷାଠିଏ' ହେଲେ ଲୋକ ବେଶି ଦିନ ବଞ୍ଚିଲି ବୋଲି କୁହାଯାଏ । ସୁତରାଂ ପ୍ରାଚୀନ ରାଜାମାନଙ୍କ ଦୀର୍ଘଜୀବନ ଦେଖି କେବଳ ସେହି କାରଣରୁ ମାଦଳାପାଞ୍ଜିକୁ ଅବିଶ୍ୱାସ କରାଯାଇ ନ ପାରେ ।

ଆମ୍ଭେମାନେ କ୍ଷୀଣାୟୁ, ସ୍ୱଳ୍ପଧୀ; ସୁତରାଂ ବଡ଼କଥା ଧାରଣ କରିପାରିବା ସହଜ ନୁହେ । ମାତ୍ର ଭୁଲ ବୋଲି କହିଦେଇ ସବୁକଥା ଉଡ଼ାଇଦେଲେ ଚଳିବ ନାହିଁ ।

ଆହୁରି ଗୋଟିଏ କଥା ଦେଖିବାକୁ ହେବ । ସମ୍ଭବତଃ ଅନେକ ସ୍ଥଳରେ ବଂଶର ପ୍ରଥମ ରାଜାଙ୍କ ନାମ ଦେଇ ସେହି ବଂଶର ସମସ୍ତ ରାଜତ୍ୱକାଳକୁ ଏକାଠି ଜଣକ ତଳେ ପକାଇଦେଇଥିବା ପରି ଅନେକ ସ୍ଥଳରେ ବୋଧହୁଏ । କାରଣ ଯେଉଁ ରାଜାମାନଙ୍କ ରାଜତ୍ୱକାଳ ଲେଖା ଅଛି, ତଦ୍‌ବ୍ୟତୀତ ଆହୁ ଅନେକଙ୍କ ନାମ ଅଛି; ମାତ୍ର ସମୟ ଲେଖା ନାହିଁ ।

ଉତ୍କଳ ଅନେକ କାଳ ଦିଲ୍ଲୀ ସମ୍ରାଟମାନଙ୍କ ଖାସ୍ ଶାସନାଧୀନରେ ଥିଲା । ଦିଲ୍ଲୀ ସମ୍ରାଟ ହିଁ ଉତ୍କଳର ରାଜା ଥିଲେ । ମାତ୍ର ଯଯାତିକେଶରୀଙ୍କ ସମୟରୁ ସ୍ୱତନ୍ତ୍ର ଶାସନାଧୀନ ହେଲାପରି ବୋଧହୁଏ ।

ଏତେ ଅସାମଞ୍ଜସ୍ୟ ମଧ୍ୟରେ ଉତ୍କଳ ଇତିହାସର କେତେଗୋଟି ଶଙ୍କୁ ଅଛି । ଏହି ଶଙ୍କୁ ପ୍ରତି ଦୃଷ୍ଟି ଦେଇ ଆମ୍ଭମାନଙ୍କୁ ବିଚାର କରିବାକୁ ହେବ । ପୁରୀର ଜଗନ୍ନାଥ ଦେଉଳ, ଭୁବନେଶ୍ୱର ଦେଉଳ ଓ କୋଣାର୍କ ଦେଉଳ ପ୍ରଭୃତି ଆମ୍ଭମାନଙ୍କର ପ୍ରଧାନ ଶଙ୍କୁ । ଏଥିରେ ଖୋଦିତ ଲିପିଅଛି । ଏ ଲିପିମାନଙ୍କୁ ବିଶ୍ୱାସ ନ କରିବାର କିଛିମାତ୍ର କାରଣ ନାହିଁ । ଏଗୁଡ଼ିକ ଦେଉଳ ନିର୍ମାଣ ସମୟର ସମସାମୟିକ । ଏଣେ ନରସିଂହ ତାମ୍ରଶାସନ ପ୍ରକାଶିତ ହୋଇଅଛି । ସେ ବହୁ ପ୍ରାଚୀନ କାଳର ଲେଖା । ସେ ମଧ୍ୟ ଆମ୍ଭମାନଙ୍କର ଗୋଟିଏ ଶଙ୍କୁ । ଏ ସମସ୍ତ ପ୍ରତି ଦୃଷ୍ଟି ଦେଇ ଆମ୍ଭମାନଙ୍କୁ ସମୟ ନିର୍ଦ୍ଧାରଣ କରିବାକୁ ହେବ । ଯେଉଁ ସମୟ ଏ ସମସ୍ତ ଶଙ୍କୁ ସହିତ ମେଳ ହେବ, ତାହାକୁ ଆପାତତଃ ଠିକ୍ ବୋଲି ଗ୍ରହଣ କରିବାକୁ ହେବ । ହଣ୍ଟର ସାହେବଙ୍କ ନିର୍ଦ୍ଧାରିତ ସମୟ ଏ ଶଙ୍କୁମାନଙ୍କ ସହିତ ମେଳ ହେଉନାହିଁ

ବୋଲି ଅନେକ ସ୍ଥଳରେ ଦେଖାଯାଏ । ମାଦଳାପାଞ୍ଜି ସହିତ ଏ ଶଙ୍କମାନ ମେଳ ହେଲେ ତାହା ଅବଶ୍ୟ ଗ୍ରାହ୍ୟ ।

ଆମ୍ଭେ ପୂର୍ବେ ଦେଖାଇଅଛୁଁ ଯେ ଯୁଧିଷ୍ଠିରଙ୍କଠାରୁ ବଜ୍ରମାଦ୍ଧବଙ୍କ ପର୍ଯ୍ୟନ୍ତ ୧୧୯ ଜଣ ରାଜା ୩୦୪୪ ବର୍ଷ ରାଜତ୍ୱ କରିଥିଲେ । ମାଦଳାପାଞ୍ଜିରେ ୧୦ କି ୧୨ ଜଣ ରାଜାଙ୍କ ରାଜତ୍ୱ ସମୟ ଉଲ୍ଲେଖ ଅଛି । ମାତ୍ର "ଦାରୁବ୍ରହ୍ମ" ଅବତାର ଅଧ୍ୟାୟରେ ଅନେକ ରାଜାଙ୍କର କେବଳ ନାମୋଲ୍ଲେଖ ଥାଇ ଇତ୍ୟାଦି ଶବ୍ଦ ବ୍ୟବହୃତ ହୋଇଅଛି । ସୁତରାଂ ଆମ୍ଭେ ପୂର୍ବେ କହିଥିଲୁ ଯେ ଜଣକ ତଳେ ଅନେକ ରାଜାଙ୍କ ସମୟ ସାମିଲ ହୋଇଅଛି । ଖ୍ରୀଷ୍ଟପୂର୍ବ ୩୧୦୧ ଠାରୁ ଖ୍ରୀଷ୍ଟପୂର୍ବ ୫୭ ପର୍ଯ୍ୟନ୍ତ ଏମାନେ ରାଜତ୍ୱ କରିଥିଲେ ।

| | | | | |
|---|---|---|---|---|
| ୧ | ଯୁଧିଷ୍ଠିର | ୧୨ ବର୍ଷ | ଖ୍ରୀ: ପୂ: | ୩୧୦୧—୩୦୮୯ |
| ୨ | ପରୀକ୍ଷିତ | ୭୫୭ ବର୍ଷ | ଖ୍ରୀ: ପୂ: | ୩୦୮୯—୨୩୩୨ |
| ୩ | ଜନ୍ମେଜୟ | ୫୧୨ ବର୍ଷ | ଖ୍ରୀ: ପୂ: | ୨୩୩୨—୧୮୨୦ |
| ୪ | ଶଙ୍କରଦେବ | ୪୧୦ ବର୍ଷ | ,, | ୧୮୨୦—୧୪୧୦ |
| ୫ | ଗୌତମଦେବ | ୩୯୦ ବର୍ଷ | ,, | ୧୪୧୦—୧୦୨୦ |
| ୬ | ମହେନ୍ଦ୍ରଦେବ | ୩୧୩ ବର୍ଷ | ,, | ୧୦୨୦—୭୦୫ |
| ୭ | ଇଶୋକ ବା ଶେତଶୋକ ବା ସେବକଦେବ | ୧୫୦ ବର୍ଷ | ,, | ୭୦୫—୫୫୫ |
| ୮ | ଶରଶଙ୍ଖ ବା ନରସିଂହ | ୧୫୨ ବର୍ଷ | ,, | ୫୫୫—୪୪୨ |
| ୯ | ବଲ୍ଲଭଦେବ | ୧୧୭ ବର୍ଷ | ,, | ୪୪୨—୩୨୩ |
| ୧୦ | ଇଶ୍ୱଦେବ | ୧୨୪ ବର୍ଷ | ,, | ୩୨୩—୧୯୯ |
| ୧୧ | ଅହିଁସ ବା ମାନକୃଷ୍ଣ | ୫ ବର୍ଷ | ,, | ୧୯୯—୧୯୪ |
| ୧୨ | ଭୋଜଦେବ | ୧୩୭ ବର୍ଷ | ,, | ୧୯୪— ୫୭ |
| ୧୩ | ବୀରବଜ୍ରମାଦ୍ଧବ | ୧୫୦ ବର୍ଷ | ,, | ୫୭— ୪୮ ଖ୍ରୀ: |
| ୧୪ | ଶକମାନେ | ୩୦ ବର୍ଷ | ଖ୍ରୀଷ୍ଟାବ୍ଦ | ୪୮— ୭୮ ,, |
| ୧୫ | କର୍ମ୍ମଜିତ | ୧୧୫ ବର୍ଷ | ,, | ୭୮—୧୯୩ ,, |
| ୧୬ | ବଟକେଶ୍ୱର ବା ହଟକେଶ୍ୱର | ୫୧ ବର୍ଷ | ,, | ୧୯୩—୨୪୪ ,, |
| ୧୭ | ତ୍ରିଭୁବନଦେବ | ୬୩ ବର୍ଷ | ,, | ୨୪୪—୩୦୭ ,, |
| ୧୮ | ନିର୍ମ୍ମଲଦେବ | ୫୭ ବର୍ଷ | ,, | ୩୦୭—୩୬୪ ,, |
| ୧୯ | ଭୀମଦେବ | ୩୭ ବର୍ଷ | ,, | ୩୬୪—୪୦୧ ,, |
| ୨୦ | ଶୋଭନଦେବ | ୪ ବର୍ଷ | ,, | ୪୦୧—୪୦୫ ,, |
| ୨୧ | ଚନ୍ଦ୍ରଦେବ ବା ଇନ୍ଦ୍ରଦେବ | ୫ ବର୍ଷ | ,, | ୪୦୫—୪୧୦ ,, |
| ୨୨ | ରକ୍ତବାହୁବଂଶୀୟ | ୧୪୬ ବର୍ଷ | ,, | ୪୧୦—୫୫୬ ,, |

ଉପରୋକ୍ତ ରାଜାମାନଙ୍କ ରାଜତ୍ୱ ସମୟର ଯେ ତାଲିକା ଦିଆଗଲା ସେଥିରେ ୧, ୭, ୮, ୯, ୧୨, ୧୬, ୧୯, ୨୦, ୨୧ ନମ୍ବର ଚହ୍ନିତ ସମୟ ହଣ୍ଟର ସାହେବଙ୍କ ତାଲିକା ସହିତ ମାଦଳାପାଞ୍ଜିର ମେଳ ଅଛି । ଅନ୍ୟ ନମ୍ବରମାନଙ୍କରେ ଅମେଳ ଦେଖାଯାଏ । ଜନ୍ମେଜୟଙ୍କ ରାଜତ୍ୱ ୫୫୧ ବୋଲି ହଣ୍ଟର ସାହେବ କେଉଁଠୁ ଆଣିଲେ, ତାହା ଜଣାଯାଉନାହିଁ । ଏହିପରି ଅନ୍ୟାନ୍ୟ ସମ୍ବନ୍ଧରେ କୁହାଯାଇପାରେ ।

ବର୍ତ୍ତମାନ ଏ ରାଜାମାନଙ୍କ ଅମଳରେ କି କି ପ୍ରଧାନ ଘଟଣା ଘଟିଥିଲା ତାହା ନିମ୍ନରେ ଲେଖାଯାଉଛି ।

ମହେନ୍ଦ୍ରଦେବ—ମହେନ୍ଦ୍ର ତୀର୍ଥ ଗୋଦାବରୀ ଯାଏ ରାଜ୍ୟଭୋଗ କଲେ । ମହେନ୍ଦ୍ର ପର୍ବତ ବନ୍ଧାଇଲେ ।

ସଶୋକଦେବ—ଏ ବଡ଼ ସତ୍ୟନାରାୟଣ ବିଷ୍ଣୁଭକ୍ତ ଥିଲେ । ବଡ଼ଦେଉଳ ଗଛ ମାଡ଼ିଯାଇଥିଲା, ପରିଷ୍କାର କରାଇଲେ; ମହାପ୍ରଭୁଙ୍କୁ ବହୁତ ଅଳଙ୍କାର ଦେଲେ ।

ବଜ୍ରଲାଭଦେବ—ଏହାଙ୍କ ଅମଳରେ ବାବଲଦେଶ ସମ୍ଭବତଃ କାବୁଲ ଦେଶରୁ ମୋଗଲମାନେ ଆସି ଓଡ଼ିଶା ଆକ୍ରମଣ କରି ହାରିଲେ । ଦିଲ୍ଲୀରୁ ଦ୍ରମାରିତ ଯବନ ମଧ୍ୟ ଓଡ଼ିଶା ଆକ୍ରମଣ କରି ପରାସ୍ତ ହୋଇଥିଲା ।

ନରସିଂହ ବା ଶରଶଙ୍କଦେବ—ଏ ଶରଶଙ୍କ ପୁଷ୍କରଣୀ ଖୋଳାଇଥିଲେ । ଦାନ୍ତନ ପୋଖରୀ ଖୋଳାଇଥିଲେ । ଅହିଂସଦେବଙ୍କ ଅମଳରେ କାଶ୍ମୀର ଦେଶରୁ ଯବନମାନେ ଆସି ଓଡ଼ିଶା ଆକ୍ରମଣ କଲେ; ମାତ୍ର ପରାସ୍ତ ହେଲେ ।

ଭୋଜରାଜ—ଏ ଚକ୍ରବର୍ତ୍ତୀ ହୋଇଥିଲେ । ମହାନାଟକ ଶ୍ଳୋକ କରାଇଲେ; କାଳିଦାସ ପ୍ରଭୃତି କବିଙ୍କୁ ନେଇ ସଭା କରାଇଲେ । ସିନ୍ଧୁଦେଶରୁ ଯବନମାନେ ଆସି ଆକ୍ରମଣ କଲେ; ମାତ୍ର ପରାସ୍ତ ହେଲେ । ଗଛ କଟାଇ ନୌକା ନିର୍ମାଣ କରାଇଲେ ।

ବୀରବିକ୍ରମାଦିତ୍ୟ—ଏ ଅଷ୍ଟବେତାଳ ସାଧିଥିଲେ । ଅଗ୍ନିସ୍ତମ୍ଭନ, ପାଦୁକାସିଦ୍ଧି ପ୍ରଭୃତି ଅନେକ ବିଦ୍ୟା ଜାଣିଥିଲେ ।

ତ୍ରିଭୁବନଦେବ—କଉଡ଼ି ହିସାବର ଗଣ୍ଡା, ବୋଡ଼ି, କାହାଣ ଭିଆଣ କଲେ ।

ନିର୍ମଳଦେବ—ଏହାଙ୍କ ଅମଳରେ ଯବନ ଯୁଦ୍ଧ ଓ ଯବନମାନେ ପରାସ୍ତ ।

ଶୋଭନଦେବ—ଏହାଙ୍କ ୨ ଅଙ୍କରେ ରକ୍ତବାହୁ ଜାହାଜରେ ସମୁଦ୍ରପଥରେ ଆସି କନକାଠାରେ ବୋଇତରୁ ଓହ୍ଲାଇ ପୁରୁଷୋତ୍ତମରେ ପ୍ରବେଶ ହେଲା । ଇତିମଧ୍ୟରେ ସେବକମାନେ ଏହାଙ୍କ ଆଗମନ ବାର୍ତ୍ତା ଶୁଣି ମହାପ୍ରଭୁଙ୍କୁ ନେଇ ଗୋପଲ୍ଲି ଗ୍ରାମରେ ( ସୁନପୁର ମଧ୍ୟରେ—ବୌଦ ସୀମାରେ ) ପାତାଳୀ କରି ରଖାଇଲେ । ରକ୍ତବାହୁ

ପୁସ୍ତିରେ ଠାକୁରଙ୍କୁ ନ ଦେଖି ସହରର ମଧ୍ୟରେ ଅତ୍ୟାଗ୍ନର କଲା, ଗୁଣ୍ଡାମାନଙ୍କୁ ମାଡ଼ ମାଇଲା । ଏହି ସମୟରେ ବାଙ୍କିମୁହାଣ ଭାଙ୍ଗି ପାଣି ସହରରେ ପ୍ରବେଶକଲା; ତେଣେ ବଡ଼ମୂଲ ଘାଟି ସରକ ସମୁଦ୍ର ମାଡ଼ିଯାଇଥିଲା । ଏହି ସମୟରୁ ଚିଲିକା ହେଲା । ୫ ଅଙ୍କରେ ରାଜା ପଲାୟନ କରି ଝାଡ଼ଖଣ୍ଡ ଭିତରେ ସ୍ୱର୍ଗପ୍ରାପ୍ତି ହେଲେ ।

ଚନ୍ଦ୍ରଦେବ—ଏ ରାଜାଙ୍କୁ ମୋଗଲମାନେ ବିଶ୍ୱାସରେ ଡକାଇ ଆଣି ମାରି ପକାଇଲେ । ସେହିଦିନୁ ଭୋଗକଲେ ୧୪୬ ବର୍ଷ ।

ଚନ୍ଦ୍ରଦେବଙ୍କ ପରେ ଓଡ଼ିଶା ଇତିହାସର କୃଷ୍ଣପକ୍ଷ ହେଲା କହିଲେ ଚଳେ । ଏ ୧୪୬ ବର୍ଷର ଇତିହାସ ଅନ୍ଧକାରାବୃତ । ରକ୍ତବାହୁକୁ ମାଦଳାପାଞ୍ଜି ମୋଗଲ ଆଖ୍ୟା ଦେଇଛି । ହଣ୍ଟର ସାହେବଙ୍କ ମତରେ ଏମାନେ ବୌଦ୍ଧ ଥିଲେ । ମାଦଳାପାଞ୍ଜି ଯବନ ଏବଂ ମୋଗଲମାନଙ୍କୁ ଏକ ଅର୍ଥରେ ବ୍ୟବହାର କରିଛି ।

ଆଲେକ୍‌ଜାଣ୍ଡରଙ୍କ ଭାରତ ଆଗମନ ପୂର୍ବରୁ ରାମାୟଣ, ମହାଭାରତ ପ୍ରଭୃତି ପ୍ରାଚୀନ ଗ୍ରନ୍ଥମାନଙ୍କରେ ଯବନମାନଙ୍କ କଥା ଉଲ୍ଲେଖ ଅଛି । ତେତେବେଳେ ଶକ, ସିଥିଆନ, ପହ୍ଲବ ପ୍ରଭୃତି ଅନାର୍ଯ୍ୟମାନେ ଯବନ ନାମରେ ପରିଚିତ ଥିଲେ । ଖ୍ରୀଷ୍ଟପୂର୍ବରୁ ଜଣାଯାଏ ଯେ ଭାରତର ପଶ୍ଚିମ ସୀମାନ୍ତବାସୀମାନେ ଯବନ ନାମରେ ଆଖ୍ୟାତ ହେଉଥିଲେ । ଆଲେକ୍‌ଜାଣ୍ଡରଙ୍କ ପରେ ଗ୍ରୀକ୍‌ମାନେ ଯବନ ପଦବାଚ୍ୟ ହେଲେ । କାବୁଲ, ଇରାନ, କାଶ୍ମୀର, ସିନ୍ଧୁଦେଶ ଓ ଦିଲ୍ଲୀରୁ ଆସିଥିବା ଆକ୍ରମଣକାରୀମାନଙ୍କୁ ମାଦଳାପାଞ୍ଜି ଯବନ ଆଖ୍ୟା ଦେଇଛି । ବୌଦ୍ଧମାନେ ଆକ୍ରମଣକାରୀ ହେଲାରୁ ସେମାନେ ଯବନ ନାମରେ ପରିଚିତ ହେଲେ । ସୁତରାଂ ରକ୍ତବାହୁ ବୌଦ୍ଧଧର୍ମାବଲମ୍ବୀ ଥିଲା ।

ମହାମହୋପାଧ୍ୟାୟ ପଣ୍ଡିତ ସଦାଶିବ ମିଶ୍ର ମହାଶୟ ପ୍ରତିବାଦ କରି ତାଙ୍କ କୃତ 'ଜଗନ୍ନାଥ ମନ୍ଦିର' ନାମକ ପୁସ୍ତକରେ ଲେଖିଛନ୍ତି ଯେ, ରକ୍ତବାହୁ କୌଣସି ମ୍ଳେଚ୍ଛ ଜାତୀୟ ରାଜା ଥିଲା । ବୌଦ୍ଧମାନେ ମ୍ଳେଚ୍ଛ ନଥିଲେ । ସେମାନେ ଆର୍ଯ୍ୟ ହିନ୍ଦୁ ସମ୍ପ୍ରଦାୟର ଏକ ଶାଖାଭୁକ୍ତ । ବୁଦ୍ଧଙ୍କୁ ଅବତାର ମଧ୍ୟରେ ନିଆଯାଇଥିଲା । ରକ୍ତବାହୁ ପୂର୍ବରୁ ଓଡ଼ିଶାରେ ବୌଦ୍ଧମାନେ ଅପରିଚିତ ନଥିଲେ; ମାଦଳାପାଞ୍ଜିରେ ପୂର୍ବରୁ ସେମାନଙ୍କ ନାମୋଲ୍ଲେଖ ଥିଲା । ସୁତରାଂ ରକ୍ତବାହୁ ବୌଦ୍ଧ ନଥିଲା ।

ଏପରି ମତଭେଦ ଦେଖି ମନେହୁଏ ଯେ, ରକ୍ତବାହୁ ଯେତେବେଳେ ଓଡ଼ିଶାକୁ ଆସିଥିଲା ତେତେବେଳେ ହିନ୍ଦୁମାନେ ତାଙ୍କୁ ବିଧର୍ମୀ ବୋଲି ବିଶ୍ୱାସ କରିଥିଲେ । ନଚେତ୍ ସେମାନେ ଜଗନ୍ନାଥଙ୍କୁ ସ୍ଥାନାନ୍ତରିତ କରିଥାନ୍ତେ କାହିଁକି ? ବିଧର୍ମୀ ଆକ୍ରମଣକାରୀମାନଙ୍କୁ ବରାବର ଯବନ ଆଖ୍ୟା ଦିଆଯାଇଛି । 'ବାହୁ' ପଦବୀ ମୁସଲମାନମାନଙ୍କର ଥିଲାପରି ଜଣାଯାଉନାହିଁ । ବୌଦ୍ଧମାନଙ୍କ 'ମହାବଂଶ' ନାମକ ଗ୍ରନ୍ଥରୁ ପ୍ରକାଶ ହୁଏ ଯେ,'ରାଜା ସିଂହବାହୁ'

ଦ୍ୱାରା ସିଂହପୁର ପ୍ରତିଷ୍ଠିତ ହୋଇଥିଲା । ଏହାଙ୍କ ପୁତ୍ର ବିଜୟବାହୁ ଲଙ୍କାଦ୍ୱୀପ ଜୟ କରିଥିଲା । କେହି କେହି କହନ୍ତି, ବୀରବାହୁ ଲଙ୍କା ଜୟ କରି ଆପଣା ପିତୃନାମାନୁସାରେ ତାକୁ 'ସିଂହଳ' ନାମ ଦେଇଥିଲା । ଗଞ୍ଜାମ ପଶ୍ଚିମରେ ପ୍ରାୟ ୧୧୫ ମାଇଲ ଦୂରରେ ଲାଗଲା ନଦୀକୂଳରେ 'ସିଂହପୁର' ବୋଲି ଗୋଟିଏ ପ୍ରାଚୀନ ଜନପଦ ଦେଖାଯାଏ । ପ୍ରତ୍ନତତ୍ତ୍ୱବିତ୍ମାନେ ଏହାକୁ ସିଂହପୁର ବୋଲି କହୁଛନ୍ତି ( ପ୍ରୁ: ଇ: ୨ୟ, ୨୭୩ ) । ଏ ଆଖ୍ୟାୟିକା ଦେଖି ମନେହୁଏ, ରକ୍ତବାହୁ ଏହି ବଂଶୀୟ କେହି ଥିଲା କି ? ହୋଇପାରେ, ଆଶ୍ଚର୍ଯ୍ୟ କ'ଣ । ସୁତରାଂ ମନେହୁଏ, ରକ୍ତବାହୁ ବୌଦ୍ଧବଂଶୀୟ ହୋଇପାରେ !

ଯେ ଯେ ହୁଅନ୍ତୁ, ଏହାଙ୍କ ପରେ କେଶରୀବଂଶର ରାଜତ୍ୱ ଆରମ୍ଭ ହେବ । ଏ ଗଣନାନୁସାରେ ଯଯାତି ୭ଷ୍ଠ ଶତାବ୍ଦୀର ଲୋକ ହେବାର କଥା । ମାତ୍ର ମନମୋହନ ଗାଙ୍ଗୁଲି ମହାଶୟ ତାଙ୍କୁ ନବମ ଶତାବ୍ଦୀର ଲୋକ ବୋଲି କହନ୍ତି । କେହି ନିମ୍ନଲିଖିତ ମତ ବ୍ୟକ୍ତ କରିଛନ୍ତି ।

ଗାଙ୍ଗୁଲି ମହାଶୟଙ୍କ ମତର ସଂକ୍ଷିପ୍ତ ବିବରଣ—

୧ । ମାଦଳାପାଞ୍ଜି କପୋଳକଳ୍ପିତ ବିଷୟପୂର୍ଣ୍ଣ । କଳାପାହାଡ଼ର ଆକ୍ରମଣବେଳେ ସବୁ ପୋଡ଼ିଯାଇଥିଲା, ନଷ୍ଟ ହୋଇଥିଲା । ତାମ୍ରପଟ୍ଟ ତୁଳନାରେ ଏହା ବିଶ୍ୱାସଯୋଗ୍ୟ ନୁହେ ।

୨ । ଡାକ୍ତର ଫ୍ଲିଟ୍ "ଏପିଗ୍ରାଫିଆ ଇଣ୍ଡିକା ୨ୟ, ୩୨୩-୫୯"ରେ କଟକ ସୋମବଂଶୀୟ ରାଜାମାନଙ୍କ ସମ୍ବନ୍ଧେ ଯାହା ଲେଖିଛନ୍ତି, ତଦ୍‌ଦୃଷ୍ଟିରେ ଡାକ୍ତର ରାଜେନ୍ଦ୍ର ମିତ୍ର ଓ ଷ୍ଟର୍ଲିଂଙ୍କ ମତ ଅଗ୍ରାହ୍ୟ ।

୩ । ଯଯାତିକେଶରୀଙ୍କ ରାଜତ୍ୱ ସମୟ ୮ମ ଶତାବ୍ଦୀର ମଧ୍ୟଭାଗ କିମ୍ବା ୯ମ ଶତାବ୍ଦୀର ପ୍ରାରମ୍ଭ ହୋଇପାରେ । ୪୭୬ ଖ୍ରୀଷ୍ଟାବ୍ଦ ଭୁଲ । ବିକ୍ରମାଦିତ୍ୟଙ୍କ ପରେ ୬ ଜଣ ରାଜା ରାଜତ୍ୱ କରିଥିବାର ଉଲ୍ଲେଖ ଅଛି । ହର୍ଷବିକ୍ରମାଦିତ୍ୟ ୭ମ ଶତାବ୍ଦୀର ମଧ୍ୟଭାଗରେ ରାଜତ୍ୱ କରିଥିବାର ସ୍ଥିର ଅଟେ । ଏ ଛ'ଜଣଙ୍କ ରାଜତ୍ୱ ପ୍ରତ୍ୟେକକୁ ୩୦ ବର୍ଷ କରି ଧରିଲେ ୧୮୦; ସୁତରାଂ ୯ମ ଶତାବ୍ଦୀ ହେଲା । ଯବନ ରାଜତ୍ୱ ୧୪୬ ବର୍ଷ ହେଲେ ଯଯାତିଙ୍କ ରାଜତ୍ୱ ସମୟ ୯ମ ଶତାବ୍ଦୀର ଶେଷଭାଗ ( ମାଦଳାପାଞ୍ଜି ଅନୁସାରେ ) ।

୪ । ଡାକ୍ତର ଫ୍ଲିଟ୍ ପ୍ରଫେସର କୀଲହର୍ଣ୍ଣଙ୍କ ସହିତ ଏକମତ ହୋଇ କହନ୍ତି ଯେ, ଇନ୍ଦ୍ରବଳ ଏବଂ ତାଙ୍କର ନାତି ତୀବରଦେବଙ୍କ ଦାନପତ୍ରର ତାରିଖ ୮ମ ଶତାବ୍ଦୀର ମଧ୍ୟଭାଗ । ତୀବରଦେବ କୋଶଳର ଜଣେ ରାଜା । ତାଙ୍କର ଅପର ନାମ ଚନ୍ଦ୍ରଗୁପ୍ତ । ହର୍ଷଗୁପ୍ତ, ଭବଗୁପ୍ତ ଏବଂ ଶିବଗୁପ୍ତମାନେ କ୍ରମାନ୍ୱୟେ ଚନ୍ଦ୍ରଗୁପ୍ତଙ୍କ ପରେ ଉତ୍ତରାଧିକାରୀ ସ୍ୱରୂପ ରାଜତ୍ୱ କରିଥିଲେ । ଶେଷୋକ୍ତ ଶିବଗୁପ୍ତ = ମହାଶିବଗୁପ୍ତ । କଟକର ତାମ୍ରପଟ୍ଟରେ ଉଲ୍ଲେଖ ଥିବା-

ମହାଶିବଗୁପ୍ତ ଏବଂ ଏ ମହାଶିବଗୁପ୍ତ ଏକ ବ୍ୟକ୍ତି । ଦାନପତ୍ର ତାଙ୍କ ରାଜତ୍ୱର ନବମ ବର୍ଷରେ । ଏ ମହାଶିବଗୁପ୍ତ ଯଯାତି ବ୍ୟତୀତ ଅନ୍ୟ କେହି ନୁହେ । ସୁତରାଂ ତୀବରଦେବଙ୍କ ଆନୁମାନିକ ସମୟ ୭୨୦ ଖ୍ରୀଷ୍ଟାବ୍ଦ ହେଲେ ମହାଶିବଗୁପ୍ତ ବା ଯଯାତିଙ୍କ ସମୟ ୭୨୦+୩୦×୩=୮୧୦ ଖ୍ରୀଷ୍ଟାବ୍ଦ କିମ୍ବା ୮୦୦ ଖ୍ରୀଷ୍ଟାବ୍ଦ ।

୫ । ଯଯାତି କିମ୍ବା ମହାଭବଗୁପ୍ତଙ୍କ ପିତା ଜନ୍ମେଜୟ ବା ୧ମ ମହାଭବଗୁପ୍ତ । ସୁତରାଂ ଜନ୍ମେଜୟ ଅଷ୍ଟମ ଶତାବ୍ଦୀର ମଧ୍ୟଭାଗ କିମ୍ବା ୯ମ ଶତାବ୍ଦୀର ପ୍ରାରମ୍ଭର ଲୋକ ।

୬ । କେଶରୀବଂଶୀୟ ୧୩ଶ ରାଜା ଜନ୍ମେଜୟ । ହଣ୍ଟରଙ୍କ ମତରେ ତାଙ୍କ ରାଜତ୍ୱ ସମୟ ୭୫୪ ଖ୍ରୀଷ୍ଟାବ୍ଦ । ଏ ତାରିଖ ପ୍ରଥମ ଜନ୍ମେଜୟ ମହାଭବଗୁପ୍ତଙ୍କ ସମୟ ସହିତ ମେଳ ହେବା ଆଶ୍ଚର୍ଯ୍ୟ ବିଷୟ । ଏ ଜନ୍ମେଜୟ ଯଯାତିଙ୍କ ପିତା; ମାତ୍ର ମାଦଳାର ଜନ୍ମେଜୟ ଓଡ଼ିଶାର ରାଜା । ସମ୍ଭବତଃ ଲେଖାଦୋଷରୁ ଓଲଟପାଲଟ ହୋଇଥିବ ।

୭ । କେହି କେହି କହନ୍ତି, ଯଯାତି ଓ ଜନ୍ମେଜୟ ବ୍ୟତୀତ କେଶରୀବଂଶର ଅନ୍ୟ ସମସ୍ତ କାଳ୍ପନିକ । ଏକଥା ସେ ବିଶ୍ୱାସ କରିବାକୁ ପ୍ରସ୍ତୁତ ନୁହନ୍ତି ।

୮ । ୧୧୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଶା ଅନ୍ଧକାରାଚ୍ଛନ୍ନ । ଚୋଡ଼ଗଙ୍ଗ ଚନ୍ଦ୍ରବଂଶୀୟ ରାଜା । ତେତେବେଳେ ସିଂହାସନାରୋହଣ କରିଥିଲେ । ଚୋଡ଼ଗଙ୍ଗଙ୍କ ମାତା ରାଜସୁନ୍ଦରୀ । ସେ ରାଜେନ୍ଦ୍ର ଚୋଳଙ୍କ ଦୁହିତା ଥିଲେ । ସିବେଲଙ୍କ ମତରେ ୯୯୯ ଶକ ସମ୍ବତ୍ସରେ ଚୋଡ଼ଗଙ୍ଗ ଅଭିଷିକ୍ତ ହୋଇଥିଲେ; ଅର୍ଥାତ୍ ୧୦୭୮ ଖ୍ରୀଷ୍ଟାବ୍ଦ । ଡାକ୍ତର ହଲ୍‌ଙ୍କ ମତରେ ୧୦୭୫—୭୬ ଖ୍ରୀଷ୍ଟାବ୍ଦ । ପୂର୍ବ ମତ ଗ୍ରାହ୍ୟ; କାରଣ ଏହା ଭଜାଗାପଟମରୁ ପ୍ରାପ୍ତ ଅନନ୍ତ ବର୍ମ୍ମାଙ୍କ ଦାନପତ୍ରର ତାରିଖ ସହିତ ମିଳୁଅଛି । ଏ ଦାନପତ୍ର ସିନ୍ଦୂରପୁରରେ ଲେଖାଯାଇଥିଲା । ଚୋଡ଼ଗଙ୍ଗଦେବ ଯେ ଅନନ୍ତ ବର୍ମ୍ମା, ଏକଥା କହିବା ବିଶେଷ ଆବଶ୍ୟକ ନାହିଁ ।

୯ । ମନମୋହନ ଚକ୍ରବର୍ତ୍ତୀଙ୍କ ଦ୍ୱାରା ପ୍ରକାଶିତ ୪ର୍ଥ ନୃସିଂହଦେବଙ୍କ ତାମ୍ରଶାସନ ତୁଳନାରେ ପାଞ୍ଜି ଭୁଲ । ଏ ବିଷୟର ଆଲୋଚନା ଯଥାସ୍ଥାନରେ କରାଯାଇ ଭ୍ରମ ଦେଖାଇ ଦିଆଯିବ । ମାଦଳାପାଞ୍ଜି ସମ୍ବନ୍ଧେ ପୂର୍ବେ ଯଥେଷ୍ଟ କୁହାଯାଇଛି ।

ଆମ୍ଭେ ପୂର୍ବେ କହିଥିଲୁଁ, ବଂଶର ଏକ ରାଜା ନାମରେ ବୋଧହୁଏ ଅନେକ ରାଜାଙ୍କ ନାମ ସାମିଲ ଥିବ । ଏହାର ନିଦର୍ଶନ ସ୍ୱରୂପ ନିମ୍ନରେ ମାଦଳାପାଞ୍ଜିରେ ଲେଖାଥିବା କେତେଗୋଟି ନାମ ଦେଲୁଁ ।

ମଧୁମାଳତୀଦେବ, ଶାଙ୍ଗବଦେବ, ଗରୁଡ଼ଦେବ, ତ୍ରିଭୂଷଣଦେବ, ଲୋକନାଥଦେବ, ଚଣ୍ଡୀହରଦେବ, ମନୁମତଦେବ, ଲାଭପେଣଦେବ, ଲକ୍ଷ୍ମଣେଶ୍ୱରଦେବ, ଦନୁଜମାଧବଦେବ, ଧନୁର୍ଦ୍ଧରଦେବ, ସୂର୍ଯ୍ୟଦେବ ଇତ୍ୟାଦି ରାଜାମାନେ ଅନେକ ଦିନ ଭୋଗକଲେ; ମାତ୍ର ଏମାନଙ୍କ ରାଜତ୍ୱର ସମୟ ଉଲ୍ଲେଖ ନାହିଁ । ଏଥିରୁ ଜଣାଯାଏ ଅନ୍ୟମାନଙ୍କ ରାଜତ୍ୱ ସମୟ ମଧ୍ୟରେ ମିଶ୍ରିତ ଅଛି ।

ଗାଙ୍ଗୁଲି ମହାଶୟଙ୍କ ମତ ସମ୍ବନ୍ଧେ ଆମ୍ଭେ ଏତକ କହିରଖିପାରୁଁ ଯେ ତାହାର ପ୍ରତିବାଦ କରିବା ପୂର୍ବରୁ ଏତକ ଦେଖାଯାଉ, ଯଯାତିଙ୍କ ନାମ ଶିବଗୁପ୍ତ ଓ ଜନ୍ମେଜୟଙ୍କ ନାମ ମହାଭବଗୁପ୍ତ ବୋଲି ସେ କିପରି ସ୍ଥିର କଲେ; ଏବଂ କି ପ୍ରମାଣରୁ ପାଇଲେ ତାର କିଛିମାତ୍ର ନିଦର୍ଶନ ଦେଉନାହାନ୍ତି । ଅଥବା ଅପର ନାମ କହିବା ବଡ଼ ସହଜ; ମାତ୍ର ଯୁକ୍ତିଯୁକ୍ତ ବୋଧ ହେଉନାହିଁ । ଏଥିର ସବିଶେଷ ପ୍ରତିବାଦ ଯଯାତିଙ୍କ ସମ୍ପର୍କରେ ଲେଖାଯିବ ।

ମୁକୁର ୧୨ଶ ଭାଗ ୪ର୍ଥ ଓ ୫ମ ସଂଖ୍ୟାରେ ଆମ୍ଭେ ଯେଉଁ ଖୋଦିତ ଲିପିମାନ ଉଦ୍ଧାର କରି ଦେଇଥିଲୁଁ, ହାତିଗୁମ୍ଫା-ଲିପି ତହିଁ ମଧ୍ୟରୁ ଅନ୍ୟତମ ଲିପି । 'କେଶରୀବଂଶାନୁଚରିତ' ଲେଖାହେବା ପୂର୍ବରୁ ଓଡ଼ିଶାର ତତ୍କାଳୀନ ଅନ୍ୟ କେଉଁ ରାଜା କେଶରୀବଂଶ ରାଜାମାନଙ୍କ ପୂର୍ବେ ରାଜତ୍ୱ କରୁଥିଲେ ସେ ସମ୍ବନ୍ଧେ ମାଦଳାପାଞ୍ଜି ନୀରବ ! ମୁକୁରର ୧୨ଶ ଭାଗ ଅଷ୍ଟମ ସଂଖ୍ୟାରେ ଯେଉଁ ରାଜବଂଶମାନଙ୍କ କଥା ଲେଖାଅଛି, ସେମାନେ ରାଜଚକ୍ରବର୍ତ୍ତୀ ଅର୍ଥାତ୍ ଦିଲ୍ଲୀ ସମ୍ରାଟ ଥିବାର ଅନୁମିତ ହୁଏ । ହାତିଗୁମ୍ଫା ଲିପିରେ ଯେଉଁ ଖାରବେଲ ଐର ନାମକ ନାମୋଲ୍ଲେଖ ଅଛି, ତାଙ୍କ ସମ୍ବନ୍ଧେ କିଛି ଆଲୋଚନା ଆବଶ୍ୟକ । ତହିଁର କେତେକ ସୂଚନା ଖୋଦିତ ଲିପି ସଙ୍ଗେ ଦେଇଥିଲୁଁ । ଏ ଲିପି ସମ୍ବନ୍ଧେ ରାଜେନ୍ଦ୍ର ମିତ୍ର ପ୍ରମୁଖ ପ୍ରତ୍ନତତ୍ତ୍ୱବିତ୍ମାନେ ଆଲୋଚନା କରିଥିଲେ । ସମ୍ପ୍ରତି 'ବିହାର-ଓଡ଼ିଶା ରିସର୍ଚ୍ଚ' ନାମକ ପତ୍ରିକାରେ କେ. ପି. ଜଏସବାଲ, ଏମ. ଏ. ମହାଶୟ ତହିଁର ବିସ୍ତୃତ ଆଲୋଚନା କରିଛନ୍ତି । ଏ ସମସ୍ତ ଆଲୋଚନା କରି ଜଣାଯାଏ, ଓଡ଼ିଶାରେ ଖାରବେଲ ଐର ନାମକ ରାଜା ଥିଲେ । ଜଏସବାଲ ମହାଶୟ ଖୋଦିତ ଲିପିର ନିମ୍ନଲିଖିତ ଅନୁବାଦ କରିଛନ୍ତି ।

୧୧୭ ଧାଡ଼ି—( ବିତମଙ୍ଗଳ ଓ ସ୍ୱସ୍ତିକ ସନ୍ତକ ) ଅର୍ହତମାନଙ୍କୁ ନମସ୍କାର । ସର୍ବସିଦ୍ଧମାନଙ୍କୁ ନମସ୍କାର । କଳିଙ୍ଗାଧିପତି ଶ୍ରୀ ଖାରବେଲ ଐର ମହାମେଘବାହନ ମହାରାଜା ଚେତ ରାଜବଂଶର ମଙ୍ଗଳ ନିଦାନ ସ୍ୱରୂପ । ଯେ ସମସ୍ତ ଦେଶର ମେରୁଦଣ୍ଡ ସ୍ୱରୂପ, ଯେ ମହତ୍, ଯେ ଚତୁର, ଯାହାଙ୍କର ପ୍ରଶସ୍ତ ଶୁଭ ଲକ୍ଷଣମାନ ଥିଲା, ପନ୍ଦର ବର୍ଷ ବୟସ ପର୍ଯ୍ୟନ୍ତ ଯେ ନାନା ଖେଳରେ କାଳ କଟାଉଥିଲେ ଏବଂ ଯାହାଙ୍କ ଶରୀର ସୁନ୍ଦର ଥିଲା । ରାଜକାର୍ଯ୍ୟମାନ ଉତ୍ତମରୂପେ ଅବଗତ ହୋଇ, ଆୟ-ବ୍ୟୟ ହିସାବ, ଆଇନକାନୁନ ଓ ଧର୍ମ-ଶାସ୍ତ୍ରମାନ ଉତ୍ତମରୂପେ ପାଠ କରି ଏବଂ ସକଳ ବିଦ୍ୟାରେ ନିପୁଣ ହେବାପରେ ଯୁବରାଜ ଥାଇ ୯ ବର୍ଷ ଶାସନକାର୍ଯ୍ୟ ଚଳାଇଲେ । ୨୪ ବର୍ଷ ବୟସ ଶେଷ ପରେ ମହାରାଜ୍ୟାଭିଷିକ୍ତ ହେଲେ ଏବଂ ଅବଶିଷ୍ଟ ସମୟ ରାଜ୍ୟବିଜୟ କାର୍ଯ୍ୟରେ ନିଯୁକ୍ତ ଥିଲେ ଏବଂ ଅନେକ ଧନରତ୍ନ ପାଇଥିଲେ ଏବଂ ଧର୍ମ କାର୍ଯ୍ୟ କରିଥିଲେ ଏବଂ ସେ କଳିଙ୍ଗର ତୃତୀୟ ରାଜପୁରୁଷ ଥିଲେ । ତାଙ୍କ ରାଜତ୍ୱର ପ୍ରଥମ ବର୍ଷ ସେ କଳିଙ୍ଗ ରାଜଧାନୀର ଜୀର୍ଣ୍ଣସଂସ୍କାର କରିଥିଲେ ଏବଂ ତୋଫାନ ଦ୍ୱାରା ନଷ୍ଟ ହୋଇଥିବା ଗୋପୁର, ପ୍ରାଚୀର ଏବଂ କୋଠାମାନଙ୍କୁ ମରାମତ କରାଇଥିଲେ ।

ସେ ହ୍ରଦ ଓ ତୋରଣ। ଗୃହପାଖ ବନ୍ଧମାନ ସୁଦୃଢ଼ କରାଇଥିଲେ ଏବଂ ଉପବନମାନ ପ୍ରସ୍ତୁତ କରାଇଥିଲେ । ୩୫୦୦୦୦୦ ପ୍ରଜାଙ୍କ ମନୋରଞ୍ଜନ କରିଥିଲେ । ରାଜତ୍ୱର ଦ୍ୱିତୀୟ ବର୍ଷରେ ସେ ସାତକର୍ଣ୍ଣୀ ରାଜାଙ୍କୁ ଅବମାନନା କରି ହସ୍ତୀ ଘୋଟକ, ପଦାତି ଓ ରଥୀ ସମାଯୁକ୍ତ ବୃହତ୍ ସୈନ୍ୟଦଳ ପଶ୍ଚିମ ଦିଗକୁ ପ୍ରେରଣ କଲେ ଏବଂ କାଶ୍ୟପ କ୍ଷତ୍ରିୟମାନଙ୍କୁ ସାହାଯ୍ୟ ଦେଇ ମୂଷିକ ରାଜଧାନୀର ବିନାଶସାଧନ କଲେ ।

ରାଜତ୍ୱର ତୃତୀୟ ବର୍ଷରେ ଗନ୍ଧର୍ବବିଦ୍ୟାରେ ପାରଦର୍ଶିତା ଲାଭ କରି ରାଜଧାନୀରେ ବହୁତ ନୃତ୍ୟଗୀତ ଓ ବାଦ୍ୟ, ଭୋଜ ଓ ସମାଜ କରାଇଥିଲେ ।

ରାଜତ୍ୱର ଚତୁର୍ଥ ବର୍ଷରେ ଯେଉଁ ବିଦ୍ୟାଧର ବସତି ପୂର୍ବେ ନଷ୍ଟ ହୋଇ ନ ଥିଲା ଏବଂ ଯାହାକୁ ପୂର୍ବେ କଳିଙ୍ଗ ରାଜାମାନେ ବଡ଼ ପବିତ୍ର ମନେ କରୁଥିଲେ···

ସେମାନଙ୍କ ମକୁଟ ଅର୍ଥାତ୍ ମୁକୁଟ ଯାହାର ଟେକ ନ ଥିଲା, ଛତ୍ର ଓ ଭୃଙ୍ଗର ଯାହା ଭାଙ୍ଗିଯାଇ ତଳେ ପଡ଼ିଯାଇଥିଲା, ଏପରି ଯେଉଁ ରାଷ୍ଟ୍ରିକ ଓ ଭୋଜକମାନେ, ସେମାନଙ୍କର ରତ୍ନ କାଢ଼ିନେଇ ସେମାନଙ୍କୁ ପଦାନତ କରାଇଥିଲେ ।

ରାଜତ୍ୱର ପଞ୍ଚମ ବର୍ଷରେ ତନାସୁଲି ରାସ୍ତାଠାରୁ ୩୦୦ ବର୍ଷ ପୂର୍ବେ ନନ୍ଦରାଜା ଖୋଳାଇଥିବା ନାଳକୁ ଆପଣା ରାଜଧାନୀ ପର୍ଯ୍ୟନ୍ତ ଖୋଳାଇ ଆଣିଥିଲେ ।

ରାଜତ୍ୱର ଷଷ୍ଠ ବର୍ଷରେ ଅଭାବଗ୍ରସ୍ତ ଲୋକମାନଙ୍କ ଦୁଃଖମୋଚନ କରିବା ଉଦ୍ଦେଶ୍ୟରେ ପୌର ଓ ଜନପଦବାସିମାନଙ୍କୁ ଶତ ଶତ ସହସ୍ର ସହସ୍ର ସୁବିଧା ସୁଯୋଗ ପ୍ରଦାନ କରିଥିଲେ ।

ସପ୍ତମ ବର୍ଷରେ ···ସାବିତ୍ରୀ ସ୍ତ୍ରୀ ଲାଭ କରିବାକୁ···

ଅଷ୍ଟମ ବର୍ଷରେ ମନ୍ତ୍ରିମାନେ···ଗୋରଥଗିରିଠାରେ···ମୃତ ହେବାରୁ ରାଜଗୃହ ରାଜାଙ୍କ ଉପରେ ଅତ୍ୟାଚାର କରାଇଥିଲେ ଏବଂ ସେ ଖାରବେଳଙ୍କ ଆଗମନ ବାର୍ତ୍ତା ପାଇ ତାଙ୍କ ସୈନ୍ୟ ଓ ରଥ ଗୁଡ଼ି ମଥୁରାକୁ ପ୍ରତ୍ୟାବର୍ତ୍ତନ କଲେ ।

ନବମ ବର୍ଷରେ···ସେ ସପତ୍ର କଳ୍ପବୃକ୍ଷ, ଘୋଟକ, ହସ୍ତୀ, ସଚାଳକରଥମାନ ଦାନ କଲେ । ସମସ୍ତଙ୍କ···ଗୃହ ଓ ଧର୍ମଶାଳା···ଏ ଦାନ ଗ୍ରହଣ କରିବା ଲାଗି ବିସ୍ତର ବ୍ରାହ୍ମଣ-ଭୋଜନ କରାଇଥିଲେ । ଅର୍ହତ······୩୮୦୦୦୦୦ ଟଙ୍କା ବ୍ୟୟ କରି ପ୍ରାଚୀର ଉଭୟ ପାର୍ଶ୍ୱରେ ରାଜଭବନ ( ବିଜୟଭବନ ) ପ୍ରସ୍ତୁତ କରାଇଥିଲେ ।

ଦଶମ ବର୍ଷରେ ସୈନ୍ୟ ପ୍ରେରଣ କଲେ···ଭାରତବର୍ଷକୁ ( ଉତ୍ତର ଭାରତ )··· ଆଉ ଥରେ ଆପଣା ଅଭୀଷ୍ଟ ସିଦ୍ଧିଲାଗି ।

ଏକାଦଶ ବର୍ଷରେ "ଅମର ଦେହ ସଂଘାତ" କାମ୍ରକାଷ୍ଠ ପ୍ରସ୍ତୁତ ହେବାରୁ ଯେ କି ୧୩୦୦ ବର୍ଷ ପୂର୍ବେ ବିଦ୍ୟମାନ ଥିଲେ······ଯେ ପ୍ରାଚୀନ କଳିଙ୍ଗ ରାଜାମାନଙ୍କ ଦ୍ୱାରା

ପୃଥୁଦକଦର୍ଭ ନଗରରେ ପ୍ରତିଷ୍ଠିତ ହୋଇଥିଲେ ଏବଂ ସେ ଦେଶବାସିମାନଙ୍କୁ ଆନନ୍ଦ ପ୍ରଦାନ କରୁଥିଲେ, ସେଠାକୁ ସମାରୋହରେ ଯାତ୍ରା କଲେ ।

ଦ୍ୱାଦଶ ବର୍ଷରେ ଉତ୍ତରପଥ ରାଜାମାନଙ୍କୁ ଭୟ ଦେଖାଇ···ଏବଂ ମଗଧ ଲୋକମାନଙ୍କ ମନରେ ଶଙ୍କା ଜାତ କରି ହସ୍ତିମାନ ଗାଙ୍ଗେୟ ଦୁର୍ଗରେ ପ୍ରବେଶ କରାଇଲେ ଏବଂ ମଗଧ ଓ ବୃହସ୍ପତିମିତ୍ର ରାଜାମାନଙ୍କୁ ପଦାନତ କରାଇଲେ ବା କରାଇଥିଲେ···ଘରକୁ ଆଣିଲେ······ପ୍ରଥମ ଜିତାର···ଯାହା ନନ୍ଦରାଜା ନେଇଯାଇଥିଲେ···ଏବଂ ଗୃହରତ୍ନମାନ ନେଇ ଆସିଥିଲେ, ବହୁମୂଲ୍ୟ ପଦାର୍ଥମାନ ଅଙ୍ଗ ଓ ମଗଧର ।

ଦୁର୍ଗମାନ ସ୍ଥାପନ କଲେ······ଭିତର ସବୁ ଖୋଦିତ ହୋଇଥିଲା ଶତ ଶତ ଆନୀତ ବହୁମୂଲ୍ୟ ଧନରତ୍ନ ଲାଗି । ହସ୍ତିଜାହାଜ, ଅଶ୍ୱ, ହସ୍ତିମାନ ଆଣିଥିଲେ······ପାଣ୍ଡ୍ୟ ରାଜାମାନଙ୍କର । ଶତ ଶତ ରତ୍ନ ଓ ମଣିମାଣିକ୍ୟ ଆଣିଥିଲେ । ······ଦାସମାନଙ୍କ ଅନ୍ତଃକରଣକୁ ଜୟ କରିଥିଲେ ।

ତ୍ରୟୋଦଶ ବର୍ଷରେ ସେ ପୂର୍ଣ୍ଣିମାରାତ୍ରିରେ ରାଜ୍ୟ ଜୟକରି ସାମ୍ରାଜ୍ୟ ବିସ୍ତାର କରିଥିଲେ···କଳିଦ୍ୱୀପ ରାଜ୍ୟଭୁକ୍ତ କୁମାରୀ ପର୍ବତ ଉପରିସ୍ଥିତ ( ଉଦୟଗିରି ) ଅର୍ହତମାନଙ୍କ ବାସସ୍ଥାନ ମଧ୍ୟରେ, ୯୦୦ ପବିତ୍ର ବଳଦ ଯାହାକୁ ଭକ୍ତମାନେ ଦେଇଥିଲେ ଏବଂ ଯେଉଁମାନେ ରାଜାଙ୍କଦ୍ୱାରା ପ୍ରତିପାଳିତ ହେଉଥିଲେ ··ଜୀବଦେବଙ୍କ ସମୟରେ ରକ୍ଷିତ ହୋଇଥିଲେ······

ଅର୍ହତନିଷିଦ୍ୟ ନିକଟ ପାହାଡ ଉପରେ ଧାର୍ମିକ ଶ୍ରମଣମାନଙ୍କ ସୁବିଧା ଲାଗି ······ଏବଂ ନାନା ଦିଗରେ ସ୍ଥିତ ସନ୍ନ୍ୟାସିମାନଙ୍କ ଏକତ୍ରିକରଣ ଲାଗି ଉତ୍ତମ କାରିଗରମାନଙ୍କଦ୍ୱାରା ଏବଂ ନାନା ଉପାୟଦ୍ୱାରା······ପ୍ରସ୍ତର ଦ୍ୱାରା ·····ସ୍ତମ୍ଭଖଣ୍ଡବିଶିଷ୍ଟ ଗୃହ ନିର୍ମାଣ କରାଇଥିଲେ । ରାଜା ମୌର୍ଯ୍ୟଙ୍କ ୧୬୫ ବର୍ଷରେ ସେ ଅର୍କାଶନ ନାମକ ସଜ୍ଜ୍ୟଗୁମ୍ଫା ନିର୍ମାଣ କରାଇଥିଲେ ।

ସେ ( କାସେମ ) ରାଜାଙ୍କ ଅମଳରେ ବହୁ ଉନ୍ନତି ସାଧିତ ହୋଇଥିଲା, ସେ ସାମ୍ରାଜ୍ୟ ବିସ୍ତାର କରିଥିଲେ, ସେ ଭିକ୍ଷୁମାନଙ୍କ ରାଜା ଥିଲେ ( କମ୍ବା ରଜା ହୋଇ ଭିକ୍ଷୁ ଥିଲେ ), ସେ ଧାର୍ମିକ ରାଜା ଥିଲେ । ସେ ଦେଖୁଥିଲେ, ଶୁଣୁଥିଲେ ଏବଂ ମଙ୍ଗଳ ପ୍ରଦାନ କରୁଥିଲେ ······ । ରାଜା ଖରବେଳ ଶ୍ରୀ କ୍ଷେମ୍ପରାଜଶ୍ରୀ ରାଜର୍ଷିବଂଶସମ୍ଭୂତ । ସେ ସାମ୍ରାଜ୍ୟ ଧ୍ୱଂସ କରି ସାମ୍ରାଜ୍ୟ ସ୍ଥାପନ କରିଥିଲେ, ଯାହାଙ୍କ ସାମ୍ରାଜ୍ୟ ସୁରକ୍ଷିତ ଥିଲା, ଯାହାଙ୍କ ରଥ, ପତାକା ଓ ସୈନ୍ୟମାନଙ୍କୁ କେହି ବାଧା ଦେଇ ପାରୁ ନ ଥିଲା, ସଂସ୍କାରକ ଥିଲେ, ସକଳ ଶ୍ରେଣୀସ୍ଥ ଲୋକମାନଙ୍କୁ ସେ ମାନ୍ୟ କରୁଥିଲେ, ବିଶେଷ ଗୁଣଦ୍ୱାରା ସେ ବିଶିଷ୍ଟ ଗୁଣବାନ ଥିଲେ······ ।

ଜଏସବାଲ ମହାଶୟ ଖୋଦିତ ଲିପିରେ ଥିବା ସମୟ ସମ୍ବନ୍ଧେ ନିମ୍ନଲିଖିତ ହିସାବ ଦେଇଛନ୍ତି—

ଖ୍ରୀଷ୍ଟପୂର୍ବ ୧୪୬୦—କେତୁଭଦ୍ର ।

„ ୪୬୦—କଳିଙ୍ଗରେ ନନ୍ଦଙ୍କ ଶାସନ ।

„ ୨୩୬—ଅଶୋକଙ୍କ ମୃତ୍ୟୁ ।

„ ୨୨୦—କଳିଙ୍ଗର ୩ୟ ରାଜଗି ସ୍ଥାପନ ।

„ ୨୧୩—ଶତ୍ରବାହନ ରାଜଗି ସ୍ଥାପନ ।

„ ୧୯୭—ଖାରବେଲଙ୍କ ଜନ୍ମ ।

„ ୧୮୮—ମୌର୍ଯ୍ୟ ରାଜ୍ୟର ପତନ, ପୁଷ୍ୟମିତ୍ର ।

„ ୧୮୨—ଖାରବେଲ ଯୁବରାଜ ।

„ ୧୮୦—ସାତକର୍ଣ୍ଣୀ ।

„ ୧୭୩—ଖାରବେଲଙ୍କ ଅଭିଷେକ ।

„ ୧୬୫—ମଗଧ ଆକ୍ରମଣ, ଗୋରଥଗିରି ଯୁଦ୍ଧ ।

„ ୧୬୧ - ମଗଧ ୨ୟ ଆକ୍ରମଣ ।

„ ୧୬୦—ଖୋଦିତ ଲିପି ଏବଂ ଗୁମ୍ଫାର ସମୟ ।

ଜଏସବାଲ ମହାଶୟ ଏ ବିଷୟରେ ଅନେକଗୁଡ଼ିଏ ତଥ୍ୟାନୁସନ୍ଧାନ କରି ଆମ୍ଭମାନଙ୍କର ଧନ୍ୟବାଦାର୍ହ ହୋଇଛନ୍ତି । ଦେଶୀୟ ଇତିହାସ ବା ସାହିତ୍ୟରେ ଖାରବେଲଙ୍କ ବିଷୟର ଉଲ୍ଲେଖ ନ ଥିବା ବଡ଼ ଦୁଃଖର ବିଷୟ । ଖୋଦିତ ଲିପି କେବଳ ଏହାଙ୍କ ବିଷୟର ମୂକସାକ୍ଷୀ ସ୍ୱରୂପ ଦଣ୍ଡାୟମାନ ।

ଖାରବେଲ ୨୫ ବର୍ଷ ବୟସ ପର୍ଯ୍ୟନ୍ତ ଖେଳା କରୁଥିଲେ ବୋଲି ଖୋଦିତ ଲିପିରେ ଉଲ୍ଲେଖ ଅଛି । ଏହି ପ୍ରମାଣରୁ ରାଜସଭାସଦ୍‌ମାନଙ୍କ ମଧ୍ୟରୁ କେହି ବୟସ୍କ ଲୋକ ଏବଂ ଯେ ଖାରବେଲଙ୍କ ପିଲାଦିନ ଖେଳ ଦେଖିଥିବ ତାଙ୍କ ଦ୍ୱାରା ଏ ଲିପି ଲିଖିତ ହୋଇଥିବ ବୋଲି ଜଏସବାଲ ମହାଶୟ ସ୍ଥିର କରିଛନ୍ତି । ପ୍ରଶସ୍ତି ଲେଖକମାନେ କେତେକ ନ ଦେଖି କେବଳ ଅନ୍ୟଠାରୁ ବିଷୟ ସଂଗ୍ରହ କରି ମଧ୍ୟ ଲେଖିଥାନ୍ତି । ସୁତରାଂ ଦେଖିଥିବା ଲୋକ ଯେ ନିଶ୍ଚୟ ଦେଖିଥିବ ଏ କଥା କୁହାଯାଇ ନ ପାରେ ।

ଲିପିରେ ଥିବା କାଳ ସମ୍ବନ୍ଧେ ଏକ ପ୍ରଶ୍ନ ଉଠିପାରେ ଯେ ଖାରବେଲ ଜଣେ ସ୍ୱାଧୀନ ରାଜା ଥିଲେ ଏବଂ ସେତେବେଳେ ମୌର୍ଯ୍ୟବଂଶ ଲୋପ ହୋଇଥିଲା । ତଥାପି ରାଜା ମୌର୍ଯ୍ୟଙ୍କ

ସମସ୍ତ ଉଲ୍ଲେଖ ହେଲା କାହିଁକି ? ଅଶୋକ ଓଡ଼ିଶା ଜୟ କରିଥିଲେ ଏବଂ ଓଡ଼ିଶାରେ ରାଜଧାନୀ ସ୍ଥାପନ କରିଥିଲେ । ତାଙ୍କ ସମସ୍ତ ଉଲ୍ଲେଖ ନ ହେଲା କାହିଁକି ? ଚନ୍ଦ୍ରଗୁପ୍ତଙ୍କ ମାତାଙ୍କ ନାମ ମୁରା ଥିଲା ଏବଂ ସେ ରାଜା ମୌର୍ଯ୍ୟ ବୋଲି ପରିଚୟ ଦେଇ ମାତାଙ୍କ ଅପମାନ ଦୂରୀକରଣାର୍ଥ ମୌର୍ଯ୍ୟ ରାଜଧାନୀ ସ୍ଥାପନ କରିଥିଲେ । ସୁତରାଂ ରାଜା ମୌର୍ଯ୍ୟ କହିଲେ ଚନ୍ଦ୍ରଗୁପ୍ତଙ୍କୁ ବୁଝାଏ । ଚନ୍ଦ୍ରଗୁପ୍ତଙ୍କ ନାମ ବା ତାଙ୍କ ଅବ୍ଦ ଉତ୍କଳରେ ସ୍ମରଣ ରଖିବାର କି କାରଣ ହୋଇପାରେ । ରାଜନୈତିକ କାରଣ କିଛି ଥିଲାପରି ଜଣାପଡ଼ୁ ନଥିବା ବିଷୟ ଜୟସବାଲ ମହାଶୟ ଉଲ୍ଲେଖ କରି ଧର୍ମନୀତି дিগরু ବିଷୟକୁ ଆଲୋଚନା କରିଛନ୍ତି । ଚନ୍ଦ୍ରଗୁପ୍ତ ଶେଷ ସମୟକୁ ଜୈନଧର୍ମାବଲମ୍ବନ କରି ରାଜସିଂହାସନ ତ୍ୟାଗକରି ଜୈନଧର୍ମ ଗ୍ରହଣ କରିବା ପରେ ଇହଧାମ ପରିତ୍ୟାଗ କରିଥିଲେ । ରାଇସ୍ ସାହେବ ଏବଂ ସ୍ମିଥ୍ ସାହେବମାନେ ଏହିପରି ମଧ୍ୟ ସିଦ୍ଧାନ୍ତ କରିଛନ୍ତି ବୋଲି ସେ ମହାଶୟ କହି ଆପଣା ମତ ସମର୍ଥନ କରିଛନ୍ତି ।

ଖାରବେଲ କି ଧର୍ମାବଲମ୍ବୀ ଥିଲେ ? ପ୍ରଶସ୍ତି ପ୍ରାରମ୍ଭରେ ଯେଉଁ ଦୁଇଟି ସଙ୍କେତ ଅଛି ତାହା ଜୈନମାନଙ୍କ ସଙ୍କେତ । ଜୈନମାନଙ୍କର ଆଠଗୋଟି ସଙ୍କେତ; ଯଥା (୧) ସ୍ୱସ୍ତିକ, (୨) ଦର୍ପଣ, (୩) କଳସ, (୪) ଭଦ୍ରାସନ, (୫) ମୀନ, (୬) ପୁଷ୍ପମାଳ, (୭) ପ୍ରଶ୍ନବାଚକ ଚିହ୍ନ, (୮) ବର୍ଦ୍ଧମଙ୍ଗଳ । ଯୁନାଗଡ଼ ଗୁମ୍ଫାରେ ଏ ସମସ୍ତ ଖୋଦିତ ଅଛି । "ନମୋ ଅର୍ହନ୍ତ ନମୋ ସବ ସିଦ୍ଧାନଂ" ଏ ପଥା ଜୈନମାନଙ୍କର । ତଥାପି ଜୈନଧର୍ମ ଓଡ଼ିଶାରେ ସେତେବେଳେ ପୂର୍ଣ୍ଣଭାବରେ ପ୍ରଚଳିତ ଥିବାର ଜଣାଯାଉନାହିଁ କିମ୍ବା ଖାରବେଲ ପୂର୍ଣ୍ଣଭାବରେ ଜୈନଧର୍ମରେ ଦୀକ୍ଷିତ ହୋଇଥିବାର ଜଣାଯାଉନାହିଁ । ଖାରବେଲ ବୈଦିକ ଧର୍ମାନୁସାରେ ଅଭିଷିକ୍ତ ହୋଇଥିଲେ ଏବଂ ଦାନ ପୁଣ୍ୟ ବ୍ରାହ୍ମଣଭୋଜନାଦି କରାଇଥିଲେ । କଳ୍ପବୃକ୍ଷ ଦାନ ଏବଂ ତହିଁ ସଙ୍ଗେ ଅଶ୍ୱ ପ୍ରଭୃତି ଦାନକୁ ହିନ୍ଦୁମାନେ ମହାଦାନ ବା ହେମାଦ୍ରି ଦାନ କହିଥାନ୍ତି । ଏ ସମସ୍ତ ଦ୍ୱାରା ଖାରବେଲ ଆପଣାର ହିନ୍ଦୁତ୍ୱର ପରିଚୟ ଦେଇଛନ୍ତି । ସେତେବେଳେ ମଧ୍ୟ ଭୋଜନ ବ୍ୟତୀତ ଦାନ ଗ୍ରହଣ ପ୍ରଥା ନ ଥିଲା ଏବଂ ବ୍ରାହ୍ମଣମାନଙ୍କୁ ସନ୍ତୋଷ କରିବାଲାଗି ଖାରବେଲ ବହୁ ସମାରୋହରେ ବ୍ରାହ୍ମଣଭୋଜନ କରାଇଥିଲେ । ଏଥିରୁ ଜଣାଯାଏ ଯେ ବ୍ରାହ୍ମଣମାନେ ଖାରବେଲଙ୍କ ପୂର୍ବରୁ ଓଡ଼ିଶାରେ ଥିଲେ । ଖାରବେଲଙ୍କ ପୂର୍ବରୁ ଜୈନଧର୍ମ ଓଡ଼ିଶାରେ ପଦାର୍ପଣ କରିଥିଲା ଏବଂ ତାଙ୍କ ପୂର୍ବରୁ ଶିଶୁନାଗବଂଶୀୟ ନନ୍ଦବର୍ଦ୍ଧନଙ୍କ ଅମଳରୁ ଅର୍ହନ୍ତ ମନ୍ଦିର ଉଦୟଗିରି ପାହାଡ଼ ଉପରେ ନିର୍ମିତ ହୋଇଥିଲା ବୋଲି ଖୋଦିତ ଲିପିରୁ ଜଣାଯାଏ । ବୋଧହୁଏ ଜୈନଧର୍ମ ଓଡ଼ିଶାରେ ଅନେକ କାଳ ପ୍ରଚଳିତ ଥିଲା ।

'ଖାରବେଲ' ଅର୍ଥ ସମୁଦ୍ର; ଅର୍ଥାତ୍ ଯାହାର ଲହରୀମାଳା ଲୁଣିଆ ବା ଖାର । ରାଜାଙ୍କ ନାମ ଖାରବେଲ ଥିଲା । ପ୍ରଥମ ଧାଡ଼ିରେ "ସିରି ଖାରବେଲେନ" ଏବଂ ଶେଷ ଧାଡ଼ିରେ

"ଖାରବେଲ ଶିର" ଏବଂ ରାଣୀଗୁମ୍ଫା ଲିପିରେ "କଳିଙ୍ଗ ଚକ୍ରବର୍ତ୍ତୀ ଖାରବେଲ" ବୋଲି ଉଲ୍ଲେଖ ଅଛି ।

ଜଏସବାଲ ମହାଶୟ "ଐର" ଶବ୍ଦର ଅର୍ଥ ଆର୍ଯ୍ୟ ସୂଚକ ବୋଲି କହିଛନ୍ତି । ସେ କହନ୍ତି, ସମ୍ଭବତଃ ଖାରବେଲ ଆପଣାକୁ ତାଙ୍କ ପ୍ରଜାମାନଙ୍କଠାରୁ ପୃଥକ୍ ଦେଖାଇବାଲାଗି ଏ ଶବ୍ଦ ବ୍ୟବହାର କରିଛନ୍ତି । ପ୍ରଜାମାନେ ସମ୍ଭବତଃ ଅନାର୍ଯ୍ୟ ବା ଆର୍ଯ୍ୟ ମିଶ୍ରିତ ଥିଲେ । କାରଣ ନାଟ୍ୟଶାସ୍ତ୍ରରେ ଉଲ୍ଲେଖ ଅଛି ଯେ କଳିଙ୍ଗ ରାଜ୍ୟରେ ଲୋକମାନଙ୍କ ବର୍ଣ୍ଣ ଶ୍ୟାମଳ ଥିଲା । ଖାରବେଲ ବଂଶ ଆର୍ଯ୍ୟ ଥିବାରୁ ରାଜବଂଶରେ ଏପରି ଶବ୍ଦ ବ୍ୟବହୃତ ହୋଇଛି । ଖାରବେଲଙ୍କ ବଂଶର ଅନ୍ୟ ଜଣେ ରାଜା ତାଙ୍କ ଖୋଦିତ ଲିପି ପ୍ରାରମ୍ଭରେ "ଐର" ବୋଲି ଲେଖିଛନ୍ତି । ମହାମେଘବାହନ ଅର୍ଥ ଇନ୍ଦ୍ର । ଏହା ମହାରାଜୋପାଧି ।

ଲିପିରୁ ଜଣାଯାଏ ଏ "ଖାରବେଲ" ଚେତବଂଶଜ ଥିଲେ । ଚେତ କିଏ ? ଲେଖକ ମହାଶୟ କହନ୍ତି, ଚେତ ଚୈଦ୍ର ହୋଇପାରେ । ପୁନଶ୍ଚ ଜଣାଯାଏ ରାଜର୍ଷିବଂଶସମ୍ଭୂତ ଥିଲେ । ସୁତରାଂ ସେ "ଐର" ଐଲ ବୋଲି ବିଶ୍ୱାସ କରନ୍ତି ।

"ଇଳା" ଚନ୍ଦ୍ରବଂଶର ଆଦ୍ୟପୁରୁଷ ଥିବାର ମହାଭାରତରୁ ଜଣାଯାଏ । ସୁତରାଂ ଚନ୍ଦ୍ରବଂଶୀୟ ରାଜାମାନେ ଐଲ ବା ଐର ପଦବୀ ବ୍ୟବହାର କରିବା ଅସଙ୍ଗତ ବୋଧ ହେଉନାହିଁ । ପରୀକ୍ଷିତ ଓ ଜନ୍ମେଜୟ ପ୍ରଭୃତି ଏହି ବଂଶଜ ଏବଂ ଏମାନେ ରାଜର୍ଷି ଥିଲେ । ସୁତରାଂ ଏ ବଂଶର ଅଧସ୍ତନ ପୁରୁଷମାନେ ଆପଣାକୁ ରାଜର୍ଷିବଂଶଜ ବୋଲି ପରିଚୟ ଦେବା ଅସଙ୍ଗତ ବୋଧ ହେଉ ନାହିଁ ।

ମହାଭାରତରେ ଥିବା ବଂଶଲତାରୁ ଜଣାଯାଏ ଯେ କୁରୁ ରାଜାଙ୍କର ଚୈତ୍ରରଥ ନାମରେ ଜଣେ ପୁତ୍ର ଥିଲେ । ଧୃତରାଷ୍ଟ୍ରଙ୍କର ଚିତ୍ରସେନ ନାମରେ ଜଣେ ପୁତ୍ର ଥିଲେ । ପରୀକ୍ଷିତଙ୍କର ଚିତ୍ରସେନ ନାମରେ ଜଣେ ପୁତ୍ର ଥିଲେ । ହରିବଂଶରେ ଥିବା ବଂଶଲତାରୁ ଜଣାଯାଏ, ଯଯାତିଙ୍କର ସୁଚେତା ନାମକ ପୁତ୍ର ଥିଲେ, ଏବଂ ତାଙ୍କ ପିତାଙ୍କ ନାମ ପ୍ରଚେତା ଥିଲା । ଉଶଦଶ୍ରଙ୍କ ପୁତ୍ର ଚିତ୍ରରଥ ଥିଲେ । ବସୁଦେବଙ୍କ ଦୁହିତା ଚିତ୍ରା ଥିଲେ ଏବଂ ତାଙ୍କର ଅପର ନାମ ସୁଭଦ୍ରା ଥିଲା । ଯେ ଅର୍ଜୁନଙ୍କ ପାଣିଗ୍ରହଣ କରିଥିଲେ । ସୁତରାଂ ତାଙ୍କ ବଂଶଧରମାନେ ଚୈତ୍ର ନାମରେ ପରିଚିତ ହୋଇପାରନ୍ତି । ବିଷ୍ଣୁପୁରାଣ ଲିଖିତ ବଂଶଲତାରୁ ଜଣାଯାଏ ଯେ ନହୁଷବଂଶୀୟ ବିଦର୍ଭ ରାଜାଙ୍କ ପୁତ୍ର କୌଶିକଙ୍କ ପୁତ୍ର ଚେଦି ଏବଂ ତାଙ୍କ ପୁତ୍ର ଚୈଦ୍ୟଗଣ ଥିଲେ । ସୁତରାଂ ଖାରବେଲ କେଉଁ ଚେତବଂଶଜ, ତାହା ସ୍ଥିର କରିବା କଠିନ । ଲେଖକ ମହାଶୟ କହନ୍ତି, ଚେତ ରାଜା ଅଶୋକଙ୍କ ମୃତ୍ୟୁ ଓ ଖାରବେଲଙ୍କ ଯୁବରାଜତ୍ୱ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ୧୮୨ ଖ୍ରୀଷ୍ଟାବ୍ଦ ମଧ୍ୟରେ ଅବଶ୍ୟ ରାଜତ୍ୱ କରିଥିବେ ।

ଖୋଦିତ ଲିପିରୁ ଜଣାଯାଏ ଯେ କଳିଙ୍ଗଙ୍କ ତୃତୀୟ ରାଜବଂଶରେ ଖାରବେଲ ଅଭିଷିକ୍ତ ହେଲେ । ପୁରାଣମାନଙ୍କରୁ ଜଣାଯାଏ ଯେ କଳିଙ୍ଗବଂଶ ଅନ୍ୟାନ୍ୟ ବଂଶତୁଲ୍ୟ

ପ୍ରାଚୀନ ଏବଂ ମହାଭାରତ ଯୁଦ୍ଧଠାରୁ ବା ତତ୍ପୂର୍ବରୁ ସେମାନଙ୍କର ଚିହ୍ନ ମିଳେ । ପୁରାଣରୁ ଜଣାଯାଏ ଯେ କଳିଙ୍ଗବଂଶ ମହାପଦ୍ମଙ୍କ ସମୟ ବା କିଞ୍ଚିତ୍ ପୂର୍ବରୁ ଧ୍ୱଂସପ୍ରାପ୍ତ ହେଲା । କଳିଙ୍ଗ ନନ୍ଦବଂଶଙ୍କ ଦ୍ୱାରା ପରାସ୍ତ ହେଲେ, ଏଥି ସଙ୍ଗେ କଳିଙ୍ଗର ପ୍ରଥମ ରାଜବଂଶଠାରୁ ରାଜ୍ୟ ପରାଧୀନ ହେଲା । ମୌର୍ଯ୍ୟମାନଙ୍କ ପୂର୍ବରୁ କଳିଙ୍ଗ ପୁନର୍ବାର ସ୍ୱାଧୀନ ହେଲେ; କାରଣ ଅଶୋକ ସେମାନଙ୍କୁ ଭୀଷଣ ଯୁଦ୍ଧ ପରେ ପରାସ୍ତ କରିଥିଲେ ଏବଂ ଅଶୋକ କହିଲେ ସେ ସ୍ୱାଧୀନ ଥିଲେ । ଅଶୋକ ଯେଉଁ ରାଜାଙ୍କୁ ପରାସ୍ତ କରିଥିଲେ ସେ ଅବଶ୍ୟ ୨ୟ ରାଜା ହୋଇଥିବେ । ପୁନଶ୍ଚ ଚେତ ରାଜାଙ୍କ ଅମଳରେ କଳିଙ୍ଗବଂଶ ଆପଣା ସ୍ୱାଧୀନତା ଲାଭ କଲେ ଏବଂ ତେତେବେଳେ ମୌର୍ଯ୍ୟବଂଶୀୟମାନଙ୍କ ଶେଷ ଶାସନ ସମୟ । ସୁତରାଂ ଖାରବେଳଙ୍କ ପୂର୍ବ ରାଜା କଳିଙ୍ଗବଂଶର ତୃତୀୟ ପୁରୁଷ ହୋଇଥିବେ । ପୁରାଣମାନେ କହନ୍ତି ଯେ କଳିଙ୍ଗର ଆର୍ଯ୍ୟ-ଶାସନ ୧୩୦୦ ବର୍ଷ କାଳ ଥିଲା ଏବଂ ଏହା ଲିପିଦ୍ୱାରା ଗୌଣ ଭାବରେ ପ୍ରମାଣିତ ହେଉଅଛି ।

ମହାଭାରତରେ କଳିଙ୍ଗଙ୍କ ନାମ ପୌରବ ଅର୍ଥାତ୍ ପୁରୁବଂଶୀୟ । ପୁରୁ ନିଷାଦ ରାଜା ଥିଲେ ବୋଲି ମଧ୍ୟ କଥିତ ହୁଏ । ( ନିଷାଦ = ଅନାର୍ଯ୍ୟ )

ଲିପିର ୧୧ଶ ଧାଡ଼ିରେ କେତୁଭଦ୍ର ୧୩୦୦ ବର୍ଷ ପୂର୍ବେ ଥିବାର ଉଲ୍ଲେଖ ଅଛି । କେତୁଭଦ୍ର ପ୍ରଥମ ବା ଦ୍ୱିତୀୟ ରାଜବଂଶର ପୂର୍ବପୁରୁଷ ଥିବାର ଜଣାଯାଏ । ଭାସଙ୍କ ରଚିତ 'ପ୍ରତିମା' ନାମକ ନାଟକରୁ ଜଣାଯାଏ ଯେ ପ୍ରାଚୀନ କାଳରେ ରାଜବଂଶମାନେ ପୂର୍ବପୁରୁଷମାନଙ୍କ ପ୍ରତିମା ପୂଜା କରୁଥିଲେ । ଖାରବେଳ ଯେ କେତୁଭଦ୍ରଙ୍କୁ ସମ୍ମାନ ପ୍ରଦର୍ଶନ କରିଥିଲେ ଏବଂ ଆପଣା ବଂଶ-ପଦବୀ "ଐର"ର ବାରମ୍ବାର ଉଲ୍ଲେଖ କରୁଥିଲେ ତହିଁରୁ ଜଣାଯାଏ ଯେ, ସେ ପୂର୍ବପୁରୁଷମାନଙ୍କ ପ୍ରତି ବହୁତ ସମ୍ମାନ ପ୍ରଦର୍ଶନ କରୁଥିଲେ । ଏହି ଖୋଦିତ ଲିପିରୁ ପୂର୍ବ ୧୩୦୦ ବର୍ଷର ଇତିହାସ ଜଣାପଡ଼େ ।

ଲିପିରୁ ଜଣାଯାଏ ଯେ ଓଡ଼ିଶାର ପ୍ରାଚୀନ ରାଜାମାନେ ପୃଥୁଦକଦର୍ଭ ନଗରରେ କେତୁଙ୍କ ପ୍ରତିମା ସ୍ଥାପନ କରିଥିଲେ । ( ଦର୍ଭ = ଏକପ୍ରକାର ଘାସ; ଉଦକ = ଜଳ ) । କେତୁଙ୍କ ଶରୀର ଅମର ଥିଲା । କ୍ଷତ୍ରିୟ ଧର୍ମାନୁସାରେ ଯୁଦ୍ଧକ୍ଷେତ୍ରରେ ମଲେ ଲୋକ ଅମର ହୁଏ । ସମ୍ଭବତଃ କେତୁଭଦ୍ର ଯୁଦ୍ଧକ୍ଷେତ୍ରରେ ପ୍ରାଣତ୍ୟାଗ କରିଥିଲେ । ଭଦ୍ର ଶବ୍ଦ ବହୁ ସମ୍ମାନସୂଚକ । କେତୁଭଦ୍ର ବଡ଼ ବିଖ୍ୟାତ ଲୋକ ଥିବାପରି ଜଣାଯାଏ । କାରଣ ସେ ବଡ଼ ଲୋକପ୍ରିୟ ଥିବାର ଲିପିରୁ ଜଣାଯାଏ । କେତୁଭଦ୍ର ୧୩୦୦ ବର୍ଷ ପୂର୍ବେ ଥିବା କଥା ଲିପିରୁ ଜଣାଯାଏ । ସୁତରାଂ ଖାରବେଳଙ୍କ ପୂର୍ବେ ୧୪୬୦ ଖ୍ରୀଷ୍ଟପୂର୍ବ ଅର୍ଥାତ୍ ବର୍ତ୍ତମାନ ସମୟକୁ ୩୩୭୭ ବର୍ଷ ପୂର୍ବେ ବଞ୍ଚିଥିଲେ ।

ଲେଖକ ମହାଶୟ କହନ୍ତି, ଏ ସମୟ ପ୍ରାୟ ମହାଭାରତ ଯୁଦ୍ଧର ସମକାଳୀନ । ମହାଭାରତ ଯୁଦ୍ଧର ସମୟ ୧୪୨୪ ଖ୍ରୀଷ୍ଟପୂର୍ବ । ଏଥିରୁ ସେ ଅନୁମାନ କରନ୍ତି ଯେ,

ମହାଭାରତ ଯୁଦ୍ଧରେ ଯେଉଁ କଳିଙ୍ଗ ରାଜା ଯୋଗଦେଇଥିଲେ ସେ ସମ୍ଭବତଃ ଏହି କେତୁ । ମହାଭାରତ ଦେଖି ସେ କହନ୍ତି ଯେ କଳିଙ୍ଗ ସୈନ୍ୟଙ୍କ ଅଧିନାୟକ କେତୁମାନ ଥିଲେ ଏବଂ ସେ କଳିଙ୍ଗଙ୍କ ଜ୍ୟେଷ୍ଠପୁତ୍ର ଥିଲେ । ସେ ଭୀମଙ୍କ ସହିତ ଭୟଙ୍କର ଯୁଦ୍ଧ କରିଥିଲେ ଏବଂ ଯୁଦ୍ଧରେ ଜୟୀ ହୋଇଥିଲେ ।

( ଭୀଷ୍ମପର୍ବ ୧୭ ଓ ୫୪ )

ଭାରତ ଯୁଦ୍ଧ ସମ୍ବନ୍ଧେ ପୃଥିବୀ ଇତିହାସରେ ଯେଉଁ ସିଦ୍ଧାନ୍ତ ହୋଇଛି, ତାହା ଠିକ୍ ବୋଲି ମନେ ହୁଏ । ଆଧୁନିକ ସିଦ୍ଧାନ୍ତ ଭ୍ରମମୂଳକ ଥିବାର ବୋଧ ହୁଏ । ସୁତରାଂ ଏ କେତୁ ସେ କେତୁମାନ ନ ଥିବାର ଜଣାଯାଏ । ଲେଖକଙ୍କ ଏ ଯୁକ୍ତିରେ ମନ ମାନିଲା ନାହିଁ । ବିଭିନ୍ନ ପୁରାଣାନ୍ତର୍ଗତ ବଂଶଲତା ଆଲୋଚନା କଲେ ଜଣାଯାଏ ଯେ ଏକ ନାମରେ ଅନେକ ଲୋକ ବିଭିନ୍ନ ସମୟରେ ବିଦ୍ୟମାନ ଥିଲେ । ସୁତରାଂ ଏ କେତୁଭଦ୍ର ଯେ ମହାଭାରତ-ଲିଖିତ କେତୁମାନ, ଏହା ନିଶ୍ଚୟ କରି କୁହାଯାଇ ନ ପାରେ । ବିଶେଷତଃ ମହାଭାରତ ଯୁଦ୍ଧର ସମୟ ଓ କେତୁଭଦ୍ରଙ୍କ ସମୟ ଆଲୋଚନା କଲେ ଲେଖକଙ୍କ ଅନୁମାନ ଠିକ୍ ଥିଲା ପରି ଜଣାଯାଉନାହିଁ । ମହାଭାରତ ଯୁଦ୍ଧର ସମୟ ୫୦୦୦ ବର୍ଷ ପୂର୍ବେ ଏବଂ କେତୁଭଦ୍ରଙ୍କ ସମୟ ୩୦୦୦ ବର୍ଷ ପୂର୍ବେ । ସୁତରାଂ ଏ ଯୁକ୍ତି ଠିକ୍ ପରି ଜଣାଯାଉନାହିଁ । ହରିବଂଶ-ଲିଖିତ ବଂଶଲତାରୁ ଜଣାଯାଏ ଧନ୍ୱନ୍ତରିଙ୍କ ପୁତ୍ର କେତୁମାନ, ସେହି ବଂଶର କ୍ଷେମଙ୍କ ପୁତ୍ର କେତୁମାନ, ପୁରୁବଂଶୀୟ ଧନ୍ୱନ୍ତରିଙ୍କ ପୁତ୍ର କେତୁମାନ । ସୁତପାଙ୍କ ପୁତ୍ର ବଳୀଙ୍କ ପୁତ୍ର କଳିଙ୍ଗ । କଳିଙ୍ଗରାଜା କେତୁଭଦ୍ର ଥାଇପାରନ୍ତି; ମାତ୍ର ମହାଭାରତ ଯୁଦ୍ଧ ସମୟର କେତୁମାନ ନୁହନ୍ତି । କେତୁଭଦ୍ରଙ୍କ ପ୍ରତିମା ତିକ୍ତକାଷ୍ଠ (ନିମ୍ବ) ରେ ନିର୍ମିତ ହୋଇଥିବା ବିଷୟ ଲିପିରୁ ଜଣାଯାଏ । ( ତେରସ—ବସ - ସତ = ୧୩୦୦ ବର୍ଷ ; ତିବସଶତ — ୩୦୦ ) ।

ଖାରବେଳଙ୍କ ସମୟରେ ୨୪ ବର୍ଷ ବୟସ ଗତ ନ ହେଲେ ରାଜା ଅଭିଷେକ ହୋଇପାରୁ ନ ଥିଲେ । ୧୬ ବର୍ଷ ବୟସରେ ଯୁବରାଜ ଥାଇ ସେ ଶାସନକାର୍ଯ୍ୟ ଚଳାଉ-ଥିଲେ । ଏଥିରୁ ଜଣାଯାଏ, ଖାରବେଳ ଯୁବରାଜ ଥିବାବେଳେ ସିଂହାସନ ଶୂନ୍ୟ ଥିଲା । ବୈଦିକ ପ୍ରଥାନୁସାରେ ମହାରାଜ୍ୟାଭିଷେକ ହୋଇଥିଲା । ଏଥିରୁ ଜଣାଯାଏ ଯେ ଜୈନଧର୍ମ୍ମ ତାଙ୍କୁ ବୈଦିକ କର୍ମ୍ମକର୍ମ୍ମାଣି ସହିତ ବିରୋଧୀ ନ ଥିଲା ।

ପୁରୁଷ ଯୁଗଲାଗି ଅଭିଷେକ ହୋଇଥିଲା । ସୁତରାଂ ଅଭିଷେକ ପ୍ରଥା ଦୁଇପ୍ରକାର ଥିବାର ଜଣାଯାଏ । ଏକ ପୁରୁଷ ଅର୍ଥାତ୍ ଯାହାଙ୍କର ଅଭିଷେକ ହେବ ତାହାଙ୍କ ଜୀବନକାଳ ଯାଏ କିମ୍ବା ଦ୍ୱି ପୁରୁଷ ବା ମୌରସି ।

ପ୍ରକୃତ ଅର୍ଥ ଯାହାକୁ ଆମ୍ଭେମାନେ ବର୍ତ୍ତମାନ ଜାତି ବା ଲୋକସଂଖ୍ୟା ବୋଲି କହୁଥାଉଁ । ସୁତରାଂ ଖାରବେଳଙ୍କ ସମୟରେ ୩୫୦୦୦୦୦ ଲୋକସଂଖ୍ୟା ଥିଲା । ଏଥିରୁ ଜଣାଯାଏ ଯେ ତେତେବେଳେ ଲୋକସୁମାରି ହେଉଥିଲା । ଅର୍ଥଶାସ୍ତ୍ରରୁ ଜଣାଯାଏ, ମୌର୍ଯ୍ୟ

ସମସ୍ତ ପୂର୍ବେ ଲୋକସଂଖ୍ୟା ହେଉଥିଲା । ଏହି ଲିପିରୁ ଜଣାଯାଏ ଯେ ସମସ୍ତ ରାଜ୍ୟର ଲୋକସଂଖ୍ୟା ନିଆଯାଇଥିଲା ।

ଲେଖକ ମହାଶୟ କଳିଙ୍ଗର ଲୋକସଂଖ୍ୟା ସମ୍ବନ୍ଧେ କେତେଗୁଡ଼ିଏ ଆଲୋଚନା କରି ସ୍ଥିର କରିଛନ୍ତି ଯେ କଳିଙ୍ଗ ଅଶୋକଙ୍କ ବିରୁଦ୍ଧେ ଯୁଦ୍ଧକରି ୧୦୦୦୦୦ ସୈନ୍ୟ ହରାଇଥିଲେ, ୧୫୦୦୦୦ ସୈନ୍ୟ କ୍ଷତବିକ୍ଷତ ହୋଇଥିଲେ ଓ ମରିଥିଲେ । ୨½ ଲକ୍ଷ ଲୋକ ନଷ୍ଟ ହେଲେ, ଯଦି ଧରାଯାଏ ସମସ୍ତ ସୈନ୍ୟସଂଖ୍ୟା ତେତିକ ଥିଲେ । ସୁତରାଂ ଅନୁମାନ କରାଯାଏ ଯେ ପ୍ରତି ୧୫ ଜଣରେ ଜଣେ ସୈନ୍ୟ ହେଲେ, ମୋଟ ଲୋକସଂଖ୍ୟା ୩୮୦୦୦୦୦ ହୋଇପାରେ । ଖାରବେଳଙ୍କ ୧୦୦ ବର୍ଷ ପୂର୍ବେ ଏତେ ଲୋକସଂଖ୍ୟା ଥିଲା । ସୁତରାଂ ଏଥିରୁ ଅନୁମିତ ହୁଏ ଯେ ଖାରବେଳ ମୌର୍ଯ୍ୟ ରାଜ୍ୟ ଅଧିକାର ଓ ଶାସନରେ କେତେକ ଲୋକ ହରାଇଲା ପରେ ସାଢ଼େ ତିନିକୋଟି ଲୋକ ଥିଲେ । ବର୍ତ୍ତମାନ ଓଡ଼ିଶାର ଲୋକସଂଖ୍ୟା ପ୍ରାୟ ୫ କୋଟି ।

ଖାରବେଳଙ୍କର ରାଜଧାନୀ "କଳିଙ୍ଗର ରାଜଧାନୀ" ବା ରାଜଧାନୀ ବୋଲି ଲିପିରେ ଉଲ୍ଲେଖ ଅଛି । କିନ୍ତୁ କୌଣସି ସ୍ଥାନରେ ନାମୋଲ୍ଲେଖ ନାହିଁ । ତଥାଚ ଲିପିରେ ଯେପରି ବର୍ଣ୍ଣନା ଅଛି, ସେଥିରୁ ଜଣାଯାଏ ଯେ ଲିପି ଯେଉଁ ସ୍ଥାନରେ ଖୋଦିତ ହୋଇଥିଲା, ସେହି ନିକଟରେ ରାଜଧାନୀ ଥିଲା । ପ୍ରାଚୀ ନଦୀକୂଳରେ ଗୃହ ନିର୍ମାଣ ହୋଇଥିଲା । ପ୍ରାଚୀ ନଦୀ ଭୁବନେଶ୍ୱର, ଧଉଳି ଓ ହାତୀଗୁମ୍ଫା ନିକଟରେ ଅବସ୍ଥିତ । ଖାରବେଳ ରାଜ୍ୟଜୟ କରି ଏଠାକୁ ଧନରତ୍ନ ଆଣିଥିଲେ । ଅଶୋକଙ୍କ ତୋଷାଳି ଖୋଦିତ ଲିପି ଯେଉଁ ଧଉଳି ପାହାଡ଼ ନିକଟରେ ଅଛି ତାହା ଅତି ନିକଟରେ । ହରପ୍ରସାଦ ଶାସ୍ତ୍ରୀ ମହାଶୟଙ୍କ ମତରେ ତୋଷାଳିର ନାମ ଧଉଳି । ତୋଷାଳି ଅଶୋକଙ୍କ ଅମଳରେ ପ୍ରାଦେଶିକ ରାଜଧାନୀ ଥିଲା । ସୁତରାଂ ଏହି ଧଉଳି ଖାରବେଳଙ୍କ ରାଜଧାନୀ ଥିଲା ଏବଂ ଏହା ପ୍ରାଚୀନ ରାଜଧାନୀ । ଖାରବେଳ ନୂତନ ରାଜଧାନୀ କରି ନଥିଲେ । ପୂର୍ବ ରାଜାମାନଙ୍କ ରାଜଧାନୀ ଓ ସୌଧ କଥା ଉଲ୍ଲେଖ କରାଯାଇଛି ।

ସାତକର୍ଣ୍ଣୀ ଖାରବେଳଙ୍କ ସମସାମୟିକ । ସାତକର୍ଣ୍ଣୀ ଆନ୍ଧ୍ରବଂଶୀୟ ରାଜା । ବିଷ୍ଣୁପୁରାଣୋକ୍ତ ଭବିଷ୍ୟ ରାଜାଗଣଙ୍କ ମଧ୍ୟରେ କନ୍ୱବଂଶ ପରେ ଆନ୍ଧ୍ରବଂଶୀୟମାନେ ରାଜତ୍ୱ କରିବା ବିଷୟ ଉଲ୍ଲେଖ ଅଛି । ଶିପ୍ରକ ବଂଶର ତୃତୀୟ ପୁରୁଷ "ଶ୍ରୀଶାନ୍ତକର୍ଣ୍ଣୀ" ଏବଂ ପଞ୍ଚମ ପୁରୁଷ "ସାତକର୍ଣ୍ଣୀ" ଓ ଊନବିଂଶ ପୁରୁଷ "ଶାତକର୍ଣ୍ଣୀ ଶିବ ଶ୍ରୀ" । ମୌର୍ଯ୍ୟବଂଶ ପରେ ଶୁଙ୍ଗବଂଶ, ଶୁଙ୍ଗବଂଶ ପରେ କନ୍ୱବଂଶ ଏବଂ କନ୍ୱବଂଶ ପରେ ଅନ୍ଧ୍ରବଂଶ ରାଜତ୍ୱ କରିଥିଲେ ।

ଖାରବେଳ ତାଙ୍କର ରାଜତ୍ୱର ୨ୟ ବର୍ଷରେ ସାତକର୍ଣ୍ଣୀଙ୍କ ବିରୁଦ୍ଧେ ଯୁଦ୍ଧଯାତ୍ରା କରିଥିଲେ । ଏ ବଂଶର ଖୋଦିତ ଲିପିରୁ ଜଣାଯାଏ ଯେ ଏ ଶତବାହନବଂଶୀୟ ଥିଲେ,

ମାତ୍ର ପୁରାଣରୁ ଆନ୍ଧ୍ର ବଂଶୀୟ ଥିବାର ଜଣାଯାଏ । ସାତକର୍ଣ୍ଣୀଙ୍କ ବଂଶ ବ୍ରାହ୍ମଣବଂଶ ଥିଲେ । ସେମାନେ ପ୍ରତିଷ୍ଠାନ ନଗରରେ ରାଜଧାନୀ ସ୍ଥାପନ କରିଥିଲେ । ସମୟ ୨୧୦ ବା ୨୧୩ ଖ୍ରୀଷ୍ଟପୂର୍ବ । ଏହି ବଂଶୀୟ ରାଜତ୍ୱ ଆରମ୍ଭର ୩୩ ବର୍ଷ ମଧ୍ୟରେ ୧ମ ସାତକର୍ଣ୍ଣୀ ରାଜତ୍ୱ କରିଥିଲେ ଏବଂ ସେ ୩ୟ ରାଜା ଥିଲେ । ନାନଘାଟରେ ସାତକର୍ଣ୍ଣୀଙ୍କ ପ୍ରତିମୂର୍ତ୍ତି ଅଛି ଏବଂ ସେଠାରେ ଯେଉଁ ଖୋଦିତ ଲିପି ଅଛି, ତାହାର ବର୍ଣ୍ଣମାଳା ଖାରବେଳଙ୍କ ସମୟର ବର୍ଣ୍ଣମାଳା ସହିତ ସମାନ । ୪୭ ବର୍ଷ ପରେ ୨ୟ ସାତକର୍ଣ୍ଣୀଙ୍କ ରାଜତ୍ୱ । ଖାରବେଳ ୧୭୧ ଖ୍ରୀଷ୍ଟପୂର୍ବରେ ସାତକର୍ଣ୍ଣୀଙ୍କ ବିରୁଦ୍ଧେ ଯୁଦ୍ଧ ଘୋଷଣା କରିଥିଲେ । ସୁତରାଂ ସେ ନିଶ୍ଚୟ ୧ମ ସାତକର୍ଣ୍ଣୀ । ଏଥିରୁ ଜଣାଯାଏ ଯେ ଶତବାହନମାନେ ସେତେବେଳକୁ ଦାକ୍ଷିଣାତ୍ୟ ପ୍ରଦେଶରେ ଆଧିପତ୍ୟ ବିସ୍ତାର କରି ରାଜ୍ୟସୀମା ଓଡ଼ିଶାର ପଶ୍ଚିମ ସୀମା ପର୍ଯ୍ୟନ୍ତ ବିସ୍ତାର କରିଥିଲେ ।

ପଶ୍ଚିମ ଦିଗକୁ ଯୁଦ୍ଧଯାତ୍ରା କରିବା ଫଳରେ ଖାରବେଳ ମୂଷିକ ରାଜଧାନୀ ହସ୍ତଗତ କଲେ; ଉଦ୍ଦେଶ୍ୟ କାଶ୍ୟପ କ୍ଷତ୍ରିୟମାନଙ୍କୁ ସାହାଯ୍ୟ କରିବା । ମୂଷିକମାନେ ସମ୍ଭବତଃ ସାତକର୍ଣ୍ଣୀଙ୍କ ମିତ୍ର ଥିଲେ ଏବଂ ଅଧୀନ ଥିଲେ । ଏମାନେ ଦାକ୍ଷିଣାତ୍ୟ ଲୋକ । ମହାଭାରତ ବନବାସୀମାନଙ୍କ ସହିତରେ ସେମାନଙ୍କୁ ଉଲ୍ଲେଖ କରିଛି । ସେମାନଙ୍କ ରାଜ୍ୟ କଳିଙ୍ଗ-ରାଜ୍ୟଠାରୁ ବହୁ ଦୂରରେ ନ ଥିଲା । ନାଟ୍ୟଶାସ୍ତ୍ର ତୋସାଲ, କୋସାଲ ଓ ମୋସାଲମାନଙ୍କୁ କଳିଙ୍ଗ ଲୋକ ବୋଲି ଉଲ୍ଲେଖ କରିଛି । ଏହି ମୋସାଲମାନେ ସମ୍ଭବତଃ ମୂଷିକ । ସୁତରାଂ ନାଟ୍ୟଶାସ୍ତ୍ର ସମୟରେ (ଖ୍ରୀଷ୍ଟପୂର୍ବ ୧୦୦—ଖ୍ରୀଷ୍ଟାବ୍ଦ ୧୦୦) ମୂଷକମାନେ କଳିଙ୍ଗ ଅନ୍ତର୍ଗତ ଥିଲେ । ଏ ବର୍ଣ୍ଣନ ଅବଶ୍ୟ ଖାରବେଳଙ୍କ ପରବର୍ତ୍ତୀ କାଳର । ବିଷ୍ଣୁ ପୁରାଣରେ ସ୍ତ୍ରୀରାଜ୍ୟ ଓ ମୂଷିକ ଏକ ରାଜ୍ୟ ଅନ୍ତର୍ଗତ ଥିବାର ଉଲ୍ଲେଖ ଅଛି । କାମଶାସ୍ତ୍ରାନୁସାରେ ସ୍ତ୍ରୀରାଜ୍ୟ ପଶ୍ଚିମ ଦିଗକୁ ବିନ୍ଧ୍ୟ ନିକଟରେ । ସୁତରାଂ ମୂଷିକ ରାଜ୍ୟ ପଏଠାନ ଓ ଗଣ୍ଡ୍ରାବାନା ପ୍ରଦେଶ ମଧ୍ୟରେ ଅବସ୍ଥିତ । ମୂଷିକ ରାଜ୍ୟ କୋଶଳ ରାଜ୍ୟର ନିକଟବର୍ତ୍ତୀ । କାଶ୍ୟପ କ୍ଷତ୍ରିୟମାନଙ୍କ ନିବାସ ସମ୍ଭବତଃ ମୂଷିକ ଓ ଓଡ଼ିଶା ମଧ୍ୟରେ ଥିଲା ।

ଏ ଆକ୍ରମଣ ପରେ ଖାରବେଳ ପଶ୍ଚିମଭାରତ ଆଡକୁ ଆକ୍ରମଣ କଲେ । ସାତକର୍ଣ୍ଣୀଙ୍କ ପ୍ରତିବେଶୀ ରାଷ୍ଟ୍ରିକ ଓ ଭୋଜକମାନେ ପରାସ୍ତ ହେଲେ ଏବଂ ଖାରବେଳଙ୍କୁ ସମ୍ମାନ ପ୍ରଦର୍ଶନ କଲେ । ସେମାନେ ମହାରାଷ୍ଟ୍ର ଓ ବେରା ରାଜ୍ୟରେ ବାସକରୁଥିଲେ । ଅଶୋକଙ୍କ ଖୋଦିତ ଲିପିରେ ସେମାନଙ୍କ ନାମୋଲ୍ଲେଖ ଅଛି । ଭୋଜକମାନଙ୍କର ରାଜତନ୍ତ୍ର ପ୍ରଣାଳୀ ନଥିଲା । ସେମାନଙ୍କ ଶାସନ ପ୍ରଣାଳୀ ସ୍ୱତନ୍ତ୍ର ଥିଲା । ଖାରବେଳ "ରାଷ୍ଟ୍ରିକ ଓ ଭୋଜକ" ମାନଙ୍କ ନେତା ବୋଲି କହିଛନ୍ତି । ଏହି ନେତାମାନଙ୍କର ରାଜୋଚିତ ଛତ୍ର ପ୍ରଭୃତି ଥିଲା, ଯାହାକୁ ଖାରବେଳ ଭଗ୍ନ କରିଥିଲେ । ନାଟ୍ୟଶାସ୍ତ୍ରାନୁସାରେ ଶାସକ ରଙ୍ଗମଞ୍ଚରେ ପ୍ରବେଶ ହେଲାବେଳେ ଛତ୍ର ଓ ଭୃଙ୍ଗର ସହିତ ପ୍ରବେଶ ହେବେ ।

ଖାରବେଲ ତାହାଙ୍କ ରାଜତ୍ୱର ଅଷ୍ଟମ ବର୍ଷଠାରୁ ୧୨ଶ ବର୍ଷ ପର୍ଯ୍ୟନ୍ତ ଉତ୍ତର-ଭାରତରେ ବିଜୟ କାର୍ଯ୍ୟରେ ନିଯୁକ୍ତ ଥିଲେ । ଦଶମ ବର୍ଷର କାର୍ଯ୍ୟ ସମ୍ବନ୍ଧୀୟ ଲିପି ନଷ୍ଟ ହୋଇ-ଯାଇଛି । କିନ୍ତୁ ଜଣାଯାଏ, ଭାରତବର୍ଷ ବିରୁଦ୍ଧରେ ଯୁଦ୍ଧ ଯାତ୍ରା କରି ତାଙ୍କ ଅଭୀଷ୍ଟ ସିଦ୍ଧି କରିଥିଲେ । ଅଷ୍ଟମ ଓ ଦ୍ୱାଦଶ ବର୍ଷରେ ମଗଧ ବିରୁଦ୍ଧରେ ଦୁଇଥର ଯୁଦ୍ଧଯାତ୍ରା କରିଥିଲେ । ଖାରବେଲଙ୍କ ସମୟରେ ପୁଷ୍ୟମିତ୍ର ଭାରତ ସିଂହାସନରେ ରାଜତ୍ୱ କରୁଥିଲେ । ସେ ମୌର୍ଯ୍ୟ-ମାନଙ୍କୁ ପରାସ୍ତ କରି ନିଜର ରାଜତ୍ୱ ସ୍ଥାପନ କରିଥିଲେ । ସେ ଶତବାହନଙ୍କ ପରି ବ୍ରାହ୍ମଣ ଥିଲେ । ସେ ସିଂହାସନ ଆରୋହଣ କରି ଅଶ୍ୱମେଧ ଯଜ୍ଞ କରିଥିଲେ । ପୁଷ୍ୟମିତ୍ର ଯେ କେବଳ ଡମେଟ୍ରିଅସ ଓ ମିନେଣ୍ଡରଙ୍କୁ ପରାସ୍ତ କରିଥିଲେ ତାହା ନୁହେଁ, ସେ ଗ୍ରୀକ୍‌ମାନଙ୍କୁ ଆର୍ଯ୍ୟାବର୍ତ୍ତର ସୀମାନ୍ତ ପ୍ରଦେଶରୁ ବିତାଡ଼ିତ କରିଥିଲେ । ସୁତରାଂ ପୁଷ୍ୟମିତ୍ର ବିରୁଦ୍ଧରେ ଅସ୍ତ୍ରଧାରଣ କରିବା ସହଜ ବ୍ୟାପାର ନ ଥିଲା । ଅଷ୍ଟମ ବର୍ଷ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ୧୬୫ରେ ଖାରବେଲ ପୁଷ୍ୟମିତ୍ରଙ୍କ ବିରୁଦ୍ଧରେ ପ୍ରଥମ ଯୁଦ୍ଧଯାତ୍ରା କଲେ; କିନ୍ତୁ ଗୟାଠାରୁ ଫେରିଆସିଲେ । ପୁଷ୍ୟମିତ୍ର ମଥୁରାକୁ ଗଲେ; କିନ୍ତୁ ସେ ହାରି ପଳାଇ ନ ଥିଲେ । ଖାରବେଲ ମଧ୍ୟ ପାଟଳୀପୁତ୍ରର ଅଳ୍ପ ଦୂରରେ ଆଉ ବେଶୀ ଦୂର ଅଗ୍ରସର ହୋଇ ନ ଥିଲେ । ସେ କେବଳ ବାରବର ପାହାଡ଼ ପର୍ଯ୍ୟନ୍ତ ଯାଇଥିଲେ । ଯୁଦ୍ଧନୀତିର ବଶବର୍ତ୍ତୀ ହୋଇ ଏମାନେ ଏପରି କରିଥିଲେ । ଦ୍ୱାଦଶ ବର୍ଷରେ ଖାରବେଲ ଉତ୍ତର ପଥରେ ଥିଲେ ଏବଂ ତାଙ୍କ ସହିତ ଯୁଦ୍ଧ କରିବାକୁ କେହି ସମକକ୍ଷ ନ ଥିଲେ । ସେ ଅବଶ୍ୟ ପଶ୍ଚିମ ପଥ ଦେଇ ଯାଇଥିବେ; କାରଣ ସେ ଗଙ୍ଗା ପାର ହୋଇ ନ ଥିଲେ କିମ୍ବା ପୁଷ୍ୟମିତ୍ରଙ୍କ ସହିତ ଯୁଦ୍ଧ କରି ନ ଥିଲେ । ଉକ୍ତ ଉତ୍ତରପଥରୁ ସେ ମଗଧ ଆକ୍ରମଣ କଲେ । ହିମାଳୟ ତଳଦେଇ ଆସିବାରୁ ତାଙ୍କୁ ବୃହତ୍ ନଦୀ ପାରହେବାକୁ ପଡ଼ି ନ ଥିଲା ଏବଂ ସେ ଗଙ୍ଗାନଦୀର ଅପର ପାର୍ଶ୍ୱସ୍ଥିତ ମଗଧ ରାଜଧାନୀର ବିପରୀତ ଦିଗରେ ପ୍ରବେଶ ହେଲେ । ପାଟଳୀପୁତ୍ରର ସୋନ ଦିଗରେ ଯେଉଁ ସୁରକ୍ଷିତ ଦୁର୍ଗମାନ ଓ ବନ୍ୟାସଙ୍ଘାତକ ଜଳଯୁକ୍ତ ଭୂମିମାନ ଥିଲା, ସେ ସମସ୍ତ ମଧ୍ୟଦେଇ ତାଙ୍କୁ ଯୁଦ୍ଧ କରିବାକୁ ପଡ଼ି ନ ଥିଲା । ଗଙ୍ଗା ପାରହୋଇ ସେ ପାଟଳୀପୁତ୍ରରେ ପ୍ରବେଶ ଲାଭ କରି ପାରିବେ । ହାତୀ ସାହାଯ୍ୟରେ ଗଙ୍ଗା ପାର ହୋଇଥିଲେ । ଏ ସୁବିଧା ଅନ୍ୟ ଦିଗରୁ ଆସିଥିଲେ ହୋଇ ନ ଆନ୍ତା । ମଗଧ ରାଜା ଡେଡେବେଲକୁ ବୃଦ୍ଧ ହୋଇଥିବେ, କାରଣ ଡେଡେବେଲଙ୍କୁ ତାଙ୍କର ଏକ ନାତି ଗ୍ରୀକ୍‌ମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିଥିଲେ । ଏଣେ ଖାରବେଲଙ୍କ ବୟସ ଡେଡେବେଲେ ୩୬ ବର୍ଷ ଏବଂ ପୂର୍ବରୁ ୧୨ ବର୍ଷ ଯୁଦ୍ଧ କରିଥିଲେ । ଯାହାହେଉ ସ୍ଥୂଳତଃ ଖ୍ରୀଷ୍ଟପୂର୍ବ ୧୬୧ରେ ସାମ୍ରାଜ୍ୟ ସମ୍ମାନ ମଗଧରୁ କଳିଙ୍ଗକୁ ସ୍ଥାନାନ୍ତରିତ ହେଲା ଏବଂ ଖାରବେଲଙ୍କ ମନୋରଥ ସିଦ୍ଧ ହେଲା । ଏହା ପରେ ସେ ଆଉ ଯୁଦ୍ଧଯାତ୍ରା କରି ନ ଥିଲେ ।

ଖାରବେଲଙ୍କ ପ୍ରଥମ ମଗଧାକ୍ରମଣ ଛୋଟନାଗପୁର ପଥଦେଇ ହୋଇଥିବ; କାରଣ ସେ ଗୋରଥଗିରିଠାରୁ ତେଣିକି ଯାତ୍ରା କରିଥିଲେ । ଗୋରଥଗିରି, ରାଜଗୃହଠାରୁ ପାଟଳୀ-

ପୂର୍ବକୁ ଯିବା ବାଟରେ ଅବସ୍ଥିତ । ଏ ଘଟଣାର ଘ୍ୱର ବର୍ଷ ପରେ ତାଙ୍କ ହସ୍ତିମାନେ ଗଙ୍ଗା ପାର ହୋଇଥିଲେ ।

ପୁଷ୍ୟମିତ୍ରଙ୍କୁ ପରାସ୍ତ କରି ଖାରବେଲ ଅଙ୍ଗ ଓ ମଗଧର ଧନରତ୍ନମାନ ନେଇ ଆସିଥିଲେ । ପୁଷ୍ୟମିତ୍ର ସକଲ ଓ ପଞ୍ଜାବ ଦେଶମଧ୍ୟରୁ ବୌଦ୍ଧଧର୍ମ ଲୋପ କରାଇଥିବା କଥା ତାରାନାଥ କହନ୍ତି । ସକଲ ମିନେଣ୍ଡରଙ୍କ ରାଜଧାନୀ ଥିଲା । ସୁତରାଂ ସକଲ ମଗଧର ଅନ୍ତର୍ଗତ ଥିଲା । ଉତ୍ତର ପଥରେ କ୍ଷୁଦ୍ର ରାଜ୍ୟମାନ ଥିଲା; କାରଣ ଖାରବେଲଙ୍କ ସହିତ କେହି ଯୁଦ୍ଧ କରି ନଥିଲେ । ଅତଏବ ପଞ୍ଜାବର ସୁଦୂର ଉତ୍ତରାଞ୍ଚଳ ବ୍ୟତୀତ ଅନ୍ୟାନ୍ୟ ସ୍ଥାନଠାରୁ ଅଙ୍ଗଦେଶ ପର୍ଯ୍ୟନ୍ତ ଶୁଙ୍ଗରାଜ୍ୟ ବିସ୍ତୃତ ଥିଲା ।

ଖାରବେଲ ୨ୟ ଆକ୍ରମଣ ଯାହାରୁ ତାଙ୍କ ଗତିର ପ୍ରଖରତା ଜଣାପଡ଼େ । ଦଶମ ବର୍ଷରେ ଭାରତବର୍ଷ ବିରୁଦ୍ଧରେ ସୈନ୍ୟ ପ୍ରେରଣ କଲେ ଏବଂ ତାଙ୍କ ଉଦ୍ଧୃତଳଭ କଲେ । ଏକାଦଶ ବର୍ଷରେ ଘରେ ଥିଲେ । ଦ୍ୱାଦଶ ବର୍ଷରେ ଉତ୍ତରାଞ୍ଚଳ ରାଜାମାନଙ୍କୁ ଭୟ ଦେଖାଇ ମଗଧକୁ ଯାତ୍ରା କରି ପାଟଳୀପୁତ୍ରକୁ ଆସିଲେ । ଓଡ଼ିଶାରୁ ଉତ୍ତରପଥ ଏବଂ ମଗଧ ଯାଇ ସେଠାରୁ ପୁଣି ଓଡ଼ିଶାକୁ ଆସିବା ଏକବର୍ଷ ମଧ୍ୟରେ ଖାରବେଲ କିପରି ଗତିରେ ଯାତାୟାତ କରିଥିବେ, ତାହା ସହଜରେ ଜଣାପଡ଼ିବ । ମୌର୍ଯ୍ୟମାନଙ୍କ ଦ୍ୱାରା ରାଜପଥର ସୁବିଧା ପାଇଥିବେ ସତ; ମାତ୍ର ସହସ୍ର ସହସ୍ର କୋଶ ପଥ ଅତିକ୍ରମ କରି ଏବଂ ପ୍ରକାଣ୍ଡ ସୈନ୍ୟଦଳଙ୍କୁ ନେବା ଆଣିବା କରିବା ସହଜ କଥା ନୁହେ ।

ସେହି ବର୍ଷ ପାଣ୍ଡ୍ୟ ରାଜାମାନେ ବହୁତ ଧନରତ୍ନ ପ୍ରଦାନ କରିଥିଲେ । ଦକ୍ଷିଣ ଦିଗରୁ ଅନେକ ଧନାଗମ ହେଲା ।

ଜଏସବାଲ ମହାଶୟ ହାତିଗୁମ୍ଫା ଲିପିମାନଙ୍କୁ ଯେପରି ପାଠ କରିଛନ୍ତି, ତାହା ଅତି ପରିଷ୍କାର ବୋଲି ଜଣାପଡ଼େ । ଆମ୍ଭେ ପୂର୍ବେ ଯାହା ଉଦ୍ଧାର କରି ଦେଇଥିଲୁଁ, ତାହା ତେତେ ସ୍ପଷ୍ଟ ନୁହେ । ସୁତରାଂ ତାହା ଏଠାରେ ଉଦ୍ଧାର କରି ଦେଲୁ ।

(୧) ନମୋ ଅରହନ୍ତାନଂ, ନମୋ ସବସିଦ୍ଧାନଂ ଐରେଣ ମହାରାଜେନ । ମହାମେଘବାହନେନ, ଚେତରାଜବସେ ବଧନେନ, ପସଥସୁଭଲଛଣେନ, ଚତୁର ଅଂତଲଥୁନା ଗୁଣଉପଗତେନ, କଲିଂଗ ଅଧିପତିନା ସିରି ଖରବେଲେନ (ନନ୍ଦପଦ) । (୨) ପଂଦରସବସାନି, ସିରିକାଡ଼ାର ସରିରବତ କିଡ଼ିତା କୁମାର କିଡ଼ିକା ତତ ଲେଖରୂପ ଗନନ ବେବହାର-ବିଧି-ବିସାରଦେନ ସବବିଜ ଅବଦାତେନ ନବବସାନି ଯୋବରାଜଂ ପସସିତଂ ସଂପୁନ ଚତୁବିଶତି ବସୋତି ଦାନ ବ ଧାମେନ ସେସଯୋବାନ ଅଭିବିଜୟୋ ତତିୟେ । (୩) କଲିଂଗ ରଜବସେ ପୁରିଷ ଯୁଗେ ମହାରାଜାଭିସେଚନଂ ପାପୁନାତି ଅଭିସିତ ମତୋ, ଚ ପଧମେ ବସେ, ବାତାବହତ ଗୋପୁର-ପ୍ରାକାର ନିବେସନଂ ପତିସାଂଖାରୟତି କଲିଂଗ ନଗରଂ ଖ୍ବିର ସିତଲ ତଡ଼ାଗପଦୟୋ ଚ ବଂଧାପୟତି ସବୟୁନା ପତି ସଂଥାପନଂ ଚ । (୪) କରୟତି । ପନାତି

ଖାନ୍ଧ ସାତ ସନ୍ଧ ହେହ୍ନ ପକାଢୟେ୍ା ଚ ଇଂଜଧ୍ୟୁଣ ଦ୍ୱଢୟେ ଚ ବସେ ଅଚଂତୟିତ ସାଡକଂନ୍ନିଂ ପଚମଂଦ୍ୱଶଂ ହୟ-ଗଜ-ନର-ରଥ ବହୁଳଂଦଣ୍ଡ-ପଥାପୟଥ କାଣମ୍ବାନାଂ ଷଢ଼ୟଂ ଚ ସହାୟେ ବିତ୍ରୋପଡଂ ମୂଷିକ ନଗରଂ ତଢୟେ ପୁନ ବସେ । (୫) ଗାନ୍ଧବ ଦେବ ବୁଦ୍ଧୋ ଦମ୍ପ-ନାଟ-ଗିତ-ବାଦ୍ୱତ-ସଂଦସନାହ୍ନି, ଉସ୍ତବ-ସମାଜ କାରପାନାହ୍ନି ଚ କଡ଼ାପୟଥ ନଗରିଂ । ଇଥ ଚବୁଥେ ବସେ ବିଯାଧର ଅଧିବାସଂ ଅହତପୂର୍ବ କଳିଙ୍ଗ ମୁହରାଜନ (ମାନସିଂ) ବିତ୍ତେ ମୁକୁଟେ ସବଚ ଦାତେ ଚ ନିଷିତେ ଛତ । (୬) ଭିଂଗାରେ ହିତରତନସ ପାତେୟୁ ସବ ରଥିକ ଭୋଜକପଦେ ବଂଦାପୟେଥ । ପଂଚମେ ଚ ଦାନ ବସେ ନଂଦରାଜା ତିବସ ସତଂ ଓଘାଟିତଂ ତନମୂଲ୍ୟବତା ପନାଦିଂ ନାଗରଂ ପବସେଥସ ଅଭିସିତୋ ଚ (ରାଜସେୟସଂଦଂ) ସନକ ସବ ଖରକାନାଂ । (୭) ଅନୁଗ୍ରହ ଅନେକାନି ସତ ସାହସାନ ବିସଯଥ ପୋରଂ ଜନପଦଂ ସତମାମଚ ବସଂ ପସସତୋ ଚ (ଯରଧରଖତ ? ) ଘାଣନ୍ ସବରୁ ଉପାଦପଂ ସ—ଅଠେଂ ଚ ବସେ ମନାଥନୋ (ଧମନ ? ) ଗୋରଥ ଗିର । (୮) ଘଣ୍ଟାପୟିତା ରାଜଗହ୍ନନାପଂ ପିଦାପୟଥ ଏତନଂ ଚ କଂ ଉପାଦାନ ପନାଦେନ ସବତ ସେନାବାନେ ବିପମୁମଚିତଂ ମଧୁରଂ ଆପ୍ୟାତୋ । ନବମେ ଚ ବସେ ( ମୋସ୍ଥତଥ )—ଷଲବାରିକୋ । (୯) କାପରୁଖୋ ହୟଗଜରଥସହାଶତେ ସବଘର ଅବଧାଦଂ ନେ ସୁ ସବଗହନଂ ଚ କାରୟତୁଂ ବାମାନନଂ ଯଠରଂଭି ପରଂ ଦୟାଥି ଅରହତ ବ ନ ଘିସୁ । (୧୦) ଉଭୟୁ ପ୍ରାଚୀତଟେ, ଧଜନବାଧଂ ମହାବିଜୟ ପ୍ରାସାଦଂ, କାରୟଥ ଅଥତିଶସୁହସ ସାହାସେହ୍ନି, ଦଶମେ ଚ ବସେ ଦଂ ଦଣ୍ଡ ନ ଦସ ଖରଧକ୍ଷସ ପଥାନ କଗ୍ରପୟଥ ପ୍ରକ ଚ ମନୋରଧାନ ଉପଲଭତ । (୧୧) ଯ ମୁହରାଜ-ନିବେସିତଂ ପିଥ-ଉଦଗ-ଦଭ ନାଗଲେ ନେକସୟଥ ଯାନପଦ ଭବନଂ ଚ ତେରସ-ବସ-ସତ କେତୁ ଭଦତଡ ଅମରଦେହ ସଂଘାତଂ ବରସମେ ଚ ଚ ( ସେ ) ସେହ୍ନ ବିତସୟଂ ତୋ ଜଉର ପଥ ଟକାନନା । (୧୨) ମଗଧାନାଂ ଚ ବିପୁଲଂ ଭୟଂ ଜନେତୋ ହଥସ ଗାଂଗାୟ ପ୍ରୟାଥ ମଗଧ ଚ ରାଜାନ ବାହାପତିମିଧଂ ପଦେ ବଂଦାପୟଥ, ନଂଦରାଜନୀତାନ ଅଙ୍ଗ ଯିନସ···ନାଗା···ଗହ୍ନରଳ ନପଦହାରେହ୍ନି ଅଂଗ ମଗଧେ ବସବୁ ନୟନ୍ତି । (୧୩)·· ତ ଯାଥାର ଲେଖିଳନ ବରନି ସିହ୍ନରନି ନିବେଧୟଥ ସତବସୁ ଦାନ ପରିହାରେଣ ଅଭୂତଂ ଚ ଆଚ୍ଛୟଂ ଚ ହାଥିନାବାନ ପରିହାରଂ · ଦେନ ହୟ ହାଥି ରତନ ପଂଦରାଜ ଚ ··ମାନି ରତନାନ ଅହରପୟଥ ଇଧାହତ ·· । (୧୪) ବସିନୋ ବସିକରେଥ ତେରସମେଚ ବସେ ସୁପବତ ବିଜୟ ଚକୋ କୁମାରି ପବତେ ଅରହତେ। ପଭ ନିବାନେସ ତାହ୍ନି କାୟ ନିସିଦ୍ୟା ଯ ପୁ ଯାବକୋହ୍ନି ରାଜା ଭିତାନି ଚ ନବତାନି ବୁସାଯାତାନି ହ୍ୱଜାନି ଜଦଦେବ କାଲେ ରଖିତ । (୧୫) ସୁକତ ସମାନ ସୁବିହ୍ନତାନଂ ଚ ଶତଦ୍ୱଶାନଂ ଷାଢୟଂ ତପସାୟିନଂ···ଅରହତ ନିସିଦ୍ୟା ସମିପେ ପଭାରେ ବାହ୍ନକାର ସମୁଥାପିତହ୍ନି ଅନନକ ଯୋୟନହ୍ନି ··ସିଲହ୍ନି ସସପଥ । (୧୬) ପଟଲକୋ ଚତୁରେ ଚ ବେଦୁରୀୟ—ଗଭେ ଥମ୍ଭେ ପତିଥାପୟଥ, ପାନାଂ ମୁରୀୟ—ସାଧିବସ ସତେ ଟକୋଛିୟ କାଲେ ବଚ୍ଛନେ ଚ ଚେୟୁଧ ଅରଗାସିତକାଂ ଚାତ୍ୟଂ ଉପଦ୍ୱୟଥ,

କ୍ଷେମରାଜ ସ ବଢ଼ ରାଜ ସ ଭିକ୍ଷୁରାଜ ଧମରାଜ ପସମତୋ ସୁନାତୋ ଅନୁଭବତୋ କାଲାକନ...। (୧୭) ଗୁଣ ବିଶେଷ କୁଶଲେ ସବପସ ଦପୂ-ଜାକୋ - ଛନା ସଂକାର କାରକ ପଠନ୍ଧ.ତ —ଚକ ବାହନ-ବାଲେ ଚକଧର ଗୁତଚକୋ ପି ସାଂତଚକୋ ରାଜସି —ବସକୁଲ ବିନଛୁଠତୋ ମହାବିଜୟୋ ରାଜା ଖାରବେଳ ସିର ।

ଏ ଲିପି ଯେତେ ସ୍ଥାନ ଅଧିକାର କରିଛି ତାର ପରିମାଣ ୧୫—୧×୫୨ ଇଞ୍ଚ ଅର୍ଥାତ୍ ପ୍ରାୟ ୮୪ ବର୍ଗଫୁଟ । ୧୭ ଧାଡ଼ି ଏବଂ ପ୍ରତି ଧାଡ଼ିରେ ୯୦ ଠାରୁ ୧୦୦ ଅକ୍ଷର । ପ୍ରତ୍ୟେକ ଅକ୍ଷରର ଉଚ୍ଚତା ୪୨ ଇଞ୍ଚଠାରୁ ୫୨ ଇଞ୍ଚ । ଏହାର ଭାଷା ଅପଭ୍ରଂଶ ପ୍ରାକୃତ ଅର୍ଦ୍ଧମାଗଧୀ ଓ ଜୈନ ପ୍ରାକୃତ ମିଶା । ପାଲି ସହିତ ଅନେକାଂଶରେ ସାଦୃଶ୍ୟ ଅଛି ।

ଜୟସବାଲ ମହାଶୟ ବୃହସ୍ପତି ମିତ୍ରଙ୍କ ସମ୍ବନ୍ଧେ ନାନା ଆଲୋଚନା କରି ନିମ୍ନଲିଖିତ ମତେ ଲେଖିଛନ୍ତି । ବୃହସ୍ପତି ମିତ୍ର କିଏ ? ବିଷ୍ଣୁପୁରାଣରେ ଭବିଷ୍ୟ ରାଜଗଣଙ୍କ ନାମ ମଧ୍ୟରୁ ଶୁଙ୍ଗବଂଶୀୟ ରାଜାମାନଙ୍କ ନାମ କ୍ରମରେ ଦେଲୁ—ପୁଷ୍ପମିତ୍ର, ଅଗ୍ନିମିତ୍ର, ସୁଜ୍ୟେଷ୍ଠ, ବସୁମିତ୍ର, ଆଦ୍ରକ, ପୁଲିନ୍ଦକ, ଘୋଷବସୁ, ବଜ୍ରମିତ୍ର, ନାରାୟଣ, ସୁଶର୍ମ୍ମ । ଏମାନେ ୧୧୨ ବା ୧୧୩ ବର୍ଷ ରାଜତ୍ୱ କରିଥିଲେ । ସେଥିମଧ୍ୟରୁ ପୁଷ୍ପମିତ୍ରଠାରୁ ଆଦ୍ରକ ପର୍ଯ୍ୟନ୍ତ ୫୯ ବର୍ଷ । ପଭୋସା ଖୋଦିତ ଲିପି ଦୃଷ୍ଟେ ଲେଖକ ମହାଶୟ ନିଶ୍ଚୟ କରିଛନ୍ତି ଯେ ଆଦ୍ରକ ୧୨୦ ଖ୍ରୀ.ପୂ.ରେ ରାଜତ୍ୱ କରିଥିଲେ । କାରଣ ଉକ୍ତ ଲିପି ତାଙ୍କ ରାଜତ୍ୱର ୧୦ମ ବର୍ଷଠାରେ ଖୋଦିତ ହୋଇଥିଲା । ଜୈନ ପୁସ୍ତକମାନଙ୍କରୁ ଜଣାଯାଏ ଶୁଙ୍ଗବଂଶୀୟ ରାଜାମାନଙ୍କର ଏକାଧିକ ନାମ ଥିଲା । ସୁତରାଂ ବୃହସ୍ପତି ମିତ୍ର ପ୍ରଥମ ଶୁଙ୍ଗରାଜଙ୍କ ମଧ୍ୟରୁ ଜଣେ ହୋଇଥିବେ । ମୁଦ୍ରା ପରୀକ୍ଷା କରି ଲେଖକ ମହାଶୟ ପୁଷ୍ପମିତ୍ର ଓ ବୃହସ୍ପତି ମିତ୍ର ଏକ ଲୋକ ଥିବାର ସିଦ୍ଧାନ୍ତ କରିଛନ୍ତି ।

ପ୍ରାଚୀନ ଉତ୍କଳାକ୍ଷରରେ ଲେଖା ଖଣ୍ଡିଏ ପୋଥି ଭାରତୀୟ ମିଉଜିୟମରେ ସଞ୍ଚିତ ଅଛି । ସେଥିରୁ ନିମ୍ନଲିଖିତ ବିଷୟ ଜଣାଯାଏ ।

"ମଗଧରାଜାମାନଙ୍କଦ୍ୱାରା କଳିଙ୍ଗ ଅଧିକୃତ ହୋଇଥିଲା; ମାତ୍ର ଜଣେ ଐର ରାଜା କଳିଙ୍ଗକୁ ସ୍ୱାଧୀନ କଲେ ଏବଂ ମଗଧର ନନ୍ଦ ରଜାଙ୍କୁ ପରାସ୍ତ କଲେ । ନନ୍ଦମାନେ ସନାତନ-ଧର୍ମ୍ମାବଲମ୍ବୀ ଥିଲେ । ଐର ଅଶୋକଙ୍କର ପ୍ରଧାନ ଶତ୍ରୁ ଥିଲେ । ଐରଙ୍କ ପୂର୍ବ ରାଜଧାନୀ ବୋଟଲରେ ଥିଲା; ମାତ୍ର ଐର ଏକ ପ୍ରସ୍ତର ସ୍ଥାନ ଖଣ୍ଡଗିରିକୁ ରାଜଧାନୀ ଉଠାଇ ଅଣିଥିଲେ ।"

ଏଥିରୁ ଜଣାଯାଏ ଯେଉଁ ଐର ନନ୍ଦଙ୍କ ସମୟରୁ ଅଶୋକଙ୍କ ପର୍ଯ୍ୟନ୍ତ ବିଦ୍ୟମାନ ଥିଲେ ସେ ଏବଂ ଖାରବେଳ ଏକ ବ୍ୟକ୍ତି ନୁହନ୍ତି । ସୁତରାଂ ସମ୍ଭବତଃ ଐର ପଦଧାରୀ ଅନେକ ରାଜା ଥିଲେ । ଐର ରାଜା ଶେଷ ନନ୍ଦଙ୍କୁ ପରାସ୍ତ କରିଥିଲେ ଏବଂ ଆଲେକଜାଣ୍ଡରଙ୍କ

ସଙ୍ଗୀମାନେ ସେ ନନ୍ଦଙ୍କୁ ପ୍ରାଚୀ ଓ ଗଙ୍ଗାରିଡ଼ି ଅର୍ଥାତ୍ କଳିଙ୍ଗର ରାଜା ବୋଲି କହୁଥିଲେ । ନବ ନନ୍ଦଙ୍କ ଶେଷ ସମୟରେ ସମ୍ଭବତଃ ୨ୟ କଳିଙ୍ଗ ରାଜବଂଶର ପଦ ଥିଲି ଏବଂ ଖାରବେଳ ସେହି ବଂଶର ଥିବା ସମ୍ଭବ ।

ଐରମାନଙ୍କ ରାଜଧାନୀ କୋଶଳରେ ଥିଲି ଏବଂ କୋଶଳ କଳିଙ୍ଗର ନିକଟବର୍ତ୍ତୀ । ୟୁଆନଚୁଆଙ୍ଗ ଯେ ବର୍ଣ୍ଣନା କରିଛନ୍ତି ସେଥିରୁ ଜଣାଯାଏ କୋଶଳ ଆନ୍ଧ୍ରଦେଶ ଉପରେ କଳିଙ୍ଗର ଉତ୍ତର-ପଶ୍ଚିମ ସୀମାକୁ ଲଗିଛି । ୟୁଆନଚୁଆଙ୍ଗ ୭୦୦ ଶତାବ୍ଦୀରେ କଳିଙ୍ଗକୁ ଆସିଥିଲେ ଏବଂ ତାହା ରାଜମହେନ୍ଦ୍ରୀ ନିକଟରେ । ସେ ଓଡ଼ିଶାରୁ ୧୮୦୦ ଲି ଆସି ପୁଣି ଉତ୍ତର କୋଶଳ ରାଜଧାନୀରେ ପ୍ରବେଶ ହୋଇଥିଲେ । ସମ୍ଭବତଃ ସେ ନୂଆଗଡ଼ର ନିକଟବର୍ତ୍ତୀ କୌଣସି ସ୍ଥାନକୁ ଯାଇଥିବେ । ବାୟୁପୁରାଣ ଅନୁସାରେ କୋଶଳ ଓଡ୍ରଦେଶ ବା ଓଡ଼ିଶାକୁ ଲଗିଛି; ସୁତରାଂ ନୂଆଗଡ଼ ଓ ସୋନପୁର ଅନ୍ତର୍ଗତ ଥିବାର ସମ୍ଭବ । କୋଶଳର ଐରମାନେ ଉତ୍କଳକୁ ଆସି ଖଣ୍ଡଗିରିରେ ରାଜଧାନୀ ସ୍ଥାପନ କଲେ । ଏ ପରବର୍ତ୍ତୀକ ଐରଙ୍କ ପ୍ରଧାନ ଶାଖା ଅଶୋକ ଓ ନନ୍ଦଙ୍କ ପୂର୍ବରୁ ହୋଇଥିବ । ସୁତରାଂ ଧଉଳି ବା ତୋଷାଳି ର ରାଜଧାନୀ ଥିବା ସମ୍ଭବପର ।

କୋଶଳ ହେତୁ ଖାରବେଳଙ୍କ ବଂଶ ସମ୍ବନ୍ଧେ ପୁରାଣରୁ ପରିଚୟ ମିଳେ । ଅନ୍ଧ୍ରବଂଶ ପରେ କୋଶଳବଂଶ ଉନ୍ନତ ଏବଂ ସେମାନେ 'ମେଘ' ବୋଲି ପରିଚିତ ଥିଲେ । ସେମାନେ ଅତି କ୍ଷମତାଶାଳୀ ଏବଂ ଜ୍ଞାନୀ ଥିଲେ । ୯ ଜଣ ରାଜା ସେ ବଂଶରେ ରାଜତ୍ୱ କରିଥିଲେ । ମେଘବାହନ କଥାରୁ ମେଘ ଥିବାର ପରିଚୟ ମିଳେ ।

ଓଡ଼ିଆ ପୋଥି-ଲିଖିତ କୋଶଳ ଐର ସହିତ ପୁରାଣାନ୍ତର୍ଗତ କୋଶଳର ମେଘ ମେଳ ହେଉଥିବାରୁ ପୋଥିର ପ୍ରାଚୀନତ୍ୱ ଏବଂ ମୌଳିକତ୍ୱ ଜଣାପଡ଼ୁଛି । ପୋଥିରୁ କଳିଙ୍ଗ ଇତିହାସର ନନ୍ଦାଧ୍ୟାୟ ବିଷୟ ଜଣାପଡ଼ୁଥିବାରୁ ଏବଂ ମଗଧ ନନ୍ଦଙ୍କ ସହିତ କଳିଙ୍ଗ ନନ୍ଦଙ୍କ ସାମଞ୍ଜସ୍ୟ ଜଣାପଡ଼ୁଥିବାରୁ ପୋଥିଟି ବଡ଼ ମୂଲ୍ୟବାନ୍ । ଲିପିର 'ଐର' ଶବ୍ଦ ଠିକ୍ ଥିବାର ମଧ୍ୟ ପୋଥିରୁ ଜଣାପଡ଼େ । ଉତ୍କଳରେ ମୌର୍ଯ୍ୟଶାସନ ସମ୍ପର୍କରେ କୋଶଳ ସହିତ ଖାରବେଳ ଏବଂ ତାଙ୍କର ପୂର୍ବ-ବଂଶଧରମାନଙ୍କ ସମ୍ପର୍କ ଗୁରୁତର ବିଷୟ । ଅଶୋକଙ୍କ କଳିଙ୍ଗ ଧଉଳୀ ଖଣ୍ଡଗିରି ଓ ଜଉଗଡ଼ ବା ଗଞ୍ଜାମ ଆଜ୍ଞାମାନଙ୍କ ମଧ୍ୟସ୍ଥିତ । ଏହି ଆଜ୍ଞାମାନ ଅଭିଜିତ ଅନନ୍ତମାନଙ୍କୁ ଅର୍ଥାତ୍ ସ୍ୱାଧୀନ ପ୍ରତିବେଶୀମାନଙ୍କୁ ଅଶୋକଙ୍କଠାରେ ବିଶ୍ୱାସ କରିବାଲାଗି ଆହ୍ୱାନ କରୁଛି, ଏବଂ ଅଶୋକ ସେମାନଙ୍କ ପ୍ରତି ସଦ୍‌ବ୍ୟବହାର କରିବାଲାଗି ପ୍ରତିଜ୍ଞା କରୁଛନ୍ତି ଏବଂ ବୌଦ୍ଧଧର୍ମ ଗ୍ରହଣ କରିବାଲାଗି ସେମାନଙ୍କୁ ପରାମର୍ଶ ଦେଉଛନ୍ତି । ଏଥିରୁ ପ୍ରମାଣିତ ହୁଏ ଯେ ଏକ ଦିଗରେ ଆନ୍ଧ୍ର ଏବଂ ଅନ୍ୟ ଦିଗରେ କୋଶଳମାନେ 'ଅବିଜିତ' ଥିଲେ ଅର୍ଥାତ୍ ବଶ୍ୟତା ସ୍ୱୀକାର କରି ନ ଥିଲେ । ସୁତରାଂ କଳିଙ୍ଗର ପ୍ରକୃତ ଶାସନକର୍ତ୍ତାମାନେ

କୋଶଳରେ ଆଶ୍ରୟ ନେବା ସୁସଙ୍ଗତ । ମୌର୍ଯ୍ୟ ଏବଂ ସୁଙ୍ଗମାନେ ଦୁର୍ବଳ ହେବା ପରେ ମେଘବାହନ ଐରମାନେ ପୁନର୍ବାର ଓଡ଼ିଶାକୁ ସ୍ୱାଧୀନ କଲେ ।

ପୂର୍ବେ କୁହାଯାଇଅଛି ଯେ ମୂଷିକ ରାଜ୍ୟ କଳିଙ୍ଗର ପଶ୍ଚିମ ଦିଗରେ । ମୂଷିକରାଜ୍ୟ ଓ କଳିଙ୍ଗରାଜ୍ୟ ମଧ୍ୟରେ କୋଶଳ ଅବସ୍ଥିତ ଥିଲା । ଏ ସମସ୍ତ ବର୍ଣ୍ଣନା ଦୃଷ୍ଟେ ଜଣାଯାଏ ଯେ କାଶ୍ୟପମାନେ କୋଶଳ ରାଜ୍ୟ ନିକଟ ସ୍ଥାନର ଅଧିବାସୀ ଥିବେ । ଉତ୍କଳ କୋଶଳଠାରୁ ପଶ୍ଚିମ ଆଡ଼କୁ ଯିବା ପଥ ମଧ୍ୟରେ ସେମାନେ ନିଶ୍ଚୟ ବାସକରୁଥିବେ । ଆଧୁନିକ ଗଡ଼ଜାତ ରାଜାମାନଙ୍କ ମଧ୍ୟରୁ ଅଧିକାଂଶ ଭଞ୍ଜ । ଏହି ଗଡ଼ଜାତମାନ ପ୍ରାଚୀନ କୋଶଳ । ଭଞ୍ଜମାନେ କ୍ଷତ୍ରିୟ ବୋଲି ପରିଚିତ ଏବଂ ବୌଦର ପ୍ରାଚୀନ ତାମ୍ରପଟ୍ଟରେ ସେମାନେ ସୂର୍ଯ୍ୟବଂଶୀ କାଶ୍ୟପ ବୋଲି ବର୍ଣ୍ଣିତ ହୋଇଛନ୍ତି । ସେମାନେ ବର୍ତ୍ତମାନ ଓଡ଼ିଶା ନିକଟବର୍ତ୍ତୀ କୋଶଳ ରାଜ୍ୟରେ ବାସକରୁଛନ୍ତି । କୋଶଳ ନିକଟବର୍ତ୍ତୀ କୋଣ୍ଡାରେ ସେମାନେ ପୂର୍ବେ ଥିଲେ ।

ଅନେକ ପ୍ରତ୍ନତତ୍ତ୍ୱବିତ୍‌ଙ୍କ ଦୃଷ୍ଟି ହାତୀଗୁମ୍ଫା ଲିପି ପ୍ରତି ଆକୃଷ୍ଟ ହେଲାଣି । ନିମ୍ନଲିଖିତ ପଣ୍ଡିତମାନେ ଏ ସମ୍ବନ୍ଧେ ଅନୁସନ୍ଧାନ କରିଛନ୍ତି ।

୧ । ପ୍ରଥମେ ଷ୍ଟର୍ଲିଂ ସାହେବ, ୧୮୩୭ ଖ୍ରୀଷ୍ଟାବ୍ଦ ।
୨ । ଜେମ୍‌ସ୍ ପ୍ରିନସେପ୍ ଓକଟୋ, ୧୮୩୭ ଖ୍ରୀଷ୍ଟାବ୍ଦ ।
୩ । ସାର୍ ଆଲେକଜାଣ୍ଡର କନିଂହାମ୍, ୧୮୩୭ ଖ୍ରୀଷ୍ଟାବ୍ଦ ।
୪ । ରାଜା ରାଜେନ୍ଦ୍ରଲାଲ ମିତ୍ର, ୧୮୮୦ ଖ୍ରୀଷ୍ଟାବ୍ଦ ।
୫ । ଡାକ୍ତର ଭଗବାନଲାଲ ଇନ୍ଦ୍ରଜୀ, ୧୮୮୫ ଖ୍ରୀଷ୍ଟାବ୍ଦ ।
୬ । ଡାକ୍ତର ଜର୍ଜ ବୁଲର, ୧୮୯୫ ଓ ୧୮୯୮ ଖ୍ରୀଷ୍ଟାବ୍ଦ ।
୭ । ପ୍ରଫେସର ଲୁଡ଼ର, ୧୯୧୦ ଖ୍ରୀଷ୍ଟାବ୍ଦ ।
୮ । ଡାକ୍ତର ଫ୍ଲିଟ୍, ୧୯୧୦ ଖ୍ରୀଷ୍ଟାବ୍ଦ ।
୯ । ଆର. ଡି. ବାନାର୍ଜୀ, ଏମ. ଏ., ୧୯୧୩ ଖ୍ରୀଷ୍ଟାବ୍ଦ ।
୧୦ । ଭି. ଏ. ସ୍ମିଥ୍, ୧୯୧୭ ଖ୍ରୀଷ୍ଟାବ୍ଦ ।
୧୧ । କେ. ପି. ଜଏସବାଲ, ୧୯୧୮ ଖ୍ରୀଷ୍ଟାବ୍ଦ ।

୧ । ବାନାର୍ଜୀ ମହାଶୟଙ୍କ ମତରେ ଖାରବେଳ ଖ୍ରୀ. ପୂ. ୧୦୩ ଅବ୍ଦରେ ସିଂହାସନାରୋହଣ କରିଥିଲେ ଏବଂ ଖ୍ରୀ: ପୂ. ୯୩ରେ ଲିପି ଖୋଦିତ ହୋଇଥିଲା ।

୨ । ଡାକ୍ତର ଫ୍ଲିଟ୍‌ଙ୍କ ମତରେ ଲିପିରେ ସମୟର ଉଲ୍ଲେଖ ନାହିଁ । ପ୍ରଫେସର୍ ଲୁଡ଼ର୍‌ଙ୍କର ମଧ୍ୟ ଏହି ମତ । ମାତ୍ର ଏମାନେ ଲିପିର ଅନ୍ୟାନ୍ୟ ବିଷୟ ଆଲୋଚନା କରି ଖ୍ରୀ. ପୂ. ୧୦୩ ସ୍ଥିର କରିଛନ୍ତି ।

୩ । ସ୍ମିଥ୍‌ଙ୍କ ମତରେ ଖାରବେଳ ଖ୍ରୀ. ପୂ. ୨୨୩ରେ ସିଂହାସନାରୋହଣ କରିଥିଲେ ।

ନାନା ତର୍କ ପରେ ବାନାର୍ଜୀ ମହାଶୟ ଏ ସମସ୍ତ ମତ ଖଣ୍ଡନ କରି ୧୭୦ ବା ୧୭୪ ଖ୍ରୀ. ପୂ. ସ୍ଥିର କରନ୍ତି । ମାତ୍ର ଜଏସବାଲଙ୍କ ମତ ଏହାଠାରୁ ଭିନ୍ନ ଏବଂ ତାହା ଉପରେ ଲେଖାଯାଇଛି । ବାନାର୍ଜୀ ମହାଶୟ ନିମ୍ନଲିଖିତ ମତେ ସମୟ ନିର୍ଦ୍ଦେଶ କରିଛନ୍ତି :—

ଖ୍ରୀଷ୍ଟପୂର୍ବ ୨୩୬ ଅଶୋକଙ୍କ ମୃତ୍ୟୁ ଓ କୁନାଲ ରାଜା ହେଲେ ।
,, ୨୨୮ ଦଶରଥଙ୍କ ସିଂହାସନାରୋହଣ ।
,, ୨୨୦ ସମ୍ପ୍ରତି ରାଜା ହେଲେ ।
,, ୨୧୧ ଶାଲିଶୁକ ।
,, ୨୧୦ ସୋମଧର୍ମଣ କଳିଙ୍ଗରେ ଚେତ ରାଜବଂଶ ପ୍ରତିଷ୍ଠିତ ।
,, ୧୯୮ ଖାରବେଲଙ୍କ ଜନ୍ମ ।
,, ୧୯୫ ଭୃଦ୍ରଥ ।
,, ୧୮୮ ଭୃଦ୍ରଥ ମଲେ, ପୁଷ୍ୟମିତ୍ର ଶୁଙ୍ଗ ସିଂହାସନାରୋହଣ କଲେ ।
,, ୧୮୩ ଖାରବେଲ ଯୁବରାଜ ।
,, ୧୭୪ ଖାରବେଲଙ୍କ ରାଜ୍ୟାଭିଷେକ ।
,, ୧୭୩ ତୋଫାନଦ୍ୱାରା କଳିଙ୍ଗ ଧ୍ୱଂସ, ଖାରବେଲ ଜୀର୍ଣ୍ଣୋଦ୍ଧାର କଲେ ।
,, ୧୭୨ ସାତକର୍ଣ୍ଣୀଙ୍କ ବିରୁଦ୍ଧେ ଯୁଦ୍ଧଯାତ୍ରା, ମୂଷିକ ଅଧିକାର ।
,, ୧୭୧ କଳିଙ୍ଗରେ ଭୋଜି ।
,, ୧୭୧ ଖାରବେଲ ବୌଦ୍ଧମାନଙ୍କଠାରୁ ଅନୁମତି ପାଇଲେ, ରାଷ୍ଟ୍ରିକ ଓ ଭୋଜକ ।
,, ୧୬୯ କଳିଙ୍ଗ ପର୍ଯ୍ୟନ୍ତ ନାଳ ଖୋଲାଇଥିଲେ ।
,, ୧୬୬ ଉତ୍ତରଭାରତାକ୍ରମଣ, ବାରବର ବା ଗୋରଥଗିରି ଯୁଦ୍ଧ ।
,, ୧୬୫ ମହାବିଜୟ ମନ୍ଦିର ନିର୍ମାଣ ।
,, ୧୬୪ ଭାରତାକ୍ରମଣ, ଜୈନ ପୂଜା ।
,, ୧୬୩ ମିନେଣ୍ଡରଙ୍କ ଭାରତାକ୍ରମଣ ।
,, ୧୬୨ ଚତୁର୍ଥ ଭାରତାକ୍ରମଣ, ମଗଧ ଅଧିକାର ।
,, ୧୬୧ ମୌର୍ଯ୍ୟକାଳର ୧୬୪ ବର୍ଷ ଗତ ଏବଂ ୧୬୫ ଚଳିତ କୁମାରୀ ପର୍ବତ ବା ଉଦୟଗିରି ଉପରେ ସ୍ତମ୍ଭ ନିର୍ମାଣ ।
,, ୧୫୮ ପୁଷ୍ୟମିତ୍ରଙ୍କ ମୃତ୍ୟୁ ।

ଗୟା ଜିଲାର ଉତ୍ତରାଂଶରେ "ଗୋରଥଗିରି" । ପୁରାଣ ଅନୁସାରେ ପୁଷ୍ୟମିତ୍ର ୩୬ ବର୍ଷ ରାଜତ୍ୱ କରିଥିଲେ; କିନ୍ତୁ ସ୍ମିଥ୍‌ଙ୍କ ମତରେ ପୁଷ୍ୟମିତ୍ର ୧୮୫ ଖ୍ରୀ. ପୂ. ଅବ୍ଦରେ

ଶେଷ ମୌର୍ଯ୍ୟ ରାଜା ବୃହଦ୍ରଥଙ୍କୁ ସିଂହାସନରୁ ବିତାଡ଼ିତ କରିଥିଲେ । ସୁତରାଂ ପୁଷ୍ୟମିତ୍ର ୧୮୫ ଠାରୁ ୧୪୯ ଖ୍ରୀ. ପୂ. ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ କିମ୍ବା ୧୮୮ ଠାରୁ ୧୫୨ ପର୍ଯ୍ୟନ୍ତ । ବୈକୁଣ୍ଠ ଗୁମ୍ଫାରେ "କଳିଙ୍ଗାଧିପ···କାଦେବ ଶ୍ରୀ" ଓ "କୁମାର ବଦୁଖ" ନାମ ମିଳେ ।

ଉତ୍କଳର କେଉଁଠି କି ମହାମୂଲ୍ୟବାନ୍ ଇତିହାସ ନିହିତ ଅଛି ତାହା ଜାଣିବା ଦୁସ୍ତର । ଅବଶ୍ୟ ଉତ୍କଳୀୟ ଭାଇମାନେ ଆପଣା ଘର ଖୋଜିବାକୁ ନାହିଁ, ମାତ୍ର ଅନୁସନ୍ଧିତ୍ସୁ ଦୂରଦେଶାଗତ ପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତମାନେ ବହୁ ଶ୍ରମସ୍ୱୀକାରପୂର୍ବକ ଇତିହାସ ଖୋଜୁଛନ୍ତି ! ଖାରବେଳଙ୍କ ଇତିହାସ ପାଇଲେ ଉତ୍କଳ ଇତିହାସର ଗୋଟିଏ ପ୍ରଧାନ ଅଧ୍ୟାୟର ଅବରୋଧ ମୋଚନ ହେବ । କେବଳ ଓଡ଼ିଶା ଇତିହାସ ନାହିଁକି, ଭାରତ ଇତିହାସର ଅନେକଗୁଡ଼ିଏ କଥା ଉଦ୍‌ଘାଟିତ ହେବ ।

ଯେଉଁମାନେ ଉତ୍କଳର ପ୍ରତ୍ନତତ୍ତ୍ୱ ଅନୁସନ୍ଧାନ କରି ଓଡ଼ିଶାର ପ୍ରାଚୀନ ଗୌରବ କୀର୍ତ୍ତି-କାହାଣୀ ସର୍ବସାଧାରଣରେ ପ୍ରକାଶ କରୁଅଛନ୍ତି, ସେମାନଙ୍କଠାରେ ଉତ୍କଳସନ୍ତାନମାନେ ଚିରଋଣୀ । ଜଏସବାଲ ମହାଶୟ ଉତ୍କଳ ଇତିହାସର ଏ ଅଧ୍ୟାୟଟି ପ୍ରକାଶିତ କରି ଆମ୍ଭମାନଙ୍କର ଧନ୍ୟବାଦାର୍ହ ହୋଇଛନ୍ତି ।

ହାତୀଗୁମ୍ଫା ଲିପିରୁ ଜଣାଯାଏ ଯେ ଉତ୍କଳ ରାଜବଂଶ ଥରେ ଭାରତବ୍ୟାପୀ କୀର୍ତ୍ତିଲାଭ କରିଥିଲେ । ଏ ଲିପିରୁ ଉତ୍କଳର ବିଭବ, କ୍ଷମତା, ପ୍ରତାପ, ଐଶ୍ୱର୍ଯ୍ୟ, ସୀମା, ସାହସ, ସୈନ୍ୟବଳ, ରଣକୁଶଳତା, କଳାକୁଶଳତା ଏକାଧାରରେ ଜଣାପଡ଼େ ଓ ରାଜନୀତି, ଅର୍ଥନୀତି, ବଦାନ୍ୟତା, ଉଦାରତା, ଦୁଷ୍ଟଦମନ ଓ ଶିଷ୍ଟପାଳନ ପ୍ରଭୃତି ସଦ୍‌ଗୁଣାବଳୀ ପ୍ରକାଶିତ ହୁଏ ।

ବର୍ତ୍ତମାନ ଦେଖାଯାଉ, ଉତ୍କଳ ରାଜବଂଶର ଏହି "ଖାରବେଳ"ଙ୍କ ରାଜତ୍ୱ ପୂର୍ବେ ଓ ପରେ କେଉଁମାନେ ରାଜତ୍ୱ କରୁଥିଲେ ।

କୁରୁକ୍ଷେତ୍ର ମହାସମର ପରେ ଯୁଧିଷ୍ଠିରାଦିଙ୍କ ମହାଯାତ୍ରା ହେଲା । ମହାଯାତ୍ରା ପରେ ଭାରତବର୍ଷର କେନ୍ଦ୍ରୀଭୂତ ରାଜଶକ୍ତି ବିଚ୍ଛିନ୍ନ ହୋଇପଡ଼ିଲା । ପରୀକ୍ଷିତଙ୍କ ପୁତ୍ର ଜନମେଜୟ ଇନ୍ଦ୍ରପ୍ରସ୍ଥରେ ବହୁକାଳ ରାଜତ୍ୱ କରିଥିଲେ ସତ, ମାତ୍ର ସେମାନଙ୍କ ପ୍ରଭାବ ପ୍ରତିପତ୍ତି ସେପରି ବିସ୍ତୃତି ଲାଭ କରି ନଥିଲା । କ୍ରମେ କ୍ଷୁଦ୍ର କ୍ଷୁଦ୍ର ଜନପଦରେ ଅଳ୍ପଶକ୍ତିସମ୍ପନ୍ନ ରାଜାମାନେ ଶାସନଦଣ୍ଡ ପରିଚାଳନା କଲେ । ସୁତରାଂ ଅନେକ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟର ଅଭ୍ୟୁଦୟ ହେଲା । ମଗଧ, କଳିଙ୍ଗ ପ୍ରଭୃତି ରାଜ୍ୟମାନଙ୍କରେ ସ୍ୱାଧୀନ ରାଜାମାନେ ରାଜତ୍ୱ କଲେ । ମଗଧ କ୍ରମେ କ୍ଷମତାଶାଳୀ ହୋଇଉଠିଲା । ମହାପଦ୍ମ ନନ୍ଦ ମଗଧର ଅଧୀଶ୍ୱର ହେଲେ । କୁରୁକ୍ଷେତ୍ର ଯୁଦ୍ଧର ୨୭୩୦ ବର୍ଷ ପରେ ମହାପଦ୍ମ ନନ୍ଦ ବର୍ତ୍ତମାନ ଥିବାର ପ୍ରତିପନ୍ନ ହୁଏ । ନନ୍ଦବଂଶର ଉଚ୍ଛେଦ ସାଧନ ପରେ ଚନ୍ଦ୍ରଗୁପ୍ତ ମଗଧ ସିଂହାସନ ଅଧିକାର କଲେ । ଚନ୍ଦ୍ରଗୁପ୍ତଙ୍କଠାରୁ ମୌର୍ଯ୍ୟବଂଶ

ପ୍ରତିଷ୍ଠିତ ହେଲା । ଚନ୍ଦ୍ରଗୁପ୍ତଙ୍କ ମାତାଙ୍କ ନାମ ମୁରା ଥିଲା । ନନ୍ଦ ମୁରାଙ୍କୁ ବହୁତ ଅପମାନ ଦେଇଥିଲେ । ସେହି ପ୍ରତିହିଂସା ନେବାପାଇଁ ଚନ୍ଦ୍ରଗୁପ୍ତ ନନ୍ଦବଂଶର ଉଚ୍ଛେଦ ସାଧନ ପରେ ମୌର୍ଯ୍ୟବଂଶ ପ୍ରତିଷ୍ଠିତ କରିଥିଲେ ।

ମଗଧରେ ପ୍ରଥମେ ଜରାସନ୍ଧବଂଶୀୟ ରାଜାମାନଙ୍କ ମଧ୍ୟରେ ଜରାସନ୍ଧବଂଶୀୟ ନୃପତିମାନେ ପ୍ରଥମେ ରାଜତ୍ୱ କରୁଥିଲେ । ଏ ବଂଶର ୧୮ ଜଣ ରାଜାଙ୍କ ରାଜତ୍ୱ ପରେ ଶିଶୁନାକ ବା ଶିଶୁନାଗବଂଶର ୧୦ ଜଣ ରାଜା ରାଜତ୍ୱ କରିଥିଲେ । ଶିଶୁନାଗବଂଶର ଶେଷ ରାଜାଙ୍କ ପରେ ନନ୍ଦବଂଶୀୟମାନେ ରାଜତ୍ୱ କଲେ । ବିଷ୍ଣୁପୁରାଣ, ମତ୍ସ୍ୟପୁରାଣ, ବାୟୁପୁରାଣ ଓ ଶ୍ରୀମଦ୍ଭାଗବତରେ ରାଜାମାନଙ୍କ ନାମ ଓ ଶାସନକାଳର ପରିମାଣ ଲେଖାଅଛି । ସେ ସମସ୍ତ ଆଲୋଚନା କଲେ ସହଦେବପୁତ୍ର ସୋମାପିଙ୍କ ରାଜ୍ୟପ୍ରାପ୍ତିର ୩୭୪୨ ବର୍ଷ ପରେ ଚନ୍ଦ୍ରଗୁପ୍ତ ରାଜା ହେଲେ । ପାଶ୍ଚାତ୍ୟ ପଣ୍ଡିତମାନେ ତାଙ୍କର ରାଜତ୍ୱକାଳ ଖ୍ରୀ. ପୂ. ୩୨୦ ବର୍ଷ ବୋଲି ସ୍ଥିର କରିଛନ୍ତି । ଆଲେକଜାଣ୍ଡର ଚନ୍ଦ୍ରଗୁପ୍ତଙ୍କ ସମୟରେ ଭାରତାକ୍ରମଣ କରିଥିବାର ସୁନିଶ୍ଚିତ ଏବଂ ତାଙ୍କ ଆଗମନ ସମୟ ଅନେକ ପୁସ୍ତକରେ ଲେଖାଅଛି । ସୁତରାଂ ଚନ୍ଦ୍ରଗୁପ୍ତଙ୍କ ରାଜ୍ୟପ୍ରାପ୍ତି ସମୟ ଖ୍ରୀ: ପୂ: ୩୨୦ ଏବଂ ସୋମାପିଙ୍କ ରାଜ୍ୟପ୍ରାପ୍ତି ସମୟ ଖ୍ରୀ. ପୂ. ୪୦୬୨ ବର୍ଷ । ଚନ୍ଦ୍ରଗୁପ୍ତଙ୍କ ପରେ ତାଙ୍କ ପୁତ୍ର ବିମ୍ବିସାର ରାଜତ୍ୱ କଲେ ଏବଂ ତାଙ୍କ ପରେ ଅଶୋକ ବା ଅଜାତଶତ୍ରୁ ଖ୍ରୀ. ପୂ. ୨୬୯ ଠାରୁ ୨୨୨ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଅଶୋକ ବୌଦ୍ଧଧର୍ମରେ ଦୀକ୍ଷିତ ହୋଇ ଭାରତରେ ସେହି ଧର୍ମ ପ୍ରଚାର କରିଥିଲେ । ବୁଦ୍ଧଦେବ ବିମ୍ବିସାରଙ୍କ ରାଜତ୍ୱ ସମୟରେ ଜନ୍ମଗ୍ରହଣ କରିଥିଲେ ।

ଅଶୋକ ଭାରତରେ ବୌଦ୍ଧଧର୍ମ ପ୍ରଚାର କରି ବୈଦିକ ଧର୍ମର ଉଚ୍ଛେଦ ସାଧନ କରିଥିଲେ । ସେ କପଟ ଯଜ୍ଞ କରାଇ ବୈଦିକ ଶାସ୍ତ୍ରମାନ ହୋମକୁଣ୍ଡରେ ପକାଇଦେଇଥିବାର ପ୍ରବାଦ ଅଛି । ଉତ୍କଳ ଅଶୋକଙ୍କ ଧର୍ମପ୍ରଚାର ପ୍ରଭାବରୁ ରକ୍ଷା ପାଇ ନଥିଲା । ଅଶୋକଙ୍କର ଅନ୍ୟ ନାମ ପ୍ରିୟଦର୍ଶୀ ଥିଲା । ଧବଳଗିରି ବା ଧଉଳି ପାହାଡ଼ରେ ଥିବା ଅଶୋକଙ୍କ ଦଣ୍ଡାଜ୍ଞା ଏବଂ ଅଲତିଗିରିରେ ଥିବା ଖୋଦିତ ଲିପିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ଅଶୋକ ଉତ୍କଳରେ ଧର୍ମପ୍ରଚାର କରାଇଥିଲେ ଏବଂ ଉତ୍କଳରେ ତାହାଙ୍କର ଆଧିପତ୍ୟ ଥିଲା ।

ଧଉଳିଗିରିର ଦଣ୍ଡାଜ୍ଞା ଦେଖି ମନେ ହୁଏ, ଏ ସ୍ଥାନ ତେତେବେଳେ ପ୍ରକାଶ୍ୟ ସ୍ଥାନ ଥିଲା । ଲୋକମାନେ ତେତେବେଳେ ସମ୍ଭବତଃ ପାଲିଭାଷା ଜାଣୁଥିଲେ । ନଚେତ୍ ସର୍ବସାଧାରଣ ଜ୍ଞାତାର୍ଥେ ଯେଉଁ ଆଜ୍ଞାମାନ ଖୋଦିତ ହୋଇଥିଲା ତାହା ଅବୋଧ ଭାଷାରେ ବା ଗୁପ୍ତସ୍ଥାନରେ ଖୋଦିତ ହୋଇ ନ ଥିବ । ଆହୁରି ଅନୁମିତ ହୁଏ ଯେ ତେତେବେଳେ ଧଉଳି ରାଜଧାନୀର ଏକ ଅଂଶ ଥିଲା । ରାଜଧାନୀର ସୀମା ସମ୍ଭବତଃ ପୂର୍ବ-ପଶ୍ଚିମରେ ଖଣ୍ଡାଚଳଠାରୁ ଧବଳଗିରି ପର୍ଯ୍ୟନ୍ତ ବିସ୍ତୃତ ଥିଲା ।

ପୂର୍ବୋକ୍ତ ଦକ୍ଷିଣ କୋଶଳ ସମ୍ବନ୍ଧେ ଟିକିଏ ଆଲୋଚନା ଆବଶ୍ୟକ । ଅଯୋଧ୍ୟା ପୂର୍ବେ ଇକ୍ଷ୍ୱାକୁବଂଶୀୟ ରାଜାମାନଙ୍କ ରାଜଧାନୀ ଥିଲା । ଶ୍ରୀରାମଚନ୍ଦ୍ର ଏହି ରାଜସିଂହାସନ ଅଳଂକୃତ କରିଥିଲେ । ଶ୍ରୀରାମଚନ୍ଦ୍ରଙ୍କର ଲବ ଓ କୁଶ ନାମକ ଦୁଇଟି ପୁତ୍ର ଥିଲେ । ଶ୍ରୀରାମଚନ୍ଦ୍ରଙ୍କ ପରେ ରାଜ୍ୟ ଦୁଇ ଭାଗରେ ବିଭକ୍ତ ହେଲା । କୁଶଙ୍କ ଭାଗରେ ପଡ଼ିଥିବା ଅର୍ଦ୍ଧେକ ରାଜ୍ୟର ନାମ କୋଶଳ ଏବଂ ଲବଙ୍କ ଭାଗରେ ପଡ଼ିଥିବା ଅର୍ଦ୍ଧେକ ରାଜ୍ୟର ନାମ 'ଉତ୍ତର କୋଶଳ' । ରାମାୟଣରୁ ଆଭାସ ମିଳେ ଯେ କୁଶ କୁଶାବତୀ ନଗରରେ ରାଜଧାନୀ ସ୍ଥାପନକରି ଦକ୍ଷିଣକୋଶଳ ରାଜ୍ୟ ଅଧିକାର କଲେ । ରାମାୟଣରେ ସ୍ପଷ୍ଟଭାବରେ 'ଦକ୍ଷିଣକୋଶଳ' ନାମ ଉଲ୍ଲେଖ ନାହିଁ ସତ; ମାତ୍ର ମହାଭାରତରେ ଉତ୍ତର-କୋଶଳ ନାମୋଲ୍ଲେଖ ଅଛି । ଦକ୍ଷିଣକୋଶଳ ନ ଥିଲେ ଉତ୍ତରକୋଶଳ ନାମ ହୁଅନ୍ତା କାହିଁକି ? ସୁତରାଂ ସେତେବେଳେ ଦକ୍ଷିଣ କୋଶଳ ରାଜ୍ୟ ବିଦ୍ୟମାନ ଥିବା ସୁନିଶ୍ଚିତ । ରଘୁବଂଶରେ କାଳିଦାସ ମହାଶୟ "ଉତ୍ତରକୋଶଳେନ୍ଦ୍ରାଃ" ବୋଲି ଲେଖିଅଛନ୍ତି । ଏଥିରୁ ପ୍ରମାଣିତ ହୁଏ ଯେ ଦକ୍ଷିଣକୋଶଳ ଥିଲା । ବିଷ୍ଣୁପୁରାଣ ଓ ବାୟୁପୁରାଣରୁ ଜଣାଯାଏ ଯେ ଗୁପ୍ତବଂଶୀୟମାନେ ଉତ୍ତରକୋଶଳରେ ଏବଂ ଗୁହରାଜବଂଶ ଦକ୍ଷିଣକୋଶଳରେ ରାଜତ୍ୱ କରୁଥିଲେ । ହୁଏନ୍‌ସାଂଙ୍କ ଭ୍ରମଣବୃତ୍ତାନ୍ତରୁ ଜଣାଯାଏ ଯେ କୋଶଳ ରାଜ୍ୟର ଉତ୍ତରରେ ଉଜ୍ଜୟିନୀ । ଦକ୍ଷିଣରେ ଆନ୍ଧ୍ର ଓ କଳିଙ୍ଗ, ପୂର୍ବରେ ଓଡ଼ିଶା ଏବଂ ପଶ୍ଚିମରେ ମହାରାଷ୍ଟ୍ର ଦେଶ । ସୁତରାଂ ଦକ୍ଷିଣକୋଶଳ ଯେ ଉତ୍କଳ ସୀମାର ପଶ୍ଚିମ ଦିଗରେ ଅବସ୍ଥିତ, ଏହା ସୁନିଶ୍ଚିତ । "ମହାନଦୀତୀର ସଦା ପବିତ୍ର ପ୍ରଦେଶ କୋଶାଳସ୍ଥ ମର୍ତ୍ତ୍ୟଲୋକେ ।" କାଳକ୍ରମେ ଦକ୍ଷିଣକୋଶଳର ଦକ୍ଷିଣ ସୀମାନ୍ତ ଦେଶ ଉତ୍କଳର ଅନ୍ତର୍ଗତ ହୋଇପଡ଼ିଥିବାର ଜଣାଯାଏ । ପୃଥିବୀ ଇତିହାସ ଲେଖକ କହନ୍ତି, ଗୁପ୍ତରାଜାମାନଙ୍କ ଶାସନ ସମୟରେ ଦକ୍ଷିଣ କୋଶଳ ମହାକୋଶଳ ନାମରେ ଅଭିହିତ ହେଉଥିଲା ଏବଂ ଭବଗୁପ୍ତଙ୍କ ରାଜତ୍ୱ ସମୟରେ ମହାକୋଶଳ ଉତ୍କଳ ଦେଶର ଅନ୍ତର୍ଗତ ଥିଲା ।

ଉତ୍ତର-କଳିଙ୍ଗ ଯେ ଉତ୍କଳ ଏଥିରେ କିଛି ସନ୍ଦେହ ନାହିଁ । ଏହାର ଆଲୋଚନା ପୂର୍ବେ କରାଯାଇଛି ।

ବିଷ୍ଣୁପୁରାଣର ଚତୁର୍ଥାଂଶ ଚତୁର୍ବିଂଶ ଅଧ୍ୟାୟରେ ଅନ୍ଧ୍ରବଂଶୀୟ ରାଜାମାନଙ୍କ ପରେ ଅନେକଗୁଡ଼ିଏ ଭବିଷ୍ୟ ରାଜବଂଶର ପରିଚୟ ମିଳେ । ଆଭୀରବଂଶର ୭ ଜଣ ରାଜା, ଗର୍ଦ୍ଦଭିଲବଂଶର ୧୦ ଜଣ ରାଜା, ୧୬ ଜଣ ରାଜା ଶକବଂଶୀୟ, ୮ ଜଣ ଯବନବଂଶୀୟ, ୧୪ ତୁଖାର, ୧୩ ମୁଣ୍ଡ, ୧୧ ମୌନ ଯଥାକ୍ରମେ ୧୩୯୯ ବର୍ଷ ରାଜତ୍ୱ କରିବେ, ଅନନ୍ତର ପୌରବବଂଶୀୟ ୧୧ ଜଣ ୩୦୦ ବର୍ଷ ରାଜତ୍ୱ କରିବେ । ମେକଲ ଦେଶଜାତ ୭ ଜଣ ଓ ୯ ଜଣ କୋଶଳରେ ଯଥାକ୍ରମେ ରାଜତ୍ୱ କରିବେ । ଏହିପରି ଅନେକ ରାଜବଂଶର ନାମୋଲ୍ଲେଖ ଅଛି ।

ଖାରବେଳ କେତେ ବର୍ଷ ରାଜତ୍ୱ କରିଥିଲେ ସେକଥା ଲିପିରୁ ଜଣାଯାଉ ନାହିଁ । ଆମ୍ଭେ ଭୁବନେଶ୍ୱରରେ ଖଣ୍ଡିଏ ପୋଥିରୁ କେତେକ ବିଷୟ ପାଇଥିଲୁଁ । ସେଥିରୁ ଜଣାଯାଏ ଯେ ଜନ୍ମେଜୟ ଐରବଂଶର ଶେଷ ରାଜାଙ୍କୁ ପରାସ୍ତ କରି ଉତ୍କଳର ରାଜା ହେଲେ । ସେ ଯୁଧିଷ୍ଠିରଙ୍କ ୩୦୦୦ ଅବ୍ଦରେ ରାଜା ହୋଇଥିଲେ । ଯୁଧିଷ୍ଠିରଙ୍କ ୩୦୦୦ ଅବ୍ଦ ହେଲେ ଖ୍ରୀଷ୍ଟପୂର୍ବ ୮୯ରେ ଜନ୍ମେଜୟ ରାଜା ହୋଇଥିବାର ଜଣାଯାଏ ।

ବ୍ରହ୍ମେଶ୍ୱର ଦେଉଳରେ ଯେଉଁ ଖୋଦିତ ଲିପି ଅଛି ତାହା ପୂର୍ବେ 'ମୁକୁର'ରେ ପ୍ରକାଶିତ ହୋଇଥିଲା । ସେଥିରୁ ଜଣାଯାଏ ଯେ ଜନ୍ମେଜୟ ଚନ୍ଦ୍ରବଂଶୀୟ ରାଜା ଥିଲେ । ଉକ୍ତ ଲିପିରୁ ନିମ୍ନଲିଖିତ ବଂଶାବଳୀର ପରିଚୟ ମିଳେ ।

ଜନ୍ମେଜୟ
|
ଦୀର୍ଘକର
|
ଅପବାର ( ଏ ନିରଂଶ ହେଲେ )

ଅପବାର ନିରଂଶ ହେବାରୁ ଜନ୍ମେଜୟଙ୍କ ଅନ୍ୟ ଏକ ପୁତ୍ର ଚଣ୍ଡୀହର ରାଜା ହେଲେ । ଚଣ୍ଡୀହରଙ୍କ ସ୍ତ୍ରୀ କୋଲାବତୀ ରାଣୀ ଏବଂ ପୁତ୍ର ଉଦ୍ୟୋତକେଶରୀ । 'କୋଲାବତୀ ରାଣୀ ବ୍ରହ୍ମେଶ୍ୱରଙ୍କ ମନ୍ଦିର ନିର୍ମାଣ କରାଇଥିଲେ । ଏ ଲିପିର ସମୟ ୧୮ ସମ୍ବତ୍ ଅଥବା ୩୯ ଖ୍ରୀ: ପୂ: । ଏ ଭୂଭାବ ଦେଖି ମନେ ହୁଏ ଜନ୍ମେଜୟ ୮୯ ଖ୍ରୀ: ପୂ: ରେ ସିଂହାସନାରୋହଣ କରିଥିବା ଅସମ୍ଭବ ନୁହେ । ସୁତରାଂ କେଶରୀବଂଶ ରାଜତ୍ୱ ୮୯ ଖ୍ରୀ:ପୂ:ରୁ ଧରିବାକୁ ହେବ ।

ଖାରବେଳଙ୍କ ସିଂହାସନାରୋହଣ ସମୟ ୧୭୪ ଖ୍ରୀ: ପୂ: ଏବଂ ଜନ୍ମ ୧୯୮ ଖ୍ରୀ: ପୂ: । ସୁତରାଂ ଖାରବେଳଙ୍କ ବଂଶଧରମାନେ ୮୯ ଖ୍ରୀ: ପୂ: ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ଅର୍ଥାତ୍ ୧୦୦ ବର୍ଷ ।

ଐରବଂଶରେ ୯ ଜଣ ରାଜା ରାଜତ୍ୱ କରିଥିଲେ । ଶେଷ ରାଜା କରବୀର ଐର ବଡ ମୂର୍ଖ ଥିଲେ । ଜନ୍ମେଜୟ ଏହାଙ୍କୁ ପରାଜିତ କରିଥିଲେ ।

ଐରମାନଙ୍କ ପୂର୍ବେ ଭଞ୍ଜବଂଶୀୟ ରାଜାମାନେ ରାଜତ୍ୱ କରୁଥିବାର କଥିତ ହୁଏ । ମହେନ୍ଦ୍ର ଭଞ୍ଜ ଏହି ବଂଶର ଆଦିରାଜା, ଏବଂ ସେ ଉତ୍କଳରେ ୩୨ ବର୍ଷ ରାଜତ୍ୱ କରିଥିଲେ । ଭଞ୍ଜବଂଶ ୫୦୦ ବର୍ଷ ରାଜତ୍ୱ କରିଥିବାର କଥିତ ହୁଏ ।

ଭଞ୍ଜବଂଶ ପରେ କୁଣ୍ଡଧ୍ୱଜବଂଶୀୟମାନେ ରାଜତ୍ୱ କରିଥିବାର କଥିତ ହୁଏ । ଶଙ୍କରଧ୍ୱଜ ଏ ବଂଶର ଏକ ଜଣ ରାଜା । ସେ ରାମେଶ୍ୱର ପର୍ଯ୍ୟନ୍ତ ଜୟ କରିଥିବାର କଥିତ ହୁଏ ।

ସୂର୍ଯ୍ୟଧ୍ୱଜ ରାଜତ୍ୱ କରୁଥିବା ବେଳେ ଗାଲମାଧବ ନୀଳାଚଳକୁ ଆଗମନ କରିଥିଲେ ଏବଂ ମକରଧ୍ୱଜଙ୍କ ଅମଳରେ ଇନ୍ଦ୍ରଦ୍ୟୁମ୍ନ ମହାରାଜା ପୁରୁଷୋତ୍ତମକୁ ଆସିଥିଲେ ବୋଲି ଜଣାଯାଏ । ଧ୍ୱଜବଂଶୀୟମାନେ ଖୃଷ୍ଟପୂର୍ବ ୨୦୦୦ ବର୍ଷ ପର୍ଯ୍ୟନ୍ତ ଅର୍ଥାତ୍ ୧୦୮୧ ଖ୍ରୀ: ପୂ: ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ।

ଖାରବେଳଙ୍କ ଅମଳରେ ଜୈନଧର୍ମ ଉତ୍କଳରେ ପ୍ରଚଳିତ ଥିବାର ହାତୀଗୁମ୍ଫା ଲିପିରୁ ଜଣାଯାଏ । ଜୈନଧର୍ମ କ୍ରମେ ସମ୍ଭବତଃ ବୃଦ୍ଧିପ୍ରାପ୍ତ ହେବାରୁ ଓଡ଼ିଶାରେ ହିନ୍ଦୁଧର୍ମ ଖର୍ବତାପ୍ରାପ୍ତ ହୋଇଥିଲା । ଜନ୍ମେଜୟ ହିନ୍ଦୁଧର୍ମ-ବିରୋଧୀ ଐରବଂଶୀୟମାନଙ୍କୁ ପରାସ୍ତ କରି ହିନ୍ଦୁଧର୍ମର ଉନ୍ନତିକଳ୍ପେ ମୀନାକ୍ଷୀ ଦୁର୍ଗାମୂର୍ତ୍ତି ଚଣ୍ଡଗିରି ପାହାଡ଼ ଉପରେ ସ୍ଥାପିତ କରିଥିଲେ । ଏ ମୂର୍ତ୍ତି ବର୍ତ୍ତମାନ ପର୍ଯ୍ୟନ୍ତ ଏ ସ୍ଥାନରେ ବିରାଜିତ ଅଛନ୍ତି । କିମ୍ବଦନ୍ତୀ ଅଛି ଯେ—ଜନ୍ମେଜୟ ହିନ୍ଦୁଧର୍ମ ପୁନଃ ପ୍ରଚଳିତ କରାଇବା ପରେ ଦେବତାମାନେ ସନ୍ତୁଷ୍ଟ ହୋଇ ଖଣ୍ଡାଚଳଠାରେ ଏକ ସଭା କରିଥିଲେ ଏବଂ ଖଣ୍ଡାଚଳରେ ବର୍ତ୍ତମାନ ପର୍ଯ୍ୟନ୍ତ ଦେବସଭା ନାମକ ସ୍ଥାନ ବିରାଜିତ ଅଛି । ଦେବସଭା ନିକଟରେ ଗୁପ୍ତଗଙ୍ଗାଙ୍କର ଆବିର୍ଭାବ ହୋଇଥିବା କିମ୍ବଦନ୍ତୀ ଅଛି । ଗୁପ୍ତଗଙ୍ଗା ନାମକ ସ୍ଥାନ ଖଣ୍ଡାଚଳରେ ଅଛି । ମକର ସଂକ୍ରାନ୍ତି ଦିନଠାରୁ ୭ ଦିନ ଏଠାରେ ବହୁଲୋକର ମେଳା ହୁଏ । ଦେବସଭା ବେଳେ ଏଠାରେ ସାତ ଦିନ ପର୍ଯ୍ୟନ୍ତ ଯଜ୍ଞ ହୋଇଥିଲା । ଏହି ଉଦ୍ଦେଶ୍ୟରେ ଏଠାରେ ସାତଦିନ ପର୍ଯ୍ୟନ୍ତ ଆଜି ସୁଦ୍ଧା ମେଳା ହେଉଛି ।

ଉଦ୍ୟୋତକେଶରୀଙ୍କ ପରେ କିଏ ରାଜା ହେଲେ ଏ କଥା ନିଷ୍ପତ୍ତି କରିହୋଇ ନ ପାରେ । ମାଦଳାପାଞ୍ଜିରୁ ଜଣାଯାଏ ଯେ ବସୁକଳ୍ପ କେଶରୀ ମହେଶ ଅବତାର ଥିଲେ ଏବଂ ତାଙ୍କ ରାଣୀ କୋଲାବତୀ ପାଟମହାଦେଇ ଏକାମ୍ରବନ ବିଷ୍ଣୁ କ୍ଷେତ୍ରରେ କୃତ୍ତିବାସ ଭୁବନେଶ୍ୱରଙ୍କ ଦେଉଳ ବୈତମ ହୋଇଯାଇଥିବାରୁ ଦେଉଳ ଭାଙ୍ଗି ଶିଳ୍ପଶାସ୍ତ୍ରାନୁସାରେ କୈଳାସ ତୁଲ୍ୟ ଦେଉଳ ତୋଳାଇଥିଲେ । ଏ ବ୭୭।୬।୧୯ ରାଜତ୍ୱ କରିଥିବାର ମାଦଳାପାଞ୍ଜିରେ ଉଲ୍ଲେଖ ଅଛି । ମାଦଳାପାଞ୍ଜିରେ ଦେଉଳର ଯେପରି ବର୍ଣ୍ଣନା ଲେଖାଅଛି ବ୍ରହ୍ମେଶ୍ୱର ଲିପି ସହିତ ତାହା ମେଳ ହେଉଛି କି ନା ଦେଖନ୍ତୁ ।

ଶ୍ରୀମତ୍ ବ୍ରହ୍ମେଶ୍ୱରସ୍ୟ ପ୍ରଣତ ମଳହୃତଃ ସ୍ପର୍ଶତୋ ମୁକ୍ତି ଯସ୍ୟ-
ପ୍ରାସାଦାଂଭ୍ରଙ୍କପାରସ୍ଫୁରଣ ଥରସ୍ୟ ବ୍ୟାହତ ସ୍ଥାଣୁକଳ୍ପ ।
ଏକାମ୍ରେ ସିଦ୍ଧତୀର୍ଥେ ଚତୁର ମରକୁଳୀ ଗୃହଶାଳା ସମେତଃ
କୋଲାବତ୍ୟା ତପ୍ୟୈଷଃ କ୍ଷିତ ମୁକୁଟ ଚଉଃ କାରତଃ କୀର୍ତ୍ତିରାଜଃ ।

ଜନ୍ମେଜୟ ଐରବଂଶୀୟମାନଙ୍କୁ ପରାସ୍ତ କରିଥିବା ବିଷୟ ଏ ଲିପି ମଧ୍ୟରୁ ଆଭାସ ମିଳେ । ଐରବଂଶୀୟମାନେ ହିନ୍ଦୁଧର୍ମର ବିପକ୍ଷ ଥିଲେ । ସୁତରାଂ ହିନ୍ଦୁମାନେ ସେମାନଙ୍କୁ ଶତ୍ରୁ ବୋଲି ମନେ କରୁଥିଲେ । ବ୍ରହ୍ମେଶ୍ୱର ଲିପିରୁ ଜନ୍ମେଜୟ "ରିପୁହା" ଥିବାର

ଜଣାଯାଏ । ସୁତରାଂ ବିଶ୍ୱାସ ହୁଏ ସେ ଜୈନମାନଙ୍କୁ ଓଡ଼ିଶାରୁ ତଡ଼ିଦେଇଥିଲେ । ଜନ୍ମେଜୟ ଚନ୍ଦ୍ରବଂଶୀୟ ରାଜା ଥିଲେ । ତାଙ୍କର ଅତୁଳ ଶୁଭ୍ର କୀର୍ତ୍ତି ଥିଲା ।

ସେ ବିଶ୍ୱମ୍ଭର୍‌ବଲ୍ଲଭ ଥିଲେ, ସେ ଇନ୍ଦୁପ୍ରଭା ଥିଲେ, ତାଙ୍କର ଐଶ୍ୱର୍ଯ୍ୟ ଲଙ୍କାଧିପଙ୍କ ତୁଲ୍ୟ ଥିଲା, ସେ ବହୁତ ପ୍ରକାର ଯୁଦ୍ଧ କରି ଅଙ୍ଗଦେଶ ରାଜଲକ୍ଷ୍ମୀଙ୍କି ଆପଣା କରଗତ କରିଥିଲେ । ସେ ତ୍ୟାଗୀ ଓ ମହାଧାର୍ମିକ ଥିଲେ । ସେ ଯଯାତିଙ୍କ ପରି ମେଦିନୀମଣ୍ଡନ ଥିଲେ ।

ଅଙ୍ଗଦେଶ କେଉଁଠି ? ମହାଭାରତରୁ ଜଣାଯାଏ ଅଙ୍ଗଦେଶ ଏକସମୟରେ କୁନ୍ତୀପୁତ୍ର କର୍ଣ୍ଣଙ୍କ ରାଜ୍ୟ ଥିଲା । ବିଷ୍ଣୁପୁରାଣରୁ ଜଣାଯାଏ ସ୍ୱାୟମ୍ଭୁବ ମନୁଙ୍କ ପୁତ୍ର ଉତ୍ତାନ-ପାଦଙ୍କ ଅଧସ୍ତନ ସପ୍ତମପୁରୁଷରେ ଅଙ୍ଗ ଜନ୍ମଗ୍ରହଣ କରିଥିଲେ ଏବଂ ତାଙ୍କ ନାମାନୁସାରେ ତାଙ୍କ ଅଧିକୃତ ଦେଶ ନାମିତ ହୋଇଥିଲା । ପୁଣି ପ୍ରମାଣ ମିଳେ ଯେ ବଳିଙ୍କ ପୁତ୍ର ଅଙ୍ଗ ଥିଲେ । ରାମାୟଣରୁ ଜଣାଯାଏ ଦଶରଥଙ୍କ ମିତ୍ର ଲୋମପାଦ ବା ରୋମପାଦ ଅଙ୍ଗଦେଶରେ ରାଜତ୍ୱ କରୁଥିଲେ । 'ଶକ୍ତିସଙ୍ଗମ-ତନ୍ତ୍ର' ନାମକ ପୁସ୍ତକରେ ଅଙ୍ଗଦେଶର ସୀମା ନିର୍ଦ୍ଦିଷ୍ଟ ଥିବାର ଦେଖାଯାଏ ।

ବୈଦ୍ୟନାଥଂ ସମାରଭ୍ୟ ଭୁବନେଶାନ୍ତଗଂ ଶିବେ ।
ତାବଦଙ୍ଗାଭିଧୋ ଦେଶୋ ଯାତ୍ରାୟାଂ ନହି ଦୁଷ୍ୟତେ ।

ଅର୍ଥାତ୍ ବୈଦ୍ୟନାଥଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଅଙ୍ଗଦେଶ ବିସ୍ତୃତ ଥିଲା । ଏହି ଦେଶର ରାଜଲକ୍ଷ୍ମୀଙ୍କି ଜନ୍ମେଜୟ ଆୟତ୍ତାଧୀନ କରିଥିଲେ । ଜନ୍ମେଜୟଙ୍କର ଏହି ପରିଚୟ ପାଇବା ପରେ ଆମ୍ଭମାନଙ୍କୁ ଆଲୋଚନା କରିବାକୁ ହେବ ଯେ ବଯୁକଲ୍ଟ କେଶରୀ ଓ ଉଦ୍ୟୋତକେଶରୀ ଏକ ଲୋକ ବା ବିଭିନ୍ନ ଲୋକ । ମାଦଳାପାଞ୍ଜିର ବର୍ଣ୍ଣିତ ବିଷୟ ଓ ଖୋଦିତ ଲିପିର ବର୍ଣ୍ଣିତ ବିଷୟ ପ୍ରତି ଦୃଷ୍ଟି ଦେଲେ ଜଣାଯାଏ ଏମାନେ ଏକ ବ୍ୟକ୍ତି; ମାତ୍ର ନାମ ଭିନ୍ନ ଥିଲା । ହଣ୍ଟର ସାହେବ ତାଙ୍କ ତାଲିକାରେ ବଯୁକଲ୍ଟଙ୍କ ନାମ ଦେଇନାହାନ୍ତି । ମାଦଳାପାଞ୍ଜିରେ ଥିବା କେଶରୀବଂଶର ଆହୁରି ଅନେକଗୁଡ଼ିଏ ରାଜାଙ୍କ ନାମ ହଣ୍ଟରଙ୍କ ତାଲିକାରେ ସ୍ଥାନ ପାଇ ନାହିଁ । ଦୃଷ୍ଟାନ୍ତ ସ୍ୱରୂପ ଦେଉଛୁ—ଈଶ୍ୱର, ଇନ୍ଦ୍ରରଥ, ପ୍ରତାପ, କପିଳ, ପୁରନ୍ଦର, ଚମ୍ପକ, ଶ୍ରୀକଣ୍ଠ, ପଦ୍ମକେଶରୀ, ଶରଣଙ୍କ, ଲକ୍ଷ୍ମୀ, ଶିଶୁପାଳ, ସିଂହକେଶରୀ । ମାଦଳାପାଞ୍ଜିରେ କେବଳ ଏମାନଙ୍କ ନାମ ନାହିଁ, ସେମାନଙ୍କ ଅମଳର ପ୍ରଧାନ କୀର୍ତ୍ତି ବିଷୟ ମଧ୍ୟ ଉଲ୍ଲେଖ ଅଛି । ଇନ୍ଦ୍ରରଥ କେଶରୀ ଚନ୍ଦ୍ରମଧେୟ ଗଡ ବା କଟକ କରାଇଥିଲେ ଏବଂ ଉକ୍ତ କଟକ ପରଗଣ ଦଣ୍ଡପାଟ ମଧ୍ୟରେ ଥିଲା । ପୁରନ୍ଦର କେଶରୀ କୋଣାର୍କ ବା ଅର୍କକ୍ଷେତ୍ର-ଠାରେ କୋଣାର୍କ ଦେବଙ୍କ ନିମିତ୍ତ ଦେଉଳ ନିର୍ମାଣ କରାଇ ଅଠ ଶାସନ ବସାଇଥିଲେ ।

ଶରଣଙ୍କ କେଶରୀ ଶରଣଙ୍କ ପୁଷ୍କରିଣୀ ଖୋଳାଇଥିଲେ । ଲକ୍ଷ୍ମୀ କେଶରୀ ଏହି ନାମରେ ପୁଷ୍କରିଣୀ ଖୋଳାଇଥିଲେ । ଶିଶୁପାଳ କେଶରୀ ପରଗଣ ଦଣ୍ଡପାଟରେ ଶିଶୁପାଳ ନାମକ ଗଡ଼ ବାନ୍ଧି କଟକ କରାଇଥିଲେ ।

କେଶରୀବଂଶୀୟ ରାଜାମାନେ ମହେଶଭକ୍ତ ଥିଲେ ଏବଂ ସେମାନଙ୍କ ଅମଳରେ ଭୁବନେଶ୍ୱର ରାଜଧାନୀ ଥିଲା । ଶିଶୁପାଳ ଓ ଇନ୍ଦ୍ରରଥ ଗ୍ରାମ ଓ ଲକ୍ଷ୍ମୀସାଗର ପ୍ରଭୃତି ଭୁବନେଶ୍ୱରଠାରୁ ଅତି ନିକଟରେ । ଶିଶୁପାଳଗଡ଼ ଥିବାର ବର୍ତ୍ତମାନ ସ୍ପଷ୍ଟ ପ୍ରମାଣିତ ହେଉଛି ଏବଂ ଗଡ଼ର ଚିହ୍ନ ଓ ଭଗ୍ନାବଶେଷ ବର୍ତ୍ତମାନ ଦେଖାଯାଏ । ଲକ୍ଷ୍ମୀସାଗର ପୁଷ୍କରଣୀ ଭୁବନେଶ୍ୱରଠାରୁ ଅତି ନିକଟ । ଏ ସମସ୍ତ ପ୍ରମାଣ ସତ୍ତ୍ୱେ କିପରି କହିବା ଯେ ଉପରୋକ୍ତ ନାମଧେୟ ରାଜାମାନେ କେଶରୀବଂଶୀୟ ନଥିଲେ ?

ସୋମବଂଶୀୟ ରାଜାମାନଙ୍କ ନାମ ଯେଉଁଠାରେ ମାଦଳାପାଞ୍ଜିରେ ଅଛି ସେଠାରେ ଆଉ ଅନେକଗୁଡ଼ିଏ ନାମ ଅଛି, ଯାହାକି ହଣ୍ଟରଙ୍କ ତାଲିକାରେ ନାହିଁ । ଯଥା—ମଧୁମାଳତୀ ଦେବ, ଗାଙ୍ଗବ ଦେବ, ଗରୁଡ଼ ଦେବ, ଲୋକନାଥ ଦେବ, ଚଣ୍ଡୀହର ଦେବ, ମନୁମତି ଦେବ, ସୂର୍ଯ୍ୟଦେବ, ଧନୁର୍ଦ୍ଧର ଦେବ, ଲକ୍ଷ୍ମଣେଶ୍ୱର ଦେବ, ଦନୁଜ ମାଧବ ଦେବ ଓ ଲଭଷେଣ ଦେବ ।

ଏହି ଯେ ଚଣ୍ଡୀହର ଦେବଙ୍କ ନାମ ଏଠାରେ ଦେଖାଯାଏ, ଏ ସେହି ବ୍ରହ୍ମେଶ୍ୱର ଲିପିରେ ଥିବା ଚଣ୍ଡୀହର ନୁହନ୍ତି କି ? ଉଦ୍ୟୋତକେଶରୀଙ୍କ ସମୟରୁ କେଶରୀ ଉପାଧି ସୃଷ୍ଟି ହୋଇଥିବାର ଜଣାଯାଏ ।

ସୂର୍ଯ୍ୟଚନ୍ଦ୍ରସମୋଃ ସମୈର୍ନିଜକ ରୈରୁର୍ଦ୍ଧିପଯ୍ୟନ୍ ରୋଦସୀ ପୂର୍ବାଦ୍ରିଃ ସବତେବ ସନୁରୁଦଚ ଦୁଦ୍ୟୋତନଃ କେଶରୀ ।

ବାଳକ୍ରୀଡ଼ାଭିରେକ ପ୍ରତଭଟ ମଖିଳଂ ସିଂହଳଞ୍ଚୌଡ଼ ଗୌଡ଼ୌ ଯୁକ୍ତେ ସନ୍ନଦବଯ୍ୟୋ-ଧଦ୍‌ବରଦବଲଘଟ ଶଙ୍କରଂ ଯୋ ବିଜିତ୍ୟ । ( ବ୍ରହ୍ମେଶ୍ୱର ଲିପି )

ଏହାଙ୍କ ପୂର୍ବ ରାଜାଙ୍କ ନାମ ବର୍ଣ୍ଣନା ସ୍ଥଳେ 'କେଶରୀ' ବୋଲି ଲେଖା ନାହିଁ । ସୁତରାଂ ଅନୁମିତ ହୁଏ 'ଉଦ୍ୟୋତକ'ଙ୍କ ଅମଳରୁ କେଶରୀ ଉପାଧି ସୃଷ୍ଟି ହେଲା । ଉପରେ ଯେଉଁ 'ଚଣ୍ଡୀହର'ଙ୍କ ନାମ ଉଲ୍ଲେଖ ଅଛି, ସେ ଖୋଦିତ ଲିପିର ଚଣ୍ଡୀହର ନ ହେବେ କାହିଁକି ? ମହେନ୍ଦ୍ର ଦେବଙ୍କ ନାମ ସୋମବଂଶୀୟ ରାଜାଙ୍କ ନାମ ମଧ୍ୟରେ ଦେଖାଯାଏ । ସେ ଭଞ୍ଜବଂଶର ମହେନ୍ଦ୍ର ଭଞ୍ଜ ମଧ୍ୟ ହୋଇପାରନ୍ତି ।

ଏଥିରୁ ଜଣାଯାଏ ସୋମବଂଶ ଓ କେଶରୀବଂଶୀୟ ରାଜାମାନଙ୍କର ସମୟ ଠିକ୍‌ରୂପେ ନିର୍ଦ୍ଧାରିତ ହୋଇନାହିଁ କିମ୍ବା ଯାହା ପରେ ଯାହା ନାମ ଉଲ୍ଲେଖ ଅଛି ତାହା ଠିକ୍‌ମତେ ହୋଇନାହିଁ । ଏ ସମସ୍ତ ଆଲୋଚନା କରି ମନେହୁଏ କେଶରୀବଂଶର ୪୪ ଅପେକ୍ଷା ଆହୁରି ଅଧିକ ରାଜା ଥିଲେ ଏବଂ ସେ ବଂଶ ବହୁତ କାଳ ରାଜତ୍ୱ କରିଥିଲେ । ସମ୍ଭବତଃ କେଶରୀ-ବଂଶୀୟ ରାଜାମାନଙ୍କ ରାଜତ୍ୱ ସମୟରେ ରକ୍ତବାହୁ ଆସିଥିଲା ଏବଂ କେତେ କାଳ ଏମାନଙ୍କ ରାଜତ୍ୱ ପରେ ପୁନର୍ବାର କେଶରୀବଂଶୀୟମାନେ ରାଜତ୍ୱ କଲେ । ବ୍ରହ୍ମେଶ୍ୱର ଲିପି ଦେଖି ଆମ୍ଭର ଏହିପରି ମନେ ହୁଏ ।

ହଣ୍ଟର ସାହେବ କେଶରୀବଂଶୀୟ ରାଜାମାନଙ୍କ ରାଜତ୍ୱକାଳ ଖ୍ରୀଷ୍ଟାବ୍ଦ ୪୭୪— ୧୧୩୨ ପର୍ଯ୍ୟନ୍ତ ଅର୍ଥାତ୍ ୬୫୮ ବର୍ଷ ବୋଲି ସ୍ଥିର କରି ଯାଇଛନ୍ତି । ମାତ୍ର ମାଦଳାପାଞ୍ଜିରେ ଦେଖାଯାଏ ଯେ ୧୦୬୩ ବର୍ଷ ରାଜତ୍ୱ କରିଥିଲେ ।

ଆମ୍ଭେ ପୂର୍ବେ କହିଥିଲୁଁ ଯେ ଖ୍ରୀଷ୍ଟପୂର୍ବ ୮୯ରେ ଜନ୍ମେଜୟଙ୍କ ରାଜତ୍ୱ ଆରମ୍ଭ ହୋଇଥିଲା । ଏଣେ ଗଙ୍ଗବଂଶର ରାଜତ୍ୱ ପ୍ରତି ଦୃଷ୍ଟି ଦେଲେ ଜଣାଯାଏ ଚୋଡ଼ଗଙ୍ଗଦେବଙ୍କ ରାଜତ୍ୱ ଯେତେ ବେଶି ହେଲେ ମଧ୍ୟ ୯୯୨ ଶକାବ୍ଦ ବା ୧୦୭୦ ଖ୍ରୀଷ୍ଟାବ୍ଦରୁ ଆଉ ପଛକୁ ଯିବ ନାହିଁ । ସୁତରାଂ ୮୯ ଖ୍ରୀଷ୍ଟପୂର୍ବଠାରୁ ୧୦୭୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ୧୧୫୯ ବର୍ଷ ମଧ୍ୟରୁ ରକ୍ତବାହୁବଂଶୀୟମାନଙ୍କ ରାଜତ୍ୱକାଳ ୧୪୬ ବର୍ଷ ବାଦ୍ ଦେଲେ କେଶରୀବଂଶୀୟମାନଙ୍କ ରାଜତ୍ୱକାଳ ୧୦୧୩ ବର୍ଷ ହେଉଛି । ସମ୍ଭବତଃ କେଶରୀବଂଶୀୟ ରାଜାମାନଙ୍କ ରାଜତ୍ୱକାଳ ମଧ୍ୟରେ ରକ୍ତବାହୁ ଆସିଥିଲା ।

ସୋମବଂଶୀୟ ରାଜାମାନଙ୍କ ତାଲିକାରେ ଯେଉଁମାନଙ୍କ ନାମ ଉଲ୍ଲେଖ ଅଛି, ସେଥିମଧ୍ୟରୁ ଅଧିକାଂଶ କେଶରୀବଂଶୀୟ ଥିବାର ବିଶ୍ୱାସ ହୁଏ । ସୋମବଂଶ ଓ ଚନ୍ଦ୍ରବଂଶ ଏକକଥା ।

ହଣ୍ଟର ସାହେବ ଓ ମାଦଳାପାଞ୍ଜି ଲେଖକମାନେ ବଟକେଶରୀ ନାମକ ରାଜାଙ୍କ ନାମ ସୋମବଂଶ ତାଲିକାରେ ଉଲ୍ଲେଖ କରିଛନ୍ତି । ପୁନଶ୍ଚ କେଶରୀବଂଶ ତାଲିକାରେ ବଟକେଶରୀ ନାମ ଅଛି । ଶରଶଙ୍କ କେଶରୀଙ୍କ ନାମ ( ଶଙ୍କର କେଶରୀ ) କେଶରୀବଂଶ ମଧ୍ୟରେ ଦେଖାଯାଏ; ଏଣେ ସୋମବଂଶ ତାଲିକାରେ ଦେଖାଯାଏ । ମାତ୍ର ହଣ୍ଟର ସାହେବ ଏହାଙ୍କ ନାମ କେଶରୀବଂଶ ମଧ୍ୟରେ ଦେଇ ନାହାନ୍ତି । ଏହିପରି ମେଳ କରି ଦେଖିଲେ ଜଣାଯାଏ ଯେ କେଶରୀବଂଶର ଅନେକ ରାଜା ସୋମବଂଶ ତାଲିକାଭୁକ୍ତ ହୋଇଛନ୍ତି । ବହୁ କାଳର କଥା କାଳକ୍ରମେ ବିପର୍ଯ୍ୟୟ ଘଟିଥିବା ଅସମ୍ଭବ ନୁହେ । ସୁତରାଂ କେଶରୀବଂଶୀୟ-ମାନଙ୍କ ରାଜତ୍ୱ ଯେ ୧୦୦୦ ବର୍ଷରୁ ଊର୍ଦ୍ଧ୍ୱ ଥିଲା, ଏହା ଅସମ୍ଭବ ନୁହେ । ଯଯାତିକେଶରୀ ସମ୍ଭବତଃ ଆପଣା ପିତୃପିତାମହ ହରାଇଥିବା ରାଜସିଂହାସନ ପୁନରୁଦ୍ଧାର କରିଥିଲେ ।

କେଉଁ ରାଜା କେଉଁ ସମୟଠାରୁ କେଉଁ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ଏ କଥା ସ୍ଥିର କରିବା ବର୍ତ୍ତମାନ କଠିଣ ବ୍ୟାପାର । ଅନ୍ୟ କୌଣସି ଲିପି ପ୍ରଭୃତିରୁ କେଉଁ ରାଜାଙ୍କ ଅମଳର କାର୍ଯ୍ୟ କେଉଁ ସମୟର, ଏକଥା ସ୍ଥିରଭାବେ ଜଣାପଡ଼ିଲେ ସେ ରାଜାଙ୍କ ସମୟ ନିଶ୍ଚୟ କରି କୁହାଯାଇପାରେ । ସବୁ ରାଜାମାନଙ୍କ ରାଜତ୍ୱ ସମୟରେ ଯେଉଁ କାର୍ଯ୍ୟମାନ ହୋଇଥିଲା ତହିଁର ନିର୍ଦ୍ଦିଷ୍ଟ ତାରିଖ ମିଳନାହିଁ ।

ଲଲାଟକେଶରୀଙ୍କ ରାଜତ୍ୱ ବିଷୟ ନିଶ୍ଚୟରୂପେ କୁହାଯାଇପାରେ । ଭୁବନେଶ୍ୱର ମନ୍ଦିରର ଖୋଦିତ ଲିପି ଦେଉଳ ନିର୍ମାଣ ସମୟର ଲିପି । ସେଥିରୁ ଜଣାଯାଏ—

ଗଜାଷ୍ଟେ ଶୂନ୍ୟଗତେ ଜାତେ ଶକାବ୍ଦେ କୃତ୍ତିବାସସଃ<br>
ପ୍ରାସାଦ ମକରୋ ଦ୍ରାଜା ଲଲାଟେନ୍ଦୁ ସ୍ତ କେଶରୀ ।

ଏଥିରୁ ଜଣାଯାଏ ଶକାବ୍ଦ ୫୮୮ ରେ ଲଲାଟେନ୍ଦୁ କେଶରୀ ଦେଉଳ ନିର୍ମାଣ କାର୍ଯ୍ୟ ଶେଷ କରିଥିଲେ । ମାଦଳାପାଞ୍ଜିରୁ ଜଣାଯାଏ ଲଲାଟକେଶରୀଙ୍କ ୪୩ ଅଙ୍କରେ ଭୁବନେଶ୍ୱର ଦେଉଳ ପ୍ରତିଷ୍ଠା ହେଲା । ସେ ୫୪ ଅଙ୍କରେ ୪୪ ବର୍ଷ ରାଜତ୍ୱ କରିଥିବା ବିଷୟ ମାଦଳାରେ ଲେଖାଅଛି । ଅର୍ଥାତ୍ ତାଙ୍କର ୩୫ ବର୍ଷ ରାଜତ୍ୱ ବେଳେ ଦେଉଳ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା । ଅତଏବ ୫୫୩ ଶକାବ୍ଦ ବା ୬୩୧ ଖ୍ରୀଷ୍ଟାବ୍ଦରେ ଲଲାଟକେଶରୀ ରାଜସିଂହାସନାରୋହଣ କରିଥିଲେ ।

ଏହାଙ୍କ ପୂର୍ବବର୍ତ୍ତୀ ରାଜା କିଏ ? ଏ ବିଷୟରେ ମାଦଳାରୁ ଯାହା କିଛି ମିଳେ, ତାହା କେବଳ ଏହି ଯେ ଲଲାଟଙ୍କ ପୂର୍ବ ଦୁଇ ତିନି ରାଜାଙ୍କ ଅମଳରୁ ଦେଉଳ ନିର୍ମାଣ କାର୍ଯ୍ୟ ହୋଇଥିଲା । ଅନନ୍ତକେଶରୀ, ସୂର୍ଯ୍ୟକେଶରୀ ଓ ଯଯାତିକେଶରୀମାନଙ୍କ ଅମଳରୁ ଦେଉଳ ନିର୍ମାଣ କାର୍ଯ୍ୟ ଲାଗିବାର ସୂଚନା ମିଳେ । ଯଯାତିକେଶରୀ ଭୁବନେଶ୍ୱର ଦେଉଳ କେବଳ ଶୁଭ ଦେବା କଥା ଉଲ୍ଲେଖ ଅଛି । ଏମାନଙ୍କ ରାଜତ୍ୱକାଳ ସମ୍ବନ୍ଧେ ହଣ୍ଟର କହନ୍ତି, ଯଯାତିକେଶରୀ ୫୨ ବର୍ଷ, ଅନନ୍ତକେଶରୀ ୪୦ ବର୍ଷ, ସୂର୍ଯ୍ୟକେଶରୀ ୫୭ ବର୍ଷ ରାଜତ୍ୱ କରିଥିଲେ । ଏ ହିସାବ ପାଞ୍ଜି ସହିତ ସମ୍ପୂର୍ଣ୍ଣ ଅମେଳ । ମାଦଳାପାଞ୍ଜିରୁ ଜଣାଯାଏ ଯଯାତିକେଶରୀ ୫୭ ଅଙ୍କରେ ୪୬ ବର୍ଷ, ସୂର୍ଯ୍ୟକେଶରୀ ୨୩ ଅଙ୍କରେ ୧୯ ବର୍ଷ, ଅନନ୍ତକେଶରୀ ୧୪ ଅଙ୍କରେ ୧୨ ବର୍ଷ । ହଣ୍ଟର ସାହେବ ୫୭ ଅଙ୍କକୁ ୫୨ ବର୍ଷ ଧରିଥାଇ ପାରନ୍ତି; ମାତ୍ର ଏତେ ଅମେଳ ହେଲା କିପରି ବୁଝିପାରୁନାହୁଁ । ଏ ହିସାବରେ ଦେଖିଲେ ଯଯାତି ୫୫୨ ଖ୍ରୀଷ୍ଟାବ୍ଦ ବା ୪୭୪ ଶକାବ୍ଦ । ଲଲାଟକେଶରୀଙ୍କ ସମ୍ବନ୍ଧେ ହଣ୍ଟର ସାହେବ ସେହି ପ୍ରମାଦ ଘଟାଇଛନ୍ତି । ୫୪ ଅଙ୍କ ସ୍ଥଳେ ୫୪ ବର୍ଷ ଲେଖିଛନ୍ତି । ସୁତରାଂ ଏପରି ଲେଖି ଅନେକ ଅମେଳ ହୋଇଅଛି । ସଂଶୋଧିତ ତାଲିକା ନିମ୍ନଲିଖିତ ମତେ ହୋଇପାରେ ।

| | | | | |
|---|---|---|---|---|
| ଯଯାତି | ଖ୍ରୀ: | ୫୫୨—୫୯୮ | ଶକାବ୍ଦ | ୪୭୪—୫୨୦ |
| ସୂର୍ଯ୍ୟ | ,, | ୫୯୮—୬୧୭ | ,, | ୫୨୦—୫୩୯ |
| ଅନନ୍ତ | ,, | ୬୧୭—୬୩୧ | ,, | ୫୩୯—୫୫୩ |
| ଲଲାଟ | ,, | ୬୩୧—୬୭୫ | ,, | ୫୫୩—୫୯୭ |

ଯଯାତିକେଶରୀ କେଉଁ ଶତାବ୍ଦୀର ଲୋକ ଏ ସମ୍ବନ୍ଧେ ନାନା ମତଭେଦ ଦେଖାଯାଏ ।

ମନମୋହନ ଗାଙ୍ଗୁଲି ପ୍ରମୁଖ ପ୍ରତ୍ନତତ୍ତ୍ୱବିତ୍ ମହାଶୟମାନଙ୍କ ମତରେ ଯଯାତି ୯ମ ଶତାବ୍ଦୀର ଲୋକ ଥିଲେ । ସେମାନଙ୍କ ସିଦ୍ଧାନ୍ତ କାଳ୍ପନିକ ପରି ମନେହୁଏ । ଯଯାତିଙ୍କ ଅନ୍ୟ ନାମ ମହାଶିବଗୁପ୍ତ ଓ ଜନ୍ମେଜୟଙ୍କ ଅନ୍ୟ ନାମ ମହାଭବଗୁପ୍ତ ବୋଲି ସେ ମହାଶୟ ସ୍ଥିର କରିଛନ୍ତି । ଯଯାତି ଓ ଜନ୍ମେଜୟ ଚନ୍ଦ୍ରବଂଶୀୟ କ୍ଷତ୍ରିୟ ଥିବା ବିଷୟ ଖୋଦିତ ଲିପିରୁ ପ୍ରମାଣିତ ହୁଏ । ତାମ୍ରପଟରୁ ଜଣାଯାଏ, ଯଯାତି ଓଡିଶାର ଜନୈକ ସାମନ୍ତ ରାଜାଙ୍କ ପୁତ୍ର ଥିଲେ । ସେହି ସାମନ୍ତ ରାଜାଙ୍କ ନାମ ଜନ୍ମେଜୟ ଥିଲା । ଏ ପ୍ରମାଣ ଦୃଷ୍ଟେ ଯଯାତି ଗୁପ୍ତବଂଶୀୟ ହେବେ କିପରି ?

ବିଶ୍ୱକୋଷ ୪'୮ ପୃଷ୍ଠାରେ ଉଲ୍ଲେଖ ଅଛି ଯେ ଗୁପ୍ତବଂଶୀୟମାନଙ୍କ ମଧ୍ୟରୁ ଏକ ବଂଶ ରାଜଚକ୍ରବର୍ତ୍ତୀ ଥିଲେ । ସେମାନେ ୩ୟ ଶତାବ୍ଦୀରୁ ୫୫୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେମାନଙ୍କ ନାମ, ଯଥା—୧ମ ଚନ୍ଦ୍ରଗୁପ୍ତ, ସମୁଦ୍ରଗୁପ୍ତ, ୨ୟ ଚନ୍ଦ୍ରଗୁପ୍ତ, ୧ମ କୁମାରଗୁପ୍ତ, ସ୍କନ୍ଦଗୁପ୍ତ, ପୁରଗୁପ୍ତ, ନରସିଂହଗୁପ୍ତ, ୨ୟ କୁମାରଗୁପ୍ତ । ଯଶୋଧର୍ମ୍ମ ୨ୟ କୁମାରଗୁପ୍ତଙ୍କୁ ପରାସ୍ତ କଲେ । ସୁତରାଂ ୨ୟ କୁମାରଗୁପ୍ତ ଏ ବଂଶର ଶେଷ ନରପତି ।

ଯଯାତି ୫୫୨ ଖ୍ରୀଷ୍ଟାବ୍ଦରୁ ରାଜତ୍ୱ କରୁଥିବାର ଉପରେ ଲେଖିଅଛୁଁ । ସୁତରାଂ ତେତେବେଳକୁ ୧ମ ଗୁପ୍ତବଂଶୀୟମାନଙ୍କ ରାଜତ୍ୱ ଶେଷ ହୋଇଥିଲା । ବିଶ୍ୱକୋଷରୁ ଜଣାଯାଏ ଗୁପ୍ତରାଜାମାନଙ୍କ ପରେ ଦକ୍ଷିଣ-କୋଶଳରେ ଶିବଗୁପ୍ତ, ମହାଭବଗୁପ୍ତ ପ୍ରଭୃତି କେତେ ଜଣ ରାଜା ରାଜତ୍ୱ କରୁଥିଲେ । ସମ୍ବଲପୁର, କଟକ ଓ ଶ୍ରୀପୁରରୁ ଏମାନଙ୍କ ତାମ୍ରପଟ୍ଟ ମିଳିଅଛି । ଏମାନଙ୍କ ସମୟରେ ଓଡ଼ିଶାରେ କେଶରୀବଂଶୀୟ ରାଜାମାନେ ରାଜତ୍ୱ କରୁଥିଲେ । ଶ୍ରୀପୁର ଶିଳାଲିପି ପାଠକଲେ ଜଣାଯାଏ ଗୁପ୍ତମାନେ ଶବରବଂଶୀୟ ଥିଲେ । ଶବର ଅର୍ଥ, ମୟୂରପୁଚ୍ଛ ପରିଧାନୋ ମ୍ଳେଚ୍ଛଃ କିରାତଃ ପତ୍ର ପରିଧାନୋ ଶବରଃ ( ବିଶ୍ୱକୋଷ ୨୫୦ ପୃଷ୍ଠା ) । ବ୍ରହ୍ମାଣ୍ଡପୁରାଣରୁ ଜଣାଯାଏ ଗୁପ୍ତବଂଶୀୟମାନେ ନିମ୍ନଲିଖିତ ଜନପଦମାନଙ୍କରେ ରାଜତ୍ୱ କରିଥିବେ ।

ମଥୁରାଞ୍ଚ ପୁରୀଂ ରମ୍ୟାଂ ନାଗାଭୋକ୍ଷନ୍ତି ସପ୍ତବୈ
ଅନୁଗଙ୍ଗ ପ୍ରୟାଗଞ୍ଚ ସାକେତଂ ମଗଧ ସ୍ତଥା
ଏତାନ୍ ଜନପଦାନ୍ ସର୍ବାନ୍ ଭୋକ୍ଷନ୍ତେ ଗୁପ୍ତବଂଶଜାଃ ।
( ବ୍ରଃ ପୁଃ ଉପସଂହାର )

ପୂର୍ବେ କୋଶଳ ବିଷୟ ଉଲ୍ଲେଖ କରାଯାଇଅଛି । ପୃଥିବୀ ଇତିହାସ ଲେଖକ କହନ୍ତି, ଗୁପ୍ତ-ରାଜାମାନଙ୍କ ଶାସନ ସମୟରେ ଦକ୍ଷିଣ-କୋଶଳ ମହାକୋଶଳ ନାମରେ ଅଭିହିତ ହେଉଥିଲା ଏବଂ ଭବଗୁପ୍ତଙ୍କ ରାଜତ୍ୱ ସମୟରେ ଉତ୍କଳ ପ୍ରଦେଶ ମହାକୋଶଳ ଅନ୍ତର୍ଗତ ଥିଲା । ଏତିକ ପରିଚୟ ପାଇ ମନମୋହନ ବାବୁ ଅନେକଗୁଡ଼ିଏ ଅନୁମାନ କରିଛନ୍ତି ।

୧ । ଜିବିରଦେବଙ୍କ ନାମ ଚନ୍ଦ୍ରଗୁପ୍ତ ହେବ ।
୨ । ଶିବଗୁପ୍ତ ମହାଶିବଗୁପ୍ତ ହେବ ।
୩ । ମହାଶିବଗୁପ୍ତ ଯଯାତି ହେବ ।
୪ । ଜିବିରଦେବଙ୍କ ଆନୁମାନିକ ସମୟ ୭୨୦ ଖ୍ରୀଷ୍ଟାବ୍ଦ ହେବ ।
୫ । ଜନ୍ମେଜୟ ମହାଭବଗୁପ୍ତ ହେବ ।
୬ । ବିକ୍ରମାଦିତ୍ୟ ହର୍ଷ-ବିକ୍ରମାଦିତ୍ୟ ହୋଇ ୭ମ ଶତାବ୍ଦୀର ମଧ୍ୟଭାଗରେ ରାଜତ୍ୱ କରୁଥିବେ ।

୭ । ବିକ୍ରମାଦିତ୍ୟଙ୍କ ରାଜତ୍ୱ ପରେ ଅନ୍ୟ ୬ ଜଣ ରାଜା ପ୍ରତ୍ୟେକ ୩୦ ବର୍ଷ ଲେଖାଏଁ ସମ୍ଭବତଃ ୧୮୦ ବର୍ଷ ରାଜତ୍ୱ କରିଥିବେ ।

ଏତେଗୁଡ଼ିଏ ଅନୁମାନ ପ୍ରକୃତ ଥିବାର ବିଶ୍ୱାସ କଲେ ଯଯାତି ୯ମ ଶତାବ୍ଦୀର ଲୋକ ହେବେ ।

ଗାଙ୍ଗୁଲି ମହାଶୟଙ୍କ ପ୍ରଧାନ ପ୍ରମାଣ କଟକରୁ ପ୍ରାପ୍ତ ତାମ୍ରପଟ୍ଟ । ଏଥିରେ ମହାଶିବଗୁପ୍ତଙ୍କ ନାମ ଅଛି । ଏଥିରୁ ସେ ଅନୁମାନ କରନ୍ତି ଯେ, ସେ ଯଯାତି ବ୍ୟତୀତ ଅନ୍ୟ କେହି ନୁହନ୍ତି । ଏ ତାମ୍ରପଟ୍ଟ ଗୋଟିଏ ଦାନପତ୍ର । ଏ ଦାନପତ୍ରର ସମୟ ମହାଶିବଗୁପ୍ତଙ୍କ ୯ମ ବର୍ଷ । ସୁତରାଂ ଗାଙ୍ଗୁଲି ମହାଶୟଙ୍କ ହିସାବରେ ଯଯାତି ୯ମ ଶତାବ୍ଦୀର ଲୋକ ।

ପ୍ରତ୍ୟକ୍ଷ ପ୍ରମାଣଭାବେ ଅନୁମାନ ଗ୍ରାହ୍ୟ । ଏକାମ୍ର ପୁରାଣରେ ଉଲ୍ଲେଖ ଅଛି ଯେ ଲଲାଟେନ୍ଦୁକେଶରୀ ଭୁବନେଶ୍ୱର ମନ୍ଦିର ନିର୍ମାଣ କରିଥିଲେ ଏବଂ ଖୋଦିତ ଲିପିଦ୍ୱାରା ଏ ଭବିଷ୍ୟତ୍ ବାଣୀ ପ୍ରମାଣିତ । ମାଦଳାପାଞ୍ଜି ଏ ବିଷୟର ୨ୟ ପ୍ରମାଣ । ଏ ସମସ୍ତ ଉଡ଼ାଇଦେଇ ଯଯାତିଙ୍କୁ ନବମ ଶତାବ୍ଦୀର ଲୋକ ବୋଲି କହିବା କେବଳ ସ୍ୱମତ ପ୍ରାଧାନ୍ୟ ଦେଖାଇବା ବ୍ୟତୀତ ଅନ୍ୟ କିଛି ନୁହେ ।

ଆଧୁନିକ କେତେକ ବଙ୍ଗୀୟ ଲେଖକମାନଙ୍କ ମତରେ କେଶରୀବଂଶୀୟମାନେ ଗୁପ୍ତବଂଶୀୟ ବଙ୍ଗାଳୀ, ଆଉ କେତେକଙ୍କ ମତରେ ଗଙ୍ଗବଂଶୀୟମାନେ ବଙ୍ଗୀୟ ମାହିଷ୍ୟ କ୍ଷତ୍ରିୟ । ଏ ଦୁଇଟି କଥା ସୁପ୍ରମାଣିତ ହେଲେ ଓଡ଼ିଆଙ୍କର ଆଉ ରହିଲା କ'ଣ ? ପୃଥିବୀ ଇତିହାସର "ବଙ୍ଗର ପ୍ରାଚୀନ ଗୌରବ" ଅଧ୍ୟାୟଟି କେବଳ ଅନୁମାନ ଓ ତର୍କପୂର୍ଣ୍ଣ । ନାଲନ୍ଦା ବିଦ୍ୟାଳୟ ବଙ୍ଗୀୟମାନଙ୍କଦ୍ୱାରା ପ୍ରତିଷ୍ଠିତ ହୋଇଥିଲା, ବଙ୍ଗୀୟମାନେ ସିଂହଳ ବିଜୟ କରିଥିଲେ, ବୌଦ୍ଧଧର୍ମ-ପ୍ରଚାରକମାନେ ବଙ୍ଗାଳୀ ଥିଲେ ଇତ୍ୟାଦି ଭାରତର ଯାବତୀୟ ପ୍ରାଚୀନ କୀର୍ତ୍ତିଗୁଡ଼ିକ ବଙ୍ଗୀୟମାନଙ୍କର ବୋଲି ଶେଷ ସିଦ୍ଧାନ୍ତ କରାଯାଇଛି । କୋଣାର୍କ ଦେଉଳ ପ୍ରଭୃତି ଉତ୍କଳର ପ୍ରାଚୀନ କୀର୍ତ୍ତିଗୁଡ଼ିକ ବଙ୍ଗୀୟମାନଙ୍କର ବୋଲି ପ୍ରମାଣ କରିବାକୁ ଚେଷ୍ଟା କରିବା ଆଶ୍ଚର୍ଯ୍ୟ କ'ଣ ? ଅବଶ୍ୟ ଏପରି ଚେଷ୍ଟା ସ୍ୱଦେଶପ୍ରେମିକତାର ପୂର୍ଣ୍ଣ ପରିଚୟ ହୋଇପାରେ; ମାତ୍ର ଏହା ଏକପ୍ରକାର ସାହିତ୍ୟିକ କପଟତା ନୁହେ କି ? ସତ୍ୟାନୁସନ୍ଧାନ ହେଉ, ସ୍ଥାନୀୟ ଗୌରବ ନଷ୍ଟ ନ ହେଉ, ଏହାହିଁ ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କର ଚେଷ୍ଟା ଓ ମୁଖ୍ୟ ଉଦ୍ଦେଶ୍ୟ ହେବା ଆବଶ୍ୟକ । ଅଥବା, ଅନ୍ୟଥା, ସମ୍ଭବତଃ, କିମ୍ବା ପ୍ରଭୃତି ଶବ୍ଦ ପ୍ରୟୋଗ କରି ଯେ ସେ କଥାର ନାନାପ୍ରକାର ଯୁକ୍ତି କରାଯାଇପାରେ । ସୁତରାଂ ପ୍ରମାଣ ଅଭାବ ସ୍ଥଳେ ଏ ସମସ୍ତ ପରିତ୍ୟାଜ୍ୟ । ଆମ୍ଭେ ଉପରେ ଯେ ସମସ୍ତ ପ୍ରମାଣ ଦେଖାଇଛୁଁ ତଦ୍ଦୃଷ୍ଟେ ଯଯାତି ୯ମ ଶତାବ୍ଦୀର ଲୋକ ବୋଲି କିପରି କୁହାଯିବ ?

କୋଶଳରେ ଯେ ଗୁପ୍ତବଂଶୀୟ ରାଜାମାନେ ରାଜତ୍ୱ କରିଥିଲେ ଏ କଥା ପୂର୍ବେ ଦେଖାଇଅଛୁଁ । ଗୁପ୍ତବଂଶୀୟମାନେ ମଗଧରେ ରାଜତ୍ୱ କରୁଥିଲେ । ମଗଧରାଜ ନାମକ

ନିର୍ଘଣ୍ଟରେ ଉବଗୁପ୍ତଙ୍କ ନାମ ଦେଖାଯାଏ । କୋଶଳ ରାଜ୍ୟ ଉତ୍କଳଠାରୁ ବହୁ ଦୂରରେ ଅବସ୍ଥିତ । ଚୀନ ପରିବ୍ରାଜକଙ୍କ ଯେତେବେଳେ ଭାରତକୁ ଆସିଥିଲେ, ସେ ଯାହା ବର୍ଣ୍ଣନା କରି ଯାଇଛନ୍ତି ତହିଁରୁ ଦକ୍ଷିଣକୋଶଳ ରାଜ୍ୟର ଆଭାସ ମିଳେ । ପ୍ରତ୍ନତତ୍ତ୍ୱବିତ୍ କାନିଂହାମ ସାହେବ ପରିବ୍ରାଜକଙ୍କ ଭ୍ରମଣବୃତ୍ତାନ୍ତ ଆଲୋଚନା କରି ଲେଖିଛନ୍ତି ଯେ କଳିଙ୍ଗଠାରୁ ଉତ୍ତର-ପଶ୍ଚିମାଭିମୁଖେ ୧୮୦୦ ବା ୧୯୦୦ ଲି ଅର୍ଥାତ୍ ୩୦୦ ଠାରୁ ୩୧୭ ମାଇଲ ପଥ ଅଗ୍ରସର ହେଲେ କିୟାଓ-ସା-ଲୋ ରାଜ୍ୟରେ ପ୍ରବେଶ ହେବ । ଏହି କିୟାଓ-ସା-ଲୋ କୋଶଳର ନାମ ବ୍ୟତୀତ ଅନ୍ୟ କିଛି ନୁହେ । ଏ ହିସାବରେ ଦେଖିଲେ ଆଧୁନିକ ବେରାର ବା ଗଣ୍ଡୋୟାନ ପ୍ରଦେଶ ହୋଇଯାଉବ । ହୁଏନସାଂଙ୍କ ମତରେ କୋଶଳର ପରିଧି ଛ'ହଜାର ଲି ବା ପ୍ରାୟ ୧୦୦୦ ମାଇଲ । କାନିଂହାମ ସାହେବ ଏହି ଦକ୍ଷିଣକୋଶଳର ରାଜଧାନୀ ଚାନ୍ଦାନଗର ଥିବାର ସିଦ୍ଧାନ୍ତ କରିଥିଲେ । ପରିବ୍ରାଜକଙ୍କ ଭାରତାଗମନ ବେଳେ କୋଶଳରେ ଶତବାହନ ନାମକ ଜଣେ ବୌଦ୍ଧ ରାଜତ୍ୱ କରୁଥିବାର ସେ ଦେଖିଥିଲେ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ଉତ୍କଳ କୋଶଳର ଅନ୍ତର୍ଗତ ନଥିଲା ।

ମହାଭାରତରେ "ପୂର୍ବକୋଶଳ" ନାମ ଦେଖାଯାଏ ( ସଭାପର୍ବ ୩୨ ଅଧ୍ୟାୟ ) । ପୃଥିବୀ ଇତିହାସ ଲେଖକ କହନ୍ତି, ଏ ସେହି ଦକ୍ଷିଣସ୍ଥିତ କୋଶଳ ପାଣ୍ଡବମାନଙ୍କ ରାଜଧାନୀ ହସ୍ତିନାପୁରର ପୂର୍ବ-ଦକ୍ଷିଣାଂଶରେ । ସେ କୋଶଳ ଅବସ୍ଥିତ ଥିଲେ ମଧ ତାହା ଯେ ଉତ୍ତରକୋଶଳର ଦକ୍ଷିଣରେ ବିଦ୍ୟମାନ ଥିଲା, ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ଉତ୍ତରକୋଶଳ ଯେପରି ନାନା ଭାଗରେ ବିଭକ୍ତ ହୋଇଥିଲା, ଦକ୍ଷିଣକୋଶଳ ମଧ ସେହିପରି ନାନା ଭାଗରେ ବିଭକ୍ତ ହୋଇଥିଲା । ଉତ୍ତରକୋଶଳ, ଦକ୍ଷିଣକୋଶଳ, ପୂର୍ବକୋଶଳ ପ୍ରଭୃତି ନାମ ଏ ବିଭାଗର ପରିଚାୟକ । ଏଥିରୁ ଆହୁରି ପ୍ରମାଣିତ ହେଉଛି ଯେ ଉତ୍କଳ କୋଶଳର ଅନ୍ତର୍ଗତ ନ ଥିଲା । ଗୁପ୍ତବଂଶୀୟ ରାଜାମାନେ କୋଶଳରେ ରାଜତ୍ୱ କରିଥିଲେ; ଉତ୍କଳରେ ସେମାନେ କେବେ ରାଜତ୍ୱ କରି ନ ଥିଲେ ।

ମାଦଳାପାଞ୍ଜିରେ ଗୁପ୍ତବଂଶୀୟ ରାଜାମାନଙ୍କ କଥା ଆଦୌ ଉଲ୍ଲେଖ ନାହିଁ । ଅନ୍ୟାନ୍ୟ ବୈଦେଶିକ ରାଜତ୍ୱ ବିଷୟ ଉଲ୍ଲେଖ ଥିବା ସ୍ଥଳେ ଏ କଥା ସୁପ୍ରମାଣିତ ହେଉଛି ଯେ ଉତ୍କଳ ସିଂହାସନ ଗୁପ୍ତବଂଶୀୟ ରାଜାମାନଙ୍କ ଦ୍ୱାରା ଅଳଂକୃତ ହୋଇ ନ ଥିଲା ।

ପ୍ୟାରିବାବୁ ମଧ କେତେଗୁଡ଼ିଏ ଅସାର ଯୁକ୍ତି ନେଇ ଲେଖିଛନ୍ତି ଯେ ଜନ୍ମେଜୟ କୋଶଳର ରାଜା ବୋଲି କେତେକ ତାମ୍ରଫଳକରୁ ଜଣାଯାଏ । ମହାନଦୀ ତୀରବର୍ତ୍ତୀ ପ୍ରଦେଶ ପୂର୍ବେ ପ୍ରାଚ୍ୟ କୋଶଳ ବୋଲି ଅଭିହିତ ହେଉଥିଲା । ଅନ୍ୟ ଏକ ତାମ୍ରଫଳକରୁ ଜଣାଯାଏ ଯେ ଯଯାତି ଜନ୍ମେଜୟଙ୍କ ପୁତ୍ର । ସେହି ସମୟରେ ଜନ୍ମେଜୟଙ୍କର ପ୍ରାଚ୍ୟ କୋଶଳ ପ୍ରଦେଶାନ୍ତର୍ଗତ 'ଉଦ୍ଧାର' ନାମକ ନଗର ରାଜଧାନୀ ଥିଲା । ପରେ ଯଯାତି ଫଜଲ ( ବର୍ତ୍ତମାନ ଫଜଲପୁର ) ସମୀପେ ରାଜଧାନୀ ସ୍ଥାପନ କଲେ । ସେହି ବାବୁଙ୍କ ଇତିହାସରୁ

ଦେଖାଯାଏ ଯେ ୬ଷ୍ଠ ଶତାବ୍ଦୀରେ ଗୁପ୍ତବଂଶୀୟ ରାଜାମାନେ ଦୋଆବ ପ୍ରଦେଶରେ ପ୍ରାଦୁର୍ଭୂତ ହୋଇଥିଲେ । କ୍ରମଶଃ ସେମାନେ ମହାରାଷ୍ଟ୍ର ପ୍ରଭୃତି ଭାରତବର୍ଷର ଭିନ୍ନ ଭିନ୍ନ ଅନେକ ପ୍ରଦେଶରେ ଅଧିକାର ବିସ୍ତାର କରିଥିଲେ । ଅବଶେଷରେ ମଗଧ ଦେଶର ଆନ୍ଧ୍ରବଂଶୀୟ ରାଜାମାନେ ହୀନବଳ ହୋଇପଡ଼ିବାରୁ ପୂର୍ବୋକ୍ତ କୌଣସି ଗୁପ୍ତବଂଶୀୟ ରାଜା ମଗଧ ସିଂହାସନରେ ଅଧିଷ୍ଠିତ ହୋଇଥିଲେ । ମଗଧରେ ଗୁପ୍ତବଂଶୀୟ ରାଜାମାନେ ଅତ୍ୟନ୍ତ ପରାକ୍ରାନ୍ତ ଥିଲେ ବୋଲି ବିଦିତ ଅଛି । ସେମାନେ ଦୂରଦେଶ ଜୟ କରିବାଲାଗି ସୈନ୍ୟ ପ୍ରେରଣ କରିଥିଲେ । ଓଡ଼ିଶା ସେମାନଙ୍କ ଅସ୍ତ୍ରାଘାତରୁ ମୁକ୍ତ ପାଇ ନ ଥିଲା । ଉକ୍ତ ଗୁପ୍ତବଂଶୀୟ ମହାରାଜ ମହାଭବ ଗୁପ୍ତଙ୍କ ସୈନ୍ୟମାନେ କଳିଙ୍ଗଦେଶ ଜୟ କରିବା ଅଭିପ୍ରାୟରେ ଆସିଲାରୁ କୋଶଳରାଜ ଜନ୍ମେଜୟଦେବ ତାଙ୍କ ଅଧୀନତା ସ୍ୱୀକାର କରିଥିଲେ । ଏହି ମହାଭବ ଗୁପ୍ତ ଓ ଅନ୍ୟାନ୍ୟ ଗୁପ୍ତ ରାଜାମାନେ ଆପଣାକୁ ତ୍ରିକଳିଙ୍ଗାଧିପତି ବୋଲି ଘୋଷଣା କରିଥିଲେ । ଅନ୍ୟ କେତେକ ତାମ୍ରଫଳକରୁ ଜଣାଯାଏ, ସେମାନେ ଶୈବ ଥିଲେ । ବ୍ରାହ୍ମଣମାନଙ୍କୁ ବହୁତ ନିଷ୍କର ଓ ସ୍ୱଳ୍ପକର ଭୂମି ଦାନ ଦେଇଥିଲେ ।

ପୂର୍ବୋକ୍ତ ଆଚାର୍ଯ୍ୟ ମହାଶୟ କହନ୍ତି ଯେ, ମହାଭବଗୁପ୍ତ ଏ ଦେଶ ଜୟଲାଭ କରିବା ପରେ ତାଙ୍କ ଉତ୍ତରାଧିକାରୀ ଶିବଗୁପ୍ତ ପ୍ରଭୃତି ଏ ଦେଶରେ ଶାସନ କରୁଥିଲେ । ଏପରି ଅନୁମାନ କରିବାର କାରଣ ଏହି ଯେ ଜନ୍ମେଜୟ ଓ ଯଯାତି ଓଡ଼ିଶା ଶାସନ କରୁଥିଲେ ସତ; କିନ୍ତୁ ଗୁପ୍ତବଂଶୀୟ ରାଜାମାନଙ୍କ ଅଧୀନରେ । ଦାନପତ୍ରମାନ କେବଳ ଗୁପ୍ତରାଜାମାନଙ୍କ ନାମରେ ହୋଇଥିଲା । ମହାମହୋପାଧ୍ୟାୟ ପଣ୍ଡିତ ସଦାଶିବ କାବ୍ୟକଣ୍ଠ ତାଙ୍କ "ଜଗନ୍ନାଥ ମନ୍ଦିର" ନାମକ ପୁସ୍ତକରେ ଏ ବିଷୟରେ ପ୍ରତିବାଦ କରି ସିଦ୍ଧାନ୍ତ କରିଛନ୍ତି ଯେ ମହାଭବ-ଗୁପ୍ତ ମାଗଧୀୟ ରାଜାମାନଙ୍କର ଅନ୍ତର୍ଗତ ଥିଲେ । ତହିଁର ପ୍ରମାଣ ସ୍ୱରୂପ ସେ ମହାଶୟ କହନ୍ତି ଯେ, ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ ମଗଧ ବ୍ୟତୀତ ଏ ଦେଶର ନିକଟବର୍ତ୍ତୀ କୌଣସି ସ୍ଥାନରେ ଗୁପ୍ତବଂଶୀୟ ରାଜାମାନେ ପରାକ୍ରମୀ ନ ଥିଲେ । ବୌଦ୍ଧଧର୍ମ ପ୍ରାଦୁର୍ଭୂତ ହେବା ସମୟରୁ କଳିଙ୍ଗରୁ ଆସିବାର ପଥ ସୁଗମ ଥିଲା । ଗୁପ୍ତରାଜାମାନେ ଶୈବ ଥିଲେ । ପଣ୍ଡିତ ମହାଶୟଙ୍କ ମତରେ ଉତ୍କଳୀୟ ଯଯାତି ଉପରୋକ୍ତ ଲେଖକମାନଙ୍କ ଯଯାତି ଓ ଜନ୍ମେଜୟ ନୁହନ୍ତି ।

କଟକିଆରେ ପ୍ରାଚୀନ କାଳରେ ଜନ୍ମେଜୟ ନାମକ ପ୍ରାଚୀନ ରାଜା ଥାଇପାରନ୍ତି । ସେ ଗୁପ୍ତୋପାଧିଧାରୀ ହୋଇପାରିଥାନ୍ତି, ସେ ତ୍ରିକଳିଙ୍ଗ ବିଜୟୀ ହୋଇପାରିଥାନ୍ତି । କୋଶଳ ଓ ଉତ୍କଳ ଜୟ କଲେ ଯେ ତ୍ରିକଳିଙ୍ଗାଧିପ ହେବ, ତାହା ନୁହେ । ଓଡ଼ିଶା ଭାରତର ଅନ୍ୟାନ୍ୟ ଅଧିକାଂଶ ପ୍ରଦେଶାପେକ୍ଷା ପ୍ରାଚୀନ ବୋଲି ପ୍ରତ୍ନତତ୍ତ୍ୱବିତ୍ମାନେ ସ୍ୱୀକାର କରିଛନ୍ତି । ସୁତରାଂ ଯଯାତି ବା ଜନ୍ମେଜୟ ଲେଖକମାନଙ୍କ ଯଯାତି ଓ ଜନ୍ମେଜୟ ନୁହନ୍ତି । ସେ ଉତ୍କଳର ଜଣେ ସାମନ୍ତ ରାଜା ଥିଲେ । ସେ ନବମ ଶତାବ୍ଦୀର ଲୋକ ନୁହନ୍ତି । ମାଦଳାପାଞ୍ଜିରୁ ଜଣାଯାଏ ଯେ

ଓଡ଼ିଶାକୁ ସ୍ୱାଧୀନ କରି ରାଜଚକ୍ରବର୍ତ୍ତୀ ହୋଇଥିଲେ । ତାମ୍ରପଟ୍ଟରେ ଜନ୍ମେଜୟ ଅପଣାକୁ କର୍ଷ୍କିନ୍ଦା ରାଜା ବୋଲି ସ୍ପଷ୍ଟ ପରିଚୟ ଦେଇଛନ୍ତି ଏବଂ ତାଙ୍କ ରାଜତ୍ୱ ସମୟ ଯୁଧିଷ୍ଠିରଙ୍କ ଶକାବ୍ଦର ୭୮୮ ଅବ୍ଦ ବୋଲି ଉଲ୍ଲେଖ ଅଛି । କିନ୍ତୁ ଆଧୁନିକ ପଣ୍ଡିତମାନେ ଆପଣା କଳ୍ପିତ ଯୁକ୍ତିଦ୍ୱାରା ସେ ସମୟ ଭ୍ରମ ଥିବାର ସ୍ଥିର କରି କହନ୍ତି ଯେ, ତାହା ଦାକ୍ଷିଣାତ୍ୟ ପ୍ରଚଳିତ ଶକାବ୍ଦ, ଏବଂ ଯଯାତି ୯ମ ଶତାବ୍ଦୀର ଲୋକ ।

କର୍ଷ୍କିନ୍ଦାର ଅର୍ଥ କିପରି କରାଯାଇଛି, ଦେଖନ୍ତୁ ! ସମ୍ବଲପୁରର ଅରଣ୍ୟପରିବୃତ ପ୍ରଦେଶ ରାମାୟଣବର୍ଣ୍ଣିତ କର୍ଷ୍କିନ୍ଦା; ତା ନ ହେଲେ ତାମ୍ରପଟ୍ଟ ଲିଖିତ ଜନ୍ମେଜୟ ଓଡ଼ିଶାର ଜନ୍ମେଜୟ ହେବେ କିପରି ?

ଏଥିରୁ ଦେଖାଯାଏ ଯେ ପ୍ୟାରୀବାବୁଙ୍କ ମତରେ ଯଯାତି ଗୁପ୍ତବଂଶୀୟ ରାଜାମାନଙ୍କ ଅଧୀନତା ସ୍ୱୀକାର କରିଥିଲେ । ମନମୋହନବାବୁଙ୍କ ମତରେ ଯଯାତି ଓ ଜନ୍ମେଜୟମାନଙ୍କ ନାମ ଗୁପ୍ତରାଜାମାନଙ୍କର ଅପର ନାମ ମାତ୍ର । ଏହିପରି ମତଭେଦସ୍ଥଳେ ଯଯାତିଙ୍କୁ ୯ମ ଶତାବ୍ଦୀର ଲୋକ ବୋଲି କୁହାଯାଇ ନପାରେ ।

ସମୟ ସ୍ଥିର କରିବା ପୂର୍ବେ ମାଦଳାପାଞ୍ଜି ଲିଖିତ କେଶରୀବଂଶୀୟ ରାଜାମାନଙ୍କ ରାଜତ୍ୱ ସମୟର ପ୍ରଧାନ ଘଟଣାବଳୀ ନିମ୍ନରେ ଉଦ୍ଧାର କରି ଦେଲୁଁ ।

ଯଯାତିକେଶରୀ—ପ୍ରଥମେ ଯାଜପୁରଠାରେ ନଅର ପ୍ରସ୍ତୁତ କରି ବାସ କରୁଥିଲେ । ଏହାଙ୍କ ରାଜତ୍ୱର ୨ ଅଙ୍କରେ ମୋଗଲମାନେ ଓଡ଼ିଶାରୁ ପଳାୟନ କଲେ । ୧୧ ଅଙ୍କ ଶୁକ୍ଳ-ଦ୍ୱାଦଶୀ ଦିନ ପୁରୁଷୋତ୍ତମକ୍ଷେତ୍ରରେ ପ୍ରବେଶ ହେଲେ, ସମୁଦ୍ର-ସ୍ନାନାନ୍ତେ ଲୋକମାନଙ୍କୁ ପରମେଶ୍ୱରଙ୍କ କଥା ପ୍ରଶ୍ନ କଲେ । କେତେକ ଅନୁସନ୍ଧାନ ପରେ ଜଣାଗଲା ଯେ ଠାକୁରମାନେ ସମ୍ବଲପୁରଠାରେ ପାତାଳୀ ହୋଇଛନ୍ତି । ପରେ ରାଜା ସମ୍ବଲପୁରକୁ ଗଲେ । ଅନୁସନ୍ଧାନରେ ଜଣାଗଲା ଯେ ଦଅଁବରଗଛ ତଳେ ଠାକୁର ପାତାଳୀ ହୋଇଛନ୍ତି ! ଉକ୍ତ ଗଛମୂଳ ଖୋଳା-ହେବାରୁ ଠାକୁରେ ବାହାରିଲେ । ମହାସମାରୋହରେ ଠାକୁରମାନେ ପୁରୁଷୋତ୍ତମ ଅଇଲେ । ବଟମୂଳେ ଦେଉଳ ନିର୍ମିତ ହେଲା । ଠାକୁର ସିଂହାସନରେ ବିଜେ କଲେ । ମହାପ୍ରସାଦ ହେଲା । ଦେଉଳର ଉଚ୍ଚତା ୩୮ ହାତ । ୧୩ ଅଙ୍କ କକଡ଼ା ଦି ୨୫ ନ ପ୍ରଭୁମାନେ ଦେଉଳରେ ବିଜେ କଲେ । ବିମଳାଙ୍କ ଦେଉଳ ୧୮ ହାତ ଉଚ୍ଚରେ ନିର୍ମିତ ହେଲା । ଏ ରାଜା ଭୁବନେଶ୍ୱର ଦେଉଳ ଶୁଭ ଦେଲେ । ଯାଜପୁର ଏହାଙ୍କ ରାଜଧାନୀ ଥିଲା ।

ସୂର୍ଯ୍ୟକେଶରୀ— ଭୁବନେଶ୍ୱର ଦେଉଳ ତୋଳାଇଲେ ।

ଅନନ୍ତକେଶରୀ—ଭୁବନେଶ୍ୱର ଦେଉଳ ତୋଳାଇଲେ ।

ଲଲାଟକେଶରୀ— ଏହାଙ୍କ ୪୩ ଅଙ୍କରେ ଭୁବନେଶ୍ୱର ଦେଉଳ ନିର୍ମାଣ କାର୍ଯ୍ୟ ଶେଷ ହେଲା । ଏ ଭୁବନେଶ୍ୱରରେ ୭ ସାହି ୪୨ କନ୍ଦ ବସାଇଲେ । ଯାତ୍ରା ପର୍ବମାନ ଭିଆଣ କଲେ । ୫ ଅଙ୍କରେ ପୁରୀରେ ବେଣ୍ଟଯାତ୍ରା ଆରମ୍ଭ କଲେ ।

ବୃଦ୍ଧିକେଶରୀ—ପୁଣି ବଡ଼ଦେଉଳର ଜୀର୍ଣ୍ଣସଂସ୍କାର କରାଇଲେ ।

ଗଜକେଶରୀ—ଏ ରାଜା ଭୂମି ବାଟିକୁ କର ୫ କାହାଣ କଉଡ଼ି ଧାର୍ଯ୍ୟ କଲେ । ୫ ଅଙ୍କ ଭୁଲ ହ ୨୫ ନ ଜଗନ୍ନାଥଙ୍କ ବାଲଧୂପ ଭିଆଣ କଲେ ।

କୋଶଳକେଶରୀ—ପୁଣି ମାର୍କଣ୍ଡେଶ୍ୱରଙ୍କ ଦେଉଳ ତୋଳାଇଥିଲେ ଏବଂ ମାର୍କଣ୍ଡ ପୁଷ୍କରଣୀ ଚାରିପାଖେ ପଥର ପାବଚ୍ଛ କରାଇଥିଲେ ।

ନୃପକେଶରୀ—ବହୁତ ଯୁଦ୍ଧ କରିଥିଲେ । ମହାନଦୀ ଉତ୍ତରରେ କଟକ ବସାଇଥିଲେ ଏବଂ ବାରବାଟୀ ତୋଳାଇଥିଲେ ।

ମରକତକେଶରୀ—ଏ ରାଜା ବଡ଼ ଦୁଷ୍ଟ ଥିଲେ । କାଠଯୋଡ଼ି ବନ୍ଧ ପ୍ରସ୍ତୁତ କରାଇଥିଲେ ।

ନରସିଂହକେଶରୀ—ବାଲିଅଣ୍ଟାଠାରେ ପଥରକୋଟ କରାଇଥିଲେ ।

ମତ୍ସ୍ୟକେଶରୀ—ବରାହନାଥ ଦେଉଳ ତୋଳାଇଥିଲେ । ବନ୍ଦୁହ୍ରଦ ଖୋଳାଇ ଥିଲେ । ଅଠରନଳା ନିର୍ମାଣ କରାଇଥିଲେ ।

ମାଧବକେଶରୀ—ଶ୍ୱେତଗଙ୍ଗା ମଧ୍ୟରେ ମତ୍ସ୍ୟମାଧବ ଦେଉଳ ତୋଳାଇଲେ ଓ ସାରଙ୍ଗଗଡ ବସାଇଲେ ।

ବରାହକେଶରୀ—ଜମି ମାଣକୁ ଏକ କାହାଣ କଉଡ଼ି କର ବସାଇଲେ ।

ପୁରନ୍ଦର(ପୁରଞ୍ଜନ)କେଶରୀ—ଅର୍କକ୍ଷେତ୍ରରେ କୋଣାର୍କ ଦେବଙ୍କ ଦେଉଳ ତୋଳାଇଲେ ଏବଂ ୮ ଶାସନ ବସାଇଲେ ।

ବସୁକଲ୍ପକେଶରୀ—ଏ ମହେଶ ଅବତାର ଥିଲେ । ଏହାଙ୍କ ରାଣୀ କୋଳାବତୀ ପାଟମହାଦେବୀ କୃତ୍ତିବାସ ଭୁବନେଶ୍ୱରଙ୍କ ଦେଉଳ ତୋଳାଇଥିଲେ ଏବଂ ବ୍ରହ୍ମେଶ୍ୱରଙ୍କ ଦେଉଳ ତୋଳାଇଥିଲେ ।

ଲକ୍ଷ୍ମୀକେଶରୀ—ଏ ଲକ୍ଷ୍ମୀସାଗର ପୋଖରୀ ଖୋଳାଇଥିଲେ ।

ଶରଶଙ୍କକେଶରୀ—ଏ ଶରଶଙ୍କ ପୋଖରୀ ଖୋଳାଇଥିଲେ ।

ଶିଶୁପାଳକେଶରୀ—ଏ ଶିଶୁପାଳଗଡ ବାନ୍ଧି କଟକ କରି ରହିଲେ ।

ଧର୍ମଶୀଳକେଶରୀ—ଏହାଙ୍କ ଅମଳରେ କୌଶଲ୍ୟାଗଙ୍ଗ ପୁଷ୍କରଣୀ ଖୋଳା-ହୋଇଥିଲା । ଏ ପୁଷ୍କରଣୀ ଚାରିଭାଗରେ ଚାରି ଶାସନ ବସାଇ ମଧ୍ୟରେ ବାରବାଟୀ ଦୀପଦଣ୍ଡୀ କରାଇଥିଲେ ।

ସିଦ୍ଧେଶ୍ୱରକେଶରୀ—ଏ ବଡ଼ ଅଧର୍ମାଚରଣ କଲେ । ବ୍ରାହ୍ମଣ ବାସୁଦେବ ରଥଙ୍କଠାରୁ ଝଙ୍କି ଗ୍ରହଣ କଲାପରେ ସେହି ଭୂମିକି ଅନ୍ୟ ଜଣେ ପଠାଣକୁ ଲେଖିଦେଲେ । ବ୍ରାହ୍ମଣ ଏ କଥା ଜାଣିପାରି ରାଜାଙ୍କ ସମ୍ମୁଖରେ ଗୁହାରି କରନ୍ତେ ସେ କିଛି ବିଚାର ନ କରି ଆଜ୍ଞା ଦେଲେ "ତୁ ଜାଣୁ, ପଠାଣ ଜାଣେ" । ବ୍ରାହ୍ମଣ ଏ କଥା ଶୁଣି ପ୍ରଚଣ୍ଡ ରାଗ ହୋଇ ଚାଲିଗଲା ଏବଂ ଭୁବନେଶ୍ୱରଙ୍କଠାରେ ଗୁହାରିଆ ପଡ଼ି କେତେକ ଦିନ ପରେ ବର ପାଇଲା । ମହାପ୍ରଭୁ ସ୍ୱପ୍ନାଦେଶ ଦେଲେ "କେଶରୀବଂଶର ରାଜତ୍ୱ ଏହିଠାରୁ ଶେଷ ହେବ ଏବଂ ଚୂଡ଼ଙ୍ଗ ରାଜା ହେବ । ତୁ ଯାଇ ତାକୁ ଆଣି ଗାଦିରେ ବସାଇବୁ ।"

ଏ ସମସ୍ତ ଆଲୋଚନା ପରେ ଦେଖାଯାଏ ଯେ ଯଯାତି ୭ମ ଶତାବ୍ଦୀର ଲୋକ ଥିଲେ । ସିଦ୍ଧକେଶରୀ ଯଯାତିବଂଶର ଶେଷ ରାଜା ଥିଲେ । ସିଦ୍ଧକେଶରୀଙ୍କ ପ୍ରକୃତ ନାମ ଶୂନ୍ୟକେଶରୀ ବା ସୁବର୍ଣ୍ଣକେଶରୀ ଥିଲା । ଏ କୃତ୍ତିବାସଙ୍କ ନିକଟରେ ତପସ୍ୟା କରି 'ସିଦ୍ଧେଶ୍ୱର' ହୋଇ ପରିଚିତ ହେଲେ । ଏ ସିଦ୍ଧେଶ୍ୱରଙ୍କୁ ଚୂଡ଼ଙ୍ଗଦେବ ପରାସ୍ତ କରି ଓଡ଼ିଶାର ସିଂହାସନ ଅଧିକାର କଲେ । ମାଦଳାପାଞ୍ଜିରେ ଲେଖାଅଛି ଯେ ଚୁଡ଼ଙ୍ଗଦେବଙ୍କ ଘର ଦକ୍ଷିଣ ରାଜ୍ୟରେ ଥିଲା ଏବଂ ତାଙ୍କ ମାତା ଗୋକର୍ଣ୍ଣେଶ୍ୱରଙ୍କ ବର ପ୍ରସାଦରୁ ତାଙ୍କୁ ଲାଭ କରିଥିଲେ । ବ୍ରାହ୍ମଣ ବାସୁଦେବ ରଥ ଦକ୍ଷିଣକୁ ଯାଇ ଦେଖିଲେ, ଚୋରଗଙ୍ଗ କେତେକ ବାଳକମାନଙ୍କ ସହିତ ଖେଳୁଛି; ଖେଳରେ ରାଜା ହୋଇଛି । ତାହା ପାଖକୁ ଅନ୍ୟ କାହାରି ଯିବାର ନିଷେଧ । ବ୍ରାହ୍ମଣ ପିଲାମାନଙ୍କୁ କହିଲେ ଯେ, ଓଡ଼ିଶାରୁ ଜଣେ ବ୍ରାହ୍ମଣ ଆସିଛନ୍ତି, ସେ ସେମାନଙ୍କ ରାଜାଙ୍କ ସହିତ ଦେଖା କରିବେ । ଜଣେ ବାଳକ ଚୋରଗଙ୍ଗଙ୍କୁ ଏ ସମ୍ବାଦ ଦେଲା । ଏ ସମ୍ବାଦ ପାଇଲାରୁ ଚୋରଗଙ୍ଗ ଖପରା ଖଣ୍ଡିକରେ ଅନ୍ୟ ଖଣ୍ଡେ ଖପରା ଦ୍ୱାରା ଲେଖିଦେଲା, "ଅବକାଶ ନାହିଁ, ଝର୍ଚି ନେଇ ରହନ୍ତୁ ।" ଏହିପରି ୧୫ ଦିନ ଗତ ହେଲା ପରେ ସାକ୍ଷାତ ହେଲା । ବ୍ରାହ୍ମଣ ଭୁବନେଶ୍ୱରଙ୍କ ଆଜ୍ଞା ଜଣାଇଲା । ଚୋରଗଙ୍ଗ ଏ ପ୍ରସ୍ତାବ ଶୁଣି ସମ୍ମତି ପ୍ରକାଶ କଲା । ମା' କହିଲା, "ଯିବାବେଳେ ତା ସଙ୍ଗାତ ନିତେଇ ଧୋବଣୀ ସହିତ ସାକ୍ଷାତ କରି ଯିବୁ ।" ଚୋରଗଙ୍ଗ ନିତେଇ ଧୋବଣୀ ପାଖକୁ ଗଲେ । ଦେଖିଲେ, ସେ ଭାତ ରାନ୍ଧୁଛି ପୁଣି ଗୋଟିଏ ଗୋଡ଼ ଚୁଲିରେ ଜାଳୁଛି ! ଚୋରଗଙ୍ଗ ଡାକିଲାରୁ କୋଡ଼ପୁଅକୁ ଚୁଲିରେ ଦେଇ କଥାବାର୍ତ୍ତା ହେଲା । କହିଲା, ମା କହିଛି ମାଉସୀ ସହିତ ଦେଖା ହୋଇ ଯିବାକୁ । ନିତେଇ ଧୋବଣୀ ପ୍ରଶ୍ନ କଲା, "ଖାଇଛୁ ?" ମାତ୍ର ଚୋରଗଙ୍ଗ ନାହିଁକଲେ । ଧୋବଣୀ କହିଲା, "ବାଉରେ ଯେଉଁ କଦଳୀ ଅଛି ଖା ।" କଦଳୀ ଖାଉଥିବା ବେଳେ ଧୋବଣୀ ଯାଇ ପଚାରିଲା, "କେତେଟା ଖାଇଲୁ ?" ଚୋରଗଙ୍ଗ ଉତ୍ତର କଲା, ୮୦ଟି । ଧୋବଣୀ କହିଲା, "ଆଚ୍ଛା ତେତିକି ହେଉ, ତୋର ମନ୍ତ୍ର ସିଦ୍ଧ ହେଲା, ଯା ।" ଚୋରଗଙ୍ଗ ବାଟରେ ଆସିବା ବେଳେ ଜଣେ ଶିଅଳ ସହିତ ଦେଖା ହେଲା । ଶିଅଳ ତାଙ୍କୁ ଚହିଁଲାରୁ ସେ ଶିଅଳକୁ ହାଣିପକାଇ ଓଡ଼ିଶାକୁ ଆସିଲେ । କନ୍ୟା ୧୩ ଦିନ କୃଷ୍ଣ ତ୍ରୟୋଦଶୀ ଗୁରୁବାର ଦିନ କଟକ ମାଡ଼ିବସିଲେ ଏବଂ ସିଦ୍ଧକେଶରୀଙ୍କୁ ପରାସ୍ତ କରି ରାଜା ହେଲେ ।

ଏଣୁ କେଶରୀବଂଶ ଲୋପ ହେଲା କେବେ ? ଚୁଡ଼ଙ୍ଗଦେବ ରାଜତ୍ୱ କଲେ ଯେବେ ! ସୁତରାଂ ଚୁଡ଼ଙ୍ଗଦେବଙ୍କ ରାଜତ୍ୱ ସମୟର ପ୍ରାରମ୍ଭ ସମୟ ସ୍ଥିରୀକୃତ ହେଲେ ଏ କଥା ଜଣା-ପଡ଼ିବ । ଏ ବିଷୟର ବିଶଦ ଆଲୋଚନା ଗଙ୍ଗବଂଶାନୁଚରିତରେ ଲେଖାଯିବ ।

ଲଲାଟକେଶରୀଙ୍କ ପରେ କେଉଁ ରାଜା ପରେ କିଏ ରାଜତ୍ୱ କରିଥିଲେ ଏ କଥା ସୁନିଶ୍ଚିତରୂପେ କୁହାଯାଇ ପାରିବ ନାହିଁ । ଯଯାତିଙ୍କ ପରେ ଯେଉଁ ରାଜାମାନେ ରାଜତ୍ୱ କରିଥିବାର ଦେଖାଯାଏ, ତନ୍ମଧ୍ୟରୁ ନିମ୍ନଲିଖିତ ରାଜାମାନେ ରାଜଶ୍ରେଣୀ ଅନ୍ତର୍ଭୁକ୍ତ ଥିବାର ଜଣାଯାଏ ।

| | |
|---|---|
| ୧ । ବଟକେଶ୍ୱର = ବଟ ବା ବଟକେଶରୀ | ୧୩ ବର୍ଷ |
| ୨ । ଚଣ୍ଡ ବା ପ୍ରଚଣ୍ଡକେଶରୀ = ଚନ୍ଦ୍ରଦେବ | ୪୧ ବର୍ଷ |
| ୩ । ଧର୍ମ୍ମକେଶରୀ = ଅର୍କଦେବ | ୧୦ ବର୍ଷ |
| ୪ । ତ୍ରିପୁରକେଶରୀ = ତ୍ରିଭୁବନଦେବ | ୧୦ ବର୍ଷ |
| ୫ । ନରସିଂହକେଶରୀ = ନରସିଂହ ବା ଶରଶଙ୍ଖଦେବ | ୧୭ ବର୍ଷ |
| | ୯୧ ବର୍ଷ |

ମାଦଳାପାଞ୍ଜିରେ କେଶରୀବଂଶର ରାଜାମାନଙ୍କ ତାଲିକାରୁ ଉପରୋକ୍ତ ସମୟ ବାଦ୍ ଦେଲେ ଅନ୍ୟ ଅଂଶ ଠିକ୍ ଥିଲାପରି ମନେ ହୁଏ । ନିମ୍ନରେ ତାହାର ନିଦର୍ଶନ ଦେଲୁଁ ।

| | ଅଙ୍କ | ବର୍ଷ | ଶକାବ୍ଦ |
|---|---|---|---|
| ୧ । ଯଯାତି କେଶରୀ | ୫୨ | ୪୭ | ୪୭୪–୫୨୦ |
| ୨ । ସୂର୍ଯ୍ୟ କେଶରୀ | ୨୩ | ୧୯ | ୫୨୦–୫୩୯ |
| ୩ । ଅନନ୍ତ କେଶରୀ | ୧୭ | ୧୪ | ୫୩୯–୫୫୩ |
| ୪ । ଲଲାଟ କେଶରୀ | ୫୩ | ୪୪ | ୫୫୩–୫୯୭ |
| ୫ । କନକ କେଶରୀ | ୨୯ | ୨୪ | ୫୯୭–୬୨୧ |
| ୬ । ନର କେଶରୀ | ୧୫ | ୧୩ | ୬୨୧–୬୩୪ |
| ୭ । ପର କେଶରୀ | ୧୨ | ୧୦ | ୬୩୪–୬୪୪ |
| ୮ । କୁଙ୍କ କେଶରୀ | ୧୮ | ୧୫ | ୬୪୪-୬୫୯ |
| ୯ । ଗଜ ବା ରାଜକେଶରୀ | ୧୪ | ୧୨ | ୬୫୯–୬୭୧ |
| ୧୦ । ବସନ୍ତ କେଶରୀ | ୩ | ୨ | ୬୭୧–୬୭୩ |
| ୧୧ । ଗନ୍ଧର୍ବ ବା ଗଣିତ କେଶରୀ | ୨୧ | ୧୭ | ୬୭୩-୬୯୦ |

| | | | |
|---|---|---|---|
| ୧୨ । ଭରତ କେଶରୀ | ୩୧ | ୨୫ | ୬୯୦-୭୧୫ |
| ୧୩ । କଳି କେଶରୀ | ୨୪ | ୨୦ | ୭୧୫-୭୩୫ |
| ୧୪ । କାମ କେଶରୀ | ୩୨ | ୨୬ | ୭୩୫ ୭୬୧ |
| ୧୫ । କୋଶଳ କେଶରୀ | ୨୯ | ୨୪ | ୭୬୧-୭୮୫ |
| ୧୬ । ଧୃତ କେଶରୀ | ୧୨ | ୧୦ | ୭୮୫-୭୯୫ |
| ୧୭ । ବଜସ୍ମ କେଶରୀ | ୧୮ | ୧୫ | ୭୯୫-୮୦୦ |
| ୧୮ । ଚଣ୍ଡାଲ କେଶରୀ | ୧୭ | ୧୫ | ୮୦୦-୮୧୫ |
| ୧୯ । ମଧୁସୂଦନ କେଶରୀ | ୧୯ | ୧୬ | ୮୧୫-୮୩୧ |
| ୨୦ । ଜୟ କେଶରୀ | ୧୩ | ୧୧ | ୮୩୧-୮୪୨ |
| ୨୧ । ନୃପ କେଶରୀ | ୧୮ | ୧୫ | ୮୪୨-୮୫୭ |
| ୨୨ । ମରକତ କେଶରୀ | ୧୭ | ୨୪ | ୮୫୭-୮୭୧ |
| ୨୩ । ନୃତ୍ୟ କେଶରୀ | ୧୯ | ୧୬ | ୮୭୧-୮୮୭ |
| ୨୪ । ଭୂପାଳ କେଶରୀ | ୧୨ | ୧୦ | ୮୮୭-୮୯୭ |
| ୨୫ । ମତ୍ସ୍ୟ କେଶରୀ | ୨୦ | ୨୦ | ୮୯୭-୯୧୭ |
| ୨୬ । ମାଧବ କେଶରୀ | ୧୨ | ୧୦ | ୯୧୭-୯୨୭ |
| ୨୭ । ଗୋବିନ୍ଦ କେଶରୀ | ୧୨ | ୧୦ | ୯୨୭-୯୩୭ |
| ୨୮ । ପୁରଜ କେଶରୀ | ୧୫ | ୧୩ | ୯୩୭-୯୫୦ |
| ୨୯ । ବସନ୍ତ କେଶରୀ | ୧୦ | ୯ | ୯୫୦-୯୫୯ |
| ୩୦ । ସିଙ୍ଘ କେଶରୀ | ୩ | ୨ | ୯୫୯-୯୬୧ |

ଯଯାତି କେଶରୀଙ୍କ ପୂର୍ବେ ଓଡ଼ିଶା ରକ୍ତବାହୁବଂଶୀୟମାନଙ୍କ ଅଧୀନରେ ଥିବାର ଉଲ୍ଲେଖ ଅଛି । ମାଦଳାପାଞ୍ଜିରୁ ଜଣାଯାଏ ଯେ ଚନ୍ଦ୍ରଦେବଙ୍କୁ ମୋଗଲମାନେ ବିଶ୍ୱାସରେ ମାରିପକାଇ ରାଜ୍ୟ ଭୋଗ କଲେ । ମନେ ହୁଏ ଏହି ଚନ୍ଦ୍ରଦେବ ଓ ଚଣ୍ଡକେଶରୀ ଏକ ବ୍ୟକ୍ତି । ଚନ୍ଦ୍ରଦେବ ବା ଚଣ୍ଡକେଶରୀ ୧୩ ବର୍ଷ ରାଜତ୍ୱ କରିଥିବାର ମାଦଳାପାଞ୍ଜିରେ ଲେଖାଅଛି । ଶୁଭନଦେବ ବା ଶୋଭନଦେବ ବା ସୁବର୍ଣ୍ଣକେଶରୀଙ୍କ ରାଜତ୍ୱ ୧୬ ବର୍ଷ ବୋଲି ମାଦଳାପାଞ୍ଜିରେ ଉଲ୍ଲେଖ ଅଛି । କିନ୍ତୁ ଏହାଙ୍କ ୨ ଅଙ୍କରେ ରକ୍ତବାହୁ ଆସିଲେ ଏବଂ ସେ ୫ ଅଙ୍କରେ ଝାଡ଼ଖଣ୍ଡ ମଧ୍ୟକୁ ପଳାଇଯାଇଥିଲେ । ଏହାଙ୍କ ପଳାୟନ ପରେ ଚଣ୍ଡକେଶରୀ ୧୩ ବର୍ଷ ରାଜତ୍ୱ କରିଥିଲେ । ଚନ୍ଦ୍ରକେଶରୀଙ୍କ ପରେ ୧୪୬ ବର୍ଷ ଓଡ଼ିଶା ମୋଗଲ ଶାସନାଧୀନ ଥିବାର ଉଲ୍ଲେଖ ଅଛି । ସମ୍ଭବତଃ ସେହିଠାରୁ ଓଡ଼ିଶା ରାଜା ଅଧୀନ ରାଜା ହେଲେ; ସେମାନଙ୍କ ସ୍ୱାଧୀନତା ଲୋପ ହେଲା । ଓଡ଼ିଶା ରାଜାମାନେ କେବଳ ସାମନ୍ତ ରାଜା ହୋଇ ବାସ କଲେ । ସୁତରାଂ କେଶରୀବଂଶୀୟ ଅନ୍ୟାନ୍ୟ ରାଜାମାନେ ସ୍ୱାଧୀନତା ହରାଇ

ବାସକଲେ । ଯଯାତି କେଶରୀ ପୁନର୍ବାର ଓଡ଼ିଶାକୁ ସ୍ୱାଧୀନ କଲେ । ସୁତରାଂ ତାଙ୍କ ନାମ ବିଶେଷ ଖ୍ୟାତ ହେଲା । ସେ ସ୍ୱାଧୀନ ରାଜା ରୂପେ ଅଭିଷିକ୍ତ ହେଲେ ।

ଯଯାତି ଜନ୍ମେଜୟଙ୍କ ପୁତ୍ର ଥିବାର କଥିତ ହୁଏ ଏବଂ ସେ ସାମନ୍ତ ରାଜା ଥିବାର କଥିତ ହୁଏ । ମହାମହୋପାଧ୍ୟାୟ ସଦାଶିବ କାବ୍ୟକଣ୍ଠ ମହାଶୟ ତାଙ୍କ "ଜଗନ୍ନାଥ ମନ୍ଦିର" ନାମକ ପୁସ୍ତକରେ ଲେଖିଛନ୍ତି ଯେ ଯଯାତି ଜନ୍ମେଜୟଙ୍କ ପୁତ୍ର ଥିଲେ ଏବଂ ସେ କୋଶଳର ଜଣେ ସମନ୍ତ ରାଜା ଥିଲେ । ରକ୍ତବାହୁ ପରେ ଉତ୍କଳରେ ରାଜଶକ୍ତି ବିଚ୍ଛିନ୍ନ ହୋଇ ପଡ଼ିଥିଲା ଏବଂ ତାମ୍ରଫଳକରୁ ଜଣାଯାଏ ଯେ ଯଯାତି ଓଡ଼ିଶାର ଏକାଂଶର ରାଜା, ଜନ୍ମେଜୟଙ୍କ ପୁତ୍ର ('ଜଗନ୍ନାଥ ମନ୍ଦିର' ୩୯ ପୃଷ୍ଠା) । ଏ ସମସ୍ତ ଦେଖି ମନେହୁଏ ଜନ୍ମେଜୟ କେଶରୀ ଯଯାତିଙ୍କ ପିତା ଥିଲେ । ସେ ଯଯାତିଙ୍କ ପରବର୍ତ୍ତୀ ରାଜା ବୋଲି ଯାହା ଉଲ୍ଲେଖ ଅଛି ଏବଂ ହଣ୍ଟର ସାହେବ ଯାହା ଉଦ୍ଧୃତ କରିଛନ୍ତି, ତାହା ଭ୍ରମମୂଳକ ବୋଲି ବୋଧହୁଏ ।

ଜନ୍ମେଜୟ କେଶରୀ ବ ୨୧ । ୩ । ୪ ରାଜତ୍ୱ କରିଥିବାର ଉଲ୍ଲେଖ ଅଛି । ମାତ୍ର ହଣ୍ଟର ସାହେବ ତାଙ୍କ ରାଜତ୍ୱ ସମୟ ୭୫୩—୭୬୫ ଖ୍ରୀଷ୍ଟାବ୍ଦ ଅର୍ଥାତ୍ ୧୧ ବର୍ଷ ବୋଲି ଲେଖିଛନ୍ତି । ଅଙ୍କ ହିସାବରେ ଦେଖିଲେ ୨୨ ଅଙ୍କରେ ୧୮ ବର୍ଷ ହୋଇପାରେ । ସୁତରାଂ ଜନ୍ମେଜୟଙ୍କ ରାଜତ୍ୱ ସମନ୍ତ ଶକାବ୍ଦ ୪୫୨—୪୭୪ ଅର୍ଥାତ୍ ୫୩୦—୫୫୨ ଖ୍ରୀଷ୍ଟାବ୍ଦ । ଏ ଜନ୍ମେଜୟ ବ୍ରହ୍ମେଶ୍ୱର ଲିପି ଲିଖିତ ଜନ୍ମେଜୟ ନୁହନ୍ତି । ରାଜବଂଶମାନଙ୍କରେ ଏକ ନାମ ଭିନ୍ନ ଭିନ୍ନ ରାଜାଙ୍କର ଥାଏ । ପୁରାଣ ଆଲୋଚନା କଲେ ଜଣାଯାଏ ଜନ୍ମେଜୟଙ୍କ ପୂର୍ବ ରାଜା କିଏ ଥିଲା, ଏ କଥା ଠିକଣା କରିବା ସହଜ ନୁହେଁ ।

ଯଯାତି କେଶରୀଙ୍କ ରାଜତ୍ୱ ସମୟ ୪୭୪ ଶକାବ୍ଦ ହେଲେ ରକ୍ତବାହୁ ବଂଶୀୟମାନେ ୩୨୮ ଶକାବ୍ଦରୁ ୪୭୪ ଶକାବ୍ଦ ପର୍ଯ୍ୟନ୍ତ ଓଡ଼ିଶାରେ ଆଧିପତ୍ୟ କରିଥିବାର ଜଣାଯାଏ ଅର୍ଥାତ୍ ୪୦୬—୫୫୨ ଖ୍ରୀଷ୍ଟାବ୍ଦ ।

ଚଣ୍ଡ କେଶରୀ ବା ଚନ୍ଦ୍ର କେଶରୀ ଶକାବ୍ଦ ୩୧୫—୩୨୮ ପର୍ଯ୍ୟନ୍ତ ଓ ସୁବର୍ଣ୍ଣ କେଶରୀ ୩୧୧—୩୧୫ ଶକାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏ ହିସାବରେ ଦେଖିଲେ ଆମ୍ଭେ ପୂର୍ବେ ୧ମ ଜନ୍ମେଜୟଙ୍କ ରାଜତ୍ୱ ସମ୍ବନ୍ଧେ ଯାହା କହିଛୁଁ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ୮୯ ଅବ୍ଦଠାରୁ ୬୭୪ ଶକାବ୍ଦ ପର୍ଯ୍ୟନ୍ତ କେଶରୀବଂଶୀୟମାନେ କେତେବେଳେ ସ୍ୱାଧୀନ ରାଜା ଥିଲେ, କେତେବେଳେ ବା ପରାଧୀନ ହୋଇ ସାମନ୍ତ ରାଜା ସ୍ୱରୂପ ଥିଲେ; ଉତ୍କଳ କେତେବେଳେ ଦିଲ୍ଲୀ ସମ୍ରାଟଙ୍କ ଅଧୀନରେ ଥିଲା, କେତେବେଳେ ବା ସ୍ୱାଧୀନ ହୋଇଥାଏ ।

କେଶରୀବଂଶର ଯେ କେବଳ ୪୪ ଜଣ ରାଜା ଥିଲେ ତାହା ନୁହେଁ । ଉପରେ ଯେ ନାମସବୁ ଦିଆଯାଇଛି ସେଥିରୁ ଜଣାଯାଏ ଆହୁରି ଅନେକ ରାଜା କେଶରୀବଂଶୀୟ ଥିଲେ ।

| | | | |
|---|---|---|---|
| ୧୨ । ଭରତ କେଶରୀ | ୩୧ | ୨୫ | ୬୯୦-୬୧୫ |
| ୧୩ । କଳ୍କ କେଶରୀ | ୨୪ | ୨୦ | ୬୧୫-୬୩୫ |
| ୧୪ । କାମ କେଶରୀ | ୩୨ | ୨୬ | ୬୩୫ ୬୬୧ |
| ୧୫ । କୋଶଲ କେଶରୀ | ୨୯ | ୨୪ | ୬୬୧-୬୮୫ |
| ୧୬ । ଧୃତ କେଶରୀ | ୧୨ | ୧୦ | ୬୮୫-୬୯୫ |
| ୧୭ । ବିଜୟ କେଶରୀ | ୧୮ | ୧୫ | ୬୯୫-୮୦୦ |
| ୧୮ । ଚଣ୍ଡାଲ କେଶରୀ | ୧୭ | ୧୫ | ୮୦୦-୮୧୫ |
| ୧୯ । ମଧୁସୂଦନ କେଶରୀ | ୧୯ | ୧୬ | ୮୧୫-୮୩୧ |
| ୨୦ । ଜୟ କେଶରୀ | ୧୩ | ୧୧ | ୮୩୧-୮୪୨ |
| ୨୧ । ନୃପ କେଶରୀ | ୧୮ | ୧୫ | ୮୪୨-୮୫୭ |
| ୨୨ । ମରକତ କେଶରୀ | ୧୭ | ୨୪ | ୮୫୭-୮୭୧ |
| ୨୩ । ନୃତ୍ୟ କେଶରୀ | ୧୯ | ୧୬ | ୮୭୧-୮୮୭ |
| ୨୪ । ଭୂପାଲ କେଶରୀ | ୧୨ | ୧୦ | ୮୮୭-୮୯୭ |
| ୨୫ । ମତ୍ସ୍ୟ କେଶରୀ | ୨୦ | ୨୦ | ୮୯୭-୯୧୭ |
| ୨୬ । ମାଧବ କେଶରୀ | ୧୨ | ୧୦ | ୯୧୭-୯୨୭ |
| ୨୭ । ଗୋବିନ୍ଦ କେଶରୀ | ୧୨ | ୧୦ | ୯୨୭-୯୩୭ |
| ୨୮ । ସୁରଜ କେଶରୀ | ୧୫ | ୧୩ | ୯୩୭-୯୫୦ |
| ୨୯ । ବରାହ କେଶରୀ | ୧୦ | ୯ | ୯୫୦-୯୫୯ |
| ୩୦ । ସିଂହ କେଶରୀ | ୩ | ୨ | ୯୫୯-୯୬୧ |

ଯଯାତି କେଶରୀଙ୍କ ପୂର୍ବେ ଓଡ଼ିଶା ରକ୍ତବାହୁବଂଶୀୟମାନଙ୍କ ଅଧୀନରେ ଥିବାର ଉଲ୍ଲେଖ ଅଛି । ମାଦଳାପାଞ୍ଜିରୁ ଜଣାଯାଏ ଯେ ଚନ୍ଦ୍ରଦେବଙ୍କୁ ମୋଗଲମାନେ ବିଶ୍ୱାସରେ ମାରିପକାଇ ରାଜ୍ୟ ଭୋଗ କଲେ । ମନେ ହୁଏ ଏହି ଚନ୍ଦ୍ରଦେବ ଓ ଚଣ୍ଡିକେଶରୀ ଏକ ବ୍ୟକ୍ତି । ଚନ୍ଦ୍ରଦେବ ବା ଚଣ୍ଡିକେଶରୀ ୧୩ ବର୍ଷ ରାଜତ୍ୱ କରିଥିବାର ମାଦଳାପାଞ୍ଜିରେ ଲେଖାଅଛି । ଶୁଭନଦେବ ବା ଶୋଭନଦେବ ବା ସୁବର୍ଣ୍ଣକେଶରୀଙ୍କ ରାଜତ୍ୱ ୯୬ ବର୍ଷ ବୋଲି ମାଦଳାପାଞ୍ଜିରେ ଉଲ୍ଲେଖ ଅଛି । କିନ୍ତୁ ଏହାଙ୍କ ୨ ଅଙ୍କରେ ରକ୍ତବାହୁ ଆସିଲେ ଏବଂ ସେ ୫ ଅଙ୍କରେ ଝାଡ଼ଖଣ୍ଡ ମଧ୍ୟକୁ ପଳାଇଯାଇଥିଲେ । ଏହାଙ୍କ ପଳାୟନ ପରେ ଚଣ୍ଡିକେଶରୀ ୧୩ ବର୍ଷ ରାଜତ୍ୱ କରିଥିଲେ । ଚନ୍ଦ୍ରକେଶରୀଙ୍କ ପରେ ୧୪୬ ବର୍ଷ ଓଡ଼ିଶା ମୋଗଲ ଶାସନାଧୀନ ଥିବାର ଉଲ୍ଲେଖ ଅଛି । ସମ୍ଭବତଃ ସେହିଠାରୁ ଓଡ଼ିଶା ରାଜା ଅଧୀନ ରାଜା ହେଲେ; ସେମାନଙ୍କ ସ୍ୱାଧୀନତା ଲୋପ ହେଲା । ଓଡ଼ିଶା ରାଜାମାନେ କେବଳ ସାମନ୍ତ ରାଜା ହୋଇ ବାସ କଲେ । ସୁତରାଂ କେଶରୀବଂଶୀୟ ଅନ୍ୟାନ୍ୟ ରାଜାମାନେ ସ୍ୱାଧୀନତା ହରାଇ

ବାସକଲେ । ଯଯାତି କେଶରୀ ପୁନର୍ବାର ଓଡ଼ିଶାକୁ ସ୍ୱାଧୀନ କଲେ । ସୁତରାଂ ତାଙ୍କ ନାମ ବିଶେଷ ଖ୍ୟାତ ହେଲା । ସେ ସ୍ୱାଧୀନ ରାଜା ରୂପେ ଅଭିଷିକ୍ତ ହେଲେ ।

ଯଯାତି ଜନ୍ମେଜୟଙ୍କ ପୁତ୍ର ଥିବାର କଥିତ ହୁଏ ଏବଂ ସେ ସାମନ୍ତ ରାଜା ଥିବାର କଥିତ ହୁଏ । ମହାମହୋପାଧ୍ୟାୟ ସଦାଶିବ କାବ୍ୟକଣ୍ଠ ମହାଶୟ ତାଙ୍କ "ଜଗନ୍ନାଥ ମନ୍ଦିର" ନାମକ ପୁସ୍ତକରେ ଲେଖିଛନ୍ତି ଯେ ଯଯାତି ଜନ୍ମେଜୟଙ୍କ ପୁତ୍ର ଥିଲେ ଏବଂ ସେ କୋଶଳର ଜଣେ ସାମନ୍ତ ରାଜା ଥିଲେ । ରକ୍ତବାହୁ ପରେ ଉତ୍କଳରେ ରାଜଶକ୍ତି ବିଚ୍ଛିନ୍ନ ହୋଇ ପଡ଼ିଥିଲା ଏବଂ ତାମ୍ରଫଳକରୁ ଜଣାଯାଏ ଯେ ଯଯାତି ଓଡ଼ିଶାର ଏକାଂଶର ରାଜା ଜନ୍ମେଜୟଙ୍କ ପୁତ୍ର ('ଜଗନ୍ନାଥ ମନ୍ଦିର' ୩୯ ପୃଷ୍ଠା) । ଏ ସମସ୍ତ ଦେଖି ମନେହୁଏ ଜନ୍ମେଜୟ କେଶରୀ ଯଯାତିଙ୍କ ପିତା ଥିଲେ । ସେ ଯଯାତିଙ୍କ ପରବର୍ତ୍ତୀ ରାଜା ବୋଲି ଯାହା ଉଲ୍ଲେଖ ଅଛି ଏବଂ ହଣ୍ଟର ସାହେବ ଯାହା ଉଦ୍ଧୃତ କରିଛନ୍ତି, ତାହା ଭ୍ରମମୂଳକ ବୋଲି ବୋଧହୁଏ ।

ଜନ୍ମେଜୟ କେଶରୀ ବ ୨୧ । ୩ । ୪ ରାଜତ୍ୱ କରିଥିବାର ଉଲ୍ଲେଖ ଅଛି । ମାତ୍ର ହଣ୍ଟର ସାହେବ ତାଙ୍କ ରାଜତ୍ୱ ସମୟ ୭୫୩—୭୭୫ ଖ୍ରୀଷ୍ଟାବ୍ଦ ଅର୍ଥାତ୍ ୧୧ ବର୍ଷ ବୋଲି ଲେଖିଛନ୍ତି । ଅଙ୍କ ହିସାବରେ ଦେଖିଲେ ୨୨ ଅଙ୍କରେ ୧୮ ବର୍ଷ ହୋଇପାରେ । ସୁତରାଂ ଜନ୍ମେଜୟଙ୍କ ରାଜତ୍ୱ ସମୟ ଶକାବ୍ଦ ୪୫୨—୪୭୪ ଅର୍ଥାତ୍ ୫୩୦—୫୫୨ ଖ୍ରୀଷ୍ଟାବ୍ଦ । ଏ ଜନ୍ମେଜୟ ବ୍ରହ୍ମେଶ୍ୱର ଲିପି ଲିଖିତ ଜନ୍ମେଜୟ ନୁହନ୍ତି । ରାଜବଂଶମାନଙ୍କରେ ଏକ ନାମ ଭିନ୍ନ ଭିନ୍ନ ରାଜାଙ୍କର ଥାଏ । ପୁରାଣ ଆଲୋଚନା କଲେ ଜଣାଯାଏ ଜନ୍ମେଜୟଙ୍କ ପୂର୍ବ ରାଜା କିଏ ଥିଲା, ଏ କଥା ଠିକଣା କରିବା ସହଜ ନୁହେଁ ।

ଯଯାତି କେଶରୀଙ୍କ ରାଜତ୍ୱ ସମୟ ୪୭୪ ଶକାବ୍ଦ ହେଲେ ରକ୍ତବାହୁ ବଂଶୀୟମାନେ ୩୨୮ ଶକାବ୍ଦରୁ ୪୭୪ ଶକାବ୍ଦ ପର୍ଯ୍ୟନ୍ତ ଓଡ଼ିଶାରେ ଆଧିପତ୍ୟ କରିଥିବାର ଜଣାଯାଏ ଅର୍ଥାତ୍ ୪୦୬—୫୫୨ ଖ୍ରୀଷ୍ଟାବ୍ଦ ।

ଚଣ୍ଡ କେଶରୀ ବା ଚନ୍ଦ୍ର କେଶରୀ ଶକାବ୍ଦ ୩୧୫—୩୨୮ ପର୍ଯ୍ୟନ୍ତ ଓ ସୁବର୍ଣ୍ଣ କେଶରୀ ୩୧୧—୩୧୫ ଶକାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏ ହିସାବରେ ଦେଖିଲେ ଆମ୍ଭେ ପୂର୍ବେ ୧ମ ଜନ୍ମେଜୟଙ୍କ ରାଜତ୍ୱ ସମ୍ବନ୍ଧେ ଯାହା କହିଛୁଁ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ୮୯ ଅବ୍ଦଠାରୁ ୦୭୪ ଶକାବ୍ଦ ପର୍ଯ୍ୟନ୍ତ କେଶରୀବଂଶୀୟମାନେ କେତେବେଳେ ସ୍ୱାଧୀନ ରାଜା ଥିଲେ, କେତେବେଳେ ବା ପରାଧୀନ ହୋଇ ସାମନ୍ତ ରାଜା ସ୍ୱରୂପ ଥିଲେ; ଉତ୍କଳ କେତେବେଳେ ଦିଲ୍ଲୀ ସମ୍ରାଟଙ୍କ ଅଧୀନରେ ଥିଲା, କେତେବେଳେ ବା ସ୍ୱାଧୀନ ହୋଇଥାଏ ।

କେଶରୀବଂଶର ଯେ କେବଳ ୪୪ ଜଣ ରାଜା ଥିଲେ ତାହା ନୁହେଁ । ଉପରେ ଯେ ନାମସବୁ ଦିଆଯାଇଛି ସେଥିରୁ ଜଣାଯାଏ ଆହୁରି ଅନେକ ରାଜା କେଶରୀବଂଶୀୟ ଥିଲେ ।

ମାତ୍ର ସେମାନଙ୍କ ସମ୍ବନ୍ଧେ ମାଦଳାପାଞ୍ଜିରେ କୌଣସି ସମସ୍ତ ବିଶେଷଭାବରେ ଉଲ୍ଲେଖ ନାହିଁ । ବହୁକାଳର କଥା ରାଜାମାନଙ୍କ ନାମକ୍ରମ ସ୍ଥିର ନାହିଁ ।

ଉପରୋକ୍ତ ୫ ଜଣ ରାଜାଙ୍କ ୯୧ ବର୍ଷ ଗଣା ଗଲେ କେଶରୀବଂଶର ରାଜତ୍ୱ ୯୭୧+୯୧=୧୦୬୨ ଶକାବ୍ଦ ପର୍ଯ୍ୟନ୍ତ ଥିବ । ୧୦୬୨ ଶକାବ୍ଦ ପରେ ଗଙ୍ଗବଂଶର ରାଜତ୍ୱ ଆରମ୍ଭ ହେବା ସମ୍ଭବ ।

---

## ଗଙ୍ଗବଂଶ

ଗଙ୍ଗବଂଶର ଉତ୍ପତ୍ତି ସମ୍ବନ୍ଧରେ ନାନା ମତ ଦେଖାଯାଏ । ମାଦଳାପାଞ୍ଜିରେ ଏ ବଂଶର ଉତ୍ପତ୍ତି ସମ୍ବନ୍ଧରେ ଯାହା ଲେଖା ଅଛି ତାହା ପୂର୍ବ ଅଧ୍ୟାୟର ଶେଷରେ ପରିଚୟ ଦେଇଅଛୁଁ । ସମ୍ପ୍ରତି ତାମ୍ରଲିପ୍ତ ଇତିହାସ ଲେଖକ ଶ୍ରୀଯୁକ୍ତ ସେବାନନ୍ଦ ଭାରତୀ ତାଙ୍କ କୃତ 'ତାମ୍ରଲିପ୍ତ ଇତିହାସ' ନାମକ ପୁସ୍ତକର ୫୧ ପୃଷ୍ଠାରେ ଲେଖିଛନ୍ତି ଯେ "ଓଡ଼ିଶାର ଗଜପତି ସମ୍ରାଟମାନେ ବଙ୍ଗାଳୀ ମାହିଷ୍ୟ କ୍ଷତ୍ରିୟ । ଏମାନଙ୍କର ଆଦି ଅବସ୍ଥାନ ତାମ୍ରଲିପ୍ତ ବା ତମଲୁକରେ ଥିଲା ।" ପୃଥିବୀ ଇତିହାସ ଲେଖକ ମଧ୍ୟ ଏହି ମତ ସମର୍ଥନ କରିଛନ୍ତି । ପଣ୍ଡିତାଗ୍ରଗଣ୍ୟ ଉଇଲସନ୍ ସାହେବ କହନ୍ତି "କଲଭିନ୍ ଯେଉଁ ଅନୁଶାସନପତ୍ର ପାଇଛନ୍ତି ସେଥିରୁ ଜଣାଯାଏ ଯେ, ଯେ କଳିଙ୍ଗରେ ପ୍ରଥମେ ଉପସ୍ଥିତ ହୋଇଥିଲେ, ତାଙ୍କ ନାମ ଅନନ୍ତ ବର୍ମ୍ମା ବା କୋଳାହଳ । ସେ ଗଙ୍ଗା ରାଢ଼ୀୟ ଅର୍ଥାତ୍ ଗଙ୍ଗାସନ୍ନିହିତ ତମଲୁକ ଓ ମେଦିନୀପୁରର ଅଧିପତି ଥିଲେ । ହଣ୍ଟର ସାହେବ, ରାଜକୃଷ୍ଣ ମୁଖୋପାଧ୍ୟାୟ, ବଙ୍କିମବାବୁ, ରଜନୀକାନ୍ତ ଗୁପ୍ତ ମାନେ କହନ୍ତି, ଏମାନେ ଗଙ୍ଗ ରାଢ଼ୀ । ପଣ୍ଡିତ ଲାଲମୋହନ ବିଦ୍ୟାନିଧି "ସମ୍ବନ୍ଧ ନିର୍ଣ୍ଣୟ" ଗ୍ରନ୍ଥରେ ଏବଂ ମହିମାଚନ୍ଦ୍ର ମଜୁମଦାର "ଗୌଡ଼ ବ୍ରାହ୍ମଣ" ଗ୍ରନ୍ଥରେ ସ୍ପଷ୍ଟ ଲେଖିଛନ୍ତି, ବଙ୍ଗାଳୀ ମାହିଷ୍ୟଜାତି ପରିକ୍ରାନ୍ତ ହୋଇ ଅଶ୍ୱପତି, ଗଜପତି, ନରପତି ଓ ଛତ୍ରପତି ଚାରି ଶାଖାରେ ବିଭକ୍ତ ହେଲେ । ଗଜପତିମାନେ ଓଡ଼ିଶାରେ ସ୍ୱାଧୀନ ରାଜ୍ୟ ସ୍ଥାପନ କଲେ । ଭୂର୍ଣୀର ଜ ଗଜେନ୍ଦ୍ର, ମହାପାତ୍ର ବଂଶ ଏବଂ ଓଡ଼ିଶା ସମ୍ରାଟ ଗଜପତି ବଂଶମାନେ ଏକ ବଂଶ; ମାତ୍ର ବିଭିନ୍ନ ଶାଖା !

ପାଠକେ ଦେଖନ୍ତୁ, ପୂର୍ବେ କେଶରୀବଂଶ ଶୁଦ୍ରବଂଶୀୟ ବଙ୍ଗାଳୀ ଥିବାର ଗାଙ୍ଗୁଲି ମହାଶୟ ଲେଖିଥିଲେ । ବର୍ତ୍ତମାନ ଅନ୍ୟ କେତେକ ବଙ୍ଗୀୟ ସାହିତ୍ୟିକଙ୍କ ମତରେ ଗଙ୍ଗବଂଶ ମଧ୍ୟ ବଙ୍ଗାଳୀ । କେଶରୀବଂଶ ଓ ଗଙ୍ଗବଂଶ ବଙ୍ଗାଳୀ ହେଲେ ଓଡ଼ିଆମାନେ ଆଉ କଣ ନେଇ ଗର୍ବ କରିବେ ? ସୁତରାଂ ଏଥିର ସବିଶେଷ ସମାଲୋଚନା ଆବଶ୍ୟକ ।

ମାହିଷ୍ୟ କାହାକୁ କହନ୍ତି ? ମହର୍ଷି ଯାଜ୍ଞବଲ୍କ୍ୟ ଗୌତମ, ବୃଦ୍ଧ ହାରିତ, କଳ୍କି ଓ ପରଶୁରାମ ପ୍ରଭୃତିଙ୍କ ମତରେ କ୍ଷତ୍ରିୟ ଔରସରୁ ବୈଶ୍ୟ ଗର୍ଭଜାତ ସନ୍ତାନମାନେ ମାହିଷ୍ୟ ନାମରେ ପରିଚିତ । ପଦ୍ମପୁରାଣ, ବ୍ରହ୍ମବୈବର୍ତ୍ତପୁରାଣ, ଉଶନ ସଂହିତା, ବ୍ୟାସସକ୍ତ ଚଣ୍ଡି କୌଶିକୀ ଓ କୁଳାଷ୍ଟକ ପ୍ରଭୃତି ଶାସ୍ତ୍ରାନୁସାରେ ଉପରୋକ୍ତ ସନ୍ତାନମାନେ କୈବର୍ତ୍ତ ବା କେଉଟ ନାମରେ ପରିଚିତ । ଓଡ଼ିଶାରେ କେଉଟମାନେ ଅତି ନୀଚ ଜାତି । ଏମାନେ ଜଳ ଅସ୍ପୃଶ୍ୟ । ଏମାନେ ନାହା ବୃହାନ୍ତି ଓ ମାଛ ବ୍ୟବସାୟ କରନ୍ତି । ସୁତରାଂ ଗଜପତିବଂଶ ସହିତ ଏମାନଙ୍କର ସମ୍ବନ୍ଧ ଥିବା ଅତି ହାସ୍ୟାସ୍ପଦ କଥା ।

ଗଙ୍ଗବଂଶ ସମ୍ବନ୍ଧେ ନରସିଂହ ତାମ୍ରାନୁଶାସନରୁ କେତେକ ବିଷୟ ମିଳିପାରେ । ତାମ୍ରାନୁଶାସନ ଅନେକ କାଳ ପୂର୍ବେ ଲିଖିତ ହୋଇଥିଲା । ଏଥିର ସମୟ ୧୨୧୭ ଶକାବ୍ଦ; ଅର୍ଥାତ୍ ୧୧୬୦ ଖ୍ରୀଷ୍ଟାବ୍ଦ । ମାଃ ନଗେନ୍ଦ୍ରନାଥ ଦତ୍ତ ମହାଶୟ ଶାଲିବାହନ ଶକାବ୍ଦ ଧରି ୧୨୯୫ ଖ୍ରୀଷ୍ଟାବ୍ଦ ବୋଲି ସ୍ଥିର କରି ଅଛନ୍ତି । ତାମ୍ରାନୁଶାସନରେ ଗଙ୍ଗବଂଶର ବଂଶାବଳୀ ଲିଖିତ ଅଛି । ଏଥିରୁ ଜଣାଯାଏ ଯେ ଗଙ୍ଗବଂଶୀୟମାନେ ଚନ୍ଦ୍ରବଂଶ ସମ୍ଭୂତ ଚୌରଙ୍ଗ ବା ଚୂଡ଼ଙ୍ଗଦେବଙ୍କ ମାତାଙ୍କ ନାମ ଗଙ୍ଗା ଥିବାରୁ ତାହାଙ୍କ ନାମାନୁସାରେ ବଂଶଟି ଗଙ୍ଗବଂଶ ନାମରେ ପରିଚିତ । ଗଙ୍ଗବଂଶାନୁଚରିତ ନାମକ ଏକ ଗ୍ରନ୍ଥରୁ ଏ କଥା ପ୍ରମାଣିତ ହେଉଛି ।

ଅନନ୍ତ ବର୍ମା ମଧ୍ୟ ଏହି ଚନ୍ଦ୍ରବଂଶୀୟ ଥିବାର ତାମ୍ରଶାସନରୁ ଜଣାଯାଏ । ତାହାଙ୍କର ଅପର ନାମ "କୋଳାହଳ" ଥିଲା । ସେଥିରେ ଯେପରି ବଂଶାବଳୀ ଅଛି, ତାହା କ୍ରମରେ ଦିଆଗଲା : (୧) ଚନ୍ଦ୍ର, (୨) ବୁଧ, (୩) ଅନଳ, (୪) ପୁରୁରବା, (୫) ଆୟୁ, (୬) ନହୁଷ, (୭) ଯଯାତି, (୮) ତୁର୍ବସୁ, (୯) ଗାଙ୍ଗେୟ, (୧୦) ବିରୋଚନ, (୧୧) ସମ୍ମୋଦ୍ୟ, (୧୨) ଭାସ୍ୱନ, (୧୩) ଦତ୍ତସେନ, (୧୪) ସୌମ୍ୟ, (୧୫) ଅଶ୍ୱଦତ୍ତ, (୧୬) ସୌରଙ୍ଗ, (୧୭) ଚନ୍ଦ୍ରାଙ୍ଗଦ, (୧୮) ଶିରଧ୍ୱଜ, (୧୯) ଧର୍ମୈଷୀ, (୨୦) ପରୀକ୍ଷିତ, (୨୧) ଜୟସେନ, (୨୨) ବିଜୟସେନ, (୨୩) ବୃଷଧ୍ୱଜ, (୨୪) ପ୍ରିଗଲ୍ଭ, (୨୫) ଶକ୍ତି, (୨୬) ଅନନ୍ତ ବର୍ମା ବା କୋଳାହଳ । ଅନନ୍ତ ବର୍ମାଙ୍କ ରାଜଧାନୀ ଓ ବଂଶ-ପରିଚୟ ସମ୍ବନ୍ଧେ ତାମ୍ରଶାସନରେ ଲେଖାଅଛି ଯେ—

ଧନଜନ ସମୃଦ୍ଧୋ ଗଙ୍ଗବାଡ଼ିଃ ପ୍ରସିଦ୍ଧଃ
ସକଳ ବିଷୟଭୂତଃ ସ୍ୱର୍ଗବର୍ଗୋପଭୋଗ୍ୟ
ତଦଧିପତିରଥାଦ୍ୟୋନନ୍ତବର୍ମା ନୃପେନ୍ଦ୍ରଃ
ସମ ଭବଦତି ରୂପଗଙ୍ଗ ନାମ୍ନା ତଦାଦ୍ୟାଃ ।

ଏଥିରୁ ଜଣାଯାଏ ଯେ ଗଙ୍ଗବାଡ଼ି ତାଙ୍କର ରାଜଧାନୀ ଥିଲା ଏବଂ ତାଙ୍କ ବଂଶ 'ରୂପଗଙ୍ଗ' ବୋଲି ଆଖ୍ୟାତ ହେଉଥିଲା । ଅନନ୍ତ ବର୍ମାଙ୍କ ଜ୍ୟେଷ୍ଠପୁତ୍ର ନରସିଂହ । ୫ମ ରାଜା କାମାର୍ଣ୍ଣବ ଏ ବଂଶର ଜଣେ ଆଦିପୁରୁଷ ଥିଲେ । ସେ କେବଳ କଳିଙ୍ଗ ନୁହେ, ଉତ୍କଳ ବା

ଓଡ଼ିଶା ଆକ୍ରମଣ କରିଥିଲେ । ଗଙ୍ଗବଂଶୀୟ ରାଜାମାନଙ୍କ ଯୁଦ୍ଧ ବିଷୟ ପ୍ରଶଂସା କିଏ କରିପାରିବ ? ଗୋକର୍ଣ୍ଣେଶ୍ୱର ମହାଦେବ ପ୍ରଭୃତି ଏ ବିଷୟର ସାକ୍ଷୀ । ସେହି କାମାର୍ଣ୍ଣବଙ୍କ ପୁତ୍ରପୌତ୍ରମାନେ ବିକ୍ରମଶାଳୀ ରାଜା ଥିଲେ ।

କାମାର୍ଣ୍ଣବ
|
ବଜ୍ରହସ୍ତ
|
ବୀର ରାଜରାଜ (ମାତାଙ୍କ ନାମ ନଙ୍ଗମା)
|
ଚୋଡ଼ଗଙ୍ଗ (ମାତାଙ୍କ ନାମ ରାଜସୁନ୍ଦରୀ)
|

(୧) ମହିଷୀ କସ୍ତୁରୀ କାମୋଦିନୀ ଗର୍ଭଜାତ କାମାର୍ଣ୍ଣବ

(୨) ସୂର୍ଯ୍ୟବଂଶୀୟ ମହିଷୀ ଇନ୍ଦିରା ଗର୍ଭଜାତ ରାଜରାଜ ଶ୍ରୀରାଘବ

(୩) କାଶ୍ୟପ ଗୋତ୍ରୀୟ ଚନ୍ଦ୍ରଲେଖା ଗର୍ଭଜାତ, (୪) ରାଜରାଜ ଓ (୫) ଅନିୟଙ୍କଭୀମ
|
(୬) ଅନିୟଙ୍କଙ୍କ ପୁତ୍ର ରାଜରାଜ
|
ଚାଲୁକ୍ୟବଂଶୀୟା ମହିଷୀ ମଙ୍ଗଳ ଦେବୀ ଗର୍ଭଜାତ
(୭) ଅନଙ୍ଗଭୀମ
|
ରାଣୀ କସ୍ତୁରୀ ଦେବୀ ଗର୍ଭଜାତ
(୮) ଶ୍ରୀ ନରସିଂହ ଦେବ ( କୋଣାର୍କ ମନ୍ଦିର ନିର୍ମାଣ କରାଇଥିଲେ )
|
ମାଳବ ରାଜକନ୍ୟା ସୀତାଦେବୀ ଗର୍ଭଜାତ
(୯) ଭାନୁଦେବ ( ୧୦୬ ଶାସନ ତାମ୍ରଶାସନ ଦ୍ୱାରା ଦାନ କରିଥିଲେ )
|
ଚାଲୁକ୍ୟ ରାଜକନ୍ୟା ଜାକଲ୍ଲା ଦେବୀ ଗର୍ଭଜାତ
(୧୦) ବୀର ନୃସିଂହଦେବ ( ୧୦୦ ଶାସନ ଦାନ କରିଥିଲେ )

ତାମ୍ରଶାସନରେ ପ୍ରତ୍ୟେକ ରାଜାଙ୍କର ରାଜତ୍ୱକାଳ ଯେପରି ନିର୍ଦ୍ଦିଷ୍ଟ ଅଛି, ତାହା ନିମ୍ନରେ ଦିଆଗଲା—

| | |
|---|---|
| (୧) ଚୋଡ଼ଗଙ୍ଗଦେବ | ବ ୭୦ ର୍ଷ |
| (୨) କାମାର୍ଣ୍ଣବ | ବ ୧୦ ର୍ଷ |
| (୩) ଶ୍ରୀରାଘବ | ବ ୧୫ ର୍ଷ |
| (୪) ରାଜରାଜ | ବ ୨୫ ର୍ଷ |
| (୫) ଅନିୟଙ୍କଭୀମ | ବ ୧୦ ର୍ଷ |
| (୬) ରାଜରାଜ | ବ ୧୭ ର୍ଷ |
| (୭) ଅନଙ୍ଗଭୀମ | ବ ୩୪ ର୍ଷ |
| (୮) ନରସିଂହଦେବ | ବ ୩୩ ର୍ଷ |
| (୯) ଭାନୁଦେବ | ବ ୧୮ ର୍ଷ |
| (୧୦) ନୃସିଂହଦେବ | |

ଏମାନଙ୍କ ରାଜତ୍ୱ କେବେ ଆରମ୍ଭ ହୋଇଥିଲା ତହିଁର ନିଦର୍ଶନ ମଧ୍ୟରେ କେବଳ ଏତିକି ମିଳୁଅଛି ଯେ କାମାର୍ଣ୍ଣବ ୧୦୬୪ ଶକାବ୍ଦରେ ରାଜସିଂହାସନରେ ଅଭିଷିକ୍ତ ହୋଇଥିଲେ ।

ବେଦର୍ତ୍ତୁ ବ୍ୟୋମଚନ୍ଦ୍ର ପ୍ରମିତ ଶକସମା ପ୍ରାପ୍ତକାଳେ ଧନେଶେ
ସ୍ୱପଞ୍ଚୋଽନ୍ୟ ଗ୍ରହୌଘେ ବଲବତିଶସ୍ତ୍ରୁ ପ୍ରକ୍ଷ୍ୟଂ ପ୍ରାପ୍ତବସ୍ତୁତ ।

ଅର୍ଥାତ୍ ସୂର୍ଯ୍ୟ ଧନୁରାଶିସ୍ଥ ଏବଂ ଅନ୍ୟାନ୍ୟ ଗ୍ରହମାନେ ବଳବାନ୍ ଥାଇ ୧୦୬୪ (ବେଦ = ୪, ଋତୁ = ୬, ବ୍ୟୋମ = ୦, ଚନ୍ଦ୍ର = ୧) ଶକାବ୍ଦରେ । ଅନ୍ୟାନ୍ୟ ବିଷୟ କେବଳ ଏହି ଗଙ୍ଗବଂଶର ପ୍ରତାପବର୍ଣ୍ଣନା । ଏମାନେ ପ୍ରତାପୀ, ଧନୀ, ମାନୀ, ଶୂର, ବୀର ଇତ୍ୟାଦି ସମସ୍ତ ଗୁଣରେ ଭୂଷିତ ହୋଇଥିଲେ । ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଚୋଡ଼ଗଙ୍ଗଙ୍କୁ ଗଙ୍ଗେଶ ବା ଶିବ ବୋଲି ବର୍ଣ୍ଣନା କରାଯାଇଛି । ଚୋଡ଼ଗଙ୍ଗ ଜଗନ୍ନାଥଙ୍କ ଦେଉଳ ନିର୍ମ୍ମାଣ କାର୍ଯ୍ୟ ଆରମ୍ଭ କରିଥିବାର ଉଲ୍ଲେଖ ଅଛି ।

ପାଦୌ ଯସ୍ୟ ଧରାନ୍ତରୀକ୍ଷମଖିଳଂ ନାଭିସ୍ତ ସର୍ବା ଦିଶଃ
ଶ୍ରୋତ୍ରେ ନେତ୍ରଯୁଗଂ ରବୀନ୍ଦୁ ଯୁଗଳଂ ମୂର୍ଦ୍ଧାପି ଚ ଦ୍ୟୌରସୌ
ପ୍ରାସାଦଂ ପୁରୁଷୋତ୍ତମସ୍ୟ ନୃପତିଃ କୋ ନାମ କର୍ତ୍ତୁଂ କ୍ଷମଃ
ତସ୍ୟୋତ୍ୟାଦ୍ୟ ନୃପୈରୁପେକ୍ଷିତ ମୟଂ ଚକ୍ରେଽଥ ଗଙ୍ଗେଶ୍ୱରଃ ।

ଏହି ଚୋଡ଼ଗଙ୍ଗ ବା ଗଙ୍ଗେଶ୍ୱର ପୁରୁଷୋତ୍ତମଙ୍କ ପ୍ରାସାଦ କାର୍ଯ୍ୟ ଆରମ୍ଭ କଲେ । 'ଗଙ୍ଗବଂଶାନୁଚରିତ' ନାମକ ପୁସ୍ତକରୁ ଗଙ୍ଗବଂଶର କି ପରିଚୟ ମିଳୁଅଛି ଦେଖନ୍ତୁ ।

"ଦ୍ଵିଦେଶ କଟକେ ରାଜଧାନୀ ମଧ୍ୟାସା ଗଙ୍ଗ ନୃପସ୍ତେ ପ୍ରଥମତୋଽବନ୍ତଦେବ ଷଟ୍‌ଙ୍କ ସପଙ୍କ୍ତିରେ ଚରତ୍ଵଦନ୍ତୁ ଷଟ୍‌କଲ୍ଲତୋନୃସିଂହାଃ ଦେବେଷୁ ଚ ବୀର ଭବ ପ୍ରଥମଂ ଚୂଡ଼ଙ୍ଗେ ଯଂ ଗୌଡ଼ଶଙ୍କେ ଇତ କେଚନ୍ନ ଦିଁଶନ୍ତ । ଧୀମ ନପୌ ସହଜ ବୁଦ୍ଧି ବଲୋଦନଃସ୍ଵନ ସିଂହାସନଂ ଗଜପତେଃ ସ୍ଵୟମଧ୍ୟବାସ ଅଟସୌ ଗୌଡ଼ଶଙ୍କସ୍ୟ ବଂଶେ। ଗଙ୍ଗସ୍ୟ ବଂଶ ଇତ କ୍ଷିତୌ ଖ୍ୟାତ ମାପନ୍ତ୍ । ପରେ ବୁଧବାସ୍ତା ଗଙ୍ଗାଭିଧେୟାଃ କସ୍ୟାଶ୍ଚିଦ୍ ବ୍ରାହ୍ମଣ୍ୟା ମହାଦେବ ବର ପ୍ରସାଦାତ୍ ଯଃ ପୁତ୍ରୋଽଭୁତବଂଶେ ଗଙ୍ଗବଂଶ ତଥାପ୍ୟେତ ଗଙ୍ଗବଂଶଃ, ପ୍ରତନ୍ୟସ୍ଵତ ଧର୍ମାନ୍ ପ୍ରଚୁରସ୍ଵନ୍ ଚତୁଃସପ୍ତତ୍ୟାଦାଦ ସମଜନ ଚୂଡ଼ଙ୍ଗୋ ନରପତଃ ଚୂଡ଼ଙ୍ଗଦେବାତ୍ମଜୋ ରାଜରାଜେଶ୍ଵରୋପି ନବବର୍ଷାଣି କେବଲଂ ସଶାସ ।" ରାଜରାଜେଶ୍ଵରଙ୍କ ପୁତ୍ର ଅଡ଼ରଥଦେବ "ଏକସପ୍ତତ ବତ୍ସରାନ୍" ଅର୍ଥାତ୍ ୭୧ ବର୍ଷ ରାଜତ୍ଵ କଲେ । ତାହାଙ୍କ ପୁତ୍ର ଏକଜଟା କାମଦେବ ଶାସନ କଲେ । ସେ ଜଗଦୀଶଙ୍କ ପ୍ରାସାଦ ନିର୍ମାଣ ଆରମ୍ଭ କଲେ । ଏହାଙ୍କ ପୁତ୍ର ମଦନ କାମଦେବ ରାଜତ୍ଵ କଲେ । ସେ ମଧ ପ୍ରାସାଦ ନିର୍ମାଣ କାର୍ଯ୍ୟ କଲେ । ତାଙ୍କ ପୁତ୍ର ଅନଙ୍ଗଭୀମଦେବ ରାଜତ୍ଵ କରି ଜଗଦୀଶ୍ଵରଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ କଲେ ।

ଅଙ୍କ କ୍ଷୌଣୀ ଶଶାଙ୍କେନ୍ଦୁ ସମିତେ ଶାକ ବତ୍ସରେ
ଅନଙ୍ଗଭୀମଦେବେନ ପ୍ରାସାଦ ଶ୍ରୀପତେଃ କୃତଃ ।

ଅନଙ୍ଗଭୀମଦେବଙ୍କ ପରେ (୧) ଲଙ୍ଗୁଳା ନରସିଂହଦେବ ରାଜତ୍ଵ କଲେ । ଏ କୋଣାର୍କ ମନ୍ଦିର ନିର୍ମାଣ କରାଇଥିଲେ । ଏହାଙ୍କ ପୁତ୍ର (୨) ଭୀମନୃସିଂହ, ନୃସିଂହଙ୍କ ପୁତ୍ର (୩) ପୁରୁଷୋତ୍ତମ ନୃସିଂହ ଦଶବର୍ଷ ରାଜତ୍ଵ କରିଥିଲେ । ତାଙ୍କ ପୁତ୍ର (୪) କବି ନୃସିଂହ ୧୫ ବର୍ଷ ରାଜତ୍ଵ କରିଥିଲେ । (୫) ଅକଟା ଅବଟା ନୃସିଂହ ତାଙ୍କ ପରେ ରାଜତ୍ଵ କଲେ । (୬) ପ୍ରତାପ ନୃସିଂହ ନୃସିଂହପାଟର ଶେଷ ରାଜା ।

ନୃସିଂହମାନଙ୍କ ପରେ ୬ ଭାନୁ ରାଜତ୍ଵ କଲେ : (୧) ନିଶଙ୍କ ଭାନୁ "ଗାସ୍ଯନ୍ଦି ବର୍ଷ୍ଣ-ସଙ୍ଖ୍ୟା" ବର୍ଷ ରାଜତ୍ଵ କଲେ, (୨) ବାଉଳ ଭାନୁ, (୩) ବୀରଭାନୁ ବା ରୁଚକଭାନୁ ୧୩ ମାସ ରାଜତ୍ଵ କଲେ, (୪) ମଧୁପଭାନୁ "ରାମ ରାମ ମିତାନଦାନ ରାମ ମାସାଧିକାନପି ରାଜତ୍ଵ କଲେ, (୫) କଙ୍କଲାଭାନୁ, (୬) ସର୍ପଭାନୁ ।

"ଗଙ୍ଗବଂଶାନୁଚରିତ" ଗୋଟିଏ ଚମ୍ପୂକାବ୍ୟ । ରାଜଗୁରୁ ବାସୁଦେବ ରଥଙ୍କ ଦ୍ଵାରା ରଚିତ । ଭାଷା ସଂସ୍କୃତ । ପ୍ରାୟ ହୁରିଶହ କିମ୍ବା ପାଞ୍ଚଶହ ବର୍ଷର ଲେଖାପରି ବୋଧହୁଏ ।

ବର୍ତ୍ତମାନ ମାଦଳାରେ ଗଙ୍ଗବଂଶର ଉତ୍ପତ୍ତି ସମ୍ବନ୍ଧେ ଲେଖା ଅଛି ଯେ ଦକ୍ଷିଣରେ ତାଙ୍କର ଜନ୍ମଭୂମି ଥିଲା । ତାଙ୍କ ବାସସ୍ଥାନରେ "ଗୋକର୍ଣ୍ଣେଶ୍ଵର" ମହାଦେବ ଥିଲେ । ତାମ୍ରଶାସନରୁ ସେହି ପରିଚୟ ମିଳେ । ଏଥିରେ ମଧ ଗୋକର୍ଣ୍ଣେଶ୍ଵର ମହାଦେବଙ୍କ

ନାମୋଲ୍ଲେଖ ଅଛି । ସମସ୍ତ ବିଷୟ ବିଚାର କଲେ ଜଣାଯାଏ ଯେ ଚୋଡ଼ଗଙ୍ଗଦେବଙ୍କ ମାତା ଗଙ୍ଗାଦେବୀ ଗୋକର୍ଣ୍ଣେଶ୍ୱର ମହାଦେବଙ୍କ ବର ପ୍ରସାଦରୁ ପୁତ୍ରଲାଭ କରିଥିଲେ ଏବଂ ସେ ଗର୍ଭ ହୋଇଥିବା ଅବସ୍ଥାରେ ସ୍ୱାମୀଙ୍କର ପରଲୋକ ହେଲା ଏବଂ ବିଧବା ଅବସ୍ଥାରେ ଉଲ୍ଲେଖ ଅଛି ଯେ, ଚୋଡ଼ଗଙ୍ଗ ବା ଚୁଡଙ୍ଗଦେବ କର୍ଣ୍ଣାଟରୁ ଆସି କଟକ ମାଡ଼ିବସିଲେ । "ଗଙ୍ଗବାଡ଼ି" ନାମ ଦେଖି କେତେକ ଲୋକ ଅନୁମାନ କରନ୍ତି ଯେ, ଏ ଶବ୍ଦ ପ୍ରକୃତରେ "ଗଙ୍ଗାରାଢ଼ୀ" ଏବଂ ଏହା ଗଙ୍ଗାକୂଳରେ ଅବସ୍ଥିତ ଏବଂ ସେ ସ୍ଥାନ ଅବଶ୍ୟ ତମଲୁକ ଓ ମେଦିନୀପୁର ହେବ । ସୁତରାଂ ଗଙ୍ଗବଂଶୀୟମାନେ ଗଙ୍ଗାରାଢ଼ୀୟ ଥିଲେ ।

ପୃଥିବୀ ଇତିହାସ ଲେଖକ କହନ୍ତି, "ଜନପ୍ରବାଦରୁ ଜଣାଯାଏ ଯେ ଚୋରଗଙ୍ଗ ବଙ୍ଗଦେଶରୁ ଓଡ଼ିଶାକୁ ଯାଇଥିଲେ । ଅନେକ ଲୋକ ଅନୁମାନ କରନ୍ତି, ଗଙ୍ଗବଂଶୀୟମାନଙ୍କ ଆଦିମ ବାସସ୍ଥାନ ତମଲୁକ ଥିଲା ।" କିନ୍ତୁ ଭାରତୀ ମହାଶୟଙ୍କ ଭାଷା ଦେଖିଲେ ଟିକିଏ ବିରକ୍ତ ବୋଧ ହୁଏ । ସେ କଥାର ସ୍ଥିରତା ନ ଦେଖି ମଧ୍ୟ କହନ୍ତି ଯେ, ଗଙ୍ଗା ବଂଶର ପ୍ରତାପ ଗୋଦାବରୀ ତଟ ହୋଇଛି ସୁବର୍ଣ୍ଣରେଖା ଚହଳିତ ଏବଂ ତ୍ରିବେଣୀ ହୋଇଛି ବଙ୍ଗ-ସାଗର-ବିଧୌତ ବିଶାଳ ଜନପଦ ଭୂମିରେ ଉଚ୍ଛୃଙ୍ଖଳ ପାଠାନ୍ ଶକ୍ତିକୁ ରୁଦ୍ଧକରି ସାମ୍ରାଜ୍ୟ ଗୌରବ ରକ୍ଷା କରିବାରେ ସମର୍ଥ ହୋଇଥିଲା ତାହାଁରାଓ ବାଙ୍ଗାଲୀ ।" ଏହା ସ୍ୱାର୍ଥପରତାର ପ୍ରମାଣ । ଯେ ଯେଉଁଠି ଥାଉ, ଯେ ଯେଉଁ ଜାତି ହେଉ, ତା'ର ଯଦି ପ୍ରାଚୀନ ଗୌରବ ଥାଏ, ତେବେ ସେ ବଙ୍ଗାଳୀ ବ୍ୟତୀତ ଅନ୍ୟ କିଛି ହୋଇ ନ ପାରେ । ଏହାହିଁ ଆଜିକାଲି ଏକ-ଶ୍ରେଣୀୟ ନବ୍ୟ ବଙ୍ଗୀୟ ଲେଖକମାନଙ୍କର ଧାରଣା ଏବଂ ଏହା କୌଣସି ପ୍ରକାରେ ପ୍ରମାଣ କରି ପାରିଲେ ସେମାନେ ଆପଣାକୁ ଗୌରବାନ୍ୱିତ ମନେ କରନ୍ତି । ଏ ସମ୍ବନ୍ଧେ ବିଶେଷ କିଛି ନ କହି ଆମ୍ଭେ ପ୍ରାଚୀନ ଉତ୍କଳର ଉପକ୍ରମଣିକା ପାଠ କରିବା ଲାଗି ଅନୁରୋଧ କରୁଅଛୁଁ ।

ବର୍ତ୍ତମାନ ଦେଖାଯାଉ ଗଙ୍ଗବାଡ଼ି ଶବ୍ଦ ଗଙ୍ଗା ସନ୍ନିକଟବର୍ତ୍ତୀ ସ୍ଥାନବୋଧକ କି ନା ? ଗଙ୍ଗାକୂଳରେ ନ ଥିଲେ ଯେକୌଣସି ସ୍ଥାନର ନାମ ଗଙ୍ଗା ଶବ୍ଦବିଶିଷ୍ଟ ହୋଇ ନ ପାରିବ, ଏହା ନୁହେ । ପୁରୀ ଜିଲା ଗଙ୍ଗାର ବହୁ ଶତକୋଶ ଦୂରରେ ଅବସ୍ଥିତ; ମାତ୍ର ପୁରୀ ଜିଲାରେ "ଗଙ୍ଗାନାରାୟଣପୁର" ଗ୍ରାମ ଅଛି । କଟକରେ "ଗଙ୍ଗାମନ୍ଦିର" ବୋଲି ଏକ ସ୍ଥାନ ଅଛି । ପୁରୀ ଜିଲାରେ "ଗଙ୍ଗପଡ଼ା", "ଗଙ୍ଗାଗୋବିନ୍ଦପୁର" ଇତ୍ୟାଦି ଗ୍ରାମ ଅଛି । ସୁତରାଂ କ'ଣ କହିବାକୁ ହେବ ଯେ ଏମାନେ ଗଙ୍ଗା କୂଳରେ ଅବସ୍ଥିତ ? ଏପରି ଅନୁମାନ ତ କୌଣସି ଯୁକ୍ତିସଙ୍ଗତ ଦେଖାଯାଉନାହିଁ ।

ତମଲୁକ ଇତିହାସରେ ଅନେକ ଦେବଦେବୀଙ୍କ ନାମ ଅଛି; ମାତ୍ର "ଗୋକର୍ଣ୍ଣେଶ୍ୱର"ଙ୍କ ନାମ ପାଇଲୁ ନାହିଁ ।

ଦକ୍ଷିଣରେ ଯେ ଗଙ୍ଗା ଶବ୍ଦ ବିଶିଷ୍ଟ ସ୍ଥାନ ନାହିଁ, ଏକଥା କୁହାଯାଇ ନପାରେ । ଦୃଷ୍ଟାନ୍ତ ସ୍ୱରୂପ ଗୋଦାବରୀ ନିକଟସ୍ଥ ଗଙ୍ଗାଲକୁରୁ, ଛତ୍ରପୁର ନିକଟସ୍ଥ ଗଙ୍ଗା ଓ ରସୁଲକୁଣ୍ଡା ନିକଟସ୍ଥ ଗଙ୍ଗାପୁରମ୍ ଇତ୍ୟାଦି । ସୁତରାଂ "ଗଙ୍ଗବାଡ଼ି"ର ପ୍ରାଚୀନ ସ୍ଥାନ ଯେ ଦକ୍ଷିଣରେ ନ ଥିଲା, ଏକଥା କୁହାଯାଇ ନପାରେ ।

ଚୋଡ଼ଗଙ୍ଗଦେବ ଗୌଡ଼ଦେଶ ଜୟ କରିଥିଲେ ବୋଲି ତାଙ୍କ ନାମ "ଗୌଡ଼ଶଙ୍ଖ" ଥିଲା । ଅର୍ଥାତ୍ ଗୌଡ଼ଦେଶକୁ ଶଙ୍ଖ ସ୍ୱରୂପ ହସ୍ତରେ ଧାରଣ କରିଥିଲେ ଅର୍ଥାତ୍ ଶାସନଦଣ୍ଡ ପରିଚାଳିତ କରିଥିଲେ । ଗଙ୍ଗବଂଶୀୟ ନୃପତିମାନଙ୍କ ଅମଳରେ ସେମାନେ ତମଲୁକ ଉପରେ ରାଜତ୍ୱ କରିଥିବାର ପ୍ରମାଣ ମିଳେ । ତମଲୁକ ଯେ ଗୋଟିଏ ଓଡ଼ିଆ ଦେଶ ଏବଂ ସେ ସମୟରେ ଓଡ଼ିଶାର ଏକ ଅଂଶ ଥିଲା, ତହିଁର ଭୂୟସୀ ପ୍ରମାଣ ମିଳୁଅଛି । ସୁତରାଂ ଗଙ୍ଗବଂଶୀୟମାନେ ଦକ୍ଷିଣ ଅର୍ଥାତ୍ ସେମାନଙ୍କ ଆଦିମ ବାସସ୍ଥାନରୁ ଆସି ଉତ୍କଳ ରାଜସିଂହାସନରେ ଅଭିଷିକ୍ତ ହେବାପରେ ତମଲୁକ ଜୟକରି ତାକୁ ଓଡ଼ିଶା ସାମିଲ କରିଥିଲେ କହିଲେ ତ କିଛି ଅସାମଞ୍ଜସ୍ୟ ହେଉନାହିଁ; ବରଂ ମାଦଳାପାଞ୍ଜିରେ ଲିଖିତ ବିଷୟ ସହିତ ମେଳ ହେଉଅଛି ।

ଗୋଟିଏ ଲିଖିତ ପ୍ରାଚୀନ ପ୍ରମାଣକୁ ଏକାବେଳକେ ଅନୁମାନ ଉପରେ ନିର୍ଭର କରିବା ଲାଗି ମୁଁ ପ୍ରୟାସୀ ନୁହେ । ଅବଶ୍ୟ ଅନ୍ୟ ଅକାଟ୍ୟ ପ୍ରମାଣ ପାଇଲେ ମାଦଳାପାଞ୍ଜିକୁ ଅନୁସରଣ କରିବାକୁ ପରାମର୍ଶ ଦେଉନାହୁଁ । ମାତ୍ର ଜନପ୍ରବାଦ ଯଦି ବିଶ୍ୱାସ କରାଯାଏ, ତେବେ ମାଦଳାପାଞ୍ଜିକି ଅବିଶ୍ୱାସ କରିବାର କିଛି କାରଣ ଦେଖୁନାହିଁ ।

ସ୍ଥୂଳତଃ କୁହାଯାଇପାରେ ଯେ ଗଙ୍ଗବଂଶୀୟମାନେ "ମାହିଷ୍ୟ" ନ ଥିଲେ କି ବଙ୍ଗାଳୀ ନ ଥିଲେ । ସେମାନେ ଚନ୍ଦ୍ରବଂଶୀୟ କ୍ଷତ୍ରିୟ ଓ ଓଡ଼ିଆ ଥିଲେ । ସେମାନେ ବଙ୍ଗାଳୀ ଥିଲେ ଅବଶ୍ୟ ତା'ର କିଛି ଚିହ୍ନ ରହିଯାଇଥାନ୍ତା । ମାତ୍ର ଗଙ୍ଗବଂଶ ବହୁ ଦୀର୍ଘ ରାଜତ୍ୱ କରିଥିଲେ ସୁଦ୍ଧା ସେମାନେ ବଙ୍ଗାଳୀ ଥିବାର କେବେ ପରିଚୟ ଦେଇନାହାନ୍ତି କିମ୍ବା କୌଣସି ଚିହ୍ନ ନାହିଁ । ସେମାନଙ୍କ ହାତରେ ରାଜଦଣ୍ଡ ଥିଲା, ସେମାନଙ୍କ ପ୍ରତାପରେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ କମ୍ପିତ ହେଉଥିଲା, ସେମାନେ ଯାହା ଇଚ୍ଛା କରୁଥିଲେ ତାହା କରିପାରୁଥିଲେ । କିନ୍ତୁ ସେମାନେ ଯେବେ ପ୍ରକୃତରେ ବଙ୍ଗାଳୀ ଥାନ୍ତେ ତେବେ ସେମାନଙ୍କ ଅମଳରେ ବଙ୍ଗଭାଷା ଅବଶ୍ୟ ଓଡ଼ିଶାରେ ପ୍ରଚଳିତ ହୋଇଥାନ୍ତା, ବଙ୍ଗଭାଷାରେ ପୁସ୍ତକାଦି ରଚିତ ହୋଇଥାନ୍ତା । ଯେଉଁ ଜାତି ଯେତେବେଳେ ରାଜତ୍ୱ କରେ, ତାର ଜାତୀୟଭାଷା କିଛିଟା ଚଳେ, ଏହା ଧ୍ରୁବସତ୍ୟ । ମୁସଲମାନମାନେ ଓଡ଼ିଶାରେ ରାଜତ୍ୱ କରିଥିଲେ ବୋଲି ତାର ପ୍ରମାଣ ସ୍ୱରୂପ ଅନେକ ଦଲିଲ, ସନନ୍ଦ ପ୍ରଭୃତି ପାର୍ଶିଭାଷାରେ ଲିଖିତ ହୋଇଥିବାର ଦେଖାଯାଏ । ବର୍ତ୍ତମାନ ମଧ୍ୟ ଇଂରେଜ ଶାସନରେ

ସେହି ପ୍ରମାଣ ଦେଖାଯାଉଛି । ମାତ୍ର ଯଯାତିବଂଶ ପରେ ଗଙ୍ଗବଂଶୀୟ ରାଜାମାନେ ଯଦି ବଙ୍ଗାଳୀ ହୋଇଥାନ୍ତେ, ତେବେ ବଙ୍ଗଭାଷାର ଏ ଦେଶରେ କିଛି ମାତ୍ର ନିଦର୍ଶନ ନଥିବାଟା ଲେଖକମାନଙ୍କ ଅନୁମାନ ବିପକ୍ଷରେ ବଡ଼ ଶକ୍ତ ଅକାଟ୍ୟ ପ୍ରମାଣ । ବରଂ ଦେଖାଯାଏ, ଗଙ୍ଗବଂଶ ଅମଳରୁ ଓଡ଼ିଆଭାଷାର ବିଶେଷ ପ୍ରଚଳନ ହେଲା । ଏହାହିଁ ସେମାନେ ବଙ୍ଗାଳୀ ନ ଥିବାର ଯଥେଷ୍ଟ ପ୍ରମାଣ ।

ବର୍ତ୍ତମାନ ମଧ୍ୟ ଗଙ୍ଗବଂଶାବତଂଶ ନରପତିମାନେ ଦକ୍ଷିଣ ଗଞ୍ଜାମ ଜିଲ୍ଲାରେ ବାସ-କରୁଛନ୍ତି । ବଡ଼ଖେମଣ୍ଡି, ସାନଖେମଣ୍ଡି ଓ ପାରଳା ରାଜାମାନେ ଗଜପତି ବା ଗଙ୍ଗବଂଶୀୟ ରାଜା । ଏମାନେ କଞ୍ଚା ଓଡ଼ିଆ । ଓଡ଼ିଆ ଏମାନଙ୍କର ମାତୃଭାଷା । ଓଡ଼ିଆଭାଷାର ସମୃଦ୍ଧି ଏହିମାନଙ୍କ ରାଜ୍ୟରେ ବେଶି । ଏହି ଅଞ୍ଚଳର କବିମାନେ ଓଡ଼ିଆ ସାହିତ୍ୟର ବିଶେଷ ଉନ୍ନତି କରିଯାଇଛନ୍ତି । ଏ ସମସ୍ତ ଯଦି ଗଙ୍ଗବଂଶୀୟମାନେ ବଙ୍ଗାଳୀ ଥିବାର ପ୍ରମାଣ ବୋଲି କୁହାଯାଏ, ତହିଁକି ଆମ୍ଭେ ନାଚାର ।

ଗଙ୍ଗବାଡ଼ି ଗ୍ରାମ ପାରଳାଖେମଣ୍ଡି ରାଜଧାନୀ ଅନ୍ତର୍ଗତ । ଏହା ଗୋଟିଏ ପ୍ରାଚୀନ ଗ୍ରାମ । ପୂର୍ବେ ଏ ଗ୍ରାମ ବଡ଼ ସମୃଦ୍ଧିଶାଳୀ ଥିଲା । ପାରଳା ରେଲଲାଇନ ମଧ୍ୟରେ ଅବସ୍ଥିତ । ଏଠାରେ ଗୋଟିଏ ରେଲଷ୍ଟେସନ ଅଛି । ଏହାକୁ ରେଲ କମ୍ପାନୀ 'ଗଙ୍ଗାବାଲି' ନାମକରଣ କରିଛନ୍ତି । ନଉପଡ଼ା ଷ୍ଟେସନଠାରୁ ୧୬ ମାଇଲ ଦୂର । ସ୍ଥାନୀୟ ଲୋକେ ଗ୍ରାମ ନାମ 'ଗଙ୍ଗବାଡ଼ି' ବୋଲି ଜାଣନ୍ତି । ବଡ଼ଖେମଣ୍ଡିର ୨ କିମ୍ବା ୩ ମାଇଲ ପୂର୍ବରେ ଗୋକର୍ଣ୍ଣପୁର । ଏଠାରେ ଗୋକର୍ଣ୍ଣେଶ୍ୱର ମହାଦେବ ଅଛନ୍ତି । ଜଣାଯାଏ ବଡ଼ଖେମଣ୍ଡି, ସାନଖେମଣ୍ଡି ଓ ପାରଳା ପ୍ରଭୃତି ଦୂର ଅତୀତକାଳରେ ଏକ ରାଜ୍ୟ ଅନ୍ତର୍ଗତ ଥିଲା ଏବଂ ଗୋକର୍ଣ୍ଣେଶ୍ୱର ମହାଦେବ ଏ ରାଜ୍ୟର ପ୍ରଧାନ ଇଷ୍ଟଦେବତା ଥିଲେ । ଅନନ୍ତବର୍ମ୍ମା ଏହି ଗଙ୍ଗବାଡ଼ିକୁ ରାଜଧାନୀ କରିଥିଲେ । ପାରଳା ରାଜ୍ୟର ପ୍ରାକୃତିକ ଦୃଶ୍ୟ ଅତୀବ ମନୋହର ଏବଂ ସ୍ୱର୍ଗରାଜ୍ୟ ବୋଲି ଯାହା ବର୍ଣ୍ଣିତ ହୋଇଅଛି ତାହା ପ୍ରକୃତ ଅଟେ । ଏପରି ଜ୍ୱଳନ୍ତ ପ୍ରମାଣ ବର୍ତ୍ତମାନ ଥିବା ସ୍ଥଳେ ତମଲୁକକୁ ଗଙ୍ଗବାଡ଼ି ଆଖ୍ୟା ଦେଇ ଗଙ୍ଗବଂଶୀୟମାନଙ୍କୁ ମାହିଷ୍ୟ କ୍ଷତ୍ରିୟ ଓ ବଙ୍ଗାଳୀ କହିବା କେବଳ ଧୃଷ୍ଟତାର କଥା । ମହେନ୍ଦ୍ର ପର୍ବତ ନିକଟରେ ଗୋକର୍ଣ୍ଣେଶ୍ୱର ଅଛନ୍ତି ।

ବର୍ତ୍ତମାନ ଗଙ୍ଗବଂଶୀୟ ରାଜାମାନଙ୍କ ରାଜତ୍ୱକାଳ ସ୍ଥିର କରିବାର କଥା । ଆମ୍ଭେ ପୂର୍ବେ ଦେଖାଇଅଛୁଁ ଯେ କେଶରୀବଂଶର ରାଜତ୍ୱ ୧୦୭୮ ଖ୍ରୀଷ୍ଟାବ୍ଦରେ ଶେଷ ହେଲା । ବର୍ତ୍ତମାନ ଗଙ୍ଗବଂଶର ରାଜତ୍ୱକାଳ ଖ୍ରୀ: ୧୦୭୮—୧୪୩୫ ଖ୍ରୀଷ୍ଟାବ୍ଦ ଅଥବା ଶକାବ୍ଦ ୧୦୧୦—୧୪୯୨ ପର୍ଯ୍ୟନ୍ତ ?

ଗଙ୍ଗବଂଶାନୁଚରିତ ଅନୁସାରେ ୬ ଦେବ, ୭ ନୃସିଂହ ଓ ୬ ଭାନୁ ଏପରି ୧୮ ଜଣ ରାଜତ୍ୱ କରିଥିଲେ । ମାଦଳାପାଞ୍ଜି ଅନୁସାରେ ଆଠ ଦେବ । ଅନ୍ୟସ୍ଥାନରେ ୬ ଦେବ,

୭ ନୃସିଂହ ଓ ୬ ଭାନୁ । ତାମ୍ରଶାସନ ଅନୁସାରେ ୭ ଦେବ । ସେହିପରି ଅମେଳ ଦେଖାଯାଏ ।

ଗଙ୍ଗବଂଶ ରାଜତ୍ୱ ସମ୍ବନ୍ଧରେ ଦୁଇଗୋଟି ପ୍ରଧାନ ଶଙ୍କୁ ବର୍ତ୍ତମାନ ଅଛି । ଯଥା — ଜଗନ୍ନାଥଙ୍କ ବଡ଼ଦେଉଳ ଓ କୋଣାର୍କ ମନ୍ଦିର ।

ଜଗନ୍ନାଥ ଦେଉଳର ଯେଉଁ ଖୋଦିତ ଲିପି ଅଛି, ତନ୍ମଧ୍ୟରେ ଦେଉଳ ନିର୍ମାଣ କେବେ ଶେଷ ହେଲ ତାହା ଉଲ୍ଲେଖ ଅଛି ।

(୧) ଶକାବ୍ଦେରନ୍ଧ୍ର ଶୁଭ୍ରାଂଶୁ ରୂପନକ୍ଷତ୍ର ନାୟକେ
ପ୍ରାସାଦଂ କାରୟାମାସାନଙ୍ଗଭୀମେନ ଧୀମତା ।

ଗଙ୍ଗବଂଶାନୁଚରିତରେ ଲେଖା ଅଛି—

(୨) ଅଙ୍କକ୍ଷୌଣୀ ଶଶାଙ୍କେନ୍ଦୁ ସମ୍ମିତେ ଶାକବତ୍ସରେ
ଅନଙ୍ଗଭୀମଦେବେନ ପ୍ରାସାଦ ଶ୍ରୀପତେ କୃତଃ ।

(୧) ରନ୍ଧ୍ର = ୮, ଶୁଭ୍ରାଂଶୁ = ୧, ରୂପ = ୧, ନକ୍ଷତ୍ର ନାୟକ = ୧; ଅର୍ଥାତ୍ ୧୧୧୮ ଶକାବ୍ଦ = ୧୦୬୨ ଖ୍ରୀଷ୍ଟାବ୍ଦ ।

ତାମ୍ରଶାସନରେ ଲେଖାଅଛି ନରସିଂହଦେବ ୧୨୧୭ ଶକାବ୍ଦରେ ଅର୍ଥାତ୍ ତାଙ୍କ ରାଜତ୍ୱର ୨୧ ଅଙ୍କରେ ଭୂମିଦାନ କରିଥିଲେ । ଦେଖାଯାଉ, ଏ ସମୟ ଠିକ୍ କି ନା ? ୧୦୬୪ ଶକାବ୍ଦରେ କାମାର୍ଣ୍ଣବ ରାଜସିଂହାସନରେ ଅଭିଷିକ୍ତ ହେଲେ ବୋଲି ଉଲ୍ଲେଖ ଅଛି । ସୁତରାଂ ଏ ହିସାବରେ ଧରାଗଲେ ଚୋଡ଼ଗଙ୍ଗଦେବଙ୍କ ରାଜତ୍ୱର ପ୍ରାରମ୍ଭ ୯୯୪ ଶକାବ୍ଦ । ଅତଏବ ନରସିଂହଦେବଙ୍କ ରାଜତ୍ୱର ପ୍ରାରମ୍ଭ ୧୧୭୬ ଶକାବ୍ଦ ହେବାର କଥା । ତାଙ୍କ ୨୧ ଅଙ୍କ = ୧୧୯୩ ଶକାବ୍ଦ ହେବ । ସୁତରାଂ ତାଙ୍କ ରାଜତ୍ୱ ୧୨୦୩ ଶକାବ୍ଦରେ ଶେଷ ହେଲା । ୧୧୨୭ ଶକାବ୍ଦରେ ସେ ଦାନ ଦେଲେ କିପରି ? ସୁତରାଂ ଏ ସମୟ ଭ୍ରମମୂଳକ ବୋଧ ହେଉଅଛି । ଏ ଗଣନା ଅନୁସାରେ ଅନଙ୍ଗଦେବଙ୍କ ରାଜତ୍ୱ ସମୟ ୧୧୪୧ ଶକାବ୍ଦରେ ଆରମ୍ଭ ହେଲା । ସୁତରାଂ ବଡ଼ଦେଉଳର ଖୋଦିତ ଲିପି ସହିତ ଏହା ଅମେଳ ଅଟେ ।

ପୁରୁଷୋତ୍ତମ ଚନ୍ଦ୍ରିକାରେ ଉଲ୍ଲେଖ ଅଛି ଯେ, ରାଜା ନରସିଂହଦେବଙ୍କ ରାଜତ୍ୱକାଳ ୧୧୫୯ ଶକାବ୍ଦରୁ ୧୨୦୪ ଶକାବ୍ଦ ପର୍ଯ୍ୟନ୍ତ । ଏଥିରୁ ପ୍ରମାଣିତ ହେଉଛି ଯେ ନରସିଂହଙ୍କ ରାଜତ୍ୱକାଳ ତାମ୍ରାନୁଶାସନରେ ଯେପରି ଉଲ୍ଲେଖ ଅଛି ତାହା ଭ୍ରମମୂଳକ ।

କୋଣାର୍କ ମନ୍ଦିର ସମ୍ବନ୍ଧରେ ସେହିପରି ମତଭେଦ ଦେଖାଯାଏ । ତାମ୍ରାନୁଶାସନରେ ଉଲ୍ଲେଖ ଅଛି ଯେ ନରସିଂହଙ୍କ ଅମଳରେ କୋଣାର୍କ ମନ୍ଦିର ନିର୍ମିତ ହୋଇଥିଲା । ଗଙ୍ଗବଂଶାନୁଚରିତ ଓ ମାଦଳାପାଞ୍ଜି ଅନୁସାରେ ଲାଙ୍ଗୁଳା ନରସିଂହ କୋଣାର୍କ ମନ୍ଦିର କରାଇଥିଲେ । ବୀର ନରସିଂହ ଓ ଲାଙ୍ଗୁଳା ନରସିଂହ ଏକ ବ୍ୟକ୍ତି ।

ଶ୍ରୀ ଚନ୍ଦ୍ରାମଣି ପଢ଼ିଆରୀ ଓରଫ୍ ଚନ୍ଦ୍ରାମଣି ମହାନ୍ତ "ମାଦଳା" ନାମକ ଖଣ୍ଡିଏ କ୍ଷୁଦ୍ର ପୁସ୍ତକ ୧୮୯୫ ମସିହାରେ ପ୍ରକାଶ କରିଥିଲେ । ଏଥିରେ ରାଜାମାନଙ୍କର ରାଜତ୍ୱ ସମୟ ସମ୍ବନ୍ଧେ ଯାହା ଉଲ୍ଲେଖ ଅଛି, ତାହା ହଣ୍ଟର ସାହେବଙ୍କ ଇତିହାସ ଅନୁସରଣରେ ଲେଖି ଥିବାର ଜଣାଯାଏ । ସୁତରାଂ ତଦ୍ଦ୍ୱାରା କୌଣସି ତଥ୍ୟ ମିଳି ନପାରେ ।

ପାରଳା ଗ୍ରଙ୍ଗ ତ୍ରିଶାସନ ନିବାସୀ ପଦ୍ମନାଭ ମିଶ୍ର ଶର୍ମା ୧୯୦୦ ମସିହାରେ ଖଣ୍ଡିଏ "ଶ୍ରୀ ଗାଙ୍ଗେୟ ବଂଶାବଳୀ" ନାମକ ପୁସ୍ତକ ରଚନା କରିଅଛନ୍ତି । ଏଥିରେ ସେ ଲେଖିଛନ୍ତି ଯେ ଚୁଡ଼ଙ୍ଗଦେବ ଶାଳିବାହନଙ୍କ ଶକାବ୍ଦ ୩୦୨ରେ ରାଜତ୍ୱ ଆରମ୍ଭ କରି ୩୭୭ ଶକାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ଗଙ୍ଗବଂଶର ଗୋଟିଏ ବଂଶାବଳୀ ଦେଇଛନ୍ତି ଏବଂ ପ୍ରତ୍ୟେକ ରାଜା କିଏ କେତେ ବର୍ଷ ରାଜତ୍ୱ କରିଥିଲେ, ତାହା ମଧ୍ୟ ଲେଖିଛନ୍ତି । ନିମ୍ନରେ ତାହା ଦେଲୁଁ—(୧) ଚୁଡ଼ଙ୍ଗ ଦେବ ୭୪ ବର୍ଷ, (୨) ସିଦ୍ଧେଶ୍ୱର ଦେବ ୨୮ ବର୍ଷ, (୩) ଗଙ୍ଗେଶ୍ୱର ଦେବ ୧୯ ବର୍ଷ, (୪) ଏକଜଟା ରାମଚନ୍ଦ୍ର ଦେବ ୪୫ ବର୍ଷ, (୫) ରାଜରାଜେଶ୍ୱର ଦେବ ୫ ବର୍ଷ, (୬) ମଦନ ଦେବ ୪୦ ବର୍ଷ, (୭) ଅନଙ୍ଗ ଦେବ ୨୮ ବର୍ଷ, (୮) ଅତିଥି ଦେବ ୭୪ ବର୍ଷ, (୯) ପ୍ରତାପଭୀମ ଦେବ ୨୫ ବର୍ଷ—ଏ କୋଣାର୍କ ଦେଉଳ ତୋଳିଥିଲେ, (୧୦) ଲଙ୍ଗୁଳା ନରସିଂହ ୩୭ ବର୍ଷ, (୧୧) ମହାଭାନୁ ନରସିଂହ ୨୫ ବର୍ଷ, (୧୨) କବି ନୃସିଂହ ୩୩ ବର୍ଷ, (୧୩) ବଳଭାନୁ ୨୪ ବର୍ଷ, (୧୪) କବି ନୃସିଂହ-୨ୟ ୩୧ ବର୍ଷ (୧୫) ଶଙ୍କର ଭାନୁ ୨୪ ବର୍ଷ, (୧୬) ଜଗନ୍ନାଥ ନାରାୟଣ ୧୪ ବର୍ଷ, (୧୭) କପିଳେନ୍ଦ୍ର ଦେବ ୩୨ ବର୍ଷ, (୧୮) ପୁରୁଷୋତ୍ତମ ଦେବ ।

କପିଳେନ୍ଦ୍ର ଦେବଙ୍କର ସ୍ୱପତ୍ନୀ ଗର୍ଭଜାତ ୧୮ ପୁତ୍ର ଥିଲେ । ସେମାନେ ରାଜା ହୋଇ ନ ପାରିବାରୁ ଜ୍ୟେଷ୍ଠପୁତ୍ର କଳାମିହିର ଦକ୍ଷିଣ ଯାଇ ପାରଳାରେ ବସତି କଲେ ଏବଂ କନିଷ୍ଠ ପୁତ୍ର ସୁଭକ୍ତ ବାମଣ୍ଡାରେ ବସତି କଲେ । ଏଥିରେ ପାରଳା ରାଜବଂଶର ବଂଶାବଳୀ ଲେଖା-ଅଛି । ଏ ସ୍ଥାନରେ ତାହାର ପୂର୍ଣ୍ଣ ବିବରଣ ଦେବାର ଆବଶ୍ୟକ ନାହିଁ । ସ୍ଥୂଳତଃ ମିଶ୍ର ମହାଶୟଙ୍କ ଗଣନାରୁ ଜଣାଯାଏ ଯେ ସ୍ୱର୍ଣ୍ଣଲିଙ୍ଗ ଭାନୁଙ୍କର ଦୁଇ ପୁତ୍ର ଥିଲେ—ଶିବଲିଙ୍ଗ ଭାନୁ ଓ ଭୀମକେଶରୀ । ଶେଷୋକ୍ତ ଭୀମକେଶରୀ ସାନଖେମଣ୍ଡି ଓ ବଡ଼ଖେମଣ୍ଡିରେ ରାଜତ୍ୱ କଲେ । ଟେକ୍‌କାଲିରେ ମଧ୍ୟ ଏହି ବଂଶୀୟ ପଦ୍ମନାଭ ରାଜତ୍ୱ କଲେ ।

ଶାଳିବାହନ ୩୦୨ ଶକାବ୍ଦ=୩୮୦ ଖ୍ରୀଷ୍ଟାବ୍ଦ ଚୁଡ଼ଙ୍ଗଦେବଙ୍କ ରାଜତ୍ୱ ସମୟଠାରୁ ଆରମ୍ଭ କରି ଅନ୍ୟାନ୍ୟମାନଙ୍କ ରାଜତ୍ୱ ମିଶାଇଲେ ଜଣାଯାଏ ଯେ ଅନଙ୍ଗଭୀମଦେବଙ୍କ ପର୍ଯ୍ୟନ୍ତ ୨୫୧ ବର୍ଷ; ଅର୍ଥାତ୍ ଅନଙ୍ଗଭୀମଙ୍କ ରାଜତ୍ୱ ୫୫୩ ଶକାବ୍ଦରେ ଆରମ୍ଭ ହେଲା । ସୁତରାଂ ଏହା ଆଦୌ ବିଶ୍ୱାସଯୋଗ୍ୟ ନୁହେ । ୫୮୮ ଶକାବ୍ଦରେ ଲଲାଟକେଶରୀ ଭୁବନେଶ୍ୱର ଦେଉଳ ତୋଳାଇଥିବା ଏବଂ ୧୧୧୮ ଶକାବ୍ଦରେ ଅନଙ୍ଗଭୀମ ଦେବ ବଡ଼ଦେଉଳ ନିର୍ମାଣ କାର୍ଯ୍ୟ

ଶେଷ କରିଥିବାର ସ୍ପଷ୍ଟ ପ୍ରମାଣ ଥିବା ସ୍ଥଳେ ଏ ହିସାବ କେବଳ କାଳ୍ପନିକ ବୋଲି ଜଣାଯିବ । ଏହା କୌଣସିମତେ ଗ୍ରହଣୀୟ ନୁହେ । ଏ ଗଙ୍ଗ ତାମ୍ରଶାସନ ବା ଗଙ୍ଗବଂଶାନୁଚରିତ କିମ୍ବା ମାଦଳାପାଞ୍ଜି କାହାର ସହିତ ମିଳୁନାହିଁ ।

ବାବୁ ମଧୁସୂଦନ ଦାସ ତାଙ୍କ ଓଡ଼ିଆଭାଷାର କ୍ରମବିକାଶ ପ୍ରବନ୍ଧରେ (ଉ: ସା: ୯ମ ଭାଗ ୯ମ ସଂଖ୍ୟାରେ) ଲେଖିଛନ୍ତି ଯେ ଚୂଡ଼ଙ୍ଗଦେବ ୯୯୯ ଶକାବ୍ଦ ବା ୧୦୭୮ ଖ୍ରୀଷ୍ଟାବ୍ଦରେ ଅଭିଷିକ୍ତ ହୋଇଥିଲେ । ମାତ୍ର ଏ ସିଦ୍ଧାନ୍ତରେ ଭ୍ରମ ଥିବାର ବୋଧ ହୁଏ । କାରଣ ତାମ୍ରାନୁଶାସନରେ ଉଲ୍ଲେଖ ଅଛି ଯେ ଚୂଡ଼ଙ୍ଗଙ୍କ ପରେ କାମାର୍ଣ୍ଣବ ୧୦୬୪ ଶକାବ୍ଦରେ ଅଭିଷିକ୍ତ ହୋଇଥିଲେ ଏବଂ ତତ୍ପୂର୍ବରୁ ଚୂଡ଼ଙ୍ଗଦେବ ୭୦ ବର୍ଷ ରାଜତ୍ୱ କରିଥିଲେ । ଯଦି ଏହି ସମୟକୁ ବିଶ୍ୱାସ କରାଯାଏ, ତେବେ ଚୂଡ଼ଙ୍ଗଙ୍କ ରାଜତ୍ୱ ସମୟ ୯୯୪ ଶକାବ୍ଦ ହେବ, ଯାହା କି ବିକ୍ରମ ଶକାବ୍ଦ ଅନୁସାରେ ୯୩୮ ଖ୍ରୀଷ୍ଟାବ୍ଦ ଏବଂ ଶାଳିବାହନ ଶକାବ୍ଦ ଅନୁସାରେ ୧୦୭୨ ଖ୍ରୀଷ୍ଟାବ୍ଦ ହେବ । ମାତ୍ର ଆମ୍ଭେ ପୂର୍ବେ ଦେଖାଇଅଛୁଁ ତାମ୍ରଶାସନରେ ଯେଉଁ ସମୟ ଉଲ୍ଲେଖ ଅଛି, ତାହା ପରସ୍ପର ସହିତ ଅମେଳ ।

ହଣ୍ଟର ଓ ଷ୍ଟର୍ଲିଂ ସାହେବମାନେ ମାଦଳାପାଞ୍ଜିରୁ ମାଳମସଲା ନେଇ ଅନେକ ସ୍ଥାନରେ ଆପଣା ମତାନୁସାରେ ଅନଙ୍ଗଭୀମଙ୍କ ରାଜତ୍ୱ ସମୟ ୧୧୭୫—୧୨୦୨ ଖ୍ରୀଷ୍ଟାବ୍ଦ ସ୍ଥିର କରିଛନ୍ତି । ମାତ୍ର ବଡ଼ଦେଉଳ ଲିପି ସହିତ ଏହା ଅମେଳ; କାରଣ ମନ୍ଦିର-ଲିପିର ସମୟ ବିକ୍ରମ ଶକାବ୍ଦ ଅନୁସାରେ ୧୦୭୧ ଖ୍ରୀଷ୍ଟାବ୍ଦ ଓ ଶାଳିବାହନ ଶକାବ୍ଦ ଅନୁସାରେ ୧୧୯୭ ଖ୍ରୀଷ୍ଟାବ୍ଦ । ମାଦଳାରେ ଲେଖାଅଛି ଯେ ଏହାଙ୍କ ରାଜତ୍ୱର ୨ ଅଙ୍କରେ ଦେଉଳ କାର୍ଯ୍ୟ ହେଲା । ସୁତରାଂ ଏ ସମସ୍ତ ଦୃଷ୍ଟିରେ ଏଥିରେ ଅମେଳ ଦେଖାଯାଏ । କାରଣ ଶାଳିବାହନ ଶକାବ୍ଦ ଅନୁସାରେ ଅନଙ୍ଗଭୀମଙ୍କ ରାଜତ୍ୱ ଆରମ୍ଭ ୧୨୫୩ ଶକାବ୍ଦ ହେବ ।

ଏ ସମସ୍ତ ଆଲୋଚନା କଲେ ଏକ ବିଷମ ସମସ୍ୟାରେ ପଡ଼ିବାକୁ ହୁଏ । ଏତେ ଅମେଳ ଥିବା ସ୍ଥଳେ ଏହାର ସାମଞ୍ଜସ୍ୟ କରିବା ବଡ଼ କଠିନ ବ୍ୟାପାର । ଏଥିରେ ମୋ ପରି ଲୋକ ହାତ ଦେବା କେବଳ ହାସ୍ୟାସ୍ପଦ ହେବାର କଥା ! ତଥାପି ଅଗ୍ରସର ହୋଇ ପଶ୍ଚାତ୍ପଦ ନ ହେବା ନୀତିରେ ଆପଣା ମତ ବ୍ୟକ୍ତ କରିବା ଉଚିତ । ଅନ୍ୟମାନେ ବିଶେଷ ଅନୁସନ୍ଧାନ କରି ତଥ୍ୟାନୁସନ୍ଧାନ କରିପାରିଲେ ଆହୁରି ଆଶାଜନକ ।

ଏଠାରେ ଆଉ ଗୋଟିଏ ବିଷୟ ଉଲ୍ଲେଖଯୋଗ୍ୟ । ବୃଦ୍ଧେଶ୍ୱରର ଶିଳାଲିପି 'ମୁକୁର' ୪ର୍ଥ ଭାଗ ୭ମ ଓ ୮ମ ସଂଖ୍ୟାରେ ପ୍ରକାଶିତ ହୋଇଛି । ଏଥିରେ ଲେଖାଅଛି, ରାଜା ଚୋଡ଼ଗଙ୍ଗ ଚନ୍ଦ୍ରବଂଶୀୟ ରାଜା । ଚୂଡ଼ଙ୍ଗଦେବଙ୍କ ଗୁଣାବଳୀ କୀର୍ତ୍ତନ କଲାପରେ ୭ମ ଶ୍ଳୋକରେ ଲେଖାଅଛି—

ଆସୀତ୍ତତ୍ସୂନୁରନଙ୍ଗଭୀମନୃପତିଃ ପୁଣ୍ୟୋତପସଂ ତତୋ । ଇତ୍ୟାଦି ।

ବସ୍ତ୍ର ସାମନ୍ତ ଗୋବିନ୍ଦ ତାଙ୍କର ପ୍ରଧାନ ମନ୍ତ୍ରଣାଦାତା ଥିଲେ । ପୁନଶ୍ଚ ନବମ ଶ୍ଳୋକରେ ଲେଖାଅଛି ଯେ—

ଶୈବାଳ ବଲ୍ଲି ଶିଖରେ ନଗରାଜହଂସାଃ
ସତ୍ପାଦ-ପଙ୍କଜ ଗୃହାଶ୍ରମିଣଃ ସ୍ୱପନ୍ତ
ରାଜେନ୍ଦ୍ର ଇତ୍ୟଜନତେନ ତତଃ ଷିତୀନ୍ଦ୍ର
ଜଜ୍ଞେଽସୌତମନଙ୍ଗଭୀମ ନୃପତିଂ ଯସ୍ୟ ପ୍ରତାପାନଳଃ ।

ଅର୍ଥାତ୍ ଉକ୍ତ ରାଜରାଜ ସେହି ବଂଶରେ ଜନ୍ମଗ୍ରହଣ କରିଥିଲେ । ଅନଙ୍ଗଭୀମ ତାଙ୍କଠାରୁ ଜାତ । ଅନେକ ଗୁଣାବଳୀ ବର୍ଣ୍ଣିତ ହେବା ପରେ ଲେଖାଅଛି ଯେ ସେହି ରାଜା ଅନଙ୍ଗଭୀମ ଏହି କାମରୂପ ଶିବ ମନ୍ଦିର ନିର୍ମାଣ କରିଥିଲେ । ଭାସ୍କର ନାମକ ପଣ୍ଡିତ ଏଥିର କବି । ଏଥିର ସମୟର କୌଣସି ନିଦର୍ଶନ ନାହିଁ । ସୁତରାଂ ଏଥିରୁ ବିଶେଷ କିଛି ସାହାଯ୍ୟ ମିଳିବାର ଆଶା ନାହିଁ ।

ଉପରେ ଯେଉଁ ନରସିଂହ ତାମ୍ରଶାସନ କଥା କହିଛୁଁ ତା ସମ୍ବନ୍ଧରେ ଆଉ ଟିକିଏ ବିଚାର କରିବାର ଅଛି । ଏ ତାମ୍ରଶାସନରେ ଦୁଇଟି ଦାନ ସନନ୍ଦ ଅଛି । ପ୍ରଥମଟିରେ ଲେଖାଅଛି ଯେ—

"ସ୍ୱସ୍ତି ସପ୍ତୋଦଶୋତ୍ତର ଦ୍ୱାଦଶଶତ ଶକ ବର୍ଷରେ × × ଶ୍ରୀ ବୀର ନରସିଂହ ଦେବ ମହୀପତିଃ ସ୍ୱରାଜସ୍ୟୈକବିଂଶତ୍ୟଙ୍କେଽଭିଲକ୍ଷ୍ୟମାନେ ସିଂହ ଶୁକ୍ଳ ଷଷ୍ଠ୍ୟାଂ ସୋମବାରେ ରେମୁଣା କଟକେ" ଇତ୍ୟାଦି । ଅନ୍ୟ ସନନ୍ଦର ସମୟ "ଦ୍ୱାବିଂଶତ୍ୟଙ୍କେ ସପ୍ତଦଶାଧିକ ଦ୍ୱାଦଶ ଶତମିତେ ଗତବତି ଶକବର୍ଷରେ" । ଅନ୍ୟ ସନନ୍ଦଟିରେ ସମୟ "ସ୍ୱସ୍ତି ଶକନୃପତିତଃ ସମତୀତେଽଷ୍ଟପାଦଶ୍ୟୋତ୍ତର ଦ୍ୱାଦଶଶତ ବର୍ଷର" ଇତ୍ୟାଦି । ଏ ଶାସନରେ ଅନ୍ୟମାନଙ୍କ ସମ୍ବନ୍ଧେ ଯେଉଁ ସମସ୍ତ ଉଲ୍ଲେଖ ଅଛି ତାହା ଉପେକ୍ଷା କରାଯାଇପାରେ । ମାତ୍ର ଦାନର ଯେ ସମସ୍ତ ନିର୍ଦ୍ଦିଷ୍ଟ ଅଛି, ତାହା ଉପେକ୍ଷା କରିବା ବଡ଼ ସହଜ ନୁହେ । କାରଣ ଯେ ଯେତେବେଳେ ଯାହା ଲେଖି ସନ ତାରିଖ ଦିଏ ସେ ଅବଶ୍ୟ ପ୍ରଚଳିତ ସନ ତାରିଖ ଦେଇଥାଏ ।

୧୨୧୭ ଶକାବ୍ଦରେ ବୀର ନରସିଂହଙ୍କ ୨୧ ଅଙ୍କ ବୋଲି ଉଲ୍ଲେଖ ଅଛି ଏବଂ ବଂଶାବଳୀରୁ ଜଣାଯାଏ ଯେ ଭାନୁଦେବଙ୍କ ପୁତ୍ର ବୀର ଶ୍ରୀନୃସିଂହ । ଦାନ ଦେବାବେଳକୁ ତାଙ୍କ ରାଜତ୍ୱ ୧୭ ବର୍ଷ ଭୋଗ ହେଉଥିଲା । ସୁତରାଂ ତାଙ୍କ ରାଜତ୍ୱର ପ୍ରାରମ୍ଭ କାଳ ୧୨୦୦ ଶକାବ୍ଦ ।

ତାମ୍ରଶାସନରେ ଅନ୍ୟ ରାଜାମାନଙ୍କର ଯେଉଁ ସମସ୍ତ ଉଲ୍ଲେଖ ଅଛି ତାହା ସହିତ ଏ ସମସ୍ତ ଗଣନା କରି ଦେଖିଲେ କି ଫଳ ହେବ ଦେଖନ୍ତୁ—

| | | | |
|---|---|---|---|
| ୧ । ଚୁଡ଼ଙ୍ଗ | ଦେବ | ଶକାବ୍ଦ | ୯୭୮—୧୦୩୮ |
| ୨ । କାମାର୍ଣ୍ଣବ | — | " | ୧୦୩୮—୧୦୪୮ |

| | | | | |
|---|---|---|---|---|
| ୩ । | ଶ୍ରୀରାଘବ | ଦେବ | ଶକାବ୍ଦ | ୧୦୫୮—୧୦୬୩ |
| ୪ । | ରାଜରାଜ | -- | ,, | ୧୦୬୩—୧୦୮୮ |
| ୫ । | ଅନିୟଙ୍କ | — | ,, | ୧୦୮୮—୧୦୯୮ |
| ୬ । | ରାଜରାଜ | — | ,, | ୧୦୯୮—୧୧୧୫ |
| ୭ । | ଅନଙ୍ଗ | — | ,, | ୧୧୧୫—୧୧୪୯ |
| ୮ । | ଶ୍ରୀନରସିଂହ | — | ,, | ୧୧୪୯—୧୧୮୨ |
| ୯ । | ଭାନୁ | — | ,, | ୧୧୮୨—୧୨୦୦ |
| ୧୦ । | ବୀର ନୃସିଂହ | — | ,, | ୧୨୦୦ |

ଏ ହିସାବରେ ଦେଖିଲେ କାମାର୍ଣ୍ଣବଙ୍କ ରାଜତ୍ୱ ସମୟର ପ୍ରାରମ୍ଭ ୧୦୬୪ ଶକାବ୍ଦ ଉଲ୍ଲେଖ ଅଛି । ତାହା ମିଳିଲା କେଉଁଠି ?

କାମାର୍ଣ୍ଣବଙ୍କ ସମୟ ୧୦୬୪ ଶକାବ୍ଦରୁ ଆରମ୍ଭ ହୋଇଥିବାର ଧରିଗଲେ ବୀର ନୃସିଂହଙ୍କ ରାଜତ୍ୱର ପ୍ରାରମ୍ଭ ୧୨୬୬ ଶକାବ୍ଦ ହେବ ଏବଂ ଚୋଡ଼ଗଙ୍ଗଦେବଙ୍କ ରାଜତ୍ୱର ପ୍ରାରମ୍ଭ କାଲ ୯୯୪ ଶକାବ୍ଦ ହେବ । ସୁତରାଂ ତାମ୍ରଶାସନରେ ଲେଖାଥିବା ୧୦୬୪ ଶକାବ୍ଦ ଯେ ଠିକ୍ ନୁହେ, ଏକଥା ସ୍ପଷ୍ଟ ପ୍ରମାଣିତ ହେଉଛି । ତାମ୍ରାନୁଶାସନଗୁଡ଼ିକ ଦାନପତ୍ର । ପ୍ରଶସ୍ତି ଲେଖକମାନେ ଅବଶ୍ୟ ତଦାନୀନ୍ତନ ରାଜସଭାସଦ୍ ହୋଇଥିବେ । ବର୍ଣ୍ଣନାରେ ଅତିରଞ୍ଜିତ କଥା କହିବା ଆଶ୍ଚର୍ଯ୍ୟ ନୁହେ । ଚୋଡ଼ଗଙ୍ଗଦେବ ଯେ ଦୀର୍ଘକାଲ ରାଜତ୍ୱ କରିଥିଲେ, ଏଥିରେ ସନ୍ଦେହ ନାହିଁ । ମାଦଳାପାଞ୍ଜିର ଏକ ସ୍ଥଳେ ୭୭ ବର୍ଷ ବୋଲି ଉଲ୍ଲେଖ ଅଛି । ସୁତରାଂ ତଦାନୀନ୍ତନ କବି ୭୦ ବର୍ଷ ଲେଖିବା ଅସମ୍ଭବ କାହିଁକି ? ଏହିପରି ଅନେକ ସ୍ଥଳରେ ଘଟିଥିବ । ଦାନକାଳୀନ ସମୟ ଠିକ୍ ଥିବା ସୁସଙ୍ଗତ ବୋଧହେଉଛି । କାରଣ ଏ ପ୍ରଶସ୍ତି ଯଦି ଦାନର ଅବ୍ୟବହିତ ପୂର୍ବେ ଲେଖା ହୋଇଥିବ ତାହାହେଲେ ସେହି ବର୍ଷ ମାସ ସମ୍ବନ୍ଧେ ଭ୍ରମ ହୋଇ ନପାରେ ।

ଅଚ୍ଛା, ମାଦଳାପାଞ୍ଜିରେ ଯାହା ଉଲ୍ଲେଖ ଅଛି ତାହା ଆଲୋଚନା କରାଯିବା ଆବଶ୍ୟକ । ମାଦଳାପାଞ୍ଜିର ତିନିଗୋଟି ଅଂଶ ଆମ୍ଭର ହସ୍ତଗତ ହୋଇଛି । ଆମ୍ଭେ ପ୍ରତ୍ୟେକ ଅଂଶରେ ଉଲ୍ଲେଖ ଥିବା ସମୟ ସମ୍ବନ୍ଧେ ଆଲୋଚନା କରିବୁଁ ଏବଂ ତହିଁମଧ୍ୟରୁ କେଉଁ ଅଂଶ ଲିଖିତ ବିଷୟ ଗ୍ରାହ୍ୟ, ତାହା ଆଲୋଚନା କରିବୁଁ ।

ପ୍ରଥମ ଅଂଶରେ ଯାହା ଉଲ୍ଲେଖ ଅଛି, ତାହା ନିମ୍ନରେ ଦିଆଗଲା—

( ୧ )

| | | | | | | |
|---|---|---|---|---|---|---|
| ୧ । | ଚୋଡ଼ଗଙ୍ଗଦେବ | ୭୭ | ଅଙ୍କରେ | ୫୪ | ବର୍ଷ ଶକାବ୍ଦ | ୧୦୦୯-୧୦୬୨ |
| ୨ । | ଗଙ୍ଗେଶ୍ୱର ଦେବ | ୩୧ | ,, | ୨୫ | ,, | ୧୦୬୨-୧୦୮୮ |
| ୩ । | ଏକଜଟା କାମଦେବ | ୯ | ,, | ୭ | ,, | ୧୦୮୮-୧୦୯୫ |

| | | | | |
|---|---|---|---|---|
| ୪ । ମଦନ ମହାଦେବ | ୭ ଅଙ୍କରେ | ୫ ବର୍ଷ | ଶକାବ୍ଦ | ୧୦୯୫-୧୧୦୦ |
| ୫ । ଅନଙ୍ଗଭୀମ ଦେବ | ୩୩ ,, | ୨୭ | ,, | ୧୧୦୦-୧୧୨୭ |
| ୬ । ରାଜରାଜେଶ୍ୱର | ୭ ,, | ୫ | ,, | ୧୧୨୭-୧୧୩୨ |
| ୭ । ଲାଙ୍ଗୁଲା ନରସିଂହ | ୨୨ ,, | ୧୮ | ,, | ୧୨୩୨-୧୧୫୦ |
| ୮ । କବି ନରସିଂହ | ୩୧ ,, | ୨୫ | ,, | ୧୧୫୦-୧୧୭୫ |
| ୯ । ପ୍ରତାପ ନରସିଂହ | ୨୪ ,, | ୨୦ | ,, | ୧୧୭୫-୧୧୯୫ |
| ୧୦ । କବିକାନ୍ତ ନରସିଂହ | ୩ ,, | ୨ | ,, | ୧୧୯୫-୧୧୯୭ |
| ୧୧ । କଜଳା ନରସିଂହ | ୨ ,, | ୧ | ,, | ୧୧୯୭-୧୧୯୮ |
| ୧୨ । ଶଙ୍ଖଭାନୁ | ୯ ,, | ୭ | ,, | ୧୧୯୮-୧୨୦୫ |
| ୧୩ । ନିଶଙ୍କଭାନୁ | ୩୧ ,, | ୨୪ | ,, | ୧୨୦୫-୧୨୨୯ |
| ୧୪ । ବଲ୍ଲଭାନୁ | ୨୫ ,, | ୨୧ | ,, | ୧୨୨୯-୧୨୫୦ |
| ୧୫ । ବୀରଭାନୁ | ୨୪ ,, | ୧୯ | ,, | ୧୨୫୦-୧୨୬୯ |
| ୧୬ । କଲ୍ଲିଭାନୁ | ୧୫ ,, | ୨୧ | ,, | ୧୨୬୯-୧୨୮୨ |
| ୧୭ । ମତ୍ତଭାନୁ | ୨୮ ,, | ୧୩ | ,, | ୧୨୮୨-୧୩୦୫ |
| ୧୮ । ଅକଟାଅବଟା ଭାନୁ | ୧୫ ,, | ୧୮ | ,, | ୧୩୦୫-୧୩୧୩ |

ଉପରୋକ୍ତ ତାଲିକାରେ ଅଙ୍କ ସହିତ ବର୍ଷ ମେଳ କରି ଦେଖିବାରେ ଦୁଇ ସ୍ଥାନରେ ସାମାନ୍ୟ ଭ୍ରମ ଦେଖାଯାଏ, ଯଥା—୧୩ ରାଜାଙ୍କର ୩୧ ଅଙ୍କରେ ୨୪ ସ୍ଥଳେ ୨୫ ହେବ ଏବଂ ୧୫ ରାଜାଙ୍କର ୨୪ ଅଙ୍କରେ ୧୯ ସ୍ଥଳେ ୨୦ ହେବ । ଏ ଅନୁସାରେ ସଂଶୋଧନ କଲେ ୧୩୨୫ ଶକାବ୍ଦ ପର୍ଯ୍ୟନ୍ତ ହେଲା । ଶକାବ୍ଦ ହିସାବ ଆମ୍ଭେ ଦେଇଛୁ; ମାଦଳାପାଞ୍ଜିରେ ନ ଥିଲା ।

( ୨ )

ଅନ୍ୟ ଏକ ଅଂଶରେ ଯେପରି ସମୟର ଉଲ୍ଲେଖ ଅଛି, ତାହା ନିମ୍ନରେ ଦେଲୁଁ—

| | | | |
|---|---|---|---|
| ୧ । ଚୁଡ଼ଙ୍ଗଦେବ | ବ ୬୭।୨୧୦ | ଶକାବ୍ଦ | ୯୫୮-୧୦୨୫ |
| ୨ । ଗଙ୍ଗେଶ୍ୱର | ବ ୯ | ,, | ୧୦୨୫-୧୦୩୪ |
| ୩ । ଏକଜଟା କାମଦେବ | ବ ୭ | ,, | ୧୦୩୪ ୧୦୪୧ |
| ୪ । ମଦନ ମହାଦେବ | ବ ୧୫ | ,, | ୧୦୪୧-୧୦୫୬ |
| ୫ । ଅନଙ୍ଗଭୀମ ଦେବ | ବ ୨୬ | ,, | ୧୦୫୬-୧୦୮୩ |
| ୬ । ପୁରୁଷୋତ୍ତମ ଦେବ | ବ ୨୨ | ,, | ୧୦୮୩-୧୧୦୫ |
| ୭ । ଅନଙ୍ଗଭୀମ ଦେବ | ବ ୨୬ | ,, | ୧୧୦୫-୧୧୩୧ |
| ୮ । ରାଜରାଜେଶ୍ୱର ଦେବ | ବ ୧ | ,, | ୧୧୩୧-୧୧୩୨ |

| | | | | |
|---|---|---|---|---|
| ୩ । | ଶ୍ରୀରାଘବ | ଦେବ | ଶକାବ୍ଦ | ୧୦୪୮—୧୦୬୩ |
| ୪ । | ରାଜରାଜ | -- | ,, | ୧୦୬୩—୧୦୮୮ |
| ୫ । | ଅନିୟଙ୍କ | — | ,, | ୧୦୮୮—୧୦୯୮ |
| ୬ । | ରାଜରାଜ | — | ,, | ୧୦୯୮—୧୧୧୫ |
| ୭ । | ଅନଙ୍ଗ | — | ,, | ୧୧୧୫—୧୧୪୯ |
| ୮ । | ଶ୍ରୀନରସିଂହ | — | ,, | ୧୧୪୯—୧୧୮୨ |
| ୯ । | ଭାନୁ | — | ,, | ୧୧୮୨—୧୨୦୦ |
| ୧୦ । | ବୀର ନୃସିଂହ | — | ,, | ୧୨୦୦ |

ଏ ହିସାବରେ ଦେଖିଲେ କାମାର୍ଣ୍ଣବଙ୍କ ରାଜତ୍ୱ ସମୟର ପ୍ରାରମ୍ଭ ୧୦୬୪ ଶକାବ୍ଦ ଉଲ୍ଲେଖ ଅଛି । ତାହା ମିଳିଲା କେଉଁଠି ?

କାମାର୍ଣ୍ଣବଙ୍କ ସମୟ ୧୦୬୪ ଶକାବ୍ଦରୁ ଆରମ୍ଭ ହୋଇଥିବାର ହୁଏ ଗଲେ ବୀର ନୃସିଂହଙ୍କ ରାଜତ୍ୱର ପ୍ରାରମ୍ଭ ୧୨୨୬ ଶକାବ୍ଦ ହେବ ଏବଂ ଚୋଡ଼ଗଙ୍ଗଦେବଙ୍କ ରାଜତ୍ୱର ପ୍ରାରମ୍ଭ କାଳ ୯୯୪ ଶକାବ୍ଦ ହେବ । ସୁତରାଂ ତାମ୍ରଶାସନରେ ଲେଖାଥିବା ୧୦୬୪ ଶକାବ୍ଦ ଯେ ଠିକ୍ ନୁହେ, ଏକଥା ସ୍ପଷ୍ଟ ପ୍ରମାଣିତ ହେଉଛି । ତାମ୍ରାନୁଶାସନଗୁଡ଼ିକ ଦାନପତ୍ର । ପ୍ରଶସ୍ତି ଲେଖକମାନେ ଅବଶ୍ୟ ତତ୍କାଳୀନ ରାଜସଭାସଦ୍ ହୋଇଥିବେ । ବର୍ଣ୍ଣନାରେ ଅତିରଞ୍ଜିତ କଥା କହିବା ଆଶ୍ଚର୍ଯ୍ୟ ନୁହେ । ଚୋଡ଼ଗଙ୍ଗଦେବ ଯେ ଦୀର୍ଘକାଳ ରାଜତ୍ୱ କରିଥିଲେ ,ଏଥିରେ ସନ୍ଦେହ ନାହିଁ । ମାଦଳାପାଞ୍ଜିର ଏକ ସ୍ଥଳେ ୭୭ ବର୍ଷ ବୋଲି ଉଲ୍ଲେଖ ଅଛି । ସୁତରାଂ ତତ୍କାଳୀନ କବି ୭୦ ବର୍ଷ ଲେଖିବା ଅସମ୍ଭବ କାହିଁକି ? ଏହିପରି ଅନେକ ସ୍ଥଳରେ ଘଟିଥିବ । ଦାନକାଳୀନ ସମୟ ଠିକ୍ ଥିବା ସୁସଙ୍ଗତ ବୋଧହେଉଛି । କାରଣ ଏ ପ୍ରଶସ୍ତି ପତ୍ର ଦାନର ଅବ୍ୟବହିତ ପୂର୍ବେ ଲେଖା ହୋଇଥିବ ତାହାହେଲେ ସେହି ବର୍ଷ ମାସ ସମ୍ବନ୍ଧେ ଭ୍ରମ ହୋଇ ନପାରେ ।

ଆଚ୍ଛା, ମାଦଳାପାଞ୍ଜିରେ ଯାହା ଉଲ୍ଲେଖ ଅଛି ତାହା ଆଲୋଚନା କରାଯିବା ଆବଶ୍ୟକ । ମାଦଳାପାଞ୍ଜିର ତିନୋଟି ଅଂଶ ଆମ୍ଭର ହସ୍ତଗତ ହୋଇଛି । ଆମ୍ଭେ ପ୍ରତ୍ୟେକ ଅଂଶରେ ଉଲ୍ଲେଖ ଥିବା ସମୟ ସମ୍ବନ୍ଧେ ଆଲୋଚନା କରିବୁଁ ଏବଂ ତହିଁମଧ୍ୟରୁ କେଉଁ ଅଂଶ ଲିଖିତ ବିଷୟ ଗ୍ରାହ୍ୟ, ତାହା ଆଲୋଚନା କରିବୁଁ ।

ପ୍ରଥମ ଅଂଶରେ ଯାହା ଉଲ୍ଲେଖ ଅଛି, ତାହା ନିମ୍ନରେ ଦିଆଗଲା—

( ୧ )

| | | | | | |
|---|---|---|---|---|---|
| ୧ । | ଚୋଡ଼ଗଙ୍ଗଦେବ | ୭୭ ଅଙ୍କରେ | ୫୪ ବର୍ଷ | ଶକାବ୍ଦ | ୧୦୦୯-୧୦୬୨ |
| ୨ । | ଗଙ୍ଗେଶ୍ୱର ଦେବ | ୩୧ ,, | ୨୫ | ,, | ୧୦୬୨-୧୦୮୮ |
| ୩ । | ଏକଜଟା କାମଦେବ | ୯ ,, | ୭ | ,, | ୧୦୮୮-୧୦୯୫ |

| | | | | | | |
|---|---|---|---|---|---|---|
| ୪ । ମଦନ ମହାଦେବ | ୭ | ଅଙ୍କରେ | ୫ | ବର୍ଷ | ଶକାବ୍ଦ | ୧୦୯୫-୧୧୦୦ |
| ୫ । ଅନଙ୍ଗଭୀମ ଦେବ | ୩୩ | ,, | ୨୭ | | ,, | ୧୧୦୦-୧୧୨୭ |
| ୬ । ରାଜରାଜେଶ୍ୱର | ୭ | ,, | ୫ | | ,, | ୧୧୨୭-୧୧୩୨ |
| ୭ । ଲାଙ୍ଗୁଲା ନରସିଂହ | ୨୨ | ,, | ୧୮ | | ,, | ୧୨୩୨-୧୧୫୦ |
| ୮ । କବି ନରସିଂହ | ୩୧ | ,, | ୨୫ | | ,, | ୧୧୫୦-୧୧୭୫ |
| ୯ । ପ୍ରତାପ ନରସିଂହ | ୨୪ | ,, | ୨୦ | | ,, | ୧୧୭୫-୧୧୯୫ |
| ୧୦ । କବିକାନ୍ତ ନରସିଂହ | ୩ | ,, | ୨ | | ,, | ୧୧୯୫-୧୧୯୭ |
| ୧୧ । କଜଳ ନରସିଂହ | ୨ | ,, | ୧ | | ,, | ୧୧୯୭-୧୧୯୮ |
| ୧୨ । ଶଙ୍ଖଭାନୁ | ୯ | ,, | ୭ | | ,, | ୧୧୯୮-୧୨୦୫ |
| ୧୩ । ନଶଙ୍କଭାନୁ | ୩୧ | ,, | ୨୪ | | ,, | ୧୨୦୫-୧୨୨୯ |
| ୧୪ । ବଳଭାନୁ | ୨୫ | ,, | ୨୧ | | ,, | ୧୨୨୯-୧୨୫୦ |
| ୧୫ । ବୀରଭାନୁ | ୨୪ | ,, | ୧୯ | | ,, | ୧୨୫୦-୧୨୬୯ |
| ୧୬ । କଳାଭାନୁ | ୧୫ | ,, | ୨୧ | | ,, | ୧୨୬୯-୧୨୮୨ |
| ୧୭ । ମତଭାନୁ | ୨୮ | ,, | ୧୩ | | ,, | ୧୨୮୨-୧୩୦୫ |
| ୧୮ । ଅକଟାଅବଟା ଭାନୁ | ୧୫ | ,, | ୧୮ | | ,, | ୧୩୦୫-୧୩୧୩ |

ଉପରୋକ୍ତ ତାଲିକାରେ ଅଙ୍କ ସହିତ ବର୍ଷ ମେଳ କରି ଦେଖିବାରେ ଦୁଇ ସ୍ଥାନରେ ସାମାନ୍ୟ ଭ୍ରମ ଦେଖାଯାଏ, ଯଥା—୧୩ ରାଜାଙ୍କର ୩୧ ଅଙ୍କରେ ୨୪ ସ୍ଥଳେ ୨୫ ହେବ ଏବଂ ୧୫ ରାଜାଙ୍କର ୨୪ ଅଙ୍କରେ ୧୯ ସ୍ଥଳେ ୨୦ ହେବ । ଏ ଅନୁସାରେ ସଂଶୋଧନ କଲେ ୧୩୨୫ ଶକାବ୍ଦ ପର୍ଯ୍ୟନ୍ତ ହେଲା । ଶକାବ୍ଦ ହିସାବ ଆମ୍ଭେ ଦେଇଛୁ; ମାଦଳାପାଞ୍ଜିରେ ନ ଥିଲା ।

( ୨ )

ଅନ୍ୟ ଏକ ଅଂଶରେ ଯେପରି ସମୟର ଉଲ୍ଲେଖ ଅଛି, ତାହା ନିମ୍ନରେ ଦେଲୁଁ—

| | | | |
|---|---|---|---|
| ୧ । ଚୁଡ଼ଙ୍ଗଦେବ | ବ ୬୭।୨୧୦ | ଶକାବ୍ଦ | ୯୫୮-୧୦୨୫ |
| ୨ । ଗଙ୍ଗେଶ୍ୱର | ବ ୯ | ,, | ୧୦୨୫-୧୦୩୪ |
| ୩ । ଏକଜଟା କାମଦେବ | ବ ୭ | ,, | ୧୦୩୪ ୧୦୪୧ |
| ୪ । ମଦନ ମହାଦେବ | ବ ୧୫ | ,, | ୧୦୪୧-୧୦୫୬ |
| ୫ । ଅନଙ୍ଗଭୀମ ଦେବ | ବ ୨୬ | ,, | ୧୦୫୬-୧୦୮୩ |
| ୬ । ପୁରୁଷୋତ୍ତମ ଦେବ | ବ ୨୨ | ,, | ୧୦୮୩-୧୧୦୫ |
| ୭ । ଅନଙ୍ଗଭୀମ ଦେବ | ବ ୨୬ | ,, | ୧୧୦୫-୧୧୩୧ |
| ୮ । ରାଜରାଜେଶ୍ୱର ଦେବ | ବ ୧ | ,, | ୧୧୩୧-୧୧୩୨ |

| | | | |
|---|---|---|---|
| ୯ । ଲାଙ୍ଗୁଳା ନରସିଂହ | ବ ୨୮ | ଶକାବ୍ଦ | ୧୧୩୨-୧୧୫୮ |
| ୧୦ । କବି ନରସିଂହ | ବ ୨୫ | ,, | ୧୧୫୮-୧୧୮୩ |
| ୧୧ । ପ୍ରତାପ ନରସିଂହ | ବ ୩୩ | ,, | ୧୧୮୩-୧୨୧୬ |
| ୧୨ । ବୀରଖରକାଳ | ବ ୧ | ,, | ୧୨୧୬-୧୨୧୮ |
| ୧୩ । କଜଳା | ବ ୦।୧।୩ | ,, | ୧୨୧୮-୧୨୧୮ |
| ୧୪ । ଶଙ୍ଖଭାନୁ | ବ ୨୬ | ,, | ୧୨୧୮-୧୨୪୫ |
| ୧୫ । କନକଭାନୁ ଦେବ | ବ ୨୪ | ,, | ୧୨୪୫-୧୨୬୯ |
| ୧୬ । ବଳଭାନୁ | ବ ୨୬ | ,, | ୧୨୬୯-୧୨୯୫ |
| ୧୭ । ବୀରଭାନୁ | ବ ୨୪ | ,, | ୧୨୯୫-୧୩୧୯ |
| ୧୮ । କଳିଭାନୁ | ବ ୧୪ | ,, | ୧୩୧୯-୧୩୩୩ |
| ୧୯ । ଜଡ଼ଭାନୁ | ବ ୨୩।୬ | ,, | ୧୩୩୮-୧୩୫୭ |
| ୨୦ । ଅକଟାଅବଟା ଭାନୁ | ବ ୫ | ,, | ୧୩୫୭-୧୩୬୨ |

( ୩ )

ମାଦଳାପାଞ୍ଜିର ଅନ୍ୟ ଏକ ଅଂଶରେ ଉଲ୍ଲେଖ ଅଛି, ଚୁଡ଼ଙ୍ଗଦେବଙ୍କ ରାଜତ୍ୱଠାରୁ କପିଳେନ୍ଦ୍ର ଦେବଙ୍କ ରାଜତ୍ୱ ପର୍ଯ୍ୟନ୍ତ ଶକାବ୍ଦ ୧୦୫୪—୧୩୫୭ ବା ଖ୍ରୀଷ୍ଟାବ୍ଦ ୧୧୩୨ — ୧୪୩୫ । ଏ ତାଲିକା ହଣ୍ଟରର ସାହେବଙ୍କ ତାଲିକା ସହିତ ଅବିକଳ ମେଳ ହେଉଛି । ଏଥିରେ ଚୁଡ଼ଙ୍ଗଦେବଙ୍କ ରାଜତ୍ୱ ୨୦ ବର୍ଷ ଏବଂ ନିମ୍ନଲିଖିତ ଶ୍ଳୋକ ମଧ୍ୟ ଅଛି ।

ସପୁଚ୍ଛନରସିଂହେନ କ୍ଷେତ୍ରେଶ୍ୱରେଣାଂ ଶୁମାଳିନଃ
ପ୍ରାସାଦଃ କାରିତୋରାଙ୍କା ଶକେନ୍ଦ୍ରାବଶକେ ଶତେ ।

ଉପରୋକ୍ତ ଶ୍ଳୋକଟି କୋଣାର୍କ ମନ୍ଦିରର ନିର୍ମାଣ ସମୟ ଅର୍ଥାତ୍ ଲାଙ୍ଗୁଳା ନରସିଂହ ୧୨୦୦ ଶକାବ୍ଦରେ ସୂର୍ଯ୍ୟମନ୍ଦିର ନିର୍ମାଣ କରାଇଥିଲେ ।

ମାଦଳାପାଞ୍ଜିର ଅନ୍ୟ ଏକ ଅଂଶରେ ଏ ସମ୍ବନ୍ଧେ ଲେଖାଯାଏ ଯେ ଲାଙ୍ଗୁଳା ନରସିଂହଙ୍କ ୩ ଅଙ୍କରେ କୋଣାର୍କ ଦେଉଳ ଶୁଭ ହୋଇଗଲା । ସେ ୧୧୩୬ ଶକାବ୍ଦରେ ଦେଉଳ ନିର୍ମାଣଭାର ଶିବାଇ ସାମନ୍ତରାଙ୍କ ମୂଳେ ଦେଇ ୧୨ ବର୍ଷ ଦକ୍ଷିଣରେ ରହିଲେ ଏବଂ ତାହାଙ୍କ ୨୧ ଅଙ୍କରେ ଦେଉଳ ପ୍ରତିଷ୍ଠା କରାଇଥିଲେ । ଏଥିରୁ ଜଣାଯାଏ ଯେ ଦେଉଳ ନିର୍ମାଣ କାର୍ଯ୍ୟ ୧୭ ବର୍ଷ ଲାଗିଥିଲା ଏବଂ ଲାଙ୍ଗୁଳା ନରସିଂହ ଦେବ ୧୧୩୨—୧୧୫୮ ଶକାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ଏବଂ ଦେଉଳ ନିର୍ମାଣ କାର୍ଯ୍ୟ ୧୧୪୯ ଶକାବ୍ଦରେ ଶେଷ ହୋଇଥିଲା । ସୁତରାଂ ଉପରୋକ୍ତ ଶ୍ଳୋକ ସହିତ ମେଳ ହେଉନାହିଁ । ଉପରୋକ୍ତ ତାମ୍ରଶାସନ ସହିତ ମଧ୍ୟ ଅମେଳ ଥିବାର ଉପରୋକ୍ତ ତାଲିକାରୁ ଜଣାଯାଏ ।

ବର୍ତ୍ତମାନ ଦେଖିବାକୁ ହେବ କେଉଁ ତାଲିକା-ଲିଖିତ ସମୟ ଠିକ୍ ? ଅନ୍ୟ ତାଲିକାରେ ଯେଉଁ ସମୟ ଉଲ୍ଲେଖ ଅଛି ସେ ସମ୍ବନ୍ଧେ ଆଲୋଚନା କରାଯାଉ । କପିଳେନ୍ଦ୍ର ଦେବଙ୍କର ଗୋଟିଏ ସ୍ୱତନ୍ତ୍ର ଶକାବ୍ଦ ଚଳୁଛି । ତାହା ବର୍ତ୍ତମାନ ୪୯୨ । ସୁତରାଂ କପିଳେନ୍ଦ୍ର ଦେବ ୧୪୩୫ ଖ୍ରୀଷ୍ଟାବ୍ଦ ବା ୧୩୫୭ ଶକାବ୍ଦରେ ରାଜତ୍ୱ କରିଥିବା ସୁନିଶ୍ଚିତ । ମାତ୍ର ଉପରୋକ୍ତ ଅନ୍ୟ ତାଲିକାରୁ ଜଣାଯାଏ ଯେ କପିଳେନ୍ଦ୍ର ଦେବ ୧୪୪୨ ଖ୍ରୀଷ୍ଟାବ୍ଦ ବା ୧୩୬୪ ଶକାବ୍ଦରେ ରାଜତ୍ୱ କରିଥିଲେ । ସୁତରାଂ ଆମ୍ଭେ କହିପାରୁଁ ଯେ ମାଦଳାପାଞ୍ଜିର ଏ ଅଂଶ ହଣ୍ଟରଙ୍କ ହିସାବ ପରେ ତଦନୁଯାୟୀ ସଂଶୋଧିତ ହୋଇଥିବ । ନଚେତ୍ ହଣ୍ଟର ସହିତ ଏ ହିସାବ ଅବିକଳ ମିଳିବ କପରି ? ସୁତରାଂ ଏ ତାଲିକା ବିଶ୍ୱାସଯୋଗ୍ୟ ବୋଧ ହେଉନାହିଁ । ଆମ୍ଭେ ସେ ତାଲିକା ଦେଖି ଆମ୍ଭ ମନରେ ଏହିପରି ଧାରଣା ହୋଇଛି । ଲାଙ୍ଗୁଳା ନରସିଂହ ୪୫ ବର୍ଷ ରାଜତ୍ୱ କରିଥିବା ବିଷୟ ମାଦଳାପାଞ୍ଜିରେ ନାହିଁ । ସୁତରାଂ ଏ ସମସ୍ତ ଭ୍ରମଦୃଷ୍ଟିରେ ଆମ୍ଭେ ସେ ହିସାବ ଉପରେ କିଛି ମାତ୍ର ଆସ୍ଥା ସ୍ଥାପନ କରିପାରୁନାହୁଁ ।

ତାମ୍ରଶାସନ ସମ୍ବନ୍ଧେ ପୂର୍ବେ କହିଛୁଁ । ୧ ଓ ୨ ତାଲିକାର ଯଥାର୍ଥତା ଦେଖିବା ଆବଶ୍ୟକ । ୧ ତାଲିକାରେ ଅଙ୍କ ସହିତ ଶକାବ୍ଦ ମେଳ ହୋଇଅଛି । ତାହା ଅସଲ ଲେଖା ନୁହେ ବୋଲି ଜଣାଯାଏ ।

ଚୋଡ଼ଗଙ୍ଗଦେବଙ୍କ ରାଜତ୍ୱ ସମୟ ୭୦ ବର୍ଷ ବୋଲି ତାମ୍ରଶାସନ ଓ ଗଙ୍ଗବଂଶାନୁଚରିତ ସାକ୍ଷ୍ୟ ଦେଉଅଛି । ମାଦଳାପାଞ୍ଜିର ଦ୍ୱିତୀୟ ତାଲିକାରୁ ଜଣାଯାଏ ପ୍ରାୟ ୭୨ ବର୍ଷ । ସୁତରାଂ ଏହା ଅବିଶ୍ୱାସ କରାଯାଇ ନପାରେ । ମାତ୍ର ପ୍ରଥମ ତାଲିକାରେ ୭୭ ଅଙ୍କରେ ୫୪ ବର୍ଷ ଯାହା ଉଲ୍ଲେଖ ଅଛି ତାହା ପ୍ରକୃତ ବୋଲି ଜଣାଯାଏ । ରାଜବଂଶରେ ଅଙ୍କ ପ୍ରଚଳିତ ଥିଲା ଓ ଅଛି ଏବଂ ଅଙ୍କ ହିସାବ ରଖିବା ସ୍ୱାଭାବିକ । ସୁତରାଂ ଚୋଡ଼ଗଙ୍ଗଙ୍କ ରାଜତ୍ୱ ୫୪ ବର୍ଷ ବୋଲି ଧରିବାକୁ ହେବ । ଚୋଡ଼ଗଙ୍ଗଦେବଙ୍କ ପରେ କେତେ ଜଣ ରାଜା ରାଜତ୍ୱ କରିଥିଲେ ଏ ବିଷୟରେ ମତଭେଦ ଦେଖାଯାଏ । ୭ ଦେବ, ୭ ନରସିଂହ ଓ ୬ ଭାନୁ ଏପରି ୧୮ ଜଣ ରାଜତ୍ୱ କରିଥିବାର ଦେଖାଯାଏ । ପୁନଶ୍ଚ ଦେଖାଯାଏ ଯେ ୭ ଦେବ ନହୋଇ ୮ ଦେବ ରାଜତ୍ୱ କରିଥିଲେ, ସୁତରାଂ ୨୦ ଜଣ । ହଣ୍ଟର ୭ ଜଣଙ୍କ ନାମ ଦେଇଅଛନ୍ତି । ତାମ୍ରଶାସନରୁ ୭ ଜଣ ଦେବ ରାଜତ୍ୱ କରିଥିବାର ଦେଖାଯାଏ । ମାତ୍ର ମାଦଳାରେ ୨ୟ ଭାଗରେ ୮ ଦେବଙ୍କ ନାମ ମିଳେ । ଉପରୋକ୍ତ ୧ ଓ ୨ ତାଲିକା-ଲିଖିତ ହିସାବ ମଧ୍ୟରେ ଅଙ୍କ ଓ ତଦନୁଯାୟୀ ବର୍ଷସଂଖ୍ୟା ମଧ୍ୟରେ ଗୋଳମାଳ ଥିବାର ଦେଖାଯାଏ । ଅନେକ ସ୍ଥଳରେ ମେଳ ଅଛି ସତ; ମାତ୍ର ଅନେକ ସ୍ଥଳରେ ଅମେଳ ଅଛି । ଲାଙ୍ଗୁଳା ନରସିଂହଙ୍କ ରାଜତ୍ୱ ଯେ ୨୬ ବର୍ଷ ଲେଖା ଅଛି ତାହା ୩୬ ବର୍ଷ ହେବାର କଥା । ଲେଖା-ଦୋଷରୁ ଭ୍ରମ ଥିଲାପରି ଜଣାଯାଏ । ଆମ୍ଭେ ପ୍ରାପ୍ତବ୍ୟ ସମସ୍ତ ବିଷୟ ଆଲୋଚନା କରି ଏବଂ ସମସ୍ତ ବିଷୟ ପ୍ରତି ଲକ୍ଷ୍ୟ ରଖି ଗଙ୍ଗବଂଶର ନିମ୍ନଲିଖିତ ସଂଶୋଧିତ ତାଲିକାଟି ସ୍ଥିର କରୁଛୁଁ ।

( ୪ )

| | ଅଙ୍କ | ବର୍ଷ | ଶକାବ୍ଦ |
|---|---|---|---|
| ୧ । ଚୁଡ଼ଙ୍ଗ ଦେବ | ୬୭ | ୫୪ | ୯୬୧-୧୦୧୫ |
| ୨ । ଗଙ୍ଗେଶ୍ୱର ଦେବ | ୩୧ | ୨୫ | ୧୦୧୫-୧୦୪୦ |
| ୩ । ଏକଜଟା ଦେବ | ୯ | ୭ | ୧୦୪୦-୧୦୪୭ |
| ୪ । ମଦନ ମହାଦେବ | ୭ | ୫ | ୧୦୪୭-୧୦୫୨ |
| ୫ । ଅନିୟଙ୍କ | ୩୩ | ୨୭ | ୧୦୫୨-୧୦୭୯ |
| ୬ । ପୁରୁଷୋତ୍ତମ ଦେବ | ୨୭ | ୨୨ | ୧୦୭୯-୧୧୦୧ |
| ୭ । ଅନଙ୍ଗଭୀମ ଦେବ | ୩୩ | ୨୭ | ୧୧୦୧-୧୧୨୮ |
| ୮ । ରାଜରାଜେଶ୍ୱର | ୭ | ୫ | ୧୧୨୮-୧୧୩୩ |
| ୯ । ଲାଙ୍ଗୁଲା ନରସିଂହ | ୪୫ | ୩୬ | ୧୧୩୩-୧୧୬୯ |
| ୧୦ । କବି ନରସିଂହ | ୩୧ | ୨୫ | ୧୧୬୯-୧୧୯୪ |
| ୧୧ । ପ୍ରତାପ ନରସିଂହ | ୩୩ | ୨୭ | ୧୧୯୪-୧୨୨୧ |
| ୧୨ । ବୀର ଖରବାଲ ନରସିଂହ | ୩ | ୨ | ୧୨୨୧-୧୨୨୩ |
| ୧୩ । କଜଳା ନରସିଂହ | ୨ | ୧ | ୧୨୨୩-୧୨୨୪ |
| ୧୪ । ଶଙ୍ଖଭାନୁ ନରସିଂହ | ୩୩ | ୨୭ | ୧୨୨୪-୧୨୫୧ |
| ୧୫ । ଜନାଂଭାନୁ | ୩୧ | ୨୪ | ୧୨୫୧-୧୨୭୫ |
| ୧୬ । ବଳଭାନୁ | ୨୬ | ୨୧ | ୧୨୭୫-୧୨୯୬ |
| ୧୭ । ବୀରଭାନୁ | ୨୪ | ୧୯ | ୧୨୯୬-୧୩୧୫ |
| ୧୮ । କଳଭାନୁ | ୧୪ | ୧୩ | ୧୩୧୫-୧୩୨୮ |
| ୧୯ । ମତ୍ତଭାନୁ | ୨୮ | ୨୪ | ୧୩୨୮ ୧୩୫୨ |
| ୨୦ । ଅକଟାଭାନୁ | ୭ | ୫ | ୧୩୫୨-୧୩୫୭ |

ବଡ଼ଦେଉଳ ନିର୍ମ୍ମାଣ ସମୟ, ମାଦଳାପାଞ୍ଜିରେ ଥିବା କୋଣାର୍କ ମନ୍ଦିର ନିର୍ମ୍ମାଣ ସମୟ, ତାମ୍ରଶାସନ-ଲିଖିତ ଦାନର ସମୟ ଠିକ୍ ମେଳ ହେଉଛି । କେବଳ "ସପୁଚ୍ଛ ନରସିଂହେନ ଇତ୍ୟାଦି" ଶ୍ଳୋକ ସହିତ ମେଳ ହେଉନାହିଁ । ତାମ୍ରଶାସନର ଅନ୍ୟାନ୍ୟ ବିଷୟ ବିଶ୍ୱାସ କରାଯାଇ ନପାରେ; ମାତ୍ର ଦାନ ସମୟକୁ କୌଣସିମତେ ଅବିଶ୍ୱାସ କରିବାର କାରଣ ନାହିଁ । ଏକଥା ପ୍ରକୃତ ହେଲେ, ଶ୍ଳୋକଲିଖିତ ସମୟ କାଳ୍ପନିକ ବୋଲି ମନେ ହୁଏ । ବିଶେଷତଃ ଏ ଶ୍ଳୋକ ମାଦଳାପାଞ୍ଜିର ଅନ୍ୟ ସ୍ଥାନରେ ଉଲ୍ଲେଖ ଥିବା କୋଣାର୍କ ମନ୍ଦିରର ନିର୍ମ୍ମାଣ ସମୟ ସହିତ ପ୍ରଭେଦ ହେଉଥିବାରୁ ଏ ଶ୍ଳୋକ ମନ୍ଦିର ନିର୍ମ୍ମାଣ ସମୟରେ ଲେଖା ହୋଇଥିବାର ବିଶ୍ୱାସ ହେଉ ନାହିଁ । ଏ ଶ୍ଳୋକ ପରେ କେହି ଯୋଗ କରିଥିବାର ଅନୁମିତ ହୁଏ ।

ରାଜେନ୍ଦ୍ରଲାଲ ମିତ୍ର ମହାଶୟ ଏହି ଶ୍ଳୋକ ଉପରେ ନିର୍ଭର କରି ଲଙ୍ଗୁଲା ନରସିଂହଙ୍କ ରାଜତ୍ୱ ସମୟ ୧୧୫୯—୧୨୦୪ ଶକାବ୍ଦ ବୋଲି ଲେଖିଛନ୍ତି ( ଆଣ୍ଟିକୁଇଟି ୨ୟ ଭାଗ ୧୫୭ ପୃଷ୍ଠା ) । ପୁରୁଷୋତ୍ତମଚନ୍ଦ୍ରଙ୍କ ଏହି ଶ୍ଳୋକକୁ ଅନୁସରଣ କରିଛନ୍ତି । ହଣ୍ଟର ସାହେବ ମଧ୍ୟ ଏହି ପଥରେ ଯାଇଛନ୍ତି । ଆବୁଲଫଜଲଙ୍କ କୋଣାର୍କ ଦେଉଳ ୭୩୦ ବର୍ଷ ପୂର୍ବେ ନିର୍ମିତ ହୋଇଥିବା ବିଷୟ ସେ ଷୋଡଶ ଶତାବ୍ଦୀରେ ଅନୁମାନ କରିଥିଲେ । ସୁତରାଂ ତାଙ୍କ ମତରେ ଦେଉଳ ୯ମ ଶତାବ୍ଦୀରେ ନିର୍ମିତ ହୋଇଥିଲା । ଫର୍ଗୁସନ ସାହେବଙ୍କ ମତରେ ୯ମ ଶତାବ୍ଦୀର ଶେଷ ଭାଗରେ ନିର୍ମିତ ହୋଇଥିଲା । ଆବୁଲଫଜଲ ଲେଖିଛନ୍ତି, ଓଡ଼ିଶାର ୧୨ ବର୍ଷର ରାଜସ୍ୱ ଏ ଦେଉଳ ନିର୍ମାଣ କାର୍ଯ୍ୟରେ ଖର୍ଚ୍ଚ ହୋଇଥିଲା ।

ଓ ତାଲିକା ଲିଖିତ ସମୟଗୁଡ଼ି ଅବିକଳ ଉଲ୍ଲେଖ କଲେ ଅନେକ ଭ୍ରମ ଦେଖାଇ ଦିଆଯିବ ।

| | | ଶକାବ୍ଦ |
|---|---|---|
| ୧ । | ଚୁଡଗଙ୍ଗ ଦେବ | ୧୦୫୪-୧୦୭୪ |
| ୨ । | ଗଙ୍ଗେଶ୍ୱର ଦେବ | ୧୦୭୪-୧୦୮୮ |
| ୩ । | ଏକଜଟା କାମଦେବ | ୧୦୮୮-୧୦୯୩ |
| ୪ । | ମଦନ ମହାଦେବ | ୧୦୯୩-୧୦୯୭ |
| ୫ । | ଅନଙ୍ଗଭୀମ ଦେବ | ୧୦୯୭-୧୧୨୪ |
| ୬ । | ରାଜରାଜେଶ୍ୱର | ୧୧୨୪-୧୧୫୯ |
| ୭ । | ଲଙ୍ଗୁଲା ନରସିଂହ | ୧୧୫୯-୧୨୦୪ |
| ୮ । | କବି ନରସିଂହ | ୧୨୦୪ ୧୨୨୯ |
| ୯ । | ପ୍ରତାପ ନରସିଂହ | ୧୨୨୯-୧୨୪୯ |
| ୧୦ । | ଜବକାନ୍ତ ନରସଂହ | ୧୨୪୯-୧୨୫୧ |
| ୧୧ । | କଜଲ ନରସିଂହ | ୧୨୫୧-୧୨୫୨ |
| ୧୨ । | ଶଙ୍ଖଭାନୁ ନରସିଂହ | ୧୨୫୨-୧୨୫୯ |
| ୧୩ । | ନିଶଙ୍କଭାନୁ | ୧୨୫୯-୧୨୮୩ |
| ୧୪ । | ବଲଭାନୁ | ୧୨୮୩-୧୩୦୪ |
| ୧୫ । | ବୀରଭାନୁ | ୧୩୦୪-୧୩୨୩ |
| ୧୬ । | କଳଭାନୁ | ୧୩୨୩-୧୩୩୬ |
| ୧୭ । | ଅକଟା ଅବଟା ଭାନୁ | ୧୩୩୬-୧୩୫୧ |
| ୧୮ । | ମତଭାନୁ | ୧୩୫୧-୧୩୭୪ |

ଅର୍ଥାତ୍ ୧୦୫୪—୧୩୭୪ ଶକାବ୍ଦ ବା ୧୧୩୨—୧୪୫୨ ଖ୍ରୀଷ୍ଟାବ୍ଦ । ଏଥିରେ ଚୋଡ଼ଗଙ୍ଗ ଦେବଙ୍କର ରାଜତ୍ୱ ୨୦ ବର୍ଷ କିପରି ହେଲା ବୁଝିପାରୁନାହୁଁ । ହୁଏତ ୭୦ ଅଙ୍କ ୨୦ ବୋଲି ଭ୍ରମରେ ନିଆଯାଇ ଥାଇପାରେ । ଗଙ୍ଗେଶ୍ୱର ଦେବଙ୍କ ରାଜତ୍ୱ ୧୪ ବର୍ଷ କିପରି ହେଲା ଜଣାଯାଉନାହିଁ । ପ୍ରକୃତରେ ୨୪ ବର୍ଷ ହେବ । ଏକଜଟା କାମଦେବଙ୍କ ରାଜତ୍ୱ ୭ ବର୍ଷ ସ୍ଥଳେ ୫ ବର୍ଷ ନିଆଯାଇଛି । ମଦନ ମହାଦେବଙ୍କ ୫ ବର୍ଷ ସ୍ଥଳେ ୪ ବର୍ଷ ହୋଇଛି । ପ୍ରଥମ ଅନଙ୍ଗଭୀମ ଦେବଙ୍କ ରାଜତ୍ୱ ସମୟ ଏଥିରେ ଉଲ୍ଲେଖ ନାହିଁ । ରାଜରାଜେଶ୍ୱରଙ୍କ ସମୟ ୫ ବର୍ଷ ସ୍ଥଳେ ୩୫ ବର୍ଷ ଉଲ୍ଲେଖ ଅଛି । ପୁରୁଷୋତ୍ତମ ଦେବଙ୍କ ରାଜତ୍ୱ ବିଷୟ ଏଥିରେ ଉଲ୍ଲେଖ ନାହିଁ । ଲାଙ୍ଗୁଳା ନରସିଂହ ୪୫ ଅଙ୍କରେ ୩୭ ବର୍ଷ ସ୍ଥଳେ ୪୫ ବର୍ଷ ଗଣନା କରାଯାଇଛି । ସୁତରାଂ ଏ ସମସ୍ତ ହିସାବ ଧରିଲେ ଆମ୍ଭେ ୪ର୍ଥ ତାଲିକାରେ ଯେଉଁ ହିସାବ ଦେଇଛୁଁ, ତାହାହିଁ ଠିକ୍ ମିଳିବ । ୩ୟ ତାଲିକା-ଲିଖିତ ସମୟ "ସପୁଚ୍ଛ ନରସିଂହ ଇତ୍ୟାଦି" ଶ୍ଳୋକଲିଖିତ ସମୟ ସହିତ ମିଳିପାରେ; ମାତ୍ର ମାଦଳାଲିଖିତ ଅନ୍ୟାନ୍ୟ ବିବରଣ ଏବଂ ତାମ୍ରଶାସନ-ଲିଖିତ ଦାନର ସମୟ ଅମେଳ ହେଉଥିବାରୁ ଆମ୍ଭେ ଏଥିରେ ନିର୍ଭର କରି ପାରୁନାହୁଁ । ଉକ୍ତ ଶ୍ଳୋକଟି ପ୍ରକ୍ଷିପ୍ତ ପରି ଜଣାଯାଏ । ସୁତରାଂ ୪ ଲିଖିତ ସମୟ ପ୍ରକୃତ ପରି ଜଣାଯାଏ ଏବଂ କୋଣାର୍କ ମନ୍ଦିର ନିର୍ମାଣ ସମୟ ୧୧୫୦ ଶକାବ୍ଦ ବା ୧୨୨୮ ଖ୍ରୀଷ୍ଟାବ୍ଦ । ଏ ଦେଉଳ ନିର୍ମାଣ ହେବା ପୂର୍ବେ ପ୍ରାୟ ୯ମ ଶତାବ୍ଦୀରେ କେଶରୀବଂଶୀୟ ରାଜା ପୁରନ୍ଦରକେଶରୀ ଅର୍କକ୍ଷେତ୍ରରେ ଗୋଟିଏ ମନ୍ଦିର ନିର୍ମାଣ କରାଇଥିବା ବିଷୟ ମାଦଳାପାଞ୍ଜିରୁ ଜଣାଯାଏ । ଆବୁଲଫଜଲ ସମ୍ଭବତଃ ସେହି କଥା ନେଇ ବର୍ତ୍ତମାନ ଦେଉଳକୁ ୯ମ ଶତାବ୍ଦୀର ବୋଲି ଅନୁମାନ କରିଛନ୍ତି । ଫର୍‌ଗୁସନ ସାହେବ କୋଣାର୍କ ଓ ଜଗନ୍ନାଥ ମନ୍ଦିରର ଶିଳ୍ପଚାତୁରୀ ତୁଳନା କରି ଜଗନ୍ନାଥ ଦେଉଳର ଶିଳ୍ପକାର୍ଯ୍ୟର ନିକୃଷ୍ଟତା ଦୃଷ୍ଟିରେ ସେ ଦେଉଳ କୋଣାର୍କ ଦେଉଳ ପରେ ନିର୍ମିତ ହୋଇଥିବାର ସ୍ଥିର କରିଛନ୍ତି । ତାହାଙ୍କ ଯୁକ୍ତି ଏହି ଯେ, ଜଗନ୍ନାଥ ମନ୍ଦିର ନିର୍ମାଣ ବେଳକୁ ଲୋକେ ଶିଳ୍ପକାର୍ଯ୍ୟ ପ୍ରାୟ ଭୁଲି ଯାଇଥିଲେ ନଚେତ୍ ଜଗନ୍ନାଥ ଦେଉଳର ଶିଳ୍ପକାର୍ଯ୍ୟ ଆହୁରି ଉତ୍କୃଷ୍ଟତର ହୋଇଥାନ୍ତା । ମାତ୍ର ଏଠାରେ ଆଉ ଗୋଟିଏ କଥା ବିଚାର କରିବାର ଅଛି । ଉତ୍କୃଷ୍ଟ ଶିଳ୍ପକାର୍ଯ୍ୟ ବ୍ୟୟ-ସାପେକ୍ଷ; ଯେତେ ଅଧିକ ବ୍ୟୟ କରିବ କାର୍ଯ୍ୟ ତେତେ ସୁନ୍ଦର ହେବା ସ୍ୱାଭାବିକ ନିୟମପରି ବୋଧହୁଏ । ସମ୍ଭବତଃ କୋଣାର୍କ ଦେଉଳ ନିର୍ମାଣ କାର୍ଯ୍ୟରେ ଯେତେ ଅଧିକ ଟଙ୍କା ଖର୍ଚ୍ଚ ହୋଇଥିଲା ଜଗନ୍ନାଥ ଦେଉଳରେ ତେତେ ହୋଇନାହିଁ ।

ଉପରେ ଗଙ୍ଗବଂଶୀୟ ରାଜାମାନଙ୍କର ବିଭିନ୍ନ ତାଲିକା ଦିଆଯାଇଛି । ସେଥିରେ କେତେକ ନାମର ପ୍ରଭେଦ ଦେଖାଯାଏ । ମାତ୍ର ସେଥିରେ ବିଶେଷ କିଛି ଅମେଳ ଦେଖାଯାଏ ନାହିଁ । ଦୃଷ୍ଟାନ୍ତ ସ୍ୱରୂପ ନିମ୍ନରେ ଲେଖାଗଲା । ଶ୍ୱେତଗଙ୍ଗଙ୍କ ଚୋର୍ନି ତାମ୍ରଶାସନ, ବଜ୍ରହସ୍ତଙ୍କ ତାମ୍ରଶାସନ ଓ ଇନ୍ଦ୍ରବର୍ମାଙ୍କ ତାମ୍ରଶାସନ ବିଷୟ ଖୋଦିତ ଲିପି ଅଧ୍ୟାୟରେ ବିଚାର କରାଯିବ ।

୧ । ଗଙ୍ଗେଶ୍ୱର = କାମାର୍ଣ୍ଣବ (ତାମ୍ରଶାସନ)
୨ । ଏକଜଟା = ଶ୍ରୀରାଘବ ,,
୩ । ମଦନ ମହାଦେବ = ରାଜରାଜ ,,
୪ । ଅନିୟଙ୍କ = ୧ମ ଅନଙ୍ଗ ,,
୫ । ଲାଙ୍ଗୁଲା ନରସିଂହ = ଶ୍ରୀନରସିଂହ ,,
୬ । କବି ନରସିଂହ = ଭାନୁ ନରସିଂହ ,,
୭ । ପ୍ରତାପ ନରସିଂହ = ବୀର ନରସିଂହ ,,
୮ । ବୀର ଖରକାଳ ନରସିଂହ = ଗଡକାନ୍ତ ନରସିଂହ ,,
୯ । କଜଲା ନରସିଂହ = କପିଳ ନରସିଂହ ,,
୧୦ । ନିଶଙ୍କଭାନୁ = ଶଙ୍ଖଭାନୁ ,, ( ଇତ୍ୟାଦି )

ବର୍ତ୍ତମାନ ଗଙ୍ଗବଂଶୀୟ ରାଜାମାନଙ୍କ କୀର୍ତ୍ତିକଳାପ ସମ୍ବନ୍ଧେ ମାଦଳାପାଞ୍ଜିରେ ଯାହା ଉଲ୍ଲେଖ ଅଛି ତାହା ନିମ୍ନରେ ଲେଖାଯାଉଛି ।

ଚୁଡ଼ଙ୍ଗ ଦେବ—ଏହାଙ୍କ ଓଡ଼ିଶା ଆଗମନ ସମ୍ବନ୍ଧୀୟ କିମ୍ବଦନ୍ତୀର ଆଭାସ ପୂର୍ବେ ଦେଇଅଛୁଁ । ଏ ଶାବସ୍ତ୍ର ବିଦ୍ୟାନିପୁଣ ଥିଲେ । ଏ ବେତାଳ ସାଧନ କରିଥିଲେ । ଖ୍ୟାତନାମ୍ନୀ ନିତେଇ ଧୋବଣୀଠାରୁ ଗୁଣୀବିଦ୍ୟା ଶିକ୍ଷା କରିଥିଲେ । ସେ କନ୍ୟା ୧୩ ଦିନ କୃଷ୍ଣ-ତ୍ରୟୋଦଶୀ ଗୁରୁବାର ଦିନ କଟକରେ ରାଜତ୍ୱ ଆରମ୍ଭ କଲେ; ମାଘ କନ୍ୟା ୧୫ ଦିନ ତାଙ୍କର ଅଭିଷେକ ହେଲା । ଏହାଙ୍କ ପ୍ରତାପ ଶୁଣି କେଶରୀବଂଶର ଶେଷ ରାଜା ରାଜ୍ୟ ଛାଡ଼ି ପଳାୟନ କଲେ । ପୂର୍ବ ରାଜାମାନେ ଶ୍ରୀଜଗନ୍ନାଥ ଦେବଙ୍କୁ ଯେଉଁ ଭୂମିମାନ ଦାନ କରିଥିଲେ ତହିଁରେ ସେ ହସ୍ତକ୍ଷେପ କରି ନଥିଲେ । ଦକ୍ଷିଣ ଦିଗ ଦଣ୍ଡପାଟ ରାହାଙ୍ଗ ବିଶେଖଣ୍ଡି ଅନ୍ତେହାର ଗ୍ରାମରୁ ଅଖଣ୍ଡିକୁ ଏକ ବାଟି ଭୂମି ଦେଲେ ଏବଂ ସ୍ୱଚ୍ଛନ୍ଦରେ ରାଜ୍ୟଭୋଗ କଲେ । ଏହାଙ୍କ ସମୟରେ ଜଗନ୍ନାଥ ଦେଉଳ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏ ପ୍ରଥମେ ଯାଜପୁର କଟକରେ ଥିଲେ । ବାରଣସି (ବରାନସୀ) ନିର୍ମାଣ କରାଇ ପଞ୍ଚମ କଟକ କରାଇଥିଲେ । ଗଙ୍ଗାଠାରୁ ଗୋଦାବରୀ ଯାଏ ରାଜ୍ୟଭୋଗ କଲେ । ପୁରୀରେ ଚୁଡ଼ଙ୍ଗସାହି ବସାଇଥିଲେ ।

କାମାର୍ଣ୍ଣବ ବା ଗଙ୍ଗେଶ୍ୱର—ଏ କୌଶଲ୍ୟାଗଙ୍ଗ ପୁଷ୍କରଣୀ ଖୋଳାଇଥିଲେ । ଏ ପୁଷ୍କରଣୀ ପିପିଲି ନିକଟରେ । ରାଣୀମାନେ ଏହାଙ୍କ ମୁଣ୍ଡ ଛେଚି ମାରିପକାଇଥିଲେ ।

ଏକଜଟା କାମଦେବ—ଏ ଚୁଡ଼ଙ୍ଗସାହିରେ ମଧୁପୁର ନାମକ ପାଟଣା ବସାଇଥିଲେ ।

ମଦନ ମହାଦେବ—ଏ ସିରାଇ ଦଣ୍ଡପାଟ ସହଜପାଟ ଗ୍ରାମରେ କଟକ କରିଥିଲେ । ବୌଦ୍ଧମାନେ କାଳୁପଡ଼ା, ବକ୍ରେଇଶ୍ୱରୀ ପାହାଡ଼, ବିଷ୍ଣୁସ୍ୱାମୀ ଲିଙ୍ଗଙ୍କ ପଶ୍ଚିମ ଶିଆଳା ପର୍ବତ, ପିଁଅରା ପର୍ବତ, ବାଣୀବନେଶ୍ୱର ପର୍ବତ, ଯମୁନା ଝଡ଼ପଡ଼ା ପର୍ବତ, ପରଙ୍ଗଦଣ୍ଡପାଟ

ଅସ୍ୱଗଡ଼ ପର୍ବତ ପ୍ରଭୃତି ପର୍ବତକନ୍ଦରମାନଙ୍କରେ ୮୪ ଗୁମ୍ଫା କରି ବାସକରୁଥିଲେ । ବୌଦ୍ଧମାନେ ସର୍ବଜ୍ଞ ଥିଲେ । ରାଜା ଓ ରାଣୀଙ୍କ ମଧ୍ୟରେ ତର୍କ ହେଲା ବ୍ରାହ୍ମଣ ବଡ଼ ନା ବୌଦ୍ଧ ବଡ଼ । ରାଣୀ ବୌଦ୍ଧଙ୍କ ପକ୍ଷ ସମର୍ଥନ କଲେ ଏବଂ ରାଜା ବ୍ରାହ୍ମଣଙ୍କ ପକ୍ଷ ସମର୍ଥନ କଲେ । ପରୀକ୍ଷା ହେବାର କଥା ହେଲା ।

ଉଭୟ ପକ୍ଷଙ୍କ ଅଜ୍ଞାତରେ ଗୋଟିଏ ମାଠିଆରେ ଗୋଟିଏ ସର୍ପ ରଖାଯାଇ ମୁହଁ ବନ୍ଦ କରାଗଲା ପରେ ମାଠିଆରେ କ'ଣ ଅଛି ବୋଲି ଉଭୟ ବ୍ରାହ୍ମଣ ଓ ବୌଦ୍ଧଙ୍କୁ ପ୍ରଶ୍ନ କରାଗଲା । ବୌଦ୍ଧମାନେ କହିଲେ ସର୍ପ ଅଛି; ମାତ୍ର ବ୍ରାହ୍ମଣମାନେ କହିଲେ ଭସ୍ମ ଅଛି । ମାଠିଆ ଖୋଲାଗଲାବେଳେ ଦେଖାଗଲା ସତକୁ ସତ ଭସ୍ମ ! ବୌଦ୍ଧମାନେ ପରାସ୍ତ ହେଲେ । ରାଜାଜ୍ଞା ହେଲା ଯେ, ବୌଦ୍ଧମାନଙ୍କ ମୁଣ୍ଡ କଟାହେବ । ମାତ୍ର ବୌଦ୍ଧମାନେ ରାଜାଜ୍ଞା ଶୁଣି ରାଜାଙ୍କୁ ଅଭିଶାପ ଦେଇ ଓଡ଼ିଶା ଛାଡ଼ି ପଳାୟନ କଲେ । ଏହିଠାରୁ ଓଡ଼ିଶାରୁ ବୌଦ୍ଧମାନଙ୍କ ନାମ ଲୋପ ହେଲା । ଯେଉଁ ବ୍ରାହ୍ମଣଙ୍କ ବିଦ୍ୟାବଳରେ ସର୍ପପୂର୍ଣ୍ଣ ମାଠିଆ ଚୁଚ୍ଛା ମାଠିଆ ହେଲା, ସେ "ଚୁଚ୍ଛାମାଠିଆ ମିଶ୍ର" ପଦ ପାଇଲେ । ଏ ରାଜାଙ୍କ ୨ ଅଙ୍କରେ ଅଲାରନାଥଙ୍କ ଦେଉଳ ତୋଳା ହୋଇଥିଲା । ଏହାଙ୍କ ଅମଳରେ ବଣୀବନ୍ଦେଶ୍ୱର ମହାଦେବ ଆବିଷ୍କୃତ ହୋଇଥିଲେ । ରାଜା ଯାଉଥିବାବେଳେ ବଣୀ ଚଢ଼ାଇ ବଣ ଉକ୍ତ କରି "ମଣିମା" ଡାକ ଦେଲା । ରାଜା ସେଠାରେ କଣ ଅଛି ବୋଲି ଅନୁସନ୍ଧାନ କରନ୍ତେ, ବଣ ମଧ୍ୟରେ ହିରଣ୍ୟଗର୍ଭ ଶମ୍ଭୁ ଦେଖାଗଲେ । ଏହାଙ୍କ ସ୍ଥାନୀୟ ନାମ ଶାମଳେଶ୍ୱର ଥିଲା । ମାତ୍ର ସେହିଦିନଠାରୁ ଏହାଙ୍କ ନାମ ବଣୀବନ୍ଦେଶ୍ୱର ଦେଲେ । ବୌଦ୍ଧମାନଙ୍କ ଅଭିଶାପଗ୍ରସ୍ତ ହୋଇ ତୁଣ୍ଡରୁ କୃମି ପଡ଼ିଲା ଏବଂ ସେ ମହାପ୍ରଭୁଙ୍କୁ ୧୦୦୦ ବାଟୀ ଭୂମି ଦାନ କଲେ ଏବଂ ଅଳ୍ପକାଳ ରାଜତ୍ୱ ପରେ ଇହଧାମ ପରିତ୍ୟାଗ କଲେ ।

ଅନିୟଙ୍କ ଭୀମ—ଏ ଜଗନ୍ନାଥଙ୍କୁ ୭୦୪ ବାଟୀ ଭୂମି ଦାନ କରିଥିଲେ । ଏ ମଦନ ମହାଦେବଙ୍କ ଭାଇ ଥିଲେ ।

ରାଜରାଜ ବା ପୁରୁଷୋତ୍ତମ—ଏ ଜଗନ୍ନାଥଙ୍କୁ ୨୩୭୭ ବାଟୀ ଭୂମି ଦାନ କରିଥିଲେ । ଅନଙ୍ଗଭୀମ ଦେବ ଏହାଙ୍କ ୨ ଅଙ୍କ ୧୧୦୩ ଶକାବ୍ଦରେ ବଡ଼ଦେଉଳର ଅବଶିଷ୍ଟ କାର୍ଯ୍ୟ ଆରମ୍ଭ କରି ୧୧୧୮ ଶକାବ୍ଦରେ ଶେଷ କଲେ । ଏ ଦେଉଳର ଉଚ୍ଚତା ୧୨୦ ହାତ । ଏ ୭୦ ଦେଉଳ ତୋଳାଇଥିଲେ, ୮୪ ବାମ୍ଫୀ ଖୋଳାଇଥିଲେ, ୨୦ ପୋଖରୀ ଖୋଳାଇ-ଥିଲେ ଏବଂ ୪୫୦ ଶାସନ ବସାଇଥିଲେ । ମହାପ୍ରଭୁଙ୍କ ଶ୍ରୀଛାମୁରେ ଭୈରବମୂର୍ତ୍ତି ସ୍ଥାପନ କରିଥିଲେ । ଦେଉଳ ପ୍ରତିଷ୍ଠା କରି ପରମହଂସ ବାଜପେୟୀଙ୍କ ମୂଳେ ୧୧୧୯ ଶକାବ୍ଦରେ ବଡ଼ଦେଉଳର ଶାସନଭାର ଅର୍ପଣ କଲେ । ଏହାଙ୍କ ଆଦେଶାନୁସାରେ ଦାମୋଦର ବଡ଼ ପଣ୍ଡା ଓ ଈଶାନ ପଟ୍ଟନାୟକମାନେ ଗଙ୍ଗାଠାରୁ ଗୋଦାବରୀ ଯାଏ ନଳମାପ କଲେ । ମୋଟ ଭୂମି ପରିମାଣ ୭୨୨୮୦୦୦ ବାଟୀରୁ ଦଣ୍ଡା ପ୍ରଭୃତି ୧୪୮୦୦୦୦ ବାଟୀ ଥାଇ ଅବଶିଷ୍ଟ

୫୨୪୮୦୦୦ ବାଟୀ । ୩୫୦ ପେଣ୍ଠରେ ହାଟ ବସାଇଲେ । ନଦୀ ଘାଇ ବନ୍ଧାଇବାକୁ ୧୮୦୦୦୦ କାହାଣ ଦାନ କଲେ । କୋଠବର୍ତ୍ତିନ ବସ୍ତୁ ଭୂମି ୨୪୩୦୦୦୦ ବାଟୀ । ଏହାଙ୍କର ଦନ୍ତାମସ୍ତି ହାତୀ ୨୫୦୦ ଘର, ପ୍ରତି ଗଜକୁ ୧୪ ଘୋଡ଼ା ବାଖର, ୭୦୦୦୦ ପଦାତି, ୫୦୦୦୦ ଅଶ୍ୱାରୋହୀ ଥିଲେ ।

ଦେଉଳର ଯାବତୀୟ ନୀତିଗତି ଏହାଙ୍କ ଅମଲରୁ ପକ୍କା ବନ୍ଦୋବସ୍ତରେ ଚଳିଲା । ଏହାଙ୍କ ଶ ସନନୀତି ଦେଖିଲେ ଲୋକ ଆଶ୍ଚର୍ଯ୍ୟ ନହୋଇ ରହି ପାରିବ ନାହିଁ । ଏ ଯେଉଁ ନିୟମମାନ ବାନ୍ଧି ଦେଇଯାଇଛନ୍ତି, ତାହା ଆଜି ପର୍ଯ୍ୟନ୍ତ କଳସ୍ୱରୂପ ଚାଲୁଅଛି । ଯଥା ସ୍ଥାନରେ ବିଶେଷ ବିବରଣ ଦେଖାଇ ଦିଆଯିବ ।

ଏ ପ୍ରଥମେ ଚଉଦ୍ୱାର କଟକରେ ଥିଲେ । ଦିନେ ରାଜା ମହାନଦୀ ପାରହୋଇ-ଆସିବା ସମୟରେ ଦେଖିଲେ ଦକ୍ଷିଣତୀରରେ କୋଦଣ୍ଡ ଦଣ୍ଡପାଟ ବାରବାଟୀ ଗ୍ରାମରେ ବିମ୍ବେଶ୍ୱର ମହାଦେବଙ୍କ ନିକଟରେ ଶ୍ୟାମଳପକ୍ଷୀକି ବଗ ମାଡ଼ିବସିଛି । ଏହା ଶୁଭସୂଚକ ଭାବି ଶୁଭଦିନ ଦେଖି ଏଠାରେ ନବର ତୋଳାଇଲେ । ଏହାର ନାମ ବାରବାଟୀ ଦେଲେ । ଚଉଦ୍ୱାରରୁ ଆସି ଏଠାରେ ବାସକଲେ । କେତେକ ଦିନ ରହିବା ପରେ ପରମେଶ୍ୱରଙ୍କୁ ସ୍ୱପ୍ନରେ ଦେଖି ପୁରୁଷୋତ୍ତମକ୍ଷେତ୍ରକୁ ବିଜେ କଲେ । "ବୀର ଶ୍ରୀ ଗଜପତି" ଇତ୍ୟାଦି ଆଖ୍ୟା ଧାରଣ କଲେ । ଏହାଙ୍କ ୧୫ ଅଙ୍କରେ ଏହା ଘଟିଥିଲା । ଏଥିରୁ ଜଣାଯାଏ ଯେ ଏହାଙ୍କ ୧୫ ଅଙ୍କ ଅର୍ଥାତ୍ ୧୧୧୭ ଶକାବ୍ଦର ଦୁଇ ତିନି ବର୍ଷ ପୂର୍ବେ ବାର୍ବାଟୀ ନିର୍ମିତ ହୋଇଥିଲା । ଏ ନୂତନ ମୁଦ୍ରା ପ୍ରସ୍ତୁତ କରାଇଥିଲେ ।

ଏହାଙ୍କ ପୂର୍ବେ ଓଡ଼ିଶାର ସୀମା ଥିଲା—ପୂର୍ବଦିଗରେ ଅର୍କକ୍ଷେତ୍ର ସମୁଦ୍ରତୀରଠାରୁ ପଶ୍ଚିମରେ ଭ୍ରମନଗର ଦଣ୍ଡପାଟ ସରିକି । ଉତ୍ତରଦିଗରେ ଦକ୍ଷିଣ ମହୋଦଧି ଉତ୍ତରତୀର-ଠାରୁ କାଂସବାଂସ ସରିକି । ଦକ୍ଷିଣରେ ଉତ୍ତର କାଂସବାଂସଠାରୁ ଦକ୍ଷିଣ ଋଷିକୁଲ୍ୟା ସରିକି । ଏଥିରୁ ( ୧୫୦୦୦୦୦ ) ପନ୍ଦର ଲକ୍ଷ ମାଢ଼ ସୁବର୍ଣ୍ଣ ଆୟ ହେଉଥିଲା ।

ଏହାଙ୍କ ରାଜତ୍ୱ ସମୟରେ ସୀମା ହେଲା—ଉତ୍ତରଦିଗରେ କାଂସବାଂସଠାରୁ ଦନାଇକୁଣ୍ଡ ନଦୀ ସରିକି, ଦକ୍ଷିଣ ଦିଗରେ ଋଷିକୁଲ୍ୟାଠାରୁ ରାଜମହେନ୍ଦ୍ରୀ ଦଣ୍ଡପାଟ ସରିକି ।

ଏହିପରି ସୀମାବୃଦ୍ଧି ଦ୍ୱାରା ଅଧିକ କୋଡ଼ିଏ ଲକ୍ଷ ( ୨୦୦୦୦୦୦ ) ମାଢ଼ ସୁନା ଆୟ ହେଲା । ସୁତରାଂ ଏହାଙ୍କ ଅମଲରେ ମୋଟ ଆୟ ( ୩୫୦୦୦୦୦ ) ପଞ୍ଚତିରିଶ ଲକ୍ଷ ମାଢ଼ ସୁବର୍ଣ୍ଣ । ଅନ୍ୟାନ୍ୟ ସମସ୍ତ ଆୟ ନେଇ ମୋଟ ଆୟ ୪୨୮୦୦୦ ମାଢ଼ ।

ଏ ଦଶସହସ୍ର ଭରଣ ଧାନ ଅନ୍ନଛତ୍ରରେ ବ୍ୟୟ କରୁଥିଲେ । ୧୦୦୦୦ ମାଢ଼ ସୁବର୍ଣ୍ଣ ଜଗନ୍ନାଥଙ୍କୁ ଦାନ କରିଥିଲେ । ଏ ୩୩ ଅଙ୍କରେ ୨୭ ବର୍ଷ ରାଜତ୍ୱ କରିଥିଲେ ।

ଲାଙ୍ଗୁଲା ନରସିଂହ ଦେବ—ଏହାଙ୍କ ଅଙ୍କରେ ୧୧୩୨ ଶକାବ୍ଦରେ କୋଣାର୍କ ଦେଉଳ ଶୁଭ ଦିଆଗଲା । ୧୧୩୬ ଶକାବ୍ଦରେ ଶିବେଇ ସାନ୍ତରା ମହାପାତ୍ରଙ୍କ ମୂଳେ ଦେଉଳ

ନିର୍ମାଣଭାର ଦେଇ ୧୨ ବର୍ଷ ଦକ୍ଷିଣ କଟକାଇ କଲେ । କୋଣାର୍କ ମନ୍ଦିର ନାମ ଦେଲେ "ପଦ୍ମକେଶର" । ଏ ରାଜାଙ୍କ ରାଜତ୍ୱ ୨୩ ଅଙ୍କରେ ଦେଉଳ ପ୍ରତିଷ୍ଠା ହେଲା । ବାଙ୍କି ମୁହାଣ ପୋତାଇଦେଲେ । ଏ ରାଜା ୩୩ ବର୍ଷ ରାଜତ୍ୱ କଲେ । ଏଥିରୁ ଜଣାଯାଏ ଯେ କୋଣାର୍କ ଦେଉଳ ଆରମ୍ଭ ୧୧୩୨ ଶକାବ୍ଦ ବା ୧୨୧୦ ଖ୍ରୀଷ୍ଟାବ୍ଦ ଏବଂ ଶେଷ ୧୨୨୯ ଖ୍ରୀଷ୍ଟାବ୍ଦ ।

ଭାନୁ ନରସିଂହ (କବ)—ଏହାଙ୍କ ପୂର୍ବେ ପ୍ରଭୁଙ୍କର ଛ'ଗୋଟି ରଥ ହେଉଥିଲା । କାରଣ ଗୁଣ୍ଡିଚା ମନ୍ଦିର ଓ ବଡ଼ଦେଉଳ ମଧ୍ୟରେ ବାଙ୍କି ମୁହାଣ ନଦୀ ଥିଲା । ତିନି ରଥ ନଦୀ ଏ ପାରରେ ରହୁଥିଲା । ଅନ୍ୟ ତିନି ରଥ ନଦୀର ଅପର ପାରରେ ରହୁଥିଲା । ଏ ରାଜା ବାଙ୍କି ନଦୀ ଉତ୍ତମରୂପେ ପୋତାଇ ଦେଇ ତିନି ରଥ ଦ୍ୱାରା ଯାତ୍ରା ଚଳାଇଥିଲେ । ଅଠରନଳା ବନ୍ଧ ବନ୍ଧାଇଲେ । ଗୁଖନଳା ନିର୍ମାଣ କରାଇଲେ । ବଳଗଣ୍ଡି ମାଉସିମା'ଙ୍କ ଦେଉଳ ତୋଳାଇଲେ । ଅମୃତପୁର ନଦୀରେ ବନ୍ଧ ବନ୍ଧାଇଲେ । ନଖପୋଷୀ ନରେନ୍ଦ୍ର ମହାପାତ୍ର ଏହାଙ୍କ ପାତ୍ର ଥିଲେ । ନରେନ୍ଦ୍ର ପୁଷ୍କରିଣୀ ଖୋଳାଇ ପାତ୍ରଙ୍କ ନାମରେ ନାମକରଣ କରାଇଲେ । କୌଶଲ୍ୟାଗଙ୍ଗ ପୁଷ୍କରିଣୀ ଖୋଳାଇଥିଲେ । ଗୀତଗୋବିନ୍ଦ ଦେଉଳ ନୀତିରେ ଖଞ୍ଜା କଲେ । ବଳ୍ଲଲସିଂହ ଗ୍ରାମ ଦାନ କଲେ । ଏ ଭୋଗ କଲେ ୩୬ ବର୍ଷ ।

ପ୍ରତାପ ନରସିଂହ (ବୀର)—ଏ ରାଜା କାନ୍ତିମାଳ ଶାସନ ବସାଇଲେ । ଏହାଙ୍କ ପାତ୍ର ଗୋପୀନାଥ ଭଞ୍ଜ କେନ୍ଦୁଝର ଜୟ କଲେ । ଏ ରାଜା ବଡ଼ ଧାର୍ମିକ ଓ ବିଷ୍ଣୁଭକ୍ତ ଥିଲେ । ଏହାଙ୍କ ମହିମା ଦାନପ୍ରଣାଳୀ ପ୍ରଭୃତି ତାମ୍ରଶାସନରେ ବିଶଦଭାବରେ ପ୍ରକାଶିତ ହୋଇଛି । ଏ ୩୩ ବର୍ଷ ରାଜତ୍ୱ କରିଥିଲେ ।

ନିଶଙ୍କଭାନୁ—ଶ୍ରୀଧର ରାଏ ପୀତାମ୍ବର ଏହାଙ୍କର ପାତ୍ର ଥିଲେ । ଏହାଙ୍କ ଅମଳରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ "ବାଳଧୂପ" ନୀତି ଖଞ୍ଜା ହେଲା । ଏଥିର ଗୋଟିଏ କିମ୍ବଦନ୍ତୀ ଅଛି । ଦିନେ ରାଜା ଦର୍ଶନକୁ ବିଜେ କରିଥିଲେ । ତେତେବେଳେ ଠାକୁରଙ୍କଠାରେ ଫୁଲ ନଥିଲା । ଫୁଲପ୍ରସାଦ ଦେବାକୁ କିଛି ନପାଇ ପଶୁପାଳକ ଆପଣା ମୁଣ୍ଡରେ ଥିବା ଦଯ୍ୟଣାରୁ ଟିକିଏ ନେଇ ରାଜାଙ୍କୁ ଦେଲା । ତହିଁ ସଙ୍ଗେ ବାଳ ଥିଲା । ରାଜା ଏହା ଦେଖି ପଣ୍ଡାକୁ ପ୍ରଶ୍ନ କଲେ, ବାଳ କେଉଁଠାରୁ ଆସିଲା ? ପଣ୍ଡାକୁ କିଛି ବୁଦ୍ଧି ଦେଖା ନ ଯିବାରୁ ଜଗନ୍ନାଥଙ୍କୁ ସ୍ମରଣ କରି କହିଲା, ଠାକୁରଙ୍କ ମୁଣ୍ଡରେ ଥିଲା । ରାଜା ଶୁଣି ବିଶେଷ ରାଗାନ୍ୱିତ ହୋଇ ପଣ୍ଡାକୁ କହିଲେ, ତୁ ଆମ୍ଭକୁ ଠାକୁରଙ୍କ ମସ୍ତକରେ ବାଳ ଥିବାର ଦେଖାଇ ଦେ ! ଏହା କହି ରାଜା ଗଲେ । ପଣ୍ଡାର ଆତଙ୍କ ଉପସ୍ଥିତ । ରାତିରେ ଠାକୁରେ ରାଜାଙ୍କୁ ସ୍ୱପ୍ନରେ ଜଣାଇଲେ, ପଣ୍ଡାକୁ କିଛି କହ ନାହିଁ । ପାହାନ୍ତି ଅବକାଶବେଳେ ଦର୍ଶନକୁ ଆସିଲେ ବାଳ ଦେଖିବୁ । ରାଜା ତଦନୁସାରେ ଯାଇ ଦେଖିଲେ ଏବଂ ଆଶ୍ଚର୍ଯ୍ୟ ହୋଇ ପ୍ରାର୍ଥନା କଲେ । ସେହିଦିନୁ ବାଳଧୂପ ଖଞ୍ଜା ହେଲା । ଏହାଙ୍କ ରାଜତ୍ୱର ୧୭ ଅଙ୍କରେ ଭୟାନକ ତୋଫାନ ହୋଇଥିଲା ।

ବତ୍ରୀସଦ୍ୱାର ମାଳଚନ୍ଦ୍ର ବନ୍ଦ ହୋଇଗଲା । ଏହି କାରଣରୁ ଧାନ ଭରଣକୁ ୧୬୦ କାହାଣ କଉଡ଼ି ହୋଇଥିଲା । ଦୁର୍ଭିକ୍ଷ ହେତୁ ବହୁତ ଲୋକ ମଲେ ।

ବଳଭାନୁ—ଶିଙ୍କରେଶ୍ୱର ବାହୁମୀପତି ଏହାଙ୍କ ପାତ୍ର ଥିଲେ । ଏ ଚନ୍ଦ୍ର ଶେଖରଙ୍କର ଚନ୍ଦ୍ରଶେଖର ବାହୁମୀପତି ପଦ ପାଇଥିଲେ ।

ବୀରଭାନୁ—ଏ ଝାଡ଼ଖଣ୍ଡ ଜୟ କଲେ । ଗଙ୍ଗାନଦୀରେ ଜଗନ୍ନାଥପ୍ରସାଦ ଘାଟ ବନ୍ଧାଇଥିଲେ ।

ମତଭାନୁ—ଏ ପାଗଳ ଥିଲେ ଅର୍ଥାତ୍ ଏହାଙ୍କ ମତି ଠିକ୍ ନଥିଲା ।

ଅକଟାଅବଟା ଭାନୁ—ଏହାଙ୍କ ମତଫଳରେ ଅକଟାଅବଟା ଢଉଣ ତରକାରି ହେଉଥିଲା । ଏ ବଡ଼ ଧାର୍ମିକ ଥିଲେ, ମାତ୍ର ଅପୁତ୍ରିକ ଥିଲେ । ଏ ଗଙ୍ଗବଂଶର ଶେଷ ରାଜା ।

ଗଙ୍ଗବଂଶୀୟ ରାଜାମାନଙ୍କ କୀର୍ତ୍ତିକଳାପ ତାମ୍ରଶାସନ ଓ ଗଙ୍ଗବଂଶାନୁଚରିତରେ ବିଶଦଭାବେ ବର୍ଣ୍ଣିତ ହୋଇଛି । ନିମ୍ନଲିଖିତ ଶ୍ଳୋକଟି ତାହାର ପରିଚାୟକ ।

ରାଢ଼ ବାରେନ୍ଦ୍ର ଯବନୀ ନୟନାଞ୍ଜନାଶ୍ରୁ
ପୁରେଣ ଦୂର ବିନିବେଶିତ କାଳିମଶ୍ରୀଃ
ତଦ୍‌ବିଭ୍ରଲମ୍ଭ କରଣୋଦ୍ଭୂତ ନିସ୍ତରଙ୍ଗା
ଗଙ୍ଗାପି ନୂନଯମୁନା ଯମୁନା ଧୂନାଭୂତ୍ ।

ଅର୍ଥାତ୍ ତାହାଙ୍କ ଅଲୌକିକ ଚରିତ୍ର ଦର୍ଶନରେ ଗଙ୍ଗା ନିସ୍ତରଙ୍ଗା ହୋଇଥିଲେ । ରାଢ଼ ବାରେନ୍ଦ୍ର ବାସିନୀ ଯବନୀମାନଙ୍କର ଅଶ୍ରୁଜଳଧୌତ କଜ୍ଜ୍ୱଳସ୍ରୋତରେ କାଳିମାମୟୀ ଯମୁନା ଅଧୁନା ପ୍ରବାହିତା । ଗୌଡ଼ରାଜ୍ୟ ଜୟକରି ଏମାନେ ଗୌଡ଼େଶ୍ୱର ଉପାଧିରେ ଭୂଷିତ ହୋଇଥିଲେ । ପଞ୍ଚଗୌଡ଼ ମଧ୍ୟରୁ ରାଢ଼ ବାରେନ୍ଦ୍ର ନାମକ ଦୁଇଟି ରାଜ୍ୟ ଜୟ କରିଥିଲେ ।

"ଲାଙ୍ଗୁଳା ନରସିଂହ" ଅର୍ଥ କଣ ? ଏହା ମଧ୍ୟ ଗୋଟିଏ କୌତୂହଳ ବିଷୟ । ଗଙ୍ଗବଂଶାନୁଚରିତରେ ଅଛି ଯେ "କୋଣାର୍କ କ୍ଷେତ୍ରାଙ୍କ ପୃଷ୍ଠେ ବିପୁଳତମ ସୁରୁ ସ୍ତମ୍ଭୁଚ୍ଛ୍ରାୟ ଶାଳୀ ସୌରଂ ପ୍ରାସାଦମେକୋଽବ୍ୟରଚୟଦଚର ନାରସିଂହାବତାରଃ × × ତସ୍ମାଦାସୀତ୍ ନୃସିଂହୋ ନୃପତି ରତିକୃତ କୋପନୋ ଯତ୍ର ଶଶ୍ୱେ ଲାଙ୍ଗୁଳ ମାବିର୍ଭବତି ସ ଚ ନାମ ତତ୍ପୂର୍ବଂ ମାପତ୍" ଇତ୍ୟାଦି । ତାମ୍ରଶାସନ ମଧ୍ୟ ଏହାଙ୍କୁ "ନରସିଂହାବତାର" ବୋଲି ବର୍ଣ୍ଣନା କରିଛନ୍ତି । ଏଥିରୁ ଜଣାଯାଏ ସେ ବଡ଼ ପ୍ରକୋପୀ ଥିଲେ । କାରଣ ନରସିଂହାବତାର କୋପର ପ୍ରତିମୂର୍ତ୍ତି । ସର୍ପ ଲାଞ୍ଜରେ ହାତ ଦେଲେ ସେ ବଡ଼ ପ୍ରକୁପିତ ହୋଇ ଲାଞ୍ଜରେ ଠିଆହୁଏ । ସମ୍ଭବତଃ ଏହାଙ୍କ ସହିତ କେହି ଶତ୍ରୁତାଚରଣ କଲେ ଏ ସର୍ପପରି ପ୍ରକୁପିତ ହେଉଥିଲେ । ସୁତରାଂ ଏହାଙ୍କୁ ଲାଙ୍ଗୁଳା ନରସିଂହ ବୋଲି ବର୍ଣ୍ଣନା କରାଯାଇଥିବାର ସମ୍ଭବ ।

ଗଙ୍ଗବଂଶୀୟ ନୃପତିମାନେ ସ୍ଥୂଳତଃ ଧର୍ମୀ, ମାନୀ, ପ୍ରତାପୀ, ଶୂର, ବୀର, ବିଦ୍ୱାନ୍ ଓ କ୍ଷମତାଶାଳୀ ଥିଲେ । ସେମାନଙ୍କ ସମୟରେ ଉତ୍କଳର ସୀମା ବହୁଦୂର ବିସ୍ତୃତ ହୋଇଥିଲା । ଶତ୍ରୁମାନଙ୍କୁ ପରାଜିତ କରିଥିଲେ । ସେମାନଙ୍କର ବହୁତ ସୈନ୍ୟ ଥିଲେ । ବହୁତ ହାତୀ ରଖିଥିବାରୁ ସେମାନେ ଗଜପତି ଆଖ୍ୟା ଧାରଣ କରିଥିଲେ ।

ଅନେକ ପ୍ରତ୍ନତତ୍ତ୍ୱବିତ୍ "ସପୁଚ୍ଛ ନରସିଂହ" ଇତ୍ୟାଦି ଉପରୋକ୍ତ ଶ୍ଳୋକ ଦେଖି କୋଣାର୍କ ମନ୍ଦିର ନିର୍ମ୍ମାଣ ସମୟ ୧୨୭୮ ଖ୍ରୀଷ୍ଟାବ୍ଦ ସ୍ଥିର କରି ଅଛନ୍ତି । ମାତ୍ର ମୁଁ ଉପରେ କହିଲି ଯେ ଏ ସମୟ ଠିକ୍ ନୁହେ ଏବଂ ଶ୍ଳୋକଟି ପ୍ରକ୍ଷିପ୍ତ । ଏକଥା ଅନେକ ଲୋକ ବିଶ୍ୱାସ କରି ନ ପାରନ୍ତି; ମାତ୍ର ହଣ୍ଟରଙ୍କ ହିସାବ ଯେ ଭ୍ରମପୂର୍ଣ୍ଣ ଏଥିରେ ଲେଶମାତ୍ର ସନ୍ଦେହ ନାହିଁ । ତାଙ୍କ ହିସାବ ଅନୁସାରେ ଗଙ୍ଗବଂଶ ରାଜତ୍ୱ ୧୩୭୪ ଶକାବ୍ଦରେ ଶେଷ ହେଲା । ମାତ୍ର କପିଳେନ୍ଦ୍ର ଦେବ ୧୩୫୭ ଶକାବ୍ଦରୁ ରାଜତ୍ୱ କରିଥିବାର ଅକାଟ୍ୟ ପ୍ରମାଣ ଥିବାସ୍ଥଳେ ଏହା କିପରି ଠିକ୍ ବୋଲି କୁହାଯିବ ? ଏଠାରେ ୧୭ ବର୍ଷ ଅମେଳ । ହଣ୍ଟର ସାହେବ ରାଜରାଜେଶ୍ୱରଙ୍କ ରାଜତ୍ୱକାଳ ୨ଃ ଥିବାର ଉଲ୍ଲେଖ କରିଅଛନ୍ତି । ମାତ୍ର ତାହା ଠିକ୍ ନଥିବା ବିଷୟ ୧ ଓ ୨ ତାଲିକାରୁ ଜଣାଯାଏ । ଏଠାରେ ପ୍ରାୟ ଅନେକ ବର୍ଷର ପ୍ରଭେଦ ଇତ୍ୟାଦି ନାନା କାରଣରୁ ଦେଖାଯାଏ । ଏ ହିସାବ ଭ୍ରମପୂର୍ଣ୍ଣ । ଆମ୍ଭେ ୪ର୍ଥରେ ଯେଉଁ ସମୟ ଦେଇଛୁଁ ତାହା ଯଥାର୍ଥ ଥିବାର ଜଣାଯାଏ । ସୁତରାଂ 'ମୁକୁର'ର ୧୨ ଶ ଭାଗର ଅଷ୍ଟମ ସଂଖ୍ୟାରେ ଗଙ୍ଗବଂଶ ରାଜତ୍ୱ ୧୧୦୩—୧୪୩୫ ଖ୍ରୀଷ୍ଟାବ୍ଦ ଉଲ୍ଲେଖ ଅଛି । ତାହା ୧୦୩୯—୧୪୩୫ ଖ୍ରୀଷ୍ଟାବ୍ଦ ହେବ ।

---

# ସୂର୍ଯ୍ୟ
## ବଂଶ

କଥା ଅଛି "ଭାଗ୍ୟଂ ଫଳତି ସର୍ବତ୍ର ନ ବିଦ୍ୟା ନ ଚ ପୌରୁଷଂ ।" କେହି କେହି କହନ୍ତି "ଖୋଦା ଦେଗା ତ ଛପର ଫାଡ଼୍କେ ଦେଗା ।" ଆଉ କେହି କେହି କହନ୍ତି "ପୂର୍ବଜନ୍ମନି ଯା ବିଦ୍ୟା ପୂର୍ବଜନ୍ମନି ଯଦ୍ଧନଂ, ପୂର୍ବଜନ୍ମନି ଯା କନ୍ୟା ଅଗ୍ରେ ଧାବତି ଧାବତି ।"

କଥାଟା ନିତାନ୍ତ ମିଥ୍ୟା ନୁହେ । କେହି କେହି ଏ ଶ୍ରେଣୀସ୍ଥ ଲୋକମାନଙ୍କୁ ଅଦୃଷ୍ଟବାଦୀ ଆଳସ୍ୟପରାୟଣ ଲୋକ ବୋଲି କହିଥାନ୍ତି । ତା କହିଲେ କ'ଣ ହେବ, ଲୋକେ କହନ୍ତି, "ଚକୁଳିଆପଣ୍ଡା ନଅ ଗ୍ରାମ ଗଲେ ସେରେ, ଛଅ ଗ୍ରାମ ଗଲେ ବି ସେରେ"; ଅର୍ଥାତ୍ ତା କପାଳରେ ଯେତିକି ।

ଯେ ଯାହା ସ୍ୱପ୍ନରେ ଭାବି ନଥାଏ, ଚିନ୍ତା କରି ନଥାଏ, ଯତ୍ନ କରି ନଥାଏ, ସେ ତାହା ପ୍ରାପ୍ତ ହେଲେ ଲୋକେ ଏହି କଥା କହିଥାନ୍ତି । ତା କପାଳରେ ଥିଲା । ଏପରି ଘଟଣା ଭୂରି ଭୂରି ଦେଖାଯାଏ । ଅଗରେ କର୍ମଫଳ ପ୍ରବନ୍ଧରେ ବରୋଦା ମହାରାଜାଙ୍କ ଜୀବନଚରିତରେ ଏହି ସତ୍ୟ ପ୍ରତିଫଳିତ ହୋଇଥିବାର ଦେଖାଇଥିଲୁଁ । ଚୁଡ଼ଙ୍ଗ ଦେବଙ୍କ ଜୀବନଚରିତରେ ଏହି ସତ୍ୟ ପ୍ରତିଫଳିତ ହୋଇଥିବାର ଦେଖାଇଅଛୁଁ । ବର୍ତ୍ତମାନ କପିଳେନ୍ଦ୍ର ଦେବଙ୍କ ଜୀବନରେ ମଧ୍ୟ ସେହି ସତ୍ୟ ପ୍ରତିଫଳିତ ହୋଇଥିବାର ଦେଖାଇବୁଁ । କାହିଁ ଓଡ଼ିଶା ସିଂହାସନ, କାହିଁ କପିଳେନ୍ଦ୍ର ଦେବ ! କିନ୍ତୁ ବିଧି ବିଧାନ କିଏ ଅନ୍ୟଥା କରିପାରିବ !

କପିଳେନ୍ଦ୍ର ଜଣେ ଦରିଦ୍ର ସୂର୍ଯ୍ୟବଂଶୀୟ କ୍ଷତ୍ରିୟ ସନ୍ତାନ । ଉଦରପୋଷଣରେ ଅନ୍ୟ ଉପାୟ ନଦେଖି ଜଣେକ ବ୍ରାହ୍ମଣ ଘରେ ଗାଈରଖା କାର୍ଯ୍ୟ କରୁଥିଲେ । ଗାଈ ଜଗିବା କାର୍ଯ୍ୟଟି ବଡ଼ ସହଜ ନୁହେ । ସଦାସର୍ବଦା ଗାଈବାଛୁରିଙ୍କଠାରେ ନଜର ଥିବ; ନଚେତ୍ କାହା କିଆରୀରେ ଦେଲା କଲେ ସେ ଆସି ମାରଧର କରିବ । ଏଣେ ମନଦେଇ ଗାଈମାନଙ୍କୁ ପେଟପୂରାକରି ଚରାଇବାକୁ ହେବ; ନଚେତ୍ ଖାଉନ୍ଦ କହିବ, ମୋ ଗାଈ ଖାଇବା ବିନା ହାରିଗଲେ ।

କଷ୍ଟ ହେଉ ବା ସହଜ ହେଉ ଯେ କୌଣସି ପ୍ରକାରେ । ଲୋକ ଉଦରପୋଷଣ କରିବ ତ ? ପେଟ ଲାଗି ଲୋକ ନାନା ଫନ୍ଦି କରେ ଏବଂ ଜାତି ମହତ୍ତ୍ୱ କୁଳମର୍ଯ୍ୟାଦା ପ୍ରଭୃତି ସବୁ ଭୁଲିଯାଏ । ଏହିହେତୁ କପିଳେନ୍ଦ୍ର ନାଗର ହୋଇ ଗାଈ ଜଗିଥାନ୍ତି ।

ଦିନେ କପିଳ ଖରାରେ ଗାଈ ଚରାଇ ଚରାଇ ବଡ଼ କ୍ଳାନ୍ତ ହୋଇ ପଡ଼ିଲେ । ଗାଈବାଛୁରିଙ୍କୁ ଗଛମୂଳରେ ଛାଡ଼ିଦେଇ ନିଦ୍ରା ଗଲେ । ନିଦ୍ରାଦେବୀଙ୍କର ସ୍ଥାନାସ୍ଥାନର ବିଚାର ନାହିଁ । ପରିଶ୍ରମୀ ଲୋକ ତାଙ୍କର ପ୍ରଧାନ ଆଶ୍ରୟସ୍ଥଳ । କପିଳ ଶ୍ରାନ୍ତ-କ୍ଳାନ୍ତ ହୋଇ ଗାଢ଼ ନିଦ୍ରାଭିଭୂତ ହେଲେ । ବ୍ରାହ୍ମଣ ସେ ଦିନ କପିଳଙ୍କ ସନ୍ଧାନ ନେବା ମାନସରେ ବାହାରି ଅଛନ୍ତି । ପିଲାଟା ଗାଈ ଚରାଉଛି କି ବସୁଲିଆ ହୋଇ ବୁଲୁଛି, ଏହା ପରୀକ୍ଷା କରିବା ତାଙ୍କର ପ୍ରଧାନ ଉଦ୍ଦେଶ୍ୟ ।

ବ୍ରାହ୍ମଣ ଆସି ଦେଖିଲେ କପିଳ ଗାଢ଼ ନିଦ୍ରାଭିଭୂତ । ମୁହଁକୁ ଆଉଁଖରା ମାରୁଅଛି; ମାତ୍ର ଗୋଟିଏ ନାଗସାପ ମୁହଁ ଉପରକୁ ଫେଣା ଟେକିଅଛି । ବ୍ରାହ୍ମଣଙ୍କୁ ଦେଖି ସର୍ପ ଚାଲିଗଲା । ବ୍ରାହ୍ମଣ ମନରେ ସନ୍ଦେହ ଯେ କପିଳ ଆଉ ନାହାନ୍ତି । ବ୍ରାହ୍ମଣ ମନରୁ ରାଗ ଯାଇ କ୍ରମେ ଦୟାର ସଞ୍ଚାର ହେଲା । ବ୍ରାହ୍ମଣ ପିଲାକୁ ଅନେକ ଡାକହାକ କରି ଉଠାଇଲେ; ମାତ୍ର ଦେଖିଲେ ବିପଦର କୌଣସି ଆଶଙ୍କା ନାହିଁ । ପିଲାକୁ ଘରକୁ ନେଇଗଲେ ଏବଂ ତାକୁ ଉତ୍ତମ ଭୋଜନ କରାଇଲେ । କେତେ ଦିନ ଗଲା ପରେ କପିଳ ଦେଖିଲେ ଆଉ ଚାକରିରେ ପେଟ ପୂରିବ ନାହିଁ ।

ବ୍ରାହ୍ମଣଘରୁ ବାହାର ଯାଇ ଚୌର୍ଯ୍ୟବିଦ୍ୟା ଆରମ୍ଭ କଲେ । ମନେ କଲେ ଏହାଦ୍ୱାରା ସହଜରେ ବେଶୀ ଧନ ମିଳିବ । ବନମାଳୀ ଦାସଙ୍କ ପୁଅ କାଶୀ ଦାସ ପ୍ରଧାନ ସଙ୍ଗୀ ହେଲା । କେତେ ଦିନ ଯିବା ପରେ ମନେ ପାଞ୍ଚିଲେ, ଛିଃ, ଏ ଚୌର୍ଯ୍ୟବିଦ୍ୟା ଦ୍ୱାରା ପେଟ ପାଳିବାଠାରୁ ମାଗିଖାଇବା ଭଲ । ପରଧନ ହରଣ କରିବା ମହାପାପ । ଆଉ ଏ କାର୍ଯ୍ୟ କରିବି ନାହିଁ । ମନେକଲେ, ପୁରୁଷୋତ୍ତମ କ୍ଷେତ୍ରରେ ତ ଅନେକ ଅନ୍ନଛତ୍ରର ବ୍ୟବସ୍ଥା ଅଛି, ସେହିଠାରେ ଯାଇ ଛତ୍ରରେ ମାଗିଖାଇବା । ଏହି ବାସନା ମନରେ ପୋଷଣ କରି କ୍ଷେତ୍ରକୁ ଗଲେ । କ୍ଷେତ୍ରରେ ରହି ଏଠାରେ ସେଠାରେ ବୁଲି ମାଗିଖାଇଲେ । ଦେଉଳ ମଧ୍ୟରେ ଯେଉଁମାନେ ପ୍ରସାଦ ପାଇ ଖପରା ପକାଇ ଦେଇଥାନ୍ତି, ସେ ଖପରା ଗୋଟାଇ ତହିଁରେ ଲାଗିଥିବା ପ୍ରସାଦ ସେବାକରି ଦିନ ଯାପନ କରୁଥାନ୍ତି । କେତେ ଦିନ ଗଲା । ଦିନେ କପିଳ ବିମଳା ଠାକୁରାଣୀଙ୍କ ମନ୍ଦିର ନିକଟରେ ବସିଥିଲେ । ହଠାତ୍ ଓଡ଼ିଶା ମହାରାଜା ଶେଷଭାନୁ ଅର୍ଥାତ୍ ଅକଟାଅବଟା ଭାନୁ ପ୍ରଭୁଙ୍କ ଦର୍ଶନାର୍ଥେ ମନ୍ଦିରକୁ ବିଜେ କଲେ । ମନ୍ଦିରକୁ ଯାଇ ବିମଳାଙ୍କ ମନ୍ଦିର ନିକଟରେ ଉପସ୍ଥିତ ହେବା ସମୟରେ ହଠାତ୍ କପିଳଙ୍କ ଉପରେ ଦୃଷ୍ଟି ପଡ଼ିଲା ।

କପିଳଙ୍କଠାରେ କି ଆକର୍ଷଣୀ ଶକ୍ତି ଥିଲା କେଜାଣି ତାହା ସେହି ଜଗନ୍ନାଥବଲ୍ଲଭୀ ଲକ୍ଷ୍ମୀଙ୍କି ଜଣା । ରାଜାଙ୍କ ଦୃଷ୍ଟି କପିଳଙ୍କ ଉପରେ ପଡ଼ି ଟିକିଏ ସ୍ତମ୍ଭିତ ହେଲା ! କ୍ରମେ କରୁଣାର ଉଦ୍ରେକ ହେଲା । କ୍ରମେ ରାଜାଙ୍କ ମନ କପିଳଙ୍କ ପ୍ରତି ଆକର୍ଷିତ ହେଲା । ସ୍ନେହର ସଞ୍ଚାର ହେଲା । ରାଜା ପ୍ରଶ୍ନ କଲେ, ତୁମ୍ଭେ କିଏ ? କପିଳ ଉତ୍ତର କଲେ, ମୁଁ ଜଣେ ସୂର୍ଯ୍ୟବଂଶୀୟ ଦରିଦ୍ର କ୍ଷତ୍ରିୟ ସନ୍ତାନ ! ପୁନଶ୍ଚ ରାଜା ପଚାରିଲେ, ତୁମ୍ଭର କିଏ ଅଛି ? ତୁମ୍ଭେ ଏଠାରେ କଣ କରୁଛ ? କପିଳ କହିଲେ, ମୁଁ ନିରାଶ୍ରୟ । ମୁଁ ଏଠାରେ ଅନ୍ନସଂସ୍ଥାନ ଉପାୟରେ ଅଛି ।

ଉତ୍ତର ଶୁଣି ରାଜାମନ ତରଳିତ ହେଲା । ଦୟାସ୍ରୋତ ରାଜାଙ୍କ ମନକୁ ପ୍ଲାବିତ କରିପକାଇଲା । ଥରେ ମନ କୌଣସି କଥାରେ ରସିଲେ ଆଉ ରୁନ୍ଧିପାରେ ନାହିଁ । ସ୍ନେହ ଅନ୍ଧ; ତାର ସ୍ଥାନ ଅସ୍ଥାନ ନାହିଁ । ଜାତିଗୋତ୍ର କୁଳଶୀଳ ଧନୀ-ଦରିଦ୍ର କିଛି ମାତ୍ର ବିଚାର କରିବାର କ୍ଷମତା ନାହିଁ ! ଏହା ନୈସର୍ଗିକ ନିୟମ । ରାଜା ଏହି ନିୟମରେ ବଶୀଭୂତ ହୋଇ ପ୍ରଶ୍ନ କଲେ, "ତୁ ଆମ ପାଖେ ଚାକିରି କରିବୁ ?" କପିଳ ପ୍ରଶ୍ନ ଶୁଣି ନୀରବ ହେଲା । ମନେ ପାଞ୍ଚିଲା, ଏ କଣ ? ମୁଁ କିଏ ? ମୁଁ କେଉଁଠି ? ଏ ଅଲଭ୍ୟ ଲଭ୍ୟ ମୋ ଅଦୃଷ୍ଟରେ କିପରି ଫଳିଲା ? ମୁଁ ଦୀନଦରିଦ୍ର । ଏ ମହାରାଜାଙ୍କ ଦୃଷ୍ଟିରେ ପଡ଼ିଲି କିପରି ? କପିଳ ମନେ କଲେ, ଏ ମୋର ମାହେନ୍ଦ୍ର ଯୋଗ ! ଆଚ୍ଛା, ହେଲି, ରାଜାଘରେ ରହିବି, ହାନି କଣ ?

କପିଳକୁ ରାଜା ସାଥିରେ ନେଇଗଲେ । କପିଳ ରାଜପରିବାର ମଧ୍ୟରେ ବେଶ୍ ସୁଖରେ କାଳଯାପନ କଲେ । ଏହିପରି କିଛି କାଳ ଗଲା । ରାଜା ଅପୁତ୍ରିକ ଥିବାରୁ ଜଗନ୍ନାଥ ମହାପ୍ରଭୁଙ୍କଠାରେ ଗୁହାରିଆ ପଡ଼ିଲେ, "ମୋ ପରେ କିଏ ରାଜା ହେବ ?" ମହାପ୍ରଭୁଙ୍କର ଆଜ୍ଞା ହେଲା, କପିଳ ରାଜା ହେବେ । ମହାପ୍ରଭୁଙ୍କ ଆଦେଶ ଅଲଙ୍ଘ୍ୟ । କପିଳ ରାଜସିଂହାସନାରୋହଣ କରି "କପିଳେନ୍ଦ୍ର ଦେବ" ହେଲେ ।

ଏଣେ କାଶୀ ଦାସ ସ୍ବେଚ୍ଛାବୃତ୍ତି କରି ପେଟ ପାଳୁଥାଏ । କେତେକ ଦିନ ଗଲେ ସେ ବିଚାର କଲା, "ଦେଖ, କପିଲ ଯାଇ ରଜା ହେଲା, ମୋତେ ଟିକିଏ ମନେ ପକାଇଲା ନାହିଁ । ଆଚ୍ଛା, ତା'ର ଘରୁ ଚୋରି କରିବା ।" ଏହି କଥା ବିଚାର କରି କପିଳେନ୍ଦ୍ରଙ୍କ ଉଆସରେ ପଶି ଚୋରି କରି ବହୁତ ପଦାର୍ଥ ନେଇଗଲା; ମାତ୍ର ଧରାପଡ଼ିଲା । କାଶୀ ଜାତିରେ ବ୍ରାହ୍ମଣ । ଧରାହୋଇ ରାଜାଙ୍କ ସମ୍ମୁଖକୁ ଅଣାହେଲା । ରାଜା ପ୍ରଶ୍ନ କଲେ, "ତୁମ୍ଭେ ଚୋରି କଲ କାହିଁକି ?" କାଶୀ ଉତ୍ତର ଦେଲା, "ତୁମ୍ଭେ ମୋତେ ନ ପଚାରିଲ ବୋଲି ।" ରାଜା ପୂର୍ବ କଥା ସ୍ମରଣ କଲେ ଏବଂ କହିଲେ, "କଣ ମାଗୁଛ ମାଗ ।" କାଶୀ ଉତ୍ତର ଦେଲା, "ମୋତେ ବଡ଼ଲୋକ କରିଦିଅ ।" "ଆଚ୍ଛା, ତୁମ୍ଭଙ୍କୁ ରାଜପୁରୋହିତ କରାଗଲା" ବୋଲି ରାଜାଜ୍ଞା ହେଲା ।

କପିଳେନ୍ଦ୍ର ଦେବ ୧୩୫୭ ଶକାବ୍ଦ ନକଡ଼ା ଦି ୨ ନ ଶୁକ୍ଳ ୪ର୍ଥୀ ବୁଧବାର ଦିନ ପୁରୁଷୋତ୍ତମ କ୍ଷେତ୍ରରେ ଅଭିଷିକ୍ତ ହେଲେ । ୩ ଅଙ୍କରେ ଗଙ୍ଗାସ୍ନାନ କରିବାକୁ ଗଲେ । ତୁଳସୀପୁର ଶାସନ ଦାନ ଦେଲେ । ଜଳେଶ୍ବର ନରେନ୍ଦ୍ର ମହାପାତ୍ର ଏହାଙ୍କ ପାତ୍ର ଥିଲେ । ୮ ଅଙ୍କରେ ଛତ୍ରଗଡ଼ କଟକାଇ କଲେ । ୯ ଅଙ୍କରେ ପଶ୍ଚିମ କଟକାଇ କଲେ । ୧୦ ଅଙ୍କରେ ଖେମଣ୍ଡି ଜୟ କଲେ । ୧୧ ଅଙ୍କରେ ମହର୍ଗ ପଡ଼ିଲା; ଧାନ ଭରଣକୁ ହେଲା ୧୦୫ କାହାଣ କଉଡ଼ି । ୧୪ ଅଙ୍କରେ ମହେନ୍ଦ୍ର କଟକାଇ କଲେ । ଏହାଙ୍କ ୧୫ ଅଙ୍କରେ ସିଂହ ବୃହସ୍ପତି ହେଲା; ପୁରୁଷୋତ୍ତମ ଦେଉଳ ବାହାରବେଢ଼ା ନିର୍ମାଣ କରାଇଲେ । ୧୮ ଅଙ୍କରେ କପିଳେଶ୍ବରପୁର ଶାସନ ବସାଇଲେ । କୁଣ୍ଡଯୋର ଆକ୍ରମଣ କଲେ । ଆଲି, କନକା, କୁଜଙ୍ଗ ଓ କେରଡ଼ ଜୟ କଲେ । ୨୧ ଅଙ୍କରେ ମଲ୍ଲିକକୁ ମାରିଲେ । ୨୩ ଅଙ୍କରେ ଉଦେଗିରି ଚନ୍ଦ୍ରଗିରି ଜୟ କରି ବିରୂପାକ୍ଷ ରାଜାଙ୍କୁ ବନ୍ଦିକଲେ । ୨୪ ଅଙ୍କରେ ବିଦ୍ୟାନଗର ଯାଇ ସେଠାରେ ଗୋପି ମଙ୍ଗରାଜଙ୍କୁ ବନ୍ଦିକଲେ । ୨୭ ଅଙ୍କରେ ରାଜ୍ୟ ଅପାଳକ ହେଲା । ଧାନ ଭରଣକୁ ହେଲା ୧୦୦ କାହାଣ କଉଡ଼ି । ୨୯ ଅଙ୍କରେ ପୁନଶ୍ଚ ବିଦ୍ୟାନଗର ଆକ୍ରମଣ କଲେ । ଅମୀରମାନଙ୍କୁ ଗାଡ଼ିରେ ବସାଇଲେ । ଦାମୋଦରପୁର ଶାସନ ବସାଇଲେ । ୩୨ ଅଙ୍କରେ ସବା ଧୋଇ ଓ ୩୩ ଅଙ୍କରେ ତୋଫାନ ହେବାରୁ ମହର୍ଗ ପଡ଼ିଲା । ବହୁତ ଲୋକ ମଲେ । କେତେ ଦିନପରେ କୁଣ୍ଡଯୋର ଆକ୍ରମଣ କଲେ, ଜୟ କରି ଚନ୍ଦ୍ରବତୀଦେଈଙ୍କି ବନ୍ଦିକରି ଆଣିଲେ । ସେ ରାଜ୍ୟରେ ନରସିଂହ ରାଏଙ୍କୁ ରାଜା କଲେ । ଏ ରାଜା ସେତୁବନ୍ଧ ପର୍ଯ୍ୟନ୍ତ ଜୟ କରି ରାଜତ୍ବ କଲେ । ଏହାଙ୍କର ସ୍ବପତ୍ନୀ ଗର୍ଭରୁ ୧୮ ପୁତ୍ର ଜନ୍ମ ହୋଇଥିଲେ । ମାତ୍ର ମହାପ୍ରଭୁଙ୍କ ସ୍ବପ୍ନାଦେଶମତେ ଫୁଲବିବାଣ୍ଟ ପୁତ୍ର ପୁରୁଷୋତ୍ତମଦେବ ରାଜା ହେଲେ । ମହାପ୍ରଭୁଙ୍କ ଆଦେଶ ପାଇ ପୁରୁଷୋତ୍ତମଙ୍କୁ ସାଥିରେ ନେଇ କୁଣ୍ଡଯୋର ଗଲେ । ସେହିଠାରେ କୃଷ୍ଣବେଣୀ ନଦୀତୀରରେ ୩୭ ଅଙ୍କ ପୁଷମାସ କୃଷ୍ଣ ଷଷ୍ଠୀ ମଙ୍ଗଳବାର ଦିନ ଦେହତ୍ୟାଗ କଲେ । ଏ ରାଜତ୍ବ କଲେ ୩୦ ବର୍ଷ । ୧୪୩୫—୧୪୬୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଅର୍ଥାତ୍ ଶକାବ୍ଦ ୧୩୫୭—୧୩୮୭ ପର୍ଯ୍ୟନ୍ତ ।

ହଣ୍ଟର ସାହେବ ଖ୍ରୀ. ୧୪୫୨—୧୪୭୯ ଲେଖିଛନ୍ତି, ତାହା ଭ୍ରମମୂଳକ ଅଟେ । କପିଳେନ୍ଦ୍ର ଦେବଙ୍କ ରାଜତ୍ୱ ସମ୍ବନ୍ଧେ ଭ୍ରମ ହେବାର କିଛି କାରଣ ନାହିଁ । ଏହାଙ୍କ ୪୯୨ ଅବ୍ଦ ବର୍ତ୍ତମାନ ଚଳୁଛି । ମାଦଳାପାଞ୍ଜିରେ ଅଙ୍କ ଦିଆଯାଇଥିବାରୁ ୩୭ ଅଙ୍କରେ ୩୦ ବର୍ଷ ହେଲା; ହଣ୍ଟର ସାହେବ ୩୭ ବର୍ଷ କେଉଁଠାରୁ ପାଇଲେ ବୁଝାଯାଉ ନାହିଁ ।

ପୁରୁଷୋତ୍ତମ ଦେବ—ଏ ଭୋଗ କଲେ ୩୭ ଅଙ୍କରେ ୩୦ ବର୍ଷ । ଖ୍ରୀଷ୍ଟାବ୍ଦ ୧୪୭୫—୧୪୯୫କୁ ଶକାବ୍ଦ ୧୩୮୭—୧୪୧୭ ।

ପୁରୁଷୋତ୍ତମ ଦେବ ରାଜା ହେବା କଥା ଶୁଣି ଅନ୍ୟ ଅଠର ଭାଇଯାକ କ୍ରୋଧାନ୍ଧ ହେଲେ । "ଆମ୍ଭମାନଙ୍କ ବର୍ତ୍ତମାନରେ ପୁଅଆ ରଜା ହେଲା" ଏକଥା କହି ପୁରୁଷୋତ୍ତମ-ଦେବଙ୍କୁ ମାରପକାଇବାର ଚେଷ୍ଟା କଲେ । କିନ୍ତୁ କଥା ଅଛି "ଯାହାର ସହାୟ ଅନନ୍ତ, କିସ କରିବ ବଳବନ୍ତ" । ଯାହାଙ୍କୁ ଦେବ ଜଗନ୍ନାଥ ସହାୟ, ଏମାନେ କଣ କରିପାରିବେ ! ଜ୍ୟେଷ୍ଠପୁତ୍ର ହମିର ବା କଳାମିହିର ସିଂହଦ୍ୱାରେ ଆସି ଆକ୍ରମଣ କଲେ । ପୁରୁଷୋତ୍ତମ ଭିତରେ ରହି କବାଟ ପକାଇ ଦେଇଥିଲେ । ହମିର ସିଂହଦ୍ୱାରରେ ରହି ତର୍ଜନ କରି କହିଲେ, "ପ୍ରଭୁ, ପୁଅଆକୁ ଆଉ ତୁମ୍ଭେ ଶଙ୍ଖେ ପୁରାଇ ଚକ୍ର ଉହାଡ଼ କଲେ ବି ରକ୍ଷା କରିପାରିବ ନାହିଁ ।" ଏ ପ୍ରଥଙ୍କ ଆଗରୁ ପ୍ରଭୁଙ୍କୁ ଦର୍ଶନ କଲାବେଳେ ମଧ୍ୟ କହିଆସିଥିଲେ । "ଜୀବନରେ ଆଶା ଥିଲେ କବାଟ ଫିଟା" ବୋଲି ଡାକ ପକାଇଲେ । ପଡ଼ିଆରୀ କହିଲା, ଠାକୁରଙ୍କ ଆଜ୍ଞା ନାହିଁ । ହମିର ଆହୁରି କ୍ରୋଧାନ୍ଧ ହୋଇ କହିଲେ, "ପୁଅଆକୁ କହ, ଯେବେ ରାଜା ହେବାକୁ ଇଚ୍ଛା ଅଛି ତେବେ ଏ ଶାବଳ ମୁଠାକୁ ଯେବେ ଟେକି ପାରିବ ତେବେ ସେ ଏ ରାଜ୍ୟରେ ରାଜା ହେବ ।" ପୁରୁଷୋତ୍ତମ ଏହା ଶୁଣି କବାଟ ଫିଟାଇଦେଲେ । ହମିର ଶାବଳ ମାରିଲେ; ମାତ୍ର ପୁରୁଷୋତ୍ତମଙ୍କର କିଛି ହେଲା ନାହିଁ । ସେ ସମ୍ଭାଳି ନେଲେ । ହମିର ଏକଥା ଦେଖି ବିସ୍ମୟ ହେଲେ । ମନେ ପାଞ୍ଚିଲେ, ଏ ମହାପ୍ରଭୁଙ୍କ କୃତ୍ୟ; ଏହା ସାଥିରେ ଲାଗାଇଲେ କିଛି ଫଳ ନାହିଁ । ହମିର ମନଦୁଃଖରେ କ୍ଷେତ୍ର ତ୍ୟାଗକରି ଦକ୍ଷିଣ ଦିଗକୁ ଗଲେ ଏବଂ ସେଠାରେ ପାରଳାଖେମଣ୍ଡିରେ ବାସକଲେ । ବର୍ତ୍ତମାନ ପାରଳାର ରାଜବଂଶ ଏହାଙ୍କ ବଂଶଧର ବୋଲି ଶୁଣାଯାଏ । କନିଷ୍ଠ ପୁତ୍ର ସୁଭକ୍ତ ଯାଇ ବାମଣ୍ଡାରେ ବାସକଲେ ।

ହମିରଙ୍କର ଗୋବିନ୍ଦ ହରିଚନ୍ଦନ ନାମକ ଜଣେ ସାଥୀ ଥିଲେ । ପୁରୁଷୋତ୍ତମଦେବ ତାଙ୍କୁ ମରାଇଦେଲେ । ପରେ ରାଜ୍ୟ ଭୋଗ କଲେ ।

୭ ଅଙ୍କରେ ଜଗନ୍ନାଥ ଦେଉଳର ଭୋଗମଣ୍ଡପ ନିର୍ମ୍ମାଣ କରାଇଲେ । ୯ ଅଙ୍କରେ ଏ ଦେଉଳ ମଧ୍ୟେ କୂର୍ମ୍ମବେଢା ନିର୍ମ୍ମାଣ କରାଇଲେ । ବାସି ମୁଦୁଲୀ ପୋଡପିଠା ଭୋଗ ଏହାଙ୍କ ଅମଳରେ ସୃଷ୍ଟି ହେଲା ।

୧୦ ଅଙ୍କରେ କାଞ୍ଚି ଯୁଦ୍ଧ ହେଲା । ଯୁଦ୍ଧ ହେଲା ରାଜ୍ୟଲାଭ ଆଶାରେ ନୁହେଁ, କେବଳ ପଦ୍ମିନୀ କନ୍ୟା ଲାଭକରିବା ପାଇଁ ।

କନ୍ୟା ଦେବା ଲାଗି କାଞ୍ଚି ରାଜା ପ୍ରଥମେ ସମ୍ମତ ହୋଇଥିଲେ । ମାତ୍ର ରଥଯାତ୍ରା ସମୟରେ ପୁରୁଷୋତ୍ତମଦେବ ରଥରେ ଛେରାପହଁରା-କରୁଥିବା ଦେଖି ମନରେ ଘୃଣା କଲେ ଏବଂ ସେ ଚଣ୍ଡାଳ କାର୍ଯ୍ୟ କରୁଥିବାର ମନେ କରି କନ୍ୟା ଦେବାକୁ ଅସ୍ୱୀକୃତ ହେଲେ । ଏହା ହେଲା ଅପମାନର କାରଣ ।

ପୁରୁଷୋତ୍ତମଦେବ ଛେରାପହଁରା କରୁଥିଲେ କାହାର ? ଦେବଦେବ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର । ଏହା ତ ପବିତ୍ର କାର୍ଯ୍ୟ । ଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀମୁଖରେ ସାନ ବଡ଼ ଲୋକର ବିଚାର ନାହିଁ । ଓଡ଼ିଶା ରାଜା ଲକ୍ଷେ ରାଜାରେ ମଧ୍ୟମଣି ଥିଲେ । ଚଳନ୍ତି ବିଷ୍ଣୁ ଥିଲେ । ଅନ୍ୟ ରାଜାମାନେ ତାଙ୍କର ସେବାକାରୀ ଥିଲେ । ମାତ୍ର ଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀମୁଖରେ ସେ ବିଭବ ଦେଖାଇବା ଉଚିତ କି ? ସେଠାରେ ସମସ୍ତେ ସମାନ ! ସେଠାରେ ଚଣ୍ଡାଳର ଯେଉଁ ସ୍ଥାନ, ରାଜାର ମଧ୍ୟ ସେହି ସ୍ଥାନ । ସେଠାରେ ଚଣ୍ଡାଳ କାର୍ଯ୍ୟ କରିବା ଗୌରବର ବିଷୟ, ଘୃଣାଜନକ ବିଷୟ ନୁହେଁ । କାଞ୍ଚି ରାଜା ଏ ଠିକ ଭାବିପାରିଲେ ନାହିଁ । ସେ ରାଜଚକ୍ଷୁରେ ଦେଖିଲେ । ପୁରୁଷୋତ୍ତମଦେବ ପ୍ରଭୁଙ୍କର ପରମ ଭକ୍ତ । ଈଶ୍ୱର ସର୍ବଦା ଭକ୍ତାଧୀନ ! ଭକ୍ତର ଅପମାନ ସେ ସହିପାରନ୍ତି ନାହିଁ । ସେହିହେତୁ ଗର୍ବଗଞ୍ଜନ ବାନା ବହିଛନ୍ତି । ସୁତରାଂ ଭଗବାନ ପୁରୁଷୋତ୍ତମଙ୍କ ସହାୟ ହେଲେ ।

ପୁରୁଷୋତ୍ତମ ପ୍ରଥମେ ଯୁଦ୍ଧରେ ହାରିଲେ । ମାତ୍ର ଦ୍ୱିତୀୟ ଯୁଦ୍ଧରେ ଜଗନ୍ନାଥଙ୍କ ସହାୟତାରୁ ଜୟୀ ହେଲେ । ଏଥର ଦୁର୍ଗାମାଧବ ଦର୍ଶନ କରି ଯାତ୍ରା କଲେ । ପ୍ରବାଦ ଅଛି, ସ୍ୱୟଂ ଜଗନ୍ନାଥ ବଳଭଦ୍ର ଧଳା ଘୋଡ଼ା କଳା ଘୋଡ଼ା ଚଢ଼ି ଯୁଦ୍ଧକ୍ଷେତ୍ରକୁ ଯାଇଥିଲେ ଏବଂ ବାଟରେ ଗଲାବେଳେ ଗୁଡ଼ିଆ ଦୋକାନରେ କୋରଡ଼ା ବନ୍ଧା ଦେଇ ପାଣି ପିଇଥିଲେ । ଏହିଦିନୁ ଗୁଡ଼ିଆମାନେ ଜଳସ୍ପୃଶ୍ୟ ହେଲେ । ମାଣିକା ଗଉଡ଼ୁଣୀଠାରେ ମୁଦି ବନ୍ଧା ଦେଇ ଦହି ଖାଇଥିବାର ମଧ୍ୟ ପ୍ରବାଦ ଅଛି । ଏହି ସ୍ଥାନ ମାଣିକାପାଟଣା ବୋଲି ବିଖ୍ୟାତ ଏବଂ ଏଠାରେ ଉତ୍କୃଷ୍ଟ ଦହି ପ୍ରସ୍ତୁତ ହୁଏ ।

ଯୁଦ୍ଧରେ ଜୟୀ ହୋଇ ପଦ୍ମାବତୀ କନ୍ୟା ଓ ସତ୍ୟବାଦୀ ଗୋପୀନାଥଙ୍କୁ ଘେନି ଆସିଲେ । କନ୍ୟାଙ୍କ ସହିତ କଟକରେ ବିବାହ ହେଲେ ଏବଂ ସତ୍ୟବାଦୀ ଗୋପୀନାଥଙ୍କୁ ଚଉଦ୍ୱାରଠାରେ ରଖାଇଥିଲେ । ଗଣେଶ ମୂର୍ତ୍ତିଏ ଆଣିଥିଲେ । ଏ ମୂର୍ତ୍ତି ବର୍ତ୍ତମାନ ବଡ଼ଦେଉଳରେ ଅଛନ୍ତି । ନାମ କାଞ୍ଚି-ଗଣେଶ ବା ଭଣ୍ଡ ଗଣେଶ ।

ଧବଳେଶ୍ୱର ମହାଦେବଙ୍କ ବର ପ୍ରସାଦରୁ ପଦ୍ମାବତୀଙ୍କ ଗର୍ଭରେ ପ୍ରତାପରୁଦ୍ର ଜନ୍ମଗ୍ରହଣ କଲେ ।

କାଞ୍ଚି-ଯୁଦ୍ଧର ସମୟ—୧୪୭୪—୧୪୭୫ ଖ୍ରୀଷ୍ଟାବ୍ଦ ।

ପ୍ରତାପରୁଦ୍ରଦେବ—ଏ ଭୋଗ କଲେ ୪୪ ଅଙ୍କରେ ୩୭ ବର୍ଷ । ଖ୍ରୀଷ୍ଟାବ୍ଦ ୧୪୯୫—୧୫୩୧କୁ ଶକାବ୍ଦ ୧୪୧୭—୧୪୫୩ ପର୍ଯ୍ୟନ୍ତ ।

ଏହାଙ୍କ ୩ ଅଙ୍କରେ ଧବଳେଶ୍ୱର ମନ୍ଦିର ନିର୍ମିତ ହେଲା । ଯାଜପୁର କ୍ଷେତ୍ରରେ ବରାହନାଥଙ୍କ ଦେଉଳ ତୋଳାଇଲେ । ୮ ଅଙ୍କରେ ସେତୁବନ୍ଧ ପର୍ଯ୍ୟନ୍ତ ଆକ୍ରମଣ କଲେ ଏବଂ ବିଦ୍ୟାନଗର ଜିଣି ଏକଛତ୍ର କଲେ । ବିଦ୍ୟାନଗର ସମ୍ଭବତଃ ବିଜୟନଗର । ୧୩ ଅଙ୍କରେ ଦୁର୍ଭିକ୍ଷ ହେଲା । ଧାନ ଭରଣକୁ ୧୬୦ କାହାଣ କଉଡ଼ି ହେଲା ।

ଏହାଙ୍କ ଅମଳରେ ବୌଦ୍ଧମତାବଲମ୍ବୀ ଓ ବ୍ରାହ୍ମଣମାନଙ୍କ ମଧ୍ୟରେ ଘୋର ବିବାଦ ଆରମ୍ଭ ହେଲା; ମାତ୍ର ବୌଦ୍ଧମାନେ ପରାସ୍ତ ହେଲେ । ବୌଦ୍ଧଶାସ୍ତ୍ରମାନ ଚିରାହେଲା । କେବଳ ଅମର ସିଂହ ଓ ବୀର ସିଂହ ନାମକ ଦୁଇ ପୋଥି ରହିଥିଲା । ୧୫୦୯ ଖ୍ରୀଷ୍ଟାବ୍ଦରେ ଶ୍ରୀଚୈତନ୍ୟ ମହାପ୍ରଭୁ ପୁରୀକି ଆସିଥିଲେ । ପ୍ରତାପରୁଦ୍ରଙ୍କୁ ସେ ଷଡ଼ଭୁଜ ଦେଖାଇବାରୁ ସେ ତାଙ୍କ ମତରେ ଦୀକ୍ଷିତ ହୋଇ ବୈଷ୍ଣବଧର୍ମାବଲମ୍ବୀ ହେଲେ । ଭକ୍ତ ଜଗନ୍ନାଥ ଦାଶ ଓ ରାୟ ରାମାନନ୍ଦମାନେ ଏହାଙ୍କ ଅମଳରେ ଧର୍ମ ପ୍ରଚାର କରିଥିଲେ । ଏହାଙ୍କ ଅମଳରେ ବୈଷ୍ଣବଧର୍ମର ବିଶେଷ ଅଭ୍ୟୁଦୟ ହୋଇଥିଲା ।

୧୫୧୦ ଖ୍ରୀଷ୍ଟାବ୍ଦରେ ଇସମାଲ ଗାଜିଖାଁ ଗୌଡ଼ ବାଦଶାହ ଓଡ଼ିଶା ଆକ୍ରମଣ କଲା । କଟକଠାରେ ଡେରା ପକାଇ ରହିଲା । କଟକ ଦୁର୍ଗରକ୍ଷକ ତେତେବେଳେ ଅନନ୍ତ ସାମନ୍ତ-ସିଂହାର ଥିଲେ । ଭୋଇ ଗୋବିନ୍ଦ ବିଦ୍ୟାଧର ସାରଙ୍ଗଗଡ଼ ରକ୍ଷକ ଥିଲେ । ଅନନ୍ତ କେତେ ଦିନ ଯାଏ ଗଡ଼ ରକ୍ଷା କରିବାକୁ ସମର୍ଥ ହୋଇଥିଲେ: ପରେ ସମ୍ଭାଳି ନପାରି ସାରଙ୍ଗଗଡ଼ଠାକୁ ଆସିଲେ ।

ମୋଗଲ ଆକ୍ରମଣ ବାର୍ତ୍ତା ପାଇ ଜଗନ୍ନାଥ ମହାପ୍ରଭୁ ଚଡ଼େଇଗୁହା ପର୍ବତକୁ ସ୍ଥାନାନ୍ତରିତ ହେଲେ । ଠାକୁରେ ଗୁପ୍ତଦ୍ୱାରା ବିଜେହୋଇ ଗଲେ । ବାଦଶାହ ପରାସ୍ତ ହୋଇ ଗଙ୍ଗା ପର୍ଯ୍ୟନ୍ତ ପଳାୟନ କଲା । ପ୍ରତାପରୁଦ୍ରଦେବ ହାତୀ, ଅଶ୍ୱ ପ୍ରଭୃତି ନେଇ ବହୁତ ଯୁଦ୍ଧ କଲେ । ଗୋବିନ୍ଦ ବିଦ୍ୟାଧରଙ୍କୁ ପାତ୍ର କରି ଶାଢ଼ୀ ଦେଲେ ଏବଂ ତାଙ୍କ ହସ୍ତେ ରାଜ୍ୟଭାର ଅର୍ପଣ କଲେ ।

୩୧ ଅଙ୍କରେ ରାଜା ଖେମଣ୍ଡି ଆକ୍ରମଣ କଲେ ଏବଂ ୩୬ ଅଙ୍କରେ ମହେନ୍ଦ୍ର ଆକ୍ରମଣ କଲେ । ପୁଣି ବାଦଶାହ କୁତବସା ଓଡ଼ିଶା ଆକ୍ରମଣ କରିବାରୁ ବହୁତ ଯୁଦ୍ଧ ହେଲା ଏବଂ ଅନେକ ଲୋକ ମଲେ । ୧୫୬୦ ଖ୍ରୀଷ୍ଟାବ୍ଦରେ କଣ୍ଡିପାଲିଠାରେ ଯୁଦ୍ଧ ହୋଇଥିଲା ଅବଶେଷରେ ବାଦଶାହ ଓ ରାଜାଙ୍କ ମଧ୍ୟରେ ପ୍ରୀତି ହେଲା ।

୪୪ ଅଙ୍କ କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ମଙ୍ଗଳବାର ଦିନ ପ୍ରତାପରୁଦ୍ର ଦେବ ଧବଳେଶ୍ୱରଙ୍କଠାରେ ଦେହତ୍ୟାଗ କଲେ । ଏ ରାଜା କୁମାରିକା ଅନ୍ତରୀପ ପର୍ଯ୍ୟନ୍ତ ସମସ୍ତ ରାଜ୍ୟ ଜୟ କରିଥିଲେ ।

କାଲୁଆ ପ୍ରତାପଦେବ—ଏ ଦୁଇ ଅଙ୍କରେ ଏକ ବର୍ଷ ରାଜତ୍ୱ କରିଥିଲେ ( ୧୫୩୧ରୁ ୧୫୩୨ ଖ୍ରୀଷ୍ଟାବ୍ଦ = ୧୪୫୩—୧୪୫୬ ଶକାବ୍ଦ )। ଗୋବିନ୍ଦ ବିଦ୍ୟାଧର ମେଳିକରି ଫର୍ଗି ଡ଼ି ଖେଳରେ ଘୋଡ଼ା ମଡ଼ାଇଦେଇ ଏହାଙ୍କୁ ମାରିପକାଇଲେ ।

କଖାରୁଆ ପ୍ରତାପଦେବ—ଏ ଭୋଗ କଲେ ୨ ଅଙ୍କରେ ଏକବର୍ଷ ( ୧୫୩୨—୧୫୩୩ ଖ୍ରୀଷ୍ଟାବ୍ଦ = ୧୪୫୪—୧୪୫୫ ଶକାବ୍ଦ )। ଗୋବିନ୍ଦ ବିଦ୍ୟାଧର ଏହାଙ୍କୁ ଓ ପ୍ରତାପରୁଦ୍ରଙ୍କ ଅବଶିଷ୍ଟ ୩୦ ପୁତ୍ରଙ୍କୁ ମାରିପକାଇ ଆପେ ରାଜା ହେଲେ ।

---

# ଭୋଇ ବଂଶ

ଲାଳସାର ତୃପ୍ତି ନାହିଁ ! ଲୋଭର ସୀମା ନାହିଁ ! ସ୍ୱାର୍ଥାନ୍ଧ ହେଲେ ଲୋକ ସବୁ ଭୁଲିଯାଏ, ନରକକୁ ସ୍ୱର୍ଗ ମନେକରେ, ପାପକୁ ପୁଣ୍ୟ ମନେ କରେ । ଲାଳସାର ପଥ ବଡ଼ ପିଚ୍ଛିଳ । ଥରେ ଗୋଡ଼ ଦିଅ, ଖସିଗଲେ ଆଉ ଉପାୟ ନାହିଁ । ଏହି ଦୁର୍ବାର ଲାଳସା ମନୁଷ୍ୟକୁ ପଶୁ କରିଦିଏ ! ଭୋଇବଂଶର ଉତ୍ପତ୍ତି ଏହି ଦୁର୍ଦ୍ଦମ ଲାଳସା-ସମ୍ଭୂତ !

ଗୋବିନ୍ଦ ବିଦ୍ୟାଧରଙ୍କୁ ପ୍ରତାପରୁଦ୍ରଦେବ ପାତ୍ର ପଦରେ ବରଣ କରି ତାଙ୍କ ମୂଳେ ରାଜ୍ୟଭାର ଅର୍ପଣ କରିଥିଲେ । ଗୋବିନ୍ଦ ରାଜ୍ୟଶାସନଭାର ପାଇ ସନ୍ତୁଷ୍ଟ ହେଲେ ନାହିଁ । ମନେକଲେ ଥରେ ଯେବେ ସିଂହାସନରେ ବସିପାରନ୍ତି ଜୀବନ ଚରିତାର୍ଥ ହୁଅନ୍ତା । ଏହି ଲୋଭ ମନରେ ସ୍ଥାନ ପାଇବା ମାତ୍ରକେ ମନ ଯାଇ ଅକାଶମାର୍ଗରେ ଉଡ଼ିଲା । ସର୍ବଦା ଚିନ୍ତା କ'ଣ କରିବି, କିପରି ରାଜା ହେବି । ଏକ ଉପାୟ ସ୍ଥିର କଲେ, ପ୍ରତାପରୁଦ୍ରଙ୍କ ସବୁ ପୁଅଙ୍କୁ ମାରିପକାଇବାକୁ ହେବ । ଯେଉଁ ଭଦ୍ରଲୋକମାନେ ସମ୍ଭବତଃ ଏମାନଙ୍କୁ ସାହାଯ୍ୟ କରିବେ ସେମାନଙ୍କୁ ମାରିପକାଇବାକୁ ହେବ, ନଚେତ୍ ରାଜା ହେବାର ସମ୍ଭାବନା ନାହିଁ । ଏହି ସଂକଳ୍ପ ମନରେ ପୋଷଣ କରି ଗୋବିନ୍ଦ ଏହି ଭୟାବହ ଲୋମହର୍ଷଣକାରୀ ନୃଶଂସ ନରହତ୍ୟାକାଣ୍ଡ ଆରମ୍ଭ କଲେ । ଏକେ ଏକେ ସମସ୍ତଙ୍କୁ ହତ୍ୟା କରି ରାଜସିଂହାସନ ଆରୋହଣ କଲେ । ମନୋରଥ ପୂର୍ଣ୍ଣ ହେଲା । ଦନାଇ ବିଦ୍ୟାଧର ପାତ୍ର ହେଲେ ।

ଏ ୧୨ ଅଙ୍କରେ ୧୦ ବର୍ଷ ରାଜତ୍ୱ କଲେ ( ୧୫୩୩—୧୫୪୩ ଖ୍ରୀଷ୍ଟାବ୍ଦ ଅର୍ଥାତ୍ ୧୪୫୫—୧୪୬୫ ଶକାବ୍ଦ )।

ଏ ବୀରଗୋବିନ୍ଦପୁର ପୋଖରୀ ଖୋଳାଇ ବୀରଗୋବିନ୍ଦପୁର ଶାସନ ଦାନ କଲେ । ୭ ଅଙ୍କରେ ଗୋଲକୁଣ୍ଡା ଆକ୍ରମଣ କଲେ । ସେଠାରେ ୧୮ ମାସ ରହିଲେ । ଏହାଙ୍କ

ଭଣଜ୍ଞା ରଘୁବଂଶ ଜ୍ଞେଷ୍ଟରାୟ ଓ ବାଲୁଙ୍କି ଶ୍ରୀଚନ୍ଦନ । ରାଜା ଏମାନଙ୍କ ପରାମର୍ଶ ନ ଶୁଣିବାରୁ ଏମାନେ ଫେରିଆସିଲେ ଏବଂ ପୁରୁଷୋତ୍ତମ କ୍ଷେତ୍ରରେ ପ୍ରବେଶ ହୋଇ ପରଗ୍ରୁଙ୍କ ମୁଣ୍ଡ କାଟିପକାଇଲେ, କଟକ ଯାଇ ସେଠାରେ ଜଗି ରହିଲେ । ମୁକୁନ୍ଦ କଟକ ରକ୍ଷା କଲେ ଏବଂ ରଘୁବଂଶ ମାଣଖଣ୍ଡି ଶ୍ରୀନଗର ଆବୋରି ରହିଲେ ।

ଗୋବିନ୍ଦ ଏ ସମ୍ବାଦ ଶୁଣିପାରି ଦନାଇ ବିଦ୍ୟାଧରଙ୍କୁ ଦକ୍ଷିଣରେ ଛାଡ଼ି ପୁରୀକୁ ଆସିଲେ । ୧୫ ଦିନ ପରେ ପୁରୀରେ ପ୍ରବେଶ ହୋଇ ଠାକୁରଙ୍କ ଦର୍ଶନ କଲେ । ରଘୁବଂଶ ଏ ଖବର ପାଇ ୬୦୦୦ ଲୋକ ସଙ୍ଗେ ନେଇ ମୁକୁନ୍ଦ ସହିତ ମହାନଦୀ ପାର ହୋଇ ମୁରାଟିରେ ରହିଲେ । ଚନ୍ଦପୁରଠାରେ ଘଟୁଆର ଯୁଦ୍ଧ ହେଲା । ଦୁଇ ତରଫରୁ ଲୋକକ୍ଷୟ ହେଲା । ରଘୁବଂଶ ହାରି ପଳାଇଲେ ।

ଚନ୍ଦ୍ରପ୍ରତାପ—ଗୋବିନ୍ଦଙ୍କ ପୁତ୍ର । ଏ ୧୩ ଅଙ୍କରେ ୧୧ ବର୍ଷ ରାଜତ୍ୱ କଲେ (୧୫୪୩—୧୫୫୪ ଖ୍ରୀଷ୍ଟାବ୍ଦରୁ ୧୪୬୫—୧୪୭୬ ଶକାବ୍ଦ) ।

ଏ ରାଜା ହେବା ପରେ ଦକ୍ଷିଣରେ ଯେଉଁ ଦନାଇ ବିଦ୍ୟାଧର ଥିଲେ ତାଙ୍କୁ ଅଣାଇ ଶାସନଭାର ତାଙ୍କ ହସ୍ତେ ସମର୍ପଣ କଲେ । ଏହାଙ୍କ ୫ ଅଙ୍କରେ ଦଶମାଣ ନଉଡରେ ଧାନ ଭରଣକୁ ମୂଲ୍ୟ ହେଲା କା ୩୨ ଦୁଇପଣ ।

କେତେ ଦିନ ପରେ ପୁନଶ୍ଚ ଦନାଇ ବିଦ୍ୟାଧରଙ୍କୁ ଦକ୍ଷିଣକୁ ପଠାଇଲେ । ଏ ରାଜା ବହୁତ ଅତ୍ୟାଚାର କଲେ । ବ୍ରାହ୍ମଣମାନଙ୍କ ଘାସ କଟାଇଲେ । ଲୋକମାନେ ବହୁତ ଅସନ୍ତୁଷ୍ଟ ହେଲେ । ଘରଆଡ଼େ ଆର୍ତ୍ତନାଦ ଶୁଣାଗଲା । ପଞ୍ଚମୁଖେ ହରି; ସମସ୍ତେ ମହାପ୍ରଭୁଙ୍କୁ ଡାକି ପକାଇଲେ, "ଏ ରାଜା ରହିଲେ ମଙ୍ଗଳ ନାହିଁ ।" ଅତ୍ୟାଚାର-ପ୍ରପୀଡ଼ିତ ଲୋକମାନଙ୍କ ଅହରହ ଆର୍ତ୍ତନାଦରେ ପ୍ରଭୁଙ୍କର ଆସନ ଟଳିଲା । ୩ ଅଙ୍କ କୃଷ୍ଣ ତ୍ରୟୋଦଶୀ ବେଳ ୪ ପ୍ରହରଠାରେ ରାଜା ପୁରୁଷୋତ୍ତମକ୍ଷେତ୍ରରେ ହଇଜାରୋଗରେ ମଲେ । ସମସ୍ତେ ଦୀର୍ଘଶ୍ୱାସ ପକାଇ ଆଶ୍ୱସ୍ତ ହେଲେ । "ମଲା ଆଚ୍ଛା ହେଲା" କହି ଲୋକେ ଆନନ୍ଦିତ ହେଲେ ।

ନରସିଂହ ଜେନାମଣି—ଏ ଭୋଗକଲେ ୨ ଅଙ୍କରେ ୧ ବର୍ଷ । ମୁକୁନ୍ଦ ହରିଚନ୍ଦନଙ୍କ ୪ ଭାଇସାଙ୍କ ମେଳହୋଇ ଗୁପ୍ତଭାବରେ ରାଜନବରରେ ପ୍ରବେଶ ହୋଇ ଏହାଙ୍କୁ ମାରି ପକାଇଲେ (୧୫୫୪—୧୫୫୫ ଖ୍ରୀଷ୍ଟାବ୍ଦରୁ ୧୪୭୬—୧୪୭୭ ଶକାବ୍ଦ) ।

ଜେନା ରଘୁରାମ ଦେବ—ଏ ଭୋଗକଲେ ୩ ଅଙ୍କରେ ୨ ବର୍ଷ । ଦନାଇ ବିଦ୍ୟାଧର ଦକ୍ଷିଣରୁ ଆସି ମଙ୍ଗଳାଯୋଡ଼ଠାରେ ରହିଲେ । ସେଠାରେ ମୁକୁନ୍ଦ ହରିଚନ୍ଦନଙ୍କ ସହିତ ଭେଟହେଲା । ମୁକୁନ୍ଦ ବିଶ୍ୱାସରେ ଦନାଇଙ୍କୁ କଟକ ନେଇଯାଇ ସେଠାରେ ବନ୍ଦୀ କଲେ । ରଘୁଭଞ୍ଜ ଜ୍ଞେଷ୍ଟରାୟ ଭିତର ଦିଗରୁ ଆସି ମୁକୁନ୍ଦଙ୍କ ସହିତ ବହୁତ ଯୁଦ୍ଧ କଲେ ଏବଂ ଜ୍ଞେଷ୍ଟରାୟଙ୍କୁ

ବନ୍ଦୀ କଲେ । ସ୍ତେଷରେ ଦନାଇ ବିଦ୍ୟାଧରଙ୍କୁ ବନ୍ଧଖାନାରେ ରଖି ପଳାଇଯାଇ ରଘୁରାମ ଦେବଙ୍କୁ ମାରପକାଇଲେ । ଏହିଠାରୁ ଭୋଇବଂଶ ଶେଷହେଲା । ରଘୁରାମ ୧୫୫୫—୫୭ ଖ୍ରୀଷ୍ଟାବ୍ଦ ବା ୧୪୭୬—୧୪୭୭ ଶକାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କଲେ ।

---

## ଚାଲୁକ୍ୟବଂଶ

ମୁକୁନ୍ଦଦେବ -ମୁକୁନ୍ଦ ହରିଚନ୍ଦନ ରାଜା ହୋଇ "ମୁକୁନ୍ଦଦେବ" ହେଲେ । ଏ ବଡ଼ ଧାର୍ମ୍ମିକ ରାଜା ଥିଲେ । ଦେବତା ବ୍ରାହ୍ମଣମାନଙ୍କୁ ବହୁତ ସେବା କଲେ । ବଡଦେଉଳର ବଡ଼ ଜଗମୋହନ ତୋଳାଇଲେ, ମୁକୁନ୍ଦପୁର ପୁଷ୍କରଣୀ ଖୋଳାଇଥିଲେ । ମୁକୁନ୍ଦପୁର ଶାସନ ଦାନ ଦେଲେ ଓ ଏ ଶାସନରେ ଗୋପାଳ ଦେବଙ୍କ ଦେଉଳ ତୋଳାଇ ଗୋପାଳ ଦେବଙ୍କୁ ପ୍ରତିଷ୍ଠା କଲେ । ବଡ଼ଦେଉଳ ସିଂହଦ୍ୱାରଠାରୁ ଗୁଣ୍ଡିଚା ମନ୍ଦିର ଯାଏ ଦୁଇପାଖେ ଶାସନ ବସାଇଲେ । ୮ ଅଙ୍କରେ ଦୋଳମଣ୍ଡପ ତୋଳାଇ ଦୋଳଯାତ୍ରା କଲେ । ୧୦ ଅଙ୍କରେ ଗଙ୍ଗା କଟକାଇ କଲେ । ଗଙ୍ଗାତୀରରେ ଦେଉଳ ତୋଳାଇ ଘାଟ ବନ୍ଧାଇଲେ । ଗଙ୍ଗାଦେବୀଙ୍କୁ ରତ୍ନଚୁଡ଼ି ଦେଇ ଦର୍ଶନ କଲେ । ଦିଲ୍ଲୀ ବାଦଶାହଙ୍କ ସହିତ ପ୍ରୀତି ସ୍ଥାପନ କଲେ; ମାତ୍ର ଗୌଡ଼ ବାଦଶାହଙ୍କ ସହିତ ଅପ୍ରୀତି ହେଲା ।

ଗୌଡ଼ ବାଦଶାହ ଓଡ଼ିଶା ଆକ୍ରମଣ କଲା । ମୁକୁନ୍ଦଦେବ କୋଟୀ ସମୀଗଡ଼ଠାରେ ରହିଲେ । ଏଠାରେ ବହୁତ ଯୁଦ୍ଧ ହେଲା । ଦୁଇ ପକ୍ଷରୁ ଅନେକ ସୈନ୍ୟ ମଲେ, କେହି କାହାକୁ ହଟାଇ ପାରିଲେ ନାହିଁ । ଇତିମଧ୍ୟରେ କଳାପାହାଡ଼ ପଶ୍ଚିମ ଆଡ଼ୁ କାଂସବାଂସ ନଦୀ ଦେଇ କଟକ ଆସି ଆକ୍ରମଣ କଲା । କୋନ ସାମନ୍ତରାଏ କଟକ ଦୁର୍ଗ ରକ୍ଷା କରିଥିଲେ । ସେ ବହୁତ ଯୁଦ୍ଧ କଲେ; ମାତ୍ର ପରାସ୍ତ ହେଲେ । କଳାପାହାଡ଼ ଶ୍ରୀକ୍ଷେତ୍ରକୁ ଆସି ବହୁତ ଅତ୍ୟାଚାର କଲା । ସାରଙ୍ଗଗଡ଼ ରକ୍ଷା କରିବା ଭାର ରାମଚନ୍ଦ୍ର ଭଞ୍ଜଙ୍କ ହାତରେ ଥିଲା । ରାମଚନ୍ଦ୍ର ଏ ଗୋଳମାଳ ଦେଖି ଦେଶ ରକ୍ଷାକରିବା ପଛକୁ ପକାଇ ଆପଣା ସ୍ୱାର୍ଥ ଦେଖିଲେ । ମନେକଲେ ଏ ବଡ଼ ମାହେନ୍ଦ୍ର ସମୟ; ଏ ସମୟରେ ସେ ରାଜସିଂହାସନରେ ବସି ଆପଣା ବିଳାସବାସନା ଚରିତାର୍ଥ କରିନେବେ । ସୁତରାଂ ଆପଣାକୁ ରାଜା ବୋଲି ଘୋଷଣା କଲେ । ମୁକୁନ୍ଦଦେବ ଏ ବାର୍ତ୍ତା ପାଇ ଉଭୟ ସଙ୍କଟରେ ପଡ଼ିଲେ । ଏଣେ କଳାପାହାଡ଼ ଏକ ଶତ୍ରୁ, ତେଣେ ରାମଚନ୍ଦ୍ର ଅନ୍ୟ ଶତ୍ରୁ । ମୁକୁନ୍ଦଦେବ ଆସି କଳାପାହାଡ଼ର ଶରଣ ନେଲେ ଏବଂ ସାରଙ୍ଗଗଡ଼ଠାରେ ରାମଚନ୍ଦ୍ରଙ୍କ ସହିତ ଯୁଦ୍ଧ କଲେ ।

ଉଭୟଙ୍କର ବହୁତ ଯୁଦ୍ଧ ପରେ ରାମଚନ୍ଦ୍ରଦେବ ମକୁନ୍ଦଦେବଙ୍କୁ ମାରପକାଇଲେ । ମାତ୍ର ବାଦଶାହଙ୍କ ଲୋକମାନେ ରାମଚନ୍ଦ୍ରଙ୍କୁ ସେହିଦିନ ମାରପକାଇଲେ । ରାମଚନ୍ଦ୍ର ଏ ଗୋଳମାଳରେ ରାଜା ହେଲେ ମା ୬ । ୧୬ ଦିନ । ପୁନଶ୍ଚ ରଘୁବଂଶ ଶ୍ରେଷ୍ଠରେ ରାଜା ହେଲେ । ମାତ୍ର ମୁସଲମାନମାନେ ତାଙ୍କୁ ବିଶ୍ୱାସରେ ମାରପକାଇଲେ । ସେ ରାଜା ହେଲେ ମା ୪ । ୧୦ ଦିନ । ଏହି ସମୟରୁ କଟକରେ କେହି ରାଜା ରହିପାରଲେ ନାହିଁ । ମୋଗଲମାନେ ଗଡ ମାଡ଼ିରହିଲେ । ଏ ଗୋଳମାଳ ଦେଖି ପରିଛା ଦିବ୍ୟସିଂହ ପଟ୍ଟନାୟକ ଠାକୁରମାନଙ୍କୁ ନେଇ ଛପଲ ହାଣ୍ଡିପଡ଼ାଠାରେ ପାତାଳୀ କରି ରଖାଇଥିଲା; ମାତ୍ର କଳାପାହାଡ଼ ଏ ସମ୍ବାଦ ପାଇ ସେଠାକୁ ଗଲା । ଠାବ କରି ମୁହାଣ ପାରି ହୋଇ ଅଣ୍ଟାକ ପାଣିରେ ପଶି ଠାକୁରମାନଙ୍କୁ କଢ଼ାଇଆଣି ହାତୀରେ ବସାଇ ଘେନି ଆସିଲା । ଭଣ୍ଡାରମାନ ଲୁଟ କଲା, ବଡ଼ଦେଉଳ ଅଁଳାବେଢ଼ା ଯାଏ ଭାଙ୍ଗିଲା, ଦେବତାମାନଙ୍କୁ ଖଣ୍ଡିଆ କରି ପକାଇଲା । ଠାକୁରମାନଙ୍କୁ ନେଇ ଗଙ୍ଗାକୂଳଯାଏ ଗଲା । ସେଠାରେ ନିଆଁ ଲଗାଇ ଠାକୁରଙ୍କୁ ନିଆଁରେ ପକାଇଲା । ମାତ୍ର ଈଶ୍ୱରଙ୍କର କି ମହିମା ! କଳାପାହାଡ଼ ତତ୍‌କ୍ଷଣାତ୍ କି ଏକ ରୋଗଦ୍ୱାରା ଆକ୍ରାନ୍ତ ହେଲା ଯେ ତା ଦେହ ଖଣ୍ଡ ଖଣ୍ଡ ହୋଇ ଫାଟିଗଲା । ଏହା ଦେଖି ସମସ୍ତେ ଆଶ୍ଚର୍ଯ୍ୟାନ୍ୱିତ ହେଲେ । କଳାପାହାଡ଼ଙ୍କୁ ତାଙ୍କ କାଜୀ କହିଲା, ଏ ଓଡ଼ିଶା ଠାକୁରଙ୍କୁ ଅଗ୍ନିରେ ପକାଇବାର ଫଳ । ଏହା ଶୁଣି କଳାପାହାଡ଼ଙ୍କ ପୁଅ ଠାକୁରମାନଙ୍କୁ ନିଆଁରୁ କଢ଼ାଇ ଗଙ୍ଗାରେ ମେଲିଦେଲା । ଠାକୁର ଗଙ୍ଗାରେ ଭସିଯାଉଥିବାବେଳେ ଉମରାଓ ଜାଲକାଠ ଖୁବ ତାଙ୍କୁ ନେଇ ଆପଣା ବାରିରେ ପକାଇଲା ।

ବିଶର ମହାନ୍ତି ନାମକ ଜନୈକ ଭକ୍ତ କଳାପାହାଡ଼ ଠାକୁରଙ୍କୁ ନେବା ଦେଖି ପଛେ ପଛେ ଯାଉଥିଲା । ବୈଷ୍ଣବବେଶରେ ଭକ୍ତି ପଞ୍ଚାଙ୍ଗାବନ କରିଥାଏ । ଆଠମାସପରେ ବହୁତ ଚେଷ୍ଟା ଦ୍ୱାରା ଉମରାଓଠାରୁ ସେ ମୂର୍ତ୍ତି ଆଣି ତହିଁରେ ଥିବା ବ୍ରହ୍ମଙ୍କୁ ଖୋଳମଧ୍ୟରେ ପ୍ରବେଶ କରାଇ ନେଇଆସି କୁଜଙ୍ଗଗଡ଼ରେ ପ୍ରବେଶ ହେଲା । ସେଠାରେ ଖଣ୍ଡାଏତ ଘରେ ଦୁଇ ଠାକୁର ରହିଲେ ।

ଓଡ଼ିଶାର ଭାଗ୍ୟରବି ଏହି ସମୟରୁ କ୍ରମେ ଅସ୍ତାଚଳଗାମୀ ହେଲେ । ଏ ରାଜା ଭୋଗ କଲେ ବ ୮ । ୫ ମାସ । ଏହାଙ୍କ ପରେ ରାମଚନ୍ଦ୍ର ଭୋଗ କଲେ ମା ୬ । ୬ ଏବଂ ରଘୁବଂଶ ମା ୪ । ୧୦ । ଏହାଙ୍କ ମୃତ୍ୟୁ ପରେ ରାଜସିଂହାସନରେ ଅନେକ ଗଣ୍ଡଗୋଳ ଜାତହେଲା । ରାମଚନ୍ଦ୍ର ଓ ରଘୁବଂଶ ପ୍ରଭୃତି କିଛି ଦିନ ଭୋଗ କରିଥିଲେ; ମାତ୍ର ଯଦୁବଂଶୀ ରାମଚନ୍ଦ୍ର ଦେବ ସିଂହାସନାରୂଢ଼ ନ ହେବା ପର୍ଯ୍ୟନ୍ତ ବଡ଼ ଗୋଳମାଳ ଘଟିଥିଲା ।

ରାମଚନ୍ଦ୍ର ଦେବ ଦନାଇ ବିଦ୍ୟାଧରଙ୍କ ପୁତ୍ର । ଏ ତୋଟମିଗଡ଼ରେ ରାଜା ହେବା ଲାଗି ମନସ୍ଥ କଲେ । ମାତ୍ର ମକୁନ୍ଦଦେବଙ୍କର ଏକ ପୁତ୍ର ଥିଲେ; ସେ ରାଜା ହେବା ଲାଗି ଚେଷ୍ଟା କଲେ । ରାମଚନ୍ଦ୍ର ଦେବ ଖୋର୍ଦ୍ଧା । ଜଗନ୍ନାଥପୁରଠାରେ କଟକ କରି ରହିଲେ ।

ଏଣେ ମକୁନ୍ଦ ଦେବଙ୍କ ପୁତ୍ର ଦିଲ୍ଲୀ ବାଦଶା ରାଜା ମାନସିଂହ ଓ ଟୋଡ଼ରମଲ୍ଲଙ୍କ ଶରଣାପନ୍ନ ହୋଇ ତାଙ୍କୁ ଓଡ଼ିଶାକୁ ଅହ୍ୱାନ କଲେ ।

ମକୁନ୍ଦଦେବ, ରାମଚନ୍ଦ୍ର ଓ ରଘୁବଂଶଙ୍କ ରାଜତ୍ୱ ସମୟ ୧୫୫୭—୧୫୬୭ ଖ୍ରୀଷ୍ଟାବ୍ଦ ଅର୍ଥାତ୍ ୧୪୭୯—୧୪୮୯ ଶକାବ୍ଦ ।

---

# ଯଦୁବଂଶ

ରାମଚନ୍ଦ୍ରଦେବ—ଏ ୪୧ ଅଙ୍କରେ ୩୩ ବର୍ଷ ରାଜତ୍ୱ କଲେ (ଖ୍ରୀ: ୧୫୬୭—୧୬୦୦ = ୧୪୮୯—୧୫୨୨ ଶକାବ୍ଦ ) । ଖୋର୍ଦ୍ଧା ବରୁଣାଇ ପର୍ବତ ତଳେ ଜଗନ୍ନାଥ-ପୁରଠାରେ କଟକ କରି ରହିଲେ । ଏହାଙ୍କ ୪ ଅଙ୍କରେ ବାଦଶା ଟୋଡ଼ରମଲ୍ଲ ଆସିଥିଲେ । ଏତେବେଳେ ଓଡ଼ିଶାରେ ବଡ଼ ଦୁର୍ଭିକ୍ଷ ହୋଇଥିଲା । ଧାନ ଭରଣକୁ ୧୬ କାହାଣ ମୂଲ୍ୟ ହେଲା । ୯ ଅଙ୍କରେ ରାଜା କୁଜଙ୍ଗଗଡ଼ରୁ ଦାରୁବ୍ରହ୍ମଙ୍କୁ ଅଣାଇ ଖୋର୍ଦ୍ଧାଠାରେ ମୂର୍ତ୍ତି କରାଇଲେ ଏବଂ ୧୦ ଅଙ୍କରେ କକଡ଼ା ୧୮ ଦିନ ଶ୍ରାବଣ ଶୁକ୍ଳ-ନବମୀ ତିଥିରେ ଶ୍ରୀପୁରୁଷୋତ୍ତମ ଦେଉଳ ରତ୍ନସିଂହାସନରେ ପ୍ରଭୁମାନଙ୍କୁ ବିଜେ କରାଇଥିଲେ । ବାଣର ମହାନ୍ତି ଗଡ଼ନାୟକ ହେଲେ । ଏ ଭିତରେ ପ୍ରବେଶ କରିବା ଲାଗି ଶାଢ଼ୀ ପାଇଥିଲେ; କାରଣ ସେ ପ୍ରଭୁଙ୍କୁ ଆଣିଥିଲେ । ପ୍ରାୟ ୪ ମାସ ପର୍ଯ୍ୟନ୍ତ ନିସଙ୍ଗୁଡ଼ି ଭୋଗ ହେଲା । କାଳେ ଲୋକମାନେ ଆପତ୍ତି କରିବେ, ଏଥିଲାଗି ସଙ୍ଗୁଡ଼ି ଭୋଗ କରାଉ ନଥିଲେ । ରାଜା ଚାରିମାସ ପରେ ବ୍ରାହ୍ମଣ ସାଆନ୍ତ, ଭଟ୍ଟ ମିଶ୍ର, ସ୍ୱଦେଶ ଓ ପ୍ରଦେଶୀ ପଣ୍ଡିତମାନଙ୍କ ସହିତ ବିଚାର କରି ସମସ୍ତଙ୍କୁ ପରମେଶ୍ୱରଙ୍କ ନିକଟରେ ବୈଠକ କରାଇ ସେବକମାନଙ୍କୁ ସଙ୍ଗୁଡ଼ି ଭୋଗ ଲାଗିକରିବାକୁ ଆଦେଶ ଦେଲେ । ସକାଳ ଧୂପ ମଣୋହି ବଢ଼ିଲା ଉତ୍ତାରୁ ରାଜା ଖେଚଡ଼ି ମହାପ୍ରସାଦ ହାତରେ ଧରି ଜୟବିଜୟ ଦ୍ୱାର କଳାପାହାଚ ଉପରେ ଉଭାହେଲେ । ରାମଚନ୍ଦ୍ର ଭଟ୍ଟ, ଗୋବର୍ଦ୍ଧନ ପ୍ରହରାଜ ଓ ମିଶ୍ର ଗୋସାଇଁ ଏ ତିନିଜଣ ରାଜାଙ୍କ ହାତରୁ ପ୍ରସାଦ ଛଡ଼ାଇ ନେଇ ପ୍ରସାଦ ସେବାକଲେ ଏବଂ ମୁଣ୍ଡରେ ହାତ ବୋଲିଲେ । "ହରି ସହଦେବ" କହି ସମସ୍ତ ସନ୍ନ୍ୟାସୀ ବ୍ରହ୍ମଚାରୀ ଓ ବ୍ରାହ୍ମଣମାନେ ପ୍ରସାଦ ପାଇଲେ ଏବଂ ରାମଚନ୍ଦ୍ର ଦେବ ମହାରାଜାଙ୍କୁ ୨ୟ ଇନ୍ଦ୍ରଦ୍ୟୁମ୍ନ ବୋଲି ଶାଢ଼ୀ ଦେଲେ ।

୧୬ ଅଙ୍କରେ ମକୁନ୍ଦଦେବଙ୍କ ପୁଅ ମାନସିଂହଙ୍କୁ ସଙ୍ଗେ ନେଇ ଓଡ଼ିଶାକୁ ଆସିଲେ । ମକୁନ୍ଦଦେବଙ୍କ ପୁଅ ମାନସିଂହଙ୍କୁ ଆଣିଥିଲା । ତାହାର ଉଦ୍ଦେଶ୍ୟ ଥିଲା ଯେ କିଏ ରାଜା ହେବ ତାହା ନିଷ୍ପତ୍ତି କରିଦେବେ । ମାନସିଂହଙ୍କ ବିଚାରରେ ରାମଚନ୍ଦ୍ର ରାଜା ହେଲେ ୧ବଂ ମକୁନ୍ଦଦେବଙ୍କ ପୁତ୍ରଙ୍କୁ ଆଲି ରାଜ୍ୟ ଦେଇ ସେଠାରେ ରାଜା କରାଇଲେ ।

୧୪ ଅଙ୍କରେ ମାନସିଂହଙ୍କ ସ୍ତ୍ରୀ ଗୌରୀ ରାଣୀ ବଡ଼ଦେଉଳ ମଧ୍ୟସ୍ଥ ମୁକ୍ତିମଣ୍ଡପ ଗଢ଼ାଇଥିଲେ । ରାମଚନ୍ଦ୍ର ଦେବ ସେବକମାନଙ୍କ ସହିତ ପରାମର୍ଶ କରି ନାନାପ୍ରକାର କୋଠଭୋଗ ଭିଆଣ କଲେ । ରାଜା ମାନସିଂହ ଫେରିଗଲେ । ୩୪ ଅଙ୍କରେ ପରିଚ୍ଛା ବଡ଼ଯେନା ମହାପାତ୍ରଙ୍କ ପୁତ୍ର ଦାମୋଦର ଚମ୍ପତିରାଏ ବଡ଼ଦେଉଳରେ ନୀଳଚକ୍ର ବସାଇଲେ । ବୀରରାମଚନ୍ଦ୍ରପୁର ଶାସନ ଦାନ ଦେଲେ । ୪୦ ଅଙ୍କରେ ରାଜା ଦେହତ୍ୟାଗ କଲେ ।

ପୁରୁଷୋତ୍ତମ ଦେବ ୨—ଏ ୨୬ ଅଙ୍କରେ ୨୨ ବର୍ଷ ରାଜତ୍ୱ କରିଥିଲେ (୧୬୦୦—୧୬୨୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ = ୧୫୨୨—୧୫୪୪ ଶକାବ୍ଦ ପର୍ଯ୍ୟନ୍ତ) ।

୧୬୦୭ ଖ୍ରୀଷ୍ଟାବ୍ଦରେ କୁତୁବୁଦ୍ଦୀନ ଓଡ଼ିଶା ଶାସନକର୍ତ୍ତା ହୋଇ ଆସିଲା । ମୁସଲମାନ ଆଗମନ ଦେଖି ଠାକୁରମାନଙ୍କୁ କପିଳେଶ୍ୱରପୁର ଶାସନ ପଞ୍ଚମୁଖୀ ଗୋସାଣୀଙ୍କ ନିକଟକୁ ସ୍ଥାନାନ୍ତରିତ କରାହେଲା । ସେଠାରେ ଦୋଳଯାତ୍ରା ଶେଷ ପର୍ଯ୍ୟନ୍ତ ଥିଲେ; ପରେ ବାହୁଡ଼ା ବିଜେ କଲେ । ହାସିମ ୧୬୦୭ ଖ୍ରୀଷ୍ଟାବ୍ଦରେ ଆସିବାରୁ ଠାକୁରମାନେ ପୁଣି ଖୋର୍ଦ୍ଧା ଗୋପାଳ ଦେଉଳଠାକୁ ସ୍ଥାନାନ୍ତରିତ ହେଲେ । ପର ବର୍ଷ ବାହୁଡ଼ା ବିଜେ ହେଲା । ୧୬୧୧ ଖ୍ରୀଷ୍ଟାବ୍ଦରେ ରାଜା କଲ୍ୟାଣମଲ୍ଲ ଓଡ଼ିଶାର ଶାସନକର୍ତ୍ତା ହୋଇ ଆସିଲେ । ପରମେଶ୍ୱରଙ୍କୁ ମହିଷାନାସୀକୁ ସ୍ଥାନାନ୍ତରିତ କରାହୋଇଥିଲା । ୧୮ ଅଙ୍କରେ ରାଜା କଲ୍ୟାଣମଲ୍ଲଙ୍କୁ ମାରିପକାଇଲେ । କଲ୍ୟାଣମଲ୍ଲ ପଳାୟନ କରିବାର ଚେଷ୍ଟା କରିଥିଲେ; ମାତ୍ର ରାଜା ପଶ୍ଚାଦ୍ଧାବନ କରି ବାଘସରପୁରଠାରେ ମାରିପକାଇଲେ । ୧୬୧୮ ଖ୍ରୀଷ୍ଟାବ୍ଦରେ ମକରମ ଖାଁଙ୍କ ଦ୍ୱାରା ରାଜା ପରାସ୍ତ ହେଲେ । ଖୋର୍ଦ୍ଧା ଓ ରାଜମହେନ୍ଦ୍ରୀ ବ୍ୟତୀତ ଅବଶିଷ୍ଟ ଓଡ଼ିଶା ଦିଲ୍ଲୀଭୁକ୍ତ ହେଲା । ମକରମ ଖାଁ ସାକ୍ଷୀଗୋପାଳଙ୍କୁ ଖୁଣ କରିଥିଲା । ଠାକୁରମାନେ ଏତେବେଳେ ବାଣପୁର ସୀମା ଗଜପଦାଠାକୁ ସ୍ଥାନାନ୍ତରିତ ହୋଇଥିଲେ । ଏଠାରେ ଶୀତଳଭୋଗ ମଣୋହି ହେଉଥିଲା । ରାଜା ସକୁଟୁମ୍ବରେ ରଣପୁର ସୀମା ମାଣହି ଗ୍ରାମଠାରେ କଟକ କରି ରହିଥିଲେ ।

ସୁଜା ଅହମ୍ମଦ୍ ବେଗ୍ ଏହାଙ୍କ ସମୟରେ ଓଡ଼ିଶା ଆକ୍ରମଣ କରିଥିଲେ । ମାଣହି ଗ୍ରାମଠାରେ ରାଜା ଦେହତ୍ୟାଗ କଲେ ।

ନରସିଂହ ଦେବ—ଏ ୨୬ ବର୍ଷ ରାଜତ୍ୱ କରିଥିଲେ (୧୬୨୨—୧୬୪୮ ଖ୍ରୀଷ୍ଟାବ୍ଦ ବା ୧୫୪୪—୧୫୭୦ ଶକାବ୍ଦ) ।

ଏ ମହାରାଜାଙ୍କ ୪ ଅଙ୍କରେ ଅହମ୍ମଦ ବେଗ୍ ପୁଣି ଓଡ଼ଶାକୁ ଆସିଥିଲା ଏବଂ ତାହାର ଆଦେଶ ଅନୁସାରେ ଅହାରଗଡ଼ରୁ ଯାଇ ମାଣଦି ଗଡ଼ଠାରେ କଟକ କରି ରହିଲେ । ସାଜାହାନ ଏହାଙ୍କ ଅମଳରେ ଓଡ଼ଶାକୁ ଆସିଥିଲେ । ଠାକୁରେ ଏହାଙ୍କ ଅମଳରେ ମୁସଲମାନମାନଙ୍କ ଅତ୍ୟାଚ୍ଚର ଭୟରେ ଖୋର୍ଦ୍ଧାକୁ ସ୍ଥାନାନ୍ତରିତ ହୋଇଥିଲେ । ଏ ମହାରାଜା ନରସିଂହପୁର ଶାସନ ଦାନ କରିଥିଲେ । ୧୯ ଅଙ୍କରେ ବଡ଼ଦେଉଳରେ ଚୂନ ଦେଇଥିଲେ । ନରଣ ରାୟ, ପୁଣ୍ଡ ମହାପାତ୍ର, କହ୍ନାଇ ବିଦ୍ୟାଧର ମହାପାତ୍ର, ବନମାଳୀ ପାଇକ ମହାପାତ୍ରମାନଙ୍କ ଉପସ୍ଥିତିରେ ମାଳ ପଟ୍ଟନାୟକଙ୍କ ଭିଆଣ ପ୍ରମାଣେ ଚୂନ ଲାଗିବା ଖର୍ଚ୍ଚ ୯୧୫୩୮ କାହାଣ ଦୁଇପଣ ଦଶ ଗଣ୍ଡା ।

ଫତେଖାଁ ଓଡ଼ଶା ଆକ୍ରମଣ କଲା । ରାଜା ବିଶ୍ୱାସୀ ଲୋକ । ଅନିରୁଦ୍ଧ ରାଏ ପିତାମହଙ୍କ ସହାୟତାରେ ଫତେଖାଁ ରାଜାଙ୍କ ମୁଣ୍ଡ କାଟିପକାଇଲା ଏବଂ ମନ୍ଦିର ମଧ୍ୟରୁ ଅନେକ ଦ୍ରବ୍ୟ ଅପହରଣ କରିନେଲା ।

ଗଙ୍ଗାଧର ଦେବ—ଏ ନରସିଂହ ଦେବଙ୍କ ଭାଇ ଗୋକୁଳ ରାୟଙ୍କ ପୁତ୍ର । ଏ ବର୍ଷେ ମାତ୍ର ରାଜତ୍ୱ କରିଥିଲେ ( ୧୬୪୮—୧୬୪୯ ଖ୍ରୀଷ୍ଟାବ୍ଦ ବା ୧୫୭୦—୧୫୭୧ ଶକାବ୍ଦ ) । ବଳଭଦ୍ର ଦେବ ଏହାଙ୍କୁ ମାରିପକାଇଲେ ।

ବଳଭଦ୍ର ଦେବ—ଏ ୧୬୪୯—୧୬୫୨ ଖ୍ରୀଷ୍ଟାବ୍ଦ ବା ୧୫୭୧—୧୫୭୪ ଶକାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏହାଙ୍କ ଅମଳରେ 'ଗୋପାଳ ଦାସ' ନାମକ ଗୋଟିଏ ଏକଦନ୍ତା ହାତୀ ଆସିଥିଲା । ପୁରୁଷୋତ୍ତମକ୍ଷେତ୍ରରୁ ମହାନୁଜ ଖାଁ ସେ ହାତୀକି ଧରି ଦିଲ୍ଲୀ ନେଇଗଲା । ଏ ବଲ୍ଲଭପୁର ଶାସନ ଦାନ ଦେଲେ ।

ମକୁନ୍ଦ ଦେବ ୨—ଏ ବଳଭଦ୍ର ଦେବଙ୍କ ପୁତ୍ର । ଏ ମହାରାଜାଙ୍କ ରାଜତ୍ୱ ସମୟରେ ମାହାଲିଆ ଗଙ୍ଗାଦେବ ରାଜା ହେଲେ ମାତ୍ର ୨୭ ଦିନ । ସେ ଧବଳେଶ୍ୱରଙ୍କଠାରେ ପ୍ରାଣତ୍ୟାଗ କଲେ । କୃଷ୍ଣଦେବଙ୍କ ଭାଇ କପାଳଭ୍ରମରବର ରାଜା ହେଲେ । ମମୁକୁନ୍ଦଦେବ ତାଙ୍କୁ ବନ୍ଦୀ କଲେ ।

ଏହାଙ୍କ ୮ ଅଙ୍କରେ ଦୁର୍ଭିକ୍ଷ ପଡ଼ିଲା । ଧାନ ଭରଣକୁ ମୂଲ୍ୟ ହେଲା ୪୫ କାହାଣ । ମନୁଷ୍ୟ ମାଂସ ମନୁଷ୍ୟ ଖାଇଥିଲେ ବୋଲି ପ୍ରବାଦ ଅଛି । ଅନେକ ଲୋକ ମଲେ । ନବାବ ଅବଦୁଲ୍ ନସର ଖାଁ ପିପିଲି ଯାଏ ଆସିବାରୁ ରାଜା ସକୁଟୁମ୍ବରେ ଯାଇ ଦାଣ୍ଡମକୁନ୍ଦପୁରଠାରେ ବାସକଲେ । ଚୈତ୍ରମାସରେ ଚଡ଼କ ପଡ଼ିବାରୁ ନବାବ ରାଜାଙ୍କ ସହିତ ପ୍ରୀତି ସ୍ଥାପନ କରି କଟକ ଫେରିଗଲା ।

କପାଳୀ ବା କପିଳଭ୍ରମରବର ପଳାୟନ କରି ଢେଙ୍କାନାଳରେ ବାସକଲେ । ୨୫ ଅଙ୍କରେ ବାର୍କି ଯୁଦ୍ଧ । ୪୧ ଅଙ୍କ ତୁଳ ୨୪ ଦିନ ବଡଦେଉଳ ଉପରୁ ଆକାଶବାଣୀ ଶୁଭିଲା । ଏହି ଅଙ୍କ ବିଛା ୨୧ ଦିନ ଯାଜପୁର ନଗରଠାରେ ରାଜା ବସନ୍ତରୋଗରେ ପ୍ରାଣତ୍ୟାଗ କଲେ । ଏ ଭୋଗ କଲେ ୪୧ ଅଙ୍କରେ ୩୪ ବର୍ଷ ( ୧୬୫୧—୧୬୮୬ ଖ୍ରୀଷ୍ଟାବ୍ଦ = ୧୫୭୪—୧୬୦୮ ଶକାବ୍ଦ ) । ଏ ରାଜାଙ୍କ ୧୧ ଅଙ୍କଠାରୁ ଦଶପଲ୍ଲାରୁ ରଥକାଠ ଆସୁଅଛି । ପୂର୍ବେ ବାଣପୁରୁଠାରୁ ଆସୁଥିଲା ।

ଦିବ୍ୟସିଂହ ଦେବ ୧—ଏ ଭୋଗକଲେ ୨୭ ବର୍ଷ ( ୧୬୮୬—୧୭୧୩ ଖ୍ରୀଷ୍ଟାବ୍ଦ = ୧୬୦୮—୧୬୩୫ ଶକାବ୍ଦ ) ।

ଦେବାନ ପରମାନନ୍ଦ ପଟ୍ଟନାୟକଙ୍କ ପୁତ୍ର ରାମଚନ୍ଦ୍ର ପଟ୍ଟନାୟକ ଯାଇ ବରପଦା-ଗଡ଼ଠାରୁ ଦିବ୍ୟସିଂହଙ୍କୁ ଆଣି ରଥିପୁର କଟକରେ ବିଜେ କରାଇଲେ । ସେହିଠାରେ ଅଭିଷେକ ହୋଇ ଦେବାର୍ଚ୍ଚନ କଲେ । କଟକ ଚୂଲି ଆସି ଶ୍ରୀକ୍ଷେତ୍ରକୁ ଆଗମନ କଲେ । ଏହାଙ୍କ ୭ ଅଙ୍କରେ ପୁନଶ୍ଚ ମୋଗଲମାନେ ଆକ୍ରମଣ କଲେ । ଦେବତାମାନେ କୋକଲଗଡ଼କୁ ସ୍ଥାନାନ୍ତରିତ ହେଲେ । ଆଓରଙ୍ଗଜେବଙ୍କ ନବାବ ଏକରମ ଖାଁ ଆଗମନ କଲା । ଏ ଦେଉଳରେ ବହୁତ ଅତ୍ୟାଚାର କଲା । ଏ ରାଜା ପଳାଇଯାଇ ଚନ୍ଦନପୁରଠାରେ ରହିଲେ ।

୯ ଅଙ୍କ ତୁଳ ୨୦ ଦିନ ଶନିବାର ଭୟଙ୍କର ତୋଫାନ ହୋଇଥିଲା । ନୀଳଚକ୍ର ଭାଙ୍ଗି ଭଣ୍ଡଗଣପତିଙ୍କ ଆଗରେ ପଡ଼ିଲା । ଅନ୍ୟାନ୍ୟ ଦେଉଳମାନଙ୍କ ମସ୍ତକରୁ ଚକ୍ର ଖସିପଡ଼ିଲା । ଅନେକ ଲୋକଙ୍କର ଘରଦ୍ୱାର ଭାଙ୍ଗିଗଲା । ଅନେକ ଗାଈ ମଇଁଷି ମନୁଷ୍ୟ ମଲେ । ଦଶ ଅଙ୍କରେ ଦୁର୍ଭିକ୍ଷ ହେଲା । ଧାନ ଭରଣକୁ ମୂଲ୍ୟ ହେଲା ୨୪ କାହାଣ । ୨୪ ଅଙ୍କରେ ନବାବ ସୁଜାଖାଁ ସଙ୍ଗେ ଲଢାଇ ହେଲା । ୩୧ ଅଙ୍କରେ ନୂତନ ନୀଳଚକ୍ର ବସିଲା । ଏ ରାଜା ବଡ଼ସନ୍ତ ମଠ ନଅରରେ ଦେହତ୍ୟାଗ କଲେ ।

ହରେକୃଷ୍ଣ ଦେବ—ଏ ଦିବ୍ୟସିଂହ ଦେବଙ୍କ ସାନଭାଇ । ଏ ଭୋଗ କଲେ ୫ ଅଙ୍କରେ ୪ ବର୍ଷ ( ୧୭୧୩—୧୭୧୭ ଖ୍ରୀଷ୍ଟାବ୍ଦ = ୧୬୩୫—୧୬୩୯ ଶକାବ୍ଦ ) ।

୩ ଅଙ୍କରେ ହରେକୃଷ୍ଣପୁର ଶାସନ ଦାନକଲେ । ଧର୍ମ୍ମୂ ହରିଚନ୍ଦନଙ୍କ ତତ୍ତ୍ୱାବଧାନରେ ବଡ଼ଦେଉଳ ଚୂନ କଲେ । ଭଗବାନ ଭ୍ରମରବର ରୋଷଆଡ଼ ଭିତର ଦୁଆରୁ ଜଗମୋହନ ପାବଚ୍ଛ ପର୍ଯ୍ୟନ୍ତ ଅଚ୍ଛଣ୍ଡା ପାବଚ୍ଛ ଗଣାଇଲେ । ଏହାଙ୍କ ପୁତ୍ର ଧର୍ମ୍ମୂ ହରିଚନ୍ଦନ ଯମେଶ୍ୱର ଦେଉଳର ଜଗମୋହନ ଗଢ଼ାଇଲେ ।

ଗୋପୀନାଥ ଦେବ—ଏ ହରେକୃଷ୍ଣଙ୍କ ପୁତ୍ର । ଏ ଭୋଗକଲେ ୮ ବର୍ଷ ( ୧୭୧୭—୧୭୨୫ ଖ୍ରୀଷ୍ଟାବ୍ଦ = ୧୬୩୯—୧୬୪୭ ଶକାବ୍ଦ )

ଦେବାନ୍ ହସ୍ଯଦ ବେଗ୍, କୃଷ୍ଣ ନରେନ୍ଦ୍ର ଓ ବେଳୁ ଭ୍ରମରବର ଦେବରାୟମାନେ ଖୋର୍ଦ୍ଧା ନଅରରେ ପ୍ରବେଶ କରି ଏହାଙ୍କୁ ମାରିପକାଇଲେ । ଏ ରାଜା ବଡ଼ ଲମ୍ପଟୀ ଥିଲେ । କାହାରି କଥା ନମାନି ପାପାଚରଣ କରିବାରୁ ପାତ୍ରମାନେ ବଗୃରକରି ମରାଇଦେଲେ ।

ରାମଚନ୍ଦ୍ର ଦେବ ୨—ଏ ଗୋପୀନାଥଙ୍କ ପାଳଭାଇ । ଏହାଙ୍କ ନାମ କେଶବ ଥିଲା । ଏ ଭୋଗକଲେ ୧୨ ବର୍ଷ ( ୧୭୨୫—୧୭୩୭ ଖ୍ରୀଷ୍ଟାବ୍ଦ = ୧୬୩୬—୧୬୫୯ ଶକାବ୍ଦ ପର୍ଯ୍ୟନ୍ତ ) ।

୪ ଅଙ୍କରେ ବକ୍ସି ବେଳୁ ଭ୍ରମରବର ଗୁଣ୍ଡିଚା ଘର ଜଗମୋହନ ଗଢ଼ାଇଥିଲେ । ମକୁନ୍ଦଦେବ ଅଣାଇଥିବା ୪ ଗୋଟା ମୁଗୁନିପଥର ଖମ୍ବ ଦ୍ୱାରା ଜଗମୋହନ ଗଢ଼ାହୋଇ-ଥିଲା । ୮ ଅଙ୍କରେ ଧନୁ ୨୨ ଦିନ କଟକ ସୁବା ସୁଜାଖାଁ ପୁତ୍ର ମହମ୍ମଦ ତକିଖା ନସ୍କର ନେଇ ଶିଶୁପାଳଗଡ଼ ଆକ୍ରମଣ କରି ରାଜ୍ୟ ଖୋଲାଇଦେଲା । ଧଉଳିଗଡ଼ ଓ ରଥିପୁରଗଡ଼ ଆକ୍ରମଣ କଲା । ବକ୍ସି, ଦେବାନ, ପାଇକ ପ୍ରଭୃତି ମେଳହୋଇ ଲଢ଼ାଇ ନକରି ପଳାୟନ କଲେ । ରାଜା ଏହା ଦେଖି ଲୋଧୁ ମିଆଁ କୁ ଦେବାନ କଲେ ଓ ଖଲିପା ଗଦାଧର ମଙ୍ଗରାଜଙ୍କୁ ବକ୍ସି ଶାଢ଼ୀ ଦେଇ ସେମାନଙ୍କୁ ସାଥିରେ ନେଇ ନବାବଙ୍କ ସହିତ ରଥିପୁରଠାରେ ସାକ୍ଷାତ କଲେ । ନବାବଙ୍କ ସହିତ ପ୍ରୀତି ସ୍ଥାପନ କଲେ । ପରେ ବକ୍ସି ଓ ଦେବାନ ଯେଉଁମାନେ ପଳାଇଥିଲେ ସେମାନଙ୍କ ମୁଣ୍ଡ କଟାଇଦେଲେ ।

ନବାବ ରଥିପୁରଠାରେ ରହି ଖୋର୍ଦ୍ଧା ଗଙ୍ଗପଡ଼ାଠାରେ ଯୁଦ୍ଧ କଲା । ରାଜା ପୁଣି ନବାବଙ୍କ ସାକ୍ଷାତକୁ ଗଲେ । ନବାବ ଦେବାନ୍, ବକ୍ସି ପ୍ରଭୃତି ଅନେକ ଲୋକଙ୍କୁ ମରାଇଦେଲା । କେତେକ ଲୋକ ପଳାୟନ କଲେ ।

ରାଜାଙ୍କ ଜ୍ୟେଷ୍ଠପୁତ୍ର କୃଷ୍ଣରାଏ, ଏହାଙ୍କ ବଡ଼ପୁଅ ମକୁନ୍ଦକୁମାର ଓ ତାଙ୍କ ପୁତ୍ର ମଧୁସୂଦନ କୁମାର ଏବଂ ତାଙ୍କ ପୁତ୍ର ଭାଗୀରଥୀ କୁମାରମାନେ ଏପରି ଆଠ ରାଜା ନାଭସିଂହଗଡ଼ଠାରେ ରହିଲେ ଏବଂ ଖୋର୍ଦ୍ଧା ତ୍ୟାଗ କଲେ ।

ମୀନ ମାସରେ କୁମାରମାନେ ନାଭସିଂହ ଗ୍ରାଡ଼ି ଦକ୍ଷିଣରେ କୋଦଲା ଆଠଗଡ଼କୁ ଯାଇ ରହିଲେ ।

ନବାବ ବାଣପୁର ଆକ୍ରମଣ କଲା; ମାତ୍ର ଲେଉଟିଆସି ରାଜାଙ୍କୁ ଆପଣା ସୈନ୍ୟ ଦେଇ ରଥିପୁର ଗ୍ରାଡ଼ି କଟକ ଗଲା ।

ପୁନଶ୍ଚ କେତେ ଦିନ ପରେ ରାଜା କଟକ ଗଲେ । ରଥିପୁରରୁ ସୈନ୍ୟ ଉଠିଗଲେ ।

ଗୁଣ୍ଡିଚା ଯାତ୍ରା ଶେଷ ହେବା ପରେ କୁମାରମାନେ ସୈନ୍ୟ ଘେନି ଦକ୍ଷିଣଦେଶକୁ ଆସିଲେ, ମହାପ୍ରଭୁଙ୍କ ଦର୍ଶନ କରି ଶାଢ଼ୀ ବନ୍ଧାଇ ଖୋର୍ଦ୍ଧା ଗଲେ ।

କେତେ ଦିନ ପରେ ମହମ୍ମଦ ତକିଖାଁ ରାଜାଙ୍କୁ ସଙ୍ଗେ ଆଣି ଗଙ୍ଗପଡ଼ାଠାରେ କୁମାରଙ୍କ ସହିତ ଯୁଦ୍ଧ କଲା । କୁମାରମାନେ ଶେଷକୁ ପରାସ୍ତ ହୋଇ ପଳାୟନ କରି ଦଶପଲ୍ଲାରେ ରହିଲେ । ନବାବ ଖୋରଧାଠାରେ ରାଜାଙ୍କୁ ରୁଣ୍ଡ କଟକ ଗଲେ । ରାଜା ନବାବଙ୍କ ଲୋକେ ଜାଣି ନ ପାରିବା ଭଳି ଦୋଳଯାତ୍ରା ଦିନ ପୁରୁଷୋତ୍ତମକୁ ଆସିଥିଲେ । ଏହାଙ୍କ ରାମୁ ଛଟାଉ ପ୍ରମାଣେ ବଡପଣ୍ଡା ପରମାନନ୍ଦଙ୍କୁ ମାରି ମହାପାତ୍ର ମାନ ପଣ୍ଡା ଠାକୁରମାନଙ୍କୁ ଦୋବନ୍ଧା ନଇରେ ଗୁପଦ୍ୱାର ଚିଲିକା ପାରିକରି ହରିଶଙ୍କର ମଣ୍ଡପକୁ ନେଇଗଲେ ।

୧୦ ଅଙ୍କ କୁମ୍ଭ ୧୭ ଦିନ ନବାବ ପୁନଶ୍ଚ ଖୋର୍ଦ୍ଧା ଆକ୍ରମଣ କଲାରୁ ରାଜା ନୂଆଗଡ଼ଠାକୁ ଗଲେ । ଏଠାରୁ ଖଣ୍ଡିଆପଡ଼ା ବୋଲଗଡ ଗଲେ । ଠାକୁରଙ୍କୁ ଟଙ୍କିକୋଟ ସୀମା ଟିକଲିଠାକୁ ନେଇଗଲେ ।

ନବାବ ଦଶପଲ୍ଲାରୁ ଭାଗୀରଥୀ କୁମାରଙ୍କୁ ଅଣାଇ ତାଙ୍କୁ ରାଜା କରି ଆପଣା ସୈନ୍ୟ ଦେଇ କଟକ ଗଲା । ଭାଗୀରଥୀ ରାଜା ହୋଇ ଦାରୁ ଅଣାଇ ପୁରୁଷୋତ୍ତମରେ ରଖାଇଲେ ।

ଦିବ୍ୟସିଂହ ବୋଲଗଡ଼ଠାରୁ ଆସି ଖୋର୍ଦ୍ଧାରେ ରହିଲେ । ଭାଗୀରଥୀ ନବାବଙ୍କ ସୈନ୍ୟ ନେଇ କଟକ ପଳାଇଲେ ।

ରାଜା ପରମେଶ୍ୱରଙ୍କୁ ଚିଲିକାରୁ ଅଣାଇ ଗୁଣ୍ଡିଚା ଯାତ୍ରା କରାଇଲେ । ପୁନର୍ବାର ମୋଗଲ ଆକ୍ରମଣ ହେଲା । ଠାକୁର ପୁଣି ହରିଶଙ୍କର ମଣ୍ଡପକୁ ଗଲେ । ସେଠାରୁ ଆଠଗଡ଼ ସୀମାକୁ ଗଲେ । ରାଜା ଜଙ୍ଗଲରେ ଲୁଚିଲେ ।

ପଟ୍ଟିଆରେ ପଦ୍ମନାଭ ଦେବ ରାଜା ହେଲେ । ଏହାଙ୍କ ଅମଳରେ ଶାନ୍ତି ନଥିଲା । ମୋଗଲମାନେ ବାରମ୍ବାର ଆକ୍ରମଣ କରି ଦେଶକୁ ଛାରଖାର କରି ପକାଇଲେ । ଅବଶେଷରେ ରାଜା ନରସିଂହପୁରଗଡ଼ଠାରେ ୧୪ ଅଙ୍କ ଧନୁ ୧୫ ଦିନ ଦେହତ୍ୟାଗ କଲେ ।

ଜଗନ୍ନାଥ ମନ୍ଦିରର ସିଂହଦ୍ୱାର ପାଖେ ଯେଉଁ ପତିତପାବନ ମୂର୍ତ୍ତି ଅଛନ୍ତି, ସେ ଏହାଙ୍କ ଅମଳରେ ପ୍ରତିଷ୍ଠିତ ହୋଇଥିଲେ । ନବାବ ସୁଜାଖାଁ ଆପଣା କନ୍ୟାକୁ ଏହାଙ୍କ ସହିତ ବଳପୂର୍ବକ ବିବାହ କରାଇଦେବାରୁ ରାଜା ଜାତିଭ୍ରଷ୍ଟ ହୋଇ ପ୍ରଭୁଙ୍କ ଦର୍ଶନ ସେବାରୁ

ବଞ୍ଚିତ ହେଲେ । ଏହିହେତୁ ୧୦ ଅଙ୍କରେ ପତିତପାବନ ମୂର୍ତ୍ତି ବାହାରେ ରଖାଇ ଦର୍ଶନ କଲେ ।

ବୀରକେଶରୀ ଦେବ—ଏ ୪୩ ବର୍ଷ ରାଜତ୍ୱ କଲେ ( ୧୭୩୭—୧୭୮୦ ଖ୍ରୀଷ୍ଟାବ୍ଦ = ୧୬୫୯—୧୭୦୨ ଶକାବ୍ଦ ) ।

ଏହାଙ୍କ ଅମଳରେ ମୁର୍ଶିଦା କୁଲିଖାଁଙ୍କ ଆକ୍ରମଣ । ଏହାଙ୍କ ସହିତ ବାଦଶାହ ୧୮୦୦୦୦୦ ଲକ୍ଷ ଟଙ୍କା ଦେବାକୁ ଚୁକ୍ତି ହେଲା । ମୁର୍ଶିଦାବାଦ ନବାବ ଆଲବର୍ଦ୍ଦି ଖାଁ ମଧ୍ୟ ରଥିପୁରଠାକୁ ଆସିଥିଲେ । ରାଜା ଭେଟ ହେଲେ । ନବାବ ରାଜାଙ୍କୁ ହାତୀ ଶିରୋପା ଦେଇ ଫେରିଗଲେ ।

ଏହାଙ୍କ ଅମଳରେ କେମଣ୍ଡି ରାଜା ଓଡ଼ିଶାର ଉତ୍ତରାଧିକାରୀ ବୋଲି ଦାବି କରି ଓଡ଼ିଶା ଆକ୍ରମଣ କଲେ ଏବଂ ଜୟ କରି ବୀରକେଶରୀ ଦେବଙ୍କୁ ତଡ଼ିଦେଲେ । ବୀରକେଶରୀ ମରହଟ୍ଟାମାନଙ୍କ ଆଶ୍ରୟ ନେଲେ । ମରହଟ୍ଟାମାନେ ଖେମଣ୍ଡି ରାଜାଙ୍କୁ ପରାସ୍ତ କରି ତଡ଼ିଦେଲେ ଏବଂ ବୀରକେଶରୀଙ୍କଠାରୁ ଏକଲକ୍ଷ ଟଙ୍କା ପାଇବାର ଚୁକ୍ତି ହେଲା । ଟଙ୍କା ଦେଇ ନ ପାରିବାରୁ ଲେମ୍ବାଇ, ରହାଙ୍ଗ, ପୁରୁଷୋତ୍ତମ ଓ ଚଉଦ ଗଡ଼ଜାତର ସ୍ୱତ୍ୱ ମରହଟ୍ଟାମାନଙ୍କୁ ପ୍ରଦାନ କଲେ । ଏହାଙ୍କ ପୁନ ଏକ ସହସ୍ର ଟଙ୍କା ଦେବାକୁ ରାଜି ହେବାରୁ ଖୋରଧା ଛାଡ଼ିହେଲା ।

ବୀରକେଶରୀପୁର ଶାସନ ବସାଇଲେ । ଏହାଙ୍କ ଠାକୁରମା' ବଡ଼ଦେଉଳ ନିର୍ମାଲ୍ୟ ମଣ୍ଡପ ହୋଇଥିବାରୁ କନକମଣ୍ଡପ ତୋଳାଇଲେ, ଦୋଳମଣ୍ଡପ କରାଇଲେ ।

ଏ ରାଜାଙ୍କ ପାଟମହାଦେଇ ବଡ଼ଦେଉଳରେ ଚୂନ ଦିଆଇଥିଲେ ।

୫ ଅଙ୍କରେ ମରହଟ୍ଟାମାନେ ମୋଗଲମାନଙ୍କୁ ତଡ଼ିଦେଇ ରାଜତ୍ୱ କଲେ । ଏହିଠାରୁ ମୋଗଲବନ୍ଦି ହେଲା । ଦେଉଳ ଉତ୍ତରଦ୍ୱାର ଗୁମୁଟବୈଭମ ହୋଇଥିଲା । ରାଜାଙ୍କ ପ୍ରମାଣେ ଅଷ୍ଟଗ୍ରାସୀ ଗୋସାଇଁ ତୋଳାଇଥିଲେ । ସ୍ନାନବେଦୀର ପହଣ୍ଡିପଥର ବସାଇଲେ । ଖଟ, ଶୋଘଘର, ଶୟନଘର, ଗୃଙ୍ଗଡ଼ା ଘରମାନ ନୂତନ ନିର୍ମାଣ କଲେ । ଉମଣସିଂହ ଦେଉଳ ଗୃହପାଖରେ ପଥର ବସାଇଲେ ଓ ଚକଡ଼ା କଲେ ।

ଏ ରାଜାଙ୍କ ପାତ୍ର ଶ୍ରୀଧର ପଟ୍ଟନାୟକ ବଟମୂଳରେ ସାନଦେଉଳ ଗୋଟିଏ କରାଇ ପାଷାଣ ବାଳମୁକୁନ୍ଦ ମୂର୍ତ୍ତି ପ୍ରତିଷ୍ଠା କଲେ । ବର୍ଦ୍ଧମାନ ରାଜା କୀର୍ତ୍ତିଚନ୍ଦ୍ରଙ୍କ ମାତା ମାର୍କଣ୍ଡରେ ପଥର ବନ୍ଧାଇଲେ ।

ଦିବ୍ୟସିଂହ ଦେବ—ଏ ଜଗନ୍ନାଥରାୟଙ୍କ ପୁତ୍ର ଓ ବୀରକେଶରୀ ଦେବଙ୍କ ନାତି । ମରହଟ୍ଟ ମାନେ ଏହାଙ୍କୁ ଦିବ୍ୟସିଂହ ନାମ ଦେଇ ଟୀକାଗିରୋପା ଦେଇ ରାଜା କରାଇଲେ । ଏ ଖୋର୍ଦ୍ଧାଗଡ଼ ଛାଡ଼ି ବରୁଣାଇ ପର୍ବତଖୋଲରେ ଘାଟିନାମକ ଗଡ଼ କରି ବାସକଲେ । ମରହଟ୍ଟାଙ୍କୁ ପେସ୍କସ୍ ଦେଇ ବାଣପୁର, ଲେମ୍ବାଇ, ଖୋର୍ଦ୍ଧା ପ୍ରଭୃତି ଦଖଲ କଲେ । ମରହଟ୍ଟାମାନଙ୍କ ଗୁରୁ ବ୍ରହ୍ମଚାରୀ ଗୋସାଇଁ ସୁବର୍ଣ୍ଣ ଲକ୍ଷ୍ମୀ-ପ୍ରତିମା ନିର୍ମାଣ କରାଇ ଜଗନ୍ନାଥଙ୍କ ପାଦପଦ୍ମ ନିକଟରେ ରଖାଇଲେ । ପୁରାତନ ଲକ୍ଷ୍ମୀ-ମୂର୍ତ୍ତି ଭଣ୍ଡାରରେ ରହିଲେ । ଏହାଙ୍କ ଅମଳରେ ଝୁଲଣଯାତ୍ରା କରାଇଲେ । ଅମାବାସ୍ୟା ନାରାୟଣ ଦେବଙ୍କ ପ୍ରତିମାରୂପରେ ନିର୍ମାଣ କରାଇ ଦକ୍ଷିଣ ଘରେ ବିଜେ କରାଇଲେ । ସୁବର୍ଣ୍ଣ ଶୟନ ପ୍ରତିମା କରାଇଥିଲେ ଏବଂ ମହାପ୍ରଭୁଙ୍କୁ ବହୁତ ପଦାର୍ଥମାନ ଦେଲେ । ପଶ୍ଚିମଦ୍ୱାର ଫିଟାଇଲେ, ନରେନ୍ଦ୍ର ଓ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀମାନଙ୍କରେ ପଥର ବନ୍ଧାଇଥିଲେ । କୋଣାର୍କ କ୍ଷେତ୍ରରୁ ମୁଗୁନିପଥର ଖମ୍ବ ଅଣାଇ ସିଂହଦ୍ୱାର ଚକଡ଼ାରେ ରଖାଇଲେ । ୧୭୨୨ ଶକାବ୍ଦରେ ବଡ଼ଦେଉଳରେ ଚୂନ ଲଗାଇଲେ । ରତ୍ନସିଂହାସନରେ ପଥର କାନ୍ଥି ବସାଇଲେ । ଶଙ୍କରାଚାର୍ଯ୍ୟ ଓ ପଦ୍ମାଚାର୍ଯ୍ୟ ମୂର୍ତ୍ତିମାନଙ୍କୁ ନେଇ ଦକ୍ଷିଣ ଘରେ ରଖାଇଲେ । ପୁନଶ୍ଚ କେତେଦିନ ପରେ ସେମାନଙ୍କୁ ସିଂହାସନ ତଳେ ବିଜେ କରାଇଲେ । ଏ ରାଜା ଭୋଗ କଲେ ୧୮ ବର୍ଷ ( ୧୭୮୦—୧୭୯୮ ଖ୍ରୀଷ୍ଟାବ୍ଦ = ୧୭୧୨—୧୭୨୦ ଶକାବ୍ଦ ) ।

ମକୁନ୍ଦ ଦେବ ୩—ଏ ରାଜା ଭୋଗ କଲେ ୧୯ ବର୍ଷ ( ୧୭୯୮—୧୮୧୭ ଖ୍ରୀଷ୍ଟାବ୍ଦ = ୧୭୨୦—୧୭୩୯ ଶକାବ୍ଦ ) । ଏହାଙ୍କ ଅମଳରେ ଓଡ଼ିଶାର ଭାଗ୍ୟରବି ପୂର୍ଣ୍ଣମାତ୍ରାରେ ଅସ୍ତମିତ ହେଲେ ।

୧୮୦୩ ମସିହାରେ ହାରକଟ ସାହେବ ପ୍ରଭୃତି ବହୁତ ସୈନ୍ୟ ନେଇ ଓଡ଼ିଶା ଆକ୍ରମଣ କଲେ । ମରହଟ୍ଟାମାନେ କଟକଠାରେ ସାମାନ୍ୟ ଯୁଦ୍ଧ କରି ଇଂରେଜମାନଙ୍କୁ ଓଡ଼ିଶା ଛାଡ଼ିଦେଲେ । ଇଂରେଜମାନେ ସେମାନଙ୍କୁ ସମ୍ମାନ କରିବା ଲାଗି ମକୁନ୍ଦଦେବଙ୍କଠାକୁ ଲୋକ ପଠାଇଲେ । ମକୁନ୍ଦଦେବ ଆନନ୍ଦ ସହକାରେ ଇଂରେଜ ଶାସନକୁ ଗ୍ରହଣ କଲେ ।

୧୮୦୪ ମସିହାରେ ଏ ରାଜା ଏହାଙ୍କ ଦେବାନ ଜୟୀ ରାଜଗୁରୁଙ୍କ ପରାମର୍ଶରେ ଇଂରେଜମାନଙ୍କ ସହିତ ବିରୋଧୀ ହେଲେ; ମାତ୍ର ପରାସ୍ତ ହୋଇ କଟକ ବାରବାଟୀ ଦୁର୍ଗରେ ବନ୍ଦୀ ହେଲେ । କେତେ ଦିନ ପରେ ମକୁନ୍ଦ ଦେବଙ୍କୁ ବାରବାଟୀରୁ ମେଦିନୀପୁରକୁ ନେଇଗଲେ । ଜୟୀ ରାଜଗୁରୁ ଫାଶୀ ପାଇଲେ । ୧୨ ଅଙ୍କରେ ମକୁନ୍ଦଦେବ ଖଲାସ ହେଲେ । ଖଲାସ ହୋଇ ବହୁତ ଦେଶବିଦେଶ ବୁଲି କଷ୍ଟ ପାଇଲେ । ପରେ ଆଠଗଡ଼ ରାଜାଙ୍କ ଆଶ୍ରୟରେ ରହିଲେ ।

କେତେକ ବର୍ଷ ପରେ ମୁକୁନ୍ଦଦେବଙ୍କ ପାତ୍ର ଜଗବନ୍ଧୁ ବିଦ୍ୟାଧର ବିଦ୍ରୋହୀ ହେଲେ । ଏ ବିଦ୍ରୋହର ଟିକିଏ କାରଣ ଅଛି ।

କୃଷ୍ଣଚନ୍ଦ୍ର ସିଂହ ନାମକ ଜଣେକ ବଙ୍ଗାଳୀ ପ୍ରଥମ କଲେକ୍ଟର ସାହେବଙ୍କ ଦେୱାନ୍ ଥିଲେ । ଓଏବ ସାହେବ କଲେକ୍ଟର ହେବାରୁ ସେ କାର୍ଯ୍ୟ ତ୍ୟାଗକରି କଟକରେ ରହିଲେ ।

କୃଷ୍ଣଚନ୍ଦ୍ରଙ୍କ ଭାଇ ଗୌରହରି ଖୋର୍ଦ୍ଧା ରାଜାଙ୍କଠାରୁ ମରହଟ୍ଟା ନେଇଥିବା ଖାସମାହାଲ ଅର୍ଥାତ୍ ଲେମ୍ବାଇ ପ୍ରଭୃତିର ତହସିଲଦାର ଥିଲେ ।

ରହାଙ୍ଗ, ସିରାଇ, ଚବିଶକୁଦ ଓ ଲେମ୍ବାଇ ପ୍ରଗନା ଗୌରହରିଙ୍କ ତହସିଲରେ ଥିଲା । ରୋଡ଼ଙ୍ଗ ଏହି ପ୍ରଗନା ଅନ୍ତର୍ଗତ ଥିଲା । ଜଗବନ୍ଧୁଙ୍କ ବଂଶ ରୋଡ଼ଙ୍ଗକୁ ଖୋର୍ଦ୍ଧା ରାଜାଙ୍କଠାରୁ କିଣି ନେଇଥିଲେ । ୧୮୦୪ ଓ ୧୮୦୫/୬ ସାଲ ବନ୍ଦୋବସ୍ତ କାଗଜମାନଙ୍କରେ ବିଦ୍ୟାଧରଙ୍କ ନାମ ଥିଲା । ୧୮୦୯ ସାଲରେ କୃଷ୍ଣଚନ୍ଦ୍ର ରହାଙ୍ଗ ପ୍ରଗନାକୁ ଲକ୍ଷ୍ମୀନାରାୟଣ ନାମକ ଜଣେ ଲୋକ ନାମରେ ବନ୍ଦୋବସ୍ତ କରାଇନେଲେ । ଜଗବନ୍ଧୁ ବିଦ୍ୟାଧର କୃଷ୍ଣଚନ୍ଦ୍ରଙ୍କ ପରାମର୍ଶ ଅନୁସାରେ କଲକ୍ଟରରେ ରାଜସ୍ୱ ଦାଖଲ ନକରି ଗୌରହରିଙ୍କ ନିକଟରେ ଦାଖଲ କରାଉଥିଲେ । ଗୌରହରି ରାହାଙ୍ଗ ଓଗେର ପ୍ରଗନା ହିସାବ ସହିତ ଏ ଖଜଣା ଅସୁଲ ଦେଉଥିଲେ; ପୃଥକ୍ ହିସାବ ରଖୁ ନଥିଲେ । ଏହିପରି କ୍ରମେ ରାହାଙ୍ଗ ପ୍ରଭୃତି ସ୍ୱତ୍ୱ ସହିତ ରୋଡ଼ଙ୍ଗ ସ୍ୱତ୍ୱ ଜଡ଼ିତ ହେଲା । ୧୮୧୦ ମସିହାରେ ରାହାଙ୍ଗ ନିଲମ ହେବାରୁ କୃଷ୍ଣଚନ୍ଦ୍ର ଖରିଦ କଲେ । ଖରିଦ କରିବା ପରେ ରୋଡ଼ଙ୍ଗ ଦଖଲ କରିବାକୁ ଚେଷ୍ଟା କଲେ; ମାତ୍ର ଜଗବନ୍ଧୁ ଦଖଲ ଦେଲେ ନାହିଁ ।

ରୋଡ଼ଙ୍ଗରେ ଦୁଇଜଣ ଅଂଶୀଦାର ଥିଲେ । ଜଗବନ୍ଧୁଙ୍କ ଖୁଡ଼ୁତୁତା ଭାଇର ଛ'ପଣ ଅଂଶ ଥିଲା । କୃଷ୍ଣଚନ୍ଦ୍ର ରୋଡ଼ଙ୍ଗ ରାହାଙ୍ଗ ଅନ୍ତର୍ଗତ ବୋଲି ବନ୍ଦୋବସ୍ତ କାଗଜରେ ସ୍ୱାକ୍ଷର କରିବାକୁ ଉଦ୍ୟତ ହେଲେ । ଜଗବନ୍ଧୁ ଆପତ୍ତି କଲେ । ବୃଲର ସାହେବ କମିଶନରଙ୍କ ନିକଟେ ଆପତ୍ତି ହେବାରୁ ଜଗବନ୍ଧୁ ଓ ତାଙ୍କ ଭାଇଙ୍କ ଅଂଶ ଭିନ୍ନ ଭିନ୍ନ ରହିବାକୁ ଆଦେଶ ଦେଲେ । ମାତ୍ର ଜଗବନ୍ଧୁଙ୍କ ସ୍ୱତ୍ୱ ସମ୍ବନ୍ଧେ ସନ୍ଦେହ କରି ଦେୱାନୀ ଅଦାଲତରେ ନାଲିସ କରିବାକୁ ଆଦେଶ ଦେଲେ । କୃଷ୍ଣଚନ୍ଦ୍ର ବଡ଼ ମାମଲତକାର କୌଶଳୀ । ଜଗବନ୍ଧୁ ତାଙ୍କ ସହିତ ମକଦ୍ଦମା କରିପାରିବେ ନାହିଁ ବୋଲି ସ୍ଥିର କରି ଅଦାଲତରେ ମକଦ୍ଦମା କଲେ ନାହିଁ ।

ଜଗବନ୍ଧୁ ଉପରୋକ୍ତ ମତେ ବିଫଳମନୋରଥ ହୋଇ ଉପାୟାନ୍ତର ନ ଦେଖି କ୍ରୋଧାନ୍ଧ ହୋଇ ପାଇକମାନଙ୍କୁ ଏକତ୍ରିତ କରି ବିଦ୍ରୋହ ଆରମ୍ଭ କଲେ । ୧୮୧୭

ମସିହାରେ ଘୁମୁସରରୁ କେତେକ କନ୍ଧ ଆସି ଖୋର୍ଦ୍ଧା ପାଇକମାନଙ୍କ ସହିତ ଏକତ୍ରିତ ହୋଇ ରାଜକୋଷ ଲୁଣ୍ଠନ କଲେ । ବାଣପୁରରେ ଥିବା ସରକାରୀ ଘର ଭାଙ୍ଗିପକାଇ ୧୫୦୦୦ ଟଙ୍କା ନେଇଗଲେ । ସଲ୍ଟ ଏଜେଣ୍ଟ ବଚର୍ ସାହେବଙ୍କ ନୌକା ଆକ୍ରମଣ କରି ଲୁଣ୍ଠନ କଲେ, ଅନ୍ୟ ଦଳେ ଲେମ୍ବାଇ ଆକ୍ରମଣ କଲେ । ସରକାରୀ କର୍ମଚାରୀ ଚରଣ ପଟ୍ଟନାୟକଙ୍କୁ ହାଣିପକାଇଲେ । ଫେରିସ୍ ସାହେବଙ୍କ ନାୟକତ୍ୱରେ ଇଂରେଜ ସୈନ୍ୟ ଖୋର୍ଦ୍ଧା ଓ ପିପିଲିଠାରେ ପ୍ରବେଶ ହେଲେ । ଇମ୍ପି ସାହେବ ମେଜେଷ୍ଟରର ୬୦ ସିପାହି ନେଇ ବାହାରିଲେ; ମାତ୍ର ୩୦୦୦ ପାଇକ ଏକତ୍ରିତ ହୋଇ ଚତୁର୍ଦ୍ଦିଗରୁ ଶର ନିକ୍ଷେପ କରୁଥିବାରୁ ଖୋର୍ଦ୍ଧା ମଧ୍ୟକୁ ଯିବା ଦୁଃସାଧ୍ୟ ବୋଧହେଲା । ଫେରିସ୍ ସାହେବ ଗଙ୍ଗପଡାଠାରେ ନିହତ ହେଲେ ଏବଂ ଇମ୍ପି ସାହେବ ପୁରୀକୁ ଫେରିଆସିଲେ ।

କ୍ୟାପେଟନ୍ ଓ୍ୟାଲିଙ୍ଗଟନ ପୁରୀକୁ ଆସିଲେ । ଲିଙ୍ଗିଭର ୫୫୦ ସେନା ଓ ତୋପ ନେଇ ପ୍ରବେଶ କଲେ । ବିଦ୍ରୋହୀମାନେ ପୁରୀ ଆକ୍ରମଣ ଚେଷ୍ଟା କରିବାରୁ ସାହେବମାନେ କଟକ ଗଲେ । ଲିଙ୍ଗିଭର ଖୋର୍ଦ୍ଧାରେ ପ୍ରବେଶ ହୋଇ ପାଇକ ଗ୍ରାମମାନ ନିଆଁ ଲଗାଇଦେଲେ ଏବଂ ପୁରୀକୁ ଆସି ରାଜାଙ୍କୁ ବନ୍ଦୀକରି ବାରବାଟୀକୁ ନେଇଗଲେ ।

ପାଇକମାନେ ସାରଙ୍ଗଗଡ଼ରେ ରହି ଖାଦ୍ୟସଂଗ୍ରହ କରି ଯୁଦ୍ଧ କରୁଥିଲେ; ମାତ୍ର ହାମିଲଟନ ସାହେବ ସାରଙ୍ଗଗଡ ଅଧିକାର କଲେ । ସର୍ ଜି. ଟି. ଗ୍ରେଲ ସାହେବ ମିଲଟାରି କମିଶନ ନିଯୁକ୍ତ ହେଲେ । ସେ ଇଡାର ସାହେବଙ୍କୁ ସଙ୍ଗରେ ନେଇ ବିଚାର କଲେ । ଯୁଦ୍ଧ-କଏଦିମାନଙ୍କ ବିଚାର ୧୮୧୭ ମେ ମାସରେ ହେଲା । ଅସୁରେଶ୍ୱର, ଡରଣ, ହରିହର-ପୁର ଓ ଗୋପ ଥାନାମାନ ପାଇକମାନେ ପୋଡ଼ିଦେଇଥିବାର ସାବ୍ୟସ୍ତ ହେଲା । କୁଜଙ୍ଗ ଓ କନିକା ରାଜାମାନେ ଉତ୍ତେଜନା କରାଉଥିବାର ସନ୍ଦେହ ହେବାରୁ କେନେଟ୍ ସାହେବ ୧୮୧୭ରେ କୁଜଙ୍ଗ ଆକ୍ରମଣ କରି ପାରାଦ୍ୱୀପ ହସ୍ତଗତ କଲେ । ୬୦୦୦ ପାଇକ ପରାସ୍ତ ହେଲେ । ନାରାୟଣ ପରମଗୁରୁ ଓ ତ୍ରିକାମଦେବ ପାଟଯୋଷିମାନେ ପାଇକନେତା ଥିବାରୁ ଧୃତ ହେଲେ ଏବଂ ଦ୍ୱୀପାନ୍ତରିତ ହେଲେ । କୁଜଙ୍ଗ ରାଜା ଆତ୍ମସମର୍ପଣ କଲେ ।

୧୮୧୮ ସାଲରେ ରବର୍ଟକର ସାହେବ ପ୍ରଥମ କମିଶନର ନିଯୁକ୍ତ ହେଲେ । ପୁରୀ ରାଜା ମୁକୁନ୍ଦଦେବ ନିର୍ଦ୍ଦୋଷୀ ସାବ୍ୟସ୍ତ ହେବାରୁ ତାଙ୍କୁ ଖଲାସ ଦିଆଗଲା ଏବଂ ଜଗନ୍ନାଥ ସେବାପୂଜା ବୁଝିବା ନିମନ୍ତେ ମାସିକ ୨୩୩୩ ଟଙ୍କା ବୃତ୍ତି, ଖୋରଧା ମାଲିକାନା ଦେଲେ ଏବଂ ପୁରୁଷାନୁକ୍ରମେ ପୁରୀଠାରେ ରହିବା ଲାଗି ଗଭର୍ଣ୍ଣମେଣ୍ଟରୁ ଆଦେଶ ପାଇଲେ ।

ବାରବାଟୀ ଦୁର୍ଗରେ ମୁକୁନ୍ଦଦେବ ଦେହତ୍ୟାଗ କଲେ । ୧୮୧୩ ସାଲ ବନ୍ଦୋବସ୍ତ ପରେ ଓଡ଼ିଶା ଚିରସ୍ଥାୟୀ ବନ୍ଦୋବସ୍ତ ପାଇବା ଆଶାରୁ ବଞ୍ଚିତ ହେଲା ।

୧୮୨୨ ସାଲରେ ମିଶନାରୀ ବା ପାଦ୍ରିମାନେ ଓଡ଼ିଶାକୁ ଆସି ପ୍ରଥମେ ମୁଦ୍ରାଯନ୍ତ୍ର ସ୍ଥାପନ କଲେ ।

୧୮୨୮ ସାଲରେ ଓଡ଼ିଶା ୩ ଜିଲ୍ଲାରେ ବିଭକ୍ତ ହୋଇ ନୂତନ ଶାସନପ୍ରଣାଳୀ ପ୍ରଚଳିତ ହେଲା । ଜଜ୍‌ମାନେ ମାଜିଷ୍ଟ୍ରେଟଙ୍କ କ୍ଷମତାରୁ ବଞ୍ଚିତ ହେଲେ ।

ଏହି ନୂତନ ଶାସନପ୍ରଣାଳୀ ପ୍ରଚଳିତ ହେବା ପୂର୍ବରୁ ରାଜସ୍ୱ ଦେଣା ନିଲାମ କଲିକତାଠାରେ ହେଉଥିଲା । ବଙ୍ଗାଳୀ ଜମିଦାରମାନେ ଅତି ଅଳ୍ପ ମୂଲ୍ୟରେ ମୂଲ୍ୟବାନ୍ ଜମିଦାରମାନ ଓଡ଼ିଶାରୁ କିଣିନେଲେ । ୧୨୧୬୨୯୫ ଟଙ୍କା ସଦର ଜମାର ୪୧ ତାଲୁକ ୪୬୨୦୫ ଟଙ୍କାରେ ନିଲାମ ହୋଇଗଲା । ଓଡ଼ିଶା ପକ୍ଷେ ଏ ବଡ଼ କଷ୍ଟକର କଥା ବୋଲି କମିଶନର ସାହେବ ମହୋଦୟ ହୃଦୟଙ୍ଗମ କରିପାରି ବୋର୍ଡ଼କୁ ଲେଖି କଲିକତାରେ ହେଉଥିବା ନିଲାମ ବନ୍ଦ କରାଇଲେ ।

ମୋଗଲ ଓ ମରହଟ୍ଟାମାନଙ୍କ ଅତ୍ୟାଚାର ଦ୍ୱାରା ବାରମ୍ବାର ପ୍ରପୀଡ଼ିତ ହୋଇ ଓଡ଼ିଶାର ଲୋକେ ହାହାକାର କରୁଥିବାବେଳେ ଇଂରେଜମାନେ ଓଡ଼ିଶାକୁ ଆସିଲେ ଏବଂ ପୁରୀରେ ପ୍ରବେଶ ହୋଇ ଓଏଲସିଲି ସାହେବ ସୈନ୍ୟମାନଙ୍କୁ ଆଦେଶ ଦେଲେ ଯେ ସେମାନେ ବ୍ରାହ୍ମଣ ସେବକ ଓ ଯାତ୍ରିମାନଙ୍କ ଧର୍ମବିଶ୍ୱାସପ୍ରତି ମାନ୍ୟ କରିବେ । ଏହା ଶୁଣି ପଣ୍ଡାମାନେ ସାନନ୍ଦରେ ଇଂରେଜମାନଙ୍କ ହସ୍ତେ ଦେଉଳ ସମର୍ପଣ କରିଥିଲେ । ପ୍ରତ୍ୟେକ ଯାତ୍ରୀ ଏକ ପାଉଣ୍ଡ ୯ ଶିଲିଂ ଟିକସ ଦେଉଥିଲା; ଇଂରେଜମାନେ ତାହା ବନ୍ଦ କରିଦେଲେ । ଦେଉଳ ଆୟରୁ ନୀତିଗତି ଚଳି ଅନାଟନ ଟଙ୍କା ମରହଟ୍ଟାମାନେ ଯେପରି ଦେଉଥିଲେ, ଇଂରେଜ ଶାସନକର୍ତ୍ତାମାନେ ସେହିପରି ଦେଲେ । ଚାରିବର୍ଷ ଦେବାପରେ ଏହି ପ୍ରଥା ବନ୍ଦ କରାଗଲା । ୧୮୦୭ ମସିହାରେ ଇଂରେଜମାନେ ତତ୍ତ୍ୱାବଧାରଣ ରହିତ କରି ପୁରୀ ରାଜାଙ୍କୁ ସୁପରିଣ୍ଟେଣ୍ଡେଣ୍ଟ କଲେ । ରଥଲୁଗା ବାଦେ ମୋଟ ବର୍ଷିକ ୬୦୦୦ ପାଉଣ୍ଡ ଦେଲେ ୧୮୩୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ । ୧୩୯୦୦୦ ପାଉଣ୍ଡ ଅର୍ଥାତ୍ ବର୍ଷକୁ ୬୬୧୯ ପାଉଣ୍ଡ ଲେଖାଏଁ ମନ୍ଦିରର ବାର୍ଷିକ ଆୟ ୫୯୫୫ ପାଉଣ୍ଡ ବାଦେ ଦେବାକୁ ହୋଇଥିଲା । ପୁନଶ୍ଚ ସାମାନ୍ୟ ଯାତ୍ରୀଟିକସ ହେଲା ।

ଦୁଇ ବାଟରେ ଦୁଇ ଜଣ ପହରା ରହିଲେ । ବୈତରଣୀ ଓ ଋଷିକୁଲ୍ୟା ନଦୀ ମଧ୍ୟସ୍ଥ ଲୋକମାନଙ୍କୁ ଟିକସ ମାଫ୍ ଥିଲା । ଧନୀ ଯାତ୍ରୀ ପ୍ରତ୍ୟେକ ୧୨ ଶିଲିଂଠାରୁ ୧ ପାଉଣ୍ଡ ଦେଲେ ଏବଂ ସାଧାରଣ ୪ ଶିଲିଂ ଦେଉଥିଲେ । ପାଦ୍ରିମାନେ ଧର୍ମମୂଳକ ଆପତ୍ତି ଉଠାଇବାରୁ କମ୍ପାନୀ ୧୮୪୦ ମସିହାରେ ଦେଉଳ ସମ୍ପର୍କ ତ୍ୟାଗକଲେ ଏବଂ ପରିବର୍ତ୍ତେ ୪୦୦୦ ପାଉଣ୍ଡ ମୂଲ୍ୟର ଭୂମି ଦେଲେ ।

ରାମଚନ୍ଦ୍ର ଦେବ ୩—ଏ ରାଜା ୩୭ ବର୍ଷ ରାଜତ୍ୱ କଲେ ୧୮୧୭—୧୮୫୪ ଖ୍ରୀଷ୍ଟାବ୍ଦ=୧୭୩୯—୧୭୭୬ ଶକାବ୍ଦ ପର୍ଯ୍ୟନ୍ତ । ଏହାଙ୍କ ପାତ୍ର ଗୋପୀନାଥ ପାଟଯୋଷୀ ଇଂରେଜ ବାହାଦୁରଙ୍କ ଆଦେଶାନୁସାରେ ବାରବାଟୀ ମୁକାମରେ ରାଜା ହେଲେ । ରାଜା ରାମଚନ୍ଦ୍ର ଦେବ ବୋଲି ପ୍ରଚ୍ଚର ହେଲା । ବାରବାଟୀରୁ ଆସି ପୁରୀ ନଗରରେ ପ୍ରବେଶ ହେଲେ । ମନ୍ଦିର ସୁପରଣ୍ଟେଣ୍ଡେଣ୍ଟ ହୋଇ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନୀତି ଚଳାଇଲେ । ଏ ରାଜା ପରମ ବିଷ୍ଣୁ ଭକ୍ତ ଥିଲେ । ଫୁଲମାଳ ସ୍ୱହସ୍ତରେ ଗୁନ୍ଥି ମହାପ୍ରଭୁଙ୍କୁ ଲଗିକରନ୍ତି । ଠାକୁରଙ୍କ ବଲ୍ଲଭ ମଣୋହି ଶେଷ ନ ହେବାଯାଏ ଆପେ ଜଳ ଗ୍ରହଣ କରନ୍ତି ନାହିଁ । ଚନ୍ଦନଯାତ୍ରା ଆଳଟ ଲାଗି ସମସ୍ତେ ଦଣ୍ଡପ୍ରଣାମ କରନ୍ତି । ମହାପ୍ରଭୁ ନରେନ୍ଦ୍ରରୁ ଫେରିବା-ବେଳେ ଗହଣରେ ଆସନ୍ତି । ରାଜା ଦେଉଳକୁ ଯିବାବେଳେ ବାଦ୍ୟ ବାଜିବାକୁ ମନା କରିଥାନ୍ତି । ଏ ମହାପ୍ରଭୁଙ୍କ ମନ୍ଦିର ନୀତି ଉତ୍ତମରୂପେ ଚଳାଇ ଏକଲକ୍ଷ ଟଙ୍କା ମୋହର ଜମା ରଖିଥିଲେ । ଦେଉଳର କିପରି ଉନ୍ନତି ହେବ, କିପରି ବେଶୀ ଆୟ ହେବ, ତହିଁପ୍ରତି ଏହାଙ୍କର ବିଶେଷ ଦୃଷ୍ଟି ଥିଲା ।

ବାଲିନଅରଠାରୁ ଉଆସ ଉଠିଆସି ବଡ଼ଦାଣ୍ଡରେ ନୂତନ ଗୃହ ନିର୍ମାଣ ହେଲା । ଏ ସେବକମାନଙ୍କର ନୂତନ ବନ୍ଦୋବସ୍ତ କଲେ । ସତାଇଶ ହଜାର ଖଞ୍ଜା ପଡ଼ି କର୍ତ୍ତନ କଲେ, ଦରମାଦାରମାନଙ୍କ ଦରମା ଊଣା କଲେ, କୋଠଭୋଗ ଜିନଷ ଊଣା କଲେ, ଭୋଗ ବିଷୋଇ ପରିଚ୍ଛା କାମ ରହିତ କରାଇ ଆପେ ଭୋଗ ବନ୍ଦୋବସ୍ତ କରି ନୀତି ଚଳାଇଲେ । ଏହାଙ୍କ ପାତ୍ରମାନେ ସୁମନ୍ତ୍ରୀ ଥିଲେ । ସକଳ କାର୍ଯ୍ୟ ଉତ୍ତମରୂପେ ଚଳୁଥିଲା ।

୧୮୪୦ ସାଲରେ ବାଙ୍କି ରାଜା ବ୍ରାହ୍ମଣ ମାରିବାରୁ ବାଙ୍କି ଖାସ୍ ହେଲା । ୧୮୪୭ ମସିହାରେ ଅନୁଗୁଳ ରାଜା ବିଦ୍ରୋହୀ ହେବାରୁ ଅନୁଗୁଳ ଖାସ୍ ହେଲା ।

ବୀରକେଶରୀ ଦେବ—ଏ ରାଜା ଭୋଗ କଲେ ୫ ବର୍ଷ (୧୮୫୪—୧୮୫୯ ଖ୍ରୀଷ୍ଟାବ୍ଦ =୧୭୭୬—୧୭୮୧ ଶକାବ୍ଦ) ।

ଏ ରାଜା ବଡ଼ ଲମ୍ପଟୀ ଥିଲେ ଏବଂ ମହାପ୍ରଭୁଙ୍କ କାର୍ଯ୍ୟରେ ମନ ଦେଲେ ନାହିଁ । ରୋଗଗ୍ରସ୍ତ ହେଲେ ଏବଂ ଅପୁତ୍ରିକ ହେବାରୁ ବଡ଼ଖେମଣ୍ଡିରୁ ଦିବ୍ୟସିଂହ ଦେବଙ୍କୁ ପୋଷ୍ୟପୁତ୍ର କଲେ ।

ଦିବ୍ୟସିଂହ ଦେବ ୨—୧୮୫୯-୧୮୭୯ ଖ୍ରୀଷ୍ଟାବ୍ଦ ବା ୧୭୮୧-୧୮୦୧ ଶକାବ୍ଦ ପର୍ଯ୍ୟନ୍ତ । ଏ ରାଜା ଭୋଗ କଲେ ୨୪ ଅଙ୍କରେ ୨୦ ବର୍ଷ ।

ଏ ରାଜା ନାବାଳକ ଥିବାବେଳେ ମାତା ମହାଫିସ ସୂର୍ଯ୍ୟମଣି ପାଟମହାଦେଈ ୧୮ ବର୍ଷ କାଳ ଉତ୍ତମରୂପେ ସମସ୍ତ କାର୍ଯ୍ୟ ତୁଟ୍ଟାଶୁଟ୍ଟା କଲେ । ଏ ରାଜା ବଡ଼ ବିଦ୍ୟାବନ୍ତ ଓ ମଲ୍ଲବିଦ୍ୟାରେ ସୁଦକ୍ଷ ଥିଲେ । ଏ ପ୍ରତିଦିନ ମଡ଼ଫୁଲ ମଣୋହିରେ ୧ ସେର ଘିଅ ଓ ୧୬ ସେର ଦୁଧ ଖାଉଥିଲେ । ଏ ଓଡ଼ିଶାରେ ସର୍ବଶ୍ରେଷ୍ଠ ବଳିଷ୍ଠ ଥିଲେ; ମାତ୍ର ସେବକ ବ୍ରାହ୍ମଣମାନଙ୍କୁ ବହୁତ ପୀଡ଼ିତ କଲେ । ମହାପ୍ରଭୁଙ୍କ ଭୋଗରାଗ ପ୍ରତି ଦୃଷ୍ଟି ଦେଲେ ନାହିଁ; ଭକ୍ତିହୀନ ହେବାରୁ ମତିଭ୍ରମ ହେଲା । ଏହାଙ୍କ ଅମଳରେ ବଡ଼ଦେଉଳ ଗୁନ୍ଦୁଆ ଉପରୁ ସିଂହାସନ ତଳେ ପଥର ଖସିଲା । ସୁତରାଂ ଠାକୁରମାନେ ସିଂହାସନରୁ ଆସି ଅଣସର ପିଣ୍ଡିରେ ବିଜେ କଲେ । ଏଠାରେ ଅନ୍ନ ମହାପ୍ରସାଦ ହେବାରୁ ସନ୍ନ୍ୟାସୀ, ବ୍ରହ୍ମଚାରୀ ଓ ବ୍ରାହ୍ମଣମାନେ କେତେକ ଦିନ ପର୍ଯ୍ୟନ୍ତ ପ୍ରସାଦ ସେବା କଲେ ନାହିଁ; ପରେ ସଭା ହୋଇ କଥା ସ୍ଥିରହେବାରୁ ପ୍ରସାଦ ସେବା କଲେ । ମତିଭ୍ରମ ହେବାରୁ ରାଜା ଜଣେ ବୈରାଗୀକୁ ମାରପକାଇବା ଯୋଗୁଁ ଆର୍ମଷ୍ଟ୍ରାଙ୍ଗ କଲେକ୍ଟର ସାହେବ ତାଙ୍କୁ ଦ୍ୱୀପାନ୍ତର ଦଣ୍ଡ ଦେଲେ । ବର୍ତ୍ତମାନ ମୁକୁନ୍ଦଦେବ ନାବାଳକ ଥିବାରୁ ସର୍ଯ୍ୟମଣି ପାଟମହାଦେଈ ପୁନଶ୍ଚ ମହାଫିସ ହୋଇ କାର୍ଯ୍ୟ ଚଳାଇଥିଲେ । ୧୮୬୬ ମସିହା ଅର୍ଥାତ୍ ଦିବ୍ୟସିଂହ ଦେବଙ୍କ ୯ ଅଙ୍କରେ ଓଡ଼ିଶାରେ ଦୁର୍ଭିକ୍ଷ ହୋଇଥିଲା ।

ଦିବ୍ୟସିଂହ ଦେବ ଦ୍ୱୀପାନ୍ତରିତ ହେବା ପରେ କେତେ ବର୍ଷ ପର୍ଯ୍ୟନ୍ତ ତାଙ୍କ ଅଙ୍କ ଚଳୁଥିଲା । ଦିବ୍ୟସିଂହଙ୍କ ୩୫ ଅଙ୍କରୁ ମୁକୁନ୍ଦଙ୍କ ୯ ଅଙ୍କ ଆରମ୍ଭ ହେଲା । ସୁତରାଂ ଦିବ୍ୟସିଂହଙ୍କ ୨୧ ବର୍ଷ ପ୍ରକୃତ ପକ୍ଷେ ୨୦ ବର୍ଷ ଏବଂ ମୁକୁନ୍ଦଦେବଙ୍କର ୩୦ ବର୍ଷ ନ ଥାଇ ପ୍ରକୃତରେ ୩୮ ବର୍ଷ ।

ମୁକୁନ୍ଦଦେବ ୧୮୭୯ ଖ୍ରୀଷ୍ଟାବ୍ଦରୁ ବା ୧୮୦୧ ଶକାବ୍ଦରୁ ୧୯୨୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଜଗନ୍ନାଥ ମନ୍ଦିରର ସୁପରିଣ୍ଟେଣ୍ଡେଣ୍ଟ ବା ତତ୍ତ୍ୱାବଧାରକ ହୋଇ କାର୍ଯ୍ୟ ଚଳାଉଥିଲେ । "ନବୋତ୍କଳ" ଇତିହାସରେ ଏହାଙ୍କ କୀର୍ତ୍ତିକଳାପ ବିଚାର କରାଯିବ ।

ପ୍ରାଚୀନ ଉତ୍କଳ ପ୍ରସଙ୍ଗରେ ଆମ୍ଭମାନଙ୍କୁ ୩ୟ ମୁକୁନ୍ଦଦେବଙ୍କ ସମୟ ଅର୍ଥାତ୍ ଇଂରେଜ ଶାସନ ଆରମ୍ଭ ପର୍ଯ୍ୟନ୍ତ ଦେଖିବାକୁ ହେବ ।

ଅହଲ୍ୟାବାଈ ଆନନ୍ଦରାଓଙ୍କ କନ୍ୟା । ସେ ଇନ୍ଦୋର ରାଜାଙ୍କୁ ବିବାହ ହୋଇଥିଲେ । ତାଙ୍କ ସ୍ୱାମୀ ଏକ ଦୁର୍ଗ ଅବରୋଧ କରିବା ସମୟରେ ଶତ୍ରୁଦ୍ୱାରା ନିହତ ହେବାରୁ ସେ ବିଧବା ହୋଇ ୧୭୯୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କଲେ । ୧୭୮୪ ଖ୍ରୀଷ୍ଟାବ୍ଦରେ ପୁରୀ ଆସିଥିଲେ । ସେ ଦେଉଳ, ଧର୍ମଶାଳା ପ୍ରଭୃତି ଧର୍ମକାର୍ଯ୍ୟରେ ୨୦ କୋଟି ଟଙ୍କା ବ୍ୟୟ କରିଥିଲେ ଏବଂ ଯାତ୍ରୀମାନଙ୍କ ସୁବିଧା ଲାଗି ଯେଉଁ ରାଜପଥ ପ୍ରସ୍ତୁତ କରାଇଥିଲେ ତାହା

ଅଦ୍ୟାପି ବିଦ୍ୟମାନ ରହିଅଛି । ତାଙ୍କ ସ୍ୱାମୀ ନାମ ଖଣ୍ଡେରାଓ । ସେ ମଲହର ରାଓଙ୍କ ପୁତ୍ର ଥିଲେ ।

ବହୁ ଚେଷ୍ଟା ଓ ପରିଶ୍ରମ ସହକାରେ ଆମ୍ଭେ ପ୍ରାପ୍ତବ୍ୟ ସମସ୍ତ ବିଷୟ ପ୍ରତି ଦୃଷ୍ଟି ଦେଇ ଏ ବଂଶାବଳୀ ପ୍ରସ୍ତୁତ କଲୁଁ । ଏଥିରେ ଯେ ଭ୍ରମ ନଥିବ, ଏକଥା ମୁଁ ସାହସ କରି କହି ନପାରେ । ଯଦି କୌଣସି ପାଠକ ଭ୍ରମ ଦେଖି ମୋତେ କହି ଦେଇପାରନ୍ତି ମୁଁ ତାଙ୍କଠାରେ କୃତଜ୍ଞ ରହିବି ଏବଂ ଭବିଷ୍ୟତରେ ଏହାକୁ ସଂଶୋଧନ କରିଦେବି ।